# ସେପାରି

**ଅପ୍ରେଲ୍ ୨୦୨୨**



Photo by Dr. Ranjit Ku Sahu, USA

## ISSN NO – 2582-208X

### VOLUME-11 : ISSUE NO-04/2026


[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବନ୍ଦେ ଉତ୍କଳ ଜନନୀ । ଉତ୍କଳର ଗୌରବ, ଉତ୍କଳର କୀର୍ତ୍ତି, ଭାଷା, ସଂସ୍କୃତି, ପରମ୍ପରାକୁ ମହିମାମଣ୍ଡିତ କରି ଉତ୍କଳର ଗାଥା ଗାଏ ଆମରି ଓଡିଶା । ମାନବ ଯେଉଁ ପ୍ରଥମ ଭାଷା ଶିଖେ ତାହା ହେଉଛି ମାତୃଭାଷା । ସ୍ୱାଧୀନତାର ମହତ୍ୱ ସମସ୍ତଙ୍କୁ ଜଣା । ସେଥିପାଇଁ ଆଜିର ଦିନ ଏମିତି ଏକ ଦିନ ଯାହା ଭାରତ ଇତିହାସରେ ଲେଖାଯାଇଥିବା ଏମିତି ଏକ ଦିବସ ଯାହାକୁ ସଦା ସର୍ବଦା ଏହିପରି ଉହ୍ଲାସ ଓ ଉତ୍କଣ୍ଠା ସହିତ ପାଳନ କରାଯାଇଥାଏ । ବହୁତ ବର୍ଷର କଠିନ ପରିଶ୍ରମ, ଆତ୍ମବଳ ଏବଂ ଅଦମ୍ୟ ସାହାସର ପ୍ରତିବଳରେ ଆଜିର ଦିନ ଅପ୍ରେଲ ୧ ଆମକୁ ସମର୍ପଣ କରି ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଘୋଷଣା କରାଯାଇଥିଲା । ସାରା ଭାରତରେ ଓଡିଶା ସର୍ବପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହୋଇଥିଲା । ମାତୃଭାଷାର ମାହାତ୍ମ୍ୟ ଯୁଗେଯୁଗେ ସ୍ୱୀକୃତ ହୋଇ ଆସିଛି । ବୁଦ୍ଧ, ଅଶୋକ, ମହାବୀର ପ୍ରଭୃତି ମହାପୁରୁଷମାନେ ଲୋକଭାଷାକୁ ସ୍ୱୀକାର କରି ତହିଁରେ ଧର୍ମପ୍ରଚାର କରିଥିଲେ । ଲୋକମାନଙ୍କ ପ୍ରାଣକୁ ଛୁଇଁଲା ଭଳି ଲୋକଭାଷା ହେଉଛି ଅମୋଘ ଅସ୍ତ୍ର, ମହନୀୟ, ସହଜ ଏବଂ ଶକ୍ତିଶାଳୀ ।

ISSN NO.
2582-208X

ରାମାୟଣ ଏବଂ ମହାଭାରତ ଯୁଗରୁ ଓଡିଆମାନେ ନିଜ ବିରତ୍ୱ ପାଇଁ ପ୍ରସିଦ୍ଧ ଥିଲେ । ପରବର୍ତ୍ତୀ କାଳରେ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ମେଘାସ୍ଥିନ ବିବରଣୀ ଅନୁସାରେ କଳିଙ୍ଗ ଗୋଟିଏ ମହାନ ଯୋଦ୍ଧା ଜାତି ଥିଲା । ବିଶେଷତଃ ବିରାଟ ମଗଧ ବାହିନୀ ଆଗରେ କଳିଙ୍ଗ ବାହିନୀ ର ସାହାସିକତା ଇତିହାସର ମହାନ ଉଦାହରଣ ରୂପେ ବିଦ୍ୟମାନ । ନିଜ ମାତୃଭୂମିର ଗୌରବ ରଖିବା ପାଇଁ ଲକ୍ଷ ଲକ୍ଷ ଓଡିଆଙ୍କ ଆତ୍ମୋତ୍ସର୍ଗ ସେମାନଙ୍କ ବିରତ୍ୱକୁ ଚିର ଅମର କରିପାଇଛି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମହାନ ବୀର ଐରକୂଳ ତିଳକ ମହାମେଘ ବାହାନ ଖାରବେଳ ଯେଉଁ ବିଜୟ ଅଭିଯାନ ଚଲାଇଥିଲେ ତାହା ଗୌରବନୀୟ ଅଟେ । ପରବର୍ତ୍ତୀ ରାଜବଂଶର ଦାୟଦ ମାନେ ଓଡିଶାର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ଯାଇ ବହୁ ବିଜୟ ହାସଲ କରିଥିଲେ । କେବଳ ସ୍ଥଳଭାଗରେ ନୁହେଁ, କଳିଙ୍ଗ ବୀର ମାନେ ଜଳଭାଗରେ ମଧ୍ୟ ବିରାଟ ଅଭିଜାନ ଚଲାଇ ସୁଦୂର ଜାଭା, ବାଲି, ସୁମାତ୍ରା, ମାଳୟ, ସିଂହଳ, ବ୍ରହ୍ମଦେଶ ପ୍ରଭୃତିରେ ଉପନିବେଶମାନ ପ୍ରତିଷ୍ଠା କରିଥିଲେ ।

ପ୍ରାଚୀନ ଉତ୍କଳ ଏବଂ ବର୍ତ୍ତମାନ ଉତ୍କଳ ଭିତରେ ଆକାଶ ପାତାଳ ପ୍ରଭେଦ । ପ୍ରାଚୀନ ଉତ୍କଳ ବିଷୟରେ ଆଲୋଚନା କରିବାକୁ ହେଲେ କେତେଗୁଡିଏ ପ୍ରଶ୍ନ ମନକୁ ଆସିଥାଏ । ପବିତ୍ର ଉତ୍କଳ ଭୂମି ନିଜର ମହତ୍ତ୍ୱ, ବିଶେଷତ୍ୱ, ପ୍ରାଚୀନ ଗୌରବ, ଉତ୍କୃଷ୍ଟ କଳାକୌଶଳ ପ୍ରଭୃତି ଅମୂଲ୍ୟ ଧରୋହର ଅନେକ ଲେଖକଙ୍କ ଲେଖନୀକୁ ଆକର୍ଷଣ କରିପାରିବାକୁ ସମର୍ଥ୍ୟ ହେଉଛି । ଏହା ଉତ୍କଳର ବିଶେଷତ୍ୱ । ଯେଉଁ ଦେଶର କଳା କୁଶଳତା ଉତ୍କୃଷ୍ଟ, ସେ ଦେଶର ନାମ ଉତ୍କଳ ହେବା ସମୀଚୀନ ଅଟେ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଆହ୍ୱାନ | ଡ. ଜ୍ଞାନେଶ୍ୱର ମିଶ୍ର | ୧୩ |
| ବନ୍ଦେ ଉତ୍କଳ ଜନନୀ | ଗୋଲୋକବିହାରୀ ବେହେରା | ୧୫ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୬ |
| ନବ ଯୌବନ ବେଶରେ ମହାପ୍ରଭୁଙ୍କ ଦର୍ଶନ | ଡ. ଶଶଧର ମହାପାତ୍ର | ୨୯ |
| ଏଇତ ଜୀବନ | ପୁଷ୍ପାଞ୍ଜଳି ମିଶ୍ର | ୩୨ |
| ଆଲୋ ସଖୀ ଆପଣା ମହତ ଆପେ ରଖି | ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ | ୩୪ |
| ଭାଷା ମୋ' ମାତୃଭାଷା | ଧ୍ରୁବ ଚରଣ ଘିବେଲା | ୩୬ |
| ବଢ଼ି ଚାଲ୍ ! | ଅଜିତ କୁମାର ରାଉତ | ୩୮ |
| ଅଭିନୟ | ଡକ୍ଟର ବିଜ୍ଞାନୀ ଦାସ | ୪୦ |
| "ଠ" | ମଧୁମିତା ମିଶ୍ର | ୪୮ |
| ପ୍ରାରବ୍ଧ | ଅଲେଖ ମେହେର(ଯାଯାବର) | ୪୯ |
| ପଥର ତଳର ଘାସ | ଡକ୍ଟର ସଂଯୁକ୍ତା ଦାସ | ୫୦ |
| ସଙ୍କଟ ମୋଚନ ବୀର ହନୁମାନ | ଡ଼ଃ ଅନୁପମା ବିଶ୍ୱାଳ | ୬୧ |
| ଚିତ୍ରନଇ | ପ୍ରଫୁଲ୍ଲ ଚନ୍ଦ୍ର ବାରିକ | ୬୩ |
| ଲଳିତ ନିବନ୍ଧ-ଭଲ ବହି | ବଦ୍ରୀ ମହାନ୍ତି | ୬୫ |
| ଶିକ୍ଷାର ନୂଆ ରୂପ | ବାସନ୍ତୀ ଲତା ଜେନା | ୬୯ |
| ନ୍ୟାୟାଭିଳାଶୀ | ଅଳକା ମହାନ୍ତି | ୭୧ |
| ସତ୍ୟପ୍ରିୟ ମହାନ୍ତିକଙ୍କ ଉପନ୍ୟାସ | ଡ. ରୀନା ରାଣୀ ମଲ୍ଲିକ | ୭୩ |
| ଅଶ୍ରୁ ଅନ୍ତରାଳେ | ପୁଷ୍ପାଞ୍ଜଳି ପଣ୍ଡା | ୮୬ |
| ଢ଼ାଳି ଦେଇ ମନ ପ୍ରାଣ | ରାଜକିଶୋର ସ୍ୱାଇଁ | ୮୯ |

ISSN NO.
2582-208X


| | | |
|---|---|---|
| ମଧୁସୂଦନ ରାଓ: କୁସୁମାଞ୍ଜଳି | ବିନି ସାହୁ | ୯୧ |
| ଅନ୍ତସତ୍ୱା | ଇଂ. ସୁଶାନ୍ତ କିଶୋର ବଳ | ୯୪ |
| ଓଡ଼ିଶା ରାଜନୀତି ଓ ମହିଳା ରାଜନେତ୍ରୀ | ମନୀଷା ରାୟ | ୯୯ |
| ସିନ୍ଦୂର ପିନ୍ଧୁଛି ରାଧା ଆଇନା ଦେଖି | ଡ଼ଃ ମନ୍ଦାକିନୀ ପାଢ଼ୀ | ୧୧୩ |
| କବିତା ଗୋ ତୁମେ | ବେଣୁଧର ସୂତାର | ୧୧୫ |
| ଶାଶୂମାନେ ଯଦି ହୁଅନ୍ତେ ମାଆ | ଶିଶିର କୁମାର ପଣ୍ଡା | ୧୧୭ |
| ଗୋଣ୍ଡି ଭାଷାର ବିକାଶରେ ଡକ୍ଟର ମୋତିରାବଣ କଙ୍ଗାଲୀଙ୍କ ଅବଦାନ | ଅଧ୍ୟାପିକା ଅଞ୍ଜଳି ମାଝୀ | ୧୧୯ |
| ବାସ୍ତବତାରେ ବଂଚିବା | ଭାସ୍କର ଚନ୍ଦ୍ର ଖଣ୍ଡା | ୧୨୯ |
| ଶୀତ ସକାଳର ଉଷ୍ମ ସ୍ପର୍ଶ | ରଶ୍ମିତା ସାହୁ | ୧୩୧ |
| ଖୁସି ର ଲହରୀ | ଦେବଦତ୍ତା ଦେବୀ | ୧୩୩ |
| ପାଦେ ଆଶାର ଜୀବନ | ଜୟଶ୍ରୀ ପଟ୍ଟନାୟକ | ୧୩୮ |
| ବିଶ୍ୱାସ | ଦୀପାଳି ଦାସ | ୧୪୦ |
| ସଶକ୍ତିକରଣ | ଅରୁଣ କୁମାର ମହାପାତ୍ର | ୧୪୨ |
| ହୋଲିର ରଙ୍ଗ | ବିନୋଦିନୀ ଦାଶ | ୧୪୪ |
| ମାନବିକତାର ନୂଆ ନକ୍ସା | କୁଞ୍ଜବିହାରୀ ରାଉତ | ୧୪୭ |
| ଓଡିଆ କବିତା ରାଜ୍ୟର ମହୀୟସୀ ନାରୀ – କବି କୁନ୍ତଳା କୁମାରୀ ସାବତ | ସୁଷମା ପାଢୀ | ୧୪୯ |
| ନାରୀ ନୁହେଁ....ସେ "ବୀରାଙ୍ଗନା"... | ଡ. ହେମନ୍ତ କୁମାର ଦାଶ | ୧୫୭ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୫୯ |
| ଫ୍ଲାସବ୍ୟାକ୍ | ବିନୟ ମହାପାତ୍ର | ୧୬୪ |
| ବରଯାତ୍ରୀ | ବିଜୟକେତନ ମହାନ୍ତି | ୧୬୬ |
| ଅପାସୋରା ଚେହେରା | ପ୍ରତିଭା ଦାଶ | ୧୭୦ |
| ସଂସ୍କୃତିର ଅଭିଲେଖା | ରାମଚନ୍ଦ୍ର ବେହେରା | ୧୭୧ |

ISSN NO.
2582-208X


| | | |
|---|---|---|
| ଛୁଟିର ମସ୍ତି | ଆଶୁତୋଷ ମେହେର | ୧୭୩ |
| ତୁମେ ତୁମେ କହି ତୁମେ ଯେବେ ଡାକ | କବିତା ବେହେରା | ୧୭୬ |
| ଗାଆଁକୁ ଆସ | ମୋହନ କୁମାର ସ୍ୱାଇଁ | ୧୭୮ |
| ବିଜୟକୁମାର ଶତପଥୀ ଙ୍କ କୋକୁଆ ନାଟକ ରେ ବିସ୍ଥାପନ ସମସ୍ୟା | ହରପ୍ରିୟା ସିକ୍ ଚାନ୍ | ୧୮୦ |
| ଫୁଲଟି ପରି କଅଁଳ ଶିଶୁ | କବିତା ମହାନ୍ତି | ୧୮୬ |
| ଛିଟା | ସୁଜିତ କୁମାର ମିଶ୍ର | ୧୮୮ |
| ମାଳଝିଟା ଓ ଆଦି ପାଲାକାର କୃପାସିନ୍ଧୁ ମିଶ୍ର : ଏକ ଦୃଷ୍ଟିପାତ | ବରୁଣ କୁମାର ଦାସ | ୧୮୯ |
| ସେ କହିଲା ହାପି ହୋଲି | ଡକ୍ଟର ପ୍ରତାପ କୁମାର ପରିଡ଼ା | ୧୯୩ |
| ବସନ୍ତ ସଭିଙ୍କ ପ୍ୟାରା | ରଶ୍ମିତା କୁମାରୀ ବେହେରା | ୧୯୫ |
| ସ୍ୱାଧୀନତା ପରବର୍ତ୍ତୀ ନାଟକ | ଡ. ସରଳା ସ୍ୱାଇଁ | ୧୯୭ |
| ଜୟ ଜଗନ୍ନାଥ | ମଧୁସ୍ମିତା ମିଶ୍ର | ୨୦୯ |
| ଜିଜ୍ଞାସା | ଡା. ପ୍ରସନ୍ନ କୁମାର ବଳ | ୨୧୧ |
| କେଶବତୀ କନ୍ୟା | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୧୪ |
| କେମିତି ଅଛ ବିଶ୍ୱନାଥ | ବିଶ୍ୱନାଥ କର | ୨୧୮ |
| ବାଲେଶ୍ୱରର ନୌ -ବାଣିଜ୍ୟ ପରମ୍ପରା | ଡକ୍ଟର ସୁଶ୍ରୀ ସଂଗୀତା ସ୍ୱାଇଁ | ୨୨୧ |
| ରମ୍ୟ କ୍ଷେତ୍ର ବର | ଡ. ଅର୍ଜୁନ ଚରଣ ବାରିକ୍ | ୨୩୩ |
| ଚଇତି ଖରା | କୁଞ୍ଜବିହାରୀ ସାହୁ | ୨୫ |
| ବଳରାମ ଦାସ ଓ ତୁଳସୀ ଦାସଙ୍କ କୃତିର ସମାଲୋଚନା | ଲକ୍ଷ୍ମୀପ୍ରୀୟା ଖିଲାର୍ | ୨୩୭ |
| ଆସ ରହିବା ସୁଖରେ | ପ୍ରଶାନ୍ତ ବ୍ରହ୍ମା | ୨୫୨ |
| ନାରୀ ରୂପେ ନାରାୟଣୀ | ଅର୍ପିତା ମହାପାତ୍ର | ୨୫୪ |

ISSN NO.
2582-208X


| | | |
|---|---|---|
| ବାର୍ଷିକ ପରୀକ୍ଷା ପାଇଁ ପଦେ | ଦିଲ୍ଲୀପ ଶତପଥୀ | ୨୫୬ |
| ଚିଠି | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୫୯ |
| ଥରେ ଆସିବ କି ପ୍ରିୟତମ | ପ୍ରିୟଙ୍କା ମହାନନ୍ଦ | ୨୬୨ |
| ସମୟର ଆଢୁଆଳରେ, କାଶୀନଗରର ଲୋକ କଳା | ଜୟ କୁମାର ମିଶ୍ର | ୨୬୩ |
| ଉତ୍କଳ ଦିବସ | ଦୀପାଲି ବେହେରା | ୨୬୭ |
| ଅସ୍ତିତ୍ୱହୀନା ସ୍ଥିତି | ସ୍ଥିତି ପ୍ରଜ୍ଞା ନାୟକ | ୫୬୯ |
| ସମ୍ପର୍କର ଡୋରୀ | ସୁଜାତା ପାହାନ | ୨୭୧ |
| ଠାକୁର | ସୁଷମା ହୋତା | ୨୭୪ |
| ପୁତ୍ର | ନୀଳମଣି ଚାନ୍ଦ | ୨୭୬ |
| ଓରାଁଓ ଜନଜାତି ସଂସ୍କୃତିରେ ବାର ପହାରୀ ବା ଚୁହ୍ଲାନାଦ | ଡ. ବିଦ୍ୟାଧର ରାଉତ | ୨୭୮ |
| ବିଦାୟ | ସୁଚିତ୍ରା ମହାନ୍ତି | ୨୮୦ |
| ଏ କି ବିଧିର ବିଧାନ | ଅମୃତନାରାୟଣ ଶତପଥୀ | ୨୮୨ |
| ଇମୋଜି | ସୁନନ୍ଦା ମହାନ୍ତି | ୨୮୪ |
| ହଜିଛି ତୁମ ପ୍ରେମରେ | ସୁନିତା ଦାଶ | ୨୮୯ |
| ଦୁଃଖୀଧନ | ରଘୁନାଥ ତ୍ରିପାଠୀ | ୨୯୧ |
| ଆଉ ଦେବି | ହର ପ୍ରସାଦ ସୁଆର | ୨୯୩ |
| ଶ୍ରୀକ୍ଷେତ୍ର ମଉଡମଣି | ଶିଖାରାଣୀ ମହାପାତ୍ର | ୨୯୭ |
| ଆତ୍ମା | ସ୍ମୃତିସ୍ମିତା ରାଉତ | ୩୦୦ |
| ଗୋଣ୍ଡି ଭାଷା ଓ ଓଡିଆ ଅସ୍ମିତା | ଡୋଲାମଣି ଧରୁଆ | ୩୦୧ |
| ମୁଁ ଓଡ଼ିଆ | ସୁଶ୍ରୀ ଶୁଭସ୍ମିତା ମହାନ୍ତି | ୩୨୦ |
| ଜାତି,ଅଜାତି ପ୍ରଜାତି | କାର୍ତ୍ତିକେଶ୍ୱର ନାୟକ | ୩୨୨ |
| ରଷିବା | ରଂଜିତ ନାଏକ | ୩୨୫ |

ISSN NO.
2582-208X


| | | |
|---|---|---|
| ଅନ୍ତର | ଅରୁଣ କୁମାର ଦାସ | ୩୨୬ |
| ଆହୁତି | ଡାଃ. ଅନିତା ପଣ୍ଡା | ୩୨୮ |
| ପରିଚୟ | ସିନ୍ଧୁ ନନ୍ଦିନୀ | ୩୩୫ |
| କିଛି ସ୍ୱପ୍ନ ତୁମ ପାଇଁ | ପୂଜାରାଣୀ ସେଠୀ | ୩୩୭ |
| ବିଶ୍ୱକୁ ଯୁଦ୍ଧ ନୁହେଁ, ଶାନ୍ତି ଆବଶ୍ୟକ | ଅସିତ ମହାନ୍ତି | ୩୩୯ |
| ସୁପର୍ ହିଟ୍ ଯାତ୍ରା | ଆକୁଳାନନ୍ଦ ପୃଷ୍ଟି | ୩୪୧ |
| ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ସ୍ଥିତିବାଦୀ ଚେତନା | ସାଇ ସ୍ୱାଗତ ନାୟକ | ୩୪୩ |
| ହେ ଦିବ୍ୟ ଗିରିରାଜ | ସତ୍ୟବାନ ମେହେର | ୩୬୦ |
| ଆମ ଶୀତଋତୁ | କାଳି ପ୍ରସାଦ ମହାପାତ୍ର | ୩୬୨ |
| ଓଡ଼ିଆ ଉଦ୍ଭଟ ନାଟକରେ ନୂତନ ଦିଗନ୍ତ: ପୁନଶ୍ଚ ପୃଥିବୀ | ଗୁଣନିଧି ମହଲା | ୩୬୪ |
| ସତ୍ୟଭାମାପୁର ମାଟି | ବାସନ୍ତୀ ଦାସ | ୩୭୨ |
| ମନରେ ଛବିକୁ ପାଖେ ରଖିନାହଁ | ତାରାପ୍ରସାଦ ଜେନା | ୩୭୩ |
| ସତ୍ସଙ୍ଗ : ଭଗବାନ ପ୍ରାପ୍ତି | ଲୋଚନ କୁମାର ବାଡ଼ତ୍ୟା | ୩୭୫ |
| ଫଗୁଣର ଆଗମନ | ସିଦ୍ଧେଶ୍ୱର ତ୍ରିପାଠୀ | ୩୭୮ |
| ଜୀବନ ଜିଇଁବାର ମନ୍ତ୍ର | ଅଧ୍ୟାପକ ଅଶୋକ ମହାରଣା | ୩୮୦ |
| ମାତୃଭାଷାର ମମତା | ଦୁଷ୍ମନ୍ତ ବେହେରା | ୩୮୩ |
| ସାବିତ୍ରୀ | ଦୀନବନ୍ଧୁ ବେଜ | ୩୮୪ |
| ଅସ୍ତାଚଳ | ଛବିରାଣୀ ପତି | ୩୮୬ |
| ରଖ ଭାଷାରେ ପ୍ରୀତି | ଯଜ୍ଞଦତ୍ତ ସାମନ୍ତରାୟ | ୪୦୧ |
| ଆସିବୁ କାଳିଆ କୁଣିଆ ହୋଇ | ସରସ୍ୱତୀ ମେହେର | ୪୦୩ |
| କୁଲି | ହୃଦାନନ୍ଦ ସୁନାନୀ | ୪୦୫ |

ISSN NO.
2582-208X


| | | |
|---|---|---|
| ଆତ୍ମାନୁଭୂତିର ସଫଳ କଳାକଳ୍ପ ଦେବବ୍ରତଙ୍କ 'ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ' | ଦମୟନ୍ତୀ ଜେନା | ୪୦୭ |
| କାହିଁକି ଏମିତି ହଉଛ ? | ଡକ୍ଟର ସତ୍ୟବ୍ରତ ଦାସ | ୪୧୮ |
| ଜୀବନାଞ୍ଜଳି | ସାନୁରଞ୍ଜନ ସାହୁ | ୪୨୩ |
| ଏ ବସନ୍ତରେ | ଚିତରଞ୍ଜନ ବେହେରା | ୪୨୬ |
| ଅସମନ୍ୱୟର ଅନ୍ତର୍ଯାତ୍ରା | ବିରଞ୍ଚି ନାରାୟଣ ମିଶ୍ର | ୪୨୯ |
| ହୋଲି | ତ୍ରିପତି ପ୍ରଧାନ | ୪୩୧ |
| ଅବତାର ନିଅ ପ୍ରଭୁ ଚିଠି ପାଇ | ଆଶିଷ କୁମାର ସାହୁ | ୪୩୨ |
| ଆତ୍ମନିର୍ଭର | ଅବିନାଶ ସାହୁ | ୪୩୫ |
| ଚିଲିକାରେ ସକାଳ | ହରିଶ୍ଚନ୍ଦ୍ର ବେହେରା | ୪୪୦ |
| ଜୀବନର ଚଲାପଥ | ବିଷ୍ଣୁଚରଣ ପଟ୍ଟନାୟକ | ୪୪୨ |
| ଅଣୁ କବିତା ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କ ଚିରନ୍ତନ | ଡ. ସ୍ନେହାଞ୍ଜଳି ମହାପାତ୍ର | ୪୪୪ |
| ପରିବେଶ ଆଉ ସୁହାଉନି | ଦୀନବନ୍ଧୁ ପୋଇ | ୪୪୮ |
| ଆଶାର ଆକାଶକୁ ଫୁଲରେ ସଜାଡ଼ି ଦିଏ | ପ୍ରତିଭା ଦାସ | ୪୫୦ |
| ସାମୟିକ ଭାବନାର ଉତ୍କୃଷ୍ଟ କବିତା: ଅବକାଶ ଚିନ୍ତା | ଡକ୍ଟର ସୁମନ୍ତ କୁମାର ଭୋଇ | ୪୫୨ |
| ମହାଡ ସତ୍ୟାଗ୍ରହ | ଖଗେଶ୍ୱର ବାଗ | ୪୬୦ |
| କାହିଁକି ଏତେ ତୁ ରାଗୁଛୁ ????? | ପବିତ୍ର ନାରାୟଣ ବେହେରା | ୪୬୨ |
| ମୁନ୍ଦେ ଫୁଲ | ଦଶରଥ ମାଝୀ | ୪୬୪ |
| ଓଡ଼ିଆ କ୍ଷୁଦ୍ରଗଳ୍ପର ଉତ୍ପତ୍ତି ଓ ବିକାଶକ୍ରମ: ଗଳ୍ପ ପଛର ଗଳ୍ପ | ଡ. ହୃଷିକେଶ ମହାରଣା | ୪୬୫ |
| ଗତକାଲି | ନାରାୟଣ ରାଉତ | ୪୭୪ |
| ସଜାଗେ ହଟେ ସମସ୍ୟା | ନରେନ୍ଦ୍ର ପ୍ରସାଦ ବେହେରା | ୪୭୬ |

ISSN NO.
2582-208X


| | | |
|---|---|---|
| ଜୀବନେ ବିତିଛି ଅନେକ ସମୟ | ନିରଞ୍ଜନ ସାହୁ | ୪୭୮ |
| କେବେ କେରଳ ତ<br>କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୪୮୦ |
| ଜଗା ଦର୍ଶନ | ଅମରନାଥ ବାରିକ୍ | ୪୮୫ |
| ପାନ୍ଥଶାଳା | ପ୍ରିୟବ୍ରତ କର | ୪୮୭ |
| ଏକବିଂଶ ଶତାବ୍ଦୀର ଅନୂଦିତ<br>ଶିଶୁ-କିଶୋର ଉପନ୍ୟାସ | ଡକ୍ଟର ପ୍ରଦୀପ୍ତ କୁମାର<br>ଚୌଧୁରୀ/ ପ୍ରିୟଙ୍କା ମହାନ୍ତି | ୪୮୮ |
| ଅନୁଭବର ଅନ୍ତରାଳେ ତୁମେ | ରବି ବଗର୍ତ୍ତୀ | ୪୯୯ |
| ମୁଁ ପ୍ରକୃତି କହୁଛି | ଦୀପକ କୁମାର ଓଝା | ୫୦୧ |
| ମାତୃଭାଷା ଦିବସ | ଜନ୍ମଜୟ ନାୟକ | ୫୦୪ |
| ତେଲିଗଡ଼ ଦୁର୍ଗ-ଓଡ଼ିଶାର ଐତିହ୍ୟର<br>ଏକ ହଜିଯାଇଥିବା ଅଧ୍ୟାୟ | ମାନସ କୁମାର ରାଉତ | ୫୦୬ |
| ଅକୁହା | ସୁରେଶ କୁମାର ସାହୁ | ୫୨୨ |
| ହେ ମୃତ୍ୟୁ! ତୁମେ ଚିର ବନ୍ଦନୀୟ | ସଂଘମିତ୍ରା ବେହେରା | ୫୨୫ |
| ଓଡ଼ିଆ ଲୋକଗୀତ ପରମ୍ପରାରେ<br>ନାରୀଗୀତ:ନାରୀ ଜୀବନର ମୁକୁର | ସୁନୀଲ କୁମାର ବେହେରା | ୫୨୭ |
| ସେହି ଅଭିମାନି ମଣିଷ ପାଇଁ କିଛି ପଦ | ଶାଗରିକା | ୫୩୭ |
| ଯୁଦ୍ଧ-ପ୍ରେମ | ଡ. ଶୁଭେନ୍ଦୁ ମେହେର | ୫୩୮ |
| 'ସ୍ତୁତି ଚିନ୍ତାମଣି'ର ସପ୍ତବିଂଶ ବୋଲିରେ<br>ପ୍ରତୀକାତ୍ମକ ଅଭିବ୍ୟକ୍ତି | ରଶ୍ମିରଂଜନ ନାୟକ | ୫୪୧ |
| ଯନ୍ତ୍ରଣା | ଶିବରାମ ସାହୁ | ୫୫୩ |
| ସଦଗୁରୁ ମୋର ସିରିଡ଼ି ସାଇ | ଆଲୋକ କୁମାର ସାହୁ | ୫୫୪ |
| ଅଭିନୟ | ଅଭୟ କୁଣ୍ଡ | ୫୫୬ |
| ସ୍ମୃତି ପୂର୍ବଜନ୍ମର | ଅନୁରାଧା ମହାପାତ୍ର | ୫୫୯ |

ISSN NO.
2582-208X


| | | |
|---|---|---|
| ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକରେ ନାରୀ ସ୍ୱର | ଜିତେନ୍ଦ୍ର କୁମାର ମହାନ୍ତି | ୫୬୦ |
| ଫେରିଛି ଫଗୁଣ | ମଧୁସ୍ମିତା ପ୍ରିୟଦର୍ଶନୀ | ୫୬୬ |
| ଲଉଡ଼ି ଖେଳ | ବସନ୍ତ କୁମାର ପ୍ରଧାନ | ୫୬୭ |
| ଦଣ୍ଡ ନାଚର ରସାୟନ: ହରଭଙ୍ଗା ଗ୍ରାମର ବୀଣାକାର ଓ କାରୁଆଣୀ ପ୍ରସଙ୍ଗ | ଦୁର୍ଗାପ୍ରସାଦ ପାଣିଗ୍ରାହୀ | ୫୬୯ |
| ପ୍ରକୃତିର ଡାକ | ଗାୟତ୍ରୀ ସାହୁ | ୫୭୫ |
| ବଣ୍ଡା ଜନଜାତି ଓ ସଲପଗଛର ସମ୍ପର୍କ: ଏକ ଆଲେଖ୍ୟ | ଯୁଗୀରାମ ପୁଟେଲ | ୫୭୭ |
| ମୁଁ ରଜସ୍ୱଳା କନ୍ୟା | ସ୍ମିତିପ୍ରଜ୍ଞା ସାମନ୍ତରାୟ | ୫୮୩ |
| ଅମରକଥାରୁ ପଦେ | ସୀତାକାନ୍ତ ସରସ୍ୱତୀ | ୫୮୪ |
| ନିଶା କୁ ନାହିଁ ଭରସା | ସନ୍ତୋଷ କୁମାର ବିଷୋୟୀ | ୫୮୬ |
| ସମ୍ବଲପୁରୀ କ୍ଷୁଦ୍ରଗଳ୍ପରେ ଲୋକସଂସ୍କୃତି | ଡ. ସତନ କୁମାର ବେଗ | ୫୯୦ |
| ଦୋଳ ଯାତ | ଶର୍ମିଷ୍ଠା ଦାସ | ୫୯୬ |
| ମହାବିଷୁବ ସଂକ୍ରାନ୍ତି ଓ ନୂତନ ବର୍ଷ | ମଞ୍ଜୀତ କୁମାର ସେଠୀ | ୫୯୯ |
| ନାଟକ | ସିଦ୍ଧାନ୍ତ ଦାଶ | ୬୦୩ |
| ଫକୀର ମୋହନଙ୍କ ଆତ୍ମଜୀବନୀରେ କେନ୍ଦୁଝର ରାଜା ଓ ରାଜ୍ୟର ଚିତ୍ର | ପବିତ୍ର ଜେନା | ୬୦୫ |
| ଦରଦୀ ହୃଦୟ ମୋର | ଅଜୟ କୁମାର ରାଉତ | ୬୧୫ |
| ଧାରାଶ୍ରାବଣର ଦ୍ୱିଧା | ସମୀର ତ୍ରିପାଠୀ | ୬୧୭ |
| ହିନ୍ଦୁ ଧର୍ମର ପରାକାଷ୍ଠା | ମମତା ନାୟକ | ୬୨୨ |
| ସମ୍ପର୍କ ହୃଦୟର | ଅନୁସୟା ଲେଙ୍କା | ୬୨୬ |
| ଗରିବ ଦେଶର ଧନୀ ଭଗବାନ | ବାଲ୍ମୀକି ନାୟକ | ୬୩୨ |

ISSN NO.
2582-208X


| | | |
|---|---|---|
| ଝିଅ ଏକ ବୋଝ ନୁହେଁ | ଅଭିଲିପ୍ସା ପାତ୍ର | ୬୩୮ |
| ତୁମରି ଉତ୍ତର ଅପେକ୍ଷାରେ ? | ଅନନ୍ତ କୁମାର | ୬୪୧ |
| ଫୁଲ | ଶକୁନ୍ତଳା ମିର୍ଦ୍ଧା | ୬୪୩ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୬୪୮ |
| **ଆଞ୍ଚଳିକ** | | |
| ଲହ | ସୁନୀଲ କୁମାର ଅଗସ୍ତି | ୬୫୪ |
| ଘିନାବିଚନା ତାରିଫ୍ | ଗଜାନନ ମିଶ୍ର | ୬୫୬ |
| **ଶିଶୁ ବିଭାଗ** | | |
| ଚାଲ ଆମେ ସୁନାପିଲା ହେବା | ପଞ୍ଚାନନ ମେହେର | ୬୫୯ |
| ଦୋଳ ଯାତ | ଗୀତାଞ୍ଜଳି ସ୍ୱାଇଁ | ୬୬୧ |
| | | |
| ଚିତ୍ର କଥା କୁହେ | ବେଦାନ୍ତୀ ପରିବାର | ୬୬୩ |
| ବେଦାନ୍ତୀ - "ମାର୍ଚ୍ଚ" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୬୬୫ |
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୬୬୯ |

ISSN NO.
2582-208X

# ଆହ୍ୱାନ



ଡ. ଜ୍ଞାନେଶ୍ୱର ମିଶ୍ର

ଆଜି ପ୍ରଥମ ଦିନ ଅପ୍ରିଲ ମାସ
ଆମ ପାଇଁ ଏକ ପବିତ୍ର ସଂକଳ୍ପ ଦିବସ
କିଏ କହେ ଏହା ବୋକାଙ୍କ ଦିବସ
ସେଥିରେ ଆମର ନାହିଁ ଯା ଆସ

ଆମ ଗାରିମାମୟ ଅତୀତକୁ ସ୍ମରି
ଏକ ଉଜ୍ଜ୍ୱଳମୟ ବିକଶିତ ରାଜ୍ୟ କରିବା ତିଆରି
ଆମ ଜାତିର ବୀର ବୟସର ଧରମା ଓ ବାଜି ରାଉତ
ଲକ୍ଷ୍ମଣ ନାୟକ ସହ ବହୁନାମ ଇତିହାସେ ରଚିତ

ଆମ କୋଣାର୍କ, ପୁରୀ ମନ୍ଦିରର କାରୁକାର୍ଯ୍ୟ
ଜଗତବାସୀଙ୍କୁ କରିଛି ବିସ୍ମିତ
ମନ୍ଦିରମାଳିନୀ ଆମ ରାଜଧାନୀ ଭୁବନେଶ୍ୱର
ସୂଚାଇ ଦେଉଛି ଆମ ଧର୍ମ ପରମ୍ପରା ଆଜି ହୋଇଛି ଅତୀତ

କଳିଙ୍ଗ ଯୁଦ୍ଧରେ ଦୟାନଦୀ ରକ୍ତର ହୋଲି ଖେଳିଛି
ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିବର୍ତ୍ତନ କରିଛି
ଖଣ୍ଡଗିରି ସାଧୁସନ୍ଥଙ୍କର ଦର୍ଶନ ମିଳୁନି
ପ୍ରାତଃକାଳ ଓଁକାର ଧ୍ୱନି ଶୁଣା ଯାଉନି

ପାଇକ ବିଦ୍ରୋହ ଭାରତ ସ୍ୱାଧୀନତାର ପ୍ରଥମ ଶଙ୍ଖ ଫୁଙ୍କିଛି
ଭଂଜ, ଫକୀରମୋହନଙ୍କ ଲେଖନୀ ତାଙ୍କୁ ଅମର କରିଛି

ISSN NO.
2582-208X

ଆମ ଓଡିଶୀ ନୃତ୍ୟର ନାହିଁ ପଟାନ୍ତର
ବିଶ୍ୱ କୋଣ ଅନୁକୋଣେ ପାଉଛି ସମ୍ମାନ ଆଦର

ସାଧବ ପୁଅ ପୋତର ନେତ ଉଡୁଥିଲା ଜାଭା ସୁମିତ୍ରା ବୋର୍ଣ୍ଣିଓରେ
ସେସବୁ ଅତୀତ ନିବୁଜ ହୋଇ ରହିଛି ଇତିହାସ ପୃଷ୍ଠାରେ

ଆମ ରାଜ୍ୟ ବସୁଧା ତଳେ କୋଟି କୋଟି ଖଣିଜ ସଂପଦ ରହିଛି
ତଥାପି ଏ ମାଟିର ପୁଅ ସୁରଟ ଓ ଅନ୍ୟ ରାଜ୍ୟରେ ଦାଦନ ଖଟୁଛି

ଆସ ! ଆଜି ଦିନରେ ଆମେ ଶପଥ କରିବା
ଆମ ଭାଷା, ଧର୍ମ, କଳା, ସଂସ୍କୃତି, ସାହିତ୍ୟର ସୁରକ୍ଷା କରିବା
ଓଡିଶାର ମାନ ସମ୍ମାନ କ୍ଷୁର୍ଣ୍ଣ ହେଲାପରି କାମ ନକରିବା
ତେବେ ସିନା ବିଶ୍ୱ ମୁଖରେ ଧନ୍ୟ ଧନ୍ୟ ପାଇବା
ମୁଁ ଓଡିଆ, ମଥାଟେକି ସଗର୍ବେ ଚାଲିବା
"ବନ୍ଦେ ଉତ୍କଳ ଜନନୀ" ଭାବ ମନରେ ବହିବା
ତେବେ ଏ ମାଟିରେ ଜନ୍ମ ଆମ ସଫଳ କରିବା ॥

(((-)))

ବେଙ୍ଗାଲୁରୁ
ଚଳିତଭାଷ : ୮୪୨୦୨୪୨୬୫୫

ISSN NO.
2582-208X

# ବନ୍ଦେ ଉତ୍କଳ ଜନନୀ



ଗୋଲୋକବିହାରୀ ବେହେରା

ଭାରତର ମଣି    ମୋ ଉତ୍କଳ ଭୂମି
ଜଗନ୍ନାଥଙ୍କର ଦେଶ,
ତା ବନ ପାହାଡ    କେଡେ ମନୋରମ
ଗାଇବା ତାହାର ଯଶ ।
ପୁରୀ କୋଣାରକ    ମୋ ଦେଶ ଗୌର
ମହାନଦୀ ଦେଓମାଳି,
ମନ୍ଦିର ମାଳିନୀ    ଆମ ରାଜଧାନୀ
କେତେ ପର୍ଯ୍ୟଟନ ସ୍ଥଳୀ ।
ତିନି ଦିଗେ ଯା'ର    ସାଗର ଶୋଭିତ
ମରାଳ ମାଳିନୀ ହ୍ରଦ,
ଓଡ଼ିଶୀର ନୃତ୍ୟ    ପୁରୀ ରଥ ଯାତ୍ରା
ଦେଖିଲେ ମନ ଆନନ୍ଦ ।
ଉତ୍କୃଷ୍ଟ କଳାର    ଦେଶ ମୋ ଉତ୍କଳ
କଳାକୃତି ମନ୍ଦିରରେ,
କଟକର ସୁନା    ରୁପା ତାରକସୀ
ଶାଢ଼ୀ ଯେ ସମ୍ବଲପୁରେ ।
ଉତ୍କଳ ଜନନୀ    ଯେବେ କାନ୍ଦୁଥିଲା
ଆଖିରୁ ଲୁହ ନିଗାଡି,
ତା ଲୁହ ପୋଛିବା    ପାଇଁ ମଧୁବାବୁ

ISSN NO.
2582-208X

ମୁଣ୍ଡେ ଭିଡ଼ିଲେ ପଗଡ଼ି ।
ମୟୂରଭଞ୍ଜର          ମହାରାଜା ବୀର
ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେବ,
ନୀଳକଣ୍ଠ ଦାସ          ଗଉରୀ ଶଙ୍କର
ହରିହର, ମହତାବ ।
ରାଧାନାଥ ରାୟ          ଫକିର ମୋହନ
ଭକ୍ତମଧୁ , ଗୋପବନ୍ଧୁ,
କୁନ୍ତଳା କୁମାରୀ          ଉତ୍କଳର ଭୀମ
ରତ୍ନ ନୀଳମଣି ବାବୁ ।
ଉଣେଇଶ ଶହ          ଛତିଶ ମସିହା
ଏପ୍ରିଲ ପହିଲା ଦିନ,
ଭାଷା ଭିତ୍ତିକ ଏ          ସ୍ୱତନ୍ତ୍ର ଓଡ଼ିଶା
ରାଇଜ ହେଲା ଗଠନ ।
ଶାସ୍ତ୍ରୀୟ ମାନ୍ୟତା          ପାଇବା ନିମିତ୍ତ
କେତେ ବୁଦ୍ଧିମାନ ଜନ,
ଦିଲ୍ଲୀ ଦରବାରେ          କରିଲେ ସଂଗ୍ରାମ
ଭାଷା ପାଇଲା ସମ୍ମାନ ।
ସ୍ୱତନ୍ତ୍ର ଉତ୍କଳ          ପ୍ରଦେଶ ଗଠନ
ଦିବସ ପାଳିବା ପାଇଁ,
ବନ୍ଦେ ଉତ୍କଳ          ଜନନୀ ଗାଇବା
ଆସ ମୋ ଭଉଣୀ ଭାଇ ।

(((–)))

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪୭- ଅସମୟରେ ବିଦାୟ

ଟାଇଫଏଡ ଡିଟେକ୍ଟ ହୋଇସାରିଲାଣି । ଶୋଭନା ଧୀରେ ଝାଉଁଳି ଯାଉଛନ୍ତି । ତାଙ୍କର ଦେହ ଦେଖାଇବା ଦରକାର, ସ୍ୱାସ୍ଥ୍ୟର ଉନ୍ନତି ଘଟିବା ଦରକାର । ଟାଇଫଏଡ ଆଉ ଅସାଧ୍ୟ ରୋଗ ନୁହେଁ । କିନ୍ତୁ ଔଷଧ ଦରାକାର । ତାହା ଏଠି ନାହିଁ । ଏ ପର୍ଯ୍ୟନ୍ତ ହସପିଟାଲରେ ଔଷଧ ପହଞ୍ଚିପାରିନି । ବାହାରେ ଫାର୍ମାସୀ ଦୋକାନ ନାହିଁ ଯେଉଁଠାରେ ଔଷଧ କିଣାଯାଇପାରିବ । ଯାହା ମିଳିବ ତାହା କେବଳ ହସପିଟାଲରୁ ।

"ଆଉ ଦିନ କେଇଟାରେ ଔଷଧ ମିଳିଯିବ । ଟିକିଏ ଧୈର୍ଯ୍ୟ ଧର ।"-ଅସୀମ ଧିରେ କହିଲେ । କିନ୍ତୁ ତାଙ୍କ ମନ ମଧ୍ୟ ଭାଙ୍ଗି ଯାଉଥିଲା ।

ଶୋଭନା ସନ୍ଧ୍ୟା ବା ସକାଳେ ବେଶି ଚଲାବୁଲା କରିପାରୁନାହାନ୍ତି । ଏମିତି ତ ପତଳୀ ଝିଅ। ଅତି ସୁକୁମାରୀ । କ୍ୟାମ୍ପବେଲ ବେ ର ଆଡଭେଞ୍ଚର ଜୀବନ ତାଙ୍କୁ ମନରେ ଖୁସି ସିନା ଦେଉଥିଲା କିନ୍ତୁ ଏସବୁ କାମ ଏତେ ସୁରୁଖୁରୁ ରେ କରିଦେବା ପାଇଁ ଶରୀରରେ ଶକ୍ତି ନଥିଲା । ଆଉ ସେ ପ୍ରାୟ ନିରାମିଶାଷୀ । ଖାଇବାକୁ ପରିବା ପତ୍ର, ଆଉ ଅନ୍ୟ ତାଙ୍କ ପାଇଁ ପ୍ରୋଟିନ ଉପଯୁକ୍ତ ପରିମାଣରେ ମିଳୁନଥିଲା । ଏହା ତାଙ୍କ ସ୍ୱାସ୍ଥ୍ୟ ଅବନତି ଆଡକୁ ନେଉଥିଲା ।

ISSN NO.
2582-208X

ଅସୀମ ତାଙ୍କୁ ଧରି ଆଉ ଦୂରକୁ ଯାଇ ପାରନ୍ତି ନାହିଁ । ଶୋଭନାଙ୍କ ୩୫ କିମି ପାଣ୍ଡାନାସ ବନରେ ନିଆଁ ଲାଗିଥିବା କଥା ମନେ ପଡିଗଲା । ପୁରୁଣା ବ୍ୟସ୍ତତା ତାଙ୍କ ମନକୁ ଆପେ ଆପେ ପୁଣି ଆସିଗଲା । ସେ କଥା ଶୁଣି ଶୋଭନା ବହୁତ ସେତେବେଳେ ବହୁତ ବ୍ୟସ୍ତ ହୋଇପଡିଥିଲେ । ଜାଗାଟା ଅସୀମ ଆଉ ଶୋଭନା ଦୁଇଜଣଙ୍କ ପାଇଁ ଅତି ପ୍ରିୟ । କିନ୍ତୁ ଜଙ୍ଗଲ ବଞ୍ଚିଯାଇଥିବା ଆଉ କୁଟୀରର କ୍ଷତି ନହୋଇଥିବା ଶୁଣି ଶୋଭନା ସେତେବେଳେ ଖୁସି ହୋଇଥିଲେ । ତା'ପରେ ଶୋଭନା ଅନେକ ଥର ୩୫ କିମି ଆସିଛନ୍ତି, ପାଣ୍ଡାନାସ ବଣ ଆଉ ହଟ୍ ଅଂଚଳ ତନ୍ନ ତନ୍ନ କରି ବୁଲିଛନ୍ତି । ବେଶି କ୍ଷୟକ୍ଷତି ହୋଇନି ବୋଲି ତାଙ୍କର ହୃଦୟଙ୍ଗମ ହୋଇଛି । କିନ୍ତୁ ଏବେ ତାଙ୍କୁ ଲାଗିଲା ବେଶି କ୍ଷୟକ୍ଷତି ବୋଧେ ହୋଇଛି । ତାଙ୍କ ଦେହ ବେଶି ଝାଉଁଳି ପଡୁଥିଲା ।

"ଅସୀମ, ମୋତେ ଥରେ ୩୫ କିମି ନେଇଯାଅ ।"- ଶୋଭନା କହିଲେ । ଅସୀମ ସେତେବେଳକୁ ଶୋଭନାଙ୍କୁ ମେନଲାଣ୍ଡରେ ନିଜ ଘରକୁ ନେଇଯିବା ପାଇଁ ଅସୀମ ସ୍ଥିର କରିସାରିଲେଣି । କ୍ୟାମ୍ପବେଲ ବେରୁ ଜାହାଜ ଯାତ୍ରା ଆଉ ଦୁଇଦିନ ପରେ । ଶୋଭନା ଚାଲିଯିବେ । ଅସୀମ ନିଜେ ନେଇ ଛାଡିଦେଇ ଆସିବେ । ଛୁଟି ମଧ୍ୟ ମଞ୍ଜୁର ହୋଇସାରିଛି ।

ସେମାନେ ରାସ୍ତାରେ ପଡୁଥିବା ଜେଟ୍ଟିରେ ଟିକେ ଅଟକିଗଲେ । ଏ ଜେଟ୍ଟିଟି ମାଛ ଧରା ଡଙ୍ଗା ପାଇଁ ତିଆରି ହୋଇଛି । କିନ୍ତୁ ଏପଟେ ମାଛଧରା ଡଙ୍ଗା ପ୍ରାୟ ନାହିଁ । ଦେଖିଲେ ଲାଗିବ ସିମେଣ୍ଟ ପୋଲଟିଏ ପାଣି ଭିତରକୁ ଚାଲିଯାଇଛି ଆଉ ପାଣିରେ ଆଗକୁ ରାସ୍ତା ଭାଙ୍ଗି ଯାଇଛି । ଜେଟ୍ଟିରେ କେହି ପାଖରେ ନଥିଲେ । ଜେମସ ଗାଡି ରଖି ଟିକିଏ ଦୂରରେ ଠିଆ ହୋଇଥିଲା । ଶୋଭନା ଆଉ ଅସୀମ ଏମିତି ସିମେଣ୍ଟ ବାଡାରେ ବସିଲେ । ତଳେ ଥିଲା ପରିଷ୍କାର ପାଣି । ଏଠି ରଙ୍ଗୀନ ଜୀବନ୍ତ କୋରାଲ ବେଡ ବେଶି ନାହିଁ । କିନ୍ତୁ ପଥର ଅଛି। ସେ ଭିତରେ ରଙ୍ଗ ବେରଙ୍ଗୀ ମାଛ ଖେଳୁଛନ୍ତି । କେତେକ ମାଛ ତ ପ୍ରଜାପତି ପରି ଲାଗୁଥିଲେ ।

"ଅସୀମ ଜୀବନର ରଙ୍ଗ ଏକ ପ୍ରଜାପତିର ରଙ୍ଗ । କେଉଁଠି ଲାଗିଯାଏ, କେଉଁଠି ଛାଡିଯାଏ ।"-ଶୋଭନା କହିଲେ ।

"ପ୍ରଜାପତି ଭଳି ସୁନ୍ଦର ଦିଶେ ।"-ଅସୀମ ଶୋଭନାଙ୍କ କଥାରେ ତାଳ ଦେଉଥିଲେ ।

ISSN NO.
2582-208X

"ଯେଉଁଠି ବସିଯାଏ, ସେ ଫୁଲର ସୌନ୍ଦର୍ଯ୍ୟ ବଢିଯାଏ ।"

"ଦେଖୁନ ଏ ନୀଳ ପାଣି । କେତେ ସୁନ୍ଦର ଦିଶୁଛି ।"

"ଏ ରଙ୍ଗୀନ ମାଛମାନେ ପହଁରିବାରୁ ପାଣିର ରଙ୍ଗ ବେଶି ସୁନ୍ଦର ହୋଇଯାଇଛି ।"

"ମାଛମାନେ ପାଣିରେ ରଙ୍ଗୀନ ଗାରମାନ ଟାଣି ଦେଉଛନ୍ତି ।"

"ସଫା ପାଣିରେ ରୁପାର ଫଳି, ବୈଢୂର୍ଯ୍ୟର ମାଳ, ହୀରରା ଝଲକ, ନୀଳାର ନୋଥି ଆଉ ମଣି ମାଣିକ୍ୟର ଚାଙ୍ଗୁଡି ।"

"ଜୀବନ ପାଣିରେ ବି ରଙ୍ଗ ଫୁଟାଇ ଚାଲିଛି । ପବନ ନାହିଁ, ପ୍ରଚ୍ଛଦରେ ରଙ୍ଗ ଅଛି ।"

"ଅସୀମ, ଏ ସବୁ ରଙ୍ଗକୁ କୋଳେଇ ନେବାକୁ ଇଚ୍ଛା ହେଉଛି । ଟିକିଏ ବି ଛାଡିବାକୁ ମନ ନାହିଁ ।"

"କେତେ ଅଶୁଣା ଜୀବନ, କେତେ ଅଭାବନୀୟ ରୂପ, ସବୁ ରହିଯାଇଛି ପାଣିର ରଙ୍ଗରେ।"

"କେତେ ଛୋଟ ଜୀବ ଏ କୋରାଲ ପଲିପ, କିନ୍ତୁ ନୂଆ ମାଣିକ୍ୟର ରାଜ୍ୟ ଗଢୁଛନ୍ତି । କେହି କହୁନି, ଗଢି ଚାଲୁଛନ୍ତି, ଥକୁନାହାନ୍ତି, ଆଉ ନୂଆ ଜୀବନମାନ ଆସିଯାଇଛି ।"

"ରଙ୍ଗୀନ ମାଛଟି କୋରାଲ ପଛରେ ଲୁଚିଯାଉଛି । ପୁଣି ପର ମୁହୂର୍ତ୍ତରେ ଉଙ୍କି ମାରୁଛି, ତା'ପରେ ପହଁରି ଚାଲୁଛି । ମୋଟେ ଡରକୁନି । ଏଡିକି ମାଛଟିଏ, କେଉଁଠୁ ଏତେ ଶକ୍ତି ପାଉଛି?"

"ସବୁ ମିଶି ଗଢୁଛି ଏକ ଶକ୍ତିର ଉତ୍ସ ।"

"ଇଚ୍ଛା ହେଉଛି ଏହି ରଙ୍ଗକୁ ଛୁଇଁ ଦିଅନ୍ତି, ମୋ ଦେହରେ ରଙ୍ଗ ବୋହିଯାଆନ୍ତା । ପାଣିର ସ୍ରୋତ ବୋହିଯାଆନ୍ତା । କେତେ ବଢିଆ ହୁଅନ୍ତା ଅସୀମ । ତୁମ ଦେହରେ ବୋହିଯାଉଛି ମହାସାଗର । ଭାରତ ମହାସାଗରର ସୁନୀଳ ସଲୀଳ ।"

ISSN NO.
2582-208X

"ଅସୀମ, ଲୋକେ କ'ଣ ପାଇଁ ଏ ସୁନ୍ଦର ମାଛକୁ ଧରିନିଅନ୍ତି? ସେମାନଙ୍କ ରାଜ୍ୟ, ସେମାନେ ସେମିତି ପାଣିରେ ଖେଳୁଥାନ୍ତୁ ।"

ଶୋଭନା ଦୂର ସମୁଦ୍ରକୁ ଅନାଇଲେ । ନୀଳ ପାଣି । ତାଙ୍କର ବହୁ କଥା ମନେ ପଡିଯାଉଥିଲା । ଏ ସମୁଦ୍ର ଭିତରେ ଅସୀମଙ୍କ ଭରସାରେ କେତେ ବୁଲିଛନ୍ତି । ଥରେ ସେ ପୂର୍ବ ଉପକୂଳର ତ୍ରିଙ୍କେଟ ଅଞ୍ଚଳରୁ ଫେରିଆସୁଥିଲେ । ତ୍ରିଙ୍କେଟ ଏକ ସୁନ୍ଦର ବାଲୁଆ ବିଚ। ଆଉ ସମୁଦ୍ରରେ ବଡ ଲହଡି ନଥିଲା । ସମୁଦ୍ର ପାଣି ନଦୀ ବା ପୋଖରୀ ଭଳି ପୁରା ସ୍ଥିର ହୁଏନି, ଛୋଟ ଛୋଟ ଲହଡି ରୁହେ । ସେ ଭିତରେ ଦଳେ ଡଲଫିନ ପାଣିରେ ଏକ ଧାଡିରେ ପହଁରୁଥିଲେ । କେତେବେଳେ ବୁଡୁଥିଲେ ତ କେତେବେଳେ ଉଠୁଥିଲେ । ସେମାନଙ୍କ ପିଠି ଥିଲା ଚକଚକିଆ କଳା ଆଉ ବେଳେବେଳେ ତଳ ପଟ ଧଳା ପଟ୍ଟୀ ଦେଖାଯାଉଥିଲା । ସେମାନଙ୍କ ଦେହ ଉପର ଫିନ ସ୍ପଷ୍ଟ ଦିଶୁଥିଲା । ଏତେ ପାଖରେ ଡଲଫିନ, ସେ ଖୁସିରେ ଶିହରି ଉଠିଥିଲେ । ଡଲଫିନମାନେ ଯେମିତି ବୁଡୁଥିଲେ ଲାଗୁଥିଲା ଯେମିତି ଏକ ରୋଲର କୋଷ୍ଟର ପାଣିରେ ଚାଲୁଛି । ସେମାନଙ୍କ ବୁଡିବାରେ ଶୈଳୀ ଥିଲା, ଅନ୍ୟମାଛ ଭଳି ପଟ୍ କରି ବୁଡିଯାଉନଥିଲେ । ଫିଲ୍ମରେ ଦେଖିବା ଆଉ ନିଜ ଆଖିରେ ଦେଖିବା ଭିତରେ କେତେ ଯେ ପ୍ରଭେଦ ଅଛି । ସେମାନଙ୍କର ଲୀଳାଖେଳା ଦେଖି ତାଙ୍କ ମନ ଖୁସି ହୋଇଯାଉଥିଲା । ସେ ଗୋଟିଗୋଟି କରି ଡଲଫିନମାନଙ୍କୁ ବୋଟରୁ ଥାଇ ଗଣୁଥିଲେ । 'ଏକ, ଦୁଇ, ଅସୀମ, ଏକାଥରେ ଆଠଟା ଡଲଫିନ ଏକା ସାଥିରେ ପହଁରୁଛନ୍ତି' ବୋଲି ପାଟି କରି ଉଠିଥିଲେ । ସେତେବେଳେ ସେ ନିଜକୁ ଏକ ଦଶ ବର୍ଷର ବାଳିକା ଭଳି ମନେ କରୁଥିଲେ । ସେ ଏକ ପ୍ରଜାପତି ହେଲାପରି ଭାବୁଥିଲେ । ଏକ ଡଲଫିନ ଭଳି ତାଙ୍କୁ ବୁଡିବାକୁ ଉଠିବାକୁ ମନ ହେଉଥିଲା । ଏ ନୀଳପାଣିରେ ଡଲଫିନ ଭଳି କୌତୁକିଆ ପ୍ରାଣୀମାନଙ୍କର ଲୀଳାଖେଳା ମନ ମୋହିନିଏ । ଆଉ ଏ ମହା ସମୁଦ୍ରକୁ ଦେଖିପାରିବେନି । ଅସମୟରେ ତାଙ୍କୁ ଫେରିଯିବାକୁ ହେବ । ତାଙ୍କ ଛାତି ଦୀର୍ଘଶ୍ୱାସରେ ଭରିଗଲା ।

ସେ ନିଜକୁ ସ୍ଥିର କରୁଥିଲେ । ସୁସ୍ଥ ହୋଇ ଆଉ ଥରେ ନିଶ୍ଚିତ ଫେରିଆସିବେ । ଭଗ୍ନ ସ୍ୱାସ୍ଥ୍ୟକୁ ଫେରି ପାଇବା ପାଇଁ ତାଙ୍କୁ ଉପଯୁକ୍ତ ଡାକ୍ତରର ତତ୍ତ୍ୱାବଧାନରେ ରହିବାକୁ ପଡିବ। ଏହା ଏଠି ସମ୍ଭବ ନୁହେଁ । ତାଙ୍କ ଆଖି ସମୁଦ୍ରକୂଳରେ ଉଡୁଥିବା ଟର୍ନ ପକ୍ଷୀମାନଙ୍କ ଉପରକୁ ଚାଲିଗଲା । ଧଳା ପକ୍ଷୀଟି ପାଣି ଧାର ଉପରେ ଉଡିଯାଉଛି । ତଳ ପାଣି ତା'କୁ

ISSN NO.
2582-208X

ଅସୀମ ଲାଗୁନି, ସେ ମୋଟେ ଡରୁନି । ପକ୍ଷୀଟି ଯାଇ ପାଣି ଭିତରେ ଥିବା ଏକ ପଥରର ଚଟାଣରେ ବସିଗଲା । ସେଠି ଆଉ କିଛି ସେହି ପ୍ରଜାତିର ପକ୍ଷୀ ଥିଲେ । ଏକୁଟିଆ ଉଡିଲେ ବି ନିଜ ଲୋକଙ୍କ ପାଖକୁ ଫେରି ଆସିଲେ ମନ ଭିତରେ ବିଶ୍ୱାସ ଭରିଯାଏ ବୋଧେ। ସେମାନେ ଅନେକ ସମୟ ସେମିତି ବସି ରହିଲେ । କମ କଥା, କିନ୍ତୁ ବେଶି ସମୟ କଟିଗଲା ମାଛ ଆଉ ପକ୍ଷୀମାନଙ୍କୁ ଦେଖିଦେଖି ।

ତାପରେ ସେମାନେ ୩୫ କିମି କ୍ୟାମ୍ପ ପହଞ୍ଚିଗଲେ । ଶୋଭନାଙ୍କ ମନ ପାଣ୍ଡାନାସର ବଣ ଦେଖିବାକୁ ଇଚ୍ଛୁକ ହେଉଥିଲା । ସେ ବଣ ଦେଇ ସେମାନେ କେତେଥର ଚାଲିଚାଲି ଯାଇଛନ୍ତି । ବଣର ସବୁଜିମା ତାଙ୍କ ମନକୁ ଧରିନିଏ । ସମୁଦ୍ର ପବନ ଜୋରରେ ପିଟି ହେଉନଥାଏ, ଆଉ ତଳେ କେତେ କେତେ ହର୍ମିଟ କ୍ରାବମାନେ ଚାଲୁଥାନ୍ତି । ଦେଖିବାକୁ ସେମାନେ ମାଛଙ୍କ ଭଳିଆ ସିନା ରଙ୍ଗୀନ ଲାଗନ୍ତି ନାହିଁ ବା ସମୁଦ୍ର ବାଲିରେ ଦୌଡୁଥିବା ପବନା କଙ୍କଡାଙ୍କ ଭଳି କ୍ଷିପ୍ର ଲାଗନ୍ତିନି କିନ୍ତୁ ସେମାନଙ୍କ ଚାଲି ଦେଖି ମନେମନେ ଶୋଭନା ହସି ଉଠନ୍ତି । ବଙ୍କା ଗୋଡଗୁଡାକ ସିଧା ହୋଇଥିଲେ ସେମାନେ ଜୋରରେ ଚାଲୁଥାନ୍ତେ, କିନ୍ତୁ କ'ଣ ପାଇଁ ଭଗବାନ ସେମାନଙ୍କ ଗୋଡକୁ ଅଷ୍ଟବକ୍ର କରିନେଲେ । ସେତିକିରେ ସେମାନେ ଟିକିଏ ଚାଲି ଥକି ଯାଉଥିବେ । ପୁଣି କିଏ ପାଖକୁ ଗଲେ ଗୋଡକୁ ନିଜର ଖୋଳ ଭିତରେ ପୁରାଇ ଗଡିଯାଉଥିବେ । ସର୍କସରେ ଏକ ବାଙ୍ଗରା ଜୋକରର ଚାଲି ଆଉ ଚାଲୁଚାଲୁ ଗଡିଯିବ । ଦେଖି ସମସ୍ତେ ହସି ହସି ଗଡିଯାଆନ୍ତି । ସମସ୍ତଙ୍କୁ ଭଲ ଜିମନାଷ୍ଟ ହେବା କିଛି ଦରକାର ନାହିଁ । ଏକ ସର୍କସରେ ସବୁବେଳେ ଜିମନାଷ୍ଟଙ୍କୁ ଦେଖି ଦେଖି ମଜା ଲାଗନ୍ତାନି । ଜୋକରର ମଧ୍ୟ ଆବଶ୍ୟକତା ଅଛି ।

ଶୋଭନା କ୍ୟାମ୍ପ ପାଖରୁ ବିଚ ପର୍ଯ୍ୟନ୍ତ ବହୁ ସମୟ ପାଣ୍ଡାନାସ ବଣରେ ଚାଲିଚାଲି ଗଲେ । ତାଙ୍କ ମନରେ ପୁରୁଣା ନିଆଁ କଥା ମନେ ପଡୁଥିଲା । ରାସ୍ତା ଧାରରେ କିଛି ଗଛ ପୋଡି ଯାଇଛି ଆଉ ସେଇଟା ସେ କେତେବାର ଦେଖିଛନ୍ତି । ଶୁଖିଲା ପତ୍ରଗୁଡାକ ତଳେ କେବେ ପାଉଁଶ ହୋଇଯାଇଥିଲା ଆଉ ତଳଟା ତଥାପି ଏବେ ବି ଖାଲି ଲାଗୁଥିଲା । କେତେଟା ଗଛ ମରିଯାଇଥିଲା ଓ ସେଥିରେ ନୂଆ ପତ୍ର କଅଁଳିନି । ଅବଶ୍ୟ ସେତେବେଳେ ଝାଉଁଳା ଦେଖାଯାଉଥିବ । ଗଛ କିଛି କଅଁଳି ଆସିଲାଣି । ପାଉଁଶ କେବେଠୁ ଧୋଇଯାଇଛି । କିଛି ପୋଡା ଶୁଖିଲା ଗଛ ତଥାପି ତଳେ ପଡିଛି । ସେମିତି ତଳେ ବହୁତ ଗେଣ୍ଡା, ଶାମୁକାଙ୍କ ଜଳନ୍ତା ଖୋଳ ପଡିଛି । ସେମାନଙ୍କ ଗୋଡମାନ ବାହରି ଆସିଛି, ନିଆଁ ଧାସରୁ ପଳାଇ

ISSN NO.
2582-208X

ପାରିନାହାନ୍ତି । ସେ ଦୃଶ୍ୟ ଦେଖି ସେମାନଙ୍କ ପାଇଁ ଶୋଭନାଙ୍କ ମନରେ ଏବେବି ଦୁଃଖ ହେଉଥିଲା । ସଂସାରର ନିଆଁରେ କିଛି ପକ୍ଷୀ ଉଡିଯାଆନ୍ତି ଆଉ ଏକ ନୀଡ ସନ୍ଧାନରେ, କିଛି ଧିରେ ଚାଲୁଥିବା ଜୀବ ଚାଲୁ ଚାଲୁ ଜଳିଯାଆନ୍ତି । କିଛି ନୂଆ ଜୀବନ ଆସିଯାଏ । ଏବେ ପ୍ରକୃତରେ କଅଁଳି ଆସୁଥିବା ଗଛମାନଙ୍କ ପାଖରେ କେତେଟା ନୂଆ ହର୍ମିଟ କ୍ରାବ ଦେଖାଗଲେଣି । ପାଣ୍ଡାନାସ ବନର ଶୋଭା ପୋଡା ଯାଗାଟାରେ ସିନା ନାହିଁ, ଅନ୍ୟ ଯାଗାରୁ ଜୀବ ଆସି ଏ ନୂଆ ଯାଗାକୁ ଅଧିକାର କରିନେଉଛନ୍ତି । ଆଉ ଦିନ କେଇଟାରେ ପୁରୁଣା ରୂପ ଫେରିଆସିବ । ଶୋଭନାଙ୍କୁ ପବନରେ ଯାହାହେଉ ପୋଡା ଗନ୍ଧ ମିଳୁନଥିଲା ।

ସେ ଶେଷ ଆଡକୁ ଜୋରରେ ଚାଲିଲେ । ଆଗକୁ ସେମାନଙ୍କ ବସୁଥିବା ହଟ୍ । ଅସୀମ ତ କହିଛନ୍ତି ସେ ହଟରେ କିଛି ହୋଇନି । ନିଆଁ ପରେ ମଧ୍ୟ ସେ ହଟକୁ କେତେବାର ଦେଖିଛନ୍ତି । ତଥାପି ଶେଷଥର ପାଇଁ ପରଖି ନେବାକୁ ତାଙ୍କର ଇଚ୍ଛା ହେଉଥିଲା । ତାଙ୍କର ଆଖି ପଥର ଉପରେ ଥିବା କୁଟୀର ଉପରକୁ ଚାଲିଗଲା । "କିଛି ସତରେ ନହୋଇଥାଉ ପ୍ରଭୁ । ନିଆଁର କିଛି ଠିକ ନାହିଁ । ଝୁଲଟିଏ ପଡିଲେ ଶୁଖିଲା ପତରର ଚାଳି କ୍ଷଣକରେ ଜଳିଯିବ । ଆଉ ସମୁଦ୍ରକୂଳରେ ଯେଉଁ ପବନ । ସେଥିରେ ତ ନିଆଁ ଦେଖୁଦେଖୁ ସବୁ ଜାଳି ପାଉଁଶ କରିଦେଇଥିବ ।" ନିଜକୁ ନିଜେ କହି ହେଉଥିଲେ । ତାଙ୍କୁ ଯେମିତି ଲାଗୁଥିଲା ହେଇ କାଲି ନିଆଁ ଲାଗିଥିଲା ।

"ହେ ପ୍ରଭୁ, ହଟ୍‌ର କିଛି ହୋଇନି । ଚାରିପାଖର ଜଙ୍ଗଲର ମଧ୍ୟ କିଛି ହୋଇନି । ତୁମକୁ ଶତଶତ ଧନ୍ୟବାଦ ।" ସେ ନିଜକୁ ନିଜେ କହି ସାନ୍ତ୍ୱନା ଦେଇଚାଲିଲେ । ଏ କୁଟୀର ଦେଖିଲେ ତାଙ୍କର ସଂମ୍ପୂର୍ଣ୍ଣ କ୍ୟାମ୍ପବେଲ ବେ କଥା କେମିତି ମନେ ପଡିଯାଏ । ଏ ହଟରେ ବସି ସେମାନେ ଦୂର ପାଣିକୁ ଅନାଇଛନ୍ତି । କେତେ କେତେ ପାଣି ଯାତ୍ରା କଥା ମନେ ପକାଇଛନ୍ତି । ସମସ୍ତଙ୍କୁ ଭୁଲି ନାଚୁଥିବା ଢେଉକୁ ନିଜ ଜୀବନ ଭିତରକୁ ନେଇ ଆସିଛନ୍ତି । ଥରେ ସେମାନେ ପାଣିରେ ଯାତ୍ରା କରୁଥିଲେ । ପାଣିରେ ତାଙ୍କର ବୋଟ ସେମିତି ନାଚୁଥିଲା। ଆଗରେ ଥିଲା ଏକ ସମୁଦ୍ରକୂଳିଆ ପାହାଡ, ଏକ ପେଣ୍ଡୁଭଳି ଗୋଲ ହୋଇଯାଇଥିଲା । ଲାଗୁଥିଲା ଏକ ହାଫ ସର୍କଲକୁ କିଏ ମାଟି ଉପରେ ଥାପି ଦେଇଛି । ବିଚ ବା ସମୁଦ୍ରକୂଳିଆ ବାଲି ନଥିଲେ ନଥାଉ, କିନ୍ତୁ ଭୂଭାଗର ରୂପ ତାଙ୍କୁ ଚମତ୍କାର ଲାଗେ। ସେମିତି କିଛି ଦିଶୁଥିବ ତାଙ୍କର ଏ ୩୫ କିମି ସମୁଦ୍ରକୂଳ । ସେଇଟା ସେ ପାଣି

ISSN NO.
2582-208X

ଭିତରୁ ଦେଖିନାହାନ୍ତି । ଏପଟେ ପାଣିକୁ ଯାଇନାହାନ୍ତି । ବହୁତ ପଥର ଥିବା ହେତୁ ଅସୀମ ସମୁଦ୍ରକୁ ଏପଟେ ଯାଆନ୍ତି ନାହିଁ ।

ବହୁତ କଥା ଏମିତି ତାଙ୍କର ମନେ ପଡିଯାଉଥିଲା । ଅନେକ ସମୟରେ ସେମାନେ ଗ୍ରେଟ ନିକୋବରକୁ ଲାଗିଥିବା ଛୋଟ ଛୋଟ ଦ୍ୱୀପକୁ ଚାଲିଯାଉଥିଲେ । ସେମିତି ଥରେ ଏକ ଛୋଟ ଦ୍ୱୀପକୁ ଚାଲିଗଲେ । ଠିକକରି ମନେ ପଡୁନି, ବୋଧହୁଏ କାବ୍ରା ଦ୍ୱୀପ । କୂଳରେ ଏକ ଗଛରେ ଥିଲା କମଳା ରଙ୍ଗର ଏକ କପ ଆକାରର ଫୁଲ । ଫୁଲ ଭିତରୁ ପରାଗର ବୃନ୍ତ ସବୁ ବାହାରି ଆସିଥିଲା । ସେ ଫୁଲର ସତେଜତା ଆଉ ରଙ୍ଗ ଥିଲା ଚମତ୍କାର । ସମୁଦ୍ରକୂଳିଆ ଫୁଲ, ଗଛ ସବୁ ଅତି ସତେଜ ଲାଗନ୍ତି । ତାଙ୍କ ଆଖି ସେହି ଫୁଲକୁ ପ୍ରଶଂସା କରିଚାଲୁଥିଲା । ସେ ସବୁବେଳେ ସେହି କମଳା ଫୁଲଭଳି ସତେଜ, ସୁନ୍ଦର ରହିବେ । ଫୁଲର ନାଁ ତାଙ୍କୁ ଜଣା ନଥିଲା । ସେମିତି ତାଙ୍କୁ କେହି ନଜାଣନ୍ତୁ ପଛକେ, ସେ ସତେଜ ଆଉ ସୁନ୍ଦର ନିଜ ଭିତରେ ରହିବେ । ମଣିଷ କ'ଣ ନିଜେ ଏକ ଦ୍ୱୀପ ନୁହେଁ କି? ନିଜ ଚାରିପାଖରେ ଭାବନାର ସମୁଦ୍ର ଅଛି, ଆଶାର ସମୁଦ୍ର ଅଛି । ମଣିଷ ଏକ ଦ୍ୱୀପ ତ ନିଶ୍ଚିତ। ସେ ଭିତରେ କେତେ ସୁନ୍ଦର ଫୁଲ ଫୁଟିଥିବ । ସେ ନିଜ ଭିତରେ ସମୁଦ୍ରକୂଳରେ ହଲୁଥିବା ସତେଜ ଫୁଲକୁ ଖୋଜିବେ ଆଉ ସେ ଫୁଲକୁ ଏମିତିଆ ଏକ ଏକ ଦ୍ୱୀପରେ ଆବିଷ୍କାର କରିବେ ।

"ମୋର କିଛି ହେବନି ଅସୀମ । ତୁମେ ମୋ ପାଖରେ ଅଛ ।"– ଶୋଭନା ବହୁ ସମୟ ପରେ କହିଲେ । ତାଙ୍କ ଆଖିରେ ମନ ଭିତରର ସେହି ସୁନ୍ଦର କମଳା ରଙ୍ଗର ଫୁଲଟି ନାଚୁଥିଲା । ତାଙ୍କୁ ମନ ଭିତରେ ସତେଜ ରହିବାର ଅଛି । ନିଜ ଭିତରକୁ ନପାଇବାର ହତାଶାର ଭାବ ଆଣିବାର ନାହିଁ ।

"ଆମ କୁଟୀରକୁ ଦେଖୁଛ । କିଛି ହୋଇନି । ଏତେ ସୁନ୍ଦର ହଟ୍ ମୋ ପାଇଁ ତୁମେ ପରା ତିଆରି କରିଥିଲ । ଦେଖୁଛ କେଡେ ବଡ ବଡ ଲହଡଡି ଭାଙ୍ଗି ପଡୁଛି । କିଛି ହେଉନି ଅସୀମ । ପାଣି ଆମ ପାଦକୁ ଧୋଇ ଚାଲିଯାଉଛି ।"

"ଏ ଲହଡି ଆଗରେ ହାତୀଟିଏ ମଧ୍ୟ ଠିଆ ହୋଇପାରିବନି । କିନ୍ତୁ ଆମେ ଠିଆ ହୋଇଛେ। କିଛି ହେଉନି ଅସୀମ ।"

ISSN NO.
2582-208X

"ପ୍ରବଳ ସମୁଦ୍ର ଆମକୁ କେବଳ ପାଦରେ ଧୋଇ ଦେଉଛି ଅସୀମ । ଆମେ ସମସ୍ତଙ୍କ ଠାରୁ ଆଗରେ ଠିଆ ହୋଇଛେ । ସବୁ ଭଙ୍ଗା ଢେଉ ଆମର ପଛରେ । ଆମ ଆଗରେ ଅଛି ମହାସମୁଦ୍ର । ସେ ସମୁଦ୍ର କେବଳ ଆମର ଅସୀମ ।"– ଶୋଭନା ବାକ୍ୟମାନ ରହିରହି କହିଚାଲୁଥିଲେ ।

ଅସୀମ ନୀଳ ସମୁଦ୍ରକୁ ଅନାଇଲେ । ତାଙ୍କ ମନ ଭାରି ହୋଇଯାଉଥିଲା । ଦୂର ଯାଗାରେ କେଉଁଠି ପାଣି ଭିତରରର ମୁଣ୍ଡିଆଟିକୁ ଦେଖି ଦିନେ ଜେମସ ଡରିଯାଇଥିଲା । କେବଳ ମୁଣ୍ଡିଆଟିଏ । ସେଇଠୁ ଅନେକ ଦୂରକୁ ଚାଲିଗଲେ କିଛି ହେବନି । ମନ ଭିତରେ ସେ ଡର ଆଣିବେନି । ଡରର ପଥରଠାରୁ ନିଜର ଜୀବନର ଜାହାଜକୁ ଦୂରରେ ରଖିବେ । କେବଳ ଅନନ୍ତ ଗଭୀର ନୀଳ ପାଣି ଦେଖାଯିବ ତାଙ୍କର ଦୃଷ୍ଟିର ଆଗରେ । ସେ ଶୋଭନାଙ୍କ ହାତକୁ ନରମରେ ଧରିନେଲେ । ଶୋଭନାଙ୍କ ମନ ଭିତରର କମ୍ପନ ତାଙ୍କ ଭିତରକୁ ଚାଲିଆସୁ । ଶୋଭନା ଟିକେ ସ୍ଥିର ହେବେ । ଦୁଃଖ ବାଣ୍ଟିନେଲେ ଦୁଃଖ ଅଧା ହୋଇଯାଏ ।

"ଚାଲୁଛ ଯେ ମୋ ସାଥେ ପାଦକୁ ମିଳାଇ, କେମିତି ଜଳିବ କୁହ ଆମ ପତ୍ରର କୁଟୀର । ଧୋଉଅଛି ଆମ ପାଦକୁ ଯେବେ ମହାସାଗରର ଜଳ, କେମିତି ହଜିବ କୁହ ଆମ ପାଦଛାପ ?" –ଶୋଭନା ସେମାନଙ୍କ ତିଆରି ପୁରୁଣା ଗୀତମାନଙ୍କୁ ମନେ ପକାଇ ଗାଇହେଲେ । ତାଙ୍କର ମନ ଭିତରେ କ୍ଷଣେପାଇଁ ହାଓ୍ୱାବିଲର ସ୍ଫୂର୍ତ୍ତୀ ଆସିଗଲା । ହାଓ୍ୱାବିଲ ମୋଟେ ଯେ ଥକେନା, ସେମିତି ପବନରେ ଉଡୁଥାଏ । ଶରୀର କିନ୍ତୁ ସୁସ୍ଥ ହେଉନଥିଲା

ଶେଷରେ ଶୋଭନା କ୍ୟାମ୍ପବେଲ ବେରେ ନିଜର ସବୁ ପାଖଲୋକଙ୍କ ଠାରୁ ବିଦାୟ ନେଇ ଜାହାଜ ଚଢିଲେ । ସମସ୍ତଙ୍କ ମନ ଦୁଃଖ ଥିଲା । ଶୋଭନା ନିଜର ଠେକୁଆମାନଙ୍କୁ ଶେଷଥର ପାଇଁ ଆଉଷି ଦେଲେ । ଚିଲ ତାଙ୍କୁ କେତେ ଚାଟିଥିଲା । ପାରାମାନେ ଖାଇ କିଛି ବୁଝିନପାରି ସେମିତି ଗୁମୁରି ଚାଲିଥିଲେ । ତାଙ୍କର ଆଖି ଛଳଛଳ ହୋଇଯାଇଥିଲା । ଏ ନିରୀହ ଜୀବଙ୍କର ଖାଇବାରେ, ଦେଖାଶୁଣାରେ ଯେମିତି କମ ନହୁଏ ସେଇଥି ପାଇଁ ବାବୁରାଓ ଓ ଜାନକୀକୁ ବେଶି ଅନୁରୋଧ କରିଥିଲେ । ସେମାନେ ନୀରବରେ ମୁଣ୍ଡ ଟୁଙ୍ଗାରିଥିଲେ । ଜେଟ୍ଟିରେ ଶେଷଦିନ ରବିକିରଣ ପିଲାଇ ଭଳି କଠିନ ଲୋକ ମଧ୍ୟ ଶୋଭନାଙ୍କୁ ବିଦାୟ ଦେଲେ ଆଉ ମାଡାମ୍‌ଙ୍କୁ ଏକ ବେଶ ଜୋରଦାର ସାଲ୍ୟୁଟ ମାରିଥିଲେ । ମାଡାମ୍ ଦିନେ ଏମିତି କିଛି କରିନାହାନ୍ତି ଯେଉଁଥିପାଇଁ ତାଙ୍କୁ ରବିକିରଣ ସାଲ୍ୟୁଟ ମାରିବେ,

ISSN NO.
2582-208X

ତା ଛଡା ସେ ମଧ୍ୟ କେଉଁ ପଦାଧିକାରୀ ନୁହଁନ୍ତି । ଏ ସବୁ ନିୟମ ରବିକିରଣ ଜାଣିଥିବେ। ତଥାପି ମାଡାମ୍‌ଙ୍କ ପାଇଁ ରବିକିରଣଙ୍କର ସାଲ୍ୟୁଟ ଥିଲା । ଏତେ ଜୋର ଶବ୍ଦରେ ନିଜ ଭିତରର ସବୁ ଜମାଟ ତରଳି ଯାଏ । ରବିକିରଣ ବୁଲିପଡି ମୁଣ୍ଡ ସିଧାକରି ତଳକୁ ଓହ୍ଲାଇ ଯାଇଥଲେ । ଶୋଭନାଙ୍କ ହାତ ମନକୁ ମନ ଉପରକୁ ସାଲ୍ୟୁଟ ମାରିବାକୁ ଉଠିଯାଇଥିଲା ।

ଜାହାଜରେ ଯିବାବେଳେ ସୱାୟା କାମୋର୍ଟରେ ଦେଖାହେଲେ । ସେଇଠି ଯିବା ସମୟରେ ଜାହାଜ କିଛି ସମୟ ରୁହେ । ସକାଳେ କ୍ୟାମ୍ପବେଲ ବେରୁ ଜାହାଜ ପହଞ୍ଚିଯାଏ ଆଉ ମଧ୍ୟାହ୍ନ ପର୍ଯ୍ୟନ୍ତ ଠିଆ ହୋଇଥାଏ । ତା'ପରେ କଚ୍ଛାଲକୁ ଜାହାଜ ଯାଏ ଆଉ ସେଠାରୁ ଜାହାଜ ରାତିରେ ଛାଡେ । ଶୋଭନା ଫେରିଯାଉଛନ୍ତି ବୋଲି ବୁଢାଙ୍କ ମନେ ଦୁଃଖ ହୋଇଥିଲା । ତାଙ୍କର ବୟସ ଶୋଭନାଙ୍କ ବାପାଙ୍କ ବୟସ ହେବ । ବୁଢା ରେଞ୍ଜର ଶୋଭନା ଆଉ ଅସୀମଙ୍କୁ ସ୍ନେହ କରନ୍ତି । ତାଙ୍କ ପାଖରେ ସେମିତି କିଛି ନଥାଏ । ପାଖରେ ଗାଡିଟିଏ ମଧ୍ୟ ନାହିଁ । କାମୋର୍ଟାରେ ସେମିତି କିଛି କାମ ନାହିଁ । ଷ୍ଟାଫ ବୋଲି ଚାରିଜଣ ମାତ୍ର । ତଥାପି ଯେବେ ଶୋଭନା ଆସିଛନ୍ତି ସୱାୟା ବଡ ସ୍ନେହର ସହ ତାଙ୍କୁ ସତ୍କାର କରିଛନ୍ତି । ମଝିରେ ମଝିରେ ପାଖ ଯାଗାକୁ ବୁଲାଇ ନେଇଛନ୍ତି । ବୁଲିବାକୁ ଏଠି ପାର୍କ, ମନ୍ଦିର ବା ସେମିତି ନାମୀ ଜାଗା ନାହିଁ । କେବଳ ପ୍ରକୃତି ଦତ୍ତ କିଛି ସ୍ଥାନ । ସାଧାରଣ ଲୋକ ସେଠି କିଛି ଖୋଜି ପାଇବେନି । କିନ୍ତୁ ଅସୀମ ଆଉ ଶୋଭନା ମନ ଖୁସିରେ ଯାଆନ୍ତି । ବହୁ ସମୟ ଚାଲିଚାଲି ଯିବାକୁ ପଡେ । ବେଶି ଦୂର ହେଲେ ସୱାୟା କାହାକୁ କହି ଜିପଟିଏ ଯୋଗାଡ କରନ୍ତି । ସେତିକି କରିବାକୁ ସୱାୟାଙ୍କୁ ବହୁତ କଷ୍ଟ କରିବାକୁ ପଡୁଥିବ ।

"କାମୋର୍ଟାର ଆପଣଙ୍କ ଗ୍ରାସ ଲ୍ୟାଣ୍ଡ କେମିତି ଅଛି ?"– ଶୋଭନା ସୱାୟାଙ୍କୁ ପଚାରିଲେ।

ଗ୍ରାସ ଲ୍ୟାଣ୍ଡ କାମୋର୍ଟାର ଏକ ବଡ ପରିଚୟ ଥିଲା । ରାସ୍ତା ହିସାବରେ ପ୍ରାୟ ୬ କିମିରୁ ଆରମ୍ଭ ହୋଇ ୧୧କିମିରେ ସରିଯାଇଛି । ଏଠି ବହୁ ନୂଆ ସ୍ଥାନ ପିଡବ୍ଲୁଡି ରାସ୍ତାର ଦୂରତା ହିସାବରେ ଚିହ୍ନା ଯାଉଛି । ବୋଧେ ୟୁରୋପୀୟ ଡଚମାନେ ଥିଲାବେଳେ ଏଠାରେ ଜଙ୍ଗଲ ସଫାକରି ଗ୍ରାସ ଲ୍ୟାଣ୍ଡ ତିଆରି କରିଥିଲେ ଆଉ ସେଠାରେ ଗୋପାଳନ ଇତ୍ୟାଦି କରିଥିଲେ। ସେମାନେ ସମୟକ୍ରମେ କାମୋର୍ଟାରୁ ଚାଲିଗଲେ । ସେହି ବିରାଟ ଗ୍ରାସ ଲ୍ୟାଣ୍ଡ ବା ଘାସୁଆ ଜମି ରହିଗଲା । ସେଇଠି ଅନେକ ଅରଣା ହୋଇଯାଇଥିବା ଗୋରୁମାନେ ଅଛନ୍ତି । ଗ୍ରାସଲ୍ୟାଣ୍ଡ ଦେଖିବାକୁ ସୁନ୍ଦର ଲାଗେ । ଆଉ ଆଗଭଳି ଦେଖାରଖା ହେଉନି ।

ISSN NO.
2582-208X

ଏବେ ଗୋପାଳନ କରାଯାଉନି । ତେଣୁ ଘାସ ବଡ ହୋଇଯାଇଛି । କେଉଁଠି ଘାସରେ ଫୁଲ ଫୁଟିଯାଇଥାଏ । ସେ ଭିତରେ ଦିନେ ସେ ଆଉ ଅସୀମ ଫଟୋ ଉଠାଇଥିଲେ । ଅସୀମ ତ ଆଖିରେ କଳା ଚଷମା ଦେଇଥିଲେ ଆଉ ମୁଣ୍ଡରେ ଆରବୀଙ୍କ ଭଳି ଧଳା ଗାମୁଛା ଗୁଡାଇ ଦେଇଥିଲେ । ସେ ମଧ୍ୟ ଏକ କଳା ଚଷାମା ଲଗାଇଥିଲେ । ଦୁହିଁଙ୍କୁ ଦେଖିଲେ ଲାଗୁଥିଲା ଦୂର କେଉଁ ଦେଶରେ ଅଛନ୍ତି, ସଂମ୍ପୂର୍ଣ ଅଜଣା ଅଞ୍ଚଳ । ଫଟୋ କେତେ ଅଲଗା ଫିଲିଙ୍ଗ ନେଇଆସେ ।

"ମାଡାମ୍, ଛୋଟା ଆଇନାକ ଗ୍ରାମର ବୁଢୀ ଆପଣଙ୍କ କଥା ମନେ ପକାଉଥିଲା ।"- ସଓ୍ୱାୟା ଶୋଭନାଙ୍କୁ ଏକ ପୁରୁଣା କଥା ମନେପକାଇ ଦେଲେ । ଶୋଭନାଙ୍କ ଶୁଖି ଆସୁଥିବା ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଏକ ଭଲ କଥା ମନେ ପଡିଲେ ମନକୁ ମନ ଖୁସି ଶରୀରରେ ଦୌଡିଯାଏ । ଆଗରୁ ଥରେ ସେମାନେ କାମୋର୍ଟାର ଆଖପାଖ ଅଞ୍ଚଳ ବୁଲିବାକୁ ଯାଇଥିଲେ । ସେମାନଙ୍କର ଯାତ୍ରା ଯାହା ଶିପ ବା ଜାହାଜ ରହିବା ସମୟରେ । ଅନ୍ୟଥା ଦୂର ଦ୍ୱୀପକୁ ଯିବା ପାଇଁ ସେମାନଙ୍କ ପାଖରେ ଆଉ କିଛି ଉପଯୁକ୍ତ ସାଧନ ନାହିଁ। ଶିପ କିଛି ସମୟ ଅଟକିଥିଲା । ସଓ୍ୱାୟ ସେମାନଙ୍କୁ ପାଖର ଛୋଟା ଆଇନାକ, ବଡା ଆଇନା ଇତ୍ୟାଦି ଗାଁକୁ ବୁଲାଇବାକୁ ନେଇଯାଇଥିଲେ । ଶୋଭନା ସେ କଥା ମନେ ପକାଉଥିଲେ ।

ସେଦିନ ଦ୍ୱୀପର କମ ପାଣିରେ ଲମ୍ବା ବାଉଁଶ ପୋତାଯାଇଥିଲା । ସେଥିରେ କିଛି ପତାକା, କିଛି ପତ୍ର ଆଦି ଲଗାଯାଇଥିଲା । ଏବେ ପବନର ଗତି ବଦଳି ଗଲାଣି । ସେଇ କଥା ତା'କୁ ସଓ୍ୱାୟା ଆଉ କିଛି ନିକୋବରୀ ଷ୍ଟାଫ ସେଦିନ କହିଦେଇଥିଲେ ।

"ଅସୀମ, ପବନର ଦିଗ ବଦଳିଯାଉଛି ।"- ଶୋଭନା ସେହି କଥା ମନେପକାଇ କହିଲେ। ତାଙ୍କ ଆଖି ତଳେ ସାମାନ୍ୟ କାଳିଚିଆ ଦାଗ ଦେଖାଯାଉଥିଲା । ଅସୀମଙ୍କ ମନ ଦୁଃଖ ହେଉଥିଲା ।

ଶୋଭନା ତାଙ୍କ ଦେଖା ପୁରୁଣା ଜାଗାମାନଙ୍କ କଥା ମନେ ପକାଉଥିଲେ । କାମୋର୍ଟା ରେଞ୍ଜ ଅଫିସରୁ କିଛି ଦୂରରେ ଛୋଟା ଆଇନାକ ଗ୍ରାମରେ ଆଉ ବଡା ଆଇନକ ଗ୍ରାମ । ଗାଁରେ ସେମିତି କିଛି ନାହିଁ । କିନ୍ତୁ ସେମାନେ ଏକ ନିକୋବରୀ ଘରେ ପହଞ୍ଚିଗଲେ । ସଓ୍ୱାୟା ଆଉ ଷ୍ଟାଫ ସେମାନଙ୍କ ପରିଚୟ ଘରର ଲୋକମାନଙ୍କ ସହ କରାଇଦେଇଥିଲେ ।

ISSN NO.
2582-208X

ଶୋଭନା ଘରର ସବୁଠାରୁ ବୟସ୍କା ବୁଢୀଙ୍କ ସହ କଥାବାର୍ତ୍ତା ହେଉଥିଲେ । ଦେହପା, ଖାଇବା ଏମିତି କିଛି ସାଧାରଣ କଥା ପଚାରିଥିଲେ । ବୁଢୀ ଶୋଭନାଙ୍କ ବ୍ୟବହାରରେ ଖୁସି ହୋଇଯାଇଥିଲେ । ଆଉ ଛୋଟା ଆଇନାକ ଗ୍ରାମର ସେହି ନିକୋବରି ବୁଢୀ ଖୁସି ହୋଇ ଶୋଭନାଙ୍କ ମୁଣ୍ଡରେ ଅଣ୍ଡା ଭାଙ୍ଗିବାକୁ ଏକ ଅଣ୍ଡା ହାତରେ ନେଇଆସିଲେ । କିନ୍ତୁ ଷ୍ଟାଫମାନେ ଅଟକାଇ ଦେଇଥିଲେ । ଶୋଭନା କିଛି ବୁଝିପାରିନଥିଲେ ।

"ମାଡାମ୍ ସେ ବୁଢୀ ତୁମକୁ ବହୁତ ଭଲ ପାଉଛି । ତେଣୁ ସେ ତୁମ ମୁଣ୍ଡରେ ଏକ ଅଣ୍ଡା ଭାଙ୍ଗିବାକୁ ଯାଉଥିଲା ।"- ନିକୋବରୀ ଷ୍ଟାଫଜଣକ ସେଦିନ କହିଥିଲେ ।

ଶୋଭନା ସେଦିନ ଶିହରି ଯାଇଥିଲେ । କିନ୍ତୁ ଏକ ନିକୋବରୀ ବୁଢୀ ତାଙ୍କୁ ଝିଅ ବା ନାତୁଣି ହିସାବରେ ସ୍ନେହ ଦେଉଥିଲା । କେହି କାହା ଭାଷା ବୁଝି ପାରୁନାହାନ୍ତି । କିନ୍ତୁ ଜଣେ ଜଣଙ୍କୁ କିଛି ସମୟ ପରେ ହେଉ ବୁଝିବାକୁ, ସ୍ନେହ ଦେବାକୁ ଚେଷ୍ଟା କରୁଛି । ଏକ ବୁଢୀ ପାଖରେ ନାତୁଣୀ ଯେ ଏକ ରାଣୀ । ଆଉ ସେଦିନ ସେ ଜାଣିଥିଲେ ଏଠି ଚାମ୍ପିନ ଗ୍ରାମରେ ଜଣେ ରାଣୀ ଅଛନ୍ତି । ସେହି ରାଣୀ କାଳେ ସମସ୍ତଙ୍କର ଅତି ପ୍ରିୟ । କଚାଲ ଦ୍ୱୀପରେ ମଧ୍ୟ ଏକ ରାଣୀ ଅଛନ୍ତି । ସେ ରେଞ୍ଜ ଅଫିସର ବିମଲଙ୍କର ମା' । ରାଣୀ ହିସାବରେ ସେମାନଙ୍କର ସମାଜରେ ବେଶ ଖାତିର ଅଛି । ରାଣୀ ଭଳି କିଛି ବଡ ମହଲ ବା ଧନ ଦୌଲତ ନାହିଁ । କିନ୍ତୁ ମନ ବିଶାଳ ଥିବ । ଶୋଭନାଙ୍କୁ ସେଦିନ ଲାଗିଥିଲା ସେହି ନିକୋବରୀ ବୁଢୀ ମହିଳାଟି ଏକ ଜଗତର ମହାନ ରାଣୀ । ସେ ତାଙ୍କୁ ନାତୁଣୀ ଭଳି ସ୍ନେହ ଦେଇ ଏକ ରାଣୀ କରି ତ ଦେଉଛି । ନାରୀ, ମଣିଷ କେଉଁଠି ବି ଥାଉ । ମନରେ ସ୍ନେହ, ସମ୍ମାନ ଥିଲେ ଜଣେ ଜଣଙ୍କୁ ବୁଝିପାରେ ଆଉ ଆଦର କରିବାରେ ଲାଗିଯାଏ । ଶୋଭନାଙ୍କ ଆଖିରେ ସେହି ନିକୋବରୀ ବୁଢୀର ସ୍ନେହପୂର୍ଣ୍ଣ ମୁହଁ ଭାସିଉଠିଲା ।

ସମୟ ସରି ଯାଉଥିଲା । ଜାହାଜର ପୁଙ୍ଗାର ଡାକ ଆସିଲାଣି । ଶୋଭନା ଆଉ ଅସୀମଙ୍କୁ ସତ୍ତାୟା ଜାହାଜ ଉପରେ ବଳାଇ ଦେଇ ଆସିଲେ । ଶୋଭନାଙ୍କ ଆଖି ଛଳଛଳ ହୋଇଯାଉଥିଲା । ତାଙ୍କ ଇଚ୍ଛା ହେଉଥିଲା ବୁଢାଙ୍କ ପାଦ ଛୁଇଁ ପ୍ରଣାମ କରନ୍ତେ, ତାଙ୍କ ସ୍ନେହ ସୌହାର୍ଦ୍ଦ ଆଉ ଆତିଥ୍ୟ ପାଇଁ ତାଙ୍କୁ ବହୁତ ଧନ୍ୟବାଦ ଦିଅନ୍ତେ । କିନ୍ତୁ ଅସୀମଙ୍କ ଆଗରେ ସେ ତାହା କରିପାରିବେ ନାହିଁ । କିନ୍ତୁ ମନେମନେ ସେ ସତ୍ତାୟାଙ୍କ ପାଦ ଛୁଇଁ ପ୍ରଣାମ କଲେ । ତାଙ୍କ ସଂସ୍କୃତିରେ ପାଦ ଛୁଇଁ ପ୍ରଣାମ କରିବାର ପ୍ରଥା ଅଛି ।

ISSN NO.
2582-208X

"ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ, ରେଞ୍ଜର ସାବ୍ । – ଶୋଭନା ଶେଷରେ କହିଲେ । ତାଙ୍କ ସ୍ୱର ରୁଦ୍ଧ ହୋଇଯାଉଥିଲା ।

"ଆପଣ ଭଲ ହୋଇ ଶୀଘ୍ର ଫେରି ଆସନ୍ତୁ ।"– ବୁଢା ଏତିକି କହି ତଳକୁ ଓହ୍ଲାଇ ଗଲେ । ସେ ଅସୀମଙ୍କୁ ସାଲ୍ୟୁଟ ମଧ୍ୟ ମାରି ପାରିଲେ ନାହିଁ । ବୁଢା ଚାହିଁଲେ ମଧ୍ୟ ଠିଆ ହୋଇ ପାରିନଥାନ୍ତେ । ଅସୀମ ବୁଢାଙ୍କ ଆଖି କୋଣରେ ଜକେଇ ଆସୁଥିବା ଲୁହକୁ ଦେଖିପାରୁଥିଲେ ।

(((-)))

 କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ୍, କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ନବ ଯୌବନ ବେଶରେ ମହାପ୍ରଭୁଙ୍କ ଦର୍ଶନ



ଡ. ଶଶଧର ମହାପାତ୍ର

ସ୍ନାନ ପୂର୍ଣ୍ଣମୀରେ ସ୍ନାନ ବେଦୀଠାରୁ
ସ୍ନାନକାମ ସାରିଗଲ
ଶ୍ରୀମନ୍ଦିରରେ କବାଟ କିଳିକି
ଜରହେଲା, ଶୋଇଗଲ
ସେବାୟତମାନେ ମନଦୁଃଖକରି
ଲାଗିଲେ ତୁମ ସେବାରେ
ତୁମ ବୈଦ୍ୟ ଆସି ଜଡିବୁଟି ଦେଇ
ଲାଗିଗଲେ ଚିକିତ୍ସାରେ
ବୈଦ୍ୟରାଜ ତୁମ ଜର କଥା ଶୁଣି
ଆଣିଲେ ଫୁଲୁରି ତେଲ
ଘଷିଘଷି ଦେହେ ହାତ ଛିଡିଗଲା
ତୁମେ ହେଇଗଲ ଭଲ
ପନ୍ଦରଟା ଦିନ ଶ୍ରୀମନ୍ଦିରରେ
ନୀତିକାନ୍ତି ବନ୍ଦ୍ ସବୁ
ଫଳ ଓ ଫୁଲୁରି, ପଣା, ପଥି ଖାଇ
ସୁସ୍ଥହେଲ ମହାପ୍ରଭୁ
ତୁମ ଭଲ ଲାଗି ତୁମ ସେବାୟତ
ମୋଦକ କଲେ ତିଆରି
କେଉଁ ନରାଧମ କେଉଁଆଡୁ ଆସି
ମୋଦକକୁ କଲା ଚୋରି
ଖଇଫୁଟା ଜର, କାଳିଆ କଂପୁଛି

ISSN NO.
2582-208X

ମାପିଦେଲେ ଶହେ ଚାରି
କିଏ କହେ ପରା ମୋଦକକୁ ନେଲା
କିଣି ଦୀଘାର ବେପାରି
ଫୁସୁରା ଫୁସୁରି ହେଉଛନ୍ତି ଲୋକେ
କହନ୍ତି ଏ' ଟଙ୍କା ଖେଳ
ବଡଅଙ୍କ ଲାଗି କାରବାର ହେବା
ଦିଶୁଅଛି ଜଳଜଳ
ତୁମପାଇଁ ପ୍ରଭୁ ରାଜନୀତି ଚାଲେ
ଚାଲେ ଚୋରା କାରବାର
ଚାହୁଁଚାହୁଁ ଏଠି କଛା ଖୋଲିଦେବେ
ଏ' କଥା ବିଚାର କର
ଅଣସର ଘରେ ଏତେଦିନ ରହି
ଗୁପ୍ତ ସେବା ପାଉଥିଲ
ବାହାନା ଦେଖେଇ ଜ୍ୱରହେଲା କହି
ଭକତଙ୍କୁ ଭୁଲିଗଲ
ଯେଉଁ ଭକ୍ତମାନେ ଆସିଲେ ମନ୍ଦିର
ପଛି ଦିଅଁ ଦେଖି ଗଲେ
ଦର୍ଶନ ନପାଇ ଅବଡା ନଖାଇ
ମନଦୁଃଖ କରୁଥିଲେ
ସାରା ବ୍ରହ୍ମାଣ୍ଡ ଅନେଇ ବସିଛି
କେମିତି କଟିବ ଦିନ
ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ
ହେବ ନବଯୌବନ ଦର୍ଶନ
ସେ' ଚକା ଆଖିରେ କି ମହିମା ଅଛି
ଭୁଲାଇ ଦିଏତ ମନ
ଯେ ଥରେ ଦେଖିଛି ମନ ବଳାଇଛି
ଦିନେ ନୁହେଁ ସବୁଦିନ
ନବ ଯଉବନ ବେଶ ଦେଧିବାକୁ
ଭକ୍ତ ଆସେ କେତେଦୂରୁ

ISSN NO.
2582-208X

ବ୍ରତ ଉପବାସ କିଏ ରଖିଥାଏ
ଲୁହ ଝରେ ନୟନରୁ
ଅପାଦେ ତୋହର ଶରଣ ପଶନ୍ତି
ତୁ ପରା ଜୀବନ ଧନ
ନାହିଁ ବାହୁ କିନ୍ତୁ ମହାବାହୁ ଡାକି
ପଶନ୍ତି ତୋର ଶରଣ
ତୁମର ଏହି ମାନବୀୟ ଲୀଳା
ଚାଲୁଅଛି, ଚାଲୁଥିବ
ଯେତେଦିନ ଧରି ଶ୍ରୀକ୍ଷେତ୍ର ଥିବ
(ଆଉ) ତୁମେ ସେଠି ବସିଥିବ
ତୋର ଘୋଷଯାତ ଦେଖିବାକୁ ମନ
ହେଲା ମୋର ହାଇଁପାଇଁ
ଏତେ ଦୂରେ ଥାଇ ମନମାରି ଦେଲି
ମନକୁ ବୁଝେଇ ଦେଇ
ମୋ' ମନରଥ "ନନ୍ଦିଘୋଷେ' ବସି
ଚଳାଉଛୁ ଦିନ ରାତି
କେତେଦିନ ରଥ ଚାଲିବ ତୁ ଜାଣୁ
ତୁ ପରା ଜଗତପତି
ତୋତେ ଦେଖିଦେଲେ ତୋ' ଶ୍ରୀକ୍ଷେତ୍ରରେ
ଲାଗେ ମୋତେ ସ୍ୱର୍ଗପୁର
ସବୁ ଭୁଲିଯାଏ କିଛି ମାଗିବାକୁ
ମନ ଥାଏ ଭରପୂର

(((-)))

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୭୭୦୦୨

ISSN NO.
2582-208X

# ଏଇତ ଜୀବନ



ପୁଷ୍ପାଞ୍ଜଳି ମିଶ୍ର

ଆମ ଏ ଜୀବନ ସାତ ସୁରେ ବନ୍ଧା
ସା ରେ ଗା ମା ସୁର ପରି
ଝରିଯାଏ ପ୍ରେମ ପ୍ରୀତି
ରାଗ ମଲ୍ହାର ସୁର ତାଳ ଦେଇ
ଚାଲିଥାଏ ଅବିରତ
ପ୍ରେମ ପ୍ରଣୟ ର ଦୀପ ଶିଖା ଟିଏ
ଜଳୁଥାଏ ଦୁକୁ ଦୁକୁ
ଧର୍ମ ରେ କର୍ମ ରେ ପ୍ରବୀଣ ଆମେ
ଆଶା ଆଲୋକ ର ମହକ ନେଇ
ଜୀବନ ଯମୁନା ହୁଏ ଆନମନା
ସାତ ସୁରେ ବନ୍ଧା ଏ କାହାଣୀ
ମିଠା ସମ୍ପର୍କ ରେ ବନ୍ଧା ଆମେ ଏଠି
ଗୋଟିଏ ଡୋରୀରେ ସଭିଏଁ ଛନ୍ଦା
ହୃଦୟ ତନ୍ତ୍ରୀରେ ମନ କାନନରେ
ସ୍ନେହ ପ୍ରେମ ପ୍ରୀତି ଶାନ୍ତି ରେ
ମନ ଭାବନା ରେ ଆଣିବା ନିତି
ନୂଆ ନୂଆ ଚିନ୍ତାଧାରା
ପ୍ରଜାପତି ପରି ଚଳ ଚଞ୍ଚଳ

ISSN NO.
2582-208X

ଘୁରି ଘୁରି ବୁଲୁଥିବା
ଭାବର ଆବେଗ ଚାରୁ ଚୁମ୍ବନ
ଆଶା ସପନର ରାଜଜେମା
ମନ କାନନର ମଧୂର ବୀଣା ରେ
ରୋମାଞ୍ଚିତ ତନୁ ମନ
ରାଗ ହିଂସା ମାନ ଅଭିମାନ
ସବୁ କୁ ଭୁଲି ନୁଆ ସକାଳ ର ସୁନେଲୀ ସ୍ୱପ୍ନ କୁ
ଖୁସିରେ ସାଉଁଟି ନେବା
ସଭିଙ୍କୁ ବାନ୍ଧି ବା ସେନେହ ଡୋରୀରେ
ସାତସୁରେ ଆମ ଜୀବନ ବନ୍ଧା

(((-)))

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

ବେଦାନ୍ତି

# ଆଲୋ
# ସଖୀ ଆପଣା ମହତ
# ଆପେ ରଖି



ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ

ପ୍ରବନ୍ଧର ଶୀର୍ଷକଟି ସମସ୍ତ ପାଠକ ପାଠିକାଙ୍କୁ ସ୍ତମ୍ଭୀଭୂତ କରିପାରେ । ସମ୍ପ୍ରତି ଆମ ଭାଷା ଓ ସାହିତ୍ୟ ପ୍ରତି ଝାଡଖଣ୍ଡ ସରକାରଙ୍କର ଅସୂୟା ଭାବ ଯେଉଁଭଳି ଭାବରେ ବଢି ଚାଲିଛି, ତାହା ଏକ ଅମାନବୀୟ କାର୍ଯ୍ୟ ବୋଲି କୁହାଯାଇପାରେ ।

ଆମର ଭାଷା ଟିଏ ଅଛିବୋଲି ଆଜି ଭୂମିଟିଏ ପାଇଛୁ ।ଆମର ଭାଷା ନ ଥିଲେ ଆମେ ଆଜି ଦିନରେ ଗର୍ବର ସହିତ ଓଡିଆ ବୋଲି କହି ନଥାନ୍ତୁ । ୧୯୦୩ ମସିହା କଥା ମନେ ପକାନ୍ତୁ । ଉତ୍କଳ ସମ୍ମିଳନୀ ଗଠନ ସମୟରେ ଓଡିଶାର ଗର୍ବ ଓ ଗୌରବର ମୁକୁଟ ମଣି ଉତ୍କଳ ଗୌରବ ମଧୁସୂଦନ ଦାସ ସୁପ୍ତ ଓଡିଆ ଜାତିକୁ ଜାଗ୍ରତ ହେବା ଲାଗି ଆକୁଳ ନିବେଦନ କରିଥିଲେ । ଦିନେ ପରାଧୀନ ଭାରତର ଅଖଣ୍ଡ ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ । ମାତ୍ର ଆଜି ବିଚ୍ଛିନ୍ନାଞ୍ଚଳରେ ଲକ୍ଷାଧିକ ଓଡିଆ ଭାଷାଭାଷୀ ନିଜ ମାତୃଭାଷା ଓ ସାହିତ୍ୟର ସୁରକ୍ଷା ଦେବାପାଇଁ ସଂଗ୍ରାମ କରି ଚାଲିଛନ୍ତି । ପ୍ରବୁଦ୍ଧ ମଣ୍ଡଳୀ, ସାମାଜିକ ସଂଗଠନ ମଜବୁତ୍ ଥିଲେ ମଧ୍ୟ ଝାଡଖଣ୍ଡ ସରକାରଙ୍କର ଟିକିଏ ବୋଲି କରୁଣା ଭାବ ପ୍ରଦର୍ଶିତ ହୋଇପାରୁନି ।

ଜାତିସଂଘର ଅନୁମୋଦନ କ୍ରମେ ୨୦୦୦ ମସିହାରୁ ସମଗ୍ର ବିଶ୍ୱରେ ଫେବୃୟାରୀ 21 ତାରିଖକୁ "ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରିଆସୁଛୁ । ଏହି ପରିପ୍ରେକ୍ଷୀରେ କୁହାଯାଇ ପାରେ କି ଝାଡଖଣ୍ଡ ସରକାର ଓଡ଼ିଆ ଭାଷା କୁ ଦ୍ୱିତୀୟ ଭାଷାର ମାନ୍ୟତା ଦେଇଥିଲେ ବି ତାହା ଏ ଯାବତ୍ କାର୍ଯ୍ୟ କାରୀ ହୋଇପାରିନାହିଁ ।

ISSN NO.
2582-208X

ସଙ୍ଘର୍ଷ ଓ ସଂଘାତ ସବୁ ଭାଷା ସାହିତ୍ୟର ମୁଖ୍ୟ ସ୍ୱର । ସାହିତ୍ୟ ଆମକୁ ସତ୍ୟ ଆଡ଼କୁ ମୁହାଁଇ ନିଏ । ସମ୍ପ୍ରତି ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ସ୍ଥିତି ଯାହା ଅଛି, ଆଗକୁ ସେଇ ସ୍ଥିତି ରୁ ଓହରିବାକୁ ହେଲେ ସମସ୍ତ ଓଡିଆ ଏକମନ, ଏକପ୍ରାଣ ହୋଇ ଭାଷା ଓ ସାହିତ୍ୟକୁ ବଞ୍ଚାଇବା ସହିତ ଓଡିଆ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ଅନ୍ଧକାରର ଗର୍ତ୍ତ ଭିତରକୁ ଠେଲି ନଦେଇ ସରକାରଙ୍କର ମୁହଁମୁହିଁ ହୋଇ ସଂଘର୍ଷ କରିବା ପାଇଁ ଶପଥ ନେବା ଉଚିତ୍ ।

ଓଡ଼ିଆ ଶିକ୍ଷାକୁ ବଞ୍ଚାଇବାକୁ ହେଲେ ସରକାରଙ୍କ କୁମ୍ଭୀର କାନ୍ଦଣାକୁ ବେଖାତିର୍ କରି କୋଣ ଅନୁକୋଣ, ଦ୍ୱାର ଦ୍ୱାର ଯାଇ ଓଡିଆ ବର୍ଣ୍ଣବୋଧ, ଲୋକକଥା ଆଧାରିତ ଗଳ୍ପ ବହି ଏବଂ ଆମ ଭାଷାର ଗରିମା ରଖିଥିବା ସମସ୍ତ ସଙ୍ଗ୍ରାମୀ, ଯୋଦ୍ଧା ମାନଙ୍କର ଗୌରବ ଗାଥାକୁ ଆଜିର ପିଢିର ପିଲାମାନଙ୍କୁ ପ୍ରଦାନ କରିବା ନିହାତି ଆବଶ୍ୟକ । ନିଜର ସଂସ୍କୃତି, ପରମ୍ପରା, କଳାକୁ ରକ୍ଷା କରିବାପାଇଁ ମାତୃଭାଷା ଏକ ବଳିଷ୍ଠ ମାଧ୍ୟମ । ଏହାକୁ ଉପେକ୍ଷା କରି କୌଣସି ଜାତି ବଡ ହୋଇନାହିଁ କି ହୋଇପାରିବ ନାହିଁ । ସୁତରାଂ ଆମେ ଆମ ଭାଷା ଓ ସାହିତ୍ୟକୁ ବଞ୍ଚାଇବାକୁ ହେଲେ ଗୁଣ୍ଡୁଚିମୂଷା ର ପ୍ରତୀକ ହୋଇ ଓଡିଆ ଶିକ୍ଷାର ବହୁଳ ପ୍ରଚାର ପ୍ରସାର କରି ଗୋଟିଏ ଅଖଣ୍ଡ ଭାଷା ଭିତ୍ତିକ ରାମସେତୁଟିଏ ଗଠନ କରିପାରିବା ।

ଶେଷରେ କହିବି ଆମ ଭାଷା ବଢିଆ, ଆମେ ବଢିଆ ।
ବନ୍ଦେ ଉତ୍କଳ ଜନନୀ ।

(((-)))

ଝାଡ଼ଖଣ୍ଡ

ISSN NO.
2582-208X

# ଭାଷା ମୋ' ମାତୃଭାଷା

ଧ୍ରୁବ ଚରଣ ଘିବେଲା

କଥାରେ କହୁ ଅକ୍ଷରେ ଲେଖୁ
ଭାଷା ସାହାଯ୍ୟ ନେଇ
କଥାର ଭାଷା ଲେଖାର ଭାଷା
ସେଇ ସମାନ ଥାଇ ।
କହୁ ଯୋ' ଭାଷା ଲେଖୁ ସେ ଭାଷା
ଭାଷା ମୋ' ମାତୃଭାଷା
ଭାଷା ଭିତରେ ବଢ଼ିଆ ଭାଷା
ଓଡ଼ିଆ ମୋ' ସରସା ।
ଭାଷା ଅଟଇ ଏକ ମାଧ୍ୟମ
(ନିଜକୁ)ବ୍ୟକ୍ତ କରିବା ପାଇଁ
ମନର ଭାବ ଭାଷା ମାଧ୍ୟମେ
ଆନକୁ ହୁଏ କହି ।
ବୁଝିବା ପାଇଁ କହିବା ପାଇଁ
ମନ ହୃଦୟ କଥା
ଭାଷାରେ କହି ହୁଏ ବଢ଼ିଆ
ବୁଝି ହୁଏ ବି କଥା ।
ଦି' ଜଣ ମଧ୍ୟେ କଥୋପକଥନ
ହୁଏ ଭାଷା ଆଧାରେ
ବିନା ଭାଷାରେ ବିନା ଶବ୍ଦରେ
ହୁଏ ଠାରନାରରେ ।
ମୁହଁପାଟିର ଭାଷା ସୁନ୍ଦର

ISSN NO.
2582-208X

ଠାରର ଭାଷା ଭିନ୍ନ
ଠାର ଆକାରେ ଜଣେଇ ହୁଏ
ବୁଝି ବି ହୁଏ ଜାଣ ।
ଠାରର ଭାଷା ମଧୁର ଭାଷା
ବୁଝେ ଯେ ଜାଣେ ସିଏ
ଭାଷା କହର ଅତି ସୁନ୍ଦର
ଭାଷା ସମ୍ପଦଟିଏ ।
ଭଲ ପାଇବା ଭାଷାକୁ ଆମ
ଓଡ଼ିଆ କହି ବୋଲି
ବାକ ଯା' ଭାଷା କହୁଛ କୁହ
ଓଡ଼ିଆକୁ ନ ଭୁଲି ।
ସଦା ସର୍ବଦା କହିବା ଭଲ
ଭାଷାକୁ ଭଲ ପାଇ
ଭାଷା ଜନନୀ ସେବା କରିକ
ସେବକଟିଏ ହୋଇ ।

(((-)))

ବଉଦରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ବଢ଼ି ଚାଲ୍ !



ଅଜିତ କୁମାର ରାଉତ

ବଢ଼ି ଚାଲ୍, ନିଜ କର୍ମ ପଥେ
ନିର୍ଭୀକ ହୋଇ
କର କର୍ମ
ଲୀଡ଼ର ହୋଇ....
ରଖି ସତ୍ୟ ତ୍ୟାଗ ପଥ, କର୍ମ କରି କରି ଚାଲ୍
ହେଉ ବା ସୃଷ୍ଟି ଯେତେ ବାଧା ବିଘ୍ନ ଏ ସ୍ୱାର୍ଥପର ଦୁନିଆରେ
କାତର ନ ହୋଇ ବିଚଳିତ ନ ହୋଇ
କରିବାକୁ ହେବ ମନୁଷ୍ୟ ଜୀବନର ଅମୂଲ୍ୟ କର୍ମ
ମାୟା ମୋହ ସଂସାରରେ !

ଦୃଢ଼ ସଂକଳ୍ପ, ନିସ୍ୱାର୍ଥର ଭାବ, ସମଭାବ ପ୍ରୀତି,
ପ୍ରେମ, ଦୟା, ଅହିଂସା, ସେବା, ଧର୍ମ, କର୍ମ,
ସଂସ୍କୃତି ସଂସ୍କାର ନାମ ମନ୍ତ୍ର ଧରି
ସତ୍ୟ କର୍ମ କରି ଚାଲ୍
ସମାଜର ନିର୍ମାଣରେ, ଶକ୍ତିଶାଳୀ ରାଷ୍ଟ୍ର ଗଢ଼ିବାରେ,
ଦେଶ, ମାତୃଭୂମି, ମାତୃଭାଷା, ସୁରକ୍ଷାରେ
ଗଢ଼ି ଦେ ନୂଆ ଭାରତ,
ଆତ୍ମନିର୍ଭରଶୀଳ ହୋଇ !

ISSN NO.
2582-208X

ନ ଥାଉ ସେଠି ଭ୍ରଷ୍ଟାଚାର, ହିଂସା ଅହଙ୍କାର, ଦ୍ୱେଷ
ନାରୀ ନିର୍ଯ୍ୟାତନା, ଆତଂକବାଦ, ଜାତିବାଦ, ପରିବାରବାଦ,
ଥାଉ ତହିଁ ମାତ୍ର ମାନବ କଲ୍ୟାଣ, ଯୁବ ଯୁବତୀଙ୍କ ଉନ୍ନତି ପଥ,
ସନାତନ ଧର୍ମର ସୁରକ୍ଷା, ଶାନ୍ତିର ମନ୍ତ୍ର
ଗୁଞ୍ଜୁ ନୂଆ ଭାରତରେ
କୃଷ୍ଣ ରାମ ଦାରୁବ୍ରହ୍ମର ଦିବ୍ୟ ଜ୍ୟୋତି
ସ୍ଥାପିତ କରିବାକୁ ହେବ ତୋତେ, ଭାରତବର୍ଷରେ,
ଦ୍ୱାପର ତ୍ରେତୟାର ଯୁଗର ରାଜନୀତି,
ରାମରାଜ୍ୟର ସ୍ୱପ୍ନ,
ବଢ଼ି ଚାଲ୍ କର୍ମ ପଥେ ପଥେ ଭାଇ !

(((-)))

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ: - ୬୨୦୫୩୪୩୫୬୯

ISSN NO.
2582-208X

# ଅଭିନୟ



ଡକ୍ଟର ବିଜ୍ଞାନୀ ଦାସ

ବେଳେବେଳେ ମନେ ହୁଏ, ସମସ୍ତେ ଏ ଦୁନିଆରେ ଅଭିନୟ କରୁଛନ୍ତି । ଅଭିନୟ କରି ହସୁଛନ୍ତି, କାନ୍ଦୁଛନ୍ତି, କୁଣ୍ଢାଉଛନ୍ତି, ସମ୍ବର୍ଦ୍ଧନା ଜଣାଉଛନ୍ତି, ନିମନ୍ତ୍ରଣ କରୁଛନ୍ତି, ଖୁଆଉଛନ୍ତି, ସବୁ କିଛିରେ ଯନ୍ତ୍ରବତ୍ କାମ କରି ଚାଲିଛନ୍ତି । କୌଣସିଥିରେ ଆନ୍ତରିକତା ନାହିଁ । କୌଣସିଥିରେ ଭାବନା ନାହିଁ । କୌଣସିଥିରେ ହୃଦୟର ସ୍ପନ୍ଦନ ନାହିଁ । ସେମିତି ଘୋଷିଥିବା, ଶିଖାଯାଇଥିବା, ତାଲିମ୍ ଦିଆଯାଇଥିବା ଅଭିନୟ କରି ଚାଲିଛନ୍ତି । ହଁ, ଗୀତଟିଏ ଗାଇଦେବା କଥା ତ, ଗାଇଦେବା । ସେ ଗୀତରେ ନା ଭାବ ଅଛି, ନା ହୃଦୟର କିଛି ଆବେଗ ଅଛି । ସେମିତି ଖାଦ୍ୟ ଖାଇଦେବା କଥା ତ, ଖାଇଦେବା । ଖାଇବାବେଳେ ୫-୬ ଥର ସେଲଫୋନ ଯାଞ୍ଚ କରିବା ଚାଲିଥିବ । ସେଥିରେ ଫେସବୁକ ଓ ଅନ୍ୟାନ୍ୟ ମେସେଜ ବି ଯାଞ୍ଚ ହୋଇଯିବ । ବେଳେବେଳେ କଣ ଖାଉଥାନ୍ତି, ତାହା ବି ଖିଆଲ ରହେନାହିଁ । ଘରକୁ କାହାକୁ ଡାକିଦେବା କଥା, ତ ଡାକିଦେବା । କିଛି ଖାଦ୍ୟ ଭାରତୀୟ ଭୋଜନାଳୟରୁ ମଗେଇଦେବା । ବାସ୍, ଲୋକ ଆସିଲେ, ଖାଇଲେ, ପିଇଲେ, ଗପିଲେ, ଗଲେ । କିଛି ଫଟୋ ରହିଯିବ, କିଛି ସ୍ମୃତି ରହିଯିବ । ସେମିତି ଅନ୍ୟ କୌଣସି କ୍ରିୟାକର୍ମରେ ନିମନ୍ତ୍ରଣ ପତ୍ରଟିଏ ପଠେଇଦେବା । ସେଥିରେ ଜଣେଇବାର ଶେଷଦିନ ଥିବ, ସେଇ ଦିନ ସୁଦ୍ଧା ନିମନ୍ତ୍ରିତ ଅତିଥିମାନେ ଜଣେଇଲେ, ଜାଣିବା ଯେ ସେମାନେ ଆମ ନିମନ୍ତ୍ରଣ ପତ୍ର ସ୍ୱୀକାର କଲେ । ତାପରେ, ଲୋକମାନଙ୍କ ସଂଖ୍ୟା ଦେଖି ବ୍ୟବସ୍ଥା ।

ISSN NO.
2582-208X

ସାର୍ଥକଙ୍କର ଏମିତି ଭାବନା ଦେଖି ସରିତା ବ୍ୟଥିତ ହୁଅନ୍ତି । ସରିତା କିଛି ନ କରିବେ ନାହିଁ, କିନ୍ତୁ ଯାହା କରନ୍ତି, ମନଧ୍ୟାନ ଦେଇ କରନ୍ତି । ବେଳେବେଳେ ସେଥିରେ ଅନେକ ସମୟ ଯାଏ । ସେଥିପାଇଁ ସାର୍ଥକ ରାଗନ୍ତି । "ଆରେ ତୁମେ ଏମିତି ସବୁକଥାରେ ଜିରାରୁ ଶିରା କାଢିବା ଭଳି ସଂପୂର୍ଣ୍ଣତା ଦେଖିଲେ, କଣ ଚଳି ହେବ । ବ୍ୟର୍ଥଟାରେ ଅନେକ ସମୟ, ଅନେକ ମୁଣ୍ଡ ଖଟେଇବାକୁ ପଡିବ । ତେଣୁ ଶୀଘ୍ର ଶୀଘ୍ର ସିଦ୍ଧାନ୍ତ ନେଇଯାଅ । ଶୀଘ୍ରଶୀଘ୍ର ଆୟୋଜନ ଯେମିତି କରିହେବ, ସେମିତି ଚିନ୍ତା କର ଓ ସହଜରେ ଯାହା କିଛି ସମ୍ଭବ ହେବ, ତାହା କର । ସାମାନ୍ୟ ସାମାନ୍ୟ କଥାରେ ଏତେ ସବୁ ସମୟ ଅପବ୍ୟୟ କରନି । ତାହେଲେ ଆମେ ଜୀବନରେ କିଛି ବି କରିପାରିବାନି । କେବଳ କେତୋଟି କଥାରେ ହିଁ ଆମର ସବୁ ସମୟ ବିତିଯିବ ।'

ଯାହା ହେଲାହେଲା, ନିଜ ଝିଅ ବାହାଘର ଆୟୋଜନରେ ହିଁ ସାର୍ଥକଙ୍କର ସେମିତି କଥା । ଗୋଟିଏ ବୋଲି ଝିଅ । ପୁଣି ଏତେ ବର୍ଷ ପରେ ତାର ବାହାଘର ହେବାକୁ ଯାଉଛି । ସରିତା ଚାହୁଁଥିଲେ ସବୁ କିଛି ଉତ୍ତମ ହେବ, ନିଖୁଣ ହେବ, ଯିଏ ଦେଖିବ, ଯିଏ ଶୁଣିବ, ଅନନ୍ୟ ବୋଲି ଅନୁଭବ କରିବ । କିନ୍ତୁ ଏ ଚିନ୍ତା କେବଳ ତାଙ୍କର । ନା, ସାର୍ଥକଙ୍କର ସେମିତି କିଛି ଇଚ୍ଛା ଅଛି, ନା ଝିଅର ।

ଝିଅ ସୋନା ମୁହେଁମୁହେଁ କହିଦେଲା, "ତମର ମନ ଯାହା ହେଉଛି ତାହା କର । ହେଲେ ବାହାଘରର ଗୋଟିଏ ରୀତିନୀତି ତମ ମନ ମୁତାବକ ହେବ ଓ ଅନ୍ୟଟି ମୋ ମନ ମୁତାବକ ।'

"ତୋ ମନ ମୁତାବକ ମାନେ କଣ ?' - ସରିତା ପଚାରିଦେଲେ ।

"ମାନେ, ଯଦି ବେଦୀ ବାହାଘର ତମ ଚାହିଁବା ଭଳି ହେବ, ତେବେ ରିସେପସନ୍ ମୋ ଚାହିଁବା ମୁତାବକ ହେବ ।'

ସାର୍ଥକ କହିଦେଲେ, "ତମେ ମା, ଝିଅ ଦୁଇଜଣ ଯାହା ଭାବୁଚ କର । ମୁଁ ଖର୍ଚ୍ଚ କରିବାକୁ ରାଜି, କିନ୍ତୁ ମୁଣ୍ଡ ପୂରେଇପାରିବି ନାହିଁ । ନିଜ ଅଫିସ୍ କାମରେ ଏତେ ସମୟ ଦେବାକୁ ପଡୁଛି ଯେ, ସେଥିରେ ଆଉ କିଛି ବୋଝ ନେବାକୁ ମୋ ମୁଣ୍ଡ ସକ୍ଷମ ନୁହେଁ ।'

ISSN NO.
2582-208X

ସରିତା ଏବେ କଣ କରିବେ ? ସିଏ ଯଦି ଏବେ କିଛି କରିବାକୁ ଚାହିଁବେ, ତେବେ ସବୁକିଛି ନିଜକୁ କରିବାକୁ ପଡିବ ।

ଏତେ ବୋଝ କଣ ସିଏ ନେଇପାରିବେ ? ତାଙ୍କ ନିଜର ବି ତ ଚାକିରି ଅଛି ଓ ବ୍ୟବସାୟିକ କାମ ପାଇଁ ତାଙ୍କୁ ସମୟ ଦେବାକୁ ପଡିବ ।

ସାର୍ଥକ କହିଲେ, "ଗୋଟିଏ ବିବାହ ଯୋଜନାକାରୀ ବା ୱେଡିଙ୍ଗ ପ୍ଲାନର୍‌କୁ ନିଯୁକ୍ତି ଦେଇଦିଅ । ସିଏ ସବୁ ଦାୟିତ୍ୱ ସମ୍ଭାଳିନେବ । ଆଜିକାଲି ଭାରତରେ ବି ତ ଲୋକ କାମ ସବୁ ବିବାହ ଯୋଜନାକାରୀକୁ ଦେଇଦେଉଛନ୍ତି । ସେଥିରେ ତମେ ଯେତେ ମୁଠ କମ୍ ପୂରେଇବ, ସେତେ ଭଲ । ସେମାନେ ଯାହା କରୁଛନ୍ତି, କରନ୍ତୁ । ଆମେ ଅର୍ଥ ଦେଇଦେବା। ବାସ୍, କାମ ସରିଲା ।'

ସରିତା ଭାବୁଥିଲେ, "ଇଏ କେମିତିକା କଥା । ଝିଅ ତ ତାଙ୍କର ନା । ସେ ବିବାହ ଯୋଜନାକାରୀ କଣ ତାଙ୍କ ବନ୍ଧୁବାନ୍ଧବକୁ ଜାଣିଛି ନା କଣ, ସବୁ ଆତିଥେୟତା କରିପକେଇବ ?'

ଗତବର୍ଷ ସାଙ୍ଗ ଅଳକାର ଝିଅର ବାହାଘର ହୋଇଥିଲା । ତିନିଦିନର ପ୍ରୋଗ୍ରାମ୍ । ଗୋଟିଏ ଦିନ ସଙ୍ଗୀତ କାର୍ଯ୍ୟକ୍ରମ ରହିଲା । ଆଉ ଗୋଟିଏ ଦିନ ବାହାଘର ଓ ତୃତୀୟ ଦିନ ରିସେପସନ । ସବୁ ପୁଣି ହୋଟେଲରେ । ଖାଇବା, ପିଇବା, ସାଜସଜା, ସବୁ ବଢିଆ । ସରିତା ଭାବୁଥିଲେ ସେମିତି କିଛି, ଓ ତା ଉପରେ ଆଉ କିଛି ଯୋଗ କରିବାକୁ । ତାହେଲେ ସିନା ଯାଇ ତାଙ୍କ ସାଙ୍ଗମାନଙ୍କ ଗହଣରେ ତାଙ୍କର ନାମ ରହିବ । କୋଉ ନଅଟା ନୁହେଁ କି ଛଅଟା ନୁହେଁ । ଗୋଟିଏ ବୋଲି ଝିଅ । ଧନ ସଞ୍ଚୟ କରି ଲାଭ କଣ ? ସେଇ ପିଲାମାନଙ୍କ ପାଇଁ ସିନା ସବୁ ସଞ୍ଚୟ । ତାହା ଯଦି ନ କରିବ, ତେବେ ଏତେ ପରିଶ୍ରମ କରି ଅର୍ଥ ରୋଜଗାର କରିବାର ଅର୍ଥ ଆଉ କଣ ?

ସରିତା ଅଣ୍ଟା ଭିଡିଲେ । ନିଜେନିଜେ ସବୁ ଦାୟିତ୍ୱ ନେଲେ । ଯଦିଓ ବିବାହ ଯୋଜନାକାରୀ ଜଣେ ନିଯୁକ୍ତ ଥିଲା, ତଥାପି ସରିତା ନିଜେ ସବୁ ଅନେକ କାମ କଲେ । ନହେଲେ, ଜନ୍ମ ଦେଇଥିବା ମାଆର ଅନୁଭୂତି କେମିତି ଆସିବ ? ନିଜ ସାଙ୍ଗସାଥୀମାନଙ୍କୁ

ISSN NO.
2582-208X

ପଚାରିଉଚାରି ସବୁ କଲେ । ସାର୍ଥକ ତ ଖର୍ଚ୍ଚ କରିବାକୁ ରାଜି । ଖର୍ଚ୍ଚ କରନ୍ତୁ । ଯଦିଓ ହୋଟେଲ ଓ ଖାଦ୍ୟପେୟ ପାଇଁ ସ୍ଥିର କରିବା ସମୟରେ ସାର୍ଥକ ଓ ସୋନା ସାଙ୍ଗରେ ଯାଇଥିଲେ, କେବଳ ସେତିକି ଛଡା ଆଉ ସବୁ ସରିତାଙ୍କ ମୁଣ୍ଡର ପଡିଲା । ହେଲେ ନିଜ ଶାଶୁଘରର ପରିବାର ଓ ବନ୍ଧୁବାନ୍ଧବଙ୍କୁ ନିଜେ ଟିକେ ଡାକିବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ସାର୍ଥକ ରାଜିହେଲେନି । "ସେମାନଙ୍କୁ କାର୍ଡ ପଠେଇଛ ପରା ? ପୁଣି ଏମିତି ଡକାହକା କଣ ? ଏଇନେ ଏତେ ଲୋକଙ୍କୁ ଡାକିବାକୁ ତ ସମୟ ବାହାର କରିବାକୁ ପଡିବ ନା ! ତାପରେ ତମେତ ଗୋଟିଏ ହ୍ୱାଟ୍ସ୍ଆପ୍ ଗ୍ରୁପ୍ ମଧ୍ୟ ଖୋଲିଛ । ସେସବୁରେ ଲେଖି ଜଣେଇଦିଅ ।'

ସରିତା ଆଉ କଣ କରିବେ, ନିଜେ ସମସ୍ତଙ୍କ ଫୋନ ନମ୍ବର, ଠିକଣା ଯୋଗାଡ କରି ସେମାନଙ୍କୁ ଡାକିବାକୁ ପଡିଲା । ଅସୁବିଧା ହେଲା, ସାର୍ଥକଙ୍କର କିଛି ଦୂର ସଂପର୍କୀୟ ବନ୍ଧୁଙ୍କୁ ନେଇ । ସେମାନଙ୍କୁ ନା ସାର୍ଥକ ଜାଣିଛନ୍ତି, ନା ସରିତା । ତେବେ ଶାଶୁ କହିଲେ, "ମଲା, ତୋ ପିଉସୀଶାଶୁର ନଣନ୍ଦ ପରା ଆମେରିକାରେ ରହୁଛନ୍ତି । ତାଙ୍କୁ ଡାକିଛୁ ନା ନାହିଁ ? ତମେମାନେ ଯଦି ବନ୍ଧୁବାନ୍ଧବଙ୍କୁ କାଟିଦେବ, କଥାଟା ଖରାପ ହେବନି । ଏଠି ସମସ୍ତେ ଟୁପୁରୁଟାପୁରୁ ହେବେ ।'

ସାର୍ଥକଙ୍କୁ ଡରିଡରି ଏ ବିଷୟରେ ଯେତେବେଳେ ସରିତା କହିଲେ, ସିଏ ଉତ୍ତର ଦେଇଥିଲେ, "ଦିନେ ନାହିଁ, କାଳେ ନାହିଁ, ଗହ୍ଲା ପୁନେଇଁ ଦିନ ମାଇଁ ମାଇଁ । କାହିଁକି ଏତେ ଖୋଜାଲୋଡା କରୁଛ । କଣ ଏତେ ଲୋକ ନ ଆସିଲେ ବେଦ ଅଶୁଦ୍ଧ ହୋଇଯିବ ? ଆରେ, ଆମର ବାହାଘର ତ କେତେ ଅଳ୍ପ ଲୋକଙ୍କ ମେଳରେ ଗାଆଁରେ ହୋଇଥିଲା । କଣ ଆମ ବାହାଘର ସଫଳ ହେଲାନି ?'

ସରିତାଙ୍କୁ ମାଡି ପଡୁଥିଲା । ଗୋଟିଏ ପଟେ ଶାଶୁ, ଆଉ ଗୋଟିଏ ପଟେ ସ୍ୱାମୀ । ଦୁଇ ଜଣଙ୍କର ମତ ଅଲଗା । ଶାଶୁ ଭାବନ୍ତି, ଏବେ ତାଙ୍କ ପୁଅ ଆମେରିକା ରୋଜଗାରରେ କୋଟିପତି । ସେଇ ଅନୁଯାୟୀ ତ ଟିକେ ଦେଖେଇବାକୁ ପଡିବ । ବନ୍ଧୁବାନ୍ଧବରେ ଯେତେ ଲୋକ ଆସିବେ, ତାଙ୍କ ପୁଅର ଗୁଣ ସେତେ ଦୂର ପର୍ଯ୍ୟନ୍ତ ବ୍ୟାପିବ । ଇଏ କଣ ଛୋଟ କଥା ? ଶାଶୁ ଯେତେବେଳେ ନିଜ ପୁଅ ସହିତ କଥା ହେଉଥିଲେ, ସାର୍ଥକ ତାଙ୍କୁ କହୁଥିଲେ, "ହଁ ବୋଉ, ସରିତା ସମସ୍ତଙ୍କୁ ଯୋଗାଯୋଗ କରୁଛି । ତୁ ଜମା ଚିନ୍ତା କରନି ।”

ISSN NO.
2582-208X

ନୂଆବର୍ଷ ୨୦୨୬ ଆସି ପହଞ୍ଚିଗଲାଣି । ଦେଖୁଦେଖୁ ସରସ୍ୱତୀ ପୂଜା ସରିଗଲା । ବାହାଘର ଆଉ ଜମା ମାସଟିଏ ପାଖାପାଖି ରହିଲା । ଦେଖୁଦେଖୁ ମାସଟିଏ କେମିତି ବିତିଯିବ, ଜଣାପଡିବନି । ମାର୍ଚ୍ଚ ୧୩ ତାରିଖରେ ମଙ୍ଗଳପାଗ, ୧୪ ତାରିଖରେ ବାହାଘର ଓ ୧୫ ତାରିଖରେ ରିସେପସନ । ହେଲେ ଜାନୁଆରୀ ୨୪ ତାରିଖରୁ ଯେଉଁ ବରଫ ପଡିବା ଆରମ୍ଭହେଲା, ସିଏ ତିନି ସପ୍ତାହ କାଳ ଜମି ରହିଲା । ପାଗ ତ ସବୁବେଳେ ଥଣ୍ଡା ରହିଲା, ତେଣୁ ପଡିଥିବା ବରଫ ହୁଙ୍କିଲା ନାହିଁ କି ଚୁଙ୍କିଲା ନାହିଁ । ଦେଖୁଦେଖୁ ୨୦୨୬ ଫେବୃଆରୀ ସରିବାସରିବା ହେଲା । "ହେ ଭଗବାନ, ସବୁ ଠିକ୍ ରହୁ । ଏବେ ପାଗ ଠିକ୍ ରହୁ । ସମସ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ରହୁ । ସମସ୍ତେ ପରିବାର ଲୋକ ଭାରତରୁ ଆସି ଭଲରେ ଭଲରେ ପହଞ୍ଚିପାରନ୍ତୁ । ବର୍ଷେରୁ ଅଧିକ ହେଲାଣି, ୱାସିଂଟନ୍ ଡିସିରୁ ସିଧା ଦିଲ୍ଲୀକୁ ଏୟାର ଇଠିଆର ଯେଉଁ ବିମାନ ଚଳାଚଳ ଥିଲା, ତାହା ସ୍ଥଗିତ ଅଛି । ଏବେ ଅଲଗା ବାଟ ଦେଇ ଅଲଗା ଏୟାରଲାଇନସରେ ଟିକେଟ କରିବାକୁ ପଡୁଛି । ଏମିରେଟ୍ସ୍ ଏୟାରଲାଇନସରେ ସମସ୍ତଙ୍କର ଟିକେଟ ହୋଇଥିଲା । ସେମାନେ ସମସ୍ତେ ମାର୍ଚ୍ଚ ୫ ତାରିଖ ଦିନ ପହଞ୍ଚିବାର ଥିଲା ।

ହଠାତ୍ ଏମିତି ଏକ ଘଟଣା ଘଟିଯିବ ବୋଲି ସରିତା କେବେ କଳ୍ପନା କରିନଥିଲେ । କିଛି ତ ପୂର୍ବାଭାସ ନଥିଲା । ତେବେ ଆମେରିକା ଓ ଇସ୍ରାଏଲ ଦେଶ ମିଶି ଇରାନ୍ ଦେଶ ବିରୁଦ୍ଧରେ ହଠାତ୍ କେମିତି ଯୁଦ୍ଧ ଘୋଷଣା କରିଦେଲେ ? ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହୋଇଗଲା । ସେଦିନ ସକାଳୁ ନିଦ ଭାଙ୍ଗୁଭାଙ୍ଗୁ ଯୁଦ୍ଧ ଖବର । ଆମେରିକା ଓ ଇସ୍ରାଏଲ୍ ମିଶି ଇରାନ୍‌ର ସାମରିକ, ପରମାଣୁ ଓ ନେତୃତ୍ୱର ଲକ୍ଷ୍ୟସ୍ଥଳ ଉପରେ ସମନ୍ୱିତ ବିମାନ ଆକ୍ରମଣ ଆରମ୍ଭ କରିଦେଲେ । ଇରାନ୍ ତୁରନ୍ତ ପ୍ରତିଶୋଧ ପରାୟଣ ହୋଇ ମଧ୍ୟପ୍ରାଚ୍ୟର ଅନ୍ୟ ସମସ୍ତ ପଡୋଶୀ ରାଜ୍ୟମାନଙ୍କରେ ଥିବା ଆମେରିକା ଦୂତାବାସ ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳୀ ଉପରେ ଆକ୍ରମଣ ଆରମ୍ଭ କରିଦେଲା । ସରିତାଙ୍କ ମୁଣ୍ଡ ବିଗିଡିଗଲା । ଏବେ ପରିବାର ଲୋକମାନେ ଭାରତରୁ ବିବାହ ପାଇଁ ଆସିବେ କେମିତି ?

ଖବର ଆସିଲା, ମଧ୍ୟପ୍ରାଚ୍ୟ ଦେଇ ଆସୁଥିବା ଅନେକ ବିମାନ ଚଳାଚଳ ବନ୍ଦ ହୋଇଯାଇଛି । ସେଥିପାଇଁ ପୂର୍ବରୁ ସବୁ ଟିକେଟ ସଂରକ୍ଷିତ କରିଥିଲେ ମଧ୍ୟ, ଅନେକ ବ୍ୟକ୍ତି ଭାରତରୁ ଫେରିପାରୁନାହାନ୍ତି ।

ISSN NO.
2582-208X

ନଣନ୍ଦ ଥଟ୍ଟାରେ କହିଲେ, "ତମେ ହୁଏତ ଅନ୍ତରରୁ ଚାହୁଁ ନଥିଲ ଭାଉଜ କି ସବୁ ପରିବାର ଲୋକ ସୋନାର ବିବାହରେ ଯାଇ ଯୋଗଦିଅନ୍ତୁ, ସେଥିପାଇଁ ଏମିତି ବିଘ୍ନ ଆସିଲା । ଭାଇତ ସେମିତି ଉପରେଉପରେ ଡାକିଦେଉଥିଲେ ।'

ଯଦିଓ ସେଇଟା ଥଟ୍ଟା ଥିଲା, ତଥାପି ସରିତାଙ୍କୁ ବାଧିଲା । କେତେ ଯତ୍ନ କରୁନାହାନ୍ତି ସିଏ ନିଜ ଝିଅର ବାହାଘର ପାଇଁ । ଭାରତରୁ ସମସ୍ତଙ୍କ ଆସିବା ପାଇଁ, ଟିକେଟ, ଭିସା, ସବୁକିଛି କରାଇଲେ । ତାପରେ ଏଠାରେ ସେମାନଙ୍କର ରହିବା ଓ ବୁଲାବୁଲି ବ୍ୟବସ୍ଥା ମଧ୍ୟ କରାଯାଇଛି । ଗୋଟିଏ ଭ୍ରମଣ ସଂସ୍ଥା ସହିତ କଥାବାର୍ତ୍ତା କରି ସେମାନଙ୍କର ନାଏଗ୍ରା ପ୍ରପାତ ଦେଖିବା ଯୋଜନା, ନିୟୁର୍କ ସହର ଦେଖିବା ଯୋଜନା ଓ ୱାସିଂଟନ୍ ଡିସି ଦେଖିବାର ଯୋଜନା କରାଯାଇଛି । ଏସବୁ ସତ୍ୱେ ବି ସମସ୍ତଙ୍କର ଏଭଳି ଥଟ୍ଟାମଜା ତାଙ୍କ ମୁଣ୍ଡ ଉପରେ ଚାପ ପକାଉଥିଲା ।

ଏବେ ଯଦି ସେମାନଙ୍କ ଯିବାଆସିବାରେ କିଛି ଏପଟସେପଟ ହୁଏ, ଆହୁରି ଗୁଡିଏ ଅଧିକ କାମ ମୁଣ୍ଡର ପଡିବ ।

ସେମାନଙ୍କର ସବୁ ଭ୍ରମଣ ଜନିତ ହୋଟେଲ, ଟିକେଟ ଇତ୍ୟାଦି ବାତିଲ୍ କରିବାକୁ ପଡିବ । ସାର୍ଥକ ଜଣେଇଲେ, "ଯାହା ହବ, ହବ । ତମେ ଏତେ ଚିନ୍ତା କରନି । ସେ ଭ୍ରମଣ ସଂସ୍ଥା ଯାହା ଅର୍ଥ କାଟିବ କାଟିବ, ଆଉ କଣ କରିବା ?'

ସୋନା ବି ଫୋନ କରି କହିଲା, "ମା, ତମର ସବୁଠାରୁ ବଡ ଦାୟିତ୍ୱ ହେଲା ମୋ ବାହାଘରରେ ସୁନ୍ଦର ବେଶଭୂଷା ହୋଇ ରହିବା ଓ ମୁହଁରେ ସର୍ବଦା ହସ ରଖିବା । ଯଦି ଏପଟସେପଟ ଚିନ୍ତା କରି ମୁହଁକୁ ହାଣ୍ଡି ଭଳି କରିବ ନା, ସତ କହୁଛି, ମୁଁ ସେ ବେଦୀ ଉପରୁ ଉଠି ପଡିବି । ବାହାଘର ତ ଖାଲି ରେଜିଷ୍ଟ୍ରେସନ କରିଦେଇଥିଲେ ବି ହୋଇଥାନ୍ତା । ତମ ପାଇଁ ଏତେ ସବୁ । ଆଉ ତମେ ଯଦି ସର୍ବୋତ୍ତମ ଲୁକରେ ନ ରହିବ, ତାହେଲେ ଏତେ ଖର୍ଚ୍ଚ କରି କି ଲାଭ ?'

ସୋନା କଥାରେ ଦମ୍ ଥିଲା । ଓଡିଶା ଓ ଭାରତର ଅନ୍ୟାନ୍ୟ ସହରରେ ରହିଥିବା ସମସ୍ତ ପରିବାର ଓ ବନ୍ଧୁବାନ୍ଧବଙ୍କର ଠିକ୍ ସମୟରେ ଯାତ୍ରା କରିବା ସମ୍ଭବ ହୋଇପାରିଲାନି ।

ISSN NO.
2582-208X

ଏୟାରଲାଇନସ ଜଣେଇଲା, ସେମାନେ ଅନ୍ୟ ଏୟାରଲାଇନସରେ ଟିକେଟ କରେଇଦେବାରେ ସାହାଯ୍ୟ କରିପାରିବେ, ତେବେ ସେଥିରେ ବି ସମସ୍ତେ ଯାଇ ମାର୍ଚ୍ଚ ୨୦ରେ ପହଞ୍ଚିପାରିବେ, ତା ପୂର୍ବରୁ ପହଞ୍ଚିବା ସମ୍ଭବ ନୁହେଁ ।

ପୁଣି ବିଚାର ବିମର୍ଷ ଚାଲିଲା । ଯଦି ସୋନାର ବାହାଘରକୁ ନ ଆସିପାରିବେ, ତାହେଲେ ଆମେରିକା ଆସି ଆଉ ଲାଭ କଣ ? ସେମାନଙ୍କ କଥା ଶୁଣି ସାର୍ଥକ କହିଲେ, "ତମେ ସବୁ ଆସ । ଟିକେଟ ତ ହେଇଯିବ । ବାହାଘର ସିନା ଦେଖିପାରିବନି, ହେଲେ ହେଲେ ସୋନା ଓ ଜୁଆଇଁଙ୍କ ସହିତ ଆମେ କେବଳ ଆମ ପରିବାରକୁ ନେଇ ଏକ ସ୍ୱତନ୍ତ୍ର ରିସେପସନ ରଖିବା । ତମମାନଙ୍କର ବୁଲାବୁଲି ବ୍ୟବସ୍ଥାର ତାରିଖ ସବୁ ବଦଳେଇଦେବାକୁ ପଡିବ । ହେଲେ ସମସ୍ତେ ଆସ । ବାହାଘର ନ ଦେଖିଲ ନାହିଁ, ଝିଅ ଓ ଜୁଆଇଁଙ୍କ ସହିତ କିଛି ସମୟ ତ ବିତେଇପାରିବ ।' ସମସ୍ତେ ରାଜିହେଲେ ।

ହେଲେ ସରିତାଙ୍କୁ ଜମା ଭଲ ଲାଗିଲାନି । ବାହାଘର ହେବ, ହେଲେ ଘରଲୋକ କେହି ନଥିବେ । କିନ୍ତୁ ଏ ଦେଶରେ ବାହାଘରକୁ ତ ଏତେ ସହଜରେ ସ୍ଥଗିତ କରିହେବନି । ଯେଉଁ ବ୍ୟବସ୍ଥା ବର୍ଷକ ପୂର୍ବରୁ ହୋଇସାରିଛି, ତାକୁ କଣ ଦୁଇ-ତିନି ସପ୍ତାହ ପୂର୍ବରୁ ବଦଳାଯାଇପାରିବ ?

ନିଜ ସାଙ୍ଗସାଥୀଙ୍କର ପିଲାମାନଙ୍କୁ ସୋନାର ଭଉଣୀ, ଭାଇ ଓ ମାମୁ ହେବାକୁ ବଛାଗଲା । ସେମାନଙ୍କ ପାଇଁ ପୁଣି ନୂଆ କପଡା, ବିବାହର ପ୍ରତି କର୍ମ ପାଇଁ ଉଦ୍ଦିଷ୍ଟ ରଙ୍ଗକୁ ମେଳ ଖାଇବା ଭଳି ରଙ୍ଗରେ କିଣାଗଲା । ସୌଭାଗ୍ୟବଶତଃ ଏବେ ୱାଶିଂଟନ୍ ଡିସି ଅଞ୍ଚଳରେ ଅନେକ ଭାରତୀୟ ପୋଷାକ ଓ ଗହଣା ଦୋକାନ ସବୁ ରହିଛି । ତେଣୁ ବେଶପୋଷାକ ଓ ଗହଣାର ସବୁ ବ୍ୟବସ୍ଥା ହୋଇଗଲା । ଏବେ ସରିତା ଆଉ ସେସବୁରେ ମୁଣ୍ଡ ପୂରେଇଲେନି। ଭାରତୀୟ ୱେଡିଙ୍ଗ ପ୍ଲାନର୍ ସେସବୁ ଦାୟିତ୍ୱ ନେଲା ଓ ସେଥିପାଇଁ ନିଜ ସେବା ଶୁଳ୍କ ବି ବଢେଇଦେଲା ।

ଏବେ ସାର୍ଥକ ଓ ସରିତାଙ୍କୁ କେତେବେଳେ କେଉଁଠି କିଭଳି ଅଭିନୟ କରିବାକୁ ପଡିବ, ସେ ବିଷୟରେ ତାଲିମ୍ ନେବାକୁ ପଡିଲା । କେମିତି ହସିବ, କେମିତି ଚାହିଁବ, କେମିତି ନାଚିବ, କେମିତି ରିସେପସନ ସମୟରେ ବଲ୍‌ରୁମ୍ ଭିତରକୁ ପ୍ରବେଶ କରିବ, ସବୁ ପାଇଁ

ISSN NO.
2582-208X

ଅଭିନୟ ଶିଖିବାକୁ ପଡିଲା । କିଛିଦିନ ନିଖୁଣ ଅଭିନୟ ପାଇଁ ରିହରସାଲ୍ ବା ଅଭ୍ୟାସ ଚାଲିଲା ।

ବାପ ଝିଅଙ୍କର ନାଚ କେମିତି ହେବ, ସେକଥା ସ୍ଥିର ହୋଇଗଲା । ସାର୍ଥକ ଓ ସରିତାଙ୍କର ନାଚ କେମିତି ହେବ, ତାହା ବି ସ୍ଥିର ହୋଇଗଲା । ଏବେ ସୋନା କହିଲା, 'ଯଦିଓ ସେମିତି ହୁଏନି, ତେବେ ମା'ଙ୍କ ସହିତ ମୁଁ ମିଶି ଗୋଟିଏ ନାଚ କରିବି ।' ୱେଡିଙ୍ଗ ପ୍ଲାନର୍ ଖୁସି । ତା' କଂପାନୀର ଲାଭ । ନାଚ ଶିଖାଉଥିବା କର୍ମଚାରୀର ପାରିଶ୍ରମିକ ଅଧିକ ହେବ ।

ତା' ପରର କିଛିଦିନ କେମିତି ବିତିଗଲା, ଜଣା ପଡିଲାନି । ସରିତା, ସାର୍ଥକ ଓ ସୋନା, ସମସ୍ତେ ସତେକି ସ୍ୱପ୍ନ ରାଇଜରେ ରହିଥିଲେ । ୱେଡିଙ୍ଗ ପ୍ଲାନର୍ ସବୁ ଦାୟିତ୍ୱ ସମ୍ଭାଳିଲା । ପାରିଶ୍ରମିକ ନେଲା । ଖାଇବା, ପିଇବା, ବିବାହ, ରିସେପସନ ସବୁ ଯେମିତି ହେବାର ଥିଲା, ସେମିତି ହେଲା । ସରିତାଙ୍କୁ ଯେଉଁଠି ଯେମିତି ଅଭିନୟ କରିବାର ଥିଲା, ସିଏ କଲେ । ସମସ୍ତଙ୍କୁ ହସିହସି ସମ୍ଭାଷଣ ଜଣେଇଲେ । ମେକ୍ଅପ୍ କରିଥିବା ଝିଅ ଜଣକ ତାଙ୍କୁ ସତରେ ଜଣେ ଚଳଚ୍ଚିତ୍ରର ଅଭିନେତ୍ରୀ ଭଳି ସଜେଇ ଦେଇଥିଲା । ବିବାହ ସମୟର ଲୁକ୍ ଅଲଗା, ରିସେପସନ୍ ସମୟର ଲୁକ୍ ଅଲଗା । ଆଭୂଷଣ, ଆଭରଣ, ଗହଣା ସବୁ କିଛି ସମାବେଶର ପ୍ରସଂଗକୁ ନେଇ ।

ସରିତାଙ୍କର ନୃତ୍ୟରେ ସମସ୍ତ ଅତିଥି ମୁଗ୍ଧ । "ଆପଣ କି ସୁନ୍ଦର ଦିଶୁଛନ୍ତି ? ଆପଣ କି ସୁନ୍ଦର ନାଚିଲେ ?' ଏମିତି କଥା ଶୁଣିଶୁଣି ସରିତା ଆତ୍ମବିସ୍ମୃତ ହୋଇଗଲେ । ପ୍ରଥମଥର ପାଇଁ ଜୀବନରେ ନିଜର ଏ ଅଭିନୟ କୁଶଳତା ଅନୁଭବ କରି ସିଏ ରୋମାଞ୍ଚିତ ହେଲେ । ଏବେ ସେ ନିଜକୁ ଭଲକରି ଚିହ୍ନିଲେ, ଜାଣିଲେ । "ସରିତା ସାମନ୍ତରାୟ ଜଣେ ଦକ୍ଷ ଅଭିନେତ୍ରୀ', ଏମିତି ଉଚ୍ଚାରଣ କରି ନିଜ ସ୍ୱରରେ ସେ ନିଜେ ଚମକି ପଡିଲେ ।

(((-)))

୪୫୨୫ ରଦରଫୋର୍ଡ ୱେ
ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# “∞”



ମଧୁମିତା ମିଶ୍ର

ସୀମା ସରହଦ ଡେଇଁ
ଭୂମିରୁ ଭୂମା ପର୍ଯ୍ୟନ୍ତ
ଅଦେଖା ଅବୁଝା ଅଛୁଆଁ ଅଛିଣ୍ଡା
ରଜ୍ଜୁର ଏପାଖେ ମୁଁ ଆରପାଖେ ତୁ
ନିଆରା ଅଭିନ୍ନ ନଛୋଡବନ୍ଧା ଆମ ବନ୍ଧନ
ମୁଁ ଗତ ତୁ ନବୀନ
ମୁଁ ସତ୍ୟ ତୁ ସ୍ୱପ୍ନ
ମୁଁ ପ୍ରେମ ତୁ ସମର୍ପଣ
ମୁଁ ବୀତସ୍ପୃହତା ତୁ ଆକର୍ଷଣ
ମୁଁ ମୃତ୍ୟୁ ...ଆଉ ତୁ... ସ୍ୱନ୍ଦନ

(((-)))

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

# ପ୍ରାରବ୍ଧ



ଅଲେଖ ମେହେର(ଯାଯାବର)

ପ୍ରାରବ୍ଧ ଯାହାର ଭରା ବୃଜିନ ଆଚାରେ,
ଇହ ଜନମରେ କିବା ସୁଖ ଭୋଗିପାରେ ?
ଯେହ୍ନେ ପୁରୁଣା ଚାଉଳ,
ଅମାରେ ଗଚ୍ଛିତ ଥିଲେ ନବ ନୋହି ମୂଲ ।
ପୂର୍ଣ୍ଣ ସମର୍ପଣ ଭାବେ ପୂଜିଲେ ଈଶ୍ୱର,
ଖେଦ ଆସି କାଟିଦିଏ ପାପ ଅତୀତର ।
ଧରି ମୋଦର ପସରା,
ସୁକର୍ମ ବିଧାନେ ହସେ ସସାଗରା ଧରା ।
ନର ବିଚାରଇ ହୀନ କରମଟି ମୋର,
ନିଷ୍ଠାରେ ପୂଜିଲି ବିଭୁ ଦେଲେ ଦୁଃଖ ଘୋର।
ଅନୁକମ୍ପା ତାଙ୍କ ଭୁଲି,
ନାସ୍ତିକେ ଅଂଘ୍ରି ବଢାଇ ଆପେ ଚଢେ ଶୁଳି ।
ତୃଣରାଜ ବୀଜ ରୋପି ବଟ ବଲୋକିବା,
ଉପହାସିତ ବିହୁନେ ହେବ ଅବା କିବା ?
ନିଦାଘରେ ନାହିଁ ଛାୟା ,
କର୍ମ ଜଣି ଫଳ ସିନା ବାକିତକ ମାୟା ।
ଈଶ ଅନୁକମ୍ପା ବଳେ ଲଭି ନର ତନୁ,
ଜନନୀ ଜଠରୁ ଜନ୍ମି ପାଶୋରିଛି ମନୁ ।
ନାମ ବ୍ରହ୍ମର ମହିମା,
ସଦା ହିତକାରୀ ଯାହା ଉଷା ଅରୁଣିମା।

(((-)))

ବରପଦର, ଗୋବିନ୍ଦପୁର, ବରଗଡ଼/୭୩୭୦୨୨୦୫୫

ISSN NO.
2582-208X

# ପଥର ତଳର ଘାସ



ଡ଼କ୍ଟର ସଂଯୁକ୍ତା ଦାସ

କପିଳାସ ରୋଡ଼ର ବସ ଷ୍ଟାଣ୍ଡ କଡରେ ଠିଆ ହୋଇ ବାରମ୍ବାର ନିଜ ହାତ ଘଣ୍ଟାକୁ ଚାହୁଁଥିଲା ଅନୁପ୍ରଭା । ଏତେବେଳ ହେଲାଣି ରାଜୀବ ପହଁଚିଲା ନାହିଁ । କହିଥିଲା ଠିକ ସାଢେ ନ'ଟା ବେଳକୁ ବସ ଷ୍ଟାଣ୍ଡରେ ପହଞ୍ଚି ଯାଇଥିବ ବୋଲି । ସକାଳୁ ସକାଳୁ ଭୁବନେଶ୍ୱରରୁ ବସରେ ସିନା ମୁଁ ପଳେଇ ଆସିଲି, ଏହାରି ଭିତରେ ଅଧଘଣ୍ଟା ବିତି ଗଲାଣି । ଦିନ ୧୦ ଟା ବାଜିବାକୁ ବସିଲାଣି, କିନ୍ତୁ ରାଜୀବ ଆସୁନାହିଁ । ମୁଁ ତ ଅଟୋ ଟିଏ ଭଡ଼ାକରି ଘରକୁ ପଳେଇ ଯାଇଥାନ୍ତି, ବହୁତ ଭଲ ହୋଇଥାନ୍ତା କିନ୍ତୁ ତାର ତ ସେଇ ଗୋଟାଏ ଜିଦ 'ବାପାଙ୍କ ଅଟୋ ଟିକୁ ନେଇକି ଯାଉଛି, ତୋତେ ଆଣିବାକୁ - ଅପା, ମୁଁ ଅଟୋ ଚଲାଇବା ପରା ଶିଖିଯାଇଛି ।' ବହୁତ ଦିନ ହେବଣି ଆମ ଅଟୋଟି ଚାଲିନାହିଁ, ବାଡ଼ିର ଘର କଡ଼ ସଜନା ଗଛ ମୂଳରେ ଠିଆ ହୋଇଥିଲା, ସତରେ କଣ ଅଟୋଟି ଏବେ ଆଉ ଚାଲିବ ? ପୁଣି କୌଣସି ସାମ୍ବାଦିକ ଭାଇ ଯଦି ଜାଣିନେବ I. A. S ପାଇଁ ଭିଟା ମାଟିକୁ ଫେରୁଥିବା ନିପଟ ମଫସଲ, ସପନପୁର ଗାଁ ର ଅନୁପ୍ରଭା ଆସି ବସ ଷ୍ଟାଣ୍ଡରେ ଠିଆ ହୋଇଛି ବୋଲି, ତେବେ ତ କଥା ସରିଲା, ଘରେ ପହଂଚିବା ପୁଣି ଡେରି ହୋଇଯିବ । ଗତ ଦୁଇ ବର୍ଷ ହୋଇଯିବ ମୁଁ ମୋ ଗାଁର ଭିଟା ମାଟି ମାଡିନାହିଁ । ଏଇ ସମୟରେ ଏକ ଅଟୋର ଶବ୍ଦ ଦୂରରୁ ଶୁଣାଗଲା, ଭାରି ପରିଚିତ ପରି ଲାଗିଲା ଅନୁପ୍ରଭାକୁ । ଆରେ ହଁ.. ଏଇତ ଆମ ଅଟୋ । ସଙ୍ଗେ ସଙ୍ଗେ ରାଜୀବ ଅଟୋଟିକୁ ଆଣି

ISSN NO.
2582-208X

ଅନୁପ୍ରଭାର ପାଖରେ ପହଞ୍ଚି ଗଲା । " ଜୀବ ତୁ ଏତେ ଡେରି କରିଦେଲୁ" କଣ କିଛି ଅସୁବିଧା ହେଲାକି ? ଅନୁ ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲା । ରାଜୀବ କହିଲା –"ଅପା ତୁ ଆସିବୁ ବୋଲି ଦୁଇଦିନ ପୂର୍ବରୁ ତ ମୁଁ ଅଟୋଟିକୁ ଠିକ ଠାକ କରିଦେଇଥିଲି । ଦୁଇବର୍ଷ ହେବ ଅଟୋଟି ପରା ସେମିତି ରହିଥିଲା । ତୁ ଭୁବନେଶ୍ୱରକୁ ଗଲା ପରେ ପରେ ଏ ଅଟୋଟିକୁ ଆମେ କେହି ଆଉ ଚଲାଇ ନାହୁଁ । ପୁଣି ତୁ ତ ମନା କରିଦେଇଚୁ ଅଟୋକୁ କେହି ବିକିବ ନାହିଁ, ଏହା ଆମ ବାପାଙ୍କର ଏକମାତ୍ର ସନ୍ତକ । ମା' ମୋତେ ପ୍ରତି ସନ୍ଧ୍ୟାବେଳେ ଧୂପ ଦେବାକୁ କୁହେ, ବାସ ସେତିକି ଅଟୋ ସହ ଆମର ସମ୍ପର୍କ ।ତୁ ଆଜି ଆସୁଛୁ ବୋଲି ଅଟୋଟିକୁ ଧୁଆଧୋଇ କରି ଆସିଲା ବେଳକୁ ଟିକେ ଡେରି ହୋଇଗଲା ।" ହଉ ଠିକ ଅଛି, ଘରେ ମାଆ, ଆଉ ବିନୟର ଦେହ ଓ ପାଠପଢା ସବୁ ଠିକସେ ଚାଲିଛି ତ ? ଆଉ ଆମ ଗାଁର ଖବର ସବୁ ଭଲ ତ ? ହଁ ଅପା ସବୁ ଭଲ । ଏବେ ତ ଖାଲି ତୋରି ଚର୍ଚ୍ଚା, ଧୋବା ତୁଠରୁ ଗାଁ ହାଟ ଯାଏ ଚାଲିଛି । ସମସ୍ତେ କହୁଛନ୍ତି ଆମ ଗାଁ ର ଝିଅ ଅନୁ ଗ୍ରାମର ପ୍ରଥମ କଲେକ୍ଟର ହେବ । ଯଦି ତା' ବାପା ଶ୍ୟାମ ପ୍ରଧାନ ଥାଆନ୍ତା, ବହୁତ ଖୁସି ହୋଇଥାନ୍ତା, ହେଲେ ଅସମୟରେ ଆରପାରିକୁ ସିଏ ସିନା ଚାଲିଗଲା, କଲେକ୍ଟର ବାପା ଭାବରେ କେତେ ସମ୍ମାନ ପାଇଥାନ୍ତା, ସତେ ! ଭାଗ୍ୟର କି ବିଡମ୍ବନା । ସମସ୍ତ ତୋତେ ପରା ଅପେକ୍ଷା କରିଛନ୍ତି – ଅପା । ସରପଞ୍ଚ ପଞ୍ଚାନନ ବେହେରା ଦୁଇଥର ଘରକୁ ଆସିଲେଣି । ସାମ୍ବାଦିକ ମାନେ ମଧ୍ୟ ଡେରା ପକେଇଛନ୍ତି । ତୋ ଆସିବା ବାଟକୁ ଖାଲି ଚାହିଁଛନ୍ତି । ହଉ ଠିକ ଅଛି କହି ଅନୁ ଅଟୋରେ ବସିପଡ଼ିଲା ଏବଂ ଅଟୋଟି ଚାଲିଲା ସମ୍ଭବତଃ ୧୦ କି ୧୨ କିଲୋମିଟର ହେବ ଦୂର ସପନପୁର ଗାଁ ଅଭିମୁଖେ ।

ଅଟୋ ସହିତ ଅନୁର ସମ୍ପର୍କ ଥିଲା ବହୁତ ନିବିଡ଼ । ତାର ଜୀବନ ଯାତ୍ରା ମଧ୍ୟ ଏତେ ସହଜ ନ'ଥିଲା, ଖାଲ, ଢିପ, କଣ୍ଟକ ଭରା ଦୁର୍ଗମ ପଥରେ ସିଏ କରିଥିଲା ଅଭିଯାତ୍ରା । ଅଟୋରେ ବସି ନିଜ ଘରକୁ ଫେରୁଥିବା ବେଳେ ଭାବନା ରାଜ୍ୟର କୁହୁଡିରେ ବୁଡିଗଲା ଅନୁପ୍ରଭା । ତାର ମନେଅଛି, ତାଙ୍କର ପୂର୍ବରୁ ଆଉ ଗୋଟିଏ ଅଟୋ ଥିଲା । ବାପା ଶ୍ୟାମ ପ୍ରଧାନ ନିଜର ଘର ଓ ସଂସାରକୁ ସେଇ ଅଟୋ, ମାଧ୍ୟମରେ ହିଁ ଚଳାଉ ଥିଲେ । କାହାକୁ କୌଣସି ଥିରେ ଅବହେଳା କରି ନଥିଲେ ଶ୍ୟାମ ପ୍ରଧାନ । ଧର୍ମପତ୍ନୀ କେତକୀ, ତାଙ୍କ ଝିଅ

ISSN NO.
2582-208X

ଅନୁପ୍ରଭା, ଦୁଇ ପୁଅ ରାଜୀବ ଲୋଚନ ଓ ବିନୟ ଭୂଷଣ କୁ ନେଇ ଥିଲା ତାଙ୍କର ସୁଖୀ ପରିବାର । ସପନପୁର ଗାଁ ରେ ଶ୍ୟାମ ପ୍ରଧାନଙ୍କର ମଧ୍ୟ ନାଁ ଡାକ ଥିଲା । ଭାରି ଭଦ୍ର ଓ ନମ୍ର ସ୍ୱଭାବର ଥିଲେ ଶ୍ୟାମ ପ୍ରଧାନ । ଗାଁ ର ଭଲ ମନ୍ଦ, ଯାନୀ ଯାତ୍ରା, ସମସ୍ୟା, ଉତ୍ସବ ଓ ଅନୁଷ୍ଠାନ କାର୍ଯ୍ୟରେ ସର୍ବଦା ଶ୍ୟାମ ପ୍ରଧାନଙ୍କୁ ଖୋଜା ଯାଉଥିଲା । ସବୁଥିରେ ଅଣ୍ଟାଭିଡି ଆଗୁଆ ବାହାରି ପଡନ୍ତି ଶ୍ୟାମ ପ୍ରଧାନ । ସମୟର ଗତି ବଡ଼ ବିଚିତ୍ର, ତାର କୁଳ ଥଳ ମାପିବା ମଧ୍ୟ କଷ୍ଟକର । କାହାର ସେତିକି ବଳ ନାହିଁ ଯିଏ ସମୟର ଗତିକି ରୋକିଦେବ । ସେଥିପାଇଁ ତ କୁହାଯାଇଛି ସମୟ ବଡ଼ ବଳବାନ । ଛାଇ, ଆଲୁଅର ଗଣ୍ଠିଲିକୁ ସାଥେନେଇ ସମୟ ସର୍ବଦା ଚାଲୁଥାଏ ଅହରହ ନିର୍ଦ୍ଦିଷ୍ଟ ଗତିରେ, ସମାନ ବେଗରେ, ଆଗକୁ ଆଗକୁ । କେତେବେଳେ କାହା ଭାଗ୍ୟରେ ସୁଖର ଖାଇଫୁଟେ ତ କେତେବେଳେ କାହାର ଜୀବନରେ ଦୁଃଖର କଳାବାଦଲ ଛାଇ ଯାଏ, ତାହା ସବୁକିଛି ସମୟର ଖେଳ । ଅନୁ ଯେତେବେଳେ ଚୌଦ୍ୱାର ମହାବିଦ୍ୟାଳୟରେ ଗ୍ରାଜୁଏସନରେ, ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରୀ ଥିଲା ଠିକ ସେଇ ସମୟ ବେଳକୁ ବାପାଙ୍କର ଅଟୋଟି ପୁରୁଣା ହୋଇ କ୍ରମେ ଖରାପ ହେବାରେ ଲାଗିଲା । ଘର ଚଳିବାରେ, ପିଲାମାନଙ୍କ ପଢାପଢିରେ ଅସୁବିଧା ମଧ୍ୟ ଦେଖା ଦେଲା । ବାପା ପୁରୁଣା ଅଟୋ ଟିକୁ କମ ଦାମରେ ବିକ୍ରି କରିଦେଲେ । ନୂଆ ଅଟୋ ଟିଏ ଆସିବା ପାଇଁ ବୋଉର ଗହଣା ଗାଣ୍ଠି ସବୁ ଯାହାଥିଲା ତାହା ମଧ୍ୟ ବିକ୍ରି ହୋଇଗଲା । ବୋଉର ଯେତେବେଳେ ମନଦୁଃଖ ହୁଏ ବାପା କୁହନ୍ତି ଅନୁ ତ ଆମର ସବୁଠୁ ବଡ଼ ଗହଣା, ଦୁଃଖ କରିବାର କଣ ଅଛି ?

ବାପା ଶ୍ୟାମ ପ୍ରଧାନଙ୍କର ବହୁତ ଅଲିଅଳି ଝିଅ ଥିଲା ଅନୁପ୍ରଭା । ପାଠରେ ଯେମିତି ଖାଠରେ ମଧ୍ୟ ସେହିପରି । ବାପା କିନ୍ତୁ ରାଜୀବ, ବିନୟ ଠାରୁ ଅନୁକୁ ଟିକିଏ ଅଧିକ ଭଲ ପାଆନ୍ତି କାରଣ ତାର ସରଳ ମନ, ସରଳ ବିଶ୍ୱାସ ଏବଂ ସାହସ ଓ ପରିଶ୍ରମ ପାଇଁ । ନୂଆ ଅଟୋ ଟି ଯେଉଁଦିନ ଆସିଲା ଘରର ସମସ୍ତ ସଦସ୍ୟ ଅଟୋକୁ ପୂଜା କରିବା ପାଇଁ କନକଦୁର୍ଗା ମନ୍ଦିରକୁ ଯାଇଥିଲେ । ବାପା ପାଖରେ ବସିଥିଲା ଅନୁ । ଘର ଠାରୁ ଆଠ, ନଅ କିଲୋମିଟର ଦୂର, କନକଗିରି ପାହାଡ଼ ମଝିରେ ଦେବୀଙ୍କର ଆସ୍ଥାନ । ବାଟରେ ବାପା ଅନୁକୁ ଅଟୋଟିକୁ ଟିକିଏ ଚଳାଇବାକୁ କହିଥିଲେ । ଅନୁ ଅବଶ୍ୟ ଡରିଯାଇଥିଲା । ମା

ISSN NO.
2582-208X

କହୁଥିଲେ "ତୁମର ମୁଣ୍ଡ ଖରାପ ହୋଇଗଲାଣି ନା କଣ ? ଝିଅଟା ଶାଶୂଘରକୁ ଯିବ ନା ତୁମ ପରି ଏମିତି ଅଟୋ ଚଳାଇବ । ଶ୍ୟାମ ପ୍ରଧାନ ଟିକେ ହସିକି କହିଲେ – "ଆରେ ଆଜିକାଲି ଝିଅ ମାନେ ଉଡ଼ାଜାହାଜ, ବୁଡ଼ାଜାହାଜ ଚଲେଇଲେଣି, ଯୁଦ୍ଧ ବିମାନ, ଟ୍ରେନ ଚଳେଇଲେଣି ମୋ ଝିଅ ଅଟୋ ନିଶ୍ଚୟ ଚଳାଇ ପାରିବ, କଲେକ୍ଟର ହେବାପାଇଁ ସିଏ ପରା ଯୋଗ୍ୟ ।" ସତକୁ ସତ ଅନୁ ସେଦିନ ଅଟୋ ଚଳାଇ ପାରିଥିଲା । ପ୍ରଥମେ ପ୍ରଥମେ ଟିକିଏ ସିନା ହଡବଡେଇ ଗଲା କିନ୍ତୁ ଘରକୁ ଫେରିଲା ବେଳେ, ଘର ପର୍ଯ୍ୟନ୍ତ ସଠିକ ଭାବରେ ଅଟୋ ଚଳାଇ ଫେରି ଥିଲା ଅନୁ ।

ନୂଆ ଅଟୋ ଆସିବା ପରେ ଘରର ସ୍ଥିତି କ୍ରମେ ବଦଳି ଗଲା । ପ୍ରଥମେ ପ୍ରଥମେ ତ ଭଲ ରୋଜଗାର ହେଉଥିଲା କିନ୍ତୁ ପରେ ଶ୍ୟାମ ପ୍ରଧାନଙ୍କର ସ୍ୱାସ୍ଥ୍ୟରେ ଅବନତି ଦେଖାଦେଲା । କୀଡୀନି ରୋଗରେ ଶ୍ୟାମ ପ୍ରଧାନ ଆକ୍ରାନ୍ତ ହୋଇଗଲେ । ରକ୍ତଚାପ ସହ ଡାଇବେଟିସ ରୋଗ ମଧ୍ୟ ମାଡ଼ିବସିଲା । ଅଟୋଟି ମଧ୍ୟ ସବୁଦିନ ଆଉ ଠିକ ସେ ଚାଲି ପାରିଲା ନାହିଁ । ଯାହାକିଛି ଘରେ ଟଙ୍କା ପଇସା, ସୁନା ରୁପା ସଞ୍ଚିତ ଥିଲା ତାହା ମେଡିକାଲ ଓ ଔଷଧ ବାବଦରେ ଖର୍ଚ୍ଚ ହୋଇ ସରିଗଲା । ଦୁଇମାଣ ଜମି ମଧ୍ୟ ବିକ୍ରି ହୋଇଗଲା । ଅନୁର ଗ୍ରାଜୁଏସନ ପରୀକ୍ଷାର ଶେଷ ସେମିଷ୍ଟାର ସରିଯିବାର ଅଳ୍ପ ଦିନ ଭିତରେ, ଶ୍ୟାମ ପ୍ରଧାନଙ୍କର ଦେହାନ୍ତ ହୋଇଗଲା ଏବଂ ସିଏ ଅଫେରା ରାଜ୍ୟକୁ ଚାଲିଗଲେ । ଏହିଭଳି ଏକ ଦୁଃଖଦ ପରିସ୍ଥିତି ଭିତରେ ସମସ୍ତ ବନ୍ଧୁ ବାନ୍ଧବ ମାନେ ଧୀରେ ଧୀରେ ଅନୁର ପରିବାର ଠାରୁ ଦୂରେଇଗଲେ । ସମସ୍ତେ ତ ସୁଖର ସାଥୀ, ଦୁଃଖ ସମୟରେ କିଏ ଅବା କଣ ପାଇଁ ସାହା ହେବ । ଚିନି ଥିଲେ ସିନା ପିମ୍ପୁଡି ଆସିବେ ।

ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦେବଦୁତ ପରି ଆଗେଇ ଆସିଥିଲେ ପ୍ରଭାକର । ଅନୁର ଦୂର ସମ୍ପର୍କୀୟ ଲେଖାଯୋଖା ମାଉସୀ ପୁଅ ଭାଇ ସିଏ – ପ୍ରଭାକର ସ୍ୱାଇଁ । ଘର ପାଖ ପଡିଶା ଗାଁ ବିଶ୍ୱନାହାକାଣି ନୋଡାଲ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରନ୍ତି । ଅନୁର ମାମୁଁଘର, କିଛି ବନ୍ଧୁବାନ୍ଧବ, ସାହିପାଡିଶା ଓ ପ୍ରଭାକର ର ସାହାଯ୍ୟ ସହଯୋଗରେ ଶ୍ୟାମ ପ୍ରଧାନଙ୍କର ଶୁଦ୍ଧିକର୍ମ ବିଧିନିଦିଷ୍ଟ ଭାବରେ ସୁରୁଖୁରୁରେ ହୋଇଯାଇ ଥିଲା ।

ISSN NO.
2582-208X

ପିତା ବଂଶୀଧର ସ୍ୱାଇଁ, ମାତା ବିମଳା ଦେବୀଙ୍କର ଏକମାତ୍ର ପୁତ୍ର ଥିଲା ପ୍ରଭାକର । ରୂପ ଓ ଗୁଣ କୌଣସି ଥିରେ ତାର କମି ନ'ଥିଲା । ଶ୍ୟାମ ପ୍ରଧାନ ଆରପାରିକୁ ଚାଲିଗଲା ପରେ ପ୍ରଭାକର ଅନୁର ପରିବାରକୁ ଅନେକ ସମୟରେ ସାହାଯ୍ୟ ଓ ସହଯୋଗ କରି ଆସିଛି । ଅନୁକୁ ବିବାହ କରିବାକୁ ପ୍ରସ୍ତାବ ମଧ୍ୟ ଦେଇଛି । ଅନୁ ର ମା କେତକୀ ପ୍ରଧାନ ମଧ୍ୟ ଅନୁ ସହିତ ପ୍ରଭାକର ବିବାହକୁ ଅନୁମୋଦନ କରିଦେଇଛନ୍ତି । ପ୍ରଭାକର ର ବାପା ମା ମଧ୍ୟ ଅନୁ କୁ ବୋହୂ କରିନେବାପାଇଁ ସ୍ୱୀକାର କରିଦେଇଛନ୍ତି । ସପନପୁର ଗାଁରେ ସମସ୍ତେ ଜାଣିଛନ୍ତି ପ୍ରଭାକର ସହିତ ଅନୁପ୍ରଭାର ବିବାହ ହେବ ବୋଲି । କିନ୍ତୁ ଅନୁ, ବିବାହ ପ୍ରସ୍ତାବକୁ କେବେ ବି ଅସ୍ୱୀକାର କରିନାହିଁ କିମ୍ବା ସମ୍ମତି ମଧ୍ୟ ଜଣାଇ ନାହିଁ ଏକଥାଟା ପ୍ରଭାକରକୁ ବିଚଳିତ କରିଦେଇଛି । ପ୍ରଭାକର ମଧ୍ୟ ଅନୁକୁ ଏ ବିଷୟରେ ଅନେକ ଥର ପଚାରିଲାଣି । ସବୁଥର ପରି ସେଇ ଗୋଟିଏ କଥା ଅନୁ କୁହେ - "ମୋର ସୁଖ ପାଇଁ ମୋର ଜନ୍ମ ନୁହେଁ, ପରିବାର ର ଦାଇତ୍ୱ ପ୍ରଥମେ ମୋତେ ସମ୍ଭାଳିବାକୁ ପଡିବ ପ୍ରଭାକର, ପାରୁଛ ଯଦି ତୁମେ ପ୍ରତୀକ୍ଷା କର ନଚେତ ଅନ୍ୟ କେଉଁଠି ବିବାହ କରିନିଅ, ତୁମପାଇଁ ବହୁତ ଭଲ ହେବ । ମୋତେ କିନ୍ତୁ ଏବେ କିଛି କରିବାକୁ ପଡିବ" । ପ୍ରଭାକର ଜାଣିଛି ସେ ହୁଏତ ଅନ୍ୟ କେଉଁଠି ବିବାହ କଲେ ଅନୁ ଠାରୁ ସୁନ୍ଦର ଝିଅ ଟିଏ ମିଳିଯାଇପାରେ । କିନ୍ତୁ ଅନୁ ପରି ସ୍ୱଚ୍ଛ, ଗୁଣର ଝିଅଟିଏ ମିଳିବା ବହୁତ କଷ୍ଟକର । ରୂପର କଣ ଅଛି, ସିଏ ତ ଗୋଟିଏ ଚଲା ବାଦଲ, ପରିବର୍ତ୍ତନ ଶୀଳ, କେତେବେଳେ ଯେ ବଦଳିଯିବ କହିହେବ ନାହିଁ କିନ୍ତୁ ଗୁଣ କେବେ ବଦଳେ ନାହିଁ ସୁନା ପରି ଚକଚକ ସର୍ବଦା ମାରୁଥାଏ । ଏହି ବାସ୍ତବ କଥାକୁ ହୃଦୟଙ୍ଗମ କରି ପ୍ରଭାକର ମଧ୍ୟ ଅନୁକୁ ସେଇ ଗୋଟିଏ କଥା କୁହେ -"ପ୍ରତୀକ୍ଷା ତ ମୁଁ କରିବି ତୁମକୁ ଅନୁ, କିନ୍ତୁ ତୁମର ସମ୍ମତି ଯେତେ ଶୀଘ୍ର ଜଣାଇବ ଭଲ ହେବ ।"

ବାପାଙ୍କର ମୃତ୍ୟୁ ପରେ ଘରର ସମସ୍ତ ଦାୟିତ୍ୱ କ୍ରମେ ପଡିଯାଇଥିଲା ଅନୁପ୍ରଭାର ମୁଣ୍ଡ ଉପରେ । ଏବେ ଅନୁପ୍ରଭା କଣ କରିବ କିଛି ବୁଝି ପାରୁନ'ଥିଲା । ରାଜୀବ ଏବେ ମାଟ୍ରିକ ପରୀକ୍ଷା ଦେଇଛି, କିଛିଦିନ ପରେ କଲେଜରେ ପଢିବ, ବିନୟ ମଧ୍ୟ ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବ । ସେମାନଙ୍କର ପାଠପଢା ଖର୍ଚ୍ଚ, ଘର ଖର୍ଚ୍ଚ ସବୁକିଛି ଏବେ ଅନୁପ୍ରଭାକୁ ହିଁ ତୁଲାଇବାକୁ ପଡିବ । କିପରି ସମ୍ଭାଳିବ ପରିବାରକୁ । ପଥର ତଳର ଘାସପରି ସିଏ

ISSN NO.
2582-208X

ମାଟିରେ ମିଶିଯିବ ନା ନିଜର କଠିନ ପରିଶ୍ରମ, ନିଷ୍ଠା ଓ ସାହସ ବଳରେ ପଥର ଫାଙ୍କଦେଇ ସୂର୍ଯ୍ୟ ଆଡକୁ ମୁହାଁଇବ ଏଇ ଚିନ୍ତାରେ ସର୍ବଦା ଘାରି ହେଉଥିଲା ଅନୁପ୍ରଭା । ଘର ପରିବାର ତ କେବଳ ସହାନୁଭୂତି, କିମ୍ବା ଆଶ୍ୱାସନାରେ ଚାଲେ ନାହିଁ । ଟଙ୍କା ରୋଜଗାର କରିବାକୁ ହିଁ ପଡେ । କିନ୍ତୁ କିପରି ରୋଜଗାର କରିବ ? "ବିବାହ କରିଗଲେ ସିନା ଖୁସିରେ ରହିବି କିନ୍ତୁ ମୋ ଦୁଇଭାଇଙ୍କୁ ମଣିଷ, ଏଭଳି ଅବସ୍ଥାରେ ମା'ଙ୍କର ଦୁଃଖ ଲାଘବ, ବାପାଙ୍କ ସ୍ୱପ୍ନ କେମିତି ମୁଁ ପୂରଣ କରିବି" । ହଠାତ ତାର ଆଖି ପଡିଗଲା ବାଡ଼ିପଟ ସଜନା ଗଛ କଡରେ ଠିଆ ହୋଇଥିବା ବାପାଙ୍କର ସେଇ ଅଟୋଟି ଉପରେ । ମୋତେ କିଛି କରିବାକୁ ହେବ କହି ସେଦିନ ଶାନ୍ତ ସରଳ ମନରେ ଶୋଇଯାଇଥିଲା ଅନୁପ୍ରଭା ସକାଳର ପ୍ରତୀକ୍ଷାରେ ।

ସେ ଦିନର ସକାଳ ଥିଲା ଶୁଭ୍ର ଓ ପରିଚ୍ଛନ୍ନ । ସୂର୍ଯ୍ୟର ରକ୍ତିମ ଆଭା ବିଛେଇ ହୋଇ ପଡିଥିଲା ବଣ, ପାହାଡ଼, ବାଡ଼ି, ବଗିଚା, ତଥା ଅନୁର ଇନ୍ଦିରା ଆବାସ ଘର ଉପରେ, ଠିକ ଯେମିତି କାର୍ତ୍ତିକ ପୂର୍ଣ୍ଣମୀର ଚଉଁରାରେ ପଡ଼ିଥିବା ଧଳାରେ ହଳଦୀ ମିଶା ଅଭିର ପରି । ସକାଳୁ ସକାଳୁ ଅନୁ ଶଯ୍ୟାତ୍ୟାଗ ସହ ନିତ୍ୟକର୍ମ ଶେଷ କରି ଦୁଇ ଚାରି ବାଲ୍ଟି ପାଣି ଆଣି ଧୋଇଦେଲା ଅଟୋଟିକୁ । ଅଟୋରେ ରଖାଯାଇଥିବା ମା'ଲକ୍ଷ୍ମୀଙ୍କର ଫଟୋରେ ଫୁଲ, ଧୂପ ଦେଇ ଦେବୀ-ମା'ଙ୍କୁ ଆନ୍ତରିକ ପ୍ରଣାମ ମଧ୍ୟ କରିଥିଲା । ଶୁଭ କାର୍ଯ୍ୟରେ ଯିବା ପୂର୍ବରୁ ନିଜ ମା'ଙ୍କର ଆଶୀର୍ବାଦ ନେବାକୁ ଚାଲିଗଲା ଘର ଭିତରକୁ । "ମାଆ, ମୁଁ ଅଟୋ ନେଇକି ଯାଉଛି ଅଟୋ ଷ୍ଟାଣ୍ଡକୁ, ପାଠ ପଢୁଥିବା ବେଳେ ମୁଁ ଏମିତି ଲାଇସେନ୍ସ ପୂର୍ବରୁ କରିଦେଇଛି । ମୋତେ ଆଶୀର୍ବାଦ କର ମୁଁ ଯେମିତି ମୋ କାମରେ ସଫଳ ହେବି" ବୋଲି ଅନୁ ତାର ମାଆଙ୍କୁ କହିଲା ।" ହଠାତ ଚମକି ପଡିଲେ କେତକୀ ପ୍ରଧାନ - ଅନୁର ମାଆ । "ଏ କଣ କହୁଛୁ ଅନୁ, ତୁ ଅଟୋ ଚଲେଇବୁ, ଲୋକେ କଣ କହିବେ ? ତୋର ପରା ବାହାଘର ଲାଗିଛି । ସେମାନେ କଣ ଭାବିବେ କହ ତ ଥରେ, ସେମାନେ କଣ ତୋତେ ଆଉ ବୋହୂ କରି ନେବେ । ମୁଁ ପଛେ ପର ଘରେ ବାସନ ମାଜିବି, ବାସୀ ପାଇଟି, ଲିପା ପୋଛା କାମ କରିବି ତୁ କିନ୍ତୁ ଅଟୋ ଚଲାନା । ପୁଅ ଟିଏ ହୋଇଥିଲେ ମୁଁ ମନା କରିନଥାନ୍ତି ।" ଅନୁ ତାର ମାଆ କୁ କିପରି ବୁଝାଇବ କିଛି ଜାଣି ପାରୁନଥିଲା । ସାହସ

ISSN NO.
2582-208X

ସଞ୍ଚୟ କରି କହିଲା – "ଝିଅ ଅଟୋ ଚଲାଇ ପାରିବ ନାହିଁ ଏହି ମାନସିକତାକୁ କେବଳ ତୁ ନୁହେଁ ସମସ୍ତଙ୍କୁ ଭାଙ୍ଗିବାକୁ ପଡିବ ଲୋ ବୋଉ । ସମସ୍ତେ ତ କହିଦେବେ କିନ୍ତୁ ଘର ଚଳିବା ପାଇଁ, ମୋର ଦୁଇ ଭାଇଙ୍କୁ ମଣିଷ କରିବା ପାଇଁ ପଇସା ତ କେହି ଦେବେନାହିଁ । ମୋତେ ପୁଣି ବାପାଙ୍କ ସ୍ୱପ୍ନ ପୂରଣ କରିବାର ଅଛି । ଆଉ ରହିଲା ମୋର ବାହାଘର ଚିନ୍ତା, ତା ଭଗବାନଙ୍କ ଉପରେ ମୁଁ ଛାଡିଦେଇଛି, ପ୍ରଭୁ ଚାହିଁଲେ ସବୁକିଛି ଠିକଠାକ ହୋଇଯିବ । ଅନୁର ମା' ପାଟିରୁ ଆଉ ଶବ୍ଦଟିଏ ବାହାରିଲା ନାହିଁ । ଅନୁ ତାର ମାଙ୍କୁ ପ୍ରଣାମ କରି ଅଟୋଧରି ଚାଲିଗଲା ଅଟୋ ଷ୍ଟାଣ୍ଡ ଅଭିମୁଖେ ଠିକ ଯେମିତି ଝଡ଼ରେ ଉଡିଯାଉଥିବା ଇଗଲ ପକ୍ଷୀଟି ପରି ।

ଅନୁ ଅଟୋ ଚଲେଇବା କଥାଟା ସପନପୁର ଗାଁ ରେ ନିଆଁ ପରି ବ୍ୟାପିଗଲା । କିଛି ଲୋକ ବହୁତ ଟାହୁ ଟାପରା ମଧ୍ୟ କଲେ । ପ୍ରଭାକର ର ବାପା ମା'ଙ୍କୁ ଏହା ବହୁତ ମାନସିକ ଆଘାତ ମଧ୍ୟ ଦେଇଥିଲା । ସେମାନେ ଅନୁକୁ ବୋହୁ କରିବାର ଯେଉଁ ସ୍ୱପ୍ନ ଦେଖୁଥିଲେ ସେଥିରେ ପାଣି ପଡ଼ିଯିବା ପରି ତାଙ୍କୁ ଅନୁଭୂତ ହେଲା । ବାପା ବଂଶୀଧର ସ୍ୱାଇଁ ପ୍ରଭାକରକୁ ଡାକି କହିଲେ – "ଆମର ତ ଗୋଟିଏ ମାନ ସମ୍ମାନ ଅଛି । ଗାଁ ରେ ଅନୁକୁ ନେଇ କେତେ କଥା ଶୁଣା ଗଲାଣି । ଆମ ସମ୍ପର୍କୀୟ, ବନ୍ଧୁ ବାନ୍ଧବ, ସାଙ୍ଗ ସାଥୀ ମାନେ କଣ କହିବେ ? ଜଣେ ଅଟୋ ଚଳାଉଥିବା ଝିଅକୁ ବୋହୂ କରିବା କଥା ଶୁଣି ଆମକୁ ତାଚ୍ଛଲ୍ୟ କରିବେ ନାହିଁ ତ ଆଉ କଣ ?। ତୁ ତୋର ନିଷ୍ପତି ବଦଳା । ବହୁତ ଭଲ ଝିଅ ତୋତେ ମିଳିଯିବେ। "ପ୍ରଭାକର ସବୁ ଶୁଣୁଥିଲେ ବି ଚୁପଚାପ ଖାଲି ନିର୍ବାକ ଭାବରେ ଠିଆ ହୋଇ ରହୁଥିଲା । ଗାଁ ରେ ମଧ୍ୟ କୁହାକୁହି ହେଉଥିଲେ – "ଭଲ ଘରେ ତ ବାହା ହୋଇ ଥାଆନ୍ତା, ପିଲାଟା ସରକାରୀ ଶିକ୍ଷକ, ବହୁତ ଭଦ୍ର, ଭଲରେ ରହିଥାନ୍ତା, ଏ କି କାଣ୍ଡ କଲା ଅନୁ । ବିନାଶ ବେଳେ ପରା ବିପରୀତ ବୁଦ୍ଧି ।" ପାର୍ବତୀ ମାଉସି ଦେଖେଇ ଶିଖେଇ କେତେ କଣ କହୁଥିଲେ – "ଆଜି କାଲିକା ଝିଅ, ବାହା ହେବାରେ ତାଙ୍କର କଣ ମନ ଥାଏ, ସେମାନେ ତ ଖାଲି ଥେଇ-ଥେଇ ହେବା ଜାଣନ୍ତି । ବାହା ହେଲେ କଣ ସେମାନେ ଆଉ ଥେଇ – ଥେଇ ହୋଇ ପାରିବେ ।"

ISSN NO.
2582-208X

ଅନୁ ଅଟୋ ଚଲେଇବା ପରେ ପ୍ରଥମେ ପ୍ରଥମେ ବିଭିନ୍ନ କଟୁକ୍ତି, ସମାଲୋଚନାର ଶିକାର ହୋଇଥିଲା । ରୋଜଗାର ମଧ୍ୟ କମ ହେଉଥିଲା । କିନ୍ତୁ ପରେ ତାର ଯଥାଯୋଗ୍ୟ ବ୍ୟବହାର, ସଂଯତ ଚାଲିଚଳନ, ଶାନ୍ତ ସ୍ୱଭାବ, କଠିନ ପରିଶ୍ରମ, ଓ ସମୟାନୁବର୍ତ୍ତିତା ଅଟୋ ଷ୍ଟାଣ୍ଡରେ ସମସ୍ତ ଅଟୋ ଚାଳକ ଏବଂ ଗରାଖ ମାନଙ୍କୁ ଆକୃଷ୍ଟ କରିଥିଲା । ଅଟୋ ଚାଳକ ଭାଇମାନେ ଅନୁକୁ ଭଉଣୀର ସମ୍ମାନ ଦେବାସହ ଭଡା ମଧ୍ୟ ଯୋଗାଡ଼ କରିଦେଉଥିଲେ । ଅନୁ କ୍ରମେ ତାର ପରିବାର ର ପରିପୋଷଣ, ଦୁଇଭାଇଙ୍କ ପଢ଼ା ଖର୍ଚ୍ଚ ସହ ଦୁଇପଇସା ସଞ୍ଚୟ କରିପାରିଲା । ଏହିପରି ଅଟୋ ଚାଳନର ଦୁଇମାସ ମଧ୍ୟରେ ଅନୁର ଗ୍ରାଜୁଏସନ ରେଜଲ୍ଟ ମଧ୍ୟ ବାହାରିଗଲା । ଫିଜିକ୍ସ ଅନର୍ସରେ ଉଚ୍ଚ ନମ୍ବର ରଖି ପ୍ରଥମ ଶ୍ରେଣୀରେ ସିଏ ଗ୍ରାଜୁଏସନ ପାସ୍ କଲା । ଯଦିବା ଉଚ୍ଚଶିକ୍ଷାକୁ ଯିବାପାଇଁ ତା ପକ୍ଷରେ ସମ୍ଭବ ଥିଲା କିନ୍ତୁ ପରିବାର ର ଆର୍ଥିକ ଆବଶ୍ୟକତା ଓ ଅଟୋକୁ ଛାଡ଼ି ସିଏ ଆଗକୁ ଆଉ ପଢି ପାରିଲା ନାହିଁ ବରଂ ଦିନରେ ଅଟୋ ଚଳାଇବା ସହ ରାତିରେ କମ୍ପିଟେଟିଭ ପାଇଁ ପଢାପଢି କଲା ।

ସମୟ ଠାରୁ ବଳବାନ ଦୁନିଆଁରେ ଆଉ କେହି ନାହିଁ । କେତେବେଳେ ଯେ ସମୟ କାହାକୁ କେଉଁଠି ପହଞ୍ଚାଇ ଦିଏ ତାହା ସଠିକ ଭାବରେ କେହି କିଛି କହି ପାରିବେ ନାହିଁ । ଏଇ 'ସମୟ' ମଧ୍ୟ ରାଜାକୁ ଭିକାରୀ, ଭିକାରୀକୁ ରାଜା କରିଦିଏ । ଏକ ସଠିକ ଗତିରେ ଚଳମାନ ହୁଏ ଏଇ ସମୟ। ଏମିତି ଏକ ଦୁର୍ଲ୍ଲଭ ସମୟରେ ହଟାତ ଦିନେ ପ୍ରଭାକର ସହ ଭେଟ ହୋଇଗଲା ଅନୁର । ପ୍ରଭାକର ମଧ୍ୟ ପୂର୍ବରୁ ଜାଣିଥିଲା ଯେ ଅନୁ ତାର ଗ୍ରାଜୁଏସନ ପରୀକ୍ଷାରେ ବହୁତ ଭଲ ନମ୍ବର ରଖିଛି । ଅଟୋ ଚଳାଇବା ସହିତ ଚାକିରୀଟିଏ ପାଇବା ପାଇଁ ଚେଷ୍ଟା ମଧ୍ୟ କରୁଛି । ତେଣୁ ପ୍ରଭାକର ଅନୁକୁ ପଚାରିଥିଲା - "କିପରି ଅଛ ଅନୁ, ଆଉ ସବୁ ଭଲ ତ ।" ଅନୁ କହିଥିଲା - "ସବୁ ଭଲ ଯେ, ଏବେ ମୁଁ U. P. S. C ପାଇଁ ପ୍ରିପାରେସନ କରୁଛି । କିନ୍ତୁ ଏଠାରେ ବହିପତ୍ରର ଘୋର ଅଭାବ ଦେଖା ଯାଉଛି । ପ୍ରଭାକର କହିଥିଲା - "ନା ଅନୁ ବଣ ମଲ୍ଲୀ କେଭେ ବଣରେ ଫୁଟି ବଣରେ ଝଡ଼ିପଡିବ ନାହିଁ, ତାହାର ବାସ୍ନା ସହରରେ ହିଁ ଚମକ ଆଣିବ ।" ମୋର ଜଣେ ସାଙ୍ଗର ଭଉଣୀ ଭୁବନେଶ୍ୱର ରେ କୋଚିଂ ସେଣ୍ଟର ଟିଏ ଖୋଲିଚି, ତୁମେ ସେଠାରେ ଜଏନ କର । ସେଠାରେ ରହିବାର

ISSN NO.
2582-208X

ବ୍ୟବସ୍ଥା ତ ହୋଇଯିବ, ଏବଂ କୋଚିଂରେ ପାଠ ପଢ଼େଇ କିଛି ପଇସା ମଧ୍ୟ ମିଳିଯିବ, ଯାହା ତୁମର ପଢା ଖର୍ଚ୍ଚ ସହ ତୁମ ପରିବାର ପାଇଁ କିଛି ସହାୟ ମଧ୍ୟ ହୋଇପାରିବ । ଦରକାରୀ ଆବଶ୍ୟକୀୟ ବହିପତ୍ର ମଧ୍ୟ ଲାଇବ୍ରେରୀ ରୁ ତୁମକୁ ମିଳିଯିବ । ପ୍ରଭାକର ର ଏ କଥାଟା ସେଦିନ ଅନୁର ମନକୁ ବେଶ ପାଇଥିଲା । ମୋତେ ମୋ ବାପାଙ୍କର ସ୍ୱପ୍ନ ପୂରଣ କରିବାକୁ ହେଲେ ଭୁବନେଶ୍ୱର ଯିବାକୁ ପଡିବ ଏପରି ମାନସିକ ସଂକଳ୍ପ କରି ସେଦିନ ଅନୁ ଶୋଇ ପଡିଥିଲା ଗଭୀର ନିଦ୍ରାରେ ।

ସକାଳୁ ସକାଳୁ ତାର ମା ଓ ଦୁଇ ଭାଇଙ୍କୁ ବହୁତ ବୁଝାଇ ସୁଜାଇ, ଭୁବନେଶ୍ୱର ଯିବାପାଇଁ ରାଜି କରିଥିଲା ଅନୁପ୍ରଭା । ରାଜୀବକୁ ପ୍ରଭାକରଙ୍କ ପାଖକୁ ପଠେଇ ଆବଶ୍ୟକୀୟ ଠିକଣା ସଂଗ୍ରହ କରିନେଇଥିଲା ସିଏ । ପୂର୍ବେ ବାପା ରଖୁଥିବା ଘରକୁ ଲାଗି ବାଡ଼ିପଟ ସଜନା ଗଛ କଡରେ ନିଜର ଅତି ଆପଣାର ଅଟୋଟିକୁ ପାଲଟିଏ ଢାଙ୍କି ରଖିଦେଲା ଅନୁପ୍ରଭା ଏବଂ ବାହାରି ପଡିଥିଲା ଭୁବନେଶ୍ୱରକୁ ଯିବାପାଇଁ । ଏଇ ସମୟରେ ତାର ଭେଟ ହୋଇଗଲା ପାର୍ବତୀ ମାଉସୀଙ୍କ ସହିତ । ମାଉସୀ ପଚାରିଲେ - "ଅନୁ କୁଆଡେ ଯାଉଛୁ କିରେ, ଆଜି ତୋର କଣ ଅଟୋ ଚାଲିବ ନାହିଁ ?" ଅନୁ ନମ୍ର ଭାବରେ, ଧୀର ସ୍ୱରରେ କହିଥିଲା - "ନାହିଁ ମାଉସୀ ଏବେ ଅଟୋ ଚଳାଇବା କିଛିଦିନ ବନ୍ଦ ରହିବ ମୁଁ ଭୁବନେଶ୍ୱର ଯାଉଛି" ଆଉ କିଛି ଶୁଣିବା ପୂର୍ବରୁ ପାର୍ବତୀ ମାଉସୀ କହିଲେ - "ଆଉ କଣ ଯେ.. ଏଠି ଆଉ ତୋର ଥେଇ -ଥେଇ ହେବାରେ ମନ ମାନିଲା ନାହିଁ ଯେ, ଭୁବନେଶ୍ୱର ପୁଣି ଯିବୁ ଥେଇ -ଥେଇ ହେବାପାଇଁ, ଯା ଯା... ସେଠି କିଏ ଦେଖିବ, ନା' ତୋତେ କେହି କହିବାକୁ ଥିବ ।" କଥାଟା ଅନୁକୁ ବହୁତ ବାଧିଥିଲା କିନ୍ତୁ ଅନୁ ପାଖରେ ସେତେବେଳେ କେବଳ ଦୁଇଟି ରାସ୍ତା ଥିଲା । ସିଏ କଥାର ଜବାବ କଥାରେ ଦେବ, ନା ' କଥାର ଜବାବ କାମରେ ଦେବ । ଲକ୍ଷ୍ୟ ହାସଲ କରିବା ପଥରେ ଅଗ୍ରସର ହେବାକୁ ହେଲେ କଥା ତ ଶୁଣିବାକୁ ପଡିବ, ଏବଂ ପଥଚ୍ୟୁତ ହୋଇଗଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ ନାହିଁ ଏହି କଥାକୁ ସ୍ମରଣ କରି ଅନୁ ସେଦିନ ଚାଲିଯାଇଥିଲା ଅଟୋଟିଏ ଭଡ଼ାକରି କପିଳାସ ରୋଡ଼ ବସଷ୍ଟାଣ୍ଡ ଅଭିମୁଖେ, ଭୁବନେଶ୍ୱରକୁ ବସ ଧରିବା ପାଇଁ ତଥା ସେଠାରେ ରହି ସଂଗ୍ରାମ କରିବା ପାଇଁ ।

ISSN NO.
2582-208X

"ଅପା ତୁ କଣ ଶୋଇପଡିଲୁ କି ? ଆମେ ପରା ଗାଁ ମୁଣ୍ଡ ଶିବ ମନ୍ଦିର ପାଖରେ ପହଞ୍ଚି ଗଲେଣି । ଆଉ ପାଞ୍ଚ ମିନିଟ ପରେ ଆମେ ଘରେ ପହଞ୍ଚି ଯିବା । ଭାବନା ରାଜ୍ୟର କୁହୁଡିରେ ବୁଡ଼ିଯାଇଥିବା ଅନୁପ୍ରଭା କ୍ରମେ ରାଜୀବ'ର ଡାକରେ ବର୍ତ୍ତମାନ ସ୍ଥିତିକୁ ଫେରିଆସିଲା । ଅଳ୍ପ ସମୟ ପରେ ଅଟୋ ଟିକୁ ଘର ପାଖରେ ଆଣି ଛିଡା କରାଇଦେଲା ରାଜୀବ । ଆରେ ଏଠାରେ ଏତେ କୋଳାହଳ, ଆମ ଗାଁ ରୁ ବହୁତ ଲୋକ ତ ଚାଲି ଆସିଛନ୍ତି ? ଅଟୋରୁ ତଳକୁ ଓ୍ୱଲ୍ଲେଇ ପଡିଲା ଅନୁପ୍ରଭା । ସପନପୁର ଗାଁ ର ସରପଞ୍ଚ ପଞ୍ଚାନନ ବେହେରା ଅନୁ ହାତକୁ ଫୁଲତୋଡ଼ା ଟିଏ ବଢ଼େଇ ଦେଇ କହୁଥିଲେ ଅନୁ ହେଉଛି ଆମ ଗାଁ ର ଗର୍ବ ଓ ଗୌରବ । ସାମ୍ବାଦିକ ମାନଙ୍କର କିଛି ପ୍ରଶ୍ନର ଉତ୍ତର ଦେବା ପରେ ଅନୁ ଭିଡ ଭିତରେ ଖୋଜୁଥିଲା ପାର୍ବତୀ ମାଉସୀଙ୍କୁ । ଘର କଡ଼କୁ ଲାଗିଥିବା ବରକୋଳି ଗଛ ପାଖରେ ଠିଆ ହୋଇ ଥିଲେ ମାଉସୀ । ଅନୁପ୍ରଭା ଭିଡ଼ ଭିତରୁ ଯାଇ ପ୍ରଥମେ ପାର୍ବତୀ ମାଉସୀଙ୍କ ପାଖରେ ପହଞ୍ଚି ଗଲା ଏବଂ ପାଦ ଛୁଇଁ ପ୍ରଣାମ ମଧ୍ୟ କଲା । ଅନୁପ୍ରଭା ଠାରୁ ଏପରି ବ୍ୟବହାର ପାଇ ପାର୍ବତୀ ମାଉସୀ କୋହଭରା କଣ୍ଠରେ କହିଲେ – "ଅନୁ ମୁଁ ତୋତେ କେତେ କଥା କହିଛି ଲୋ, ବହୁତ ଅପମାନିତ କରିଛି । ତୁ ପୁଣି କଲେକ୍ଟର ହେବୁ, ଏହାପରେ ବି ମୋତେ ଆସି ମୁଣ୍ଡିଆ ମାରୁଛୁ । ମୋତେ ଧର୍ମ ସହିବ ନାହିଁ ଲୋ ।" ମାଉସୀଙ୍କର ଏପରି କଥା ଶୁଣି ଅନୁ କହିଲା – "ସେମିତି କାହିଁକି ଭାବୁଛ ମାଉସୀ, ତୁମ ଶାଣଦିଆ କଥାଗୁଡାକ ମୋତେ ପରା ଅନେକ ସମୟରେ ସଂଘର୍ଷ ଭିତରେ, ଲଢ଼ିବା ପାଇଁ ପ୍ରେରଣା ପ୍ରଦାନ କରିଛି । କଥାରେ କିଛି ନାହିଁ ମାଉସୀ, କଥା ବିନା କିଏ ରହିପାରିବ, ନା ରହି ପାରିଛି । କାଲି ବି ଲୋକମାନେ କହୁଥିଲେ, ଆଜିବି କହୁଛନ୍ତି, ଭବିଷ୍ୟତରେ ମଧ୍ୟ କହିବେ । କିନ୍ତୁ ସମୟ ଆସିଲେ କଥାର ଭାବ ପରା ବଦଳି ଯାଏ ।

ଦୂରରୁ ଥାଇ ଅନୁ କୁ ଏକ ଲୟରେ ଦେଖୁଥିଲା ପ୍ରଭାକର । ମନେ ମନେ ଭାବୁଥିଲା ଅନୁ କଣ ମୋତେ ଆଉ ପଚାରିବ ? ସିଏ ପରା I.A.S ପାଇଛି । କଲେକ୍ଟର ହେବ । ଆଜି କାଲି I. A. S ପାଇଗଲା ପରେ ସ୍ତ୍ରୀ ମନେ, ସ୍ୱାମୀ, ପିଲା ମାନଙ୍କୁ ଛାଡ଼ି ମଧ୍ୟ ଦେଉଛନ୍ତି । ବଡ଼ ଚାକିରୀ ପାଇଗଲା ପରେ ସ୍ୱାମୀ, ସ୍ତ୍ରୀ ଭିତରେ ଛାଡ଼ପତ୍ର ମଧ୍ୟ ହୋଇ ଯାଉଛି । ନିୟୁଜ ପେପର, ଦୂରଦର୍ଶନ ଚାନେଲ ଓ ସୋସିଆଲ ମେଡିଆରେ ଏପରି ଦୃଷ୍ଟାନ୍ତର ଅଭାବ ନାହିଁ ।

ISSN NO.
2582-208X

ମୁଁ ତ ସାଧାରଣ ଗୋଟିଏ ପ୍ରାଇମେରୀ ସ୍କୁଲର ଶିକ୍ଷକ । ଏଇକଥା ମନରେ ଭାବି ଭାବି ଲାଜକୁଳି ଲତା ପରି ଧୀରେ ଧୀରେ ସାଙ୍କୁଡ଼ି ଯାଉଥିଲା ପ୍ରଭାକର । କେତେବେଳେ ଯେ ଅନୁ ଆସି ତା ପାଖରେ ପହଂଚି ଗଲାଣି ସିଏ କିଛି ଜାଣି ପାରିଲା ନାହିଁ । ଅନୁ କୁ ପାଖରେ ଦେଖି ହଠାତ ଚମକି ପଡିଲା ପ୍ରଭାକର । ଅନୁ କହିଲା - "ଏମିତି କଣ ଭାବୁଛ ? ମୁଁ ବୁଝିପାରୁଛି ତୁମେ କଣ ଭାବୁଥିବ ପ୍ରଭାକର ? ମୁଁ ପରା ଓଡ଼ିଆ ସଂସ୍କୃତିକୁ ଭଲ ପାଉଥିବା, ଓଡ଼ିଆ ମାଟି, ପାଣି ପବନରେ ଗଢ଼ା ଝିଅଟିଏ, ପଦ, ପଦବୀ, ବଡ଼ଚାକିରୀ ନୁହେଁ ବରଂ ବଡ଼ ସଂସ୍କାରୀ ମନ ଥିବା ଯୁବକର ଜୀବନ ସାଥୀ ହେବାକୁ ଚାହେଁ, ଯାହା ତୁମ ପାଖରେ ଅଛି ପ୍ରଭାକର ।" ବିଦାୟ ନେବା ପୂର୍ବରୁ ଲାଜମିଶା ସ୍ମିତହସ ଟିଏ ହସିଦେଇ ଚାଲିଗଲା ଅନୁ । ବସନ୍ତଋତୁର ଚେନାଏମଳୟ ପବନ ଯେମିତି ପ୍ରଭାକର ମନରେ ସଞ୍ଚରିଗଲା । ସାଙ୍କୁଡ଼ି ଯାଇଥିବା ଲାଜକୁଳୀ ଲତା ପରି ତା'ର ମନଟି, ଏହାର ପ୍ରଭାବରେ ପଲ୍ଲବିତ ହୋଇ ଯାଇଥିଲା । ଅନୁପ୍ରଭା ତାର ଦୁଇ ସାନ ଭାଇଙ୍କୁ ଧରି ମା'ଙ୍କୁ ଭେଟ କରିବା ପାଇଁ ଘର ଭିତରକୁ ପଶି ଯାଉଥିବା ବେଳେ ପଛରୁ ଶୁଭୁଥିଲ ପାର୍ବତୀ ମାଉସୀଙ୍କର ସେଇ କର୍କଶ ସ୍ୱର - "ଥେଇ- ଥେଇ ହେବା ଛାଡରେ ପିଲେ, ଅନୁ ପରି ଲଢ, ଥେଇ - ଥେଇ, ହେବା ଛାଡରେ ତୁମେ... ପାଠପଢ... ପାଠପଢ....

(((-)))

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ଼

ISSN NO.
2582-208X

# ସଙ୍କଟ ମୋଚନ ବୀର ହନୁମାନ



ଡ଼ଃ ଅନୁପମା ବିଶ୍ୱାଳ

ସଙ୍କଟ ମୋଚନ ବୀର ହନୁମାନ
ଶ୍ରୀରାମ ପ୍ରିୟ ଭକତ
ତୁମରି ନାମକୁ କରିଲେ ସ୍ମରଣ
ମିଳେ ବିପଦୁ ମୁକତ ।

ଭକ୍ତ ଶିରୋମଣି ହେ ପବନ ସୁତ
ତୁମ ହୃଦେ ପ୍ରଭୁ ବାସ
ଛାତି ଚିରିଦେଇ ପ୍ରମାଣ ଦେଇଛ
ବୋଲି ହୃଦେ ଭକ୍ତି ରସ ।

ମାତା ସୀତାଙ୍କର କରିଦେଇ ଠାବ
କରିଛ ତାଙ୍କ ସନ୍ଧାନ
ବିଶଲ୍ୟକରଣୀ ଆଣିଦେଇ ନିଜେ
କରିଥିଲ ଜୀବଦାନ ।

ଅଙ୍ଗେ ଅଙ୍ଗେ ତୁମେ ସିନ୍ଦୁର ବୋଳିଲ
ରାମଙ୍କୁ ପାଇବା ପାଇଁ
ଭକ୍ତି ପରାକାଷ୍ଠା ଦେଖାଇଛ ତୁମେ
ଆହେ ହନୁମନ୍ତ ସାଇଁ ।

ISSN NO.
2582-208X

ବଳ ବୁଦ୍ଧି ତୁମ ଅମାପ ଅଟଇ
ମନ ବିଶୁଦ୍ଧ ନିର୍ମଳ
ପରମ ଜ୍ଞାନର ସିନ୍ଧୁ ପାରାବାର
ନ ଥାଏ ହୃଦୟେ ଛଳ ।

ଅତୀନ୍ଦ୍ରିୟ ଦେଶେ କରି ବିଚରଣ
ରଖିଛ ନିଜର ନାମ
ପଣା ସଂକ୍ରାନ୍ତିରେ ପୁଣ୍ୟ ନକ୍ଷତ୍ରରେ
ହୋଇଛ ତୁମେ ଜନମ ।

ବିପଦେ ଆପଦେ ତୁମ ନାମ ସ୍ମରି
ତୁମକୁ ଧ୍ୟାନ କରିଲେ
ଭୟ ଭାବ ଦୂର ହୁଅଇ ସଅଳ
ସାହସ ଶକତି ମିଳେ ।

ଘେନ ହେ ପ୍ରଣତି ଘେନ ଭାବ ଭକ୍ତି
ଦିଅ ପୟରେ ଶରଣ
ତୁମ କରୁଣାରୁ ଏହି ସଂସାରରେ
ହେଉ ରାମ ରସ ଜ୍ଞାନ ।

(((-)))

ସମ୍ବଲପୁର
ମୋ: ୭୯୭୮୫୬୮୩୨୨

ISSN NO.
2582-208X

# ଚନ୍ଦ୍ରନଈ



ପ୍ରଫୁଲ୍ଲ ଚନ୍ଦ୍ର ବାରିକ

ଅସହଣୀ ହବାର ଶବ୍ଦଟିଏ
କେହି କେବେ ଶୁଣିନାହିଁ
ତୋ ମୁହଁରୁ ,
ତୁ ଦେବୀ, ଶାଶ୍ୱତୀ
ତୁ ଚିରନ୍ତନୀ
ସମସ୍ତିଙ୍କ ଡାକରେ ଓ' କହି
ଆଗକୁ ଆଗକୁ ବଢୁଥିବା
ମହିୟସୀ, ସଶ୍ରଦ୍ଧ ସମ୍ବୋଧନ ।

ତୁ ନିଷ୍ଠୁର ସତ୍ୟ ।
କିଏକହେ
ତୁ ନଈ,ନିଆଁ ପୁଣି ନର୍କ ।

ନିର୍ଲିପ୍ତ ଋଷ୍ୟଶୃଙ୍ଗଙ୍କୁ ବାଟ ହୁଡ଼ାଇଥିବା
ଯୋଡାଏ ନୀଳ ଆଖି ?

ISSN NO.
2582-208X

ତଥାପି ତୋର ସୁକୁମାରୀ ଛାତି ତଳେ
ବହୁଥାଏ ମମତାର କଲ୍ଲୋଳ ।

ତୁ ସହଧର୍ମିଣୀ, ସହକର୍ମିଣୀ, ସହଗାମିନୀ
ପଥପ୍ରଦର୍ଶିକା
ତୁ ଅଗ୍ରଜା, ଅଗ୍ରଗଣ୍ୟା, ଅଗ୍ରଗାମିନୀ ।

ମାଆ ଆଖ୍ୟା ନେଇଚୁ ତ
ବାଦଲ ପରି ବର୍ଷି ଯା'
ଝରଣା ପରି ଝରି ଯା'
ପବନ ପରି ପହଁରି ଯା'
ମାଟି ପରି ମହକି ଯା'
ବିମଳ ଶବ୍ଦପୁଞ୍ଜ ପରି ବିମୁଗ୍ଧତାକୁ
ବିନୟ ପଣରେ ବିଛେଇ ଯା' ।

(((-)))

ବେଦବ୍ୟାସ, ରାଉରକେଲା-୪
ମୋ: ୯୦୯୦୩୩୦୮୫୯

ISSN NO.
2582-208X

# ଲଳିତ ନିବନ୍ଧ-
# ଭଲ ବହି



ବଦ୍ରୀ ମହାନ୍ତ

ମନକୁ ଆନନ୍ଦ ଦୋଳିରେ ବସାଇବା ପାଇଁ ଅସହାୟ ଅବସ୍ଥାରେ ନିଃସର୍ତ୍ତ ହାତଟିଏ ଯିଏ ବଢ଼ାଇ ଦିଏ, ସେ ହେଉଛି ବନ୍ଧୁ। ଏଠି ସେଠି ସବୁଠି ଆମେ ଜୀବନ ବ୍ୟାପୀ ଖୋଜି ବୁଲୁଛୁ କେଉଁଠି ଅଛି ନିରୋଳା ସାଥୀଟିଏ, ଯେ ବୁଝିପାରୁଥିବ ମନ କଥା, ଛାତିର ବେଦନା, ଅବୋଧ ଓ ଦୁର୍ବୋଧ୍ୟକୁ ସୁବୋଧ କରି ଦେଖାଉଥିବ ପ୍ରଶସ୍ତ ରାସ୍ତା। ସୁଖ ଦୁଃଖ ଅଭାବ ଅସୁବିଧାରେ ଦାଣ୍ଡ ଦୁଆରେ ପହଞ୍ଚି ସବୁ ଅବସାଦ ଦୂର କରିବାକୁ ସର୍ବୋଚ୍ଚ ତ୍ୟାଗ କରୁଥିବ। ଜୀବନ ପଡ଼ିଯାଉଥିବ ଶଗଡ଼ ଗୁଳାରେ। ସେଥିପାଇଁ ଅନ୍ୟ ଅନେକ ସଂପର୍କ ମଧ୍ୟରୁ ସାଥୀତ୍ୱ ନିଆରା, ଯାହା ବିଭିନ୍ନ ଅବସ୍ଥାରେ ନାନାଦି ଆବଶ୍ୟକତାକୁ ପୂରଣ କରିଥାଏ। କେତେବେଳେ ସେ ପ୍ରାଣପ୍ରିୟ ତ କେତେବେଳେ ଦିଗଦ୍ରଷ୍ଟା, କେତେବେଳେ ଭବିଷ୍ୟତ ନିର୍ମାତା ତ କେତେବେଳେ ହୃଦୟ ଯୋଡୁଥିବା ସେତୁ। ସେ ଅଦ୍ୱିତୀୟ ସାଥୀଟି 'ବହି' ରୂପେ ଆମ ପାଖେ ପାଖେ ରହିଛି,ଆମ ହସ ଲୁହର ଅଂଶୀଦାର ହୋଇ କେଉଁ ଅନାଦି କାଳରୁ। ଏବଂ କାଳ କାଳକୁ ରହିଥିବ।

ସ୍ୱପ୍ନ ଦେଖାଇ ସମ୍ଭାବନା ଆଡ଼କୁ ନେଇଗଲା ବେଳେ ବହି କହିଦିଏ କଣ ପାଇବ, କଣ ଦେବ ଓ କେଉଁଠି ଝୁଣ୍ଟି ପଡ଼ିବ।

ଶରୀରର ସବୁ ଇଲାକାକୁ ସ୍ପର୍ଶ କରି ମନକୁ ଆନ୍ଦୋଳିତ କରେ, ହୃଦୟ ମନ୍ଥନ କରେ, ବିବେକର ବିସ୍ତୃତ ଚାଦର ଉପରେ ଲେଖିଦିଏ ଅନେକ ଅଜଣା କଥା। ଜୀବନର ପ୍ରତିଟି ଥାକରେ ଭିନ୍ନ ଭିନ୍ନ ରୂପରେ ବିଶ୍ୱାସ ଭରସା, ବନ୍ଧନ ବିଚ୍ଛେଦ ଓ ସଂଘର୍ଷ ସଂଘାତର କଥା

ISSN NO.
2582-208X

ଶୁଣାଇ ଚାଲିଥାଏ। କେହି କେହି ଏହାକୁ ଅନୁଭବ କରି ସଜାଡ଼ି ହୁଅନ୍ତି ଆଉ କେହି କେହି ଅବୁଝା ହୋଇ ରହି ଯାଆନ୍ତି ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ। ଅନିବାର୍ଯ୍ୟ ଆବଶ୍ୟକତା ମନେକରି ଶୟନେ ସପନେ ଅଥବା ଜାଗରଣରେ ଏହାର ଯତ୍ନ ନେବା ସହିତ ପୂଜା କରନ୍ତି। ବିଶ୍ୱାସ କରନ୍ତି ସ୍ୱୟଂ ଦେବୀ ସରସ୍ୱତୀ ତା ମଧ୍ୟରେ ବିଦ୍ୟମାନ ।

ସେଦିନର ଶିଳାଲିପି, ତାମ୍ରଲିପି, ଭୂର୍ଜପତ୍ର ଓ ତାଳପତ୍ରଠାରୁ ଛପା କାଗଜ ଦେଇ ବର୍ତ୍ତମାନର ଡିଜିଟାଲ ସଂସାର ପର୍ଯ୍ୟନ୍ତ ପ୍ରିୟ ସାଥୀ 'ବହି' ଶୁଣାଇଛି ଅନେକ କାହାଣୀ। ମୃତପ୍ରାୟ ଇତିହାସକୁ ଜୀବନ ଦେଇଛି ଏବଂ ସଂସ୍କୃତ ସମ୍ପନ୍ନ ଆଧ୍ୟାତ୍ମିକ ସମାଜରେ ଆଣିଛି ବୈପ୍ଳବିକ ପରିବର୍ତ୍ତନ। କେତେବେଳେ ଶାସକକୁ ଗାଦିଚ୍ୟୁତ କରିଛି ତ କେତେବେଳେ ସିଂହାସନ ଆରୋହଣ କରିବାର ପ୍ରମୁଖ ଭୂମିକା ନେଇଛି। ପରଦା ପଛରେ ରହି ସାଧାରଣ ମଣିଷର ଜୀବନ ଯାତ୍ରାର ପ୍ରତିଟି ଦିଗକୁ ନିୟନ୍ତ୍ରଣ କରୁଥିବାବହିର ଶକ୍ତି ସମର୍ଥ୍ୟ ଓ ଯୋଗଦାନକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଏକାକୀତ୍ୱ ଦୂର କରି ମନୋରଞ୍ଜନ କରିବା ସହିତ ପ୍ରତି ବର୍ଗ ପ୍ରତି ବୟସର ମଣିଷଙ୍କୁ ରାସ୍ତା ଦେଖାଉଥିବା ଏ ମହାର୍ଘ୍ୟ ବସ୍ତୁଟି ନେଇଯାଏ କଳ୍ପନାର ଦୁନିଆକୁ ନବସୃଜନ ପାଇଁ। ସେ ଆମର ସର୍ବକାଳୀନ ଗୁରୁ, ଦାତା, ନିୟନ୍ତ୍ରକ ଓ ପଥ ପ୍ରଦର୍ଶକ।

କୌଣସି ସମୟରେ ନିଜର ମୂଳ ବିଚାର ଭାବନା ସତ୍ୟ, ସର୍ବମାନ୍ୟ ଓ ସର୍ବଶ୍ରେଷ୍ଠ ନୁହେଁ, ଏ କଥାଟି କହେ ଭଲ ବହି। ସଭ୍ୟତାର ବିକାଶ ସହିତ ପାଦକୁ ପାଦ ମିଳାଇ ସମୟର ଗତିକୁ ସଠିକ ଭାବରେ ପରଖି ପାରେ। ସୁସଂଯତ ଶବ୍ଦ, ବୋଧଗମ୍ୟ ବାକ୍ୟ ଓ ଅନୁପମ ପରିପାଟୀକୁ ନେଇ ବିଷୟ ବସ୍ତୁ ଉପସ୍ଥାପନ କଲାବେଳେ ନିଜର ଉଦ୍ଦେଶ୍ୟଟିକୁ ସ୍ୱଷ୍ଟ କରି ଦେଇଥାଏ। ପୌରାଣିକ ଐତିହାସିକ ସାମାଜିକ ଅର୍ଥନୈତିକ ଜ୍ୟୋତିଷ ଠାରୁ ଆରମ୍ଭକରି ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ବା ମନୋରଞ୍ଜନ ପର୍ଯ୍ୟନ୍ତ ଏମିତି କୌଣସି ବିଭାଗ ନାହିଁ, ଯେଉଁଠି ବହି ନିଜର ଦାୟିତ୍ୱ ବହନ କରିନାହିଁ। ସବୁ କ୍ଷେତ୍ରରେ ଯେ ଭଲବହି ଆତ୍ମପ୍ରକାଶ କରୁଛି ଏହା ସତ୍ୟ ନୁହେଁ। ବ୍ୟକ୍ତି ଜଣକ ହିଁ ଏହାର ସ୍ରଷ୍ଟା ହୋଇଥିବାରୁ ବୁଦ୍ଧି ବିବେକ ଜ୍ଞାନ ସହିତ ସାମର୍ଥ୍ୟ ଓ କଳା କୌଶଳ ଉପରେ ନିର୍ଭର କରେ ବହିର ଭଲ ମନ୍ଦ ବାଣୀ।

ପ୍ରତି କାଳଖଣ୍ଡରେ ତତ୍କାଳୀନ ସମାଜ ବ୍ୟବସ୍ଥା ଚଳଣି ସଂଘର୍ଷ ଓ ଜୀବନର ନାନାଦି ସମସ୍ୟା ଆତ୍ମପ୍ରକାଶ କରିବାର ଶୈଳୀ ସମୟ ଅନୁସାରେ ପରିବର୍ତ୍ତନ ଘଟେ। ତେଣୁ ଆଜି

ISSN NO.
2582-208X

ଯଦି କେହି ବେଦ ଉପନିଷଦ ସମୟର ପ୍ରକାଶନ ବିଷୟ ସୂଚୀ ଓ ଧାରାକୁ ସମ୍ପ୍ରତି ସହିତ ତୁଳନା କରନ୍ତି ସେମାନଙ୍କୁ ନିରାଶ ହେବାକୁ ପଡ଼ିବ। ଭଲ ବହି ସଂକ୍ରାନ୍ତରେ ନିରପେକ୍ଷ ଆଲୋଚନା କଲାବେଳେ ବୈଦିକ ଯୁଗଠାରୁ ଅତ୍ୟାଧୁନିକ ଏଲକ୍ଟ୍ରୋନିକ୍ସ ଯୁଗ ପର୍ଯ୍ୟନ୍ତ ବିକଶିତ ପରିବର୍ତ୍ତନ ଧାରାକୁ ବିଚାର କଲେ ଦେଖିହେବ କେଉଁ ଲକ୍ଷ୍ୟ ସାଧନ ନିମନ୍ତେ ସ୍ରଷ୍ଟା ଜଣକ ନିଜର ସାଧନଜନିତ ପୁଞ୍ଜିର ବିନିଯୋଗ କରିଛି। ଚରିତ୍ର ଚିତ୍ରଣ, ଅବସ୍ଥା ଏବଂ କାହାଣୀ ବହିର ଆତ୍ମା ହେଲେ ସୁଦ୍ଧା ଭାଷା ଓ ଲିପି ତାର ସଶକ୍ତ ଅଙ୍ଗ। ପାଠକ ଓ ଶ୍ରୋତା ନିକଟରେ ସହଜରେ ସଳଖ ରାସ୍ତାରେ ପହଞ୍ଚାଇବାକୁ ଯାଇ ଗୀତ କାବ୍ୟ ଗଦ୍ୟ ବା ନାଟକୀୟତାର ମାଧ୍ୟମ ଲୋଡ଼ାପଡ଼େ। ସ୍ରଷ୍ଟା ଗୋପନରେ ସ୍ଥିର କରୁଥାଏ କାହାର ସାହାରା ନିଆଯିବ, କେଉଁ ଅଳଙ୍କାର ଭୂଷିତ ହୋଇ ଗ୍ରନ୍ଥଟି ଆଲୋକ ଦେଖିବ, ଯାହା ମନକୁ ଛୁଇଁବ, ହୃଦୟରେ ଭରିଦେବ ବିମଳ ଆନନ୍ଦ।

ଆମ ବହି ଜଗତ ଭିତରେ ଥିବା ବେଦ ଉପନିଷଦ ଗୀତା ରାମାୟଣ ମହାଭାରତ ଅଷ୍ଟାଦଶ ପୁରାଣ ଠାରୁ ବର୍ତ୍ତମାନର ଗ୍ରନ୍ଥରେ ଥିବା ଅସଂଖ୍ୟ ମହନୀୟ ଚରିତ୍ର, କାଳଜୟୀ ଘଟଣାବଳୀ ଓ ତାର ପରିଣତି କୋଟି କୋଟି ପାଠକଙ୍କର ପ୍ରିୟ ବହି ହୋଇ ରହି ଆସିଛି। ଭଲ ବହିର ସବୁ ଗୁଣ ପରିପୂର୍ଣ୍ଣ ଥିବାରୁ ଏହାର ରୂପାନ୍ତରଣ ସୁଦ୍ଧା ଯୁଗ ଯୁଗ ଧରି ଜୀବନକୁ ବର୍ଣ୍ଣ ବିଭୂଷିତ କରିଛି। ନିରୁତା ପ୍ରେମ, ରୋମାଞ୍ଚ, ମନୋରଞ୍ଜନ, ଲୋକକଥା, ଭ୍ରମଣ କାହାଣୀ, ଜୀବନ ଚରିତ, ଚଳଚ୍ଚିତ୍ର, ଫେସନ, ଅର୍ଥନୀତି, କ୍ରୀଡା, ରାଜନୀତି, ଦର୍ଶନ ତତ୍ୱ ଆଦି ଅନ୍ୟ ସମସ୍ତ ବିଭାଗରେ ଆତ୍ମପ୍ରକାଶ କରୁଥିବା ବହି ଆଦୃତ ହେଉଥିଲେ ମଧ୍ୟ ସମସ୍ତ ପୁସ୍ତକ ଯେ ଭଲ, ଏହା ନୁହେଁ। ଉଦ୍ଦେଶ୍ୟ ପ୍ରଣୋଦିତ ପୁସ୍ତକ ନିଜ ଲକ୍ଷ୍ୟରେ ସଫଳ ହୋଇପାରେ ସ୍ୱଳ୍ପ ସମୟ ପାଇଁ,ପ୍ରିୟତମ ରୂପେ ଆଲୋଚିତ ହେଉଥିଲେ ବି ସବୁ ଗୁଡିକୁ ଭଲ ବହି ରୂପେ ଗଣା ଯାଇ ପାରିବ ନାହିଁ। ପାଠ୍ୟ ପୁସ୍ତକ ରୂପେ ଭୂଗୋଳ ଗଣିତ ସାହିତ୍ୟ କୃଷି ପଶୁପାଳନ ସହିତ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ଗବେଷଣା ପୁସ୍ତକର ପ୍ରଚୁର ଉପାଦେୟତା ଥିଲେ ମଧ୍ୟ ସବୁକାଳେ ଭଲ ବହି ରୂପେ ଗଣାଯିବ ତାର କୌଣସି କାରଣ ନାହିଁ। ନିର୍ଦ୍ଦିଷ୍ଟ ଗୋଷ୍ଠୀର ପାଠକ ଏହାକୁ ଉପଯୋଗ କରନ୍ତି। ଗୋଟିଏ ବିଷୟ ନିମନ୍ତେ ଅନେକ ବହି ପ୍ରକାଶିତ ହେଉଥିବାରୁ ଯେ ସଫଳତା ନିକଟରେ ପହଞ୍ଚାଇ ଦିଏ, ସେ ହିଁ ଭଲବହି।

ISSN NO.
2582-208X

କୌଣସି ପୁସ୍ତକର ସର୍ବାଧିକ ପ୍ରସାରଣ, ବ୍ୟବସାୟିକ ସଫଳତା, ସୁଦୃଶ୍ୟ ପ୍ରଚ୍ଛଦ, ସାଜସଜ୍ଜା, ପ୍ରାଚୀନତା ବା ବୃହତ କଳେବର ତୁଳନାରେ ପାଠକର ବିଚାର ଓ ଗ୍ରହଣୀୟତା ହିଁ ସର୍ବମାନ୍ୟ ପରିମାପକ। ବାଇ ମହାନ୍ତି ମନେ କରନ୍ତି ବହି ଭିତର ଦେଇ ପାଠକଟିଏ ପର ସଂଯୁକ୍ତ କରେ କଳ୍ପନାରେ, ଜୀବନ ରାସ୍ତାକୁ ଉଜ୍ଜ୍ୱଳ କରେ, ମନ ପ୍ରାଣରେ ଉଠୁଥିବା ନାନାଦି ଉଦବେଗ ପ୍ରଶମିତ କରି ସନ୍ତୁଳନ ଆଣେ ଚଲାପଥରେ। ଅତଏବ ଚିରକାଳ ଭଲ ବହି ସନ୍ଧାନରେ ସମୟ ଓ ଶ୍ରମ ବିନିଯୋଗ କରିବାରେ ଅଯୌକ୍ତିକତା ନାହିଁ।

(((-)))

ବି-10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଶିକ୍ଷାର ନୂଆ ରୂପ



ବାସନ୍ତୀ ଲତା ଜେନା

ବଦଳିଲା ସବୁ ଶିକ୍ଷାର ବ୍ୟବସ୍ଥା
  ସମୟ ସୁଅରେ ଧାରେ
ଖଡ଼ି ଓ ସିଲଟ ପେନସିଲ୍ କଲମ
  ରହୁ ନାହିଁ ବସ୍ତାନୀରେ ।୧।
କମ୍ପୁଟର ଚାଲେ ବିଦ୍ୟାଳୟ ମଧ୍ୟେ
  ସ୍ମାର୍ଟ କ୍ଲାସ ହେଉ ଅଛି
ଲାପ୍ଟକ ଫୋନ୍ ରେ ପାଠ ପଢା ହୁଏ
  ଦ୍ରୁତ ଗତିରେ ଚାଲିଛି ।୨।
ଗାଆଁ ଚାଟଶାଳୀ ଆଉ ତ ଦିଶୁନି
  ଉଡ଼ିଛି ତାର ଛପର
କଚା ରାସ୍ତା ଆଉ କେଉଁଠି ଦିଶୁନି
  ପକ୍କା ରାସ୍ତା ସବୁ ଠାରେ ।୩।
ଓଡ଼ିଆ ସ୍କୁଲର ଆଦର କମୁଛି
  ପିଲା ପାଠ ନ ପଢ଼ନ୍ତି
ଇଂରାଜୀ ସ୍କୁଲରେ ପାଠ ପଢିବାକୁ
  ଆଗଭର ହେଉଛନ୍ତି ।୪।
ସ୍କୁଲ ୟୁନିଫର୍ମ ବେକରେ ତ ଟାଇ
  ସଜ ବାଜ ହୋଇ ଯାନ୍ତି
ମଧ୍ୟାନ ବିରତି ଆସିଗଲେ ବନ୍ଧୁ

ISSN NO.
2582-208X

ପିଜା ବରଗର ଖାନ୍ତି ।୫।
ଶିକ୍ଷାର ସ୍ୱରୂପ ବଦଳି ଯାଇଛି
ଅଞ୍ଚଳ ଦଣ୍ଡ ମୁକ୍ତର
ଛାତ୍ର ଛାତ୍ରୀ ମାନେ ଗୁରୁ ନ ଡରନ୍ତି
ସମ୍ମାନ ନାହିଁ ତାଙ୍କର ।୬।
ବାଡ଼ି ଧରି ଆଉ ପାଠ ପଢା ନାହିଁ
ନୂଆ ପାଠ ପଢା ସାଥେ
ଶିଶୁ କୈନ୍ଦ୍ରିକ ଶିକ୍ଷଣ ହୋଇଛି
ଗଦା ଗଦା ବହି ରଥେ ।୭।
ନଇଁ ଯାଏ ପିଠି କୋମଳ ଛାତ୍ରର
ମୁଣ୍ଡ ହୁଏ ଭାରା କାନ୍ତ
ଶୈଶବ ତାହାର ପଠନରେ କଟେ
ଖେଳର ସମୟ ଅନ୍ତ ।୮।
ପିତା ମାତଙ୍କର ବଡ଼ ବଡ଼ ସ୍ୱପ୍ନ
ଡାକ୍ତର ଇଞ୍ଜିନିୟର
ପାଠର ଚାପରେ ପିଲା ଦିନ ହଜେ
ସ୍ମୃତି ରହେ ନାହିଁ ତାର ।୯।
ବାଲି ଘର ଖେଳ ସାଙ୍ଗ ସାଥି ମେଳ
ବର୍ଷାରେ ଭିଜା ଆନନ୍ଦ
ଆଜି ଆଉ ତାହା ଦେଖା ଯାଉ ନାହିଁ
ଜୀବନ ତ ନିରାନନ୍ଦ ।୧୦।

(((-)))

କବର, କୁପାରୀ, ବାଲେଶ୍ୱର
ଦୂରଭାଷ ନଂ : 8658655979

ISSN NO.
2582-208X

# ନ୍ୟାୟାଭିଳାଶୀ



ଅଳକା ମହାନ୍ତ

ହରାଇ ଥିଲି ମୁଁ ଶୈଶବ କୁ ଯେବେ
କହିଲା ସମାଜ ମୋ ଭାଗ୍ୟ ଲେଖା,
ତିଳ ତିଳ ହୋଇ ଜଳୁଥିଲି ଯେବେ
କରୁଥିଲା ମୋତେ ସେ ଅଣଦେଖା।

ରକ୍ତାକ୍ତ ଅସ୍ତିତ୍ୱ ସଂଘର୍ଷ କରିଲା
ମିଳିଲାନି ନ୍ୟାୟ ଅଦାଲତରେ,
ନରଭକ୍ଷୀମାନେ ନ୍ୟାୟାଧୀଶ ଥିଲେ
ବିସ୍ମୃତି ହୋଇଲା କାଳ ଚକ୍ର ରେ।

ଗଭୀରତା କେହି ମାପି ପାରିଲେନି
କ୍ଷତ ରହିଗଲା ଅମାପ ହୋଇ,
ଚରିତ୍ର ର ଚର୍ଚ୍ଚା ଅହରହ ହେଲା
ନ୍ୟାୟ ବସିଗଲା ନୀରବ ହୋଇ।

ପ୍ରକୃତ ପଶୁଟି ଭାଷଣ ଦେଉଛି
ହୋଇଅଛି ସେହି ଭାଗ୍ୟ ବିଧାତା,
କୁଳ ଲଜ୍ଜ୍ୟା ଭାବି ଗୁମୁରି କାନ୍ଦୁଛି
ଅବହେଳିତ ମୁଁ ସେହି ପୀଡ଼ିତା।

ISSN NO.
2582-208X

ଛାଡ଼ିଦେବି ନାହିଁ ଭାଗ୍ୟର ଉପରେ
ନ୍ୟାୟକୁହିଁ ସଦା ମୁଁ ମାଗୁ ଥିବି
ସମାଜର ସବୁ ଠିକାଦାର ଙ୍କର
କାଳିମା କାହାଣୀ ମୁଁ ଲେଖୁଥିବି ।

(((-)))

ଭୁବନେଶ୍ୱର

ISSN NO.
2582-208X

# ସତ୍ୟପ୍ରିୟ ମହାଳିକଙ୍କ ଉପନ୍ୟାସ

ଡ. ରୀନା ରାଣୀ ମଲ୍ଲିକ

ଶ୍ରୀ ସତ୍ୟପ୍ରିୟ ମହାଳିକ ସାମ୍ପ୍ରତିକ ସମୟର ଜଣେ ପରିଚିତ ଔପନ୍ୟାସିକ । ଉପନ୍ୟାସ ଓ ଗଳ୍ପ ଉଭୟ କ୍ଷେତ୍ରରେ ସେ ଜଣେ ସଫଳ ସ୍ରଷ୍ଟା । ପ୍ରଥାବଦ୍ଧ ଉପନ୍ୟାସ ରଚନାର ଧାରାରେ ନଯାଇ ସେ କିଛି ଭିନ୍ନ କରିବାପାଇଁ ଚେଷ୍ଟା କରିଛନ୍ତି । ସେଇ ଚେଷ୍ଟାରୁ ଆସିଛି ବିବିଧ ପରୀକ୍ଷା ନିରିକ୍ଷା । ଏହା କଥାବସ୍ତୁ ଚୟନରେ ହେଉ ବା କଥା ଉପସ୍ଥାପନାରେ ହେଉ, ତାଙ୍କ ଉପନ୍ୟାସ ମାନଙ୍କରେ ଆସିଚି ନିଶ୍ଚୟ-ନୀତି ନିୟମ ଅନୁସରଣ ନ କରି ସେ ନୂତନ ପଥର ଅନୁସନ୍ଧାନ କରିଛନ୍ତି । ମଣିଷ ଜୀବନର ଅନୁଭୂତିକୁ ବ୍ୟଞ୍ଜନା ମାଧ୍ୟମରେ ସେ ତାଙ୍କ କଥାସାହିତ୍ୟରେ ପ୍ରକାଶ କରିଛନ୍ତି । ସତ୍ୟପ୍ରିୟ ମହାଳିକ ଚାରୋଟି ଉପନ୍ୟାସ ରଚନା କରିଛନ୍ତି । ସେ ଗୁଡ଼ିକହେଲା 'ଅଣପୁରୁଷ'(୧୯୮୯), 'କଭରଷ୍ଟୋରି'(୨୦୦୭), 'ଶୂନ୍ୟକାଳ'(୨୦୦୮), 'ନିଉଟୋପିଆ'(୨୦୧୩) ତାଙ୍କ ଉପନ୍ୟାସଗୁଡ଼ିକ ପ୍ରାୟତଃ ଓଡ଼ିଶାର ସବୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶ ପାଇ ଆସୁଛି ।

ତାଙ୍କର ରଚନାଗତ ଉତ୍କୃଷ୍ଟତା ଓ ଚିନ୍ତାଧାରାରେ ନୂତନତା ହେତୁ 'ଶୂନ୍ୟକାଳ' ଉପନ୍ୟାସ ପାଇଁ ସେ ୨୦୧୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମି ଦ୍ୱାରା ପୁରସ୍କାର ଲାଭ କରିଥିଲେ। ସେ ସମକାଳୀନ ସମାଜ ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ରହସ୍ୟ ଭେଦ ପୂର୍ବକ ଗଳ୍ପ ଓ ଉପନ୍ୟାସ ରଚନା କରିଛନ୍ତି । ମାନବିକ ଭାବାବେଗ ତାଙ୍କ କଥା ସାହିତ୍ୟର ମୂଳହେତୁ। ତାଙ୍କ ଉପନ୍ୟାସଗୁଡ଼ିକ ଗଭୀର ଅନୁଭୂତି ସମ୍ପନ୍ନ ହୋଇଥିବାରୁ ତାଙ୍କ କୃତି ଗୁଡ଼ିକ ଯୁଗୋପଯୋଗୀ ହୋଇ ପାରିଛି ।

ସେ ସାହିତ୍ୟକୁ ନିଜର ପେଷା ଭାବରେ ଗ୍ରହଣ କରି ନାହାନ୍ତି । ମାତ୍ର ତାଙ୍କର ଆତ୍ମାର ଶାନ୍ତି ନିମନ୍ତେ ସେ ସୃଷ୍ଟି ପରେ ସୃଷ୍ଟି କରିଚାଲିଛନ୍ତି । ସେ ଗୋଟିଏ ବିଛିନ୍ନାଚଂଳରେ ରହି ସେଠାକାର ଓଡ଼ିଆଙ୍କ ଯନ୍ତ୍ରଣା କ୍ଲିଷ୍ଟ ଜୀବନକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି ଏବଂ ସେଗୁଡ଼ିକ ଜୀବନ୍ତ ହୋଇ ଫୁଟି ଉଠିଛି ତାଙ୍କ ରଚନା ମଧ୍ୟରେ । ବାସ୍ତବିକ୍ ସେ ଜଣେ

ISSN NO.
2582-208X

ଦରଦୀ ଶିଳ୍ପୀ ଏବଂ କଳାର ପୂଜାରୀ । ସେ ଜୀବନକୁନେଇ ବହୁ ପରୀକ୍ଷା ନିରୀକ୍ଷା କରୁଛନ୍ତି । ସମସାମୟିକ କଥାକାରମାନଙ୍କ ତୁଳନାରେ ତାଙ୍କର ରଚନାଗୁଡ଼ିକ ଭିନ୍ନ ସ୍ୱାଦର।

କଥାବସ୍ତୁ ଉପନ୍ୟାସର ଏକ ବିଶିଷ୍ଟ ଉପାଦାନ । କଥାବସ୍ତୁ ବା ଆଖ୍ୟାନ ଭାଗ ବିନା ଉପନ୍ୟାସ ଗତି କରିବା ଅସମ୍ଭବ । ଲେଖକଙ୍କ ଚାରୋଟି ଯାକ ଉପନ୍ୟାସ ସମସ୍ୟା ଭିତ୍ତିକ। ଏଥି ମଧ୍ୟରୁ 'କଭରଷ୍ଟୋରୀ' ବ୍ୟକ୍ତିଗତ ସମସ୍ୟା ଆଧାରିତ ଓ 'ଅଣପୁରୁଷ', 'ଶୂନ୍ୟକାଳ', 'ନିଉଟୋପିଆ,' ସାମାଜିକ ସମସ୍ୟାକୁ ନେଇ ଆଧାରିତ ।

### ବ୍ୟକ୍ତିଗତ ସମସ୍ୟା

ରାଜନୀତିକ ସଂଗ୍ରାମ ସଂଘର୍ଷ ମନୁଷ୍ୟ ଜୀବନରେ ସ୍ୱଭାବିକ ପ୍ରତିକ୍ରିୟା ସୃଷ୍ଟିକରେ । ତେଣୁ ଆଧୁନିକ ମଣିଷ ରାଜନୀତିର ବଳୟ ମଧ୍ୟରୁ ନିଜକୁ କଦାପି ମୁକ୍ତ କରିପାରେ ନାହିଁ । ତେଣୁ ସମକାଳୀନ ସମାଜର ଚିନ୍ତାଚେତନା, ବିଦ୍ରୋହ, ବିପ୍ଳବ ଆଦି ସବୁକିଛି ରାଜନୀତି ଦ୍ୱାରା ପରିଚାଳିତ ହୋଇଥାଏ ।

ସମକାଳରେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ବର୍ଷରେ ରାଜନୀତିକ ଅସ୍ଥିରତା, ସଙ୍କଟ, ସଂଶୟ ଦେଖାଦେଇଛି । ସ୍ଥିତାବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରି ସତ୍ୟପ୍ରିୟ ମହାଳିକ ରଚନା କରିଛନ୍ତି 'କଭର ଷ୍ଟୋରି' । ଯାହାକି ଏକ ଚାରିବର୍ଷର ଶିଶୁକନ୍ୟାର ବଳାତ୍କାରର କାହାଣୀ ।

ଚିନିଚମ୍ପା ନାମକ ଚାରିବର୍ଷର ଝିଅକୁ ବଳାତ୍କାର କରିଛି ଏକ ଧନୀକ ରାଜନୀତିଜ୍ଞ ଘରର ପିଲା ବିଲମଙ୍ଗଳ । ଝିଅର ବାପା ନାରଙ୍ଗ କେସ୍ ଲଢ଼ିଛି । କେସ୍‌କୁ ଉଠାଇ ଆଣିବା ପାଇଁ ପୁଅର ବାପା ମୁଚୁକୁନ୍ଦ ଟଙ୍କାର ପ୍ରଲୋଭନ ଦେଖାଇଛି । କିନ୍ତୁ ଝିଅର ବାପା ଟଙ୍କାର ଲୋଭ କରିନାହିଁ । ସେ କେସ୍ ଲଢ଼ିଚି ବହୁ ଘାତ ପ୍ରତିଘାତ ମଧ୍ୟଦେଇ । ସର୍ବ ଶେଷରେ ସେ ଜିତି ବି ହରାଇଛି ତାର ମାନ-ସମ୍ମାନ, ଧନ-ସମ୍ପତି ଓ ବନ୍ଧୁ-ବାନ୍ଧବ । ଏଠାରେ ସେ ଚିନିଚମ୍ପାର ପିତୃହୃଦୟର ଉଦ୍‌ବେଳନ ପ୍ରକାଶ ମାଧ୍ୟମରେ ସମଗ୍ର ପିତୃ ହୃଦୟର ପ୍ରତିନିଧି ଭାବରେ ନାରଙ୍ଗକୁ ଉପସ୍ଥାପନ କରିଛନ୍ତି - "ଚାରିବର୍ଷର ଚିନି ହଠାତ୍ ଗୋଟେ ଚଉଦବର୍ଷର କିଶୋରୀ ପରି ଆଚରଣକଲା । ଅଥଚ ଏ ଆଚରଣ ନିହାତି ଅସ୍ୱାଭାବିକ ଓ ଏହା ତା'ବୟସ ତଥା ମାନସିକତାର ପରିପନ୍ଥୀ । ଗାଁ ଲୋକେ ଦୁନିଆ କଥା କହିଲେ ।

ISSN NO.
2582-208X

ନାରଙ୍ଗ ଜଣେ ଅପରାଧୀପରି ମୁଣ୍ଡ ତଳକୁ ପୋତି ଚାଲୁଥିଲା; ସତେ ଯେପରି ମୁଚୁକୁନ୍ଦ ପୁଅ ଚିନିକୁ ନୁହେଁ ନାରଙ୍ଗକୁ ହିଁ ବଳାତ୍କାର କରିଯାଇଛି ।" (କଭର ଷ୍ଟୋରି, ପୃଷ୍ଠା-୪୯)

ସେହିପରି ଅପରପକ୍ଷରେ ବିଲ୍ୱମଙ୍ଗଳର ବାପା ମୁଚୁକୁନ୍ଦ ଏକ ରାଜନୀତିକ ବ୍ୟକ୍ତି । ପଦବୀ ସିନା ନଥିଲା କିନ୍ତୁ ବହୁତ କିଛି କରିପାରିବାର କ୍ଷମତା ଥିଲା । ସେ ହସ୍ତିନାପୁରର ବିଖ୍ୟାତ କ୍ରିମିନାଲ୍ ଓକିଲ ତର୍ଜୁର୍ବା ମହାନ୍ତିକୁ ଧରିଥିଲା । ସେଥିପାଇଁ ତାର କ୍ଷତି ହୋଇଛି ବହୁତଟଙ୍କା ଓ ମାନସମ୍ମାନ । ଶେଷରେ ବଳାତ୍କାର ଝିଅକୁ ନ୍ୟାୟ ମିଳିଛି, କେବଳ କୋଡ଼ିଏ ହଜାର ଟଙ୍କା ଜୋରିମାନା ଯାହାଦେବ ବିଲ୍ୱମଙ୍ଗଳ । ଶେଷ ହୋଇଛି ସାମ୍ବାଦିକ ସାରଙ୍ଗର 'କଭର ଷ୍ଟୋରି' ଲେଖା । ଧର୍ଷଣ ପରି ଏକ ଅପରାଧ ସମାଜିକ ଜୀବନରେ ଓ ବ୍ୟକ୍ତିଗତ ସ୍ତରରେ କିପରି ଭୂମିକା ଗ୍ରହଣ କରିଛି । ଅଭିଯୁକ୍ତର ଅର୍ଥ ଓ ରାଜନୀତିକ କ୍ଷମତା କିପରି ସହଜ ନ୍ୟାୟ ପ୍ରାପ୍ତିର ପରିକୂଳତା ସାଜିଛି । ମନଜଗତରେ ସୃଷ୍ଟି ହେଉଥିବା ଉଦ୍‌ବେଗର ଏକକ ଦ୍ୱନ୍ଦ୍ୱକୁ ଭିତ୍ତିକରି ଏ ଉପନ୍ୟାସର ଆଖ୍ୟାନ ଗଢ଼ିଉଠିଛି ।

### ସାମାଜିକ ସମସ୍ୟା ଭିତ୍ତିକ କଥାବସ୍ତୁ - (ଶୂନ୍ୟକାଳ, ନିଉଟୋପିଆ, ଅଣପୁରୁଷ)

ଉପନ୍ୟାସର ବିବର୍ତ୍ତମାନରେ 'ଶୂନ୍ୟକାଳ' ଏକ ଅଭିନବ ପ୍ରୟାସ । ଏହାର ପୃଷ୍ଠଭୂମି ଏକ ବିଚ୍ଛିନ୍ନାଚଂଳ । ଇତିହାସ ଓ କଳ୍ପନାର ଆଧାର । ଯାଦୁଗଡ଼ ଏକ କଳ୍ପ ରାଜ୍ୟ ବା ଏହାର ପରିକଳ୍ପନା ପଛରେ ରହିଛି ଅନେକ ବାସ୍ତବତାର ଅନୁଭବ । ଯାହାକି କଦାପି ମାମୁଲି ଇତିହାସ ବା ଲୋକକଥା ନୁହେଁ, ଏହାର ମୁଖ୍ୟ ଚରିତ୍ର ଗଳ୍ପକଥକ । ସେ କେବଳ କାହାଣୀ କହି ଚାଲିଛି ମୂଳରୁ ଶେଷ ପର୍ଯ୍ୟନ୍ତ । ଗଳ୍ପ କଥକ ରାଜାଙ୍କୁ ଗଳ୍ପ କହୁଛନ୍ତି ଏଇ ସର୍ତ୍ତରେ ଯେ ପାରିଷଦ ବର୍ଗଙ୍କ ସମେତରାଜା ଅକ୍ଲାନ୍ତରେ ଗଳ୍ପଶୁଣିବେ ଏବଂ ଗଳ୍ପ ଶେଷରେ କଥକଙ୍କର ମୁଣ୍ଡ କଟାହେବ । ମୂଳ କାହାଣୀକୁ ଗତିଶୀଳ କରାଇବା ପାଇଁ କେତେ ଗୁଡ଼ିଏ ଉପକାହାଣୀର ସଂଯୋଜନା କରାଯାଇଛି । ପ୍ରଥମେ ସେ ରାଜକୁମାର ଚନ୍ଦ୍ରଭାନୁ ପ୍ରସଙ୍ଗ କହି ଗଳ୍ପ ଆରମ୍ଭ କରେ । ଏହି ପ୍ରସଙ୍ଗରେ କହୁକହୁ ମୁଖାନାଚ ଓ ନଟବର କଥା, ଏହାର ଶେଷରେ ମକର ଧ୍ୱଜକଥା ଏବଂ ମକର ଧ୍ୱଜର ଦ୍ୱିତୀୟ ରାତ୍ରିର କାହାଣୀ ମୂଳକାହାଣୀକୁ ଗତି ପ୍ରଦାନ କରିଛି । ପ୍ରତ୍ୟେକ କାହାଣୀ ମଧ୍ୟରେ ସେ ସଚେତନତାର ସହିତ ଦେବଦାସୀର ସାମ୍ପ୍ରତିକ ସ୍ଥିତି, ଧର୍ମାଧାରିତ ଦଙ୍ଗା, ନିଶା ବ୍ୟବସାୟ, କମ୍ପ୍ୟୁଟର ଉଦ୍‌ଭାବନ ଫଳରେ ପୂରାତନ ପ୍ରେସ୍‌ର ଅବସ୍ଥା ଆଦି ବହୁବିଧ ସମସ୍ୟାର ଉପସ୍ଥାପନ କରିଛନ୍ତି ।

ISSN NO.
2582-208X

ମଣିଷ ଜୀବନ ବଂଚିବା ପାଇଁ ବହୁ ସଂଘର୍ଷ ତଥା ସଂଗ୍ରାମ କରେ । ନିଜର ପରିବାର ପ୍ରତିପୋଷଣ ପାଇଁ ନିଜର ଭିଟାମାଟି ଛାଡ଼ି ଅନ୍ୟରାଜ୍ୟକୁ କୁଲିମଜୁରୀ କରିବାକୁ ଯାଏ । ଦାଦନ ଖଟିବାକୁ ଯାଇ ସେ କିପରି ନିଷ୍ପେଷିତ ଓ ଲୁଣ୍ଠିତ ହୁଏ । ତାହାର ନିଖୁଣ ବର୍ଣ୍ଣନା ସତ୍ୟପ୍ରିୟ ମହାଳିକ 'ଅଣପୁରୁଷ' ଉପନ୍ୟାସରେ ରହିଛି । ନିରୀହ ଦରିଦ୍ର ମଣିଷର ସରଳତାର ଫାଇଦା ଉଠାଇଛନ୍ତି ଅତ୍ୟାଚାରୀ ଦଲାଇ ଠିକାଦାର । ଅର୍ଥର ଲୋଭ ଦେଖାଇ ସେମାନଙ୍କୁ ନେଇଯାଇ ସେମାନଙ୍କ ଅଜାଣତରେ ସେମାନେ ବିକ୍ରିହୋଇ ଯାଇଛନ୍ତି ନେପାଳର ଠିକାଦାର ଅଇଦର ସିଂ ବାହାଦୂର ପାଖରେ । ବୁଆ, ବୁଆବା, ବୁଲା, ଅଗାଧୁ, ଯୋଗୀ ସମସ୍ତେ ନିଷ୍ପେସିତ ଦଳିତ । ଦାଦନ ଶ୍ରମିକମାନେ ଠିକାଦାର ଆଗରେ ଆୟତ୍ତାଧୀନ ପଶୁପରି ଜୀବନ ନେଇ ବଚିଂଛନ୍ତି, ଏଠୁ ମୁକ୍ତିନାହିଁ । ଏତେ ପରାଧୀନତା ପରେ ବି ସ୍ୱାଧୀନତାର ଆଲୋକ ପାଇଁକି ସେମାନେ ସ୍ୱପ୍ନ ଦେଖନ୍ତି । କି ସେମାନେ ଗାଁକୁ ନିଜଘରକୁ ଫେରି ସ୍ୱାଧୀନଭାବେ ଜୀବନ ଜିଇଁବେ ।

କ୍ଲାସିକ୍ ଯୁଗର ସାହିତ୍ୟିକ  ଥମାସ୍ ମୁର ସାମାଜିକ ଏକ ଚାଟିଆ ବିବିଧ ବ୍ୟବସ୍ଥାରେ ଅତିଷ୍ଠ ହୋଇ ଏକ ସୁନିୟନ୍ତ୍ରିତ ଦୁଃଖକ୍ଲିଷ୍ଟ ହୀନ ରାଜ୍ୟର ପରିକଳ୍ପନା କରିଥିଲେ । ଏହାର ନାମ ସେ ଦେଇଥିଲେ 'ୟୁଟୋପିଆ' । ଯାହା ଆମର 'ରାମରାଜ୍ୟ' ତୁଲ୍ୟ । ଔପନ୍ୟାସିକ ସତ୍ୟପ୍ରିୟ ମହାଳିକ ସେହି 'ୟୁଟୋପିଆର' ବ୍ୟଙ୍ଗାତ୍ମକ କଳ୍ପରାଜ୍ୟର ପରିକଳ୍ପନା କରିଛନ୍ତି। ଯେଉଁଠାରେ ସାମାଜିକ ଆଇନ୍ ବ୍ୟବସ୍ଥାକୁ ବ୍ୟଙ୍ଗ କରାଯାଇଛି । ତେଣୁ ସେ ସେହି କଳ୍ପ ରାଜ୍ୟର ନାମ ରଖିଛନ୍ତି 'ନିଉଟୋପିଆ' ଏଥିରେ ସେ 'ହୋ' ଆଦିବାସୀ ଜନଜାତିଙ୍କର ସମସ୍ୟାକୁ ବାସ୍ତବାୟିତ କରିଛନ୍ତି । ଏହା ଏକ କଳ୍ପନାପ୍ରସୂତ ଅଞ୍ଚଳ ହେଲେହେଁ ଏଥି ମଧ୍ୟରେ ପଦର୍ଶିତ ଘଟଣା, କାହାଣୀ ଓ ସମସ୍ୟାଗୁଡ଼ିକ ବାସ୍ତବ । ଏଥିରେ ସେ କଳକାରଖାନାର କୁପ୍ରଭାବ, ନଦୀରେ ପୋଲ ନିର୍ମାଣ, ପରିବେଶ ପ୍ରଦୂଷଣ, ସବୁଜ ସଂକଟ, ଜଳସମସ୍ୟା ଆଦିର ଚିତ୍ର ପ୍ରଦାନ କରିଛନ୍ତି ।

ଔପନ୍ୟାସିକ ବହୁବିଧ ସମସ୍ୟାକୁ ଖୁବ୍ ଚିତ୍ତାକର୍ଷକ ଭାବେ ଦର୍ଶାଇଛନ୍ତି । 'କଭର ଷ୍ଟୋରି' ଓ 'ନିଉଟୋପିଆ' ଉପନ୍ୟାସରେ ବହିର୍ଜଗତର ସମସ୍ୟା କିପରି ଅନ୍ତର୍ଜଗତର ଦ୍ୱନ୍ଦ୍ୱ ଭାବେ ଆସେ ତାହାକୁ ଫୁଟାଇଛନ୍ତି ସାରଙ୍ଗ, ନାରଙ୍ଗ, ପଲ୍ଲବୀ, କୁନାଲ ଚରିତ୍ର ମାଧ୍ୟମରେ । ସେହିପରି ବାହ୍ୟ ତଥା ସାମାଜିକ ସାମୂହିକ ସମସ୍ୟା ଯେପରି ଗ୍ରାମ୍ୟ ଜୀବନର ଭେଦାନୁଭେଦ, ହିନ୍ଦୁ ମୁସଲମାନ ବିବାଦ, ଆଇନ୍‌ଗତ ସ୍ଥିତି, ରାଜନୀତିର ଭୂମିକା,

ISSN NO.
2582-208X

ବିସ୍ଥାପନ ସମସ୍ୟା, ଦାଦନ ସମସ୍ୟା, ସବୁଜ ସଂକଟ ଆଦି ସମସ୍ୟାର ବିସ୍ତୃତ ବର୍ଣ୍ଣନା କରିଛନ୍ତି ।

ମନୁଷ୍ୟର ଅନ୍ତରଜଗତରେ ସଂଘଟିତ ଦ୍ୱନ୍ଦ୍ୱକୁ ଅନ୍ତର୍ଜଗତର ଦ୍ୱନ୍ଦ୍ୱ ବା ଅନ୍ତଦ୍ୱନ୍ଦ୍ୱ କୁହାଯାଏ । 'କଭର ଷ୍ଟୋରି' ଉପନ୍ୟାସରେ ଚିନିଚମ୍ପାର ବଡ଼ବାପା ସାରଙ୍ଗ ମନରେ ଏକ ଅର୍ନ୍ତଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । "'ସେ କ'ଣ ଲେଖିବ' ଗୋଟିଏ ଚାରିବରର୍ଷର ନାବାଳିକାକୁ ଅମାନୁଷିକ ବଳାତ୍କାର ? ଯାହାକୁ ଢାଙ୍କି ଦେବାପାଇଁ ସମସ୍ତେ ପ୍ରାଣପଣେ ଲାଗିପଡ଼ଛନ୍ତି ? ଅନ୍ୟାନ୍ୟ କେସ୍ ପରି ଏଇଟାବି ପ୍ରମାଣହୀନତାର ଶିକାର ହେବ ଓ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହେବ । ପୋଲିସ୍ ପଇସା ଖାଇବ, ଡାକ୍ତର ପଇସା ଖାଇବ, ଓକିଲ ବିଚାରକ ପଇସା ଖାଇବେ, ମଂତ୍ରୀ-ଅଫିସର ପଇସାଖାଇବେ ଓ ଧୀରେ ଧୀରେ ସବୁକିଛି ଶୀତଳ ହୋଇଆସିବ"। (କଭର ଷ୍ଟୋରି, ପୃଷ୍ଠା - ୩୬) ଏହି ଦ୍ୱନ୍ଦ୍ୱରେ ତାର 'କଭର ଷ୍ଟୋରି' ଲେଖାହୋଇ ନାହିଁ । ସେହିପରି "ନାରଙ୍ଗ ବୋକା ଲୋକଟିଏ ପରି କାହାକୁ ଖୋଜି ହେଲା। ସତେ ଯେପରି ସେ ଖୋଜି ହେଉଥିବା ଲୋକର ସଂଧାନରେ ଆସିଥିଲା । ଅଥଚ ସେ ସଂଧାନର ଅନ୍ତ ନଥିଲା" (କଭର ଷ୍ଟୋରୀ, ପୃଷ୍ଠା-୩୨) କାରଣ ସେ ଭାବିଥିଲା କଚେରିରେ ମୁଚୁକୁନ୍ଦ ତାକୁ ଅପେକ୍ଷା କରିଥିବ ଓ ଏ ପହଞ୍ଚିଲେ ହିଁ ସେ ହାତଗୋଡ଼ ଧରି କ୍ଷମା ମାଗିବ । ଆଉତାପରେ ନାରଙ୍ଗ ହୁଏତ କଥାଟାର ଅନ୍ତ ହୋଇଯାଉ ବୋଲି ନିଷ୍ପତ୍ତି ନେବ । କିନ୍ତୁ ଏପରି ଘଟିନାହିଁ ? ଏହି ଦ୍ୱନ୍ଦ୍ୱତାକୁ ଆନ୍ଦୋଳିତ କରିଛି । କୁନାଲ ନିଉଟୋପିଆର ଜିଲ୍ଲା ପ୍ରସାଶକ । ସେଠାରେ ଏକ ହତ୍ୟା ହୋଇଥିବାରୁ ରାଜଧାନୀରୁ ମନ୍ତ୍ରୀ ଫୋନ୍‌ରେ ଧମକ ଦେଇଛନ୍ତି କି ଚବିଶି ଘଣ୍ଟା ମଧ୍ୟରେ ହତ୍ୟାକାରୀକୁ ଚିହ୍ନଟ କରିବା ପାଇଁ। ସେହି ସମୟରେ ସେଠାକାର ଲୋକମାନେ ପାଣି ଓ ଖାଦ୍ୟ ଲୋଡୁଥିଲେ । କୁନାଲ ଏହି ସମୟରେ କ'ଣ କରିବ ସ୍ଥିର କରି ପାରୁନଥିଲା । ମନଭିତରେ କିଛି ନକରିପାରିବାର ଦ୍ୱନ୍ଦ୍ୱହିଁ ତାକୁ ବ୍ୟାଗ୍ର କରୁଥିଲା । ସେହିପରି କୁନାଲର ସ୍ତ୍ରୀ ପଲ୍ଲବୀ । ପଲ୍ଲବୀ ଏକ ଶିକ୍ଷିତା ନାରୀ ତାର ଆଦିବାସୀ ଜନଜୀବନ ସମ୍ପର୍କରେ ଅଭିଜ୍ଞତା ଥିଲା । ଏକ ହୋ ସ୍ତ୍ରୀ ଲୋକ କଥାରେ ପରିଚାଳିତ ହୋଇଛି କି ତାର ଝିଅ ହେବ । ଝିଅ ହେବାର କଥା ଶୁଣି ତା ମନରେ ପୁଅଝିଅର ଭେଦଭାବ ସୃଷ୍ଟି ହୋଇଛି ।

ISSN NO.
2582-208X

ସାମାଜିକ ସମସ୍ୟା ବା ଗୋଷ୍ଠୀ ଜୀବନର ସମସ୍ୟା

ସ)   ହିନ୍ଦୁ ମୁସଲମାନ ବିବାଦ –

'ଶୂନ୍ୟକାଳ'ରେ ମଣିଷ ଦଙ୍ଗାପ୍ରତି ଏତେ ମାତ୍ରାରେ ପ୍ରଭାବିତ ଯେ ପ୍ରଥା ପରମ୍ପରା ପ୍ରତି ଏବେବି ସେ ସଚେତନ । ଚଢେଇଟିଏ ଯିଏକି ଉନ୍ମୁକ୍ତ । ତାକୁନେଇ ରାଜନୀତି କରି ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଛି ଦଙ୍ଗା । ଏହି ବିବାଦରେ ବଳି ପ ଡ଼ିଛି ଏକ ନିରୀହ ପାରା ଓ ବହୁରୂପୀ ଭାବେଜୀବନ ବିତାଉଥିବା ମଣିଷ । ବହୁରୂପୀର ଜାତି ନାହିଁ। ସେ ଯେତେବେଳେ ଯେଉଁ ରୂପ ଧାରଣ କରୁଥିଲା ସେତେବେଳେ ସେ ହୋଇ ଯାଉଥିଲା ସେହି ସଂପ୍ରଦାୟର । ହିନ୍ଦୁମାନେ ତାକୁ ମୁସଲମାନ୍ ବୋଲି ଭାବୁଥିଲେ ଓ ମୁସଲମାନ୍ ମାନେ ତାକୁ ହିନ୍ଦୁବୋଲି ଭାବୁଥିଲେ । ଏହି ମାନସିକତାରେ ଉଭୟ ସଂପ୍ରଦାୟର ଲୋକେ ତାକୁ ଆକ୍ରମଣ କରିଛନ୍ତି ।

ସସ)  ଆଇନ୍‌ଗତସ୍ଥିତି

'କଭର ଷ୍ଟୋରିର' ସଂକ୍ଷିପ୍ତ ବର୍ଣ୍ଣନା ମଧ୍ୟରେ ବର୍ଣ୍ଣିତ ଆଇନ୍‌ଗତ ସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଚିତ୍ର ପ୍ରଦାନ କରିଛନ୍ତି ।

'କଭର ଷ୍ଟୋରି' ରଚନା କରିବାକୁ ଚେଷ୍ଟାକରି ବାରମ୍ବାର ହାରିଛି ସାମ୍ବାଦିକ ସାରଙ୍ଗ । ନିରୀହ ନିଷ୍ପାପ କରୁଣ ଆଖି ତାର ବାରମ୍ବାର ମନେ ପଡୁଛି । ସେ ବିମର୍ଷ ହୋଇଛି ଆଇନ୍ ବ୍ୟବସ୍ଥା ପାଖରେ ।" 'ସେ କ'ଣ ଲେଖିବ' ଗୋଟିଏ ଚାରିବରର୍ଷର ନାବାଳିକାକୁ ଅମାନୁଷିକ ବଳାତ୍କାର ? ଯାହାକୁ ଢାଙ୍କି ଦେବାପାଇଁ ସମସ୍ତେ ପ୍ରାଣପଣେ ଲାଗିପଡ଼ୁଛନ୍ତି ? ଅନ୍ୟାନ୍ୟ କେସ୍ ପରି ଏଇଟାବି ପ୍ରମାଣହୀନତାର ଶିକାର ହେବ ଓ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହେବ । ପୋଲିସ୍ ପଇସା ଖାଇବ, ଡାକ୍ତର ପଇସା ଖାଇବ, ଓକିଲ ବିଚାରକ ପଇସା ଖାଇବେ, ମନ୍ତ୍ରୀ–ଅଫିସର ପଇସା ଖାଇବେ ଓ ଧୀରେ ଧୀରେ ସବୁକିଛି ଶୀତଳ ହୋଇଆସିବ" । (କଭର ଷ୍ଟୋରି, ପୃଷ୍ଠା – ୩୬)

ସସସ)    ରାଜନୀତିର ଭୂମିକା

ରାଜନୀତି ଏକଦା ଭଲମନ୍ଦର ଊର୍ଦ୍ଧ୍ୱରେ ଥିଲା । ମାତ୍ର କ୍ଷମତାଲୋଭୀ ରାଜନେତାମାନଙ୍କ ପାଇଁ ଆଜି ରାଜନୀତି କଳୁଷିତ ହୋଇପଡ଼ିଛି । ସୁରବାବାକୁ ମନ୍ତ୍ରୀ ପଠାଇଛନ୍ତି

ISSN NO.
2582-208X

ନାରଙ୍ଗଘରକୁ । ରାତିରେ ଆସି କହିଛନ୍ତି ଯେତେଟଙ୍କା ଦରକାର ତତେ ଦିଆଯିବ ତା ବଦଳରେ ତୁ କେସ୍‌ଟିକୁ ଉଠାଇ ଆଣିବୁ । ଆଉ ଦୁଇଜଣଙ୍କ ଭିତରେ ଏକ ସମାଧାନ କରିଦେବେ । ସେହିପରି ସରପଞ୍ଚ ଟଙ୍କା ନେଇ ଆସିଛି କହିଛିକି କେସ୍ ଉଠାଇଦେ କେସ୍ ଲଢନା ଫଇସଲା କରିଦେବା । ମନ୍ତ୍ରୀର ପ୍ରେସ୍‌ରରେ ଫରେନ୍‌ସିକ୍ ରିପୋର୍ଟ୍ ମିଛ ବୋଲି ପ୍ରମାଣିତ ହୋଇଯାଇଛି ।

ସେହିଭଳି 'ନିଉଟୋପିଆ' ମୁଖ୍ୟାଳୟରେ ବସି କୁନାଳ ଶୁଣିଲା ଗୋଟେ ହତ୍ୟା ହୋଇଛି । ରାଜଧାନୀରୁ ମୁଖ୍ୟମଂତ୍ରୀ ଫୋନ୍ କରି ଧମକ ଦେଲେକି ଚବିଶି ଘଣ୍ଟା ଭିତରେ ହତ୍ୟାକାରିକୁ ଚିହ୍ନଟ କରିବାକୁ କାରଣ ଆଗକୁ ନିର୍ବାଚନ ଆସୁଛି । ରାଜନେତା ଭ୍ରଷ୍ଟ ସରକାରୀ କର୍ମଚାରୀ ଓ ଅସାଧୁ ବ୍ୟବସାୟୀ ମିଶି ଗରିବ ଆଦିବାସୀମାନଙ୍କୁ ଶୋଷଣ କରୁଥିଲେ । କୋଣସି ସରକାରୀ ଲାଭ ବା ସୁବିଧା ଏମାନଙ୍କ ପାଖରେ ପହଞ୍ଚୁନଥିଲା ସବୁ ବାଟମାରଣା ହୋଇଯାଉଥିଲା । ନିଉଟୋପିଆରେ ପାଣିନଥିଲା କାରଣ ମଂତ୍ରୀଙ୍କଶଳା ଟେଣ୍ଡର ତାନାରେ ତାସ୍ତୀ ନାରେ ଧରୁଥିଲା । ଅନ୍ୟକେହି ଟେଣ୍ଡର ପାଉନଥିଲେ । ସେ ଅଳ୍ପଖୋଳି ପାଣି ବାହାରୁକିନ ବାହାରୁ ଟଙ୍କା କରଗତ କରିନେଉଥିଲା । କାରଣ ସେ ଉପରଠାରୁ ତଳ ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କୁ ଟଙ୍କା ଓ ନାରୀ ଉପଭୋଗ କରିବାକୁ ଦେଇଛି ।

ସଙ୍ଗ ) ସବୁଜ ସଂକଟ

ଏହା ଏକ ସାଂପ୍ରତିକ ସମସ୍ୟା ଯାହାପ୍ରତି ସଚେତନତା ତିଆରି କରାଯାଇଛି । ସାଧାରଣ ମାନବଠାରୁ ପଶୁପକ୍ଷୀ ଓ ଆଦିବାସୀମାନେ ବେଶି ନିର୍ଭରଶୀଳ ଜଙ୍ଗଲ ଉପରେ । ସେମାନଙ୍କ ଦ୍ୱାରା ଜଙ୍ଗଲ କ୍ଷୟ ହୁଏନାହିଁ । ଜଙ୍ଗଲକ୍ଷୟ କରନ୍ତି ଶିକ୍ଷିତ ସଭ୍ୟ ମଣିଷମାନେ। ପୂର୍ବରୁ ଜଙ୍ଗଲ ପ୍ରାକୃତିକ ଶୋଭାରେ ଭରିରହିଥିଲା କିନ୍ତୁ ଏବେ ଜଙ୍ଗଲର ପ୍ରାକୃତିକ ବିପର୍ଯ୍ୟୟ ଘଟିଛି । ତାର ସୁରକ୍ଷା ନାହିଁ ଯେତେବେଳେ ଯିଏ ଚାହିଁଲା ଗଛ ହାଣି ସଫାକରି କମ୍ପାନୀ, ଖଣି, ହେଲିକାପ୍ଟର ନଗର ନିର୍ମାଣକଲା । କମ୍ପାନୀ ଓ ଖଣିଖାଦନ ଦ୍ୱାରା ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପରିବେଶ ପ୍ରଦୂଷଣ ହୋଇଥାଏ । ଏହାଛଡ଼ା ଆଦିବାସିମାନେ ତଳିତଳାନ୍ତ ହେଇଯାଉଛନ୍ତି । କମ୍ପାନି ଓ ଶାସକର ଅନ୍ତ ସଂପର୍କ ରହିଛି ଦୁଇ ଜଣମିତ୍ର । ଏହି ଦୁଇ ଶାସକଙ୍କ ମଧ୍ୟରେ ପେଶିହୋଇ ଯାଉଛନ୍ତି ଆଦିବାସୀମାନେ ।

ISSN NO.
2582-208X

ଙ)	ଦାଦନ ସମସ୍ୟା

ମଣିଷ ବଞ୍ଚିବାପାଇଁ ବହୁ ସଂଘର୍ଷ ତଥା ସଂଗ୍ରାମ କରେ । ନିଜ ପରିବାରର ଭରଣ ପୋଷଣ ପାଇଁ ନିଜର ଭିଟାମାଟି ବା ଗାଁ ଛାଡ଼ି ଅନ୍ୟ ରାଜ୍ୟକୁ କୁଲି ମଜୁରୀ କରିବାକୁ ଯାଏ । ଦାଦନ ଖଟିବାକୁଯାଇ ସେ ନିଷ୍କେଷିତ, ଲୁଣ୍ଠିତ ହୁଏ । ନିରୀହ ଦରିଦ୍ର ମଣିଷର ସରଳତାର ଫାଇଦା ଉଠାନ୍ତି ପୁଞ୍ଜିପତିମାନେ । ଗାଁର ସରଳ ଲୋକ ମାନଙ୍କୁ ଅର୍ଥ ଲୋଭ ଦେଖାଇ ସେମାନଙ୍କୁ ନେଇ ବିକିଦିଅନ୍ତି ଅନ୍ୟ ପାଖରେ । ଫଳରେ ସେମାନେ ତାଙ୍କର ଅସ୍ତିତ୍ୱକୁ ମଧ୍ୟ ହରାଇ ବସନ୍ତି ।

ଙସ)	ବିସ୍ଥାପନ ସମସ୍ୟା

ବର୍ଷବର୍ଷ ଧରି ଗୋଟିଏ ଜାଗାରେ ରହିଆସୁଥିବା ଲୋକମାନେ ସହରୀ ସଭ୍ୟତାର ବିକାଶ ଫଳରେ ସରକାରଙ୍କର ବିବିଧ ପଦକ୍ଷେପ ଓ ବିଭିନ୍ନ ଯୋଜନା, ରାଜନୀତିକ ଷଡ଼ଯନ୍ତ୍ର ଏବଂ ବ୍ୟବସାୟୀମାନଙ୍କ ଫାଇଦା ପାଇଁ କମ୍ପାନୀ, ସୁନାଖଣି ଖନନ ହେବାଫଳରେ ଗାଁରେ ଅଗ୍ନି ବର୍ଷଣ, ବୃଷ୍ଟିହୀନତା ଦେଖାଦେଇଛି, ମାଟିଫାଟି ଆଁ ହୋଇଯାଇଛି । ଜଙ୍ଗଲ ନଷ୍ଟ ହୋଇଯାଇଛି । ଜୀବନକୁ ଲୋପ ପାଇଛି । ଶେଷରେ ନିଉଟୋପିଆର ହୋ ଆଦିବାସୀମାନେ ସେମାନଙ୍କର ଭିଟାମାଟି ଛାଡ଼ି ଚାଲିଯାଇଛନ୍ତି । ଏଠାରେ ବିସ୍ଥାପନ ସମସ୍ୟାର ଏକ ଉତ୍କଟ ରୂପ ପରିଲକ୍ଷିତ ।

ଉପସ୍ଥାପନା ଶୈଳୀ

ପ୍ରତ୍ୟେକ ଔପନ୍ୟାସିକଙ୍କ ବ୍ୟକ୍ତିତ୍ୱର ପ୍ରଭାବ ତାଙ୍କ ଶୈଳୀରେ ପୂର୍ଣ୍ଣମାତ୍ରାରେ ପ୍ରତିଫଳିତ ହୁଏ । ପ୍ରତ୍ୟେକଟି ଲେଖକୀୟ ଶୈଳୀ ହିଁ ଉପନ୍ୟାସକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରେ ।

ସ)	କଥକତା

ଜଣେ ଗଳ୍ପ ସାଗର ଅସରନ୍ତି କାହାଣୀ କହିଲାପରି ଗୋଟିଏ ଗଳ୍ପରୁ ଅନ୍ୟ ଗଳ୍ପକୁ ସଂଚରି ଯାଇଛନ୍ତି । ଉପନ୍ୟାସର କାହାଣୀ ଗୋଟିଏରୁ ଆରମ୍ଭ ହୋଇ ଏକାଧିକ କାହାଣୀ ମଧ୍ୟଦେଇ ପରିସମାପ୍ତି ଲାଭକରିଥାଏ । ଔପନ୍ୟାସିକ ଚତୁର ବିନୋଦ ପରି ଉପନ୍ୟାସରେ ଗଳ୍ପଗୁମ୍ଫନ ଶୈଳୀର ପ୍ରୟୋଗ କରିଛନ୍ତି ଉପନ୍ୟାସରେ । ସେ ମୂଳକାହାଣୀ ମାଧ୍ୟମରେ ଅନେକ ଗୌଣ କାହାଣୀର ଗୁମ୍ଫନ କରି 'ଶୂନ୍ୟକାଳ' ଓ 'ନିଉଟୋପିଆ'

ISSN NO.
2582-208X

ଉପନ୍ୟାସକୁ କରିଛନ୍ତି ପୁଷ୍ଟ । ଏହା ଏକ ଶୈଳୀଗତ ଚମତ୍‌କାରିତା ସୃଷ୍ଟିକରିଥାଏ । ଯେପରି- "ଚନ୍ଦ୍ରଭାନୁ ରାଜକୀୟ ଚେହେରା ଓ ଆଭିଜାତ ବ୍ୟକ୍ତିତ୍ୱ ସତ୍ୱେ କାହିଁକି ଯେ ନିଃସଙ୍ଗ ଥିଲା ତାହା ଗବେଷଣା ସାପେକ୍ଷ – କହିଲା କଥକ ।

ଗବେଷଣା କ'ଣ ? ତାହା ବିଷୟରେ କୁହ -ପଚାରିଲା ବିଚାରକ ।

ଗବେଷଣାର ଅର୍ଥ ହେଉଛି ଗାଇ ଖୋଜିବା । ଗାଇ ଖୋଜି ଖୋଜି, ଷଣ୍ଢ, ଘୋଡ଼ା ଓ ସମଜାତୀୟ ଜୀବଜନ୍ତୁଙ୍କ ପାଖରେ ପହଂଚିବା ବା ତୁଳନା କରି ଦେଖିବା । (ଶୂନ୍ୟକାଳ, ପୃଷ୍ଠା-୯) ଏଠି କଥକ ଚନ୍ଦ୍ରଭାନୁର ଜୀବନ ଚରିତ ସଂପର୍କରେ ଆଲୋଚନା ନକରି ଗବେଷଣା ସଂପର୍କରେ କହିବା ।

ସସ)  ରୂପକତା

ପୂରାତନ କାହାଣୀ ମାଧ୍ୟମରେ ସାର୍ବକାଳିକ ବାର୍ତ୍ତା ପ୍ରଦାନତ୍ତ କରାଗଲେ ତାହାକୁ ରୂପକ କାହାଣୀ କୁହାଯାଏ । ଲେଖକ 'ନିଉଟୋପିଆ' ଓ 'ଶୂନ୍ୟକାଳ' ଉପନ୍ୟାସରେ ରୂପକ ଗଳ୍ପ ପରି ଧାରା ପ୍ରୟୋଗ କରିଛନ୍ତି । ଯେପରି ନିଉଟୋପିଆରେ ବଗ କଙ୍କଡ଼ା ଗଳ୍ପ ପ୍ରଦାନ କରି ତାହା ମାଧ୍ୟମରେ ଆଗକୁ ଆସୁଥିବା ବିସ୍ଥାପନ ସମସ୍ୟା ଓ ବିସ୍ଥାପିତଙ୍କ ଅବସ୍ଥା ପଛରେ ସଂଶ୍ଲିଷ୍ଟଥିବା ବ୍ୟବସାୟୀ ଓ ସରକାରଙ୍କ ଉଦ୍ଦେଶ୍ୟର ସୂଚନା ପ୍ରଦାନ କରିଛନ୍ତି । ସେହିପରି- କାଉ ପାଣି ମାଠିଆଗଳ୍ପ, ତିନିତୁଣ୍ଡରେ ଛେଳିକୁକୁର ଗଳ୍ପ । ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ଉପନ୍ୟାସରେ ପ୍ରଦତ୍ତ । ବକ୍ତବ୍ୟକୁ ସହଜରେ ଅର୍ଥାବହ କରିବାପାଇଁ ଏ ରୂପକାତ୍ମକ ଗଳ୍ପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିଥାଏ ।

ସସସ)    ବ୍ୟଙ୍ଗ

ନାରଙ୍ଗ ଭାବିଲା- "ଏଥର କୁଆଡ଼େ ଆସିଲେ ଏ ବିଲୁଆଦଳ । ଚରିଯିବେ ସାରାଗାଁ । ସାରା ପଂଚାୟତ । ସମ୍ଭାଳି ରଖ ପାଳିତ ଜୀବଜନ୍ତୁଙ୍କୁ ।" (କଭର ଷ୍ଟୋରି, ପୃଷ୍ଠା-୧୫) ଏଠାରେ ବିଲୁଆ ଅର୍ଥାତ୍ ଭ୍ରଷ୍ଟାଚାରି ମଣିଷ । ପାଳିତ ଜୀବଜନ୍ତୁ ହେଉଛନ୍ତି କନ୍ୟା ସନ୍ତାନ। ବର୍ତ୍ତମାନେ ଦିନକୁଦିନ ଯେଉଁ ହାରରେ ଭ୍ରଷ୍ଟାଚାରିଙ୍କ ସଂଖ୍ୟା ବଢ଼ିଚାଲିଛି । କନ୍ୟା ସନ୍ତାନମାନଙ୍କୁ ସମ୍ଭାଳି ନରଖିଲେ ଭ୍ରଷ୍ଟାଚାରୀମାନେ ତାଙ୍କ ଜୀବନକୁ ଖିନ୍‌ଭିନ୍ କରି ନଷ୍ଟ କରିଦେବେ ।

ISSN NO.
2582-208X

ଲେଖକ ସିଧାସଳଖ କଥାନକହି ବ୍ୟଙ୍ଗ ମାଧ୍ୟମରେ ତାଙ୍କର ବକ୍ତବ୍ୟ ପ୍ରକାଶ କରିଛନ୍ତି 'ନିଉଟୋପିଆ' ଉପନ୍ୟାସରେ । ଏହାର ନାମକରଣହିଁ ଏକ ବ୍ୟଙ୍ଗାତ୍ମକ ।

ସଙ୍ଗ ) ଭାଷା

ଲେଖକ ଯାହା କହିବାକୁ ଚାହୁଁଛି ତାହା ଉପଯୁକ୍ତ ମାର୍ଗ ମାଧ୍ୟମରେ ପାଠକ ପାଖରେ ପହଂଚାଇବା ଲେଖକର ଉଦ୍ଦେଶ୍ୟ । ଯାହା ସେ ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟାକରେ । ଲେଖକର ଭାଷା ଲେଖାପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଭାଷା ଉନ୍ନତ ହେଲେ ଲେଖା ବା ରଚନା ଉନ୍ନତ ହୋଇଥାଏ । ତେଣୁ ଲେଖକ ଭାଷାରେ ଚମତ୍କାରିତା ଆଣିବାକୁ ଚେଷ୍ଟାକରେ ।

ଙ୍ଗ ) କାବ୍ୟିକ ଭାଷା

ଶୂନ୍ୟକାଳ ଉପନ୍ୟାସରେ ସ୍ଥାନେସ୍ଥାନେ କାବ୍ୟିକ ଭାଷାର ପ୍ରୟୋଗ କରାଯାଇଛି । ତାହା ପ୍ରାଚୀନ କଥା ଗ୍ରନ୍ଥ 'ରୁଦ୍ରସୁଧାନିଧି'ରେ ବ୍ୟବହୃତ ବୃର୍ତ୍ତି ଗନ୍ଧିଶୈଳୀ ତୁଲ୍ୟ । ଯଥା- "ବଡ଼ପଣ୍ଡା ବୁଝାଇଲା ଯେ ଦେବତାଙ୍କର ସେ ସୂତ୍ରଧର । ତା ହାତରେ ଦେବତା ଉଠ୍‌ବସ । ରାଜଗୁରୁ ବୁଝାଇଲା- ସେ ରଜା ଓ ଦେବତାଙ୍କ ବାର୍ତ୍ତାକାର । ଏଣୁ ସେ ବି ଦେବତାର ଅଂଶ, କଳାବତୀ କହିଲା; ଯିଏ ଭୋଗୁଛ ଭୋଗ, ରଜା, ବ୍ରାହ୍ମଣ, ରାଜଗୁରୁ । ଆମେ ତ ଦେବଦାସୀ । ସେବାରେ ବିଶ୍ୱାସୀ । ଜୀବନ କମ୍ ମରଣ ବେଶି । (ଶୂନ୍ୟକାଳ, ପୃଷ୍ଠା- ୬୬)

ଔପନ୍ୟାସିକ କାବ୍ୟିକ ଭାଷାର ପ୍ରୟୋଗ କରି ଉପନ୍ୟାସଟିକୁ ଅଧିକ ଲଳିତ କରିବାକୁ ପ୍ରଚେଷ୍ଟା କରିଛନ୍ତି ।

ହୋ ଆଦିବାସୀ ଭାଷା

"ସିରମ ରେଦୋ ସିଙ୍ଗ ବୋଙ୍ଗା
ଓତେ ରେଦୋ ନାଗେ ଏରା
ବୁରୁ ରେଦୋ ବୁରୁ ବୋଙ୍ଗା ।"

ISSN NO.
2582-208X

(ଆକାଶରେ ସର୍ବଶକ୍ତିମାନ ସୂର୍ଯ୍ୟ ଦେବତା । ଧରଣୀରେ ମା ଲକ୍ଷ୍ମୀ ଓ ଜଙ୍ଗଲରେ ଜଙ୍ଗଲ ଦେବତା ଅଛନ୍ତି । ଆଉ ଡରକାହାକୁ ?)

ଲେଖକ ଏକ ବିଚ୍ଛିନ୍ନାଂଚଳରେ ରହୁଥିଲେ । ସେ ହୋ ଆଦିବାସୀମାନଙ୍କ ସହିତ ମିଶିବାର ସୁଯୋଗ ପାଇ ସେମାନଙ୍କ ସୁଖଦୁଃଖକୁ ଅନୁଭବ କରିଥିଲେ । ଏଣୁ 'ହୋ' ଭାଷା ପ୍ରୟୋଗ କରି 'ନିଉଟୋପିଆ' ଉପନ୍ୟାସର ଭାଷିକ ସୋନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ବାସ୍ତବାୟିତ କରାଇଛନ୍ତି ।

ଏହା ବ୍ୟତୀତ ସେ ହିନ୍ଦୀ, ଇଂରାଜୀ, ଅଶ୍ଳୀଳ ଓ ନେପାଳି ଶବ୍ଦର ବ୍ୟବହାର କରିଛନ୍ତି ।

ହିନ୍ଦୀ ଶବ୍ଦ

ବତ୍ ମିଜ୍, ଦୁଶମନ୍, ଇମାନ୍ ଦାର, ଖତମ୍, ପେଶକରେ, ମାଲ୍ ଖତମ ଇତ୍ୟାଦି ।

ଇଂରାଜୀ ଶବ୍ଦ

କମିଶନର, ରିସ୍କ୍, କ୍ୟାଣ୍ଡେଲ୍, ଟ୍ରାନ୍ସଫର୍, ଗ୍ୟାରେଣ୍ଟି, ଅଫିସର, ପ୍ରଫେସର ଇତ୍ୟାଦି ।

ନେପାଳି ଶବ୍ଦ

ପଦିକାଟିଛନ୍, ମେୟା, ବାକ୍‌ପାନାଚ, ଭଇଁଷ (ଛେଳି), କାଲିଙ୍ଗ୍ (ହାଡ଼ରେ ତିଆରି ବଂଶୀ) ଇତ୍ୟାଦି ।

ଅଶ୍ଳୀଳ ଶବ୍ଦ

ଛିଣ୍ଡାଳି, ଘଇତା ଖାଇ, ଶଳାଭାଡୁଆ, ରାଣ୍ଡୀ, ଶାଳୀ ବଜ୍ଜାତ୍, ପୁତଖାଇ ଡାଆଣୀ, ବେଇବୁ ଇତ୍ୟାଦି ଶବ୍ଦର ବ୍ୟବହାର କରିଛନ୍ତି ।

ପ୍ରତୀକ

ଔପନ୍ୟାସିକ ବହୁ ପ୍ରତୀକର ପ୍ରୟୋଗ କରିଛନ୍ତି । ସେ ପ୍ରତୀକ କେବଳ ରଚନାକୁ ସୌନ୍ଦର୍ଯ୍ୟ ମଣ୍ଡିତ କରିବା ପାଇଁ ନୁହେଁ । ପ୍ରତୀକ ମାଧ୍ୟମରେ ସେ ଗୋଟିଏ ଗୋଟିଏ ବାର୍ତ୍ତା ପ୍ରଦାନ କରି ବକ୍ତବ୍ୟକୁ ଅର୍ଥଗଭୀର କରିଛନ୍ତି ।

ISSN NO.
2582-208X

ସ) 'ଘା'

'କଭର ଷ୍ଟୋରି' ଉପନ୍ୟାସରେ 'ଘା'କୁ ଏକ ପ୍ରତୀକ ଭାବରେ ପ୍ରୟୋଗ କରିଛନ୍ତି । 'ଘା' ହେଉଛି ସମାଜର ଏକ କ୍ଷତାକ୍ତ ବ୍ୟବସ୍ଥା । ଏ ଘା ହେଉଛି ଚିନିଚମ୍ପାର ବାପା ନାରଙ୍ଗ ଜଙ୍ଘରେ । ଉପନ୍ୟାସ ମଧ୍ୟରେ ସେ ବାରମ୍ବର ରାମ୍ପିଦେଇ ଛେଲି ଦେଇଛି ବାନ୍ଧି ଆସିଥିବା ବକଳକୁ ଏବଂ ରକ୍ତାକ୍ତ ହେଉଛି । ଅର୍ଥାତ୍ ସେ ଏହି ବିକୃତ ସାମାଜିକ ନିୟମ ଦ୍ୱାରା ଅତିଷ୍ଠ ହୋଇ ତାହାକୁ ସମୂଳ ନଷ୍ଟ କରିବା ପ୍ରଚେଷ୍ଟାକରିଛି । ମାତ୍ର ସେ ନିସ୍ତାର ପଇନାହିଁ । ବାରମ୍ବାର ହୋଇଛି କ୍ଷତାକ୍ତ । ଘା ଦ୍ୱାରା ସାମାଜିକ ନିୟମ ବିପକ୍ଷରେ ନାରଙ୍ଗର ସଂଘର୍ଷକୁ ଦେଖାଇ ଦିଆଯାଇଛି ।

ସସ) ଘ୍ରାଣଶକ୍ତି ଲୋପ

'ଘ୍ରାଣଶକ୍ତି' ଏକ ପାଶବିକ ପ୍ରବୃତ୍ତିର ପ୍ରତୀକ । ତେଣୁ ସେ ପ୍ରଫେସରଙ୍କ ଘ୍ରାଣଶକ୍ତି ଲୋପ କରାଇ ଦେଇଛନ୍ତି ଶୂନ୍ୟକାଳ ଉପନ୍ୟାସ ମଧ୍ୟରେ । ଘ୍ରାଣଶକ୍ତି ଲୋପ ଅର୍ଥାତ୍ ବାସ୍ନାହୀନ, ଗନ୍ଧହୀନ ଜୀବନ । ଯାହାକୁ ପ୍ରଫେସର ଚରିତ୍ର ମାଧ୍ୟମରେ ଫୁଟାଇଛନ୍ତି ଔପନ୍ୟାସିକ । ସାଧାରଣତଃ ଶିକ୍ଷକଙ୍କୁ ସମାଜରେ ଗୋଟିଏ ଉଚ୍ଚତର ସ୍ଥାନରେ ସ୍ଥାନିତ କରାଯାଇଥାଏ । ମାତ୍ର ପ୍ରଫେସର ହୋଇ ମଧ୍ୟ ସେ ବିକାର ଗ୍ରସ୍ତ ହୋଇଥିବାରୁ ଔପନ୍ୟାସିକ ତାଙ୍କର ଘ୍ରାଣ ଶକ୍ତିକୁ ନଷ୍ଟ କରିଦେଇଛନ୍ତି ।

ସସସ) କପୋତ

ବିହଙ୍ଗ ହେଉଛି ଉନ୍ମୁକ୍ତ ଏବଂ କପୋତ ହେଉଛି ଶାନ୍ତିର ପ୍ରତୀକ । ମାତ୍ର ରାଜନୀତି ଓ ଧର୍ମକୁ କେନ୍ଦ୍ରକରି କିପରି ଧର୍ମହୀନ, କପଟହୀନ ଏକ ନିରୀହ ପକ୍ଷୀକୁ କେନ୍ଦ୍ରକରି ହିନ୍ଦୁ ଓ ମୁସଲିମ ଦୁଇଟି ସମ୍ପ୍ରଦାୟ ହୋଇଛି ସମରାଭିମୁଖୀ । ତାହା ଏଠାରେ ଔପନ୍ୟାସିକ ଦେଖାଇବାପାଇଁ ଚେଷ୍ଟା କରିଛନ୍ତି ।

ସଙ୍ଘ) ବହୁରୂପୀ

ବହୁରୂପୀ ଏକ ଜାତିହୀନ ଧର୍ମହୀନ ସମ୍ପ୍ରଦାୟହୀନ ସର୍ବଧର୍ମୀ ଚରିତ୍ର । ସେ ପ୍ରକୃତରେ ଗୋଟିଏ ମୁସଲମାନ ହୋଇଥିଲେ ମଧ୍ୟ ତାକୁ ହିନ୍ଦୁ ମନେକରି ମୁସଲମାନ୍ମାନେ ତା ଲାଞ୍ଜରେ ନିଆଁ ଲଗେଇ ମାରିବାକୁ ଚେଷ୍ଟାକରିଛନ୍ତି । ସେହିପରି ହିନ୍ଦୁମାନେ ମଧ୍ୟ ତାକୁ

ISSN NO.
2582-208X

ଜାହାଙ୍ଗିର ରୂପରେ ଦେଖି ଅସହାୟ ପ୍ରକାଶ କରିଛନ୍ତି । ଦୁଇଟି ସମ୍ପ୍ରଦାୟର ବିବାଦ ମଧ୍ୟରେ ବିଚରା ବହୁରୂପୀଟି ବଳିପଡ଼ି ଯାଇଛି । ବହୁରୂପୀଟି ଗୋଟିଏ ମୈତ୍ରୀକ ବାର୍ତ୍ତାର ପ୍ରତୀକ ।

ଔପନ୍ୟାସିକ ସତ୍ୟପ୍ରିୟ ମହାନ୍ତିକ ସାମ୍ପ୍ରତିକ ମାନବୀୟ ଜୀବନକୁ ପ୍ରତ୍ୟକ୍ଷ ଅନୁଶୀଳନ କରିଛନ୍ତି । ସାମାଜିକ, ରାଜନୀତିକ, ସଂସ୍କୃତିକ ଆଦି କୋଣସି ପ୍ରକାରର ସମସ୍ୟା ତାଙ୍କ ଆଖିରୁ ଖସିଯାଇ ପାରି ନାହିଁ । ଏହି ଉପଲବ୍ଧି ଲବ୍ଧଜ୍ଞାନକୁ ସେ ସ୍ଥାନ ଦେଇଛନ୍ତି ଉପନ୍ୟାସଗୁଡ଼ିକ ମାଧ୍ୟମରେ । ତେଣୁ ତାଙ୍କର କଥାବସ୍ତୁ ଓ ସମସ୍ୟା ବାସ୍ତବ ଏବଂ ଜଣେ ସଚେତନ ଶିଳ୍ପୀ । ପ୍ରାଚୀନ କଥାସାହିତ୍ୟର ଶୈଳୀକୁ ଅନୁସରଣ କରିଥିଲେ ହେଁ ସେ କଥାବସ୍ତୁରେ ବର୍ତ୍ତମାନକୁ ଦେଖାଇଛନ୍ତି । ଯାହା ଦ୍ୱାରା ପାଠକଟେ ଆଲୋଡ଼ିତ ହେବ । ସଚେତନ ହେବ ଯେ ସମାଜ ପରିବର୍ତ୍ତନର ଅପେକ୍ଷା ରଖେ । ସେ ବ୍ୟଙ୍ଗ ମାଧ୍ୟମରେ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । ସେ ସଂକ୍ଷିପ୍ତ କଳେବର ମଧ୍ୟରେ ବୃହତ୍ତର ସନ୍ଧାନ ଦେବାକୁ ଚେଷ୍ଟା କରିଛନ୍ତି । ତେଣୁ ତାଙ୍କର ସମସ୍ତ ଉପନ୍ୟାସ କ୍ଷୁଦ୍ର ଶରୀର ବିଶିଷ୍ଟ। ସେ ପ୍ରାଚୀନ ରଚନା ତଥା ପ୍ରାଚୀନ କଥାସାହିତ୍ୟ ଦ୍ୱାରା ବହୁଧା ପ୍ରଭାବିତ । 'ଚତୁର ବିନୋଦ' ପରେ ଉପନ୍ୟାସରେ ଗଳ୍ପଗୁମ୍ଫନ ଶୈଳୀର ପ୍ରୟୋଗ ଧାରାରେ ସେ ହେଉଛନ୍ତି ପ୍ରଥମ ପୂରଧା । କାରଣ କଥକ ତୁଲ୍ୟ କଥାବସ୍ତୁ ଉପସ୍ଥାପନ କରି ସେ ଅଧିକ ପାଠକୀୟ ନୈକଟ୍ୟ ଲାଭ କରିପାରଛନ୍ତି । ଏହି ଶୈଳୀ ଫକୀରମୋହନ ତଥା ଅନ୍ୟାନ୍ୟ ଔପନ୍ୟାସିକଙ୍କ ରଚନାରେ ଦେଖିବାକୁ ମିଳିଥିଲେ ହେଁ ଔପନ୍ୟାସିକ ସତ୍ୟପ୍ରିୟ ମହାନ୍ତିକଙ୍କ ଧାରା ଭିନ୍ନସ୍ୱାଦର । ସେ ମାନବ ଜୀବନକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଛନ୍ତି । ତାଙ୍କ ଉପନ୍ୟାସରେ ବିବିଧ ସାମାଜିକ ସମସ୍ୟା ଓ ବିଚ୍ଛିନ୍ନାଂଚଳୀୟ ଓଡ଼ିଆ ସଂସ୍କୃତିର ଚିତ୍ର ଦେବାକୁ ଯାଇ ପ୍ରାଚୀନ କଥକତାର ଶୈଳୀ ପ୍ରୟୋଗ କରିଛନ୍ତି । ପ୍ରତୀକର ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରୟୋଗ, ଭାଷାରେ ଆଂଚଳିକତ, ପ୍ରାଚୀନ କାହାଣୀର ସଫଳ ପ୍ରୟୋଗ ମାଧ୍ୟମରେ ତାଙ୍କ ଉପନ୍ୟାସର ଶିଳ୍ପ ଖୁବ୍ ସମୃଦ୍ଧ । ଏହି ବୈଶିଷ୍ଟ ସମସାମୟିକ ଔପନ୍ୟାସିକଙ୍କ ଗହଣରେ ତାଙ୍କୁ ସ୍ୱାତନ୍ତ୍ର ପରିଚୟ ପ୍ରଦାନ କରେ ।

ISSN NO.
2582-208X

ଗ୍ରନ୍ଥସୂଚୀ

୧. ମହାଲିକ, ସତ୍ୟପ୍ରିୟ :- 'ଅଣପୁରୁଷ', ୧୯୮୯

'କଭର ଷ୍ଟୋରି', ଟାଇମପାସ, ଭୁବନେଶ୍ୱର, ୨୦୦୭

'ଶୂନ୍ୟକାଳ', ଅଗ୍ରଦୂତ, ବାଙ୍କାବଜାର, କଟକ, ୨୦୦୮

'ନିଉଟୋପିଆ', ସାମ୍ନା, ୨୦୧୩

(((-)))

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସରକାରୀ ସ୍ନାତକ ମହାବିଦ୍ୟାଳୟ ବନ୍ଧୁଗାଁ, କୋରାପୁଟ
ମୋ: ୮୯୧୭୬୮୭୩୯୦

ISSN NO.
2582-208X

# ଅଶ୍ରୁ ଅନ୍ତରାଳେ



ପୁଷ୍ପାଞ୍ଜଳି ପଣ୍ଡା

ପ୍ରିୟତମ,
ଆଜି କାହିଁ ତୁମ ମୋର
ବେଶି ମନେପଡ
ଆଖି ମୋର ନୀରବରେ
ତୁମକୁ ଯେ ଖୋଜୁଛି
ନୀରବରେ ବେଶି ବେଶି
ତୁମ କଥା ତୁମ ପ୍ରେମ
ବଖାଣି ବସୁଛି।।

ଲୁହ ମୋର ମୋ ଆଖିରୁ
ଝରେ ତୁମ ବିନା
ଦେହ ଦେହଳୀ କୁ ଛୁଇଁ
ଲୁଚି ଲୁଚି କରୁଥାଏ ଓଦା
କାହାକୁ କହିବି..?
ଶୁଣିବ ବା କିଏ..!!
ମନକଥା ମନେ ମନେ ରୁହେ ।

ସମୟ ହଠାତ କେମିତି
ଏତେ ପର ହୋଇଗଲା

ISSN NO.
2582-208X

ପର ଲାଗେ
ମୋ ପାଇଁ କି ମୋ ନିଜ "ଇଲାକା" ।
କରିଦିଏ ପୁରା ଏକା ଏକା ।

ମନ ତଳେ ଝଡ ଖେଳୁଅଛି
ଅଶ୍ରୁ ଅନ୍ତରାଳେ
ଶାନ୍ତ କ୍ଲାନ୍ତ ଘୁମେଇ ପଡୁଛି
ସତେକି ! ନୀରବୀ ଯାଏ ଏମିତି ଦୁନିଆଁ ।।
ଜଣାଇ ଦଉଛି
ଲିଭେନାହିଁ, ବରଂ ବେଳୁବେଳ
ଜଳୁଥାଏ ବେଶି
ନିଆଁ ଲଗା ମନ ଆଉ
ମୋର ଏଇ ମନତଳ ନିଆଁ ।।

(((-)))

କେନ୍ଦ୍ରାପଡ଼ା

ISSN NO.
2582-208X

# ଢ଼ାଳି ଦେଇ ମନ ପ୍ରାଣ



ରାଜକିଶୋର ସ୍ୱାଇଁ

କେଉଁଠି ବତାସ କେଉଁଠାରେ ବଢ଼ି
କେଉଁଠି ଅସହ୍ୟ ତାତି
ପ୍ରକୃତିର ଏହି ବିଲକ୍ଷଣ ସାଜେ
ଆମ ଲାଗି ପ୍ରାଣଘାତି ।।1।।
ଜଳବାୟୁ ଆମ ଯାଉଛି ବଦଳି
ବଢ଼ିଯିବା ହେତୁ ତାତି
ତଥାପି ମଣିଷ ନବୁଝି ନସୁଝି
ବୃକ୍ଷଲତା ଦିଏ କାଟି ।।2।।
ବାୟୁମଣ୍ଡଳରେ ବଢ଼ିବାରୁ ପରା
ଅଙ୍ଗାରକାମ୍ଳର ହାର
ଯିବାକୁ ଦେଉନି ଉତ୍ତାପକୁ ସିଏ
ବାହାରକୁ ବସୁଧାର ।।3।।
ସେଲାଗି ତାପର ମାତ୍ରା ଯାଏ ବଢ଼ି
ସାରା ଜଗତରେ ଆଜି
ବଢ଼ିବାରୁ ତାତି ଜୀବ ଜଗତର
ଜୀବନ ଲାଗିଛି ବାଜି ।।4।।
ଗଛର ଅଭାବେ ମିଳୁନାହିଁ ସେତେ
ଲୋଡ଼ା ଯେତେ ଅମ୍ଳଜାନ

ISSN NO.
2582-208X

କଳ କାରଖାନା ଗାଡିଧୂଆଁ ପୁଣି
ବଢ଼ାଉଛି ପ୍ରଦୂଷଣ । ।5 । ।
ଜୀବାସ୍ମ ଇନ୍ଧନ କରିବାରୁ ଆମେ
ମାତ୍ରାଧିକ ବ୍ୟବହାର
ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର
ଘନ ଘନ ବଢ଼େ ହାର । ।6 । ।
ବାୟୁ ପ୍ରଦୂଷଣ ଭୟଙ୍କର ଚିତ୍ର
ଦେଖୁଥାଉ ଆମେ ନୀତି
ବୃକ୍ଷ ସାଥେ ଆମେ ବାନ୍ଧିଲେ ବନ୍ଧୁତା
ଟଳିବ ଏ ଘୋର ସ୍ଥିତି । ।7 । ।
ନିଜ ଖାଦ୍ୟ ପାଇଁ ଅଙ୍ଗାରକାମ୍ଳକୁ
ବୃକ୍ଷ କରେ ବିଶୋଷଣ
ବାୟୁମଣ୍ଡଳକୁ ଅମ୍ଳଜାନ ଦେଇ
ଦୂର କରେ ପ୍ରଦୂଷଣ । ।8 । ।
ହ୍ରାସ କରିବାକୁ ବିଶ୍ୱ ତାପମାତ୍ରା
ବୃଦ୍ଧି ଲାଗି ଅମ୍ଳଜାନ
ବନୀକରଣରେ ଲାଗିଯିବା ଆମେ
ଢାଳିଦେଇ ମନପ୍ରାଣ । ।9 । ।

(((-)))

ଶାନ୍ତନଗର, ନୂଆପଡା,
ପୋ -ନୂଆବଜ଼ାର ଜିଲ୍ଲା-କଟକ,
ପିନ -753004
ମୋବାଇଲ -9437442041

ISSN NO.
2582-208X

# ମଧୁସୂଦନ ରାଓ: କୁସୁମାଞ୍ଜଳି



ବିନା ସାହୁ

## ରବୀନ୍ଦ୍ରନାଥ ଠାକୁର: ଗୀତାଞ୍ଜଳି(ବଙ୍ଗଳା) ଏକ ତୁଳନାତ୍ମକ ବିଶ୍ଳେଷଣ

କବିଗୁରୁ ରବୀନ୍ଦ୍ରନାଥ ଠାକୁର ଓ ଭକ୍ତକବି ମଧୁସୂଦନ ରାଓଙ୍କ ଭିତରେ ସାଦୃଶ୍ୟ ଅନେକ। ଏହି ସ୍ରଷ୍ଟାଦ୍ୱୟଙ୍କ ଭିତରେ କ୍ୱଚିତ୍ ପାର୍ଥକ୍ୟ ପରିଲକ୍ଷିତ ହେଇଥାଏ । ରବିନ୍ଦ୍ରନାଥ ବଙ୍ଗଳାରେ ସୃଷ୍ଟି ହୋଇଥିବା ନବଜାଗରଣର ନୂତନ ଦାୟାଦ । ରାମମୋହନ ରାୟ, ଦେବେନ୍ଦ୍ରନାଥ ଠାକୁର, କେଶବ ଚନ୍ଦ୍ର ସେନ ପ୍ରମୁଖ ସାମାଜିକ ଆଧ୍ୟାତ୍ମିକ ସ୍ତରରେ ଯେଉଁ ପରିବର୍ତ୍ତନ ସୃଷ୍ଟି କରିଥିଲେ ତାର ଭୂମି ଉପରେ ଠିଆ ହୋଇ ରବିନ୍ଦ୍ରନାଥ ବିକଶିତ ହୋଇଥିଲେ। ପିତା ଦେବେନ୍ଦ୍ରନାଥ ଠାକୁର ବ୍ରାହ୍ମ ଧର୍ମର ଉପାସକ ଥିବାରୁ ଭାରତୀୟ ବେଦାନ୍ତ ଦର୍ଶନ ଓ ସଂସ୍କରଗୁଡ଼ିକୁ ସେ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ । ନିଜେ ରବିନ୍ଦ୍ରନାଥ ପାଶ୍ଚାତ୍ୟ ଶିକ୍ଷିତ ହୋଇଥିଲେ ମଧ୍ୟ ଭାରତୀୟ ସଂସ୍କାର ପଥରୁ କେବେବି ଓହରି ନଥିଲେ । ରବୀନ୍ଦ୍ରନାଥ ସାହିତ୍ୟ ସୃଷ୍ଟି କରିବା ସହିତ ଜାତୀୟବାଦୀ ସଂଗ୍ରାମକୁ ସମର୍ଥନ କରୁଥିଲେ ଓ ଭାରତର ସ୍ୱାଧୀନତା ଓ ରାଷ୍ଟ୍ରଗଠନ ସଂପର୍କରେ ସ୍ୱତନ୍ତ୍ର ଧାରଣା ପୋଷଣ କରିଥିଲେ ।

ଭକ୍ତକବି ମଧୁସୂଦନ ରାଓ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜନ୍ମରୁ ଦାରିଦ୍ର୍ୟ ତାଙ୍କର ସହଚର ଥିବା ସତ୍ତ୍ୱେ ସେ ପାଠପଢ଼ି ଶିକ୍ଷକ ଚାକିରି କରିପାରିଥିଲେ । ଜଣେ

ISSN NO.
2582-208X

ନୀତିନିଷ୍ଠ ଶିକ୍ଷକ ଓ ଦାୟିତ୍ବବାନ ଶିକ୍ଷା ପଶାସକ ଭାବରେ କାର୍ଯ୍ୟକରି ପ୍ରଶଂସିତ ହୋଇ ଥିଲେ । ଓଡ଼ିଶାରେ ବ୍ରାହ୍ମଧର୍ମର ପ୍ରତିଷ୍ଠା ଓ ପ୍ରଚାର କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରିଥିଲେ ।

ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା ଓ ଆଧ୍ୟାତ୍ମିକ କବିତା ରଚନା ସହ ଆଧୁନିକ ଗୀତ କବିତାର ସେ ଜଣେ ସଫଳ ସ୍ରଷ୍ଟା । ବ୍ରାହ୍ମଦର୍ଶନକୁ ଆଧାରକରି ମଧୁରାଓ ଓଡ଼ିଶାରେ ଯେଉଁ ନବଜାଗରଣ ସୃଷ୍ଟି କରିଛନ୍ତି ପରବର୍ତ୍ତୀ ବୈଷମ୍ୟ ସଂପର୍କରେ ସଂକ୍ଷିପ୍ତ ଆଲୋକପାତ କରାଯାଇଛି । ମଧୁସୂଦନ କବି ରବୀନ୍ଦ୍ରନାଥଙ୍କ ଠାରୁ ବୟସରେ ଆଠବର୍ଷ ବଡ । ଉଭୟ ଲେଖକ ବ୍ରାହ୍ମଧର୍ମ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ । ରବୀନ୍ଦ୍ରନାଥ "ଶାନ୍ତିନିକେତନ" ସ୍ଥାପନ କରିଥିବା ବେଳେ ମଧୁସୂଦନ "ଭିକ୍ଟୋରିଆ ହାଇସ୍କୁଲ" ହାଇସ୍କୁଲ ପାଇଁ କାର୍ଯ୍ୟ କରୁଥିଲେ। ଭାରତୀୟ ବେଦାନ୍ତ ଦର୍ଶନ ଉଭୟଙ୍କ କବିତାର ଶକ୍ତି । ଗୀତିମୟତା ଓ ଇନ୍ଦ୍ରିୟୋତ୍ତର ଜଗତକୁ ଯାତ୍ରା ସହ ମଣିଷର ରୂପାନ୍ତର କାମନା କରିବା ଉଭୟ ସ୍ରଷ୍ଟାଙ୍କ ଅଭିମୁଖ୍ୟ । ରବୀନ୍ଦ୍ରନାଥ କବିତା ଛଡ଼ା ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ଯେପରି ଉତ୍କର୍ଷ ପ୍ରତିପାଦନ କହିଛନ୍ତି ମଧୁସୂଦନଙ୍କ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ । ରବୀନ୍ଦ୍ରନାଥ ସାହିତ୍ୟ ଛଡା ସାମାଜିକ ଓ ରାଜନୀତିକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ବେଳେ ମଧୁସୂଦନଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ନାହିଁ । ଜାତୀୟ- ଆନ୍ତର୍ଜାତୀୟ ସ୍ତରରେ ରବୀନ୍ଦ୍ରନାଥ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ମଧୁରାଓ ଜଣେ ଋଷିପ୍ରାଣ ନୀରବ ସାଧକ ।

"କୁସୁମାଞ୍ଜଳି" ଓ "ଗୀତାଞ୍ଜଳି" :- ଗୀତାଞ୍ଜଳି ଭାରତୀୟ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ରଚନା। ଗୀତାଞ୍ଜଳି ବିଶ୍ୱ ଦରବାରରେ ଭାରତୀୟ ସାହିତ୍ୟର ସୁନାମ ବୃଦ୍ଧି କରିଥିବା ବେଳେ "କୁସୁମଞ୍ଜଳି" ଓଡ଼ିଶା ଓ ବଙ୍ଗଳାରେ ଯଥେଷ୍ଟ ପାଠକୀୟ ପ୍ରଶସ୍ତି ପାଇଛି । ନିମ୍ନରେ ଏହି ଦୁଇଟି କବିତା ସଂଗ୍ରହର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଉଛି। ଗୀତାଞ୍ଜଳି ୧୯୧୦ ମସିହାରେ ରଚିତ ଓ ୧୯୧୩ ମସିହାରେ ନୋବେଲ ସମ୍ମାନ ପ୍ରାପ୍ତ। ଅନ୍ୟପକ୍ଷରେ କୁସୁମଞ୍ଜଳି ୧୮୯୦ ରୁ ରଚିତ ଓ ୧୯୦୩ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ । ଗୀତାଞ୍ଜଳିରେ ୧୦୧ ଟି ଗୀତିକବିତା ଥିବା ବେଳେ କୁସୁମଞ୍ଜଳିରେ ୧୧ ଟି କବିତା ରହିଛି ।

ଗୀତାଞ୍ଜଳିର ପରମପୁରୁଷ ପ୍ରାପ୍ତିର ମାର୍ଗଟି ହେଉଛି ପ୍ରେମ । ଏହା ସୁଫିବାଦ ଓ ଗୌଡୀୟ ବୈଷ୍ଣବ ଦର୍ଶନର ଭିତ୍ତି ଉପରେ ଆଧାରିତ । ଅନ୍ୟପକ୍ଷରେ କୁସୁମାଞ୍ଜଳିର ଈଶ୍ୱର ପ୍ରାପ୍ତି

ISSN NO.
2582-208X

ମାର୍ଗଟି ହେଉଛି ଜ୍ଞାନ ଯୋଗ । "ଅନୁଭବ ରୂପାନ୍ତର ଓ ତଲ୍ଲୀନ" ଏହି ତ୍ରିପର୍ଯ୍ୟାୟ ଦେଇ କବିତାର ଅନନ୍ତ ଜଗତ ଭିତରକୁ ଯାତ୍ରା । ମାୟା ସଂସାର ବର୍ଜନ କରି ପରମାର୍ଥିକ ଜଗତକୁ ଯାତ୍ରା ଉଭୟ କବିଙ୍କ କାବ୍ୟ ଦର୍ଶନ । ଏଦୃଷ୍ଟିରୁ ମାର୍ଗ ଅଲଗା ହେଲେ ମଧ୍ୟ ଗୀତାଞ୍ଜଳି ଓ କୁସୁମାଞ୍ଜଳିର ଲକ୍ଷ୍ୟ ଗୋଟିଏ । ବ୍ୟକ୍ତି ସଂସ୍କାର ଓ ସମାଜ ସଂସ୍କାର ଉଭୟ କବିତା ସଂକଳନରେ ପ୍ରମୁଖ ଲକ୍ଷ୍ୟ । ମଣିଷର ଜାତି ନାହିଁ, ଛୋଟ ବଡ ପ୍ରଭେଦ ନାହିଁ ଓ ଇଶ୍ୱରଙ୍କ ଦରବାରରେ ସମସ୍ତେ ସମାନ ଏହା ସମାନ ଏହା ଗୀତାଞ୍ଜଳି ଓ କୁସୁମାଞ୍ଜଳି ଇଶ୍ୱରଙ୍କୁ ନିଜ ହୃଦୟରେ ଅନୁଭବ କରିବାରେ ସୀମିତ ହୋଇଛି । କୁସୁମାଞ୍ଜଳିରେ ୧୧ଟି କବିତା ବିଭିନ୍ନ ପର୍ଯ୍ୟାୟର ଏଥିରେ ଶୋକ କବିତା, ଜାତୀୟତାବୋଧ ଓ ନୂତନ ସମୟର କଥା କୁହାଯାଇଛି । ଆଦି ଭୌତିକ ଅବଧାରଣା । ପୁରୋହିତ ବାଦ ଓ ଆଧ୍ୟାତ୍ମିକ କୁସଂସ୍କାର ବିରୁଦ୍ଧରେ ଉଭୟ କବିତା ସଂକଳନ ଠିଆ ହୋଇଛନ୍ତି । ମଣିଷର ଜାଗରଣ ଓ ପ୍ରାଚ୍ୟ ସଭ୍ୟତାର ଉଦଥାନ ଉଭୟ କବିତାର ଆଦର୍ଶ । ବ୍ୟକ୍ତି ନିର୍ମାଣ – ସମାଜ ନିର୍ମାଣ – ଭାରତୀୟତା ନିର୍ମାଣ ଉଭୟ କବିତାର ଲକ୍ଷ୍ୟ । ବାହ୍ୟତଃ ଏସବୁ କବିତା ପରି ପ୍ରତ୍ୟୟ ହେଲେହେଁ ଏସବୁ ମନ୍ତ୍ର । ରବୀନ୍ଦ୍ର, ସଙ୍ଗୀତ ରୂପରେ ସମଗ୍ର ବିଶ୍ୱରେ ଓ ପ୍ରାର୍ଥନା ରୂପରେ ଓଡିଶାର ବିଦ୍ୟାଳୟ ମାନଙ୍କରେ ମଧୁରା ଓ ଏବେବି ବିଦ୍ୟାମାନ । ଉଭୟ କବି ଋଷିପ୍ରାଣ। ସମାଜ ସଂସ୍କାରକ । ଗୀତିକବିତା ମାଧ୍ୟମରେ କବିତା ରଚନା କରି ତାକୁ ଗାନ ଧର୍ମ କରିବାଗୀତାଞ୍ଜଳି ଓ କୁସୁମାଞ୍ଜଳିର ସାମର୍ଥ୍ୟ ।

ଗୀତାଞ୍ଜଳି ଓ କୁସୁମାଞ୍ଜଳି ଭିତରେ ସାମ୍ୟତାର ପୃଷ୍ଠଭୂମି ଅଧିକ । ଚେତନା ଦୃଷ୍ଟିରୁ ଓ କଳାପ୍ରକାରଣରେ ଏହା ପ୍ରାୟତଃ ଏକାପରି । ଭାରତୀୟ ଆଧ୍ୟାତ୍ମିକ ପରିମଣ୍ଡଳର କାବ୍ୟିକ ସର୍ଜନାର ଏହା ଦୁଇଟି କ୍ଲାସିକ ସୃଷ୍ଟି। ସମର୍ପଣ ହିଁ ଏହାର ସ୍ୱର । ବିଭୁବୋଧ କବିତାର ପ୍ରାଣ । ଭାରତୀୟ ସାହିତ୍ୟ ଆକାଶରେ ଗୀତାଞ୍ଜଳି ଓ କୁସୁମାଞ୍ଜଳି ଦୁଇଟି ଶାଶ୍ୱତ ସୃଜନା।

(((-)))

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଅନ୍ତସତ୍ୱା



ଇଂ. ସୁଶାନ୍ତ କିଶୋର ବଳ

ଏକ ନବବିବାହିତେ ନୂଆକରି ଆସି
କରୁଥିଲେ ବାସ  ସହରୁ ଦୂରି .
ବଡ ସଉକିନ ଥିଲେ ସେ ରମଣୀ
ବେଶଭୂଷା, ଅଂଗସଜ୍ଜାରେ କାଟୁଥିଲେ
ଖ୍ୟଣ, ଆକର୍ଷିତ ଥିଲା ତାଂକ ପରିପାଟୀ.
ଦାମ୍ପତ୍ୟ ଜୀବନ ସୁଖମୟ ଥିଲା ,
ପ୍ରେମରାଗେ ପୂରା ଦିନ କଟୁଥିଲା .
ଜଂଜାଳହୀନେ ପତିଦେବ ସାଥେ
ରହୁଥିଲେ ଦୁହେଂ ଅତି ହରଷେ .
କିଛିଟି ବରଷ ବିତିଗଲା ଅନ୍ତେ
ଜାଗିଲା ମନେ ସନ୍ତାନର ଆଶା .
ହେଲେ ପତିଂକର ହୋଇଲା ସ୍ଥାନାନ୍ତର
ନିଜ ସ୍ଥାନଛାଡି ଚାଲିଗଲେ ଅନ୍ୟସହର .
ଲମ୍ବା ସମୟ ଅନ୍ତରାଳେ ଆସୁଥିଲେସେ
ପତ୍ନୀଂକ ସାଥେ କଦବାକ୍ୱଚିତ ଭେଟକରି.
ସନ୍ତାନହୀନେ ମନସ୍ତାପେ ଥିଲେ
ଡାକୁଥିଲେ 'ହରିଂକୁ' ଝୁରିଝୁରି .
ପୁଣି କହୁଥିଲେ ହରି ହିଂ ଭକ୍ତବତ୍ସଳ
ସେ ଚାହିଂଲେ ଭରିଯିବ ଆମକୋଳ .

ISSN NO.
2582-208X

ତାଂକୁହିଂ ନିଶୀଦିନ ରହିଲେ ସମର୍ପିତ
ଶୁଣିବେ ସେ ଆମ ପ୍ରାର୍ଥନା ଆରତ .
ଆମହସ୍ତେ କିଛି ନାହିଂଯେ କର୍ତ୍ତୃତ୍ୱ !
ଏୟାକହି ସେ ଚାଲିଗଲେ ନିଜ କର୍ତବ୍ୟେ.

ଦିନକର କଥା ସ୍ତ୍ରୀ ରାତ୍ରରେ ଶୟନକକ୍ଷ୍ୟେ
ଗଭୀର ନୀଦ୍ରାରେ ଥିଲେ ଶାୟିତା .
ଘୋର ଅଂଧକାରେ କେହିଜଣେ ଆସି
ପାଖରେ ବସି, କେଶ ବିନ୍ୟାସି
କରୁଥିଲେ ଧିରେ ହସ୍ତ ସଂଚାଳନ .
ନୀଦ୍ରା ପରିହାରି ଶଂକା ଜର୍ଜରିତେ
ପଚାରିଲା ନାରୀ ଚିତ୍କାର କରି –
ତମେ କିଏ ହେ, ତମେ କିଏ ?
ତା ମୁଖେ ହସ୍ତ ଚାପିକରି ଚପାଗଳାରେ
ଆଗନ୍ତୁକ କହିଲେ – ମତେ ଚିହ୍ନିପାରିଲନି,
ମୁଂ ପରା ତୁମର ଅନ୍ତରର ହରି !
ମୋ ପରସେ ତୁମେ ହୋଇବ ପୂର୍ଣକାମ,
ଦୂରିଯିବ ତମ ମନର ଦହନ,
ଖେଳିଯିବ ତୁମ ବାସେ ହରଷ !
ନାରୀ କହିଲା– ଓଃ ମୋ'କି ସୌଭାଗ୍ୟ.
ଯେଉଂ ହରିଂକ ପାଇଂ ଝୁରେ ଜଗତ
ସେ ସ୍ୱୟଂ ଆସିଛନ୍ତି ହରିବାକୁ ମୋ ଦୁଃଖ.
ୟା'ଠାରୁବଳି କିହୋଇପାରେ ସୌଭାଗ୍ୟ?
...........
ଚୁପ ପଡିରହିଥା, ମୁଂ ଯାହାବି କରିବି ତୁ
ନୀରବେ ରହିବୁ , ଖାଲି ଚକ୍ଷ୍ୟୁ ବଂଦକରି
ତୋ ଭାବୀ ସନ୍ତାନ କଥା ମନେ ଆଣିବୁ .

ISSN NO.
2582-208X

କିୟତ୍ ଖ୍ୟଣ ଅନ୍ତେ 'ହରି' ପ୍ରସ୍ଥାନ କଲେ.
ନାରୀକୁ ଆଶୀର୍ବାଦ କରି ଘନ ଅଂଧକାରେ,
କାଲିକୁ ଆସିବେ କହି ଅନ୍ତର୍ଧ୍ୟାନ ହେଲେ !
ତାଂକ ପ୍ରସ୍ଥାନେ ଅତ୍ୟନ୍ତ ପୁଲକିତେ
ନାରୀଟି ଗଭୀରଶୟନେ ପୁନଃ ହଜିଗଲେ .
ତହିଂ ଆରଦିନୁ ପ୍ରତ୍ୟହ ମଧ୍ୟାହ୍ନେ
ଦୟାମୟ ହରି ନାରୀସାଥେ
ସନ୍ତାନ ଯୋଗାଡେ ଲାଗିଯା'ନ୍ତି .
ନାରୀ ବି ନୀରବେ ସହଯୋଗ କରି
ହରିଂକୁ ଭୂରିଭୂରି ଖୁସିକରି ଥାଆନ୍ତି !..............
ଏମନ୍ତ କିଛିଦିନ ଗଡିଗଲା ପରେ
ନାରୀ ହୋଇଗଲେ ଅନ୍ତସତ୍ୱା .
ଆନଂଦ ଗଦଗଦେ ସ୍ୱାମୀଂକୁ ପତ୍ରେ
ଗୋଟିଗୋଟି ବାଖ୍ୟାକଲେ ସବୁ ବିଷଦେ.
ଅତ୍ୟନ୍ତ ବିହ୍ୱଳେ ସ୍ୱାମୀ କାର୍ଯ୍ୟଛାଡି ତହିଂ
ଆରଦିନ ସହସା ଗୃହେ ବାହୁଡି ଅଇଲେ !
ସ୍ତ୍ରୀଂକ ପାଖରୁ ସବୁ ଶୁଣିସାରି ସ୍ୱାମୀ
ଉଚ୍ଚସ୍ୱରେ 'ହରି' 'ହରି' 'ହରି' ଡାକଛାଡିଲେ.
କହିବୁଲିଲେ- ସବୁସେହି ହରିଂକର ଦୟା
ସବୁ ତାଂକରି କୃପା, ତୋ ଗର୍ଭରେ ବି
ଖେଳୁଛି ହରିଂକ ଦୈବସନ୍ତାନ,
ଆମେ ବାସ୍ତବେ ଭାଗ୍ୟବାନ, ଭାଗ୍ୟବାନ .
ତୁ ବି ବାସ୍ତବେ ଆହୁରି ଭାଗ୍ୟବାନ !
ଖୁସିର ଲହରୀ ଖେଳିଗଲା ଗୃହେ .
ଦୁହେଂ ନାଚିନାଚି କରି ମତୁଆଲା ହୋଇ
ଘର, ବାହାର ହରିଂକ ଗୁଣଗାନ କରି
ବିହ୍ୱଳେ ଉନ୍ମାଦେ ବାଷ୍ପରୁଦ୍ଧ ହେଲେ .

ISSN NO.
2582-208X

ତହିଁ ଆରଦିନ :
ଦିନ ଦ୍ୱିପ୍ରହରେ ଭୋଜନ ସମୟେ
କବାଟ କେହି କଲା ଠକଠକ୍ .
ସ୍ୱାମୀ କହିଲେ ମୁଁ ଦେଖିଆସେ କିଏ ?
ସ୍ତ୍ରୀ କହିଲେ, ନାହିଁ ତୁମେ ଥାଅ
ମୁଁ ଯାଇ ଦେଖିଆସେ ବାହାରେ.
କବାଟ ଖୋଲି ବାହାରକୁ ଯାଇ
କାହାସାଥେ କିଛି ବାକ୍ୟାଳପ ହେଲେ .
ଫେରିଆସିଲା ପରେ, ସ୍ୱାମୀ ପଚାରିଲେ
ଆହେ, କିଏ ଆସିଥିଲେ ?
ସ୍ତ୍ରୀ କହିଲେ -ସ୍ୱୟଂ ହରି ଆସିଥିଲେ .
ସ୍ୱାମୀ କହିଲେ - ଆହା, ମତେଟିକେ
ଡାକିଦେଲନି, ମୁଁବି ଟିକିଏ ଦୟାମୟଙ୍କୁ
ସ୍ୱଚକ୍ଷୁରେ କରିନଥାନ୍ତି ପଲକପାତ !
ସ୍ତ୍ରୀକହିଲେ -ହରିଂକ କଡା ତାଗିଦା .
କହିଲେ -ନା'ମୁଁ କାହାକୁ ଦେବିନି ଦର୍ଶନ.
ଏଟି ଗୁପ୍ତକଥା, ତୋ, ମୋ ଭିତରକଥା
କେହି ଜାଣି ଗଲେ ହୋଇବ ଅନର୍ଥ
ପଡିପାରେ ସନ୍ତାନ ଉପରେ ତା' ପ୍ରଭାବ.
ସ୍ୱାମୀ କହିଲେ -ମୁଁ ନହେଲେବି ସେତ
ହରିଂକ ସନ୍ତାନ, ଜନମେ ହେବ ପ୍ରତିଭାବାନ.
ଯାହାହେଉ ମୁଁ ନଥିଲାବେଳେ ବି ,
ତୁମେ ହୋଇଗଲ ଅନ୍ତସତ୍ୱା !
ଚାଲଏବେ ଅପେଖ୍ୟାରେ ରହିବା
ଜନମ ଯାଏଂ ସେ ବିସ୍ମୟ ସନ୍ତାନ .
ବାଳକ ହେଉ ଅବା ବାଳିକା ,

ISSN NO.
2582-208X

ସେତ ସେହି ହରିଂକର ସନ୍ତାନ !
ବାସ୍ତବେ ଆମେଦୁହେଁ ବହୁତ ଭାଗ୍ୟବାନ.
ମୋ ଲମ୍ବା ଅନୁପସ୍ଥିତିରେ ବି
ତୁମେ ହୋଇଗଲ ଅନ୍ତଃସ୍ୱତା!!
ଶୁଣଶୁଣ ହେ ଜଗତଜନ !
ଏତେଦିନପରେ ମୋ' ସ୍ତ୍ରୀବି ଆଜି ହୋଇଛି ଅନ୍ତଃସତ୍ୱା, ଅନ୍ତଃସତ୍ୱା !!

(((-)))

କଟକ

ISSN NO.
2582-208X

# ଓଡ଼ିଶା ରାଜନୀତି ଓ ମହିଳା ରାଜନେତ୍ରୀ



ମନୀଷା ରାୟ

ପଠନ, ଶ୍ରବଣ, ଲିଖନ ତଥା ଦର୍ଶନ ମଧ୍ୟେ । ଦେଖୁ ଦେଖୁ ବିତିଗଲାଣୀ ଅଣାଅସୀ ବର୍ଷ (୭୯ବର୍ଷ) । ଚଳିତବର୍ଷ ୨୦୨୫ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ୭୯ତମ ସ୍ୱାଧୀନତା ଦିବସ ବଡ଼ ଧୁମ୍‌ଧାମ୍‌ରେ ପାଳନ କରିଅଛି । ସମ୍ଭବତଃ ଭାରତ ପକ୍ଷେ ଅଣାଅସୀ ବର୍ଷ ଏକ ସ୍ୱଳ୍ପ ଅବଧି ନୁହେଁ ? ଚାହୁଁ ଚାହୁଁ ଆଉକେତେଟା ବର୍ଷ ପରେ ଭାରତୀୟମାନେ ପାଳନ କରିବେ ସ୍ୱାଧୀନତା ଦିବସ ଶତବାର୍ଷିକ । ଏହା ନିଶ୍ଚିତରୂପେ ଭାରତୀୟମାନଙ୍କ ନିମନ୍ତେ ଏକ ବିଲକ୍ଷଣ ଘଟଣା ସାବିତ୍‌ ହେବ, ଏହା ନିଃସନ୍ଦେହ ।

ପରନ୍ତୁ ଭାରତ ସ୍ୱାଧୀନ ହେବାର ପରବର୍ତ୍ତୀ ଘଟଣାବଳୀକୁ ଯଦି ଅବଲୋକନ କରାଯାଏ ତେବେ ବେଶ୍‌ ତଦ୍ରୁପ ଦୃଶ୍ୟାବଳୀ ପ୍ରାୟତଃ ସମସ୍ତଙ୍କର ଦୃଷ୍ଟିଗୋଚର ହେବ, ଯାହା ଆଦୌ କ୍ଷମଣୀୟ ନୁହେଁ କି ଆଦୌ ସହନୀୟ ନୁହେଁ । ଏହାର ତାତ୍ପର୍ଯ୍ୟ ହେଲା ଭାରତ ସ୍ୱାଧୀନତା ହାସଲ କଲାପରେ ଭାରତ ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଛି । ନୂତନ ସମ୍ବିଧାନ ଗଠନ କରି ନିଜସ୍ୱ ପରାକାଷ୍ଠାର ପ୍ରମାଣ ବିଶ୍ୱବାସୀଙ୍କ ସାମନାରେ ଉପସ୍ଥାପନା କରିଛି । ଧୀରେ ଧୀରେ ବିକଶିତ ରୂପ ନେଇ ବିଶ୍ୱଶ୍‌ଓ୍ୱଗୁରୁ ମାନ୍ୟତା ହାସଲ କରିବ ବୋଲି ଦାବି କରୁଛି, ଯାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ମଧ୍ୟ । କାହିଁକି ନା ବୈଶ୍ୱିକ ସ୍ତରରେ ପ୍ରାୟତଃ ସବୁ ମହାଦେଶ, ଦେଶ ଭାରତ ଏକ ବିକଶିତ ଦେବ ବୋଲି ସ୍ୱୀକାର କରୁଛନ୍ତି ।

ସେ ଯାହା ବି ହେଉ ନା କାହିଁକି ଏପରି ସ୍ଥଳେ ଯଦି ଭାରତୀୟ ରାଜନୈତିକ ବ୍ୟାପାରକୁ ପର୍ଯ୍ୟାଲୋଚନା କରାଯାଏ, ଅନୁମିତ ହୁଏ ଯେ, କାହିଁ ନା କାହିଁ, କେଉଁଠି ନା କେଉଁଠି ଭାରତୀୟ ରାଜନୈତିକ ପ୍ରୟୋଗଶାଳା ବେଶ୍‌ କଳୁଷିତ ଓ ନିନ୍ଦନୀୟ । ପ୍ରକାରାନ୍ତେ କହିଲେ, ଭାରତରେ ସମସ୍ତ ନାଗରିକଙ୍କୁ ସକଳ ପ୍ରକାର ଗଣତାନ୍ତ୍ରିକ ଅଧିକାର ମିଳିଥିବା

ISSN NO.
2582-208X

ସତ୍ତ୍ୱେ ଅଧିକାଂଶ ନାଗରିକ ନିଜ ଗଣତାନ୍ତ୍ରିକ ଅଧିକାରରୁ ସହଯୋଗ କିପରି କରିବେ, ସେଥିପ୍ରତି ଆଦୌ ସଚେତନ ନୁହଁନ୍ତି । ନିର୍ବାଚନବେଳେ ପ୍ରାୟତଃ ଏହାର ବ୍ୟତିକ୍ରମ ଅଧିକ ଥିବାର ନଜରକୁ ଆସିଥାଏ । ଅନ୍ୟ ଅର୍ଥରେ କହିଲେ, ଯେପରି ପୁରୁଷ ମତଦାତାଙ୍କ ତୁଳନାରେ ମହିଳା ମତଦାତାଙ୍କ ସଂଖ୍ୟା କମ୍ । ପୁରୁଷ ପାର୍ଥୀଙ୍କ ଅପେକ୍ଷା ମହିଳା ପ୍ରାର୍ଥୀନୀଙ୍କ ସଂଖ୍ୟା ବହୁତ କମ୍ । ମହିଳା ପ୍ରତିନିଧିଙ୍କୁ ପୁରୁଷ ପ୍ରତିନିଧିଙ୍କଠୁ ନ୍ୟୁନ ମନେ କରିବା । "ମହିଳା ସଂରକ୍ଷଣ"ର ଦ୍ୱାହି ଦେଇ ତଥାପି ସେମାନଙ୍କ ପ୍ରତି ଛଳନାପୂର୍ବକ ଆଚରଣ କରିବା ଇତ୍ୟାଦି, ଇତ୍ୟାଦି ।

ଅପରପକ୍ଷେ, ମହିଳା ପ୍ରାର୍ଥିନୀଙ୍କୁ ତାଲିକାଭୁକ୍ତ କରି ମଧ୍ୟ ସେମାନଙ୍କୁ ନିର୍ବାଚନବେଳେ ମହିଳା ପ୍ରତିନିଧିଭାବେ ଅଗ୍ରାଧିକାର ନ ଦେବା ଭାରତୀୟ ରାଜନୀତିର ଏହା ଏକ ଅମୋଘ ପଶାପାଲି ଖେଳ କହିଲେ ସମୁଚୀନ । କାରଣ ପ୍ରତ୍ୟେକ ଭାରତୀୟ ରାଜନୈତିକ ଦଳରେ ଆଦୌ ଆଚରଣ ଓ ଉଚ୍ଚାରଣରେ ସମଦୃଷ୍ଟିଭାବାପନ୍ନର ଘୋର ଅଭାବ ଦେଖାଦିଏ । ଫଳତଃ ସମାଜର ମାନଦଣ୍ଡ ବିବେଚିତା ମହିଳା ରାଜନୈତିକ ପଶାପାଲିରେ ଛକା, ଚୌକା ମାରିବା ତ ଦୂରର କଥା, ସେମାନଙ୍କୁ ଆସନ ସଂରକ୍ଷଣ କରିବା ଅଧିକାରରୁ ମଧ୍ୟ ବଞ୍ଚିତ କରାଯାଉଛି । ପ୍ରାୟତଃ ପୁରୁଷପ୍ରଧାନ ରାଜନୀତିରେ ମହିଳାମାନଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନେତାଙ୍କ ବୟାନବାଜିରେ ରାଜନୈତିକ କ୍ଷେତ୍ର ଖାଲି ଉଠୁଛି ପଡୁଛି, ହେଲେ ମହିଳା ପ୍ରାର୍ଥୀଙ୍କ ନିକଟରେ ରାଜନୈତିକ ଭାଗଫଳ ସମ୍ପୂର୍ଣ୍ଣ ଶୂନ୍ୟ ଫଳାଫଳ ।

ମୋଟ ଉପରେ କହିଲେ, ମହିଳା ସଶକ୍ତିକରଣ ଉପରେ ଗଭୀର ରେଖାପାତ ସୃଷ୍ଟି କରିଥିବା ଭାରତୀୟ ସମ୍ବିଧାନରେ ଏଯାଏଁ ରାଜନୈତିକ ବ୍ୟାପରରେ ସେଭଳି କୌଣସି ଆଖିଦୃର୍ଶିଆ ସଫଳତା ମହିଳାମାନଙ୍କୁ ଆଦୌ ମିଳିନାହିଁ । ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ଭାରତରେ ଅନୁଷ୍ଠିତ ହେଉଛି । ହେଲେ ନିର୍ବାଚନ ବେଳେ "ମହିଳା ସଂରକ୍ଷଣ" ଆଇନ ଉପରେ ଦୃଷ୍ଟି ନିକ୍ଷେପ କରାଯାଉଛି । ବିଶେଷତଃ ଏତେ ପ୍ରତିଶତ ସ୍ଥାନ ସଂରକ୍ଷଣ ବୃଦ୍ଧି ପାଇଛି ବୋଲି ଆଇନ ପ୍ରଣୟନ କରାଯାଇଛି, ହେଲେ ମହିଳାମାନଙ୍କୁ ଟିକଟ ଦେବାବେଳେ ଆରମ୍ଭ ହୋଇଯାଉଛି ଟାଳଟୁଳ ନୀତି । ପ୍ରତ୍ୟେକ ରାଜନୈତିକ ଦଳ କୁନ୍ଥୁ କୁନ୍ଥୁ ହେଉଛନ୍ତି, ଖୋଲା ମନରେ ମାଆ ଭଉଣୀମାନଙ୍କୁ ଟିକଟ ଦେବାକୁ, ଯାହା ବଡ଼ ଦୁଃଖର ବିଷୟ ।

ISSN NO.
2582-208X

ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ସ୍ତରରେ ରାଜନୈତିକ ଦଳର କୁତ୍ସିତ, ବୀଭତ୍ସ ଓ ସଂକୀର୍ଣ୍ଣତା ଭାବମୂର୍ତ୍ତି ବିରୁଦ୍ଧରେ ବିଷୋଦ୍‌ଗାର ଅଭିଯାନ ବଳବତ୍ତରବେଳେ ଓଡ଼ିଶା ଭଳି ଏକ କ୍ଷୁଦ୍ର ରାଜ୍ୟର ଅବସ୍ଥା ମଧ୍ୟ ତଦ୍ରୁପ । କହିବାର ତାତ୍ପର୍ଯ୍ୟ ହେଲା – "ମହିଳା ସଂରକ୍ଷଣ" ଆଇନ ଅନୁଯାୟୀ ଓଡ଼ିଶାର ଲୋକସଭା ଓ ରାଜ୍ୟସଭାର ୩୩% ଆସନ ମହିଳାମାନଙ୍କ ନିମନ୍ତେ ସୁରକ୍ଷିତ, ଯାହା ଏକ ଶୁଭସଙ୍କେତ ଓଡ଼ିଶା ରାଜନୈତିକ ବ୍ୟବସ୍ଥା ପାଇଁ । ପ୍ରକାରାନ୍ତେ କହିଲେ, ସମ୍ବିଧାନରେ ଏହି ଆଇନ ଲାଗୁ ହେବା ଯୋଗୁଁ ଓଡ଼ିଶା ରାଜନୀତିରେ ମହିଳାମାନଙ୍କର ଭାଗିଦାରିତ ଓ କ୍ଷମତା ବଢ଼ିବା ସହ ଏମାନଙ୍କ ଅର୍ଥନୈତିକ କ୍ଷମତାରେ ମଧ୍ୟ ସୁଧାର ଆସିବ । ତତ୍‌ସହିତ ପ୍ରତ୍ୟେକ ନାରୀ ରାଜନେତ୍ରୀଙ୍କର ଆତ୍ମିକ କ୍ଷମତା, ଦକ୍ଷତାର ପରିସ୍ଫୁଟନ ଘଟିବ ତା' ସହିତ ସଶକ୍ତ ସମାଜ ଓ ବିକଶିତ ରାଷ୍ଟ୍ରର ଗଠନରେ ସେମାନଙ୍କର ଯୋଗଦାନ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ ।

ଆପାତତଃ ସଂପ୍ରତି ମହିଳାମାନଙ୍କର କାର୍ଯ୍ୟ ଦକ୍ଷତା ଓ କ୍ଷମତାକୁ ରାଜନୈତିକ ଦଳଗୁଡ଼ିକ ଉପଲବ୍‌ଧ କରିବା ଓ ଅୁଭବ କରିବାକୁ ନାରାଜ । ପ୍ରାୟତଃ ପୁରୁଷ ପ୍ରତିନିଧିମାନେ ନିର୍ବାଚନ ରଣକ୍ଷେତ୍ରରେ ମହିଳା ପ୍ରତିନିଧିମାନଙ୍କୁ ନିର୍ବାଚନ ଲଢ଼ିବାର ଅଗ୍ରାଧିକାରରୁ ବଞ୍ଚିତ କରୁଛନ୍ତି । ଏମିତିକି କାଁ-ଭାଁ କିଏ କେମିତି ଯଦି ନିର୍ବାଚନ ମଇଦାନ୍‌ରେ ଅବତୀର୍ଣ୍ଣ ହୋଇ ରାଜନୀତି କ୍ଷେତ୍ରରେ ପାଦ ଥାପୁଛି ତାକୁ ଜୋର୍ ଜବରଦସ୍ତି ରାଜନୀତି କ୍ଷେତ୍ରରୁ ଓହରି ଯିବାକୁ ଧମକ ଦିଆଯାଉଛି, ନଚେତ ପ୍ରାଣଘାତି ଆକ୍ରମଣ ମଧ୍ୟ ତା' ଉପରେ କରାଯାଉଛି । ମୋଟ୍ ଉପରେ କହିଲେ, ଆମ ରାଜ୍ୟ ରାଜନୀତିରେ କୌଣସି ରାଜନୈତିକ ଦଳ ମହିଳାମାନଙ୍କୁ ଆଗକୁ ଯିବାକୁ ସୁଯୋଗ ଦିଅନ୍ତିନାହିଁ କିମ୍ବା ମହିଳାମାନେ କୌଣସି ଉଚ୍ଚ ଆସନ ଅଳଙ୍କୃତ କରନ୍ତୁ ସେଥିପ୍ରତି କୌଣସି ରାଜନୈତିକ ଦଳର ଆନ୍ତରିକତା ନଥାଏ, ଏହା ମଧ୍ୟ ଧ୍ରୁବ ସତ୍ୟ ।

ପରନ୍ତୁ କାଳର ଗତି ଅତି ବିଚିତ୍ର । ଏବେ ଅଣଦେଖା ଓ ହୀନମନ୍ୟତା ସତ୍ତ୍ୱେ ପୂର୍ବାପେକ୍ଷା ମହିଳାମାନେ ରାଜୀନତି ମଇଦାନ୍‌ରେ ବେଶ୍ ସକ୍ରିୟ । ବର୍ତ୍ତମାନ ପରିସ୍ଥିତିରେ ମହିଳାମାନଙ୍କ ଶିକ୍ଷାଗତ ଯୋଗ୍ୟତା, କାର୍ଯ୍ୟ ଦକ୍ଷତା, ଦୃଢ଼ ନିର୍ଣ୍ଣୟାତ୍ମକ ଭୂମିକା ପ୍ରତି ରାଜନୈତିକ ଦଳକୁ ବାଧ୍ୟ କରିଛି ମହିଳାମାନଙ୍କୁ ସେମାନଙ୍କର ସଂରକ୍ଷଣ ସିଟ୍‌ରୁ ହଟିଯିବାକୁ । ପରିଣାମସ୍ୱରୂପ ଫଂପ୍ରତି ମହିଳାମାନେ ନିଜ ପାରମ୍ପରିକ ସଂସଦ ପଦ ବଜାୟୀ ରଖି ନିଜ ପରାକାଷ୍ଠା, ଦକ୍ଷତାର ମାନ ରଖି ବେଶ୍ ଶ୍ରଦ୍ଧା ଭାଜନ ହେଉଛନ୍ତି ।

ISSN NO.
2582-208X

ଏହାର ଦମ୍ଭୋକ୍ତି ଓ ଦୃଢ଼ୋକ୍ତି ଅଟେ, ଭୂମିରୁ ଭୂମା ପର୍ଯ୍ୟନ୍ତ ଲମ୍ବି ରହିଥିବା ମହିଳାମାନଙ୍କର ଉଚ୍ଚ ଆଶାୟୀ ମନୋଭାବ, ଯାହା ସେମାନଙ୍କର ସଫଳତାରେ ଶିଖର ପ୍ରଦେଶରେ ଦଣ୍ଡାୟମାନ ହେବାର ସୁଯୋଗ ଦେଇଛି । ମାତ୍ର ବିଡ଼ମ୍ବନାର କଥା ହେଲା, ପୁରୁଷପ୍ରାଧାନ୍ୟ ରାଜନୀତିରେ ଏବେ ଅନେକ ମହିଳା ଅସୁରକ୍ଷିତ ଓ ଅବହେଳିତ । ଏପରି କ୍ଷେତ୍ର ଓଡ଼ିଶା ରାଜନୀତିରେ ଅନେକ ରାଜନେତ୍ରୀ ରାଜନୀତି ମଇଦାନ୍‌ରେ ଅବତୀର୍ଣ୍ଣ ଏହିପରି କିଛି ସୁଯୋଗ୍ୟ ମହିଳାମାନଙ୍କର ଉପସ୍ଥାପନା କରାଯାଉଛି । ଯେଉଁମାନଙ୍କର ପାଦ ଥାପୁଛି ତାକୁ ଜୋର୍ ଜବରଦସ୍ତି ରାଜନୀତି ମଇଦାନରୁ ଓହରି ଯିବାପାଇଁ ଚାପ ପ୍ରୟୋଗ କରାଯାଉଛି, ନଚେତ୍ ପ୍ରାଣଘାତି ହାମଲାର ସମ୍ମୁଖୀନ ହେବାକୁ ପଡୁଛି । ମୋଟ ଉପରେ କହିଲେ, ଆମ ରାଜ୍ୟ ରାଜନୀତିରେ କୌଣସି ରାଜନୈତିକ ଦଳ ମହିଳାମାନଙ୍କୁ ପ୍ରତ୍ୟକ୍ଷ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ସୁଯୋଗ ଦେବାକୁ ରାଜି ନାହାନ୍ତି କିମ୍ବା ମହିଳା ରାଜନେତ୍ରୀମାନେ କୌଣସି ଉଚ୍ଚ ପଦବୀ ଅଳଙ୍କୃତ କରନ୍ତୁ ସେଥିପ୍ରତି କୌଣସି ରାଜନୈତିକ ଦଳର ଆନ୍ତରିକତା ନଥାଏ ଏହା ଧ୍ରୁବ ସତ୍ୟ ।

ପରନ୍ତୁ କାଳର ଗତି ଅତି ବିଚିତ୍ର । କେତେବେଳେ କାହାକୁ କେଉଁଠି ନେଇ ଥୋଇବ ତାହା କାହାକୁ ଜଣାନାହିଁ । ଏତେ ଅଣଦେଖା ଓ ହୀନମନତା ସତ୍ତ୍ୱେ ପୂର୍ବାପେକ୍ଷା ମହିଳା ରାଜନେତ୍ରୀମାନେ ରାଜନୀତି ରଣାଙ୍ଗନରେ ବେଶ୍ ସକ୍ରିୟ । ବର୍ତ୍ତମାନ ପରିସ୍ଥିତିରେ ମହିଳାମାନଙ୍କ ଶିକ୍ଷାଗତ ଯୋଗ୍ୟତା, କାର୍ଯ୍ୟଦକ୍ଷତା, ଦୃଢ଼ମନୋବଳ, ପରାକାଷ୍ଠା, ନିଷ୍ଠା, ସଚ୍ଚୋଟତା ରାଜନୈତିକ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରୁଅଛି, ଫଳରେ ପ୍ରତିଟି ରାଜନୈତିକ ଦଳ ବାଧ୍ୟ ହେଉଛି ମହିଳାମାନଙ୍କୁ ସେମାନଙ୍କର ସଂରକ୍ଷଣ ସିଟ୍ ଛାଡ଼ିବାକୁ। ପରିଣାମସ୍ୱରୂପ ସଂପ୍ରତି ମହିଳାମାନେ ନିଜ ପରମ୍ପାରିକ ସଂସଦ ପଦ କାୟମ୍ ରଖି ନିଜ ପରାକାଷ୍ଠା, ଦକ୍ଷତା, କ୍ଷମତାର ମାନ ରଖି ବେଶ୍ ଶ୍ରଦ୍ଧାଭାଜନ ହେଉଛନ୍ତି ।

ଏହାର ଦମ୍ଭୋକ୍ତି ବା ଦୃଢ଼ୋକ୍ତିର ପ୍ରମାଣ, ଭୂମିରୁ ଭୂମା ପର୍ଯ୍ୟନ୍ତ ଲମ୍ବି ରହିଥିବା ମହିଳା ରାଜନେତ୍ରୀମାନଙ୍କର ଉଚ୍ଚ ଆଶାୟୀ ମନୋଭାବ, ଯାହା ସେମାନଙ୍କର ସଫଳତାର ଚାବିକାଠି । ଆଉ ମାତ୍ର ବଡ଼ ବିଡ଼ମ୍ବନାର କଥା ହେଲା, ପୁରୁଷ ପ୍ରାଧାନ୍ୟ ରାଜନୀତିରେ ଏବେ ଅନେକ ମହିଳା ରାଜନେତ୍ରୀ ଅସୁରକ୍ଷିତ ଓ ଅବହେଳିତ । ଅତ୍ୟନ୍ତପକ୍ଷେ ଓଡ଼ିଶା ରାଜନୀତିରେ ଅନେକ ପରିବର୍ତ୍ତନ ଅଧୁନା ଦେଖିବାକୁ ମିଳୁଛି । ଅନେକମ ବିଚକ୍ଷଣ ରାଜନେତ୍ରୀ ରାଜନୈତିକ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ବେଶ୍ ଚର୍ଚ୍ଚିତ ଓ ମହିମାନ୍ୱିତ ।

ISSN NO.
2582-208X

ଏହିପରି କିଛି ଚର୍ଚ୍ଚିତା ଓ ସୁଯୋଗ୍ୟ ରାଜନେତ୍ରୀଙ୍କର ଓଡ଼ିଶାର ବିଭିନ୍ନ ସମୟରେ ଅନୁଷ୍ଠିତ ନିର୍ବାଚନ ଅବଧିରେ ସେମାନଙ୍କର ଜୟଯାତ୍ରା କଥା କାର୍ଯ୍ୟ ଦକ୍ଷତାର ଉପସ୍ଥାପନା କରାଯାଉଛି । ଦିନେ ଯେଉଁମାନଙ୍କର ଦୃଢ଼ ନିଷ୍ପତ୍ତି, ନିଷ୍ଠାପରତା, କାର୍ଯ୍ୟଦକ୍ଷତା ସଶକ୍ତ ରାଷ୍ଟ୍ର ନିର୍ମାଣରେ ଅହମ୍ ଭୂମିକା ଗ୍ରହଣ କରିଥିଲା ଆଉ ସବୁଠାରୁ ତଦ୍ରୁପ ବିଷୟ ହେଲା ଯେ, ଏଇ ଦକ୍ଷ ରାଜନେତ୍ରୀଙ୍କର ସଶକ୍ତ ପ୍ରତିନିଧିତ୍ୱ ହିଁ ସଂପ୍ରତି ଦିଲ୍ଲୀରୁ ପଲ୍ଲୀ ଯାଏଁ ନାରୀ ସଶକ୍ତିକରଣ ନିନାଦକୁ ନିର୍ଦ୍ୱନ୍ଦରେ ସମୁଦ୍ୟତ କରି ଆସୁଛି କହିଲେ ଯଥାର୍ଥ ହେବ ।

ଫଳତଃ ଏବେକାର ଜନସାଧାରଣ ପୁରୁଷ ଅପେକ୍ଷା ମହିଳା ରାଜନେତ୍ରୀଙ୍କୁ ସର୍ବେବ ସମର୍ଥନ କରି ଆସୁଛନ୍ତି, ବୋଧହୁଏ ଏହାହିଁ ହେଉଛି ରାଜନୈତିକ ଦଳ ସାମ୍ନାରେ କୋଟି କୋଟି ଜନତାଙ୍କ ଯୁଗାନ୍ତକାରୀ ଦୁନ୍ଦୁଭି । ଯଦି ଭାରତ ଭଳି ଏକ ବିଶାଳ ରାଜତନ୍ତ୍ରିକ ରାଷ୍ଟ୍ରରେ ଓଡ଼ିଶା ରାଜ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ମହିଳା ରାଜନେତ୍ରୀ ବା ବିଧାୟିକାଙ୍କ କାଟକ୍ତି ଓ ଗଣତି ବିବେଚନା କରାଯାଏ ଅନୁମିତ ହୁଏ ଯେ, ସ୍ୱାଧୀନୋତ୍ତର ଭାରତବର୍ଷରେ ନୂତନ ସମ୍ବିଧାନ ଧାରା ଅନୁଯାୟୀ ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ ଏବଂ ଯେଉଁ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିଥାଏ ସେହିଦିନ ଶାସନ ଗାଦିରେ ବସି ସରକାର ଗଠନ କରିଥାଏ । ଏହି କ୍ରମରେ ଓଡ଼ିଶା ବିଧାନସଭାର ପଞ୍ଚଦଶତମ ନିର୍ବାଚନ ଶେଷ ହୋଇଯାଇଛି ।

ତେବେ ସ୍ୱାଧୀନତା ପରଠୁ ଏଯାବତ୍ ହୋଇଥିବା ବିଧାନସଭା ନିର୍ବାଚନରେ କେଉଁ କେଉଁ ନିର୍ବାଚନ ମସିହା ଓ କେତେଜଣ ମହିଳା ରାଜନେତ୍ରୀ ବିଧାନସଭାକୁ ନିର୍ବାଚିତ ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷରଣ କରିଥିଲେ ତାହାର ଏକ ଜ୍ୱଳନ୍ତ ସରଣୀ ଉପସ୍ଥାପନା କରିବା ନିହାତି ଜରୁରୀ । ସ୍ୱାଧୀନୋତ୍ତର ଓଡ଼ିଶାର ପ୍ରଥମ ନିର୍ବାଚନ ୧୯୫୨ ମସିହାରେ ହୋଇଥିଲା । ଏହି ନିର୍ବାଚନରେ ପ୍ରଥମ ମହିଳା ପ୍ରାର୍ଥୀନୀ ଭାବେ ମାତ୍ର ତିନିଜଣ ମହିଳା ଲୋକ ପ୍ରତିନିଧି ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏମାନେ ହେଲେ ଯଥାକ୍ରମେ ରାମମଞ୍ଜରୀ ଦେବୀ, ସରସ୍ୱତୀ ଦେବୀ ଏବଂ ବସନ୍ତମଞ୍ଜରୀ ଦେବୀ ।

ଦ୍ୱିତୀୟ ନିର୍ବାଚନ – ଉକ୍ତ ନିର୍ବାଚନର ସମୟ ସୀମା ଥିଲା ୧୯୫୭ରୁ ୧୯୬୧ ମସିହା । ଏହି ନିର୍ବାଚନରେ ସର୍ବମୋଟ୍ ପାଞ୍ଚଦଳ ମହିଳା ରାଜନେତ୍ରୀ ନିର୍ବାଚିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଅନଙ୍ଗ ମଞ୍ଜରୀ ଦେବୀ, ଜ୍ୟୋତିମଞ୍ଜରୀ ଦେବୀ, ବସନ୍ତ ମଞ୍ଜରୀ ଦେବୀ, କନକଲତା ଦେବୀ ଅନ୍ୟତମ ।

ISSN NO.
2582-208X

ତୃତୀୟ ନିର୍ବାଚନ – ୧୯୬୧ରୁ ୧୯୬୭ ମସିହା ଦୀର୍ଘ ପାଞ୍ଚବର୍ଷ ନିମନ୍ତେ ଅନୁଷ୍ଠିତ ହୋଇଥିଲା । ଏହି ବିଧାନସଭା ନିର୍ବାଚନରେ ସର୍ବମୋଟ୍ ପାଞ୍ଚଜଣ ମହିଳା ପ୍ରାର୍ଥିନୀ ଲୋକପ୍ରତିନିଧି ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏମାନେ ହେଲେ ବିଗତ ନିର୍ବାଚନରେ ନିର୍ବାଚିତ ହୋଇଥିବା ମହିଳା ରାଜନେତ୍ରୀ ନବକୁମାରୀ ଦେବୀ, ସରସ୍ୱତୀ ପ୍ରଧାନ, ରପତ୍ନପ୍ରଭା ଦେବୀ, ରତ୍ନମାଳି ଦେବୀ ଓ ଭି. ସୁଜ୍ଞାନ କୁମାର ଦେବୀ ।

ଚତୁର୍ଥ ନିର୍ବାଚନ – ଓଡ଼ିଶାର ଏହି ବିଧାନସଭା ନିର୍ବାଚନ ୧୯୬୭ ମସିହାରେ ଅନୁଷ୍ଠିତ ହୋଇଥିଲା । ଏହି ନିବାଚନରେ ପୂର୍ବ ପରି ମାତ୍ର ପାଞ୍ଚଜଣ ନାରୀନେତ୍ରୀ ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ ଏବଂ ନିଜ ଆସନକୁ ସଂରକ୍ଷିତ ରଖିଥିଲେ । ଏମାନେ ହେଲେ- ସତ୍ୟଭାମା ଦେବୀ, ଆନନ୍ଦମଞ୍ଜରୀ ଦେବୀ, ସୁଭଦ୍ରା ମହତାବ, ସରସ୍ୱତୀ ପ୍ରଧାନ ଏବଂ ରତ୍ନପ୍ରଭା ଦେବୀ ।

ପଞ୍ଚମ ନିର୍ବାଚନ – ୧୯୭୧ ମସିହାରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମାତ୍ର ଜଣେ ମହିଳା ପ୍ରାର୍ଥିନୀ ପ୍ରତିଦ୍ୱନ୍ଦୀତ ଭାବେ ବିଜୟ ହାସଲ କରିଥିଲେ । ସେ ହେଲେ ବହ୍ନିକନ୍ୟା ନନ୍ଦିନୀ ଶତପଥୀ ।

ଷଷ୍ଠ ନିର୍ବାଚନ – ୧୯୭୪ ମସିହା ଥିଲା ଓଡ଼ିଶାର ଷଷ୍ଠତମ ନିର୍ବାଚନର ସମୟ । ଉକ୍ତ ନିର୍ବାଚନରେ ପୁନଃ ମାତ୍ର ଚାରିଜଣ ମହିଳା ପ୍ରତିଦ୍ୱନ୍ଦୀ ବିଜୟ ଲାଭ କରିଥିଲେ । ଏମାନଙ୍କ ନାମ ହେଲା – ସୁଧାଂଶୁ ମାଳିନୀ ରାୟ, ଭି. ସୁଜ୍ଞାନୀ କୁମାରୀ ଦେଓ, ନନ୍ଦିନୀ ଶତପଥୀ ଏବଂ ସୌରିନ୍ଦ୍ରୀ ନାୟକ ।

ସପ୍ତମ ନିର୍ବାଚନ – ଅବଧି ହେଲା  ୧୯୭୭-୧୯୮୦ ) । ସର୍ବମୋଟ୍ ମହିଳା ପ୍ରାର୍ଥିନୀ ଥିଲେ ମାତ୍ର ସାତଜଣ । ଏମାନେ ହେଲେ – ଆନନ୍ଦ ମଞ୍ଜରୀ ଦେବୀ, ରାମ ମଞ୍ଜରୀ ଦେବୀ, କିରଣ ରେଖା ମହାନ୍ତି, ଭି. ସୁଜ୍ଞାନ କୁମାର ଦେଓ, ରତ୍ନ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ ଓ ସୌରିନ୍ଦ୍ରୀ ନାୟକ ।

ଅଷ୍ଟମ ନିର୍ବାଚନ – ଏହି ନିର୍ବାଚନର ସମୟ ସାରଣୀ (୧୯୮୦-୧୯୮୫) । ବଡ଼ ମଜାର କଥା ହେଲା, ଏହି ବିଧାନସଭା ନିର୍ବାଚନରେ କେତେଜଣ ନୂଆ ମୁହଁ ଦେଖାଦେଇଥିଲା । ଏମାନେ ବିଧାନସଭା ପ୍ରତିନିଧି ଭାବେ ବିଜୟ ଲାଭ କରିଥିଲେ । ଏମାନେ ହେଲେ ସରସ୍ୱତୀ ହେମ୍ବ୍ରମ, ଚନ୍ଦ୍ରମା ସନ୍ଥ, ଫୁଲମଣି ସାନ୍ତା, ପରମା ପୂଜାରୀ, ନନ୍ଦିନୀ ଶତପଥୀ ।

ISSN NO.
2582-208X

ନବମ ନିର୍ବାଚନ - ଏହି ନିର୍ବାଚନରେ ସର୍ବମୋଟ୍ ଆଠଜଣ ମହିଳା ପ୍ରାର୍ଥିନୀ ପ୍ରତିଦ୍ୱନ୍ଦୀତା କରି ଜୟଯୁକ୍ତ ହୋଇଥିଲେ । ସେମାନେ ହେଲେ - ସରସ୍ୱତୀ ହେମ୍ବ୍ରମ, ଉମାରାଣୀ ପାତ୍ର, ଚନ୍ଦ୍ରମା ସନ୍ଥ, ଭଗବତୀ ପୂଜାରୀ, ଫ୍ରିଡା ଟପ୍ପୋ, ନନ୍ଦିନୀ ଶତପଥୀ ଓ ଭି. ସୁଜ୍ଞାନ କୁମାର ଦେଓ ।

ଦଶମ ନିର୍ବାଚନ - ଉକ୍ତ ନିର୍ବାଚନର ଅବଧି (୧୯୯୦-୧୯୯୫) ମସିହା ସର୍ବମୋଟ୍ ନଅଜଣ ବିଧାୟିକା ଏହି ନିର୍ବାଚନରେ ଲୋକପ୍ରତିନିଧି ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏମାନେ ହେଲେ - ଡକ୍ଟର କମଳା ଦାସ, ପ୍ରମିଳା ମଲ୍ଲିକ, ସୁଶ୍ରୀ ଦେବୀ, ଶାନ୍ତି ଦେବୀ, ଭି. ସୁଜ୍ଞାନ କୁମାର ଦେଓ, ଉଷା ଦେବୀ, ପିତା ନାୟକ, ନନ୍ଦିନୀ ଶତପଥୀ, କିଶୋରମଣୀ ସିଂ ।

ଏକାଦଶ ନିର୍ବାଚନ - ସର୍ବମୋଟ୍ ୧୦ଜଣ ମହିଳା ରାଜନେତ୍ରୀ ଏକାଦଶତମ ନିର୍ବାଚନରେ ଜୟଯୁକ୍ତ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନର ସମୟ ଥିଲା ୧୯୯୫-୨୦୦୦ ମସିହା । ପ୍ରାର୍ଥିନୀମାନେ ହେଲେ - ସରସ୍ୱତୀ ହେମ୍ବ୍ରମ, ଡକ୍ଟର କମଳା ଦାସ, ଇନ୍ଦୁମଣି ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ଉଷାରାଣୀ ପଣ୍ଡା, ଭି. ସୁଜ୍ଞାନ କୁମାର ଦେଓ, ପରମା ପୂଜାରୀ, ରୋଶନୀ ସିଂହଦେଓ, ନନ୍ଦିନୀ ଶତପଥୀ ଏବଂ ପ୍ରେମଲତା ମହାପାତ୍ର ।

ଦ୍ୱାଦଶ ନିର୍ବାଚନ - ଓଡ଼ିଶା ବିଧାନସଭାର ଦ୍ୱାଦଶତମ ନିର୍ବାଚନର ସମୟ ଥିଲା ୨୦୦୦-୨୦୦୪ ମସିହା । ସର୍ବମୋଟ ୧୪ଜଣ ମହିଳା ରାଜନେତ୍ରୀ ଏହି ନିର୍ବାଚନରେ ନିର୍ବାଚିତ ହୋଇ ବିଧାନସଭା ସଂସଦ ପଦ ବିଜାୟୀ ରଖିଥିଲେ । ଏମାନେ ହେଲେ - ଦ୍ରୌପଦୀ ମର୍ମୁ, ଡକ୍ଟର କମଳା ଦାସ, ପ୍ରମିଳା ମଲ୍ଲିକ, ନିବେଦିତା ପ୍ରଧାନ, ମନ୍ଦାକିନୀ ବେହେରା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ସ୍ୱର୍ଗତଃ ଉଷାରାଣୀ ପଣ୍ଡା, ଭି. ସୁଜ୍ଞାନ କୁମାର ଦେଓ, ଉଷା ଦେବୀ, ମମତା ପାଢ଼ୀ, ପରମା ପୂଜାରୀ, ରୋଶନୀ ସିଂଦେଓ, ବିର୍ଷ୍ଣୁପ୍ରିୟା ବେହେରା, ଅଞ୍ଜଳି ବେହେରା ।

ତ୍ରୟୋଦଶ ନିର୍ବାଚନ - (୨୦୦୪ରୁ ୨୦୦୯ ମସିହା) । ସର୍ବମୋଟ୍ ୧୨ଜଣ ମହିଳା ବିଧାୟିକା ବିଧାନସଭା ସଂସଦ ପଦ ଅଳଙ୍କୃତ କରିଥିଲେ । ଏମାନେ ହେଲେ - ପ୍ରମିଳା ଗିରି, ସଙ୍ଗିତା ମହାନ୍ତି, ପ୍ରମିଳା ମଲ୍ଲିକ, ସୁରମା ପାଢ଼ୀ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଭି.

ISSN NO.
2582-208X

ସୁଜ୍ଞାନ କୁମାର ଦେଓ, ଉଷା ଦେବୀ, ହେମା ଗମାଙ୍ଗୋ, ଅଜୟନ୍ତୀ ପ୍ରଧାନ, ଅଞ୍ଜଳି ବେହେରା, ସୁଷମା ପଟେଲ ।

ଚତୁର୍ଦ୍ଦଶ ନିର୍ବାଚନ – ଏହି ନିର୍ବାଚନର ଅବଧି ହେଲା (୨୦୦୯-୨୦୧୪) । ସର୍ବମୋଟ ୭ଜଣ ମହିଳା ଯଥା – ସରୋଜିନୀ ହେମ୍ବ୍ରମ, ପ୍ରମିଳା ମଲ୍ଲିକ, ଅଞ୍ଜଳି ବେହେରା, ସିପ୍ରା ମଲ୍ଲିକ, ଭି. ସୁଜ୍ଞାନ କୁମାର ଦେଓ, ଉଷା ଦେବୀ ଓ ମମତା ପାଢ଼ୀ ବିଧାୟିକା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ପଞ୍ଚଦଶ ନିର୍ବାଚନ – ଏହି ନିର୍ବାଚନର ସମୟ ସୀମା (୨୦୧୪-୨୦୧୯) । ଉକ୍ତ ବିଧାନସଭା ନିର୍ବାଚନରେ ସର୍ବମୋଟ ୧୧୮ ମହିଳା ପ୍ରାର୍ଥିନୀ ନିର୍ବାଚନରେ ପ୍ରତିଦ୍ୱନ୍ଦୀ ଭାବେ ନିର୍ମାଚନ ଲଢ଼ଇଥିଲେ ସୁଦ୍ଧା ମାତ୍ର ୧୨ଜଣ ମହିଳା ପ୍ରତିନିଧି ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତନ୍ମଧ୍ୟରୁ ୧୦ଜଣ ବିଜେଡି ପ୍ରତିନିଧି ଏବଂ ଦୁଇଜଣ ବିଜେପି ପ୍ରତିନିଧି ଭାବେ ବିଜୟୀ ହୋଇ ବିଧାନସଭା ଆସନ ଅଳଙ୍କୃତ କରିଥିଲେ । ସେମାନେ ହେଲେ – ସ୍ନେହାଙ୍ଗିନୀ ଛୁରିଆ, ରାସେଶ୍ୱରୀ ପାଣିଗ୍ରାହୀ, ପ୍ରମିଳା ମଲ୍ଲିକ, ସୀମାରାଣୀ ନାୟକ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ଭି. ସୁଜ୍ଞାନ କୁମାର ଦେଓ, ଉଷା ଦେବୀ, ବାସନ୍ତି ମଲ୍ଲିକ, ରୀତା ସାହୁ ଇତ୍ୟାଦି ।

ଷୋଡ଼ଶ ନିର୍ବାଚନ – ଏହି ନିର୍ବାଚନ ୨୦୧୯ରୁ ୨୦୨୪ ମସିହା ପର୍ଯ୍ୟନ୍ତ । ନିର୍ବାଚନ ଲଢ଼ଇଥିଲେ ସର୍ବମୋଟ ୧୧୭ଜଣ ମହିଳା ପ୍ରାର୍ଥିନୀ । ବିଜୟୀ ହୋଇଥିଲେ ମାତ୍ର ୧୮ଜଣ। ରାଜନୈତିକ ଦଳ ବିଜେଡି ପକ୍ଷରୁ ୧୨ଜଣ ବିଧାୟିକା ଜୟଯୁକ୍ତ ହୋଇଥିବାବେଳେ ପରାଜିତ ହୋଇଥିଲେ ସାତଜଣ । ବିଜୟୀ ପ୍ରାର୍ଥିନୀମାନେ ହେଲେ – ସ୍ନେହାଙ୍ଗିନୀ ଛୁରିଆ, ସୀମାରାଣୀ ନାୟକ, ଟୁକୁନି ସାହୁ, ଇତିକା ପ୍ରଧାନ, ସୂର୍ଯ୍ୟମଣୀ ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ଉଷା ଦେବୀ, ପଦ୍ମିନୀ ଦିଆନା, ସାବିତ୍ରୀ ଅଗ୍ରୱାଲା, ଦୀପାଳି ଦାସ, ଅଳକା ମହାନ୍ତି, ରୀତି ସାହୁ ଓ ବର୍ଷା ସିଂବରିହା । ବିଜେପି ପ୍ରାର୍ଥିନୀ ଭାବେ କେବଳ କୁସୁମ ଟେଟେ ବିଜୟୀ ହୋଇଥିଲେ । ବର୍ତ୍ତମାନ ଏହିସବୁ ନିର୍ବାଚିତା ବିଧାୟିକାମାନଙ୍କ ମଧ୍ୟରୁ କେତେଜଣ ସୁନାମଧନ୍ୟା ରାଜନେତ୍ରୀଙ୍କ ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରାଯାଉଛି ।

ନନ୍ଦିନୀ ଶତପଥୀ – ଓଡ଼ିଶାର ଅନନ୍ୟା ନନ୍ଦିନୀ ଶତପଥୀ ଜଣେ ସୁ-ପ୍ରସିଦ୍ଧ ରାଜନେତ୍ରୀ ତଥା ବିଶିଷ୍ଟ ସୁ-ଲେଖିକା, ଅନୁବାଦିକା, ସଂଗଠିକା ତଥା ସମ୍ପାଦିକା । ଓଡ଼ିଶାର

ISSN NO.
2582-208X

ପଦ୍ମଭୂଷଣ ବିଜେତା ପ୍ରସିଦ୍ଧ କବି କାଳନ୍ଦୀ ପାଣିଗ୍ରାହୀଙ୍କ ସେ କନ୍ୟାରତ୍ନ । ସେ ଥିଲେ ଓଡ଼ିଶା ରାଜନୀତି କ୍ଷେତ୍ରର ଜଣେ ଚର୍ଚ୍ଚିତା ରାଷ୍ଟ୍ରନେତ୍ରୀ । ତାଙ୍କ ବ୍ୟକ୍ତିତ୍ୱ ଥିଲା ନିଆରା । ପୁନଃ ତାଙ୍କ ଅନ୍ତରଆତ୍ମାରେ ପରିପୂରିତ ହୋଇ ରହିଥିଲା ଅଦମ୍ୟ ସାହସ, ନିର୍ଭିକତା । ଓଡ଼ିଶା ରାଜନୈତିକ ଦଳର ତିନି-ତିନିଜଣ ପ୍ରବାଦ ପୁରୁଷଙ୍କ ଆଖିରୁ ସେ ନିଦ ହଜାଇ ଦେଇଥିଲେ । ନନ୍ଦିନୀ ଶତପଥୀଙ୍କର ଭାବନାତ୍ମକ ଶକ୍ତି ଯେପରି ତୀକ୍ଷ୍ଣ ଓ ପ୍ରଥମ ଥିଲା, ତା'ଠାରୁ ଢେର୍‌ଗୁଣ ଅଧିକ ତୀକ୍ଷ୍ଣ ଥିଲା ତାଙ୍କର ଭାଷା ଅଭିବ୍ୟକ୍ତି ।

କହିବା ହୁଏତ ଆଧିକ୍ୟ ହୋଇପାରେ, ପରନ୍ତୁ ନନ୍ଦିନୀ ଶତପଥୀଙ୍କ ଲେଖନୀ ନିସୃତ ଅଭିବ୍ୟକ୍ତି ଅତ୍ୟନ୍ତ ତୀବ୍ର ଥିଲା । ସେ ଯେତେବେଳେ ଲେଖନୀ ଚାଳନା କରୁଥିଲେ ସେତେବେଳେ ଉଭୟ ସ୍ୟାହି ଓ କଲମର ରୂପରେଖ ବଦଳିଯାଇ ସମ୍ପୂର୍ଣ୍ଣ ଅନ୍ୟ ଏକ ରୂପରେ ରୂପାନ୍ତରିତ ସ୍ୱୟଂ ହୋଇଯାଉଥିଲା । ମୋଟ ଉପରେ କହିଲେ, ସେ ଯାହାସବୁ ଅଭିବ୍ୟକ୍ତି ଲେଖନୀ ମୁନରେ ପରିପ୍ରକାଶ କରୁଥିଲେ ସେଥିରୁ ସ୍ୱତଃ ଉଦ୍‌ଭାସିତା ହେଉଥିଲା ତାଙ୍କର ଦମ୍ଭୋକ୍ତି, ଦୃଢ଼ୋକ୍ତି ତଥା ଦୃଢ଼ ବ୍ୟକ୍ତିତ୍ୱର ସହସ୍ରାଧିକ ଦିଗବାରେଣୀ ।

ନନ୍ଦିନୀ ଶତପଥୀ କେବଳ ଜଣେ ସୁ-ଲେଖିକା ହିସାବରେ ସୁପରିଚିତ ନଥିଲେ ବରଂ ଜଣେ ପ୍ରଖ୍ୟାତ ନାରୀନେତ୍ରୀ ବା ରାଷ୍ଟ୍ରନେତ୍ରୀ ଭାବେ ସେ ଅଧିକ ପରିଚିତ ଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ମାତ୍ର ୮ ବର୍ଷ ବୟସରେ ତାଙ୍କର ନିର୍ଭିକତା, ସାହସିକତା, ଦୃଢ଼ ଆତ୍ମବିଶ୍ୱାସର ବାସ୍ନାରେ ଚତୁର୍ଦ୍ଦିଗ ମହକିତ ହେଉଥିଲା । ତତ୍କାଳୀନ ଫିରିଙ୍ଗି ସରକାର ବିରୁଦ୍ଧରେ ସେ ବିରୋଧୀ ସ୍ଲୋଗାନ ଲେଖି ମାତ୍ର ୮ ବର୍ଷ ବୟସରେ କଟକ ସହରର ଗଳିକନ୍ଦିରେ ପୋଷ୍ଟର ଭାବେ କାନ୍ଥବାଡ଼ରେ ଲଗାଇଥିଲେ । ରେଭେନ୍ସା କଲେଜରେ ପଢ଼ିବାବେଳେ ଛାତ୍ର ଆନ୍ଦୋଳନରେ ସାମିଲ୍ ହୋଇ ଜେଲ୍‌ଦଣ୍ଡ ଭୋଗ କରିଥିଲେ । ଜେଲ୍‌ରେ ଥିବା ସମୟରେ ତାଙ୍କର ଦେବେନ୍ଦ୍ର ଶତପଥୀଙ୍କ ସହ ସାକ୍ଷାତ ହୋଇଥିଲା । ସେ ମଧ୍ୟ କାରାଦଣ୍ଡ ଭୋଗୁଥିଲେ । ପରେ ସେ ଜୀବନ ସାଥୀ ଭାବେ ଦେବେନ୍ଦ୍ର ଶତପଥୀଙ୍କୁ ଚୟନ କରିଥିଲେ ।

ସ୍ୱାଧୀନ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଥିଲେ । ଏହାର କିଛିବର୍ଷ ପରେ ସେ ଢେଙ୍କାନାଳ ଆସନରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ କାଳରେ ନନ୍ଦିନୀ ଶତପଥୀ ଓଡ଼ିଶାର ମୂଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ତାଙ୍କର ଏହି ଅଦମ୍ୟ ସାହସ ଓ ଉଚ୍ଚାଙ୍ଗ ଦାମ୍ଭିକତା ପରବର୍ତ୍ତୀ ସମୟରେ ନନ୍ଦିନୀ

ISSN NO.
2582-208X

ଶତପଥୀଙ୍କୁ ଓଡ଼ିଶାର "ବନ୍ଧକନ୍ୟା" ରୂପେ ସୁପରିଚିତ କରିଥିଲା । ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ ସେ ମୃତ୍ୟୁବରଣ କରିଥିଲେ ।

ସରଳା ଦେବୀ - ଓଡ଼ିଶାର ଜଣେ ଅଗ୍ରଗଣ୍ୟ ରାଜନେତ୍ରୀ ରୂପେ ଓଡ଼ିଶା ରାଜନୀତି ଇତିହାସରେ ସେ ଛାଡ଼ିଯାଇଛନ୍ତି ଅମ୍ଳାନ ପାଦଚିହ୍ନ । ସେ ଏକାଧାରାରେ ଥିଲେ ଜଣେ ଆତ୍ମୋତ୍ସର୍ଗୀ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ବିଶିଷ୍ଟ ସାରସ୍ୱତ ସାଧିକା, ନାରୀ ସମାଜର ଦକ୍ଷ ପଥପ୍ରଦର୍ଶିକା, କ୍ଷମତାସମ୍ପନ୍ନ ବିଧାୟିକା ତଥା ଜଣେ ମହିୟସୀ ଜନନାୟିକା। ପ୍ରକୃତରେ କହିବାକୁ ଗଲେ, ସେ ଥିଲେ ଅସୀମ ତ୍ୟାଗର ପ୍ରତିମୂର୍ତ୍ତି ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀ । ପୁନଃ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ବହୁବାର କାରାଦଣ୍ଡ ଭୋଗିଥିବା ସରଳା ଦେବୀ ଥିଲେ ଓଡ଼ିଶାର ପ୍ରଥମ ମହିଳା କଏଦୀ ।

ଶଂସିତ ସମୟରେ ଭାରତବର୍ଷରେ ମୁଣ୍ଡ ଟେକିଥିବା ଲବଣ ସତ୍ୟାଗ୍ରହ ଆନ୍ଦୋଳନ ବେଳେ ଇଂରେଜ ସରକାର ତାଙ୍କୁ ଗଞ୍ଜାମ ଠାରେ ଗିରଫ କରିଥିଲା । ତାଙ୍କୁ ପିଙ୍ଗଳ କୋଡ୍ ୧୧୭ ଧାରାରେ ଗିରଫ କରି ୬ ମାସ କାରାଦଣ୍ଡ ଆଦେଶ ଦେଇଥିଲା ।

ପୁନଃ ସରଳା ଦେବୀ ଥିଲେ ଓଡ଼ିଶାର ପ୍ରଥମ ବିଧାୟିକା ଏବଂ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସେ ଜଣେ ବିଧାୟିକା ହିସାବରେ ଆପ୍ରାଣ ଉଦ୍ୟମ କରି ସଫଳ ହୋଇଥିଲେ । ୧୯୩୯ ମସିହା ୨୪ ମାର୍ଚ୍ଚରେ ସେ ରେଭେନ୍ସା କଲେଜରେ ଅନୁଷ୍ଠିତ ସଭାରେ ବାଚସ୍ପତି ଆସନ ଅଳଙ୍କୃତ କରି ଓଡ଼ିଶାବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସରଳା ଦେବୀଙ୍କ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱର ମୂକସାକ୍ଷୀ ଥିଲେ ତାଙ୍କଦ୍ୱାରା ସୃଷ୍ଟି ବଳିଷ୍ଠ ସାହିତ୍ୟ କୃତି । ୧୯୮୬ ମସିହା ଅକ୍ଟୋବର ୪ ତାରିଖରେ ୮୨ ବର୍ଷ ବୟସରେ ପରଲୋକ ଗମନ କରିଥିଲେ ।

ଦ୍ରୌପଦୀ ମୁର୍ମୁ - ସମ୍ପ୍ରତି ଓଡ଼ିଶା ମାଟିର ଏଇ ଆଦିବାସୀ ଅନନ୍ୟା ବା ଲଳନା ଭାରତ ପଞ୍ଚଦଶତମ ରାଷ୍ଟ୍ରପତି ଭାବେ ରାଇସନାର ମହାରାଣୀ ଆସନ ଅଳଙ୍କୃତ କରି ବିଶ୍ୱବାସୀଙ୍କୁ ଚକିତ କରିଛନ୍ତି କହିଲେ ବାଞ୍ଛନୀୟ । ପୂର୍ବରୁ ସେ ଥିଲେ ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳ । ଓଡ଼ିଶାର ଏକ ଅଖ୍ୟାତପଲ୍ଲୀ ଓ ଅପହଞ୍ଚ ଇଲାକା ମୟୂରଭଞ୍ଜ ରାଜ୍ୟର ବାଇକାପୋଷି ଗ୍ରାମରେ ଏଇ ଆଦିବାସୀ ଲଳନାଙ୍କର ଜନ୍ମ । ସମୟ ଥିଲା ୧୯୫୮ ମସିହା ୨୦ ଜୁନ୍ । ପ୍ରାଥମିକ ଶିକ୍ଷା ପରେ ସେ ଭୁବନେଶ୍ୱରରେ ରହି କଲେଜ ଶିକ୍ଷା ସମାପ୍ତ କରିଥିଲେହେଁ

ISSN NO.
2582-208X

ପରବର୍ତ୍ତି ସମୟରେ ସେ ଶିକ୍ଷକତା ବୃତ୍ତି ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ । ଫଳତଃ କିଛିବର୍ଷର ଶିକ୍ଷକତା ପରେ ସେ ସମୟକ୍ରମେ ରାଜନୀତିର ଚକ୍ରବ୍ୟୁହରେ ପ୍ରବେଶ କରିଥିଲେ । ତାଙ୍କର ପ୍ରଥମ ରାଜନୈତିକ ଜୀବନ ଜଣେ ସାଧାରଣ କାଉନ୍ସିଲର୍ ଭାବେ ଆରମ୍ଭ ହୋଇଥିଲା । ଏହା ତ ଥିଲା ନାମକୁମାତ୍ର ଆୟମାରମ୍ଭ । ପରେ ସେ ୧୯୯୭ ମସିହାରେ ବିଜେପି ଦଳର ଟିକେଟ୍ ପାଇ ରାଇରଙ୍ଗପୁର ପୌରପାଳିକାର କାଉନ୍ସିଲର୍ ହୋଇଥିଲେ । ସେ ଏହାର ଅଧ୍ୟକ୍ଷା ପଦ ମଧ୍ୟ ଗ୍ରହଣ କରି କାର୍ଯ୍ୟ କରିଥିଲେ ।

ପୁନଃ ୨୦୦୪ ମସିହା ନିର୍ବାଚନବେଳେ ସେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରୁ ବିଜେପି ପାର୍ଥିନୀ ଭାବେ ନିର୍ବାଚନ ଲଢ଼ି ଜୟଯୁକ୍ତ ହୋଇଥିଲେ । ଏହା ପୂର୍ବରୁ ସେ ବିଜେପିର ଉପଜାତି ମୋର୍ଚ୍ଚା ଭାଇସ୍ ପ୍ରେସିଡେଣ୍ଟ ଥିଲେ । ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ, ବିଜେପି ଦଳରେ ମିଶିବା ପୂର୍ବରୁ ସେ ୨୦୦୦ ମସିହାରେ ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ବିଜେଡି ବିଜେପି ମେଣ୍ଟ ସରକାର ଅଳ୍ପ ସମୟ ପାଇଁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟଭାର ବହନ କରିଥିଲେ । ପରେ ପୁନର୍ବାର ୨୦୦୨ ମସିହାରେ ସେ ମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ । ଶଂସିତ ସମୟରେ ଦ୍ରୌପଦୀ ମୁର୍ମୁ ୨୦୦୪ ମସିହା ମଇ ମାସର ମଧ୍ୟଭାଗରେ ମତ୍ସ୍ୟ ଓ ପଶୁପାଳନ ବିଭାଗର ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସବୁଠାରୁ ଚର୍ଚ୍ଚାର ବିଷୟ ଥିଲା ଓଡ଼ିଶାର ଶ୍ରେଷ୍ଠ ବିଧାୟିକା ଭାବେ ତାଙ୍କୁ "ନୀଳକଣ୍ଠ" ପୁରସ୍କାରରେ ସମ୍ମାନୀତ କରିବା । ଏହି ସମ୍ମାନ ପାଇବାରେ ସେ ଥିଲେ ଓଡ଼ିଶାର ପ୍ରଥମ ଜନଜାତି ମହିଳା ।

୨୦୦୪ ମସିହା ଓଡ଼ିଶା ବିଧାସଭା ନିର୍ବାଚନ ପରେ ସେ ପୁନର୍ବାର ୨୦୦୯ ମସିହା ବିଧାନସଭା ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କୁ ନିର୍ବାଚନରେ ପରାସ୍ତ କରି ବିଧାନସଭା ସଂସଦ ରୂପେ ନିଜ ଆସନ ବଜାୟୀ ରଖିଥିଲେ । ଏହାର ଠିକ୍ ୯ ବର୍ଷ ପରେ ଅର୍ଥାତ୍ ୨୦୧୫ ମସିହାରେ ସେ ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ଭାବେ ଝାଡ଼ଖଣ୍ଡ ରାଜ୍ୟର ରାଜ୍ୟପାଳ ପଦରେ ଆସୀନ ହୋଇଥିଲେ ଏବଂ ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ମହିଳା ରାଜ୍ୟପାଳ ଥିଲେ । ସେ ସୁରୁଖୁରୁରେ ଦୀର୍ଘ ପାଞ୍ଚବର୍ଷର ଅବଧିକୁ ନିର୍ବିବାଦରେ ସମ୍ପୂର୍ଣ୍ଣ କରିଥିଲେ । ପରିବର୍ତ୍ତି ସମୟରେ ମାତ୍ର ଦୁଇବର୍ଷର ବ୍ୟବଧାନ ମଧ୍ୟେ ୨୦୦୭ ମସିହାରେ ସେ ଭାରତର ସର୍ବୋଚ୍ଚ ଆସନରେ ଆସୀନ ହୋଇଥିଲେ । ତାହା ଥିଲା ଭାରତର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ପଦ । ଯାହା ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ

ISSN NO.
2582-208X

ଦେଇଥିଲା । ମୋଟ ଉପରେ କହିଲେ ରାଷ୍ଟ୍ରପତି ପଦହିଁ ତାଙ୍କ ଜୀବନ ପରିବର୍ତ୍ତନରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିଲା ।

ଜୟନ୍ତୀ ପଟ୍ଟନାୟକ – ଓଡ଼ିଶା ରାଜନୀତିର "ଚାଣକ୍ୟ" ଭାବେ ସୁପରିଚିତ ମହାନ କୁଟନୀତିଜ୍ଞ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଧର୍ମପତ୍ନୀ ଥିଲେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ । ୧୯୫୩ ମସିହାରେ ସେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ବିବାହ କରିଥିଲେ । ଏତଦ୍‌ବ୍ୟତୀତ ତାଙ୍କର ଅନ୍ୟ ଏକ ଜଣାଶୁଣା ପରିଚୟ ହେଲା ସେ ଥିଲେ ଓଡ଼ିଶା ଜାତୀୟ ମହିଳା କମିଶନରର ପ୍ରଥମ ଅଧ୍ୟକ୍ଷା । ୧୯୯୨ ମସିହା ୩୦ ତାରିଖ ଜାନୁୟାରୀ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟରତ ଥିଲେ । ପୁନଃ ସେ କଟକ ଓ ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚନ ଲଢ଼ି ଲଗାଣ ଦୁଇ-ଦୁଇଥର ସାଂସଦକୁ ନିର୍ବାଚିତ ହୋଇଥିଲେ ।

୧୯୩୨ ମସିହା ୭ ଏପ୍ରିଲ୍‌ରେ ଜୟନ୍ତୀ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାର ଆସ୍କାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ନିରଞ୍ଜନ ପଟ୍ଟନାୟକ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ସେ କଟକର ଶୈଳବାଳା କଲେଜରୁ ସୋସିଆଲ୍ ଓ୍ୱାର୍କରରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । କେବଳ ସେ ରାଜନୀତିରେ ସକ୍ରିୟ ନଥିଲେ । ସେ ଜଣେ ବିଶିଷ୍ଟ ସମାଜସେବୀ ତଥା ସୁସାହିତ୍ୟିକା ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଓଡ଼ିଶାର ଜନପ୍ରିୟ ପତ୍ରିକା "ପୌରୁଷ" ସମ୍ପାଦନାରେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ଥିଲା ।

ବସନ୍ତ ମଞ୍ଜରୀ ଦେବୀ – ଓଡ଼ିଶାର ପ୍ରସିଦ୍ଧ ଗଡ଼ଜାତ ରାଜ୍ୟ ରଣପୁରର ରାଜମାତା ଥିଲେ ସେ । ଏହା ପୂର୍ବରୁ ୧୯୦୦ ମସିହାରେ ସେ ନୀଳଗିରିର ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହିରଚନ୍ଦନଙ୍କ କନ୍ୟା ଭାବେ ନୀଳଗିରି ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୯୨୮ ମସିହାରେ ସେ ରଣପୁରର ଯୁବରାଜ ଶ୍ରୀ ବିରଞ୍ଚ ନାରାୟଣ ସିଂହଦେଓ ବାହାଦୂରଙ୍କୁ ବିବାହ କରିଥିଲେ । ତାଙ୍କ ପୁତ୍ର ବ୍ରଜେନ୍ଦ୍ର ଚନ୍ଦ୍ର ସିଂହଦେଓ ବାହାଦୂର ୧୯୪୫ ମସିହାରେ ରଣପୁରର ରାଜସିଂହାସନରେ ଅଭିଷିକ୍ତ ହେବା ପରେ ବସନ୍ତ ମଞ୍ଜରୀ ସିଂହଦେଓ ରାଜମାତାର ମର୍ଯ୍ୟାଦା ହାସଲ କରିଥିଲେ । ଜଣେ ରାଜାମାତା ହିସାବରେ ସେ ରାଜନୀତିରେ ପ୍ରବେଶ କରି ୧୯୫୨ ମସିହା ତଥା ୧୯୬୧ ମସିହାରେ ଦୁଇ-ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

ISSN NO.
2582-208X

ଓଡ଼ିଶାର ପ୍ରଥମ ମହଳା ମନ୍ତ୍ରୀ ହେବାର ଶିରୋପା ବସନ୍ତମଞ୍ଜରୀ ଦେବୀଙ୍କ ମସ୍ତକରେ ଏଯାଏଁ ଶୋଭା ପାଉଅଛି, ଯାହା ଓଡ଼ିଶା ରାଜନୀତି ଇତିହାସରେ ଏକ ଯୁଗାନ୍ତକାରୀ ଇତିବୃତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୫୨ ମସିହାରେ ସେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ ବିଭାଗର ଅଧିସ୍ତନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ପରେ ସେ ହରେକୃଷ୍ଣ ମହତାବଙ୍କ ସରକାରରେ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । କହିବା ବାହୁଲ୍ୟ ଯେ, ୧୯୫୭ ମସିହା ଏପ୍ରିଲ ୨୭ ତାରିଖରୁ ୧୯୫୯ ମସିହା ୨୨ ମଇ ପର୍ଯ୍ୟନ୍ତ ସେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଥିଲେ ।

ଏହି ସମୟରେ ସେ ବହୁ ଉନ୍ନତିକର କାର୍ଯ୍ୟକ୍ରମ ମାନ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଚନ୍ଦନପୁରଠାରେ ଏକ ଯକ୍ଷ୍ମା ଚିକିତ୍ସାଳୟ ପ୍ରତିଷ୍ଠା ଲାଭ କରିଥିଲା । ଏହି ଚିକିତ୍ସାଳୟକୁ ତାଙ୍କର ନାମରେ ନାମିତ କରାଯାଇଛି । ପୁନଃ ତାଙ୍କ ଉଦ୍ୟମରେ ଗ୍ରାମାଞ୍ଚଳମାନଙ୍କରେ ମାତୃମଙ୍ଗଳ କେନ୍ଦ୍ରମାନ ଗଢ଼ି ଉଠିଥିଲା । ମହିଳା ଓ ଶିଶୁମାନଙ୍କର ପ୍ରାଥମିକ ଚିକିତ୍ସା ଯୋଗାଇବାରେ ଏହିଗୁଡ଼ିକ ବେଶ୍ ସହାୟକ ହୋଇଥିଲା । କାରଣ ତତ୍କାଳୀନ ସମୟରେ ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଏତେଟା ସଚେତନ ନଥିଲେ । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ଅବଗତ କରାଇବା ନିଶ୍ଚିତରୂପେ ବସନ୍ତ ମଞ୍ଜରୀ ଦେବୀଙ୍କ ପ୍ରଶଂସନୀୟ ପଦକ୍ଷେପ ଥିଲା । ଏହା ନିଃସନ୍ଦେହ ।

ଭି. ସୁଜ୍ଞାନ କୁମାରୀ ଦେଓ – ଖଲ୍ଲିକୋଟ ରାଜପରିବାରର ରାଣୀମାଆ ଏବଂ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ବୋହୂ ଥିଲେ । ତାଙ୍କର ଜନ୍ମ ୧୯୩୭ ମସିହା ଅଗଷ୍ଟ ୫ ତାରିଖରେ ଝଲ୍ଲକୋଟ ରାଜପରିବାରରେ ହୋଇଥିଲା । ରାଜମାତା ଭି. ସୁଜ୍ଞାନ କୁମାରୀ ଦେଓ ଥିଲେ ଓଡ଼ିଶାର ପ୍ରଥଢ଼ ବିଧାୟିକା ଏବଂ ୧୯୬୩ ମସିହାରେ ସେ ଖଲ୍ଲିକୋଟ ବିଧାନସଭା ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ସେ ଏପରି ଜଣେ ରାଜନେତ୍ରୀ ଥିଲେ ଯିଏ ନିଜ ରାଜନୈତିକ ଜୀବଦଶା ମଧ୍ୟରେ ଲଗାତର ଦଶଥର ବିଧାନସଭାକୁ ନିର୍ବାଚିତ ହେବାର ଗୌରବ ଅର୍ଜନ କରିଥିଲେ । ପୁନଃ ପଞ୍ଚଦଶ ବିଧାନସଭାର ସେ ଜଣେ ଦକ୍ଷ ବାଚସ୍ପତି ଥିଲେ । ୨୦୨୪ ମସିହା ଫେବୃୟାରୀ ୧୦ ତାରିଖରେ ଭି. ସୁଜ୍ଞାନ କୁମାରୀ ଦେଓଙ୍କର ପରଲୋକ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କର ବୟସ ଥିଲା ୮୭ ବର୍ଷ ।

ପ୍ରମିଳା ମଲ୍ଲିକ – ଓଡ଼ିଶା ରାଜ୍ୟର ଜଣେ ଦକ୍ଷ ରାଜନେତ୍ରୀ । ସେ ଯାଜପୁର ଜିଲ୍ଲାର ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଗାତର ସାତଥର ବିଧାନସଭାକୁ ସଦସ୍ୟ

ISSN NO.
2582-208X

ରୂପେ ନିର୍ବାଚିତ ହୋଇଛନ୍ତି । ପୂର୍ବେ ସେ ବିଜୁଜନତା ଦଳର ଜଣେ ସକ୍ରିୟ ନାରୀନେତ୍ରୀ ଥିଲେ । ପ୍ରଥମଥର ପାଇଁ ସେ ୧୯୯୦ ମସିହାରେ ଜନତା ଦଳ ପ୍ରାର୍ଥିନୀ ଭାବେ ନିର୍ବାଚନରେ ବିଜୟୀ ହୋଇଥିଲେ । ପୁନଃ ସେ ୨୦୨୩ ମସିହା ସେପ୍ଟେମ୍ବର ୨୨ ତାରିଖରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ । ୨୯୨୪ ମସିହା ବିଧାନସଭା ନିର୍ବାଚନରେ ମଧ୍ୟ ସେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଜୟଯୁକ୍ତ ହୋଇଥିଲେ । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ବବିତା ମଲ୍ଲିକଙ୍କୁ ୨୧.୮୫୬ ଭୋଟ୍‌ରେ ପରାସ୍ତ କରିଥିଲେ । ଏହା ପୂର୍ବରୁ ୨୦୧୯ ମସିହା ନିର୍ବାଚନରେ ମଧ୍ୟ ସେ ବବିତା ମଲ୍ଲିକଙ୍କୁ କୋଡ଼ିଏ ହଜାର ଭୋଟ୍‌ରେ ପରାସ୍ତ କରିଥିଲେ । ଅର୍ଥାତ୍ ୨୦୦୦-୨୦୨୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଧରି ସେ ବିଞ୍ଝାରପୁର ସଂରକ୍ଷିତ ଆସନରୁ ନିର୍ବାଚନ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି, ଯାହା ଏକ ବିରଳ କୀର୍ତ୍ତିମାନ । ଏଇ ବିଶିଷ୍ଟ ରାଜନେତ୍ରୀଙ୍କ ଜନ୍ମ ୧୯୬୩ ମସିହା ମାର୍ଚ୍ଚ ୪ ତାରିଖରେ ହୋଇଥିଲା । ସେ ଜଣେ ବିଶିଷ୍ଟ ସମାଜସେବୀ ମଧ୍ୟ ।

(((-)))

ଶେଖବଜାର (ନୟୁ କଲୋନୀ), କଟକ
ମୋବାଇଲ୍ : ୮୮୯୫୫୯୩୮୭୫

ISSN NO.
2582-208X

# ସିନ୍ଦୂର ପିନ୍ଧୁଛି ରାଧା ଆଇନା ଦେଖି



ଡ଼ଃ ମନ୍ଦାକିନୀ ପାଢ଼ୀ

ରାଧାଙ୍କ ନିଷ୍କାମ ପ୍ରେମ କୃଷ୍ଣ ପ୍ରତି
ଥିଲା ଭାବ ସମର୍ପଣ
ସିନ୍ଦୂର ଠାରୁ ଅଧିକ ସେ ନିବିଡ଼
ଅଟେ ଆତ୍ମାର ମିଳନ ।।

ସାଂସାରିକ ଜୀବନରେ ପ୍ରତୀକଟି
ଅଟଇ ସିନ୍ଦୂର ବିନ୍ଦୁ
ଆଇନାରେ ଶ୍ୟାମ ସ୍ମୃତି ଦେଖି ରାଧା
ଲଗାନ୍ତି ମଥାର ବିନ୍ଦୁ ।।

ରାଧାକୃଷ୍ଣଙ୍କର ପ୍ରେମରେ ସିନ୍ଦୂର
ଅମର ପ୍ରେମ ଶାଶ୍ୱତ
ଆତ୍ମାର ମିଳନ ଅନନ୍ୟ ଭକ୍ତିର
ଭକ୍ତି ଶକ୍ତିର ଜୀବନ୍ତ ।।

ଦିବ୍ୟ ଅନୁଭୂତି ଦିବ୍ୟ ପ୍ରେମେ ରାଧା
ନଥିଲା ଆତ୍ମିକ ମିଳନ
ସିନ୍ଦୂର ଅବିଚ୍ଛେଦ୍ୟ ପ୍ରେମ ଚିହ୍ନିତ
ଆତ୍ମା ଅମର ବନ୍ଧନ ।।

ISSN NO.
2582-208X

ରାଧାଙ୍କ ପାଇଁ ତ କୃଷ୍ଣ ହିଁ ସର୍ବସ୍ୱ
ସିନ୍ଦୂର ପ୍ରେମ ସ୍ୱୀକୃତି
ଏକ ହିଁ ଅଟନ୍ତି ରାଧାକୃଷ୍ଣ ଦୁହେଁ
ଦିବ୍ୟ ପ୍ରେମ ଭାବମୂର୍ତ୍ତି ।।

ସିନ୍ଦୂର ବିବାହ ବନ୍ଧନ ଚିହ୍ନଟି
ଅଟଇ ଆତ୍ମା ବନ୍ଧନ
ରାଧାକୃଷ୍ଣ ପ୍ରେମରେ ସିନ୍ଦୂର ଅଟେ
ଏକ ଆଧ୍ୟାତ୍ମିକ ଚିହ୍ନ ।।

(((-)))

ରାଜନୀତି ବିଜ୍ଞାନ ବିଭାଗ
ପଦ୍ମପୁର, ବରଗଡ଼
ଦୋଳ ସାହି, ଭଦ୍ରକ

ISSN NO.
2582-208X

# କବିତା ଗୋ ତୁମେ



ବେଣୁଧର ସୂତାର

ତୁମେ ହୃଦୟର ଅବ୍ୟକ୍ତ ଆବେଗ
କବି କଳ୍ପନାର ଝରା ପଦ୍ମରାଗ
କନକ ଚମ୍ପାର ବାସ
ଭରା ବଉଳର ମଧୁଝରା କଥା
ଫୁଲ ଫଗୁଣର ମନୋରମ ସତ୍ତା
ଭାବର ଅମିୟ ରସ ।।

ସବୁଜ ସ୍ୱପ୍ନର ମୋହ ମହକରେ
ଭାବ ଦରିଆର ସୁଧାମୟ ଧାରେ
ଆତ୍ମୀୟତା ଆକର୍ଷଣେ
ଅସୀମ ଭାବର ଉପଲବ୍ଧି ତୁମେ
କଳ୍ପନା ବିଳାସୀ କବିର ମରମେ
ସମ୍ଭାବନା ଭର ପ୍ରାଣେ ।।

ଅତୁଳ ଅରୂପା ତୁମେ ଦିବ୍ୟରୂପା
ବାଣୀବିପଣିର ଶବ୍ଦ ବ୍ରହ୍ମ ରୂପା
ତ୍ରିପୁର ଚମକ କଳା
ଆପଣା ପଣର ଆତ୍ମୀୟତା ସୁରେ
କବି କଲମର ଅମିୟ ନିର୍ଝରେ
ପ୍ରଜ୍ଞା ମୟୀ ଚାରୁଶୀଳା ।।

ISSN NO.
2582-208X

ଭାବ ତରଙ୍ଗିଣୀ ରସ ନିର୍ଝରଣୀ
ବୀଣାଜିଣା ତୁମ ଅପୂର୍ବ ରାଗିଣୀ
ଭାବ ମାଧୁରୀର ଛନ୍ଦେ
ତୁମରି କୃପାରୁ ମୂର୍ଖ ହୁଏ ଜ୍ଞାନି
ସୃଜନ ଶିଳ୍ପୀର ପରିଚୟ ଘେନି
ସାଧନାର ଅନୁବନ୍ଧେ ||

ତୁମେ ସାରସ୍ୱତ ସ୍ନିଗ୍ଧ ସମ୍ମୋହନ
ଭାବ ଉପବନେ ପ୍ରଜ୍ଞାର ପ୍ରସୂନ
ନିଖିଳ ହୃଦୟ ଜ୍ୟୋତି
ଜ୍ଞାନର ଆଗାର ପ୍ରଜ୍ଞା ପାରାବାର
କବି ଭାବନାର ଭାବ ରତ୍ନ ସାର
ମନୋରମ କଳା କୃତି ||

ନବ ସମ୍ଭାବନା ଭରେ ଉନ୍ମାଦନା
ଭାବମୟ ଦିବ୍ୟ ଲଳିତ ସର୍ଜନା
କବି କବିତାର ପ୍ରୀତି
କାବ୍ୟ କବିତାର ଅପୂର୍ବ ଝଙ୍କାରେ
ଭାଷା ସଂପ୍ରତିର ପ୍ରେମ ନିଳୟରେ
ତୁମେ ଗୋ ଲାବଣ୍ୟବତୀ ||

(((-)))

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ISSN NO.
2582-208X

# ଶାଶୂମାନେ ଯଦି ହୁଅନ୍ତେ ମାଆ



ଶିଶିର କୁମାର ପଣ୍ଡା

ମାଆ ଗପୁଥିବ ଫୋଅନରେ ନିଜ
ଝିଅ ସାଥେ ଘଣ୍ଟା ଘଣ୍ଟା
ବୋହୂ ଯଦି ମାଆ ସାଥେ କଥା ହୁଏ
ଆଖିକୁ ଲାଗଇ କଣ୍ଟା ।
କେମିତିକା ସେଇ ଶାଶୂଘର କୁହ
ଯେଉଁଠି ଏମିତି ହୁଏ
ବୋହୂର ନାଆଁରେ ଶାଶୂମାଆ ପୁଣି
ବୁଲେଇ ବଙ୍କେଇ କୁହେ ।
ଝିଅକୁ ଜୋଇଁଟା ମୁଣ୍ଡେଇ ଧରିଲେ
ମାଆ ଖୁସି ହୁଏ ଆଗ
ସେଇ କାମ ଯଦି ପୁଅ କରୁଥାଏ
ମାଆର ଦେଖିବ ରାଗ ।
ଝିଅକୁ ସେନେହ ଶରଧାରେ ବାନ୍ଧି
ରଖିଥିଲେ ଜୋଇଁ ପୁଅ
ଶାଶୂ ଭାବେ ଏଇ ପୃଥିବୀରେ କେହି
ମୋ ଜୋଇଁ ସମାନ ନୁହଁ ।

ISSN NO.
2582-208X

ପୁଅ ଯଦି କେବେ ପ୍ରେମ, ସରାଗରେ
ବୋହୂକୁ କୁହଇ କଥା
ମାଆ ଭାବେ ବୋହୂ ସୁନା ପୁଅଟାର
ଖରାପ କଲାଣି ମଥା ।
କେବେ ବଦଳିବ କେଜାଣି ଏ ଭାବ
ମାଆ ମାନଙ୍କର ଆଉ
ବୋହୂକୁ ଭାବିବେ ନିଜ ଝିଅ ପରି
ନ ସାଧି ଉପରେ ଦାଉ ।

(((-)))

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ଅପ୍ରେଲ - ୨୦୨୬
www.vedantimagazine.com

ISSN NO.
2582-208X

# ଗୋଣ୍ଡି ଭାଷାର ବିକାଶରେ ଡକ୍ଟର ମୋତିରାବଣ କଙ୍ଗାଲୀଙ୍କ ଅବଦାନ



ଅଧ୍ୟାପିକା ଅଞ୍ଜଳି ମାଝୀ

ସଂକ୍ଷିପ୍ତସାର

ଭାରତର ଏକ ସମୃଦ୍ଧ ଜନଜାତିରୂପେ ଗଣ୍ଡମାନେ ପରିଚିତ । ସମଗ୍ର ଭାରତ ବର୍ଷର ବିଭିନ୍ନ ରାଜ୍ୟରେ  ଗଣ୍ଡ ସଂପ୍ରଦାୟ ବସବାସ କରୁଛନ୍ତି । ଗଣ୍ଡ ମାନେ ଦ୍ରାବିଡ ଜାତିର । ଗଣ୍ଡମାନଙ୍କର କଥିତ ଭାଷାକୁ ଗୋଣ୍ଡି ଭାଷା କୁହାଯାଏ। ଏହି ଗୋଣ୍ଡି ଭାଷାର ଏକ େୈୋତନ୍ତ୍ର ଲିପି ମଧ୍ୟ ରହିଅଛି । ଯାହା ଗୋଣ୍ଡି ଲିପି ନାମରେ ନାମିତ । ଭାଷା, ସାହିତ୍ୟ ଓ ସଂସ୍କୃତି ଦୃଷ୍ଟିରୁ ଗଣ୍ଡ ଜନଜାତିର ସ୍ୱତନ୍ତ୍ର ପରିଚୟ ରହିଅଛି । ଭାରତବର୍ଷରେ ସମୃଦ୍ଧ ସଂସ୍କୃତିର ବାହାକ ଭାବରେ ଗଣ୍ଡମାନେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ଗୋଣ୍ଡି ଭାଷା ଦ୍ରାବିଡ ଭାଷା ପରିବାରରୁ ସୃଷ୍ଟି ହୋଇଥିବାରୁ ତାମିଲ ଓ ତେଲୁଗୁ ଭାଷା ସହିତ ସାମଞ୍ଜସ୍ୟ ରକ୍ଷା କରେ । କାରଣ ତାମିଲ ହେଉଛି ଦ୍ରାବିଡ ପରିବାରର ସର୍ବ ପ୍ରାଚୀନ ଭାଷା। ସେହିପରି ତେଲୁଗୁ ମଧ୍ୟ ଦ୍ରାବିଡ ପରିବାରର ଅନ୍ୟତମ ଭାଷା । ୨୦୧୧ ମସିହାର ଭାରତୀୟ ଜନଗଣନା ଅନୁଯାୟୀ  ପ୍ରାୟ ୨.୪ ମିଲିୟନ ଲୋକ ଗୋଣ୍ଡି ଭାଷାକୁ ମାତୃଭାଷା ରୂପେ ବ୍ୟବହାର କରୁଥିଲେ । ଗୋଣ୍ଡି ଉପଗୋଷ୍ଠୀ ମଧ୍ୟରେ ୨.୯୧ ମିଲିୟନ ଲୋକ ଉକ୍ତ  ଭାଷାରେ କଥାବାର୍ତ୍ତା କରୁଥିଲେ । ଯେଉଁଥିରେ ମାରିଆ (ମାଡିଆ ଗଣ୍ଡ ଭାବରେ ମଧ୍ୟ ଜଣାଶୁଣା) ଭଳି ଭାଷା ମଧ୍ୟ ଅନ୍ତର୍ଭୁକ୍ତ। ଅନେକ ଗଣ୍ଡ ଲୋକ ହିନ୍ଦୀ, ମରାଠୀ, ଓଡ଼ିଆ ଏବଂ ତେଲୁଗୁ ଭଳି ଆଞ୍ଚଳିକ ପ୍ରଭାବଶାଳୀ ଭାଷାରେ ମଧ୍ୟ କଥାବାର୍ତ୍ତା କରିଥାନ୍ତି । ୧୯୭୧ ଜନଗଣନା ଅନୁଯାୟୀ, ଗୋଣ୍ଡି ଜନସଂଖ୍ୟା ୫,୬୫୩,୪୨୨ ଥିଲା। ୧୯୯୧ ସୁଦ୍ଧା ଏହା ୭,୩୦୦,୯୧୮କୁ ବୃଦ୍ଧି ପାଇଥିଲା ଏବଂ ୨୦୦୧ ସୁଦ୍ଧା ଏହି ସଂଖ୍ୟା ୮,୫୦୧,୫୪୯ ବୃଦ୍ଧି ପାଇଥିଲା। ଜନସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଗୋଣ୍ଡି କଥକ ସଂଖ୍ୟା ହ୍ରାସ ପାଉଛି । ଏହାର କାରଣ ହେଉଛି ଆଞ୍ଚଳିକ ଭାଷା ଗୋଣ୍ଡି ଭାଷା ଉପରେ ପ୍ରଭାବ ବିସ୍ତାର କରିବା। ଯାହାଦ୍ୱାରା ଗଣ୍ଡ ସଂପ୍ରଦାୟର ମାତୃଭାଷା ଗୋଣ୍ଡିର ବିକାଶ ହୋଇପାରୁ

ISSN NO.
2582-208X

ନାହିଁ । ଏହି ଭାଷାର ଉନ୍ନତି ଦିଗରେ ମନୋନିବେଶ କରି ଡକ୍ଟର ମୋତିରାବଣ କଙ୍ଗାଲୀ ଗୋଣ୍ଡି ଭାଷାର ପ୍ରାଚୀନତା ସଂପର୍କରେ ଗବେଷଣା କରି ଏକ ସ୍ୱତନ୍ତ୍ର ଲିପି ମଧ୍ୟ ସୃଷ୍ଟି କରିଛନ୍ତି । ଉକ୍ତ ପ୍ରବନ୍ଧରେ ଡକ୍ଟର ମୋତିରାବଣ କଙ୍ଗାଲୀଙ୍କ ଜୀବନଠାରୁ ଆରମ୍ଭ କରି ଗୋଣ୍ଡି ଭାଷାର ବିକାଶରେ ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରାଯାଇଛି ।

ପ୍ରମୁଖ ଶବ୍ଦାବଳୀ: ଗଣ୍ଡ, ଗୋଣ୍ଡି, ଭାଷା, ଲିପି, ଦ୍ରାବିଡ, ସଂସ୍କୃତି, ସମାଜ, ଧର୍ମ, ବିକାଶ, ସୃଷ୍ଟି ପ୍ରଭୃତି ।

## ପ୍ରାରମ୍ଭିକ ଜୀବନ

ଡକ୍ଟର ମୋତିରାବଣ କଙ୍ଗାଲୀଜଣେ ଭାଷାବିତ୍, ସଂସ୍କୃତି ଗବେଷକ ଓ ଗୋଣ୍ଡ ସମ୍ପ୍ରଦାୟର ଲେଖକ ଥିଲେ। ସେ ଗୋଣ୍ଡି ଭାଷାର ଉତ୍ପତ୍ତି ଏବଂ ବିକାଶ ଉପରେ ଗୁରୁତ୍ୱ ଆରୋପ କରି ଏହାର ଏକ ଲିପି ସୃଷ୍ଟି କରିଥିଲେ। କଙ୍ଗାଲୀ ଇଂରାଜୀ, ହିନ୍ଦୀ ଏବଂ ମରାଠୀ ଭାଷାରେ ଗୋଣ୍ଡି ଅଭିଧାନ ରଚନା କରିଥିଲେ। ସେ ଗୋଣ୍ଡ ସମାଜ, ସଂସ୍କୃତି ଏବଂ ଧର୍ମ ଉପରେ ଅନେକ ପୁସ୍ତକ ଲେଖିବା ସହିତ ଗୋଣ୍ଡି ବ୍ୟାକରଣର ମାନକୀକରଣ ଏବଂ ସଂରକ୍ଷଣ ପାଇଁ ପ୍ରୟାସ ମଧ୍ୟ କରିଥିଲେ ।

ମୋତିରାବଣ କଙ୍ଗାଲୀଙ୍କ ଜନ୍ମ ୨ ଫେବୃଆରୀ ୧୯୪୯ ମସିହାରେ ମହାରାଷ୍ଟ୍ରର ନାଗପୁର ଜିଲ୍ଲାର ରାମଟେକ୍ ତହସିଲର ଦୁଲାରା ନାମକ ଏକ ଗ୍ରାମରେ ହୋଇଥିଲା। ତାଙ୍କର ଜନ୍ମସ୍ଥାନ ନାଗପୁରରୁ ପ୍ରାୟ ୭୫ କିଲୋମିଟର ଦୂରରେ ନାଗପୁର ସେଓନି ରାଜରାସ୍ତାରେ ଦେବଲାପାର ନିକଟସ୍ଥ ଭାଣ୍ଡେର ଜଙ୍ଗଲରେ ଅବସ୍ଥିତ। ସେ ଗୋଣ୍ଡ ସମ୍ପ୍ରଦାୟର ତିରକାଜୀ କାଙ୍ଗାଲିଙ୍କ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତିରକାଜୀ କଙ୍ଗାଲୀ ହେଉଛନ୍ତି ତାଙ୍କର ଜେଜେ ବାପା । ତାଙ୍କ ମାତାଙ୍କ ନାମ ଦାଇ ରାଇଥାର କଙ୍ଗାଲୀ ଏବଂ ପିତାଙ୍କ ନାମ ଦାଉ ଛତିରାମ କଙ୍ଗାଲୀ। ଜନ୍ମ ସମୟରେ ମୋତିରାମ ନାମକରଣ କରାଯାଇଥିଲା। ସେ ପାଞ୍ଚ ଭାଇଭଉଣୀଙ୍କ ମଧ୍ୟରୁ ବଡ଼ ଥିଲେ। ତାଙ୍କ ପରେ ଦୁଇ ଭାଇ ଏବଂ ଦୁଇ ଭଉଣୀ ଥିଲେ। ସାଧାରଣତଃ ଗଣ୍ଡ ସଂପ୍ରଦାୟରେ ପରିବାରର ବଡପୁଅମାନେ ଦେବତା ଉପାସନା କରନ୍ତି । ମୋତିରାମ ଘରର ବଡପୁଅ ହୋଇଥିବାରୁ ଦେବ ଉପାସନା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ତାଙ୍କ ଘରେ ରାବଣ ଉପାସନା ପରଂପରା ରହିଥିଲା । ତେଣୁ ସେ

ISSN NO.
2582-208X

ରାବଣକୁ ସେବା ଓ ସମ୍ମାନ କରୁଥିଲେ । ରାବଣକୁ ଉପାସନା କରୁଥିବାରୁ ନିଜ ନାମ ମୋତିରାମରୁ ରାମ ଶବ୍ଦକୁ ଅପସାରଣ କରି ରାବଣ ଶବ୍ଦ ଯୋଡି ମୋତିରାବଣ ନାମ ଧାରଣ କରିଥିଲେ । ଏହା ରାବଣଙ୍କ ପ୍ରତି ଭକ୍ତିର ନିଦର୍ଶନ।ନିଜ ସଂପ୍ରଦାୟ ଓ ଇଷ୍ଟ ଦେବତା ପ୍ରତି ଏହା ହେଉଛି ସମ୍ମାନ ।ସେହିଦିନଠାରୁ ମୋତିରାବଣ ନାମରେ ସେ ପରିଚିତ ।

## ଶୈକ୍ଷିକ ଜୀବନ

କଙ୍ଗାଲୀଙ୍କ ପ୍ରାଥମିକ ଶିକ୍ଷା କରଓ୍ୱାହିରେ ଆରମ୍ଭ ହୋଇଥିଲା। ସେଠାରେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢିଥିଲେ। ବୋଥିଆ ପାଲୋରାର ଆଂଗ୍ଲୋଇଷ୍ଟ ମାଧ୍ୟମିକ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ପଞ୍ଚମରୁ ଅଷ୍ଟମ ପର୍ଯ୍ୟନ୍ତ ପଢିଥିଲେ । ଯାହା ଦୁଲାରାରୁ ପ୍ରାୟ ଅଠର କିଲୋମିଟର ଦୂରରେ ଅବସ୍ଥିତ। ସେ ନାଗପୁରର ହାଇସ୍କୁଲରୁ 1968 ମସିହାରେ ଦଶମ ଶ୍ରେଣୀ ପରୀକ୍ଷାରେ ପାସ୍ କରିଥିଲେ। 1972 ମସିହାରେ ନାଗପୁରର ଧରମପେଠ କଲେଜରୁ ସ୍ନାତକ ଡିଗ୍ରୀହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ନାଗପୁରର ସ୍ନାତକୋତ୍ତର ଶିକ୍ଷା ବିଭାଗରୁ ଅର୍ଥନୀତି, ସମାଜଶାସ୍ତ୍ର ଏବଂ ଭାଷାବିଜ୍ଞାନରେ ସ୍ନାତକୋତ୍ତର (M.A) ଡିଗ୍ରୀ ହାସଲ କରିଥିଲେ। ସେ ୨୦୦୦ ମସିହାରେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ କଳାବାରିଧି (Ph.d) ଉପାଧି ହାସଲ କରିଥିଲେ। ତାଙ୍କ ପ୍ରବନ୍ଧର ବିଷୟ ଥିଲା'ଦି ଫିଲୋସୋଫିକାଲ ବେସ୍ ଅଫ୍ ଟ୍ରାଇବାଲ କଲଚର୍ ଭେଲ୍ୟୁଜ୍ ପର୍ଟିକୁଲାର ଇନ ରେଫ୍ରେନ୍ସ ଅଫ୍ ଗୋଣ୍ଡ ଟାଇବସ୍ ଅଫ୍ ସେଣ୍ଟ୍ରାଲ ଇଣ୍ଡିଆ ।'ଗଣ୍ଡ ସଂସ୍କୃତି ଉପରେ ଉକ୍ତ ନିବନ୍ଧଟି ପର୍ଯ୍ୟବେସିତ ହୋଇଥିବାରୁ ଗଣ୍ଡ ସଂସ୍କୃତିର ପ୍ରାଚୀନତା, ଗୋଣ୍ଡ ଜନଜାତିର ଦାର୍ଶନିକ ଭିତ୍ତିଭୂମି ସଂପର୍କରେ ଗଭୀର ଅଧ୍ୟୟନ କରିଥିଲେ । ଉକ୍ତ ନିବନ୍ଧଟି ଦାଖଲ କରିବାପରେ ଗଣ୍ଡ ସଂସ୍କୃତିର ଏକ ନୂତନ ଅଧ୍ୟାୟ ଉନ୍ମୋଚନ ହୋଇଛି । ଛାତ୍ରାବସ୍ଥାରୁ ଗଣ୍ଡ ସଂପ୍ରଦାୟକୁ ନେଇ ସେ ବିଭିନ୍ନ ଗବେଷଣା କରୁଥିଲେ । ପରବର୍ତ୍ତୀ ସମୟରେ ତାହା ପୁସ୍ତକ ଆକାରରେ ପ୍ରକାଶିତ ହୋଇଅଛି ।

## କର୍ମମୟ ଓ ସାଂସାରିକ ଜୀବନ

ମୋତିରାବଣ କଙ୍ଗାଲୀ ୨୭ ବର୍ଷ ବୟସରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୯୭୬ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ନାଗପୁର ମିଣ୍ଟରେ ନୋଟ୍ ଏବଂ ମୁଦ୍ରା

ISSN NO.
2582-208X

ପରୀକ୍ଷକ ଭାବରେ ନିଯୁକ୍ତି ପାଇଥିଲେ। ଏହି ପଦବୀରୁ ସେ ଉନ୍ନୀତ ହୋଇ ସହାୟକ ପ୍ରବନ୍ଧକ ଭାବରେ କାର୍ଯ୍ୟ କରିଥିଲେ ।ସ ହାୟକ ପ୍ରବନ୍ଧକ ଭାବରେ ୨୦୦୯ ମସିହା ଫେବୃୟାରୀ ମାସରେ ଅବସର ଗ୍ରହଣ କରିଥିଲେ । ରିଜର୍ଭ ବ୍ୟାଙ୍କର କର୍ମ ବ୍ୟସ୍ତତା ତାଙ୍କୁ ଗଣ୍ଡ ସଂପ୍ରଦାୟର ଗବେଷଣାରେ ଅନ୍ତରାୟ ସୃଷ୍ଟି କରିପାରିନାହିଁ । ସେ ଗଣ୍ଡ ସଂସ୍କୃତି ପାଇଁ ସର୍ବଦା ନିଜକୁ ଉତ୍ସର୍ଗ କରିଥିଲେ । ଚାକିରୀ ଜୀବନର ସେ କୁମାରୀ ଚନ୍ଦ୍ରଲେଖା ରୂପସିଂହ ପୁଷମଙ୍କୁ ବିବାହ କରିଥିଲେ। ଚନ୍ଦ୍ରଲେଖା ଜଣେ ବିଦୁଷୀ ।ସେ ସମାଜଶାସ୍ତ୍ରରେ ପାରଙ୍ଗମ ଥିଲେ । ତାଙ୍କର ତିନୋଟି ଝିଅ । ଯାହାଙ୍କ ନାମ ସିରିଜ କଙ୍ଗାଲୀ, ଭେରୁଞ୍ଜଳୀ କଙ୍ଗାଲୀ ଓ ବିନନ୍ତୀ କଙ୍ଗାଲୀ। ସିରିଜ ଜଣେ ଆଇଆରଏସ ଅଧିକାରୀ ଏବଂ ବିନନ୍ତୀ ଜଣେ ଚକ୍ଷୁ ବିଶେଷଜ୍ଞ ଡାକ୍ତର। ଉଭୟ ବିବାହିତ। ଭେରୁଞ୍ଜଳୀ ମଧ୍ୟ ମରାଠୀ ସାହିତ୍ୟରେ କଳାଭୂଷଣ (M.phil.) କରିଛନ୍ତି । ମୋତିରାବଣ କଙ୍ଗାଲୀ ଯେମିତି ବିଦ୍ୱାନ, ଅନୁରୂପଭାବେ ଝିଅମାନେ ମଧ୍ୟ ଜ୍ଞାନର ଅଧିକାରିଣୀ ।

### ସାରସ୍ୱତ ଜୀବନ

ମୋତିରାବଣ କଙ୍ଗାଲୀଙ୍କ ପ୍ରତିଭା ଛାତ୍ର ସମୟରୁ ହିଁ ବିଚ୍ଛୁରଣ ହୋଇଥିଲା । ଉଚ୍ଚ ଶିକ୍ଷା ଲାଭକଲାପରେ ଗଣ୍ଡ ସଂପ୍ରଦାୟର ଅନେକ ତଥ୍ୟ ସେ ସଂଗ୍ରହ କରିଛନ୍ତି । ଜାତିପ୍ରୀତିରୁ ହିଁ ତାଙ୍କ ଲେଖକୀୟ ଜୀବନର ଅୟମାରମ୍ଭ ହୋଇଥିଲା । ଗଣ୍ଡ ସଂପ୍ରଦାୟରେ ଜନ୍ମଗ୍ରହଣ କରିଥିବାରୁ ଗଣ୍ଡ ସଂପ୍ରଦାୟର ପ୍ରାଚୀନ ଇତିହାସ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଗଣ୍ଡ ଜନଜାତିର ସାମାଜିକ, ସାଂସ୍କୃତିକ, ଐତିହାସିକ, ଧାର୍ମିକ ଓ ଦାର୍ଶନିକ ପ୍ରଭୃତି ଦିଗକୁ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିଥିଲେ । ଗବେଷଣା ମାଧ୍ୟମରେ ଗଣ୍ଡ ଜନଜାତିର ଅନେକ ଅନାଲୋଚିତ ତଥ୍ୟ ଲୋକଲୋଚନକୁ ଆଣିଥିଲେ । ସତ୍ୟ ଓ ତଥ୍ୟ ହିଁ ତାଙ୍କ ଗବେଷକ ଜୀବନକୁ ପରିପୂର୍ଣ୍ଣ କରିଥିଲା । ଫଳସ୍ୱରୂପ ସେ ଗଣ୍ଡ ସଂପ୍ରଦାୟରକୁ ଆଧାର କରି ଅନେକଗୁଡିଏ ପୁସ୍ତକ ଲେଖିଥିଲେ । ତାଙ୍କ ପୁସ୍ତକଗୁଡିକ ଗୋଣ୍ଡି ଓ ହିନ୍ଦୀ ଭାଷାରେ ରଚିତ । ଏହି ପୁସ୍ତକଗୁଡିକ ପରବର୍ତ୍ତୀ ସମୟରେ ବିଭିନ୍ନ ଭାଷାରେ ଯେପରିକି ଓଡିଆରେ ମଧ୍ୟ ଅନୁବାଦ ହୋଇଛି । ସେହି ପୁସ୍ତକ ଗୁଡିକ ଯଥା:-

୧. ଗୋଣ୍ଡି ଲମକ ପୁନ୍ଦାନ
୨.ଗୋଣ୍ଡି ବାଣୀ କା ପୂର୍ବୋତିହାସ

ISSN NO.
2582-208X

୩. ଗୋଣ୍ଡି ନୃତ୍ୟାନଚା ପୂର୍ବୋତିହାସ

୪. କୋୟା ଭିଡିତା ଗୋଣ୍ଡ ସଗା ବିଡାର

୫. କୁଆଁରା ଭୀମାଲ ପେନତା ସାର

୬. ଗୋଣ୍ଡି ଶବ୍ଦକୋଷ

୭. ଗୋଣ୍ଡି ବ୍ୟାକରଣ

୮.ଗୋଣ୍ଡି କରୀୟାଟ

୯.କୋୟା ପୁନେମତା ସାର

୧୦. ଗୋଣ୍ଡୱାନା ଗଡ ଦର୍ଶନ

୧୧. ଗୋଣ୍ଡୱାନା କୋଟ ଦର୍ଶନ

୧୨. ଗୋଣ୍ଡୱାନା କା ସାଂସ୍କୃତିକ ଇତିହାସ

୧୩. ଗୋଣ୍ଡି ପୁନେମ୍ ଦର୍ଶନ

୧୪. ଗୋଣ୍ଡି ଶ୍ଳୋକ

୧୫. ମୁଣ୍ଡାରା ହୋରି ଗଙ୍ଗା

୧୬. ତାପି ନଦୀ କା ପୌରାଣିକ ଗାଥା

୧୭. ଗୋଣ୍ଡି ଲିପି ପରିଚୟ

୧୮. ଗୋଣ୍ଡୋ କା ମୂଳ ନିବାସ୍ଥଳ ପରିଚୟ

୧୯. ସୈନ୍ଧବୀ ଲିପି କା ଗୋଣ୍ଡି ମେଁ ଉଦବାଚନ

୨୦. କୋରାଡି ଗଡ କୀ ତିଲକା ଦାଇ

୨୧. ଡୋଙ୍ଗରଗଡ଼ କୀ ବମଲାଇ ଦାଇ

୨୨. ଗୋଣ୍ଡୱାନା ଜୀବଜଗତ କୀ ଉତ୍ପତ୍ତି

୨୩. ବୃହତ ହିନ୍ଦୀ ଗୋଣ୍ଡି ଶବ୍ଦକୋଷ

୨୪. ଚାନ୍ଦାଗଡ କୀ ମହାକାଳୀ କଳିକଙ୍କାଳି

୨୫. ବସ୍ତର କୀ ଦନ୍ତେୱାଡିନ୍ ବେନଦାଇ ଦନ୍ତେଶ୍ୱରୀ

୨୬. ମରାଠୀ ଗୋଣ୍ଡି ଶବ୍ଦକୋଷ ପ୍ରଭୃତି ।

## ଗୋଣ୍ଡି ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ମୋତିରାବଣ କଙ୍ଗାଲୀଙ୍କ ଅବଦାନ

ମୋତିରାବଣ କଙ୍ଗାଲୀ ଜଣେ ଭାଷା ଗବେଷକ । ସେ ଭାଷାବିଜ୍ଞାନ ଅଧ୍ୟୟନ କରିବା ସହିତ ଗୋଣ୍ଡି ଭାଷାକୁ ପୁନର୍ଜୀବିତ କରିବା ପାଇଁ ପ୍ରୟାସରତ ଥିଲେ। ଗୋଣ୍ଡି ଭାଷା କିଭଳି

ISSN NO.
2582-208X

ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ, ସେଥିପାଇଁ ସଦାସର୍ବଦା ତତ୍ପର ଥିଲେ। ଗଣ୍ଡ ସମାଜର ସାଧାରଣ ଜନତା କିଭଳି ଭାଷା ଶିଖିପାରିବେ ସେଥିପାଇଁ ସେ ଗୋଣ୍ଡି ଭାଷାକୁ ନେଇ ପୁସ୍ତକ ଲେଖିଛନ୍ତି । ଗୋଣ୍ଡି ଭାଷାକୁ ସାର୍ବଜନୀନ କରିବା ପାଇଁ ଗୋଣ୍ଡି ଲିପି ମଧ୍ୟ ସୃଷ୍ଟି କରିଛନ୍ତି । କେବଳ ସେତିକି ନୁହଁ; ଗଣ୍ଡ ସଂସ୍କୃତିର ପ୍ରାଚୀନତାକୁ ପ୍ରମାଣିତ କରିବା ପାଇଁ ସିନ୍ଧୁ ସଭ୍ୟତା ଉପରେ ମଧ୍ୟ ଗବେଷଣା କରିଗଣ୍ଡମାନେ ସିନ୍ଧୁ ସଭ୍ୟତାରେ ବସବାସ କରୁଥିଲେ ବୋଲି ଗବେଷଣା ମାଧ୍ୟମରେ ପ୍ରମାଣ କରିଛନ୍ତି । ଏହା ବ୍ୟତୀତ ହରପ୍ପା ଓ ମହେଞ୍ଜଦାରୋରର ଲିପିଗୁଡିକୁ ଗୋଣ୍ଡି ଭାଷାରେ ପଢ଼ାଯାଇପାରିବ ବୋଲି ଦାବୀ ମଧ୍ୟ କରିଥିଲେ । ସିନ୍ଧୁ ସଭ୍ୟତାରେ ଦ୍ରାବିଡମାନେ ବସବାସ କରିବା କଥା ଇତିହାସରେ କୁହାଯାଇଛି । ସେହି ଦ୍ରାବିଡମାନେ ହେଉଛନ୍ତି ଗଣ୍ଡ ଜନଜାତି ।ଏହା ସେ ଗବେଷଣା ଲବ୍ଧ ଜ୍ଞାନରୁ ପ୍ରକାଶ କରିଥିଲେ ।

ମହାରାଷ୍ଟ୍ରର ଗୋନ୍ଦିଆ ଜିଲ୍ଲାର ଧନେଗାଁରେ କଚ୍ଛାରଗଡ ଗୁମ୍ଫା ଅବସ୍ଥିତ । ଏହି ଗୁମ୍ଫାରେ ଗଣ୍ଡ ସଂପ୍ରଦାୟର ଇଷ୍ଟ ଦେବୀ ମାତା କାଳୀ କଙ୍କାଳୀ ପୂଜା ପାଆନ୍ତି । ଏହି ଗୁମ୍ଫା ମୈକାଲ ପର୍ବତର ଏକ ଅଂଶ ଅଟେ । ଏଠାରେ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ମାତା କାଳୀ କଙ୍କାଳୀଙ୍କ ଯାତ୍ରା ଅନୁଷ୍ଠିତ ହୁଏ । ମୋତିରାବଣ କଙ୍ଗାଲୀ ନିଜର ଦୁଇ ବନ୍ଧୁ କେଶବ ବାନାଜି ମାରାସ୍କୋଲ ଓ ଶୀତଳ ମରକାମଙ୍କ ସହିତ କଚ୍ଛାରଗଡକୁ ପରିଭ୍ରମଣରେ ଯାଇଥିଲେ । ସେହି ସ୍ଥାନର ଐତିହ୍ୟ ଓ ମାହାତ୍ମ୍ୟ ବିଷୟରେ ପୂର୍ବରୁ ସେ ଜାଣିଥିଲେ । ଗଣ୍ଡ ସଂପ୍ରଦାୟର ପରଂପରା ଅନୁଯାୟୀ ମାଘ ପୂର୍ଣ୍ଣମୀରେ ଗଣ୍ଡ ସଂପ୍ରଦାୟର ଗୁରୁ ପାରିକୁପାର ଲିଙ୍ଗୋ ଓ ତାଙ୍କ ଭଉଣୀ ରାୟତାର ଜଙ୍ଘା ଏହି ଗୁମ୍ଫାରୁ ମାତା କାଳୀ କାଙ୍କାଳୀଙ୍କ ୩୩ ଗୋଟି ସନ୍ତାନଙ୍କୁ ଉଦ୍ଧାର କରିଥିଲେ । ସେହି ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଏଠାରେ ଯାତ୍ରା ଅନୁଷ୍ଠିତ ହୁଏ । ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । କୋଇଲି କଚ୍ଛାରଗଡ ଗୁମ୍ଫା ସାରା ଭାରତ ବର୍ଷରେ ପ୍ରସିଦ୍ଧି ଅର୍ଜନ କରିଛି । ଧିରେ ଧିରେ ଏହି ଯାତ୍ରାରେ ଜନ ସମାଗମ ହ୍ରାସ ପାଇଥିଲା । ଏହି ଯାତ୍ରାକୁ ପୁନଃଜନସମାଗମ କରିବା ପାଇଁ ମୋତିରାବଣ କଙ୍ଗାଲୀ ପ୍ରୟାସ କରିଥିଲେ । ୧୯୮୬ ମସିହାରେ ଭାରତ, ମହାରାଷ୍ଟ୍ର, ଓଡିଶା ଓ ଆନ୍ଧ୍ରପ୍ରଦେଶର ହଜାର ହଜାର ଆଦିବାସୀଙ୍କ ଦ୍ୱାରା ପୁଣିଥରେ ଆରମ୍ଭ ହୋଇଥିଲା । କଙ୍ଗାଲୀଙ୍କ ପ୍ରୟାସରେ ଏସବୁ ସମ୍ଭବ ହୋଇଥିବାରୁ ଗଣ୍ଡମାନଙ୍କର ସର୍ବୋଚ୍ଚ ଧାର୍ମିକ ଅନୁଷ୍ଠାନ, ଗୋଣ୍ଡି ପୁନେମ ଦର୍ଶନର ମୁଖ୍ୟ ଭାବେ ତାଙ୍କୁ

ISSN NO.
2582-208X

ନିଯୁକ୍ତି ଦିଆଯାଇଥିଲା । ସେହି ସମୟରୁ କଙ୍ଗାଲୀଙ୍କ ନେତୃତ୍ୱରେ କଛାରଗଡର ଉନ୍ନତି ହେବା ସହିତ ଯାତ୍ରାରେ ମଧ୍ୟ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ବାସ୍ତବରେ କଙ୍ଗାଲୀଙ୍କ କାର୍ଯ୍ୟ ସର୍ବଦା ପ୍ରଶଂସନୀୟ ।

ମହାରୁ ଟୋଲାର ବାସିନ୍ଦା କେଶବ ବାନାଜି ମାରାସ୍କୋଲ ପ୍ରଥମେ କଙ୍ଗାଲୀଙ୍କୁ କଛାରଗଡ ବିଷୟରେ କହିଥିଲେ । ଗୁମ୍ଫା ବିଷୟରେ ଶୁଣିବା ପରେ କଙ୍ଗାଲିଙ୍କ ମନରେ କଛାରଗଡ ଯିବାପାଇଁ ଉତ୍ସାହ ସୃଷ୍ଟି ହୋଇଥିଲା । ସେହି ଗୁମ୍ଫାରେ ପାରମ୍ପରିକ ଭାବରେ ସ୍ଥାନୀୟ ଗୋଣ୍ଡମାନେ ଗୋଙ୍ଗୋ ନାମକ ଏକ ପୂନୋତ୍ସବ ପାଳନ କରୁଥିଲେ। କଙ୍ଗାଲୀ ପୂଜାର ଐତିହ୍ୟ ଓ ଗୁମ୍ଫା ଉପରେ ଗବେଷଣା କରିଥିଲେ । ପ୍ରାଚୀନ କାଳରେ ପର୍ବତର ଗୁମ୍ଫାରୁ ଆଦିମାନବର ସୃଷ୍ଟି ହୋଇ ବିବର୍ତ୍ତନ ଧାରାରେ ବିକାଶ ହୋଇଥିଲା । ଯାହା ନୃତତ୍ତ୍ୱବିଜ୍ଞାନ ସୂଚନା ପ୍ରଦାନ କରିଥାଏ । ରବର୍ଟ ଭେନ୍ ରସେଲ୍ ଏବଂ ସି ୟୁ ୱିଲ୍ସଙ୍କ ଲେଖାରେ କଛାରଗଡ ଗୁମ୍ଫାର ପ୍ରାଚୀନ ବିବରଣୀ ଉଲ୍ଲେଖ ହୋଇଥିବା ଦେଖିବାକୁ ପାଇଥିଲେ । ଏହାପରେ କଙ୍ଗାଲୀଙ୍କ ମନରେ ଆହୁରି ଉତ୍ସାହ ସୃଷ୍ଟି ହୋଇଥିଲା ଗୁମ୍ଫା ସଭ୍ୟତା ବିଷୟରେ ଜାଣିବାପାଇଁ । ତେଣୁ ସେ ପ୍ରାଚୀନ ଗୁମ୍ଫା ସଭ୍ୟତା ବିଷୟରେ ଗବେଷଣା କରିବାରେ ମନୋନିବେଶ କଲେ ।

୧୯୮୦ ମସିହାରେ ମୋତିରାବଣ କଙ୍ଗାଲୀ, କେଶବ ବାନାଜି ମାରସ୍କୋଲ ଏବଂ ସୁନହେର ସିଂହ ତାରାମ (ଭୋପାଳ ପତ୍ରିକା ଗୋଣ୍ଡୱାନା ଦର୍ଶନର ସମ୍ପାଦକ) କଛାରଗଡ ଯାତ୍ରାରେ ଯୋଗ ଦେଇଥିଲେ। ୧୯୮୪ ମସିହାରେଆଉ ଦୁଇଜଣ ପ୍ରସିଦ୍ଧ ଗୋଣ୍ଡ ନେତାଭାରତ ଲାଲ କୋରାମ ଏବଂ ଶୀତଲ ମାର୍କମ (ଗୋଣ୍ଡୱାନା ମୁକ୍ତି ସେନା ସଂଗଠନର ମୁଖ୍ୟ) ସେମାନଙ୍କ ସହିତ ଯୋଗ ଦେଇଥିଲେ । ପାଞ୍ଚ ଜଣ ଯାତ୍ରାରୁ ଗୁମ୍ଫା ସ୍ଥାନକୁ ପ୍ରଥମେ ପଦଯାତ୍ରା କରିଥିଲେ। ପରବର୍ତ୍ତୀ କିଛି ବର୍ଷ ମଧ୍ୟରେ କଛାରଗଡ଼ କୋଇତୁର ଗଣ୍ଡଙ୍କ ପ୍ରାଥମିକ ଧାର୍ମିକ କେନ୍ଦ୍ର ଭାବରେ ଉଭା ହୋଇଥିଲା । ଏହି ସ୍ଥାନର ଧାର୍ମିକ ବାତାବରଣ ଭକ୍ତ, ପର୍ଯ୍ୟଟକ, ଗବେଷକମାନଙ୍କୁ ଆକୃଷ୍ଟ କରିଥିଲା ।୧୯୮୬ ମସିହାରେ ହୀରା ସିଂହ ମର୍କାମ ମଧ୍ୟ ଏହି ମେଳାରେ ଯୋଗଦାନ କରିଥିଲେ । ବର୍ତ୍ତମାନ ଏହି ଯାତ୍ରାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଏବେ ଲକ୍ଷ ଉପରେ ପହଞ୍ଚିଛି।

ISSN NO.
2582-208X

ମୋତିରାବଣ କଙ୍ଗାଲୀ ଗୋଣ୍ଡ କୋଇତୁରର ଧାର୍ମିକ ସ୍ଥଳଗୁଡ଼ିକୁ ହିନ୍ଦୁମାନଙ୍କ କବଜାରୁ ମୁକ୍ତ କରିଥିଲେ। ଗୋଣ୍ଡ ପୂର୍ବପୁରୁଷଙ୍କ ବଦଳରେ ହିନ୍ଦୁମାନେ ସେମାନଙ୍କର ଦେବତା ପ୍ରତିଷ୍ଠା କରିଥିଲେ। ଡକ୍ଟର କାଙ୍ଗାଲୀ ଗବେଷଣା ମାଧ୍ୟମରେ ଅନେକ ପୁସ୍ତକ ଲେଖି ଏହି ଦେବୀ ସ୍ଥାନଗୁଡ଼ିକର ସତ୍ୟକୁ ସମସ୍ତଙ୍କ ନିକଟରେ ପହଞ୍ଚାଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ଡୋଙ୍ଗରଗଡ଼ର ବମଳାଇ ଦାଇ, ବସ୍ତରର ଦାନ୍ତେଶ୍ୱରୀ ଦାଇ, କୋରୋଡିଗଡ଼ର ତିଲକା ଦାଇ ଏବଂ ଚାନ୍ଦାଗଡ଼ର କଙ୍କାଳୀ ଦାଇ ଭଳି ଗୁରୁତ୍ୱପୂର୍ଣ୍ଣ ଦେବୀ ସ୍ଥାନଗୁଡ଼ିକ ବିଷୟରେ ଛୋଟ ଛୋଟ ପୁସ୍ତକ ଲେଖିଥିଲେ।  ଏହାଦ୍ୱାରା ଲୋକମାନେ ସେହି ସ୍ଥାନର ମହତ୍ତ୍ୱ ବୁଝି ନିଜର ଉପାସ୍ୟ ଦେବାଦେବୀଙ୍କ ବିଷୟରେ ଅବଗତ ହୋଇପାରିଲେ ।

ଗୋଣ୍ଡି ଦର୍ଶନ ଓ ଧର୍ମ (କୋୟା ପୁନେମ) ପ୍ରତିଷ୍ଠା ତଥା ପ୍ରଚାର ପାଇଁ ସେ ଭୂମକା (ପୁରୋହିତ) ମହାସଂଘର କଳ୍ପନା କରିଥିଲେ । ଏହି ଭୂମକାମାନେ ଗୋଣ୍ଡି ଧର୍ମ ପ୍ରଚାରରେ ମୁଖ୍ୟ ଭୂମିକା ଗ୍ରହଣ କରିଏହାର ପ୍ରଚାର ମଧ୍ୟ ଆରମ୍ଭ କରିଥିଲେ। ଯାହାକୁ ପରେ ତିରୁମାଲ ରାବଣ ଶାହ ଇନ୍ୱତୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହାପରେ କଙ୍ଗାଲୀ ଲେଖାଲେଖିରେ ନିଜକୁ ବ୍ୟସ୍ତ  ରଖିଥିଲେ । ଆଜି ଭୂମକା ମହାସଂଘ ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଓଡିଶା ସମେତ ଅନ୍ୟ ରାଜ୍ୟରେ ମଧ୍ୟତାଲିମ ଶିବିର ଆୟୋଜନ କରି  କୋୟା ପୁନେମ ପ୍ରତିଷ୍ଠା ଏବଂ ପ୍ରସାର କରିବାରେ ସକ୍ରିୟ ଅଛି। କୋୟା ପୁନେମ ଗଣ୍ଡ ଜନଜାତିକୁ ଏକତାର ସୂତ୍ରରେ ବାନ୍ଧି ରଖିଛି ।ଏହି ପରଂପରାକୁ ବଜାୟ ରଖିବା ପାଇଁ କଙ୍ଗାଲୀଙ୍କ ଅବଦାନ ସର୍ବଦା ସ୍ମରଣୀୟ ।

କାଙ୍ଗାଲୀଙ୍କ ପୁସ୍ତକ 'ଗୋଣ୍ଡି ପୁନେମଦର୍ଶନ' ଗୋଣ୍ଡୱାନା (ଗୋଣ୍ଡଙ୍କ ଦେଶ)ର ସାଂସ୍କୃତିକ ଇତିହାସର ଏକ ସ୍ୱତନ୍ତ୍ର ଗାଥା । ତାଙ୍କ ପତ୍ନୀ ଚନ୍ଦ୍ରଲେଖା କାଙ୍ଗାଲୀ ଯିଏ ନିଜେ ଜଣେ ସମାଜବିଜ୍ଞାନୀ ଏବଂ ବିଦୁଷୀ ଥିଲେ। ସେ ନିଜ ସ୍ୱାମୀ ମୋତିରାବଣ କଙ୍ଗାଲିଙ୍କୁ ଗୋଣ୍ଡି ଭାଷାର ଉନ୍ନତି ଦିଗରେ ପୂର୍ଣ୍ଣ ସମର୍ଥନ କରୁଥିଲେ । ଜାତୀୟ ସ୍ତରରେ ଗୋଣ୍ଡିକୁ ମାନ୍ୟତା ଦେବାରେ ତାଙ୍କର ପୂର୍ଣ୍ଣ ସମର୍ଥନ ଏବଂ ସହଯୋଗ ରହିଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ ଏତେ ପ୍ରାଚୀନ ଭାଷା, ଯାହାର କୋଟି କୋଟି ଭାଷାଭାଷୀ ଅଛନ୍ତି, ଯାହାର ନିଜସ୍ୱ ବ୍ୟାକରଣ ଏବଂ ଲିପି ଅଛି। ସେହି ଗୋଣ୍ଡି ଭାଷା ଆଜି ଅବହେଳିତ । ଅନେକ ସଂଘର୍ଷ ଓ ଆନ୍ଦୋଳନ ପରେ ମଧ୍ୟଗୋଣ୍ଡି ଭାଷା ଭାରତର ଅଷ୍ଟମ ଅନୁସୂଚୀରେ ସ୍ଥାନ ପାଇପାରୁ ନାହିଁ ।

ISSN NO.
2582-208X

ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନ ପାଇଲେ ଗୋଣ୍ଡି ଭାଷାର ଉନ୍ନତି ହୋଇପାରନ୍ତା । ବିଡମ୍ବନାର ବିଷୟ, ଗୋଣ୍ଡି ଭାଷାର ଭବିଷ୍ୟତ କେବେ ଉଜ୍ଜ୍ୱଳ ହେବ, ସେକଥା ସମୟ ହିଁ କହିବ ।

କଙ୍ଗାଲୀ ଦ୍ରାବିଡ଼ ଭାଷା ଓ ସିନ୍ଧୁ ସଭ୍ୟତାରୁ ଆବିଷ୍କୃତ ସିନ୍ଧୁ ଲିପି ମଧ୍ୟରେ ସମ୍ଭାବ୍ୟ ସମ୍ପର୍କ ବିଷୟରେ ମଧ୍ୟ ଗବେଷଣା କରିଥିଲେ। ଯେତେବେଳେ କଙ୍ଗାଲୀ ୧୯୯୦ ଦଶକର ମଧ୍ୟଭାଗରେ ହାମ୍ପିରୁ ଆବିଷ୍କୃତ ୨୨ଟି  ଚିତ୍ରିତ ଅକ୍ଷରକୁ ଅନୁସନ୍ଧାନ କରି ସେଥିମଧ୍ୟରୁ ପାଞ୍ଚଟିକୁ ଗୋଣ୍ଡି ଅକ୍ଷର ସହିତ ସମାନ ବୋଲି ଦାବୀ ଉପସ୍ଥାପନ କରିଥିଲେ । ଗୋଣ୍ଡି ଭାଷାର ସୁରକ୍ଷା ଓ ଭବିଷ୍ୟତ ପାଇଁ ମୋତିରାବଣ କଙ୍ଗାଲୀ ସଦାସର୍ବଦା ଯତ୍ନବାନ ଥିଲେ । ସେ ଭାଷାର ମହତ୍ତ୍ୱ ଭଲଭାବେ ହୃଦୟଙ୍ଗମ କରିଥିଲେ । ସମଗ୍ର ଭାରତବର୍ଷରେ ଗୋଣ୍ଡୱାନାର ସ୍ୱତନ୍ତ୍ର ସ୍ଥାନ ରହିଛି । ଗୋଣ୍ଡ ଜାତିର ଅମୂଲ୍ୟ ସଂପଦ ହେଉଛି ଗୋଣ୍ଡି ଭାଷା । ଏହି ଭାଷାର ଗଣ୍ଡ ଜନଜାତିର ପରିଚୟ। ଭାଷାକୁ ବଞ୍ଚାଇବା ପାଇଁ ସେ ପ୍ରାଣପଣେ ଚେଷ୍ଟା କରିଥିଲେ । ୩୦ ଅକ୍ଟୋବର ୨୦୧୫ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ମଧ୍ୟ ଗଣ୍ଡ ସଂପ୍ରଦାୟ, ଗୋଣ୍ଡି ଭାଷା,  ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ, ସେଇଥିପାଇଁ ସେ ଗୋଣ୍ଡ ସମ୍ପ୍ରଦାୟରେ ଚିର ଅମର ।

ବାସ୍ତବରେ ମୋତିରାବଣ କଙ୍ଗାଲୀ ଏକ ସଂସ୍କୃତିସଂପନ୍ନ ବ୍ୟକ୍ତି । ଯିଏ ଜାତି ପାଇଁ ନିଜ ଜୀବନକୁ ସର୍ବଦା ଉତ୍ସର୍ଗ କରିଥିଲେ । ଗୋଣ୍ଡି ଭାଷାର ସୁରକ୍ଷା ଓ ଭବିଷ୍ୟତ ଦିଗରେ ତାଙ୍କର ଦୂରଦୃଷ୍ଟି ସର୍ବଦା ପ୍ରଶଂସନୀୟ । ଗୋଣ୍ଡି ଭାଷାକୁ ଚିରଦିନ ବଞ୍ଚାଇ ରଖିବା ପାଇଁ ସେ ଯଥାସାଧ୍ୟ ଚେଷ୍ଟା କରିଥିଲେ । ସେଥିପାଇଁ ନିଜର ଗବେଷଣାଦ୍ୱାରା ସେ ଅନେକ ଗୁଡିଏ ପୁସ୍ତକ ଲେଖି ଗୋଣ୍ଡି ଭାଷା ଓ ସାହିତ୍ୟ ଭଣ୍ଡାରକୁ ପୂର୍ଣ୍ଣ କରିଛନ୍ତି । ଯାହା ପରବର୍ତ୍ତୀ ପିଢିପାଇଁ ପଥପ୍ରଦର୍ଶକ ସଦୃଶ କାର୍ଯ୍ୟ କରୁଅଛି। ତାଙ୍କର ଅବଦାନ ଗଣ୍ଡ ସଂସ୍କୃତିରେ ଚିରଦିନ ସ୍ମରଣୀୟ ହୋଇ ରହିବ । ଭାଷା ପାଇଁ ଯିଏ ନିଜକୁ ସମର୍ପଣ କରିଛି, ସେ କେବଳ ଭାଷାବିତ ନୁହେଁ; ସେ ଜାତିର ନବନିର୍ମାତା । ମୋତିରାବଣ କଙ୍ଗାଲୀ ମଧ୍ୟ ଗଣ୍ଡ ଜନଜାତିର ନବ ନିର୍ମାତା । ଗୋଣ୍ଡି ଭାଷାର ଉନ୍ନତି ପାଇଁ ତାଙ୍କର ଅବଦାନକୁ ମନେପକାଇବାପାଇଁ ତାଙ୍କ ଜନ୍ମ ଦିନ ଫେବୃୟାରୀ ୦୨ ତାରିଖକୁ ଗୋଣ୍ଡି ଭାଷା ଦିବସ ଭାବେ ପାଳନ କରାଯାଉଛି ।ଏ ଥିରୁ ମୋତିରାବଣ କଙ୍ଗାଲୀଙ୍କ ବ୍ୟକ୍ତିତ୍ୱର ପରିଚୟ ସ୍ପଷ୍ଟ ରୂପେ ବାରି ହୋଇପଡେ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ
ଓଡିଆ
୧. ଭୋଇ, ଅକ୍ଷୟ କୁମାର- ସାଦୋ ଗୋଣ୍ଡି କଡକିୟାନ, ପ୍ରକାଶକ- ଊର୍ମିଳା ଭୋଇ, ସମଲେଶ୍ୱରୀ ଛାପାଖାନା, ତୋଷରା, ପ୍ରଥମ ସଂସ୍କରଣ-୨୦୧୭
୨. ଭୋଇ, ଡକ୍ଟର ଜଗଦୀଶ ଚନ୍ଦ୍ର- ଗଣ୍ଡ ଜନଜାତିର ସମାଜ ଓ ସଂସ୍କୃତି, ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨, ପ୍ରଥମ ପ୍ରକାଶ-୨୦୨୦
(ହିନ୍ଦୀ)
୧. କଙ୍ଗାଲୀ, ମୋତିରାବଣ- ଗୋଣ୍ଡି କରିୟାଟ, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର- ୪୪୦୦୨୨, ଚତୁର୍ଥ ସଂସ୍କରଣ-୨୦୧୧
୨. କଙ୍ଗାଲୀ, ମୋତିରାବଣ- ଗୋଣ୍ଡି ବ୍ୟାକରଣ, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲାରୋଡ, ନାଗପୁର- ୪୪୦୦୨୨
୩. କଙ୍ଗାଲୀ, ମୋତିରାବଣ- ଗୋଣ୍ଡି କଡକିୟାନ ଉଣ୍ଡେ ଲମ୍ବେଜ ଚବଡି, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର- ୪୪୦୦୨୨, ଦ୍ୱିତୀୟ ସଂସ୍କରଣ- ୨୦୦୮
୪. କଙ୍ଗାଲୀ, ମୋତିରାବଣ- ବୃହତ ହିନ୍ଦୀ ଗୋଣ୍ଡି ଶବ୍ଦକୋଷ, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ଗୋଣ୍ଡୱାନା ଆଦିମ ଭାଷା ସାହିତ୍ୟ ସଂଶୋଧନ ମଣ୍ଡଳ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର-୪୪୦୦୨୨, ପ୍ରଥମ ସଂସ୍କରଣ- ୨୦୧୧
୫. ସିଂହ, ରାଜେନ୍ଦ୍ର ପ୍ରସାଦ- ଭାଷା କା ସମାଜଶାସ୍ତ୍ର, ରାଜକମଲ ପ୍ରକାଶନ ପ୍ରାଇଭେଟ ଲିମିଟେଡ, ୧- ବି, ନେତାଜୀ ସୁଭାଷ ମାର୍ଗ, ଦରିଆଗଞ୍ଜ, ନୂଆ ଦିଲ୍ଲୀ- ୧୧୦୦୦୨

(((-)))

ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ
ଧର୍ମଗଡ- ୭୬୬୦୧୫ (କଳାହାଣ୍ଡି)

ISSN NO.
2582-208X

# ବାସ୍ତବତାରେ ବଂଚବା



ଭସ୍କର ଚନ୍ଦ୍ର ଖଣ୍ଡା

କିମ୍ଭୂତକିମାର ଦୃଶ୍ୟପଟ
ଗ୍ରାସ କଲା ପରି ଅନାବଶ୍ୟକତାର ଭୟ
ବେଢିଯାଏ ଯେତେବେଳେ ପାଚେରି ସଦୃଶ
ପାଶୋରି ଯାଇ ଧୃବକ୍ ସତ୍ୟକୁ
ପ୍ରାପ୍ତି ହେବା ପରି ସ୍ୱପ୍ନର ରାଜଜେମା
ଜୀଇ ଥାଏ ମଣିଷ ଏକ ଭିନ୍ନ ରାଜ୍ୟରେ
ସକାଳର ଘନ କୁହୁଡିରେ
ହୁଏନା ଦୃଶ୍ୟମାନ ତାକୁ ନିକଟତର ବସ୍ତୁ ।୧।

ଅବୋଧ ଶିଶୁ ପରି
ଅଳି କରେ ଧରିବା ପାଇଁ ଜହ୍ନ ମାମୁଁକୁ
ହାସଲ କରିବାକୁ ଆବଶ୍ୟକତାଠୁ ଅଧିକ
କରେ ଅନୁସରଣ ଅନ୍ୟାୟ ଆଉ ଅଧର୍ମର ପଥ
ଛନ୍ଦି ହୋଇ ଯାଏ ମୋହ ମାୟାର ଜାଲରେ ।୨।

ବନ୍ୟା ପ୍ଳାବିତ ନଦୀର ଜଳରାଶି
ଭୁଲି ଯାଇଥାଏ ସ୍ୱଧର୍ମ
ଯୋଗାଇଦେବା ପରିବର୍ତ୍ତେ ନୀର ରୂପି କ୍ଷୀର
ହୋଇଥାଏ ବିଧ୍ୱଂସର ସାଧନ

ISSN NO.
2582-208X

ହରାଇବ ସିଏ ନିଜର ସତ୍ତା
ମିଶିଯିବ ସାଗର ଗର୍ଭରେ ଦିନେ
ହୋଇ କ୍ଷଣିକ ଉନ୍ମାଦନାର ବଶବର୍ତ୍ତୀ
ଉପନୀତ ହୁଏ ଅଧର୍ମର ଚରମ ସୀମାରେ ।୩।

ମାଟିର ମଣିଷ ତୁ
ମାଟିରେ ରହ
ନରଖି ଶୂନ୍ୟରେ ପାଦ
ରଖ୍ ତାକୁ ମାଟି ଉପରେ
ପାଇବୁ ତୁ ଅନେକ ଶାନ୍ତି ସହ ଆତ୍ମତୃପ୍ତି
ଶ୍ରେୟସ୍କର, "ବାସ୍ତବତାରେ ବଂଚିବା" ।୪।

(((-)))

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସି
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଶୀତ ସକାଳର ଉଷ୍ମ ସ୍ପର୍ଶ



ରଶ୍ମିତା ସାହୁ

ଶୀତୁଆ ସକାଳର କୁହୁଡି ପାଗରେ
ଶୋଇଥାଏ ମୁଁ କମ୍ବଳ ଭିତରେ
ଶରୀର ଜଡ ପାଲଟି ଥାଏ, ନିଃଶ୍ୱାସ ଚାଲୁଥାଏ ॥
କମ୍ବଳ ଭିତରେ ଉଷ୍ମତା ଆଉ ମନର ଅଳସତା
ଉଠିବାକୁ ଦିଏନାହିଁ ବିଛଣାରୁ
ଏହି ସମୟରେ ଆଗମନ ହୁଏ ତୁମର
ଛୋଟ ମୋର କକ୍ଷଟି ମହକିଯାଏ, ତୁମ ସୁଗନ୍ଧରେ
କ୍ଷଣକରେ ଦୂର ହୁଏ ମନର ଆଳସ୍ୟତା-
ତୁମ ସୁବାସିତ ବାସ୍ନାରେ
ତୁମକୁ ଅତି ନିକଟରୁ ଆଘ୍ରାଣ କରିବାର ଇଚ୍ଛା
ତୁମ ଉଷ୍ମତାକୁ ନିଜ ଭିତରେ ସମାହିତ କରିବାର ନିଶା
ଉଠି ବସିଯାଏ ବିଛଣାରେ
ତୁମେ ତ କିଛି କୁହ ନାହିଁ ଚୁପଚାପ୍ ବସିରୁହ
ମୁଁ ହିଁ କୋଳେଇ ଆଣେ ତୁମକୁ ନିଜ ଆଡକୁ
ତା ପରେ ମୁଁ ହାଲକା ହାଲକା
ପାନ କରିବାରେ ଲାଗେ ତୁମକୁ

ISSN NO.
2582-208X

ଏ ଜଡ ଶରିର କ୍ରିୟାଶୀଳ ହୁଏ ତୁମ ଉଷ୍ମ ସ୍ପର୍ଶରେ
ଆଉ ମୋ ସକାଳ ଭରିଯାଏ ସତେଜତାରେ
କଣ ଆଉ ପ୍ରଶଂସା କରିବି ତୁମର !
ତୁମେ ପରା ଅତି ନିଜର
ଅଦା ଅଳେଇଚ ମିଶା,
"କପେ ଚାହା" ମୋର ॥

(((-)))

ଛତ୍ରପୁର ,ଗଞ୍ଜାମ
Email- rasmi.k.sahu777@gmail.com

ISSN NO.
2582-208X

# ଖୁସି ର ଲହରୀ



ଦେବଦତ୍ତା ଦେବୀ

ଦୂର ଦେବାଳୟ ରୁ ମଙ୍ଗଳା ଆରତୀ ର ଘଣ୍ଟ ଘଣ୍ଟି ସବଦ ରେ ନୀଳିମା ର ଗହୀରିଆ ନିଦ ଟା ପାଞ୍ଚଟା ବେଳକୁ ଭାଙ୍ଗିଗଲା । ଗଲା ପନ୍ଦର ଦିନ ହେଲାଣି ଯେଉଁ ଦିନ ଠାରୁ ସୋମୁର ସ୍କୁଲ ରେ ନାମ ଲେଖା ହେଲାଣି ନୀଳିମା ର ମୁଣ୍ଡରେ ସବୁ କିଛି ଗୋଲ ମାଲ୍ ହେଇ ଯାଉଛି । ସୋମୁର ର ଜନ୍ମ ଠାରୁ ଏ ଭିତରେ କେମିତି ପ୍ରାୟ ଚାରି ବର୍ଷ ହେଲାଣି ବିତିଗଲାଣି ନୀଳିମା କୁ ମୋଟେ ଜଣା ପଡ଼ିଲାନି, ସୋମୁର ପ୍ରତ୍ୟେକ ଟି କାର୍ଯ୍ୟକଳାପ କୁ ସେ ମନଭରି ଉପଭୋଗ କରିଛି । କେମିତି ପେଟେଇଲା, ଗୁରୁଣ୍ଡିଲା, ଠିଆ ଠିଆ ହେଲା, ଦାନ୍ତ ଉଠିଲା, ସବୁ ପାଟିରେ ପୁରାଇଲା, ମନା କଲେ ତା ଭାଷା ରେ ଆଉ ଆଉ କରି ପାଟି କରେ, ଦୌଡିଲା, ଖନି ଖନି କଥା କହିଲା ତା ପରେ ସ୍ବଚ ଭାବେ ଜିଦ୍ଦି ଓ ଦାବି ଅଝଟ ପଣିଆ ବଢି ଚାଲିଲା ,,ଏ ସବୁ ତା ପାଇଁ ଅମୂଲ୍ୟ, ତେଣୁ ସେ ସବୁ ମୁହୂର୍ତ୍ତ କୁ ଗୋଟି ଗୋଟି କରି ମୋବାଇଲ ରେ ଫୋଟୋ ଓ ଭିଡିଓ ମାଧ୍ୟମରେ ରେ କୟଦ କରି ରଖିଛି । ଏ ଚାକିରି ଜୀବନ ର ଘମାଘୋଟ ଲଢେଇ ଭିତରେ ସୋମୁର ପ୍ରତ୍ୟେକ ଦିନ ର କାର୍ଯ୍ୟକଳାପ ବିଷୟରେ ଆଲୋଚନା କରୁ କରୁ କେମିତି ଦିନ କଟିଯାଏ ଅତି ସୁରୁଖୁରୁରେ ଜଣାପଡେ ନାହିଁ । ସ୍ୱାମୀ ପ୍ରଦୀପ ଙ୍କ ର ଅନୁପସ୍ଥିତି ସୋମୁର ନଟଖଟି କାର୍ଯ୍ୟକଳାପ ଯୋଗୁଁ ଜଣାପଡିନାହିଁ । ପ୍ରଦୀପ ବା କଣ କରିବେ ଚାକିରି ଯୋଗୁଁ ଅନ୍ୟ ଷ୍ଟେଟ ରେ ପୋଷ୍ଟିଙ୍ଗ୍, ପ୍ର୍ୟତେକ ଦୁଇ ତିନି ମାସରେ ରେ ଚାରି ପାଞ୍ଚ ଦିନରୁ ଅଧିକ ରହିପାରନ୍ତି ନାହିଁକଥା ସମୟ ର ପ୍ରବାହମାନ ସ୍ରୋତ ରେ ଏ ଭିତରେ ଚାରି ବର୍ଷ ହଜିଗଲାଣି । ସୋମୁର ପାଠ ପଢା ବୟସ ଉପନୀତ ହେଲାଣି ।ଆସନ୍ତା କାଲି ଠାରୁ ସେ ସ୍କୁଲ ଯିବ । ସକାଳ ଛ ଟା ତିରିଶ ରୁ ଆଠଟା ତିରିଶ ଯାଏଁ ତାର କ୍ଲାସ୍ ଅଛି । ଗଲା ପନ୍ଦର ଦିନ ହେଲାଣି ସୋମୁର ର ସ୍କୁଲ ଯିବା ଚିନ୍ତା ରେ ନୀଳିମା ର ନିଦ ହଜି ଯାଇଛି କହିଲେ ଚଳେ, ନୀଳିମା କୁ ଲାଗୁଛି ସତେ ଯେପରି ଆଇ.ଏସ୍. ପରୀକ୍ଷା ଠାରୁ ବି ଅଧିକ ପ୍ରସ୍ତୁତି କରିବାକୁ ତାକୁ ପଡୁଛି ସୋମୁ କୁ

ISSN NO.
2582-208X

ସ୍କୁଲ ପଠାଇବାକୁ । ସୋମୁର ଅନ୍ ଲାଇନ୍ ଫର୍ମ ଫିଲ୍ ଅପ କର, ୟୁନିଫର୍ମ, ଜୋତା ମୋଜା, ସ୍କୁଲ ବ୍ୟାଗ୍, ଟିଫିନ୍ ୱାଟର ବୋତଲ, ସବୁ ଯୋଗାଡ କରିବାକୁ ପଡିଲା, ତା ଛଡା ଏତେ ଟଙ୍କାଦେଇ ସମୟ ଅନୁସାରେ ଆଡମିସନ, କେତେ ଯେ ଫୋଟୋ ଦରକାର, ଏ ସବୁ କୁ ଏକାକୀ ଯୋଗାଡ କରୁ କରୁ ଚାକିରି ର ଘୋଡା ଦୌଡ ଭିତରେ ନୀଳିମା କୁ ଭାରି କ୍ଲାନ୍ତ ଲାଗୁଥିଲା ।

ସବୁ ଯୋଗାଡ ହୋଇସାରିବା ପରେ ଚିନ୍ତା ସୋମୁ ତ ତାକୁ ଛାଡି କୁଆଡ଼େ ଯାଇନାହିଁ ସେ । ଅଫିସ ଗଲା ବେଳେ ବି ବାପା ମାଙ୍କ ପାଖରେ ଘରେ ଥାଏ, ସ୍କୁଲ ଯିବାକୁ କାନ୍ଦିବାକୁ ଆରମ୍ଭ କରିବନି ତ । ସୋମୁ କାନ୍ଦିଲେ ଆୟା ମାନେ ବୁଝେଇ ପାରିବେ ତ, ଅବଶ୍ୟ ସେମାନେ ଫୋନ ନମ୍ବର ରଖିଛନ୍ତି ଅସୁବିଧା ହେଲେ ଜଣାଇବେ । ତଥାପି ମନ ଟା ମୋଟେ ବୁଝୁନି, ରାତି ବାରଟା ହେଲାଣି ସୋମୁ କେତେ ବେଳୁ ଶୋଇ ପଡ଼ିଲାଣି ତାକୁ ନିଦ ହେଉନାହିଁ। ନୀଳିମା ଭାବନା ରେ ପୂର୍ଣ୍ଣ ଛେଦ ପକେଇ ଶୋଇବାକୁ ଚେଷ୍ଟା କଲା । କାଲି ସୋମୁର ପ୍ରଥମ ସ୍କୁଲ ସାଢେ ଛ ଟା ରେ ତେଣୁ ଘଣ୍ଟେ ପୂର୍ବରୁ ଉଠିବାକୁ ପଡ଼ିବ । ଦାନ୍ତ ଘସେଇବାକୁ ପଡ଼ିବ, ଡ୍ରେସ୍ ପିନ୍ଧାଇ ବାକୁ ପଡ଼ିବ ଖଣ୍ଡେ ବିସ୍କୁଟ କି ବ୍ରେଡ ଜାମ୍ ଖୁଆଇବାକୁ ପଡ଼ିବ, ଏମିତି ଚିନ୍ତା କରୁ କରୁ କେତେବେଳେ ନିଦ ହେଇଯାଇଛି ନୀଳିମାକୁ ।

ଭୋର୍ ପାଞ୍ଚଟା ରେ ଆଲାରାମ ର ଉତ୍କଟ କ୍ରି କ୍ରି ଶବଦ ରେ ନୀଳିମା ର ନିଦ ଭାଙ୍ଗିଗଲା । ସେ ଯାହା ବି ହଉ ନିଜର ନିତ୍ୟକର୍ମ ଚଟାପଟ ସାରିଦେଇ ସୋମୁ କୁ ରେଡି କରି ଛ ଟା ପନ୍ଦର ସୁଦ୍ଧା ସ୍କୁଟି ଆଗରେ ଠିଆ କରି ସ୍କୁଲ ଅଭିମୁଖେ ଚାଲିଲା । ବାଟରେ ସୋମୁ ଢୁଳେଇ ପଡୁଥାଏ ନୀଳିମା ତାକୁ ଠେଲି ଉଠେଇ ଦେଉଥାଏ । ଏ ଭିତରେ ସ୍କୁଲ ଗେଟ ଆସିଗଲା, ହାତ ଧରି ସୋମୁର ଆଗେଇ ଗଲା ବେଳେ ସୋମୁ ପଛେଇ ଆସି ଟାଣି ଦେଉଥାଏ ନୀଳିମା କୁ ବିଧାଏ ବିଧାଏ ପକଉଥାଏ ଯିବନାହିଁ ବୋଲି । ଏ ଭିତରେ ତାର ବଡ ପାଟିରେ କାନ୍ଦ ବି ଆରମ୍ଭ ହୋଇଯାଇଥାଏ ପିଠିରେ ପଡିଥିବା ବ୍ୟାଗ୍ କୁ ଟାଣି ଓଟାରି ଫୋପାଡି ଦେବାକୁ ଚେଷ୍ଟା କରୁଛି । ନୀଳିମା ଚାରିକଡ଼ର ମାଆ ମାନଙ୍କୁ ଲକ୍ଷ୍ୟ କଲା ପ୍ରାୟ ସମସ୍ତ ଙ୍କ ର ସମ ଅବସ୍ଥା, ଗୋଟିଏ ବି ପିଲା ଖୁସି ରେ ଆଗଉ ନଥିଲେ । ଏ ଭିତରେ ଆୟା ମାନେ ଆସି ଗୋଟି ଗୋଟି ପିଲା ମାନଙ୍କୁ ମାଆ ମାନଙ୍କ ହାତରୁ ନେଇ ଯାଉଛନ୍ତି । ପିଲାମାନଙ୍କ ର କି ଆକୁଳ କ୍ରନ୍ଦନ ମୁଁ ଯିବିନି କହି ହାତ ଛାଡି ଦୌଡ଼ି ଆସୁଥାନ୍ତି । ପୁଣି ଆୟା ମାନେ ଦୌଡ଼ି ତାଙ୍କୁ ନେଉ ଥାନ୍ତି କ୍ଲାସ ଆଗ ଟା କ୍ରନ୍ଦନ ରୋଳ ରେ ଫାଟି ପଡୁଥାଏ । ସତେ କି ଝିଅ ବିଦା

ISSN NO.
2582-208X

ବେଳେ ସବୁ ପରିବାର ସଦସ୍ୟ ବାହୁନି ବାହୁନି କାନ୍ଦୁଛନ୍ତି । ପିଲାମାନଙ୍କ କାନ୍ଦ ଦେଖି ଭାରି ବିକଳ ଲାଗୁଥାଏ ସୋମୁର କାନ୍ଦୁରା ମୁହଁ ଦେଖି ନୀଳିମା ର ଆଖି ବି ଜକେଇ ଉଠିଲା ଆଉ ଜଣେ ଜେଜେ ବାପା ଜେଜେ ମା ତ ଭୋ ଭୋ କାନ୍ଦୁ ଥାନ୍ତି ଯେତେବେଳେ ତାଙ୍କ ଗେହ୍ଲି ନାତୁଣୀ କୁ କାନ୍ଦୁରା ଅବସ୍ଥା ରେ ଆୟା ଟାଣି ଟାଣି କ୍ଲାସ୍ କୁ ନେଉ ଥାଏ । ପନ୍ଦର ମିନିଟ୍ ପରେ ହଠାତ୍ ଉଚ୍ଚ ସ୍ୱର ରେ ତାଗିଦ୍ ଆସିଲା କ୍ଲାସ୍ ଆଗ ଖାଲି କରିଦିଅନ୍ତୁ ଆଠ ଟା ତିରିଶ କୁ ଆସିବେ, ସମସ୍ତ ଅଭିଭାବକମାନେ ଦୁଃଖୀ ଆତ୍ମା ଭଳି ଗେଟ୍ ବାହାରକୁ ଗଲେ, କେତେଜଣ ଅପେକ୍ଷା କରିରହିଥିଲେ । ଆଶଙ୍କା ଥିଲା କାଳେ ଏଇ ଦୁଇ ଘଣ୍ଟା ଭିତରେ ତାଙ୍କ ନୟନ ପିତୁଳା କାଳେ କିଛି ଅଘଟଣ ଘଟାଇବ ତାଙ୍କୁ ଡାକରା ପଡ଼ିବ ।

ଏ ଦୃଶ୍ୟ ଯେତେ କରୁଣ ଥିଲା ସେତେ ଉପଭୋଗ୍ୟ ଥିଲା, ନୀଳିମା ମନେ ପକାଉଥିଲା ତା ପିଲାଦିନେ ବୋଉ ସ୍କୁଲ ଯିବା ପାଇଁ ମନରେ ଏତେ ଉତ୍ସାହ ଭରିଦେଉଥିଲା ଯେ ପ୍ରଥମ ଦିନ ମନ ନାଚି ଉଠୁଥିଲା ସ୍କୁଲ ଯିବା ପାଇଁ। ଅବଶ୍ୟ ଫେରିଲାବେଳକୁ ମନ ଭାରି ଭାରି ଲାଗୁଥିଲା ଦିନ ସାରା ସ୍କୁଲ ର କାରାଗାର ଭିତରେ ବିତାଇ ସାରିଲା ପରେ । କିନ୍ତୁ ବୋଉ ବି ଯେତେବେଳେ ତା କାନି ରେ ମୁହଁ ପୋଛି ଦେଇ କୁହେ ଆହା ମୋ ଝିଅ କେତେ ପାଠ ପଢ଼ି ହାଲିଆ ହେଇ ଯାଇଛି ପୁଣି ଗୋଟେ ମ୍ୟାଙ୍ଗୋ ମୁଡ୍ ଚୋକ ଲେଟ୍ ଧରେଇ ଦିଏ ହାତ ରେ ମୁହଁ ରେ ହସ ଚାଲିଆସେ, ଭାବିନେଇ ପୁଣି କାଲି ସ୍କୁଲ ଗଲେ ଚୋକଲେଟ୍ ମିଳିବ ଡେଇଁ ଡେଇଁ ସେଠାରୁ ଚାଲିଯାଏ । ଏମିତି ନାନୀ ଭାଇନା ସାଙ୍ଗରେ ସ୍କୁଲ ଯାଉ ଯାଉ ଅଭ୍ୟାସ ରେ ପଡିଗଲା ।

ଆଜି କାଲି ଗୋଟିଏ ଛୁଆ, ସେ ଧନ, ସେ ମାଳି ସେ ହିଁ ସର୍ବସ୍ୱ, ପୁଣି ଚାକିରି କରିଥିବା ଉଭୟ ସ୍ୱାମୀ ସ୍ତ୍ରୀ ଭାରସା କରିପାରନ୍ତି ନାହିଁ ତାକୁ ଆକଟ କରିବାକୁ । ମାଆ ର ଗେହ୍ଲା ପଣତ କାନି ରୁ ବାହାରିଆସି ସ୍କୁଲ ବ୍ୟାଗ୍ ଟିଫିନ୍ ଧରି ସ୍କୁଲ ର ବନ୍ଧନ ରେ ବାନ୍ଧି ହେଇ ସ୍କୁଲ ଟାକୁ କାରାବାସ ବୋଲି ମାନି ନଉଛନ୍ତି । ଏ ଭିତରେ ଆଠଟା ତିରିଶ ହେବାକୁ ଯାଉଛି । ପ୍ରକୃତିସ୍ଥ ହେଲା ନୀଳିମା, ନିଜ କୁ ପ୍ରସ୍ତୁତ କଲା ସୋମୁ କୁ ଆଣିବାକୁ ପଡିବ ସ୍କୁଲ ରୁ । କ୍ଲାସ୍ ଆଗରେ ପହଞ୍ଚି ଦେଖିଲା ସାର୍ଟ ଟା ଅଧା ଖୋଲା ପ୍ୟାଣ୍ଟ ରୁ ବାହାରି ପଡ଼ିଛି ମୁହଁ ତା କାନ୍ଦୁରା ଭୀତତ୍ରସ୍ତ । କିନ୍ତୁ ଦୁଆର ମୁହଁ ରେ ଠିଆ ହେଇଥିବା ମିସ୍ ଗୋଟେ କାର୍ଡ ବୋରି ଚୋକୋଲେଟ୍ ଧରେଇ ଦେଇ ଯେତେବେଳେ ସି ୟୁ ଟ୍ୟୁମର କହୁଛନ୍ତି ଗୋଟେ ହସ ମୁହଁ ରେ ଉକୁଟି ଆସୁଛି ପିଲାଙ୍କର । ତଥାପି ତାକୁ ଦେଖିଦେଇ ସୋମୁର କୋହ ଭରା

ISSN NO.
2582-208X

କଣ୍ଠରେ ପ୍ରଥମ ପ୍ରଶ୍ନ ମାମା ତୁମେ ଏଠି ଛାଡି କୁଆଡ଼େ ଗଲ। ସତରେ ଯେମିତି ଅଗନା ଅଗନି ବନସ୍ତରେ ଏକୁଟିଆ ସେ ସୋମୁ କୁ ଛାଡି ଦେଇ ଆସିଛନ୍ତି। ଏ ସମୟରେ ତା ମିସ୍ କହିଲେ ବ୍ୟସ୍ତ ହୁଅନ୍ତୁ ନାହିଁ ଆସ୍ତେ ଆସ୍ତେ ସବୁ ଠିକ୍ ହୋଇଯିବ। ଏଇ ଭିତରେ ଦଶ ଦିନ ବିତି ଗଲା, ସବୁ ଦିନ ସ୍କୁଲ ଗଲା ବେଳକୁ ଟଣା ଓଟରା ଆସିଲା ବେଳକୁ ଏକା କଥା ମୁଁ ଆଉ ସ୍କୁଲ ଯିବିନି। ସେଦିନ ଅଜବ ଜିଦ୍ଦି କରି ବସିଲା ମାମା ତୁମେ ଆଉ ମୋତେ ନବା କୁ ଆସିବନି ପାପା ଆସିବେ। କୁଆଡ଼େ ନୀଳିମା ପାପା କୁ ଆଣିବ ଛୁଟି ମିଳିଲେ ତ ପାପା ଆସିବେ ଅନେକ ପ୍ରକାର ବୁଝେଇ ଶୁଝାଇ ଘରକୁ ଆଣିଲା। ଶାଶୁ ଙ୍କ ପାଖରେ ଛାଡି ଗଲା ବେଳକୁ ଅଫିସ ରେ ମନ ବଡ଼ ବ୍ୟସ୍ତ ହେଉଥାଏ।

ଏ ଭିତରେ କିଛିଦିନ ବିତିଗଲାଣି, ସବୁ ଦିନ ସ୍କୁଲ ରୁ ଆସିଲା ବେଳେ ତା ବାଳ ଟାଣି ଓଟାରି ବିଧା ଚାପୁଡ଼ା ଦେବାରେ ସୋମୁ ଟିକିଏ ବି ନିସ୍ତାର ଦିଏନାହିଁ ନୀଳିମା କୁ। କିନ୍ତୁ ସେଇଦିନ ଜଣେ ବୟସ୍କ ବ୍ୟକ୍ତି ସୋମୁ ର ଏ କାର୍ଯ୍ୟକଳାପ ଦେଖି ଟିକିଏ ଧମକ ଦେଇ କହିଥିଲେ ମାମା କୁ ଏପରି ମାରନ୍ତି ନାହିଁ। ତାପର ଠାରୁ ଯଦିଓ ମାଡ ର ପରିମାଣ ଟା କମିଛି କିନ୍ତୁ ପାପା କାହିଁକି ଆସୁନାହିଁ ର ପ୍ରତିଦିନ ନୂଆ ନୂଆ ବାହାନା କରି ବୁଝେଇ ବାକୁ ପଡୁଛି। ତା ଛଡା ଚକୋଲେଟ୍, କଲାର ପେନସିଲ ଇତ୍ୟାଦି ର ପ୍ରଲୋଭନ ଦେଇ ତାକୁ ଶାନ୍ତ କରିବାକୁ ପଡେ । ଏ ଭିତରେ ସୋମୁ ସାଙ୍ଗରେ ତାକୁ ବି ଛାତ୍ର ହେବାକୁ ପଡୁଛି। ଅଫିସ ରୁ ଆସିଲେ ପ୍ରଥମ ତା ର ଡ୍ରଇଂ ହେଉ କି ଆଇସକ୍ରିମ କାଠି ରେ ଘର ଟିଏ ତିଆରି କରି ତା ଡାଏରୀ ଟି ଭର୍ତ୍ତି କରି ସ୍କୁଲ ବ୍ୟାଗ୍ ରେ ରଖିବା ତା ର ନିତିଦିନିଆ କାମରେ ପରିଣତ ହେଇଗଲାଣି। ଶୋଇବାକୁ ଗଲା ବେଳକୁ ପୁଣି ଫୋନ ମାଧ୍ୟମରେ ରେ ବାପା ପୁଅଙ୍କର ସଲାସୁତରା କରାଇଦେବାଟା ବି ତାର ନିତିଦିନିଆ କାମରେ ପରିଣତ ହେଇ ଗଲାଣି। ଏ ଭିତରେ ପ୍ରାୟ ଏକ ମାସ ବିତିବାକୁ ବସିଲାଣି କିନ୍ତୁ ଏଇ ଚାରି ପାଞ୍ଚ ଦିନ ହେଲା ଏକା ଜିଦ୍ଦି, ମୁଁ ସ୍କୁଲ ଯିବିନି କି ମାମା ଆଉ ଅଫିସ ଯିବନାହିଁ। କେତେ ବୁଝେଇ ଛାଡିବାକୁ ପଡୁଛି ନୀଳିମା କୁ, ହେଇ ଦୁଇ ଦିନ ତଳେ ବିଛଣା ରୁ ଟାଣି ଟାଣି ଉଠେଇ ବସିଲା ସୋନୁ କୁ ନୀଳିମା କେତେ ବୁଝେଇ ସ୍କୁଲ ରେ ଛାଡି ଆସିଲା। ଦୁଇ ଘଣ୍ଟା ପରେ ସୋମୁ କୁ କ୍ଲାସ୍ ରୁ ଆଣିଲା ବେଳକୁ ଦେଖିଲା ସୋମୁ ଉପରେ ଗୋଟେ ନୀରବ ଝଡ଼ ବହିଯାଇଛି, ଯେଉଁ ଥିରେ କି ସୋମୁର ଦେହ ମନ ସବୁ ଧ୍ୱସ୍ତ ବିଧ୍ୱସ୍ତ। ବାଳ ସବୁ ଟାଣି ଆଗରେ ଅଲରା ହେଇ ପଡ଼ିଛି। ପ୍ୟାଣ୍ଟ ରେ ଅଧା ସାର୍ଟ ପଶିଛି ଅଧା ବାହାରିଛି। କାନ୍ଦ କାନ୍ଦ ମୁହଁ ଟା କୋହରେ ଭର୍ତି ହେଇ ଥମ୍ ଥମ୍ ହେଇ ସେଓ ଭଳି ଲାଲ ଟହ ଟହ

ISSN NO.
2582-208X

ଦିଶୁଛି । ମିସ୍ ଙ୍କୁ ଏହାର କାରଣ ପଚାରିବାରୁ ଉତ୍ତର ମିଳିଲା ପୂରା କ୍ଲାସ୍ ରେ ଏମିତି ନ ଥିଲା ପୂରା ସୁନା ପିଲା ଥିଲା, ଏବେ ଆପଣଙ୍କୁ ଦେଖି ଏମିତି ହଉଛି । ସବୁ ଆସ୍ତେ ଆସ୍ତେ ଠିକ୍ ହୋଇଯିବ । କିନ୍ତୁ ସୋମୁ ର ଉତ୍ତର ଥିଲା ଦୁଷ୍ଟ ପିଲାମାନେ ମୋତେ ଚାପି ଦେଲେ । ସତରେ ବାପା ମାଆ ଙ୍କୁ ଦେଖିଲେ କ୍ଲାସ୍ ରୁ ବାହାରିଲା ବେଳେ ଉଦ୍ଧାର କର୍ତ୍ତା ଆସିଗଲେ ଉଦ୍ଧାର ହେବା ଆଶାରେ ଠେଲି ହେଇ ବାହାରକୁ ଆସିବାକୁ ଚେଷ୍ଟା କରନ୍ତି ଯାହା ଦ୍ୱାରା ଚିପି ଚାପି ହୋଇଯାନ୍ତି । ଆତୁର ପିଲାମାନଙ୍କୁ ସତରେ ଏଇ ଦୁଇ ଘଣ୍ଟା ଟା ବର୍ଷ ବର୍ଷ ହେଲା ତ୍ରାଣକର୍ତ୍ତା ବାପା ମାଆ ଙ୍କୁ ଦେଖିନାହାନ୍ତି ଭଳି ମନେହୁଏ ।

ଆଜି କିନ୍ତୁ ସୋମୁ ର କାନ୍ଦ କାନ୍ଦ ଗୁମ ସୁମ ଚେହେରା ଦେଖି ସୋମୁର ମନ କୁ ପଢି ନେଲା ଓ ନିଶ୍ଚିତ ହେଇଗଲା ଯେ କିଛି ଗୋଟେ ଅଭାବନୀୟ ଘଟଣା ସୋମୁ ସାଙ୍ଗରେ ହେଇଛି । ସୋମୁର ଓ୍ୱାର୍କ ବୁକ ଦେଖି ଠିକ୍ ବୁଝି ପାରିଲା ସ୍କୁଲ ରେ ଫ୍ୟାମିଲି ରେ ପାପା ର ଫୋଟୋ କୁ ଦେଖି ମନେ ମନେ ପାପା କୁ ଖୋଜିଛି । ପୁଣି ଛୁଟି ବେଳେ ଅନ୍ୟ ମାନଙ୍କ ପାପା ଙ୍କୁ ଦେଖି ପାପା କୁ ଖୋଜୁଛି । ଏହାର ବା ସମାଧାନ କିପରି କରିବ ନୀଳିମା ମୋଟେ ଚିନ୍ତା କରିପାରୁନାହିଁ । ଅଫିସ ରୁ ଫେରି ସୋମୁ ର ଖୁସିର ଚିତ୍କାର ଶୁଣି ଟିକିଏ ଆଶ୍ୱସ୍ତ ହେଲା । ଘର ଭିତରେ ପାଦ ଦେଉ ଦେଉ ଅଚାନକ ପ୍ରଦୀପ ଙ୍କୁ ଦେଖି ଆଶ୍ଚର୍ଯ୍ୟ ହେବା ପୂର୍ବରୁ ସୋମୁ ଦୌଡ଼ି ଆସି ନୀଳିମା କୁ କୁଣ୍ଢେଇ କହିଲା ମୋତେ କାଲି ପାପା ଯିବେ ଛାଡିବାକୁ, ତୁମେ ନୁହେଁ ମାମା । ମୁଁ ତାଙ୍କ ବାଇକ ଆଗରେ ବସି ଯିବି । ତା ମୁହଁ ର ଆନନ୍ଦ ଉଲ୍ଲାସ ନୀଳିମା ମୁହଁ କୁ ହସ ହେଇ ଚରି ଆସିଲା ।ପ୍ରଦୀପ ଙ୍କର ଅଚାନକ ଆଗମନ ଯୋଗୁଁ ନୀଳିମା ଗୋଟେ ଶାନ୍ତି ରେ ନିଶ୍ୱାସ ନେଲା, ଯାହା ହେଉ ସୋମୁ ମନ ରେ ଏଇଲେ ଆଉ କିଛି ଗ୍ଲାନି ରହିବନି । ତା ହସର ଝଲକ ରେ ଘର ହସି ଉଠିବ, ପ୍ରକୃତରେ ଗୋଟିଏ ପିଲା କୁ ପାଠ ପଢାଇ ମଣିଷ କରିବା ଅଫିସ ଚାକିରି ଠାରୁ ଅଧିକ କଷ୍ଟ,ମନ ଟା ଏଇଲେ ଖୁସି ରେ ଭରିଦେବା କୁ ପଡ଼ିବ ।

(((-)))

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ପାଦେ ଆଶାର ଜୀବନ



ଜୟଶ୍ରୀ ପଟ୍ଟନାୟକ

ଆସିବ ଆସିବ କହି ଆସିଗଲା ନୂତନ ବରଷଟିଏ
ନୂଆ ଆଶା ନୂଆ ଶିହରଣ କେତେ ମନେ ଭରିଦେବ ସିଏ
ଗାଆଁଠୁ ସହର ଆତସ ବାଜିରେ ସ୍ୱାଗତ କରିଲେ ସବୁ
ଭ୍ରମଣରେ କିଏ ପିକନିକ ମଜାରେ ସାଙ୍ଗ ସାଥି ମେଳେ ସବୁ
ବହି ପୃଷ୍ଠା ପରି ଓଲଟିଗଲା ମାସ ଋତୁ ବର୍ଷ ଦିନ
ଖୁସିର ଲହରୀ ଛୁଇଁଗଲା ମନେ ବୁଣି କେତେ ନୂଆ ସ୍ୱପ୍ନ
ବିଗତ ଦିନର ଘାତ ପ୍ରତିଘାତ ରହିଗଲା ସ୍ମରଣୀୟ
ଦୁର୍ଘଟଣା, ଯୁଦ୍ଧ, ଶାନ୍ତି କଥା କହି ପୁରୁଣା ନେଲା ବିଦାୟ ।

ନୂଆ ଭାବନାରେ ନୂଆ ଚେତନାରେ କଟୁ ଏ ନୂଆ ବରଷ
ସ୍ମୃତି ପେଟିକାରେ ଭରିଦେଉ ଖୁସି ମନକୁ କରି ହରଷ
ଆଚାର ବିଚାରେ ଅମୃତର କଥା ଭରିଥାଉ ସବୁ ଓଠେ
ଶାନ୍ତି ସଂହତିର ଯାତ୍ରା ହେଉ ସଦା ମାନବିକତାର ବାଟେ
ହସୁ ଅଛି ଶୀତ ମାଳ ଜଙ୍ଗଲ ରେ ଶୁଣାଇ ଝରଣା ଗୀତ
ଥରେ ଗଲେ ବୁଲି ମନ ହରିନିଏ ଝରଣାର ପ୍ରୀତି ଗୀତ
ଜୀବନ ନୁହଁଇ କଣ୍ଟାର ଶେଜ ଫୁଲ ଗାଲିଚା ବି ଥାଏ
ନିଜ ହାତେ ଲେଖା ସୁଖ ଦୁଃଖ ସବୁ ସୌଭାଗ୍ୟ ରେଖାଟିଏ ।

ISSN NO.
2582-208X

କହୁଥାଏ ନଈ ଆଗକୁ ଯା ଚାଲି ବୟସ ଦିଏନି ଧରା
ଆଜି କାମ ଆଜି ସାରିଦିଅ ବନ୍ଧୁ ରଖନାହିଁ ଅଧୁରା
କାହା ମନେ ଦୁଃଖ ଦିଅନାହିଁ କେବେ ସବୁ ଈଶ୍ୱର ସନ୍ତାନ
ନିଜ ଭୁଲ ନିଜେ ବୁଝି ନିଜ ହିତେ ଦେଖୁଥାଅ ନୂଆ ସ୍ୱପ୍ନ
ନୂଆବର୍ଷ ମାଖୁ ନୂଆ ରଙ୍ଗ ଯେତେ ଚିତ୍ତକୁ କରି ହରଷ
ସେ ଖୁସିରୁ ଟିକେ ବାଣ୍ଟିଦେଇ ଆନେ ଜୀବନ କରିବା ସରସ
ଆଳସ୍ୟ ନ ହେଉ ଜୀବନ ତୁମର କର୍ମମୟ ହେଉ ସଦା
ତୁମରି ଶ୍ରମର ସୁଖ ସମୃଦ୍ଧିରେ ହସିଉଠୁ ଆମ ବସୁଧା ।

(((-)))

ଗଙ୍ଗନଗର, ଭୁବନେଶ୍ୱର-7
ମୋ: 7978110474

ISSN NO.
2582-208X

# ବିଶ୍ୱାସ



ଦୀପାଳି ଦାସ

ସାରାଦିନର ଦହଗଞ୍ଜ ପରେ
ମୁଁ ଯେତେବେଳେ ମୁଣ୍ଡଟିକେ
ଥାପିଦିଏ ତା ଛାତି ଉପରେ
କାଣିଚାଏ ବିଶ୍ୱାସରେ କି...
କାନରେ ବାଜୁଥିବା ସେ
ଦୁକୁଦୁକି ଶବ୍ଦଟା
କେବେ ବେସାହାରା କରିଦେବନି
ମୋତେ ଅଧା ରାସ୍ତାରେ...
ଯେବେ ଫେରାଦ୍ ହେଉଥାନ୍ତି
ମୋର ଦିନତମାମର କ୍ଲାନ୍ତିସବୁ
ଗୋଟିଗୋଟି ହୋଇ ଆଉ –
ଲହଡ଼ା ମାରନ୍ତି ତା ଆଗରେ...
ନିଶ୍ୱାସଟେ ମାରି
ସେ ହାତଟାକୁ ବୁଲେଇଆଣେ
ମୋ ମୁଣ୍ଡରେ...
ତାର ଦମ୍ଭିଲା କଣ୍ଠରେ
ସାହସ ଦେଇ କୁହେ –
ହାରିଯାଉଛୁ କି ତୁ ଏଇଟି କକରେ..!
ଜାଣିଛୁନା –ତୁ ସଖା କାହାର–?

ISSN NO.
2582-208X

ପ୍ରତିଟି କଥାରେ ଥା ଏତାର
ବିଶଲ୍ୟକରଣୀର ଲେପ..
ମୋ କ୍ଷତାକ୍ତ ମନକୁ
ଏମିତିକି ମତେଇ ଦିଏସେ
ତାବାକ୍ ପଟୁତାରେ..
ଆଉ ଧରେଇ ଦିଏ
ମୋ ହାତରେ ଶରତୁଣି -
ରାତି ପାହୁ ନପାହୁଣୁ
ପୁଣି ପ୍ରତ୍ୟାଞ୍ଚା ଚଢ଼େଇବାକୁ
ଯୁଦ୍ଧରେ ଧନୁର୍ଦ୍ଧର ସାଜି
କରିବାକୁ ଜୀବନ ସଂଘର୍ଷ...।

(((-)))

ଏନ୍. ଆର୍. ଆଇ. କମ୍ପ୍ଲେକ୍ସ,
ନାଭି ମୁମ୍ବାଇ, ମହାରାଷ୍ଟ୍ର
dipallidass19@gmail.com
7044207357, 9136424755

ISSN NO.
2582-208X



# ସଶକ୍ତକରଣ



ଅରୁଣ କୁମାର ମହାପାତ୍ର

ମାନବ ସଭ୍ୟତାର ଇତିହାସ ହେଉଛି ଅନବରତ ସଂଘର୍ଷ ଓ ସଂସ୍କାରର କାହାଣୀ। ଏହି ଯାତ୍ରାରେ ମଣିଷ କେବଳ ବଞ୍ଚିବା ଶିଖି ନାହିଁ, ବରଂ ନିଜର ଅସ୍ତିତ୍ୱକୁ ପ୍ରତିଷ୍ଠିତ କରିବା ପାଇଁ ଅନେକ ଆଦର୍ଶକୁ ଆପଣେଇ ନେଇଛି। ସେହି ଆଦର୍ଶଗୁଡ଼ିକ ମଧ୍ୟରେ ସଶକ୍ତିକରଣ, ସ୍ୱାଭିମାନ, ସ୍ୱାବଲମ୍ବୀ, ଗବେଷଣା ଓ ବିଜ୍ଞାନ—ଏହି ପାଞ୍ଚୋଟି ଶବ୍ଦ କେବଳ ଶବ୍ଦ ହୋଇ ରହିନାହାଁନ୍ତି, ବରଂ ଏକ ସମୃଦ୍ଧ ଓ ପ୍ରଗତିଶୀଳ ସମାଜ ଗଠନର ମୂଳ ସ୍ତମ୍ଭ ଭାବେ ଠିଆ ହୋଇଛନ୍ତି।

ଯେକୌଣସି ପରିବର୍ତ୍ତନର ମୂଳଦୁଆ ହେଉଛି ଜ୍ଞାନ। ବିଜ୍ଞାନ ଆମକୁ ପ୍ରଶ୍ନ କରିବାକୁ ଶିଖାଏ ଏବଂ ଗବେଷଣା ସେହି ପ୍ରଶ୍ନର ସଠିକ୍ ଉତ୍ତର ଖୋଜିବାରେ ସାହାଯ୍ୟ କରେ। "ଜ୍ଞାନ ହିଁ ଶକ୍ତି, ଆଉ ସେହି ଜ୍ଞାନର ଅନ୍ୱେଷଣ ହେଉଛି ଗବେଷଣା ।" ବିଜ୍ଞାନ କେବଳ ବହିର ପାଠ ନୁହେଁ, ଏହା ଏକ ଦୃଷ୍ଟିକୋଣ। ଯେତେବେଳେ ଜଣେ ବ୍ୟକ୍ତି ବା ସମାଜ ଅନ୍ଧବିଶ୍ୱାସର ଶିକୁଳି ଛିଣ୍ଡାଇ ଯୁକ୍ତି ଓ ପ୍ରମାଣ ଆଧାରରେ ଚିନ୍ତା କରେ, ସେତେବେଳେ ତା'ର ବୌଦ୍ଧିକ ବିକାଶ ଘଟେ। ଗବେଷଣା ହିଁ ନୂତନତ୍ୱର ଜନନୀ। ଆଜି ଆମେ ବ୍ୟବହାର କରୁଥିବା ମୋବାଇଲ୍ ଫୋନ୍‌ଠାରୁ ଆରମ୍ଭ କରି ମହାକାଶ ବିଜ୍ଞାନ ପର୍ଯ୍ୟନ୍ତ, ସବୁକିଛି ବର୍ଷ ବର୍ଷର ଗବେଷଣାର ଫଳ। ଏହି ବୈଜ୍ଞାନିକ ମନୋଭାବ ହିଁ ଆମକୁ ଜଟିଳ ସମସ୍ୟାର ସରଳ ସମାଧାନ ଦିଏ।

ଯେତେବେଳେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ହୁଏ, ସେତେବେଳେ ମଣିଷ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ସକ୍ଷମ ହୁଏ, ଯାହାକୁ ଆମେ ସ୍ୱାବଲମ୍ବୀ ବୋଲି କହୁ। ଅନ୍ୟ ଉପରେ ନିର୍ଭରଶୀଳତା ମଣିଷର ବ୍ୟକ୍ତିତ୍ୱକୁ ଦବେଇ ରଖେ। ନିଜର ଉଦ୍ୟମ ଓ

ISSN NO.
2582-208X

କୌଶଳ ବଳରେ ଯେତେବେଳେ ଜଣେ ନିଜର ଜୀବିକା ଓ ଭବିଷ୍ୟତ ଗଢ଼େ, ସେତେବେଳେ ତା' ଭିତରେ ଜନ୍ମ ନିଏ ସ୍ୱାଭିମାନ। ସ୍ୱାଭିମାନ ହେଉଛି ଆତ୍ମସମ୍ମାନର ସେହି ଶିଖା, ଯାହା ମଣିଷକୁ କୌଣସି ପରିସ୍ଥିତିରେ ବି ମୁଣ୍ଡ ନୁଆଁଇବାକୁ ଦିଏ ନାହିଁ। ଏକ ସ୍ୱାବଲମ୍ବୀ ଜାତି ହିଁ ବିଶ୍ୱ ଦରବାରରେ ଗର୍ବର ସହ ନିଜର ସ୍ୱାଭିମାନ ରକ୍ଷା କରିପାରେ।

ଉପରୋକ୍ତ ସମସ୍ତ ବିଷୟର ସମ୍ମିଳିତ ଫଳାଫଳ ହେଉଛି ସଶକ୍ତିକରଣ। ସଶକ୍ତିକରଣର ଅର୍ଥ କେବଳ ଆର୍ଥିକ ସ୍ୱଚ୍ଛଳତା ନୁହେଁ, ବରଂ ମାନସିକ, ସାମାଜିକ ଓ ରାଜନୈତିକ ସ୍ତରରେ ନିଜର ଅଧିକାର ଓ ସାମର୍ଥ୍ୟ ପ୍ରତି ସଚେତନ ହେବା। ଜଣେ ସଶକ୍ତ ବ୍ୟକ୍ତି ହିଁ ସମାଜରେ ପରିବର୍ତ୍ତନ ଆଣିପାରେ। ଯେତେବେଳେ ଶିକ୍ଷା ଓ ବିଜ୍ଞାନ ମାଧ୍ୟମରେ ସାଧାରଣ ଲୋକଙ୍କୁ ଶକ୍ତିଶାଳୀ କରାଯାଏ, ସେତେବେଳେ ଦେଶର ପ୍ରକୃତ ବିକାଶ ହୁଏ।

"ବିଜ୍ଞାନ ଯୋଗାଏ ଦୃଷ୍ଟି, ଗବେଷଣା କରେ ସୃଷ୍ଟି,
ସ୍ୱାବଲମ୍ବନରେ ମୁକ୍ତି, ଆଉ ସ୍ୱାଭିମାନ ଦିଏ ଶକ୍ତି।"

ଆଜିର ପ୍ରତିଯୋଗିତାମୂଳକ ଯୁଗରେ ଆମକୁ ଏହି କେତେଟି ଦିଗ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଆମକୁ ଗବେଷଣାକୁ ଆପଣେଇବାକୁ ହେବ, ବିଜ୍ଞାନକୁ ଜୀବନଶୈଳୀରେ ସ୍ଥାନ ଦେବାକୁ ହେବ, ଏବଂ ସ୍ୱାବଲମ୍ବୀ ହୋଇ ନିଜର ସ୍ୱାଭିମାନ ବଜାୟ ରଖିବାକୁ ହେବ। ଏହି ଆଦର୍ଶଗୁଡ଼ିକୁ ପାଥେୟ କରି ଏକ ନୂତନ ଓ ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ ବ୍ରତୀ ହେବା ଦ୍ୱାରା ହିଁ ପ୍ରକୃତ ସଶକ୍ତିକରଣ ସମ୍ଭବ ହେବ।

(((-)))

E 23, ଗୌତମୀ ନଗର
ଅଶ୍ୱପୁରମ, ତେଲେଙ୍ଗାନା-507116
୯୪୪୧୫୦୭୫୧୮

ISSN NO.
2582-208X

# ହୋଲିର ରଙ୍ଗ



ବିନୋଦିନୀ ଦାଶ

ରଙ୍ଗର ପରବ ହିନ୍ଦୁର ବିଭବ
ରାଧାକୃଷ୍ଣ ଭାବ କରେ ଉଦୟ
ଦିନେ ଏଇ ରଙ୍ଗ ବୋଳିଥିଲା କାହ୍ନା
ଗୋପୀ ଗୋପାଳଙ୍କ ମନ ହୃଦୟ ।

ମଥୁରାରେ ଜନ୍ମି ଆସିଥିଲା ଗୋପ
ମାମୁ କଂସାସୁର ନିଧନ ପାଇଁ
ଅସଂଖ୍ୟ ଦାନବ କରିଲା ବିନାଶ
ବାଳୁତବୀର ସେ ଗୋପର ସାଇଁ ।

ବୃନ୍ଦାବନେ ଯାଇ ଚରାଇଲା ବତ୍ସା
ସଙ୍ଗୀ ବାଳକଙ୍କ ସଙ୍ଗତେ ମିଶି
ବ୍ରାହ୍ମଣ ପତ୍ନୀଙ୍କ ହସ୍ତୁ ଅନ୍ନ ଭୁଞ୍ଜି
ମଧୁ ବଚନରେ ଥିଲା ସେ ତୋଷି ।

ଗୋଧନଙ୍କଠାରୁ ଗୋପ ନରନାରୀ
ସକଳ ପ୍ରାଣକୁ କରି ତୃପତ
ବ୍ରହ୍ମଦେବଙ୍କର ଶଙ୍କା ଦୂରକରି
ନିଜକୁ ଭଗବାନ ପ୍ରମାଣିତ ।

ISSN NO.
2582-208X

କରିଲା କିମିଆଁ ରାଧାରାଣୀ ସହ
ଷୋହଳ ସହସ୍ର ଗୋପବାଳାଙ୍କୁ
ଚିତ୍ତବିନୋଦିଆ ସେ ନଟଖଟିଆ
ସମ୍ମୋହିତ ବଂଶୀସ୍ୱନରେ ତାଙ୍କୁ ।

ଅପାର୍ଥିବ ପ୍ରେମ-ରଙ୍ଗ ବୋଳି ହୃଦେ
କାହ୍ନୁ ସହ ରାସକ୍ରୀଡ଼ାରେ ମାତି
ଭୁଲିଗଲେ ନିଜ ସ୍ୱାମୀ, ପୁତ୍ର, କନ୍ୟା
ହୋଇ କାତ୍ୟାୟନୀ ବ୍ରତରେ ବ୍ରତୀ ।

କଦମ୍ବ, ଯମୁନା, ଗୋପ, ବୃନ୍ଦାବନ
ହସୁଥିଲେ ସର୍ବେ କୃଷ୍ଣଙ୍କୁ ପାଇ
ବାନ୍ଧି ରଖିଥିଲା ତା'ର ସମ୍ମୋହନେ
ମଧୁର ସୁରରେ ବଇଁଶୀ ବାଇ ।

ଶ୍ରୀରାଧା-ଶ୍ରୀକୃଷ୍ଣ ପ୍ରେମପ୍ରଣୟର
ଗାଥା ଗାଏ ହୋଲି ରଙ୍ଗର ଖେଳ
ଭିଜି ଥିଲା ଗୋପ ରଙ୍ଗ ଅବିରରେ
ଯେତେ ଗୋପବାସୀ ହେବାରୁ ମେଳ ।

ସେ ମିଳନ ପର୍ବ ଅତ୍ୟନ୍ତ ମାର୍ମିକ
ଆତ୍ମା ପରମାତ୍ମା ସହ ମିଳନ
ଉତ୍କଳ ଭୂମିରେ ମେଲଣ ନାମରେ
ଆଜି ବି ହୁଅଇ ତାହା ପାଳନ ।

ବିମାନରେ ବସି ଯୁଗଳମୂରତି
ନାଚିନାଚି ଢଳିଢଳି ଚଳନ୍ତି

ISSN NO.
2582-208X

ଗୋପାଳ ତନୟେ ମାତି ବାଡ଼ିଖେଳେ
ରଙ୍ଗ ଫୁଆରାରେ ଆଗେ ଗମନ୍ତି ।

ଧାଇଁ ଯାଏ ଭକ୍ତ ମେଲଣର ସ୍ଥାନେ
ରାଧାକୃଷ୍ଣ ଭାବ ହୃଦୟେ ମାଖି
ବିମାନେ ଦର୍ଶନ ନୟନ ପାବନ
କରେ ପ୍ରେମ-ଭକ୍ତି ରସକୁ ଚାଖି ।

ଶ୍ରୀରାଧାଗୋବିନ୍ଦ ଚରଣାରବିନ୍ଦ
ଧ୍ୟାୟୀ ଛାଡ଼ିଯାଉ ମୋର ଜୀବନ
ମୁକତିର ପଥ ପ୍ରଭୁ ପ୍ରଦର୍ଶିତ
କରିପାରେ ଯେବେ ଆତ୍ମଦର୍ଶନ ।

(((-)))

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ମାନବିକତାର ନୂଆ ନକ୍ସା



କୁଞ୍ଜବିହାରୀ ରାଉତ

ଜୀବନ କେବେ ପ୍ରତିଯୋଗିତାର ଜଗତ ନୁହେଁ
ସହଭାଗିତା ର ଅମୃତ କ୍ଷେତ୍ର
ପଛକୁ ହଟିଲେ ଯଦି କାହାର ମଙ୍ଗଳ ହେଉଛି
ତେବେ ହଟିଯିବାରେ ନାହିଁ ଅସୁବିଧା
ମୁଁ ଯଦି କାହାପାଇଁ ଖୁସିର ଉତ୍ସ
ତା ମୋ ପାଇଁ ସୌଭାଗ୍ୟ
ମୋ ଜୀବନର ଇପ୍ସିତ ଲକ୍ଷ୍ୟ
ଛଡେଇ ଖାଇଲେ ପେଟ ପୁରେନା
ବାଣ୍ଟି ଖାଇବା ଲୋକ କେବେ ଉପାସ ରହେନା ....
ହେ ବନ୍ଧୁ ! ମାନବିକତାର ମାନଦଣ୍ଡ ରେ
ତୁମେ ହେବ ଗୌରବ ର ଅଧିକାରୀ
କାରଣ ମାନବିକ ମୂଲ୍ୟବୋଧ
ଚିରକାଳ ମାନବ ପାଇଁ ହୁଏ ମୂଲ୍ୟବାନ
ମାନବୀୟ ମୂଲ୍ୟବୋଧ ...କରିବ ବିଜେତା
ରୂପାନ୍ତରିତ ହେଉଥିବ ପିଢି ପରେ ପିଢ଼ି
ଯାହା ଆମପାଇଁ, ସମାଜ ପାଇଁ ଇପ୍ସିତ ସ୍ୱପ୍ନ .....
ଦିନେ ଶିକ୍ଷା ର ଲକ୍ଷ୍ୟ ଥିଲା
ଆତ୍ମିକ ଉତ୍ତରଣ, ତ୍ୟାଗ, ସେବା ଓ ଚରିତ୍ର ଗଠନ

ISSN NO.
2582-208X

ଏବେ କିନ୍ତୁ ଲକ୍ଷ୍ୟ
ଯେନତେନ ପରୀକ୍ଷାରେ ଉତ୍ତୀର୍ଣ୍ଣ
ଅସାଧୁ ଉପାୟରେ ଅର୍ଥ ଉପାର୍ଜନ
ଦୁର୍ନୀତି କରି ଧନୀ ହେବା
ପଦଲେହନ କରି ପଦୋନ୍ନତି ପାଇବା
ଅନ୍ୟ କାହାର ଭୃତ୍ୟ ହୋଇ
ନୀରିହ ଜନତାଙ୍କ ଉପରେ ନେତାଗିରି
ଆଜିର ହୋଇପାରେ ସଫଳତାର ସୂତ୍ର
କିନ୍ତୁ ଏହା କେବଳ ଆତ୍ମ ପ୍ରବଞ୍ଚନା
ଏହା କେବେ ହୋଇନପାରେ ସଫଳତାର ନୂଆ ସଂଜ୍ଞା
ସେଥିପାଇଁ ତ ଅନ୍ୟକୁ ଠକିବା ଅପେକ୍ଷା
ବରଂ ବିଫଳତା ରେ ହିଁ ଅଛି ଯଥେଷ୍ଟ ଗୌରବ
ପ୍ରତିଯୋଗିତା ଅପେକ୍ଷା ସହଭାଗିତାରେ
ଆତ୍ମ ତୃପ୍ତି
ଗୋଡଟଣା ଅପେକ୍ଷା ହାତଟଣା
ହେବ ଯେଉଁଦିନ .... ଜନତା ହସିବେ
ମାନବିକତାର ମୂଲ୍ୟବୋଧ ହେବ ଉତ୍ତରଣ ....

(((-)))

ପ୍ଲଟ ନଂ ୧୪୮/୫, ହମିରପୁର, ରାଉରକେଲା -୩
ମୋ: ୯୮୬୧୦୩୪୪୯୪

ISSN NO.
2582-208X

# ଓଡିଆ କବିତା ରାଜ୍ୟର ମହୀୟସୀ ନାରୀ - କବି କୁନ୍ତଳା କୁମାରୀ ସାବତ



ସୁଷମା ପାଢ଼ୀ

ଓଡିଆ କବିତାର ନାରୀରତ୍ନ କୁନ୍ତଳା କୁମାରୀ ହେଉଛନ୍ତି ଜଣେ ଅଲୌକିକ ପ୍ରତିଭାର ଅଧିକାରୀ । ତାଙ୍କୁ ପାଇ ଓଡ଼ିଶା ଆଜି ଗର୍ବରେ ମୁଣ୍ଡ ଟେକିଛି । ଓଡିଆ ନାରୀ ଭାବରେ କେବଳ ଗୃହିଣୀ ହିସାବରେ ନୁହେଁ, ଚିକିତ୍ସିକା ରୂପରେ ନୁହେଁ, ଦେଶ-ସେବିକା ଓ ସାହିତ୍ୟ-ସେବିକା ରୂପରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି । ମହୀୟସୀ କବି କୁନ୍ତଳା କୁମାରୀ ସାବତ ଆବିର୍ଭାବ ହୋଇଥିଲେ ୧୯୦୦ ମସିହାରେ । ଏହି ପ୍ରତିଭାବାନ୍ କବି ଶରତ ରଜନୀର ସ୍ନିଗ୍ଧ କୋମଳ ଶେଫାଳୀ ପତ୍ରମାତ୍ର ୩୮ ବର୍ଷ ବୟସରେ ସେ ଭବତରୁ ଡାଳରୁ ଝରି ପଡିଛନ୍ତି ସତ; କିନ୍ତୁ ଯେଉଁ ସୁରଭି ସେ ବାର୍ତ୍ତା ଦେଇଯାଇଛନ୍ତି, ତାହା ସତରେ ଯୁଗ ଯୁଗ ପାଇଁ ଓଡିଆ ଜାତିକୁ ସର୍ବଦା ସୁରଭିତ କରୁଥିବ । ତାଙ୍କ ପିତା ଦାନିଏଲ୍ ସାବତ ଜଣେ ଡାକ୍ତର ଥିଲେ ଓ ତାଙ୍କ ମା'ଙ୍କ ନାମ ଥିଲା ମନିକା ସାବତ । ସେ ସ୍କୁଲରୁ ହିନ୍ଦୀ, ମାଆଙ୍କଠୁ ଓଡିଆ ଓ ପିତାଙ୍କଠାରୁ ଇଂରାଜୀ ଶିକ୍ଷା କରୁଥିଲେ । ତେଣୁ ସେ ଓଡିଆ, ହିନ୍ଦୀ, ବଙ୍ଗଳା, ଇଂରାଜୀ ଓ ବର୍ମା ଭାଷାରେ ପାରଙ୍ଗମ ଥିଲେ । ଜାତିପ୍ରଥା ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ । ଅନେକ କାଳଜୟୀ କବିତା ଲେଖୁଥିଲେ । ସେଥି ମଧ୍ୟରୁ କେତେକ ତାଙ୍କର ଥିଲା ଦେଶାତ୍ମବୋଧକ କବିତା । ତାଙ୍କ କବିତାରେ ସାଧାରଣତଃ ଦେଖିବାକୁ ମିଳେ ପରଦା ପ୍ରଥା, ବାଲ୍ୟ ବିବାହ ଓ ମହିଳା ପ୍ରଭେଦ ବିରୁଦ୍ଧରେ ଲେଖୁଥିଲେ । ତେଣୁ ତାଙ୍କୁ ଜାତୀୟ ସ୍ୱାଧୀନତା ଆନ୍ଦୋଳନର ଜଣେ ଉଜ୍ଜ୍ୱଳ ତାରକା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ISSN NO.
2582-208X

୧୯୧୭ ମସିହାରେ ପ୍ରତିଯୋଗିତା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ମେଡିକାଲ୍ ସ୍କୁଲରେ ପ୍ରବେଶ କରିଥିଲେ । ୧୯୨୧ରେ ସେ କୃତିତ୍ୱର ସହିତ ଏଲ୍. ଏମ୍. ପି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରୌପ୍ୟ ପଦକ ପୁରସ୍କାରରେ ପୁରସ୍କୃତ ହୋଇଥିଲେ । କଟକର ରେଡ୍‌କ୍ରସ ସୋସାଇଟିର ତତ୍ତ୍ୱାବଧାରିକା ଭାବରେ ଚାକିରି କରିବାକୁ ଲାଗିଲେ । କାର୍ଯ୍ୟକୁ ଉତ୍ତମ ରୂପେ ପରିଚାଳନା କଲେ ସୁଦ୍ଧା ମିସେସ ସେନାପତିଙ୍କ ସଙ୍ଗରେ ତାଙ୍କର ମତଭେଦ ହେଲା, ତେଣୁ ସେ ୧୯୨୭ରେ ଚାକିରିରୁ ଇସ୍ତଫା ଦେଇଥିଲେ ଏବଂ ଏହି ସାତ ବର୍ଷରେ ସେ ସାହିତ୍ୟ ଦିଗରେ ବହୁତ କାର୍ଯ୍ୟ କଲେ । ଅର୍ଚ୍ଚନା ଓ ଅଞ୍ଜଳି ଗୀତିକାବ୍ୟ ଏବଂ ଭ୍ରାନ୍ତି ଇତ୍ୟାଦି ବହୁ କବିତା ଓ ଉପନ୍ୟାସ ଲେଖି ଉତ୍କଳ-ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ସାହିତ୍ୟ-ସେବାକୁ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ଭାବରେ ଗ୍ରହଣ କରିନେଇଥିଲେ ଏହି ମହୀୟସୀ ନାରୀ ପ୍ରତିଭା । ସେହି ସମୟରେ ସେ 'ରଘୁଅରକ୍ଷିତ' ନାମକ ଖଣ୍ଡିଏ ଉପନ୍ୟାସ ଓ 'ପ୍ରେମଚିନ୍ତାମଣି' ନାମରେ ଖଣ୍ଡିଏ ଗୀତିକାବ୍ୟ ରଚନା କରିଥିଲେ ଏବଂ ସେହି ଦୁଇଟି ଉତ୍କଳ-ସାହିତ୍ୟର ରତ୍ନ ରୂପେ ରୂପାୟନ ହୋଇଥିଲା ।

କୁନ୍ତଳା କୁମାରୀ ହିନ୍ଦୀ ଭାଷାରେ ବେଶ୍ ପାରଙ୍ଗମ ଥିଲେ । ହିନ୍ଦୀ ପତ୍ରପତ୍ରିକାରେ ସେ ନିୟମିତ ରୂପେ କବିତା ଓ ସନ୍ଦର୍ଭ ଲେଖୁଥିଲେ । ତେଣୁ ତାଙ୍କୁ ଚାରିଆଡ଼ୁ ପ୍ରଶଂସାର ସୁଅ ଛୁଟି ଆସୁଥିଲା । ତାଙ୍କର ହିନ୍ଦୀ କାବ୍ୟଗ୍ରନ୍ଥ 'ବରମାଳା' ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ । ହିନ୍ଦୀ ସାହିତ୍ୟରେ 'ମହାବୀର', 'ଜୀବନୀ', 'ନାରୀ', 'ଭାରତୀ', ଇତ୍ୟାଦି ବିଭିନ୍ନ ପତ୍ରିକାର ସେ ସମ୍ପାଦିକା ଭାବରେ କାର୍ଯ୍ୟ ତୁଲାଉଥିଲେ । ତେଣୁ ସମଗ୍ର ଭାରତରେ ଭୂରି ଭୂରି ପ୍ରଶଂସା ଓ ସମ୍ମାନର ପାତ୍ର ହୋଇଥିଲେ। ସେ ୧୯୨୧ରେ ବୃନ୍ଦାବନର ଗୁରୁକୁଳ ଇଉନିଭର୍ସିଟିରେ ଗଭର୍ଣ୍ଣର ରୂପେ ଯୋଗ ଦେଇ ଉପାଧି ପ୍ରଦାନ କରିଥିଲେ । ୧୯୩୦ରେ All India Aryan Youth Leagueର ପ୍ରେସିଡେଣ୍ଟ ହୋଇଥିଲେ । ୧୯୩୧ରେ ନିଖିଳ ଉତ୍କଳ ନାରୀ ସମିତିରେ ସଭାନେତ୍ରୀ ଭାବରେ ଆସନ ଗ୍ରହଣ କରିଥିଲେ । ୧୯୩୫ରେ ଆଲଗଡ଼ Students' Federationର ସଭାପତି ହୋଇଥିଲେ । ଏହିଭଳି ଶହଶହ ସଭାରେ ସେ ବକ୍ତୃତା ଦେଇଥିଲେ ଓ ଉଚ୍ଚ ପ୍ରଶଂସିତ ହୋଇଥିଲେ, ଯାହାକି ଓଡ଼ିଆ ନାରୀ ପାଇଁ ଏକ ଗୌରବର କଥା ।

ISSN NO.
2582-208X

'ଅଞ୍ଜଳି' କବିତାଟି ହେଉଛି କବିଙ୍କ ନିଜସ୍ୱ ପ୍ରେମଭାବନା ସଂକଳିତ ରଚନା ବୋଲି ଅନେକ ମତ ଦେଇଛନ୍ତି । 'କବି କୁନ୍ତଳାଙ୍କ ଯୌବନ କାଳର ଉଚ୍ଛ୍ୱସିତ ଭାବପ୍ରବହମାନ ସ୍ରୋତସ୍ୱିନୀ ଭଳି କଳ କଳ ନାଦରେ ମଧୁର ଗୁଞ୍ଜରଣ ସୃଷ୍ଟି କରିଛି ତାଙ୍କ ପ୍ରଥମ ରଚିତ କବିତାଗୁଚ୍ଛରେ । ତାଙ୍କ ନାରୀ ଜୀବନର ଚରମ ଲକ୍ଷ୍ୟ ଥିଲା ଆଦର୍ଶ ସୁଗୃହିଣୀ ଓ ମାତା ରୂପେ ଜୀବନ ଯାପନ କରିବା । ତେଣୁ ସେ ତାଙ୍କ ସମସ୍ତ ସ୍ନେହ ଅର୍ପଣ କରିଥିଲେ ତାଙ୍କର ଶୁଭେଚ୍ଛୁ ମାନନୀୟ ଡାକ୍ତର କୈଳାସ ଚନ୍ଦ୍ରଙ୍କ ପାଦତଳେ। ଉଭୟଙ୍କ ମନର ଆକର୍ଷଣ ସ୍ୱର୍ଗୀୟ ଦ୍ୟୁତିରେ ଉଦ୍ ଭାସିତ ହୋଇଥିଲା ସତ, କିନ୍ତୁ ବାସ୍ତବ ଜୀବନରେ ତାହା ସମ୍ଭବ ହୋଇପାରିନଥିଲା ।' ଡାକ୍ତର କୈଳାସ ରାଓଙ୍କୁ କୁନ୍ତଳା କୁମାରୀ ନିଜ ପ୍ରେମିକର ଆସନରେ ବସାଇଥିଲେ ବୋଲି କୁହାଯାଇଥାଏ । ଏହି ଆକର୍ଷଣର ପ୍ରତି ବଦଳରେ କୁନ୍ତଳା ତାଙ୍କପ୍ରତି ଖୁବ୍ ସମର୍ପିତ ଥିଲେ । 'ଅଞ୍ଜଳି' କବିତା ସଂକଳନର 'କା' ପାଇଁ କବିତାଟିରେ ନାରୀ କବି ସେହି ପୁରୁଷଙ୍କ ଉଦ୍ଦେଶ୍ୟରେ ବର୍ଷ ମାସ ଧରି ଅପେକ୍ଷା କରିଛନ୍ତି ବୋଲି ଉଲ୍ଲେଖ୍ୟ କରିଛନ୍ତି । ଏହି କବିତାରେ କବିଙ୍କର ବିଶ୍ୱଚେତନା ପ୍ରତିଫଳିତ । ତାଙ୍କ ଭାଷାରେ –

"କାପାଇଁ କିପାଇଁ ହୃଦୟ-ମନ୍ଦିରେ
ସଜାଡିଛି ଫୁଲ ଡ଼ାଲା,
କାପାଇଁ କିପାଇଁ ଲୋତକ-ସୂତ୍ରରେ
ରଚିଅଛି ପ୍ରେମମାଳା।
ହୃଦ-ବେଦୀ ମୋର ସଜାଇ ଯତନେ,
ବସାଇବି ପରା ଦେବତା ରତନେ,
ନୀତି ମୋର ଅଭିଳାଷ,
ତାର ଦେଖା ପାଇଁ
ବସିଛି ଅନାଇ
ସୁଦୀର୍ଘ ବରଷ ମାସ ।"

କବିଙ୍କ ଅନ୍ୟ ଏକ କବିତାଗୁଚ୍ଛ 'ଅର୍ଚ୍ଚନା' । କୁନ୍ତଳା କୁମାରୀ ଏହି କବିତାଗୁଚ୍ଛକୁ ଚାରି ଭାଗରେ ବିଭକ୍ତ କରିଛନ୍ତି । ଏଥିରେ ଥିବା 'ଦୂର୍ବାଦଳ' କବିତାଗୁଚ୍ଛ ପଲ୍ଲୀକବି, ରାୟ ସାହେବ ଶ୍ରୀଯୁକ୍ତ ନନ୍ଦ କିଶୋର ବଳଙ୍କ ପ୍ରତି ଉତ୍ସର୍ଗୀକୃତ, 'ଚମ୍ପାଦଳ' ଭକ୍ତକବି

ISSN NO.
2582-208X

ମଧୁସୂଦନଙ୍କୁ ଅର୍ପିତ, 'ବିଲ୍ୱଦଳ' କବିବର ରାଧନାଥ ରାୟଙ୍କ ପାଇଁ ଏବଂ 'ଶତଦଳ' ମୁକୁରର ସମ୍ପାଦକ ବ୍ରଜସୁନ୍ଦର ଦାସଙ୍କ ଶିଶୁପୁତ୍ର ସତ୍ୟ ସୁନ୍ଦର ପାଇଁ ସ୍ନେହଭରା ଉତ୍ସର୍ଗୀକୃତ ଥିଲା । କବିଙ୍କର ଏହି କବିତାଟିରେ ନାରୀଙ୍କ ପାଇଁ ମଧ୍ୟ ସ୍ୱୀୟ ମନୋଭାବର ଶାଳୀନତା, ନମ୍ରତା, ଭାଷାର ସହଜ ସରଳତା ସହିତ ଶୈଳୀର ମନୋଜ୍ଞ ଚିତ୍ର ରକ୍ତ ରଙ୍ଗରେ ରଞ୍ଜିତ ହୋଇଛି । ତେଣୁ ତାଙ୍କ ପ୍ରାଣରୁ ସ୍ୱତଃସ୍ଫୁତ ଉଚ୍ଚାରିତ ହୋଇ ବାହାରି ପଡିଛି –

'ଊଣା ଯେ ମୋଠାରୁ ନୁହେ ସେ ତ ସାନ,
ନ ଥାଉ ତାହାର ଧନ ସନମାନ
ହେଉ ସେ ଚଣ୍ଡାଳ ଜଗତ–ଜଞ୍ଜାଳ
ଜାଗିବି ସ୍ନେହ ମୋ ପରାଣେ ।'

ପୁଣି ଦିନେ ଭାରତୀ ଦେବତାର ପବିତ୍ର ଚରଣ ତଳେ ଉଭା ହୋଇ କବି ସ୍ୱରରୁ ଭାସି ଉଠିଛି –

'ଲୋଡ଼ା ନାହିଁ ମୋର ମଣି ଭାଷଣ ଗୋ
ସୁବାସେ ନୋହିବି ସଜ
ଲୋଡ଼ା ନାହିଁ ମୋର ବିଶ୍ୱ ଐଶ୍ୱର୍ଯ୍ୟ
ମାଗେ ମାତ୍ର ପାଦ ରଜ
ଲୋଡ଼ା ନାହିଁ ମୋର କୀରତ କେତନ
ଉଚ୍ଚ ସ୍ତବ ସ୍ତୁତି ଦାଣ୍ଡରେ
ମାଗେଁ ମାତ୍ର ତବ କରତାପଣିଆ
ମୋର ହୃଦ–ଧରା ଖଣ୍ଡରେ ।'

ଏହି କବିତାଟିରେ ଭାରତୀଙ୍କ ଆତ୍ମସମର୍ପଣ ଜନିତ ଅବନତ ତରୁଲତାର ଫୁଟନ୍ତା କମଳ ନୟନର ମୃଦୁ ବିକାଶ ଚାବି ହିଁ ଦେଖିବାକୁ ମିଳିଛି ।

କୁନ୍ତଳା କୁମାରୀଙ୍କ 'ସ୍ଫୁଲିଙ୍ଗ' କବିତାଗୁଚ୍ଛଟି ୧୯୨୮ ମସିହାରେ ରଚିତ ହୋଇଥିଲା । ପ୍ରାକୃତିକ ବିପର୍ଯ୍ୟୟ, ରୋଗ, ଦୁଃଖ, ବ୍ୟାଧି ହେଲେ ମଧ୍ୟ ମଣିଷ ତା'ର ମାନବିକତାକୁ

ISSN NO.
2582-208X

ନଷ୍ଟ କରିନାହିଁ ।ତେଣୁ ସେ ଏହି କବିତାଟିରେ ଦେଶର ଯୁବକ-ବର୍ଗମାନଙ୍କୁ ଉତ୍ସର୍ଗ କରି ଲେଖିଥିଲେ –

"ଶୁଣ ହେ ମଣିଷ ଭାଇ !
ଝୁରି ମରିବାକୁ ବୁଡ଼ି ମରିବାକୁ
ମଣିଷ ଜନମି ନାହିଁ ।
ଚିର ହତାଶାରେ ସାରିବା ସଂସାର, ନିରାଶେ ନିବିଡ଼ ଅନ୍ଧାରେ
ଚିର ଶୃଙ୍ଖଳିତ, ଲାଞ୍ଛିତ, ବଞ୍ଚିତ, ପୀଡ଼ିତ କଷଣ କାରାରେ
ଏ ନୁହେଁ ମାନବ ନିୟତି
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେଁ ଏ ବିଶାଳ ଜଗତୀ ।"

କର୍ମଜଞ୍ଜାଳମୟ ଜୀବନରେ ଜାତୀୟ ଜୀବନକୁ ନିଜର ମହତ୍ ଚିନ୍ତାଧାରା ଏହି ନାରୀକବି ସମୃଦ୍ଧ କରିଥିବାର ଦେଖିବାକୁ ମିଳେ । 'ସ୍ଫୁଲିଙ୍ଗ'କବିତାରେ ଯାହା ଲେଖିଛନ୍ତି, ତାହା ହେଉଛି ସ୍ୱୟଂ ସମ୍ପୂର୍ଣ୍ଣ । ସେହିପରି ଅନବଦ୍ୟ ଲେଖା ଆମେ ଆଉ କେଉଁଠି ପାଇପାରିବା ପ୍ରଶ୍ନବାଚୀ ଅଟେ ।

'ଉଚ୍ଛ୍ୱାସ' କବିତା ପୁସ୍ତକଟି ସେ ଗଙ୍ଗା ମନ୍ଦିରରେ ଥିବା ସମୟରେ କୁନ୍ତଳା କୁମାରୀ ୧୯୨୪ ମସିହାରେ ରଚନା କରିଥିଲେ । ଏହି ପୁସ୍ତକଟିରେ ଚନ୍ଦ୍ରତାରା, ଶେଫାଳି, କାମିନୀ, କମଳ ଓ ନବ ବକୁଳ ମଞ୍ଜରୀ ଏହିଭଳି ଛଅଗୋଟି ସମ୍ବୋଧନ ଗୀତିର ସମାହାର । ଏଥିରେ ଉଦାର ଭାବନା, ସେବାଧର୍ମ ଓ ଈଶ୍ୱରଙ୍କ ପ୍ରତିଥିବା ଭକ୍ତି ଏହି କବିତାର ପ୍ରତ୍ୟେକ ସ୍ତରରେ ଦେଖିବାକୁମିଳେ ।

ଜୀବନର ଆଦର୍ଶକୁ ନେଇ ରଚିତ ତାଙ୍କର କବିତା 'ସହକାର ପ୍ରତି' ରେ ସେ ଲେଖିଛନ୍ତି –

ରେ ରସାଳ ଦ୍ରୁମ !
x xxx
ଶିଖାଅ ହେବି ତୋ ସମ
ସୁବିନୀତ ନମ୍ର ମନ,
ଅକାତରେ ଭବ ସେବା ଯାଉଥିବି କରି,

ISSN NO.
2582-208X

ମୋ କ୍ଷୁଦ୍ର ଆୟାସେ ବହୁ କ୍ଲେଶ ନେବି ହରି,
ପ୍ରତିଦାନ ବିନା ହିତ କରିବି ତୋ ପରି ।

କୁନ୍ତଳା କୁମାରୀଙ୍କ 'ଆହ୍ୱାନ' କବିତାଟିରେ ମହାତ୍ମା ଗାନ୍ଧୀଙ୍କର ସତ୍ୟାଗ୍ରହ ସଂଗ୍ରାମରେ ଯୋଗଦେବାର ଆହ୍ୱାନ ରହିଥିଲା । ତେଣୁ କବି ଲେଖିଛନ୍ତି –

"ସେନାପତି ଆଜି ଦେଉଛନ୍ତି ଡାକ
ଉଠ ଭାରତର ବୀର ପୁତ୍ରଯାକ ।"

ପୁଣି ବ୍ରିଟିଶ ସରାରଙ୍କ ନୀତି ଓ ନିୟମକୁ ଲକ୍ଷ୍ୟ କରି କହୁଛନ୍ତି –

'ପଖାଳ ଗୁଣ୍ଡାକୁ ଟିପେ ନାହିଁ ଲୁଣ,
ବାହୁନିବା କିସ ଶାସନର ଗୁଣ,
ଅପୂର୍ବ ରଚନା ଶାସନ ପ୍ରଣାଳୀ
ତେତ୍ରିଶ କୋଟି ଯା' କବଳେ କଙ୍ଗାଳୀ ।'

ଏହି କବିତାଟିରେ ତତ୍ କାଳୀନ ସମାଜର ସରକାରଙ୍କ ଦେଶଦ୍ରୋହାତ୍ମକ ରଚନା ଭାବରେ ଏହି କବିତା ପୁସ୍ତକଟିକୁ ବାଜ୍ୟାପ୍ତ କରିଥିଲେ, ଯାହା ଫଳରେ କୁନ୍ତଳାକୁମାରୀ ପୁରା ଦେଶରେ ସର୍ବତ୍ର ପରିଚିତ ହୋଇଯାଇଥିଲେ ।

ଓଡ଼ିଶାର ବିଭିନ୍ନ ପ୍ରକାର ଜାତିର ଲୋକେ ଦୁଃଖ, ଦାରିଦ୍ର୍ୟରେ ତାକୁ ସହ୍ୟ ନକରିପାରି କଲିକତା, ବର୍ମା, ରେଙ୍ଗୁନ ଆଦି ବିଭିନ୍ନ ସ୍ଥାନକୁ ଯାଇ ସେଠାରେ ମାଳି, ପୂଜାରୀ ଓ କୁଲିଗିରି କରି ଜୀବନ ନିର୍ବାହ କରୁଥିଲେ । ତେଣୁ ବିଦେଶରେ ରହି ସେମାନେ କୁ-ଅଭ୍ୟାସର ଶିକାର ହେଉଥିଲେ ଏବଂ ବିଭିନ୍ନ ରୋଗ–ବ୍ୟାଧିରେ ପଡି ଅକାଳରେ ମୃତ୍ୟୁବରଣ କରୁଥିଲେ । ତେଣୁ କବି କହୁଛନ୍ତି –

"ପବିତ୍ର ବ୍ରାହ୍ମଣ ସନ୍ତାନ ଭୁଲି ବଂଶ ସମ୍ମାନ
ମଦ, ବାରାଙ୍ଗନା, ପଶାରେ ହଜାଉ ଧନ, ଜ୍ଞାନ

ISSN NO.
2582-208X

ନାନା ବ୍ୟାଧି ଦେହେ ବିକଶେ ନାନା ଉତ୍ପାତେ ପଡ଼ି
ଅକାଳେ ମରନ୍ତି ଅନେକେ ବହୁ ଦୁଃଖରେ ସଢ଼ି ।"

ଏହି କବିତାକୁ ପଢ଼ିଲେ ଓଡିଆ ଜାତି ପାଇଁ କବିଙ୍କର ଦୁଃଖ, ଅନୁଶୋଚନା ସୁସ୍ପଷ୍ଟ ଦେଖିବାକୁ ମିଳିଛି । ଅନ୍ୟ ଦେଶର ଲୋକେ ଆସି ଆମ ଦେଶରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ନେଉଛନ୍ତି । କିନ୍ତୁ ଓଡିଆମାନେ ଦୁଃଖ ଦୁର୍ଦ୍ଦଶାରେ ଅକାଳରେ ପ୍ରାଣ ହରାଇଛନ୍ତି। କବି ତେଣୁ ଓଡିଆମାନଙ୍କୁ ସତର୍କ କରାଇଛନ୍ତି ଯେ, ସେମାନେ ବିଦେଶ ନଯାଇ ନିଜ ଦେଶରେ କର୍ମ କରି ପେଟ ପୋଷିବା ପାଇଁ ଆହ୍ୱାନ ଜଣାଇଛନ୍ତି । ତେଣୁ ସେ କହନ୍ତି –

'ନିଜ କୂଳ ବ୍ୟବସାୟରେ ଅରଜିବି ଯେ ଧନ,
ସ୍ୱାଧୀନ ସୁଖରେ କାଟିବି ମଧୁମୟ ଜୀବନ ।'

କୁନ୍ତଳା କୁମାରୀଙ୍କ ଜୀବିକାର୍ଜନ ଥିଲା ଡାକ୍ତରୀ ବୃତ୍ତି । କିନ୍ତୁ ସେ ଜନସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ବିଶ୍ୱସେବାକୁ ହିଁ ତାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ଥିଲା । ତେଣୁ ସେ କୁହନ୍ତି –

"କରୁଥିବି ବିଶ୍ୱ-ସେବା ମୁଁ ଗୋପନେ
ଛାଡି ଯିବା ଯାଏ ମହୀ ।"

ଏହି କବିତା ପଂକ୍ତିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ନିଜକୁ ବିଶ୍ୱର ସେବିକା ଭାବରେ ସମର୍ପିତ କରିଛନ୍ତି । ସେ 'ତାରାପ୍ରତି' କବିତାରେ ବିଶ୍ୱସେବାକୁ ନିଜ ଜୀବନର ବ୍ରତ ରୂପେ ଗ୍ରହଣ କରିଛନ୍ତି –

"ହେଉ ବିଶ୍ୱ ସେବା ମୋ ଜୀବନ ବ୍ରତ,
ଆସୁ ବାଧା, ଆସୁ ଦୁଃଖ ଶତଶତ ।"

ଉପସଂହାର :

ଏହି ମହିୟସୀ ନାରୀକବି କୁନ୍ତଳା କୁମାରୀ ଆମ ଦେଶ ଓ ଜାତିର ଏକ ଅମୂଲ୍ୟ ରତ୍ନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଶ ଓ ଜାତି ପାଇଁ ଯେଉଁ କବିତା, ଉପନ୍ୟାସ ଓ ଗଳ୍ପର

ISSN NO.
2582-208X

ଅର୍ଘ୍ୟ ବାଢ଼ିଦେଇଛନ୍ତି ତାହା କାଳଜୟୀ ହୋଇ ରହିବ । ତାଙ୍କର ଯେଉଁ ପୁସ୍ତକ ପଢ଼ିଲେ ମଧ୍ୟ ଦେଶ ପାଇଁ, ଜାତି ପାଇଁ, ନାରୀଜାତି ପାଇଁ ଯାହା ଲେଖି ଦେଇଛନ୍ତି ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତେଣୁ ଏହି ମହୀୟସୀ ନାରୀକବି କୁନ୍ତଳା କୁମାରୀଙ୍କ ଅନବଦ୍ୟ ଲେଖାର ଝରଣା ଯେ ସମସ୍ତଙ୍କ ପାଇଁ ପ୍ରେରଣାପ୍ରଦ ହେବ ଏଥିରେ ଦ୍ୱିରୁକ୍ତି ନାହିଁଏବଂ ଏହା ସମାଜକୁ ନୂତନ ଆଲୋକର ପଥ ପଦର୍ଶନ କରିବ ବୋଲି ମୋର ଆଶା ।

ସହାୟକ ଗ୍ରନ୍ଥସୂଚୀ :
୧. ଦାସ, ଡ଼. ହେମନ୍ତ କୁମାର : କୁନ୍ତଳା କୁମାରୀ ଗ୍ରନ୍ଥାବଳୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ,ପ୍ରଥମ ସଂସ୍କରଣ, ୨୦୦୪ ।
୨. ମହାପାତ୍ର, ଡ଼. ପ୍ରେମାନନ୍ଦ : ଓଡିଆ ସାହିତ୍ୟର ଇତିହାସ ,ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ସପ୍ତମ ସଂସ୍କରଣ, ୨୦୨୨ ।
୩. ରାୟ, ଅପୂର୍ବ ରଂଜନ : କୁନ୍ତଳା କୁମାରୀ ସାବତ : ଜୀବନୀ ଓ ପ୍ରତିଭା, ଓଡିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ୧୯୮୫ ।

(((-)))

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ – 9438449120

ISSN NO.
2582-208X

# ନାରୀ ନୁହେଁ....ସେ "ବୀରାଙ୍ଗନା"...



ଡ. ହେମନ୍ତ କୁମାର ଦାଶ

ସେ କେବଳ ନାରୀ ନୁହେଁ—
ସେ ଏକ ଉଚ୍ଚାରିତ ଶବ୍ଦର ଗର୍ଜନ,
ସେ ନିରବତାର ଭିତରେ ଲୁଚିଥିବା
ଅଗ୍ନିର ଦୃଢ଼ ସଂକଳ୍ପ।

ଦୁହିତା—
ଦୁଇ କୁଳକୁ ଯୋଡ଼ିଥିବା
ଏକ ପ୍ରେମର ସେତୁ,
ଜଣେ ନଦୀ ପରି
ଯେ ନିଜକୁ ବହାଇ ଦିଏ
ଦୁଇ ପାର୍ଶ୍ୱକୁ ସବୁଜ କରିବା ପାଇଁ।

ସେ କେବେ ସୀତାର ସହନଶୀଳତା,
କେବେ ଲକ୍ଷ୍ମୀର ଶ୍ରୀମୟ ସ୍ନିଗ୍ଧତା,
କେବେ ପାର୍ବତୀର ଅତୁଟ ଭକ୍ତି,
ତ କେବେ ଦୁର୍ଗାର ଦୃଢ଼ ଶକ୍ତିର ରୂପ।

ISSN NO.
2582-208X

ସେ ଗଢ଼ି ପାରେ ପ୍ରେମର ଉଚ୍ଚାଙ୍ଗ ଶିଖର,
ଭାଙ୍ଗି ପାରେ ଗର୍ବ ଓ ଅହଙ୍କାରର ଅଟ୍ଟାଳିକା,
ତାଙ୍କ ହସ ଅଟେ ଆଶ୍ୱାସନା,
ତାଙ୍କ ନିରବତା ଅଟେ ସତର୍କବାଣୀ।

ସେ ଜନନୀ—
ଯାହାର ଅଂକରେ ସୃଷ୍ଟିର ଆରମ୍ଭ,
ସେ ଜାୟା—
ଯାହାର ସାଥିରେ ଜୀବନର ସଂଗୀତ,
ସେ ଭଗ୍ନୀ—
ଯାହାର ସ୍ନେହରେ ଘର ହୁଏ ଗରମ ଆଲୋକ।

ବୀରାଙ୍ଗନା ଅର୍ଥ
ନିଜ ଲୁହକୁ ଶକ୍ତିରେ ପରିଣତ କରିବା,
ନିଜ ବେଦନାକୁ ପଦକ୍ଷେପରେ ବଦଳାଇବା,
ନିଜ ଅସ୍ତିତ୍ୱକୁ
ସମୟର ଇତିହାସରେ ଖୋଦାଇ ଦେବା।

ସେ କେବଳ ଘରର ଦୀପ ନୁହେଁ—
ସେ ହେଉଛି
ଘର, ସମାଜ ଓ ସଂସ୍କୃତିର
ଅଦମ୍ୟ ଶକ୍ତିର ଅବତାର।

(((-)))

ସୃଜନ ନିକେତନ
ତୁଷୁରା, ବଲାଙ୍ଗିର
ମୋ:୯୯୩୭୬୮୮୫୫୧

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

( ଭାଗ - ୬ )

ଝିଅ ବିଦେଇ,

ଅତ୍ୟନ୍ତ କରୁଣ ଓ ଛାତିଥରା ଅନୁଭବଟିଏ ।

ଯେତେ କଠୋର ହୃଦୟ ବ୍ୟକ୍ତି ହେଇ ଥାଉ ନା କାହିଁକି, ସେହି ମର୍ମନ୍ତୁଦ ସମୟଟାରେ ଆଖିରୁ ଲୁହ ଝରିବ ହିଁ ଝରିବ। ଅଟକେଇ ରଖିବା ଖାଲି କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ।

- ମଝିଆଁ ଜେମା, ତମେ ତ ଆମର ହସକୁରୀଟେ, ତମେ ଜମା କାନ୍ଦିବ ନାଇଁ, ହେଲା। ଅନ୍ୟ ସବୁ ଜେମା ମାନଙ୍କୁ ଖୁସିବାସିରେ, ହସି ହସେଇ ଶାଶୁ ଘରକୁ ନେବାର ଦାୟିତ୍ୱ ତମର ଏକା । ଏମିତିରେ ବି ତମର ନେଳିଆ ଆଖିରେ ଲୁହ କୋଉ ଦେଖାଯିବ ନା ମାନିବ ? ନେଳିଆ ଡୋଳାକୁ ନେଳିଆ ଲୁହ ।

- ହଇଲୋ କାଦମ୍ବିନୀ, ଶାଶୁଘରକୁ ଯିବାବେଳେ କଣ ବାହୁନି କାନ୍ଦିବା ନିହାତି ଜରୁରୀ ? ଛେଃ, ଶ୍ରୁତିଟା ଏଡ଼େ ଛୋପରୀ, କହୁଛି କଣ ନା, ନ କାନ୍ଦିଲେ କୁଆଡ଼େ ସମସ୍ତେ ଅଲଜ୍ୟା ବୋଲି କହିବେ, ସେଥିପାଇଁ ସେ କାନ୍ଦଣା ଗୀତ ଶିଖୁଛି। ଏଥିରେ ଲାଜର କଥା କୋଉଠୁ ଉଠୁଛି, କହିଲୁ ? ଯୁଗ ଯୁଗରୁ ତ ଝିଅମାନେ ବାହାହେଇ ବାପଘର ଭୁଲି ଶାଶୁଘରେ ରହୁଛନ୍ତି ନା ନାହିଁ ପୁଣି?

ଭାରି ଡାଣ୍ଟରେ କହି ତ ଦେଇଥିଲି, କିନ୍ତୁ ବାପଘର ମୋହମାୟା ତୁଟେଇବାର କଣ ସହଜ କଥା କି? ବିଦାୟ ପୂର୍ବ ରାତିଟା ମୋର ଯେ ଏତେ ଅସ୍ଥିର ହେବ, ମୁଁ, ମୁଁ ଜମା ଶୋଇ

ISSN NO.
2582-208X

ପାରି ନଥିଲି । ଖାଲି କୋହ ଉପରେ କୋହ ଉଠେଇଲା । ଯେତେ ଜବତ୍ କଲେ ବି ଲୁହ ସବୁ ଧୈର୍ଯ୍ୟର ବନ୍ଧ ଭାଙ୍ଗି ବହି ଯାଉଥିଲା। ଛାତି ଭିତରଟା ଗୁମୁରୁଥିଲା । ଭିତରେ କଣ ସବୁ ଯେମିତି କଳ କାରଖାନା ଚାଲିଥିଲା। କି କୋଳାହଳ ମନ ଭିତରେ ? ମନଟା କୁହୁଳି କୁହୁଳି ପ୍ରକୋଷ୍ଠ ଭିତରଟାକୁ ଧୂଆଁଟିଆ କରି ସାରିଥିଲା । ଭରତଙ୍କ ଅନେକ ବୁଝେଇବା ସତ୍ୱେ ମୁଁ କୁହୁଁରୁଥିଲି ନିଜ ଭିତରେ। କେତେ ରାତି ହେବ କେଜାଣି, ମୁଁ ଯନ୍ତ୍ରଚାଳିତ ପରି ଅଳିନ୍ଦ ପରେ ଅଳିନ୍ଦ ଡେଇଁ ଚାଲି ଆସିଥିଲି ମୋ ମାଆ ପାଖକୁ, ମୋ ଅଜାଣତରେ। ଭୂତ ପ୍ରେତଙ୍କୁ ପ୍ରାଣରେ ଭୟ କରୁଥିବା ଝିଅଟା ପୁଣି ଏକୁଟିଆ ରାତ୍ରିର ଖାଁ ଖାଁ ନିର୍ଜନ ପରିବେଶରେ ଧାଇଁଥିଲା, କେଶବାସ ବିପର୍ଯ୍ୟସ୍ତ କରି ।

– ମା ଲୋ, ଏ ମାଆ, ଶୋଇ ପଡ଼ିଲୁଣି କି ?

ହେଲେ ମୋ ମାଆ ବି କୋଉ ଶୋଇଥିଲା ? ସେ ବି ଗୁମୁରୁଥିଲା । ଚାପା କାନ୍ଦଣାର ସୁଁ ସୁଁ ରାତିର ନିରବତାକୁ ଥରେଇ ଦେଉଥିଲା। ସେ ଓଲଟି ପଡ଼ି ମୋତେ କୁଣ୍ଢେଇ ଧରି କାନ୍ଦିବାକୁ ଲାଗିଲା। ବାହାରେ ବି କୋଉ ଅଜଣା ପକ୍ଷୀଟେ କରୁଣ ରାଗ ଆଳାପୁଥିଲା । ରାତ୍ରୀର ଚତୁର୍ଥ ଅର୍ଥାତ୍ ଅନ୍ତିମ ପ୍ରହର ଚାଲିଥିଲା କି କଣ, ଦେବାଳୟ ମାନଙ୍କରୁ ଭାସି ଆସୁଥିଲା ସଂଗୀତର ହୃଦୟ ଦାହକ ମୂର୍ଚ୍ଛନା। ମାଆ ଝିଅଙ୍କର ଲୁହ ସବୁ ମିଶି ଭାବ ବିନିମୟ କରୁଥିଲା ବେଳେ ଓଠରୁ ଖାଲି କଇଁ କଇଁ କାନ୍ଦଣା ଶୁଣା ଯାଉଥିଲା।

ଏ ଅଗଣା, ଏ ଘର, ଏ ଦାଣ୍ଡ ଦୁଆର ସବୁ ପର ହେଇଯିବେ ମୋ ପାଇଁ କାଲି ପରେ। କାଲି ସବାରୀ ଉଠିଲା ପର୍ଯ୍ୟନ୍ତ କେବଳ ଏ ଘର ମୋର୍ । ଏ ଘର, ଏ ବାରଣ୍ଡା, ଏ ବଗିଚା, ଏ ନଇ ପୋଖରୀ, ଏ ବଣ ପାହାଡ଼ ସବୁକିଛି ପଛକୁ ମୁର୍ଚ୍ଛି ଦେଇ ଆଗେଇ ଯିବାକୁ ହେବ ସମ୍ପୂର୍ଣ୍ଣ ଅଚିହ୍ନା, ଅଦେଖା, ଅମଡ଼ା ବାଟରେ। ସମ୍ପୂର୍ଣ ଅପରିଚିତ ଲୋକ ମାନଙ୍କୁ ନିଜର କରିବାକୁ ପଡ଼ିବ। ନୂଆ ଚଳଣୀ ସହିତ ନିଜକୁ ଖାପ୍ ଖୁଏଇ, ଭଲ ମନ୍ଦ ବିଚାର କରି ଆପଣେଇ ନେବାକୁ ହେବ ସେଠାକାର ରୀତିନୀତି, ସେଠାକାର ଆଚାର ବ୍ୟବହାର। ମାଆକୁ ଜଡ଼େଇ ଧରି ବି ବାଇବିଛ ହେଇ ଯାଉଥାଏ ଦେହମନ, ଅଶାନ୍ତ ବ୍ୟାକୁଳ ଲାଗୁଥାଏ। ମାଆ ପାଖରୁ ଧାଇଁ ଆସେ ବାହାରକୁ। ଚାହିଁ ରହେ ଆକାଶକୁ, ଆକାଶର ଗ୍ରହ ନକ୍ଷତ୍ରଙ୍କୁ। ପାଉଁଶିଆ, ଶେଥାଳିଆ ଜହ୍ନଟାକୁ। ସମସ୍ତେ ଯେମିତି ମୋ ବିଚ୍ଛେଦ ଭାବନାରେ

ISSN NO.
2582-208X

ଲୁହ ଗଡ଼ଉଛନ୍ତି । ମୁକ୍ତା ପରି ଶିଶିର ଲୁହ ଝରି ପଡୁଛି ଗଛ ପତ୍ର, ଦୂବ ଘାସ ଉପରେ । ସମସ୍ତଙ୍କ ମନ ଦ୍ରବିଭୁତ । ସବୁଆଡେ ଓଦା ଓଦା ଭାବ ।

ପୁଣି ଧାଇଁଲି ବାପାଙ୍କ ପାଖକୁ । ଏ କଣ ? ବାପା କ'ଣ ଶୋଇ ନାହାନ୍ତି ? ଗବାକ୍ଷ ପାଖରେ ଠିଆ ହେଇ ଅନେଇ ରହିଛନ୍ତି ସେହି ଆକାଶର ଗ୍ରହ ନକ୍ଷତ୍ରଙ୍କୁ ଏକ ଲୟରେ । ମୁଁ ଯାଇ ପାଖରେ ଠିଆ ହେଲି ତଥାପି ତାଙ୍କର ଧ୍ୟାନ ଭଙ୍ଗ ହେଲାନାହିଁ । ଆରେ ? ବାପାଙ୍କ ଆଖିରେ ବି ଲୁହ । ଝରକା ପିଣ୍ଡିଟା ଉପରେ ବୁନ୍ଦା ବୁନ୍ଦା ଲୁହ ଯେ ? ତାହେଲେ ରାତି ସାରା ବାପା ଏମିତି ନ ଶୋଇ ଲୁହ ଗଡ଼ାଉଛନ୍ତି । ବାପା ମୋତେ ଦେଖିପାରି ଲୁହ ଲୁଚାଇଲେ । ମୁହଁର ଭାବ ତ ଆଉ ଲୁଚେଇ ହେବନି ନା ।

ଆଜି ରାତିଟା ତାହେଲେ କେହି ଶୋଇ ନାହାନ୍ତି । ସମସ୍ତେ ଯେ ଯାହା ଦୁଃଖରେ ରହି ଅପରକୁ ଲୁହ କୋହ ଲୁଚାଉଛନ୍ତି । ଭାବୁ ଭାବୁ ବିଦାୟୀ ଲଗ୍ନର କରୁଣ ସଂଗୀତ ଭାସି ଆସିଲା କାହାଳୀ ମାନଙ୍କରୁ । ଯୋଡ଼ି ନାଗରା, ଢୋଲ, ଯୋଡ଼ି ମହୁରୀ ଇତ୍ୟାଦି ଗାଇବାକୁ ଲାଗିଲେ ବିଦେଇ ଗୀତ ।

ସାଜ ପୁତା ସାଜରେ
ଘୋଡ଼ା ଚଢ଼ି ସାଜରେ ......

ଆମେ ସମସ୍ତେ କାନ୍ଦୁଥିଲୁ ହୃଦୟ ବିଦାରି । ମାଆ, ବଡ଼ ମାଆ, ସଖି ସହଚରୀ, ଉର୍ମିଳା, ଶ୍ରୁତି ଓ ମୁଁ । ନାନୀ କିନ୍ତୁ ନିର୍ବିକାର । ସେ ଲୁହ ଲୁଚେଇ ରଖିବାରେ ପାରଙ୍ଗମ । ଯେତେ ବଡ଼ ଦୁଃଖ ହେଲେ ବି ସେ ସହଜରେ ହଜମ୍ କରିଦିଏ । ଅଦୃଷ୍ଟ ଆହୁରି କିଛି ସାଇତି ଥିଲା ତା ପାଇଁ ।

ଏମିତି ହୃଦୟ ବିଦାରକ ଦୃଶ୍ୟ ଦେଖି ଓ କଲିଜା ଚିରା କାନ୍ଦଣା ଶୁଣି, ଭରତ ଶତ୍ରୁଘ୍ନ ଏମିତିକି ଲକ୍ଷ୍ମଣଙ୍କ ଆଖି ସବୁ ମଧ୍ୟ ଡବ ଡବ ଦେଖାଗଲା, ବଡ଼ ଭାଇ କିନ୍ତୁ ନାନୀ ପରି ନିର୍ବିକାର । କି ପ୍ରକାର ଧାତୁରେ ଗଢ଼ା ଏ ଦୁଇଜଣଙ୍କ ହୃଦୟ କେଜାଣି ?

ISSN NO.
2582-208X

ସେଇଥିପାଇଁ ବୋଧେ ସେମାନେ "ରାମସୀତା"। ସଂସାରରେ ଥାଇ ସୁଦ୍ଧା ଅସଂସାରୀ, ଭୋଗ ଭିତରେ ଥାଇ ସୁଦ୍ଧା ଯୋଗୀ ଯୋଗିଣୀ ।

ନାରୀ ମାନଙ୍କର ସତରେ ଯୋଡ଼ାଏ ଜନ୍ମ, ଯୋଡ଼ାଏ ଜୀବନ, ଯୋଡ଼ାଏ ପରିବାର ଓ ମୃତ୍ୟୁ ମଧ୍ୟ ଯୋଡ଼ାଏ। ବିଧାତା ନାରୀଙ୍କୁ ଯୋଡ଼େ ମନ କାହିଁକି ଦେଲାନି କେଜାଣି। ଭିକାରୁଣୀର ଚେନେ କାନି ପରି ଖଣ୍ଡେ ମନ, ଏଆଡ଼ୁ ଟାଣିଲେ ସେପାଖ ଫୁଙ୍ଗୁଳା, ସେଆଡ଼ୁ ଟାଣିଲେ ଏପାଖ ଫୁଙ୍ଗୁଳା।

ବାଜା ଗାଜା, ଶଙ୍ଖ ହୁଳହୁଳି, ମହୁରୀ ଓ କାନ୍ଦଣା ଲହରୀ ଭିତରେ ବଢ଼ି ଚାଲିଲା ଆମ ଚାରି ଭଉଣୀଙ୍କର ଫୁଲ ସବାରୀ। ଆଗେଇ ଚାଲିଲା ନୂଆ ସଂସାର ବସେଇବା ନିଶାରେ। ସବାରୀ ଯେତେ ଯେତେ ଆଗକୁ ବଢ଼ୁଥାଏ ମୋ ମନ ସେତେ ସେତେ ପଛକୁ ପେଲୁଥାଏ। ରେଶମୀ ପରଦା ଫାଙ୍କରୁ ଦିଶି ଯାଉଥାଏ ଗାଁ ଦାଣ୍ଡ ଯିଏ ମୋତେ ଚାଲିବା ଶିଖେଇଥିଲା। ଦିଶି ଯାଉଥାନ୍ତି ଝରଣା, ନଈ, ପାହାଡ଼, ବାଟିକା, ଦେବାଳୟ, ଶିବାଳୟ। ସମସ୍ତେ ଯେମିତି ମୁହଁ ଶୁଖାଇ ମୋତେ ମେଲାଣି ଦେଉଛନ୍ତି ଭାରି ମନରେ।

ତୁଟି ଯାଉଥିଲା ମାଆ ଓ ମାଟିର ମାୟା ମମତା। ଭାଙ୍ଗି ଯାଉଥିଲା ପିଲାବେଳର ସୁନେଲି ସ୍ୱପ୍ନ। କୁଆଁରୀ ଜୀବନର ହସ କୌତୁକ ମିଳେଇ ଯାଉଥିଲା ବାଟରେ ଘାଟରେ, ତୋଟାରେ, ନଈକୂଳରେ। ଦୂରେଇ ଯାଉଥିଲେ ମାତା ପିତା, ଦୂରେଇ ଯାଉଥିଲା ଜନ୍ମମାଟି, ଦୂରେଇ ଯାଉଥିଲା ଫୁଲଠୁ ନରମ ସେହି ନହୁଲି ବୟସ।

ମମତା ମଧୁର ପ୍ରିୟ ଜନସ୍ନେହ ପ୍ରୀତି
ତେଜି ମାତା ପିତା କୋଳ ଶୈଶବ ସାଥି।

ଧୀରେ ଧୀରେ ପ୍ରକୃତିସ୍ଥା ହେଉଥିଲି ମୁଁ । ସହଜ ଅନୁଭବ କରୁଥିଲି । ପାରିଧି କିମ୍ବା ବଣଭୋଜି କଲା ପରି ବାଟସାରା ରହି ରହି ଆମର ପଟୁଆର ମାଡ଼ି ଚାଲିଥିଲା । କେତେ ବଡ଼ ବଡ଼ ନଈ, ଘଞ୍ଚ ଅରଣ୍ୟ, ସୁନ୍ଦର ସୁନ୍ଦର ପାହାଡ଼, କେତେ ନୂଆ ସହର, ଗାଁ ତଥା ତାଙ୍କର ଅପରିଚିତ ଭାଷା, ବ୍ୟବହାର ଓ ଚଳଣି ସହିତ ପରିଚିତ ହେଇ ହେଇ ଆମେ

ISSN NO.
2582-208X

ଯାଉଥାଉ। ଖୁବ୍ ମଜା ଲାଗୁଥାଏ। ଯେଉଁଠି ପାଲିଙ୍କି ରହେ ଆମେ ଓହ୍ଲେଇ ପଡୁ। ଆମ ଚାରି ଭଉଣୀଙ୍କୁ ଛାଡ଼ି ଆମ ସହିତ ଆମର ପ୍ରିୟ ସଖି କାଦମ୍ବିନୀ ଓ ସୁରମା, ଲାବଣ୍ୟା, ଧୀରା ଓ ଚିତ୍ରା ଆସି ଥାଆନ୍ତି। ବଡ଼ ବାପା ଜଣେ ବୟସ୍କା ଓ ଅନୁଭବୀ ମହିଳା ଶଙ୍ଖି ମାଉସୀଙ୍କୁ ମଧ୍ୟ ପଠେଇ ଥାଆନ୍ତି ଆମକୁ ଟିକେ ଆକଟରେ ରଖିବା ପାଇଁ, ଓ ସୁବିଧା ଅସୁବିଧା ଦେଖିବା ପାଇଁ। ଅନେକ ଦୂର ବାଟ। ପ୍ରତିକୂଳ ପାଗ କିମ୍ବା ପରିସ୍ଥିତି ପଡ଼ିଲେ ପହଞ୍ଚିବାକୁ ମାସ ମାସ ଲାଗିଯିବ। ଆକଟ ଆଉ କାହାକୁ କି, ମୋତେ ଓ ଶ୍ରୁତିକୁ। ନାନୀ ତ ନିଜେ ନିଜକୁ ଖୁବ୍ ଆକଟରେ ରଖି ପାରେ । ଉର୍ମିଳା ତ ନିଦେଇ।

ସବାରୀରୁ ତଳେ ପାଦ ନ ରଖୁଣୁ ମୁଁ ଓ ଶ୍ରୁତି ଛୁ ମାରୁ ଶଙ୍ଖି ମାଉସୀଙ୍କୁ ଧପ୍ପା ଦେଇ । ବଣ ଜଙ୍ଗଲରେ କୁଆଡ଼େ କୁଆଡ଼େ ଖେପି ଯାଉ । ବୁଢ଼ୀଟା କଣ ଅଟକାଇବା ଆମକୁ। ଜନ ବସତି ହେଲେ ତ ଗପ ଯୋଡ଼ି ଦେଉ ସେଠାକାର ଝିଅ ବୋହୁଙ୍କ ସହିତ, ଦର ଖଣ୍ଡିଆ ଭାଷାରେ । କିଛି ନହେଲେ, ହାତ, ଆଖି, ଆଙ୍ଗୁଳି ଠାରରେ । ଆଉ ? ଆମେ କଣ ସେସବୁ ଭାଷା ଜାଣିଥିଲୁ ? ଆମ ଦିଟାଙ୍କୁ ନଜର ରଖିବା ଲାଗି କିନ୍ତୁ ଶତୃଘ୍ନ ଅହରହ ଆମ ଆଖ ପାଖରେ ଉହୁର ଡୁହୁର୍ ହେଉଥାନ୍ତି । ଶ୍ରୁତି ବିରକ୍ତ ହୁଏ । ତା ଲୋକଟା ତ, ସେଥିପାଇଁ ଶହେରୁ ଶହେ ବିରକ୍ତ ହେବାର ଅଧିକାର ତା'ର । ବେଶି ଚିଡ଼ି ମିଡ଼ି ହେଲେ ଶତୃଘ୍ନ ଠାରି ଦିଅନ୍ତି ବଡ଼ଭାଇଙ୍କ ଆଡ଼କୁ। ଆମେ ଚୁପ୍ ହେଇଯାଉ ।

ବଡ଼ଭାଇ ଭି କେମିତି ଯେ  ଯିଏ ଯେଉଁଠି ଯେତେବେଳେ ଭାବିବ ତାଙ୍କୁ ପାଖରେ ପାଇବ। ଯେମିତି ସର୍ବ ବିଦ୍ୟମାନ ! ତାଙ୍କର ସେହି ମର୍ଯ୍ୟାଦା ପୂର୍ଣ୍ଣ ରୂପଟାକୁ ଦେଖିଲା ମାତ୍ରକେ ସମ୍ଭ୍ରମ ଓ ସମ୍ମାନରେ ମୁଣ୍ଡ ଆପେ ଆପେ ନଇଁ ଯାଏ, ଭୁଲ୍ କାମରୁ ମନ ଛାଁକୁ ଓହରି ଆସେ, ଭୁଲ୍ ବାଟ ସଳଖି ଯାଏ ।

କ୍ରମଶଃ ......

(((-)))

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଫ୍ଲାସବ୍ୟାକ୍



ବିନୟ ମହାପାତ୍ର

ମରିବାକୁ ଡର ନାହିଁ,
ମୃତ୍ୟୁ ତ ଆସିବ ନିଶ୍ଚୟ,
ଆଜି, ନହେଲେ, କାଲି ତ ଆସିବ,
ଅବା ଆଉ କଛି ଦିନ, ଜୀବନ,
ଆଉ ଜୀବନର ଯନ୍ତ୍ରଣାକୁ
ମନ ଭରି ଜୀଇଁବା ପାଇଁ
ମହଲତ ମିଳି ଯିବ ।
ସତେ କେତେ ଆନନ୍ଦ ଆସନ୍ତା,
ବାହୁଡ଼ିବା ପୂର୍ବରୁ ଯଦି,
କିଛି ମୁହୁର୍ତ୍ତ,
ଫ୍ଲାସବ୍ୟାକ୍ ରେ ଯାଇ,
ବିତି ଗଲା ଦିନ ମାନଙ୍କର
ବିହଙ୍ଗାବଲୋକନ ପାଇଁ,
କିଛି ସମୟ ମିଳନ୍ତା ।
ସମୟର ପଛକୁ ଫେରି,
ଥରଟିଏ ବୁଲି, ଦେଖି ଆସନ୍ତି,
ମୋର ସେଇ ପୁରୁଣା ଦିନର
ଧୂଳି ମାଟିର ଗାଁ,
ଆଉ ଥରେ ମନ ଭରି ଦେଖି ନିଅନ୍ତି ।

ISSN NO.
2582-208X

ସେଇ, ସ୍କୁଲ କଲେଜର
ବେପରୁଆ ଜୀବନ
ଆଉ ଥରେ ଜୀଇଁ ନିଅନ୍ତି,
ଆଦ୍ୟ ଯୌବନର,
ପ୍ରେମର ସେ ଅପୂର୍ବ ଅନୁଭବେ
ଆଉ ଥରେ ହଜି ଯାଆନ୍ତି,
ପ୍ରେମିକାର ହାତ ଧରି
କାଠଯୋଡି ବାଲୁକା ପଠାରେ
ଅସ୍ତ ସୂର୍ଯ୍ୟର ନାଲିମା ଦେଖନ୍ତି ।
ଅବା ବିନା ଡିଜେ କାନ ଫଟା ଗହଳିର,
ସାଧା ସିଧା ମୋ ବାହାଘର ପଟୁଆର,
ବର ବେଶେ, ଆଉ ଥରେ ପୁଲ୍ଲକିତ ହୁଅନ୍ତି ।
କିଛି ନହେଲେ ନାହିଁ,
ଶେଷ ଥର ପାଇଁ,
ଝିପି ଝିପି ବରଷାରେ ଭିଜି,
ଗାଁ ଦାଣ୍ଡ ଗୋଳିଆ ପାଣିରେ,
କାଗଜର ନାଆ ଭସାଇ ଦିଅନ୍ତି ।
ଗାଁ ରାସ୍ତା, ବିଲ ଦଣ୍ଡା,
କାଦୁ ପଚ୍ ପଚ୍ ଚିକିଟା ମାଟିରେ
ଛୋଟ ପିଲାଟିଏ ହୋଇ ସ୍ଲାଇଡର ଖେଳନ୍ତି,
ମୋ ଗାଁ ମାଟି, ଚନ୍ଦନ ପରି, ଦେହ ସାରା ବୋଳି,
କାଦୁ ସାଲୁ ବାଲୁ ହୋଇ ଘରକୁ ଫେରନ୍ତି ।

(((-)))

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ବରଯାତ୍ରୀ



ବିଜୟକେତନ ମହାନ୍ତି

ହିନ୍ଦୁ ଜୀବନର ୧୬ ଟି ସଂସ୍କାର ଭିତରୁ ଗୋଟିଏ ସଂସ୍କାର ବିବାହ । ଏହା ସବୁଠୁଁ ଉଚ୍ଚ କୋଟୀର ।

ବରଯାତ୍ରୀ କିମ୍ବା ବରାନୁଗମନ ହେଉଛି ଓଡ଼ିଆ ହିନ୍ଦୁ ବିବାହରେ ଏକ ଆନୁଷ୍ଠାନିକ ବିବାହ ଶୋଭାଯାତ୍ରା । ଯେଉଁଠାରେ ବର, ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କ ସହିତ, କନ୍ୟାର ସ୍ଥାନକୁ ଯାତ୍ରା କରନ୍ତି। ଏହା ଏକ ଉତ୍ସବମୁଖୀ, ନୃତ୍ୟ ଏବଂ ସଂଗୀତମୟ କାର୍ଯ୍ୟକ୍ରମ । ଯେଉଁଥିରେ ପ୍ରାୟତଃ ବରର ଆଗମନକୁ ପାଳନ କରିବା ପାଇଁ ପାରମ୍ପରିକ ରୋଷଣୀ ଓ ବାଣ ର ବ୍ୟବସ୍ଥା କରା ଯାଇଥାଏ । ବର ସହିତ ଛୋଟ ପିଲାଟିଏ ଯାଏ । ତାକୁ ମାର୍କୁଣ୍ଡି କୁହାଯାଏ । ବାହାଘର ଦିନ ବରକୁ ସ୍ପେଶାଲ୍ ଟ୍ରିଟମେଣ୍ଟ ମିଳିଥାଏ । କନ୍ୟାକୁ ମଧ୍ୟ । ସେଦିନ କେହି ତାଙ୍କର ନାଆଁ ଧରି ଡାକନ୍ତି ନାହିଁ । ସମସ୍ତେ ବର, କନ୍ୟା ବୋଲି କୁହନ୍ତି ।

ଆଗେ, ବର ପାଲିଙ୍କି ରେ ବସି ଯାଉଥିଲା । କନ୍ୟା ସବାରିରେ ବସି ଶାଶୁ ଘରକୁ ଆସୁଥିଲା। ପାଲିଙ୍କି ଖୋଲା ଥାଏ । ସବାରୀରେ ପରଦା ଲାଗିଥିବ । କାନ୍ଧେଇକି ନେଲାବେଳେ, ପାଲିଙ୍କି ଗୀତର ଏମିତି ପଦ ସବୁ ଶୁଣିବାକୁ ମିଳୁଥିଲା;

ହାଗୁନ୍ ଦା ବୋଲ ମାଗୁନ୍ ଦା ବୋଲ
ବାବାରେ ଆଲୁଅ କେଡେ ଝଲମଲ ।
ଠେକା ବାନ୍ଧି ବର ବେଦୀକୁ ଯିବରେ
ଗୋରୀ କନିଆଁର ହାତ ଧରିବରେ ।

ISSN NO.
2582-208X

ଘରକୁ ସୁନ୍ଦର ଘରଣୀ ଥିଲେ ରେ
ମିଣିପ ଲୋକକୁ ଚୁଲି ଛାଉଲେ ରେ I

xxxxxx

ବରଯାତ୍ରୀ ଆସି ଗାଁରେ ପହଁଚିଲା ବେଳକୁ ଭୋର ହେଇ ଯାଉଥିଲା I ପ୍ରଥମେ ବାରିକ ସେମାନଙ୍କ ଗୋଡ ଧୋଇ ଦେଉଥିଲେ I ଆଗରୁ କୂଅ ପାଖରେ, କୁଣ୍ଡରେ ପାଣି ଓ ଲୋଟା ରଖା ଯାଇଥିବ I ପରେ ସେମାନଙ୍କୁ ଦାନ୍ତକାଠି ଦିଆଯାଏ I ତା' ପରେ ଗାଧୋଇବା ପାଇଁ ସାବୁନ ଓ ବାସନା ତେଲ ମଧ୍ୟ I ବରଯାତ୍ରୀଙ୍କ ଗାଧୁଆ ପାଧୁଆ ପାଇଁ, ଗାଁ ର ଭଲ ଗାଡ଼ିଆ ଛାଡି ଦିଆଯାଏ I ପ୍ରଥମେ ଜଳଖିଆରେ ପୁରୀ, ତରକାରୀ, ଜଲିପି, ପାଚିଲା କଦଳୀ ଓ ରସଗୋଲା ଇତ୍ୟାଦି ଦିଆଯାଏ I ତା ପରେ ବାହାଘର I ପରେ ପୁଣି ଖରାବେଳ ଭୋଜିରେ, ପ୍ରାୟ ପଲାଉ, ମାଛ ତରକାରୀ, ମାଛ ଘଣ୍ଟିଆ ଏମିତି ପ୍ରାୟ ପାଞ୍ଚ ଛ ପ୍ରକାର ଆଇଟମ ହୋଇଥିବ I ଏସବୁ ବି ଗାଁରେ ଆଉ ନାହିଁ I ସମୟ କ୍ରମେ ସବୁ ବଦଳି ଗଲାଣି I

ପ୍ରାୟ ସବୁ ବରଯାତ୍ରୀଙ୍କ ଭିତରେ ୫/୬ ଜଣ ଏମିତି ଥିବେ, ତାଙ୍କର ମୂଳ ଲକ୍ଷ, କେମିତି ଯାଇ କନ୍ୟା ପଟେ ଉତ୍ପାତ୍ କରିବେ I ଅବଶ୍ୟ ବରଯାତ୍ରୀ ଟିକେ ଚଗଲାମି ନ କଲେ, ବରଯାତ୍ରୀ ଭଳିଆ ଲାଗନ୍ତିନି I ମାତ୍ର ଅଧିକ ହେଲେ, ଝଗଡ଼ାର ରୂପ ନେଇଥାଏ I ଏମାନଙ୍କ ଭିତରେ ଜଣେ ସ୍ପେସିଆଲିଷ୍ଟ ଡ୍ୟାନ୍ସର୍ ଥିବ I ସେ ତଳେ ଗଡ଼ିକି, ନାଗୀନ୍ ନାଚଟିଏ ନିଶ୍ଚୟ କରିଦେବ I ଆଉ ଜଣେ ରୁମାଲ ଟିଏ ଧରି ସାପୁଆ କେଳା ସାଜିଥିବ I ଖିଆ ପିଆରେ ଏତିକି ନଖରା ! ଘରେ ପଛେ ନିରୋଳା ସାଜନା ଶାଗ ପଖାଳ ଖାଉଥିବେ, ସେଦିନ କିନ୍ତୁ ତାଙ୍କୁ ଭଲ ଖାସି ମାଂସ ତରକାରୀ ଦରକାର I ଯେହେତୁ ବରଯାତ୍ରୀ, ସେମାନେ ସ୍ପେସିଆଲ୍ ଟ୍ରିଟମେଣ୍ଟ ପାଇଁ ହକଦାର !

ହାତଗଣ୍ଠି ପର୍ଯ୍ୟନ୍ତ, କନ୍ୟାପକ୍ଷ ଏମାନଙ୍କର ନଖରା ଉଠାଇବାକୁ ବାଧ୍ୟ I ନହେଲେ, ବିଶୃଙ୍ଖଳା ହେବା ସୁନିଶ୍ଚିତ I ଏମାନଙ୍କୁ ବି ବଡ ଧୁମ୍ ଧାମ୍ ରେ ସ୍ୱାଗତ କରାଯାଏ I କନ୍ୟା ପଟ ଲୋକ ବଡ ଚିନ୍ତାରେ ଥାଆନ୍ତି I କେମିତି ବରଯାତ୍ରୀ ସନ୍ତୁଷ୍ଟ ହୋଇ, ଖାଇକି ଯାଆନ୍ତୁ I ଯେମିତି, କିଛି ଲଫଡା ନ ହେଉ I ଏମାନଙ୍କ ପାଇଁ ସ୍ପେଶଲ ରୋଷେଇ ହୋଇଥାଏ I ଅବଶ୍ୟ ହାତ ଗଣ୍ଠି ପଡିଗଲା ପରେ, ଏମାନଙ୍କ ମୂଲ୍ୟରେ ଏକଦମ୍ ହ୍ରାସ ଦେଖା

ISSN NO.
2582-208X

ଯାଇଥାଏ । ସମସ୍ତେ ଟିକେ ଆଶ୍ୱସ୍ଥ ହୁଅନ୍ତି । ବେଳେ ବେଳେ ଏମାନଙ୍କ ଉତ୍ପାତ ଏତେ ବଢି ଯାଇଥାଏ ଯେ, ଦେହରେ ମୁଣ୍ଡରେ, ଉତ୍ତମ ମାଧ୍ୟମ ଖାଇ, ଏମାନଙ୍କୁ ଫେରିବାକୁ ପଡ଼ିଥାଏ ।

ଏଇ କିଛି ଦିନ ତଳେ, ଗୋଟିଏ ଖବର ସୋସିଆଲ୍ ମିଡିଆରେ ଆସିଥିଲା । ବରଯାତ୍ରୀ ରାତି ଅଧରେ ମଟନ୍ ଖାଇବେ ବୋଲି, ଅଡି ବସିଥିଲେ । କନ୍ୟାର ବାପା ମା' ହାତ ଯୋଡ଼ି କେତେ ନେହୁରା ହେଲେ । ହେଲେ ସେମାନେ ନିଜ ଜିଦ୍ ରେ ଅଟଳ । ବର ବି ସେମାନଙ୍କ ସାଥିରେ, ହଁ ରେ ହଁ ମିଳାଉ ଥାଏ । କଥାଟି ଝିଅର କାନକୁ ଗଲା । ଝିଅ ବାହା ହେବା ପାଇଁ ରୋକ୍ ଠୋକ୍ ମନା କରିଦେଲା । ସେତେବେଳେ ଯାଇ ସେମାନଙ୍କର ଅକଲ ଫେରିଥିଲା । କିନ୍ତୁ ସେତେବେଳକୁ ବହୁତ୍ ଡେରି ହେଇ ଯାଇଥିଲା । ବରକୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଥିଲା ।

ଥରେ, ଗାଁରେ ଥିଲା ବେଳେ, ମୋତେ ଆମ ସାହିର ଗୋଟେ ବାହାଘରରେ ଯୋଗ ଦେବାର ସୁଯୋଗ ମିଳିଥିଲା । ବରଯାତ୍ରୀ କଟକରୁ ଆସିଥାଆନ୍ତି । ଖାଇଲା ବେଳେ ଟିକେ ନଖରା ଆରମ୍ଭ କରି ଦେଲେ । ବହୁତ କଷ୍ଟରେ ଗାଁ' ଲୋକ ହାତ ଯୋଡି, ସେମାନଙ୍କୁ ସନ୍ତୁଷ୍ଟ କରାଇ ଥିଲେ । ପରେ ଜଣେ ଜେଜେଙ୍କୁ କହୁଥିବାର ଶୁଣିଥିଲି – "ୟାଙ୍କ ଭିତରେ କିଛି xxxx ଅନନ୍ତା ଅଛନ୍ତି । ପ୍ରତି ଦିନ ବୁଲି ବାଲି ରାତି ଅଧରେ ଘରକୁ ଫେରନ୍ତି । ପ୍ରଥମେ ଚୁଲି ମୁଣ୍ଡରେ ଗୋଡ ରଖି ଦେଖନ୍ତି । ଉଷୁମ ଥିଲେ, ମା' କୁ ଖାଇବାକୁ ମାଗନ୍ତି । ନ ହେଲେ ପାଣି ଲୋଟାଏ ପିଇ, ଶୋଇ ପଡ଼ିଥାଆନ୍ତି । ଏମାନଙ୍କ ନଖରା ଏତିକି ବେଳେ ବାହାରେ ସବୁ" ।

ବରଯାତ୍ରୀଙ୍କ ବିନା, ବାହାଘର କେବେବି ଭଲ ଲାଗିବନି । ସବୁ ବାହାଘରରେ ବିଶୃଙ୍ଖଳା ହୁଏନି । କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ, ବରଯାତ୍ରୀ ମାନେ ଯେତିକି ନ ଖାଆନ୍ତି, ତା'ଠୁ ଅଧିକ ନଷ୍ଟ କରି ଥାଆନ୍ତି । ସେତେବେଳେ, ନଷ୍ଟ କରିବାଟା ଗୋଟେ ଗୌରବ ବୋଲି ମନେ କରିଥାଆନ୍ତି, ଏମାନେ । କିଛି ଜିନିଷ ଭଙ୍ଗା ରୁଜା ବା ଲୁଚା ଛପା କରିବାଟା ସତେ ଯେମିତି ଗୋଟାଏ ବିଧି ବୋଲି ଏମାନେ ଭାବନ୍ତି ।

ISSN NO.
2582-208X

ରାଉରକେଲାରେ, ମୋ ବଡଭଉଣୀ ବାହାଘରରେ ଦେଖିଛି । ରସଗୋଲାରେ ଗୁଲି ଖେଳିବା ଆରମ୍ଭ କରି ଦେଲେ । ଦେଖନ୍ତି ନାହିଁ, କନ୍ୟା ପରିବାରର ଆର୍ଥିକ ଅବସ୍ଥା । ବାହାଘର ପାଇଁ, କନ୍ୟାର ପିତା ନିଜ ଜୀବନ ଯାକର ସଞ୍ଚୟ ପ୍ରାୟ ବିନିଯୋଗ କରି ଦେଇଥାଆନ୍ତି । ଦ୍ୱିତୀୟରେ, ପ୍ରାକୃତିକ ସମ୍ବଳ ତ ସୀମିତ । ଏହାର ସଂରକ୍ଷଣ ଗୁରୁତ୍ୱପୂର୍ଣ୍ଣ ଓ ଆମର ପ୍ରଥମ କର୍ତ୍ତବ୍ୟ । ପ୍ରକୃତରେ, ପ୍ରତ୍ୟେକ ଖାଦ୍ୟ ପଦାର୍ଥ ମୂଲ୍ୟବାନ । ସମାଜରେ ଏହାର ଅପଚୟ, କେହି ଗ୍ରହଣ କରି ପାରିବେ ନାହିଁ । ଅବଶ୍ୟ ଆମେ କେତେବେଳେ ବରଯାତ୍ରିରେ ଯାଉ ତ, କେତେବେଳେ ଆମ ପରିବାରର ଝିଅ ବା ଭଉଣୀ ବା ପିଉସୀ ଅଥବା ସର୍ବୋପରି କନ୍ୟା ପକ୍ଷର ଅଭ୍ୟର୍ଥନାକାରୀ ବି ହେଉ । ତେବେ, ବିବାହ, ଜୀବନର ଏକ ଆନନ୍ଦ ଗୌରବର ବିଷୟ । ବର ଆଗମନ ଅତି ଆଡ଼ମ୍ବରରେ ହୁଏ । ବାଣ, ବାଜା, ନାଚ ଗୀତ ମଧ୍ୟରେ ବରଯାତ୍ରୀଙ୍କ ମଶଗୁଲ୍ ଚାଲି, ପଟୁଆର ସବୁ ଆନନ୍ଦ ଗୌରବର ଉତ୍ସବୀୟ ବିଷୟ । ବର ବେଶରେ ଯେମିତି ହଜାର ହଜାର ଲୋକ ବରକୁ ଦେଖି ଖୁସି ହୁଅନ୍ତି, ବରଯାତ୍ରୀ ମଧ୍ୟ ଶାନ୍ତ, ଶୃଙ୍ଖଳିତ, ସଭ୍ୟ ରୂପରେ ମଜାମଜ୍ଲିସ ରେ ଆସିଲେ ବଡ଼ ସୁନ୍ଦର ହୁଏ ବିବାହ କାର୍ଯ୍ୟ । ଅଯଥା ନଷ୍ଟ, ଅପ୍ରୀତିକର ପରିସ୍ଥିତି ସୃଷ୍ଟି, ଶାନ୍ତ ଉତ୍ସବକୁ ଦ୍ୱନ୍ଦ୍ୱ, କଳୁଷିତ ନ କରୁ – ଏହା ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ।

(((-)))

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# ଅପାସୋର୍ ଚେହେର୍



ପ୍ରତିଭ୍ ଦାଶ

ମୋ ହୃଦୟରେ ତୁମେ ରୁହ ପ୍ରଭୁ
ସୁଖ ଦୁଃଖର ସାଥୀ ତୁମେ
ବିପଦର ଡଙ୍ଗାକୁ ନିଅ କାତ ମାରି
ଯେବେ ଥିଲେ ପ୍ରତିକୂଳେ ।
ହସି ହସି ତୁମ ନାମ ଧରି ନାଥ
ସହିଯାଏ ସବୁ କଷ୍ଟ
ପାପୀଙ୍କୁ ଶାସ୍ତି ଦେବା ପାଇଁ
କରିଥାଅ ତାଙ୍କୁ ନଷ୍ଟ ।
ତୁମ ନାମ ଗାଇ ଗାଇ ସ୍ୱାମୀ
ବର୍ଷ ବର୍ଷ ଯାଏ କଟି
ଯନ୍ତ୍ରଣା ବାଧେନି କାୟାକୁ
ତୁମ ନାମ ଉଚ୍ଚାରିଲେ ନିତି ।
ତୁମକୁ ଦର୍ଶନ କରିଲେ ପ୍ରଭୁ
ଆଖି ଯାଏ ମୋର ଲାଖି
ଏକ ଲୟରେ ଚାହିଁଥାଏ ମୁହିଁ
ତୋ କଳାବଦନକୁ ଅନାଇ ।
ତୁମ ପାଦ ପଦ୍ମେ ମାରିଲେ ମୁଣ୍ଡିଆ
ଲାଗେ ସ୍ୱର୍ଗ ପରି ଅନୁଭୂତି
ସେ ସୁଖ ଆଉ କେଉଁଠୁ ମିଳିବ
ପୃଥିବୀ ସାରା ଖୋଜିଲେ ବି ।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି, ନୂଆପଡ଼ା/ମୋ:-୭୮୯୪୫୨୮୪୯୩

ISSN NO.
2582-208X

# ସଂସ୍କୃତିର ଅଭିଲେଖା....



ରାମଚନ୍ଦ୍ର ବେହେରା

ବାରମାସେ ତେର ପରବରେ ଭରା
ଆମରି ଉତ୍କଳ ଭୂଇଁ
ସବୁଠୁଁ ସୁନ୍ଦର ଶଂଖକ୍ଷେତ୍ର ନାଥ
ପତିତପାବନ ସାଇଁ।
ଛପନ ଭୋଗର ନିତି ରନ୍ଧା କାମ
ହୁଏ ଶିରୀକ୍ଷେତ୍ର ଧାମେ
କୋଣାରକେ ସୂର୍ଯ୍ୟ ମନ୍ଦିର ଦର୍ଶନେ
ବିଷାଦ ନରୁହେ ପ୍ରାଣେ ।
ଗୀତା ଭାଗବତ ସହିଂତା ପୁରାଣ
ଯେତେ ଶ୍ରେଷ୍ଠ ଧର୍ମଗ୍ରନ୍ଥ
ଆମ ସଂସ୍କୃତିର ପୃଷ୍ଠଭୂମି ସାଜି
ଜ୍ଞାନ କରେ ଉଜ୍ଜୀବିତ ।
ଭାରତ ଭୂଖଣ୍ଡେ ଓଡିଆ ଜାତିର
ଆମରି ପୂଣ୍ୟ ପ୍ରଦେଶ
ସଭ୍ୟତା ସଂସ୍କୃତି ଭାଷା ସାହିତ୍ୟର
ଅମଳିନ ଇତିହାସ ।

ISSN NO.
2582-208X

ସଂସ୍କାରକୁ ନେଇ ସଂସ୍କୃତି ମହାନ
ସୁନ୍ଦର ତା'ପ୍ରତିଛବି
ଲୁପ୍ତ କରିବାନି ଆମରି ସଂସ୍କୃତି
ସ୍ୱାର୍ଥ ଅନ୍ଧକାରେ ଡୁବି ।
ସଂସ୍କାର ସଂସ୍କୃତି ଉଚ୍ଚ ପରମ୍ପରା
ଭରେ ପ୍ରାଣେ ମହାଶିକ୍ଷା
ରାଜ୍ୟହିତେ ଆସ ଭାଷାରେ ତୋଳିବା
ସଂସ୍କୃତିର ଅଭିଲେଖା ।

(((-)))

ଅଳକାପୁରୀ, ବରୋଦା
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ଛୁଟିର ମସ୍ତି



ଆଶୁତୋଷ ମେହେର

ପାଠ ପଢା ପରେ ସାଧୁରାମ ଗୋଟାଏ ଛୋଟ କମ୍ପାନୀର ଜୁନିୟର ଏକାଉଣ୍ଟ ଆସିଷ୍ଟାଣ୍ଟ ଭାବେ ଚାକିରୀ ପାଇଗଲା। ଭଲ ଦରମା ହେଲେ, ମାସକୁ ମାସ ଏକ୍ସେଲ ସିଟ୍ ରେ କମ୍ପାନୀର ଡାଟା ସବୁ ଭରି ଭରି ତା ଆଖି ଥକିଯାଉଥିଲା। କମ୍ପୁଟର ସ୍କ୍ରିନରେ ଘଣ୍ଟା ଘଣ୍ଟା କାମ କରି ଆଖି ଲାଲ ହୋଇ ଯାଉଥିଲା।

ସେ ଦିନକାମ ସାରି ଘରକୁ ଫେରିବା ରାସ୍ତାରେ ବିଭାଗ ଅଧିକାରୀଙ୍କ ଠାରୁ ମୋବାଇଲ ରେ ମେସେଜ୍ ଆସିଲା,"ଆସନ୍ତା ଶନିବାର ଓ ରବିବାର ଦୁଇଦିନ ଛୁଟି ରହିବ। କାହାକୁ ଅଫିସ୍ ଆସିବାକୁ ପଡ଼ିବ ନାହିଁ। ଏଇ ଦୁଇ ଦିନ ବେଶ ମଜା ମଉଜ କର।"

ସାଧୁରାମ ମନରେ ଧାରେ ହସ ଫୁଟିପଡିଲା ସତେ ଯେପରି ତାର ଗୋଟାଏ ଲକ୍ଷେ ଟଙ୍କାର ଲଟେରି ଲାଗିଯାଇଛି। ସେ ସାଙ୍ଗେ ସାଙ୍ଗେ ଫୋନ୍ ଲଗାଇଲା ତାର ବେଷ୍ଟଫ୍ରେଣ୍ଡ୍ ବିକି କୁ, "ବିକି ଭାଇ ଏଇ ଶନିବାର ଓ ରବିବାର କଣ ପ୍ରୋଗ୍ରାମ କରିଛୁ?"

......"ବିଶେଷ କିଛି ନାହିଁ। କଣ ହେଲା କି ସାଧୁ ଭାଇ?"

"ତେବେ ଶୁଣ। ମୋବାଇଲ ରେ ଅଫିସର ମେସେଜ ଟିକେ ଦେଖ, ଆସନ୍ତା କାଲି ଓ ରବିବାର ଦୁଇଦିନ ଛୁଟେ। ଆମେ ଦୁହେଁ ଏକାଠି ମିଶି ଶନିବାର ସକାଳୁ ସକାଳୁ ବାଇକ୍ ରେ ପାଖର ବେଲଘର ଯିବା। ସେଠାରେ ନୂଆ ଖୋଲିଥିବା ଶମ୍ଭୁ ରେଷ୍ଟୁରାଣ୍ଟରେ ମୋଗ୍ଲାଇ

ISSN NO.
2582-208X

ପରଠା ଖାଇବା। ପରେ ସେଠିକାର ପାର୍କରେ ଫୁଲ ପ୍ରଦର୍ଶନୀ ବୁଲିବା ଆଉ ବହୁତ ଫଟୋ ଉଠାଇବା। ଦୁଇପହର ବେଳା ସେଇ ଶମ୍ଭୁ ରେଷ୍ଟୁରାଣ୍ଟ ରେ ଲଞ୍ଚ କରିବା । ସଂଧ୍ୟାରେ ଆଖପାଖରେ ବୁଲାବୁଲି କରିବା ଆଉ ରାତି ବେଳାରେ ହିଁ ଫେରିବା। ବୁଝିଲୁ ପ୍ଲାନ୍ ଏକଦମ୍ ଫାଇନାଲ୍। ଶନିବାର ସକାଳେ ଠିକ୍ ସାତଟାରେ ବାଇକ୍ ଷ୍ଟାର୍ଟ।"

ଶନିବାର ରାସ୍ତାରେ ମଟରସାଇକେଲ ରେ ବସି ବିକି କହିଲା — "ଆଜି କିନ୍ତୁ କୌଣସି ଟେନସନ୍ ନାହିଁ ବ୍ରୋ। ଫୋନ୍ ସାଇଲେଣ୍ଟ୍ ରଖିଦେ, ମୁଁ କରି ଆଗରୁ କରିଦେଇଛି।"

ସାଧୁ ମଟରସାଇକେଲ୍ ରାସ୍ତା କଡରେ ରଖି ଫୋନ୍ କୁ ସାଇଲେଣ୍ଟ୍ କରି, ପକାଇଦେଲା ବ୍ୟାଗ୍ ଭିତରେ । ବେଲଘର ପହଞ୍ଚିଲେ। ପରାଠା ଖାଇଲେ। ଆଉ ପରେ ପରେ ଦୁଇଗ୍ଲାସ୍ ଲସି ଜମାଇ ପିଇଲେ । ତାପରେ ପହଞ୍ଚିଇଲେ ଫୁଲ ପ୍ରଦର୍ଶନୀରେ। ବୁଲିବୁଲି ଫଟୋ ଉଠାଇ ଉଠାଇ ଥକି ଗଲାରୁ ବସିଲେ ଯାଇ ଗୋଟାଏ ଛୋଟ ନିଛାଟିଆ ସ୍ପଟ୍‌ରେ ଓ ଗାଇବା ଆରମ୍ଭ କଲେ — " ଆଜି ଦିନ ଛୁଟି ...ମଜା କରେଙ୍ଗେ...ଘୁମେଙ୍ଗେ...ଫିରେଙ୍ଗେ"

ଦେଖୁଁ ଦେଖୁଁ ସଂଧ୍ୟା ହୋଇଗଲା, ମଉଜ ମସ୍ତି କରି ଥକି ଗଲେବି ଦୁଇଜଣ ବହୁତ ଖୁସି। ବିକି କହିଲା, "ଏବେ ଚାଲ ରାସ୍ତାରେ ଥିବା ସେଇ ପଞ୍ଜାବୀ ଢାବାରେ ମଟନ ବିରିୟାନୀ ଖାଇ ଫେରିବା।"

ରାତି ନଅଟା। ପଞ୍ଜାବୀ ଢାବାରେ ବସି ବିରିୟାନୀ ଅର୍ଡର ଦେଇ , ଫୋନ୍ ଚାର୍ଜ କରିବାକୁ ବସାଇ ଦେଲେ। ଚାର୍ଜକରି ଦେଖିବା ବେଳକୁ ସାଧୁରାମ ଙ୍କ ମୋବାଇଲ ରେ ଦଶଟି ମିସ୍‌ଡ୍ କଲ୍ ଓ ପନ୍ଦରଟି ମେସେଜ୍। ସବୁ ପୁଣି ଅଫିସରୁ। ଏ କଣ, ଆଜି ପରା ଅଫିସ୍ ର ଥିଲା ଛୁଟିଦିନ!!!

ପ୍ରଥମ ମେସେଜ୍ ସୁମନ୍ତବାବୁ, ଏକାଉଣ୍ଟ ଅଫିସରଙ୍କ ଠାରୁ, "ସାଧୁରାମ କଣ ହେଲା? ଆଜି ତ ଅଫିସ୍ ର ଏକାଉଣ୍ଟ କ୍ଲୋଜ୍ କରିବାକୁ କହିଥିଲି ତୁମେ ଅଫିସ୍ ଆସିଲ ନାହିଁ ଯେ? ମୋବାଇଲ ବି ସାଇଲେଣ୍ଟ କରିରଖିଛ।"

ISSN NO.
2582-208X

ଦ୍ୱିତୀୟ ମେସେଜ୍, ପ୍ରତୀକ ତା ସହକର୍ମୀ ଠାରୁ,"ଆଜି ତ ଅଫିସ୍ ଖୋଲା ଥିଲା ରେ ସାଧୁ! ତୁ କୁଆଡେ ଯାଇଥିଲୁ ? ଅଫିସରେ ପରା କେବଳ ମାର୍କେଟିଂ ଟିମ୍ ର ଲୋକମାନେ ଛୁଟି ପାଇଥିଲେ। ଆମ ଆକାଉଣ୍ଟ ବିଭାଗ ର ସମସ୍ତଙ୍କୁ ତ ଆସିବାକୁ ଥିଲା!"

ବିରିୟାନୀ ଖାଇବ କଣ, ସାଧୁରାମ ର ମୁହଁ ଶେଥା ପଡିଗଲା। ବିରିୟାନୀରୁ ବାସ୍ନା ମରିଯାଇଥିଲା ଯେମିତି!!

ଶେଷ ମେସେଜ୍, ଏକାଉଣ୍ଟ ଚିପ୍ ବସ୍ ଠାରୁ, "ସାଧୁରାମ, କାଲି ସକାଳେ ୯ଟା ପୂର୍ବରୁ ଅଫିସ୍ ରେ ରିପୋର୍ଟ କରିବ ଯେକୌଣସି ମତେ।"

ସାଧୁ ବିକିକୁ କହିଲା —"ବିକିଭାଇ... ଆମେ ତ ଛୁଟି ପାଇଥିବା ଭାବି ନେଲା... ଆମ ସେକସନ୍ ରେ ବି କଥା ହେଉଥିଲେ କ୍ଲୋଜ୍ ହେବ ନାହିଁ ବୋଲି!"

ବିକି ହସି ହସି କହିଲା —"ସାଧୁ ଭାଇ, ଚିନ୍ତା କରନି। ଏଇଟା ହିଁ ତ ପ୍ରକୃତ ଛୁଟିର ମଜା!! ଟିକିଏ ଭୁଲ୍ ବୁଝାମଣା ସାଙ୍ଗକୁ ସାମାନ୍ୟ ଭୟ ସହ ଅଫିସ୍ ରେ ବସ୍ କୁ ସାମ୍ନା କରିବାର ସଂଶୟ!!!"

ଦୁଇ ଜଣଙ୍କ ମନରେ ଟିକିଏ ଦୁଃଖ ହେଲେବି, ହସି ହସି ମଜା ନେଉ ଥିଲେ ଦୁଇଜଣ। ସାଧୁରାମ ମନେମନେ ଭାବୁଥିଲା —"ଆସନ୍ତା କାଲି ଅଫିସରେ ବସ୍ ଙ୍କ ଆଗରେ କଣ କହିବି ସେଇଟା ଯୋଗାଡ କରିବାକୁ ହେବ... । ସେ ଯାହା ହେଉ, କିନ୍ତୁ ଆଜିଦିନଟା ତ ସତରେ ମସ୍ତିରେ କଟିଗଲା! କିଛି ଅସୁବିଧା ହେବନି, ତା ବସ୍ ଟା ଜଣେ ଭଲ ଲୋକ....ସେ ତାଙ୍କୁ ଆହୁରି ବେଶୀ କାମ କରି ସମ୍ଭାଳି ନେବ ଯେ......।"

(((-)))

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024
ଦୂରଭାଷ 9437085396

ISSN NO.
2582-208X

# ତୁମେ ତୁମେ କହି ତୁମେ ଯେବେ ଡାକ



କବିତା ବେହେରା

ତୁମେ ତୁମେ କହି ତୁମେ ଯେବେ ଡାକ,
ମୋର ନାମଟି ହୋଇଯାଏ ଅମୃତାକ୍ଷର।
ସେ ଶବ୍ଦରେ ଲୁଚିଥାଏ ଅନନ୍ତ ସ୍ପନ୍ଦନ,
ଯେପରି ଗଗନରେ ଉଦିତ ଚନ୍ଦ୍ରର ନିର୍ମଳ ଅଭିସାର।
ତୁମ ଉଚ୍ଚାରଣର ପ୍ରତିଟି ଅକ୍ଷର,
ମୋ ହୃଦୟରେ ହୋଇଯାଏ ଲିପିବଦ୍ଧ।
ମନର ଗୁପ୍ତ ଅନୁ କୋଣରେ ଜାଗେ ଅନୁରାଗ,
ଅନୁଭୂତିର ମଞ୍ଚରେ ଆରମ୍ଭ ହୁଏ,
ପ୍ରେମର ଅଭିନୟ ।
ତୁମେ ଯେବେ ମୃଦୁ ସ୍ୱରେ ଡାକ,
ମୋ ନିର୍ଜନତା ଉଭେଇ ଯାଏ ସ୍ନିଗ୍ଧ ସ୍ପର୍ଶରେ।
ବିରହର ଅନ୍ଧକାର ହୋଇଯାଏ ଉଜ୍ଜ୍ୱଳ,
ତୁମ ଡାକର ଦୀପଶିଖାର ଆଲୁଅ ରେ ।
ସେ କ୍ଷଣଟି ହୋଇଯାଏ ଅକ୍ଷୟ ,
ନାହିଁ ଯାହା ସୀମା ରେ ଆବଧ।
ତୁମର "ତୁମେ"ଶବ୍ଦରେ ମୋର ଅସ୍ତିତ୍ୱ,
ପାଏ ନୂତନ ଅର୍ଥ, ନୂତନ ପରିଚୟ,
ତୁମେ ତୁମେ କହି ତୁମେ ଯେବେ ଡାକ,
ମୋ ରକ୍ତସ୍ରୋତରେ ଦୌଡ଼େ ଉଷ୍ମ ଆବେଗ।

ISSN NO.
2582-208X

ହୃଦୟ ହୋଇଯାଏ ସ୍ୱର୍ଗୀୟ ବୀଣା,
ତୁମ ଡାକରେ ଅଛି ଅଦୃଶ୍ୟ ଆକର୍ଷଣ,
ଯେପରି ଚୁମ୍ବକ ଟାଣେ ଲୌହ ଧାତୁ ସମ।
ମୋର ମନ-ଆତ୍ମା ହୋଇଯାଏ ଆତ୍ମସମର୍ପିତ,
ପ୍ରେମର ଅଭିଧାନରେ ଲେଖିଯାଏ ନୂଆ ପତ୍ର।
ତୁମେ ଯେବେ ତୁମେ ବୋଲି ଡାକ ...
ମୋର ଦିନ ହୋଇଯାଏ ଉତ୍ସବମୟ ଉଜ୍ଜ୍ୱଳ ପ୍ରଭାତ,
ମୋର ରାତି ହୋଇଯାଏ ନକ୍ଷତ୍ରସଜ୍ଜିତ ଗଭୀର ଆକାଶ।
ତୁମ ଶବ୍ଦର ସ୍ପର୍ଶରେ ମୋ ସମସ୍ତ ଅସ୍ତିତ୍ୱ,
ହୋଇଯାଏ ଏକ ଅବିନାଶୀ ପ୍ରେମର ପ୍ରକାଶ।
ଏକେଇ ଶବ୍ଦରେ କେତେ ମାଧୁର୍ଯ୍ୟ,
ହୃଦୟ ମୋର ହୋଇଯାଏ ନିର୍ବାକ।
ତୁମର ସେ ଡାକରେ ରହେ ଅନୁଭୂତି,
ଯେପରି ବସନ୍ତର ପ୍ରଥମ ବାସ।
ଶୁଣି ମନେ ଫୁଟେ ଗୋପନ ଫୁଲ,
ଅଚେତନେ ହସି ଉଠେ ମୋ ଜୀବନ।

(((-)))

ବାଲେଶ୍ୱର, ସୋର

ISSN NO.
2582-208X

# ଗାଆଁକୁ ଆସ



ମୋହନ କୁମାର ସ୍ୱାଇଁ

ଯେତେ ସବୁ ମୋର ବିଦ୍ୟାଳୟ ସାଙ୍ଗ
ଆସୁନ ଟିକିଏ ଗାଆଁକୁ ଆସ
ଜନମ ଭୁଇଁର ପାଦ ଛୁଇଁ ଟିକେ
ଦୂରକରିଦେବା ମନର ଶୋଷ ।୧

ପିଲାବେଳେ ଯେଉଁ ଆମ୍ବ ବଗିଚାରେ
ଖେଳୁଥିଲେ ଖେଳ ଖରାବେଳରେ
ଢେଲା ଫୋପଡ଼ରେ ଆମ୍ବ ଝାଡ଼ିଝାଡ଼ି
ଖାଇବା କେତୋଟି ବଡ ମଜାରେ ।୨

କୋଇଲି ସାଥିରେ ବାଜି ଲଗାଇବା
ଶୁଣିଶୁଣି ତାର ମଧୁର ସ୍ୱର
କଣ୍ଠକୁ ତାହାର ନକଲ କରିବା
ମଜାନେବା ଟିକେ ପିଲାଦିନର ।୩

ନଡ଼ିଆ ପତ୍ରର ଛଟେଇଟେ ପାରି
ଶୋଇଯିବା ବରଗଛ ଛାଇରେ
ଶୀତଳ ସମୀର ଦେହରେ ବାଜିବ
ତାଜା କରିନେବା ସ୍ମୃତିକୁ ଥରେ ।୪

ISSN NO.
2582-208X

ଗାଆଁ ଚାଳଘରେ ବାଣି ଖଟିଆରେ
ବସିବା ଟିକିଏ ଥକା ମେଣ୍ଟାଇ
ମାଟି ମାଠିଆର ଶୀତଳ ପାଣିରୁ
ଦି ଗିଲାସ ପିଇ ପଡ଼ିବା ଶୋଇ ।୫

ଅନେକ ଦିନରୁ ଚାହିଁ ବସିଛନ୍ତି
ବାପା ବୋଉ ଆମ ଚାତକ ପରି
ଆମକୁ ଦେଖିଲେ ତାଙ୍କ ପେଟଭୋକ
ନିମିଷକ ମଧ୍ୟେ ଉଠିବ ପୁରି ।୬

ବୋଉ ହାତରନ୍ଧା ଶାଗ ପଖାଳକୁ
ଅନେଇ ରହିଛି ପୁରୁଣା କଂସା
ବାପା ବୋଉଙ୍କର ପେଟ ଭରିଯିବ
ଆମେ ପରା ତାଙ୍କ ଆଶା ଭରସା ।୭

(((-)))

ବେଣାପୁର, କଣ୍ଟିଗଡ଼ିଆ,
ଯାଜପୁର ୮୧୧୮୦୯୦୩୮

ISSN NO.
2582-208X

# ବିଜୟକୁମାର ଶତପଥୀ ଙ୍କ କୋକୁଆ ନାଟକ ରେ ବିସ୍ଥାପନ ସମସ୍ୟା



ହରପ୍ରିୟା ସିକ୍ ଚାନ୍ଦ୍

ଉତ୍ତର ଆଧୁନିକ କାଳର ଜଣେ ସଫଳ ସ୍ରଷ୍ଟା ହେଉଛନ୍ତି ନାଟ୍ୟକାର ବିଜୟ କୁମାର ଶତପଥୀ । ସତୁରୀ ଦଶକର ପ୍ରାରମ୍ଭରେ ନାଟ୍ୟକାରଙ୍କୁ ସ୍ରଷ୍ଟା ଜୀବନ ଆରମ୍ଭ ହୁଏ । ମଣିଷ ଜୀବନ ଓ ସମାଜର କଥା କହେ ନାଟ୍ୟକାରଙ୍କ ପ୍ରତିଟି ସୃଷ୍ଟି । ସ୍ୱାଧୀନତା ପରବର୍ତ୍ତୀ ସମାଜ ଜୀବନର ବ୍ୟଥା, ଶୋଷଣ, ଅତ୍ୟାଚାର, ଅନ୍ୟାୟ, ଭ୍ରଷ୍ଟାଚାର, ସାମାଜିକ ଅସମାନତା ପ୍ରତି ନାଟ୍ୟକାରଙ୍କ ନାଟକଗୁଡ଼ିକରେ ପ୍ରତିବାଦର ସ୍ୱର ଦେଖୁବାକୁ ମିଳିଥାଏ। ସେ ପ୍ରଗତିଶୀଳ ସାହିତ୍ୟର ଜଣେ ମୁଗ୍ଧ ପାଠକ ଓ ଗବେଷକ । ତେଣୁ ନାଟ୍ୟକାରଙ୍କ ସୃଷ୍ଟିରେ ପୁଞ୍ଜିପତିମାନଙ୍କ ପ୍ରତି ଶାଣିତ ବ୍ୟଙ୍ଗ ଦୃଶ୍ୟମାନ ହୋଇଥାଏ। ସମାଜ ଜୀବନର ସମସ୍ତ ଅନୀତି, ଅବିଚାର, ଅସଂଗତି ତଥା ସାମାଜିକ ବ୍ୟବଧାନ ଓ ବେଦନା ବୋଧର ଅଶ୍ଳୁଳ ଇସ୍ତାହାର ଭାବେ ତାଙ୍କର ସୃଷ୍ଟି ସମ୍ଭାର ପ୍ରତିଭାତ।

ନାଟ୍ୟକାରଙ୍କ ନାଟକଗୁଡ଼ିକରେ କେତେବେଳେ ପୌରାଣିକ ଚରିତ୍ରର ନବମୂଲ୍ୟାୟନ ଘଟିଛି ତ, ପୁଣି ମାର୍କସବାଦ ଓ ଗାନ୍ଧିବାଦର ସ୍ୱର ଶୁଣିବାକୁ ମିଳିଛି। ବିଶେଷ କରି ନାଟ୍ୟକାରଙ୍କ ଏକବିଂଶ ଶତାବ୍ଦୀରେ ସୃଷ୍ଟି ନାଟକଗୁଡ଼ି ସାମସମୟିକ ପୃଷ୍ଠଭୂମି ଯଥା– ଆଦିବାସୀ ଜନଜୀବନର ଅସହାୟତା, ମହାବାତ୍ୟାର ବିଭୀଷିକା, ବିସ୍ଥାପନଜନିତ ସମସ୍ୟା, ଚାଷୀ ଆତ୍ମହତ୍ୟା, ନକ୍ସଲ ଓ ମାଓ ସମସ୍ୟା, ଲୋକପ୍ରିୟ ସଂସ୍କୃତିର କିମ୍ଭୁତକିମାର ରୂପରେଖ ଆଦିକୁ ନେଇ ରୁଦ୍ଧିମନ୍ତ ହୋଇଅଛି।

ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ ସଫଳ ନାଟ୍ୟ ସୃଷ୍ଟି ମଧ୍ୟରେ ଫସିଲ୍‌ର ନିଦ୍ରାଭଙ୍ଗ(୧୯୭୨), କଂସର ଆତ୍ମା (୧୯୭୯), କ୍ଷୁଧିତ ସରୀସୃପ (୧୯୭୮), ବିଷାଦ

ISSN NO.
2582-208X

ବୃତ୍ତର କାହାଣୀ, ଶୋଣିତ ସ୍ୱାକ୍ଷର (୨୦୦୦), ଏଇ ଯେ ସୂର୍ଯ୍ୟ ଉଏଁ, ପ୍ରଳୟ ପରେ (୨୦୦୧), ନୀଳଶୈଳ, ତୃତୀୟ ପର୍ବ, ଲୁହାର ମଣିଷ, ଫୋନ୍ ଡାଏରୀ, କାରାଗାରର କାହାଣୀ (୨୦୦୨), ପକା ପଇସା ଦେଖ ତାମସା, ମାଫିଆ, ଏକ ପରାଜିତ ନାୟକର ସ୍ୱଗତୋକ୍ତି, ମଙ୍ଗଳ ଅମଙ୍ଗଳ ବିଲ୍ୱ ମଙ୍ଗଳ, ନଷ୍ଟ ନୀଡ଼ର ଉପକଥା, ସୋସିଆଲ ଟ୍ରାଜେଡ଼ିର ତିନୋଟି ନାଟକ, ସୁନ୍ଦରୀ ପ୍ରତିଯୋଗିତା ଓ ଅନ୍ୟାନ୍ୟ ନାଟକ, ଜଣେ କୃଷକର ଆତ୍ମହତ୍ୟାକୁ ନେଇ, ଅନ୍ଧାର ବିଭୀଷିକା, କଂକଣ ଦାସୀ କଥା, କୋକୁଆ (୨୦୧୨) ପ୍ରଭୃତି ଅନ୍ୟାନ୍ୟ ସୃଷ୍ଟି । "ଏଇ ଯେ ସୂର୍ଯ୍ୟ ଉଏଁ ପାଇଁ ୧୯୮୯ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ଏବଂ ୧୯୮୨ ମସିହାରେ ଅର୍ଜୁନ ପୁରସ୍କାର ପ୍ରାପ୍ତ କରିଥିଲେ I

ନାଟ୍ୟକାର ବିଜୟ କୁମାର ଶତପଥୀ 'କୋକୁଆ' ନାଟକକୁ ରୂପ ଦିଅନ୍ତି ଏକବିଂଶ ଶତାବ୍ଦୀର ଆଦ୍ୟ ଭାଗରେ । ଅର୍ଥାତ୍ ୨୦୧୦ ମସିହାରେ ନାଟକଟିକୁ ଲେଖୁ ୨୦୧୨ରେ 'ବର୍ତ୍ତିକାପତ୍ରିକା ପୂଜା ସଂଖ୍ୟାରେ ପ୍ରକାଶିତ କରନ୍ତି 'କୋକୁଆ' ନାଟକ। ଏକବିଂଶ ଶତାବ୍ଦୀର ପୃଷ୍ଠଭୂମିରେ ନାଟକର ବିଷୟବସ୍ତୁ ଗତିଶୀଳ। ନକ୍ସଲ ଓ ମାଓବାଦୀ ଆନ୍ଦୋଳନ ଓ ତାକୁ ଦମନ କରିବାପାଇଁ ସରକାରୀ ଉଦ୍ୟମର ଏକ ସାଂପ୍ରତିକ ପଟ୍ଟରେ ବିଜୟ କୁମାର ଶତପଥିଙ୍କର ନୂତନ ନାଟକ "କୋକୁଆ" ରଚିତହେଲା I

ଏହି ଶତାବ୍ଦୀରେ ଏକ ପ୍ରମୁଖ ସମସ୍ୟା ହେଉଛି ବିସ୍ଥାପନ ସମସ୍ୟା। ବିସ୍ଥାପନ ସମସ୍ୟାର ଜନ୍ମଦାତା ହେଉଛି ଜଗତୀକରଣ। ଜଗତୀକରଣର ଅର୍ଥ ବିନା ବାଧା ଓ ପ୍ରତିବନ୍ଧକରେ ବିଶ୍ୱର ସମସ୍ତ ରାଷ୍ଟ୍ର ବାଣିଜ୍ୟ କାରବାର କରିପାରିବେ ଏବଂ ଆମଦାନୀ ଓ ରପ୍ତାନୀରେ କୌଣସି କଟକଣା ରହିବ ନାହିଁ। ଅର୍ଥାତ୍ 'ବସୁଧୈବ କୁଟୁମ୍ବକମ୍'ର ଭାବନାରେ ବିଶ୍ୱର ପ୍ରତ୍ୟେକ ଦେଶ ନିଜ ନିଜ ଭିତରେ ସୁସଂପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ଜଗତୀକରଣର ସୃଷ୍ଟି । କିନ୍ତୁ ଏହାର ଫଳାଫଳ ସଂପୂର୍ଣ୍ଣ ବିପରୀତଧର୍ମୀ ହୋଇଥିଲା । ଲକ୍ଷ୍ୟ କରାଯାଏ ଜଗତୀକରଣ ପ୍ରକ୍ରିୟା ଫଳରେ ବିକଶିତ ରାଷ୍ଟ୍ର ବିଶେଷଭାବରେ ଲାଭବାନ୍ ହେଉଛି । ଧନୀ ଅଧିକ ଧନୀ ହୋଇଥିବା ସ୍ଥଳେ ଦରିଦ୍ର ଏଠାରେଅଧିକ ଦରିଦ୍ର ହୋଇପଡୁଛି। ବଡ଼ ବଡ଼ କମ୍ପାନୀମାନେ ନିଜର ପୁଞ୍ଜିନିବେଶ ପାଇଁ ଆଦିବାସୀ ଅଧ୍ୟୁଷିତ ବଣ ପାହାଡ଼ ଘେରା ସ୍ଥାନଗୁଡ଼ିକୁ ନିଜର କର୍ମକ୍ଷେତ୍ର ରୂପେ ବାଛିନେଇଛନ୍ତି। ସରକାର

ISSN NO.
2582-208X

କଳକୁ ହାତକରି ଶାଗମାଛ ଦରରେ ଏହି ସ୍ଥାନଗୁଡ଼ିକୁ କିଣିନେଲେ । ସ୍ଥାନୀୟ ଅଧିବାସୀମାନଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଖାଇ ସ୍ଥାନଚ୍ୟୁତ କରିବାକୁ ପ୍ରୟାସ କଲେ। ଯାହାଦ୍ୱାରା କି ବିସ୍ଥାପିତ ଲୋକମାନେ ନିଜ ନିଜର ସାତ ପୁରୁଷର ଘରଡ଼ିହ ସହ ଜୀବନ ଜୀବିକା ମଧ୍ୟ ହରାଇ ବସିଲେ। ଯେଉଁ ସଂସ୍କୃତିକୁ ନେଇ ପରିଚୟ ପାଇଥିଲେ ସେ ସଂସ୍କୃତି ମଧ୍ୟ ଅବକ୍ଷୟ ହେବାକୁ ଲାଗିଲା। କମ୍ପାନୀ ଚାଲିବା ଫଳରେ ପରିବେଶ ବିଷାକ୍ତ ହେଲା । ପାଣି, ପବନରେ ମିଶିଗଲା ଜହର । ଏ ସମସ୍ତକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ମିଳିଲା ଯନ୍ତ୍ରଣା। ଏହିପରି ଏକ ସମସ୍ୟା ଉପରେ ଗଢ଼ି ଉଠିଛି ନାଟକ 'କୋକୁଆ'।

କୋକୁଆ ଏକ ପୌରାଣିକ ନାମ ଯାହାର ରୂପ, ବର୍ଣ୍ଣ, ଗନ୍ଧନାହିଁ । ଏଥିରେ ଅଛି ଏରକାର ବନ, ରକ୍ତଲୋଲୁପି କୋକୁଆ ନାମକ କାଳ୍ପନିକ ପ୍ରାଣୀଟିର ବିଭତ୍ସ କାଣ୍ଡ ଓ ପୋଲିସ ଅଫିସର ଅତନୁର ସରକାରୀ ଯୁଦ୍ଧର କଥା । ନାଟକ ସାରା ଆତଙ୍କବାଦ ଶିଳ୍ପୀ ଆଉ ଭିଟାମାଟି ଉପରେ ଚାଲିଛି ଲଢେଇ । ବମିଙ୍ଗ ଓ ଆଣ୍ଟିବମିଙ୍ଗ ମଧ୍ୟରେ ଲଢେଇ ।

'କୋକୁଆ' ନାଟକର ବିଷୟବସ୍ତୁ ଗଢ଼ି ଉଠିଛି ଆଦିବାସୀ ଗ୍ରାମ ଧମାଗୁଡ଼ାର ସାଧାରଣ ଲୋକଙ୍କର ଜୀବନଚର୍ଯ୍ୟାକୁ ନେଇ। 'ଫେରୋ ଆଲେଏଡ଼' କାରଖାନା ପ୍ରତିଷ୍ଠାକୁ ନେଇ ଧମାଗୁଡ଼ାର ଲୋକମାନେ ପ୍ରତିବାଦ କରିଥାନ୍ତି।କାରଣ ଏହି କାରଖାନା ପ୍ରତିଷ୍ଠା ହେଲେ ଧମାଗୁଡ଼ାର ପ୍ରତ୍ୟେକ ବ୍ୟକ୍ତି ନିଜର ଭିଟାମାଟି ହରାଇବା ସହିତ ଜୀବନଜୀବୀକା ମଧ୍ୟ ହରାଇ ବସିବେ । ତେଣୁ ସରଳ ନିଷ୍କପଟ ଆଦିବାସୀମାନଙ୍କୁ ଏକାଠିକରି କମ୍ପାନୀ ବିରୋଧରେ ଆନ୍ଦୋଳନ କରିଛି ସେହି ଗ୍ରାମର ଜଣେ ଶିକ୍ଷିତ ଯୁବକ ଶିବୁ ମାଝୀ। ନିଜ ଭିଟାମାଟିକୁ ନ ଛାଡ଼ିବା ଥିଲା ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ଏହି ଆନ୍ଦୋଳନକୁ ସରକାରୀ କଳର ସାହାଯ୍ୟ ଏବଂ ସ୍ଥାନୀୟ ଏମ୍.ଏଲ୍.ଏ ଗୌନ୍ତିଆକୁ ହାତ ବାରିସୀ କରି ଭଣ୍ଡୁର କରାଯାଇଛି। ସଂଗଠନର ମୁଖିଆ ରୂପେ ପରିଚିତ ଶିବୁ ମାଝୀକୁ ପୁଞ୍ଜିପତି ମାନଙ୍କର ଏପରି ବିଶ୍ୱାସଘାତକତାର ଶିକାର ହୋଇଛନ୍ତି ଧମାଗୁଡ଼ାର ସରଳ ପଲ୍ଲୀବାସୀ। ଦାମ୍ ମାଝୀ ମଧ୍ୟ ନିଜର ପରିବାରର ସମସ୍ତଙ୍କୁ ହରାଇ ମାନସିକ ଭାରସାମ୍ୟ ହରାଇ ବସିଛି। ଏହି ପୁଞ୍ଜିପତିମାନଙ୍କୁ 'କୋକୁଆ' ବୋଲି ସମ୍ବୋଧନ କରିଛି ଦାମ। ସାରଳା ଦାସଙ୍କ ମହାଭାରତର ମୂଷଳୀ ପର୍ବରେ 'କୋକୁଆ' ଯେପରି ଯଦୁବଂଶ ଧ୍ୱଂସର କାରଣ ହୋଇଥିଲା, ଠିକ୍ ସେହିପରି ପୁଞ୍ଜିପତିମାନଙ୍କର ଶିକାର ପାଲଟିଛନ୍ତି ଧମାଗୁଡ଼ାର ସରଳ

ISSN NO.
2582-208X

ଆଦିବାସୀ । ଦାମ ହସି ଉଠି କହିଛି-କୋକୁଆ ... ହାଃ...ହାଃ... ସେ କାହାକୁ ଛାଡ଼ିବନି। ଖିନଭିନ୍ କରିଦେବ... ବିଦାରି ଦେବ... ରକ୍ତ ସାଲୁବାଲୁ କରି ଗିଳିଦେବ । ଚାରିଆଡ଼େ ଲମ୍ବିଛି ତା'ର ପଞ୍ଝା। ଆଖିତା'ର ରଡ଼ ନିଆଁ । ଗୋଟାଏ କୋକୁଆର ଆଁ ଭିତରୁ ଜନ୍ମ ନେଉଛନ୍ତି ଶହ ଶହ, ହଜାର ହଜାର, ଲକ୍ଷ ଲକ୍ଷ କୋକୁଆ ।

ବିସ୍ଥାପନ ଜନିତ ସମସ୍ୟାରୁ ସୃଷ୍ଟି ହୋଇଛନ୍ତି ଅଜୟ ମାରାଣ୍ଡିଙ୍କ ଭଳି ଅନେକ ଜ୍ୱଳନ୍ତ । ଯେଉଁମାନେ ନିଜର ଭିଟାମାଟିକୁ ପାଇବା ପାଇଁ ସଂଗ୍ରାମ କରିଥିଲେ; କିନ୍ତୁ ନିଜକୁ ପୁଞ୍ଜି ଦଲାଲଙ୍କ ନିକଟରେ ସମର୍ପଣ ନ କରି ନକ୍ସଲ ଛାଉଣୀରେ ଆଶ୍ରୟ ନେଇଛନ୍ତି । ନାଟକରେ ନାଟ୍ୟକାର ଶ୍ୟାମାନନ୍ଦଙ୍କ ଆଶ୍ରମକୁ ନାଟକର କେନ୍ଦ୍ରବିନ୍ଦୁ ରୂପେ ଗଢ଼ି ତୋଳିଛନ୍ତି। ଏହି ଆଶ୍ରମରେ ପୋଲିସ୍ ଦ୍ୱାରା ଗୁଳିବିଦ୍ଧ ହୋଇ ପହଞ୍ଚିଛି ନକ୍ସଲ ଅଜୟ ମାରାଣ୍ଡି । ହିଂସାଠାରୁ ଦୂରେଇ ଅହିଂସାରେ ଜୀବନ ବିତାଇବାକୁ ଶ୍ୟାମାନନ୍ଦଙ୍କ କଥାକୁ ପ୍ରଥମେ ବିରୋଧ କରିଛି ଅଜୟ ମାରାଣ୍ଡି । ସେ କହିଛି – ଶ୍ରେଣୀ ଶତ୍ରୁର ବିନାଶ... ନ ହେଲେ ଆତ୍ମତ୍ୟାଗ... ମୃତ୍ୟୁ... । ଢେର ସହିଲେଣି ବଣ ମୁଲକର ଆଦିବାସୀ... ଭିଟାମାଟି ଗଲା... ଜମିଜମା ଗଲା... ଜଙ୍ଗଲ ଲୁଟ୍ ହେଲା ଅଫିସର ଆଉ ପୁଞ୍ଜିପତିମାନଙ୍କ ଚକ୍ରାନ୍ତରେ ... କେମିତି କେମିତି ବଞ୍ଚେ ସେମାନେ xxx ପୁଞ୍ଜି ଦଲାଲ ସବୁ... ମାଟି ମା'ର ଦୁସମନ୍ ସବୁ।

ବିସ୍ଥାପନା ଦ୍ୱାରା ସରଳ ଆଦିବାସୀ ନିଜରପ୍ରାଚୀନ ସଂସ୍କୃତିର ଆନନ୍ଦକୁ ହରାଇ ବସିଛି । ପୁଷିପୁନିଅ, ମକର ପରବର ଗୀତ ନାଚ ଆଜି ଦେଖୁବାକୁ ମିଳୁନାହିଁ। ସରଳ ଆଦିବାସୀର ସେହି ସଂସ୍କୃତିରେ ଥିଲା ନିଜ ଜୀବନର ଅସରନ୍ତି ସୁଖ ସମୃଦ୍ଧି । କିନ୍ତୁ କାରଖାନା ପ୍ରତିଷ୍ଠା ହେବା ଦ୍ୱାରା ପ୍ରାଚୀନ ସଂସ୍କୃତି ଆଉ ଦେଖିବାକୁ ମିଳେ ନାହିଁ । ଏ ସଂପର୍କରେ ମାନସିକ ଭାରସାମ୍ୟ ହରାଇ ବସିଥିବା ଦାମ କହିଛି – ମାର... ମାରିବତ ମାରିଦିଅ ଗୁଳିରେ... ଏ ଦାମ ମାଝୀଟା ବଞ୍ଚି ରହିଲେ କ'ଣ ପାଇବ ? ବସ୍ତିଟାରୁ ଅଧାଅଧି ଲୋକତ ଜୀବନ ବିକଳରେ କୁଆଡ଼େ ଚାଲିଯାଇଛନ୍ତି । ଶୂନ୍‌ଶାନ୍ ସବୁ ତିନି ଚାରି ବରଷ ହେବ । ପୁଷି ପୁନିଅ ନାଇଁ କି କରମ ସାନିର ପୂଜାବି ବିସ୍ଥାପନକୁ ବିରୋଧ କରି ସରଳ ଆଦିବାସୀ ନିଜ ପରିବାରର ସୁଖ ସମୃଦ୍ଧିକୁ ହରାଇ ବସିଛି। କିଏ ନକ୍ସଲ ଛାଉଣୀରେ ଆଶ୍ରୟ ନେଇ ସମାଜ ଆଗରେ ନକ୍ସଲ ରୂପେ ପରିଚିତ ହୋଇଛି ତ କିଏ ପୁଣି ମାନସିକ ଭାରସାମ୍ୟ ହରାଇ ବସି

ISSN NO.
2582-208X

କେବଳ ମୃତ୍ୟୁକୁ ଅପେକ୍ଷା କରିଛି। ଏହିପରି ଦୁଇଟି ଚରିତ୍ର ହେଉଛନ୍ତି ଦାମ ମାଝୀ ଓ ଶିବୁ ମାଝୀ। କିନ୍ତୁ ଆଶାବାଦୀ ଅଛନ୍ତି ନିଜର ସାତ ପୁରୁଷର ଭିଟାମାଟି ପାଇବା ପାଇଁ। ଏହି ବିସ୍ଥାପନ ସମସ୍ୟା ସରଳ ଆଦିବାସୀକୁ ଧରାଇଛି ବନ୍ଧୁକ। ଏତଦ୍‌ବ୍ୟତୀତ ନିଜ ନିଜ ମଧ୍ୟରେ ଶତ୍ରୁତା କରି ଠିଆ କରାଇଛି ଏହି ସମସ୍ୟା। ଯେମିତି ନାଟକର ଶେଷ ପର୍ଯ୍ୟାୟରେ ଶିବୁ ମାଝୀ, ଅଜୟ ମାରାଣ୍ଡି ଏବଂ ପୋଲିସ୍ ଇନିସ୍ପେକ୍ଟର ଅତନୁ ପରସ୍ପର ବିରୋଧୀ ହୋଇଯାଇଛନ୍ତି । ଶିବୁମାଝୀ ନକ୍ସଲ ଚିଫ୍ ହୋଇ ଅଜୟ ମାରାଣ୍ଡୀକୁ ନକ୍ସଲ ଛାଉଣୀକୁ ଫେରିଆସିବାକୁ କହି ପ୍ରଥମେ ପରିବର୍ଷିତ ଅଜୟ ମାରାଣ୍ଡୀର ଗୁଳିର ଶିକାର ହୋଇଛି ଏବଂ ପରେ ପୋଲିସ୍ ଇନିସ୍ପେକ୍ଟର ଅତନୁର ଗୁଳିର ଶିକାର ହୋଇଛି ଅଜୟ ମାରାଣ୍ଡି। କିନ୍ତୁ ଦିନ ଥିଲା ତିନିଜଣ ଥିଲେ ଘନିଷ୍ଠ ବନ୍ଧୁ । ପରବର୍ତ୍ତୀ ପର୍ଯ୍ୟାୟରେ ଶତ୍ରୁ ହୋଇ ଠିଆ ହୋଇଛନ୍ତି ପୁଞ୍ଜିପତିମାନଙ୍କର ଚକ୍ରାନ୍ତରେ ।

'କୋକୁଆ' ନାଟକଟି ସଂପୂର୍ଣ ରୂପେ ବିସ୍ଥାପନ ସମସ୍ୟା ଉପରେ ଆଧରିତ। ପୁଞ୍ଜିପତିମାନେ ନିଜର ଚକ୍ରାନ୍ତ ଫଳରେ ଆଦିବାସୀମାନଙ୍କର ସରଳ ଜୀବନକୁ ନଷ୍ଟ କରିଛନ୍ତି। ଅର୍ଥ ସର୍ବସ୍ୱ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ପୁଞ୍ଜିପତିମାନେ ବଳି ପକାଇ ଚାଲିଛନ୍ତି ସାଧାରଣ ଆଦିବାସୀମାନଙ୍କୁ। ଏମାନଙ୍କ ଚକ୍ରାନ୍ତରେ ସାମିଲ ହୋଇଛନ୍ତି ସ୍ଥାନୀୟ ବିଧାୟକ ହରେକୃଷ୍ଣ ଗୌନ୍ତିଆ। ଅର୍ଥ ଓ କ୍ଷମତା ଲୋଭର ବଶବର୍ତ୍ତୀ ହୋଇ ନେତାମାନେ ନୀତିହରାଇ ଶୋଷଣ କରି ଚାଲିଛନ୍ତି ସରଳ ଆଦିବାସୀ ଲୋକମାନଙ୍କୁ । ବିଧାୟକ ହରେକୃଷ୍ଣ ଗୌନ୍ତିଆ ପରି କୋକୁଆମାନେ ହିଁ ମଣିଷର ସର୍ବଶ୍ରେଷ୍ଠ ଶତ୍ରୁ। ଗୌନ୍ତିଆ ଚରିତ୍ରର ଅସଲି ମୁଖା ଖୋଲିବାକୁ ଯାଇ ଶ୍ୟାମାନନ୍ଦ କହିଛି-ଭୋଟ ବଳରେ ଲୋକ ପ୍ରତିନିଧ ହୋଇ ମୁଁ ତ ସମୂହ ମଣିଷର ଧ୍ୱଂସ ସାଧନ କରିନି । ... ପୁଞ୍ଜିର ବଚସ୍କର ହୋଇ ଆଉ ଦଲାଲ ହୋଇ ମୁଁ ଡାକି ଆଣିନି କୋଉ ଶିଳ୍ପପତିକୁ ଜଙ୍ଗଲ, ଝରଣା, ଆଦିବାସୀ ବସ୍ତିକୁ ଶ୍ରୀହୀନ କରି ଏଠି କାରଖାନା ବସାଇବାକୁ।

ହରେକୃଷ୍ଣ ଗୌନ୍ତିଆ ପରି ରାଜନେତାମାନେ ପୁଞ୍ଜି ଦଲାଲମାନଙ୍କୁ ସ୍ୱାଗତ କରିଛନ୍ତି ଓ ସରଳ ଆଦିବାସୀ ମାଟିକୁ । ଯାହାଦ୍ୱାରା ସରଳ ପଲ୍ଲୀର ଲୋକମାନେ ନିଜର ସବୁକିଛି ହରାଇ ନିଃସ୍ୱ ହୋଇଛନ୍ତି। ଏ ସଂପର୍କରେ ଶ୍ୟାମାନନ୍ଦ କହିଛନ୍ତି-ନାଁ...ନାଁ... ଏ ମିଛ ... ଶହେବାର ମିଛ... ଯୋଉମାନଙ୍କୁ ଜୋର ଜବରଦସ୍ତ ଉଚ୍ଛେଦ କରାଯାଇଛି... ତୁମମାନଙ୍କ

ISSN NO.
2582-208X

ପରି ରାଜନେତାମାନଙ୍କ କୌଶଳରେ... ଯୋଉମାନଙ୍କର ଭାତ ଥାଳିକୁ ଫିଙ୍ଗି ଦିଆଯାଇଛି... ତୁମମାନଙ୍କ ପାଦ ଚାଟୁଥିବା ଅଫିସରମାନଙ୍କ ଚକ୍ରାନ୍ତରେ... xxx କେବେ ଚିନ୍ତା କରିଛ ଏ ଗୌଣ୍ଡିଆ ନକ୍ସଲମାନଙ୍କର ହିଂସା ଓରକ୍ତପାତ ମୂଳରେ ଅଛି ଦାରିଦ୍ର୍ୟ, ଉପେକ୍ଷା, ବିସ୍ଥାପନ, ସଭ୍ୟ ମଣିଷର ଜାଲିଆତି...xxx

ନାଟ୍ୟକାର ବିଜୟ କୁମାର ଶତପଥୀ 'କୋକୁଆ' ନାଟକରେ ସରଳ ଆଦିବାସୀମାନଙ୍କର ବିସ୍ଥାପନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ନାଟକୀୟ ବିଷୟବସ୍ତୁକୁ ପରିକଳ୍ପନା କରିଛନ୍ତି। ଯେଉଁ ସମସ୍ୟା ସୃଷ୍ଟି କରିଛି ଶ୍ରେଣୀ ସଂଘର୍ଷ; ଏହି ସଂଘର୍ଷ ରୂପ ନେଇଛି ହତ୍ୟା ଓ ବିଭୀଷିକାରେ। ଚାରିଆଡ଼େ କେବଳ ଆତଙ୍କର କଳାବାଦଲ ଛାଇ ହୋଇଯାଇଛି। ଲୋକମାନଙ୍କର ବିଶ୍ୱାସକୁ ବାରମ୍ବାର ହତ୍ୟା କରାଯାଇଛି। ଯାହା ଫଳରେ ଅବିଶ୍ୱାସର ବିଷରେ ଜର୍ଜରିତ ହୋଇଛି ସମାଜ । ହରାଇଥିବା ଭିଟାମାଟିକୁ ପାଇବାର ଆଶାରେ କିଏ ସଂଘର୍ଷ କରିଛି ତ କିଏ ପୁଣି ନିଜର ଅର୍ଥକୁ ଦ୍ୱିଗୁଣିତ କରିବା ପାଇଁ ନରସଂହାର କରିଚାଲିଛି। ସର୍ବତ୍ର ସଂଘର୍ଷ ଓ ହତ୍ୟାର ବିଭିପୀଳା ଦେଖିବାକୁ ମିଳିଛି ।

ଉପସଂହାରରେ କୁହାଯାଇପାରେ, ଉତ୍ତର ଆଧୁନିକ କାଳରେ ଶକ୍ତିଶାଳୀ ବାର୍ତାସହ ଶିଳ୍ପାୟନର କଥା କରେ "କୋକୁଆ" I ନୃତ୍ୟ, ସଂଗୀତ, ମିଥ ସହିତ ପ୍ରଗତିଶୀଳ ଚିନ୍ତାଧାରା ସ୍ୱଷ୍ଟଭାବେ ବିଜୟ କୁମାର ଶତପଥି ଗରିବ, ମୂଲିଆ, ଦଳିତ, ଅତ୍ୟାଚାରିତ ମଣିଷପାଇଁ ସମ୍ବେଦଶୀଳ ବାର୍ତ୍ତାଟିଏ ଏ "କୋକୁଆ" ନାଟକ ଛାଡ଼ିଯାଇଛନ୍ତି I

-:ସହାୟକ ଗ୍ରନ୍ଥସୁଚି:-
୧) କୋକୁଆ - ବିଜୟ କୁମାର ଶତପଥି,
୨) ଓଡିଆ ସାହିତ୍ୟର ଇତିହାସ- ସୁରେନ୍ଦ୍ର କୁମାର ମହାରଣା,
୩) ଓଡ଼ିଆ ସାହିତ୍ୟର ଇତିହାସ-ପ୍ରେମାନନ୍ଦ ମହାପାତ୍ର

(((-)))

ରିସିତା, କରଲମୁଣ୍ଡା, କଳାହାଣ୍ଡି
ମୋ: 9348607996

ISSN NO.
2582-208X

# ଫୁଲଟି ପରି କଅଁଳ ଶିଶୁ



କବିତା ମହାନ୍ତ

ଫୁଟି ହସୁଛି ଗଛର ଡାଳେ
ଛୁଟେ ଫୁଲର ବାସ
କେଡେ ସୁନ୍ଦର ରୂପଟି ତାର
ଓଠେ ଭରୁଛି ହସ ।
ଟିକ ଚଢେଇ ଗଛ ଉପରେ
ମଧୁର ଗୀତ ଗାଏ
ମନ ଆନନ୍ଦେ ଡେଣା ହଲାଇ
ଆକାଶେ ଉଡି ଯାଏ ।
ରାତି ପାହିଲେ ଉଇଁ ସୂରୁଜ
ପାହାଡ ଫାଙ୍କେ ହସେ
ସୁନା କରଣ ଧରାରେ ବୁଣି
ଅନ୍ଧକାର ସେ ନାଶେ ।
ଝରେ ବରଷା ଆକାଶ ଦେଶୁ
ମେଘ ମହ୍ଲାର ଗାଇ
ସାତ ରଙ୍ଗର ଇନ୍ଦ୍ର ଧନୁ ଯେ
ଆକାଶେ ଯାଏ ଛାଇ ।

ISSN NO.
2582-208X

ଫୁଲଟି ପରି କଅଁଳ ଶିଶୁ
ରୂପ ଗୁଣରେ ଭରା
ଦରଟି ଓଠେ ଫୁଟିଲେ ହସ
ଦୁନଆଁ କଣେ ପରା ।

(((-)))

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଗରଗଡ଼

ISSN NO.
2582-208X

# ଛିଟା



ସୁଜିତ କୁମାର ମିଶ୍ର

କଙ୍କାଳକାଖରେ କଙ୍କାଳ କାଖେଇ ଖାଲିପାଦେ ଦୀର୍ଘଦୌଡ଼,
ସରୁନି ସେ ପଥ ଲହୁ ଲୁହ ବର୍ଷା ସୁନାମିର ଭୟ ଝଡ ।
ଅଳପ ଶୀତରେ ଯାହା ଦେହେ ଶୋଭେ କମ୍ବଳର ଆଡମ୍ବର
ସିଏ କି ବୁଝିବ ଫୁଙ୍ଗୁଳା ଦେହରେ କେତେ ସନ୍ତାପର ଝର ?

ଚିକ୍କଣ କଥା ଓ ଲେଖନୀ ମୂନରେ ଚଳ ଚଞ୍ଚଳ ଯେ ଭାବ,
ଅନ୍ଧକାର ମଧ୍ୟେ ବିଳାପ ପାଇଁ କି କାହିଁ ମିଠା ଅନୁରାଗ ?
ପାଦ ମନ ଦୌଡ଼େ ପାଗ ଭିଡିବାକୁ ପ୍ରଲୋଭିତ ଯଶପାଇଁ,
ବିଶ୍ୱାସପଣର ବିଶେଷଣ ସବୁ ବିଷାଦକୁ ଛୁଏଁ ନାହିଁ ।

ଗାଆଁ ମାଟି ଛାତି ରଙ୍ଗ ବିଜ୍ଞାପନେ ଗୋଳିଆ ପାଣିର ଛିଟା,
ମାଟିର ମଣିଷ ବଦଳି ଯାଇଛି ମୂଳ ଅଗ ମାୟା ମୋଟା ।
ଶ୍ରଦ୍ଧା ଲହୁଲୁହେ କ୍ଷେତରେ ଫଳଇ ସୁନାର ଫସଲ ନିତି,
ଯିଏ ବିନ୍ଧାଣୀ ସେ ପ୍ରତିଦାନେ ପାଏ ଯାତନା ଯେ ଅସରନ୍ତି ।

ଶୋଭାର ଲେଖନୀ ମୂନରେ କାହିଁ ଯେ ସହୃଦୟତାର ସ୍ୟାହି ?
ଯେଉଁ ଦରଦରେ ଦେଶ ବଦଳିବ ଜହ୍ନରାତି ନିତି ହୋଇ ।

(((-)))

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୬୭୪୨

ISSN NO.
2582-208X

# ମାଲଝିଟା ଓ ଆଦି ପାଲ୍‌କାର କୃପାସିନ୍ଧୁ ମିଶ୍ର : ଏକ ଦୃଷ୍ଟିପାତ



ବରୁଣ କୁମାର ଦାସ

"ପ୍ରତ୍ୟହ ସକାଳେ ଚକା ଆଖିକୁ ଦର୍ଶନ କରି ମନର ଭାବକୁ ଅର୍ଘ୍ୟ ରୂପରେ ତୋଳିଦିଏ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ। ମୋର ପ୍ରିୟ ପାଠକ ପାଠିକା ମାନେ ମଧ୍ୟ ମୋ ପ୍ରଭୁ ଜଗନ୍ନାଥଙ୍କଠୁ କମ୍ ନୁହନ୍ତି। ହ୍ୱାଟସପ୍, ଫେସବୁକ ମାଧ୍ୟମରେ ଅର୍ଘ୍ୟ ତୋଳିଦିଏ ସେମାନଙ୍କୁ। ସକାଳେ ସକାଳେ ପ୍ରଭୁଙ୍କର ଫୋଟଚିତ୍ର ସହିତ ଅନ୍ତର ଭାବନାର ଭକ୍ତି ପୁଷ୍ପର ସୁଗନ୍ଧ ଆଘ୍ରାଣ କରନ୍ତି ସେମାନେ। ବେଶ୍ ପୁଲକିତ ହୁଅନ୍ତି। ସେମାନଙ୍କ ମତାମତ ମୋତେ ଉତ୍ସାହିତ କରେ ଓ ପ୍ରେରଣା ଯୋଗାଏ।" (କବିଙ୍କ  ଭାବନା, ଭକ୍ତି ଓ ଅଙ୍ଗୀକାର ର ଉଦାହରଣ ।)

'ସକାଳର ଅର୍ଘ୍ୟ' ଅବସରପ୍ରାପ୍ତ ଶିକ୍ଷକ ବାଣୀଶ୍ରୀ ପ୍ରଭାତ କୁମାର ଆଚାର୍ଯ୍ୟଙ୍କର ୭ମ ଅବଦାନ। ସକାଳର ଅର୍ଘ୍ୟ କାବ୍ୟ ଗ୍ରନ୍ଥ ଜଗନ୍ନାଥଙ୍କ ନିକଟରେ ସମର୍ପିତ। "ଛିନ୍ନବୀଣା", "ନିରୁଦ୍ଧିଷ୍ଟ ନାୟକ", "ଅକାହାଣୀ", "ସୂର୍ଯ୍ୟୋଦୟ" ଓ "ଜୀବନ ବଜାର", ଅନ୍ୟ ୬ ଗୋଟି ରଚିତ ପୁସ୍ତକ। ଶ୍ରୀଯୁକ୍ତ ଆଚାର୍ଯ୍ୟ ପେଷାରେ ଜଣେ ଶିକ୍ଷକ । ନିଶାରେ ଜଣେ ଲେଖକ ,କବି ଓ ଔପନ୍ୟାସିକ। 'ସକାଳର ଅର୍ଘ୍ୟ' ଜଗନ୍ନାଥଙ୍କ ନିକଟରେ ସବୁକିଛି ସମର୍ପି ଦେଇ ନିଜର ଶାଶ୍ୱତ ଭାବନା ଧରି ଶବ୍ଦ ଭିତରେ ହଜି ଯିବାର ଇଚ୍ଛା । ସପ୍ନ, ମୋହ ଓ ଆଶକ୍ତି ଯୁକ୍ତ ଯନ୍ତ୍ରଣାକୁ ଫେଣ୍ଟି ଭକ୍ତି ରସରେ ଛନ୍ଦରେ ଠିକ୍ ଶବ୍ଦରେ ପରିବେଷଣ କରି  ଦିଅନ୍ତି  । କବିତା ମଧ୍ୟରେ ଜୀବନଅଛି, ଯନ୍ତ୍ରଣା ଅଛି, ଜ୍ୱାଳା ବି ଅଛି । ଦହନ ରୁ ଆରମ୍ଭ ହୋଇ ମୁକ୍ତି ଯାଏଁ ଲମ୍ବିଛି ଚେତନାର ଚୌହଦି।

ISSN NO.
2582-208X

ସକାଳର ଅର୍ଘ୍ୟ ର ଅୟମାରମ୍ଭ ନେଇ କବି କହିଥାଆନ୍ତି ସେଇ ଚମକ୍ ପ୍ରଦ କଥା...ଆଜିବି ମନେଅଛି, ସେହି ମାଳମାଳ ଚକାଆଖୁ ଭିତରେ ଭୀତତ୍ରସ୍ତ ବ୍ୟାକୁଳିତ ମନର ଦହନ। ଫେରିଆସିଥିଲି ସିନା ପ୍ରାତଃ ଭ୍ରମମଣରୁ କିନ୍ତୁ ଖୋଜି ଚାଲିଥିଲି ଅମୃତମୟ ଗଙ୍ଗାଧାରକୁ । ଯିଏ ମୋ ମନର ଦହନକୁ ଲିଭେଇ ଦେଇ ପାରିବ । ମିଳିଥିଲା ସେଦିନ ସୂର୍ଯ୍ୟାର୍ଘ୍ୟ ଦେବା ସମୟରେ "ସକାଳର ଅର୍ଘ୍ୟ" ରୂପରେ।

### ଭକ୍ତି ରସର କାବ୍ୟିକ ପ୍ରତିଫଳନ "ସକାଳର ଅର୍ଘ୍ୟ"

ଏହି କାବ୍ୟ ସଂକଳନଟି ଜଗତର ନାଥ ଜଗନ୍ନାଥଙ୍କ ଚେତନାରେ ମଣ୍ଡିତ। ପ୍ରତ୍ୟେକ ଦିନ ସକାଳେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତିରେ ଭରା କବିତାର ଡାଲି କବି ସମସ୍ତଙ୍କ ପାଇଁ ଉପସ୍ଥାପନ କରନ୍ତି। ଈଶ୍ୱରଙ୍କ କରୁଣା ଓ ଆଶୀର୍ବାଦରେ ମଣ୍ଡିତ ଏହି କବିତାଗୁଡ଼ିକ ପାଠକଙ୍କ ହୃଦୟକୁ ଜୟ କରେ; ସକାଳଟି ଭକ୍ତିର ରସରେ ଭରିଯାଏ ଏବଂ ସମସ୍ତେ ଈଶ୍ୱର ଚେତନାରେ ନିଜକୁ ଖୋଜି ପାଆନ୍ତି, ସେଇ ସ୍ୱର୍ଗୀୟ ଦୀପ୍ତିର ଏକ ଆଭାସ ସ୍ପର୍ଶ କରନ୍ତି। ସାମାଜିକ ମାଧ୍ୟମର ସହାୟତାରେ ପ୍ରତିଦିନ ସକାଳେ କବି ଭକ୍ତିରେ ଭରା ଛନ୍ଦ, ସୁନ୍ଦର ଓ ମିଠା ଶବ୍ଦ ପ୍ରୟୋଗରେ ପାଠକଙ୍କ ପାଇଁ ଏହି ଅର୍ଘ୍ୟ ନିବେଦନ କରନ୍ତି।

ବିଶିଷ୍ଟ ଲେଖକ ପ୍ରଭାତ କୁମାର ଆଚାର୍ଯ୍ୟ "ବାଣୀଶ୍ରୀ" ଉପାଧିରେ ଭୂଷିତ ହେବା ସହ ବିଭିନ୍ନ ପୁରସ୍କାର ଲାଭ କରିଛନ୍ତି। ସମ୍ପ୍ରତି ଭୁବନେଶ୍ୱର ଗୀତ ଗୋବିନ୍ଦ ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ଭାରତୀ ବିଦୁଷ ସଭା ମିଳିତ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳନ ତଥା ଆଲୋଚନାଚକ୍ର, ଏବଂ ସମ୍ବର୍ଦ୍ଧନା ସଭାରେ ବାଣୀଶ୍ରୀ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ "ସକାଳର ଅର୍ଘ୍ୟ" ସପ୍ତମ ସ୍ଥାନ ଅଧିକାର କରିଅଛି। ଗତବର୍ଷ ସେ ଶିକ୍ଷକତା ଜୀବନରୁ ଅବସର ନେଇଛନ୍ତି। ତାଙ୍କର ଜନ୍ମସ୍ଥାନ ଭୋଗରାଇ; ବର୍ତ୍ତମାନ ସେ ବାଲେଶ୍ୱର ସହରରେ ବସବାସ କରୁଛନ୍ତି ଏବଂ ନିରବ ସାହିତ୍ୟ ସାଧନାରେ ନିୟୋଜିତ।

### ସକାଳର ଅର୍ଘ୍ୟ ପୃଷ୍ଠାରେ ପୃଷ୍ଠାରେ ....

ବାଲେଶ୍ୱରର ଅନ୍ୟତମ ପ୍ରକାଶନ ସଂସ୍ଥା ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆ ପକ୍ଷରୁ ପ୍ରକାଶିତ ଏହି କାବ୍ୟ ସଂକଳନ "ସକାଳର ଅର୍ଘ୍ୟ" ଜଗନ୍ନାଥଙ୍କ ପାଇଁ ଆନ୍ତରିକ ନିବେଦନ, ଆରାଧନା—

ISSN NO.
2582-208X

ଛନ୍ଦ ଓ ସୁରରେ ଗୁଞ୍ଜିଥିବା ଶବ୍ଦର ଅଞ୍ଜଳି। କବି ଉତ୍ସର୍ଗ କରିବା ପରେ ପ୍ରଥିତଯଶା ସ୍ରଷ୍ଟା ଡ.ରମାକାନ୍ତ ବେହେରା ଙ୍କ କିଞ୍ଚିତ ଶୀର୍ଷକରେ ଅନେକ ସାରଗର୍ଭ, ତତ୍ତ୍ୱପୂର୍ଣ୍ଣ, ଆଲୋକପାତ ନଜରକୁ ଆସେ । ବହିଟିର ମୁଦ୍ରଣସୁନ୍ଦର ପ୍ରଚ୍ଛଦ ମନ୍ଦ ନୁହେଁ, ତେବେ ଏହାଠୁ ଭଲ ହୋଇପାରିଥାଆନ୍ତା । ଛୋଟ, ଛନ୍ଦ ଓ ମିଠା ଭାବରେ ରୂପାୟିତ ଅର୍ଘ୍ୟ । ସର୍ବମୋଟ ୧୩୨ ପୃଷ୍ଠାର ସମାହାର । ୧୪ ରୁ ୧୦୭ ପୃଷ୍ଠା ଭିତରେ ସ୍ଥାନିତ ଅର୍ଘ୍ୟର ସ୍ୱାଦ ସୁନ୍ଦର ତେବେ ୧୦୮ ରୁ ଶେଷ ପୃଷ୍ଠା ଯାଏଁ ଅର୍ଘ୍ୟ ସବୁ ର ସ୍ୱାଦ କିମିତି ଅଲଗା ମନେ ହୁଏ। ବିଭିନ୍ନ ପ୍ରକାରର ଭାବନା, ସୁଖ ଦୁଃଖ, ଯନ୍ତ୍ରଣାର କଥାସବୁ କାଳିଆ ଠାକୁରଙ୍କୁ କେନ୍ଦ୍ରକରି ପ୍ରବାହମାନ । ଜଗନ୍ନାଥଙ୍କ ବିବିଧ ନାମ ଅନନ୍ୟ ମାତ୍ରା ସ୍ଥାପନ କରି ପାରିଛି । ପତିତପାବନ, ହରି, ଚକ୍ରଧର, କୃପାସିନ୍ଧୁ, ମହାବାହୁ, କ୍ଷମାନିଧି, କଳା ବଦନ, କଳା ସାଆନ୍ତ, ଦୀନବନ୍ଧୁ, ଦୀନନାଥ, ଘନଶ୍ୟାମ, ଚକାନୟନ, ମଧୁସୂଦନ, କୃପାଧାର, କରୁଣାସିନ୍ଧୁ, ଶ୍ରୀରମଣ, ଦାରୁ ବ୍ରହ୍ମ, ଶ୍ରୀଛାମୁ ଆଦି ନାମରେ ନାମାଙ୍କିତ ଜଗତର ନାଥ ଜଗନ୍ନାଥ ଅର୍ଘ୍ୟର ବିବିଧ ନିବେଦନରେ । କବିତାର ଛନ୍ଦ, ଭାବ ଓ ଶବ୍ଦର ଯାଦୁ ଦେଖାଇବାରେ ମାହିର କବି । ତାର କିଛି ନମୁନା ଆପଣ ମାନଙ୍କୁ ସାଦରେ ଅର୍ପିଣ କରୁଛି:

ମନ କଥା ମୋର କାହାକୁ କହିବି
ସବୁବେଳେ ଭିଜେ ଆଖୁ
ଆପଣାର ଭାବି ତୁମକୁ ସାଆନ୍ତ !
ଲେଖୁଛି ଲୁହର ଚିଠି । *ପୃଷ୍ଠା/- ୩୧*

ଅଢେଇ ଦିନର ଏ ଜୀବନ ମୋର
ମାୟା ଅଭିସାରେ ଖେଳେ
କେମିତି ବାନ୍ଧିବି ତୋ ସାଥିରେ ବନ୍ଧୁ
ବୁଡ଼ିଅଛି ପାପ ଜଳେ।
କରୁଣା କର ହେ ନାଥ !
ଭାବ ବନ୍ଧନରୁ ମୁକତି ଦିଅ ହେ
ଦୀନବନ୍ଧୁ ଦୀନନାଥ ! *ପୃଷ୍ଠା/- ୫୭*

ISSN NO.
2582-208X

ଲେଖୁଅଛି ଚିଠି ହେ କଳାସାଆନ୍ତ !
ମୋ ହୃଦୟ ଲଫାପାରେ
ତୁମରି ଠିକଣା ଲେଖୁଲା ବେଳକୁ
ଇନ୍ଦ୍ରଧନୁ ରଙ୍ଗ ଝରେ। ପୃଷ୍ଠା/ ୫୯

ଖୋଜେନା ନିର୍ବାଣ ଅବା
ଚାହେଁନା ମୁଁ ସ୍ୱର୍ଗ
ଚାହେଁ ମାତ୍ର ପାଦେ ଆଶ୍ରା
ଦେବା ପାଇଁ ଅର୍ଘ୍ୟ। ପ୍ରଷ୍ଠା-୧୦୨




କବିଙ୍କ ଭକ୍ତି ଭାବର ପରିପ୍ରକାଶ ସଫଳ ରୂପ ପାଇପାରେ ସୁଧୀ ପାଠକମାନଙ୍କ ଯଥାର୍ଥ ମୂଲ୍ୟାୟନ ଭିତରେ । ଏଇ କବିତା ଗ୍ରନ୍ଥଟି ସମସ୍ତଙ୍କୁ ଭକ୍ତି ଭାବରେ, ରସରେ, ସ୍ୱର୍ଗୀୟ ଅନୁଭୂତି ପ୍ରଦାନ କରି ପାରିବାରେ ସକ୍ଷମହୋଇ ପାରେ ବୋଲି ମୋର ବିଶ୍ୱାସ ।

(((-)))

Email – barunkumardas1@gmail.com

ISSN NO.
2582-208X

# ସେ କହିଲା ହାପି ହୋଲି



ଡକ୍ଟର ପ୍ରତାପ କୁମାର ପରିଡ଼ା

ସେ କହିଲା ହାପି ହୋଲି
ମୁଁ ତା ପ୍ରେମ ରଙ୍ଗରେ ମଜିଲି
ସେ ପ୍ରୀତିର ରଙ୍ଗ ଢାଳିଲା
ତଥାପି ମୁଁ ନାଲି ନାଲି ଦିଶିଲି
ସେ କହିଲା ହାପି ହୋଲି

ସେ ଫଗୁଣର ଫଗୁରେ ମୋତେ
ଗାଧୋଇ ଦେଇ କହିଲା
ତୁ ବେଶୀ ରଙ୍ଗିଲା ଦିଶୁଛୁ ମୁଁ ହସିଦେଲି
ମୁଁ କହିଲି ହାପି ହୋଲି....

ସେ କହିଲା ଆଜି ହୋଲି
ମୁଁ କହିଲି ଆକାଶକୁ ଦେଖେ
ସେ ଜଳ ଜଳ ମୋତେ ଚାହିଁଲା
କିନ୍ତୁ ତା ମୁହଁରେ କୃତ୍ରିମ ଇନ୍ଦ୍ରଧନୁ ଫୁଟିଲା
ତଥାପି ସେ କହିଲା ହାପି ହୋଲି....

ISSN NO.
2582-208X

ସେ ରଙ୍ଗ ବୋଳି ରଙ୍ଗେଇ ଦେଲା
ମୋ ଅଙ୍ଗ ସାରା ମୁଁ ଲଜେଇ ଗଲି
ତଥାପି ସେ ପ୍ରେମର ପିଚିକାରି ମାରେ
ମୁଁ ତା ପ୍ରେମ ରଙ୍ଗରେ ଭିଜିଗଲି
ତଥାପି ସେ କହିଲା ହାପି ହୋଲି....

ମୁଁ କହିଲି ମୁଁ ଗାଧୋଇ ସାରିଲିଣି
ସେ କହିଲା ହୋଲି ଫେରିଯିବ ଆରବରଷକୁ
ଗାଧୋଇ ଦେଇ ଚାଲିଯିବ ତୁମ ଅବୁଝା ମନକୁ
ମୁଁ କହିଲି ମୁଁ ତାକୁ ପାରିବିନି ଭୁଲି
ପୁଣି କହିଦେଇ ଚାଲିଗଲା ହାପି ହୋଲି...

(((-)))

ଏସ ଆର ଜି, ସାହିତ୍ୟ ସୃଜନୀ
ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶ୍ରୀବନ୍ତଦେଇପୁର,
ନୂଆଗାଁ, ନୟାଗଡ଼

ISSN NO.
2582-208X

# ବସନ୍ତ ସଭିଙ୍କ ପ୍ୟାର୍



ରଶ୍ମିତା କୁମାରୀ ବେହେରା

ଶୀତ ଓ ବସନ୍ତ ଦୁଇ ଭାଇ ଦେଖ
ଗୋଟିଏ ମାଆ ର ପୁଅ
ବଡ ଭାଇ ଶୀତ ସାନ ଟି ବସନ୍ତ
ବାଛ କିଏ ଅତି ପ୍ରିୟ

ସୁଖ ଶାନ୍ତି ମୈତ୍ରୀ, ବାଣ୍ଟିଥାଏ ସାନ
ପ୍ରିୟସେ ସଭିଙ୍କ ପାଇଁ
ବିବାହ ବନ୍ଧନ ମାଙ୍ଗଳିକ ପର୍ବ
ଶୁଭୁଥାଏ ସାହାନାଇ

ପାଦପ ସାଜଇ ବଧୂବେଶ ତେଣେ
ବଉଳ ବେଣିରେ ମହୀ
ମହକି ଉଠୁଛି ନାନା ଜାତି ଗଛ
କଅଁଳ ପାଖୁଡା ଛୁଇଁ

ଦୂରୁ ନିରେଖଇ ପଳାଶ ପାଖୁଡା
ହସୁଛି ସେ ମନ୍ଦ ମନ୍ଦ
ନୂଆଁ ବହୁ ସାଜି ଓଠ ତା ଦିଶୁଛି
ଫଗୁଣର ପୂର୍ଣ୍ଣ ଚାନ୍ଦ

ISSN NO.
2582-208X

ଆରେ ମକର ବାଗୁଡ଼ି ଖେଳିବା
ପଡ଼ିଛି ପୁନେଇ ଜହ୍ନ
କୁମାରୀ ମନମୋ, ଉଛନ ହେଉଛି
ରାତି ଲାଗେ ମୋତେ ଦିନ

ମିଠା ଲାଗେ ତା'ର ଶୀତଳ ସମୀର
ମିଠା ତା ରୂପା କିରଣ
ମିଠା ଲାଗେ ବେଶି ବସନ୍ତର ସାଥୀ
ମଧୁର ପ୍ରେମ ମିଳନ

ରଖିବୁ କି ମୋର, ବଡ ଅନୁରୋଧ
ସବୁଦିନ ରହିଥାଆ
ସୁଖ ଭୁଞ୍ଜି ଆମେ ଗୁଣ ଗାଉଥିବୁ
ଛଅ ଏକ ହୋଇଯାଆ

(((-)))

ଶ୍ରୀବିହାର, ବୌଦ୍ଧ

ISSN NO.
2582-208X

# ସ୍ୱାଧୀନତା ପରବର୍ତ୍ତୀ ନାଟକ

ଡ. ସରଳା ସ୍ୱାଇଁ

ସ୍ୱାଧୀନତା ପରବର୍ତ୍ତୀ ନାଟକ କହିଲେ ୧୯୪୭ ପର ନାଟକକୁ ବୁଝିବାକୁ ହୋଇଥାଏ । କିନ୍ତୁ ନାଟକର ଜନ୍ମ ଲଗ୍ନ ସ୍ଥିର ହୋଇଥିଲା ୧୮୭୭ ମସିହାରେ । ସେହି ସମୟ ଠାରୁ ଅଦ୍ୟାବଧି ନାନା ବନ୍ଧୁର ପଥ ଦେଇ ନାଟକ ଗତି କରି ଆସିଛି । ପତନ ଅଭ୍ୟୁଦୟର ପଥ ଦେଇ ଜାତି ଯେତେବେଳେ ଆଗେଇ ଚାଲେ ତାହାର ସେଇ ଜୀବନ ସଂଗ୍ରାମର ରୂପ ସାହିତ୍ୟରେ ପ୍ରକାଶ ପାଇଥାଏ । ଜାତିର ଜୀବନକୁ ଦୋହଲାଇ ଦେଇଥିବା କୌଣସି ଘଟଣା ସାହିତ୍ୟରେ ସ୍ଥାନ ପାଇଲେ ତାହା ନୂତନ ପ୍ରାଣ ସ୍ପନ୍ଦନ ସୃଷ୍ଟି କରିଥାଏ । ତେଣୁ ଭାରତବର୍ଷର ସ୍ୱାଧୀନତା ଲାଭ ହିଁ ହେଉଛି ଜାତୀୟ ଜୀବନର ସର୍ବପ୍ରଧାନ ଘଟଣା । ସ୍ୱାଧୀନତା ପରବର୍ତ୍ତୀ ସମୟ ଭାରତ ଓ ଓଡ଼ିଶା ପାଇଁ ଏକ ନବନିର୍ମାଣର କାଳଖଣ୍ଡ । ବିଦେଶୀ ଶାସନରୁ ମୁକ୍ତ ହୋଇ ସ୍ୱଦେଶୀ ବିଚାର ଧାରାରେ ପ୍ରେରିତ ହୋଇ ଜାତୀୟ ଜୀବନକୁ ପୁନର୍ନିର୍ମାଣ କରିବାର ସମୟ । ସ୍ୱାଧୀନତା ପରେ ଜାତୀୟ ଜୀବନ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ଦେଶ ବିଭାଜନ ଜନିତ ବିରାଟ ସମସ୍ୟା ମୁଣ୍ଡ ଟେକି ଉଠିଲା । ତାହା ବ୍ୟତୀତ ବେକାରୀ ସମସ୍ୟା, ଦାରିଦ୍ର୍ୟ, ବ୍ୟକ୍ତିର ଅସହାୟତା, ନାରୀ ସମସ୍ୟା ପ୍ରଭୃତି ଦେଖିବାକୁ ମିଳିଲା । ଗାନ୍ଧୀବାଦ ଧୀମେଇ ଗଲା । ଏହାରି ଭିତରେ ନବଭାରତର ନିର୍ମାଣ ନିମନ୍ତେ ଉଦ୍ୟମ କରାଗଲା । ଦେଶ ନିମନ୍ତେ ଶିଳ୍ପାୟନରେ ଯେଉଁ ନୂତନ ନୀତି ଗ୍ରହଣ କରାଗଲା, ତାହା ଫଳରେ ଚତୁର ବଣିକ ଗୋଷ୍ଠୀ ହିଁ ଶାସନକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କଲେ । ରାଜନୀତି, ଗଣତନ୍ତ୍ରରେ ନାନା ଅସନ୍ତୋଷ ଦେଖା ଦେଲା । ସ୍ୱପ୍ନ, ଆଶା, ସମାଜ ସମ୍ଭାବନା ସବୁ ମଉଳି ଗଲା । ଅସମ ବଣ୍ଟନ ନୀତି ଫଳରେ ଦାରିଦ୍ର୍ୟର ସୀମାରେଖା କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ପରିଣାମରେ ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତି, ଲାଞ୍ଚମିଛ, ଭଣ୍ଡାମି, ଠକାମିର ମାତ୍ରା କ୍ରମଶଃ ବୃଦ୍ଧି

ISSN NO.
2582-208X

ପାଇବାକୁ ଲାଗିଲା । ଭାରତୀୟ ଚେତନା ବଞ୍ଚି ରହିଲା କେବଳ ଭାରତୀୟମାନଙ୍କ ରକ୍ତରେ। ଦୃଷ୍ଟି ଓ ଦର୍ଶନରେ, ଚିନ୍ତାଚେତନାରେ, ରୁଚି ଓ ରିତିବାଜରେ, ଚାହାଣି ଆଉ ଚଳଣିରେ ଭାରାତୀୟମାନେ ୟୁରୋପୀୟ ଜନତାର ଅତି ନିକଟବର୍ତ୍ତୀ ହୋଇପଡ଼ିଲେ । ସମାଜ ଜୀବନର ଏହି ଭଙ୍ଗାଗଢା ଭିତରେ ଭାରତ ଗ୍ରାମ୍ୟ ଜୀବନବୋଧ, କୃଷି ବ୍ୟବସ୍ଥା, ଶିଳ୍ପାୟନ କ୍ଷେତ୍ରରେ ପ୍ରଗତି କରିବା ପାଇଁ ନୂତନ ନୀତି ନିର୍ଦ୍ଧାରଣ ହେବା ସହ ରାଜନୀତିକ ଅର୍ଥନୀତିକ ବ୍ୟବସ୍ଥାର ଆଧୁନୀକିକରଣ ଆରମ୍ଭ ହେଲା । ଓଡ଼ିଆ ନାଟକ ପରିସର ବୃଦ୍ଧି ସହ ପୃଷ୍ଠଭୂମି ବଦଳିବାକୁ ଲାଗିଲା । ଶିକ୍ଷାର ପ୍ରସାର, ଦ୍ରୁତ ଶିଳ୍ପାୟନ, ଗ୍ରାମ୍ୟ ଜୀବନ ସହର ଜୀବନକୁ ପଳାୟନ, ଜାତୀୟ ଜରୁରୀ, ଜଗତୀକରଣ ଯୋଗୁଁ ଓଡିଆ ନାଟକର ସ୍ୱର ଓ ସ୍ୱରୂପରେ ପରିବର୍ତ୍ତନ ସଂଘଟିତ ହେଲା । ସେହି ପରିବର୍ତ୍ତନ ଗୁଡିକୁ ଜାତୀୟ ଚେତନାର, ସ୍ୱାଧୀନତା ପୂର୍ବର ଭାବନା ସ୍ୱାଧୀନତା ପରର ଅନୁଭୂତି ଜୀବନଧାରାରୁ ଦୂରେଇ ଯାଇ ଯନ୍ତ୍ର ପ୍ରଭାବିତ ଆଉ ହେଲା ନାହିଁ । ସ୍ୱାଧୀନତା ପରବର୍ତ୍ତୀ ନିର୍ମାଣବାଦୀ ଧାରା ସହିତ ନୂତନ ଚେତନାର ପ୍ରୟୋଗ ଘଟିଲା । ବିଭିନ୍ନ ପ୍ରୟୋଗବାଦୀ ଧାରାକୁ ନାଟ୍ୟକାରମାନେ ଆପଣେଇଲେ । ଭାରତୀୟ ଗରିବ ଓ ଗ୍ରାମୀଣ ଜନତା ଭାବିଥିଲେ ଦେଶ ସ୍ୱାଧୀନ ହେବା ପରେ ସେମାନଙ୍କର ଦାରିଦ୍ର୍ୟ ଘୁଞ୍ଚିଯିବ । ସ୍ୱପ୍ନଭଙ୍ଗ ପୃଥିବୀରେ ବଞ୍ଚିଥିବା ମଣିଷ କ୍ରମଶଃ ଅର୍କ୍ଷିତ ହୋଇପଡିଲେ । ଦାରିଦ୍ର୍ୟ, ଦୁର୍ନୀତି, ଦଙ୍ଗା, ଦୁଷ୍କର୍ମ, ଦାଦାଗିରି, କଳାବଜାରୀ, ରାଜୀନୀତିକ ସୁବିଧାବାଦ ସାଧାରଣ ମଣିଷର ଜୀବନକୁ ପ୍ରଭାବିତ କରିବା। ଏପରି ସ୍ୱାଧୀନତାର ମୋହଭଙ୍ଗରୁ ସ୍ୱାଧୀନତା ପରବର୍ତ୍ତୀ କାଳଖଣ୍ଡରେ ସାହିତ୍ୟ ସୃଷ୍ଟି ହୋଇଛି । ଏପରି ପୃଷ୍ଠଭୂମିରେ ବାସ୍ତବବାଦୀ, ପରୀକ୍ଷାଧର୍ମୀ, ସ୍ଥିତିବାଦୀ, ରାଜନୀତିକ, ମନସ୍ତାତ୍ତ୍ୱିକ ଇତ୍ୟାଦି

ଗ୍ରହଣ କରାଯାଇଛି । ସ୍ଥିତିବାଦ ସାହିତ୍ୟ ହେଉଛି 'ମୁଁ'ର ସାହିତ୍ୟ । ମଣିଷକୁ ମଣିଷ ପରି ବଞ୍ଚିବାକୁ ପଡିବ । ସମାଜର ଆଜ୍ଞା ଓ ଉପଦେଶକୁ ଅବଜ୍ଞା କରି ସ୍ୱାଧୀନ ଭାବରେ ଜୀବନ ଜିଇଁବାକୁ ପଡିବ । ଏହି ସମୟରେ ୟୋରୋପୀୟ ସାହିତ୍ୟରେ ପ୍ରାଧାନ୍ୟ ବିସ୍ତାର କଲା । ସ୍ଥିତିବାଦ କହିଲା ଜୀବନ ଜିଇଁବାର ଅର୍ଥ ନୁହେଁ ଜୀବନର ବୋଝ ବୋହିବା । 'ମୁଁ' ତତ୍ତ୍ୱର ପ୍ରତିଷ୍ଠା କରିବା ପାଇଁ ପାପର ପାରିଧିରେ ଯିବାକୁ ଏହା ଅସମ୍ଭବ ହୁଏ ନାହିଁ ।

ଅସ୍ତିତ୍ୱବାଦ ମୁଖ୍ୟ ବିଷୟଗୁଡ଼ିକ ହେଲା – ଜୀବନର ସଂଦିଗ୍ଧତା ଓ ଉଦ୍ଭଟତା, ମଣିଷର ସ୍ୱାଧୀନତା, ଦାୟିତ୍ୱବୋଧ, ଉଦ୍‌ବେଗ, ବିଚ୍ଛିନ୍ନତା, ସୀମାବଦ୍ଧତା, ତଥା ମୃତ୍ୟୁ ଆଜି ଅସ୍ତିତ୍ୱବୋଧର ମୁଖ୍ୟ ବିଷୟ । ମୌଳିକ ଯୁକ୍ତିହୀନତା ଭିତରେ ଆଜିର ମଣିଷ ଜୀବନ

ISSN NO.
2582-208X

ଅତିବାହିତ କରେ ଜୟଲାଭ ପାଇଁ ମଣିଷ ସଂଗ୍ରାମ କରେ ମାତ୍ର ଶେଷରେ ପରିଣତି ପରାଜୟ ହିଁ ହୁଏ । ତେଣୁ ସାମ୍ପ୍ରତିକ ଗଳ୍ପ, ଉପନ୍ୟାସ ଓ ନାଟକ, କବିତାରେ ଏହି ଉଦ୍ଭଟ ମଣିଷର ଚିତ୍ର ଓ ଚରିତ୍ର ଉପସ୍ଥାପିତ ହେଉଥିବାର ପରିଲକ୍ଷିତ ହୁଏ । ଜୀବନରେ ହତାଶା, ନୈରାଶ୍ୟ, ବିଫଳତା, ପରାଜୟର କୁହେଳି ଭିତରେ ସମାଜ ଧର୍ମ ଓ ଗଣ ଜୀବନର ପ୍ରଭାବକୁ ପ୍ରତ୍ୟାଖ୍ୟାନ କରି ବଞ୍ଚିବା ପାଇଁ ସଂଗ୍ରାମ କରିଯିବା ଭିତରେ ହିଁ ମଣିଷର ପ୍ରକୃତ ପରିଚୟ ନିହିତ । ଏ କଥା ଅସ୍ତିତ୍ୱବାଦୀ ଲେଖକ ବିଶ୍ୱାସ କରେ । ନିଜର ଉପଲବ୍ଧ ସତ୍ୟ ହିଁ ଏକମାତ୍ର ସତ୍ୟ । ଆତ୍ମଜିଜ୍ଞାସା ହିଁ ତା'ର ମୌଳିକତା । ନିଜେ ସମସ୍ତ ସତ୍ୟକୁ ନିଜସ୍ୱ ଅନୁଭୂତି ଭିତରୁ ଖୋଜି ବାହାର କରିବାକୁ ସେ ଚେଷ୍ଟା କରେ । ଧର୍ମ, ଦର୍ଶନ, ସାହିତ୍ୟ, ବିଜ୍ଞାନ, ପ୍ରତ୍ୟେକ କ୍ଷେତ୍ରରେ ପୂର୍ବସୂରୀମାନଙ୍କର ଅନ୍ଧ ଅନୁସରଣକୁ ସ୍ଥିତିବାଦ ବିରୋଧ କରେ । ଏହା ଏକ ବାଦବିରୋଧୀ ବାଦ । ସ୍ଥିତିବାଦ ଦର୍ଶନ ଅପେକ୍ଷା ସାହିତ୍ୟର ବେଶୀ ନିକଟବର୍ତ୍ତୀ ମଣିଷର ବୈଚିତ୍ର୍ୟପୂର୍ଣ୍ଣ ଘଟଣା ବହୁଳ ଜୀବନକୁ ବିଶ୍ଳେଷଣ କରିବା ଲାଗି ସ୍ଥିତିବାଦର ପ୍ରୟୋଜନ ରହିଛି । ମଣିଷ ନିଜକୁ ଏ ବିରାଟ ପୃଥିବୀ ଭିତରେ ଅତ୍ୟନ୍ତ ଅସହାୟ ମନେ କରୁଛି । ଏହି ଅସହାୟତାରୁ ମୁକ୍ତି ଦେଇ ତାକୁ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠା କରାଇବା ସ୍ଥିତିବାଦୀ ଦର୍ଶନର ଲକ୍ଷ୍ୟ । ଏହି କାରଣରୁ କଳା, ସାହିତ୍ୟ, ରାଜନୀତି, ସମାଜ, ବିଜ୍ଞାନ ସବୁ କ୍ଷେତ୍ରରେ ଏହାର ପ୍ରାଧାନ୍ୟ ବିସ୍ତାର କରିଛି । ଢାଞ୍ଚାର ପରିବର୍ତ୍ତନ ହେଲା ନାହିଁ । ବରଂ ଆଭିଜାତ୍ୟରେ ନିଜକୁ ଗଢି ତୋଳିବା ଏକ ନୂଆ ବୁନିଆଦି ଓ ସେହି ପରିବର୍ତ୍ତନରେ, ଗୁଡ଼ିକ ସ୍ଥିତିବାଦ, ରାଜନୀତି, ଦର୍ଶନୀୟ ପ୍ରତିବଦ୍ଧତା, ବାସ୍ତବବାଦ, ହତାଶାବାଦ ଆଜି ଦେଖା ଦେଲା ।

ନାଟକ କ୍ଷେତ୍ରରେ ସାର୍ତ୍ରେ ଓ କାମ୍ୟୁ, କାଫକା ପ୍ରମୁଖଙ୍କ ନାଟକରେ ସ୍ଥିତିବାଦର ସ୍ୱରୂପ ଚମତ୍କାର ଭାବେ ଫୁଟି ଉଠିଛି । ନାଟ୍ୟଜଗତରେ ବିଶ୍ୱବିଶ୍ରୁତ ହୋଇପାରିଛନ୍ତି ସାର୍ତ୍ରେ ଓ କାମ୍ୟୁ । କାମ୍ୟୁଙ୍କର କାଲିଗୁଲା, ମିଥ୍ ଅଫ୍, ସିସିଫସ, ସାର୍ତ୍ରେଙ୍କର ଇନକ୍ୟାମେରା ନୂତନ ନାଟ୍ୟଚିନ୍ତା ଉପସ୍ଥାପନରେ ସକ୍ଷମ । ସମସ୍ତ ଆଧୁନିକ ସାହିତ୍ୟ ସଚେତନ ବ୍ୟକ୍ତି ଆଜି ସ୍ଥିତିବାଦକୁ ସାହିତ୍ୟର ମୁଖ୍ୟଦର୍ଶୀ ଭାବେ ବିଶେଷ କରୁଛନ୍ତି ।

୧୯୬୮ ମସିହାରେ ଜୀବନାନନ୍ଦ ମିଶ୍ରଙ୍କ 'ମୃତ ଝଙ୍କାର' ବିଜୟ ମିଶ୍ରଙ୍କର 'ଶବବାହକମାନେ' ସ୍ଥିତିବାଦୀ ଚେତନା ପରିଲକ୍ଷିତ ହୁଏ । କାଳିଚନ୍ଦ୍ରଙ୍କ 'ଭାତ'ରେ ମାର୍କସବାଦର ଯେଉଁ କ୍ଷୀଣ ୍ୱର ତାହା ପରିପୃଷ୍ଟ ରୂପ ନେଇଛି 'ଆଗାମୀ' ଭାବରେ । 'ଆଗାମୀ' ନାଟକରେ ମାର୍କବାଦୀ ତାତ୍ତ୍ୱିକ ଦିଗ ସହିତ ବିଭିନ୍ନ ଚରିତ୍ର ଓ ବିଷୟବସ୍ତୁ

ISSN NO.
2582-208X

ମାଧ୍ୟମରେ ଉନ୍ମୋଚନ କରାଯାଇଥିଲା । ସ୍ଥିତିବାଦର ଉନ୍ମୋଚନା ହୋଇଛି ମଣିଷ ତା'ର କର୍ମ ମଧ୍ୟ ଦେଇ ବଞ୍ଚିବାରେ, ବୈଶିଷ୍ଟ୍ୟ ପ୍ରଦର୍ଶନ କରିପାରେ ଏବଂ ବିକାଶ ଲାଭ କରିପାରେ। ଉତ୍ପାଦନଜନିତ ସୃଜନ ଆକାଂକ୍ଷାରୁ ମାନବ ଅଭିବ୍ୟକ୍ତିର ପରିପ୍ରକାଶ ଘଟେ । ଏହି ଉତ୍ପାଦନ ମାନବିକ ଏବଂ ସ୍ୱାଧୀନ ଶ୍ରମ ବିଶ୍ରୁତ । ବାଧ୍ୟବାଧକତାରେ ମଣିଷ ଶ୍ରମ କଲେ ମଣିଷ ନିଜ ଠାରୁ ଓ ସମାଜ ଠାରୁ ବିଚ୍ଛିନ୍ନ ହୋଇପଡେ । ଏପରିକି ମୁଖ୍ୟ ଚରିତ୍ର ଗୁଡ଼ିକ ମଧ୍ୟରେ ଘୋର ଆତ୍ମ ବିଚ୍ଛନ୍ନତା ଦେଖା ଦେଇଛି । ସେମାନଙ୍କ କାର୍ଯ୍ୟକଳାପ ଓ ସଂଳାପରେ ମଧ୍ୟ ଅସଂଲଗ୍ନତା ପରିଲକ୍ଷିତ ହୁଏ । ଅର୍ଥନୀତିକ, ସାମାଜିକ, ରାଜନୀତିକ ଓ ମନୋବୈଜ୍ଞାନିକ, ବିଚ୍ଛିନ୍ନତାର ସ୍ୱରୂପ ଉଦ୍‌ଘାଟନ ଏ ନାଟକର ଉଦ୍ଦେଶ୍ୟ । 'ଆଗାମୀ' ନାଟକରେ ଯେଉଁ ବିଚ୍ଛିନ୍ନତାର ଆଭାସ ଦେଇଥିଲା ତାହା ପରବର୍ତ୍ତୀ ଓଡ଼ିଆ ନାଟକରେ ବିସ୍ତୃତ ଓ ବିକଶିତ ହୋଇଛି ।  ସୂକ୍ଷ୍ମ ଭାବରେ ଅନୁଧ୍ୟାନ କଲେ ସ୍ଥିତିବାଦ ପ୍ରବର୍ତ୍ତିତ ବିଚ୍ଛିନ୍ନତାର ସ୍ୱରୂପ ଉଦ୍‌ଘାଟନ ନାଟକର ଉଦ୍ଦେଶ୍ୟ ।

'ଶବବାହକମାନେ' ଆଧୁନିକ ସମାଜର ବିପନ୍ନ ମୂଲ୍ୟବୋଧର ଏକ ମର୍ମସ୍ପର୍ଶୀ ଚିତ୍ର । ଅର୍ଥର ମୋହ ପ୍ରେମିକକୁ ପ୍ରେମିକ ଠାରୁ ବନ୍ଧୁକୁ ବନ୍ଧୁ ଠାରୁ ବିଚ୍ଛିନ୍ନ କରି ଦେଇଛି । ନିରାଶା ଓ ହତାଶାର ଚରିତ୍ର ଅନ୍ଧାର ଭିତରେ ଯେମିତି ଅଣ୍ଡାଳି ହୁଅନ୍ତି । ସାନ୍ଦେହ ଅବିଶ୍ୱାସ ବେଢ଼ି ହୋଇ ରହେ ଏହି ଚରିତ୍ରମାନଙ୍କୁ । ସମସ୍ତଙ୍କର ସମସ୍ତଙ୍କ ପ୍ରତି ଅବିଶ୍ୱାସ । "ଆମ୍ଭେମାନେ ମଣିଷ ନିଚ୍ଛକ ମଣିଷ, ବନ୍ଧୁତା ଠାରୁ ଶତ୍ରୁତା ଯାହାର ସହଜାତ ପ୍ରବୃତ୍ତି ।" ଏହା ଯେପରି ସାର୍ତ୍ରେଙ୍କ ଉକ୍ତି - "All human relationship are based on conflict".

ତତ୍କାଳୀନ ସମୟର ପ୍ରତିଷ୍ଠିତ ନାଟ୍ୟକାର ବିଶ୍ୱଜିତ୍ ଦାସଙ୍କ 'ମୃଗୟା' ମଧ୍ୟ ବିଚ୍ଛିନ୍ନତାବୋଧ ସ୍ୱରୂପ ଅଧିକ ଗଭୀର ମନେହୁଏ । ସ୍ଥିତିର ସନ୍ଧାନରେ ଘୂରି ବୁଲୁଥିବା କେତେ ଗୁଡିଏ ସ୍ଥିତିବାଦୀ  ଚରିତ୍ର ଏଥିରେ ସନ୍ନିବେଶିତ ହୋଇଥାଏ । ଏଥିରେ ପ୍ରତିଟି ଚରିତ୍ର ଗୋଟିଏ ଗୋଟିଏ ଆତ୍ମବିଚ୍ଛିନ୍ନ ନିସଙ୍ଗ ଚରିତ୍ର । ସମସ୍ତଙ୍କ ନିକଟରେ ମାନବିକତା ମୂଲ୍ୟହୀନ, ସାମାଜିକ ବନ୍ଧନ ନିରର୍ଥକ, ପିତାପୁତ୍ର, ପ୍ରେମିକ ପ୍ରେମିକା, ସ୍ୱାମୀ ସ୍ତ୍ରୀ, ବନ୍ଧୁ ବନ୍ଧୁ, ଶ୍ରମିକ-ଶ୍ରମିକ ନେତା ସମସ୍ତଙ୍କ ଭିତରେ ସଦ୍‌ଭାବ ସୃଷ୍ଟି ହେବା ବଦଳରେ ପାରସ୍ପରିକ ବିଚ୍ଛିନ୍ନତା ସୃଷ୍ଟି ହୋଇଛି । ନିଜର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସତ୍ ଅସତ୍‌ର ପଥକୁ ବିଚାରକରି ନାହାଁନ୍ତି । ସମସ୍ତେ ପଥହରା, କିଏ ଜୀବନ ପରୀକ୍ଷାରେ ତ କିଏ ଶ୍ରେଣୀ ପରୀକ୍ଷାରେ କିଏ ଦିଗ ହଜେଇ ହା ହତାଶା ଭରା ଜୀବନ ନେଇ ଘୁରୁ ବୁଲଛି। କେବେ ପୁଣି ସଂସାର ଠାରୁ ଦୂରେଇ ଯାଇ ଏକାକୀ ହୋଇ ପଡିଛନ୍ତି । ନାଟ୍ୟକାର ଆଜିର

ISSN NO.
2582-208X

ଜୀବନକୁ ଅନୁଭବ କରିଛନ୍ତି ତିନୋଟି ଚରିତ୍ରର ବ୍ୟର୍ଥତାରେ - ବିବେକାନନ୍ଦଙ୍କର ଖେଦ, 'ଓହୋ ହୋ ଓ - ଜୀବନଟା ବ୍ୟର୍ଥ ହୋଇଗଲା । ସାରଥୀର ଅନୁତାପ – ଆ ହା ହା ... ଭୁଲ ବାଟରେ ଚାଲି ଆସିଲି ମୁକ୍ତାର ବିଳାପ ହିଃ ହିଃ ... ଜୀବନରେ ଅନ୍ୟ ନାମ ଅଶ୍ରୁ ବିଳାପ ।

ସ୍ୱାଧୀନତା ପରବର୍ତ୍ତୀ ନାଟକରେ ରାଜନୀତିର ଧୂର୍ତ୍ତଚାପ ଦୁର୍ନୀତିର କାଳଗ୍ରାସୀ ଏହି ସମୟରେ ନୂତନ ରୂପ ପରିଗ୍ରହ ଲାଭ କରିଛି । ରାମଚନ୍ଦ୍ର ମିଶ୍ରଙ୍କ 'ନରୋତ୍ତମ ଦାସ' ନାଟକରେ । ବ୍ୟକ୍ତତ୍ୱର ସଂଘର୍ଷକୁ ମୂଳ କରି ନାଟକର କଥାଭାଗ ପରିକଳ୍ପିତ । ସାମିୟକ ବାସ୍ତବ ରାଜନୈତିକ ନଷ୍ଟ ମୂଲ୍ୟବୋଧ ଚିତ୍ରଣରେ ନାଟକଟି ପ୍ରଭାବଶାଳୀ । ଏଥିରେ ତ୍ରିମୁଖୀ କାହାଣୀରେ ଆତ୍ମପ୍ରକାଶ କରିଛନ୍ତି ଯଥାକ୍ରମେ, ମି. ଦାସ. ଯାଦବ ଓ ମାଧବ । ଜଣେ ଉଚ୍ଚକର୍ମଚାରୀ, ଦ୍ୱିତୀୟ ଜଣକ ବ୍ୟବସାୟୀ ଓ ତୃତୀୟ ମାଧବ ରାଜନୀତିଜ୍ଞ । ସଂଘର୍ଷ ଦୁଇ ଭାଇଙ୍କର ସ୍ୱୀ ମଧ୍ୟରେ । ଲାଞ୍ଚ, ମିଛ, ଭଣ୍ଡାମି, ଦୁର୍ନୀତି, ମିଥ୍ୟା ଭାଷଣ, ମଦ୍ୟପାନ ଆଦି ସାମ୍ପ୍ରତିକ କାଳର ବ୍ୟାଧି ନାଟକରେ ଏକତ୍ରିତ ହୋଇଛି । ମି. ଦାସ ଲାଞ୍ଚଖୋର ଶାସକ ଗୋଷ୍ଠୀର, ଯାଦବ ଦୁର୍ନୀତିଗ୍ରସ୍ତ ବ୍ୟବସାୟୀ ଗୋଷ୍ଠୀ ତଥା ଧୂର୍ତ୍ତ ରାଜନୈତିକ ଗୋଷ୍ଠୀର ବିଶ୍ୱସ୍ତ ପ୍ରତିନିଧି ଭାବରେ ନାଟକରେ ସ୍ଥାନ ପାଇଛନ୍ତି । ଏଠାରେ ନିଜ ସ୍ୱାର୍ଥ ପାଖରେ ରକ୍ତ ସମ୍ପର୍କ କେତେ ତୁଚ୍ଛ ତାହା ଏହି ସଂଳାପରେ ଦେଖିବାକୁ ମିଳେ । ମି. ଦାସ କହିଛନ୍ତି "ଯାଦବ ମୋର ଭାଇ, ତା'ର ସ୍ଥାନ ଏଇ କୋଳରେ । ଲକ୍ଷ୍ମୀ ଟ୍ରେଡର୍ସର ମାଲିକ ଯାଦବ - ତା'ର ସ୍ଥାନ ମୋ' ବଙ୍ଗଳାର ଫାଟକ ପାଖରେ ।" ଗୋପାଳ ଛୋଟରାୟ 'ପରକଲମ' ଏକ ରାଜନୀତିଜ୍ଞ ଭଳି ଶୁଷ୍କ ବିଷୟକୁ ନେଇ ନାଟକଟି ଏକ କଳାକୃତିର ରୂପ ନେଇଛି । ଚଳିତ ଶତକରେ ରାଜନୀତିରେ ଯେଉଁ ସବୁ ବିଚିତ୍ର ଘଟଣା ଘଟି ଯାଇଛି ତାହାକୁ ନାଟକରେ ଦେଖାଇ ଦିଆଯାଇଛି । ଏହି ନାଟକରେ ଦୁଇ ଦଳ ମଧ୍ୟରେ ନିର୍ବାଚନ ପ୍ରତିଦ୍ୱନ୍ଦିତାରେ ପରକଲମ ଦଳ ବିଜୟୀ ହୋଇ ସରକାର ଗଢ଼ିଛନ୍ତି । କ୍ଷମତା ହାସଲ ପରେ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇ ସରକାର ନିଜ ସ୍ୱାର୍ଥ ସାଧନରେ ଲାଗି ପଡିଛନ୍ତି । କମଳ ଲୋଚନ ମହାନ୍ତିଙ୍କର 'ଡାକବଙ୍ଗଳା' ଓ 'ଆଜାଦୀରେ' ମଧ୍ୟ ରାଜନୀତିର ଛାପ ଦେଖିବାକୁ ମିଳେ । 'ଡାକବଙ୍ଗଳା'ରେ ଗଣତନ୍ତ୍ରର ସୁରକ୍ଷା ପରିବର୍ତ୍ତେ ଏହା କିପରି, ନେତା, ମନ୍ତ୍ରୀ, ଉଚ୍ଚପଦସ୍ଥ କର୍ମଚାରୀ ଓ ଗାଁ ଟାଉଟରଙ୍କୁ ହତ୍ୟା କରାଯାଉଛି, ତାହା ନାଟ୍ୟକାର ଏହି ନାଟକ ମାଧ୍ୟମରେ ଦେଖାଇ ଦେଇଛନ୍ତି । ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' ନାଟକରେ ଗଣତନ୍ତ୍ର ଓ ରାଜତନ୍ତ୍ର ମଧ୍ୟରେ ସଂଘର୍ଷର ଚିତ୍ର

ISSN NO.
2582-208X

ଦେଖାଇଛନ୍ତି । ବିଶ୍ୱଜିତ୍ ଦାସଙ୍କ 'ନିଜ ପ୍ରତିନିଧିଙ୍କ ଠାରୁ', 'ମୃଗୟା', ରତ୍ନାକର ଚଇନିଙ୍କର 'ପୁନଶ୍ଚ ପୃଥିବୀ', 'ନଚିକେତା ଉବାଚ', ରମେଶ ପାଣିଗ୍ରାହୀଙ୍କ 'ମୁଁ ଆମ୍ଭେ ଆମ୍ଭେମାନେ', 'ମହାନାଟକ', କାର୍ତ୍ତିକ ରଥଙ୍କ 'ବହ୍ନିମାନ', 'ଆଜିର ରାଜା', 'ଈଶ୍ୱର ଜଣେ ଯୁବକ', ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋଙ୍କ 'ରାମଦାସ ତୁମେ ହାରିଗଲ', ସୁବୋଧ ପଟ୍ଟନାୟକଙ୍କ 'ଏଥୁ ଅନ୍ତେ', ରତି ମିଶ୍ରଙ୍କ 'ଦେଖ ବର୍ଷା ଆସୁଛି' ପ୍ରଭୃତି ନାଟକରେ ରାଜନୀତିକ ଚିତ୍ର ଦେଖିବାକୁ ମିଳେ । କେଉଁଠି ଆଧୁନିକ ମଣିଷର ଯଥାର୍ଥ ରୂପକୁ ଆବିଷ୍କାର କରି ରାଜନୀତି, ପ୍ରଶାସନ ଓ ସମାଜ ସେବା ଅନ୍ତରାଳରେ ଥିବା ହିପୋକ୍ରାସିକୁ ଉନ୍ମୋଚନ କରିଛନ୍ତି ତ କେଉଁଠି ଏକ ବାମପନ୍ଥୀ ରାଜନୈତିକ ସଚେତନତା ନାଟକର ଆତ୍ମାକୁ ମୂଳରୁ ଶେଷ ପର୍ଯ୍ୟନ୍ତ ଆବୋରି ବସିଛି । କେଉଁଠି ପ୍ରତିଶ୍ରୁତି ରାଜନୀତିଜ୍ଞମାନେ ଯୁବକମାନଙ୍କର କର୍ମ ପ୍ରବଣତାକୁ କ୍ରୟ କରି ନିଜ ସ୍ୱାର୍ଥ ହାସଲ କରିବାରେ ପଛାନ୍ତି ନାହିଁ । କେଉଁଠି ବର୍ଷାକୁ ପ୍ରତୀକ ଭାବେ ନେଇ ରାଜନୀତିକ ଚିତ୍ରର ଉପସ୍ଥାପନା କରାଯାଇଛି ।

ଅତି କାଳ୍ପନିକତା ନାଟକରେ ଦେଖାଯାଏ । ସାହିତ୍ୟରେ କଳ୍ପନା ବାସ୍ତବତା ସହ ସମନ୍ୱିତ ହୋଇ ସତ୍ୟ ଭଳି ମନେ ହୋଇଥାଏ । ସାହିତ୍ୟରେ ଯେଉଁ କଳ୍ପନାର ବାସ୍ତବତା ସହିତ ସାମଞ୍ଜସ୍ୟ ନଥାଏ ତାକୁ ଅତି କାଳ୍ପନିକ ସାହିତ୍ୟ କୁହାଯାଏ । ଡ. ଗୁରୁଚରଣ ବେହେରାଙ୍କ ମତରେ – "ବାସ୍ତବତା ଭିତ୍ତିକ ବିଚାରକୁ ପ୍ରାଧାନ୍ୟ ଦେଉ ନଥିବା ସାଂସ୍କୃତିକ ଅଭିବ୍ୟକ୍ତିକୁ ଅତି କଳ୍ପନା କୁହାଯାଏ । ଯାହା କିଛି ବାସ୍ତବ ଓ ସ୍ୱାଭାବିକ ସେଥିରୁ ଯୋଜନାବଦ୍ଧ ବିଚ୍ୟୁତି ହିଁ ଅତି କଳ୍ପନା ଅଟେ । ବାସ୍ତବତା କହିଲେ ସହମତିମୂଳକ ବାସ୍ତବତାକୁ ବୁଝାଏ । ଗ୍ରହଣୀୟ ସ୍ଥିର ଖୋଲା ଖୋଲି ବିରୋଧାଚରଣ ଅତି କଳ୍ପନାର ବୈଶିଷ୍ଟ୍ୟ । ଅସମ୍ଭବ, ଅବାସ୍ତବ, ନାମହୀନ, ଆକାରହୀନ, ଅସ୍ୱାଭାବିକ, ରୂପହୀନ, ଅଜ୍ଞାତ, ଅଦୃଶ୍ୟ, ଅସଂଲଗ୍ନ, ଅପ୍ରତ୍ୟାଶିତ, ସ୍ଥିତିଗୁଡିକ ଅତି କଳ୍ପନାର ଅନ୍ତର୍ଭୁକ୍ତ ।" ନାଟ୍ୟକାର ନୀଳାଦ୍ରୀ ଭୂଷଣ ହରିଚନ୍ଦନଙ୍କ ମତରେ – "ଜୀବନର ଗଭୀରତର ରହସ୍ୟକୁ ବୁଝାଇବାକୁ ହେଲେ ଅତି କଳ୍ପନାର ସହାୟତା ଆବଶ୍ୟକ । ଦ୍ୱିତୀୟତଃ ଏହା ମଣିଷର ସୂକ୍ଷ୍ମତମ ଚେତନାକୁ ଯେପରି ସ୍ପର୍ଶ କରେ ତାହା ନିରୋଳ ବାସ୍ତବତା କରିପାରେ ନାହିଁ । ଜୀବନର ଆବେଗ ରହସ୍ୟମୟତା, ସ୍ୱପ୍ନ ଓ ସମ୍ଭାବନାର ଅସୀମତାକୁ ଅଙ୍କକଷା ଯୁକ୍ତିନିଷ୍ଠତା ମାଧ୍ୟମରେ ପ୍ରକାଶର ପ୍ରଚେଷ୍ଟା ଅସମ୍ଭବ । ତେଣୁ ସାହିତ୍ୟରେ ଅତି କଳ୍ପନାର ଯଥାର୍ଥତା ରହିଛି । ଜୀବନର ଶୂନ୍ୟସ୍ଥାନଗୁଡିକୁ ପୂରଣ କରିବା ପାଇଁ କଳ୍ପନା ତୀବ୍ର ଶାଣିତ ହୁଏ । ସାମୂହିକ ଦୃଷ୍ଟିରୁ ସଂସ୍କୃତିରେ ରହିଥିବା ଶୂନ୍ୟସ୍ଥାନ, ନୀରବି ଯାଇଥିବା ସ୍ୱର, ଅଦୃଶ୍ୟ

ହୋଇଯାଇଥିବା ରୂପର ସନ୍ଧାନ ହିଁ ଅତିକଳ୍ପନା ମାଧ୍ୟମରେ ପ୍ରକାଶ ପାଏ । ଅତିକଳ୍ପନା ଚମତ୍କାର ବ୍ୟଞ୍ଜନା ମାଧ୍ୟମରେ ବାସ୍ତବତାକୁ ପ୍ରତୀକିତ କରେ । ସାମ୍ପ୍ରତିକ ମଣିଷର ଉଦ୍ଭଟ ଓ ଅସଂଗତିମୟ ଜୀବନ-ଯାପନ ଶୈଳୀ, ନଷ୍ଟ ମୂଲ୍ୟବୋଧ, ପ୍ରବଞ୍ଚିତ ଓ ପ୍ରତାରଣାପୂର୍ଣ୍ଣ ସାମାଜିକ ପରିସ୍ଥିତି ପାଇଁ ଅତିକଳ୍ପନା ମାଧ୍ୟମରେ ସାର୍ଥକ ହୁଏ । ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ', ପ୍ରସନ୍ନ ମିଶ୍ରଙ୍କ 'ସୁବର୍ଣ୍ଣ ବସୁଧା', 'ମଞ୍ଜୁର ଚିଠି', ରତି ମିଶ୍ରଙ୍କ 'ଚାଞ୍ଚଲ୍ୟକର', ପ୍ରମୋଦ ତ୍ରିପାଠୀଙ୍କର 'ଶୁଣ ପରୀକ୍ଷ ଦଣ୍ଡଧାରୀ', 'ଯେଉଁ ବନସ୍ତରେ ମଣିଷ ନାହିଁ', ନାରାୟଣ ସାହୁଙ୍କ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର', ହୃଷିକେଶ ପଣ୍ଡାଙ୍କ 'ଶବାନ୍ତର', ବ୍ରହ୍ମରାକ୍ଷସ', 'ଭାସ୍କୋଡାଗାମା' ଇତ୍ୟାଦି ନାଟକର ଅତିକାଳ୍ପନିକତାର ଚିତ୍ର ଦେଖିବାକୁ ମିଳେ । 'ଜଣେ ରାଜା ଥିଲେ' ନାଟକରେ ଓଟମୁହାଁମାନେ ପୁନର୍ବାର ମଣିଷ ମୁହାଁରେ ରୂପାନ୍ତରିତ ହେବା ଘଟଣା ଅତିକାଳ୍ପନିକତା । ଏଥିରେ ରାଜାଙ୍କର ପ୍ରଜାଙ୍କ ଉପରେ ଅତ୍ୟାଚାର ସ୍ୱେଚ୍ଛାଚାର ଓ ପ୍ରଜାମାନଙ୍କର ସ୍ୱାଧୀନତା ପ୍ରସଙ୍ଗ ସ୍ଥାନ ପାଇଛି । ଏଥିରେ ର ରାଜାର କଥାରେ ପରିଚାଳିତ ଏବଂ କୌଣସି କାର୍ଯ୍ୟ ଓଟ ପରି ପ୍ରତିବାଦହୀନ ବ୍ୟକ୍ତିମାନଙ୍କୁ ଓଟମୁହାଁରେ ରୂପ ଦିଆଯାଇଛି । ସାମ୍ପ୍ରତିକ, ରାଜନୀତିକ ସମସ୍ୟାକୁ ଦର୍ଶନର ଗଭୀର ଅବବୋଧରେ ପହଞ୍ଚାଇବାକୁ ନାଟ୍ୟକାର ଅଲୌକିକତାର ପ୍ରୟୋଗ କରିଥାନ୍ତି । 'ସୁବର୍ଣ୍ଣ ବସୁଧା'ରେ ନାଟକରେ ବୈଜ୍ଞାନିକ ଅତିକଳ୍ପନା ସ୍ଥାନ ପାଇଛି । ବଳିଷ୍ଠ ଆବେଗ ଗୂଢ଼ା ଆବେଗକୁ ସ୍ଥାନିତ କରାଯାଇଛି । ନାଟ୍ୟକାରଙ୍କ ମତରେ – "ଓଡ଼ିଆ ଶ୍ରେତାଙ୍କୁ ପୁରାଣର ବନ୍ଦନୀରୁ ମୁକୁଳାଇ ବିଜ୍ଞାନର ରସରେ ସିକ୍ତ କରିବା ସହିତ ନୂତନ ପରିସ୍ଥିତି ଓ ଚିରନ୍ତନ ପ୍ରାଣ ପ୍ରବାହର ସୌକୁମାର୍ଯ୍ୟ ସଙ୍ଗେ ପରିଚୟ କରାଇବା ମୋର ଲକ୍ଷ୍ୟ । ଅତିକଳ୍ପନା ସବୁଦିନେ ଓ ସବୁ ଯୁଗରେ ଆମ କାବ୍ୟ ଜୀବନର ସହଚର ହୋଇ ଆସିଛି ।

'ମଞ୍ଜୁର ଚିଠି'ରେ ଚିଠି ତିନୋଟିକୁ ମଣିଷ ଭାବରେ ବା ଚରିତ୍ର ଭାବରେ ଅଭିନୟ କରିବା। 'ଚାଞ୍ଚଲ୍ୟରେ' – ନାଟ୍ୟକାର ପାପୀଙ୍କର ସଂହାର ଲାଗି ନାଟ୍ୟକାର ନିଜ କଳ୍ପିତ ଚରିତ୍ର କଳାପାହାଡ଼ ହାତରେ ଖଞ୍ଜି ଦେଇଛନ୍ତି ଅସୀମ ଶକ୍ତି । କଳାପାହାଡ଼ ଘୋଷଣା କରୁଛି – ମୁଁ କଳାପାହାଡ କହୁଛି, ମୁଁ ଏ ଜାତିର ଗର୍ବ ଭାଙ୍ଗି ଦେବି । ଯେତେବେଳେ ଏ ଜାତିର ଗର୍ବ ସୀମା ଲଂଘନ କରିବ, ଅନ୍ୟାୟ ଅତ୍ୟାଚାରରେ ଏ ଭୂଇଁ ଅତିଷ୍ଠ ହୋଇ ଉଠିବ ଶାସନ କଳଙ୍କିତ ହୋଇଯିବ, ଧର୍ମ ନାମରେ ଚାଲିବ ବ୍ୟଭିଚାର ସେତେବେଳେ ମୁଁ ପୁଣି ଆରମ୍ଭ କରିବି ଧ୍ୱଂସର ଲୀଳା ସଂହାର ।" ନାଟକର ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା ଦେବା ଲାଗି

ISSN NO.
2582-208X

ନାଟ୍ୟକାର ଅତିକଳ୍ପନାର ଆଶ୍ରୟ ନେଇଛନ୍ତି । 'ଶୁଣ ପରୀକ୍ଷ ଦଣ୍ଡଧାରୀ'ରେ ନାଟ୍ୟକାର ଆଇନକୁ ମଣିଷର ରୂପ ଦେଇଛନ୍ତି । ନିଜର କଳ୍ପନାରେ ଥିବା ଆଇନର ସ୍ୱରୂପକୁ ନାଟ୍ୟକାର ଏହି ଚରିତ୍ର ମାଧ୍ୟମରେ ପ୍ରକାଶ କରିଛନ୍ତି । ନାଟକରେ ରୂପ ପାଇଥିବା ନାରୀ ଚରିତ୍ର କାହିଁକି ଓ କିପରି ରୂପ ଏମିତି ପାଇଛି ତା' ବିଷୟରେ ନାଟକରେ ନିଜେ ଆଇନ କହିଛି । – "ଆମେ ଆଗରୁ ନାରୀ ଥିଲୁ, କହିଲେ ୟା ଉପରେ ଯେତେ ଅତ୍ୟାଚାର ହେଉଛି ବିଚାରୀ ମାଇକିନାଟିଏ ସମ୍ଭାଳି ପାରିବ ନାହିଁ, ୟାକୁ ମରଦ କରିଦେବା । ଦିନେ ମନ୍ତ୍ରୀମାନଙ୍କର ସଭା ବସି ନିଷ୍ପତ୍ତି ନିଆଗଲା ଯେ ଆମେ ସେଇ ମୁହଁରୁ ମରଦ ।" ଏଠାରେ ନାଟ୍ୟକାର ଅତିକଳ୍ପନା ମାଧ୍ୟମରେ ଆଇନକୁ ଚରିତ୍ରରୂପ ଦେଇ ସମାଜରେ ତା'ର ସ୍ଥାନ ଓ ସ୍ୱରୂପ ଦେଖାଇବାକୁ ଚେଷ୍ଟା କରିଛନ୍ତି । ଏଠାରେ ଅତିକଳ୍ପନା ପ୍ରୟୋଗ ଦ୍ୱାରା ନାଟକଟି ବାସ୍ତବତା ଠାରୁ ଦୂରେଇ ନଯାଇ ବରଂ ଆଇନର ବାସ୍ତବ ସ୍ୱରୂପ ପ୍ରକାଶ କରିବାକୁ ସକ୍ଷମ ହୋଇପାରିଛି । 'ଯେଉଁ ବନସ୍ତରେ ମଣିଷ ନାହିଁ' ନାଟକରେ ତେନ୍ତୁଳି, ଆମ୍ବ, ନିମ୍ବ ଓ ଶାଳ ଚାରିଟି ଗଛକୁ ଚରିତ୍ରରେ ରୂପାନ୍ତରିତ କରାଯାଇଛି । ଏହି ଚରିତ୍ର ଚାରିଟି ନାଟ୍ୟକାରଙ୍କ କଳ୍ପନା ସୃଷ୍ଟ । ନାଟ୍ୟକାରଙ୍କ ମତରେ ସାମ୍ପ୍ରତିକ ବ୍ୟବସ୍ଥା ଓ ତହିଁରୁ ସୃଷ୍ଟ ଅବକ୍ଷୟ ପରାଜୟ ଗ୍ଲାନି ସୃଷ୍ଟି କରିଛି ।

ଏକ ବିପରୀତଧର୍ମୀ ଖିଆଲ, 'ଏମିତି ହେଲେ କେମିତି ହୁଅନ୍ତା' ପରିସ୍ଥିତି ପ୍ରତି ସଚେତନ। ଯେକୌଣସି ଶିଳ୍ପୀ ପାଇଁ ଏମିତି ଖିଆଲ ଅପରିହାର୍ଯ୍ୟ କାରଣ ଆଶା କରାଯାଏ ଯେ, ଏମିତି ଖିଆଲର ଜନମି ଥିବା ସାହିତ୍ୟ ହୁଏତ, ମଣିଷକୁ ସତର୍କ କରିଦେବ ଏବଂ ମଣିଷ ସମାଜ ଆସନ୍ନ ପ୍ରଳୟରୁ ରକ୍ଷା ପାଇଯିବ । ନାଟକରେ ବୃକ୍ଷମାନେ ମଣିଷକୁ ସଠିକ୍ ପଥ ପ୍ରଦର୍ଶନ ପାଇଁ ଚେଷ୍ଟା କରିଛନ୍ତି । ସେହିପରି ନାରାୟଣ ସାହୁ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର'ରେ ଈଶ୍ୱର ଓ ସମୟ ଦୁଇଟି ଚରିତ୍ର ଭାବେ ଅଭିନୟ କରିବା । ହୃଷିକେଶ ପଣ୍ଡାଙ୍କ 'ଶବ୍ଦାନ୍ତରେ' ଦୁଇଟି ବେଙ୍ଗୁଲୀକୁ ରାଜା ବୃହଧ୍ୱଜ ଚୁମ୍ବନ କରିବାକୁ ଦୁଇଟି ନାରୀରେ ରୂପାନ୍ତରିତ କରିବା, 'ବ୍ରହ୍ମରାକ୍ଷସ'ରେ ବ୍ରହ୍ମରାକ୍ଷସର ରୂପ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ କାଳ୍ପନିକ ଓ ଏହା ସାମ୍ପ୍ରତିକ ସମାଜ ଲାଗି ଉଦ୍ଦିଷ୍ଟ । ଏଥିରେ ସାମ୍ପ୍ରତିକ ରାଜନୀତି, ଭ୍ରଷ୍ଟାଚାର, ସ୍ୱାର୍ଥସର୍ବସ୍ୱତା, ଆଦିକୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତୁ ନ୍ତି । ଆଧୁନକି ମଣିଷ ଦ୍ୱାରା ପରିବେଶ କିପରି ଧ୍ୱଂସପ୍ରାପ୍ତ ହେଉଛି ତାହା ପ୍ରତିଫଳିତ । 'ଭାସ୍କୋଡାଗାମା'ରେ ମଧ୍ୟ ସେହିପରି ଅତିକଳ୍ପନାର ଚିତ୍ର ଅନ୍ୟାୟ ଓ ଅତ୍ୟାଚାର ମାଧ୍ୟମରେ ଉପସ୍ଥାପିତ କରିଛନ୍ତି । ବିଜୟ କୁମାର ଶତପଥୀଙ୍କ 'କାରାଗାର କାହାଣୀ' ରେ କାରାଗାର ଗୋଟିଏ ଅତିକାଳ୍ପନିକ

ISSN NO.
2582-208X

ବା ଅବାସ୍ତବ ଚରିତ୍ର ଭାବେ ଉପସ୍ଥାପନ କରି ତା'ର ଭାବନା ଓ ଚିନ୍ତାଧାରା ଆମକୁ ବାସ୍ତବତା ସମ୍ପର୍କରେ ଭାବିବାକୁ ସୁଯୋଗ ସୃଷ୍ଟି କରେ । ଚନ୍ଦ୍ରଶେଖର ନନ୍ଦଙ୍କ 'ଅଭିମାନ'ରେ ଅତିକଳ୍ପନାର ଚିତ୍ର ଦେଖିବାକୁ ମିଳେ । ସାମ୍ପ୍ରତିକ ନାଟକରେ ଦର୍ଶନୀୟ ପ୍ରତିବଦ୍ଧତା ଅର୍ଥାତ୍ ପରୀକ୍ଷାଧର୍ମୀତାରୁ ସମ୍ପୂର୍ଣ୍ଣ ଅପସରି ଯାଇଛି । ଦୃଢ ସାମାଜିକ ପ୍ରତିବଦ୍ଧତା ଓ ପ୍ରଖର ଜୀବନାନୁଭୂତି ଉପରେ ସମ୍ପ୍ରତି ନାଟ୍ୟସାହିତ୍ୟ ପ୍ରତିଷ୍ଠା ନେଇଛି । ଏହା ପରୀକ୍ଷା ନିରୀକ୍ଷାର ବିଷୟ ନହୋଇ ଏକ ନୂତନ ଶୈଳୀର ଅନୁବର୍ତ୍ତୀ ହୋଇଛି । ଉଦ୍ଭଟ ବା ପରୀକ୍ଷାଧର୍ମୀ ଖୋଳପା ପରିହାର କରି ନବେ ପରବର୍ତ୍ତୀରେ ଜଣା କଥାକୁ ନେଇ ମିଥିକାଲ ନାଟକ ରଚନା ହେଲା । ଏଥିରେ ରାଜନୈତିକ ବ୍ୟଙ୍ଗ, ସାମାଜିକ ଛଳନା, କ୍ଷମତାର ଯଥେଚ୍ଛାଚାରିତା, ସାଧାରଣ ଜୀବନର ଅପକର୍ମର ପରିଣତି ବେଶ୍ ସିଧାସଳଖ ନାଟକରେ ପ୍ରଦାନ କରାଗଲା । କିମ୍ବଦନ୍ତୀ, ଇତିହାସର ଘଟଣା ଓ ଚରିତ୍ର ଆଧାରରେ ମୂଲ୍ୟବୋଧର କଥା କୁହାଗଲା । ଜୀବନ ସଂଗ୍ରାମର ଜୟ-ପରାଜୟ, ଆଶା-ନିରାଶାର ନିଛକ ଉପଲବ୍ଧି ନାଟ୍ୟ କାହାଣୀରେ ପୂରି ରହିଲା । ନାଟକରେ ବକ୍ତବ୍ୟ ହେଲା ସୂଚନାଧର୍ମୀ । ସାମ୍ପ୍ରତିକ ସାମାଜିକ ଅବସ୍ଥା, ଅପଶାସନର କୁପରିଣାମର ଦିଗକୁ ନେଇ ରାଜା, ପାରିଷଦ ରାଜ୍ୟ ଶାସନର ଦୁର୍ନୀତି ଓ ବ୍ୟଭିଚାରର ଚିତ୍ର ନାଟକ ମାଧ୍ୟମରେ ଦେଖିବାକୁ ମିଳିଲା । ପ୍ରଫେସର ବିଜୟ ଶତପଥୀଙ୍କ 'କଂସର ଆତ୍ମା', 'କର୍ଣ୍ଣ', 'ଶ୍ରୋଣିତ ସ୍ୱାକ୍ଷର', 'ପ୍ରଳୟ ପରେ' 'କାରାଗାର କାହାଣୀ' ରେ ଏକ ନୂତନ ଭାବ ସ୍ଥାନପାଇଛି । ଓଷାବ୍ରତର କାହାଣୀକୁ ଆଧୁନିକ ରୂପ ଦିଆଯାଇଛି । 'କର୍ଣ୍ଣ'ରେ ସଂଗ୍ରାମ କରି ମରି ହାରି ଯାଇଥିବା ଚିତ୍ର 'ଏଇ ଯେ ସୂର୍ଯ୍ୟ ଉଏଁରେ' ନୂଆ ଯୁଗର ଆହ୍ୱାନ କରାଯାଇଛି । ହୃଷିକେଶଙ୍କର 'ଭାସ୍କୋଡାଗାମା' ଓ 'ବ୍ରହ୍ମରାକ୍ଷାସ' ଉଚ୍ଚକୋଟିର ସୃଷ୍ଟି । ନାଟକଗୁଡିକ ନୂତନ ସ୍ୱାକ୍ଷର ବହନ କରିଛି । ସମସ୍ତ ନାଟକରେ ସାମାଜିକ ଓ ରାଜନୈତିକ କଥା ରହିଛି। ପ୍ରାଚୀନ ମୁଦ୍ରା ବିଦ୍ୟା ଓ ଲୋକକଥାର ନୂତନ ପରୀକ୍ଷା ହେଇଛି 'ଶବ୍ଦାନ୍ତର' ନାଟକରେ । ବେଙ୍ଗଟିଏ ରାଣୀ ହେବ ଏହା ଅତି ଚମତ୍କାର ଢଙ୍ଗରେ ଏଥିରେ ଖଞ୍ଜି ଦିଆଯାଇଛି । 'ଭାସ୍କୋଡାଗାମୀ ଉପନିବେଶବାଦୀ ପ୍ରତୀକ । ସରଳ ଆଦିବାସୀ ଗାଁରେ ଧର୍ମାନ୍ତରୀକରଣର କାହାଣୀ ମଧ୍ୟ ରହିଛି ଭାସ୍କୋଡାଗାମା ନାଟକରେ । 'ବ୍ରହ୍ମରାକ୍ଷସ'ରେ ମଧ୍ୟ ଉପନିବେଶବାଦର କରାଳ ରୂପ ଦେଖିବାକୁ ମିଳେ । ସନ୍ନ୍ୟାସୀ ହେଲେ ମଧ୍ୟ ସନ୍ନ୍ୟାସ ପାଇଁ ଯାଗା ରହିବ ନାହିଁ । ଜନବସତି ଠାରୁ ବଣ, ଜଙ୍ଗଲ, ପାହାଡ ସବୁଠି ମାଡିଯିବ ଏ ରାକ୍ଷସ ।

ISSN NO.
2582-208X

ଆଜିର ନେତା ଜନସାଧାରଣଙ୍କୁ ଠକି ଚାଲିଛନ୍ତି । ଆଜିର ନେତାମାନେ କେବଳ ନିଜ ସ୍ୱାର୍ଥ ଦେଖୁଛନ୍ତି । ଏଥିରେ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏହି ନେତାମାନଙ୍କ ପ୍ରତି ଶାଣିତ ଓ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀ 'ରାବଣର ଛାୟା' ନାଟକରେ ରାଜନୀତିକ ବ୍ୟଙ୍ଗ ଏଥିରେ ମୁଖ୍ୟ ସ୍ଥାନ ଲାଭ କଲାବେଳେ । ନୀତି ଆଦର୍ଶ ବଳି ପଡୁଛି । ସ୍ତ୍ରୀର ପରକୀୟା ପ୍ରୀତିକୁ ସ୍ୱାମୀ ଅନୁମୋଦନ କରୁଛି । ସେହିପରି ସୁବୋଧ ପଟ୍ଟନାୟକଙ୍କ 'ଅବରୁଦ୍ଧ ଉଦ୍ଧବ' ନାଟକରେ ରାଜନୀତିକ ଚିତ୍ର ଦେଖିବାକୁ ମିଳେ । 'ଶୁଣ ପରୀକ୍ଷ ଦଣ୍ଡଧାରୀ'ରେ 'କ୍ୟାନସର', 'ନିଶାନ୍ତ ପ୍ରଭୃତି' ନାଟକରେ ମଧ୍ୟ ଏହି ଶ୍ରେଣୀର । ନାରାୟଣ ସାହୁଙ୍କ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର', 'କାହାଣୀ ସବା ଶେଷ ଲୋକର' ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ନିକଟରେ କଥା କୁହାଯାଇଛି । 'ପୁନଶ୍ଚ ପୃଥିବୀ'ରେ ସ୍ୱାଧୀନ ଭାରତର ଆଭ୍ୟନ୍ତରୀଣ ଶଠତା ଓ ଛଳନାର ଅକପଟତା ଚିତ୍ର ଦିଆଯାଇଛି । ସାଧାରଣ କଥାକୁ ନେଇ ନାନାଦି ଗଣ୍ଡଗୋଳ, ନାନା ସମସ୍ୟା ଉପୁଜିଛି । ରୁଢ଼ୀବାଦୀ ଚିନ୍ତା ପରିପୃଷ୍ଟ, ସମୟର ଅନାହତ ନାଦକୁ ଅସ୍ୱୀକାର କରୁଥିବା ରାଜତନ୍ତ୍ର ବିଳାସୀ ବ୍ୟକ୍ତିବିଶେଷଙ୍କୁ ନାଟ୍ୟକାର ସଚେତନ କରାଇ ଦେଇଛନ୍ତି । ସମୟ ଝଡର ଡେଣାରେ ପ୍ରଗତିକୁ ପିଠି କରି ଯେଉଁମାନେ ମୋ ଗତିକୁ ରୋଧିବାକୁ ଚେଷ୍ଟା କରିଥିଲେ, ସେମାନଙ୍କର ଗର୍ବମୟ ଆସ୍ଫାଳନ ବୁଦ୍ ବୁଦ୍ ପରି ମିଳାଇ ଯାଇଛି । ତେଣୁ ଦର୍ଶନୀୟ ସାର୍ଥକତା, ଯାହା ପ୍ରତିଟି ନାଟକରେ ମୌଳିକ ଆଭିମୁଖ୍ୟ, ଲୋକଜୀବନ ଯେଉଁଥିରେ ପ୍ରତିଫଳିତ ହୋଇଛି ପୂର୍ବପରି ଲୋକ ତାନ୍ତ୍ରିକ କଳାରେ ପରିଣତ ହେଇଛି । ଲୋକନାଟକର ସଂଗୀତମୟ ଆଙ୍ଗିକ, ଯାତ୍ରାନୁସାରୀ ବେଶପୋଷାକ, ମଞ୍ଚସଜ୍ଜା, ଲୋକପାଳିତ ପୂଜା ପବପର୍ବାଣୀ ଇତ୍ୟାଦି ନାଟକକୁ ଅଧିକ ସଫଳତା ଆଣି ଦେଇଛି । ସାଧାରଣ ଦର୍ଶକଟିଏ ତା'ର ସୁଖ ଦୁଃଖର ଲହୁ-ଲୁହର, ହସ-କାନ୍ଦର ଘଟଣାବଳୀକୁ ନାଟ୍ୟ ଚରିତ୍ରରେ ପ୍ରତ୍ୟକ୍ଷ ଭାବେ ଉପସ୍ଥାପନ କରିଛନ୍ତି ।

ଆଜି ଓଡ଼ିଆ ନାଟକର ରୂପ ଓ ରୀତିରେ ଦେଖା ଦେଇଛି ଏକ ବିରାଟ ପରିବର୍ତ୍ତନ । ପାରମ୍ପରିକ ଶିଳ୍ପ ଚିନ୍ତା ଦେଇ ତାକୁ ଦେଖିବା ବିଭ୍ରାନ୍ତିକର । ବର୍ତ୍ତମାନ ନୂତନ ଦୃଷ୍ଟିଭଙ୍ଗୀରୁ ସବୁକିଛି ବିଚାରଣୀୟ । ନାଟ୍ୟସାହିତ୍ୟର ଶ୍ରେଣୀଗତ ରୂପ, ପର୍ଯ୍ୟାୟ ଓ ବିଶେଷ ଲକ୍ଷଣ ଆଦି କେତେକ ମୌଳିକ ବିଭାବ ଉପରେ ନିର୍ଭର କରିବାକୁ ପଡିବ । ସାମାଜିକ ଓ ରାଜନୈତକି ବିପ୍ଳବ ଫଳରେ ସାଧାରଣ ଲୋକଙ୍କର ଦ୍ରୁତ ମାନସିକର ବିକାଶ ଘଟେ । ବାସ୍ତବବାଦର ମୂଳ ଲକ୍ଷ୍ୟ ସାମାଜିକ ସତ୍ୟତାର ହେତୁବାଦୀ ମୂଲ୍ୟାୟନ ଓ ବିଶ୍ଳେଷଣ । ବାସ୍ତବବାଦୀ ସାହିତ୍ୟ ସୃଷ୍ଟିର ମୌଳିକ ଅଭିବ୍ୟକ୍ତି, ବୈଜ୍ଞାନିକ ଦୃଷ୍ଟିକୋଣର ଅନୁପସ୍ଥିତି,

ISSN NO.
2582-208X

ଯାହା ଦେଖିବାକୁ ମିଳେ ମନୋରଞ୍ଜନ ଦାସଙ୍କ 'ଆଗାମୀ' ନାଟକରେ । ଏଥିରେ ର ପାଶ୍ଚାତ୍ୟ ଜଗତରେ ପରସ୍ପର ବିରୋଧୀ ଦୁଇ ଶିଳ୍ପ ଚିନ୍ତା ନାଟ୍ୟସାହିତ୍ୟକୁ ପ୍ରଥମତଃ ଆଚ୍ଛନ୍ନ କରି ବସିଥିଲା । ଏହି ଦୁଇଟି ଚିନ୍ତା ମଧ୍ୟରୁ ମାର୍କସୀୟ ଦର୍ଶନ ପ୍ରଭାବିତ ସମାଜତାନ୍ତ୍ରିକ ବାସ୍ତବତା ଅଧିକ ଉପଜିବ୍ୟ । ଆଗାମୀର ଶ୍ରେଣୀ ସଂଘର୍ଷକୁ ଉପଜିବ୍ୟ କରି ଗଢି ଉଠିଛି ପୁଞ୍ଜିପତି ବିରୋଧରେ ଶ୍ରମିକ ଆନ୍ଦୋଳନର ପୁଞ୍ଜିପତି ବିରୁଦ୍ଧରେ ସଂଗ୍ରାମ କରି ସର୍ବହରା ଗୋଷ୍ଠୀର ବିଜୟ ହାସଲ ବାସ୍ତବବାଦୀ ନାଟକଗୁଡ଼ିକରେ ଏକ ସାଧାରଣ କାହାଣୀ ଭାବେ ଗୃହୀତ । ଏହି ନାଟକରେ ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, "ତୁମେମାନେ ଅତ୍ୟାଚାରରେ ନିର୍ମମତାରେ ପିଷ୍ଟ ହୋଇଯାଉଛି ।" କାଙ୍ଗାଳର ଜଳ ପରି ତୁମ୍ଭେମାନେ ପେଟ ଭୋକରେ ଛଟପଟ ହୋଇ ମରୁଛି ତଥାପି ଧର୍ମଘଟ କରିବାକୁ ଭୟ । ଅନ୍ୟତ୍ର କୁହାଯାଇଛି – 'ତୁମେ ଶ୍ରମିକର ଜାତି, ମଜୁରି ଆଦିର ଜାତି, ପୃଥିବୀର ସମସ୍ତ ଉତ୍ପାଦନ ଚାବି ହାତରେ ତମର, ଶକ୍ତି ତମର ଅଜେୟ, କିନ୍ତୁ ଦୁର୍ବଳ ତମେ ସେ ଶକ୍ତିକୁ ଚିହ୍ନି ପାରିବା ।"

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମ୍ୟନ୍ତେ ତତ୍ର ଦେବତା' । ନାରୀ ଯେଉଁଠି ପୂଜା ପାଏ ଦେବତାଗଣ ସେଠାରେ ବିହାର କରନ୍ତି । ଶାସ୍ତ୍ରାନୁସାରେ ପୁରୁଷ ଶୌର୍ଯ୍ୟର ଓ ନାରୀ ସୌନ୍ଦର୍ଯ୍ୟର ପ୍ରତୀକ । କ୍ରମେ ନାରୀ ହୋଇଗଲା ପୁରୁଷ ହାତର ଏକ କ୍ରୀଡ଼ନକ । ଗୃହର ଚାରିକାନ୍ଥ ଭିତରେ ସେ ତା'ର ସ୍ୱାଧନତା ହେଲା ଅବରୁଦ୍ଧ । ଏ ପ୍ରସଙ୍ଗରେ ସାହିତ୍ୟ ଜଗତରେ ନାରୀର ସ୍ୱର ଓ ସାକ୍ଷର ରୂପ ପାଇଲ । ଆହୁରି ନାଟକରେ ନାଟ୍ୟକାର ମନୋରଞ୍ଜନ ଦାସ, ରମେଶ ପାଣିଗ୍ରାହୀ, ବିଶ୍ୱଜିତ ଦାସ, ପ୍ରସନ୍ନ କୁମାର ମିଶ୍ର, ନାଟକରେ ଅନ୍ତର୍ଭୁକ୍ତ କଲେ । ନାରୀ ପରିସ୍ଥିତି ଚକ୍ରରେ କେତେବେଳେ ବିପ୍ଳବିନୀ, କ୍ରୁର, ନିଷ୍ଠୁର, ପ୍ରତିହିଂସା ପରାୟଣ ତ କେତେବେଳେ ଦୟା, କ୍ଷମା ଓ ସହନଶୀଳତାର ପ୍ରତିମୂର୍ତ୍ତି ରୂପ । 'ଅଗଷ୍ଟନ'ରେ 'ବାରୁଣୀ', 'ବିତର୍କିତ ଅପରାହ୍ନରେ' ଶାଶ୍ୱତୀ ଓ ବନାନୀର ଚିତ୍ର ଦେଖିବାକୁ ମିଳେ । 'ନିଶିପଦ୍ମ' ନାୟିକା ଅପସରା ସମକାଳୀନ ରାଜନୀତିକ କ୍ଷମତାଧାରୀ ପ୍ରକାଶ ବାବୁଙ୍କ ଦୁର୍ନୀତି, ମନ୍ଦ ଆଚରଣକୁ କହନ୍ତି – 'ମତେ ଇଏ କହୁ ନଥିଲା ଜୀବନ ଦେଇ ମୋର ଇଜ୍ଜତ ରଖିବ । ମୁଁ ୟାରି ମୁହଁକୁ ଚାହିଁ ଚାହିଁ ନିଜ ହାତରୁ କାଟି ସମସ୍ତଙ୍କୁ ଖାଇବାକୁ ଦେଲି । ଆଉ ଇଏ ମୋର ଉଜ୍ଜତ୍ ନେବାକୁ ବସିଥିଲା । କିନ୍ତୁ ଜାନୁଆର ହାତରୁ ବଞ୍ଚେଇବ ବୋଲି କହି କହି ନିଜେ ଜାନୁଆର ହୋଇ ନିଜେ ମୋର ହାତ ଟାଣୁ ଥିଲା" (ପୃ. ୫୯) । 'ଆଗାମୀ'ରେ ସରସୀ 'ଶବ୍ଦଲିପି'ରେ ରୀତା, ବସନ୍ତ ମହାପାତ୍ରଙ୍କ 'କାଠିଘର'

ISSN NO.
2582-208X

ନାଟକରେ ତଟିନୀ ପ୍ରମୁଖ ଚରିତ୍ରରେ ନାରୀର ମନ ସ୍ତତ୍ୱ ଚିତ୍ରିତ ହୋଇଛି । 'ନାଲି ପାନ ରାଣୀ କଳା ପାନ ଟୀକା'ରେ ନାରୀ ଜୀବନର ମାତୃତ୍ୱ କାମନାରୁ ଅସଫଳତାର ନିସଙ୍ଗ ଅସହାୟ ରୂପ ପାଇଛି । କାର୍ତ୍ତିକ ଚନ୍ଦ୍ର ରଥଙ୍କ 'ମାଂସର ଫୁଲ', 'ଶୁକଶାରୀ କଥା' ରେ ଶାରୀ 'ହାତୀକୁ ହୋମିଓପାଥି'ରେ ନାୟିକା ଲକ୍ଷ୍ମୀ ଇତ୍ୟାଦି ନାରୀ ଚରିତ୍ର ଲକ୍ଷ୍ୟ କରାଯାଏ ।

ଆଜିର ନାଟକରେ ରାଜନୀତି କ୍ଷେତ୍ରରେ ନିଜ ସ୍ୱାର୍ଥ ହାସଲ କିଛି ବି କରିବାକୁ ପଛାନ୍ତି ନାହିଁ । ଧର୍ମ ନାମରେ ଯୁଗ ଯୁଗ ଧରି ଚାଲିଥିବା ଅନ୍ୟାୟ ଓ ଭଣ୍ଡାମି ବିରୁଦ୍ଧରେ ପ୍ରତିବାଦର ସ୍ୱର । ନିଜେ ନିଜର ଅସ୍ତିତ୍ୱ ପ୍ରତିଷ୍ଠା ପାଇଁ ସଂଗ୍ରାମ କରି ଚାଲିଛି ମଣିଷ, ବିଚ୍ଛିନ୍ନବୋଧ, ବିଭକ୍ତ ବ୍ୟକ୍ତିସତ୍ତାକୁ ମଣିଷ ପଇଁତରା ମାରୁଛି ସମୁଦ୍ର କୂଳରୁ ବନାନୀ ଯାଏଁ । ମାଟିରୁ ଆକାଶ ପର୍ଯ୍ୟନ୍ତ, ନିର୍ମାଣ କରୁଛି ନିଜେ ନିଜର ଭାଗ୍ୟ । ନିସଙ୍ଗତା ସହ ଆତ୍ମପ୍ରତିଷ୍ଠାର ଉତ୍ତଙ୍ଗ ସୀମାରେ ଆପଣାର ଅସ୍ତିତ୍ୱ ପ୍ରଦର୍ଶନରେ ସେ ହେଉଛି ବିଭୋର । ନାଟକର କଥାବସ୍ତୁ ମାଧ୍ୟମରେ ଅତିଶୟ ବା ଅତିକାଳ୍ପନିକତାରେ ପ୍ରୟୋଗ ବାସ୍ତବ ସତ୍ୟ ପ୍ରକାଶ କରିବାକୁ ନାଟ୍ୟକାରମାନେ ସଫଳ ହୋଇଛନ୍ତି । ଲୋକ ନାଟକରେ ସଙ୍ଗୀତମୟ ଆଙ୍ଗିକ, ଯାତ୍ରାନୁସାରୀ ବେଶପୋଷାକ, ମଞ୍ଚସଜ୍ଜା, ଲୋକପାଳିତ ପୂଜାପର୍ବାଣୀ, ଧର୍ମାଚାର ଇତ୍ୟାଦିର ପ୍ରଦର୍ଶନ ନାଟକକୁ ଅଧିକ ଦର୍ଶକୀୟ ସଫଳତା ଦେଇଛି । ସୁଖ , ଦୁଃଖ, ହସ-କାନ୍ଦ ଘଟଣାବଳୀ ଚରିତ୍ରମାନଙ୍କ ଠାରେ ପ୍ରତ୍ୟକ୍ଷ କରିଛି । ଏସବୁ ଦିଗ ଆଧୁନିକ ନାଟକକୁ ସାର୍ଥକ କରିଛି ।

(((-)))

ଅଧ୍ୟାପିକା, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ,
କଟକ, ମୋ-୯୮୫୩୩୯୨୩୭୭

ISSN NO.
2582-208X

# ଜୟ ଜଗନ୍ନାଥ



ମଧୁସ୍ମିତା ମିଶ୍ର

ଶବ୍ଦର ତରଙ୍ଗ ଅଦୃଶ୍ୟ ସାଗରେ ଭାବ ଜାହାଜରେ ଆସେ,
ମହୋଦଧି ଛୁଇଁ ବେଳାଭୂମି ଡେଇଁ ଶ୍ରୀମନ୍ଦିର ପାଖେ ବସେ,
ମନ କଥା କୁହେ କାଳାଆ ଆଗରେ ନିଜର ନିଜର ହୋଇ,
ସବୁ ବୁଝି ଉତ୍ତର ଦିଅନ୍ତି ନିରାକାର କାଳିଆ ଗୋସାଇଁ,

ଅନାବିଳ ମନେ କେତେ ନିବିଡତା ଅମାପ ପରୀଧି ଯାର,
ତୁମେ ନିର୍ବିକାର ନୀରବତାର ନିର୍ଣ୍ଣୟ ନିର୍ମାଣ ସୃଷ୍ଟିର ,
ଜୀବନ ପଥରେ ସବୁ କହିଥାଅ ଦେଖିଚି ସୁନ୍ଦର ତାର,
ଅବର୍ଣ୍ଣନୀୟ ଅପୂର୍ବ ସର୍ଜନା ଜୟ ଜଗନ୍ନାଥ ମାୟାର,

ଆଳାପ ଅନ୍ତରଙ୍ଗେ ସମ୍ମୋହନେ ଏ ଶକ୍ତି ରୂପେ ଜାଗ୍ରତରେ,
ଚିହ୍ନିଚି ବୁଝିଛି ସେହ୍ନ ପ୍ରେମ ଭକ୍ତି ଶ୍ରଦ୍ଧାର ସରଗତାରେ ,
ଝଙ୍କାର ତୋଳେ ଦିବ୍ୟ ଅନୁଭବ ମଗ୍ନ ହୃଦୟେ କହିବାରେ,
ଭବ୍ୟ ପୃଷ୍ଠାରେ ପଢି ହୋଇଯାଏ ଚାଲିବାର କାବ୍ୟ ଲେଖାରେ,

ପ୍ରଭୁ ଅନବଦ୍ୟ ଅବଦାନ ଅସୀମା ଯାତ୍ରା ବୈଶାଖୀ ଝଡ଼,
ପ୍ରମାଣ ଦିଏ ଧର୍ଯ୍ୟ ସାହସ କର୍ତ୍ତବ୍ୟ କର୍ମ ସବୁଠୁ ବଡ଼,
ଶୂନ୍ୟରେ ବୁଝିହୁଏ ଦେଉଥିବା ଉପଦେଶ ନୀତି ବାଣୀର,
ତଥାପି ମୋହଗ୍ରସ୍ତ ଅଶାନ୍ତ ମନେ ଭୂଲ୍ ବିଚାର ହେବାର,

ISSN NO.
2582-208X

ବର୍ଣ୍ଣାଢ୍ୟ ବର୍ଣ୍ଣାଳୀ ତ୍ୟାଗ ବିଭୂଷିତା ଶ୍ରୀ କ୍ଷେତ୍ର ତନ୍ମୟ ତାରେ,
ନିଥର ପ୍ରାଣେ ସ୍ପନ୍ଦନ ଖେଳେ ମାଧୁର୍ଯ୍ୟ ସମ୍ପର୍କ ଇଲାକାରେ,
ଶୋଭା ତପୋବନ ପ୍ରଭୁ ତୁମ ଦାନ ପ୍ରଣୟ ପ୍ରଗତି ଧାରେ,
ରଙ୍ଗଭୂମିରେ ହସ ଯୁଆର ତୁମ ତୀର୍ଥ ସବାରୀ ଛୁଆଁରେ,
ରଙ୍ଗଭୂମିରେ ହସ ଯୁଆର ତୁମ ତୀର୍ଥ ସବାରୀ ଛୁଆଁରେ,

( ଜୟ ଜଗନ୍ନାଥ )

(((-)))

କୋଠି, ଏରସମା, ଜଗସିଂହପୁର,
୭୭୩୫୪୫୩୧୦୫,

,

ISSN NO.
2582-208X

# ଜିଜ୍ଞାସା



ଡା. ପ୍ରସନ୍ନ କୁମାର ବଳ

ମନରେ ଆସେ ଅନେକ ଜିଜ୍ଞାସା,
ପିଲା ବେଳୁ ଆଜି ଯାଏ,
ମା'କୁ ଜହ୍ନ ମାମୁଁ ବିଷୟରେ ହେଉ,
ଅବା ବାପାଙ୍କୁ  ସୂର୍ଯ୍ୟ ବିଷୟରେ,
ଅଥବା
ଶିକ୍ଷକଙ୍କୁ ଗ୍ରହ ମଣ୍ଡଳର ଅବସ୍ଥିତି ବିଷୟରେ ।।
ଜିଜ୍ଞାସା ଯେପରି ଜୀବନର ଏକ ଅଂଶ,
ଜାଣିବାର ଇଚ୍ଛାଥିଲେ କାଳେ ବଢଇ ଜ୍ଞାନ,
ଜ୍ଞାନ ବଢିଲେ ଅବଶ୍ୟ ସବୁକିଛି ଜାଣିବ,
ଜାଣିଲେ କାଳେ ଜଗତ ଜିଣିବ ।
ହେଲେ
ଏ ଜଗତ ଜିଣିବାର ନାହିଁ ମୋର ଇଚ୍ଛା,
କୁହେଳିକା ପଛରେ ମିଥ୍ୟା ଧାଇଁବାର ପ୍ରଚେଷ୍ଟା,
ସବୁକିଛି ଜାଣିବାର ଏ ଅନବରତ ଚେଷ୍ଟା,
ଦିଏ ସତରେ ମନରେ ଆନନ୍ଦ,
ବଢାଇ ବି ଦିଏ ମନରେ ଆତ୍ମବିଶ୍ୱାସ ।।
ବୟସ ବଢିବା  ସହ ଜିଜ୍ଞାସା ବି ବଢେ,
ଜିଜ୍ଞାସାର ମାନ ବୋଧେ ଉନ୍ନତ ହିଁ ହୁଏ,

ISSN NO.
2582-208X

ଜହ୍ନ ମାମୁଁ ଛାଡି ଆମେ ନିଉକ୍ଲିୟର ଅସ୍ତ୍ର କଥା ଭାବୁ,
କିପରି ଏ ମାନବ ଚିନ୍ତା କରିପାରେ,
ଧ୍ୱଂଶ ରଚିବାକୁ ଏ ସୁନ୍ଦର ସୃଷ୍ଟିର,
ଜିଜ୍ଞାସାର ଅନ୍ତ ନାହିଁ ଏ ଅବୁଝା ମନରେ,
ଜାପାନର ହିରୋସୀମା, ନାଗାସାକୀ ,
ଅବଶ୍ୟ ଆସଇ ମାନସ ପଟରେ ।।

ଶିଖିନାହିଁ ଏ ମାନବ ସମାଜ,
ଶିଖିନାହିଁ ସମାଜର ସବୁ ଠିକାଧାରୀ ନେତା ବୃନ୍ଦ,
ବାହୁ ବଳରେ ବଳୀୟାନ ଆଜିର ଏ ପ୍ରଭାବସାଳୀ ନେତା,
କେବେ ବା ଶିଖିବେ ସତେ,
ଏହି ମୋ ଜିଜ୍ଞାସା ।।
ଏକ ଦେଶ କରେ ପୁଣି କେତେ ଆକ୍ରମଣ ?
କି ଗାରିମା ଦେଖାଏ ସେ,
ନଷ୍ଟ କରି ଅନେକ ଜୀବନ,
ଶରଣାର୍ଥୀ ସାଜିଯାନ୍ତି ଅନେକ ମାନବ,
ଘର ଦ୍ୱାର ନଷ୍ଟ ହୁଏ ନ ଥାଏ ସମ୍ବଳ ।।

ଭାଗ୍ୟର ଏ କି ବିଡମ୍ବନା,
ଯିଏ ପୁଣି ନିଉକ୍ଲିୟର ଅସ୍ତ୍ରର ଗନ୍ତାଘର,
ସେ ଚାହେନା ଅନ୍ୟ କେହି ହେଉ ଏଥିରେ ବଳୀୟାନ,
ମିଛ ଅଭିମାନ, ଆସ୍ପର୍ଦ୍ଧା ଓ ଅହଙ୍କାରର ଏ ଜ୍ୱଳନ୍ତ ଉଦାହରଣ,
ଆକ୍ରମଣ କରିବାର ଏ ଏକ ବାହାନା,
ସମଗ୍ର ପୃଥିବୀ ଏବେ ଏକ ରଣକ୍ଷେତ୍ର,
ହେଉ ସେ ଉକ୍ରାଇନ – ରୁଷିଆ, ପାକିସ୍ତାନ-ଅଫଗାନିସ୍ତାନ,
ଆମେରିକା- ଭେଞ୍ଜୁଆଲା ଅଥବା
ମଧ୍ୟ ପ୍ରାଚ୍ୟର ସେ ଭୟଙ୍କର ଯୁଦ୍ଧ ବିଭୀଷିକା ।।

ISSN NO.
2582-208X

ଇଏ କି ସୃଷ୍ଟିର ନିୟମ ?
ସବଳ ତ କରେ ପୁଣି ସଦା ଆକ୍ରମଣ,
ନିର୍ବଳ ହିଁ ଭୋଗୁଥାଏ ଜୀବନେ କଷଣ ।।
ଏହାର ଉତ୍ତର ବା କିଏ ଦେବ ସତେ,
ଜିଜ୍ଞାସାର ନାହିଁ ଅନ୍ତ,
ଜିଜ୍ଞାସା ହିଁ ରହିଯାଏ ମୋର ଜିଜ୍ଞାସା ମଧ୍ୟରେ ।।।

(((-)))

ଏଚଆଇଜି/୨/୭୪,ଲେନ ୪,
ଶ୍ରୀ ସତ୍ୟସାଇ ଏନକ୍ଲେଭେ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# କେଶବତୀ କନ୍ୟା



ସୁଧାଂଶୁ ଶେଖର ଦ୍ୱବେଦୀ

ଜଣେ ବୁଢ଼ୀ ରାକ୍ଷସୀ ଥାଏ। ସେ ଦିନରେ ନଦୀ ଭିତରେ ରହେ ରାତି ହେଲେ ନଦୀରୁ ବାହାରି ମନୁଷ୍ୟମାନଙ୍କୁ ମାରି ଖାଇଯାଏ। ରାଜ୍ୟର ଅଧା ଲୋକଙ୍କୁ ମାରି ଖାଇଦେଲା। ରାଜାଙ୍କ ଝିଅ ଅତିବ ସୁନ୍ଦରୀ ଥାଏ। ରାକ୍ଷସୀ ତାକୁ ଧରିନେଇ ନଦୀ ଭିତରେ ଥିବା ତା' ମହଲରେ ରଖିଲା। ଦିନ, ମାସ, ବର୍ଷ ବିତିଲା। ରାଜ କୁମାରୀ ଛୋଟରୁ ବଡ଼ ହେଲା। ଦିନେ ସେ ନଦୀ କୂଳରେ ଗାଧୋଇବା ବେଳେ ତା' ମୁଣ୍ଡରୁ ଗୋଟେ କେଶ ଝଡି ପଡିଲା। ସେ ତାକୁ ଗୋଟେ ରୂପା ଡ଼ବାରେ ଭରି ନଦୀ ରେ ଭସେଇଦେଲା। ଡବାଟି ଜଳ ସ୍ରୋତରେ ବହିଯାଇ ଅନ୍ୟ ରାଜ୍ୟ ର ନଦୀ କୂଳରେ ଲାଗିଲା। ସେ ରାଜ୍ୟର ରାଜକୁମାର ଶିକାର ପାଇଁ ଯାଉଥାଏ। ନଦୀ କୂଳରୁ ସେଇ ଡବାଟି ମିଳିଲା। ଡବା ଖୋଲି ଦେଖେ ତ ବାର ହାତ ଲମ୍ବା କେଶ। ରାଜକୁମାର ଭାରି ଜିଦିଆ। ଶିକାର କରିବାକୁ ନଯାଇ ଡବା ଧରି ରାଜମହଲରେ ପହଞ୍ଚି ନିଜ କୋଠରିରେ କବାଟ କିଳି ଶୋଇପଡିଲା। କିଛି ଖିଆ-ପିଆ ନାହିଁ ଯିଏ ଯେତେ ଡାକିଲେ ବି କବାଟ ଖୋଲୁ ନଥାଏ।

ରାଜା ପୁଅ ଓ ମନ୍ତ୍ରୀ ପୁଅଙ୍କ ମଧ୍ୟରେ ନିବିଡ଼ ବନ୍ଧୁତା ଥାଏ। ମନ୍ତ୍ରୀ ପୁଅ କବାଟ ଖଟ୍ ଖଟ୍ କରି ମିତ୍ରକୁ ଡାକ ମାରିଲା। ରାଜକୁମାର କୋଠରିରେ ରହି କହିଲା-ମିତ! ତୁ ସଙ୍କଳ୍ପ କଲେ ମୁଁ କବାଟ ଖୋଲିବି। ମନ୍ତ୍ରୀ ପୁଅ କଥା ଦେଲା। ରାଜକୁମାର କବାଟ ଖୋଲି ରୂପା ଡ଼ବାରେ ଥିବା ବାର ହାତ ଲମ୍ବା କେଶ ଦେଖାଇ କହିଲା-ଏ କେଶ ଯେଉଁ କନ୍ୟାର ହୋଇଥିବ ତାକୁ ଖୋଜି ନେଇ ଆସ। ମୁଁ ତାକୁ ବିବାହ କରିବି। ତା ନହେଲେ ପାଣି ଟୋପେ ବି ପିଇବି ନାହିଁ।

ISSN NO.
2582-208X

ମନ୍ତ୍ରୀ ପୁଅ ଆଶ୍ୱାସନା ଦେଇ କହିଲା– ବ୍ୟସ୍ତ ହୁଅନି ମିତ ! ଛୋଟ କଥାଟି ପାଇଁ ଏତେ ଅଭିମାନ ! ତୁ ଖିଆ-ପିଆ କର ମୁଁ କଥା ଦେଲି ନିଶ୍ଚୟ ସେ କନ୍ୟାକୁ ଖୋଜି ଆଣିବି। ରାଜକୁମାର ବନ୍ଧୁର କଥା ମାନି ଖିଆ ପିଆ କଲା। ମନ୍ତ୍ରୀ ପୁଅ ରାଜାଙ୍କ ନିକଟକୁ ଯାଇ ସବୁ ଜଣାଇ କହିଲା-ମହାରାଜ ! ବଢ଼େଇ ମାନଙ୍କୁ ଆଦେଶ ଦିଅନ୍ତୁ ଆସନ୍ତା କାଲି ସକାଳ ସୁଦ୍ଧା ଗୋଟେ ଉଡ଼ନ୍ତା ଖଟ ତିଆରି କରି ଦେବେ। ରାଜା ଯଥାଶୀଘ୍ର ଆଦେଶ ଦେଲେ। ବାର ଶହ ବଢ଼େଇ ଆସିଲେ। ରାଜା ସେମାନଙ୍କୁ କହିଲେ-କାଲି ସକାଳ ସୁଦ୍ଧା ଉଡ଼ନ୍ତା ଖଟ ତିଆରି କରି ନପାରିଲେ ତୁମମାନଙ୍କ ବଂଶ ନିପାତ କରିବି। ରାଜାଙ୍କ ଆଦେଶ ଶୁଣି ବଢ଼େଇମାନେ ଚିନ୍ତାରେ ପଡିଲେ। ଜଣେ ବୃଦ୍ଧ ବଢ଼େଇ ଚିନ୍ତାମଗ୍ନ ଅବସ୍ଥାରେ ଗୋଟେ କଦମ୍ବ ଗଛ ତଳେ ବିଶ୍ରାମ ନେଲା। ସେଇ ଗଛ ଡାଳରେ ଗୋଟେ ଗିଧିନି ବସା ବାନ୍ଧି ରହିଥାଏ। ବସାକୁ ଫେରିବା ପରେ ତା' ଶାବକମାନେ ଖାଇବାପାଇଁ ଚିତ୍କାର କଲେ। ଗିଧିନି ଛୁଆଙ୍କୁ ବୁଝେଇ କହିଲା-ଆଜି ଯାହା ପାଇଛି ଖାଇଦିଅ। କାଲିଠାରୁ ଯେତେ ଇଛା ସେତେ ଖାଇବ। ଉଡ଼ନ୍ତା ଖଟ କେଉଁ ଗଛ କାଠରେ ହୁଏ ବଢ଼େଇମାନେ ଜାଣି ନାହାନ୍ତି। ତେଣୁ ରାତି ପାହିଲେ ରାଜା ସେମାନଙ୍କୁ ନିପାତ କରିବେ।

ଛୁଆମାନେ ଅଝଟ ହୋଇ ମା'କୁ ପଚାରିଲେ-ତାହେଲେ କେଉଁ ଗଛ କାଠରେ ଉଡ଼ନ୍ତା ଖଟ ହେଇପାରିବ ? ଗିଧିନି କହିଲା-ଆମେ ଯେଉଁ ଗଛରେ ରହିଛୁ ତାହାରି କାଠରେ ଉଡ଼ନ୍ତା ଖଟ ହେଇଯିବ। ଗଛ ତଳେ ବିଶ୍ରାମ ନେଉଥିବା ବୃଦ୍ଧ ବଢ଼େଇ ଗିଧିନିର କଥା ଶୁଣି ମନ ଖୁସିରେ ଅନ୍ୟ ବଢ଼େଇମାନଙ୍କୁ ଜଣାଇଲା। ସମସ୍ତେ ମିଶି କଦମ୍ବ ଗଛକୁ କାଟି ରାତି ଭିତରେ ଉଡ଼ନ୍ତା ଖଟ ତିଆରି କରି ରାଜାଙ୍କୁ ଭେଟି ଦେଲେ। ସକାଳେ ରାଜକୁମାର ଓ ମନ୍ତ୍ରୀ ପୁଅ ଉଡ଼ନ୍ତା ଖଟରେ ବସି ଉଡିଗଲେ। କିଛି ଦୂର ଯିବାପରେ ଖଟଟି ନଦୀ କୂଳରେ ଅଟକିଲା।

ସନ୍ଧ୍ୟା ଗଡି ସାରିଥାଏ। ନଦୀ ଭିତରୁ ରାକ୍ଷସୀ ଭୋଜନ ପାଇଁ ବାହାରିଗଲା। କେଶବତୀ କନ୍ୟା ନଦୀ କୂଳକୁ ଆସି ମୁହଁ ହାତ ଧୋଇବା ବେଳେ ଦୁଇଜଣ ନବ ଯୁବକକୁ ଦେଖି ପଚାରିଲା-ତୁମେ ଦୁହେଁ ଏଠିକୁ କାହିଁକି ଆସିଛ ? ହଉ ଆସିଛ ତ ମୋ ସହିତ ଚାଲ। ଏହା କହି ଉଡ଼ନ୍ତା ଖଟକୁ ଲୁଚେଇଦେଲା। ତାପରେ ଦୁଇ ବନ୍ଧୁଙ୍କୁ ନଦୀ ଭିତରେ ଥିବା ରାକ୍ଷସୀର ମହଲକୁ ନେଇଗଲା। ମନ୍ତ୍ରୀ ପୁଅ କେଶବତୀ କନ୍ୟାକୁ ସବୁ ଜଣାଇଲା। ରାକ୍ଷସୀ

ISSN NO.
2582-208X

ଫେରିଆସିବା ପୂର୍ବରୁ ସେ ଦୁଇ ମିତ୍ରକୁ ମାଛି କରିଦେଲା। ମାଛି ରୂପରେ ଦୁହେଁ ମହଲର ଖମ୍ବରେ ବସି ରହିଲେ। ରାକ୍ଷସୀ ଫେରିବା ପରେ ପଚାରିଲା-ଝିଅ! ମୋ ମହଲରେ ମଣିଷର ଗନ୍ଧ ହେଉଛି ।

କେଶବତୀ କହିଲା-ଏଠି ତ ମୋ ବ୍ୟତୀତ ଆଉ କେହି ନାହାନ୍ତି। ମୋତେ ଖାଇବୁ ତ ଖାଇଦେ-। ରାକ୍ଷସୀ ଛେପ ଢୋକି କହିଲା-ନା ଲୋ ମା' ମୁଁ ତୋତେ ଖାଇପାରିବିନି। ତୁ ପରା ମୋ ଝିଅ ।

ସନ୍ଧ୍ୟା ହେବାପରେ ରାକ୍ଷସୀ ପ୍ରତିଦିନ ଆହାର ଖୋଜିବାକୁ ବାହାରିଯାଏ। ସେତିକିବେଳେ କେଶବତୀ ରାଜା ପୁଅ ଓ ମନ୍ତ୍ରୀ ପୁଅକୁ ମନୁଷ୍ୟ କରିଦିଏ। କିଛିଦିନ ପରେ ରାଜକୁମାର କେଶବତୀ କନ୍ୟା ସହିତ ଗନ୍ଧର୍ବ ବିବାହ କରିନେଲା। ରାକ୍ଷସୀ ପ୍ରତିଦିନ ମହଲକୁ ଫେରି ମନୁଷ୍ୟ ଗନ୍ଧ ହେଉଛି ବୋଲି କହେ। ହେଲେ କେଶବତୀ ଚତୁରତାରେ ତାକୁ ଭୁଲେଇଦିଏ। ଦୁଇ ବନ୍ଧୁ କେମିତି ସେଠାରୁ ମୁକୁଳି କେଶବତୀକୁ ସାଙ୍ଗରେ ନେଇ ପଳାଇବେ କିଛି ବୁଦ୍ଧି ବାଟ ଦେଖା ଯାଉନଥାଏ। ଦିନେ ମନ୍ତ୍ରୀ ପୁଅ ତାକୁ କହିଲା-ରାକ୍ଷସୀ ଆଜି ମହଲକୁ ଫେରିଲେ ତା' ପ୍ରାଣବାୟୁ କେମିତି ଯିବ ସେ କଥା ଜାଣିନେବ। ମନ୍ତ୍ରୀ ପୁଅ କଥା ଅନୁସାରେ ସେଦିନ ରାକ୍ଷସୀ ମହଲକୁ ଫେରିବା ପରେ କେଶବତୀ ତା' ଗୋଡ଼ ଘଷୁଥିବା ବେଳେ କାନ୍ଦିବାକୁ ଲାଗିଲା। ତା' ଆଖିରୁ ଦୁଇ ଠୋପା ଲୁହ ଗଡି ରାକ୍ଷସୀ ଗୋଡ଼ରେ ପଡିଲା। ରାକ୍ଷସୀ ଝଅଟ ଉଠି ଲୁହକୁ ଚାଟିନେଇ କହିଲା-ଆଲୋ ଝିଅ! ତୋର ଏଠି କୋଉ କଥାରେ ଊଣା ଅଛି ଯେ ଏମିତି କାନ୍ଦୁଛୁ? କହ କିଛି ଭୁଲି ଯାଇଥିଲେ ଖୋଜି ଆଣିବି। କିଛି ଭାଙ୍ଗି ଯାଇଥିଲେ ଗଢେଇଦେବି ।

କେଶବତୀ କହିଲା-ତୁ କଣ ସବୁଦିନେ ବଞ୍ଚି ରହିବୁ? ତୁ ମରିଗଲେ ମୋତେ କିଏ ସମ୍ଭାଳିବ? ରାକ୍ଷସୀ ତା' କଥା ଶୁଣି ଖିଲି ଖିଲି ହସି କହିଲା-ଆଲୋ ମା' ମୋତେ କେହି ମାରି ପାରିବେନି। ମହଲ ଅଗଣାରେ ଗୋଟେ ସିନ୍ଦୁକ ପୋତା ହୋଇଛି। ତା' ଭିତରେ ଖୁରୁପି ଅଛି। ସେଇ ଖୁରୁପିରେ ଯିଏ ମୋ ମୁଣ୍ଡକୁ ଆଘାତ କରିବ ତଥା ମୋ ମୁଣ୍ଡରୁ ଠୋପେ ବି ରକ୍ତ ତଳେ ପଡିବ ନାହିଁ ତାହେଲେ ମୋ ମରଣ ହେବ। ଏତେସବୁ କରିବ କିଏ ନା ମୋତେ ମାରିବ କିଏ ?

ଦୁଇ ବନ୍ଧୁ ମାଛି ରୂପରେ ରହି ରାକ୍ଷସୀର ସବୁକଥା ଶୁଣିଲେ। ଯେମିତି ସନ୍ଧ୍ୟା ହେଇଛି

ISSN NO.
2582-208X

ରାକ୍ଷସୀ ଆହାର ପାଇଁ ବାହାରକୁ ପଳାଇଲା। ଦୁଇ ବନ୍ଧୁ ଅଗଣାରେ ପୋତା ହୋଇଥିବା ସିନ୍ଦୁକ ଖୋଳିବାରୁ ସତକୁସତ ତା' ଭିତରୁ ଗୋଟେ ଖୁରୁପି ପାଇଲେ। ପ୍ରତିଦିନ ପରି ରାକ୍ଷସୀ ମହଲକୁ ଫେରି ଶୋଇପଡ଼ିଲା। ସୁଯୋଗ ପାଇ ରାଜା ପୁଅ ଓ ମନ୍ତ୍ରୀ ପୁଅ ଖୁରୁପି ଦ୍ୱାରା ତା' ମୁଣ୍ଡକୁ ଆଘାତ କଲେ। ମୁଣ୍ଡରୁ ଝରୁଥିବା ରକ୍ତ ତଳେ ନପଡ଼ି ବିଛଣାରେ ପଡିଲା। ସଙ୍ଗେ ସଙ୍ଗେ ରାକ୍ଷସୀ ଚିତ୍କାର କରି ମରିଗଲା । ରାକ୍ଷସୀ ମାରିବା ପରେ ତିନିଜଣ ଉଡ଼ନ୍ତା ଖଟରେ ବସି ନିଜ ଦେଶକୁ ଫେରିଆସିଲେ। ରାଜା-ରାଣୀ, ରାଜ କର୍ମଚାରୀମାନେ ରାଜକୁମାର ଓ କେଶବତୀ କନ୍ୟାକୁ ବର-ବଧୂ ରୂପେ ସ୍ୱାଗତ କରି ପାଛୋଟି ନେଲେ ।

(ଓଡିଶା ଲୋକକଥା)

(((-)))

ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

ISSN NO.
2582-208X

# କେମିତି ଅଛ ବିଶ୍ୱନାଥ



ବିଶ୍ୱନାଥ କର

କେମିତି ଅଛ ବିଶ୍ୱନାଥ
କ'ଣ କରୁଛ ଏ ଉତୀର୍ଣ୍ଣ ବୟସରେ
କେମିତି କାଟୁଛ ଦିନ।

ତମ ଆକାଶଟା ତ ଗାଢ ନୀଳ ସାଗରଠୁ ଭଳି
ଅଗଣାରେ ତମ ଋତୁରାଜର ରଙ୍ଗର ରୋଷଣୀ
ସ୍ୱପ୍ନର ଅଚିହ୍ନା ପୁଲକ ଛିଟା ଛିଟା ଇନ୍ଦ୍ରଧନୁ ପରି
କେମିତି ଭୋଗୁଛ ତମେ
ଏତେ ତାରା ରୂପା ଜହ୍ନର ଅଇନାରେ
ନିଜ ସମୟ ପଖାଳି ।

ଚାଲି ଚାଲି କେତେ ଯେ ବାଟ ତୁମେ ଚାଲି ଆସିଲଣି
କେତେ ସୁଖ କେତେ ଦୁଃଖର ପସରା ବୋହି
କୁବୁଜା ପାଲଟି ଗଲଣି
ସାତ ଦଶକର ଇତିହାସରେ
କେତେ ଶୀତ ବର୍ଷା ବସନ୍ତକୁ ବାଏ ବାଏ କରି ।

ISSN NO.
2582-208X

କୁଆଁତାରାର ଆଲୁଅରେ
ତୁମେ କେମିତି କବିତା ଲେଖ କେଜାଣି
ଯେଉଁ କବିତାରେ ତମେ କେବେ ଥାଅ କେବେ ନଥାଅ
ପ୍ରେମ ଅପ୍ରେମର ସ୍ମୃତିକୁ ରୋମନ୍ଥନ କରୁକରୁ
ତୁମେ ଖାଲି ପ୍ରେମକୁ ପ୍ରେମ କରୁଥାଅ ।

ତୁମେ କେମିତି କରିଦିଅ ତୁମ ଦୁନିଆଁକୁ ସ୍ୱପ୍ନମୟ
ଏତେ ଶବ୍ଦ କେଉଁଠୁ ସଜାଡ କବିତା ଲେଖିବା ପାଇଁ
ଶବ୍ଦ ଜଙ୍ଗଲରେ ବାଟବଣା ନହୋଇ
ଖଣ୍ଡିଉଡ଼ା ଦେଉଥିବା ପ୍ରଜାପତିର ଚିତ୍ରିତ ଡେଣାରେ
ସବାର ହୋଇ
ଅଫେରା ସମୟକୁ କେମିତି ବାନ୍ଧି ରଖୁଛ ତୁମେ
ଜହ୍ନ ଆଲୁଅର ଡୋରିରେ
ଅମାବାସ୍ୟାର କାଳିମାରେ ।

କେବେ ସାରାରାତି ଉଜାଗର ହୋଇତ
କେବେ ବେଶ୍ କିଛି ସମୟ ନିଦରେ ଝୁମି ଝୁମି
କ'ଣ କର ତୁମେ ବିଶ୍ୱନାଥ
ଖାଲି କ'ଣ କବିତା ଲେଖୁଥାଅ ଇଂରାଜିରେ
ଓଡିଆରେ ବି
ଝର୍କା ସେପାଖ ଋତୁ ସହ ଗପି ଗପି
କେବଳ ପ୍ରେମ ସହ ପ୍ରେମ କରି କରି ।

ତମ ଭାଷା କ'ଣ ନଦୀ ବୁଝେ
ଆକାଶ ବୁଝେ
ଝର୍କା ସେପାଖ ଋତୁ ବୁଝେ ଫୁଲମାନେ ବୁଝନ୍ତି

ISSN NO.
2582-208X

ଋତୁରାଜ ବୁଝେ
ଇନ୍ଦ୍ରଧନୁ ବୁଝେ ପ୍ରଜାପତି ବୁଝେ
ଏମାନେ ତମକୁ କ'ଣ ପ୍ରେମ କରନ୍ତି ନିରବରେ
ତମେ ସେମାନଙ୍କ ସହ ଗପି ଗପି
କେମିତି ତମେ କାଟୁଛ ଦିନ
ଏ ଉତୀର୍ଣ୍ଣ ବୟସରେ
ସେମାନଙ୍କ ପ୍ରେମକୁ ସ୍ୱୀକାର କରି
ନା ଆଡେଇ ଦେଇ ।

(((-)))

ସାଇ କଲୋନୀ, ଦେଉଳ ସାହି,
ତୁଳସୀ ପୁର, କଟକ -୮
ସମ୍ପର୍କ 9776332639

ISSN NO.
2582-208X

# ବାଲେଶ୍ୱରର ନୌ - ବାଣିଜ୍ୟ ପରମ୍ପରା



ଡକ୍ଟର ସୁଶ୍ରୀ ସଂଗୀତା ସ୍ୱାଇଁ

## ଉପକ୍ରମ -

ଉତ୍କଳ ର ନୌ ବାଣିଜ୍ୟ ପରମ୍ପରା ଜାଣିବା ପୂର୍ବରୁ ଭାରତୀୟ ନୌ ବାଣିଜ୍ୟ ପରମ୍ପରା ସଂପର୍କ ରେ ଅବଗତ ହୋଇଯିବା ।ଆଜକୁ ପାଞ୍ଚ ହଜାର ବର୍ଷ ପୂର୍ବେ ପୂର୍ବ ସିନ୍ଧୁ ସଭ୍ୟତା ସମୟରେ ଭାରତୀୟ ନୌ ବାଣିଜ୍ୟ ଅତ୍ୟନ୍ତ ସମୃଦ୍ଧ ଥିବା ପ୍ରମାଣ ମିଳେ ମହେଞ୍ଜୋଦାରୋ ଓ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଖନନ ମାନଙ୍କ ରୁ ଏହା ପ୍ରମାଣିତ ହୋଇଛି ସେହିପରି ଗୁଜୁରାଟ ର କଚ୍ଛ ଉପକୂଳ ରେ ସିନ୍ଧୁ ସଭ୍ୟତା ସମୟ ର କେତେକ ବନ୍ଦର ର ସନ୍ଧାନ ମିଳି ପାରିଛି । ପ୍ରାଚୀନ ନୌ ବାଣିଜ୍ୟ ଇତିହାସ ରେ କଳିଙ୍ଗ ର ଉଲ୍ଲେଖ ଯୋଗ୍ୟ ସ୍ଥାନ ରହିଛି । ଅତୀତ ରେ କଳିଙ୍ଗ ଜାତି ଥିଲା ଗୋଟିଏ ବୀର ଜାତି । ଏ ଜାତିର ଦୁର୍ଜେୟ ବୀର ଯେପରି ପ୍ରାଣ କୁ ଆହୁତି ଦେଇ ଉଡ଼ାଇଥିଲା ବିଜୟ ର ବୈଜୟନ୍ତ ସେହିପରି ଏ ଜାତିର ଜଳଯାତ୍ରା ସାଧବ ମାନେ ଅସୀମ ଆକାଂକ୍ଷା ନେଇ ଅନନ୍ତ ସାଗର ର ବକ୍ଷ କୁ କରିଥିଲେ ବିଦିର୍ଣ୍ଣ । ସମୟର ଝଡ଼ ପ୍ରବାହରେ ସେ ଦିନର ସଭ୍ୟତା ଆଜି କିମ୍ବଦନ୍ତୀ ପଲଟିଯାଇଛି । କର୍ପୁର ଉଡ଼ିଯାଇଛି ପଡ଼ିରହିଛି ସ୍ମୃତି ର କପଡା । ସେ ଦିନର ଉତ୍କଳୀୟ ସାଧବ ପୁତ୍ରର ସୁଦୂର ଜଳ ଯାତ୍ରା, କାର୍ତ୍ତିକ ପୂର୍ଣ୍ଣମୀ ର ବୋଇତ ବନ୍ଦାଣ, ବୈଶାଖ ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ର ଚିତ୍ର ସିନା କିମ୍ବଦନ୍ତୀ ପାଲଟିଛି, ମାତ୍ର ଏଇ ବଣିକ ମାନଙ୍କର ତତ୍ କାଳୀନ ଚଳନି ଆମ ପରମ୍ପରା ରେ ଏବେବି ସ୍ମୃତି ସମ୍ପଦ ହୋଇ ରହିଛି ।

## ଉତ୍କଳ ର ନୌ ବାଣିଜ୍ୟ ପରମ୍ପରା

ଉତ୍କଳ ର ଅତୀତ ଗୌରବ ମୟ । ଏହାର ଗୌରବ କୁ ସମୃଦ୍ଧ କରି ଗଢି ତୋଳିଥିଲା ଏହାର ଉନ୍ନତ ନୌବାଣିଜ୍ୟ ପରମ୍ପରା ·ପ୍ରାଚୀନ ଜୈନ ଗ୍ରନ୍ଥ ଏବଂ ପୁରାଣ ପ୍ରଭୃତି ରେ

ISSN NO.
2582-208X

ଉତ୍କଳ ନୌ ବାଣିଜ୍ୟର ସମୃଦ୍ଧି ସଂପର୍କ ରେ ଉଲ୍ଲେଖ ରହିଅଛି । ତାମ୍ର ଲିପି, ଚେଳି ତାଲୋ ଓ ଦନ୍ତିପୂର ଇତ୍ୟାଦି ଥିଲା ପ୍ରାଚୀନ ଉତ୍କଳ ର କେତୋଟି ପ୍ରମୁଖ ନୌ ବାଣିଜ୍ୟ କେନ୍ଦ୍ର । ପ୍ରଖ୍ୟାତ ପରିବ୍ରାଜକ ଫା-ହି-ଆନ୍ ତାମ୍ରଲିପ୍ତି ରୁ ସିଂହଳ ଅଭିମୁଖେ ଯାତ୍ରା କରିଥିଲେ । ଅନ୍ୟତମ ବିଶିଷ୍ଟ ଚିନ୍ ପରିବ୍ରାଜକ ହୁଏନସାଂ ଉତ୍କଳ ର ଚେଲିତୋଳ ବନ୍ଦର ସଂପର୍କ ରେ ମଧ୍ୟ ଉଲ୍ଲେଖ କରିଛନ୍ତି । ରଘୁ ବଂଶମ୍ ମହାକାବ୍ୟ ରେ କବି ଗୁରୁ କାଳିଦାସ ସାଗର ଉପରେ କଳିଙ୍ଗ ବୀର ଙ୍କ ଆଧିପତ୍ୟ କୁ ସ୍ୱୀକୃତି ଦେଇ କଳିଙ୍ଗ ସମ୍ରାଟ ଙ୍କୁ ମହୋଧିପତି ରୂପେ ଆଖ୍ୟା ଦେଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ କାବ୍ୟ ରେ ଉତ୍କଳୀୟ ବାଣିଜ୍ୟ ପୋତ ସିଂହଳ ଦ୍ୱୀପ ପ୍ରତି ଯାତ୍ରା ସଂପର୍କ ରେ ବର୍ଣ୍ଣନା ଦେଇ ଲେଖିଛନ୍ତି - ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପ ରେ । ଏହିପରି ଭାବ ରେ ନୌ ବାଣିଜ୍ୟ ର ବହୁ ଚିତ୍ର ବହୁ ମୁଖ ରେ ସ୍ୱୀକୃତ । ଦେଶ ର ବୀର ବଣିକ ମାନେ ସିଂହଳ, ଜାଭା, ସୁମାତ୍ରା, ବୋର୍ଣିଓ, ଦକ୍ଷିଣ ଆଫ୍ରିକା, ବାଲି ଓ ସୁଦୂର ଚୀନ୍ ସହିତ ମଧ୍ୟ ବାଣିଜ୍ୟ ବିପଣି ରେ ଥିଲା କୋଳାହଳ ମୁଖରିତ । ତତ୍କାଳୀନ ସାଧବ ପୁତ୍ର ମାନଙ୍କର ଦୁଃ ସାହସୀ ଜଳ ଯାତ୍ରା ପ୍ରବୃତ୍ତି ହିଁ ଉତ୍କଳୀୟ ନୌ ବାଣିଜ୍ୟ କୁ କରିଥିଲା ସମୃଦ୍ଧ ।

ପ୍ରାଚୀନ ଉତ୍କଳ ର ନୌ ବାଣିଜ୍ୟର ବ୍ୟବହୃତ ଜାହାଜ ଗୁଡ଼ିକ ଆଧୁନିକ ଜ୍ଞାନ କୌଶଳ ରେ ନିର୍ମିତ ନଥିଲା ନା ଥିଲା ଏଥିରେ କୌଣସି ଯନ୍ତ୍ରପାତି, ଅଥବା ସାମୁଦ୍ରିକ ଝଡ଼ ର ପ୍ରାକ୍ ସୂଚନା ପ୍ରଦାନକାରୀ ଶକ୍ତିଶାଳୀ ରଡାର । ସାମୁଦ୍ରିକ ସ୍ରୋତ ଓ ପବନ ର ଗତି ଭଙ୍ଗୀ କେତେଜଣ ଶକ୍ତିଶାଳୀ ନାବିକ ଙ୍କ ସାହସ ଓ କର୍ମଠତାକୁ ସମ୍ବଳ କରି ଜାହାଜ କୁ ନେଇ ସାଗର ବକ୍ଷ ରେ ଆରମ୍ଭ ହେଉଥିଲା ଜଳ ଯାତ୍ରା । କାର୍ତ୍ତିକ ପୂର୍ଣ୍ଣିମା ର ଶିଶିର ଭିଜା ପବିତ୍ର ପ୍ରଭାତ ରେ ସାତ ସାଧବାଣୀ ଙ୍କ ତୁଣ୍ଡ ର ହୁଳୁ ହୁଳି,ଶଙ୍ଖ ଧ୍ୱନି ରେ ଆରମ୍ଭ ହେଉଥିଲା ବନ୍ଦାଣ ଉତ୍ସବ ।

### ପରାଧୀନ ଉତ୍କଳ ଓ ନୌ-ବାଣିଜ୍ୟର ଦୁର୍ଦ୍ଦିନ :

ସମୟର ସନ୍ଧିକ୍ଷଣରେ ଉତ୍କଳର ରାଜନୀତିକ ଭାଗ୍ୟକାଶରେ ଦେଖାଦେଇଥିଲା ଭୟଙ୍କର ଘୂର୍ଣ୍ଣି । ଦୁର୍ଦ୍ଧର୍ଷ ଇଂରେଜମାନଙ୍କ ଅଧୀନରେ ଶାସିତ ହେଲା ଉତ୍କଳ । ଉତ୍କଳର ଯାବତୀୟ ବାଣିଜ୍ୟିକ କାରବାର ଉପରେ ଇଂରେଜମାନଙ୍କର ଆଧିପତ୍ୟ ରହିଲା । ଯେଉଁ ଉତ୍କଳୀୟମାନେ ବାଣିଜ୍ୟ କରି ବିଦେଶରୁ ଧନରତ୍ନ, ଆଣି ଉତ୍କଳକୁ କରିଥିଲେ

ISSN NO.
2582-208X

ଐଶ୍ୱର୍ଯ୍ୟମୟ, ସେଇ ଉତ୍କଳର ବଡ ଐଶ୍ୱର୍ଯ୍ୟକୁ ଲୁଣ୍ଠନ କରିବାରେ ଲାଗିଲେ ବିଦେଶୀ ବଣିକ ଜାତି । ଚାନ୍ଦବାଲି, ଧାମରା ଇତ୍ୟାଦି ବନ୍ଦର ଦ୍ୱାରା ସେମାନଙ୍କ ଲୁଣନ ବୃଦ୍ଧି ପ୍ରାପ୍ତ ହେଲା । ବାଣିଜ୍ୟକେନ୍ଦ୍ରଗୁଡ଼ିକ ଉପରେ ରହିଲା ସେମାନଙ୍କର ନିୟନ୍ତ୍ରଣ । ତେଣୁ ବିଦେଶକୁ ଦେଶୀ ଜିନିଷ ରପ୍ତାନି ହେଲା ନାହିଁ, ଅପରରୁ ଜିନିଷ ବିଦେଶକୁ ଚାଲାଣ ହେଲା । ଉତ୍କଳର ଆର୍ଥନୀତିକ ମେରୁଦଣ୍ଡକୁ ଭାଙ୍ଗିଦେଲେ ବର୍ବର ଇଂରେଜମାନେ । ବିପଣିମୁଖର ନଦୀମୁହାଣ କ୍ରମେ ଅବକ୍ଷୟର ସମ୍ମୁଖୀନ ହେଲା, ଧୂଳିସାତ୍ ହେଲା ଐଶ୍ୱର୍ଯ୍ୟମୟ ଉତ୍କଳର ସମୃଦ୍ଧ ନୌ-ବାଣିଜ୍ୟ ।

## ପ୍ରାଚୀନ-ଉତ୍କଳର ବାଣିଜ୍ୟିକ ବିନିମୟ :

ପ୍ରାଚୀନ ଉତ୍କଳର ନୌ-ବାଣିଜ୍ୟଦ୍ୱାରା ଉତ୍କଳ ହୋଇପାରିଥିଲା ଧନ-ସମ୍ପଦରେ ପରିପୂର୍ଣ୍ଣ। ଉତ୍କଳୀୟମାନେ କାରୁ-ଶିଳ୍ପୀମାନଙ୍କ ନିପୁଣ ହାତର କାରିଗରୀ କୌଶଳରେ ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟ ନେଇ ବିଦେଶରେ ବହୁମୂଲ୍ୟରେ ବିକ୍ରୟ କରୁଥିଲେ । ଏ ଦେଶର କୁଶଳୀ ତନ୍ତକାରମାନଙ୍କ ପ୍ରସ୍ତୁତ ସୂକ୍ଷ୍ମ ବୟନ ଜର୍ମ, ଶିଙ୍ଗ, ବେତ ଇତ୍ୟାଦିର କଳାକର୍ମର ଚାହିଦା ବିଦେଶ-ବିପଣିରେ ଥିଲା ସର୍ବାଧିକ । ସୂକ୍ଷ୍ମ ତାରକସୀ କାମ, ମୂଲ୍ୟବାନ୍ ପ୍ରସ୍ତର ନିର୍ମିତ ମୂର୍ତିକଳା, ମସଲା, ନାରୀକେଳ, କୁଟୀର ଶିଳ୍ପଜାତ ବସ୍ତ୍ରାଦି ବିବିଧ ଦ୍ରବ୍ୟ, ଏ ଦେଶରୁ ନେଇ ଅତୀତର ସାଧବମାନେ ଏ ଦେଶକୁ ଆଣୁଥିଲେ ଅମାପ ଧନରତ୍ନ । ଏହାଦ୍ୱାରା ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ଯେମିତି ସୁଦୃଢ଼ ଥିଲା, ସେଇପରି ମଧ୍ୟ ସଂସ୍ଥାପିତ ହୋଇପାରିଥିଲା ସାଂସ୍କୃତିକ ସମ୍ପର୍କ । ଉତ୍କଳର କୁଶଳୀ କାରିଗର ମାନେ ଏଇ ବାଣିଜ୍ୟିକ ବିନିମୟରେ ପ୍ରଭାବିତ ହୋଇ କର୍ମ ସମ୍ପାଦନରେ ଅଧିକ କୁଶଳତା ପ୍ରଦର୍ଶନ କରୁଥିଲେ ଓ ସେମାନଙ୍କ ଜୀବିକାର୍ଜନକୁ ମଧ୍ୟ ସୁଖମୟ କରି ଗଢ଼ି ତୋଳୁଥିଲେ ।

## ସ୍ୱାଧୀନ ଉତ୍କଳର ନୌ-ବାଣିଜ୍ୟ :

ଦେଶ ସ୍ୱାଧୀନ ହେବାପରେ ଉତ୍କଳର ଭାଗ୍ୟ ପରିବରିତ ହେଲା । ଏତେବେଳକୁ ଓଡ଼ିଶାର ନୌ-ବାଣିଜ୍ୟ କେନ୍ଦ୍ରମାନ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଛି । କଳିଙ୍ଗବୀର ବିଜୁ ପଟ୍ଟନାୟକ, ଉତ୍କଳର ସେଇ ସମୃଦ୍ଧମୟ ପରମ୍ପରାର ପୁନରୁଦ୍ଧାର ପାଇଁ ସ୍ୱପ୍ନ ଦେଖିଲେ । ଭାରତ ସରକାରଙ୍କ ନିକଟରେ ୧୯୪୮ ମସିହାରେ ମହାନଦୀ ମୁହାଣରେ ପାରାଦ୍ୱୀପ ଠାରେ ଏକ କ୍ଷୁଦ୍ର ବନ୍ଦର ସୃଷ୍ଟିକରିବାର ସ୍ୱପ୍ନକୁ ସେ ପ୍ରକାଶ କଲେ । ଭାରତର ସୁଯୋଗ୍ୟ ପ୍ରଧାନମନ୍ତ୍ରୀ

ISSN NO.
2582-208X

ସ୍ୱର୍ଗତ ନେହେରୁ ବିଜୁ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ସାକାର କରିବାକୁ ଅଗ୍ରସର ହେଲେ । ୧୯୫୮ ମସିହାରେ ପାରାଦ୍ୱୀପ, ଭାରତର ନୌ-ବାଣିଜ୍ୟ ମାନଚିତ୍ରରେ ଏକ କ୍ଷୁଦ୍ର ବନ୍ଦର ରୂପେ ହେଲା ଚିହ୍ନିତ । ଏଇ ବନ୍ଦର ନିକଟକୁ ନଥିଲା କୌଣସି ପରିବହନ ବ୍ୟବସ୍ଥା । ଦୈତ୍ୟାରି, ଗନ୍ଧମାର୍ଦନ ଓ ସୁକିନ୍ଦାରୁ ଲୌହପଥର ଅଣାଯାଇ କଟକରେ ରହୁଥିଲା । ଏହାକୁ ବଡ଼ ବଡ଼ ଡଙ୍ଗାରେ ତାଳଦଣ୍ଡା କେନାଲ ଦ୍ୱାରା ଅଣାଯାଇ ଜାହାଜରେ ଜାପାନ ରପ୍ତାନି କରାଯାଉଥିଲା । ମାତ୍ର ପ୍ରଧାନମନ୍ତ୍ରୀ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ଉଦ୍ୟମ ବଳରେ ୧୯୬୬ ମସିହାରେ ପାରାଦ୍ୱୀପ ଏକ ବୃହତ୍ତମ ବନ୍ଦରର ସ୍ୱୀକୃତି ଲାଭ କଲା । ରେଳରାସ୍ତା ଓ ରାଜରାସ୍ତା ଦ୍ୱାରା ଓଡ଼ିଶାର ବିଭିନ୍ନ ଖଣିଜ ସମ୍ପଦ ଅଣାଯାଇ ଏଇ ବନ୍ଦର ବାଟେ ବିଦେଶକୁ ରପ୍ତାନି କରାଗଲା । ବର୍ତ୍ତମାନ ଏଇ ବନ୍ଦର ବାଟେ ଲୁହାପଥର, ମାଙ୍ଗାନିଜ, କୋଇଲା ଇତ୍ୟାଦି ଓଡ଼ିଶାର ଖଣିଜ ସମ୍ପଦମାନ ବିଦେଶକୁ ରପ୍ତାନି କରାଯାଉଛି ଓ ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରାଯାଉଛି । ଭାରତର ନୌ-ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ପାରାଦ୍ୱୀପ ଗ୍ରହଣ କରିଛି ମୁଖ୍ୟ ଭୂମିକା । ଏହାବ୍ୟତୀତ ଗୋପାଳପୁର ବନ୍ଦର ମଧ୍ୟ ଆଧୁନିକ ଓଡ଼ିଶାର ଅନ୍ୟତମ ବାଣିଜ୍ୟକେନ୍ଦ୍ର ହୋଇଉଠିଛି ।

### ନୌ-ବାଣିଜ୍ୟର ସାମର୍ଥ୍ୟ ଓ ସମ୍ଭାବନା :

ଗୋଟାଏ ଦେଶର ଆର୍ଥନୀତିକ ପ୍ରଗତି, ଶିଳ୍ପ, କୃଷି, ସଂସ୍କୃତି— ଏସବୁ ବାଣିଜ୍ୟ ଉପରେ ହିଁ ନିର୍ଭର କରିଥାଏ । ଓଡ଼ିଶାର ନୌ-ବାଣିଜ୍ୟ ଦିନେ ଓଡ଼ିଶାର ସାଂସ୍କୃତିକ, ଆର୍ଥନୀତିକ ଓ ଶିଳ୍ପଜାତ ପ୍ରଗତି ଆଣିପାରିଥିଲା । ଆଜି ଆଧୁନିକ ଓଡ଼ିଶା, ଆପଣାର ପ୍ରଚୁର ଖଣିଜ ସମ୍ପଦକୁ କେବଳ ଏଇ ନୌ-ବାଣିଜ୍ୟ ଦ୍ୱାରା ବିଦେଶ ବିପଣିମାନଙ୍କରେ ବିକ୍ରୟ କରିବାରେ କ୍ଷମ ହୋଇପାରିଛି । ନୌ-ବାଣିଜ୍ୟ ଫଳରେ ଅନେକ ଓଡ଼ିଆ ଶ୍ରମଜୀବୀ ଅବସଂସ୍ଥାନର ରାହା ପାଇଛନ୍ତି । ଏ ଦେଶର ଦାଣିଜ୍ୟ କାରବାର ବିଦେଶୀୟ ଅର୍ଥନୀତିକୁ ଦିନେ ସମୃଦ୍ଧ କରିଥିଲା । ସେଇ ବାଣିଜ୍ୟ ହିଁ ଦିନେ ଆମର ରାଜନୀତିକ ପଟ୍ଟ ପରିବର୍ତ୍ତନ ଘଟାଇଥିଲା । ଅତୀତର କ୍ଷୁଦ୍ର ଶିଳ୍ପଜୀବୀ କୁଣ୍ଡଳୀ କାରିଗରଙ୍କ ଅଲସଂସ୍ଥାନର ମାଧ୍ୟମ ଥିଲା ନୌ-ବାଣିଜ୍ୟ । ପ୍ରାଚୀନ ଉତ୍କଳକୁ ବିଭବମୟୀ କରି ଗଢ଼ି ତୋଳିବାରେ ଉତ୍କଳର ନୌ-ବାଣିଜ୍ୟ ଗ୍ରହଣ କରିଥିଲା ମୁଖ୍ୟ ଭୂମିକା । ତେଣୁ ନୌ-ବାଣିଜ୍ୟର ସାମର୍ଥ୍ୟ ଗୋଟାଏ ଜାତିର ସମ୍ଭାବନାମୟ ସଙ୍କେତ ପ୍ରଦର୍ଶନ କରିଥାଏ ।ମହାକାଳର ଅନନ୍ତ ଗତି -ପ୍ରବାହରେ ସମୃଦ୍ଧ ଉତ୍କଳର ନୌ-ବାଣିଜ୍ୟ ବିପର୍ଯ୍ୟସ୍ତ ଓ ବିକଳାଙ୍ଗ ହୋଇ ଉଠିଥିଲେ ମଧ୍ୟ ଏହାର ପ୍ରଭାବ

ISSN NO.
2582-208X

ଓଡ଼ିଶାର ରାଜନୀତି, ଅର୍ଥନୀତି, ସାହିତ୍ୟ, ସଂସ୍କୃତି ଓ ଶିଳ୍ପ ଜଗତକୁ ବହୁ ଭାବରେ କରିଛି ପ୍ରଭାବିତ । ଏ ଦେଶର ସାଂସ୍କୃତିକ ଭାବ ବିନିମୟ ଓ ଆର୍ଥନୀତିକ ପ୍ରଗତିକୁ ସ୍ୱଚ୍ଛଳ କରିଥିଲା ଉତ୍କଳର ନୌ-ବାଣିଜ୍ୟ । ଉତ୍କଳର ସାଂସ୍କୃତିକ ପରମ୍ପରାରେ ତେଣୁ ନୌ-ବାଣିଜ୍ୟର ଅକ୍ଷୟ ପ୍ରଭାବ । ଓଡ଼ିଆ ଜାତି ପ୍ରାଣରେ ସବୁକାଳ ପାଇଁ ସଂଜୀବିତ ହୋଇ ରହିବ କୁମାରୀ କନ୍ୟାର ଖୁଦୁରୁକୁଣୀ ଓଷା, କାର୍ତ୍ତିକ ପୂର୍ଣ୍ଣମୀର ଡଙ୍ଗା ଭସାଣ, ବୋଇତ ବନ୍ଦାଣ ଆଉ ଓଡ଼ିଆଣୀର ଝୋଟି ମୁରୁଜରେ ସେଇ ସାଧବ-ଶୋଭିତ ବୋଇତରେ ଚିତ୍ରଛଟା। ଉତ୍କଳ ନୌ ବାଣିଜ୍ୟ (Utkala Nau Banijya) ଅର୍ଥାତ୍ ଓଡିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା — ଏହା ଓଡ଼ିଆ ଇତିହାସର ଏକ ଗୌରବମୟ ଅଧ୍ୟାୟ ଅଟେ। ଏହି ପରମ୍ପରା ଦ୍ୱାରା ଓଡିଶାର ବାଣିଜ୍ୟିକ, ସାଂସ୍କୃତିକ ଓ ଆନ୍ତର୍ଜାତିକ ସମ୍ପର୍କ ଗଢ଼ିଉଠିଥିଲା ।

## ବାଲେଶ୍ୱର ର ନୌ ବାଣିଜ୍ୟ ପରମ୍ପରା;-

ଓଡିଶାର ସମୁଦ୍ରତଟ (ବଲେଶ୍ୱର ଠାରୁ ଗଞ୍ଜାମ ପର୍ଯ୍ୟନ୍ତ) ପ୍ରାଚୀନ କାଳରୁ ନୌବାଣିଜ୍ୟର ମୁଖ୍ୟ କେନ୍ଦ୍ର ଥିଲା। ସମୁଦ୍ର ମାର୍ଗରେ ଓଡିଆ ବାଣିଜ୍ୟୀ ମାନେ ମାଲୟ, ସୁମାତ୍ରା, ଜାଭା, ବାଲି, ବର୍ମା ଓ ଶ୍ରୀଲଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରୁଥିଲେ। ଓଡିଆ ବାଣିକମାନେ "ସାଧବ" ବୋଲି ପରିଚିତ ଥିଲେ।ସେମାନେ "ବୋଇତ" ନାମକ ବଡ଼ ଜାହାଜ ଚଳାଇଥିଲେ।

ନିର୍ଯ୍ୟାତ ସାମଗ୍ରୀ: କପଡ଼ା, ହାତୀଦାନ୍ତ, ମସଲା, ରତ୍ନ, ଧାନ, ଲକଡ଼ି ଇତ୍ୟାଦି।

ଆମଦାନୀ ସାମଗ୍ରୀ: ସୁଗନ୍ଧ ଦ୍ରବ୍ୟ, ମଣି, ଗହନା, ଓ ବିଦେଶୀ ଶିଳ୍ପପଦାର୍ଥ।

ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଆଜି ମଧ୍ୟ ବୋଇତା ବନ୍ଦାଣୀ (କାର୍ତ୍ତିକ ପୂର୍ଣ୍ଣିମା) ପର୍ବ ରୂପେ ଓଡିଆ ମାନଙ୍କ ମନେ ଜୀବନ୍ତ। ଏହି ଦିନ ଓଡ଼ିଆ ଲୋକମାନେ ନଦୀ ଓ ସମୁଦ୍ର କୂଳରେ ଛୋଟ ନୌକା ଭସାଇ "ଓ ମା ବୋଇତା ବନ୍ଦା" ବୋଲି ଉଚ୍ଚାରଣ କରନ୍ତି। ଏହା ପ୍ରାଚୀନ ବାଣିଜ୍ୟୀ ମାନଙ୍କ ସ୍ମୃତିକୁ ସମ୍ମାନ ଦେବା ଦିବସ। କାଳିଙ୍ଗ ଜାତି ବିଷୟରେ ମହାଭାରତ ଓ ଜାତକ କାହାଣୀରେ ଉଲ୍ଲେଖ ମିଳେ। ସାହିତ୍ୟ ଓ ପୁରାଣ ଗ୍ରନ୍ଥରେ ମଧ୍ୟ ଓଡିଆ ନୌବାଣିଜ୍ୟର ଗୌରବ ବର୍ଣ୍ଣିତ। ଆଜିର ବାଲିଦେଶରେ ମଧ୍ୟ ଓଡିଆ ସଂସ୍କୃତିର ପ୍ରଭାବ ଦେଖିବାକୁ ମିଳେ। ଓଡିଆ ନୌବାଣିଜ୍ୟୀ ମାନେ ନେଇଯାଇଥିବା ଭାଷା, ଧର୍ମ

ISSN NO.
2582-208X

(ବିଶେଷକରି ବୌଦ୍ଧ ଧର୍ମ), ନୃତ୍ୟ, ସଙ୍ଗୀତ ଓ ଶିଳ୍ପର ପ୍ରଭାବ ଆଜି ମଧ୍ୟ ଦକ୍ଷିଣ ପୂର୍ବ ଏସିଆରେ ଦେଖାଯାଏ।

ଚିରହରିତ ଓ ଚିରଉର୍ମିଳ ସାମୁଦ୍ରିକ ତଟବର୍ତ୍ତୀ ବାଲେଶ୍ୱର ଯେ ଏକଦା ଉଚ୍ଚନୀୟ ନୌବାଣିଜ୍ୟ ଓ ନୌପରମ୍ପରାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ଏହା ସର୍ବଜନ ସ୍ୱୀକୃତ । ନୌବାଣିଜ୍ୟ ଦୃଷ୍ଟିରୁ ଅତ୍ୟନ୍ତ ଅନୁକୂଳ ଯେଉଁ କେତୋଟି ଜିଲ୍ଲା ତରକାଳୀନ ନୌବାଣିଜ୍ୟିକ ଇତିହାସରେ ଶୀର୍ଷସ୍ଥାନ ମଣ୍ଡନ କରିଥିଲେ ସେଗୁଡ଼ିକ ମଧ୍ୟରେ ଆଗରେ ଥିଲା ବାଲେଶ୍ୱର, ପୁରୀ ଓ ଗଞ୍ଜାମ । ପୁନଶ୍ଚ ଅନ୍ୟମାନଙ୍କଠାରୁ ବାଲେଶ୍ୱରର ସ୍ଥାନ ଥିଲା ଏ କ୍ଷେତ୍ରରେ ଅଗ୍ରଗଣ୍ୟ ଓ ନେତୃସ୍ଥାନୀୟ । ଗୌଗୋଳିକ ଦୃଷ୍ଟିକୋଣରୁ ଏକତା ଭାରତୀୟ ନୌବାଣିଜ୍ୟିକ ପରମ୍ପରାରେ ବାଲେଶ୍ୱରର ସ୍ଥାନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । କେବଳ ନୌବାଣିଜ୍ୟ ନୁହେଁ କଳା ସଂସ୍କୃତି କ୍ଷେତ୍ରରେ ମଧ୍ୟ ବାଲେଶ୍ୱର ସେ ସମୟରେ ଗ୍ରହଣ କରିଥିଲା ଏକ ଅଗ୍ରଣୀ ଭୂମିକା । ଅନେକ ପ୍ରାଚୀନତାର ସ୍ୱାକ୍ଷର ବହନ କରୁଥିବା କେତେକ ଐତିହାସିକ ବାଣିଜ୍ୟ କୋଠି, ପୁରାତନ ପ୍ରସ୍ତର ନିର୍ମିତ ଦେବାଦେବୀ ମନ୍ଦିର, ବିଦେଶୀ ନାବିକ ଓ ନୌବଣିକମାନଙ୍କର ସମାଧିସ୍ଥଳ, କୃତ୍ରିମ ଜଳପଥ ଏବଂ ଏହାର ଅନେକ ଅଞ୍ଚଳର ନାମକରଣ ଏହା ସୂଚାଇ ଦିଏ ସେ ବାଲେଶ୍ୱର ଥିଲା ଏକ ସମୃଦ୍ଧ ସମ୍ପନ୍ତି ଓ କଳା ସଂସ୍କୃତିର ଧ୍ୱଜାଧାରୀ ଏକ ପ୍ରାଚୀନ ସହର ଏବଂ ବାଣିଜ୍ୟିକ ପରମ୍ପରାର ଏକ ଦିଗବାରେଣୀ ପଥ ପ୍ରଦର୍ଶକ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଟଲେମୀଙ୍କ ଲିଖିତ ଇତିହାସର ଭୂଚିତ୍ରରେ ଓଡ଼ିଶାର ଉପକୂଳରେ ଅନେକଗୁଡ଼ିଏ ବନ୍ଦରର ଉଲ୍ଲେଖ ରହିଛି । ଏଗୁଡ଼ିକ ମଧ୍ୟରେ କଳିଙ୍ଗ ନଗର, କୋଶିମ୍ବ (ବାଲେଶ୍ୱର), ନନିଗେନ୍ (ପୁରୀ), କତିକର୍ଦମ (କଟକ) ଓ କୋଶଗଲ (କୋଣାର୍କ) ଆଦି ପ୍ରଧାନ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ କ୍ଷେତ୍ରରେ ଅନେକଗୁଡ଼ିଏ ଛୋଟବଡ଼ ବନ୍ଦର ସେମାନଙ୍କର ନୌବାଣିଜ୍ୟିକ ଉତ୍କୃଷ୍ଟତା ପ୍ରତିପାଦନ ପାଇଁ ଚିହ୍ନିତ ହୋଇଥାଆନ୍ତି । ସେଗୁଡ଼ିକ ମଧ୍ୟରେ ତୁମଲକ (ତାମ୍ରଲିପ୍ତି), ସୁବର୍ଷରେଖା, ନରେଖା, ସାରଗୋ, ଛନୂଆ, ପିପିଲି, ବାଲେଶ୍ୱର, ଇଚ୍ଛମନପୁର, ଧାମରା, ଚୂଡ଼ାମଣି, ଚାନ୍ଦବାଲି (ସବୁଗୁଡ଼ିକ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଉପକୂଳର), ହଂସୁଆ, ପଟାମୁଣ୍ଡାଳ, ହରିଶପୁର, ରାଉଳିଆ, ଚରିତ୍ର, କୋଣାର୍କ, ବାରିଶପୁର, ବିଷ୍ଣୁପୁର, ପୁରୀ, ଚିଲିକା, ଗଞ୍ଜାମ, ଦନ୍ତପୁର,

ISSN NO.
2582-208X

କଳିଙ୍ଗ ନଗର ନାମ ଉଲ୍ଲେଖ କରାଯାଇପାରେ । ଏହି ଦୃଷ୍ଟିକୋଣରୁ ବାଲେଶ୍ୱରବାସୀଙ୍କ ପୂର୍ବପୁରୁଷମାନେ ନୌବାଣିଜ୍ୟ କ୍ଷେତ୍ରରେ ଏକ ସ୍ୱକୀୟ ପରିଚୟ ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ସେମାନଙ୍କର ନୌବାଣିଜ୍ୟ ପ୍ରୀତି ସମ୍ପର୍କରେ ଯଥାଯୋଗ୍ୟ ପ୍ରମାଣମାନ ରଖିଯାଇଛନ୍ତି । ବାଲେଶ୍ୱର ଉପକଣ୍ଠରେ ଏତେଗୁଡ଼ିଏ କ୍ଷୁଦ୍ର ବୃହତ୍ ବନ୍ଦରର ଉପସ୍ଥିତି ଏହା ସୂଚନା ଦିଏ ।

ଏବେ ମଧ୍ୟ ଅବିଭକ୍ତ ବାଲେଶ୍ୱରର (ଅଧୁନା ଭଦ୍ରକ), ଚାନ୍ଦବାଲି, ଧାମରା ଓ ଚୂଡ଼ାମଣି ଆଦି ବନ୍ଦର ଗୁଡ଼ିକରେ ଷ୍ଟିମର୍ ବୋଟ୍ କିମ୍ବା ଲଞ୍ଚ ଆଦିର ବ୍ୟବହାର ଚାଲୁ ରହିଛି । ମତ୍ସ୍ୟ ଓ କୋଇଲା ଆଦି ରପ୍ତାନୀ ନିମିତ୍ତ ଏହାକୁ ବ୍ୟବହାର କରାଯାଉଛି ଏବଂ ଏଥିଯୋଗୁଁ ଏହାର ଲିରିଭୂମି ଉପରେ ପ୍ରାଚୀନ ଉତ୍କଳର ନୌପରମ୍ପରାର ସ୍ୱର୍ଣାଭ ସ୍ୱାକ୍ଷର ଅଦ୍ୟାବଧି ସ୍ୱୀକାର୍ଯ୍ୟ ।

ବାଲେଶ୍ୱର ଉପକଣ୍ଠସ୍ଥ ଅଗଭୀର ପୋତାଶ୍ରୟ ଓ ମତ୍ସ୍ୟ ରପ୍ତାନୀ କେନ୍ଦ୍ର ଚାନ୍ଦିପୁରକୁ ମଧ୍ୟ କେହି କେହି ଗୁରୁତ୍ୱର ସହ ଏକ ପ୍ରାଚୀନ ବନ୍ଦରର ସମ୍ମାନ ଦିଅନ୍ତି, ସମ୍ଭବତଃ ବୁଢ଼ାବଳଙ୍ଗ ନଦୀ ଅଗଭୀର ମୁହାଣ ପରବର୍ତ୍ତୀ କାଳରେ ୟୁରୋପୀୟ ବଣିକମାନଙ୍କର ପ୍ରବେଶ ପଥ ରୂପେ କାର୍ଯ୍ୟ କରିଥିଲା ।

ଭାରତ ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ, ପର୍ତ୍ତୁଗୀଜମାନେ ୧୫୧୪ ଖ୍ରୀଷ୍ଟାବ୍ଦରେ ମାନ୍ଦ୍ରାଜରୁ ବିତାଡ଼ିତ ହୋଇ ବାଲେଶ୍ୱର ପିପିଲିଠାରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ସେମାନେ ଆର୍‌କାନିମାନଙ୍କ ସହିତ ମିଳିତ ହୋଇ ଜଳପଥରେ ଅତ୍ୟାଚାର କରିବାରୁ ମୋଗଲ ସମ୍ରାଟ ସେମାନଙ୍କୁ ପିପିଲିରୁ ତଡ଼ିଦେଇଥିଲେ । ଇଂରେଜମାନେ ୧୬୩୪ ଖ୍ରୀଷ୍ଟାବ୍ଦରେ ବାଣିଜ୍ୟ କୋଠି ନିର୍ମାଣ କରି ଦୁଇବର୍ଷ ପରେ ସେହିଠାରେ ଉପନିବେଶ ସ୍ଥାପନ କଲେ । ଇଂରେଜ ଓ ପର୍ତ୍ତୁଗୀଜମାନଙ୍କ ସହିତ ଫରାସୀ, ଦିନାମାର ଓ ଓଲନ୍ଦାଜମାନେ ମଧ୍ୟ ଓଡ଼ିଶାରେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ବାଲେଶ୍ୱରକୁ ଆକୃଷ୍ଟ ହୋଇ ଆସିଥିଲେ ।

ବାଲେଶ୍ୱରରେ ୟୁରୋପୀୟ ବଣିକମାନଙ୍କ ବାଣିଜ୍ୟିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି ଜଣେ ଐତିହାସିକ କହିଛନ୍ତି – 'ବାଲେଶ୍ୱର ଜିଲ୍ଲାର ପିପିଲି ବନ୍ଦରକୁ ବଡ଼ ବଡ଼ ଜାହାଜ ଓ

ISSN NO.
2582-208X

ବାଣିଜ୍ୟ ତରୀ ଆସୁଥିଲା । ଏଠାରେ ପର୍ତ୍ତୁଗୀଜମାନେ କୋଠି ସ୍ଥାପନ କରିଥିଲେ। ଏବଂ ପରେ ଇଂରେଜମାନେ ଏହି କୋଠିର ଧ୍ୱଂସାବଶେଷ ଉପରେ ସେମାନଙ୍କ ବାଣିଜ୍ୟ କୋଠି ୧୬୩୪ରେ ନିର୍ମାଣ କରିଥିଲେ ।

ଇଂରେଜମାନେ ପ୍ରଥମେ ବାଲେଶ୍ୱର ଏବଂ ପରେ ପରେ କଲିକତାଠାରେ ବାଣିଜ୍ୟ କାରବାର ଆରମ୍ଭ କରିବା ଯୋଗୁଁ ଏହି ଦୁଇ ସ୍ଥାନ ମଧ୍ୟରେ ଯୋଗାଯୋଗ ସ୍ଥାପନ ହୋଇଥିଲା । ଏହି ଐତିହାସିକ ତଥ୍ୟ କେତେକ ଇଂରେଜ ସାହେବ ଭ୍ରମଣ ଅନୁଭୂତି ଏବଂ ଅନ୍ୟାନ୍ୟ ଐତିହାସିକ ନଥିପତ୍ରରୁ ସଂଗ୍ରହ କରାଯାଇ ବଣିକମାନଙ୍କର ଆଗମନ ବିଷୟରେ ପୁସ୍ତକାକାରରେ ଲିପିବଦ୍ଧ ହୋଇଛି । ସେମାନଙ୍କ ମଧ୍ୟରେ ଉଇଲ୍‌ସନ ହଣ୍ଟର, ଆଣକୁ ଷ୍ଟାର୍ଲି ଏବଂ ଜନ୍ ବୀମ୍‌ସ ଇତ୍ୟାଦିଙ୍କ ନାମ ସ୍ମରଣୀୟ । ୟୁରୋପୀୟମାନଙ୍କ ମଧ୍ୟରେ କିଏ କେବେ ଆସି ବାଲେଶ୍ୱରରେ ବସତି ସ୍ଥାପନ କରିଥିଲେ, ଏ ବିଷୟ ନେଇ କେତେକ ମତ ପାର୍ଥକ୍ୟ ଥିଲେ ମଧ୍ୟ ବୀମ୍‌ସ ଯେଉଁ ସମୟ ପର୍ଯ୍ୟାୟକୁ ନିର୍ଦ୍ଧାରିତ କରିଯାଇଛନ୍ତି ତାହାକୁ ଏଠାରେ ଗ୍ରହଣ କରାଯାଇଅଛି । ଏହି ୟୁରୋପୀୟ ବଣିକମାନେ ହେଲେ ପର୍ତ୍ତୁଗୀଜ, ଇଂରେଜ, ଡଚ୍, ଡେନିସ୍ ଏବଂ ଫରାସୀ । ଭିନ୍ନ ଭିନ୍ନ ସମୟରେ ପର୍ତ୍ତୁଗୀଜମାନେ ୧୫୯୯ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ୧୬୩୩ ଖ୍ରୀଷ୍ଟାବ୍ଦରେ, ଡଚ୍‌ମାନେ ୧୬୪୫ ଖ୍ରୀଷ୍ଟାବ୍ଦରେ ଓ ଫରାସୀମାନେ ୧୬୭୬ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରକୁ ଆସି ବାଣିଜ୍ୟ କୋଠି ନିର୍ମାଣ କରିଥିଲେ।

ଦୀପ ନିର୍ବାପିତ ହେବା ପୂର୍ବରୁ ଜଳିଉଠିଲା ପରି ଉତ୍କଳ ନୌବାଣିଜ୍ୟ ଷୋଡ଼ଶ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ କିଞ୍ଚିତ ଉନ୍ନତି ଲାଭ କରିଥିଲା । ଏହି ଶତାବ୍ଦୀମାନଙ୍କରେ ସୁଦର୍ଶଲେଖା ଉପକୂଳର ପିପିଲି ଓ ବୁଢ଼ାବଳଙ୍ଗ ଚାରସ୍ଥିତ ବାଲେଶ୍ୱର ପ୍ରଧାନ ବନ୍ଦର ଓଲା। ରଣଙ୍ଗୀ ବନ୍ଦର କାନ୍ଥୀ ବା ଆଧୁନିକ କଣ୍ଟାଲ ସବ୍-ଡିଭିଜନ୍ ଅନ୍ତର୍ଗତ ହିଜିଲି ପ୍ରଗଣାର ଅନ୍ତର୍ଭୁକ୍ତ । ଆକବରଙ୍କ ପ୍ରଧାନମନ୍ତ୍ରୀ ତୋଡ଼ରମଲ୍ଲ ତାଙ୍କର ରାଜସ୍ୱ ବନ୍ଦୋବସ୍ତରେ ହିଜିଲି ଓ ତାମ୍ରଲିପ୍ତି ପ୍ରଭୃତି ଜଳେଶ୍ୱର ସରକାରଙ୍କର ଅନ୍ତର୍ଭୁକ୍ତ କରିଥିଲେ । ଏତଦ୍‌ବ୍ୟତୀତ ଛନୂଆ, ଇଚ୍ଛାମନପୁର, ଜରାସନ, ଧାମରା ଓ ସାରଥା ପ୍ରକୃତି କେତେକ କ୍ଷୁଦ୍ର ବନ୍ଦର ଏହି ସମୟରେ ଖ୍ୟାତି ଲାଭ କରିଥିଲା । ଧାମରା ବନ୍ଦର ଲବଣ ଉପ୍ତାନୀର ପ୍ରଧାନ କେନ୍ଦ୍ର ଭାବେ ପରିଚିତ ଥିଲା ।

ISSN NO.
2582-208X

ବାଲେଶ୍ୱରରେ ନୌବାଣିଜ୍ୟର ପରମ୍ପରା ସମ୍ପର୍କରେ ଆଲୋଚନା କରିଚାଲଲେ ମନରେ ଆଉ ଏକ ପ୍ରଶ୍ନ ଜାଗ୍ରତ ହୁଏ । ଏହା ହେଉଛି, ବାଲେଶ୍ୱରରେ କାହାଜ ନିର୍ମିତ ହେଉଥିଲା କି? ବଙ୍ଗ ନବାବ ସାଏସ୍ତା ଖାଁ ୧୬୬୪ ଖ୍ରୀଷ୍ଟାବ୍ଦରେ ଫିରିଙ୍ଗି ଜଳଦସ୍ୟମାନଙ୍କୁ ଦମନ କରିବା ପାଇଁ ରାଜ୍ୟର ଅନ୍ତର୍ଗତ ବନ୍ଦର ଉପରେ କରଧାର୍ଯ୍ୟ କରିଥିଲେ । କିନ୍ତୁ ପିପିଲି ଓ ବାଲେଶ୍ୱର ବନ୍ଦରରୁ ଏହି କରକୁ ନଗଦ ଟଙ୍କାରେ ନନେଇ ତତ୍‌ପରିବର୍ତ୍ତେ ୪୦୦ ବା ୫୦୦ ଟା ୬୦୦ ଟନ୍ ବୋଝେଇ ହେବାଭଳି କାହାକୁ ଚାହିଁଥିଲେ କାରଣ ଏହି ବନ୍ଦରମାନଙ୍କରେ ବର୍ଣିତ ସମଯରେ ସୁଦୃଢ଼ ଜାହାଜ ନିର୍ମିତ ହେଉଥିଲା । ବୁଢ଼ାବଳଙ୍ଗର ଉଭୟ ତୀରବର୍ତ୍ତୀ ଏବଂ ବାଲେଶ୍ୱର ନିକଟସ୍ଥ ନଦୀକୂଳଠାରେ ଅଳଦିନ ପୂର୍ବେ ଜାହାଜ ମରାମତି ହେଉଥିଲା ।

ବାଲେଶ୍ୱରର ସାଧବମାନେ ବହୁଳ ଭାବେ ତାମିଲ ଓ ବଙ୍ଗଦେଶ ସହ ବାଣିଜ୍ୟ କାରବାର ଚାଲୁ ରଖିଥିଲେ । ମୁଖ୍ୟତଃ ଭଲ ବସ୍ତ୍ର, ଧାନ ଓ ଲବଣ ଆଦି ଉତ୍ତର ବାଲେଶ୍ୱର ଅଞ୍ଚଳରେ ପଣ୍ୟଦ୍ରବ୍ୟ ଭାବରେ ସେମାନେ ବାଣିଜ୍ୟ କରୁଥିଲେ । କଲିକତାରୁ ସେମାନେ ଧୂଆଁପତ୍ର ଆମଦାନୀ କରୁଥିଲେ ବୋଲି ଫକୀରମୋହନଙ୍କ ସଦ୍ୟ କମିବାର ଗଛରୁ ସ୍ପଷ୍ଟ ପ୍ରମାଣିତ ହୁଏ । ଏହା ବ୍ୟତୀତ ବଙ୍ଗୋପସାଗର ଉପକୂଳ ଦେଇ ତାମିଲମାନେ ମଧ୍ୟ ବାଲେଶ୍ୱର ସହ ପ୍ରତ୍ୟକ୍ଷ ବାଣିଜ୍ୟ କାରବାର କରିବା ସଙ୍ଗେ ସଙ୍ଗେ ଏଠାରେ ବସବାସ କରି ତାମ୍ବୁଳା ବ୍ୟବସାୟୀ ବା ଚାମଳି ନାମରେ ନାମିତ ହୋଇଛନ୍ତି । ପାନ ବା ତାମ୍ବୁଳ ହିଁ ସେମାନଙ୍କର ମୁଖ୍ୟ ବ୍ୟବସାୟ ଥିଲା । ୟୁରୋପୀୟ ବଣିକମାନେ ଯେଉଁ ସେଉଁ ଭଲଢାରେ ବାଣିଜ୍ୟ କୋଠି ସ୍ଥାପନ କଲେ, ଲଉର କାଳରେ ସେମାନେ ଉକ୍ତ ଅଞ୍ଚଳକୁ ନିଜ ପରିସରଭୁକ୍ତ କରିଥିଲେ । ସେହି ଅନୁଯାୟୀ ପର୍ତ୍ତୁଗୀଜମାନେ ରହୁଥିବା ସ୍ଥାନକୁ ଫିରିଙ୍ଗିପାଟଣା ଓ ଡଚ୍‌ମାନେ ରହୁଥିବା ସ୍ଥାନ ଓଲନ୍ଦାଜସାହି ନାମରେ ନାମିତ ହୋଇଥିଲ । ଜେନିସ୍‌ମାନେ ଯେଉଁ ଅଞ୍ଚଳରେ ବାଣିଜ୍ୟ କୋଠି ନିର୍ମାଣ କରି ରହୁଥିଲେ, ତାହାର ନାମ ଦୀନାମାର ଡିଙ୍ଗୀ, ଯାହାର ବର୍ତମାନର ନାମ ମାଣିଖମ ଓ ଫରାସୀମାନେ ବସତି ସ୍ଥାପନ କରୁଥିବା ଅଞ୍ଚଳ ପରାସିଡିଙ୍ଗା ବା ବର୍ତ୍ତମାନର ପୁରୁଣା ବାଲେଶ୍ୱର ରୂପେ ପରିଚିତ । ବାଲେଶ୍ୱରର କେତେକ ବଜାରର ନାମ ସହିତ ଗଞ୍ଜ ଶବ୍ଦ ଯୋଡ଼ା ହୋଇଛି ଯାହାର ଅର୍ଥ ଗୋଦାମ । ବୁଢ଼ାବଳଙ୍ଗ ତୀରରେ ଯେଉଁଠାରେ ପର୍ତ୍ତୁଗୀଜମାନଙ୍କ ବାଣିଜ୍ୟ କୋଠି ଥିଲା, ସେହିଠାରେ ପରମିଟ୍ ପଡ଼ିଆ ବା ପର୍ତ୍ତୁଗୀଜ ପଡ଼ିଆ ନାମରେ ଏକ ବିସ୍ତୀର୍ଣ ପଡ଼ିଆ ଓ

ISSN NO.
2582-208X

ସେହି ନିକଟରେ ପର୍ତ୍ତୁଗୀଜ ଘାଟରେ ଗୋଟିଏ ସୁଦୀର୍ଘ ପତାକା ସ୍ତମ୍ଭଅଛି । ଏହି ପଡ଼ିଆ ନିକଟବର୍ତ୍ତୀ ମାଣିଖମ୍ବ ଓ ବାରବାଟୀ ଆଦି ସ୍ଥାନମାନଙ୍କରେ ମୃତ୍ତିକା ଖନନ କରିବା ସମୟରେ ଏବେ ମଧ୍ୟ ଛୋଟବଡ଼ ବୋଇତର ଅଂଶ ସବୁ ଦେଖିବାକୁ ମିଳିଥାଏ । ସେହିସବୁ ସ୍ଥାନମାନଙ୍କରେ କେତେଗୁଡ଼ିଏ ଅତି ପୁରାତନ କୋଠାଘରମାନ ମଧ୍ୟ ଏବେବି ରହିଛି, ଯେଉଁଗୁଡ଼ିକ ୟୁରୋପୀୟ ବଣିମାନଙ୍କର ବାସସ୍ଥାନ ବୋଲି ପ୍ରମାଣିତ ହେଉଛି । ଏହିସବୁ କୋଠାମାନଙ୍କରେ ପରବର୍ତ୍ତୀ କାଳରେ ପାନ ବ୍ୟବସାୟ ନିମନ୍ତେ ତାମିଲ ଦେଶାଗତ ତାମ୍ବୁଳି ଗୋଷ୍ଠୀ ବାସ କରିଆସୁଛନ୍ତି । ନଦୀ ତୀରବର୍ତ୍ତୀ ବହୁ ପୁରାତନ ତାଳଗଛ ଗୁଡ଼ିକର ଗଣ୍ଠିରେ ବୋଇତ ବା ଜାହାଜମାନଙ୍କୁ ବାନ୍ଧିବା ପାଇଁ ବ୍ୟବହୃତ ହେଉଥିଲା ବୋଲି ଏ ଅଞ୍ଚଳର କେହି କେହି ବୟୋଜ୍ୟେଷ୍ଠ ବ୍ୟକ୍ତି ସେମାନଙ୍କ ସ୍ୱୀୟ ଅନୁଭୂତିକୁ ସ୍ମରଣ କରିବା ଅବକାଶରେ ବ୍ୟକ୍ତ କରିଥାନ୍ତି । ଅଧୁନା ବଳଙ୍ଗ ତଟବର୍ତ୍ତୀ ସ୍ଥାନଟି ପରମିଟ୍ ଘାଟ ନାମରେ ପରିଚିତ । ଏହିଠାରେ ଏବେ ମଧ୍ୟ ପ୍ରାଚୀନକାଳରେ ନୌବାଣିଜ୍ୟ ବ୍ୟବହୃତ ହୁଏ । ସୁନହଟ ଅଞ୍ଚଳର ବହୁ ଭଗ୍ନାବଶେଷ ପରିତ୍ୟକ୍ତ ଅବସ୍ଥାରେ ଦୃଷ୍ଟିଗୋଚର ହୁଏ ।

ସୁନହଟ ଅଞ୍ଚଳର କେହି କେହି ବୟସ୍କ ବ୍ୟକ୍ତି ମଧ୍ୟ କହନ୍ତି ଯେ ଏହି ପରମିଟ୍ ଘାଟରୁ ଇଂରେଜମାନଙ୍କର ନଡ଼ିଆ ବୋଝେଇ ଜାହାଜମାନ ବାହାରକୁ ରପ୍ତାନୀ ହେଉଥିଲା । ବାଲେଶ୍ୱରର କୌଣସି କୌଣସି ଐତିହାସିକଙ୍କ ମତରେ ସୁନହଟ ନାମରେ ନାମିତ ଐତିହାସିକ ସ୍ଥାନଟି ଏକଦା ବିଦେଶାଗତ ସୁନାରୁପା ଆଦି ମୂଲ୍ୟବାନ ପଣ୍ୟଦ୍ରବ୍ୟମାନଙ୍କର ବିଜୟଗୁଳ ବା ହାଟ ଥିଲା ଏବଂ ସେହି କାରଣରୁ ଏବେ ତାହା ସୁନହାଟ ବା ସୁନହଟ ନାମରେ ଖ୍ୟାତ । ଆଜି ମଧ୍ୟ ପାଲ କପି ବା ପାଲଟାଣିବା କଳ ଓ ନଙ୍ଗର ଆଦି ସାମଗ୍ରୀ ବାଲେଶ୍ୱରରେ କେହି କେହି ବୁନିଆଦ୍ ଘରେ ଦେଖିବାକୁ ମିଳେ । ବାଲେଶ୍ୱରର ବାରବାଟୀ ଅଞ୍ଚଳରେ ବଳଙ୍ଗ ନଦୀ ପ୍ରବାହିତ ଏବଂ ଏହା ପ୍ରାୟ ୧୨/୧୨ କିଲୋମିଟର ଦୂରସ୍ଥ ସମୁଦ୍ରରେ ବଳରାମଗଡ଼ି ନାମକ ସ୍ଥାନରେ ମିଳିଅଛି । ଏହା ଜୁଆରିଆ ହୋଇଥିବାରୁ ବୋଇତ ଓ ଛୋଟଛୋଟ ଜାହାଜ ଏହା ମଧ୍ୟକୁ ପ୍ରବେଶ କରିପାରୁଥିଲା । ନିଜ ନିଜ କୋଠି ପର୍ଯ୍ୟନ୍ତ ନଦୀଠାରୁ କେନାଲ ଖୋଳାଇ ଏହି ବଣିକମାନେ ଜିନିଷ ପତ୍ର ସହଜ ରେ କାରବାର କରିପାରୁଥିଲେ ।

ISSN NO.
2582-208X

ଉପସଂହାର –:

ବାସ୍ତବିକ୍ ଉତ୍କଳୀୟ ନୌବାଣିଜ୍ୟର ଶ୍ରେଷ୍ଠ ଅଧ୍ୟାୟ ବାଲେଶ୍ୱରରେ ହିଁ ସମାପ୍ତି ହୋଇଥିଲା। ନୌବାଣିଜ୍ୟ ପ୍ରସଙ୍ଗରେ ବାଲେଶ୍ୱର ପରିତ୍ୟକ୍ତା ହେବା ପୂର୍ବରୁ ତାମ୍ରଲିପ୍ତି, ପିପିଲି ଓ ଅନ୍ୟାନ୍ୟ ବନ୍ଦରମାନ ପ୍ରତିଷ୍ଠା ହରାଇଥିଲେ । ୧୮୬୦ ଖ୍ରୀଷ୍ଟାବ୍ଦ ବେଳକୁ ଜାହାଜ କାରିବାର ଅର୍ଥାତ୍ ଦେଶୀ ବୋଇତରେ ଆମଦାନୀ ଓ ରପ୍ତାନୀ ଉଠିଗଲା । କାହାଜ ଆସିଗଲା । ବାଲେଶ୍ୱର ସୌଭାଗ୍ୟ ଲକ୍ଷ୍ମୀ ଚଞ୍ଚଳା ହେଲେ । ଏହାପରେ ୧୮୬୧ରେ ନିମିକି ମାହାଲ ଉଠିଗଲା । ଲୁଣ ପ୍ରୋକ୍ତାନୀ (ରପ୍ତାନୀ) ବନ୍ଦ କରି ଦିଆଗଲା । ଲିଭରପୁଲ ଲୁଣ ଓ ମାଞ୍ଚେଷ୍ଟର ଲୁଗା ଅର୍ଥାତ୍ ବିଲାତି ଲୁଣ ଓ ବିଲାତି ଲୁଗା ଆମଦାନୀ ଦ୍ୱାରା ବାଲେଶ୍ୱରର ଲବଣ ଶିଳ୍ପ ଏବଂ ବୟନ ଶିଳ୍ପ ଧ୍ୱଂସ ହେବା ସଙ୍ଗେ ସଙ୍ଗେ ଜଳଜାହାଜ ଦ୍ୱାରା ଦେଶୀ ବୋଇତ ଚଳାଚଳ ଏକାବେଳେ ବୁଡ଼ିଗଲା । ବଳଙ୍ଗ ନଦୀରେ ଯେଉଁ ଦେଶୀ ଜାହାଜ କାରବାର ଦ୍ୱାରା ଉକ୍ତ ଶିଳ୍ପଦ୍ୱୟରୁ ବାଲେଶ୍ୱର ବନ୍ଦର ହିସାବରେ ମୋଗଲ ଅମଳ ଆଗରୁ ପ୍ରସିଦ୍ଧି ଲାଭ କରିଥିଲା ଓ ଲକ୍ଷ୍ମୀ ଅଚଳା ଭାବରେ ବିରାଜମାନ କରୁଥିଲେ, ସେ ସଚଳା ହୋଇ ଚାଲିଗଲେ । ବାଲେଶ୍ୱରର ଚିରଦିନ ହୀନତା ଓ ଦୁର୍ଦ୍ଦଶା ତାହାର କପାଳରେ ଲେଖା ହେଲା । ତାହାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲା । ବାଲେଶ୍ୱରର ଏହି ଆର୍ଥିକ ଦୁର୍ଗତି ସଂଦର୍ଶନରେ କାନ୍ତକବି ଲକ୍ଷ୍ମୀକାନ୍ତ ଲେଖିଲେନାହିଁ ନାହିଁ ପୂର୍ବକୀର୍ତ୍ତି ନାହିଁ ପୂର୍ବ ଶିରୀ ବାଲେଶ୍ୱର ଆଜି ପଥର ଭିକାରୀ । ଅନ୍ନ ବସ୍ତ୍ରହୀନ ଫୁଟିଛି ମେଦିନୀ ହା-ଅନ୍ନ, ହା-ଅନ୍ନ ରୋଦନେ ବଳଙ୍ଗ ବକ୍ଷରେ ଭାସୁନାହିଁ ପୋତ ସୁନେଲୀ ବୋଇତ ତରୀ ଶତ ଶତ ଯାଉ ନାହିଁ ଧନ ଅର୍ଜନେ ।

ଅନୁରୂପ ଭାବେ ପ୍ରଖ୍ୟାତ ନାରୀ କବି କୁନ୍ତଳାକୁମାରୀ ଲେଖୁଛନ୍ତି – ଆଉ ନ ନାଚର ଓଡ଼ିଆ ବୋଇତ ପରିଧି ତରଙ୍ଗ ଲଘୁ ଆଲମ୍ବିତ ହଜିଅଛି ଚିର ଏ ଜାତି ବିଭବ ରସାତଳେ ଲୀନ ଓଡ଼ିଆ ବୋଇତ ।

ଉତ୍କଳର ନୌପରମ୍ପରାକୁ ଚିର ଉଜ୍ଜୀବିତ କରି ରଖିବା ପାଇଁ ଯେଉଁ ସ୍ଥାନମାନଙ୍କରେ କାର୍ତ୍ତିକ ପୂର୍ଣ୍ଣମୀ ଅବକାଶରେ ବୋଇତ ବନ୍ଦାଣ ଉତ୍ସବ ଆଜି ପାଳନ କରାଯାଉଛି, ସେଗୁଡ଼ିକ ମଧ୍ୟରୁ ବାଲେଶ୍ୱରର ଅବଦାନ ପ୍ରାତଃସ୍ମରଣୀୟ । ସର୍ବପ୍ରଥମ ବୋଇତ ବନ୍ଦାଣ ଉତ୍ସବ ଏହିଠାରେ ଅନୁଷ୍ଠିତ ହୋଇଆସୁଛି ଓ ଏକ ଅର୍ଦ୍ଧ ଶତାବ୍ଦୀର ଇତିହାସକୁ ମଣ୍ଡନ

ISSN NO.
2582-208X

କରିବାକୁ ଯାଉଛି । ବାସ୍ତବିକ୍ ଏହି ଐତିହ୍ୟଦୀପ୍ତ ଉତ୍ସବଟିକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଥିବା ବୋଇତ ବନ୍ଦାଣ ଉତ୍ସବ ବାସ୍ତବିକ୍ ପ୍ରଶଂସନୀୟ ।

ସହାୟକ ଗ୍ରନ୍ଥ ସୂଚୀ -

1.ସମୟ ସ୍ରୋତ ରେ ବାଲେଶ୍ୱର, ସମ୍ପାଦନା ଡକ୍ଟର ମନ୍ମଥ ପ୍ରଧାନ, ସମ୍ୟକ୍ ପ୍ରକାଶନ, କଟକ, 2013

2.Maritime Activities and Trade in Orissa , Orissa state Archive, BBSR, 1996

3.ଉତ୍କଳ ର ନୌ ବାଣିଜ୍ୟ ଓ ଦକ୍ଷିଣ ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ,ଭୁବନେଶ୍ୱର, ସଂସ୍କୃତି ବିଭାଗ

4.ଓଡ଼ିଶା ର ଶିଳ୍ପ ଓ ବାଣିଜ୍ୟ, ସୂର୍ଯ୍ୟ ନାରାୟଣ ଦାଶ

5.ଯୁଗେ ଯୁଗେ ଭାରତୀୟ ନୌ ବାଣିଜ୍ୟ, ନବୀନ କୁମାର ସାହୁ

(((-)))

ସହକାରୀ ପ୍ରାଧ୍ୟାପିକା,
ଦୂର ଓ ଅଭ୍ୟସି ଶିକ୍ଷା,
ଫକୀର ମୋହନ ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ରମ୍ୟ କ୍ଷେତ୍ର ବର



ଡ. ଅର୍ଜୁନ ଚରଣ ବାରିକ୍

ରମ୍ୟ କ୍ଷେତ୍ର ବର ସରସ ସୁନ୍ଦର
ନାସ୍ତି ଯମ ଅଧିକାର ।
ରମ୍ୟ ଯା ଭୋଜନ ଷାଠିଏ ପଉଟି
ତୁଳନା ନାହିଁ ଯାହାର ।।
ରମ୍ୟ ଧାତା ହରି ହର ତିନି ଦେବ
ଅବତୀର୍ଣ୍ଣ ଯେଉଁଠାର ।
ରମ୍ୟ ତା ପାବନ ବେଶ ଜଗଦୀଶ
ଦିବସେ ଚବିଶ ବାର ।।
ରମ୍ୟ ତା ଭକତ ଶ୍ରେଣୀ ଯହିଁ ଠୁଳ
ନାମ ତାର ଶ୍ରୀମନ୍ଦିର ।
ରମ୍ୟ ସେ କଳପ ବଟ କ୍ଷେତ୍ର ରାଟେ
ସମ୍ଭବ ଯୁଗ ଯୁଗର ।।
ରମ୍ୟ ତା ମୁକ୍ତି ମଣ୍ଡପ ହରେ ପାପ
ପଣ୍ଡିତଙ୍କ ସମାହାର ।
ରମ୍ୟ ସଂଲଗ୍ନ ତା ରୋହିଣୀର କୁଣ୍ଡ
ଭୂଷଣ୍ଡ କାକ ଅମର ।।
ରମ୍ୟ ଶଙ୍ଖ ଚକ୍ର ଗଦା ପାଣି ହରି
ବିଜେ ଗମ୍ଭିରା ଭିତର ।

ISSN NO.
2582-208X

ରମ୍ୟ ବେଢ଼ା ପରିସର ଯା ସୁନ୍ଦର
ବିରାଜନ୍ତି ସୁଧି ନର ।।
ରମ୍ୟ ଚଉବାହା ଭକତଙ୍କ ସାହା
ଭକତ ଯା ଆପଣାର ।
ରମ୍ୟ ସେହି କୋଟି କଇବଲ୍ୟ ନାଥ
ବିଶ୍ୱ ଯା କର ମୁଠାର ।।
ରମ୍ୟ ସେ କୌଣପ ବିନାଶନ କାରୀ
ପାର୍ଥ ଭଗ୍ନିପତି ଯାର ।
ରମ୍ୟ ଶାନ୍ତ ସୌମ୍ୟ ପୁରୁଷ ଉତ୍ତମ
ନାହିଁ ପଦ ନାହିଁ କର ।।
ରମ୍ୟ ତାର ଭବନ ପଦ ପତନେ
ହରଇ ଦୁରିତ ଭାର ।
ରମ୍ୟ ତୁଳସୀ ରସିଆ ମୋକ୍ଷ ଦିଆ
ହରେ ଶମନର ଡର ।।
ରମ୍ୟ ଶ୍ରୀରାଧା ରସିଆ ପୂତନାରି
କଳା ମୁଖ କଳାକାର ।
ରମ୍ୟ ବାରିଦ ବରନ ଶ୍ୟାମ ଘନ
ହରି ଭବ ଭୟ ହର ।।
ରମ୍ୟ ନୀଳାଚଳିଆ ବନ ମାଳିଆ
ଧାତାର ଗରବ ହର ।
ରମ୍ୟ କ୍ଷେତ୍ର ବାସୀ ପ୍ରଭୁ ହୃଷୀକେଶ
ନମାମି ରଙ୍ଗା ପୟର ।।

(((-)))

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଚଇତି ଖରା



କୁଞ୍ଜବିହାରୀ ସାହୁ

ଗଛରେ ଏବେ ଝୁଲୁଛି ଦେଖ
ଟାଣୁଆ ବେଲ ଫଳ,
ଉପର ସିନା ଟାଣୁଆ ଲାଗେ
ଭିତର ରସ ଭଲ ।

ଚିପୁଡ଼ି ରସ ପଣା କରିକି
ପିଇଯା ଖୁସି ହୋଇ,
ଚଇତି ଖରା ଝାଞ୍ଜି ଗରମ
ଯିବରେ ଆପେ ଶୋଇ ।

ବେଲପଣାଟି ସୁଆଦ ପରା
ଥଣ୍ଡା କରିବ ପେଟ,
ଯିଏ ଯୁଆଡ଼େ ରହିଯାଇଛ
ଆସି ହୁଅରେ ଭେଟ ।

ଗାଆଁ ହେଉ କି ସହର ହେଉ
ହୁଅଇ ଝାମୁ ଯାତ,
ପିଲାଠୁ ବୁଢା ସଭିଏଁ ମିଳି
ଯାଆନ୍ତି ଧରି ହାତ ।

ISSN NO.
2582-208X

ମା ମଙ୍ଗଳା ଦିଅଁଙ୍କୁ ପୂଜି
କରନ୍ତି ଆଶା ପୂରା,
ଝାମୁଯାତର କଥା ରହିଛି
କକାଳକାଳକୁ ପରା ।

ଆସ ସଭିଏଁ ଓଡ଼ିଆ ଭାଇ
ଭଉଣୀ ପାଳୁଥାଆ,
ଓଡ଼ିଆ ନୂଆବରଷ ଇଏ
ଖୁସିରେ ଖେଳୁଥାଆ ।

(((-)))

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ବଳର୍‌ାମ ଦାସ ଓ ତୁଳସୀ ଦାସଙ୍କ କୃତିର ସମାଲୋ୍‌ଚନା

ଲକ୍ଷ୍ମୀପ୍ରୀୟା ଖୂଲର୍‌

ବଳରାମ ଦାସ ଓ ତୁଳସୀ ଦାସ ଦୁଇ କବି ଦୁଇଟି ଭୌଗଳିକ ଅବସ୍ଥିତିର ଅର୍ଥାତ୍ ବଳରାମ ଦାସ ଓଡ଼ିଶାର ଓ ତୁଳସୀ ଦାସ ଉତ୍ତର ଭାରତର କବି ହୋଇଥିବାରୁ ବଳରାମ ଦାସଙ୍କ ଲେଖା ସବୁ ଓଡ଼ିଆ ଭାଷାରେ ରଚିତ ଏବଂ ତୁଳସୀ ଦାସଙ୍କ ଲେଖା ସବୁ ଅବଧି (ଲିଖିତ ଭାଷା ହିନ୍ଦୀ) ରେ ରଚିତ ।

## ବଳରାମ ଦାସଙ୍କ କୃତିର ସମାଲୋଚନା:

ବଳରାମ ଦାସ କେତେ ଗୁଡିଏ ଗୀତା ରଚନା କରିଛନ୍ତି । ଯେପରିକି ଅମର କୋଷ ଗୀତା, ଅର୍ଜୁନଗୀତା, ଉଦ୍ଧବଗୀତା, ଗରୁଡ ଗୀତା, ଗଜନିସ୍ତାରଣ ଗୀତା, ଗୀତା ସାର, ବ୍ରହ୍ମଗୀତା ବା ଗୁପ୍ତ ଗୀତା, ଛତିଶ ଗୁପ୍ତ ଗୀତା, ଦୀପ୍ତି ସାର ଗୀତା, ପ୍ରଳମ୍ବ ସାର ଗୀତା, ବେଦାନ୍ତ ସାର ଗୁପ୍ତଗୀତା, ବିରାଟ ଗୀତା, ମନୁ ଗୀତା, ନାମ ରତ୍ନ ଗୀତା, ଜ୍ଞାନ ଉଜ୍ଜ୍ୱଳମଣି ଗୀତା, ଶ୍ରୀମଦ୍ ଭଗବତଗୀତା ଅନୁବାଦ । ଏଥିରୁ କେତେ ଗୁଡ଼ିଏ ଗୀତା ସଂଗୃହୀତ କରିପାରିଛି ସେଗୁଡ଼ିକର ବର୍ଣ୍ଣନା ନିମ୍ନରେ ରହିଛି ।

ଅମରକୋଷ ଗୀତା : ଅମରକୋଷ ଗୀତା ବଳରାମ ଦାସଙ୍କ ରଚିତ ଅନ୍ୟାନ୍ୟ ଗୀତା ମାନଙ୍କ ମଧ୍ୟରୁ ଅନ୍ୟତମ । ଏଥିରେ ଦଶଟି ଅଧ୍ୟାୟ ରହିଛି ଏବଂ ଏହା ଗୂଜରୀ ଛନ୍ଦରେ ରଚିତ । ଏହା ଶିବ ପାର୍ବତୀଙ୍କ କଥୋପ କଥନରୁ ରଚିତ ହୋଇଛି । ଏଥିରେ ଓଁ କାରରୁ ସମଗ୍ର ସୃଷ୍ଟିର ବିକାଶ ବୋଲି ବର୍ଣ୍ଣନା ରହିଛି ।

ଶିବ ପାର୍ବତୀଙ୍କୁ କହିଛନ୍ତି ଓଁକାରରେ ଯେଉଁ ଅଧମାତ୍ରା ସ୍ଥାପିତ ହୋଇଛି ସେ ହେଉଛି ଜୀବ ଦାତା, ସେଥିରୁ ହିଁ ସୃଷ୍ଟିର ଉତ୍ପତି ଏବଂ ଆକାଶ ମଧ୍ୟ ସେଥିରୁ ସୃଷ୍ଟି । ଏଥିରେ ବ୍ରହ୍ମବିଦ୍ୟା, ପିଣ୍ଡ ବ୍ରହ୍ମାଣ୍ଡ ତତ୍ୱ, ପଞ୍ଚଭୂତ (ଅଗ୍ନି, ବାୟୁ, ଜଳ, ବ୍ୟୋମ, ପୃଥିବୀ) ଆଦି

ISSN NO.
2582-208X

ଜନ୍ମ, ଷଡ଼ଚକ୍ର (ମୂଳଧାର, ସ୍ୱାଦିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧ, ଆଜ୍ଞା) ଭେଦ, ଜୀବ ପରମ କଥା, ଭକ୍ତିଭେଦ ଜୀବନର ତତ୍ୱ ଜ୍ଞାନ କଥା, ଅର୍ଜୁନଙ୍କ ପୂର୍ବଜନ୍ମ ବୃତ୍ତାନ୍ତ କଳିଯୁଗରେ ପଞ୍ଚ ପାଣ୍ଡବଙ୍କ ଅବସ୍ଥା ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଛି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ବଳରାମ ଦାସଙ୍କ ନାମରେ ଭଣିତା ହୋଇଛି ।

ଗୁପ୍ତ ଗୀତା ବା ବ୍ରହ୍ମଗୀତା: ଏହା ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପ କଥନରୁ ରଚିତ । ଏଥିରେ ଆଠଟି ଅଧ୍ୟାୟ ରହିଛି ଏବଂ ଏହା ଗୁଜରୀ ଛନ୍ଦରେ ରଚିତ । ଏଥିରେ କାୟାତତ୍ୱ, କାୟାସାଧନ ପ୍ରଣାଳୀ, ସୃଷ୍ଟି ପ୍ରସଙ୍ଗ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ୱ, ଜ୍ୟୋତି ଓ ଶବ୍ଦତତ୍ୱ ଷଡ଼ଚକ୍ର ତତ୍ୱ ଆଦିର ବର୍ଣ୍ଣନା ରହିଛି । ସେ 'ଅ'ଠାରୁ 'କ୍ଷ' ପର୍ଯ୍ୟନ୍ତ ସମସ୍ତ ଅକ୍ଷର ମଧ୍ୟରୁ କେତେ ଅକ୍ଷର କେଉଁଠାରେ ବସୁଛି ଏବଂ କେତେ ପବନ ଏ ଶରୀରରେ ବହୁଛି ତାହା ବର୍ଣ୍ଣନା କରିଛନ୍ତି ।

'କ' ଠାରୁ 'ଠ' ଏହି ବାରଟି ଅକ୍ଷର ହୃଦୟ କମଳରେ ଅଛନ୍ତି ଏବଂ ହୃଦୟ କମଳରେ ବିଷ୍ଣୁ ହିଁ ବାସ କରନ୍ତି ବୋଲି କହିଛନ୍ତି । ଏହା ବ୍ୟତିତ ସେ ଚାରି ବେଦକୁ ଶରୀରର ଚାରୋଟି ଅଙ୍ଗ ଯଥା-ସାମବେଦକୁ ନାସା, ଯର୍ଦୁବେଦକୁ  ଆଖି, ଋକବେଦକୁ ମୁଖ ଏବଂ ଅଥର୍ବବେଦକୁ କାନ ବୋଲି କହିଛନ୍ତି ଏବଂ ପ୍ରତ୍ୟେକ ଅଧ୍ୟାୟର ଶେଷରେ ବଳରାମ ଦାସ ତାଙ୍କ ନାମରେ ଭଣିତା କରିଛନ୍ତି ।

ବିରାଟ ଗୀତା: ବିରାଟ ଗୀତା ଦ୍ୱାଦଶ ଅଧ୍ୟାୟ ବିଶିଷ୍ଟ ଏକ ତତ୍ୱମୂଳକ ଗ୍ରନ୍ଥ । ଏହା ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପ କଥନରୁ ରଚିତ ଏବଂ ଏହା ଗୁଜରୀ ଛନ୍ଦରେ ରଚିତ । ଏହି ଗ୍ରନ୍ଥଟିର ପ୍ରଥମ ଅଧ୍ୟାୟରେ ଅର୍ଜୁନ କୃଷ୍ଣଙ୍କୁ,  ଗୋବିନ୍ଦ କୃଷ୍ଣ ରାମ, ପରବ୍ରହ୍ମ, ପୁରୁଷୋତ୍ତମ, ଦୟାନିଧି, ନାରାୟଣ, ଜଗନ୍ନାଥ ଇତ୍ୟାଦି ନାମ କିପରି ଧାରଣ କରିଛନ୍ତି ସେ ବିଷୟରେ ପ୍ରଶ୍ନ କରିଛନ୍ତି । ପ୍ରଳୟ ପରେ କିପରି ସୃଷ୍ଟି ହେଲା ମହାଶୂନ୍ୟରୁ ପ୍ରଥମେ କିପରି ଉର୍ମ, ଧୂର୍ମ, ଜ୍ୟୋତି ଜ୍ୱଳା ଏହି ଚାରି ଜ୍ୟୋତିର କ୍ଷରଣ ହେଲା । ସେଥିରୁ ପ୍ରକୃତ ପୁରୁଷ ତ୍ରିବୀଜ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଜଗତ ସୃଷ୍ଟି ହେଲା ଜୀବ ଜଗତ କିପରି କ୍ରମଶଃ ସୃଷ୍ଟି ହେଲା ତାହା ଏଥିରେ ଆଲୋଚନା ହୋଇଛି । ଦ୍ୱିତୀୟ ଅଧ୍ୟାୟରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ୱ ଆଲୋଚିତ ହୋଇଅଛି । ମାତା ରଜରେ ପିତାର ବୀର୍ଯ୍ୟ ମିଶି କିପରି ପିଣ୍ଡ ବା ଶରୀର ସୃଷ୍ଟି ହୁଏ ଓ ସେଥିରୁ ବିଭିନ୍ନ ନାଡ଼ୀ, ମେଦ, ମଜ୍ଜା ପ୍ରଭୃତି କିପରି ହୁଏ ତାହା ଏଥିରେ ଆଲୋଚନା ହୋଇଛି । ତୃତୀୟ ଅଧ୍ୟାୟରେ ସ୍ତ୍ରୀ ପୁରୁଷଙ୍କ ମୈଥୁନ ସମ୍ପର୍କୀୟ

ISSN NO.
2582-208X

ବିଭିନ୍ନ ତାତ୍ୱିକ ନିୟମର ଅବତାରଣା କରାଯାଇଅଛି । ଏହାଛଡ଼ା ସାତ ବାରରେ କେଉଁ କେଉଁ ଦିନ ସ୍ନାନ ନିଷିଦ୍ଧ ତାହା ବର୍ଣ୍ଣିତ ହୋଇଅଛି । ଏଥିରେ ନିଃଶ୍ୱାସ ସାଧନା ବିଷୟରେ ମଧ୍ୟ ବର୍ଣ୍ଣନା ରହିଛି ।

ଚତୁର୍ଥ ଅଧ୍ୟାୟରେ ପୁର୍ନବାର ପିଣ୍ଡ ବ୍ରହ୍ମାଣ୍ଡ ଏକମତ ବୋଲି କହିଛନ୍ତି । ପଞ୍ଚମ ଅଧ୍ୟାୟରେ ଅକ୍ଷର ଭେଦ ବିଷୟରେ ବର୍ଣ୍ଣନା କରାଯାଇଛି । ଏଥିରେ ମହାଶୂନ୍ୟରୁ ଶୂନ୍ୟ, ଶୂନ୍ୟରୁ ଅର୍ଦ୍ଧଶୂନ୍ୟ ଓ ଅର୍ଦ୍ଧ ମାତ୍ରାରୁ ଓଁକାର ସୃଷ୍ଟି ବିଷୟରେ ବର୍ଣ୍ଣନା ରହିଛି । ଷଷ୍ଠ ଅଧ୍ୟାୟରେ - ପଞ୍ଚତତ୍ୱ ଓ ସପ୍ତମ ଅଧ୍ୟାୟରେ ସପ୍ତ ବ୍ରହ୍ମାଣ୍ଡ, ଅଷ୍ଟମ ଅଧ୍ୟାୟରେ ବିଭିନ୍ନ ଦିନରେ ଚନ୍ଦ୍ର କିପରି ଶରୀରର ବିଭିନ୍ନ ସ୍ଥାନରେ ଅବସ୍ଥାନ କରେ ତାହା ଆଲୋଚନା କରାଯାଇଅଛି । ନବମ ଅଧ୍ୟାୟରେ ଶୂନ୍ୟତତ୍ୱର ବିଚାର କରାଯାଇଅଛି, ଦଶମ ଅଧ୍ୟାୟରେ ଜୀବ ସୃଷ୍ଟି ପ୍ରକ୍ରିୟା, ଏକାଦଶ ଅଧ୍ୟାୟରେ ବ୍ରହ୍ମଜ୍ଞାନ, ଦ୍ୱାଦଶ ଅଧ୍ୟାୟରେ ଜ୍ଞାନ ଓ ଭକ୍ତି ତତ୍ୱ ଆଲୋଚନା କରାଯାଇ ଏହାକୁ ମୁକ୍ତିଲାଭର ଏକମାତ୍ର ଉପାୟ ବୋଲି କୁହାଯାଇଛି । ପ୍ରତ୍ୟେକ ଛନ୍ଦର ଶେଷରେ ବଳରାମ ଦାସ ଭଣିତା କରିଛନ୍ତି ।

ଜ୍ଞାନ ଉଜ୍ୱଳ ମଣି ଗୀତା: ବଳରାମ ଦାସଙ୍କର ଏହି ଗ୍ରନ୍ଥଟି ଏ ପର୍ଯ୍ୟନ୍ତ ଅପ୍ରକାଶିତ ରହିଅଛି । ଏହି ଗ୍ରନ୍ଥରେ ସହଜା ନନ୍ଦ ତତ୍ୱର ବ୍ୟାଖ୍ୟା କରାଯାଇଛି । ଏଥିରେ ସେ ଶରୀରର ବିଶେଷତ୍ୱ ଓ ସହଜା ନନ୍ଦ ତତ୍ୱ, କ'ଣ ତାହା ବୁଝାଇଛନ୍ତି, କ୍ଲୀଂ, ଶ୍ଲୀଂ ଓ ହ୍ଲୀଂ ଏହି ତ୍ରିବୀଜ ଯଥାକ୍ରମେ ଶୂନ୍ୟ, ମହାଶୂନ୍ୟ ଓ ଠୂଳଶୂନ୍ୟ ଭାବରେ ପରିଚିତ । ମହାଶୂନ୍ୟ (କ୍ଲୀଂ) ରେ ପରବ୍ରହ୍ମ ଠୂଳଶୂନ୍ୟ (ଶ୍ରୀଂ) ରେ ଯୋଗମାୟା ଓ ଶୂନ୍ୟ (ହ୍ଲୀଂ) ରେ ପ୍ରେମରୂପା ଅଧିଷ୍ଠାନ, ଏ ତିନି ହେଁ ଏକ, ଏମାନେ ମଧ୍ୟ ନିତ୍ୟ, ମହାନିତ୍ୟ ଓ ପରମନିତ୍ୟ ରୂପେ ପରିଗଣିତ । ରାମ ଶବ୍ଦର ତାତ୍ପର୍ଯ୍ୟ ବୁଝାଇ କବି କହନ୍ତି ଯେ, ରା ଅର୍ଥ ରାଧିକା, ମ ଅର୍ଥ କୃଷ୍ଣ ଓ ରାମ ଶବ୍ଦରେ ରାଧାକୃଷ୍ଣ ଉଭୟଙ୍କର ସ୍ୱରୂପ ରହିଛି ।

ଏଥିରେ ହଟ ଯୋଗ ବା ହଠ ଯୋଗର ବର୍ଣ୍ଣନା ରହିଛି, ସାତବାରରେ ଚନ୍ଦ୍ର ସୂର୍ଯ୍ୟ ନାଡ଼ିରେ ବାୟୁ ପ୍ରବାହ କଥା ବିସ୍ତୃତ ଭାବରେ ବର୍ଣ୍ଣିତ ବାୟୁ ଫେରାଇବାକୁ ଆଶାବାଡ଼ି ବା ନୂଆ ହାଣ୍ଡିର ଉପାଦେୟତା ବୁଝାଇଛନ୍ତି, କୁମ୍ଭକରେ ଜପ କରିବାକୁ ହେବ ଓ ଖେଚରୀରେ ବନ୍ଧ ବାନ୍ଧିବାକୁ ହେବ । ଇଡ଼ା, ପିଅଁଳା ଓ ସୁଷୁମ୍ନା ନାଡ଼ିର ମିଳନ ସ୍ଥଳ ତ୍ରିକୂଟ ଭାବରେ ପରିଚିତ ବୋଲି କହିଛନ୍ତି । ଏଥିରେ ଦଶବାୟୁ ଓ ମନ୍ତ୍ରରାଜ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଛନ୍ତି ।

ISSN NO.
2582-208X

ଭଗବତ ଗୀତା (ଅନୁବାଦ): ସଂସ୍କୃତରେ ରଚିତ ଶ୍ରୀମଦ୍ ଭଗବତ ଗୀତାର ଏହା ହେଉଛି ଓଡ଼ିଆ ଅନୁବାଦ । ଏହି ସଂସ୍କୃତ ଗୀତାକୁ ଓଡ଼ିଶାର ଜନସାଧାରଣ ବୁଝିବାରେ ଅସୁବିଧା ହୋଇଥିବାରୁ ସେ ଏହାର ତତ୍ୱକୁ ସରଳ ଭାବରେ ଓଡ଼ିଆରେ ଅନୁବାଦ କରିଛନ୍ତି । ଗ୍ରନ୍ଥର ଶେଷରେ କବି 'ଗୀତାବକାଶ' ନାମକ ଏକ ଅଧ୍ୟାୟ ଯୋଗ କରିଛନ୍ତି । ସେ ନିଜ ଜୀବନରେ ଘଟିଥିବା ଏକ କାହାଣୀ ବର୍ଣ୍ଣନା କରିଛନ୍ତି । ମୁକ୍ତି ମଣ୍ଡପରେ ଗଜପତି ପ୍ରତାପରୁଦ୍ର ଦେବ ବ୍ରାହ୍ମଣ ମାନଙ୍କ ଗହଣରେ ବ୍ରହ୍ମବିଦ୍ୟା ଶୁଣୁଥିବା ବେଳେ ନୃସିଂହ ନାମକ ଜଣେ ବ୍ରହ୍ମବେତ୍ତା ପଣ୍ଡିତ ଗୀତାକୁ ମୂଳରୁ ଶେଷ ପର୍ଯ୍ୟନ୍ତ ପଢ଼ି ଓଡ଼ିଆରେ ବୁଝାଉଥିଲେ । ଶୁଦ୍ରମାନେ ବ୍ରହ୍ମବିଦ୍ୟା ଶୁଣିବା ଶାସ୍ତ୍ର ସମ୍ମତ ହୋଇ ନଥିବାରୁ ବଳରାମ ବ୍ରାହ୍ମଣ ବେଶରେ ଶାସ୍ତ୍ର ଶୁଣି ଥିଲେ ଏବଂ ଧରା ପଡ଼ି ଯାଇଥିଲେ । ରାଜା ଏହା ସବୁ ଜାଣିବା ପରେ ବଳରାମ ଦାସଙ୍କ ଉପରେ ବିରକ୍ତ ହୋଇଥିଲେ । ବଳରାମ ଦାସ ଦୃଢ଼ କଣ୍ଠରେ ପ୍ରତିବାଦ କରି କହିଲେ ଯେ ବ୍ରହ୍ମବିଦ୍ୟା ଶ୍ରବଣ କେବଳ ବ୍ରାହ୍ମଣ ମାନଙ୍କର ଏକଚାଟିଆ ନୁହେଁ । ଆଚାଣ୍ଡାଳ ବ୍ରାହ୍ମଣ ଏହା ଚର୍ଚ୍ଚା କରିବା ନିମନ୍ତେ ହକଦାର୍ । ରାଜା ଜଦି ଇଚ୍ଛା କରନ୍ତି ବାଉରୀ ମୁହଁରେ ମଧ୍ୟ ସେ ବ୍ରହ୍ମଜ୍ଞାନ ଶୁଣାଇ ପାରିବେ । ପରଦିନ ବଳରାମ ଦାସଙ୍କ ପରୀକ୍ଷା ପାଇଁ ସ୍ଥିର ହୋଇଛି, କିନ୍ତୁ ବାଉରୀ ମନ୍ଦିର ମଧ୍ୟକୁ ଆସିବା ମନା ଥିବାରୁ ରାଜା ଦାସଙ୍କୁ ନିଜ ମୁଖରେ ବ୍ରହ୍ମଜ୍ଞାନ ଶୁଣାଇବାକୁ ଅନୁରୋଧ କରିଛନ୍ତି । ବଳରାମ ଦାସ ସ୍ୱରଚିତ ଗୀତାକୁ ପାଠକରି ପଣ୍ଡିତ ମାନଙ୍କୁ ବିସ୍ମିତ କରିଛନ୍ତି ।

ଉଦ୍ଧବଗୀତା : ଉଦ୍ଧବଗୀତା ହେଉଛି ଶ୍ରୀମଦ୍ ଭାଗବତ୍ ଗୀତା ପରେ ବଳରାମ ଦାସଙ୍କର ଦ୍ୱିତୀୟ ଅନୁବାଦ ଗ୍ରନ୍ଥ । ମୂଳ ଭାଗବତର ଦଶମସ୍କନ୍ଧର ଏହା ଛୟାଳିଶ ଓ ଶତ ଚାଳିଶ ଅଧ୍ୟାୟ । ଏଥିରେ ଜ୍ଞାନ ଓ ପ୍ରେମ ଭକ୍ତିର ଏକ ତୁଳନାତ୍ମକ ଚିତ୍ର ପ୍ରଦତ୍ତ ହୋଇଛି । ସେଥିପାଇଁ କେହି କେହି ଏହାକୁ 'ଉପନିଷଦ ସାର ସଂଗ୍ରହ' କହିଥାନ୍ତି । ବୈଷ୍ଣବ ଧର୍ମର ଲୋକପ୍ରିୟତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଭାରତର ପ୍ରତି ଅଞ୍ଚଳରେ ପୂର୍ବରୁ ଲୋକପ୍ରିୟ ଥିବା ଜ୍ଞାନମାର୍ଗ ଓ ନୂତନ ଭାବେ ପ୍ରବର୍ତ୍ତିତ ହେଉଥିବା ପ୍ରେମମାର୍ଗ ମଧ୍ୟରେ ସଂଘର୍ଷ ଉପସ୍ଥିତ ହେଲା ସେଥିପାଇଁ ବୈଷ୍ଣବ କବିମାନେ ଭାଗବତର 'ଭ୍ରମର ଗୀତା' ପ୍ରସଙ୍ଗକୁ ଉପାଦେୟ ଭାବି ଏହା ଉପରେ ବହୁ ଗ୍ରନ୍ଥ ରଚନା କଲେ ।

ସମ୍ପୂର୍ଣ୍ଣ 'ଉଦ୍ଧବଗୀତା' ଏ ପର୍ଯ୍ୟନ୍ତ ପ୍ରକାଶ ଲାଭ କରି ନ ଥିଲେ ହେଁ ଓଡ଼ିଆ ସାହିତ୍ୟକଙ୍କ ନିକଟରେ ଏହା ଆଦୌ ଅପରିଚିତ ନ ଥିଲା । ପ୍ରାଚୀନ ଯୁଗରେ ବୃନ୍ଦାବନ ଦାସଙ୍କ 'ରସ

ISSN NO.
2582-208X

ବାରିଧି' ର ସପ୍ତଦଶ ଛାନ୍ଦ ଓ ବିଶ୍ୱନାଥ ଖୁଣ୍ଟିଆଙ୍କ, ବିଚିତ୍ର ରାମାୟଣର ଏକତ୍ରିଂଶ ଛାନ୍ଦକୁ 'ଉଦ୍ଧବ ଗୀତା' ର ଦ୍ୱିତୀୟ ଅଧ୍ୟାୟ ବାଣୀରେ ଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଧୁନିକ ଯୁଗରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରଚିତ 'ବଳରାମ ଦାସ' ଶୀର୍ଷକ କବିତାର ପାଦଟୀକାରେ 'ଉଦ୍ଧବ ଗୀତା'ର ଉଲ୍ଲେଖ ଅଛି । ଶ୍ରୀମଦ୍ ଭଗବତ୍ ଗୀତା ପରି ଜଗମୋହନ ରାମାୟଣ ସହ ଏହାର କେତେକ ସାଦୃଶ୍ୟ ପରିଲକ୍ଷିତ ହୁଏ । ଜଗମୋହନ ରାମାୟଣରେ କବି ନିଜକୁ 'ଜଗନ୍ନାଥଙ୍କ ବେଟା' ରୂପେ ପରିଚିତ କରାଇଥିବା ପରି ଉଦ୍ଧବ ଗୀତାରେ ମଧ୍ୟ କହିଛନ୍ତି ।

ଜଗନ୍ନାଥଙ୍କ ବେଟା କହି ଗର୍ବ ଅନୁଭବ କରିବା କବି ବଳରାମଙ୍କର ଏକ ନିଜସ୍ୱ ଶୈଳୀ ଥିଲା । କେବଳ ଜଗନ୍ନାଥଙ୍କର ବେଟା ଭାବରେ ନୁହେଁ ପ୍ରତି କଥାରେ ବିଶେଷ କରି ଗ୍ରନ୍ଥ ରଚନା କାଳରେ ଶଙ୍କଟ ପଡ଼ିଲେ କବି ଜଗନ୍ନାଥଙ୍କର ସ୍ମରଣ କରୁଥିଲେ ଓ ତାଙ୍କଠାରୁ ଭରସା ପାଇ ଗ୍ରନ୍ଥ ରଚନା କରୁଥିଲେ । ଜଗମୋହନ ରାମାୟଣରେ କବି ବାରମ୍ବାର ଏପରି ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି । ଶ୍ରୀମଦ୍ ଭଗବତ୍ ଗୀତା ଓ ଉଦ୍ଧବ ଗୀତାରେ ମଧ୍ୟ ଅନୁରୂପ ପରିବେଶ ସୃଷ୍ଟି ହୋଇଛି । ପ୍ରତ୍ୟେକ ସ୍ଥଳରେ କବି ଓ ଭଗବାନଙ୍କର କଥାବାର୍ତ୍ତା ମଧ୍ୟରେ ଆତ୍ମୀୟତା ପ୍ରକାଶ ପାଇଥିଲେ ହେଁ ଉଦ୍ଧବ ଗୀତାର ନାଟକୀୟତା ଅତ୍ୟନ୍ତ ହୃଦୟ ସ୍ପର୍ଶୀ । ଉଦ୍ଧବ ଗୀତା ମୂଳ ଭାଗବତରୁ ଅନୁଦିତ ହୋଇଥିଲେ ହେଁ ଏଥିରେ ବ୍ୟବହୃତ ଖାଣ୍ଟି ଓଡ଼ିଆ ଶବ୍ଦରାଜି ଏହାକୁ ମୌଳିକ ଗ୍ରନ୍ଥର ଗୌରବ ପ୍ରଦାନ କରେ ।

ବେଦାନ୍ତସାର ଗୁପ୍ତଗୀତା: ବଳରାମ ଦାସଙ୍କର ଯେତେ ଗୁଡ଼ିଏ ବ୍ରହ୍ମଜ୍ଞାନ ମୂଳକ ଗ୍ରନ୍ଥ ଅଛି ତନ୍ମଧ୍ୟରେ ବେଦାନ୍ତସାର ଗୁପ୍ତଗୀତା ପ୍ରଥମ । ଏହି ଗ୍ରନ୍ଥଟି ବଳରାମ ଦାସଙ୍କ ବେଦାନ୍ତ ଜ୍ଞାନର ପରିଚୟ ଦିଏ । ବେଦାନ୍ତ ସମର୍ଥିତ ଜ୍ଞାନ ମିଶ୍ରା ଭକ୍ତି ଯୋଗ ଏ ଗ୍ରନ୍ଥରେ ପ୍ରତିପାଦ୍ୟ ବିଷୟ । ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଯେ ଭଗବାନ ଏହି ଶରୀର ମଧ୍ୟରେ ବିଦ୍ୟମାନ ଏବଂ ମନୁଷ୍ୟ ନିଜ ଆତ୍ମାକୁ ଚିହ୍ନିପାରିଲେ ଭଗବାନଙ୍କୁ ଲାଭ କରିପାରିବ ।

ଥରେ ମୁକ୍ତି ମଣ୍ଡପରେ ବ୍ରାହ୍ମଣ ମାନେ ବେଦ ବିଷୟରେ ଆଲୋଚନାରତ ଥିଲାବେଳେ ବ୍ରାହ୍ମଣ ବେଶୀ ବଳରାମ ଦାସ ସେମାନଙ୍କ ତର୍କରେ ଯୋଗ ଦିଅନ୍ତେ ବ୍ରାହ୍ମଣ ମାନେ ବଳରାମ ଦାସଙ୍କର ଅନଧିକାର ଚର୍ଚ୍ଚା ପାଇଁ ପ୍ରତାପ ରୁଦ୍ରଙ୍କ ନିକଟରେ ଅଭିଯୋଗ କଲେ, ରାଜା ମଧ୍ୟ ବଳରାମ ଦାସଙ୍କୁ ଭର୍ତ୍ସନା କଲେ । ରାଜାଙ୍କର କଟୁବାକ୍ୟ ବଳରାମ ପକ୍ଷରେ

ISSN NO.
2582-208X

ଅସହ୍ୟ ହେଲା । ତେଣୁ ସେ ପ୍ରତିଜ୍ଞା କରି କହିଲେ:

"ଯା ଶିରେ କର ମୋ ଲାଗିବ । ତା ମୁଖୁଁ ବେଦାନ୍ତ ଜନ୍ମିବ ।"

ବଳରାମ ଦାସଙ୍କ ଏ ପ୍ରକାର ଦମ୍ଭୋକ୍ତିର ପରୀକ୍ଷା କରାଯିବା ପର୍ଯ୍ୟନ୍ତ ତାଙ୍କୁ କୋଇଲି ବୈକୁଣ୍ଠରେ ବନ୍ଦୀ କରି ରଖାଗଲା । ବଳରାମ ଦାସ ଅନନ୍ୟୋପାୟ ହୋଇ ଏଭଳି ସଙ୍କଟରୁ ଉଦ୍ଧାର ପାଇବା ପାଇଁ ଜଗନ୍ନାଥଙ୍କୁ ଆକୁଳ ପ୍ରାର୍ଥନା କଲେ । ଭକ୍ତ ବାନ୍ଧବ ଜଗନ୍ନାଥ ବଳରାମ ଦାସଙ୍କୁ ସ୍ୱପ୍ନରେ ଆଶ୍ୱାସନା ଦେଇଥିଲେ ।

ପରଦିନ ପ୍ରଭାତରେ ରାଜାଙ୍କ ଉପସ୍ଥିତିରେ ବଳରାମ ଦାସଙ୍କ ପରୀକ୍ଷା ଚାଲିଛି । ହରିଦାସ ନାମକ ଏକ ନିପଟ ମୂର୍ଖ ଜଡ଼ାକୁ ବଳରାମ ଦାସଙ୍କ ନିକଟକୁ ଅଣା ଯାଇଛି ଏବଂ ବଳରାମ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ତା ମୁଣ୍ଡରେ ହାତ ରଖିବା ମାତ୍ରେ ସେ ବେଦାନ୍ତ ଅନର୍ଗଳ ଗାଇ ଚାଲିଛି । ଭଗବାନ ଭକ୍ତର ମାନ ରଖିଛନ୍ତି । ବ୍ରାହ୍ମଣ ମାନଙ୍କର ଗର୍ବ ଚୂର୍ଣ୍ଣ ହେଲା । ରାଜା ମଧ୍ୟ ନିଜ କୃତ ଅପରାଧ ପାଇଁ ବଳରାମ ଦାସଙ୍କଠାରେ କ୍ଷମା ଭିକ୍ଷା କଲେ। ଏହି ଆଲୋଚନା ଗୁଡ଼ିକ ବେଦାନ୍ତ ସାର ଗୁପ୍ତ ଗୀତାରେ ଲିପିବଦ୍ଧ ହୋଇଅଛି । ଉକ୍ତ ଗ୍ରନ୍ଥରେ ଆତ୍ମଜ୍ଞାନ ତତ୍ୱ, ଜୀବପରମତତ୍ୱ, ବିରାଟ ପୁରୁଷ ତତ୍ୱ, ନିତ୍ୟ ଗୋଲକ ତତ୍ୱ, ରାଧାକୃଷ୍ଣ ତତ୍ୱ, ମନ୍ତ୍ରରାଜ ତତ୍ୱ, ଶ୍ରୀକ୍ଷେତ୍ର ତତ୍ୱ ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ୱ ଇତ୍ୟାଦି ବିଶେଷ ଭାବରେ ଆଲୋଚନା କରାଯାଇଛି ।

ଦୀପ୍ତିସାର ଗୀତା: ଏହା ଏକ ଅପ୍ରକାଶିତ ଗ୍ରନ୍ଥ । ଏହା ବେଦାନ୍ତସାର ଗୁପ୍ତଗୀତା ପରେ ଲିଖିତ ହୋଇଥିଲା ବୋଲି ଅନୁମାନ କରାଯାଏ । ଦୀପ୍ତିସାର ଗୀତାରେ ବଳରାମ ଦାସ ବେଦାନ୍ତ ସାର ଗୁପ୍ତ ଗୀତା ଭଳି ବେଦାନ୍ତ ତତ୍ତ୍ୱର ପରୀକ୍ଷା ଦେଇ ନାହାଁନ୍ତି । କିନ୍ତୁ ବେଦତତ୍ୱ କ'ଣ ତାହା ବ୍ୟାଖ୍ୟାନ କରିଛନ୍ତି । ରାଜା ଓ ବଳରାମଙ୍କର ଯଥେଷ୍ଟ ମିତ୍ରତା ଥିବାର ଦୀପ୍ତିସାର ଗୀତାର ବର୍ଣ୍ଣନାରୁ ଅନୁମିତ ହୁଏ ।

ପ୍ରତାପରୁଦ୍ର ବ୍ରାହ୍ମଣ ମାନଙ୍କୁ ବେଦ ତତ୍ୱ ବ୍ୟାଖ୍ୟାନ କରିବା ନିମିତ୍ତ ପଚାରି ଅଛନ୍ତି ତନ୍ମଧ୍ୟରୁ ପଣ୍ଡିତ ପୀତାମ୍ବର ପୁରୋହିତ ଓ ଅନ୍ୟାନ୍ୟ ବହୁ ପଣ୍ଡିତ ବିଭିନ୍ନ ବିଷୟ ଆଲୋଚନା କଲେ ମଧ୍ୟ ରାଜାଙ୍କର ତହିଁରେ ଆଦୌ ହୃଦ୍‌ବୋଧ ହୋଇନାହିଁ । ରାଜଗୁରୁ ପରିଶେଷରେ କହିଛନ୍ତି ଯେ ବେଦତତ୍ୱ କେବଳ ହିଁ ବଳରାମ ଦାସ ବ୍ୟାଖ୍ୟାନ କରିପାରିବେ ।

ISSN NO.
2582-208X

ଏହାପରେ ବଳରାମ ଆନନ୍ଦରେ ବେଦତତ୍ତ୍ୱ ବ୍ୟାଖ୍ୟାନ କରିଅଛନ୍ତି ଓ ବିଭିନ୍ନ ଧର୍ମ ତତ୍ତ୍ୱ ଆଲୋଚନା ମଧ୍ୟ ପ୍ରଦାନ କରିଅଛନ୍ତି । ସେ କୌଳ ଧର୍ମ ସମ୍ପର୍କରେ କହୁଛନ୍ତି ଯେ ତାହା ଶାକ୍ତ ଓ ଶୈବ ଧର୍ମର ଅନ୍ତର୍ଭୁକ୍ତ ଓ ସେ ସାଧନା ବହୁ କଷ୍ଟ ସାପେକ୍ଷ ।

ବଳରାମ ଦାସ ଏ ସମସ୍ତ କଥା ଗଜପତି ପ୍ରତାପ ରୁଦ୍ରଙ୍କୁ ବୁଝାଉଥିବା ବେଳେ ତତ୍‌କ୍ଷଣାତ୍ ରାଜଗୁରୁ ବଳରାମଙ୍କ ଭକ୍ତିର ପ୍ରତିବାଦ କରି ବୈଷ୍ଣବ ଧର୍ମ ତତ୍ୱ କଥା ବୁଝାଇବା ନିମିତ୍ତ କହିଅଛନ୍ତି । ବଳରାମଙ୍କୁ ରାଜଗୁରୁ କହିଅଛନ୍ତି ଯେ, ସେ ଯାହା ବର୍ଣ୍ଣନା କଲେ ତାହା ଶାକ୍ତ ଧର୍ମର ଅନ୍ତର୍ଭୁକ୍ତ ଓ ପ୍ରକୃତ ଦେବତତ୍ୱ ବ୍ୟାଖ୍ୟା ରାଜାଙ୍କୁ ବୁଝାଇବା ନିମିତ୍ତ ଦାସଙ୍କୁ କହି ପକ୍ଷାନ୍ତରରେ ତାଙ୍କ ଚରିତ୍ର ପ୍ରତି ଆକ୍ରୋଶ କରିଅଛନ୍ତି । ରାଜଗୁରୁଙ୍କ ଆକ୍ଷେପ ମୂଳକ ଉକ୍ତିରେ ସ୍ଥିରଚିତ୍ତ ବଳରାମ ବୈଷ୍ଣବ ଧର୍ମତତ୍ୱ ରାଜାଙ୍କର ସମ୍ମୁଖରେ ବ୍ୟାଖ୍ୟାନ କରି ଚାଲିଛନ୍ତି । ଏ ଧର୍ମତତ୍ୱ, ଏ ବେଦତତ୍ୱ ଅନ୍ୟ କିଛି ନୁହେଁ ତାହା ପଞ୍ଚସଖା ବା ଓଡ଼ିଶୀ ବୈଷ୍ଣବ ଧର୍ମ ତତ୍ୱ । ସେହି ଅଷ୍ଟାଙ୍ଗ ଯୋଗ ପ୍ରଭୃତିର ବର୍ଣ୍ଣନା ଓ ଶୂନ୍ୟବାଦର ବିସ୍ତୃତ ଆଲୋଚନା ହୋଇଛି । ବଳରାମ ଭକ୍ତି ତତ୍ୱ କ'ଣ ତାହା ବର୍ଣ୍ଣନା କରିଛନ୍ତି ଓ ତାହାଦ୍ୱାରା ବ୍ରହ୍ମଦର୍ଶନ ଅନାୟାସରେ ଘଟିପାରିବ ବୋଲି କହିବାରେ ରାଜା ଓ ଅନ୍ୟାନ୍ୟ ପଣ୍ଡିତମାନେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି । ଉପସ୍ଥିତ ପଣ୍ଡିତଗଣ ବଳରାମଙ୍କୁ ଗୁରୁ ବୋଲି ସମ୍ବୋଧନ କରି ଜୟଗାନ କରିଅଛନ୍ତି ଓ ତହିଁରେ ପଞ୍ଚମ ବେଦ କ'ଣ ତାହା ବିଭିନ୍ନ ପଣ୍ଡିତଗଣ ବଳରାମଙ୍କୁ ବୁଝାଇବା ନିମିତ୍ତ ଅନୁରୋଧ କରିଅଛନ୍ତି । ଶିଶୁବେଦ ପଞ୍ଚମ ବେଦ ଓ ତାହାର ଆୟତରେ ଜୀବ ବ୍ରହ୍ମ ଦର୍ଶନ କରିବାକୁ ସମର୍ଥ ହୁଏ ବୋଲି ସେ କହିଅଛନ୍ତି । ବଳରାମ ଶେଷରେ ଗଜପତିଙ୍କୁ ବେଦର ସାରତତ୍ୱ କହିଅଛନ୍ତି ।

ମନୁଗୀତା: ଏହା ଏକ ଅପ୍ରକାଶିତ ଗ୍ରନ୍ଥ କୃଷ୍ଣ ଅର୍ଜୁନ କଥୋପ କଥନ ଛଳରେ ଏହା ଆଲୋଚିତ ହୋଇଅଛି । ଜୀବଶୂନ୍ୟ ଅନ୍ତରୀକ୍ଷ ଚକ୍ରରେ ବୁଲୁଥିଲା । ନିରାକାର ରୂପରେ ଏବଂ ମାତୃ ଗର୍ଭରେ ତାହା ପ୍ରବେଶ କରି ଆକାର ଧାରଣ କଲା ମୁଖ ଓ ନାସିକାରେ ଜୀବ ବିଚରଣ କରୁଛି । ନିଶ୍ୱାସ ପ୍ରଶ୍ୱାସ ହେଉଛି ଜୀବ ଓ ପରମ ଏହି ତତ୍‌ତ୍ୱକୁ ମନୁ ଗୀତାରେ ବ୍ୟାଖ୍ୟା କରାଯାଇଅଛି । ଏହା ଛଡ଼ା ସର୍ବବ୍ୟାପୀ ବ୍ରହ୍ମଙ୍କର ତତ୍ୱ ଓ ଯୋଗ ପ୍ରସଙ୍ଗକୁ ଉକ୍ତ ଗ୍ରନ୍ଥରେ ଆଲୋଚନା କରିଛନ୍ତି ।

ଲକ୍ଷ୍ମୀପୁରାଣ: ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଓଡ଼ିଶାର ପୁରପଲ୍ଲୀରେ ସୁପରିଚିତ । ପ୍ରତ୍ୟେକ ବର୍ଷ ମାର୍ଗଶୀର ମାସ ଗୁରୁବାର ଦିନ ମାଣବସା ପାଳନ କରାଯାଏ । ପ୍ରତ୍ୟେକ

ISSN NO.
2582-208X

ଗୃହିଣୀ ଏହାକୁ ଭକ୍ତିର ସହ ପାଠ କରିଥାନ୍ତି । ଏହାର ମୁଖ୍ୟ ଲକ୍ଷ ଥିଲା ଜାତିପ୍ରଥାର ବିରୋଧ । ଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀର ପୂଜାରେ ମୁଗ୍ଧ ହୋଇ ତାର ଘରେ ପ୍ରବେଶ କରିଥିବାରୁ ତାଙ୍କୁ ଜଗନ୍ନାଥ, ବଳଭଦ୍ର ବଡ଼ ଦେଉଳରେ ପ୍ରବେଶ କରାଇନଥିଲେ । ଜଗନ୍ନାଥ ଲକ୍ଷ୍ମୀଙ୍କୁ ଛାଡ଼ିଥିବାରୁ କିପରି ଅସୁବିଧାର ସମ୍ମୁଖୀନ ହେଲେ ଏବଂ ଲକ୍ଷ୍ମୀଙ୍କୁ ଆଣିବାରୁ କିପରି ପୁନର୍ବାର ସୁଖଶାନ୍ତି ଲାଭ ହୋଇଥିଲା, ତାହାର ବର୍ଣ୍ଣନା ରହିଅଛି ।

ସବୁ ଜାତିର ଲୋକମାନେ କିପରି ମନ୍ଦିରରେ ପ୍ରବେଶ କରିପାରିବେ ଏବଂ ନାରୀମାନଙ୍କ ସମ୍ମାନ କିପରି ରକ୍ଷା ହୋଇ ପାରିବ ତାହା ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣର ମୁଖ୍ୟ ବାର୍ତ୍ତା ଅଟେ । ବଳରାମ ଦାସ ଲକ୍ଷ୍ମୀପୁରାଣ ଶେଷରେ ନିଜ ନାମରେ ଭଣିତା କରିଛନ୍ତି । ଗ୍ରନ୍ଥଟି କ୍ଷୁଦ୍ର ହେଲେ ମଧ୍ୟ ଓଡ଼ିଆ ସଂସ୍କୃତିକୁ ବଜାୟ ରଖିବାରେ ଏହାର ଗୁରୁତ୍ୱ ରହିଛି ।

ମାଳଶ୍ରୀ : ଲକ୍ଷ୍ମୀ ପୁରାଣ ଭଳି "ମାଳଶ୍ରୀ" ମଧ୍ୟ ଏକ ଶାକ୍ତ ଧର୍ମାବଲମ୍ବୀ ରଚନା ବହୁ କବିଙ୍କର "ମାଳଶ୍ରୀ" ରଚନା ଥିବାର ଅନୁମାନ କରାଯାଏ । ଏଥିରେ ବ୍ରଜ ତରୁଣୀ ମାନଙ୍କର ଦେବୀ ପୂଜାର ବର୍ଣ୍ଣନା କରାଯାଇଛି । ଏହା ସହିତ ବଳରାମ ଦାସଙ୍କର ଏକ ସୁନ୍ଦର ଜଣାଣ ସଂଲଗ୍ନ ହୋଇ ରହିଛି । ଏହି ରଚନା ମଧ୍ୟରେ ଶାକ୍ତ ଧର୍ମର ରକ୍ତାକ୍ତ ବିଭିଷୀକା ରହିଛି । ଏଥିରେ କାଳୀ କିଭଳି ଭାବରେ କରାଳ ରୂପ ଧରି ରକ୍ତ ପିଅନ୍ତି ଏବଂ କଙ୍କାଳ ରୂପ ଧାରଣ କରନ୍ତି, ତାହାର ବର୍ଣ୍ଣନା ରହିଛି ଏବଂ ଶେଷରେ ବଳରାମ ଦାସଙ୍କ ନାମରେ ଭଣିତା ହୋଇଛି ।

ଭାବସମୁଦ୍ର : ବଳରାମ ଦାସଙ୍କ ଭାବସମୁଦ୍ରରେ ପ୍ରଥମେ ସେ ଜଗନ୍ନାଥ ଓ କୃଷ୍ଣଙ୍କର ବର୍ଣ୍ଣନା କରିଛନ୍ତି । ଏଥିରେ ଭଗବାନଙ୍କର ଦଶ ଅବତାରରୁ ୯ଟି ଅବତାରର ବର୍ଣ୍ଣନା କରିଛନ୍ତି । ଉଦା - (୧) ମତ୍ସ୍ୟ (୨) କୂର୍ମ (୩) ବରାହ (୪) ନରସିଂହ (୫) ବାମନ (୬) ପର୍ଶୁରାମ (୭) ରାଘବ (୮) ବଳରାମ(୯) ବୁଦ୍ଧ । ଏହି ଭଳି ବିଭିନ୍ନ ଅବତା।ରରେ ଭକ୍ତ ମାନଙ୍କୁ ଉଦ୍ଧାର କରି ଜଗତକୁ ରକ୍ଷା କରିଛନ୍ତି । ପୁରୀର ରଥଯାତ୍ରା ସମୟରେ ସେ ଥରେ ନନ୍ଦିଘୋଷ ରଥରେ ଚଢୁଥିବାରୁ ତାଙ୍କୁ ଘଉଡ଼ାଇ ଦିଆଯାଇଥିଲା । ସେ ସେଠାରୁ ଫେରି ସମୁଦ୍ର ବେଳାଭୂମିରେ ୩ଟି ବାଲି ରଥ କରି ଭଗବାନଙ୍କୁ ଡ଼ାକିଥିଲେ । ଜଗନ୍ନାଥଙ୍କର ରଥ ଆଉ ବଡ଼ଦାଣ୍ଡରେ ଗଡ଼ି ନଥିଲା । ରାଜା ଜଗନ୍ନାଥଙ୍କ ନିକଟରେ ଗୁହାରୀ ପଡ଼ିବାରୁ ପ୍ରଭୁ ବଳରାମ ଦାସଙ୍କୁ ଆଣିବା ପାଇଁ ରାଜାଙ୍କୁ କହିଥିଲେ ଏବଂ ବଳରାମ ଦାସ ଆସିବାରୁ ରଥ ଗଡ଼ିଥିଲା ।

ISSN NO.
2582-208X

ସେ ଜଗନ୍ନାଥଙ୍କୁ "ହରି ହୋ" ଏବଂ ନାଥ ତୁ କହି ସମ୍ବୋଧନ କରିଛନ୍ତି । ଏଥିରେ ଜଗନ୍ନାଥ କୃଷ୍ଣ ରୂପରେ କେଉଁ କେଉଁ ଲୀଳା କରିଛନ୍ତି ଓ ରାମ ରୂପରେ କେଉଁ କେଉଁ ଲୀଳା କରିଛନ୍ତି ତାହା ବର୍ଣ୍ଣନା କରିଛନ୍ତି । ବଳରାମ ଦାସ ଥିଲେ ଜଗନ୍ନାଥଙ୍କର ପରମଭକ୍ତ। ରଥଯାତ୍ରା ଦେଖିବାରୁ ସେ ବଞ୍ଚିତ ହୋଇଥିବାରୁ ଅତ୍ୟନ୍ତ ଦୁଃଖ ଅନୁଭବ କରୁଥିଲେ । ସେ ହୃଦୟ ରୂପକ ରସିରେ ଭଗବାନଙ୍କୁ ବାନ୍ଧି ରଖିଥିଲେ । ଭଗବାନ ତାଙ୍କ ଗୁହାରୀ ଶୁଣି ବାଲି ରଥରେ ବିଜେ କରିଥିଲେ । ବଳରାମ ଦାସଙ୍କର ଏହି ଗ୍ରନ୍ଥଟିରେ ଭକ୍ତ ପ୍ରାଣର ଆକୁଳ ଆବେଗ ଓ ଅଭିମାନ ଜୀବନ୍ତ ଭାବରେ ପ୍ରକାଶିତ ହୋଇଛି ।

ବଟ ଅବକାଶ : ବଟ ଅବକାଶ ଗ୍ରନ୍ଥଟି ଆକାରରେ ଅତିକ୍ଷୁଦ୍ର ଏବଂ ଏହା ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ହୋଇଛି । ବଳରାମ ଦାସ କିପରି ଜଗନ୍ନାଥ ମହାପ୍ରଭୁଙ୍କ ସହିତ ଏକ ରାତ୍ରିରେ ଲଙ୍କାଯାଇ ଫେରି ଆସିଥିଲେ ଏବଂ ଜଗନ୍ନାଥଙ୍କ କମଣ୍ଡଳୁଟି ବଳରାମଙ୍କ ପାଖରେ ରହିଯାଇଥିବା ହେତୁ ସେ କିପରି ଦଣ୍ଡିତ ହୋଇ ଶେଷରେ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଯୋଗେ ସେଥିରୁ ମୁକ୍ତି ଲାଭ କରିଥିଲେ ତାହା ଏଥିରେ ବର୍ଣ୍ଣିତ ହୋଇଅଛି । ଜଗନ୍ନାଥଙ୍କର ଅବକାଶ ସମୟରେ କିପରି ସ୍ୱର୍ଗର ତେତିଶ କୋଟି ଦେବାଦେବୀ ଆସି ଯେ ଯାହାର କର୍ମ ପାଳନ କରନ୍ତି ଏବଂ ଜଗତ ପାଳନ କର୍ତ୍ତା କିପରି ସମସ୍ତଙ୍କ ଗୁହାରୀ ଶୁଣି ତାର ପ୍ରତିକାର କରନ୍ତି ତାହା ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ।

ପଣସ ଚୋରୀ : ପଣସ ଚୋରୀ ଗ୍ରନ୍ଥଟି ବଟ ଅବକାଶ ଗ୍ରନ୍ଥଭଳି ଶ୍ରୀ ଜଗନ୍ନାଥଙ୍କର ମହିମା ବର୍ଣ୍ଣନା ମୂଳକ ଗ୍ରନ୍ଥ । ବଳରାମ ଦାସ କିପରି ଜଗନ୍ନାଥଙ୍କ ସହିତ ଅଳସା ତୋଟାକୁ ପଣସ ଚୋରୀ କରିବାକୁ ଯାଇ ୧୦୫୦ ପଣସ ଖାଇ ଥିଲେ ଓ ଧରା ପଡିଥିଲେ। ପୁଣି ଜଗନ୍ନାଥଙ୍କ ସ୍ୱପ୍ନାଦେଶରେ କିପରି ମୁକ୍ତି ଲାଭ କରିଥିଲେ ତାହା ଏଥିରେ ବର୍ଣ୍ଣନାରହିଛି। ଏହା ଚଉଦ ଅକ୍ଷରୀ ଛନ୍ଦରେ ରଚିତ । ଏହାର ଶେଷାଂଶରେ ବଳରାମ ଓ ପ୍ରେମଲକ୍ଷ୍ମୀଙ୍କ କଳି ଅତ୍ୟନ୍ତ ହୃଦୟ ଗ୍ରାହୀ ।

ବ୍ରହ୍ମାଣ୍ଡ ଭୂଗୋଳ : ଏହି ଗ୍ରନ୍ଥଟି ଶ୍ରୀକୃଷ୍ଣ ଓ ଅର୍ଜୁନ ସଂବାଦରେ ଲିଖିତ ହୋଇଛି । ଶ୍ରୀମଦ ଭଗବଦ୍ ଗୀତାର ସାରତତ୍ୱ ଗୁଡ଼ିକୁ କୃଷ୍ଣ ଅର୍ଜୁନ ସମ୍ବାଦରେ ବ୍ୟାସଦେବ ବ୍ୟକ୍ତ କରିଛନ୍ତି । କବି ଏହାକୁ ନବାକ୍ଷରୀ ଛନ୍ଦରେ, ୮୪ ଟି ଛୋଟ ଛୋଟ ଅଧ୍ୟାୟ କରି ବର୍ଣ୍ଣନା କରିଛନ୍ତି । ପ୍ରଥମ ଅଧ୍ୟାୟରେ ଓଲଟ ବୃକ୍ଷ, ଦ୍ୱିତୀୟ ଅଧ୍ୟାୟରେ ଭାଗବତ, ତୃତୀୟ ଅଧ୍ୟାୟରେ ମହାମନ୍ତ୍ର ପ୍ରସଙ୍ଗ, ଚତୁର୍ଥ ଅଧ୍ୟାୟରେ ଗାୟତ୍ରୀ ମନ୍ତ୍ର ଏବଂ ତିନୋଟି ବେଦ

ISSN NO.
2582-208X

ଋକ୍ ଶ୍ୟାମ୍, ଯର୍ଦୁବେଦର ବର୍ଣ୍ଣନା ରହିଛି । ପଞ୍ଚ ଅଧ୍ୟାୟରେ ଭୂମିରସ, ଷଷ୍ଠ ଅଧ୍ୟାୟରେ ଭଗବତର ଅର୍ଥସାର ସହିତ ସେ ନିଜକୁ ସୋମନାଥ କୁମର ବୋଲି କହିଛନ୍ତି । ସେ ବିଭିନ୍ନ ଅଧ୍ୟାୟରେ ଶୂନ୍ୟପାଦ ବର୍ଣ୍ଣନା, ଦ୍ୱାଦଶ ଭେଦ, କୁର୍ମ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, କୃଷ୍ଣଙ୍କ ଚରଣ ରେଣୁ, ବିଷ୍ଣୁଙ୍କ ନଖ କୋଣରୁ ଗଙ୍ଗାଙ୍କ ଆବିର୍ଭାବ, ଅଜାତ ପକ୍ଷୀ ଚରିତ୍ର, ବେଦତତ୍ୱ, ତ୍ରିନବ ୟେକାଦଶୀ, ଦେହବିଧି, ନିଃଶ୍ୱାସ ପ୍ରଶ୍ୱାସ ସାଧନା, ମନୁଷ୍ୟର କର୍ମଫଳ, ମୃତ୍ୟୁର ଚିରନ୍ତନ ସତ୍ୟ, ଅଷ୍ଟନିଧି ଇତ୍ୟାଦି ବିଷୟରେ ବର୍ଣ୍ଣନା ରହିଛି । ଏବଂ ପ୍ରତ୍ୟେକ ଛାନ୍ଦର ଶେଷରେ କବି ନିଜ ନାମରେ ଭଣିତା କରିଛନ୍ତି ।

ଜଗମୋହନ ରାମାୟଣ : ଜଗମୋହନ ରାମାୟଣ ବଳରାମ ଦାସଙ୍କ ସର୍ବଶ୍ରେଷ୍ଠ କୃତି । ସେ ଏହି ଗ୍ରନ୍ଥଟିକୁ ସାତଟି କାଣ୍ଡରେ ବିଭକ୍ତ କରିଛନ୍ତି । ଏହି ସାତଟି କାଣ୍ଡ ମଧ୍ୟରେ ସେ ରାମାୟଣର ସମ୍ପୂର୍ଣ୍ଣ କଥାବସ୍ତୁକୁ ଦର୍ଶାଇବା ସହ କେତେକ କାଳ୍ପନିକ କାହାଣୀଙ୍କୁ ମଧ୍ୟ ଉପସ୍ଥାପନା କରିଛନ୍ତି । ଏହା ବ୍ୟତିତ ଓଡ଼ିଶାର ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମଧ୍ୟ ଏଥିରେ ସ୍ଥାନ ଦେଇଛନ୍ତି ।

### ତୁଳସୀ ଦାସଙ୍କ କୃତିର ସମାଲୋଚନା

କୃଷ୍ଣଗୀତା ବଳୀ : ଏହି ଗୀତା ବଳୀ 'ଭଗବଦ୍‌ଗୀତା' ଅନୁସରଣରେ ରଚିତ ହେଲେ ମଧ୍ୟ ତାଙ୍କର ଆରାଧ୍ୟ ଦେବତା ଶ୍ରୀରାମଙ୍କୁ ସେ ମୁଖ୍ୟ ରୂପେ ଗ୍ରହଣ କରିଛନ୍ତି । କୃଷ୍ଣ ଗୀତା ବଳୀରେ ସେ କୃଷ୍ଣଙ୍କର ବାଲ୍ୟଲୀଳା, ଗୋପୀମାନଙ୍କ ସ୍ନେହ, ଗିରିଗୋବର୍ଦ୍ଧନ ଧାରଣ, ଶ୍ରୀକୃଷ୍ଣଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା ମଥୁରା ଗମନ ଏବଂ ଗୋପାଙ୍ଗନା ମାନଙ୍କ ବିରହ ଆଦିର ବର୍ଣ୍ଣନା କରିଛନ୍ତି ।

ଗୀତାବଳୀ : ତୁଳସୀ ଦାସ 'ଗୀତାବଳୀ'କୁ ଶ୍ରୀମଦ୍ ଭାଗବଦ୍‌ର ନବଧା ଭକ୍ତି ଅନୁସରଣରେ ରଚନା କଲେ ମଧ୍ୟ ଶ୍ରୀ ରାମଙ୍କର ହିଁ ବର୍ଣ୍ଣନା କରିଛନ୍ତି । ନବଧା ଭକ୍ତି ଗୁଡ଼ିକ ହେଲା- ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସାଖ୍ୟ, ଆତ୍ମନିବେଦନ । ଏଥିରେ ରାମଙ୍କ ନାମ ଶ୍ରବଣ, ରାମଙ୍କ ନାମ କୀର୍ତ୍ତନ, ରାମଙ୍କୁ ସ୍ମରଣ, ରାମଙ୍କ ପାଦସେବା, ରାମଙ୍କ ବନ୍ଦନ, ହନୁମାନ ଏବଂ ଅଙ୍ଗଦଙ୍କ ଭକ୍ତିକୁ ଦାସ୍ୟଭକ୍ତି, ସୁଗ୍ରୀବ ଓ ବିଭୀଷଣଙ୍କ ଭକ୍ତିଙ୍କୁ ସାଖ୍ୟଭକ୍ତି, ଆତ୍ମନିବେଦନ ଭକ୍ତିରେ ଭରତ ଚିତ୍ରକୂଟ ଯାଇ ରାମ, ଲକ୍ଷ୍ମଣ ଓ ସୀତାଙ୍କ ପାଖରେ ଆତ୍ମ ନିବେଦନ କରିବା । ଅର୍ଚ୍ଚନଭକ୍ତି ଗୀତାବଳୀରେ

ISSN NO.
2582-208X

କିଛି ଅଲଗା ବର୍ଣ୍ଣନା ନାହିଁ । ଏହା ବନ୍ଦନଭକ୍ତି ଭଳି କିଛି ମାତ୍ରାରେ ଜଣାଯାଏ । ଏଥିରେ ରାମଚରିତ ମାନସ ଭଳି ସାତଟି କାଣ୍ଡ ରହିଛି ଏବଂ ସମସ୍ତ କାଣ୍ଡର ସଂକ୍ଷିପ୍ତ ବର୍ଣ୍ଣନା ରହିଛି ।

ଜାନକୀ ମଙ୍ଗଳ : ଜାନକୀ ମଙ୍ଗଳରେ ପ୍ରଥମେ ମଙ୍ଗଳା ଚରଣରେ ଗୁରୁ, ଗଣପତି, ଶିବ, ପାର୍ବତୀ, ବୃହସ୍ପତି, ବିଷ୍ଣୁଙ୍କୁ ବନ୍ଦନା କରାଯାଇଛି । ସୀତାଙ୍କ ସ୍ୱୟଂମ୍ବରରେ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ନେଇ ଜନକପୁରରେ ସେମାନଙ୍କର ସୁନ୍ଦରତା, ବଳ, ସୁଶୀଳତା ବିଷୟରେ ଜନକଙ୍କୁ ଜଣାଇଛନ୍ତି । ଜନକ କିନ୍ତୁ ସେମାନଙ୍କୁ ଦେଖି ସେ ଯେଉଁ ସର୍ତ୍ତ ରଖିଥିଲେ ତାହା ସମ୍ଭବ ହେବ କି ନାହିଁ ସେହି ଚିନ୍ତାରେ ନିମଗ୍ନ ହୋଇଛନ୍ତି ।

ଜନକ ରାମ ଲକ୍ଷ୍ମଣଙ୍କୁ ଦେଖିଲା ପରେ ମନରେ ଭାବିବାକୁ ଲାଗିଲେ ଯେଉଁଠାରେ ଏତେ ବଡ଼ ବଡ଼ ରାଜାମାନେ ଏହି ଧନୁକୁ ଉଠାଇବା ପାଇଁ ସାହାସ କରିପାରୁ ନାହାଁନ୍ତି । ଏହି କମ୍ ବୟସର ରାଜକୁମାର ମାନେ ଧନୁ ଭଗ୍ନ କରିପାରିବେ କିପରି ? ପୁଣି ଧର୍ଯ୍ୟଧରି ସମ୍ମାନ ସହକାରେ ସେମାନଙ୍କୁ ରଂଗଭୂମି ଦେଖାଇବାକୁ ନେଇଥିଲେ । ବିଶ୍ୱାମିତ୍ର ପୁଣିଥରେ ସେମାନଙ୍କ ପରାକ୍ରମ ବିଷୟରେ ଜନକଙ୍କୁ ଶୁଣାଇବାରୁ ଜନକ ଖୁସିହୋଇ ଯାଇଥିଲେ ଏବଂ ରାମ ଲକ୍ଷ୍ମଣଙ୍କୁ ବସିବା ପାଇଁ ସୁନ୍ଦର ଆସନ ପ୍ରଦାନ କରିଥିଲେ । ଏହା ବ୍ୟତୀତ ଏଥିରେ ଶ୍ରୀରାମଙ୍କ ଶିବଧନୁ ଭଙ୍ଗ ସତ୍ୟାନନ୍ଦଙ୍କ ହାତରେ ଦଶରଥଙ୍କ ପାଖକୁ ଶ୍ରୀରାମଙ୍କ ବିବାହ ପାଇଁ ବାର୍ତ୍ତା ପଠାଇବା, ଦଶରଥ ବରଯାତ୍ରୀ ନେଇ ଜନକପୁର ଆସି ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କର ବିବାହ କରାଇବାର ବର୍ଣ୍ଣନା ରହିଛି ଏବଂ ଶେଷରେ ସମସ୍ତଙ୍କର ମଙ୍ଗଳକାମନା କରାଯାଇଅଛି ।

ପାର୍ବତୀ ମଙ୍ଗଳ : ପାର୍ବତୀ ମଙ୍ଗଳରେ ବର୍ଣ୍ଣନା ଅଛି ଯେ, ପାର୍ବତୀ ହିମବାନ ଏବଂ ମୈନାଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ । ଧୀରେ ଧୀରେ ଭବାନୀ ବଡ଼ ହେବା ପରେ ତାଙ୍କର ବିବାହ ପାଇଁ ପିତାମାତା ଚିନ୍ତିତ ଥିଲେ । ଭବାନୀ ଶିବଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ ତପସ୍ୟାରତ ଥିଲେ ।

ସେ ଏପରି ତପସ୍ୟାରତ ଥିଲେ ଯେ, ତାଙ୍କ ପାଇଁ ଦିନରାତି ଏକ ହୋଇଯାଇଥିଲା । ତାଙ୍କୁ ନିଦ, ଭୋକ, ଶୋଷ କିଛି ବି ଜଣା ପଡୁ ନଥିଲା । ସେ ଶିବଙ୍କ ନାମ ଉଚ୍ଚାରଣ କରୁଥିବା ସମୟରେ ନୟନରୁ ଅଶ୍ରୁ ଝରୁଥିଲା ଏବଂ ସେ ହୃଦୟରେ ଶିବଙ୍କୁ ଧାରଣ କରିଥିବାରୁ ତାଙ୍କ

ISSN NO.
2582-208X

ଶରୀର ସବୁବେଳେ ପୁଲକିତ ରହୁଥିଲା । ସେ କେତେବେଳେ କନ୍ଦ, ମୂଳ, ଫଳ, ଭୋଜନ କରୁଥିଲେ ତ, କେତେବେଳେ ଜଳ, ବାୟୁ, ଆହାର କରି ରହୁଥିଲେ । କେତେବେଳେ ଶୁଖିଲା ବେଲପତ୍ର ମଧ୍ୟ ଖାଇ ରହୁଥିଲେ । ଶେଷରେ ଶୁଖିଲା ବେଲପତ୍ର ଖାଇବା ଛାଡ଼ି ଦେବାରୁ ତାଙ୍କୁ ଅପର୍ଣ୍ଣା ବୋଲି କୁହାଯାଏ । ପାର୍ବତୀଙ୍କ ପରୀକ୍ଷା ନେବା ପାଇଁ  ଶଙ୍କର ଭଗବାନ ବଟ ବେଶରେ ତାଙ୍କ ନିକଟକୁ ଯାଇଥିଲେ । ଶେଷରେ ପାର୍ବତୀ ଏବଂ  ଶିବଙ୍କର ବିବାହ ସମ୍ପନ୍ନ ହୋଇଥିଲା ।

ବିନୟ ପତ୍ରିକା : ବିନୟ ପତ୍ରିକାରେ ପ୍ରଥମେ ଗଣେଶଙ୍କର ବନ୍ଦନା କରାଯାଇଛି । ତୁଳସୀ ଦାସ ଏଥିରେ ଶ୍ରୀରାମଙ୍କ ପାଖରେ ନିଜକୁ ସମର୍ପଣ କରିଛନ୍ତି ।  ତୁଳସୀ ଦାସ ନିଜକୁ ପାପୀ, ଦୁଃଖି ଦରିଦ୍ର ବୋଲି ମନେ କରିଛନ୍ତି । ବିନୟ ପତ୍ରିକା ହେଉଛି ଭକ୍ତର ଭଗବାନଙ୍କ ପାଖକୁ ଏକ ପତ୍ର, ଯେଉଁ ପତ୍ରକୁ ତୁଳସୀ ଦାସ ନିଜେ ଲେଖି ହନୁମାନ ଓ ମାତା ସୀତାଙ୍କ ମାଧ୍ୟମରେ ଶ୍ରୀ ରାମଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଅଛନ୍ତି, ସେ ସୀତାଙ୍କୁ କହିଛନ୍ତି  ଅବସର ଦେଖି ଭଗବାନ ରାମଙ୍କୁ ମୋ କଥା ଟିକେ ମନେ ପକେଇ ଦେବେ ଏବଂ ଏଭଳି ମନେ ପକେଇବେ ଯେ ତୁଳସୀ ଦାସ ବଡ଼ ଦୁର୍ବଳ, ପାପୀ ଏବଂ ପ୍ରଭୁ ପଚାରିଲେ ମୋର ଏହିସବୁ ଦୁର୍ଦ୍ଦଶା ବର୍ଣ୍ଣନା କରି ମୋ ନାମ କହିଦେବେ । ପ୍ରଭୁ ମୋର ସବୁ ଦଶା ଶୁଣିଲା ପରେ ମୋର ସବୁକାର୍ଯ୍ୟ ସିଦ୍ଧ କରିଦେବେ ଏବଂ ତୁଳସୀ ଦାସ ଆପଣା ସ୍ୱାମୀଙ୍କ ଗୁଣଗାନ କରି ଭବ ସାଗରରୁ ପାର ହୋଇଯିବ । ସେ ମଣିଷମାନଙ୍କୁ ସୂଚାଇଛନ୍ତି ମଣିଷ ଯଦି ସର୍ବଦା ଶ୍ରୀରାମଙ୍କ ନାମ ଜପ କରିବ ତାହେଲେ ସେ ଭବ ସାଗରରୁ ପାର ହୋଇପାରିବ । ରାମନାମରୂପୀ କଳ୍ପବୃକ୍ଷକୁ ପୂଜା କଲେ, ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁବର୍ଗ ଫଳ ଲାଭ କରିପାରିବ ।

କବିତା ବଳୀ : ଶ୍ରୀ ରାମ କଥା ଉପରେ ଆଧାରିତ, ଅନ୍ୟାନ୍ୟ ଗ୍ରନ୍ଥଭଳି 'କବିତା ବଳୀ' ତୁଳସୀ ଦାସଙ୍କ ଏକ ଆସ୍ଥା ଓ ବିଶ୍ୱାସର ଗ୍ରନ୍ଥ । ଏହା ରାମ ଚରିତ ମାନସ ଭଳି ସାତଟି କାଣ୍ଡରେ ବିଭକ୍ତ । ଏଥିରେ ସେ ନିଜକୁ ଦାସ ମନେ କରିଛନ୍ତି ଓ ଶ୍ରୀରାମଙ୍କୁ ସର୍ବ ଶକ୍ତିମାନ ରୂପେ ବର୍ଣ୍ଣନା କରିଛନ୍ତି । ଏଥିରେ ବିଜୟ, ଭକ୍ତି ଓ ଦର୍ଶନ ତିନୋଟି ଯାକ ଦେଖିବାକୁ ମିଳେ ।

କବିତା ବଳୀରେ ରାମାୟଣ ବର୍ଣ୍ଣନା ସହ ସେହି ସମୟର ରାଜନୀତିକ, ସାମାଜିକ, ଧାର୍ମିକ ଏବଂ ସାହିତ୍ୟିକ  ଆଦି ପରିସ୍ଥିତିର ଚିତ୍ରଣ କରିଛନ୍ତି । ସେ ସମୟର ରାଜନୈତିକ ସ୍ଥିତି

ISSN NO.
2582-208X

ବହୁତ ଖରାପ ଥିଲା । ହିନ୍ଦୁ ଏବଂ ମୁସଲମାନ ମାନଙ୍କ ମଧ୍ୟରେ ପରସ୍ପର ବିରୋଧିଭାବ ଥିଲା । ରାଜ୍ୟର ମୋହ, ସେମାନଙ୍କୁ ଅନ୍ଧ କରିଦେଉଥିଲା ।ସେମାନେ ଭୋଗ ବିଳାସରେ ଜୀବନ କାଟୁଥିଲେ । ଜନ ସାଧାରଣଙ୍କ ଜୀବନକୁ ନେଇ କୌଣସି ସଚେତନ ନଥିଲେ । 'କବିତା ବଳୀ'ର ବର୍ଣ୍ଣନା ଅନୁସାରେ  ସେ ସମୟରେ ରାଜା ପ୍ରଜା ଏବଂ ଧନୀ ଗରିବ ସମସ୍ତେ ଦୁଃଖ ଏବଂ ରୋଗରେ ପୀଡ଼ିତ ଥିଲେ । ତୁଳସୀ ଦାସ ସେ ସମୟରେ କାଶୀରେ ହୋଇଥିବା ମହାମାରୀ କଥା ବର୍ଣ୍ଣନା କରିଛନ୍ତି । ସେ ସମୟରେ ମହାମାରୀକୁ ଠିକ୍ କରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା ଲୋକମାନେ ବହୁତ କଷ୍ଟରେ ଜୀବନ ବିତାଉଥିଲେ ଓ ସେ ସମୟରେ ବହୁ ଠକ ନାନା ବେଶ ଧରି ଧର୍ମ ନାମରେ ଲୋକଙ୍କୁ  ଠକୁଥିଲେ ।

ଦୋହାବଳୀ : ଦୋହାବଳୀ ନାମକରଣରୁ ଜଣାପଡ଼େ ଯେ ସେଥିରେ ଯାହା ସବୁ ରଚନା ସବୁ ଦୋହାରେ ରଚିତ । ସେ ଏଥିରେ ପ୍ରଥମେ ରାମ, ଲକ୍ଷ୍ମଣ, ସୀତାଙ୍କର ବନ୍ଦନା କରିଛନ୍ତି । ଏଥିରେ ମୁଖ୍ୟ ଲକ୍ଷ୍ୟ ହେଲା ଭକ୍ତି ଭାବନା । ସେ କହିଛନ୍ତି ମନୁଷ୍ୟର ହୃଦୟ ଯଦି ରାମ ଚନ୍ଦ୍ରଙ୍କ ପାଖରେ ତରଳି ନଯାଏ ସେ ହୃଦୟ ଫାଟି ଯାଉ । ଯେଉଁ ନେତ୍ରରୁ ପ୍ରେମର ଲୁହଧାର ନବହୁଛି ସେ ନେତ୍ର ଫୁଟିଯାଉ ଏବଂ ଯେଉଁ ଶରୀର ରାମ ନାମର ସାର୍ଥକତା ବୁଝେ ନାହିଁ, ସେହି ଶରୀର ଜଳି ନଷ୍ଟ ହୋଇଯାଉ । ସେ ରାମନାମ ମହିମା ବିଷୟରେ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି–

ରାମ ନାମ କଳି କାମ ତରୁ ସଫଳ ସୁମଙ୍ଗଳ କନ୍ଦ ।
ସୁମିରତ କର ତଳ ସିଦ୍ଧି ସବ ପଗ ପଗ ପରାମାନନ୍ଦ ।।

ଶ୍ରୀରାମଙ୍କ ନାମ କଳିଯୁଗରେ କଳ୍ପବୃକ୍ଷ ସମାନ ଏବଂ ସବୁଠାରୁ ଶ୍ରେଷ୍ଠ ମଙ୍ଗଳକାରୀ ଏବଂ ପରମ ସାର । ରାମ ନାମର ସ୍ମରଣରେ ସବୁ ସିଦ୍ଧି ପ୍ରାପ୍ତ ହୋଇଯାଏ, ଯେପରି କିଛି ଜିନିଷ ହାତରେ ଥିଲେ  ପ୍ରତ୍ୟେକ ସମୟରେ ଆନନ୍ଦ ଅନୁଭବ ହୋଇଥାଏ ।

ସେ ପୁଣି କହିଛନ୍ତି ପ୍ରଭୁରାମଙ୍କ ଭକ୍ତକୁ ପ୍ରଭୁ ରାମଙ୍କ ଠାରୁ ଅଧିକ ବୁଝିବା ଦରକାର । କାରଣ ହନୁମାନଙ୍କ ଭକ୍ତି ଆଗରେ ସ୍ୱୟଂ ରାମ ନିଜେ ଋଣୀ ଅନୁଭବ କରୁଥିଲେ । ଭଗବାନ ରାମ, ହନୁମାନଙ୍କ ଋଣ କେବେବି ଶୁଝି  ପାରିବେନି ବୋଲି କହିଥିଲେ । ସେ କହିଛନ୍ତି  ମୟୂର ଯେତେ ସୁନ୍ଦର ହେଲେ ବି ତାର ହୃଦୟ କଠୋର କାରଣ ସେ ସର୍ପ ଭକ୍ଷଣ କରେ, କିନ୍ତୁ ଶ୍ରୀକୃଷ୍ଣ ତାର ପକ୍ଷୀକୁ ମସ୍ତକରେ ଧାରଣ କରନ୍ତି । ତେଣୁ ଭଗବାନ

ISSN NO.
2582-208X

ଯାହାକୁ ସାହା ହୁଅନ୍ତି ସେ ଲୋକ ଦୁର୍ଜନ ହେଉ ବା କୁରୂପ ସମସ୍ତେ ତାହାକୁ ସମ୍ମାନ ଦିଅନ୍ତି । ସେ ମୟୂର ଭଳି କୋଇଲି, ଚାତକ ଇତ୍ୟାଦି ପକ୍ଷୀକୁ ବିଭିନ୍ନ ଉଦାହରଣର ମାଧ୍ୟମ ଦେଇ ବୁଝାଇଛନ୍ତି । ଭଗବାନ ରାମଚନ୍ଦ୍ରଙ୍କର ଗୁଣଗାନ ପାଇଁ ହୃଦୟରେ ପ୍ରେମ ରହିବା ଦରକାର । ଭଗବାନଙ୍କ ନାମ ଜପ କରିବା ପାଇଁ ଭାଷା ସହିତ କିଛି ସମ୍ବନ୍ଧ ନାହିଁ। ଭଗବତ ଅଭିବ୍ୟକ୍ତି ହିନ୍ଦୀ ଭାଷାରେ ହୋଇପାରେ ବା ସଂସ୍କୃତରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭଗବତ ପ୍ରେମକୁ ଜନ ସାଧାରଣଙ୍କ ପାଖରେ ପହଞ୍ଚାଇବା । ସେ ସମୟରେ ହିନ୍ଦୀ ଭାଷାରେ ରାମାୟଣ ଲେଖିବା ପାଇଁ କିପରି ପ୍ରତିବନ୍ଧକ ଥିଲା ତାହା ଦୋହାବଳୀରେ ପ୍ରକାଶ କରିଛନ୍ତି । ତୁଳସୀ ଦାସଙ୍କର ଆଉ ତିନୋଟି ଛୋଟ ବହିହେଲା ହନୁମାନ ଚାଳିସା, ହନୁମାନ ବାହୁକ, ରାମ ରକ୍ଷା ସ୍ତୋତ୍ରମ୍, ହନୁମାନ ଚାଳିସା, ହନୁମାନ ବାହୁକରେ ହନୁମାନଙ୍କର ଗୁଣ ଗାନ ବର୍ଣ୍ଣନା ଥିବାବେଳେ ରାମରକ୍ଷା ସ୍ତୋତ୍ରମ୍‌ରେ ରାମଙ୍କର ଗୁଣଗାନ କରାଯାଇଛି ।

ରାମଚରିତ ମାନସ : ରାମଚରିତ ମାନସ ତୁଳସୀଦାସଙ୍କର ସର୍ବଶ୍ରେଷ୍ଠ କୃତି । ସେ ଏହି ଗ୍ରନ୍ଥଟିକୁ ସାତଟି କାଣ୍ଡରେ ବିଭକ୍ତ କରିଛନ୍ତି । ଏଥିରେ ମୂଳରାମାୟଣର ଅଧିକାଂଶ ଅଂଶ ସ୍ଥାନ ଦେଇଥିଲେ ମଧ୍ୟ, କିଛି ଅଂଶକୁ ବାଦ୍ ଦେଇଛନ୍ତି । ରାମଚରିତ ମାନସରେ ରାମଙ୍କ ଅପେକ୍ଷା 'ରାମ ନାମ' ର ମହତ୍ୱକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ସତ୍‌ସଙ୍ଗର ଆଶ୍ରୟ ନେଇ ଭକ୍ତିମାର୍ଗରେ ଯାଇ ଭଗବାନଙ୍କର କିପରି ଆଶ୍ରୟ ଲାଭ କରିପାରିବା ସେ ଏଥିରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇଛନ୍ତି ।

### ବଳରାମ ଦାସ ଓ ତୁଳସୀ ଦାସଙ୍କ କୃତିର ତୁଳନାତ୍ମକ ସମାଲୋଚନା:

ବଳରାମ ଦାସ ଯେପରି ଲକ୍ଷ୍ମୀପୁରାଣ ଓ ମାଳଶ୍ରୀ ଭଳି ଦୁଇଟି ଶାକ୍ତ ଧର୍ମାବଲମ୍ବୀ କାବ୍ୟ ରଚନା କରିଛନ୍ତି । ତୁଳସୀ ଦାସ ସେହିପରି ଜାନକୀ ମଙ୍ଗଳ ଓ ପାର୍ବତୀ ମଙ୍ଗଳ ଭଳି ଦୁଇଟି ଶାକ୍ତ ଧର୍ମାବଲମ୍ବୀ କାବ୍ୟ ରଚନା କରିଛନ୍ତି । ଲକ୍ଷ୍ମୀ ପୁରାଣ ଓ ମାଳଶ୍ରୀରେ ଜାତି ପ୍ରଥା, ନାରୀମାନଙ୍କ ପ୍ରତି ସମ୍ମାନ, ସ୍ତୁତି ଆଦି ବର୍ଣ୍ଣନା ଥିବାବେଳେ । ଜାନକୀ ମଙ୍ଗଳ, ପାର୍ବତୀ ମଙ୍ଗଳରେ, ରାମ, ସୀତା ଏବଂ ଶିବ, ପାର୍ବତୀଙ୍କ ବିବାହ ବିଷୟରେ ବର୍ଣ୍ଣନା ରହିଛି । ବଳରାମ ଦାସ ଅମରକୋଷଗୀତା, ଉଦ୍ଧବଗୀତା ଭଳି କେତେଗୁଡ଼ିଏ ଗୀତା ରଚନା କରିଛନ୍ତି । ତୁଳସୀ ଦାସ ମଧ୍ୟ, କୃଷ୍ଣଗୀତା ବଳୀ ଓ ଗୀତାବଳୀ ନାମରେ ଦୁଇଟି ଗୀତା ରଚନା କରିଛନ୍ତି, କିନ୍ତୁ ବଳରାମ ଦାସଙ୍କ ଗୀତାବଳୀରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ୱ,

ISSN NO.
2582-208X

ଯୋଗ ତତ୍ୱ, ଷଡ଼ଚକ୍ର ସାଧନା ଇତ୍ୟାଦି ବର୍ଣ୍ଣନା ଥିବାବେଳେ, ତୁଳସୀ ଦାସଙ୍କ ଗୀତା ଗୁଡ଼ିକ 'ଭଗବତଗୀତା' ଅନୁସରଣରେ ରଚିତ ହେଲେ ମଧ୍ୟ ତାଙ୍କର ଆରାଧ୍ୟ ଦେବତା ଶ୍ରୀରାମଙ୍କୁ ସେ ମୁଖ୍ୟ ରୂପେ ଗ୍ରହଣ କରିଛନ୍ତି । ତୁଳସୀ ଦାସ କୃଷ୍ଣ, ଜଗନ୍ନାଥ ଯାହାକୁ ଦେଖୁଥିଲେ ତା ଭିତରେ ସେ ରାମଙ୍କୁ ଦର୍ଶନ କରୁଥିଲେ । ତାଙ୍କ ମତରେ କୃଷ୍ଣ, ଜଗନ୍ନାଥ ଏବଂ ଶ୍ରୀ ରାମ ଅଭିନ୍ନ ।

ବଳରାମ ଦାସଙ୍କ ଭାବ ସମୁଦ୍ର ଓ ତୁଳସୀ ଦାସଙ୍କ ବିନୟ ପତ୍ରିକାକୁ ତୁଳନା କଲେ ଜଣାଯାଏ । ଭାବ ସମୁଦ୍ରରେ ବଳରାମ ଦାସ ଜଗନ୍ନାଥଙ୍କ ଉପରେ ଅଭିମାନ କରିଛନ୍ତି । ତାଙ୍କୁ କେଉଁ ଦୋଷରୁ ରଥ ଉପରୁ ଘଉଡ଼ାଇ ଦିଆଗଲା ବୋଲି ସେ ଜଗନ୍ନାଥଙ୍କୁ ସିଧା ସଳଖ କହିଛନ୍ତି । କିନ୍ତୁ ବିନୟ ପତ୍ରିକାରେ ସେ ତାଙ୍କର ମନର ଭାବକୁ ପତ୍ର ମାଧ୍ୟମରେ ହନୁମାନ ଓ ସୀତାଙ୍କ ହାତରେ ରାମଚନ୍ଦ୍ରଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି । ଜଗମୋହନ ରାମାୟଣ ଓ ରାମଚରିତ ମାନସ ଗ୍ରନ୍ଥର ମଙ୍ଗଳାଚରଣରେ ବଳରାମ ଦାସଙ୍କ ଆରାଧ୍ୟ ଦେବତା ଜଗନ୍ନାଥ ଓ ତୁଳସୀ ଦାସଙ୍କ ଆରଧ୍ୟ ଦେବତା ଶ୍ରୀରାମଙ୍କୁ ବନ୍ଦନା କରାଯାଇଛି । ଜଗମୋହନ ରାମାୟଣ ଓ ରାମଚରିତ ମାନସ ରାମଙ୍କ ଚରିତ୍ରକୁ ନେଇ ରଚନା କରାଯାଇଥିଲେ ମଧ୍ୟ ସେମାନଙ୍କର ରଚନା ଶୈଳୀ ଭିନ୍ନ । ବଳରାମ ଦାସ ଜଗମୋହନ ରାମାୟଣରେ ଜାତିପ୍ରଥା, ସତୀ ପ୍ରଥା, ବିଧବା ବିବାହ ପ୍ରଥା ସହିତ ବିଭିନ୍ନ ପର୍ବ ପର୍ବାଣୀକୁ ସ୍ଥାନ ଦେଇଛନ୍ତି । ତୁଳସୀ ଦାସ କିନ୍ତୁ ରାମଚରିତ ମାନସରେ ଏହିସବୁ ପ୍ରଥା ଓ ପର୍ବପର୍ବାଣୀର ବର୍ଣ୍ଣନା କରିନାହାଁନ୍ତି । ଖାଦ୍ୟ, ବସ୍ତ୍ର ଓ ଅଳଙ୍କାର ଆଦିକୁ ତୁଳନା କଲେ ଦୁଇ କବି ଦୁଇଟି ଅଞ୍ଚଳର ଅଧିବାସୀ ହୋଇ ଥିବାରୁ ନିଜ ନିଜ ଅଞ୍ଚଳରେ ବ୍ୟବହୃତ ଖାଦ୍ୟ, ବସ୍ତ୍ର ଅଳଙ୍କାରକୁ ସ୍ଥାନ ଦେଇଛନ୍ତି । ବଳରାମ ଦାସ ଜଗମୋହନ ରାମାୟଣର ଉତ୍ତରାକାଣ୍ଡରେ ସୀତାଙ୍କର ବାଲ୍ମୀକି ଆଶ୍ରମରେ ଆଶ୍ରୟ ଲବ, କୁଶ ଜନ୍ମ, ଆଦି ବିଷୟ ବର୍ଣ୍ଣନା ରହିଛି । କିନ୍ତୁ ରାମଚରିତମାନସର ଉତ୍ତରାକାଣ୍ଡରେ ତୁଳସୀ ଦାସ ନାମର ମହିମା, ବିଭିନ୍ନ ଋଷିମାନଙ୍କ ସହ ଭରତଙ୍କୁ ଉପଦେଶ, କାକଭୂଷଣ୍ଡି ଗରୁଡ଼ ପ୍ରସଙ୍ଗ ଆଦିର ବର୍ଣ୍ଣନା ରହିଛି ।

(((–)))

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ଆସ ରହିବା ସୁଖରେ



ପ୍ରଶାନ୍ତ ବ୍ରହ୍ମା

ପିତା ମାତାଙ୍କର ଆଶୀର୍ବାଦ ନେଇ
ପାଦ ବଢ଼ାଇବା ଆଗ
ଭଲ କଥା ସବୁ ଗ୍ରହଣ କରିବା
ଖରାପକୁ କରି ତ୍ୟାଗ ।

ଆୟ ଠାରୁ ବ୍ୟୟ ଅଳପ କରିବା
ମନରେ ଧରି ସଞ୍ଚୟ
ତହିଁରେ ରହିବା କାଳକ ସୁଖରେ
ନଥିବ ମନରେ ଭୟ ।

ପରିଶ୍ରମ କରି ଜୀବନେ ଚଳିବା
ତହିଁରେ ପାଇବା ଫଳ
ଚାଲୁଥିବା ନିତି ଈଶ୍ୱର ବିଶ୍ୱାସେ
ଆସୁଥିବ ଭଲ ବେଳ ।

ସଞ୍ଜ ସକାଳେ ଶାସ୍ତ୍ର ଆଲୋଚନା
କରୁଥିବା ଆମେ ନିତି
ତହିଁରେ ରହିବା କାଳକ ସୁଖରେ
ଆସୁ ଯେତେ ରାଜନୀତି ।

ମଦ୍ୟ ମତ୍ସ୍ୟ ଭଳି ପଦାର୍ଥକୁ ଛାଡି
ସୁଷମ ଖାଦ୍ୟକୁ ଧର

ISSN NO.
2582-208X

ଖରାପ କଥାକୁ ପଛରେ ପକାଇ
ଭଲକୁ ବରଣ କର।

ଦାନ ଧର୍ମ ଦୟା କ୍ଷମା ଆଚରଣ
ନ୍ୟାୟକୁ ବରଣ ଦେବା
ରାଗ ଅଭିମାନ ମନରୁ ତେଜିଲେ
ସଭିଙ୍କର ପ୍ରିୟ ହେବା।

ଗୁରୁଙ୍କ ଆଦେଶ ଚାଲୁଥିଲେ ନିତି
ବିପଦ ନପଡେ କେବେ
ଗୁରୁ ବାକ୍ୟ ମାନି ଚାଲୁଥିଲେ ବାଟ
ଆଦର ପାଇବା ତେବେ।

ଅଯଥା କଥାରେ ମୁଣ୍ଡ ନ ପୁରାଇ
ଆନନ୍ଦେ କରିବା ବାସ
ସବୁଜ ସୁନ୍ଦର ରଖି ପରିବେଶ
ଚାଲୁଥିବା ନିତି ଆସ।

ଗଢିବା ସଂସାର ସଭିଏଁ ଆମେରେ
ପିଲାଙ୍କୁ ଦେଇ ସଂସ୍କାର
ଖରାପ କଥାକୁ ପଛେ ପକାଇଲେ
ଦୁଃଖ ହୋଇଯିବ ଦୁର।

ଅଯଥା ଆଳାପ ନକରି କେବେହେଁ
ସୁଖରେ ରହିବା ଆମେ
ତହିଁରେ ରହିବା କାଳକ ସୁଖରେ
ଲାଗିଥିବା ଭଲ କାମେ ।

ପଳାଶପୁର, ଖୋର୍ଦ୍ଧା

(((-)))

ISSN NO.
2582-208X

# ନାରୀ ରୂପେ ନାରାୟଣୀ



ଅର୍ପିତା ମହାପାତ୍ର

ସୃଷ୍ଟିର ଜନନୀ ଆଦ୍ୟ ଚିରନ୍ତିନୀ
ନାରୀ ରୂପେ ନାରାୟଣୀ ।
ନୁହଁ ତୁ ଅବଳା ନୁହଁ ତୁ ଦୁର୍ବଳା
ଦୁର୍ଗା ସମ ତେଜସ୍ୱିନୀ ।

କେବେ ତୁ ଜନନୀ କେବେ ତୁ ଭଗିନୀ
କେବେ ପୁଣି ତୁହି ଜାୟା ।
ନୀରବରେ ସବୁ ସହିଯାଉ ବୋଲି
ନାମ ତୋର ସର୍ବଂସହା ।

ମାତୃରୂପେ ଢାଳି ଦେଉ ତୁ ମମତା
ଭଗ୍ନୀ ରୂପରେ ସାହସ ।
କେବେ ପୁଣି ସାଜି ପତ୍ନୀଟିଏ ତୁହି
ମୁଖେ ଭରିଦେଉ ହସ ॥

ଜହ୍ନଠୁ ଶୀତଳ ଫୁଲଠୁ କୋମଳ
ଅଟଇ ହୃଦୟ ତୋର ।
ସମସ୍ତଙ୍କୁ କରିନେଉ ଆପଣାର
ବାନ୍ଧି ମମତ୍ୱର ଡୋର ॥

ISSN NO.
2582-208X

ଧନ୍ୟ ତୁହି ନାରୀ ସର୍ବଗୁଣେ ଶ୍ରେଷ୍ଠା
ଈଶ୍ୱରଙ୍କ ସର୍ଜନାରେ ।
ଯୁଗେଯୁଗେ ନାରୀ ପାଉଥିବ ପୂଜା
ଏହି ସାରା ସଂସାରରେ ॥

(((-)))

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

ISSN NO.
2582-208X

# ବାର୍ଷିକ ପରୀକ୍ଷା ପାଇଁ ପଦେ....



ଦିଲ୍ଲୀପ ଶତପଥୀ

ଆଦରର ପିଲାମାନେ,

ପରୀକ୍ଷା ଏକ କୁମ୍ଭମେଳା ନୁହେଁ ବାର ବର୍ଷରେ ଥରେ ଆସିବ! ଶ୍ରେଣୀ ଉତୀର୍ଣ୍ଣ ପାଇଁ ସିନା ବର୍ଷକୁ ଗୋଟେ ପରୀକ୍ଷା, ଜୀବନ ଜିଇଁବାକୁ ପ୍ରତି ମୁହୂର୍ତ ରେ ପରୀକ୍ଷା ଦେବାକୁ ପଡେ । ମୋ ହିସାବରେ ବହି ବସ୍ତାନି ର ବୋଝ ଠାରୁ ପାଠର ବୋଝ ନିଶ୍ଚିତ କମ ଆଉ ତାହାଠାରୁ କମ ବୋଝ ପରୀକ୍ଷାର ବୋଝ । ତେଣୁ ତୁମେମାନେ ବର୍ଷଯାକ ଯେଉଁ ବୋଝ ମୁଣ୍ଡେଇ ଚାଲିଛ ତା ତୁଳନାରେ ଗୋଟେ ଦିନର ପରୀକ୍ଷା ବୋଝ କିଛି ବି ନୁହେଁ । ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବର୍ଷ ସାରା ଯାହା ପଢ଼େଇ ଥିବେ ତୁମମାନଙ୍କ ପରୀକ୍ଷା ଖାତା ରେ ତାହାହିଁ ପ୍ରତିଫଳିତ ହେବ । ପରୀକ୍ଷା ପ୍ରକୃତରେ ତୁମର ନୁହେଁ, ସେଇମାନଙ୍କର ଯେଉଁ ମାନେ ତୁମକୁ ସେଥିପାଇଁ ତିଆରି କରେଇଛନ୍ତି । ଯେମିତି କଲମ କଣ ଲେଖିବ ନ ଲେଖିବ ନିଜେ ନିର୍ଣ୍ଣୟ କରି ପାରେନି, ତାକୁ ହାତରେ ଧରିଥିବା ଲୋକର ବିଚାରଧାରା ଉପରେ ନିର୍ଭର କରେ । ଠିକ ସେହିପରି ତୁମମାନଙ୍କୁ ଯେଉଁଭଳି ପିତା ମାତା,ଶିକ୍ଷକ ଶିକ୍ଷୟିତ୍ରୀ, ପରିସ୍ଥିତି ପରିବେଶ ସହାୟତା କରିଛନ୍ତି ତାହାହିଁ ସେମାନେ ଦେଖିବେ ପରୀକ୍ଷା ଖାତାରେ । ତେଣୁ ପରୀକ୍ଷାକୁ ବିନ୍ଦାସରେ ଯାଅ ଯାହା ମନେ ପଡୁଛି ଭାବି ଚିନ୍ତି ସୁନ୍ଦର ଅକ୍ଷର ରେ ନିର୍ଭୁଲ ଭାବେ ଲେଖିଚାଲ ।

ଫଳ ବାହାରିଲେ ଜଣା ପଡିବ କେଉଁ ଶିକ୍ଷକ ଶିକ୍ଷୟିତ୍ରୀ କେତେ ଭଲ ବିଦ୍ୟା ଦାନ କରିଛନ୍ତି । ସେମାନଙ୍କ ବର୍ଷକର ଶିକ୍ଷାଦାନ ର ଉଚିତ ମୂଲ୍ୟାୟନ ହବ । ତୁମର ଭଲ ଫଳ

ISSN NO.
2582-208X

ସେମାନଙ୍କ ପାଇଁ ଗୌରବ, ଖରାପ ଫଳ ପାଇଁ ସେମାନେ ଲଜ୍ଜିତ ହେବେ ଆସନ୍ତା ବର୍ଷ ପାଇଁ ସତର୍କ ହେବେ ।

ତୁମେମାନେ ଜାଣିଥିବ, ଭିନ୍ନ ଭିନ୍ନ ଦିବସରେ ଅଲଗା ଅଲଗା ବିଷୟରେ ପରୀକ୍ଷା ହୁଏ । ସାଧାରଣତଃ ମଝିରେ ମଝିରେ କିଛି ଦିନର ଅନ୍ତର ଥାଏ । ସେହି ସମୟଟି ଆଦୌ ଅପଚୟ କରିବା କଥା ନୁହେଁ । ବେଳେ ବେଳ ତାହାହିଁ ଉଚିତ ସମୟ ହୋଇଥାଏ ପୁନଃ ଅଭ୍ୟାସ ପାଇଁ । ମୁଁ ବିଶେଷତ ପଢିବା ଅପେକ୍ଷା ଲେଖିବା ରେ ଅଧିକ ଗୁରୁତ୍ୱ ଦିଏ, କାରଣ ପରୀକ୍ଷା ରେ ମୁଖ୍ୟ କାମ ହିଁ ଲେଖିବା । ଯିଏ ଆଗରୁ ଯେତେ ଦୌଡ଼ିଛି ସେ ଦୌଡ଼ ପରୀକ୍ଷା ରେ ଶୀଘ୍ର ଲକ୍ଷ ସ୍ଥଳ ରେ ପହଁଚି ପାରିବ । ସେହିପରି ଯିଏ ଅଧିକ ଲେଖିକରି ଅଭ୍ୟାସ କରିଛି, ସିଏ ନ ଚାହିଁଲେ ବି ତାର ହାତ ଅଧିକ ଲେଖିବା ପାଇଁ ବ୍ୟଗ୍ର ହେବ । ମସ୍ତିଷ୍କରୁ ହାତ କୁ ନିର୍ଦ୍ଦେଶ ଅହରହ ଚାଲିଥିବ ଲେଖିବା ପାଇଁ ।

ପିଲାମାନେ ଗୋଟିଏ କଥା ମନେ ରଖିବ, ଗୋଟିଏ ହାତର ପାଞ୍ଚଟି ଆଙ୍ଗୁଠି ଭିନ୍ନ ଭିନ୍ନ ହୋଇଥାନ୍ତି । ସାଇକେଲର ଘଣ୍ଟି ବୁଢ଼ା ଆଙ୍ଗୁଠି ହିଁ ବଜେଇ ଥାଏ, ତାହା ଅନ୍ୟ କୌଣସି ଆଙ୍ଗୁଠି କରି ପାରିବେ ନାହିଁ । କ୍ୟାରମ ଖେଳ ରେ ଗୋଟକୁ ଗର୍ତ୍ତ ରେ ପକେଇବା ପାଇଁ ନିର୍ଦ୍ଦିଷ୍ଟ ଆଙ୍ଗୁଠି ଚାଳନା କରିବାକୁ ପଡିଥାଏ । ବନ୍ଧୁକ ର ଟ୍ରିଗର କେବଳ ବିଶି ଆଙ୍ଗୁଠି ଦ୍ୱାରା ହିଁ ଦାବି ହୁଏ । ସେହିପରି ପ୍ରତ୍ୟେକ ପିଲା ସମାନ ନୁହନ୍ତି । ପ୍ରତି ପିଲାର ରୁଚି, ଆଗ୍ରହ, କାର୍ଯ୍ୟକଳାପ ଭିନ୍ନ ଭିନ୍ନ ହୋଇଥାଏ । କାହାର ଖେଳ କୁଦ ରେ ଆଗ୍ରହ, କାହାର କଳା, ସାହିତ୍ୟ ରେ ଆଗ୍ରହ, କା'ର ପାଠ ରେ ଆଗ୍ରହ ସବୁ ପିଲାଙ୍କ ଭିତରେ କିଛି ନା କିଛି ବିଚକ୍ଷଣ ପ୍ରତିଭା ଲୁକାୟିତ ଅବସ୍ଥାରେ ଥାଏ । ଶିକ୍ଷକ ଶିକ୍ଷୟତ୍ରୀ, ପିତା ମାତା ତାକୁ ଲକ୍ଷ କରି ପିଲାମାନଙ୍କୁ ସେହି ଦିଗରେ ପ୍ରୋତ୍ସାହିତ କରିବା ଉଚିତ । ଆମେ ଜାଣିଛେ ଆମ ଦେଶରେ ଏବଂ ବିଦେଶରେ ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅଧିକ ପାଠ ପଢି ନାହାନ୍ତି କିଛି ତ ପାଠ ଘରେ ପୁରା ଶୂନ୍ୟ । ବିଲ ଗେଟ୍ସ, ଷ୍ଟିଭ ଜବ୍ସ, ମାର୍କ ଯୁକରବର୍ଗ, ମୁକେଶ ଅମ୍ବାନୀ, ଗୌତମ ଅଦାନୀ, ସଚିନ ତେନ୍ଦୁଲକର, ଗଙ୍ଗାଧର ମେହେର ଏମିତି ବହୁତ ଲୋକ ବିନା ପାଠ ରେ ମଧ୍ୟ ସମାଜରେ ଉଚ୍ଚ ସ୍ତର କୁ ଯାଇ ପାରିଛନ୍ତି ଏବଂ ଢେର ନା କମେଇଛନ୍ତି । ମୋର କହିବା କଥା ଯଦି କୌଣସି ବିଷୟରେ ରେ ଅକୃତକାର୍ଯ୍ୟ ହେଲ କିମ୍ବା ସମ୍ପୂର୍ଣ୍ଣ ପରୀକ୍ଷା ରେ ମନ ଚାହୁଁଥିବା ଫଳ ନ ମିଳିଲା ସେଥିପାଇଁ କେବେ ନିଜକୁ

ISSN NO.
2582-208X

ଦାୟୀ ମନେ କରିବ ନାହିଁ । ପୁଣି ପରୀକ୍ଷା ଆସିବ ଆଉଥରେ ନିଜକୁ ପ୍ରସ୍ତୁତ କରିବ, ପରୀକ୍ଷା ଦେବ ଯେ ପର୍ଯ୍ୟନ୍ତ ଉତୀର୍ଣ୍ଣ ନ ହୋଇଛ ଚେଷ୍ଟା କରି ଚାଲ । ଯଦି ନ ହୋଇ ପାରିଲା ତେବେ ବି ଚିନ୍ତା କର ନାହିଁ । ହୁଏତ ତୁମ ପାଇଁ କିଛି ଭିନ୍ନ କରିବାର ଅଛି । ସମୟ କୁ ଅପେକ୍ଷା କର ସୁଯୋଗ କୁ ଅପେକ୍ଷା କର । ପରୀକ୍ଷା ଆସିବ ଯିବ ଜୀବନ ସୁଚାରୁ ରୂପେ ଚାଲିବା ପାଇଁ ଯେତିକି ପାଠ ଆବଶ୍ୟକ ସେତିକି ହେଲେ ଢେର । ଅଧିକନ୍ତୁ ନ ଦୋଷାୟ । ବହୁତ ପିଲା ଏହି ସାଧାରଣ ଘଟଣା କୁ ନ ବୁଝିପାରି ସବୁ ଦୋଷ ନିଜ ମୁଣ୍ଡକୁ ନେଇ ଆତ୍ମହତ୍ୟା ର ପଥ ବାଛି ନେଉଛନ୍ତି । ପ୍ରତିଟି ଜୀବନ ଅମୂଲ୍ୟ, ପିଲାମାନେ ନିଜ ଜୀବନର ମୂଲ୍ୟ ବୁଝ । ପ୍ରତି ପିତା ମାତା କେତେ କଷ୍ଟ କରୁଛନ୍ତି ନିଜ ପୁଅ, ଝିଅ ଙ୍କର ଖୁସି ପାଇଁ। ନିଜ ଜୀବନସାରା ସଂଚୟ କରିଥିବା ଅର୍ଥ ଝିଅ, ପୁଅ ପାଠ ପଢା, ବାହାଘର ଏସବୁରେ ବିନିଯୋଗ କରିଦିଅନ୍ତି । ନିଜ ପରିବାର ପାଇଁ ଘରଟିଏ ତିଆରି କରନ୍ତି । ତୁମେ ଯଦି ନ ରହିବ ଏସବୁ କାହା ପାଇଁ ।କୌଣସି ପରିସ୍ଥିତି ରେ ଘର ପରିବାର ଛାଡିବ ନାହିଁ କି ଜୀବନ ହରିବ ନାହିଁ । କୌଣସି ନକାରାତ୍ମକ ଚିନ୍ତା ମନକୁ ଆଣିବ ନାହିଁ ଯଦି ମନକୁ ଖରାପ ଚିନ୍ତା ଆସେ ତେବେ ପିତା ମାତା ଗୁରୁଜନଙ୍କ ସହାୟତା ନେବ, ଈଶ୍ୱର ଙ୍କୁ ଧ୍ୟାନ କରିବ । ହଁ ପରିଶେଷରେ ଏତିକି କହିବି, ଏହି ପରୀକ୍ଷା ସମୟରେ ବାହାରକୁ ବୁଲିବାକୁ ଯାଅନାହଁ, ବାହାର ଜିନିଷ ଖାଅ ନାହିଁ, କାହା ସହିତ କଳି ଝଗଡା କର ନାହିଁ । ସାମୟିକ ଭାବେ ଖେଳ କୁଦ ରୁ ବିରତି ନିଅ, ମୋବାଇଲ, ଟିଭି ନଦେଖି ବହି ଖାତା ପଢି ନିଜକୁ ପ୍ରସ୍ତୁତ କର । କିଛି ସମୟ ମଉନ ଧ୍ୟାନ ରେ ରହିଲେ ଭଲ । ପରୀକ୍ଷା ରେ କୌଣସି ଅସାଧୁ ଅବଲମ୍ବନଠାରୁ ଦୂରେଇ ରୁହ ।କୌଣସି ବିଷୟ ରେ କିଛି ବି ସନ୍ଦେହ ଥିଲେ, ନିଜ ଶିକ୍ଷକ ଶିକ୍ଷୟତ୍ରୀ, ପିତା ମାତା, ବଡ଼ ଭାଇ ଭଉଣୀ କିମ୍ବା ଜାଣିଥିବା ସହପାଠୀଙ୍କୁ ପାଠ ପଚାରି ବୁଝି ପାର । କୌଣସି ବି ପ୍ରଶ୍ନ ଗୁଗୁଲ ସର୍ଚ୍ଚ ରେ ଦେଖି ପାର । ବିନା ସନ୍ଦେହ ରେ ପରୀକ୍ଷା ଗୃହ କୁ ଯାଅ, ବିଘ୍ନ ବିନାଶକ ଓ ମା ବୀଣାପାଣି ଙ୍କୁ ସ୍ମରଣ କରି ଆଗକୁ ଆଗକୁ ବଢିଚାଲ ।

ଆଗାମୀ ବାର୍ଷିକ ପରୀକ୍ଷା ପାଇଁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।

(((-)))

508, ନୂଆସାହି, ନୂଆପଲ୍ଲୀ,
ଭୁବନେଶ୍ୱର 751012/9437175763

ISSN NO.
2582-208X

# ଚିଠି



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

"ପୁଅଟା ମୋହର
ବାରିଷ୍ଟର ହେବ"
ବାପା ଖର୍ଚ୍ଚ କଲେ ଅର୍ଥ
ଦୂର ବିଲାତକୁ
ପଠାଇଲେ ତାକୁ
ହେଉଥିଲେ କିନ୍ତୁ ବ୍ୟସ୍ତ।

ପୁଅ ପାଶେ ସିଏ
ଚିଠି ଦେଇଥିଲେ
"ମାଆର ବହୁତ ଚିନ୍ତା
କେମିତି ଚଳୁଛୁ
ପଠାଇବୁ ମୋତେ
ହିସାବର ଗୋଟେ କିତା।"

ଚିଠି ପାଇ ପୁଅ
ଲେଖିଲା ଉତ୍ତର
"ଅର୍ଥ ମୋର ଲୋଡା ନାହିଁ
ଯାହା ବି ଦେଉଛ

ISSN NO.
2582-208X

ପାଠ ପଢା ପାଇଁ
ହିସାବ ମାଗିଲ କାହିଁ???

କେଉଁଠି ହେଲେ ବି
କାମ କରି ମୁହିଁ
ମୋ ଖର୍ଚ୍ଚ ଉଠାଇ ନେବି
ଯଦି ନ ପାରିବି
ପାଠ ପଢା ଛାଡି
ଦେଶକୁ ବାହୁଡି ଯିବି।"

ଚିଠି ପାଇ ବାପା
ଲେଖିଲେ ପୁଅକୁ
"ଉଦ୍ଦେଶ୍ୟ ମୋହର ଭିନ୍ନ
କେମିତି ଚଳୁଛୁ
ବିଦେଶୀଙ୍କ ସାଥେ
ହୋଇ ଯାଉନୁ ତ ଦୀନ???

ଚାହିଁଲେ ଆଉ ବି
ପଠାଇ ପାରିବି
ମୋ'ମନେ କାର୍ପଣ୍ୟ ନାହିଁ
ଖାପ ଖୁଆଇ ତୁ
ଚଳି ହିଁ ପାରିବୁ
ପଛରେ ପଡିବୁ କାହିଁ??? "

କାଳେ ପୁତ୍ର ତହିଁ
ପଥଭ୍ରଷ୍ଟ ହେବ

ISSN NO.
2582-208X

ବାପାଙ୍କର ଡର ଥିଲା
ଚାଟ ଘର ପିଲା
ଭାଟ କାହିଁ ହେବ
ସଠିକ ଉତ୍ତର ଦେଲା।

ବାପ ପୁଅ ଦୁହେଁ
ମୋତିଲାଲ୍ ଆଉ
ପଣ୍ଡିତ ନେହେରୁ ଥିଲେ
ପରସ୍ପର ଥିଲେ
କାହାକୁ ବାଛିବେ ଭାରି ସ୍ୱାଭିମାନୀ
ଇତିହାସ ରଚି ଦେଲେ।

(((-)))

ମୋ ନଂ 9937462507

ISSN NO.
2582-208X

# ଥରେ ଆସିବ କି ପ୍ରିୟତମ



ପ୍ରିୟଙ୍କା ମହାନନ୍ଦ

ନିର୍ମଳ ନଭରେ ପୁନେଇଁ ଚନ୍ଦ୍ରମା ଜ୍ୟୋତ୍ସ୍ନା ଭିଜା ଜହ୍ନରାତି
ଚକୋର ଚକୋରୀ ପ୍ରଣୟ ପୀରତି ଦେଖି ମଳୟ ଗାଏ ମଧୁ ଗୀତି ।।

ଦୂର ଗିରି ବନେ ଝରି ଆସେ ନିର୍ଝରଣୀ ସାଗରେ ମିଶିବା ପାଇଁ
ପ୍ରେମିକ ବିଧୁର ପ୍ରେମ ଚାହାଣୀ ଦେଖି ହସେ ସରସୀରେ ନୀଳକଇଁ ।।

ବସନ୍ତ ସଙ୍ଗେ ରଙ୍ଗ ଧରି ହାତେ ଆସିଛି ଫୁଲେଇ ଫଗୁଣ
ତୁମେ ଆସି ମତେ ରଙ୍ଗ ଲଗାଇବ ଭାବି ତନୁମନେ ଖେଳେ ଶିହରଣ ।।

ହୃଦ ଅଗଣାରେ ପ୍ରେମଦୀପ ଜାଳି ବସିଛି ଥରେ ହେବ କି ତୁମ ଆଗମନ ??
ଝୁରୁଛି ନୟନ ଅମାନିଆ ମନ ଖୋଜେ ତୁମ ବାହୁ ବନ୍ଧନ ।।

ତୁମ ଅନୁପସ୍ଥିତି ରେ ମୋହରି ଅବସ୍ଥା ଜଳ ବିନା ମୀନ ସମ
ମୋ ଅସରନ୍ତି ଅପେକ୍ଷା କୁ ଅନ୍ତ କରି ଥରେ ଆସିବ କି ପ୍ରିୟତମ ??

(((-)))

ନୁଆଁ ଜାମପାଲି,
ବରଗଡ଼

ISSN NO.
2582-208X

# ସମୟର ଆଢୁଆଳରେ, କାଶୀନଗରର ଲୋକ କଳା



ଜୟ କୁମାର ମିଶ୍ର

ଗଜପତି ଜିଲ୍ଲାର ସାତଟି ବ୍ଲକ ମଧ୍ୟରୁ କାଶୀନଗର ବ୍ଲକ ଅନ୍ୟତମ । ବଂଶଧାରା ନଦୀ କୂଳରେ, ଓଡିଶାର ଦକ୍ଷିଣ ଦିଗରେ ଉପାନ୍ତ ଅଞ୍ଚଳ ହେଉଛି କାଶୀନଗର । ଏହା ଏକ କଳା, ସଂସ୍କୃତି, ସାହିତ୍ୟ ସମ୍ପନ୍ନ ପୀଠ, ଏଠିକା ର ମାଟି, ପାଣି, ପବନ, ବନ, ଲତା, ପାହାଡ଼, ମନ୍ଦିରରେ ଭରି ରହିଛି କଳା, ସାହିତ୍ୟ, ସଂସ୍କୃତି । ଏଠିକାର ଅଧିବାସୀ ବିଶେଷ କରି, ଓଡ଼ିଆ, ତେଲୁଗୁ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି ।ଅନେକ ଜାତି, ଉପ ଜାତି, ଧର୍ମର, ଲୋକେ ଏଠି ନିବାସ କରି ରହୁଥିଲେ ମଧ୍ୟ ପରସ୍ପର ମଧ୍ୟରେ ସ୍ନେହ, ପ୍ରୀତି, ମମତା ଅତୁଟ ରହିଛି । ଆବଶ୍ୟକ ସମୟରେ (ଜାନି, ଯାତ, ପୂଜା, ଗଣେଶ ପୂଜା, ଠାକୁରାଣୀ ପର୍ବ (ଘଟ ପର୍ବ)ରେ ଦଶହରା, ମକର ସଂକ୍ରାନ୍ତି ମେଳା, ମଉଛବ, ପୁଣ୍ୟ ପର୍ବରେ, ମତକୁ ମତ, ହାତକୁ ହାତ, କାନ୍ଧକୁ କାନ୍ଧ ମିଳାଇ ଆଗେଇ ଆସନ୍ତି, କାର୍ଯ୍ୟଟିକୁ ସମ୍ପାଦନ କରିବାକୁ ଯଥାସାଧ୍ୟ ସାହାଯ୍ୟ ସହଯୋଗ କରନ୍ତି । ଗୋଟିଏ ପଦରେ କହିବାକୁ ଗଲେ, ଭାଇ ଚାରାର ସହର କାଶୀନଗର । ପରିସ୍ଥିତି, ପରିବେଶ ଅନୁଯାୟୀ ବେଳେ ବେଳେ, ମତଭେଦ, ବାଦ, ବିବାଦ, ଅଶାନ୍ତି ଦେଖାଦିଏ । ମନାନ୍ତର ଘଟିଲେ ମଧ୍ୟ ମତାନ୍ତର ଘଟେ ନାହିଁ ।

ଏଠିକାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି । କିଏ ଚାଷୀ, କିଏ ଭାଗ ଚାଷୀ, କିଏ କୃଷି ମୁଲିଆ ଅବା କିଏ ହଳିଆ । ହାତ ଗଣତିରେ କ୍ୱଚିତ ଲୋକ ବ୍ୟବସାୟୀ, ମିସ୍ତ୍ରୀ, ବଢ଼େଇ (କାଠ କାମ), କମାର ଆଦି ଲୋକ ରୁହନ୍ତି ।

ISSN NO.
2582-208X

ବିପଦ, ଆପଦ, ଶୁଭ, ଅଶୁଭରେ ସହାୟତା ପାଇଁ ଆଣ୍ଠୁ ଭିଡନ୍ତି । ଅଶୀ ଦଶକର କଥା, ସେତେବେଳେ ଆଜି ଭଳି ଘରେ ଘରେ ଦୂରଦର୍ଶନ ନଥିଲା । ନ ଥିଲା ଏଣ୍ଡ୍ରଏଡ୍ ମୋବାଇଲ । କର୍ମକ୍ଳାନ୍ତ ଜୀବନକୁ ଲାଘବ କରିବାକୁ ଯାନିଯାତ୍ରା, ଲୋକକଳା, ଦାସକାଠିଆ, ପାଲା, ଭକ୍ତପ୍ରହ୍ଲାଦ, ଭୁତକେଳି, ରାସ ଲୀଳା ଆଦିର ଆଶ୍ରୟ ନେଉ ଥିଲେ । ବହୁଳ ଭାବରେ ଆଧ୍ୟାତ୍ମିକ ଧର୍ମୀ ଥିଲେ ।

ଏହି ଉପାନ୍ତ ଆଞ୍ଚଳରେ ଗଢି ଉଠିଥିଲା "ଭୁତ କେଳି" ଗୀତି ନାଟ୍ୟ । ତାହା ସଙ୍ଗେ, ସଙ୍ଗେ ଗଢି ଉଠିଥିଲା "ଭୁଡ଼ିକି ନାଚ" । ଭୁତ କେଳିକୁ ବୁଦୁରା ଗ୍ରାମ ପଞ୍ଚାୟତର ବଥବା ଗ୍ରାମର ଏବଂ କାଶୀନଗରରେ ମଧ୍ୟ ଭାଗରେ ଥିବା ପନ୍ଦରା ସାହିରେ ଗଢି ତୋଳିଥିଲେ । ପନ୍ଦରାଙ୍କ ସହ, କାମ୍ପ (ତେଲଙ୍ଗା) ମାନେ ମିଳିତରେ ଗଢିଥିଲେ । କାଶୀନଗର ପନ୍ଦରା କୁଳର ଜାତିଭାଇଙ୍କ ମିଳିତ ଉଦ୍ୟମରେ ଗଢିଉଠିଥିଲା ଏହି ଲୋକକଳା । ଖାରଡା ଗ୍ରାମରେ ମୁଣ୍ଡ ଟେକିଥିଲା "ଭୁଡୁକି" ନାଚ ନାମରେ ।

ସଭିଏଁ ଏକମନ, ଏକପ୍ରାଣ ହୋଇ ସ୍ଥିରକଲେ ନାଟ୍ୟଶିକ୍ଷା ପାଇଁ । ନିକଟସ୍ଥ ଗ୍ରାମର ଜଣାଶୁଣା, ଅଭିଜ୍ଞ ଗୁରୁଙ୍କୁ ଡକାଇ ନାଟକ ଶିକ୍ଷାର ଶୁଭାରମ୍ଭ କଲେ । ଗୁରୁଙ୍କ ରହିବା ଖାଇବା ବ୍ୟବସ୍ଥା ଗାଆଁ ଲୋକଙ୍କୁ ବୁଝିବାକୁ ପଡୁଥିଲା । ଏଥିପାଇଁ ଗାଆଁମୁଣ୍ଡରେ ଛଣ ଛପର ଛାଉଣୀ, ଝାଟିମାଟି ଭରା କୁଡ଼ିଆଟିଏ ନିର୍ମାଣ କରାଗଲା । ଦୈନିକ ଜୀବନର, ଜୀବିକାରୁ ଫେରି ଯାହା ଗଣ୍ଡାଏ ଖାଇସାରି, ପୂର୍ବନିର୍ଦ୍ଧାରିତ ସମୟରେ ସନ୍ଧ୍ୟାରେ ଆଖଡ଼ା ଘରେ ଆଗ୍ରହୀ ଲୋକ ନିଜର ଉପସ୍ଥାନ ଦେଉଥିଲେ ।

ଗୁରୁଙ୍କ ନିର୍ଦ୍ଦେଶ କ୍ରମେ କିଏ ବାଦ୍ୟ ବାଦନ କୌଶଳକୁ ଆୟତ୍ତ କଲେ (ମୃଦଙ୍ଗ, ଝାଞ୍ଜ, ହାର୍ମୋନିୟମ, ଗିନି, ଖଞ୍ଜଣି)ତ କିଏ ପାତ୍ରଧର୍ମୀ ଆଳାପ, ସଂଗୀତ, ଗୀତାଭିନୟକୁ ସାଧନା କଲେ । ଅଧିକାଂଶ ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଥିବାରୁ ଗୁରୁଙ୍କ ଉଚ୍ଚାରଣ ଶୁଣି, ଶୁଣି ମୁଖସ୍ଥ କରି ଆବୃତ୍ତି କରିବାକୁ ପଡିଲା । ରୂପ କଳେବର ଦକ୍ଷତାକୁ ନେଇ ବିଭିନ୍ନ ପାତ୍ର ଆବଣ୍ଟନ କରାଯାଇ ଥିଲା । ପ୍ରମୁଖ ଭୂମିକା ଯଥା ରାଧା, କୃଷ୍ଣଙ୍କ ଭୂମିକାକୁ ଦୁଇ, ଦୁଇ ଜଣଙ୍କ ମଧ୍ୟରେ ଆବଣ୍ଟନ କରା ଯାଇଥିଲା । ଉଦ୍ଦେଶ୍ୟ ଥିଲା ଜଣଙ୍କ ଉପରେ ଥିବା ଦାୟିତ୍ୱ ଓ ଶ୍ରମକୁ ଲାଘବ କରିବା ପାଇଁ ।

ISSN NO.
2582-208X

ଦିନ ଦିନ, ମାସ ମାସ, ବର୍ଷବର୍ଷ ନିତ୍ୟ ନିୟମିତ ବିଳମ୍ବିତ ରାତ୍ରଯାଏ ସାଧନାକାର୍ଯ୍ୟ ଅବ୍ୟାହତ ହୋଇ ଚାଲିଲା । କାର୍ଯ୍ୟ ସୁଚୀ ଅନୁଯାୟୀ ସଙ୍ଗୀତ, ଆଳାପ, ଅଭିନୟ ଏକା ଧାରରେ ଚାଲିଲା । ସଙ୍ଗୀତ ଗାନପରେ ପାଳିଆଦଳ ସମ୍ମିଳିତ କଣ୍ଠରେ ସଙ୍ଗୀତକୁ ଉଚ୍ଚ ତାନରେ ଗାନ କରି, ବିବିଧ ବାଦ୍ୟନାଦ ପରିବେଷଣ କରୁ ଥିଲେ । ନିରନ୍ତର କଠୋର ସାଧନା ପରେ ସମ୍ପୂର୍ଣ୍ଣ ରୂପ ରେଖ ପାଇ ଥିଲା "ଭୁତକେଳି" । ଶୁଭ ଦିନ, ଶୁଭ ମୁହୂର୍ତ୍ତ ଦେଖି ମୁକ୍ତିଲାଭ କରିଥିଲା ଗାଆଁ ସାହି ଦାଣ୍ଡରେ । ପ୍ରଥମେ ପ୍ରଥମେ ଆର୍ଥିକ ସମସ୍ୟାରେ ପଡି କଳାକାର ନିଜ ରୂପସଜ୍ଜା (ପ୍ରସାଧନ ବସ୍ତ୍ର, ବିଗ, ତେଲ) ସାମଗ୍ରୀ ନିଜେ ଆଣୁଥିଲେ। ଅନ୍ୟଜଣଙ୍କ ସହାୟତାରେ ରୂପସଜ୍ଜା ହେଉଥିଲା ।ନାରୀ ଚରିତ୍ର, ଭୂମିକା ପାଇଁ (ଦୂତୀ, ରାଧିକା, ଝାଙ୍କି, ପାର୍ବତୀ) ପାଇଁ ପୁରୁଷ ମାନଙ୍କୁ ବେଶ ଧାରଣ କରିବାକୁ ପଡୁଥିଲା।

ଚିତ୍ରକରର ନିଖୁଣ କରସ୍ପର୍ଶ ଯାଦୁରେ (ସାଜ ସଜ୍ଜାରେ) ବାରି ହେଉ ନଥିଲା ପୁରୁଷ କି, ସ୍ତ୍ରୀ । ନିଜ ଘରର ମାଆବାପା, ଭାଇଭଉଣୀ, ଅତ୍ମୀୟ, ସାଙ୍ଗ ସାଥୀ ସନ୍ଦେହରେ ପଡୁଥିଲେ । ପ୍ରଚାର, ପ୍ରସାର ଅଭାବରୁ ପ୍ରଥମେ ପ୍ରଥମେ ମୁଷ୍ଟିମେୟ ଲୋକେ ଉପସ୍ଥିତ ରହୁଥିଲେ । ପରେ କାନକୁ, କାନ ହୋଇ ଗାଆଁ ଦାଣ୍ଡ ଡେଇଁ ପଲ୍ଲୀ ପଙ୍କାଳ, ସହର ଯାଏ ନାଟକ ସମ୍ପର୍କେ ଚର୍ଚ୍ଚା ହେଲା । ଏହା ସହ ବିଭିନ୍ନ ଗଣମାଧ୍ୟମ ମଧ୍ୟ ଏହାର ଗୁଣାର୍ଣ୍ଣବ ଗାନ କଲେ । ବିଭିନ୍ନ ଅବକାଶ ଅବସରରେ ବାହାରୁ ନିମନ୍ତ୍ରଣ ଆସି ପହଞ୍ଚିଲା । ସମୟ କ୍ରମେ ଚାହିଦା ବଢିବା ସହ ନାଟକ ମଞ୍ଚାୟନର ମୂଲ୍ୟ ବଢ଼ି ବଢ଼ି ଚାଲିଲା । ଆର୍ଥିକ ସ୍ୱଚ୍ଛଳତା ଅନୁଯାୟୀ ରୂପ ସଜ୍ଜାର ସାମଗ୍ରୀରେ ପରିବର୍ତ୍ତନ କରାଯାଇ ଆକର୍ଷଣୀୟ ଦାମିକା ବସ୍ତ୍ର, ଅଳଙ୍କାର ବେଶ ସରଞ୍ଜାମ ବ୍ୟବହାର କରାଗଲା ।

ଏହି ନାଟକର ଚାହିଦା ଏତେ ପରିମାଣରେ ବଢ଼ି ବଢ଼ି ଚାଲିଲା ଯେ ଲୋକେ ସପରିବାର, ଆତ୍ମୀୟ ସ୍ୱଜନଙ୍କୁ ନେଇ ପାଦରେ ଚାଲି ଚାଲି, ସାଇକେଲରେ, ଶଗଡ଼ରେ ବସି ନାଟକ ସ୍ଥଳରେ ଉପସ୍ଥିତ ହେଉଥିଲେ । ଲୋକଙ୍କ ହୃଦୟ ମନକୁ ଏ ନାଟକ ଏତେ ମାତ୍ରାରେ ଛୁଇଁ ଥିଲା ଯେ ଲୋକେ ସର୍ବସାଧାରଣରେ ବିଭିନ୍ନ ଅବକାଶରେ, ବାଟରେ, ଘାଟରେ, ତୁଠରେ, ମଠ, ମନ୍ଦିରରେ, ଗାଆଁ ତୋଟା ମାଳରେ, କ୍ଷେତରେ ରାଗ, ରାଗିଣୀ, ଆଳାପକୁ କହି, ଗାଇ ଆନନ୍ଦିତ ହେଉଥିଲେ । କେହି କେହି ଅଭିନୟରେ ମୁଗ୍ଧ ହୋଇ ଅର୍ଥ ଉପହାର, ଉପଢୌକନ ଦେଉଥିଲେ ।

ISSN NO.
2582-208X

ଏତ ଗଲା "ଭୁତକେଳିର" ଜୟ ଯାତ୍ରାର କଥା, ଏବେ ବିଚାର କରିବା ଖାରଡ଼ା "ଭୁଡ଼ିକି ନାଚ" କଥା । ଗୁରୁ ଆକର୍ଷଣ କିମ୍ବା କଉତୂକିଆ ବେଶ ଧାରଣ କରି 'ଭୁଡ଼ିକି'କୁ ବଜାଇ ତାର ତାଳେ, ତାଳେ ପୂରାଣ, ଶାସ୍ତ୍ର, ରାମାୟଣ, ମହାଭାରତ, ଆଧୁନିକ ଗୀତ ଗାନ କରୁଥିଲେ । କେତେକ ସଖା, ସଖୀ ନୃତ୍ୟ କରି ମନୋରଞ୍ଜନ କରୁଥିଲେ । ଏହାର ଚାହିଦା ମଧ୍ୟ କିଛି କମ୍ ନଥିଲା ।

ପରିବର୍ତ୍ତିତ ସମୟ ଅନୁଯାୟୀ ମଣିଷର ରୁଚି, ଅଭିରୁଚି, ଆଗ୍ରହ ବଦଳିବାକୁ ଲାଗିଲା । ଆଧୁନିକତାର ମୋହରେ ସବୁ ବାନ୍ଧି, ଛନ୍ଦି ହେଲେ । ଘରେ ଘରେ ଦୂରଦର୍ଶନ ଆସି ପହଞ୍ଚିଲା । ଶୀତ, କାକରରେ ଖୋଲା ଆକାଶ ତଳେ ବିନିଦ୍ରିତ ହୋଇ ଘଣ୍ଟା ଘଣ୍ଟା ଧରି ନାଟକ ଦେଖିବାର ଧୈର୍ଯ୍ୟ ରହିଲା ନାହିଁ । ବୃଦ୍ଧାବୃଦ୍ଧୀମାନେ ନିଜର ରୁଗ୍ଣ ସ୍ୱାସ୍ଥ୍ୟକୁ ନେଇ ଆଧୁନିକ ନବ ଆଧୁନିକତାକୁ ଆପଣେଇ ଏହାଠାରୁ ମୁହଁ ଫେରାଇଲେ । ଏହି ନାଟକର କେତେକ କଳାକାର ବିବିଧ କାରଣରୁ କାଳରେ, ଅକାଳରେ ଆରପାରିକୁ ଗଲେ ।ଆଉ କିଏ ପେଟପାଟଣାର ଦାଉକୁ ସମ୍ଭାଳି ନପାରି ନିଜ ଭିଟାମାଟି ଛାଡି ଦୂର ସହରକୁ ଦାଦନ ଖଟିବାକୁ ଗଲେ । ତାଙ୍କର ଶୂନ୍ୟସ୍ଥାନ ପୂରଣ ହୋଇ ପାରିଲାନି । ଦିନକୁ ଦିନ ଏହି କଳା 'ତିନି ଥେଣ୍ଟିଆ କାକୁଡି ବାଣ୍ଟିଆ' ବା 'ମୂଷା ଲଙ୍ଗୁଡିଆ' ହେଲା । ସାହିତ୍ୟ ସଙ୍ଗୀତ, ନାଟକ ସହ ବିରହ, କାରୁଣ୍ୟ, ହାସ୍ୟ ରସ ଭରା ନାଟକ ଆସ୍ତେ ଆସ୍ତେ ନିଜ ଅସ୍ତିତ୍ୱ ହରାଇ ବସିଲା । ପ୍ରଶାସନ, ସଂସ୍କୃତି ବିଭାଗର ପ୍ରୋତ୍ସାହନ ଏଥିପାଇଁ ଲୋଡ଼ା । ପରବର୍ତ୍ତୀ କାଳରେ ଏହାକୁ ପୁନର୍ଜୀବିତି କରିବା ପାଇଁ କାହାର ଆଗ୍ରହ ରହିଲା ନାହିଁ । ଏହି ସବୁ କାରଣରୁ ସମ୍ପ୍ରତି ଲୋକ କଳା ମୃତ ପ୍ରାୟ ।

କର୍ପୁର ଉଡିଛି, କନା ପଡିଛି ସଦୃଶ୍ୟ ଜରାଜୀର୍ଣ୍ଣ ଭଗ୍ନ, ନିମ୍ନ ଅବସ୍ଥାରେ ଆଖଡ଼ା ଘରଟି ଅତୀତର ହୃତଗୌରବକୁ ଧରି ଅଛି । ସେହି ପୂର୍ବ ଗୌରବ ଫେରିବ କି ନାହିଁ, ଏହି ପ୍ରଶ୍ନର ଉତ୍ତର କେବଳ ସମୟ ହିଁ କହିବ ।

(((-)))

ବୁଦୁରୁ, ଗୋରିବନ୍ଧା, ଗଜପତି
ଓଡିଶା, 761206/ 6372127449

ISSN NO.
2582-208X

# ଉତ୍କଳ ଦିବସ



ଦୀପାଳି ବେହେରା

ଉତ୍କଳ ଦିନ ଆସିଲାରେ ଆଜି
ଗର୍ବେ ଭରିଲା ମନ ସାଜି
ଓଡ଼ିଆ ଭାଷା ଆମ ପ୍ରାଣ,
ସଂସ୍କୃତି ଆମର ଗର୍ବ ଚିହ୍ନ।

ଉଇଁଲା ଏପ୍ରିଲ ପହିଲା ତିଥି
ମନେ ପଡ଼େ ଆମ ପୁଣ୍ୟ ମାଟି
୧୯୩୬ ମସିହା କଥା,
ଗଢ଼ା ହେଲା ଆମ ଓଡ଼ିଶା ମଥା ।

ମଧୁସୂଦନ ଓ ଗୋପବନ୍ଧୁ
ସେ ଯେ ମାନବିକତାର ସିନ୍ଧୁ
ତାଙ୍କରି ତ୍ୟାଗ ଓ କଠିନ ଶ୍ରମ,
ଓଡ଼ିଆ ଜାତିର ବଢ଼ାଏ ଭ୍ରମ ।

ବୀର ସନ୍ତାନର ତ୍ୟାଗ ତପସ୍ୟା
ଗଢ଼ିଥିଲା ଏହି ପବିତ୍ର ରାଜ୍ୟ,
ଭାଷା ପାଇଁ ଲଢ଼ିଥିବା ସେମାନେ
ଆଜି ଆମର ଗର୍ବ ଓ ସାହସ।

ISSN NO.
2582-208X

ନୀଳଚକ୍ର ତଳେ ଆଶାର ଦୀପ,
ଶ୍ରୀ ଜଗନ୍ନାଥଙ୍କ ଅସୀମ ଶକ୍ତି ।
ସମୁଦ୍ର ତଟରେ ସୁନାଲି ସ୍ୱପ୍ନ,
କୋଣାର୍କ ଗାଏ ଗୌରବ ଗାଥା ।

ସମୁଦ୍ର ତୀର ଗଜେ ଗୀତ
ଶୌର୍ଯ୍ୟ କାହାଣୀ ପବିତ୍ର
କଳା ନୃତ୍ୟ ମିଠା ଗୀତ,
ଉତ୍କଳ ମାଟି ଅମୃତ ସ୍ୱୀତ ।

ତ୍ୟାଗ ତପସ୍ୟାର ପବିତ୍ର ଭୂମି
ସଂସ୍କୃତିର ଅମୃତ ଧାରା,
ଶିର ନମାଇ କହୁ ଆମେ
ବନ୍ଦେ ଉତ୍କଳ ଜନନୀ ।

ଜୟ ଉତ୍କଳ, ଜୟ ଓଡ଼ିଶା
ଆମ ଗର୍ବ ଆମ ଦିଶା,
ଆସ ନେବା ନୂଆ ଶପଥ
ଓଡ଼ିଆ ମାନ ରଖିବା ।

(((-)))

ମୟୂରଭଞ୍ଜ

ISSN NO.
2582-208X

# ଅସ୍ତିତ୍ୱହୀନା ସ୍ମିତି



ସ୍ମିତି ପ୍ରଜ୍ଞା ନାୟକ

ଦିନଟିଏ ହେଲେ ମୋତେ ସଭିଏଁ ଭଲ ପାଇବେ
ସତରେ ଥରଟିଏ ପାଇଁ ଶ୍ରଦ୍ଧା କରିବେ !
କରିବାକୁ ଯେ ବାଧ୍ୟ ହୋଇ ପଡିବେ
ନହେଲେ କେମିତି ଶ୍ରଦ୍ଧାଞ୍ଜଳି ଦେବେ ?
ତଥାକଥିତ ସମ୍ପର୍କୀୟମାନେ ମୋର ସେଦିନ
କୁମ୍ଭୀରକାନ୍ଦଣା କାନ୍ଦିବେ ! ହଁ ନିଶ୍ଚୟ କାନ୍ଦିବେ
କିଏ ମୋର ସମ୍ପର୍କରେ କଣ ହେବେ ସବୁ ବଖାଣିବେ
ତା'ପରେ ମୋର ସବୁ ସଦଗୁଣର ତାଲିକା ଦେବେ
ଦିନଟିଏ ହେଲେ ମୋତେ ସଭିଏଁ ଭଲ ପାଇବେ .......

ଉଡ଼ିଯିବ ଅନନ୍ତ ଆକାଶେ ମୋର ଆତ୍ମା ପକ୍ଷୀ
ଶତଚେଷ୍ଟା ବଳେ ତାକୁ ନ ପାରିବି ରୋକି
କ୍ଷୀଣ ଆଲୋକିତ ଜୀବନ ପ୍ରଦୀପରୁ ମୋ
ଆୟୁଷ ରୂପକ ତୈଳ ଯିବ ସରି
ସହୃଦେ ସଜିତେ ମୃତ୍ୟୁକୁ ନେବି ବରି
କିଛି ସମୟ ପାଏଁ ସଭିଏଁ ହେବେ ମୋତେ ଝୁରି
ଧୂପ -ପୁଷ୍ପ ଫଟୋଚିତ୍ରରେ ଦେବେ
ଦିନଟିଏ ହେଲେ ମୋତେ ସଭିଏଁ ଭଲ ପାଇବେ........

ISSN NO.
2582-208X

ସାହି-ଭାଇ, ସାଙ୍ଗ-ସାଥି ଆଦି ମଲା ଖବର ଶୁଣି
ଧାଇଁବେ ମୋତେ ଭେଟିବାକୁ
ହେଲେ ଭେଟିବେ ଧଳା ଲୁଗା ଘୋଡ଼ିହୋଇ
ମାଟିରେ ପଡ଼ିଥିବା ମୋ ପ୍ରାଣହୀନ ପିଣ୍ଡକୁ
ମାଆ ମୋର କାନ୍ଦି କାନ୍ଦି ଚେତାଶୂନ୍ୟ ହେବ
କରିଥିଲା କେତେ ପୂଜା ମାନସିକ ମୋ
ଦୀର୍ଘାୟୁ ପାଇଁ ବିଳାପି ବିଳାପି ସଭିଙ୍କୁ କହିବ
ଲୋକଦେଖାଣିଆ ହେଉ ପଛକେ ଅନ୍ତତଃ ଥରଟିଏ
ତା' ଜୀବନର ସବୁଠାରୁ ବଡ ଭୁଲର ପ୍ରତୀକଟା
ମଥାରେ ସ୍ନେହପୂର୍ଣ୍ଣ ଚୁମ୍ବନ ଦେବ
ଆଖିରୁ ତା' ଲୁହ ପୋଛି ଆଶ୍ୱାସନା ପୂର୍ଣ୍ଣ
ବାଣୀ ତାକୁ ଦେବାକୁ ସମସ୍ତେ ଚେଷ୍ଟା କରିବେ
ସେଦିନ ମୋତେ ସଭିଏଁ ଭଲ ପାଇବେ .....

ମୁଁ ଜାଣିଛି ତୁମେ ବି ସେଦିନ ଆସିବ
ହେଲେ ଅନୁରୋଧ
ମୋ ଶବଠାରୁ ଦୂରରେ ରହିବ
କାଳେ ତୁମ ସ୍ପର୍ଶ ପାଇଲେ
ନିର୍ଲଜ ଶବଟା ପୁନର୍ବାର ଜୀବନ୍ୟାସ ପାଇଯିବ
ତା'ପରେ ପ୍ରତ୍ୟହ ପୁଣି ମରି ମରି ଜୀଇଁବ
ଧୀରେ ଧୀରେ ସଭିଙ୍କ ଘୃଣାର ଶିକାର ହେବ
ନ ମରିବା ଯାଏଁ ପ୍ରତିକ୍ଷଣେ ତିଳ ତିଳ ଜଳିବ
ହେଲେ ଆଉ ଥରେ ଯେବେ ଇଶ୍ୱର ଏ ଶରୀରରୁ
ଆତ୍ମା କାଢ଼ିନେଇ ତାକୁ ପ୍ରାଣଶୂନ୍ୟ କରିଦେବେ
ସେଦିନ ମୋତେ ସଭିଏଁ ଭଲ ପାଇବେ .............

(((-)))

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ,
ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ/୭୮୯୪୬୮୩୯୦୭

ISSN NO.
2582-208X

# ସମ୍ପର୍କର ଡୋରୀ



ସୁଜାତା ପାହାନ

ମଣିଷ ଏକ ମହାନ୍ ସାମାଜିକ ପ୍ରାଣୀ । ସମାଜରେ ବଞ୍ଚି ରହିବାକୁ ହେଲେ ତାକୁ ଅନ୍ୟ ସହ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିଥାଏ । ସଂପର୍କ ବିନା ସେ ସମାଜରେ ଗୋଟେ ପାଦ ବି ଆଗକୁ ଚାଲି ପାରିବ ନାହିଁ । ମଣିଷ ପରି ଅନ୍ୟାନ୍ୟ ଜୀବଜନ୍ତୁ, ବୃକ୍ଷଲତା ମଧ୍ୟ ପରସ୍ପର ମଧ୍ୟରେ ସମ୍ପର୍କ ରଖି ଏ ସୃଷ୍ଟିରେ ବଞ୍ଚି ଥାଆନ୍ତି । ମଣିଷ ଜନ୍ମ ନେବା ପୂର୍ବରୁ ତା' ମାଆ ସହ ପ୍ରଥମ ସଂପର୍କ ସ୍ଥାପନ କରିଥାଏ, ମାଆ ଗର୍ଭରୁ । ଜନ୍ମ ପରେ ପ୍ରଥମେ ମାଆ, ତା'ପରେ ବାପା, ପରିବାର, ସାଙ୍ଗସାଥୀ ଓ ସମୟକ୍ରମେ ସମାଜ ସହିତ ସମ୍ପର୍କ ସ୍ଥାପନ କରେ । ବେଳେ ବେଳେ ଏହି ସମ୍ପର୍କ ବିଷୟରେ ଭାବିଲେ ଭାରି ଆଶ୍ଚର୍ଯ୍ୟ ଲାଗେ। ସମ୍ପର୍କଟା ଅଜାଣତରେ କାହା ସହ କେମିତି ଯୋଡି ହୋଇଯାଏ ଓ କେତେବେଳେ ସମ୍ପର୍କର ଡୋର କାହାଠାରୁ କେମିତି ଛିଡ଼ିଯାଏ ତାହା ଜାଣିହୁଏ ନାହିଁ।

ସମ୍ପର୍କର ଭୂମିକା ଭିନ୍ନ ଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ମାଆ ସହ ପିଲାର ସମ୍ପର୍କ ଯେପରି ଅତି ମଧୁର ଏବଂ ନିବିଡ଼ । ମାଆ ଗର୍ଭରେ ନଅ ମାସ ଧାରଣ ପରେ ପିଲାଟିକୁ ଜନ୍ମଦେଇ ମାଆ ତା' ସୁଖ ଦୁଃଖର ସାଥୀ ହୁଏ । ପ୍ରାଣ ଠାରୁ ବଳି ପିଲାକୁ ଭଲ ପାଏ । ସମସ୍ତ ସୁଖ ସମ୍ପଦକୁ ତ୍ୟାଗ କରି ସେ ପିଲାଟିର ଯତ୍ନ ନିଏ । ପିଲାଟିକୁ ମଣିଷ କରେ । ପିଲାଟି ବଡ଼ ହୋଇ ମାଆର ତ୍ୟାଗର ମହତ୍ୱକୁ ନ ବୁଝି ମାଆକୁ ନିର୍ଯ୍ୟାତନା, ଦୁଃଖ, କଷ୍ଟ ଦେଲେ ମଧ୍ୟ ପିଲାଠାରୁ ମାଆର ସମ୍ପର୍କ ତୁଟି ନଥାଏ। କାରଣ ଏହା ଅତି ନିବିଡ଼ । ସନ୍ତାନଟି ସମ୍ପର୍କର ଧାରାକୁ ଛିଣ୍ଡେଇ ଦେଇପାରେ କିନ୍ତୁ ମାଆ ନୁହେଁ । ସେହିପରି ସଂଗ୍ରାମ ଭୂମିରେ ସୈନିକଟିଏ ଶତ୍ରୁ ଦ୍ୱାରା ଯେତେ ନିର୍ଯ୍ୟାତିତ ହେଲେ ମଧ୍ୟ ସେ

ISSN NO.
2582-208X

ମରିବ କିମ୍ବା ଶତ୍ରୁକୁ ମାରିବ, ଏହି ସଙ୍କଳ୍ପରେ ଦୃଢ଼ ଥାଏ । ସଂଗ୍ରାମ ଭୂମିରୁ ସେ ପଳାୟନ କରେ ନାହିଁ, କାରଣ ସଂଗ୍ରାମ ଭୂମି ସହ ତାର ସମ୍ପର୍କ ଅତି ନିବିଡ଼ । ସେ ତାର ମାତୃଭୂମି ପାଇଁ ପ୍ରାଣବଳି ଦେବାକୁ ପଛାଏ ନାହିଁ । ସଂଗ୍ରାମଭୂମି ଏବଂ ମାତୃଭୂମି ସହ ତା'ର ନିବିଡ଼ ସଂପର୍କକୁ ମରିବା ପଯ୍ୟନ୍ତ ସେ ଛିଡାଇ ପାରେ ନାହିଁ ।

ଆଉ କେତେକ ଚତୁର ଲୋକ ନିଜର ଫାଇଦା ପାଇଁ ସମାଜର ଅବହେଳିତ ଓ ନିରୀହ ଲୋକମାନଙ୍କ ସହ ମତଲବି ଓ ଅସ୍ୱାଭାବିକ ସମ୍ପର୍କ ସ୍ଥାପନ କରି ଉପରକୁ ଉଠିବାକୁ ଚେଷ୍ଟା କରନ୍ତି। ଯାହାକି କ୍ଷଣସ୍ଥାୟୀ ଅଟେ । ନିଜର ସ୍ୱାର୍ଥ ହାସଲ ହୋଇସାରିବା ପରେ ସେମାନଙ୍କୁ ଗୋଡ଼ରେ ଆଡେଇଦେଇ ଚାଲିଯାଆନ୍ତି। ଉପରେ ସେମାନଙ୍କୁ ଶତ୍ରୁ ଠାରୁ ବଳି ନିର୍ଯାତନା ଦେବାକୁ ମଧ୍ୟ ପଛାନ୍ତି ନାହିଁ । ସମ୍ପର୍କ କାହା ସହିତ କେବେ ଆରମ୍ଭ ହେବ ବା ଶେଷ ହେବ ତାହା କେହି ଜାଣି ନ ଥାନ୍ତି। ଆରମ୍ଭରେ କାହାର ସମ୍ପର୍କରେ ମଧୁରତା ଥିଲେ ବି କେବେକେବେ ତିକ୍ତତାରେ ଛିନ୍ନ ହୁଏ। କେବେ ପୁଣି ସାରା ଜୀବନ ସମ୍ପର୍କରେ ମଧୁରତା ଭରି ରହିଥାଏ ।ଏହା ଅତି ଅଶ୍ଚାଯ୍ୟର କଥା,କିନ୍ତୁ ଏ କଥା ନିଶ୍ଚୟ ସତ ଯେ ସମ୍ପର୍କରେ ମଧୁରତା ଓ ତିକ୍ତତା ଉଭୟ ଥାଏ ।

ଜଣେ ଲୋକର ଅନେକ ଲୋକଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥାଏ । ମାତ୍ର ସଂପର୍କର ସୁଦୃଢତା, ବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରା ଉପରେ ନିର୍ଭର କରେ । ଜଣେ ଜଣକ ସହ ସମ୍ପର୍କ ସ୍ଥାପନ କଲାବେଳେ ଯଦି ସେଥିରେ ସ୍ୱାର୍ଥ ନ ଥାଏ, ସେ ଯଦି ଅନ୍ୟକୁ ଭଲ ପାଉଥାଏ, ଅନ୍ୟର ମଙ୍ଗଳ ଚାହୁଁଥାଏ, ତାହାହେଲେ ସେ ସମ୍ପର୍କ ସହଜରେ ତୁଟେ ନାହିଁ। ଯେଉଁମାନେ କେବଳ ନିଜ ପାଇଁ ବଞ୍ଚନ୍ତି, ନିଜ ସ୍ୱାର୍ଥ ପାଇଁ ଅନ୍ୟ ସହ ସମ୍ପର୍କ ସ୍ଥାପନ କରନ୍ତି,ସେମାନଙ୍କର ସମ୍ପର୍କ ଖୁବ୍ ଶୀଘ୍ର ତୁଟି ଯାଏ ।

ବ୍ୟକ୍ତି, ଗୋଷ୍ଠୀ, ଜାତି, ଦେଶ ମଧ୍ୟରେ ଯେଉଁ ସମ୍ପର୍କ ସ୍ଥାପନ କରାଯାଏ, ତାହା ଯଦି ସୁଦୃଢ଼ ନ ହୁଏ, ସେଠି ବିଶୃଙ୍ଖଳା ସୃଷ୍ଟି ହୋଇ ଅଶାନ୍ତିର ଝଡ଼ ଉଠେ । ମାତ୍ର ଯେଉଁଠି ସଂପର୍କର ସୁଦୃଢ଼ତା ଥାଏ, ସେଠି ଶୃଙ୍ଖଳା ଥାଏ ଓ ଶାନ୍ତି ବିରାଜମାନ କରିଥାଏ। ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ଏକମତ ହେବା ଯେ ବ୍ୟକ୍ତିଗତ ସ୍ତର ହେଉ ବା ସାମାଜିକ ସ୍ତର ଯେଉଁ ସ୍ତରରେ ଆମେ ସମ୍ପର୍କ ସ୍ଥାପନ କରିବା ତାହା ଅନ୍ୟର ମଙ୍ଗଳ କାମନା କରିବା ସହିତ ବିଶ୍ୱାସର ସହ ସେହି ସମ୍ପର୍କର ଦିଗକୁ ହାତ ବଢ଼େଇବା ଉଚିତ୍ । ଯାହାକି ଦୀର୍ଘ ସ୍ଥାୟୀ ହେବ । ଆମେ ସଂସାରରୁ ବିଦାୟ ନେବା ପରେ ମଧ୍ୟ ଆମର

ISSN NO.
2582-208X

ସମସ୍ତ ସମ୍ପର୍କର ଡୋରୀ ଆପେ ଆପେ ଛିଡି ଗଲେ ସୁଦ୍ଧା ସମ୍ପର୍କର ସ୍ମୃତି ଜୀବିତ ରହିଥାଏ କାଳ କାଳକୁ ।

ନିସ୍ୱାର୍ଥପର ସମ୍ପର୍କ ହିଁ ଚିରସ୍ଥାୟୀ ଯାହା ବିଶ୍ୱାସର ପକ୍କା ଚଟାଣ ଉପରେ ଦୃଢ଼ ଭାବରେ ନିବିଡ଼ତାର ସହିତ ଚିରଦିନ ପାଇଁ ଅମଳିନ ରହିବାର ପ୍ରତିଶୃତି ଦେଇଥାଏ ।

ସମ୍ପର୍କ ବିନା ମଣିଷ କଣ ବଞ୍ଚିପରିବ ? ଏହା କଣ ସତରେ ସମ୍ଭବ ? କହିବାକୁ ଗଲେ ସମ୍ପର୍କ ବିନା ଏ ଜୀବନ ସ୍ୱାଦହୀନ, ରସହୀନ, ରଙ୍ଗହୀନ, ନିରର୍ଥକ ଏବଂ ଦୁର୍ବିସହ ମନେହୁଏ । ତେଣୁ ପରିଶେଷରେ ଏତିକି କୁହାଯାଇପାରେ ଯେ "ସମ୍ପର୍କ ହିଁ ବଞ୍ଚିବାର ମାଧ୍ୟମ ଏବଂ ସମ୍ପର୍କ ବିନା ମଣିଷ ଜୀବନ ମୂଲ୍ୟହୀନ"।

(((-)))

ଅଧ୍ୟାପିକା (ଓଡ଼ିଆ ଭାଷା ସାହିତ୍ୟ ବିଭାଗ)
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ଠାକୁର



ସୁଷମା ହୋତା

ହେ ଠାକୁର!!
କୋଟୀ କୋଟୀ ଜନତାଙ୍କ
କୋଲା ହଳ ଭିତରେ
ଦାଉ ଦାଉ ହୋଇ ଝଟକୁ ଥାଅ
ସାରା ସଂସାରର ଫୁଲ ଚନ୍ଦନ
ମାନ, ଅଭିମାନ, ଭଲ, ମନ୍ଦ
ନେଇ କିପରି ହୋଇପାର
ତୁମେ ପ୍ରଫୁଲ୍ଲମୟ ଆନନ୍ଦ...
ବଡ଼ ଦେଉଳ
ଶ୍ରୀମନ୍ଦିର
ବଡ଼ ଠାକୁର
ସବୁ ବଡ଼ ବଡ଼ରେ ତ ଗଢ଼ା
ଯେତେ ଥର ଯାଏ
ଭିଡ଼ ଭିତରେ ପଛକୁ ରହିଯାଏ..
ମନରେ ଅସରନ୍ତି ଆବେଗ
ତୁମକୁ ଥରେ ମନ ପୁରେଇ
ଦେଖିବାକୁ କେତେ ଉନ୍ମାଦନା
ବୁଝି ପାର କି ନ ପାର

ISSN NO.
2582-208X

ମୋ ପରି ଦୁଃଖିନୀର ଭାବନା..
ପଢ଼ କି ନ ପଢ଼ ଆଁଖିର ଭାଷା
ଶୁଣିଛି ସାରା ସଂସାର ର
ଭକତ ଙ୍କ ଦୁଃଖ ଦେଖିପାର
କୋଳାହଳ ମୟ ପରିବେଶରେ
ମୋ ଠୁଁ କାହିଁକି ଖୋଜିବ
ମୋର ଭାବ ଅବା ଭୋଗ..
ଆସିଥିଲି ପ୍ରଭୁ ଏତେ ଦୂରୁ
ନେଇ ଶରୀରର କଷ୍ଟ
ଫେରି ଯାଉଛି ଖାଲି ହାତରେ
ଭସେଇ ଦେଇ ମହୋଦଧୀରେ
ପାଇବାକୁ ଆଶା ରଖିଥିବା
ସବୁତକ ଶପଥ..
ମାନ କରିବି ବା କାହିଁକି ??
ମୁଁ ନୁହେଁ ସାଲବେଗ
ଅବା ବାଲି ରଥ ବଳରାମ
କି ଅଇଁଠା ଦେଇଥିବା ଶବରୀ
ଖାଲି ରହିଗଲା ଅବଶୋଷ
ପାଖରୁ ନିରେଖି ପାରିଲିନି
ତୁମ ଚକା ଆଁଖି ସାଥେ
ସାରା ଦୁନିଆଁ କୁ ଚାହୁଁ ଥିବା ମୁଖ...

(((-)))

ଗୁଲୁଣ୍ଡା, ମାନେଶ୍ୱର, ସମ୍ବଲପୁର,
ଫୋନ -76830977732

ISSN NO.
2582-208X

# ପୁତ୍ର



ନୀଳମଣି ଚାନ୍ଦ

ପୁତ୍ ନରକରୁ ଉଦ୍ଧାର କରେ ସେ
ତେଣୁ ଆମେ କହୁ ପୁତ୍ର
ଶାସ୍ତ୍ରରେ ବର୍ଣ୍ଣିତ, ଶୁଣି କହୁ ଆମେ
ଇଏ ସତେ କଥାମୃତ ।
ପାଶ୍ଚାତ୍ୟ ସଭ୍ୟତା ଅନୁକରଣରେ
ଆଜି ଆମ ଭାରତରେ
ପୁତ୍ରର ଭୂମିକା ହୋଇଅଛି ଭିନ୍ନ
ଭିନ୍ନ ତା'ର ଅର୍ଥଟିରେ ।
ବ୍ୟକ୍ତି କୈନ୍ଦ୍ରିକ ହୋଇଛି ମାନବ
ସ୍ୱାର୍ଥକୁ ଆବୋରି ଧରି
ପରହିତ, ପରିବାର କଥାଟିକୁ
ମନରୁ ଦେଉ ପାସୋରି ।
ପୂତ୍ ନରକରୁ ଉଦ୍ଧାର ନ କରି
ଠେଲେ ଭିନ୍ନ ନରକକୁ
ସେ ନରକ ନାମ ବୃଦ୍ଧାଶ୍ରମ ପରା
ଅଜଣା ଯେ ଅନେକଙ୍କୁ।
ସେଠାରେ ନ ଥାଏ ପିତାମାତାଙ୍କର
ସୁଖ ଆନନ୍ଦଟି ଜମା

ISSN NO.
2582-208X

ଭୋଗୁଥାନ୍ତି ଯିଏ ଅବଶିଷ୍ଟ କାଳ
ସତେ ନରକ ଯନ୍ତ୍ରଣା ।
ଆମେ ପୁତ୍ର ହୋଇ କେଉଁ ପଥଟିକୁ
ଆଦରି ନେବାରେ କୁହ
ପିତାମାତାଙ୍କର ହସ ବଦଳରେ
ଦେବାନି ଆଖିରେ ଲୁହ ।

(((-)))

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଓରାଁଓ ଜନଜାତି ସଂସ୍କୃତିରେ ବାର ପହାରୀ ବା ଚୁହ୍ଲାନାଦ



ଡ. ବିଦ୍ୟାଧର ରାଉତ

ବାର ପହାରୀ ବା ଚୁହ୍ଲା ନାଦର ପୂଜା ସମାନ ବିଧି ବିଧାନରେ ଓରାଁଓ ଓ ମୁଣ୍ଡା ଜନଜାତିମାନେ କରିଥାନ୍ତି ।ଏ ହି ପୂଜାରେ ବଳି ମଧ୍ୟ ଚଢ଼ାଇଥାନ୍ତି । ଓରାଓଁ ଓ ମୁଣ୍ଡା ଜନଜାତି ଦ୍ୱୟଙ୍କ ସଂସ୍କୃତି ପାଖାପାଖି ସମାନ ହୋଇଥାଏ । ଏମାନେ ଗୋଟିଏ ଗାଁରେ ଏକା ସହିତ ବସବାସ କରୁଥିବା କାରଣରୁ ଦେବୀ ଦେବତା, ଭୂତ, ପ୍ରେତ ଓ ଆତ୍ମାଙ୍କ ପୂଜାଗୋଟିଏ ପହାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଏହି କାରଣରୁ ଏହା ଦାବି କରାଯାଇ ପାରିବ ନାହିଁ ଯେ ବାର ପହାରୀ ବା ଚୁହ୍ଲାନାଦ କେବଳ ମୁଣ୍ଡାମାନଙ୍କର ଅଟେ, ଓରାଁଓ ମାନଙ୍କର ନୁହେଁ । ଏହିବାର ପହାରୀ ବା ଚୁହ୍ଲାନାଦରେ ଓରାଁଓ ଜନଜାତି ପୂର୍ବରୁ ମଇଁଷି ଓ ବଳଦର ବଳି ଦେଉନଥିଲେ, ଏହି ଗାଇମଇଁଷିଙ୍କ ବଳି ଚଢ଼ାଇବା ପରମ୍ପରା ମୁଣ୍ଡାମାନଙ୍କ ଠାରୁ ନିଆ ଯାଇଥିବାର ଅନୁମାନ କରାଯାଏ ।

'ଆଦିବାସୀ ଉତ୍ପତି ଗ୍ରନ୍ଥ'ର କଥା ଅନୁସାରେ 'ବାର ପହାରୀ' ମୁଣ୍ଡାମାନଙ୍କର ଭୂତ ଅଟନ୍ତି। ମୁଣ୍ଡାମାନଙ୍କ ସଭ୍ୟତାରେ ପ୍ରାଚୀନ କାଳରେ ବାରଭାଇ ଅସୁର, ତେର ଲୋଧରର ବାର ପାହାଡ଼ର କୁଟି (ଗୁମ୍ଫା) ଭିତରେ ପୁଆଇ ମାରିଥିଲେ । ଯାହା ଫଳରେତାଙ୍କ ସ୍ତ୍ରୀମାନେ ବିଧବାହୋଇ ଯାଇଥିଲେ । ସେହି ପାହଡ଼ର କୁଟିରେ ମରିଥିବା ଅସୁରମାନେ 'ବାର ପହରୀ' ଭୂତ ନାମରେ ଜଣାଗଲେ ।ମୁଣ୍ଡାମାନେ ସେହିଭୂତମାନଙ୍କର ପୂଜା ପ୍ରତିବାରବର୍ଷରେ ଥରେରଖିଲେ । ସେହି ଦିନକୁ 'ବାର ପହରୀ' ପୂଜା କୁହାଗଲା । ଏହି ପୂଜାରେ ମୁଣ୍ଡାମାନଙ୍କ ପାଇଁ ଭୋଜିର ଖାଦ୍ୟ କୁଡୁଖ୍ ମାନେ ହିଁ ପ୍ରସ୍ତୁତ କରୁଥିଲେ ତାଙ୍କରି ସହିତ ଭୋଜି ମଧ୍ୟ ଖାଉଥିଲେ । ଏହି କାରଣରୁ ଲୋକମାନଙ୍କ ବିଶ୍ୱାସ ଥାଏ ଯେ ବାର ପହାରୀ ଭୂତ ଓରାଁଓଙ୍କୁ ବି ଧରିଥାଏ । ମୁଣ୍ଡାମାନଙ୍କ ବାର ପହାରୀ ଭୂତକୁ ହିଁ ଓରାଁଓ

ISSN NO.
2582-208X

ସମାଜରେ 'ଡଙ୍ଗରୀ ନାଦ' କୁହାଯାଏ । ପୂଜାରେ ଗାଇମାନଙ୍କ ବଳି ଦିଆଯାଏ, ଓରାଁଓମାନେ ବଳିତ ପଶୁଙ୍କୁ 'ଡଙ୍ଗରୀ' କୁହନ୍ତି ।

ବାରପହାରୀ ଅସୁର ଓ ଲୋଧରରଙ୍କ କଥା ଓରାଁଓ ଜାତିର ଧାର୍ମିକ ସଂସ୍କାରରେ 'ଡଣ୍ଡା କଟ୍ଟନା' କୁହାଯାଏ, କିନ୍ତୁ ପୂଜା କରୁଥିବା ଅସୁରଙ୍କୁ କେଉଁ ନାମରେ ପୂଜାକରନ୍ତି କହିବା କଠିନ ହେବ । ଲୋକମାନଙ୍କ ବିଶ୍ୱାସ ଯେ ସମୟ ସମୟରେ ବଳିଦାନ ନକଲେ ଗାଁର ମୁଖ୍ୟ, ପରିବାରର ମୁଖ୍ୟ ଓ ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କୁ ହାନି ପହଞ୍ଚାଇଥାନ୍ତି । ଏହି ବାର ପହରୀ ଭୂତ ପରିବାରର ମୁଖିଆ, ମାତା ପିତା ଓ ବଡ଼ଭାଇଙ୍କୁ ହିଁ ଅଧିକ ଧରିଥାଏ । ଏହି ଭୂତଙ୍କ ପ୍ରଭାବରୁ ରକ୍ଷା ପାଇବା ପାଇଁ ସମୟ ସମୟରେ ପୂଜାକରିବା ଆବଶ୍ୟକତା ହୋଇଥାଏ । ଓରାଁଓ ସଭ୍ୟତାରେ ଗାଁଗାଁ ମାନଙ୍କରେ ଡଙ୍ଗରୀ ବଳିଦାନ କରାଯାଏ । ଏହି ପୂଜା ବଳିଦାନର ସମୟ ଅଧିକତଃ ମାଘମାସରେ ସମ୍ପନ୍ନ ହୋଇଥାଏ । ଓରାଁଓ ଲୋକମାନେ ମାଘମାସକୁ 'ଏଡ଼ାମୋଖନାଚନ୍ଦୋ' କୁହନ୍ତି । ପୂଜା ଦିନ ଗାଁର ପୁରୁଷମାନେ କୌଣସି ନିର୍ଦ୍ଦିଷ୍ଟ ଜଙ୍ଗଲ, ପାହାଡ଼, ନଦୀ କୂଳକୁ ଯାଆନ୍ତି । ସାଙ୍ଗରେ ପୂଜାବଳି, ହାଣ୍ଡିଆ, ଚାଉଳ, ସିନ୍ଦୁର, ଧୂପ, ଦୀପ, ଖାଦ୍ୟ ପ୍ରସ୍ତୁତକରିବା ପାଇଁ ବାସନ କୁସନ ଧରି ପହଞ୍ଚିଥାନ୍ତି । ସର୍ବ ପ୍ରଥମେ ପୂଜାସ୍ଥଳକୁ ଗୋବର ଓ ମାଟି ଦ୍ୱାରା ଲିପାପୋଛା କରାଯାଇ ପବିତ୍ର କରାଯାଏ । ତା ପରେ ବଳିତ ପଶୁକୁ ଅରୁଆ ଚାଉଳ ଦେଇ, ବଳିତ ପଶୁ ଭଲରେ ଖାଇବା ପାଇଁ ଚୁହ୍ଲାନାଦକୁ ପ୍ରାର୍ଥନା କାରାଯାଏ । ପ୍ରାର୍ଥନା ପରେ ଯେତେବେଳେ ପଶୁ ଚାଉଳକୁ ଖାଇବାକୁ ଲାଗେ, ସେତିକିବେଳେ ଲୋକମାନେ ବୁଝିଥାନ୍ତି ଯେ ବର୍ତ୍ତମାନ ଚୁହ୍ଲାନାଦ, ଡଙ୍ଗରୀ ଭୂତ ବହୁତ ପ୍ରସନ୍ନ ହୋଇଛନ୍ତି । ଏହାପରେ ଆଉକିଛି ଚାଉଳ ଦାନା ଦିଆଯାଇ ବଳିତ ପଶୁଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ଦିଆଯାଏ । ଶେଷରେ ପୂଜାପାଠ ସମାପ୍ତ କରି ମାଂସକୁ ପ୍ରସ୍ତୁତ କରି ଖାଇପିଇ ପୁନଃ ଗାଁକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

(((–)))

ଗବେଷକ, କରୋତି, ଅଞ୍ଜାଓ,
ଅରୁଣାଞ୍ଚଳ ପ୍ରଦେଶ
ମୋ – ୯୪୩୯୩୦୩୮୩୯

ISSN NO.
2582-208X

# ବିଦାୟ



ସୁଚିତ୍ରା ମହାନ୍ତି

ବିଦାୟ ବିଦାୟ
ଏମିତି ଏକ ଶବ୍ଦ
ଆଖିରେ ଭରିଦିଏ ଲୁହ
ମନରେ ଆଣିଦିଏ କୋହ
ଯେଉଁଠି ଗଢ଼ିଥିଲେ
ସୁନ୍ଦର ସପନ
ଆଜି ସରି ଆସିଛି
ସେ ଅଭୁଲା ଦିନ
ଭୁଲି ହେବ ନାହିଁ ସେ
ଶ୍ରେଣୀ କକ୍ଷ
ଭୁଲି ହବନି ସେ
ସାଙ୍ଗର ମେଳ
ନା ଭୁଲି ହେବ
ସାରଙ୍କ ଉପଦେଶ
ଯାହା ମନରେ
ଭରିଦିଏ ଆଶା
ଆଉ ବିଶ୍ୱାସ
ବିଦାୟ ବିଦାୟ
ଏମିତି ଏକ ଧ୍ୱନି

ISSN NO.
2582-208X

ମନରେ ଆଣିଦିଏ
ବିଛିନ୍ନ ର ପ୍ରତିଧ୍ୱନି
କିନ୍ତୁ ଧର୍ଯ୍ୟ ଆଉ ବିଶ୍ୱାସ ରଖି
ବଢିବା ଆମେ ଆଗକୁ
ଜୀବନର ଚଲା ପଥରେ
ଡରିବାନି କାହାକୁ
କର୍ମ ହିଁ ବିଶ୍ୱାସ
ଧର୍ମକୁ ରଖିବା ସାଥିରେ
ବଢିଯିବା ଆମେ
ଆମ ସଫଳ ପଥରେ

(((-)))

ଶିକ୍ଷକ
Govt. UG Highschool Bhamasyai
ବୁଗୁଡା, ଗଞ୍ଜାମ-୭୬୧୧୧୮
ମୋ: ୯୩୩୭୨୫୨୫୩୨

ISSN NO.
2582-208X

# ଏ କି ବିଧିର ବିଧାନ



ଅମୃତନାରାୟଣ ଶତପଥୀ

ଶୁଭ ଚିନ୍ତକ ଯେ ଦଣ୍ଡ ପାଆନ୍ତି,
କର୍ମଠ ପାଇଁ ଦାୟିତ୍ୱ ।
ଏପରି ହୋଇଲେ କି ରାଜ୍ୟ ଶାସନ,
ରାଜା ପ୍ରଜାର ଗୁରୁତ୍ତ୍ୱ ।(୧)

ପ୍ରଶଂସା ବଦଳରେ ମିଳେ ଯେ ତାସ୍ସଲ୍ୟ,
ଦାୟିତ୍ୱ ଦେଇ ଭୁଲୁଣ୍ଠନ,
ଚାଣକ୍ୟ ନୀତିର ସତ୍ୟ ସେହି ବାକ୍ୟ,
ସିଧା ବୃକ୍ଷ ଜଙ୍ଗଲରେ ହୁଏ ଛେଦନ ।(୨)

ବୃକ୍ଷର ଶତ୍ରୁ ନୁହେଁ ଯେ କୁରାଢ଼ି
ଶତ୍ରୁ ସ୍ୱଜାତୀୟ କାଠର ବେଣ୍ଟ ।
ସେହିପରି ସଂସାର ପରିସ୍ଥିତି ଅସାର,
ବ୍ୟକ୍ତିତ୍ୱର ଭରା ସ୍ଥୁଳ ପେଣ୍ଠ ।(୩)

ବିଧି ବାମ ହେଲେ କିପରି ଶାସନ,
କାହିଁ ପାଇଁ ପ୍ରଶାସନ,

ISSN NO.
2582-208X

ସର୍ବେ ଯେବେ ନିଜ ଅହଂରେ ଶୋଭିତ
କିପରି ହୋଇବ ସମୂହ କର୍ମ ।(୪)

ସମୁଚିତ ସମ୍ମାନ ଅଭାବରେ ମନୁଷ୍ୟ
ନ ପାଇ ଯେ ପ୍ରୋତ୍ସାହନ
ପ୍ରଶଂସା ସାଲିସ୍ ମାଲିସ୍ ପାଲିସ୍
କେବଳ ସ୍ୱାର୍ଥ ସାଧନ ।(୫ )

(((-)))

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଇମୋଜି



ସୁନନ୍ଦା ମହାନ୍ତ

ସବୁ ବୋଉମାନେ ବୋଧେ ଏମିତି! ଯେତେ ଟା ସନ୍ତାନ ଥାଆନ୍ତୁ ନା କାହିଁକି ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧା ବାଣ୍ଟିଦେଇଥାନ୍ତି ସମାନ ଭାବେ । ନହେଲେ ପିଲାବେଳେ ଛଅ ଭାଇଭଉଣୀଙ୍କ ପସନ୍ଦ ଜାଣୁଥିବା ବୋଉ ତାଙ୍କର କେମିତି ବାଢିଦିଏ କାହାକୁ ଉଷୁମ ଉଷୁମ ଚାଉଁ ପଖାଳ ସାଙ୍ଗକୁ ପାଗ ପୁଗା ତ କାହାକୁ ଚୁନା ଚୁନା କଟା ଆଳୁ ଭଜା ସହ ଅଣ୍ଡା ଭୁଜିଆ ପୁଣି କାହାକୁ ଗରମ ଭାତ ସାଙ୍ଗକୁ ଚୁଙ୍ଗୁଡ଼ି କାଲିଆ । ଏବେ ସେହି ଛଅ ଭାଇଭଉଣୀ ଙ୍କ ଭିତରୁ ବଡ଼ ଝିଅ ସୁନିତାଙ୍କର ପୁଅଟିଏ ପରେ ଝିଅଟିଏ ଆସିଛି କୋଳକୁ ତ ସବୁ ସ୍ନେହ ଶ୍ରଦ୍ଧା ସହିତ ତା ସୁରକ୍ଷା ପାଇଁ ଖୁବ ଚିନ୍ତିତ ମା ସୁନିତା । ଜନ୍ମ ବେଳେ ଏକୋଇଶିଆ ରେ କୋଷ୍ଠି ଗଣନା କରି ଜଣେ ନାହାକ କାଳସର୍ପ ଦୋଷ ଅଛି କହିଥିବାରୁ ସେକଥା ସୁନିତାଙ୍କ ମନରେ ଗଭୀର ଭୟ ସୃଷ୍ଟି କରିଥିଲା ତ କୋଷ୍ଠୀ ଗଣନା ଚାଲିଥିଲା ବିଭିର୍ନ୍ନ ନାହାକମାନଙ୍କ ପାଖେ । ଜାତକ ଦେଖି କୋଉ ନାହାକ ପାଣିକୁ ଜଗିଥିବେ ତ କିଏ ନିଆଁ କୁ ଜଗିଥିବେ କହୁଥିଲା ବେଳେ କିଏ କହେ ଜଗତଜିତା ହେବ । ସୁନିତା କିନ୍ତୁ ଡାକୁଥାଆନ୍ତି ମା ଲୋ ମା କାକଟପୁର ମଙ୍ଗଳା ମାଆ ମୋ ଝିଅକୁ ରକ୍ଷା କର ମା. ତତେ ଡାକି ଡାକି କେତେ କଷ୍ଟରେ ମୋର ଏ ଝିଅ । ତା ଭାଇ ସହ ଝିଅକୁ ମୋର ବୁଦ୍ଧି, ବିଦ୍ୟା, ଧନ, ଜନ, ଗୋପ, ଲକ୍ଷ୍ମୀ ଦେବା ସହ ଆୟୁଷ, ଆଶିଷ ଓ ନିରୋଗୀ ରଖ ମା । ପୁଣି ଡାକୁଥାଆନ୍ତି ବୀରହନୁମାନଙ୍କୁ କାରଣ ତାଙ୍କ ଝିଅ ନିଜେ ପିଲାଦିନୁ ବୀରହନୁମାନ ଙ୍କୁ ଦେଖି ଖୁବ ଖୁସି ହେବା ସଙ୍ଗେ ସଙ୍ଗେ ପଚାରି ବସେ ସେ କେମିତି ଖାଇବେ ଓ କଥା କହିବେ ମାଆ ? ତାଙ୍କ ପାଟି କାହିଁକି ଏମିତି ହୋଇଛି? ତୁ ଭୋଗ ବଦଳରେ ଔଷଧ ଆଣିଲୁନି ତାଙ୍କ ପାଇଁ! ଝିଅର ପ୍ରଶ୍ନ ରେ ସୁନିତା କହନ୍ତି ସେ

ISSN NO.
2582-208X

ପରା ଠାକୁର ଝିଅ! ସେ ନିଜେ ନିଜର ସବୁ ଅସୁବିଧା ଦୂରେଇ ନିଜ ସୁରକ୍ଷା ନିଜେ କରିପାରିବେ । ପିଲାଦିନେ କିଛି କିଛି ବୁଝୁଥିବା କିଛି କିଛି ବୁଝୁନଥିବା ଝିଅ ଏବେ ଗଭୀର ପାଣି ଭିତରେ ଯୋଗଭ୍ୟାସ କରିବା ଦେଖି ସୁନିତା ଆଶଙ୍କିତ ହୋଇପଡୁଥିଲା ବେଳେ ଝିଅ କହେ ତୁ ପରା କହୁ ମାଆ ଯେ ଡର କାହାକୁ ଭୟ କାହାକୁ.... ଇଶ୍ୱର ଅଛନ୍ତି ଚଉବାହାକୁ । ତୁ ପରା କହୁଥିଲୁ ମୋର ମାଆ କାକଟପୁର ମଙ୍ଗଳା ଓ ବୀରହନୁମାନ ସାହା ବୋଲି । ଝିଅକୁ ହଁ ହଁ କହିଦେଇ ଭାବନା ରେ ବୁଡି ଯାଆନ୍ତି ସୁନିତା ।

ଝିଅ ଜନ୍ମ ହେବା ଦିନର ଘଟଣା ମନେ ଅଛି ସୁନିତାଙ୍କର । ନର୍ସ ଦିଦି ତାଗିଦା କରି କହି ଗଲେ ପିଲାକୁ ଘୋଡେଇ ରଖି ବସ ଝିଅ । ଏତିକି କହି କହୁଥିଲେ ଏତେ ପିଲା ଆଜି ଏ ଓ୍ୱାର୍ଡରେ ଜନ୍ମ ହୋଇଛନ୍ତି । କୋଉ ବେଡ଼ ରେ ଏମିତି ପିଲାଟିଏ ଅଛି କହତ! ପ୍ରଥମ ସନ୍ତାନ ପୁଅ ହୋଇସାରିଛି ବୋଲି ଦ୍ୱିତୀୟ ସନ୍ତାନକୁ ଅଣଦେଖା କରିବା ଉଚିତ ନୁହଁ । ଝିଅ ଜନ୍ମ ହୋଇଛି ବୋଲି ମନ ଟିକେ ନା ଟିକେ କୋଉଠି ଊଣା ଥିଲେ ବି ବୁଝିଗଲା ସୁନିତାଙ୍କ ମନ । ଦିଦିଙ୍କ ସେହି କେଇପଦ ଶବ୍ଦ ସମାହାର ବାକ୍ୟଟିରେ ତ ସୁନିତା ଝିଅକୁ କୋଳକୁ ନେଇ କୋଳେଇ ଆଗ୍ରହରେ କ୍ଷୀର ଦେଉ ଦେଉ ଦେଖିଲେ ପାଖ ବେଡ଼ ରେ ବର୍ଷେ ପାଖା ପାଖି ଝିଅଟିଏ ର ନାକରେ ଅକ୍ସିଜେନ ନଳୀ ଲାଗି ହେଙ୍କା ଉଠୁଥାଏ ଛୁଆଟିର ଓ ପାଖରେ ମାଆ ଟି କାନ୍ଦୁଥାଏ । ସୁନିତାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ପାଖରେ ଥିବା ତାଙ୍କ ନିଜ ଆଇ ଓ ମାଉସୀ ଶାଶୁ ପରସ୍ପର ଭିତରେ କଥା ହେଉଥାଆନ୍ତି ଯେ ବିବାହର ପନ୍ଦର ବର୍ଷ ପରେ ମାଆ ହୋଇଥିବା ସାନଯାଆ ଘର କାମ କରିବାକୁ ତା ଛୋଟ ଝିଅ ଛାଡୁନଥିବାରୁ ବଡ଼ଯା ଅର୍ଥାତ ଶିଶୁକନ୍ୟା ଝିଅର ବଡ଼ମାଆ ଛୁଆଟିକୁ ଅଫିମ ଦେଇ ଶୁଆଇବାର ନିର୍ଦ୍ଦେଶ ରେ ସେକଥା ଟି ସବୁଦିନିଆ ରୁଟିନ ହୋଇଯାଇଥିଲା ଆଉ ସେହି କାରଣରୁ ଏବେ ଛୋଟ ଝିଅର ବାନ୍ତି ଓ ଝାଡା ପୁଣି ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ତ ଡକ୍ଟର କହୁଛନ୍ତି ଭଗବାନଙ୍କୁ ଡାକ । ନିଜେ ଯୋଉ ଭୁଲ କରିଛ ତାକୁ ସୁଧାରିବାକୁ ଆମେ ଅସମର୍ଥ । ତଥାପି ଝିଅଟିର ହେଙ୍କା ଉଠୁଥାଏ ରାତିସାରା ଓ ମାଆଟି କାନ୍ଦୁ କାନ୍ଦୁ ହଠାତ ହେଙ୍କା ବନ୍ଦ ହୋଇଗଲା ଛୋଟ ଝିଅଟିର ତ କାନ୍ଦ ର ରୋଳରେ ହସ୍ପିଟାଲ ଫାଟି ପଡୁଥିଲା ବେଳେ ଏପଟ ବେଡ଼ ରେ ସୁନିତା ନିଜ ଝିଅ ବେବିନା ଦେହରୁ ମଶା ଉଡାଉ ଉଡାଉ କୋଳରେ ଚାପି ଧରି କାହିଁକି କେଜାଣି କାନ୍ଦିଥିଲେ ଖୁବ । ଆଜି ଝିଅ ଗଭୀର ପାଣି ଭିତରେ ଯୋଗ କରିବା ସେ ସହନ୍ତେ କେମିତି!

ISSN NO.
2582-208X

ସେଦିନ ଯୋଗ କରୁ କରୁ ଅନେକ ପିଲାଙ୍କ ଭିତରୁ ପୁଅଟିଏ ଗଭୀର ଜଳ ଭିତରେ ଶ୍ବାସ ରୁଦ୍ଧ ହୋଇ ଚାଲିଗଲା ଆରପୁରକୁ । ଝିଅ ବେବିନା ଖୁବ ଡେରିରେ ଘରକୁ ଫେରିଲା ସେଦିନ । ସେଦିନ ରାତିରେ ସୁନିତା ଶୋଇପାରିନଥିଲେ । ଝିଅ ରୁମକୁ ପଶିଆସିବାରୁ ଝିଅ କହୁଥିଲା ତୁ ଏଯାଏଁ ଶୋଇନୁ ମାଆ! ତୁ ମଧ୍ୟ ଶୋଇନୁ ତ! ହଁ ସେଇ ପୁଅର ମୃତ୍ୟୁ ଗଭୀର ଦୁଃଖ ଦେଉଛି ମାଆ । ସୁନିତା କଇଁ କଇଁ ହୋଇ କାନ୍ଦି ବଢ଼ିଲା ଝିଅ ବେବିନାକୁ କୋଳରେ ଧରି ଖୁବ କାନ୍ଦିଥିଲେ ସେ ରାତି ସାରା । କହୁଥିଲେ ପୁଅ ହେଉ ଅବା ଝିଅ, ମାଆ ପାଇଁ ତା ସନ୍ତାନ ସବୁକିଛି । ମାଆ ସୁନିତା ଙ୍କ କାନ୍ଦ ଓ କଥାରେ କେତେ ଗଭୀରତା ଥିଲା କେଜାଣି ଝିଅ ବେବିନା କିନ୍ତୁ ଏବେ ଆଉ ଗଭୀର ଜଳ ଭିତରେ ଯୋଗାଭ୍ୟାସ ଅଭ୍ୟାସ ଛାଡି ଦେଇଥିଲା । ଦିନେ କିନ୍ତୁ ଯୋଗରେ ବିଶ୍ୱ ରେକର୍ଡ ସୃଷ୍ଟି କରି ମାଆ ସହ ବାପାଙ୍କୁ ଚତ୍ମତକୃତ କରିଦେଇଥିଲା ବେବିନା । ଗଭୀର ଆବେଗରେ ବାପା କହୁଥିଲେ ଝିଅ କାହାର! ସୁନିତା ମଧ୍ୟ କହୁଥିଲେ ନାତୁଣୀ କାହାର! ଆଇଙ୍କ ଭଳି ହେଉନ୍ତୁ ତୁ ମାଆ ବୋଲି କହି ବେବିନା ପୁଣି କହୁଥିଲା କିଛି । ଆଇ ପରା କହନ୍ତି ଡର କାହାକୁ ଭୟ କାହାକୁ.. ଇଶ୍ବର ଅଛନ୍ତି ଚଉବାହାକୁ, ଯାହା ତୁ ମତେ ଓ ଭାଇକୁ କହୁ ସବୁବେଳେ ।

ବେବିନାର ଆଇ ଅର୍ଥାତ ସୁନିତା ଙ୍କ ସେଇ ବୋଉ ଆଜି ବଦଳି ଯାଇଛନ୍ତି । ବାପାଙ୍କ ଆବର୍ତ୍ତମାନରେ ଏକୁଟିଆ ହୋଇ ଯାଇଛନ୍ତି । ବୋଉ ତାଙ୍କର ଆଇନା ଆଡକୁ ଚାହିଁ ଡାକ ପକେଇଥିଲା ଦଉଡି ଆସେ ଝିଅ ଭୂତ । ଭୂତର ଇମୋଜି । ସତକୁ ସତ ଦଉଡି ଆସି ସୁନିତା ଦେଖିଲା ବୋଉ ନିଜ ଛବିର ପ୍ରତିବିମ୍ବକୁ ଦର୍ପଣରେ ଦେଖି କହୁଥିଲା ଭୂତ ଭୂତର ଇମୋଜି । ତା ପରଠୁ ବୋଉ ଏମିତି ଅନେକ ଅପ୍ରସାଙ୍ଗିକ କଥା କହୁଥିଲା ଯେମିତିକି ସକାଳୁ ଉଠି ପଚାରୁଥିଲା ଆଜି ପରା ସାବିତ୍ରୀ, ମୁଗ ବତୁରେଇନୁ କି ଝିଅ! କେତେ କାଳେ ଆସିଛୁ ମୋ ପାଖକୁ ପୁରୀ ଘରକୁ, ଏତିକି ତ ଅନ୍ତତଃ କରିଦେ । ସୁନିତା ଆଶ୍ଚର୍ଯ୍ୟରେ ବୋଉକୁ ଚାହିଁ କହୁଥିଲା ସାବିତ୍ରୀ ଆଜି! ଯଦି ଆଜି ତ ବଡ଼ମନ୍ଦିରର ଅବଢ଼ା ଖାଇ ସାତପୁରୁଷି ପରମ୍ପରା ଅନୁସାରେ ପୁରୀବାସୀଙ୍କ ଅଭ୍ୟାସ ଢଙ୍ଗରେ ଖାଇନେବା ଶାନ୍ତିରେ । ଆଉ ମୁଗ ବତୁରେଇବା ଚିନ୍ତା ବୋଉର ଆସିଲା କୁଆଡୁ? ବୋଉର ଏମିତି ଏମିତି ଅନେକ କଥାରେ ନଥା ଲାଗୁଥିଲା । ବୋଉ ଅନ୍ୟ ଦୁନିଆଁରେ ଅଛି ଯୋଉଠି ଅନେକ ଢଙ୍ଗ ଓ ରଙ୍ଗର ଇମୋଜି ତାକୁ ଓ ତାର ଭାବନାକୁ କାୟା ବିସ୍ତାର କରି ରଖିଛି । ବ୍ୟସ୍ତ ହୋଇପଡ଼ିଲୁ ଆମେ ଭାଇଭଉଣୀମାନେ । ସ୍ଥିର କଲୁ ଛଅ ଜଣ ଯାକ ମିଶି ବୋଉକୁ ନେଇଯିବା ପାଖକୁ । କିଛିନହେଲେ ଅନ୍ତତଃ ବାପାଙ୍କ ଆବର୍ତ୍ତମାନର ଦୁଃଖ ଭୁଲିଯିବ ତ

ISSN NO.
2582-208X

ବୋଉ । ସେୟା ହେଲା ଓ ପ୍ରଥମ ପାଳି ବଡ଼ଝିଅ ସୁନିତା ଙ୍କ ଉପରେ ହିଁ ନ୍ୟସ୍ତ ଥିଲା । ଯା ହେଉ ବୋଉ ତା ପ୍ରିୟ ନାତି ନାତୁଣୀଙ୍କୁ ଦେଖି ଏମିତି ଭିର୍ନ୍ନ ଭିର୍ନ୍ନ ଚିନ୍ତାଧାରାର ଇମୋଜି ଅନ୍ତତଃ ପ୍ରକାଶ କରିବ ନାହିଁ କିନ୍ତୁ ଫଳ ଓଲଟା ହେଲା । ପ୍ରିୟ ନାତି ନାତୁଣୀ ଏଇଥି ପାଇଁକି ଯେ ବଡ଼ଝିଅର ପ୍ରଥମ ନାତି ଓ ନାତୁଣୀ ଦୁହେଁ ତାର ପ୍ରଥମ ଆଇ ହେବାର ଅନୁଭବ ହୋଇଥିବାରୁ ସେମାନଙ୍କୁ ଖୁବ ଭଲ ପାଉ ପାଉ ଅନ୍ୟମାନେ ଯିଏ ଯେତେ ଆସିଥିଲେ ବି ପ୍ରଥମ ପ୍ରେମକୁ ନଭୁଲି ପାରିଲା ପରି ପ୍ରଥମ ନାତି ନାତୁଣୀ ନିଶ୍ଚୟ ନିଆରା ଭାବି ବୋଉ ଏଣିକି ଠିକ ହୋଇଯିବ ଭାବୁଥିବା ଝିଅ ସୁନିତା କିନ୍ତୁ ଭୁଲ ପ୍ରମାଣିତ ହୋଇସାରିଥିଲେ । କାରଣ ବଡ଼ ନାତି ରୁବା ଭିତରେ ସେ ଭଣଜା ବୁବୁନା ଙ୍କ ଇମୋଜି ଦେଖୁଥିଲା ତ ବଡ଼ନାତୁଣୀ ବେବିନା ଭିତରେ ଆଉ କାହା ଇମୋଜି ଦେଖି କେତେବେଳେ କଣ ବୋଲି ଭାବୁଥିଲା ତାକୁ ଓ ଡାକୁଥିଲା ସେହି ନାମରେ ।

ଯୋଗକୁ ସାବିତ୍ରୀ ଆସିଗଲା । ଏଇ ବୋଉ ଯିଏ ସାବିତ୍ରୀ ଆସିବା ପୂର୍ବରୁ କେତେ ଚଳଚଞ୍ଚଳ ଥିଲା ଆଜି ସେ ଇମୋଜିଟିଏ ମାତ୍ର । ବାପାଙ୍କ ହାତରେ ସାବିତ୍ରୀ ଉପକରଣ ସହ ଅଭଡ଼ା ପଠେଇ ଦେଉଥିଲା ଝିଅ ବୋହୁମାନଙ୍କ ପାଇଁ । ପୁଣି ଝିଅ ବୋହୁମାନେ ତା ପାଇଁ ପଠେଇଥିବା ଶାଢ଼ୀ ଚୁଡ଼ି ଦେଖେଇ ହେଉଥିଲା ପଡୋଶୀ ସ୍ତ୍ରୀଲୋକମାନଙ୍କ ଆଗରେ । ଏମିତି କହିକି ଯେ ମୋ ବୋଉ(ଆମ ଆଇ) ସିନା ଚାଲିଗଲା ହେଲେ ଝିଅ ବୋହୁ ମୋ ପାଇଁ ପଠେଇଛନ୍ତି । କେତେବେଳେ କେମିତି ବାପାଙ୍କୁ ଲୁଚି ଲୁଚି ପାଦ ଛୁଇଁବା ବେଳର ଫୋଟୋ ମଧ୍ୟ ଉଠେଇ ତାକୁ ବନ୍ଧେଇ କରି ଦେଇଯାଇଥାନ୍ତି ଝିଅ ବୋହୁମାନେ ଯେ ପଣତରେ ଝଡା ପୋଛା କରୁଥାଏ ଧୂଳି ସେହି ଫଟୋସବୁରୁ । ସତରେ କେଡେ ଚଞ୍ଚଳ ଖୁସିର ଦିନ ତାର ସରିଗଲା!ତା ସହିତ ଆମଠୁ ଭାଗ୍ୟ ଛଡେଇ ନେଲା ବାପା ଡାକ । ଏଇ ସମୟରେ ବୋଉର ବଡ଼ ପାଟି ଶୁଣି ଭାବନା ରାଜ୍ୟରୁ ଫେରି ଧାଇଁଯାଇଥିଲେ ତା ରୁମକୁ ସୁନିତା ତ ଡ୍ରେସିଂ ଟେବୁଲ ପାଖେ ଠିଆ ହୋଇ ଆଇନା ଦେଖି ବୋଉ ସେହିଭଳି କହୁଥାଏ ଦେଖ ଦେଖ ଝିଅ ସେ କିଏ ? ଭୂତ । ନିଶ୍ଚୟ ଭୂତ । ଭୂତ ଇମୋଜି ତା ମୁଣ୍ଡରୁ ବାହାର କରିବାକୁ ଯାଇ ସୁନିତା କହିଲେ ଏ ପରା ତୁ । ତୋରି ଛବି । ଭୂତ କାହିଁ! ବୋଉ କହୁଥିଲା ନା ନା ଏ ମୋ ଛବି ନୁହେଁ। ହାତରେ ଚୁଡ଼ି ନାହିଁ, ମୁଣ୍ଡରେ କି ସିନ୍ଥିରେ ସିନ୍ଦୁର ନାହିଁ ପୁଣି ଗୋଡ଼ରେ ଝୁଣ୍ଟିଆ ନାହିଁ। ଇଏ କାହିଁକି ମୁଁ ହେବି ମ! ଏହା ପରେ ବୋଉକୁ ଡାକ୍ତର ପାଖକୁ ନେବାକୁ ଆମେ ବାଧ୍ୟ ହୋଇଥିଲୁ । ନିଜେ ନିଜର ପୂର୍ବ ଇମୋଜି ବଦଳରେ ନୂତନ ସଂସ୍କରଣର ଇମୋଜିକୁ ତାକୁ ମାନିନେବାକୁ ହେବ । ଏହି ତ ଏ ସଂସାରର ନିୟମ

ISSN NO.
2582-208X

କହି ସେଦିନ କଇଁ କଇଁ କାନ୍ଦିଲା ବେଳେ ଅନ୍ୟମାନେ ପ୍ରବୋଧନା ଦେଉଥିଲେ ବଡ଼ଭଉଣୀ ସୁନିତାଙ୍କୁ । ବଡ଼ନାତୁଣୀ ବେବିନା କିନ୍ତୁ ଆଇ ଗୋଡ଼ରେ ଓ ହାତରେ ନେଲପଲିସ ଲଗେଇ ଚାଲିଥିଲା ବେଳେ ଝିଅ ସୁନିତା ତାଙ୍କ ବୋଉ ମୁହଁ ର ଖୁସି ଓ ଆନନ୍ଦ ର ଇମୋଜି କୁ ପଢ଼ିବାକୁ ଚେଷ୍ଟା କରୁଥିଲେ ।

(((-)))

ସାକ୍ଷୀଗୋପାଳ,
ପୁରୀ/9040977327

ISSN NO.
2582-208X

# ହଜିଛି ତୁମ ପ୍ରେମରେ



ସୁଜାତା ଦାଶ

ହେ କଳା କାହ୍ନୁ
ପ୍ରେମମୟ ପରମ ପୁରୁଷ
ତୁମର ପ୍ରତ୍ୟକ ଲୀଳା ଖେଳା
ତୁମ ବଇଁଶୀର ସ୍ୱର
ତୁମ ମସ୍ତକରେ ଖୋଷା ହୋଇଥିବା
ସେ ମୟୁର ର ଚୁଳ
ଆଃ କି ସୁନ୍ଦର ସତେ
ମତେ ଆକର୍ଷିତ କରେ ତୁମ ଆଡକୁ

କିଛି କ୍ଷଣର ଅନୁପସ୍ତିତି ତୁମର
ମତେ ଯେମିତି ଯୁଗଯୁଗ ପରି ଲାଗେ,

ହେ ନଟ ନାଗର କୁହତ
କେମିତିକା ଏ ପ୍ରେମ ନିଜେ ହିଁ ମୁଁ
ଆଉ ନିଜ ଆୟତରେ ନାହିଁ,

ISSN NO.
2582-208X

ହଜେଇ ଦେଇଛି ତୁମ ମୁରଲୀ ର ସ୍ୱରରେ
ହଜିଯାଇଛି ମୁଁ ତୁମର ସେ ରଙ୍ଗ ଅଧରର ସ୍ମିତହାସ୍ୟରେ,

ଲିନ କରିଦିଅ ହେ ପ୍ରଭୁ ମତେ ତୁମରି
ଦେହରେ
କରିନିଅ ମତେ ତୁମର ଜୀବନ ସଙ୍ଗିନୀ,
ଭରି ନିଅ ବାହୁରେ ତୁମ ଦେଇ ତୁମ
ପ୍ରେମର ଆଲିଙ୍ଗନ,,,,,,,

(((-)))

ଭୁବନେଶ୍ୱର

ISSN NO.
2582-208X

# ଦୁଃଖୀଧନ



ରଘୁନାଥ ତ୍ରିପାଠୀ

ଦୁଃଖୀଧନ ବୋଲି ଜଗତେ ଜାଣନ୍ତି
ହେଲେ ନ ନେଉ ମୋ ଦୁଃଖ
ଚକା ଚକା ଆଖି ଥାଇ ନିଜ ପାଶେ
ଚାହିଁଲୁନି ମୋର ମୁଖ
ଦଇନି ହେଉ ଶୁଣିମା
ଅନ୍ତରେ ପ୍ରବେଶି ନାଶ ପାପରାଶି
ଦୟାବହି ହେ ମଣିମା ॥

ତୁହି ମହାସିନ୍ଧୁ ନିଜେ ତା ଲହରୀ
କରିଦେଏ ବାଲିକଣା
ବେଳାଭୂମି ପରେ ପଡି ଦେଖୁଥିବି
ହଜାଇ ନିଜ ଠିକଣା
କି ଅବା ଦେବି ଉପମା
ନିଦାଘ କାଳରେ ବଟବୃକ୍ଷ ତୁହି
ଘନଛାୟା ତୋ ସୁଷମା ॥

ଆହେ ଦେବରାଜ ବଳିଆର ଭୁଜ
ଅନୁଗ୍ରହୀ ଘେନ ଅଳି
ସାରା ବରଷକ ତୋ ଯାତ ଦେଖିବି

ISSN NO.
2582-208X

ବଡଦାଣ୍ଡେ ହୋଇ ଧୂଳି
ନାହିଁ ତୋ ଦୟାର ସୀମା
ତୋର ନନ୍ଦିଘୋଷ ଚକେ ଯାଉ ନାଶ
ମୋର ଜୀବନ୍ତ ବଡ଼ିମା ॥

ଆହେ ବନମାଳୀ କରୁଅଛି ଅଳି
କରିଦେ କଦମ୍ବ ବୃକ୍ଷ
ମୋ ଡାଳରେ ବସି ବାଇବୁ ବଇଁଶୀ
ରାଇ ସଙ୍ଗେ କରି ରାସ
ଧନ୍ୟ ବୃଷଭାନୁ ଜେମା
ଅଷ୍ଟ ପାଟବଂଶୀ ଥାଉଁ ଥାଉଁ ପାଶେ
ତାକୁ ଭୁଲିନାହୁଁ ଜମା ॥

ନୀଳ କନ୍ଦରର କଳାମେଘ ତୁହି
ନନ୍ଦରାଜା କଳା ଚାନ୍ଦ
ଖୁସି ଭରିବାକୁ ସବୁରି ଜୀବନେ
ହସୁଅଛୁ ମନ୍ଦ ମନ୍ଦ
ରାଗିବୁ ନାହିଁଟି ଜମା
ଭକତିର ଭାବ ଅଛି ମୋ ଅଭାବ
ନିଜଗୁଣେ ଦେବୁ କ୍ଷମା ॥

(((-)))

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# ଆଉ ଦେବି...



ହର ପ୍ରସାଦ ସୁଆର

ଆର୍ ଦିବୋ ? ଆର୍ ଦିବୋ ? ଆର୍ ଦିବୋ ? ବଙ୍ଗଳା ଭାଷାରେ 'ଆର୍ ଦିବୋ' କଥାଟିର ଅର୍ଥ ହେଉଛି "ଆଉ ଦେବି ?" ଦେବେଶବାବୁ ପାରଳାଖେମୁଣ୍ଡିରୁ ଯାଇ କଲିକତା ମହାନଗରୀରେ ଚାକିରୀ କରୁଥିଲେ । ସେଠାରେ ରହିବା ପାଇଁ ବାସସ୍ଥାନର ଅସୁବିଧା ହେବା ଯୋଗୁଁ ମେଦିନୀପୁର ଜିଲ୍ଲାର ଶିଳ୍ପନଗରୀ ହଳଦିଆକୁ ବଦଳି ହୋଇ ଆସିଲେ । ତା'ଙ୍କୁ ତା'ଙ୍କ ପଦମର୍ଯ୍ୟାଦା ଅନୁଯାୟୀ କ୍ୱାର୍ଟର ଖଣ୍ଡିଏ ନ ମିଳିପାରିଲେ ସୁଦ୍ଧା ଏକା ରହିବା ନିମନ୍ତେ ତତକ୍ଷଣାତ୍ ଛୋଟିଆ କ୍ୱାର୍ଟରଟିଏ ପାଇଲେ । ସେହି କ୍ୱାର୍ଟରର ନାମ ଥାଏ ଓ୍ୱାର୍କର୍ସ ହୋଷ୍ଟେଲ୍ । ତା'ଙ୍କ ଅଫିସ୍ ର ଜଣେ ସହକର୍ମୀ ପୂର୍ବରୁ ସେହି ଓ୍ୱାର୍କର୍ସ ହୋଷ୍ଟେଲର ତିନି ମହଲାରେ ଥାଆନ୍ତି । ପୂର୍ତ୍ତବିଭାଗର ଜୁନିୟର ଇଞ୍ଜିନିୟରଙ୍କ ତଳ ପାହ୍ୟାରେ ଅର୍ଥାତ୍ ଓ୍ୱାର୍କ ସୁପରଭାଇଜର୍ ପଦରେ ଚାକିରୀ କରନ୍ତି। ତାଙ୍କ ନାମ ହେଉଛି ସୋମନାଥ ସରକାର । ସେ ଜାତିରେ ବଙ୍ଗାଳୀ କରଣ ଏବଂ ଦେବେଶଙ୍କଠାରୁ ବୟସରେ ସାମାନ୍ୟ ଛୋଟ । ସେ ମେଦିନୀପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା । ଓ୍ୱାର୍କ ସୁପରଭାଇଜରଙ୍କୁ ପଶ୍ଚିମ ବଙ୍ଗଳାରେ ଓ୍ୱାର୍କ ଆସିଷ୍ଟାଣ୍ଟ୍ ବୋଲି କହନ୍ତି । ଉଭୟେ ନିଜନିଜ କ୍ୱାର୍ଟରରେ ରହିଲେ ସୁଦ୍ଧା ଅବସର ସମୟରେ ଗପସପ କରନ୍ତି । ଫଳରେ ଉଭୟଙ୍କ ମଧ୍ୟରେ ଧୀରେଧୀରେ ବନ୍ଧୁତ୍ୱ ଗଢ଼ିଉଠେ । ଉଭୟେ ଅବିବାହିତ ଥିଲେ । ସୋମନାଥ ଦୁଇବେଳା ହୋଟେଲରେ ଖାଆନ୍ତି। ଏଣେ ଦେବେଶବାବୁ ଷ୍ଟୋଭଟିଏ ରଖି ନିଜେ ଦୁଇବେଳା ରାନ୍ଧି ଖାଆନ୍ତି । ଦେବେଶବାବୁ ନିଜପାଇଁ ତିନିମାସ ରାନ୍ଧି ଖାଇବାପରେ ଦିନେ ସୋମନାଥ ମନେମନେ ବିଚାର କଲେ, ଯଦି ସିଏ ତାଙ୍କର ଅପାଙ୍କୁ ଆଣି ନିଜ ପାଖରେ ରଖନ୍ତି ତାହାହେଲେ ଦୁଇବେଳା ଖାଇବାରେ ସୁବିଧା ହେବ । ହୋଟେଲକୁ ଯିବାକୁ ପଡ଼ିବ ନାହିଁ ।

ISSN NO.
2582-208X

ସୋମନାଥଙ୍କ ଘର ଚନ୍ଦ୍ରକୋଣା ରୋଡ଼ ନିକଟସ୍ଥ ଡାବଚା ଗ୍ରାମରେ । ସେ ମାତୃହରା । ତାଙ୍କ ବାପା ପୂର୍ତ୍ତବିଭାଗର କର୍ମୀ ଥିଲେ । ନିଜ ଅସୁସ୍ଥତା କାରଣରୁ ସେ ଚାକିରୀ ଛାଡ଼ିଦେବା ହେତୁ ତାଙ୍କ ଜ୍ୟେଷ୍ଠପୁତ୍ରଙ୍କୁ ରିହାବିଲିଟେଶନ୍ ସ୍କିମ୍ ରେ ୱାର୍କ ଆସିଷ୍ଟାଣ୍ଟ୍ ପଦରେ ଚାକିରୀ ଖଣ୍ଡିଏ ମିଳିଥାଏ । ୱାର୍କ ଆସିଷ୍ଟାଣ୍ଟ୍ ଆଉ ଜୁନିଅର କ୍ଲର୍କ୍ ଉଭୟ ପଦର ଦରମା ଏକା । ସୋମନାଥଙ୍କ ଚାରି ଭଉଣୀ ଓ ଦୁଇ ଭାଇ । ବଡ଼ ଭଉଣୀଙ୍କ ନାମ ହେଉଛି ସାହାନା ସରକାର । ଘରର ଦ୍ୱିତୀୟ ସନ୍ତାନ ହେଉଛନ୍ତି ସୋମନାଥ ଓରଫେ ରାଜା । ଦୁର୍ଗାପୂଜା ଛୁଟି ପଡ଼ିବା ହେତୁ ରାଜା ନିଜ ଜନ୍ମସ୍ଥାନ ଡାବଚା ଗ୍ରାମକୁ ଦଶଦିନ ନିମନ୍ତେ ଯାଇଥାଆନ୍ତି । ସେଠାରେ ତାଙ୍କର ରହଣି ସମୟରେ ନିଜ ଅପା ଅର୍ଥାତ୍ ଦିଦିଙ୍କୁ ପ୍ରସ୍ତାବ ଦିଅନ୍ତି, ଅଫିସ୍ ଖୋଲିବାପରେ ଯେପରି ସେ ଯାଇ ଭାଇଙ୍କ ପାଖରେ ରହି ଭାଇଙ୍କୁ ରନ୍ଧାବଢ଼ାରେ ସାହାଯ୍ୟ କରନ୍ତେ । ବଙ୍ଗଳାରେ ଅପାଙ୍କୁ ଦିଦି ବୋଲି କହନ୍ତି । ରାଜାର ପ୍ରସ୍ତାବ ଶୁଣି ତା' ବାପା, ଝିଅ ସାହାନାକୁ କହନ୍ତି, ଛୁଟି ସରିବାପରେ ଭାଇ ସହ ହଳଦିଆକୁ ଯାଇ, ତା' କ୍ୱାର୍ଟରରେ ରହି ରନ୍ଧାବଢ଼ା କରି ଭାଇକୁ ମୁଠାଏ ଖାଇବାକୁ ଦେବା ନିମନ୍ତେ । ବାପାଙ୍କ କଥା ଶୁଣି ଝିଅ ସାହାନା ସେଠାକୁ ଯିବାପାଇଁ ରାଜି ହୁଏ । ଦିଦିଙ୍କ ସମ୍ମତି ମିଳିସାରିବା ପରେ ରାଜା ତାଙ୍କ ସାଥି ଦେବେଶଙ୍କୁ କହନ୍ତି, ଦିଦି ଆସିବେ, ଏଣୁ ତୁମେ ଆଉ କଷ୍ଟକରି ରାନ୍ଧନାହିଁ । ରନ୍ଧା ବନ୍ଦ କର । ମୁଁ, ଦିଦି ଆଉ ତୁମେ ତିନିହେଁ ମିଶି ଏକାସାଥିରେ ଦୁଇବେଳା ଖାଇବା । ମୋ ଦିଦି ରାନ୍ଧିବେ । ତୁମେ ତୁମ କ୍ୱାର୍ଟରରେ ରହିଲେ ସୁଦ୍ଧା ପେଇଂ ଗେଷ୍ଟ ରୂପେ ଦୁଇବେଳା ଖାଇବ । ତା' ବିନିମୟରେ ଯାହା ଦେୟ ଦେବାକୁପଡ଼ିବ, ତାହା ପ୍ରତି ମାସର ଆରମ୍ଭରେ ଦେଇଦେବ । ଏକଥା ଶୁଣିବା ପରେ, ଭବିଷ୍ୟତରେ କାଳେ ଏସବୁକୁ ନେଇ ମନୋମାଳିନ୍ୟ ହୋଇପାରେ, ଏହି ଆଶଙ୍କାରେ ରାଜାଙ୍କ ପ୍ରସ୍ତାବରେ ଦେବେଶଙ୍କର ସମ୍ମତି ନଥାଏ ।

ନିଜେ ରାନ୍ଧି ଖାଇବାରେ ହିଁ ତାଙ୍କର ଆଗ୍ରହ ବେଶୀ ଥାଏ । ନିଜର ଅନିଚ୍ଛା ସତ୍ତ୍ୱେ ସାଙ୍ଗଙ୍କ ସହ ସୁସମ୍ପର୍କ ରଖିବା ଉଦ୍ଦେଶ୍ୟରେ ରାଜାଙ୍କ ଅନୁରୋଧରେ ଦେବେଶବାବୁ ରାଜି ହୁଅନ୍ତି । ଦୁଇଜଣ ଏକା ବିଲ୍ଡିଂରେ ରହନ୍ତି ଏବଂ ଏକା ବିଭାଗରେ ଚାକିରୀ କରନ୍ତି । ହଳଦିଆକୁ ଯାଇ ଛ'ମାସ ମଧ୍ୟ ହୋଇନଥାଏ । ଏଣୁ ରାଜାଙ୍କ ସହ ବିରୋଧ ନ ହେଉ ମନରେ ଏହି ଭାବନା ଥାଏ । ଦେବେଶ କାମ କରୁଥିବା ଦପ୍ତରର ଅବସ୍ଥାନ ହେଉଛି ଶିଳ୍ପନଗରୀ ହଳଦିଆର ଚଉଦ କିଲୋମିଟର ପୂର୍ବରୁ । ସ୍ଥାନଟିର ନାମ ହେଉଛି ଦୁର୍ଗାଚକ । 'ଛକ'କୁ ବଙ୍ଗଳାରେ 'ଚକ' ବୋଲି କହନ୍ତି । ପୂର୍ବ ସିଦ୍ଧାନ୍ତ ଅନୁଯାୟୀ ରାଜା ଦୁର୍ଗାପୂଜା ଛୁଟି

ISSN NO.
2582-208X

ଶେଷହେବାର କିଛିଦିନ ପରେ ଦିଦିଙ୍କୁ ନିଜ କ୍ୱାର୍ଟର୍ ଦୁର୍ଗାଚକକୁ ନେଇ ଆସନ୍ତି । ଦୁଇବେଳା ଖାଇବା ବିନିମୟରେ ଦେବେଶଙ୍କୁ କେତେ ଟଙ୍କା ଦେବାକୁ ପଡ଼ିବ ତାହା ଆଲୋଚନା ମାଧ୍ୟମରେ ସିଦ୍ଧାନ୍ତ ହୋଇସାରିଥାଏ । ତେବେ ଦୁଇବେଳା ଜଳଖିଆ କିନ୍ତୁ ବାହାରେ ଖାଇବାକୁ ପଡ଼ିବ । ପଣ୍ଡସ ପାଉଡ଼ର ଡବାର ଠିପି ମାପର, ମୁଣ୍ଡପିଛା ଏକ ଠିପି ମସୁର ଡାଲି ହିସାବରେ ତିନିଜଣଙ୍କ ନିମନ୍ତେ ମାତ୍ର ତିନି ଠିପି ମସୁର ଡାଲି ରନ୍ଧାହୁଏ । ସେଇଟା ତ ଡାଲି ନୁହଁ, କେବଳ ପାଣି । ସେମାନେ ରାନ୍ଧିବା ନିମନ୍ତେ ଯେଉଁ ଚାଉଳ ବ୍ୟବହାର କରନ୍ତି ତାହା ସବୁଠାରୁ ମୋଟାଧାନର ଏବଂ ଅକାଣ୍ଡିଆ ଚାଉଳ । ଭାତ ହୋଇସାରିବା ପରେ ଗୋଟେ ଚାଉଳ, ଗୋଟେ କୋଳି ଆକୃତିର ହୋଇଯାଏ ଯାହା ଗିଳିବା ସତରେ କଷ୍ଟକର । ତେବେ ସେମାନେ ଜନ୍ମରୁ ସେହି ଚାଉଳ ହିଁ ବ୍ୟବହାର କରିଆସିଛନ୍ତି। ଏଣୁ ସେମାନଙ୍କୁ ଗିଳିବାରେ ଆଦୌ କଷ୍ଟ ହେଉନଥାଏ । ତାହା ସେ ସମୟର ରେଶନ୍ ଚାଉଳ ବି ହୋଇପାରେ । ଅକାଣ୍ଡିଆ ବଗଡ଼ା ଚାଉଳ । ମୋଟାଧାନକୁ ଦୁଇଥର ସିଝାଇ ସେଥିରୁ ଉଷୁନା ଚାଉଳ ବାହାର କରାଯାଏ । ଏହି ଚାଉଳ ଠିକ୍ ଭାବେ ସିଝେନା । ଖାଇବାକୁ ଖୁବ୍ ଟାଣ ଲାଗେ ।

ସେ ସମୟରେ ସୋମନାଥ ଓ ଦେବେଶଙ୍କର ବୟସ ଥାଏ ଯଥାକ୍ରମେ ଉଣେଇଶି ଏବଂ ଏକୁଶି । ଉଭୟେ ଯୁବକ । ଏ ବୟସରେ ଦୁଇଜଣଙ୍କ ହଜମ ଶକ୍ତି ବେଶି । ଫଳରେ ଉଭୟେ ଥାଳା ଭର୍ତ୍ତି ଭାତ ଖାଆନ୍ତି । ବରଂ ରାଜା ତୁଳନାରେ ଦେବେଶ ମୁଠାଏ ଭାତ ବେଶି ଖାଆନ୍ତି । ଏ ବୟସର ଯୁବକମାନେ ସାଧାରଣତଃ ତିନିଶହ ଗ୍ରାମରୁ ଅଧା କିଲୋ ପର୍ଯ୍ୟନ୍ତ ଚାଉଳର ଭାତ ଖାଇବାରେ ସକ୍ଷମ । କିନ୍ତୁ ରାଜାଙ୍କ ଦିଦି, ରାଜା ତୁଳନାରେ ଦେବେଶଙ୍କୁ କମ୍ ଭାତ ବାଢ଼ନ୍ତି । ବାଧ୍ୟହୋଇ ମାନି ନେବାକୁ ପଡ଼େ । ରାଜା ଓ ଦେବେଶଙ୍କୁ ଏକାସାଥିରେ ଭାତ ବାଢ଼ନ୍ତି ସତ, ହେଲେ ପଚାଶ ଗ୍ରାମ ଚାଉଳର ଯେତିକି ଭାତ ହେବା କଥା କେବଳ ସେତିକି ଭାତ ହିଁ ଦିଅନ୍ତି । ତୁଣ୍ଡକୁ ଥରେ ବା ଦୁଇଥର ସେହି ଭାତ ଟିକକ ପୁରେଇଦେଲେ, ଖାଉଥିବା ଥାଳା ଖାଲି ହୋଇଯାଏ । ପେଟ ଭରେନା । ଯଦି ଭାତ ଦୋହଡ଼ା ମଗାଯାଏ ତାହାହେଲେ, ଥରକୁ ପାଞ୍ଚ ଗ୍ରାମ୍ ଓଜନର ଭାତ ଦିଅନ୍ତି । ସେ ଭାତ ବାଢ଼ିବା ନିମନ୍ତେ ବେଲା ବ୍ୟବହାର ନକରି ପିଠାପାତିଆ ବ୍ୟବହାର କରନ୍ତି । ରାନ୍ଧିଥିବା ଉଷୁନା ଚାଉଳର ଆକୃତି କୋଳି ଭଳି । ଫଳରେ ଥରେ ପିଠାପାତିଆରେ ହାଣ୍ଡିରୁ ଭାତ ବାହାର କଲେ ପାଞ୍ଚଗ୍ରାମ୍ ହିସାବରେ ତିନିଥର ଭାତ ଦେଲେ ମୋଟ ପନ୍ଦର ଗ୍ରାମ୍ ଭାତ ହୁଏ । ତେବେ ସେତିକିରେ ପେଟ ଭରେନା । ବାରମ୍ବାର ଭାତ ମାଗିବାକୁ

ISSN NO.
2582-208X

ଦେବେଶଙ୍କୁ ଲଜ୍ଜା ଲାଗେ । ଏଣୁ ସେ ଚୁପ୍ ହୋଇ ବସିରହନ୍ତି । ରାଜାର ଦିଦି ଏକଥା ବୁଝିପାରି ଦେବେଶଙ୍କୁ ତାଙ୍କ ବଙ୍ଗଳା ଭାଷାରେ ପଚାରନ୍ତି, ଆର୍ ଦିବୋ ...? ଆର୍ ଦିବୋ ...? ଏକଥା ଶୁଣି ଦେବେଶ ଆସ୍ତିସୂଚକ ମୁଣ୍ଡ ହଲାନ୍ତି । ଫଳରେ ଆଉ ଦୁଇଥର ଭାତ ଦିଅନ୍ତି ।

ତଥାପି ଦେବେଶଙ୍କ ପେଟ ଭରେନା । ସାହାନା ହୁଏତ ମନରେ ଭାବନ୍ତି ଦେବେଶ ରାହୁ ବା ରାକ୍ଷସ କି ନା ? କାହିଁକି ନା, ଯେତେ ଦେଲେ ବି ୟାଙ୍କର ପେଟ ଭରେ ନାହିଁ । ପୁଣି ବସି ରହିଲେ ପଚାରନ୍ତି, ଆର୍ ଦିବୋ ...? ଆର୍ ଦିବୋ ...? ଭେଣ୍ଡିଆ ପିଲା । ଖାଇବା ବୟସର ପିଲାମାନେ ଯଥାରୀତି ଖାଇବେ । ଏଣୁ ପେଟଭରିବା ଭଳି ଏକାସାଥିରେ ବାଢ଼ିଦେବା ଭଲ । ସେତିକିରେ ଯଦି ପେଟ ନ ଭରେ ତାହାହେଲେ ପୁଣି ମୁଠାଏ ଭାତ ଦେଇଦେଲେ ହୋଇଯିବ । ବାରମ୍ବାର ମାଗିବା ଲୋକକୁ ଲଜ୍ଜା ଲାଗିପାରେ । ପୁନଶ୍ଚ, ଦେଉଥିବା ବ୍ୟକ୍ତିର ମନେହେବ, ଏ ଲୋକଟା କ'ଣ ଏତେ ଖାଉଛି ? ଦେବେଶ ମୁଣ୍ଡ ହଲାଇବାରୁ ପିଠାପାଡିଆରେ ଆଉ ଦୁଇଥର ଭାତ ଦିଆଗଲା । ତା' ସହ ଦରସିଝା ମସୁର ଡାଲିର ପାଣି ଟିକେ । ବାସ୍ତବରେ କି ଏଭଳି ଖାଇହୁଏ ? ନା ପେଟ ଭରେ ? ଥରେ ବା ଦୁଇଥର ଖାଇବାକୁ ଦେଲେ ମନରେ ଧାରଣା ହୁଏ, ବାସ୍ତବରେ ଲୋକଟା କେତେ ଭାତ ଖାଉଛି । ବାରମ୍ବାର ପଚାରିବାର କୌଣସି ଆବଶ୍ୟକତା ନାହିଁ । ସେ କିନ୍ତୁ ପ୍ରତିଦିନ ସେଭଳି ପଚାରନ୍ତି ଅଥଚ ଖାଇବାକୁ କମ୍ ଦିଅନ୍ତି । ଅର୍ଦ୍ଧପେଟ ଭୋଜନରେ ଖାଇବା ଥାଳାରୁ ଉଠିପଡ଼ିବାକୁ ହୁଏ । ତଥାପି ତାଙ୍କର ଆର୍ ଦିବୋ ..., ଆର୍ ଦିବୋ ... ଅର୍ଥାତ୍ ଆଉ ଦେବି ..., ଆଉ ଦେବି ... କହିବାର ଶେଷ ନାହିଁ । ଇଚ୍ଛାରେ ହେଉ ବା ଅନିଚ୍ଛାରେ ସେ କେବଳ ପଚାରି ଚାଲିଥାନ୍ତି ହେଲେ ମାଗୁଥିବା ଲୋକର ମନ ମାନେନାହିଁ, ସଙ୍କୋଚ ଲାଗେ । ଭାତକୁ ତରକାରୀ ଦେବା କ୍ଷେତ୍ରରେ କିନ୍ତୁ ସେଭଳି ଆର୍ ଦିବୋ ବୋଲି କହନ୍ତି ନାହିଁ । ଆଜି ବି ଭୁଲି ହୁଏନା, ସାହାନାଙ୍କର ପ୍ରତିଦିନର ସେହି ଏକା କଥା ଆର୍ ଦିବୋ ...? ଆର୍ ଦିବୋ ... ? ଆର୍ ଦିବୋ ... ?

(((-)))

ଚଳଭାଷ – ୭୫୦୧୬୫୨୪୨୮

ISSN NO.
2582-208X

# ଶ୍ରୀକ୍ଷେତ୍ର ମଉଡମଣି



ଶିଖାରାଣୀ ମହାପାତ୍ର

ଭକ୍ତି ଡୋରରେ ବନ୍ଧା
ଭାବର ଠାକୁର
ଭକ୍ତ ଦୁଃଖ ପାରୁ ଜାଣି,
ଦୂରେ ଥାଇ ତୋତେ
ଡାକିଦେଲେ ଥରେ
ଦେଖାଦେଉ ଡାକ ଶୁଣି ।
ହାତ ତୋର ନାହିଁ
ସାରଥି ସାଜି ତୁ
ଚଳାଉ ସଂସାର ରଥ,
ଗୋଡ ତୋର ନାହିଁ
ଭକ୍ତ ହାତଧରି
ଚାଲୁ ତା ସାଥେ ତୁ ପଥ ।
ବିଚିତ୍ର କର୍ମା ତୁ
ବିଚିତ୍ର ତୋ ସୃଷ୍ଟି
ରମଣୀୟ ତୋର ବେଶ,
ତୋ ଆଶିଷ ଥିଲେ
ଶ୍ୱେତପଦ୍ମତୋଳା
କିଏ ବା ହେବ ନିରାଶ ।

ISSN NO.
2582-208X

ରତ୍ନସିଂହାସନେ
　　ବସି ତୁ ବୁଝୁଛୁ
ସକଳ ଜଗତ କଥା,
ଚକା ଆଖି ତୋର
　　ସବୁ ଦେଖୁଅଛି
ପାପ, ପୁଣ୍ୟ, ସତ୍ୟ, ମିଥ୍ୟା ।
ଅରୁଣ ସ୍ତମ୍ଭକୁ
　　ଚାହିଁଦେଲେ ଜଗା
ତୋର ଶ୍ରୀମୁଖ ଦିଶଇ,
ବାଇଶି ପାହାଚ
　　ସ୍ପର୍ଶ କଲେ ସତେ
ଅପୂର୍ବ ଶାନ୍ତି ମିଳଇ ।
ଅନ୍ଧକୁ ଦେଉଛୁ
　　ଚକ୍ଷୁ ଦାନ ତୁହି
ଦେଖିବାକୁ ତୋର ରୂପ,
ଗିରି ଲଂଘେ ପଙ୍ଗୁ
　　ତୋର କୃପା ବଳେ
ଆଶୀର୍ବାଦ ତୋ ଅମାପ ।
ଅନ୍ତର୍ଯ୍ୟାମୀ ତୁହି
　　ଭକ୍ତ ମନ ଜାଣି
ଯାଚିଦେଉ ସବୁକିଛି,
ଅଗମ୍ୟ ପଥକୁ
　　ପୁଷ୍ପମୟ କରୁ
ତୋ କରୁଣା ପୁଷ୍ପ ବିଛି ।
ଅସମ୍ଭବ କାର୍ଯ୍ୟ
　　ସମ୍ଭବ ହୁଅଇ
ଭଜିଲେ କାଳିଆ ନାମ,

ISSN NO.
2582-208X

ସକଳ ଜଗତେ
ଶୋଭନୀୟ ଦିଶେ
ଜଗାର ଶ୍ରୀକ୍ଷେତ୍ର ଧାମ ।
ବେନି ଭୁଜ ଟେକି
ଭକ୍ତ ଡାକୁଥାଏ
ଜୟ ଜୟ ଜଗନ୍ନାଥ,
ଭକ୍ତିପୂର୍ଣ୍ଣ ଭାବେ
ଶରଧାବାଲିରେ
ଭକ୍ତ ଗଢେ ବାଲିରଥ ।
ଆନନ୍ଦ ବଜାରେ
ମନ ଲାଖିଯାଏ
ପିଇଲେ ଟଙ୍କ ତୋରାଣୀ,
ଏ ସଂସାରେ ସାର
ନାମ ଅଟେ ତୋର
ଶ୍ରୀକ୍ଷେତ୍ର ମଉଡମଣି ।

(((-)))

ଗ୍ରାମ/ପୋଷ୍ଟ:- କବିସୂର୍ଯ୍ୟନଗର, ଗଞ୍ଜାମ
ମୋବାଇଲ ନଂ:-୯୬୬୮୧୩୬୪୬୨
ପିନ୍:-୭୬୧୧୦୪

ISSN NO.
2582-208X

# ଆତ୍ମା



ସ୍ମୃତିସ୍ମିତା ରାଉତ

ଦେହର ଅଧୀନତାରୁ ମୁକ୍ତ ହେଇ
ଆତ୍ମା ନିକଟରେ ସମର୍ପିତ ହେଲି ,
ଅବିନାଶୀ ଆତ୍ମାକୁ ସତ୍ୟ ମାନି
ଶରୀର ଯନ୍ତ୍ରଣାକୁ ତୁଚ୍ଛ ମନେ କଲି ।

ଜୀବନର ମୂଲ୍ୟବୋଧ ଭୂମିରେ
ସଂସାର ଓ ଆବେଗ ଜଡିତ ,
ଜୀବନ ରୂପକ ଉପନ୍ୟାସରେ
ଶବ୍ଦ ଭାବ ପରି ଚରିତ୍ର କର୍ମ ମହକିତ ।

ସୃଷ୍ଟିର ସର୍ଜନା ଅତି ମନୋହର
ମନୁଷ୍ୟ ତାହାର ମୁଖ୍ୟ ଉପାଦାନ,
ସୁଖ ଦୁଃଖ ସବୁ ତ ଅସାର
କର୍ମ ପାଇଁ ମନ ହେଉ ସଦା ତତ୍ପର ।

ଶରୀର ମିଥ୍ୟା ଆତ୍ମା ସତ୍ୟ ମଣି
ଆଗକୁ ପାଦ ଅଗ୍ରସର କଲି ,
ଶରୀର ସଜାଇବା ଛାଡି
ସଶରୀରକୁ ପ୍ରଭୁଙ୍କ ନିକଟରେ ସମର୍ପଣ କଲି ।

(((-)))

କେନ୍ଦୁଝର

ISSN NO.
2582-208X

# ଗୋଣ୍ଡି ଭାଷା ଓ ଓଡିଆ ଅସ୍ମିତା



ଡୋଳାମଣି ଧରୁଆ

ସଂକ୍ଷିପ୍ତସାର

ଓଡିଶା ହେଉଛି ଏକ ବିବିଧ ଭାଷାଭାଷୀଙ୍କ ରାଜ୍ୟ । ଭାଷାଭିତ୍ତିରେ ଗଠିତ ଭାରତର ପ୍ରଥମ ରାଜ୍ୟ ହେଉଛି ଓଡିଶା । ଓଡିଶାର ଭାଷା ଓଡିଆ ହେଲେ ମଧ୍ୟ ଏଠାରେ ବିଭିନ୍ନ ପ୍ରକାରର ଭାଷା ପ୍ରଚଳିତ ହେଉଅଛି । ଓଡିଶାର ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳରେ ବିଭିନ୍ନ ପ୍ରକାରର ଭାଷା ବ୍ୟବହାର ହେଉଥିବା ଦେଖିବାକୁ ମିଳେ । ଏହାବ୍ୟତୀତ ଓଡିଶାରେ ବସବାସ କରୁଥିବା ୬୪ ପ୍ରକାରର ଆଦିବାସୀମାନଙ୍କର ମଧ୍ୟ ସ୍ୱତନ୍ତ୍ର ଭାଷା ରହିଛି । ସେମାନେ ତାଙ୍କର ସାଂପ୍ରଦାୟିକ ଭାଷାରେ କଥାବାର୍ତ୍ତା କରନ୍ତି । ଯାହା ତାଙ୍କ ସାଂପ୍ରଦାୟିକତାର ସ୍ୱତନ୍ତ୍ରତାକୁ ପ୍ରତିପାଦନ କରିଥାଏ । ଯେମିତିକି ସାନ୍ତାଳ ସଂପ୍ରଦାୟର ସାନ୍ତାଳି, କନ୍ଧ ସଂପ୍ରଦାୟର କୁଇ, ସଉରା ସଂପ୍ରଦାୟର ସଉରୀ, ଭତରା ସଂପ୍ରଦାୟର ଭତରୀ, ବଞ୍ଜାରା ସଂପ୍ରଦାୟର ବଞ୍ଜାରୀ ଭଳି ଗଣ୍ଡ ସଂପ୍ରଦାୟର ଗୋଣ୍ଡି ଭାଷା ରହିଛି । ଏହି ଗୋଣ୍ଡି ଭାଷା ଏକ ସ୍ୱତନ୍ତ୍ର ଭାଷା । ଯାହା ଗୋଣ୍ଡ ସଂପ୍ରଦାୟର ନାମାନୁଯାୟୀ ନାମିତ ହୋଇଅଛି । ଓଡିଶାରେ ବସବାସ କରୁଥିବା ଗଣ୍ଡ ସଂପ୍ରଦାୟର ଭାଷା ହେଉଛି ଗୋଣ୍ଡି । ଓଡିଶାର ମାଲକାନଗିରିଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଗଣ୍ଡମାନେ ବସବାସ କରୁଛନ୍ତି। ତେଣୁ ଗୋଣ୍ଡି ହେଉଛି ଏକ ସାଂପ୍ରଦାୟିକ କଥିତ ଭାଷା । ଓଡିଆ ଭାଷାକୁ ସମୃଦ୍ଧ କରିବାରେ ଗୋଣ୍ଡି ଭାଷାର ମଧ୍ୟ ଭୂମିକା ରହିଛି । ଅନେକ ଗୋଣ୍ଡି ଶବ୍ଦ ଓଡିଆ ଭାଷାରେ ବ୍ୟବହୃତ ହେଉଅଛି । ଗୋଣ୍ଡି ସଂସ୍କୃତି ଓଡିଆ ସଂସ୍କୃତିକୁ ପ୍ରଭାବିତ କରିଅଛି । ଓଡିଶାର ଗୋଣ୍ଡି ଭାଷା, ସାହିତ୍ୟ, ସଂସ୍କୃତି ଓଡିଆ ଅସ୍ମିତା (Odia Identity)ର ସ୍ୱାକ୍ଷର ବହନ କରିଥାଏ । 'ଅସ୍ମିତା' ଏକ ଆତ୍ମିକ ଭାବାବେଗ । ଅସ୍ମିତା ବ୍ୟକ୍ତିଠାରୁ ଜାତି ତଥା ଗୋଟିଏ ରାଷ୍ଟ୍ରର ମଧ୍ୟ ରହିଛି । ଅସ୍ମିତାର ନିର୍ଦ୍ଦିଷ୍ଟ ଗୋଟିଏ ପରିଭାଷା ନିର୍ଣ୍ଣୟ କରିହେବ

ISSN NO.
2582-208X

ନାହିଁ । ଉକ୍ତ ପ୍ରବନ୍ଧରେ 'ଗୋଣ୍ଡି ଭାଷା ଓ ଓଡିଆ ଅସ୍ମିତା' ସମ୍ବନ୍ଧରେ ଆଲୋଚନା କରାଯାଇଅଛି ।

ପ୍ରମୁଖ ଶବ୍ଦାବଳୀ: ଗଣ୍ଡ, ଗୋଣ୍ଡି, ଭାଷା, ଅସ୍ମିତା, ସଂପ୍ରଦାୟ, ଲିପି, ବାକ୍ୟ, ଧ୍ୱନି, ସଂସ୍କୃତି, ଓଡିଶା ପ୍ରଭୃତି ।

### ଗଣ୍ଡ ସଂପ୍ରଦାୟ

ଗଣ୍ଡ ସଂପ୍ରଦାୟ ଓଡିଶାର ଦ୍ୱିତୀୟ ବୃହତ୍ତମ ଜନଗୋଷ୍ଠୀ । ଏହି ସଂପ୍ରଦାୟର ସ୍ୱତନ୍ତ୍ର ସଂସ୍କୃତି, ଭାଷା ଓ ସାହିତ୍ୟ ରହିଅଛି । ଯେଉଁଥିପାଇଁ ଗଣ୍ଡମାନେ ସମଗ୍ର ପୃଥିବୀରେ ପରିଚିତ । କେନ୍ଦ୍ର ଭାରତ ବା ଗୋଣ୍ଡୱାନା ହେଉଛି ଗଣ୍ଡମାନଙ୍କର ଆଦି ବାସଭୂମି । ପରବର୍ତ୍ତୀ ସମୟରେ ସେମାନେ ବିଭିନ୍ନ ଅଞ୍ଚଳକୁ ଗମନ କରି ବସତି ସ୍ଥାପନ କରିଛନ୍ତି । ଗଣ୍ଡ ଶବ୍ଦ ତେଲୁଗୁ ଶବ୍ଦ 'କୋଣ୍ଡ' (Kond) ରୁ ସୃଷ୍ଟି । ତେଲୁଗୁ ଶବ୍ଦ କୋଣ୍ଡର ଅର୍ଥ 'ପାହାଡ'। ଗଣ୍ଡମାନେ ପ୍ରାଚୀନ କାଳରେ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିଲେ, ସେଥିପାଇଁ ତାଙ୍କ ନାମ ଗଣ୍ଡ ହୋଇଛି ବୋଲି ବିଶ୍ୱାସ କରାଯାଏ । ପରବର୍ତ୍ତୀ ସମୟରେ 'Kond' ରୁ 'Gond' ଶବ୍ଦର ସୃଷ୍ଟି ବୋଲି ଗବେଷକମାନେ ମତପୋଷଣ କରନ୍ତି । ସେହିପରି ଗଣ୍ଡୁକି ନଦୀକୂଳରେ ବସବାସ କରୁଥିବାରୁ ଗଣ୍ଡ ନାମକରଣ ହୋଇଛି । କେତେକ ଗବେଷକଙ୍କ ମତରେ ପ୍ରାଚୀନ କାଳରେ ଗଙ୍ଗା ନଦୀ କୂଳରେ ବନବାସ କରୁଥିବା ଆଦିବାସୀଙ୍କୁ ଗଙ୍ଗେୟ ବୋଲି କୁହାଯାଉଥିଲା । ଗଣ୍ଡମାନେ ଗଙ୍ଗାନଦୀ କୂଳରେ ବସବାସ କରୁଥିବାରୁ ତାଙ୍କ ନାମ ଗଣ୍ଡ ହୋଇଅଛି । କାଳକ୍ରମେ ସେହି ଗଙ୍ଗେୟ ଶବ୍ଦ ଅପଭ୍ରଂଶ ହୋଇ ଗଙ୍ଗେୟ- ଗଙ୍ଗେ- ଗଣ୍ଡ ହୋଇଛି । ୨୦୧୧ ଜନଗଣନା ଅନୁଯାୟୀ ଓଡିଶାରେ ବସବାସ କରୁଥିବା ଗଣ୍ଡମାନଙ୍କର ଜନସଂଖ୍ୟା ୮୮୮୫୮୧ ଅଟେ । ଏଥି ମଧ୍ୟରୁ ପୁରୁଷ ସଂଖ୍ୟା ୪୩୮୬୨୪ ଓ ମହିଳା ସଂଖ୍ୟା ୪୪୯୯୫୭ ଅଟେ । ଏହି ବିଶାଳ ସଂପ୍ରଦାୟର ଇତିହାସ ଖୁବ୍ ସମୃଦ୍ଧ । ସ୍ୱତନ୍ତ୍ର ଗୋଣ୍ଡି ଭାଷା ଓ ସ୍ୱତନ୍ତ୍ର ଲିପି ମଧ୍ୟ ରହିଛି ।ଯାହା ଗୋଣ୍ଡି ଲିପି ନାମରେ ପରିଚିତ । ଭାଷା ଦୃଷ୍ଟିକୋଣରୁ ଅନ୍ୟାନ୍ୟ ଆଦିବାସୀଗୋଷ୍ଠୀଠାରୁ ଗଣ୍ଡ ସଂପ୍ରଦାୟର ସ୍ୱତନ୍ତ୍ର ପରିଚୟ ରହିଅଛି ।

ISSN NO.
2582-208X

ଗୋଣ୍ଡି ଭାଷା।

ଗୋଣ୍ଡି ଭାଷା ଗଣ୍ଡ ସଂପ୍ରଦାୟର ଏକ ସ୍ୱତନ୍ତ୍ର ଭାଷା । ଏହି ଭାଷାର ଉଚ୍ଚାରଣଗତ ସ୍ୱତନ୍ତ୍ରତା ରହିଅଛି । ସ୍ୱତନ୍ତ୍ର ଉଚ୍ଚାରଣ ଯୋଗୁଁ ଗୋଣ୍ଡି ଭାଷା ଭାରତର ଏକ ସ୍ୱତନ୍ତ୍ର ଭାଷା ରୂପେ ପରିଚିତ । ଏହି ଭାଷାର ସୃଷ୍ଟି ସମ୍ବନ୍ଧରେ ଗଣ୍ଡ ସଂପ୍ରଦାୟରେ ଏକ ଜନଶ୍ରୁତି ରହିଛି। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଏହି ଜନଶ୍ରୁତି ଲୋକମୁଖରେ ପ୍ରଚାରିତ ହୋଇ ଆସିଅଛି । ତାହା ନିମ୍ନରେ ପ୍ରଦତ୍ତ ହେଲା ।

ପ୍ରାଚୀନ କାଳରେ ପୂର୍ବାକୋଟ ନାମକ ଗଣ୍ଡ ରାଜ୍ୟରେ ପୁଲଶିବ ନାମରେ ଜଣେ ରାଜା ଶାସନ କରୁଥିଲେ । ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ତାହାର ନାମ ଅତି ଆଦରରେ ପାରିକୁପାର ଲିଙ୍ଗୋ ରଖିଥିଲେ । ସେହି ପୁତ୍ରର ରୂପ ଦେଖିବାକୁ ଖୁବ୍ ସୁନ୍ଦର। ଗୁଣ ମଧ୍ୟ ସେହିଭଳି । ଲିଙ୍ଗୋ ସର୍ବଗୁଣସଂପନ୍ନ ଓ ସବୁବିଦ୍ୟାରେ ପାରଙ୍ଗମ ଥିଲେ । ପୁତ୍ରର ରୂପ ଗୁଣ ଦେଖି ପିତା ପୁଲଶିବ ଖୁବ୍ ଖୁସି ହେଉଥିଲେ ।ଏମିତି ଆନନ୍ଦ ଉଲ୍ଲାସରେ ଦିନ ବିତିଯାଉଥିଲା । ଦିନେ ଭ୍ରମଣ ଉଦ୍ଦେଶ୍ୟରେ ପାରି କୁପାର ଲିଙ୍ଗୋ ଘରୁ ବାହାରକୁ ଚାଲିଗଲେ । ବୁଲି ବୁଲି ସେ କୋୟାମୁରୀ (ଜମ୍ବୁଦ୍ୱୀପ) ଦ୍ୱୀପରେ ଯାଇ ପହଞ୍ଚିଲେ ।ସେହି ଦ୍ୱୀପରେ ଭ୍ରମଣ କରୁଥିବାବେଳେ ତାଙ୍କ ଗୋଡ ଖସି ଯିବାରୁ ସେ ଜଳରେ ଭାସିଗଲେ । ଜଳରେ ଭାସି ଭାସି ସେ ବହୁତ ଦୂରକୁ ଚାଲିଗଲେ । ଏହି ସମୟରେ ଶମ୍ଭୁସେକ ନିଜର ବୃଷଭ ବାହାନରେ ବସି କୋୟାମୁରୀ (ଜମ୍ବୁଦ୍ୱୀପ)ରେ ସମୁଦ୍ର କୂଳରେ ଭ୍ରମଣ କରୁଥିଲେ। ତାଙ୍କର ଦୃଷ୍ଟି ପଡିଲା ଜଳରେ ଭାସିଯାଉଥିବା ପାରି କୁପାର ଲିଙ୍ଗୋଙ୍କ ଉପରେ । ସଙ୍ଗେ ସଙ୍ଗେ ସେ ନିଜର କୁହୁକ ବିଦ୍ୟାବଳରେ ତାଙ୍କୁ ଜଳରୁ ଉଦ୍ଧାର କଲେ ଓ କୂଳକୁ ଆଣି ଶୁଆଇଲେ। ଅନେକ ସମୟ ଧରି ଜଳରେ ଭାସିଥିବାରୁ ଥଣ୍ଡାର ପ୍ରଭାବରେ ପାରିକୁପାର ଲିଙ୍ଗୋ ଚେତନାଶୂନ୍ୟ ହୋଇଥିଲେ । ସଂଜ୍ଞାହୀନ ଅବସ୍ଥାରେ ସେ ପଡି ରହିଥିଲେ । ତାଙ୍କର ଚେତା ଫେରାଇବା ପାଇଁ ଶମ୍ଭୁସେକ ଡମ୍ବରୁ ନାଦ କଲେ । ଦୀର୍ଘ ସମୟ ଧରି ଡମ୍ବରୁ ନାଦ କରିବାରୁ ପାରିକୁପାର ଲିଙ୍ଗୋଙ୍କ ଚେତା ଫେରିଆସିଲା । ଚେତା ପାଇ ସେ ଭୂମି ଉପରେ ବସି ପଡିଲେ । ସମ୍ମୁଖରେ ଛିଡା ହୋଇଛନ୍ତି ଶମ୍ଭୁସେକ ଶିବ । ଶମ୍ଭୁସେକଙ୍କୁ ଦେଖି ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶମ୍ଭୁସେକଙ୍କ ଡମ୍ବରୁ ନାଦ ପାରିକୁ ର ଲିଙ୍ଗୋଙ୍କ କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବାରୁ ଗୋଣ୍ଡି ଭାଷାର ସାରକଥା ସେ ଜାଣିପାରିଥିଲେ । ଏହା ବ୍ୟତୀତ ଗୋଣ୍ଡି ଭାଷାର ଗୀତ, ବାଦ୍ୟଯନ୍ତ୍ର, ନୃତ୍ୟକଳା, ଗୋଣ୍ଡି ସଗାଦେବ (ଦେଓ),

ISSN NO.
2582-208X

ଗୋଣ୍ଡି ଜୀବନ ମାର୍ଗ ଦର୍ଶନ ଉପରେ ଜ୍ଞାନ ଅର୍ଜନ କରିଥିଲେ ।ଏହାପରେ ଶମ୍ଭୁସେକ ସେହି ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ଶମ୍ଭୁସେକଙ୍କ ପାଖରୁ ପାଇଥିବା ଜ୍ଞାନକୁ ପ୍ରଚାର ଓ ପ୍ରସାର କରିବାରେ ପାରିକୁପାର ଲିଙ୍ଗୋ ଲାଗିପଡିଲେ । ସେତେବେଳେ ତାଙ୍କୁ ୧୭ ବର୍ଷ ବୟସ ହେଉଥିଲା । ଦୁଇ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ଗଣ୍ଡ ରାଜ୍ୟମାନଙ୍କୁ ଭ୍ରମଣ କରି ସେ ଶିକ୍ଷା ପ୍ରଦାନ କଲେ । ଏହାପରେ ଦୀର୍ଘ ସାତ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରି ୨୬ ବର୍ଷ ବୟସବେଳକୁ ଦିବ୍ୟ ଜ୍ଞାନ ଲାଭ କଲେ । ବିଭିନ୍ନ ସ୍ଥାନ ଭ୍ରମଣ କରି ଗୋଟୁଲ (ଶିକ୍ଷାକେନ୍ଦ୍ର) ମାନ ସ୍ଥାପନ କରି ତାହାରି ମାଧ୍ୟମରେ ଶିକ୍ଷା ପ୍ରଦାନ କଲେ । ମାତା କଳିକଙ୍କାଳିଙ୍କ ତେତିଶଗୋଟି ପୁତ୍ରକୁ ଗୁମ୍ଫାରୁ ଉଦ୍ଧାର କରି ନିଜର ଶିଷ୍ୟ ରୂପେ ଗ୍ରହଣ କଲେ । ସେ ପାଞ୍ଚଗୋଟି ତତ୍ତ୍ୱ ପ୍ରଦାନ କରିଥିଲେ ।ଯାହା ପଞ୍ଚ ପୂଜନୀୟ ବା ବନ୍ଦନୀୟ ତତ୍ତ୍ୱ ଭାବରେ ଗୃହୀତ । ସେଗୁଡିକ ହେଉଛି:-

୧. ସଗା- ଦେଓ
୨. ଗୋଟୁଲ- ଶିକ୍ଷାକେନ୍ଦ୍ର
୩. ପେନଠାନା - ପ୍ରାକୃତିକ ଶକ୍ତି ଉପାସନା ସ୍ଥଳ
୪. ପୁନେମ- ଜୀବନର ସତ ମାର୍ଗ, ଧର୍ମ
୫. ମୁମ୍ବା- ଧର୍ମଗୁରୁ, ସତ୍ୟଜ୍ଞାନର ଅଧିଷ୍ଠାତା

ଏହିପରି ଭାବରେ ଶମ୍ଭୁସେକ୍ (ଶିବ)ଙ୍କ ଡମ୍ବରୁ ନାଦରୁ ଗୋଣ୍ଡି ଭାଷାର ସୃଷ୍ଟି ହୋଇଛି । ଯାହାକୁ ଭାଷା ବିଜ୍ଞାନରେ ଦୈବୀ ଉତ୍ପତ୍ତି ସିଦ୍ଧାନ୍ତ ବୋଲି କୁହାଯାଏ। ଭଗବାନ ହେଉଛନ୍ତି ଭାଷାର ସ୍ରଷ୍ଟା ବୋଲି ବିଶ୍ୱାସ କରାଯାଏ । ସେହିଭଳି ଗୋଣ୍ଡି ସଂସ୍କୃତିରେ ମଧ୍ୟ ଗୋଣ୍ଡି ଭାଷାର ସ୍ରଷ୍ଟା ଭାବରେ ଶମ୍ଭୁସେକ ବା ଶିବଙ୍କୁ ଗ୍ରହଣ କରାଯାଏ ।

ଓଡିଶାରେ ବସବାସ କରୁଥିବା ଆଦିବାସୀ ଭାଷାଗୁଡିକୁ ତିନୋଟି ପରିବାରର ଅନ୍ତର୍ଭୁକ୍ତ କରାଯାଇଛି । ସେଗୁଡିକ ହେଉଛି,ଅଷ୍ଟ୍ରିକ, ଦ୍ରାବିଡ ଓ ଇଣ୍ଡୋୟୁରୋପୀୟ ଭାଷା ପରିବାର।

ISSN NO.
2582-208X

୧. ଅଷ୍ଟ୍ରିକ ଭାଷା ପରିବାର- ଡିଡାୟୀ, ଗାଦବା, ବଣ୍ଡା, ପାରେଙ୍ଗ, ସଉରା, ଖଡିଆ, ସାନ୍ତାଳୀ, ହୋ, ଭୂମିଜ, ମୁଣ୍ଡା, କୋଡା, ମାଙ୍କଡ଼ିଆ, କୋରୁଆ ପ୍ରଭୃତି ।

୨. ଦ୍ରାବିଡ ଭାଷା ପରିବାର- ଗୋଣ୍ଡି , କଣ୍ଡା (ଦୋରା), କୁଇ, ଓଲାରି, ଓରାଓଁ, କିସାନ, ପେଙ୍ଗ,, ପର୍ଜି, ମାଡିଆ, କୋଲାମୀ ପ୍ରଭୃତି ।

୩. ଭାରତୀୟ ଆର୍ଯ୍ୟ ଭାଷା ପରିବାର- ଦେଶିଆ, ଭୂୟାଁ ଭତରୀ, ଝରିଆ, ଲରିଆ, ଅଘ୍ରିଆ, ବଞ୍ଜାରୀ, କୁଡୁମୀ, ଭୁଞ୍ଜିଆ, ସାଦ୍ରୀ, ବାଥୁଡି, କୁରୁମାଳୀ, ହାଲବୀ, ସାଉଁତି ପ୍ରଭୃତି ।

ଗୋଣ୍ଡି ଭାଷା ଦ୍ରାବିଡ ଭାଷା ପରିବାରର ଏକ ଭାଷା । ଦ୍ରାବିଡ ଭାଷା ପରିବାର ଅନ୍ତର୍ଗତ କେନ୍ଦ୍ରୀୟ ଦ୍ରାବିଡ ଗୋଷ୍ଠୀର ଏକ ପ୍ରଶାଖା ହେଉଛି ଗୋଣ୍ଡି । ଭାଷାଗତ ଦୃଷ୍ଟିକୋଣରୁ ଗଣ୍ଡମାନେ ଦ୍ରାବିଡ ଗୋଷ୍ଠୀର ବୋଲି ନୃତତ୍ତ୍ୱବିତମାନେ ମତପୋଷଣ କରିଛନ୍ତି । ଦ୍ରାବିଡମାନଙ୍କର ଇଷ୍ଟ ଦେବତା ହେଉଛନ୍ତି ପଶୁପତି ଶିବ । ହରପ୍ପା ଓ ମହେଞ୍ଜଦାରୋରୁ ମିଳିଥିବା ସିଲମାନଙ୍କରେ ଏହାର ପ୍ରମାଣ ଦେଖିବାକୁ ମିଳେ । ଗଣ୍ଡ ସଂପ୍ରଦାୟର ସାମାଜିକ ଜନଜୀବନ ସହ ସିନ୍ଧୁ ସଭ୍ୟତାର ପ୍ରାଚୀନ ଜନଜାତିର ସାମଞ୍ଜସ୍ୟ ରହିଅଛି । ଏଥିରୁ ଗଣ୍ଡ ସଂପ୍ରଦାୟର ପ୍ରାଚୀନତା ପ୍ରମାଣିତ ହୋଇଥାଏ । ଗଣ୍ଡମାନେ ଦ୍ରାବିଡ ସଂପ୍ରଦାୟର ହୋଇଥିବାରୁ ଅଧୁନା ଶିବଙ୍କୁ ବୁଢାଦେଓ, ବଡଦେଓ ତଥା କୁନ୍ଦାଦେଓ ନାମରେ ପୂଜା କରି ଆସୁଛନ୍ତି ।

## ଗୋଣ୍ଡି ଲିପି

ଗୋଣ୍ଡି ଭାଷାର ସ୍ୱତନ୍ତ୍ର ଲିପି ରହିଅଛି । ଭାଷାବିତ୍ ଗ୍ରୀୟରସନ ତାଙ୍କର Linguistic Survey of India. Vol-IV ରେ ଗୋଣ୍ଡି ଭାଷାକୁ ଉତ୍ତର ଭାରତର ଏକ ପ୍ରମୁଖ ଦ୍ରାବିଡ ଉପଭାଷା ବୋଲି କହିଛନ୍ତି । ଗୋଣ୍ଡି ହେଉଛି ଦ୍ରାବିଡ ଭାଷା ପରିବାର ଅନ୍ତର୍ଗତ। ଗୋଣ୍ଡ ସଂପ୍ରଦାୟର ଉନ୍ନତ ଲୋକ ସାହିତ୍ୟ ଗୋଣ୍ଡି ଭାଷା ଆଧାରରେ ସୃଷ୍ଟି ହୋଇଛି । ଯାହା ଗଣ୍ଡ ସଂପ୍ରଦାୟରେ କଥିତ ହୋଇଥାଏ । Prof. Christopher von Furer Heinendorf କହିଛନ୍ତି ଯେ, ଦେବନାଗରୀ ଲିପି ଗୋଣ୍ଡି ଭାଷା ପାଇଁ ସର୍ବୋତ୍କୃଷ୍ଟ ଲିପି ହୋଇପାରିବ । Vyankatesh Atramଙ୍କ ଭଳି କେତେକ ବିଦ୍ୱାନଙ୍କ ମତରେ, ସୁଦୂର ଅତୀତରେ ଗଣ୍ଡମାନଙ୍କର ନିଜସ୍ୱ ଲିପି ରହିଥିଲା । ପୁଣି ଗଣ୍ଡମାନଙ୍କର ଅତୀତର ସେହି ଲିପି ଥିଲା 'ଚିତ୍ର ଲିପି'।

ISSN NO.
2582-208X

ଗୋଣ୍ଡି ଭାଷାର ବିକାଶରେ ଆଚାର୍ଯ୍ୟ ମୋତିରାବଣ କଙ୍ଗାଲୀଙ୍କ ଅବଦାନ ଚିର ସ୍ମରଣୀୟ । ସେ ଫେବୃୟାରୀ ୨ ତାରିଖ ୧୯୪୯ ମସିହାରେ ମହାରାଷ୍ଟ୍ର ଅନ୍ତର୍ଗତ ନାଗପୁର ଜିଲ୍ଲାର ରାମଟେକ ତହସିଲର ଦୁଲାରା ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ରାବଣର ଉପାସକ ହୋଇଥିବାରୁ ମୋତିରାମରୁ ତାଙ୍କ ନାମ ମୋତିରାବଣ ହୋଇଛି । ଗୋଣ୍ଡି ଭାଷା ଓ ଲିପି, ଗୋଣ୍ଡି ବ୍ୟାକରଣ ଓ ଗୋଣ୍ଡି ଶବ୍ଦକୋଷର ପ୍ରଣୟନ କରି ଗୋଣ୍ଡି ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ । ତାଙ୍କ ଉତ୍କୃଷ୍ଟ ଗବେଷଣା ଗୋଣ୍ଡି ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଗୋଣ୍ଡି ଭାଷାର ଏକ ଲିପି ମଧ୍ୟ ସୃଷ୍ଟି କରିଛନ୍ତି। ଯାହା ଗୋଣ୍ଡି ଲିପି ନାମରେ ଅଭିହିତ। ଦ୍ରାବିଡ ଭାଷା, ତାମିଲ, ତେଲଗୁ, କନ୍ନଡ, ମାଲାୟାଲମ ଲିପି ସହିତ ଗୋଣ୍ଡି ଲିପି ସାମଞ୍ଜସ୍ୟ ରକ୍ଷା କରେ । ୧୯୯୦ ମସିହାରେ ହାମ୍ପିରୁ ଆବିଷ୍କୃତ ୨୨ ଗୋଟି ଚିତ୍ରିତ ଅକ୍ଷରକୁ ତର୍ଜମା କରି ସେଥି ମଧ୍ୟରୁ ୫ ଟି ଗୋଣ୍ଡି ଅକ୍ଷର ସହ ସମାନ ବୋଲି ମତବ୍ୟକ୍ତ କରିଥିଲେ । ସେ ୩୦ ଅକ୍ଟୋବର ୨୦୧୫ ମସିହାରେ ଇହଲୀଳା ସମ୍ବରଣ  କଲେ । ଗୋଣ୍ଡି ଭାଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କ ଜନ୍ମ ଜୟନ୍ତୀ ଫେବୃୟାରୀ ୨ ତାରିଖକୁ ଗୋଣ୍ଡି ଭାଷା ଦିବସ ଭାବେ ସମଗ୍ର ଭାରତ ବର୍ଷରେ ପାଳନ କରାଯାଉଛି ।

ଗୋଣ୍ଡି ଭାଷା ଏକ ପ୍ରାଚୀନ ଭାଷା । ଏହି ଭାଷାର ସ୍ୱତନ୍ତ୍ର ଉଚ୍ଚାରଣ ରହିଅଛି । ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ,  ଶବ୍ଦତତ୍ତ୍ୱ, ଅର୍ଥତତ୍ତ୍ୱ ଓ ବାକ୍ୟତତ୍ତ୍ୱ ଦୃଷ୍ଟିରୁ ଗୋଣ୍ଡି ଭାଷାର ସ୍ୱତନ୍ତ୍ରତା ଦେଖିବାକୁ ମିଳେ । ତେଣୁ ଏହା ଏକ ଉନ୍ନତ ଓ ସମୃଦ୍ଧିଶାଳୀ ଭାଷା ଥିଲା । କାଳାନୁକ୍ରମେ ସଭ୍ୟତାର ବିବର୍ତ୍ତନ ଧାରାରେ ଗୋଣ୍ଡମାନେ ନିଜ ସାଂପ୍ରଦାୟିକ ଭାଷାର ବ୍ୟବହାର କ୍ଷେତ୍ରରେ କିଞ୍ଚିତ ଅବହେଳା ପ୍ରଦର୍ଶନ କରିବାରୁ ଗୋଣ୍ଡି ଭାଷା ଅଗ୍ରଗତି କରିପାରିନାହିଁ  । ଏ କ୍ଷେତ୍ରରେ ଆହୁରି ଗବେଷଣା କରାଗଲେ  ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ । ଦ୍ରାବିଡ ଭାଷା ପରିବାରରୁ ଆନୀତ ହୋଇଥିବାରୁ ଗୋଣ୍ଡି ଭାଷାର ଲିଖନ ଓ ପଠନ କଷ୍ଟକର ହୋଇଥାଏ । ଜଟିଳତାରୁ ସରଳତା ଆଡକୁ ଗତି କରିବା ମଣିଷର ପ୍ରବୃତ୍ତି । ସେଥିପାଇଁ ସାଂପ୍ରତିକ ସମୟରେ ଗୋଣ୍ଡି ଭାଷୀ ସଂଖ୍ୟା କମିଯାଇଛି । ପ୍ରାଦେଶିକ ଭାଷା ପ୍ରତି ମମତାବୋଧ ଏହାର ଅନ୍ୟତମ କାରଣ । ନିମ୍ନରେ ଗୋଣ୍ଡି ଭାଷା ସଂପର୍କରେ ଆଲୋଚନା କରାଗଲା ।

ISSN NO.
2582-208X

ଗୋଣ୍ଡି ସଂଖ୍ୟା

| ଓଡିଆ | ଗୋଣ୍ଡି |
|---|---|
| ୧ | ଅନ୍ଦି |
| ୨ | ରଣ୍ଡ |
| ୩ | ମୁନ୍ଦ |
| ୪ | ନାଲୁ |
| ୫ | ସଂୟୁ |
| ୬ | ସାରୁ |
| ୭ | ଏରୁ |
| ୮ | ଅରୁ |
| ୯ | ନରମ |
| ୧୦ | ପଦ |

ବାର ମାନଙ୍କର ନାମ

| ଓଡିଆ | ଗୋଣ୍ଡି |
|---|---|
| ରବିବାର | ଐତୁୱାଡ |
| ସୋମବାର | ସୋମାଡ୍ |
| ମଙ୍ଗଳବାର | ମଙ୍ଗୁରୱାଡ୍ |
| ବୁଧବାର | ବୁହୱାଡ୍ |
| ଗୁରୁବାର | ଲକମୀୱାଡ୍ |
| ଶୁକ୍ରବାର | ଶୁକୁରୱାଡ୍ |
| ଶନିବାର | ଶନିୱାଡ୍ |

ମାସ ମାନଙ୍କର ନାମ

| ଓଡିଆ | ଗୋଣ୍ଡି |
|---|---|
| ବୈଶାଖ | ବଇଶାକଲେନ୍ |
| ଜ୍ୟୋଷ୍ଠ | ଲାଣ୍ଡିଲେନ୍ |

ISSN NO.
2582-208X

| | |
|---|---|
| ଆଷାଢ | ଗୋନଚାଲେନ୍ |
| ଶ୍ରାବଣ | ଆମୁସଲେନ୍ |
| ଭାଦ୍ରବ | ପୁନିଲେନ୍ |
| ଆଶ୍ୱିନ | ଦଶହରାଲେନ୍ |
| କାର୍ତ୍ତିକ | ଦିବାରଲେନ୍ |
| ମାର୍ଗଶୀର | ପାଣ୍ଡଲାଲେନ୍ |
| ପୌଷ | ପୁଷଲାଲେନ୍ |
| ମାଘ | ମାଘଲେନ୍ |
| ଫାଲଗୁନ | ଫାଗୁନଲେନ୍ |
| ଚୈତ୍ର | ଚଇତଲାଲେନ୍ |

ବିଶେଷ୍ୟ

ବିଶେଷ୍ୟ ପଦକୁ ଗୋଣ୍ଡି ଭାଷାରେ 'ପରୋଲ ପଦୁମ' କୁହାଯାଏ ।ଗୋଣ୍ଡି ଭାଷାରେ ବ୍ୟବହୃତ ବିଶେଷ୍ୟ ସ୍ୱତନ୍ତ୍ର ଭାବରେ ଉଚ୍ଚାରଣ ହୋଇଥାଏ ।ଯଥା:-

| ଓଡିଆ | ଗୋଣ୍ଡି | ଓଡିଆ | ଗୋଣ୍ଡି | |
|---|---|---|---|---|
| କପା | କପସା | ଛୁରୀ | କସେର | |
| ମୁଗ | ପସିଲି | ଘଣ୍ଟି | ଝିଲା | |
| ଗଛ | ମଡା | ବୋତଲ | ଶିଶି | |
| ପାହାଡ | ମଟ୍ଟା | ଦଉଡି | ନୋଡେ | |
| ପଳାଶ | ପରସା | ଦର୍ପଣ | ଆରସୋ | |
| ଟଗର | ଶୁକଲ | ଧାନ | ବଞ୍ଜି | |
| ପଣସ | ପନେସ | ପଶୁ | ପନ୍ନେର | ପ୍ରଭୃତି । |

ବିଶେଷଣ

ବିଶେଷଣ ପଦକୁ ଗୋଣ୍ଡି ଭାଷାରେ 'ପରୋଲଗଣ ପଦୁମ' କୁହାଯାଏ। ବିଶେଷଣ କ୍ଷେତ୍ରରେ ମଧ୍ୟ ଗୋଣ୍ଡି ଭାଷାର ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ ।

ISSN NO.
2582-208X

| ଓଡିଆ | ଗୋଣ୍ଡି | ଓଡିଆ | ଗୋଣ୍ଡି |
|---|---|---|---|
| ସୁନ୍ଦର | କବୟ୍ | ତିନିଗୁଣା | ମୁନ୍ଦପଟ |
| ବୀର | ବିରାଳ | ଅଳ୍ପ | ଜରାସୋ |
| ଉଚ୍ଚ | ଡୋଙ୍ଗାଲ | ଉତ୍ତମ | ବେସ |
| ଲମ୍ବା | ଲମ୍ମେ | ଉଷ୍ମ | କାସ୍ତାଲ |
| ରୋଗୀ | ଗିରାଲ | ଯୋଗ୍ୟ | ଲୟୋକ |
| ପରିଶ୍ରମୀ | କସଟି | ଶ୍ରେଷ୍ଠ | ଦନୋକ |
| ଗରିବ | ଦୀନାଲ | କଠିନ | କଷ୍ଟାଲ |
| ଅନ୍ଧ | ଭୋକଓ୍ୱାଲ | ସୁସ୍ଥ | ଚଙ୍ଗୋ |

ପ୍ରଭୃତି ।

## ସର୍ବନାମ

ସର୍ବନାମ ପଦକୁ ଗୋଣ୍ଡି ଭାଷାରେ 'ସବେପରୋଲ ପଦୁମ' କୁହାଯାଏ । ଗୋଣ୍ଡି ଭାଷାର ସର୍ବନାମ ଅନ୍ୟାନ୍ୟ ଭାଷାଠାରୁ ସ୍ୱତନ୍ତ୍ର ରୂପେ ପ୍ରୟୋଗ ହୋଇଥାଏ ।ତାହାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

ବ୍ୟକ୍ତିବାଚକ ସର୍ବନାମ (ମାନଗଣବାଲ ସବେପରୋଲ)

ଏକବଚନ  ବହୁବଚନ

ପ୍ରଥମ ପୁରୁଷ : ମୁଁ- ନନ୍ନା , ମୋତେ - ନାକୁନ,ଆମ୍ଭେ- ମାଟ, ଆମ୍ଭେମାନେ- ମାମାଟ

ଦ୍ୱିତୀୟ ପୁରୁଷ: ତୁ- ନିମା, ତୁମେ - ନିମାଟ ତୁମ୍ଭେମାନେ - ନିମ୍ମାଟ

ତୃତୀୟ ପୁରୁଷ-ସେ (ପୁ)- ଓଡ୍, ସେ (ସ୍ତ୍ରୀ)- ଆଦସେମାନେ - ଓଡଲୋଡ/ଆଦଲୋଡ୍

ପ୍ରଶ୍ନବାଚକ ସର୍ବନାମ (ପୁସଗଣବାଲ ସବେ ପରୋଲ)

| ଓଡିଆ | ଗୋଣ୍ଡି |
|---|---|
| କଣ | ଓ୍ୱାତା |
| କିଏ | ଓ୍ୱଡେ |
| କାହିଁକି | ଓ୍ୱାଡି |
| କେଉଁଠାରେ | ବେଗା |
| କେତେବେଳେ | ବଚନାକେ |

ISSN NO.
2582-208X

| | |
|---|---|
| କେଉଁଠି | ଓ୍ୱାତା |
| କାହାର | ଓ୍ୱାନା |
| କାହାକୁ | କୋଡି |

ନିଶ୍ଚୟବାଚକ ସର୍ବନାମ (ଠାମିଗଣବାଲ ସବେପରୋଲ)

ଓଡିଆ ଗୋଣ୍ଡି

| | |
|---|---|
| ସେ | ଅଦ |
| ଏହି | ଇଦ |
| ସେହି | ଅଦ |
| ଏମାନେ | ଇବ |
| ସେମାନେ | ଅବ |

ସମ୍ବନ୍ଧବାଚକ ସର୍ବନାମ (ଗୋତଗଣବାଲ ସବେପରୋଲ)

ଓଡିଆଗୋଣ୍ଡି

| | |
|---|---|
| ଯେ | ବୋର |
| ଯେଉଁ | ଜୋ |
| ଯାହାକୁ | ଜୋନତୁନ |
| ଯାହାଦ୍ୱାରା | ଜୋନସି |
| ଯାହାଠାରେ | ଜୋନତେ |
| ଯାହାର | ଜୋନତା |

ଲିଙ୍ଗ

ଲିଙ୍ଗକୁ ଗୋଣ୍ଡି ଭାଷାରେ 'ଲୟନା' କୁହାଯାଏ ।ଗୋଣ୍ଡି ଭାଷାରେ ଦୁଇ ପ୍ରକାରର ଲିଙ୍ଗ ଦେଖିବାକୁ ମିଳେ ।ପୁ ଲିଙ୍ଗ (ମାନ ଲୟନା) ଓ ସ୍ତ୍ରୀ ଲିଙ୍ଗ (ମାଇ ଲୟନା) ।

ପୁ ଲିଙ୍ଗ ସ୍ତ୍ରୀ ଲିଙ୍ଗ

| | |
|---|---|
| ଯୁବକ- ରୟୋର | ଯୁବତୀ- ରୟାଲ |
| ବର- ନବଡା | ବଧୂ- ନବଡି |
| ପୁଅ- ମର୍ରି | ଝିଅ- ମିୟାଡ |
| ବୁଢା- ସେଡାଲ | ବୁଢୀ- ସେଡୋ |
| ସ୍ୱାମୀ- ମିଡୋ | ସ୍ତ୍ରୀ- ମାଏଜୁ |

ISSN NO.
2582-208X

| | |
|---|---|
| ଶଳା- ସରଣ୍ଡୁ | ଶାଳୀ- ସରଣ୍ଡାର |
| ସମୁଦି- ପାଡି | ସମୁଦୁଣୀ- ପାଡିୟାର |

ବିଭକ୍ତି

ବିଭକ୍ତିକୁ ଗୋଣ୍ଡି ଭାଷାରେ 'ପସ୍ତୋରିଙ୍ଗ' ଓ କାରକକୁ 'ଇଟୁକ' କୁହାଯାଏ ।ଗୋଣ୍ଡି ଭାଷାରେ କାରକ ଓ ବିଭକ୍ତିର ସ୍ୱତନ୍ତ୍ର ପ୍ରୟୋଗ ଦେଖିବାକୁ ମିଳେ ।ତାହାର ଉଦାହରଣ ନିମ୍ନରେ ଦିଆଗଲା ।

| ଓଡିଆ | ଏକବଚନ | ବହୁବଚନ |
|---|---|---|
| ପ୍ରଥମା ବିଭକ୍ତି | | |
| ଦ୍ୱିତୀୟା ବିଭକ୍ତି କି, କୁ, ଙ୍କୁ | ନ, ତୁନ | କୁନ , ନୁଙ୍ଗ |
| ତୃତୀୟା ବିଭକ୍ତି ରେ, ଦ୍ୱାରା | ତେ, ତାଲ, ନସି | ନେ, ନାଲ ,କୁନସି |
| ଚତୁର୍ଥୀ ବିଭକ୍ତି କୁ, ଙ୍କୁ | ତୁନ, ଲାୟୀ | କୁନ, ଲାୟୀ |
| ପଞ୍ଚମୀ ବିଭକ୍ତି ରୁ, ଠାରୁ ଠୁ | ତାଲ, ସିନ | ନାଲ, ସିନ |
| ଷଷ୍ଠୀ ବିଭକ୍ତି ର,ଙ୍କ, ଙ୍କର | ତା, ତୋର, ନା, ନୋର | ନାଙ୍ଗ, ନୋର୍କ |
| ସପ୍ତମୀ ବିଭକ୍ତି ଏ, ରେ, ଠାରେ ଠି | ତେ, ନେ, ରିପୋ, ପରୋ | ତେ ରିପୋ, ପରୋ |

କ୍ରିୟାପଦ

କ୍ରିୟାପଦକୁ ଗୋଣ୍ଡି ଭାଷାରେ 'କିରୟା ପଦୁମ' କୁହାଯାଏ ।କ୍ରିୟାର ପ୍ରୟୋଗ ଗୋଣ୍ଡି ଭାଷାର ସ୍ୱତନ୍ତ୍ରତା ପ୍ରତିପାଦନ କରିଥାଏ ।ସେ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

| ଓଡିଆ | ଗୋଣ୍ଡି | ଓଡିଆ | ଗୋଣ୍ଡି |
|---|---|---|---|
| ଯିବା | ହନ୍ଦାନା | ରୋକିବା | ଉର୍ସାନା |
| ଆସିବା | ବଡାନା | ଫୁଙ୍କିବା | ଉସ୍ମାନା |
| ଖାଇବା | ତନ୍ଦାନା | ଧୋଇବା | ଉହରାନା |
| ଖେଳିବା | କରସାନା | ଡେଇଁବା | ମିରରାନା |
| ପାଇବା | ଅର୍ଜାନା | ନେବା | ଏତାନା |
| କହିବା | ଇନ୍ଦାନା | ପଡିବା | ଉର୍ରାନା |

ISSN NO.
2582-208X

| | | | |
|---|---|---|---|
| ଜାଣିବା | ପୁନ୍ଦାନା | କାଟିବା | କୟାନା |
| ଦେବା | ସିୟାନା | ଦେଖିବା | ହୁଡାନା |
| ଗଣିବା | ଉମାନା | କରିବା | କିୟାନା |
| ଛିଣ୍ଡିବା | ଉରଗାନା | ଶୋଇବା | କୁର୍କନା |
| ହସିବା | କଉବାନା | ଶିଖିବା | କରିତାନା |
| ଧରିବା | କଉଟାନା | ଖେଳିବା | କର୍ସାନା |
| ଭିଡିବା | କୁଟ୍ଟାନାଦ | ଡାକିବା | କେୟାନା |
| ଦେଖିବା | କନକାନା | ପିଟିବା | ଘରସାରା |
| କହିବା | ଚୈକାନା | ଦେଖିବା | ଡବକାନା |
| ରଖିବା | ଇର୍ରାନା | ଚଢ଼ିବା | ଚେଗନା |

ପ୍ରଭୃତି ।

## ଓଡ଼ିଆ ଅସ୍ମିତା

'ଅସ୍ମିତା' ଶବ୍ଦଟିର ପ୍ରୟୋଗ ନୂତନ ନୁହେଁ; ଏହା ପ୍ରାଚୀନ । କିନ୍ତୁ ଅସ୍ମିତାର ଆକ୍ଷରିକ ଅର୍ଥ ନିର୍ଦ୍ଧାରଣ କରିବା ସହଜ ନୁହେଁ । ଏହାକୁ ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥରେ ପରିଭାଷିତ କରାଯାଇପାରିବ ନାହିଁ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ 'ଓଡିଆ ଅସ୍ମିତା' ଶବ୍ଦ ବଦଳରେ 'ଓଡିଆ ଜାତୀୟତାବାଦ' (Odia Nationalism)ଶବ୍ଦର ପ୍ରୟୋଗ ହେଉଥିଲା । ଏପରିକି ଓଡିଆ ଜାତି (Odia Nation) ଶବ୍ଦ ସମଗ୍ର ଓଡିଆ ଭାଷୀଙ୍କୁ ବୁଝାଉଥିଲା । ଓଡିଆରେ 'ଅସ୍ମିତା' ଶବ୍ଦର ପ୍ରୟୋଗ ସଂପର୍କରେ ଐତିହାସିକ ଭିତ୍ତି ରହିଛି ।ଏହି ଶବ୍ଦର ପ୍ରଥମ ପ୍ରୟୋଗ କବିବର ରାଧାନାଥ ରାୟଙ୍କ ଚିଲିକା (୧୮୯୨) କାବ୍ୟରେ ଦେଖିବାକୁ ମିଳେ । କବିବର ଚିଲିକା କାବ୍ୟରେ ଲେଖିଛନ୍ତି, 'ଖର ସୌରକରେ ତାରକା ଯେସନ, ଅସ୍ମିତା ବିସ୍ମୟେ ହେଲା ନିଗମନ ।' ଏଠାରେ 'ଅସ୍ମିତା'ର ଅର୍ଥ ମୁଁ ଅଛି । ସ୍ଥିତି ତଥା ଅସ୍ତିତ୍ୱ ସୂଚକ ଅର୍ଥରେ ଏହା ପ୍ରଯୁକ୍ତ । କବିବର ଏହି 'ଅସ୍ମିତା' ଶବ୍ଦର ପ୍ରୟୋଗ କଲାପରେ ୧୯୧୬ ମସିହାରେ ପ୍ରଣୀତ ପଣ୍ଡିତ ଗୋପିନାଥ ନନ୍ଦଶର୍ମାଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନରେ 'ଅସ୍ମିତା' ଶବ୍ଦ ଦେଖିବାକୁ ମିଳେ ।ସେହିଭଳି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ (୧୯୩୧-୧୯୪୦) 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ରେ ଅସ୍ମିତା ଶବ୍ଦ ସ୍ଥାନ ପାଇଛି । ଏଥିରେ 'ଅସ୍ମିତା'ର ଅର୍ଥ ଅହଂକାର/ ଅହଂ ଜ୍ଞାନ/ମୁଁ ଅଛି ଆଦି ଅର୍ଥ ସୂଚୀତ । ସଂସ୍କୃତ

ISSN NO.
2582-208X

'ଅସ୍ମି' ଶବ୍ଦରେ 'ତା' ପ୍ରତ୍ୟୟ ଯୁକ୍ତ ହୋଇ 'ଅସ୍ମିତା' ଶବ୍ଦର ସୃଷ୍ଟି ।ସଂସ୍କୃତ ଭାଷାରେ 'ଅସ୍ମିତା' କହିଲେ 'ଅହଂକାର' (Egotism )କୁ ବୁଝାଏ । ଏହି ଅହଂକାର ହେଉଛି ମାନବୀୟ ଗୁଣାବଳୀ । ଅହଂ ଭାବ ଆତ୍ମ ସଂଜାତ । ଯାହା 'ସ୍ୱତନ୍ତ୍ର ଅସ୍ତିତ୍ୱ' ବା 'ଆବେଗ' ସୂଚକ ଭାବାବେଗ ।

'ଓଡିଆ ଅସ୍ମିତା' କହିଲେ ଓଡ଼ିଶା ବା ଓଡିଆଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ, ସ୍ୱତନ୍ତ୍ର ପରିଚୟ, ବା ସ୍ୱାଭିମାନ ସୂଚକ ଆବେଗ ।ଏହା ମଧ୍ୟରେ ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କଳା, ସଙ୍ଗୀତ, ନୃତ୍ୟ, ଖାଦ୍ୟପେୟ, ବେଶପୋଷାକ, ଅଳଙ୍କାର, ଭାସ୍କର୍ଯ୍ୟ ଶିଳ୍ପ, ବୟନ ଶିଳ୍ପ, କୁଟୀର ଶିଳ୍ପ, କୃଷି, ବାଣିଜ୍ୟ ପ୍ରଭୃତି ଅନ୍ତର୍ଭୁକ୍ତ। ସାଧାରଣତଃ 'ଅସ୍ମିତା'କୁ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା:- ଜନ୍ମଗତ, ବଂଶାନୁକ୍ରମିକ ଓ ଅର୍ଜନଗତ ।ଆଉ କେତେକ ବିଶେଷଜ୍ଞ 'ଅସ୍ମିତା'କୁ ଦୁଇ ଭାଗରେ ବିଭକ୍ତ କରିଥାନ୍ତି । ଯେପରିକି ଜନ୍ମଗତ ଅନ୍ତର୍ନିହିତ ଓ ବଂଶାନୁକ୍ରମିକ। ଏହି 'ଓଡିଆ ଅସ୍ମିତା' ସାଂପ୍ରତିକ 'ଆତ୍ମ ପରିଚିତି' (Self Identity ) ଭାବରେ ବ୍ୟବହାର ହେଉଛି । ଯାହା ଓଡିଶାର ଆତ୍ମିକ ପରିଚୟକୁ ସର୍ବଜନାଦୃତ କରୁଛି ତାହାହିଁ 'ଓଡିଆ ଅସ୍ମିତା'।ସେବା ଓ ତ୍ୟାଗ ହେଉଛି ଅସ୍ମିତାର ମୂଳମନ୍ତ୍ର । ସେବା ଓ ତ୍ୟାଗ ଦ୍ୱାରା ବ୍ୟକ୍ତିଗତ ଗୁରୁତ୍ୱ ବୃଦ୍ଧି ପାଇଥାଏ । ସେଥିପାଇଁ ବ୍ୟକ୍ତିଗତ ସ୍ତରରେ ଓଡିଆ ଅସ୍ମିତାର ଦୁଇଟି ମୂଳମନ୍ତ୍ର ରହିଛି । ପ୍ରଥମତଃ ଗର୍ବ ପରିତ୍ୟାଗ କରି ଆମକୁ ଓଡିଶାର ସେବା କରିବାକୁ ପଡିବ । ଦ୍ୱିତୀୟତଃ ସ୍ୱାର୍ଥପରତା ତ୍ୟାଗ କରି ଓଡିଶାର ଉନ୍ନତି ଓ ପ୍ରଗତି କଳ୍ପେ ଆମକୁ ସମର୍ପଣ କରିବାକୁ ପଡିବ । ଏହି 'ଅସ୍ମିତା' ଶବ୍ଦଟି ୨୦୨୪ ଭାରତ ବର୍ଷର ସାଧରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବ୍ୟବହାର ହୋଇ ଓଡିଶାବାସୀ ତଥା ଓଡିଆ ଭାଷୀଙ୍କ ହୃଦୟରେ ଜାତିପ୍ରତି ମମତ୍ୱବୋଧ ସୃଷ୍ଟି କଲା ।

### ଓଡିଆ ଭାଷା ଉପରେ ଗୋଣ୍ଡି ଭାଷାର ପ୍ରଭାବ

ଗୋଣ୍ଡି ଭାଷା ହେଉଛି ଦ୍ରାବିଡ ଗୋଷ୍ଠୀର ଭାଷା। ପୃଥିବୀରେ ଥିବା ବିଭିନ୍ନ ଭାଷା ପରିବାର ମଧ୍ୟରୁ ଦ୍ରାବିଡ ଭାଷା ପରିବାର ଅନ୍ୟତମ । କଥକ ସଂଖ୍ୟା ଦୃଷ୍ଟିରୁ ଦ୍ରାବିଡ ହେଉଛି ଭାରତର ଦ୍ୱିତୀୟ ବୃହତ୍ତମ ଭାଷା । ଭାରତର ପ୍ରାୟ ଏକ ଷଷ୍ଠାଂଶ ଲୋକ ଏହି ଭାଷାରେ କଥାବର୍ତ୍ତା କରନ୍ତି । ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରେ ଦ୍ରାବିଡ ଭାଷାଗୋଷ୍ଠୀ ପୃଥିବୀରେ ପଞ୍ଚମ ସ୍ଥାନ ଅଧିକାର କରିଛି । ସେହିଭଳି ଓଡିଶାରେ ମଧ୍ୟ ଦ୍ରାବିଡ ଭାଷୀଙ୍କ ସଂଖ୍ୟା

ISSN NO.
2582-208X

ଅଧିକ । ଓଡିଆ ଭାଷା ଉପରେ ଦ୍ରାବିଡ ଭାଷାର ପ୍ରଭାବ ପ୍ରାଚୀନ ସମୟରୁ ରହିଅଛି । ଭରତ ମୁନି 'ନାଟ୍ୟଶାସ୍ତ୍ର'ରେ ଏ ସଂପର୍କରେ ଉଲ୍ଲେଖ କରିଛନ୍ତି,

'ଶକରାଭୀର ଚାଣ୍ଡାଳ ଶବର ଦ୍ରାବିଡୋଡ୍ରଜାଃ,
ହୀନାବନେଚରାଣାଂ ଚ ବିଭାଷାଃ ସପ୍ତକୀର୍ତ୍ତିତାଃ ।'

ଅର୍ଥାତ୍ ଶକର, ଆଭୀର ଚାଣ୍ଡାଳ, ଶବର, ଦ୍ରାବିଡ, ବନଚରମାନଙ୍କ କଥିତ ଭାଷା ହେଉଛି ଉଡ୍ରଜା ବା ଔଡ୍ରୀ ବିଭାଷା । ପୂର୍ବୀ ମାଗଧି ପ୍ରାକୃତ ସହିତ ଅଷ୍ଟ୍ରିକ ଓ ଦ୍ରାବିଡ ଭାଷାର ମିଶ୍ରଣରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଔଡ୍ରୀ ବିଭାଷାର ସୃଷ୍ଟି ହୋଇଥିଲା । ଖ୍ରୀଷ୍ଟୀୟ ସପ୍ତମ ଅଷ୍ଟମ ଶତାବ୍ଦୀ ହେଉଛି ଅପଭ୍ରଂଶ ଭାଷା ବିକାଶର ଯୁଗ । ସପ୍ତମ ଶତାବ୍ଦୀରେ ଏହା ଔଡ୍ରୀ ଅପଭ୍ରଂଶରେ ପରିଣତ ହୋଇଥିଲା । ଏଥିରୁ ହିଁ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଓଡିଆର ସୃଷ୍ଟି ହୋଇଛି । ସେଥିପାଇଁ ପ୍ରାଚୀନ ଓଡିଆ ଭାଷାକୁ ଭାରତୀୟ ଆର୍ଯ୍ୟ, ଦ୍ରାବିଡ ଓ ଅଷ୍ଟ୍ରିକ ଭାଷାର ତ୍ରିବେଣୀ ସଙ୍ଗମ ବୋଲି କୁହାଯାଏ । ଏଥିରୁ ଅନୁମିତ ହୁଏ ଓଡିଆ ଭାଷାକୁ ଦ୍ରାବିଡ ଭାଷା ପ୍ରାଚୀନ କାଳରୁ ହିଁ ପ୍ରଭାବିତ କରିଛି । ଓଡିଶାରେ ଓଡିଆ ଭାଷା ପ୍ରଚଳିତ ହେଉଥିଲେ ମଧ୍ୟ ଓଡିଶାର ବିଭିନ୍ନ ଅଞ୍ଚଳରେ ଦ୍ରାବିଡ ଓ ଅଷ୍ଟ୍ରିକ ଗୋଷ୍ଠୀର ଜନଜାତି ବସବାସ କରୁଛନ୍ତି । ସେମାନଙ୍କ ଭାଷା, ସାହିତ୍ୟ ଓଡିଆ ଭାଷା ଓ ସାହିତ୍ୟକୁ ପ୍ରଭାବିତ କରୁଛି ।ନିମ୍ନରେ ତାହାର ଉଦାହରଣ ପ୍ରଦାନ କରାଗଲା ।

| ଓଡିଆ | ଗୋଣ୍ଡି | ଓଡିଆ | ଗୋଣ୍ଡି |
|---|---|---|---|
| ଶିଶି (ବୋତଲ) | ଶିଶି | ପୃଥିବୀ | ଧରତୀ |
| ଲଙ୍ଗଳ | ନାଙ୍ଗେଲ | ଗୁମ୍ଫା | ଗୁମ୍ଫା |
| ମନ | ମତି | ଗଳି | ଡାଁଡ |
| କହୁଣୀ | ଗହୁନୀ | ବାହୁ | ଡେନା |
| ଫୁସଫୁସ | ଫୋପସା | ଛଞ୍ଚାଣ | ଗିଦାର |
| ହୃଦୟ | କଲିଜା | ଗେରୁ | ଗେରୁ |
| ଗୋରୀ | ଭୂରୀ | ପାଗଳ | ବୟ୍ଯା |
| ଟୋପି | ଟାପରା | ଶତ୍ରୁ | ବଏରୀ |
| ବତୀ | ବାଣୀ | ଶିକାରୀ | ବନୁଆ |

ISSN NO.
2582-208X

| | | | |
|---|---|---|---|
| କାକୁଡି | କାଳରେ | ସବଳ | ବରକସ୍ |
| ଲେମ୍ବୁ | ଲିମ୍ବୁ | କର | ବରନା |
| ରସୁଣ | ଲେସୁନ | ଭାଦ୍ରବ | ଭାଦୋମ |
| କୋଦାଳ | କୁଦାଡ | ଛତା | ଛାତା |
| ତେଣ୍ଟା | ତେଣ୍ଟା | ଉଛ | ଓଙ୍ଚ |
| ମଇ | କପଡାପାଲ | ବାମ୍ଫ | ଭାପ୍ |
| ଡାଳିମ୍ବ | ଡାଳିମ୍ | ବାଦୁଡି | ବାଦୁଲ |
| ଟାକୁଆ | ଟଙ୍କା | ଘଣ୍ଟି | ଗଟି |
| ଘାସ | ଲଟା | ହରଡ | ହିଁରରା |

ପ୍ରଭୃତି ।

ଓଡିଆ ସଂସ୍କୃତିର ପରିସର ବ୍ୟାପକ ଓ ସୁଦୂରପ୍ରସାରୀ । ଏହି ସଂସ୍କୃତିରେ ସର୍ବ ସଂସ୍କୃତିର ସମନ୍ୱୟ ସାଧିତ ହୋଇଛି । ଓଡିଶାରେ ବସବାସ କରୁଥିବା ୬୪ ପ୍ରକାରର ଜନଜାତିଙ୍କ ସଂସ୍କୃତି ଦ୍ୱାରା ଓଡିଆ ସଂସ୍କୃତି ପରିପୁଷ୍ଟ। ସାଧାରଣତଃ ଓଡିଆ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ବୁଝାଏ । ଓଡିଶାର ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସମସ୍ତ ଓଡିଆ ଭକ୍ତିର ସହ ଗ୍ରହଣ କରନ୍ତି । ଜଗନ୍ନାଥ ଧାମ କହିଲେ କେବଳ ଓଡିଶାକୁ ହିଁ ବୁଝାଏ । ସାରା ବିଶ୍ୱରେ ଓଡିଶା ନାମ ପରିବର୍ତ୍ତେ ଜଗନ୍ନାଥ ଧାମକୁ ସମସ୍ତେ ଜାଣନ୍ତି । ଏହି 'ଜଗନ୍ନାଥ' ଶବ୍ଦ ଶବର ଭାଷାର ଶବ୍ଦ 'ଜଗନ୍ତ'ରୁ ସୃଷ୍ଟି ହୋଇଅଛି । ଏପରିକି 'ଜଗନାଏଲୋ' ଶବ୍ଦରୁ ଜଗନ୍ନାଥ ଶବ୍ଦର ସୃଷ୍ଟି ବୋଲି ମଧ୍ୟ କୁହାଯାଏ। ଶବର ଦେବତା ଜଗନ୍ନାଥ ପରବର୍ତ୍ତୀ ସମୟରେ ଉତ୍କଳର ଆରାଧ୍ୟ ଦେବତାରେ ପରିଣତ ହୋଇଛନ୍ତି ।

ଯୋଡା ଆଷାଢ ପଡିଲେ ଦାରୁବ୍ରହ୍ମ ଜଗନ୍ନାଥଙ୍କ ନବକଳେବର ଅନୁଷ୍ଠିତ ହୋଇଥାଏ । ଯାହା ଗୋଣ୍ଡି ସଂସ୍କୃତିରେ ମଧ୍ୟ ଦୃଷ୍ଟି ଗୋଚର ହୋଇଥାଏ । ଗଣ୍ଡ ସଂପ୍ରଦାୟର ଆରାଧ୍ୟ ଦେବତା ଜଙ୍ଘା-ଲିଙ୍ଗାଙ୍କ ମଧ୍ୟ ନବକଳେବର ହୋଇଥାଏ । ଜଗନ୍ନାଥଙ୍କ ମୂର୍ତ୍ତୀ ନିମ୍ବ କାଠରେ ତିଆରି ହୋଇଥିବାବେଳେ ଜଙ୍ଘା-ଲିଙ୍ଗାଙ୍କ ବିଗ୍ରହ ସାହାଜ କାଠରେ ନିର୍ମିତ ହୋଇଥାଏ । ଜନଜାତି ସଂସ୍କୃତିରେ ବୃକ୍ଷ ଉପାସନା ପରଂପରା ରହିଛି । ପ୍ରାଚୀନ କାଳରୁ ଏହି ପରଂପରା ଚଳିଆସିଛି । ଅଦ୍ୟାବଧି ମଧ୍ୟ ବୃକ୍ଷ ଉପାସନା ପରଂପରା ରହିଛି । ଏହି

ISSN NO.
2582-208X

ନବକଳେବର ପରଂପରା ଉତ୍କଳୀୟ ସଂସ୍କୃତିର ମହାନତା ସୂଚୀତ କରେ । ଯେଉଁଥିରେ ଗୋଣ୍ଡି ସଂସ୍କୃତିର ପ୍ରଭାବ ରହିଅଛି । ଏପରିକି ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଭାଇଭଉଣୀ ତଥା ପାରିବାରିକ ପୂଜା ପ୍ରଚଳିତ ଅଛି । ଯାହା ଗଣ୍ଡ ସଂପ୍ରଦାୟରେ ମଧ୍ୟ ଦେଖିବାକୁ ମିଳେ । କଳିକଙ୍କାଳିଙ୍କ ତେତିଶଗୋଟି ପୁତ୍ର ଭୂମକାଲ ପୂଜା ପାଆନ୍ତି । ଏହା ଉତ୍କଳୀୟ ପାରିବାରିକ ଏକତାର ସୂଚନା ପ୍ରଦାନ କରେ ।

ଓଡିଶାର ଅର୍କ କ୍ଷେତ୍ରଭାବେ କୋଣାର୍କ ବିଶ୍ୱ ପ୍ରସିଦ୍ଧ। ଯାହା ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ ।ଏ ଥିରେ ସୂର୍ଯ୍ୟଦେବ ପୂଜା ପାଆନ୍ତି । ସୂର୍ଯ୍ୟ ଉପାସନା ଖୁବ୍ ପ୍ରାଚୀନ । ଆଦିବାସୀମାନେ ସୂର୍ଯ୍ୟଙ୍କୁ ପିତା ଓ ଧରଣୀଙ୍କୁ ମାତା ଭାବରେ ଉପାସନା କରନ୍ତି । ଗଣ୍ଡ ସଂପ୍ରଦାୟରେ ମଧ୍ୟ ସୂର୍ଯ୍ୟ ଉପାସନା ପ୍ରଚଳିତ । ପ୍ରତିବର୍ଷ ଶାମ୍ବ ଦଶମୀରେ ସୂର୍ଯ୍ୟ ଉପାସନା କରନ୍ତି । ଏପରିକି ଶାମ୍ବ ଦଶମୀରେ ଜଙ୍ଘା-ଲିଙ୍ଗାଙ୍କ ପୁଷ୍ୟାଭିଷେକ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଏହା ହେଉଛି ଉତ୍କଳୀୟ ପ୍ରାଚୀନ ଆଧ୍ୟାତ୍ମିକ ପରଂପରା ।

ଓଡିଶାର ଲୋକସାହିତ୍ୟ ଖୁବ୍ ସମୃଦ୍ଧ। ଓଡିଶାର ଜନଜାତି ସଂପ୍ରଦାୟର ଲୋକସାହିତ୍ୟ ଓଡିଆ ଲୋକସାହିତ୍ୟର ଅନ୍ତର୍ଭୁକ୍ତ । ଜନଜାତିଙ୍କ ଲୋକଗୀତ, ଲୋକକାହାଣୀ, ଲୋକନୃତ୍ୟ ଓଡିଆ ଲୋକସଂସ୍କୃତି ଭାବରେ ସମଗ୍ର ବିଶ୍ୱରେ ପରିଚିତ । ସାଂପ୍ରତିକ ଯୁଗରେ ମଧ୍ୟ ଲୋକନୃତ୍ୟର ଚାହିଦା ରହିଛି ।ଏହି ନୃତ୍ୟ ଯେତେ ପ୍ରାଚୀନ, ସେତିକି ନବୀନ । ଗଣ୍ଡ ସଂପ୍ରଦାୟର ସ୍ୱତନ୍ତ୍ର ଲୋକନୃତ୍ୟ ରହିଛି, ଯାହା ମାଦଳି ନୃତ୍ୟ ଭାବେ ପରିଚିତ । ଓଡିଶାର ଲୋକନୃତ୍ୟ ପରମ୍ପରାରେ ମାଦଳି ନୃତ୍ୟର ସ୍ୱତନ୍ତ୍ର ସ୍ଥାନ ରହିଛି । ଓଡିଶାର ପାରମ୍ପରିକ ବାଦ୍ୟ ମଧ୍ୟରେ ମାଦଳ ବା ମାନ୍ଦଳ ଏକ ସ୍ୱତନ୍ତ୍ର ଆସନ ଦାବୀ କରେ ।ଯାହା ଓଡିଶାର ପ୍ରାଚୀନ ଲୋକସଂସ୍କୃତିକୁ ସୂଚୀତ କରେ ।

ଓଡିଶାର ଲୋକକଳା ଖୁବ୍ ପ୍ରାଚୀନ । ଲୋକକଳା ଲୋକଜୀବନର ପ୍ରାଣପୂର୍ଣ୍ଣ ପରିପ୍ରକାଶ। ପାହାଡର ଗୁମ୍ଫାଚିତ୍ରଠାରୁ ଆରମ୍ଭ କରି ଜନଜାତି ସଂପ୍ରଦାୟର ପଟ୍ଟଚିତ୍ର ପାଇଁ ଓଡିଶା ପରିଚିତ । ଓଡିଶାରେ ବସବାସ କରୁଥିବା ଜନଜାତିମାନଙ୍କ ସ୍ୱତନ୍ତ୍ର ପଟ୍ଟଚିତ୍ର ରହିଛି ।ତାହା ତାଙ୍କ ସଂପ୍ରଦାୟର ମହାନତାକୁ ପ୍ରତିପାଦନ କରେ । ସେହିଭଳି ଗଣ୍ଡ ସଂପ୍ରଦାୟର

ISSN NO.
2582-208X

ମଧ୍ୟ ସ୍ୱତନ୍ତ୍ର ପଟ୍ଟଚିତ୍ର ରହିଛି । ପଶୁପକ୍ଷୀ, ବୃକ୍ଷଲତା ଓ ସ୍ଥାନୀୟ ଦେବାଦେବୀଙ୍କୁ ନେଇ ଏହି ଚିତ୍ର ଅଙ୍କିତ । ଯାହା ପ୍ରକୃତି ସହିତ ସମ୍ବନ୍ଧକୁ ସୂଚୀତ କରେ ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ସ୍ୱାଧିନତା ସଂଗ୍ରାମରେ ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ରହିଛି । ଦେଶପ୍ରେମୀ ବୀର ଓଡିଆମାନେ ଏହି ସ୍ୱାଧିନତା ସଂଗ୍ରାମରେ ନିଜକୁ ବଳି ଦେଇଥିଲେ । ସେଥିମଧ୍ୟରୁ ଅନେକ ଜନଜାତି ସଂପ୍ରଦାୟର। ଗଣ୍ଡ ସଂପ୍ରଦାୟର ବୀର ସୁରେନ୍ଦ୍ର ସାଏ ସ୍ୱାଧିନତା ଆନ୍ଦୋଳନରେ ପ୍ରାଣ ବିସର୍ଜନ କରି ଚିରଅମର । ଭାରତୀୟ ସ୍ୱାଧିନତା ଆନ୍ଦୋଳନର ଇତିହାସରେ ସବୁଠାରୁ ଦୀର୍ଘ ୩୭ ବର୍ଷ କାରାବାସ ଭୋଗ କରିଥିଲେ ବୀର ସୁରେନ୍ଦ୍ର ସାଏ । ସେହିପରି ପିତାମ୍ବର ସିଂହ, ଜନାର୍ଦ୍ଦନ ସିଂହ, ମନୋହର ସିଂହ, ମଧୁ ଗଡତିଆ, କମଳ ସିଂ ଦାଉ, ସର୍ଦ୍ଦାର ଦୟାଲ ସିଂହ, କରୁଣାକର ନାଏକ ପ୍ରମୁଖ ଗଣ୍ଡ ବୀର ସ୍ୱାଧିନତା ସଂଗ୍ରାମରେ ଯୋଗଦେଇ ଓଡିଶାର ମହତ୍ତ୍ୱ ବୃଦ୍ଧି କରିଛନ୍ତି ।

ବାସ୍ତବରେ ଗଣ୍ଡ ସଂପ୍ରଦାୟର ଗୋଣ୍ଡି ଭାଷା ହେଉଛି ଉନ୍ନତ ଭାଷା । ଏହା ଗୋଣ୍ଡ ସଂପ୍ରଦାୟର ସ୍ୱତନ୍ତ୍ର ପରିଚୟ ବହନ କରିଥାଏ । ଓଡିଶାରେ ବସବାସ କରୁଥିବା ଗଣ୍ଡମାନେ ଓଡିଆ ଭାଷାର ସଂସ୍ପର୍ଶରେ ଆସି ନିଜ ମାତୃଭାଷାକୁ ପରିତ୍ୟାଗ କରି ଓଡିଆ ଭାଷାରେ କଥାବର୍ତ୍ତା କରୁଛନ୍ତି । ତେଣୁ ବର୍ତ୍ତମାନ ଏହି ଭାଷାର ସଂରକ୍ଷଣର ଆବଶ୍ୟକତା ରହିଅଛି । ଯାହା ଭବିଷ୍ୟତ ପୀଢ଼ିକୁ ନୂତନ ମାର୍ଗଦର୍ଶନ ଦେବ ଓ ଗୋଣ୍ଡି ସଂସ୍କୃତିର ପ୍ରାଚୀନତାକୁ ପ୍ରମାଣିତ କରିବ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଏହି ଭାଷାର ପ୍ରାୟୋଗିକ ଦିଗ ଉପରେ ଗୁରୁତ୍ୱାରୋପ କଲେ ବିକାଶ ସାଧିତ ହେବ । ଓଡିଶାରେ ଓଡିଆ ଓ ସାନ୍ତାଳି ବ୍ୟତୀତ ଅନେକ ଅଣ ସାମ୍ବିଧାନିକ ଭାଷା ପ୍ରଚଳିତ ଅଛି । ଏହି ବିଭିନ୍ନ ଭାଷାକୁ ଆଧାର କରି ଏକତାର ସୂତ୍ରରେ ଓଡିଆ ଭାଷା ସମୃଦ୍ଧ ହୋଇଛି । ଭାଷାର ଲକ୍ଷଣ ହେଉଛି ଆହରଣ ଓ ଉତ୍ପାଦନ । ଗୋଟିଏ ଭାଷା ବିଭିନ୍ନ ଭାଷାରୁ ନୂତନ ଶବ୍ଦ ଆହରଣ କରେ ପୁଣି ନୂତନ ଶବ୍ଦ ମଧ୍ୟ ସୃଷ୍ଟି କରେ । ଏହି ନ୍ୟାୟରେ ଓଡିଆ ଭାଷା ଜନଜାତିଙ୍କ ଭାଷାକୁ ନେଇ ସମୃଦ୍ଧ ହୋଇଛି । ଗୋଣ୍ଡି ଭାଷା ଓଡିଆ ଭାଷାକୁ ପ୍ରଭାବିତ କରିଛି । କେବଳ ଭାଷା କାହିଁକି ଗୋଣ୍ଡି ସଂସ୍କୃତି ମଧ୍ୟ ଓଡିଆ ସଂସ୍କୃତିର ମହତ୍ତ୍ୱ ବୃଦ୍ଧି କରିଛି । ଏହା ହେଉଛି ବିଭିନ୍ନତା ମଧ୍ୟରେ ଏକତାର ପରିଚୟ । ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଗୋଣ୍ଡି ଭାଷା ସ୍ଥାନ ଲାଭ କଲେ, ଉକ୍ତ ଭାଷାର ଭବିଷ୍ୟତ ଚିରଉଜ୍ଜ୍ୱଳ ହେବ।

ISSN NO.
2582-208X

ସ୍ୱତନ୍ତ୍ର ଭାଷାକୋଷ, ବ୍ୟାକରଣ ଓ ସାହିତ୍ୟ ସର୍ଜନା ଏହି ଭାଷାକୁ ଅମର କରି ରଖିବ । ସମଗ୍ର ଓଡିଶାରେ ବସବାସ କରୁଥିବା ସମସ୍ତ ଲୋକ ସାଂପ୍ରଦାୟିକ ବିଭେଦତା, ଭାଷାଗତ ବିଭେଦତା ସତ୍ୱେ ଓଡିଆ ଜାତି ରୂପେ ପରିଚିତ । ସର୍ବଧର୍ମ, ସର୍ବଜାତି, ସର୍ବ ଆର୍ଥିକ ବର୍ଗର ସମନ୍ୱୟ ସାଧିତ ହୋଇ ଓଡିଶାର ଉନ୍ନତି ହୋଇଛି । ସମଗ୍ର ବିଶ୍ୱରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ହୋଇଛି । ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କୃଷି, ଶିଳ୍ପ, କଳା, ସ୍ଥାପତ୍ୟ, ନୃତ୍ୟ, ସଂଗୀତ, ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ଓଡିଆ ଜାତି ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛି । ସେମାନଙ୍କ ବ୍ୟକ୍ତିଗତ ପରିଚୟ ଯାହା ହେଉନା କାହିଁକି ? ଓଡିଶାର ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବାରୁ ଓଡିଶାବାସୀ ହେଉଛି ପରିଚୟ। ଯେକୌଣସି ସ୍ଥାନରେ ଓଡିଶାର ସ୍ଥାୟୀ ବାସିନ୍ଦା ଭାବରେ ନିଜର ପରିଚୟ ଦେବା ଓଡିଆ ଜାତିର ମହାନତା ସୂଚୀତ କରେ । ଏହାହିଁ ଓଡିଆ ଅସ୍ମିତା, ଓଡିଆ ପରିଚିତି ।

ସହାୟକ ଗ୍ରନ୍ଥସୂଚୀ

(ଓଡିଆ)

୧. ଦାସ, ଲାଲ ଆଶୁତୋଷ- ଗୋଣ୍ଡି, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର- ୭୫୧୦୦୯

୨.ପ୍ରଧାନ, କୃଷ୍ଣଚନ୍ଦ୍ର- ସାରସ୍ୱତ ବ୍ୟାବହାରିକ ଓଡିଆ ବ୍ୟାକରଣ, ସତ୍ୟନାରାୟଣ ବୁକ ଷ୍ଟୋର, ବିନୋଦ ବିହାରୀ, କଟକ-୨, ଷଷ୍ଠ ସଂସ୍କରଣ-୨୦୧୮

୩. ଭୋଇ, ଅକ୍ଷୟ କୁମାର- ସାଦୋ ଗୋଣ୍ଡି କଡକିୟାନ, ପ୍ରକାଶକ- ଉର୍ମିଳା ଭୋଇ, ସମଲେଶ୍ୱରୀ ଛାପାଖାନା, ତୁଷୁରା, ପ୍ରଥମ ସଂସ୍କରଣ-୨୦୧୭

୪.ଭୋଇ, ଜଗଦୀଶ ଚନ୍ଦ୍ର- ଗଣ୍ଡ ଜନଜାତିର ସମାଜ ଓ ସଂସ୍କୃତି, ଅଗ୍ରଦୂତ, ବାଙ୍କାବଜାର, କଟକ-୭୫୩୦୦୨, ପ୍ରଥମ ପ୍ରକାଶ- ୨୦୨୦

୫. ମିଶ୍ର, କୁମୁଦିନୀ- ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞାନ ସମ୍ମତ ବିଶୁଦ୍ଧ ଓଡିଆ ବ୍ୟାକରଣ, ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୧୩

୬. ସାହୁ, ଅନନ୍ତଚରଣ- ଗୋଣ୍ଡି ଭାଷା ଶିକ୍ଷଣ ପୁସ୍ତିକା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ- ଡିସେମ୍ବର ୨୦୦୬

ISSN NO.
2582-208X

୬. ସାହୁ, ବାସୁଦେବ- ପୃଥିବୀର ଭାଷା ପରିବାର ପରିଚୟ ଓ ପରିସର , ପ୍ରକାଶକ- ସୁଧାଂଶୁ ପ୍ରଧାନ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ, ଦ୍ୱିତୀୟ ସଂସ୍କରଣ-୨୦୧୫

(ହିନ୍ଦୀ)

୧. କଙ୍ଗାଲୀ, ମୋତିରାବଣ- ଗୋଣ୍ଡି କରିୟାଟ, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର- ୪୪୦୦୨୨, ଚତୁର୍ଥ ସଂସ୍କରଣ-୨୦୧୧

୨. କଙ୍ଗାଲୀ, ମୋତିରାବଣ- ବୃହତ ହିନ୍ଦୀ ଗୋଣ୍ଡି ଶବ୍ଦକୋଷ, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ଗୋଣ୍ଡୱାନା ଆଦିମ ଭାଷା ସାହିତ୍ୟ ସଂଶୋଧନ ମଣ୍ଡଳ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର-୪୪୦୦୨୨, ପ୍ରଥମ ସଂସ୍କରଣ- ୨୦୧୧

୩. କଙ୍ଗାଲୀ, ମୋତିରାବଣ- ଗୋଣ୍ଡି କଡକିୟାନ ଉଣ୍ଡେ ଲମ୍ୱେଜ ଚବଡି, ପ୍ରକାଶକ- ତିରୁମାୟ ଚନ୍ଦ୍ରଲେଖା କଙ୍ଗାଲୀ, ୪୮, ଉଜ୍ଜ୍ୱଳ ସୋସାଇଟି, ଜୟତଲା ରୋଡ, ନାଗପୁର- ୪୪୦୦୨୨, ଦ୍ୱିତୀୟ ସଂସ୍କରଣ- ୨୦୦୮

୪. ସିଂହ , ରାଜେନ୍ଦ୍ର ପ୍ରସାଦ- ଭାଷା କା ସମାଜଶାସ୍ତ୍ର, ରାଜକମଳ ପ୍ରକାଶନ ପ୍ରାଇଭେଟ ଲିମିଟେଡ, ୧- ବି , ନେତାଜୀ ସୁଭାଷ ମାର୍ଗ, ଦରିଆଗଞ୍ଜ, ନୂଆ ଦିଲ୍ଲୀ- ୧୧୦୦୦୨

(ପତ୍ରିକା)

୧. ଜେନା, ଡାକ୍ତର ଇନ୍ଦ୍ରମଣି- ବିଜୟିନୀ (ଓଡିଆ ଅସ୍ମିତାର ସ୍ଥିତି , ବ୍ୟାପ୍ତି ଓ ବିବର୍ତ୍ତନ- ଡକ୍ଟର ଜୀବନକୃଷ୍ଣ ମହାପାତ୍ର), ସେପ୍ଟେମ୍ବର-୨୦୧୭

୨. ସାହୁ, ବିକେଶ - ବାଗୀଶ, (ଓଡିଆ ଅସ୍ମିତାର ଐତିହାସିକ ଓ ରାଜନୈତିକ ବୈଚିତ୍ର୍ୟ - ଡକ୍ଟର ବିଶ୍ୱନନ୍ଦନ ଦାଶ), ଜୁଲାଇ-ଅଗଷ୍ଟ-୨୦୨୫

(((-)))

ସହକାରୀ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ (ମାଣିକ୍ୟ ବିହାର),
ଭବାନୀପାଟଣା-୭୬୬୦୦୧

ISSN NO.
2582-208X

# ମୁଁ ଓଡ଼ିଆ



ସୁଶ୍ରୀ ଶୁଭସ୍ମିତା ମହାନ୍ତି

ଉତ୍କଳ ଅଟଇ ମୋ ଜନମ ମାଟି
ଓଡ଼ିଆ ଯେ ମୋର ଭାଷା,
ଜଗତନାଥ ମୋର ବଡ଼ ଠାକୁର
କୋଟି ଓଡ଼ିଆର ଆଶା।

ଓଡ଼ିଶାର ମାଟି ପାଣି ଓ ପବନେ
କୋଟି ଓଡ଼ିଆର ପ୍ରାଣ,
ସୁନ୍ଦରତା ଆଉ କାରିଗରୀରେ ଯେ
ସର୍ବତ୍ର ଆଗରେ ଜାଣ।

ଓଡ଼ିଆ ସଂସ୍କୃତି ଓ ପରମ୍ପରା ଯେ
ବିଶ୍ୱ ପ୍ରସିଦ୍ଧ ଅଟଇ,
ବାରମାସେ ଯେ ତେର ପରବ ପାଳେ
ତୁଳନୀୟ କେହି ନାହିଁ।

ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁ ଆଉ
ନାନା ବୀର ବୀରଙ୍ଗନା,
ଜନମି ମାଟିରେ କାମ କରିଗଲେ
ରଖିଲେ ଜାତିର ନା' ।

ISSN NO.
2582-208X

ନଦୀ ଝରଣାର କୁଳୁକୁଳୁ ନାଦେ
  ଗାଏ ଓଡ଼ିଶାର ଗାଥା,
ପୁରପଲ୍ଲୀର କୋଣ ଅନୁକୋଣେ ଯେ
  ଲେଖା ଓଡ଼ିଶାର କଥା।

କୃଷକ ଭାଇର ପରିଶ୍ରମ ଏଠି
  ସୁବର୍ଣ୍ଣର ଚାଷ ଫଳେ,
ଲାଖ, ଝୁଣା, ଚନ୍ଦନ ମୂଲ୍ୟବାନ ଯେ
  ଆମ ପ୍ରଦେଶରେ ମିଳେ।

ଉଣେଇସି ଶହ ଛତିଶି ମସିହା
  ସ୍ୱତନ୍ତ୍ର ହେଲା ଉତ୍କଳ,
ଓଡ଼ିଶାରେ ମିଳିମିଶି ରହୁଥିବା
  ଏକତା ଅଟଇ ବଳ।

(((-)))

ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ନବରଙ୍ଗପୁର (ଶିକ୍ଷା ବିଭାଗ)

ISSN NO.
2582-208X

# ଜାତି ,ଅଜାତି ପ୍ରଜାତି



କାର୍ତ୍ତିକେଶ୍ୱର ନାୟକ

ଆମେ ଜାତି କହିଲେ ସାଧାରଣରେ କରଣ, ତେଲି, ଗୁଡ଼ିଆ, କମାର ଇତ୍ୟାଦି କୌଳିକବୃତ୍ତିର ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ବୁଝି ଥାଉ । ପ୍ରକୃତରେ ଜାତି ତାହା ନୁହେଁ । ଆମେ କହୁଥିବା ଅବା ଜାଣିଥିବା ଏହି ଜାତି ବିଷୟ ରେ ଯେତେ ସଂଜ୍ଞା ରହିଛି ଜଣାଯାଏ ତାହା ଆଦୌ ଠିକ୍ ନୁହେଁ । ସମାଜରେ ପ୍ରଚଳିତ ଧାରା ଅନୁସାରେ, ଆମ ପୂର୍ବ ପୁରୁଷ ଅର୍ଥାତ୍ ଅତୀତର ଅଶିକ୍ଷିତ ବା ଅର୍ଦ୍ଧ ଶିକ୍ଷିତ ପୁର୍ବଜ ଯାହା ସଂକ୍ଷିପ୍ତ ଜ୍ଞାନରେ ଆମକୁ କହିଛନ୍ତି, ତାହା ସଂପୂର୍ଣ୍ଣ ଠିକ୍ ବୋଲି ଭାବିବା ଅନୁଚିତ୍ । ତତ୍କାଳୀନ ପରିବେଶ, ପରିସ୍ଥିତି, ଚଳନି ତଥା ପ୍ରକୃତିଦତ୍ତ ଗୁଜୁରାଣ ଅନୁସାରେ ଜାତିର ସଂଜ୍ଞା ନିର୍ଧାରଣ ପ୍ରକୃତରେ ତାହା ଆମକୁ କମ୍ ଜଣା ଥିଲା । ଅର୍ଥାତ୍ ବର୍ତ୍ତମାନ ଅପେକ୍ଷା ଅତୀତ ଅନ୍ଧକାର ଓ ସଙ୍କୁଚିତ ଥିଲା । ଆମ ବଞ୍ଚିବାର କୌଶଳ, ସାମାଜିକ ବ୍ୟବସ୍ଥା, ପରିମାର୍ଜିତ ମାନବୀୟ ପୃଷ୍ଠଭୂମି ଇତ୍ୟାଦି ବିଷୟରେ ସେତେ ଉନ୍ନତ ନଥିଲା। ଭାଷା, ପ୍ରଥା, ସଂସ୍କୃତି, ସଭ୍ୟତା ସୀମିତ ସଙ୍କୁଚିତ ଅପରୀମାର୍ଜିତ କଳୁଷିତ ଦୋଷ ଦୁର୍ବଳତା ବହୁତ ଅଶୁଦ୍ଧ ଥିଲା। ତେଣୁ ଆମ ଜୀବନ ଜୀବିକା ପରମ୍ପରା, ଚଳନୀ, କାଳକ୍ରମେ ଏହାର ଧିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଉନ୍ନତ ମାନର ବ୍ୟବସ୍ଥା ମୁଣ୍ଡ ଟେକିଛି । ନୂତନ ସଂଜ୍ଞାର ପ୍ରତିଫଳନ ପରିଲକ୍ଷିତ ହୁଏ । ତେଣୁ ଜାତି ଏକ ସାମଗ୍ରିକ ଶ୍ରେଣୀ ବା ପ୍ରାଣୀଙ୍କୁ ବୁଝାଇ ଥାଏ । ଯେମିତି ମଣିଷ ଜାତି, ପଶୁ ଜାତି, ପକ୍ଷୀଜାତି, କୀଟଜାତି ପତଙ୍ଗଜାତି ଇତ୍ୟାଦି କହିବା ଉଚିତ୍ ହେବ। ଏଥିରେ ଲିଙ୍ଗ ହିଁ ଫରକ୍ କରି ପାରେ । ଯଥା ପୁଲିଂଗ ଶରୀର ଗଠନ ଦୃଷ୍ଟିରୁ ସ୍ତ୍ରୀ ଠାରୁ ଅଲଗା । କିନ୍ତୁ ଏହା ଏକ ଜାତିର ପରିଚୟ ।

ISSN NO.
2582-208X

ନଚେତ୍ ମଣିଷ ଭିତରେ ସ୍ତ୍ରୀ ପୁରୁଷ କିଛି ପ୍ରଭେଦ ନାହିଁ । ସେମାନେ ଦୁହିଁଙ୍କ ଭିତରେ ସାନ କିମ୍ବା ବଡ କେହି ନୁହନ୍ତି । ଉଭୟେ ମଣିଷ ଜାତି । ଆମେ ସବୁବେଳେ ନିଜକୁ ତର୍ଜମା କରିବାକୁ ପଡ଼ିବ । ବାସ୍ତବ ଚିତ୍ର ନ କଲେ ଉଚିତ୍ ଅନୁଚିତ୍ ଜାଣି ପାରିବା ନାହିଁ । ସାମାଜିକ ବ୍ୟବସ୍ଥା ସବୁବେଳେ ସମାନ ରହି ନ ପାରେ । ଚିରା ଚରିତ ପ୍ରଥା ସବୁବେଳେ ରହିବ ବା କିପରି ? କଥାରେ ଅଛି, "ଫୋଲ ମ୍ୟାନ ଫୁଲ" । ଆମେ ଅତୀତର ଇତିହାସକୁ ଗଲେ ଏହାର ସଠିକ୍ ଉତ୍ତର ପାଇ ପରିବା । ସାମାଜିକ ନ୍ୟାୟ ବ୍ୟବସ୍ଥା ସଂକୀର୍ଣ୍ଣ ନ ହେବା ଉଚିତ୍ । ସବୁ ବେଳେ ଅତୀତର ଅନେକ କୁପ୍ରଥା, ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର କରିବାକୁ ପଡ଼ିବ। ସତୀ ଦାହ ପ୍ରଥା, ବଳିପ୍ରଥା, ଛୁଆଁ ଅଛୁଆଁ ଭେଦଭାବ ଇତ୍ୟାଦି ସମାଜର କଳଙ୍କ । ଏହି ପ୍ରଥା ଯେତେଦିନ ରହିବ, ସେତେଦିନ ସମାଜ ଅସଜଡା ଓ ବିକଳାଙ୍ଗ ଆଶା କରାଯାଏ ।

ଆଜିର ସମାଜ ଚାହୁଁ ଥିବା ଆବଶ୍ୟକତା ଅନୁସାରେ ଆମେ ସାମିଲ ହେବାକୁ ପଡ଼ିବ । ନଚେତ୍ ସମସ୍ତେ ଏକତ୍ରିତ ସହାବସ୍ଥାନ, ଭାବ ବିନିମୟ, ସାହାଯ୍ୟ ସହାନୁଭୂତି ତଥା ଉଚ୍ଚାରଣ ଆଚରଣ ପ୍ରଦର୍ଶନରେ ଏକ ମନ ଏକ ପରିବାର, ଏକରାଜ୍ୟ ଏକ ଦେଶର ଭାବ ଉଦ୍ରେକ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେବା ମନେକରାଯାଇ ପାରେ । ଜାତି ଏକତାର ପ୍ରତିବନ୍ଧକ ।

ବେଳେବେଳେ ଜାତି ନାମରେ ଚାଲିଥିବା ଅନାବଶ୍ୟକ ପରମ୍ପରା ବା ପ୍ରଥାର ପ୍ରଚଳନ ଦୃଷ୍ଟିକୋଣ କିପରି ସମାଜ ପାଇଁ ଅଶାନ୍ତିର ବାର୍ତ୍ତା ତିଆରି କରେ ଆସନ୍ତୁ ଜାଣିବା। ସମାଜର ଜରୁରୀ ଆବଶ୍ୟକତା ହେଲା ଶୃଙ୍ଖଳା । ଶୃଙ୍ଖଳା ବ୍ୟତିରେକ ଦଳଗତ କୌଣସି କାମ ବା ସଂଗଠନ ଚାଲି ପାରିବ ନାହିଁ । ଜାତି, ସେହିପରି ଏକପ୍ରକାରର ଦଳ, ଯାହା ଅନ୍ୟ ଏକଜାତି ସହ ମିଶି ପାରିବ ନାହିଁ। ପ୍ରତ୍ୟେକ ଜାତି ବା ଗୋଷ୍ଠୀର ଆକୃତି ପ୍ରକୃତି, ଆଚାର, ବ୍ୟବହାର ରହଣି, ଚଳଣି ତଥା ଦେଖିବାକୁବି ଭିନ୍ନ ରୂପ । ଗୋଟିଏ ଜାତି ଅନ୍ୟ ଏକ ଜାତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସର୍ବୋପରି ଗୋଟିଏ ଜାତି ଅନ୍ୟ ଏକଜାତି ଠାରୁ ସମ୍ପୂର୍ଣ୍ଣ ଅଲଗା । ଯେମିତି ବଣର ବାନର ଜାତି, ହାତୀ, ବାଘ, ପକ୍ଷୀ ତଥା ସରୀସୃପ ଜାତି ମାନଙ୍କ ସମସ୍ତେ ସମସ୍ତ ଙ୍କ ଠାରୁ ଅଲଗା । ହୁଏତ ଜୈବ ବିବିଧତା ଓ ପ୍ରାକୃତିକ ପର୍ଯ୍ୟାପ୍ତ ବ୍ୟବସ୍ଥାଯୋଗୁଁ କେବଳ ଖାଦ୍ୟ ଏକ ପ୍ରକାର ହୋଇ ପାରେ। ତଥାପି ସେମାନେ ଗୁଣ, କର୍ମ, ଆକାର, ଇତ୍ୟାଦିରେ ପରସ୍ପର ଠାରୁ ଅନେକ

ISSN NO.
2582-208X

ଅମେଳ ରହିବା ଦେଖିବାକୁ ମିଳେ । ଏହାକୁ ବୁଝିବାରେ ବୋଧହୁଏ ମଣିଷଜାତି ଭୁଲ୍ କରିଛି । ଗୋଟିଏ ଜାତି ଅନ୍ୟ ଜାତିକୁ ସାନ ବଡ଼ କରି ସମାଜ ଭିତରେ ବିଭେଦ ସୃଷ୍ଟି କରିଛି । ଫଳରେ ମାନବୀୟ ପୃଷ୍ଠଭୂମି ଏଥିରେ ବ୍ୟାଘାତ ସୃଷ୍ଟି ହେଉଛି ।

ଏକତାର ବଳକୁ ଦୁର୍ବଳ ଆଡ଼କୁ ଅଗ୍ରସର ହେବା ଦେଖା ଯାଉଛି । ହେ ମାନବଜାତି କଥାର ମର୍ମ କୁ ବୁଝିବା, ଆଉ ଡେରିକଲେ ହୁଏତ ସମସ୍ୟା ଉପୁଜିବା ଆଶଙ୍କା ଆସିପାରେ। ବସୁଧୈବ କୁଟୁମ୍ବକମ୍ ମନ୍ତ୍ର ଅର୍ଥ ହୀନ ହୋଇଯିବ । ସାରା ରାଜ୍ୟ, ଦେଶ ସର୍ବୋପରି ବିଶ୍ୱର ଅମଙ୍ଗଳ ହେବ । ଆମ ଭିତରେ ଥିବା ଅସଲ ଜ୍ଞାନ କୁ ପ୍ରୟୋଗ କରିବା । ବୁଝାମଣାର ସତ୍ୟକୁ ସମାଜରେ ପ୍ରଚଳିତ ଧାରା ପରିବର୍ତ୍ତିତ କରିବା । ଆମେ ମାନବ ଜାତି, ମାନବୀୟ ପୃଷ୍ଠଭୂମି ଓ ଶୃଙ୍ଖଳା ଏକ ଓ ଅଭିନ୍ନ । ଜାତିପ୍ରଥା କୁ ନା କହିବା। ଫଳରେ ଆମେ ବିଶ୍ୱଗୁରୁ ହେବାରେ ହକଦାର ହେବା । ଆମ ଭାରତୀୟ ସଂସ୍କୃତିରେ ପରସ୍ପର ସହାବସ୍ଥାନ ଏକ ନୂତନ ଦିଶା ଦେବ । ବିଶ୍ୱବାସୀ ଆମ ଠାରୁ କିଛି ମାନବୀୟ ବାର୍ତ୍ତା ପାଇବ । ଗାନ୍ଧିଜୀ ଙ୍କ ଅଧୁର ସ୍ୱପ୍ନ ଫଳବତୀ ହେବ ।

(((-)))

ବୌଦ୍ଧ
ମୋ: ୭୯୭୮୧୨୮୩୫୩

ISSN NO.
2582-208X

# ଋଷିବା....



ରଂଜିତ ନାଏକ

ଭକତ ଋଷଇ ଭଗବାନ ଆଗେ
ମନ୍ତ୍ରୀ ରାଜାଙ୍କ ସମ୍ମୁଖେ
କର୍ମଚାରୀ ଋଷେ ଅଧିକାରୀ ପାଶେ
ସ୍ତ୍ରୀ ଋଷେ ସ୍ୱାମୀଙ୍କ ପାଖେ

ଶିକ୍ଷାର୍ଥୀ ଋଷଇ ଶିକ୍ଷକ ସମୀପେ
ଜ୍ଞାନୀ ପଣ୍ଡିତଙ୍କ ପାଶେ
ଅଜ୍ଞାନ ଋଷଇ ପାଷାଣ୍ଡ କତିରେ
ଚାକର ମାଲିକ ପାଖେ

ପ୍ରେମିକା ଋଷଇ ପ୍ରେମିକ ପାଖରେ
ହୃଦୟରେ କୋହ ଭରି
ଋଷିବାଟି ସଦା ପ୍ରମାଣ କରଇ
ସମ୍ପର୍କଟା ଦୃଢ଼ଭାରୀ

ଅଭିମାନ କରି ମଉନ ହୋଇକି
ଦିନରାତି ଦୁଇଚାରି
ନୀରବରେ କେତେ ଲୋତକ ଝରାଇ
ସ୍ନେହ ଆଦରକୁ ଝୁରି

ISSN NO.
2582-208X

ରାଜା ରୁଷେ ନାହିଁ ମନ୍ତ୍ରୀର କଥାରେ
ସ୍ୱାମୀ କେବେ ସ୍ତିରୀ ପାଇଁ
ବୋଧେ ରୁଷିବା ଅଭିମାନ କରିବା
ପ୍ରଭୁ ପଣିଆରେ ନାଇଁ

ରୁଷିବା କାନ୍ଦିବା ଉଭୟଟି କହେ
ଗଭୀର ବିଶ୍ୱାସ କରେ
ଭକ୍ତି ସ୍ନେହ ଶ୍ରଦ୍ଧା ପ୍ରେମ ଉତ୍ସର୍ଗରେ
ଅତୁଟ ବନ୍ଧନ ଡୋରେ

(((-)))

ଉଦୟପୁର, ବୌଦ୍ଧ
8114852494

ISSN NO.
2582-208X

# ଅନ୍ତର



ଅରୁଣ କୁମାର ଦାସ

ଘଡିଏ ଦୂରକୁ ଗଲେ
ବାରମ୍ବାର କୁହ
କେତେ ବେଳେ ଫେରିବ ।
କିନ୍ତୁ ଏବେ ଦିନେ ନୁହେଁ
କି ଦୁଇ ଦିନ ନାହିଁ
ତିନି ଦିନରେ ଉଛନ୍ନ
ଚାରି ଦିନରେ ଆସି ହାଜର ।
ଏହାକୁ ବୋଧେ କୁହନ୍ତି
ଭଲ ପାଇବା
ଆସିବା ଦିନଠାରୁ ଆଜି ଯାଏ
କେବେ ଅଲଗା ରହିଛ
ମୋ ଜାଣତରେ ତ ନା ।
କେମିତି ବିତୁଥିଲା ଦିନ
ରାତି କଥା ଛାଡ
ତମ କଥା ଭାବି ଭାବି
ରାତି ଯାଏ ବିତି
ମନେ ଥାଏ କାଲେ ଆସିବ
ସପନରେ ଅସୁମାରୀ କୋହ ନେଇ ।

(((-)))

ଠାକୁର୍, ପୁରୁଣା ବଉଳମାଳ,
ଧର୍ମଶାଳା ଯାଜପୁର

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୧୮ --

ବର୍ଷ ବର୍ଷ ଧରି ସିନୁ ଦିଦି ସହ ଋଷି ବିଷୟରେ ଆଲୋଚନା କରି ଅରୁନ୍ଧତୀ ଯେତିକି ଆନନ୍ଦ ଅନୁଭବ କରୁଥିଲା ଆଜି ତାର ବିପରୀତ । ମାତ୍ର ପନ୍ଦର ଘଣ୍ଟାରେ ଅରୁନ୍ଧତୀର ବୟସ ପନ୍ଦର ବର୍ଷ ବୃଦ୍ଧି ପାଇଯାଇଥିଲା ଯେମିତି । ସିନୁ ଦିଦିକୁ ଦେଖୁ ଦେଖୁ ଆଉ ନିଜକୁ ସମ୍ଭାଳି ପାରି ନଥିଲା । ବୋଧ ଦେଲା ଭଳି କିଛି କହି ଯାଉଥିଲେ ସୀମନ୍ତିନୀ । ସେ କଥା ଉପରେ କୌଣସି ପ୍ରାଧାନ୍ୟ ନ ଦେଇ ପାଗଳୀଙ୍କ ଭଳି ଗାଇ ଚାଲିଥିଲା ଅରୁନ୍ଧତୀ । ଜାରଜ ସନ୍ତାନର ଅପବାଦ ନ ସହିବା ପାଇଁ ସେଦିନ ତୁମଠାରୁ ସାହାଯ୍ୟ ମାଗିଥିଲି ନା ସିନୁ ଦିଦି। ସେ ଅପବାଦ ସହିଥାନ୍ତି ଯଦି ଆଜି ହୁଏତ ଏ ଦୁଃଖ ସହିବାକୁ ପଡ଼ି ନ ଥାନ୍ତା । ବିଜ୍ଞାନ ସ୍ତରରେ ପ୍ରମାଣିତ କରି ବାପ କାନୁନ୍ ଅନୁସାରେ ତାକୁ ମୋ ଠାରୁ ଛଡ଼ାଇ ନେଇଛନ୍ତି ।

ଏ ସବୁ ତୁମକୁ କିଏ କହିଲା ଅରୁ ?

ଋଷିର ବାପା ନିଜେ ।

ତାଙ୍କୁ ତୁମେ ପୂର୍ବରୁ ଜାଣିଥିଲ ?

ସିଏ ନଳିନୀ ସିନୁ ଦିଦି ......

ନଳିନୀ..... ଚିତ୍କାର କରି ଉଠିଲେ ସୀମନ୍ତିନୀ । ପୁଣି ନିଜକୁ ସ୍ଥିର କରି କହିଲେ, ଆଜିଠାରୁ ତୁମେ ତୁମ ଘରେ ଏକଲା ରହିବନି । ମୋ ପାଖରେ ରହିବ । ସେ ଲୋକଟାର ମତି ଗତି ଠିକ୍ ନୁହେଁ । ତୁମର ଡିଭୋର୍ସ ହୋଇନି । ପେନସନ ଲୋଭରେ ସେ ଆହୁରି ନୀଚ ସ୍ତରକୁ ଯାଇପାରେ । ଦିନ ଥାଉ ଥାଉ ଘରକୁ ଯାଇ ତୁମର ନିତିଦିନିଆ ଚଳଣି

ISSN NO.
2582-208X

ଜିନଷ ନେଇ ସନ୍ଧ୍ୟା ପୂର୍ବରୁ ମୋ ଘରକୁ ଆସିଯାଅ । ରୀତିମତ ଧକ୍କା ଲଗାଇ ଲଗାଇ ଅରୁନ୍ଧତୀକୁ ତା ଗାଡ଼ିରେ ବସାଇ ଗାଡ଼ି ଷ୍ଟାର୍ଟ କରିବାକୁ କହିଲେ ସୀମନ୍ତନୀ । ଆଠଟା ବାଜିଲା । ଅରୁନ୍ଧତୀ ଆସିଲାନି । ଗେଟ୍ ବାହାରକୁ ଯାଇ ରାସ୍ତା ଉପରକୁ ନଜର ପକାଉଥିଲେ ସୀମନ୍ତନୀ । କେତେଜଣଙ୍କର ଟୁପୁରୁ ଟାପର ଶୁଣି ସ୍ତମ୍ଭ ହୋଇଗଲେ । ଦୁର୍ଘଟଣା.... ବୁଦ୍ଧ ଜୟନ୍ତୀ ପାର୍କରେ କେତେଜଣ ଦୁର୍ବୃତ୍ତଗୋଟିଏ କାରକୁ ଜଳାଇ ଦେଇଛନ୍ତି। ସୀମନ୍ତନୀଙ୍କ ଛାତିରେ ଛନକା ପଶିଲା । ଅଜାଣତେ ପାଟିରୁ ବାହାରି ଆସିଲା ଅରୁ । ଫୋନ ବୁଲାଇଲେ । ଜମା ଲାଗୁନି । ହାତ ଗୋଡ଼ କାଲୁଆ ମାରି ଯାଇଥିଲା । ଯନ୍ତ୍ରବତ ଗେଟ ଭିତରକୁ ପଶି ବାରଣ୍ଡାରେ ଥିବା ଆର୍ମଚେୟାର ଖଣ୍ଡକ ଉପରେ ଗଡ଼ି ପଡ଼ିଲେ ।

ତହିଁ ଆରଦିନ ସକାଳୁ ସକାଳୁ କ୍ୟାମ୍ପସ ଭିତରେ ଚହଳ ପଡ଼ିଗଲା । ଗତ ସଂଧାରେ ବୁଦ୍ଧ ଜୟନ୍ତୀ ପାର୍କରେ ଜଳାଇ ଦିଆଯାଇଥିବା କାରଟି କଲେଜର କୌଣସି ଷ୍ଟାଫଙ୍କର । ଦୀକ୍ଷାନ୍ତ ଉତ୍ସବ ପାଇଁ ନମୁନା ଫଳକଟି ଅଧଜଳା ଅବସ୍ଥାରେ ପଡ଼ିଛି । ସୀମନ୍ତନୀଙ୍କୁ ବୁଝିବାରେ ବାକି ରହିଲାନି । ସେଦିନ ମିଟିଂରେ ପ୍ରିନ୍ସିପାଲ ଏହି କାମଟିକୁ ଅରୁନ୍ଧତୀକୁ ସମର୍ପି ଥିଲେ । ବିଜୁଳୀ ବେଗରେ ସମ୍ବାଦଟି ଖେଳଗଲା ।

ଅରୁନ୍ଧତୀ କହୁଥିଲା ଋଷିକୁ ତାର ବାପା ନେଇଯାଇଛନ୍ତି । ତେବେ ଋଷି ଏବେ କେଉଁଠି । ତା ନିକଟରେ ଏ ଖବରଟା ପହଞ୍ଚାଇବା ନିତାନ୍ତ ଆବଶ୍ୟକ । ମାତ୍ର କେମିତି ? ଗୁଜୁରାଟର ସମସ୍ତ ସମ୍ବାଦ ପତ୍ର ମାନଙ୍କରେ ଖବର ଛପିଗଲା ।

"କୌଣସି ଏକ ମାରାତ୍ମକ ପରିସ୍ଥିତିକୁ ନେଇ ପ୍ରଶାସକ ଋଷି ମିଶ୍ରଙ୍କୁ ତାଙ୍କର ମା' ଯଥାଶୀଘ୍ର ସାକ୍ଷାତ କରିବାକୁ ଚାହୁଁଛନ୍ତି । ଯାହା ହେଲା ସମାଜର କେତେଜଣ ବଳିଷ୍ଠ ଦୁର୍ବୃତ୍ତ ତାଙ୍କୁ ଧମକଦେଇଛନ୍ତି । ତେଣୁ ସେ ଏକାକିନୀ ମନେ କରି ଖୁବ୍ ଭୟଭୀତା ହୋଇପଡିଛନ୍ତି ।

ସେଥିପାଇଁ ମୁଁ ତାଙ୍କର ଜଣେ ଶୁଭେଚ୍ଛୁ ଉକ୍ତ ବିଷୟଟିକୁ ସମ୍ବାଦ ପତ୍ର ମାନଙ୍କରେ ଦେଉଛି ।

ଆମେ ଋଷି ମିଶ୍ରଙ୍କୁ ବ୍ୟକ୍ତିଗତ ରୂପେ ଜାଣି ନାହୁଁ । ଯଦି କେହି ସଜ୍ଜନ ତାଙ୍କର ମୋବାଇଲ ନମ୍ବର୍ ଜାଣିଥାନ୍ତି ଦୟାକରି ନିମ୍ନ ଲିଖିତ ନମ୍ବରରେ ଜଣାଇଲେ ଆମେ ଉପକୃତ ହେବୁ ।

ISSN NO.
2582-208X

ନମ୍ବର - ୦୧୧ - ୪୨୪୩୪୪୪୫"

ସ୍ୱାର୍ଥୀ ଦୁନିଆରେ କେତେଜଣଙ୍କ ନିକଟରେ ଅନ୍ୟର ସହାୟତା ପାଇଁ ହୃଦୟ ରହିଛି ! ତେଣୁ କିଏ ବା କାହିଁକି ସମ୍ବାଦଟି ପ୍ରତି ଭ୍ରୁକ୍ଷେପ କରି ଥାଆନ୍ତା । ! ତଥାପି.... କେତେଜଣ ସହୃଦୟ ବ୍ୟକ୍ତି ତିଷ୍ଠିଛନ୍ତି ବୋଲି ତ ଏ ସଂସାରଟା ଚାଲିଛି । କେତେଜଣଙ୍କଠାରୁ ଉତ୍ତର ଆସିଥିଲା ଜଣା ନାହିଁ, ଆମେ ଚେଷ୍ଟା କରିବୁ ।

ଚାତକ ଭଳି ଫୋନ୍ କଲ ମାନଙ୍କର ଅପେକ୍ଷା କରିଥାନ୍ତି ସୀମନ୍ତିନୀ ।

ଗୁଡ ମର୍ଣ୍ଣିଂ । ମୁଁ ଋଷି । ଆପଣ ସିନୁ ଆଣ୍ଟି ନୁହନ୍ତି ତ ! କ୍ଷମା କରିବେ । ପିଲାଦିନେ ଦେଖିବାର ସୌଭାଗ୍ୟ ମିଳିଥିଲା । ମା ଙ୍କର ଫୋନ୍ ଜମା ଲାଗୁନି । ତାଙ୍କ ବିଷୟରେ ଟିକିଏ କିଛି କହିବେ କି ?

ଆପଣଙ୍କ ମା' ଙ୍କର ଫୋନଟିକୁ ସେ ଧୂର୍ତ୍ତ ମାନେ ଜଳାଇ ଦେଇଛନ୍ତି ।

ମା' ଏବେ କେଉଁଠି ?

ସୀମନ୍ତିନୀଙ୍କର ଜିଭ ଲେଉଟି ଗଲାନି । କେମିତି କରି ଏ ମୂର୍ମୁଷୁ ଖବରଟି ଦେବେ ! ଟିକିଏ ସମୟ ଗୋଳେଇ ମୋଳେଇ କେମିତି ଏକ ଅସ୍ପଷ୍ଟ ସ୍ୱରରେ କହିଲେ, "ମୋ ପାଖରେ ।'

ଥାଙ୍କ ଗଡ, ତାଙ୍କୁ ଟିକିଏ ଫୋନ୍ ଦେବେ ?

ନାଁ, ସିଏ ବହୁତ ଡରି ଯାଇଛନ୍ତି । କଥା କହିବାକୁ ନାରାଜ ।

ବୁଝିଲି ଆଣ୍ଟି । ସେ ଆପଣଙ୍କ ପାଖରେ ନାହାନ୍ତି । ଟିକିଏ ମଝିରେ ମଝିରେ ତାଙ୍କ ଖବର ନେଉଥିବେ । ସେ କଲେଜ ଆସୁଥିବେ ନିଶ୍ଚୟ । ମୁଁ ଆସନ୍ତା ଶନିବାର ୪ଟା ଫ୍ଲାଇଟରେ ଦିଲ୍ଲୀ ଆସିବି । ଆଜି କୋରିଅର ସର୍ଭିସ୍ ଦ୍ୱାରା କିଛି ପଠାଉଛି । ମା' ଙ୍କୁ ଦେଇଦେବେ । ଗୋଟାଏ ଦୀର୍ଘ ନିଶ୍ୱାସ ନେଲେ ସୀମନ୍ତିନୀ । ଆଇ.ଏ.ଏସ ଅଫିସର ଋଷି । ତାଙ୍କ ଥ..... ଥ... ମ..... ମ କଥାରୁ ବୁଝିପାରିଥିଲା ନିଶ୍ଚୟ ଯେ ଅରୁନ୍ଧତୀ ତାଙ୍କ ପାଖରେ ନାହିଁ । ଯାହାହେଉ ମୃତ୍ୟୁ ଖବରଟି ବୁଝି ପାରିନି ।

କୋରିଅରରେ ଆସିଥିବା ଚଠି ଖଣ୍ଡି ଖୋଲି ପଢ଼ିଲେ ସୀମନ୍ତିନୀ ।

ISSN NO.
2582-208X

ମୋ ଅତି ଆଦରର ମା',

ସସ୍ନେହ ପ୍ରଣାମ ।

କଛି ଦିନ ପୂର୍ବରୁ ମୁଁ ତୁମକୁ କହିଥିଲି ଏଠାରେ କଛି ଅପ୍ରତ୍ୟାଶିତ ପରିସ୍ଥିତି ସୃଷ୍ଟିଛି । ତେଣୁ ସେ ସବୁର ସମାଧାନ ନ ହେବା ପର୍ଯ୍ୟନ୍ତ ମୁଁ ତୁମ ସହ ଯୋଗାଯୋଗ କରିବାରେ ଟିକଏ ଅସୁବିଧା ହେବ ।

ଖବରଟି ଅନ୍ୟ କଛି ନୁହେଁ ମା' । ତୁମ ସ୍ୱାମୀଙ୍କର ଚଢ଼ାଉ । ମନେ ଅଛି ମା', ଥରଟେ ମୁଁ ତୁମକୁ 'ସ୍ୱୈରଣୀ' ମା'ର ସଂଜ୍ଞା ପ୍ରଶ୍ନ କରିଥିଲି । ତୁମର ସ୍ୱାମୀ ମତେ ସେଇ ଶବ୍ଦଟି ଶୁଣାଇଥିଲେ । ଅବଶ୍ୟ ବହୁ ପୂର୍ବରୁ ତୁମର ହାବ ଭାବରୁ ମୁଁ କଛିଟା ଅନୁମାନ କରି ନେଇଥିଲି । ଏତେ ବର୍ଷ ଧରି ତୁମେ ତୁମ ସ୍ୱାମୀଙ୍କ ବିଷୟରେ ମତେ କଛି ନ କହି ବିଦେଶରେ ରହୁଛନ୍ତ କହିଥାଅ । ପିଲାଦିନେ ବିଶ୍ୱାସ କରିଯାଉଥିଲି । ମାତ୍ର ଟିକଏ ବଡ଼ ହେବା ପରେ ବୁଝି ଯାଇଥିଲି, ନଶ୍ଚିତ ଭାବେ କେଉଁ କାରଣରୁ ମୋ ବାପା, ମା ଙ୍କ ମଧ୍ୟରେ ମନୋମାଳନ୍ୟ ଘଟିଛି । ତେଣୁ ତା' ପରେ ମୁଁ ମୋର ବାପାଙ୍କ ବିଷୟରେ କୌଣସି ପ୍ରଶ୍ନ କରି ନ ଥିଲି । ଇଉ. ପି.ଏସ.ସି ବିଲଡିଂରେ ହଠାତ୍ ତାଙ୍କୁ ଦେଖି ମୁଁ ସଂପୂର୍ଣ୍ଣ ରୂପେ ବୁଝି ଯାଇଥିଲେ ମଧ୍ୟ ତୁମକୁ ଅବଗତ କରାଇ ତୁମଠାରୁ କଛି ଶୁଣିବା ପାଇଁ ଚାହୁଁଥିଲି । କାରଣ ମୋ ମନରେ ଥିଲା ଯଦି ପରିସ୍ଥିତି ବାପାଙ୍କ ନକଟରେ ମଧ୍ୟ ତୁମଭଳ ଥାଏ ତେବେ ମୁଁ ତୁମ ଦୁହିଁଙ୍କୁ ଏକାଠି କରି ପିଲାଦିନେ ନ ହେଲେ ମଧ୍ୟ ବର୍ତ୍ତମାନ ଠାରୁ ମାତା ପିତା ଉଭୟଙ୍କର ସ୍ନେହ ପ୍ରାପ୍ତ କରିବି । ସମାଜ ସାମ୍ନାରେ ମୁଣ୍ଡ ଟେକ, ଛାତି ଫୁଲାଇ କହିବି, ଏଇ ଦେଖ ମୋର ମାତା ପିତା ।

ହେଲେ ସବୁକଛି ପାଣି ଫୋଟକା ଭଳ ଉଭେଇ ଗଲା ମା । ବିଜ୍ଞାନ ରିପୋର୍ଟଟି ହାତଗଢ଼ା ହୋଇଥିବ, ତେଣୁ ଆଉଥରେ ପ୍ରତ୍ୟକ୍ଷରେ କରାଇବା ପାଇଁ ଦାବୀ କରିଥିଲି । ହେଲେ ମୁଁ ହାରି ଯାଇଥିଲି ମା' । ତୁମ ପାଖକୁ ଆସିଥିବା କୋର୍ଟ ଅର୍ଡର, ତୁମ ଜେଲ ଯିବା ଖବର ସବୁ ମୋ ପାଖରେ ପହଞ୍ଚିଥିଲା । କୋର୍ଟ ଅର୍ଡର, ବିଜ୍ଞାନ ପ୍ରମାଣ ସାମ୍ନାରେ ଲଢ଼ିବା ପାଇଁ ମୋର 'ଯୁ' ନଥିଲା ମା । ଅବଶେଷରେ ନର୍ଣ୍ଣୟ ନେଲି ସ୍ୱାଧୀନ ଭାରତରେ ଆମେ ସବୁ ଲୋକତାନ୍ତ୍ରିକ । ମୁଁ ଏବେ ପିଲା ନାହିଁ । ନଜକୁ ନଜେ ନର୍ଣ୍ଣୟ ନେବା ପାଇଁ ମୋର ବୟସ ଆସିଛି । ମୁଁ ମୋର ମା' କୁ ଆପଣାଇବି । ଏହି ଖବରଟି ମିଳବ ପରେ ତୁମ ଉପରେ

ISSN NO.
2582-208X

ଆଞ୍ଜ ନ ଆସୁ, ତେଣୁ ମୋର ତୁମକୁ ଅନୁରୋଧ ତୁମେ ସୌଛିକ ସେବା ନବୃତ୍ତି ପାଇଁ ଆବେଦନ ପତ୍ର ଜମା କର । ଆସନ୍ତା ଶନବାର ଯାଇ ରବିବାର ଆମେ ଏକାଠି ଗାନ୍ଧୀ ନଗର ଆସିଯିବା । ମୋ ନଷ୍ପତ୍ତି ପତ୍ର ଜମା କରି ସାରିବା ପରେ ମୁଁ ତୁମକୁ ସେଠାରେ ଏକାକୀ ଛାଡ଼ିବାକୁ ଦ୍ୱିଧା ମନେ କରୁଛି । କ୍ଷମା କରିବ, ଯେଉଁ ମଣିଷଟି ମୋ ପାଇଁ ସାର୍ ଜୀବନକୁ ଯଜ୍ଞ କୁଣ୍ଡରେ ଆହୂତି ରୂପେ ଉତ୍ସର୍ଗ କରି ଦେଇଥିବା ମଣିଷଟିକୁ 'ସ୍ୱୈରଣୀ' ଲାଞ୍ଛନା ଲଗାଇ ତାକୁ କାର୍‌ଦଣ୍ଡ ଭୋଗାଇ ପାରିଛି, ସେ ଯେ ନଜର ସ୍ୱାର୍ଥ ସିଦ୍ଧି କରିବା ପାଇଁ ଅନ୍ୟ କଛି ଚରମ ପଦକ୍ଷେପ ନ ନେବ ସେ କଥା ତୁମେ କହିପାରିବ ନା ମୁଁ ।

ବର୍ତ୍ତମାନର ଖବରଟି ବହୁଗୋପନୀୟ ।ମୋ ଆସିବା ପର୍ଯ୍ୟନ୍ତ ତାହା ତୁମ ଭିତରେ ରଖିବ ।

ତୁମ ଆଶୀର୍ବାଦ କାମନା କରି ରହୁଛି ।

ଋଷି

ଠିକ୍ କହୁଛୁ ଋଷି । ଚରମ ପଦକ୍ଷେପ ନେବାକୁ ଆଉ ବାକ ନାହିଁ ।

ଅନ୍ୟ ଏକ ଫୋନ୍ କଲ । ସେଇ ସମ୍ବାଦପତ୍ରର ଖବରର ଉତ୍ତର ବିଷୟରେ ହୋଇଥିବ ବୋଧେ । ଯାହା ପାଇଁ ବିଜ୍ଞାପନଟି ଉଦ୍ଧିଷ୍ଟ ଥିଲା ତାଙ୍କର ଠିକଣା ପାଇବା ବର୍ତ୍ତମାନ ମୂଲ୍ୟହୀନ । ତେଣୁ ଆଉ ଫୋନ୍ ଉଠାଇବାର ଯଥାର୍ଥତା ସୀମନନ୍ତୀ ଅନୁଭବ କଲେନ । ଋଷିର ସନ୍ଧାନ ପାଇବା ପର୍ଯ୍ୟନ୍ତସେ କଲେଜ ଯାଉ ନ ଥିଲେ । ତରତର ହୋଇ କଲେଜ ବାହାରି ପଡ଼ିଲେ । ଅଫିସ ଭିତରେ ପଶୁ ପଶୁ ପିଅନ ଚଠି ଖଣ୍ଡିଏ ତାଙ୍କ ହାତରେ ଦେଲା। ଅରୁନ୍ଧତୀ ମାଡ଼ାମଙ୍କ ନାମରେ ଚଠି ଆସିଥିଲା । ଆପଣଙ୍କୁ ଦେବା ପାଇଁ ପ୍ରିନ୍ସପାଲ୍ ସାହାବଙ୍କର ହୁକୁମ ଥିଲା ।

ଚଠି ଖଣ୍ଡିକ ହାତକୁ ନେଲେ ସୀମନ୍ତନୀ । ପ୍ରେରକ ଅରୁଣ ମିଶ୍ର । ନଶ୍ଚିତ ଭାବେ ସେଇ ବଦମାସ, ଦୁଷ୍ଟ, ଶଠ, ନୀଚ, ପାପୀ, ସ୍କେଲ, ସ୍କାଉଣ୍ଡ୍ରେଲର କେହି ସମ୍ପର୍କୀୟ । ବିରକ୍ତ ସହ ଚଠିଟି ଖୋଲିଲେ ସୀମନ୍ତନୀ ।

ହେ ଭାରତୀୟ ନାରୀ ଅରୁନ୍ଧତୀ ।

ISSN NO.
2582-208X

ମତେ ଏତେବଡ଼ ଗୋଟାଏ ଅନ୍ଧାର ଭିତରେ କାହିଁକି ରଖିଲ ଅରୁ ? ପ୍ରଥମ ସୋପାନରେ ବ୍ୟକ୍ତ କଲ "ବୟସର ପରିପକ୍ୱତା ଆସିନ ।" ଦ୍ୱିତୀୟ ପର୍ଯ୍ୟାୟରେ ଟ୍ରେନ ଭିତରେ ମାତ୍ର ଦୁଇ ତିନ ଘଣ୍ଟା ହେଲେ ବି ମୁଁ ଧରି ନେଲି ମୋ ପ୍ରତି ତୁମର ପ୍ରେମ ଲିଭି ନ ଥିଲା । ତୁମେ ବିଦେଶରେ ରହୁଥିଲ । ତୁମର କିଛି ସଠିକ୍ ଠିକଣା ସଂଗ୍ରହ କରି ନିଉୟାର୍କ ପ୍ରିନସ୍ଟନ୍ ୟୁନିଭରସିଟିରେ ପହଞ୍ଚି ଯାଇଥିଲି । ତୁମକୁ ପାଇବା ଆଶାରେ ଜନ୍ମ ମାଟିର ମାୟା ମମତା ଛାଡ଼ି ସେଇଠି ଚାକରୀ ଖଣ୍ଡିଏ ବାଛି ନେଲି । ହେଲେ ସମୟକ୍ରମେ ଖବର ମିଳିଲା ତୁମେ ନିଉୟାର୍କ ନୁହେଁ ବୋଧେ ନିଉୟର୍କ ୟୁନିଭରସିଟିରେ । ମୁଁ ନିଉୟାର୍କ ନିଉୟର୍କର ଫରକ ଜାଣି ନଥିଲି । ସାରା ନିଉୟର୍କରେ ତଦନ୍ତ କଲି । ଶେଷରେ ନିଉୟାର୍କ ୟୁନିଭରସିଟିରୁ ଖବର ମିଳିଲା, ତୁମେ ନିଜ ଦେଶ ଫେରି ଯାଇ ଜଣେ କେହି ମୁସଲମାନ ସହ ବିବାହ କରିଛ । ଖବରର ଆଦି ଅନ୍ତ ବୁଝିବା ମୋ ପାଇଁ ଏକ ଦୁଷ୍କର ବ୍ୟାପାର ଥିଲା । ବାପା ତୁମର ରୁଢ଼ିବାଦୀ ଥିଲେ । ଏହା କେମିତି ଗ୍ରହଣ କଲେ !! ନିଶ୍ଚୟ ଏହା ଉଡ଼ା ଖବର । ପୁଣି କେତେଦିନ ବାଦ ଖବର ମିଳିଥିଲା ତୁମ ପିତାଙ୍କର ଦେହାନ୍ତ ହୋଇଯାଇଛି । ଆଉ ବୁଝିବାରେ ବାକୀ ରହିଲାନି । ସାବତ ମା' ନିଶ୍ଚିତ ଭାବେ ତାଙ୍କର କୌଣସି କାମନା ସିଦ୍ଧ କରିବା ପାଇଁ ଏ ପଦକ୍ଷେପ ନେଇଛନ୍ତି । ପୁଣି ଏକ ଖବର । ତୁମେ ତୁମ ନିଜ ମନ ପସନ୍ଦ ଯୁବକଟି ବାଛି ନେଇଥିଲ । ସମାଜର ଭତ୍ସନା, ଅପବାଦ ସହିବା ଭୟରେ ତୁମେ କଟକ ଛାଡ଼ି ଆଲିଗଡ଼ ଚାଲିଗଲ, ପୁଣି କୌଣସି କାରଣରୁ ପରିବାର ତ୍ୟଜ୍ୟ କରି ଆସି ଦିଲ୍ଲୀରେ ସ୍ୱାମୀ ପୁତ୍ର ନେଇ ବସତି ସ୍ଥାପନ କରୁଛ । ମୋ ପାଇଁ ସତରେ ଏ ସବୁ ଗୋଟିଏ ଗୋଟିଏ ପହେଳୀ ଥିଲା । ବହୁ ଚେଷ୍ଟା ସତ୍ୱେ ବିଶ୍ୱାସ କରିପାରୁ ନଥିଲି । ସମୟକ୍ରମେ ନିଜକୁ ସିନା ବୁଝାଇ ପାରୁନଥିଲି । ମାତ୍ର ତୁମ ସୁନା ସଂସାରରେ ବାଧାଦେବାକୁ ମନ କହୁନଥିଲା । ହେଲେ ସମୟ କ୍ରମେ ଏତେଟା ଉତ୍ତାଳନ, ଯାହା ପୁଣି ପୁଅ ତୁମର ମର୍ଯ୍ୟାଦା ସହ ଆଇ.ଏ.ଏସ ପଦବୀ ହାସଲ କରିବା ପରେ ।

ନଳିନୀ ଯେ ବର୍ଷ ବର୍ଷ ଧରି ଗୋଟିଏ ନଳୁଆ ପାଲଟି ଯାଇ ସୁନ୍ଦର ସୁନ୍ଦର ପକ୍ଷୀ ମାନଙ୍କର ଶିକାର କରୁଛି ଏ କଥା ମଧ୍ୟ ତୁମେ ମତେ ଜଣାଇବା ପାଇଁ ଉଚିତ୍ ମନେ କଲନି । କେହି ନହେଲେ ମୁଁ ତୁମର ସେଇ ପିଲାଦିନର ବନ୍ଧୁ ଅରୁଣ ତ !

ମୁଁ ଜାଣେ ଅରୁ, ତୁମେ ସେଇ ସୀତା, ସାବିତ୍ରୀ ପରମ୍ପରାକୁ ବ୍ରତୀ ରୂପେ ଗ୍ରହଣ କରିଛ । ହେଲେ ଏବେ ମଧ୍ୟ ସମୟ ଅଛି ଅରୁ । ବଶିଷ୍ଠ ସିନା ହୋଇପାରିବିନି । ସେମିତି ଅରୁଣ

ISSN NO.
2582-208X

ରୂପରେ ରହି ତୁମ ମନର ଗ୍ଲାନିକୁ ତ ଲାଘବ କରିପାରିବି ! ଜାଣିଛ, ଆଜି ହେଉଛି ମକର ସଂକ୍ରାନ୍ତି । ଭଗବାନ ସୂର୍ଯ୍ୟଙ୍କର ଉପାସନାର ପର୍ବ, ଯାହା ଆମର ଭୌତିକ ଜୀବନରେ ନୂତନତ୍ୱ ଆଣି ଦେଇଥାଏ । ଆମ ଭିତରେ ଶୁଭତ୍ୱ ଓ ନବଜୀବନର ବୋଧ ଭରିଥାଏ । ବେଦରେ ଅଛି, ଏହି ଅବସରରେ ଯେଉଁଭଳି ସୂର୍ଯ୍ୟ ଦେବଙ୍କ କୃପା ହେତୁ ଅନ୍ନଦାତା ଆମକୁ ନବାନ୍ନ ଉପହାର ଦେଇଥାନ୍ତି, ଠିକ୍ ସେହିଭଳି ଏହି ଆଲୋକ ଆମକୁ ନକାରାତ୍ମକ ଠାରୁ ଦୂରେଇ ନୂତନ ସକାରାତ୍ମକ ବିଚାର ଗ୍ରହଣ କରିବା ଲାଗି ପ୍ରୋତ୍ସାହନ ଦେଇଥାଏ ।

କଲେଜ ସମୟରେ ନ ଆସି ଆସନ୍ତା ଶନିବାର ତୁମ ନିକଟରେ ପହଞ୍ଚୁଛି । ତୁମ ଠିକଣା ପାଇଁ ବ୍ୟସ୍ତ ହେବନି । ମୁଁ ତାହା ତୁମ କଲେଜ କର୍ମଚାରୀଙ୍କ ଠାରୁ ନେଇ ଆସିଛି ।

ଦୀର୍ଘ ବର୍ଷର ସେଇ ଉଜ୍ଜ୍ୱଳ ମୁଖୀ ତାରାଟିକୁ ଦେଖିବା ପାଇଁ ମନଟା ବ୍ୟାକୁଳ ହୋଇ ଉଠିଲାଣି ।

ଅରୁଣ ।

ଠିକ୍ କହିଛ ଅରୁଣ । ଅରୁ ଏବେ ତାରାଟିଏ । ଆକାଶର ଅରୁନ୍ଧତୀ ତାରକା ନୁହେଁ ସିନା ମୁକ୍ତ ଆକାଶରେ ଏକ ଉଜ୍ଜ୍ୱଳତ ତାରା । ଦଶମେଧ ଯଜ୍ଞରେ ତାର ବଳୀ ଦିଆଯାଇନି ସିନା ଜୀବନ ସାରା ଗୋଟିଏ ଜଳନ୍ତା ନିଆଁ କୁଣ୍ଡରେ ନଜର ଚନ୍ଦା, ଚେତନାକୁ ଜଳାଇ ବର୍ତ୍ତମାନ ତାର ଶରୀରଟିକୁ ମଧ୍ୟ ଆହୁତି ରୂପେ ତର୍ପଣ କରି ଦିଆଯାଇଛି । ଉକ୍ତ ତର୍ପଣ ଧର୍ଷଣ ଉପରାନ୍ତେ ଧର୍ଷଣକାରୀମାନଙ୍କ ଦ୍ୱାରା ଏସିଡ୍ ପ୍ଲାବିତ ଶରୀରଟିକୁ ଇନ୍ଧନ ଯୋଗାଇ ନୁହେଁ, ଅଥବା ଦୁର୍ବୃତ୍ତମାନଙ୍କୁ ସେମାନଙ୍କର ବାସନାକୁ ପ୍ରତ୍ୟାଖ୍ୟାନ କରି କାଠ ପଥର ଛେଚାରେ ପ୍ରାଣ ଛାଡ଼ିଥିବା ମହିଳାଟିକୁ ବାରବିକ୍ୟୁରେ ସଜାଇ ନୁହେଁ ପତି ପରମେଶ୍ୱରଙ୍କର ନବ ପ୍ରକଳ୍ପରେ ପ୍ରତିବନ୍ଧକ ରୂପେ ପ୍ରଜ୍ଜ୍ୱଳତ ନ ହେବା ପାଇଁ ସାଥୀ ବାହାନଟି ସହିତ ଅରୁନ୍ଧତୀକୁ ଜଳାଇ ଭସ୍ମ କରି ଦିଆଯାଇଛି । ସ୍ୱାର୍ଥ ଯଜ୍ଞରେ ଆହୁତି ।

(((–)))

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ପରିଚୟ



ସିନ୍ଧୁ ନନ୍ଦିନୀ

ମୁଁ କିଏ ମୋ ପରିଚୟ କଣ
 ସବୁ ତୁମେ ଜାଣ ନାଥ
ଜୀବନ ଜିବିକା ପରିଚୟ ସବୁ
 ତୁମ ପାଇଁ ଜଗନ୍ନାଥ

ମୋ ପରିଚୟ ମୋର ଅସ୍ତିତ୍ୱ
 ତୁମ ବିନା ମୂଲ୍ୟହୀନ
ଭଜି ଭଜି ତୁମ ନାମ ସଙ୍କୀର୍ତ୍ତନ
 ବିତୁ ମୋ ସାରା ଜୀବନ

ଜୀବନ ନଉକା ନାଉରି ତୁମେ ହେ
 ନାବ ହୁଏ ଟଳମଳ
ସୁଖେ ପାରି ହେବି ଏ ଭବ ସାଗରୁ
 ଥିଲେ ଧର୍ମ ପୁଣ୍ୟ ବଳ

ସମୟ ସହିତ ମୋ ପରିଚୟ
 ବଦଳୁଛି ବଦଳବ
ସବୁ ସମ୍ପର୍କର ତୁମେ ସୂତ୍ରଧର
 ତୁମ ନାମେ ଗ୍ଲେ ପଥ

ISSN NO.
2582-208X

ବେଳେବେଳେ ଭରି ବିତୃଷ୍ଣା ଲାଗୁଛି
କ ପାଇଁ ଜୀବନ ନାଟ
ଶରୀର ଦୁର୍ବଳ ପାଦ ଟଳମଳ
କେତେ ଦିନ ଆଉ କଷ୍ଟ

ତୁମ ପାଇଁ ପ୍ରଭୁ ପାଇଛି ଜୀବନ
ଶରଣ ଗଲି ମୁଁ ତବ
କରୁଣାର ବାରି ଝରୁ ଥିଲେ ପ୍ରଭୁ
ନାହିଁ କଛି ଆବଶ୍ୟକ

ଧନ ମାନ ଜନ କଛି ଲୋଡ଼ା ନାହିଁ
ତବ କୃପା ରଖିଥିବ
ଜୟଜିତ ହୁଏ ଜୀବନ ଯାତ୍ରାରେ
ହାତ ମୋର ଧରିଥିବ

ମୁଁ କଏ ଆଉ କ ଅବା ବର୍ଣିବି
ସବୁ ତ ତୁମରି ଦାନ
ରକ୍ତ ମାଂସ ରେ ଗଢ଼ା ଏ ଶରୀର
ପ୍ରଭୁ ମୁଁ ତୁମ ସନ୍ତାନ

(((-)))

ଭୁବନେଶ୍ୱର

ISSN NO.
2582-208X

# କଛି ସ୍ୱପ୍ନ ତୁମ ପାଇଁ



ପୂଜାରାଣୀ ସେଠୀ

ସମୟର ଅପରାହ୍ନରେ ତୁମେ ଯେବେ ଫେରିବ
ରାତି ଯେବେ କଳା ଓଢ଼ଣୀ ତଳେ ସଜେଇ ହବ
ଜହ୍ନ ଯେବେ ମୁରୁକି ହସୁଥିବ
ଫିକା କାସତଣ୍ଡି ଯେବେ ରଙ୍ଗ ଭରିବ
ସୁରୁଜ ଯେବେ ନାଲି ଶାଢ଼ୀ ପିନ୍ଧିବ
ସେତେବେଳେ କାନଭାସ ରେ ଅଙ୍କାଥିବା ସେ ଆଖି ହଳେରେ
ମୁଁ ଭବିଷ୍ୟତର ସ୍ୱପ୍ନ କୁ ଗଢ଼ିବି।...

ପକ୍ଷୀ ଯେବେ ଉଡାଣ ଭରିବ
ଢେଉ ଯେବେ କୂଳ ଛୁଇଁବ
ବୟସ ପ୍ରେମର ଚାଦର ଢାଙ୍କିବ
ଯେବେ ଫଗୁଣ ଫେରିବ
ଶ୍ରାବଣ ହସିବ
ବୋଉଳ ବାସିବ
ସେବେ ସେବେ ତୁମକୁ ନେଇ ଗଢିଥିବା ସେ ସ୍ୱପ୍ନ ଗୁଡା ଝଲସି ଉଠିବେ
ବାରମ୍ବାର ତୁମକୁ ମନେ ପକାଇ ଦେବେ
ତୁମେ କଣ, କାହିଁକି, ଆଉ କାହାର ?..

ISSN NO.
2582-208X

ସହରର ଅଚିହ୍ନା ବାଟରେ ଯେବେ ଠିକଣା ହଜିବ
ଅଜାଣତରେ ହେଲେବି ତୁମ ଗଳିରେ ପାଦ ଅଟକିବ
ଅଫିସରୁ ଫୁରସତ ନଥିଲେ ବି ତୁମେ ବସି ମୋ କଥା ଭାବିବ
ଭାବି ଭାବି ହସିବ
ସେବେ ନିଶ୍ଚୟ ମୋ ସ୍ୱପ୍ନର ଅର୍ଦ୍ଧେକ ତୁମର ହବ।...

ସେ ସ୍ୱପ୍ନ କହିଲେ ଆଉ କଣ କି ?...
ଏଇ ଭଙ୍ଗା ଗଢା ଜୀବନକୁ ସଜାଡି ନେଇ
ଆଖିଲୁହରେ ନଅର ତୋଳି
ମୁଠାଏ ହସକୁ ପୁଞ୍ଜି କରି
ଦୁନିଆର ମେଞ୍ଚାଏ ଛଳନାକୁ ସାମ୍ନା କରି
ଅବାସ୍ତବତାରେ ବାସ୍ତବତାର ଜାଲ ବୁଣି
କିଛି ସ୍ୱପ୍ନ ପୂରଣ କରି ଆଉ ଅର୍ଦ୍ଧେକ ଛାଡ଼ି ଦେଇ
ମୋକ୍ଷ ଆଡ଼କୁ ଯାତ୍ରା କରିବା।...

ଆଗାମୀ ଭବିଷ୍ୟତ ପାଇଁ
ଲୁହ ସହ ସନ୍ଧି କରି
ସ୍ୱପ୍ନସବୁ ପ୍ରସ୍ତୁତ ହେବେ
କିଛି ତୁମ ପାଇଁ ଆଉ କିଛି ମୋ ପାଇଁ ।....

(((–)))

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# ବିଶ୍ୱକୁ ଯୁଦ୍ଧ ନୁହେଁ, ଶାନ୍ତି ଆବଶ୍ୟକ



ଅସିତ ମହାନ୍ତ

ମାନବ ସଭ୍ୟତାର ଇତିହାସ ଯୁଦ୍ଧ ଏବଂ ସଂଘର୍ଷରେ ପରିପୂର୍ଣ୍ଣ। ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ, ଯୁଦ୍ଧ କେବଳ ବିନାଶ ଆଣିଛି। ଲକ୍ଷ ଲକ୍ଷ ନିରୀହ ଜୀବନ ହାରିଛି, ଅଗଣିତ ପରିବାର ନଷ୍ଟ ହୋଇଛି, ଏବଂ ପ୍ରଗତି ବନ୍ଦ ହୋଇଛି। ଯୁଦ୍ଧ କେବେ ସ୍ଥାୟୀ ସମାଧାନ ଆଣିନଥାଏ; ବରଂ, ଏହା ଅଧିକ ଘୃଣା, ହିଂସା ଏବଂ ଅସୁରକ୍ଷାକୁ ଜନ୍ମ ଦିଏ। ଆଜି, ଯେତେବେଳେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱକୁ ଏକ ବିଶ୍ୱ ଗ୍ରାମରେ ପରିଣତ କରିଛି, ସେତେବେଳେ ଯୁଦ୍ଧ ଅପେକ୍ଷା ଶାନ୍ତିକୁ ପ୍ରାଥମିକତା ଦେବା ଆହୁରି ଅତ୍ୟାବଶ୍ୟକ ହୋଇଗଲାଣି।

ଶାନ୍ତିର ଅର୍ଥ କେବଳ ଯୁଦ୍ଧର ଅନୁପସ୍ଥିତି ନୁହେଁ; ଏହା ଏକ ଏପରି ରାଜ୍ୟ ଯେଉଁଠାରେ ଲୋକମାନେ ପରସ୍ପରକୁ ସମ୍ମାନ, ସହଯୋଗ ଏବଂ କରୁଣା ସହିତ ବ୍ୟବହାର କରନ୍ତି। ଶାନ୍ତି ସାମାଜିକ ବିକାଶକୁ ସକ୍ଷମ କରେ। ଶିକ୍ଷା, ସଂସ୍କୃତି ଏବଂ କଳା ବିସ୍ତାର କରେ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମାନବ କଲ୍ୟାଣ ପାଇଁ ବ୍ୟବହୃତ ହୁଏ। ବିପରୀତରେ, ଯୁଦ୍ଧ ସମ୍ବଳକୁ ନଷ୍ଟ କରେ, ବିଶ୍ୱାସ ଭାଙ୍ଗିଥାଏ ଏବଂ ଭବିଷ୍ୟତ ପିଢ଼ିର ଭବିଷ୍ୟତକୁ ଅନ୍ଧକାରମୟ କରିଥାଏ।ଆଜିର ବିଶ୍ୱରେ, ଯେତେବେଳେ ପ୍ରତ୍ୟେକ ଦେଶ ଆର୍ଥିକ ଏବଂ ସାମାଜିକ ଚ୍ୟାଲେଞ୍ଜ ସହିତ ସଂଘର୍ଷ କରୁଛି, ଯୁଦ୍ଧ କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଯଦି ଯୁଦ୍ଧରେ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦାରିଦ୍ର୍ୟ ଦୂରୀକରଣରେ ବିନିଯୋଗ କରାଯାଏ, ତେବେ ମାନବଜାତି ପ୍ରକୃତ ଲାଭ ପାଇପାରିବ। କେବଳ ଶାନ୍ତି ହିଁ ଦେଶମାନଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ

ISSN NO.
2582-208X

ଏବଂ ଜଳବାୟୁ ପରିବର୍ତ୍ତନ, କ୍ଷୁଧା ଏବଂ ଅସମାନତା ଭଳି ବିଶ୍ୱ ସମସ୍ୟାର ସମାଧାନ କରିବ। ଯୁଦ୍ଧ କେବଳ ସୀମାରେ ଲଢ଼ିବା ସଂଘର୍ଷ ନୁହେଁ; ଏହା ମାନବତା ବିରୁଦ୍ଧରେ ଅପରାଧ। ଯେତେବେଳେ ବୋମା ପଡ଼େ, ସେମାନେ ସୈନିକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ପାର୍ଥକ୍ୟ କରନ୍ତି ନାହିଁ। ଶିଶୁ, ମହିଳା ଏବଂ ବୃଦ୍ଧମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ଯୁଦ୍ଧ କେବଳ ଧ୍ୱଂସାବଶେଷ ଛାଡିଥାଏ, ଏବଂ ଏହାର ଯନ୍ତ୍ରଣା ପିଢ଼ି ପରେ ପିଢ଼ି ପାଇଁ ଅନୁଭୂତ ହୁଏ। ବିପରୀତରେ, ଶାନ୍ତି ସମାଜରେ ବିଶ୍ୱାସ ଏବଂ ଭାଇଚାରାର ପରିବେଶ ସୃଷ୍ଟି କରେ।

ଶାନ୍ତିର ପଥ ନିଶ୍ଚିତ ଭାବରେ କଷ୍ଟକର, ଧୈର୍ଯ୍ୟ, ଆଲୋଚନା ଏବଂ ଆପୋଷ ଆବଶ୍ୟକ କରେ। କିନ୍ତୁ ଏହି ପଥ ସ୍ଥାୟୀ। ଯଦି ବିଶ୍ୱର ସମସ୍ତ ଦେଶ ମିଳିତ ଭାବରେ ଶାନ୍ତିକୁ ପ୍ରାଥମିକତା ଦିଅନ୍ତି, ତେବେ ଦାରିଦ୍ର୍ୟ, କ୍ଷୁଧା ଏବଂ ଅସମାନତା ଭଳି ସମସ୍ୟାର ସମାଧାନ କରିବା ସମ୍ଭବ ହେବ। ଏକ ଜାତିର ଶକ୍ତି ଏହାର ସାମରିକ ଶକ୍ତିରେ ନୁହେଁ, ବରଂ ଏହାର ନାଗରିକଙ୍କ ସମୃଦ୍ଧି ଏବଂ ଶାନ୍ତିରେ ରହିଛି। ଆଜିର ସମୟରେ, ଏହା କହିବା ଉପଯୁକ୍ତ ଯେ ବିଶ୍ୱକୁ ଯୁଦ୍ଧ ନୁହେଁ, ଶାନ୍ତି ଆବଶ୍ୟକ। ଶାନ୍ତି ହେଉଛି ଏକମାତ୍ର ପଥ ଯାହା ଆମକୁ ଏକ ଉତ୍ତମ, ସୁରକ୍ଷିତ ଏବଂ ଅଧିକ ମାନବୀୟ ଭବିଷ୍ୟତ ଆଡ଼କୁ ନେଇଯାଏ। ଯେପର୍ଯ୍ୟନ୍ତ ଆମେ ଶାନ୍ତିକୁ ଆମର ସାମୂହିକ ଦାୟିତ୍ୱ ଭାବରେ ଗ୍ରହଣ ନ କରୁ, ସେପର୍ଯ୍ୟନ୍ତ ପ୍ରକୃତ ପ୍ରଗତି ସମ୍ଭବ ହେବ ନାହିଁ। ଯୁଦ୍ଧ କେବଳ ବିନାଶ ଆଣିଥାଏ, ଯେତେବେଳେ ଶାନ୍ତି ଆଶା, ବିଶ୍ୱାସ ଏବଂ ପ୍ରଗତି ପାଇଁ ପଥ ପ୍ରଶସ୍ତ କରେ। ତେଣୁ, ଆମକୁ ଯୁଦ୍ଧପ୍ରିୟ ମାନସିକତା ପରିତ୍ୟାଗ କରି ଶାନ୍ତିର ସଂସ୍କୃତିକୁ ଗ୍ରହଣ କରିବାକୁ ସଂକଳ୍ପ ନେବାକୁ ପଡିବ। ଏହା ହେଉଛି ମାନବତାର ପ୍ରକୃତ ଧର୍ମ, ଏବଂ ଏହା ହେଉଛି ବିଶ୍ୱକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେଇଯିବାର ପଥ।

(((–)))

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର/୯୪୩୭୨୮୮୦୨୮

ISSN NO.
2582-208X

# ସୁପର୍ ହିଟ୍ ଯାତ୍ରା



ଆକୁଳାନନ୍ଦ ପୃଷ୍ଟି

କେଉଁ ପିଶାଚନୀ ତୁମର ଜନନୀ
କେଉଁ ପଶୁ ଅବତଂସ
ବିଦ୍ୟାଳୟ କଲ ବ୍ୟଭିଚାରାଳୟ
ଏହା ଓଡ଼ିଶା ନା ଲଙ୍କା ଦେଶ ?

ଶିକ୍ଷୟିତ୍ରୀ ଜଣେ ସଂପୃକ୍ତ ଏଥିରେ
ଚରିତ୍ରକୁ ନେଇ ଖେଳ
ନିଜ ଚରିତ୍ରର କଣା ସଂଖ୍ୟା କେତେ
ହିସାବ ଦେବାର ବେଳ ।

ଗୁରୁ ଗଉରବ ମାଟିରେ ମିଶିଲା
ମୁହଁରେ ବୋଳିଲ କଳା
ଅପରାଧ ତୁମ ରେଡ୍ ଫ୍ଲାଗ ମାର୍କା
ଆସୁଛି ପୋକ୍ସୋ କୀଳା ।

ମୃତ୍ୟୁଦଣ୍ଡ ଯଦି ପ୍ରାପ୍ୟ ନ ହେଲା
କୋଡିଏ ବର୍ଷ ରହି
ପାଞ୍ଚ ଅପରାଧୀ ଘର ବାହୁଡ଼ିବ
ଗଳାରେ ଗଜରା ନାଇ ।

ISSN NO.
2582-208X

ଫେରିବା ବାଟକୁ ଲୋକେ ଗୁହିଁଥିବେ
କରିବେ ଚପଲ ପୂଜା
ନର୍ଦ୍ଦମା ପାଣିରେ ଅଙ୍ଗ ଧୌତ କରି
ବଜାଇବେ ଡିଜେ ବାଜା ।

ଜଣେ ନାଗରୀକୁ ନାଗର ଗୁଆରି
ଗ୍ତିକ ଗ୍ତରି ପ୍ରହର
ପ୍ରତି ପ୍ରହରକୁ ଜଣେ ନାଗର
ନାଗରୀର ହେବେ ବର ।

ଶାଳନତା ଶବ୍ଦ ତୁମକୁ ଅଲୋଡ଼ା
ଭୁଲିଗଲ ଶିଷ୍ଟାଗ୍ତର
କେଉଁ ସମ୍ବୋଧାନ କରିବେ ସମସ୍ତେ
ବରେନ୍ଦ୍ର ବର୍ଣ୍ଣଶଙ୍କର ।

ଧନ୍ୟ ଗୁରୁ , ଗୁରୁ ମାତା
ନାଟକ ଲେଖିବେ ନାଟ୍ୟକାରମାନେ
ସୁପର୍ ହିଟ୍ ହେବ ଯାହା ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ - ୯୪୩୭୮୬୪୫୬୨

ISSN NO.
2582-208X

# ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ସ୍ଥିତିବାଦୀ ଚେତନା

ସାଇ ସ୍ୱାଗତ ନାୟକ

ମଣିଷର ଅସ୍ତିତ୍ୱ ସମ୍ପର୍କିତ ଦର୍ଶନ ହିଁ ସ୍ଥିତିବାଦ । ମଣିଷକୁ ଧର୍ମ ସଂସ୍କୃତି ପରମ୍ପରା ନୈତିକତା ତଥା ବ୍ୟବସ୍ଥାର ବନ୍ଧନରୁ ମୁକ୍ତ କରି ତାର ଇଚ୍ଛା ଆବେଗ ଓ ଉପଲବ୍ଧିକୁ ଗୁରୁତ୍ୱ ଦେବା ହେଉଛି ଅସ୍ତିତ୍ୱବାଦର ପ୍ରଥମ ଦାୟିତ୍ୱ । ବୁଦ୍ଧି ନୁହେଁ ମଣିଷର ଅନୁଭବ ହିଁ ସବୁକିଛି । ଅନୁଭବକୁ ଘେନି ମଣିଷ ବଞ୍ଚେ । ମଣିଷ ପ୍ରମାଣ ବଳରେ ନୁହେଁ, ବିଶ୍ୱାସ ବଳରେପରମ ସତ୍ୟକୁ ଗ୍ରହଣ କରିପାରେ ।

ଏହି ଅସ୍ତିତ୍ୱବାଦୀ ଚେତନା ବିଶ୍ୱ ସାହିତ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସାମାଜିକ ଜୀବନର ବିଖଣ୍ଡିତ ରୂପ ପରିପ୍ରେକ୍ଷୀରେ ଧ୍ୱଂସ, ଯନ୍ତ୍ରଣା, ହାହାକାର ଓ ଶୂନ୍ୟତା ବୋଧରୁ ଜନ୍ମଲାଭ କରିଥିଲା । ମାର୍ଟିନ୍ ହାଇଡ୍‌ଗାର (Martin Heidigger) Destruction ଫିଯୋର ଜ୍ୟାକଙ୍କ ଦ୍ୱନ୍ଦତତ୍ୱ ଏବଂ ହେଗେଲ୍‌ଙ୍କ ବସ୍ତୁବାଦର ଦାର୍ଶନିକ ପୃଷ୍ଠଭୂମି ଉପରେ ଆଧାରିତ ହୋଇ ଏହି ଅସ୍ତିତ୍ୱବାଦୀ ଚେତନା ହିଁ ଆତ୍ମପ୍ରକାଶ କରିଥିଲା । ଯାହାର ପ୍ରମୁଖ ପୃଷ୍ଠପୋଷକ ଓ ପ୍ରବର୍ତ୍ତକ ଥିଲେ ସୋରେନ୍ କିଅର - କେଗାର୍ଡ୍ । ପରବର୍ତ୍ତୀ କାଳରେ ଏହି ଚେତନା ବିସ୍ତାର ଲାଭ କଲା ସାର୍ତ୍ରେ, କାମ୍ୟୁ କାଫ୍‌କା ଇତ୍ୟାଦି ଚିନ୍ତାଦାୟକଙ୍କ କଳା ବା ସାହିତ୍ୟରେ । ମଣିଷ କେଉଁ ଗୋଷ୍ଠୀ ଉପରେ ନିର୍ଭରଶୀଳ ନୁହେଁ । ସେ ଆସିଥିଲା (ଜନ୍ମବେଳେ) ଏକା ଯିବ (ମୃତ୍ୟୁବେଳେ) ବି ଏକା । ତେଣୁ ସେ ସମାଜ ଭିତରେ ଥାଇବି ଏକକ ଜୀବନ ବିତରଣ କରେ । ସେ ନିଜେ ତାର କାର୍ଯ୍ୟ କାରଣ ଓ ପ୍ରତିକ୍ରିୟାର ଏକମାତ୍ର ହର୍ତ୍ତା କର୍ତ୍ତା । କୌଣସି ଅନୁଷ୍ଠାନ ସଙ୍ଗଠନ ଜିନ୍ଦାବାଦ ମୁର୍ଦ୍ଦାବାଦ ଭିତରେ ସେ ବନ୍ଦୀ ନୁହେଁ। ଅସ୍ତିତ୍ୱବାଦ ମଣିଷର ଏହାହିଁ ଉପଲବ୍ଧି ।'The Existentialists resemble on another more in their negative attitudes, their common revolt against crtain dominant philosophical, religious, social." Political and literary ideas and trends, than in their positive teaching (୧).

ISSN NO.
2582-208X

କୌଣସି ଧାର୍ମିକ ଅନୁଷ୍ଠାନ ଓ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସ୍ଥିତିବାଦ ନିର୍ଭରଶୀଳ ନୁହେଁ । ତା ମତରେ ପ୍ରତ୍ୟେକ ମଣିଷ ଅନନ୍ୟ ଓ ଅନ୍ୟତମ । ଆତ୍ମ ଜିଜ୍ଞାସାହିଁ ତାର ମୌଳିକତା । ତେଣୁ ସ୍ଥିତିବାଦ ମଣିଷର ମାନବୀୟ ସତ୍ତା (ଏସେନ୍ସ) ଉପରେ ବିଶ୍ୱାସ ନକରି କୁହେ – Existence precedes essence ଯାହାର ଆକ୍ଷରିକ ଅର୍ଥ ହେଲା ମଣିଷର ଅସ୍ତିତ୍ୱ ପ୍ରଥମ, ମଣିଷର ସଂଜ୍ଞା ବା ବ୍ୟକ୍ତିତ୍ୱ ତା ପରେ । ନିରନ୍ତର ଦ୍ୱନ୍ଦ, ସଂଘାତ, ତଥା ଯୁଦ୍ଧକ୍ଷାନ୍ତ ପୃଥିବୀର ଦୁଃଖ ବେଦନା ଓ ଶୂନ୍ୟତାବୋଧରୁ (୧୯୪୭ ପରବର୍ତ୍ତୀ) ସ୍ଥିତିବାନ ଜନ୍ମଲାଭ କରିଥିଲା ସତ ମାତ୍ର ବସ୍ତୁପଣର ପ୍ରାବଲ୍ୟ ସହରୀକରଣ, ଶିଳ୍ପାୟନ, ନୂତନ ଉପନିବେଶବାଦୀ ଚିନ୍ତନ, ଘରୋଇ କରଣ, ବିଶ୍ୱବଜାରରେ ଭିଡ଼, ଅର୍ଥନୀତିକୁ ଅସଂତୁଳନ ଶୋଷଣ ଓ ସାମାଜିକ ବିଭେଦ, ପାରିବାରିକ ଅସ୍ଥିରତାର ପ୍ରଭାବ ଅଧିକ ମାତ୍ରାରେ ଜନଜୀବନକୁ ପ୍ରଭାବିତ କଲା ୧୯୭୦ ପରବର୍ତ୍ତୀ ସମାଜ ଜୀବନକୁ । ଯାହା ମଣିଷର ବଂଚିବା ବାଟରେ ଠିଆ କରାଇଲା ମେଞ୍ଚା ମେଞ୍ଚା ନିରର୍ଥକତା, ଅସହାୟତା, ନିଃସଙ୍ଗତା, ଏକାକୀତ୍ୱ ତଥା ବିଚ୍ଛିନ୍ନତା ଭାବ । ତାରି ମଧ୍ୟରୁ ଉପାଦାନ ସାଉଁଟିଲେ ସ୍ଥିତିବାଦୀ ଚିନ୍ତାନାୟକମାନେ ।

ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବା ୧୯୪୭ ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ଥିତିବାଦର ବୀଜ ରୋପଣ ହୋଇଛି କିନ୍ତୁ ଏହା ଡ଼ାଳପତ୍ର ମେଲିଛି ୧୯୭୦ ପରବର୍ତ୍ତୀ ଗଳ୍ପ ସାହିତ୍ୟରେ ମାତ୍ର ଏହା ପତ୍ର, ଫୁଲ ଫଳର ସବୁଜିମାରେ ଭାରି ପଡ଼ିଛି । ୧୯୮୦ ପରବର୍ତ୍ତୀ ଗଳ୍ପ ସାହିତ୍ୟରେ । ସୁରେନ୍ଦ୍ର ମହାନ୍ତି, ଗୋପୀ ନାଥ ମହାନ୍ତି, କିଶୋରୀ ଚରଣ, ଅଖିଳ ମୋହନ ମହାପାତ୍ର, ନିଳମଣୀଙ୍କ ସ୍ଥିତିବାଦୀ ଚେତନାକୁ ନେଇ ସୃଷ୍ଟ ରଚନାର ପ୍ରଭାବ ପଡ଼ିଛି ତାଙ୍କ ପରବର୍ତ୍ତୀ ପିଢ଼ୀ ଉପରେ /ଥଙ୍ଗେଇ – ମଙ୍ଗେଇ ହୋଇ ଚାଲୁଥିବା ଡ଼ଙ୍ଗାଟି ଉତ୍ତର ଅଶି ଗଳ୍ପ ସାହିତ୍ୟରେ ପ୍ରଖର ସୁଅରେ ପଡ଼ି ଆଗକୁ ଆଗକୁ ଧାବିତ ହୋଇଛି । ୧୯୮୦ ଏମିତି ବିଭାଜିତ ରେଖା ନୁହେଁ ଯେମିତି ୧୯୪୭ ମସିହାର ସ୍ୱାଧିନ ଭାରତବର୍ଷର ସ୍ୱପ୍ନ । କିନ୍ତୁ ସାହିତ୍ୟ କ୍ଷେତ୍ରରେ ୭୦-୮୦ ନିଶ୍ଚୟ ଏକ ପରିବର୍ତ୍ତନର ଆରମ୍ଭ କାଳ ।

୧୯୮୦ ପରବର୍ତ୍ତୀ ସାହିତ୍ୟ କହିଲେ ଆମେ ସେହିମାନଙ୍କୁ ବୁଝିବା ଯେଉଁମାନେ କି ୮୦ ପୂର୍ବରୁ ବଳବତ୍ତର ଥିଲେ ଯଥା – ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, କିଶୋରୀ ଚରଣ, ଶାନ୍ତନୁ କୁମାର, ବିଭୂତି ପଟ୍ଟନାୟକ ଏବଂ ବୀଣାପାଣି ମହାନ୍ତି ଇତ୍ୟାଦିଙ୍କୁ ଏହା

ISSN NO.
2582-208X

ସହିତ ସେହି କାଳଖଣ୍ଡକୁ ମାଡ଼ିବସିଥିବା ରାମଚନ୍ଦ୍ର ବେହେରା, ରବି ପଟ୍ଟନାୟକ, ଚନ୍ଦ୍ରଶେଖର ରଥ, ପ୍ରତିଭା ରାୟ, ହୃଷିକେଶ ପଣ୍ଡା, କହ୍ନେଇଲାଲ, ଅଶୋକ ଚନ୍ଦନ, ଜଗଦୀଶ ମହାନ୍ତି ଇତ୍ୟାଦି ଗାଳ୍ପିକଙ୍କୁ ଏତଦ୍ ବ୍ୟତୀତ ଲେଖନୀ ସହିତ ଶତମୁଖର ଥିବା ଏବଂ ଏକା ସମୟରେ ଗଳ୍ପ ଲେଖାରେ ଥାଇ ବୟସ - ଅଭିଜ୍ଞତା - ପତ୍ର ପତ୍ରିକାରେ ସକ୍ରିୟ ଗୌରହରି ଦାସ । ସଦାନନ୍ଦ ତ୍ରୀପାଠି, ଭୀମ ପୃଷ୍ଟି, ସତ୍ୟ ମିଶ୍ର, ଅର୍ଚ୍ଚନା ନାୟକ, ଜ୍ୟୋସ୍ନା ରାଉତରାୟ, ପ୍ରଦୀପ ଦାସ, ଉତ୍ତମ ଚରଣ, ସୁସ୍ମିତା ବାଗ୍‌ଚୀ ଆଦି ନୂତନ ପିଢ଼ୀ ଉଭା ହେବାକୁ ଲାଗିଲେ ।

ଏବେ ଆମେ ଆଲୋଚନା କରିବା ମହାପାତ୍ର ନୀଳମଣି ସାହୁଙ୍କ ଠାରୁ । ଉଣେଇଶ ଅଶୀ ପରବର୍ତ୍ତୀ ତାଙ୍କର ଅଳ୍ପ କିଛି ରଚନାରେ ସ୍ଥିତିବାଦୀ ଭାବଧାରା ପ୍ରତିପନ୍ନ ହୋଇଛି । ଇତିଉକ୍ତି - ଜାରଯେନ, ପୁରୁଷାୟିତ, ପାପା ଓ ମୁକ୍ତି ବିବେଦିତାର ନୈଶାଭିସାର ଇତ୍ୟାଦି ଗଳ୍ପର ଚରିତ୍ରମାନେ ଉଦ୍ଭଟ । ସ୍ଥିତିବାଦୀ ଦାର୍ଶନିକମାନଙ୍କ absurd ର ସଜ୍ଞା ଅନୁଯାୟୀ କେବେ ସମାଜ ସହ ସଂସ୍ଲିଷ୍ଟ ହୋଇ ରୁହନ୍ତି ପୁଣି, କେବେ ବିଚ୍ଛିନ୍ନ ହୋଇଯାଆନ୍ତି ଏହି ଚରିତ୍ରମାନେ । ପାପ ଓ ମୁକ୍ତି  ଗଳ୍ପଟିରେ ମଣିଷର ଏକ ବିଚିତ୍ର ତଥା ନିବୁଜ ଚେତନାର ଉନ୍ମିଳିତ ହୋଇଛି । ଖାଦ୍ୟ, ବସ୍ତ୍ର, ବାସଗୃହ ପରି ମଣିଷ ପାଇଁ କାମତୃପ୍ତିର ବି ଆବଶ୍ୟକ ରହିଛି । ସେଇ କାମନାର ପରିତୃପ୍ତି ପାଇଁ ମନ ଭିତରର ଶୂନ୍ୟତାକୁ ପ୍ରଚଣ୍ଡ ଓ ପ୍ରଗାଢ଼ ଅନୁଭୂତି ଦ୍ୱାରା ଭରିଦେବାକୁ ହେବ ପ୍ରଗାଢ଼ ପାପ କର୍ମ ଦ୍ୱାରା । ଗାଳ୍ପିକ କୁହନ୍ତି - "କୌଣସି ଶୂନ୍ୟତା ପ୍ରଗାଢ଼ ପାପକର୍ମ ଓ ପାପବୋଧ ବ୍ୟତୀତ ପୂର୍ଣ୍ଣ ହୁଏ ନାହିଁ । ପାପ ହିଁ ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରିପାରେ ।(୨) ମନୁଷ୍ୟ ତା'ର ଜୀବନ ତାର ପ୍ରବୃତ୍ତିକୁ ଗୁରୁତ୍ୱଦେବା । ସମସ୍ତ ଦୋଷ ତୃଟି କଳଙ୍କ ସହିତ ମହତ୍ତର ବୋଲି ପ୍ରତିବାଦନ କରିବା ମଧ୍ୟରେ (ପାପ ଓ ମୁକ୍ତି ) ମଧ୍ୟରୁ ସ୍ଥିତିବାଦର ଦର୍ଶନ ମୁଣ୍ଡ ଟେକେ ।

କାଫ୍‌କାଙ୍କ ମତରେ ମଣିଷ ତା ଜୀବନ ପାଇଁ ଯାହା ଅଭିପ୍ରେତ ତାହାହିଁ ସେ କରୁ। ମଣିଷ ପାଇଁ ପୂଣ୍ୟର ଯେଉଁ ସଂଜ୍ଞା ନିରୂପଣ ହୋଇଛି ସେ ଦୃଷ୍ଟିରୁ ବିଚାର କଲେ ସବୁ ଜୀବନ ପାପମୟ । ମନୁଷ୍ୟର ସତ୍ତା ତା'ର ସୁଖ, ଦୁଃଖ, ଆଶା, ଆକାଂକ୍ଷା, ଆବେଗାନୁଭୂତି ଉପରେ ପ୍ରଥା, ସାମାଜିକ ଚଳଣି, ସତ୍ୟ, ନିୟତି, ସଂସ୍କୃତି ମୂଲ୍ୟବୋଧ ସବାର ହୋଇ ବସିଛି । ନିବେଦିତାର ନୈଶାଭିସାର' ଗଳ୍ପରେ ନିବେଦିତାର ଚିତ୍ତବୃତ୍ତିରେ ପ୍ରେମାନୁରାଗ, ତା-ପ୍ରାପ୍ତି ଆକଂକ୍ଷା, ଦେହକ୍ଷୁଧା - ଯାତ୍ନା, ଜୀବନ ଶୈଳୀ - ସ୍ୱପ୍ନ, ବିଶ୍ୱାସ -

ISSN NO.
2582-208X

କାର୍ଯ୍ୟଧାରା ଯେମିତି ସ୍ୱାଭାବିକ ସେତିକି ଅବିଶ୍ୱସନୀୟ । ପୁଣି କେବେ ବାସ୍ତବ ଜଗତର ସୁଖ -ସନ୍ତୋଷ ଭିତରେ ବୃଡ଼ି ରହିଥିବା ନିବେଦିତର ଅନ୍ତଃ ସ୍ଥଳରେ ନିଃସଙ୍ଗ ଓ ହତାଶାବୋଧରେ ଜର୍ଜରିତ ହୋଇଉଠେ । ତାଙ୍କର ଅନ୍ୟ ଏକ ଗଳ୍ପ 'ଶବ ଯାତ୍ରର ଶେଷ ଦୃଶ୍ୟ'ରେ କାମ୍ୟୁଙ୍କ outsider ର ପ୍ରଭାବ ପରିଲକ୍ଷିତ ହୁଏ । କାମ୍ୟୁଙ୍କ ନାୟକ ମିୟୁର ସିଲଟ ଯେପରି ତାର ମାଆ ମରିଯିବାର ପର ଦିନଟିକୁ ମଜ୍ଜାରେ କଟାଇଛି ଓ ଜଣେ ଝିଅକୁ ପ୍ରେମ କରିଛି, ସେହିପରି ନିଳମଣୀଙ୍କ ଗାଳ୍ପ ନାୟକ ଏକ ଆତ୍ମୀୟଙ୍କ ଶୋଭାଯାତ୍ରରେ ଯାଉ ଯାଉ ରିକ୍ସାରୁଢ଼ା ପ୍ରେମିକା ସହିତ ତା ପ୍ରେକୋଷ୍ଠରେ ଦୈହିକ ମିଳନରେ ପ୍ରମତ୍ତ ହୋଇଛି । ତାପାଇଁ ସମୟ ସ୍ଥାନ, କାଳ ପାତ୍ର ସବୁ ସମାନ । ଅର୍ଥାତ୍ କିଛି ମୂଲ୍ୟବୋଧ ନାହିଁ । ତା'ର ଜୀବନର ଘଟଣାମାନ ଆକସ୍ମିକ । ପ୍ରେମ ଓ ମୃତ୍ୟୁ ସବୁ ସ୍ୱାଭାବିକ ଘଟଣା ।

ଜୀବନ ହଜାରେ ପ୍ରତିକୂଳତା ସତ୍ତ୍ୱେ ଫୁଟିଉଠେ ପୁଣି ପାଖୁଡ଼ା ମେଲାଏ । ଏହାହିଁ ସ୍ତୁତି କରିଛନ୍ତି ମନୋଜ ଦାସ । ମଣିଷ ଭିତରେ ଆଶା ପ୍ରଚୁର । ସଫଳତା ହାତ ପାହାନ୍ତାରେ । ଆନନ୍ଦ ଅନେକ । ତଥାପି ତା ହୃଦୟରେ ଅସହାୟତା ରାଜ କରୁଥାଏ । ନାନା ଅପ୍ରାପ୍ତି, ବ୍ୟଞ୍ଜନା, ହତାଶା ଓ ଅସଫଳତା ଭିତରେ ବି ମଣିଷ ଆଶା ବାନ୍ଧେ, ସ୍ୱପ୍ନ ଦେଖେ ତାଭିତରେ ସଞ୍ଚାରିତ ହେଉଥିବା ଉତ୍ତୀର୍ଣ୍ଣ ଅନୁଭବ ପ୍ରତି ଉନ୍ମiଖୁତାକୁ ସେ ପରମ ଶ୍ରଦ୍ଧାର ସହିତ ଲକ୍ଷ୍ୟ କରିଛନ୍ତି । ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପରେ ନିଃସଙ୍ଗତା ଓ ଅସହାୟତା ଯେମିତି ହାତ ଧରାଧରି ହୋଇ ବାଟ ଚାଲନ୍ତି । ମନୋଜ ଦାସଙ୍କ ଗଳ୍ପରେ ଭାବ ସ୍ପନ୍ଦନକୁ ବେଢ଼ି ରହିଥିବା ନିଃସଙ୍ଗତା ଓ ଅସହାୟତାର ଦିଗ ସଂପର୍କରେ ଡ଼କଫର ଶତୃଘ୍ନ ପାଣ୍ଡବଙ୍କ ମତ ହେଲା – "ଆଧୁନିକ ସମୟ ଅଧିକ ଗତିଶୀଳ ଏବଂ ଜୀବନ ଅଧିକ ସମସ୍ୟାକ୍ଳିଷ୍ଟ ହୋଇଥିବା ହେତୁ ନିଃସଙ୍ଗତା ଓ ଅସହାୟତା ଅଧିକ ଭାବେ ଜୀବନରେ ତଥା ସାହିତ୍ୟ ସର୍ଜନାରେ ମୂର୍ତ୍ତିମନ୍ତ ହୋଇ ଉଠିଛନ୍ତି । ଏ କ୍ଷେତ୍ରରେ ଗାଳ୍ପିକ ମନୋଜ ଦାସଙ୍କ ସ୍ୱତନ୍ତ୍ର ବକ୍ତବ୍ୟ ରହିଛି । ତାଙ୍କ ଗଳ୍ପର ଭାବଭୂମି ସମକାଳର କଥାକୁ ରୂପ ଦେଉଥିଲେ ମଧ୍ୟ ଚିରନ୍ତନ ମାନବୀୟ ସମସ୍ୟାକୁ ଦୃଷ୍ଟିରେ ରଖିଥାଏ । ଗାଳ୍ପିକଙ୍କ ମତରେ ଦୁଃଖ ଓ ଅସହାୟତା ଆଦି ଭାବ ଏକାନ୍ତ ଭାବେ ମୌଳିକ, ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନରେ ତାହା ଦୂର ହୋଇଯାଏ ନାହିଁ ।" (୩) ତାଙ୍କର 'ଅଲିଖିତ' 'ଉତ୍ତରଭାଗ' 'ଅନ୍ଧକାର' 'ଏକ ସୂର୍ଯ୍ୟାସ୍ତ' 'ଶତ୍ରୁ' 'ଭାନୁଗୁଣ୍ଡା' ଇତ୍ୟାଦି ଗଳ୍ପରେ ଏହି ଭାବ ପ୍ରତିପନ୍ ।"(୪)

ISSN NO.
2582-208X

ପ୍ରେମ ଓ ଆବେଗର ଦାର୍ଶନିକ କିଅର୍‌କେ ଗାର୍ଡ଼ କିନ୍ତୁ ଅନ୍ତରରେ ନିରୁତା ଏକଲା । ଜଣେ ଏକଲା ମଣିଷ ହେବା ପାଇଁ ସେ ଏତେ ଦୃଢ଼ପ୍ରତିଜ୍ଞ ଥିଲେ ଯେ ସେ ତାଙ୍କ ସମାଧିରେ "ଦେଟ ଇଣ୍ଡିଭିଜୁଆଲ" ଲେଖିବା ପାଇଁ ମୃତ୍ୟୁ ଶଯ୍ୟାରେ, ତାଙ୍କ ପ୍ରିୟ ବନ୍ଧୁମାନଙ୍କୁ ଅନୁରୋଧ କରି ଯାଇଥିଲେ । କାରଣ ସେ ଅନୁଭବ କରିଥିଲେ ଏକଲା ମଣିଷ ଏ ସଂସାରରେ ଏକା ଶୁଦ୍ଧ ମଣିଷ । ଗାଳ୍ପିକ ରବି ପଟ୍ଟନାୟକଙ୍କ ମଧ୍ୟବର୍ତ୍ତୀ ଶୂନ୍ୟତା' ଗଳ୍ପରେ ଏହି ଏକକ ଇଣ୍ଡିଭିଜୁଏଲଟି, ଏକକ ବ୍ୟକ୍ତିତ୍ୱ ଏବଂ ଏକକ ମଣିଷର ଜୀବନ ଜୀଇଁବାକୁ ଆପଣେଇ ଗାଳ୍ପିକ ଯୁବ ଚରିତ୍ର ମୁହଁରେ କୁହେଇଛନ୍ତି" । ଆମେରିକା ହିଁ ପୃଥିବୀର ଏକମାତ୍ର ସ୍ୱାଧିନ ଦେଶ । କାରଣ ତା ପଛରେ ହଜାର ବର୍ଷର ପରମ୍ପରାର ଶିକୁଳି ନାହିଁ । ଐତିହ୍ୟର ହାତ କଡ଼ା ନାହିଁ । ଧର୍ମର ଅନ୍ଧପୁଟୁଳି ନାହିଁ । ତୁ ନିଜ ଇଚ୍ଛାରେ ଯେମିତି ଭାବରେ ମୁକୁଳିତ ହେବାକୁ ଇଚ୍ଛା କରୁ, ସ୍ୱାଧିନ ଭାବନାରେ ତୁ ସେମିତି ମୁକୁଳିତ ହୋଇପାରୁ । ବାଧାନାହିଁ, ବନ୍ଧନ ନାହିଁ " ।(୪) ବଞ୍ଚିବାର ବୃହତ୍ତମ ସତ୍ୟ ପାଖରେ ସମାଜ ଗର୍ଭିତ ନୀତି ଓ ଶୃଙ୍ଖଳା ଯେ ମୂଲ୍ୟହୀନ ତାହା ଏହି ଗଳ୍ପର ପ୍ରତିପାଦ ଭାବବସ୍ତୁ । 'ବଣା ବାଟୋଇର ଚମ୍ପୁ' ଗଳ୍ପରେ "କେହି ଅନ୍ୟକାହାର ଜୀବନ ପ୍ରତି ଦୟା ନୁହେଁ, ମୋର କର୍ତ୍ତବ୍ୟ ମୋ ଜୀବନ ପ୍ରତି । ଏହି କଥନିକା ଭିତରେ ସ୍ଥିତିବାଦର ପ୍ରଭାବ ପରଲକ୍ଷିତ । ସେହିପରି ପରକାୟା ଗଳ୍ପରେ ମଧ୍ୟ ଅଧିକ ତୀବ୍ର ଜଣାଯାଏ – "ତୁମର ସାମାଜିକ ନୈତିକ ଓ ବ୍ୟବହାରିକ କୌଣସି ନିୟମ ଭିତରେ ମୁଁ ବନ୍ଧା ନୁହେଁ । ମୁଁ ବାନ୍ଧିହୋଇ ପାରିବିନି, ମୁଁ ସ୍ୱାଧିନ । ମୋତେ ସେଇ ନିୟମ ଦେଇ ବିଚାର କରନା ଜ୍ଞାନିନ୍ଦ୍ର। ମୁଁ ମୋର ସ୍ୱତନ୍ତ୍ର ନିୟମ" (୫)। ହିରଣ୍ୟଗର୍ଭ ଗଳ୍ପରେ ପ୍ରତ୍ୟେକ ମଣିଷର ଚିନ୍ତା - ଚେତନା ତାର ନିଜସ୍ୱ । ତା'ର ଇଚ୍ଛା ଆବେଗକୁ ଅନ୍ୟ ଉପରେ ଲଦିଦେଇ ନିଜସ୍ୱ ଭିତରୁ ବାହାରି ଯିବାକୁ ସେ ଘୃଣା କରିଛନ୍ତି । ନିଜର ଅସ୍ତିତ୍ୱକୁ ଚିହ୍ନି, ନିଜକୁ ଖୋଜି ନିଜକୁ ଆବିଷ୍କାର କରି ମଣିଷ ବଂଚୁ । ଗୋଟିଏ ନୈତିକ ନିୟମର ସତ୍ୟତା ସେ ତାର ଅଭିଜ୍ଞତାରୁ ନିର୍ଣ୍ଣୟ କରୁ । ସକ୍ରେଟିସ୍‌ଙ୍କ ଭାଷାରେ କହିଲେ ମଣିଷର ଅସଲ ସ୍ୱାର୍ଥ ହେଉଛି ଆତ୍ମାର ଯତ୍ନ ନେବା ।

ଗଳ୍ପର ଭାଷାରେ "ସେ ଏକ ନିର୍ଲଜ୍ଜ ଅପମାନକର ବିରକ୍ତିକର ପରିସ୍ଥିତି । ପ୍ରତ୍ୟେକ ମାନବ ତାର ନିଜର ଚିନ୍ତାପାଇଁ ଦାୟୀ । ଅନ୍ୟ କେହି ତା'ର ସମାଧାନ କରିପାରେନା । ନିଜର ସମାଧାନ ଅପରଠାରୁ ଆଶା କରିବା ଏକ ଭୀଷଣ ନିର୍ବୋଦ୍ଧତା । କେବଳ ଦୁର୍ବଳମନା ଭୀରୁ କାପୁରୁଷମାନେ ହିଁ ଅପର ପାଖରେ ନିଜକୁ ସମର୍ପଣ କରନ୍ତି । ଗୁରୁଙ୍କ

ISSN NO.
2582-208X

ପାଖରେ ନିଜର ସମସ୍ତ ଦାୟିତ୍ୱ ଅର୍ପଣକରି ସେମାନେ ଜୀବନଯାପନ କରନ୍ତି ଚିନ୍ତାଶୂନ୍ୟ ହୋଇ ଏକ ପଶୁପକ୍ଷୀର ଦଳପରି'' ।(୬) ଗଳ୍ପ ନାୟକ ନିଜର ବ୍ୟର୍ଥତା, ଅସହାୟତା ଓ ଚିନ୍ତାଧାରାର ସେ ନିଷ୍ପେସିତ ହୁଏ ପ୍ରତି ମୁହୂର୍ତ୍ତରେ ଓ ସେ ଖୋଜେ ମୁକ୍ତିର ମାର୍ଗ ।

ଏତଦ୍ ବ୍ୟତୀତ ତାଙ୍କର 'ଗୁମ୍ଫା', 'କଣ୍ଟା', "କପିଳବାସ୍ତୁର ପାଗଳ ପାଗଳ'' ନିଳମାଧବର ରୁବାୟିତ ଇତ୍ୟାଦି ଗଳ୍ପର ଭାବବସ୍ତୁ ଏହି ସ୍ଥିତିବାଦୀ ଚିନ୍ତନକୁ ବାନ୍ଧି ରଖିଛି ।

ସ୍ଥିତିବାଦୀ ଚେତନାକୁ ଦୃଢ଼ ଭାବରେ ତାଙ୍କ ଗଳ୍ପରେ ରୂପାୟିତ କରିଥିବା ଗାଳ୍ପିକ ହେଲେ ରାମଚନ୍ଦ୍ର ବେହେରା । ସେ ମୂଖ୍ୟତଃ ନିଃସଙ୍ଗତାର ସ୍ଥପତି । ବାସ୍ତବ ଜୀବନ ଭିତରେ ମଣିଷର ପୀଡ଼ାକୁ ବେଶୀ ପ୍ରତିପନ୍ନ କରିଛନ୍ତି । ତାଙ୍କର 'ଅଚିହ୍ନା ପୃଥବୀ' 'ଦ୍ୱିତୀୟ ଶ୍ମଶାନ' 'ବଂଚିରହିବା' 'ଓଁକାର ଧ୍ୱନି' ଅବଶିଷ୍ଟ ଆୟୁଷ ଆଦି ଗଳ୍ପରେ ମଣିଷର ଅନ୍ତଶେତନ ସହିତ ବାହ୍ୟିକ ପ୍ରକାଶମାନତାକୁ ଯୋଡ଼ିଦେଇଛନ୍ତି । ଯାହା ନିଶ୍ଚନ୍ତ ଓ ବାଧ୍ୟ / ଜୀବନରେ ନାନା ଅସାମଞ୍ଜସ୍ୟତା ସତ୍ତ୍ୱେ ମଣିଷକୁ ବଂଚିବାକୁ ପଡ଼ିବ । ଭାଙ୍ଗି ପଡ଼ିବାଟା ଜୀବନ ନୁହେଁ । ଭଙ୍ଗାମନକୁ ନେଇ ଠିଆ ହେବାଟା ଜୀବନ । ଜୀବନ ପ୍ରତି ସଂଶୟାତ୍ମକ ନେଇ ଠିଆ ହେବାଟା ଜୀବନ । ଜୀବନ ପ୍ରତି ସଂଶୟାତ୍ମକ ଦୃଷ୍ଟିକୋଣ ପ୍ରକଟରେ ପାତ୍ରିକ, ପାରସ୍ଥିତିକ ଓ କଥାକାରଙ୍କ ବିବିଧ ଭୂମିକାରେ ଜୀବନ ଦୃଷ୍ଟିଟି ପ୍ରତିଫଳିତ । ଜୀବନ ସୁନ୍ଦର, ସୁଖମୟ, ଗୋଟେ ଉଲ୍ଲସିତ ଉଡ଼ାଣ । ଏହି ବାସ୍ତବତା ସହିତ ଏକମତ ହୋଇ ସାର୍ତ୍ରେ କୁହନ୍ତି - 'Man can will nothing unless'ଏହି ବାସ୍ତବତା he has first understood that he must count on no one but himself that he is alone abandoned on earth in midst of infinite responsibilities, without help. ଗାଳ୍ପିକଙ୍କ 'ଅଚିହ୍ନା ପୃଥିବୀ'' ସଂକଳନର ମୁଖଶାଳା ଗଳ୍ପରେ ସ୍ୱୟଂ । ଜୀବନ୍ତ ହିଁ ଏକ ଆଶା ଓ ବିଶ୍ୱାସର ପ୍ରତୀକ ଭାବେ ପ୍ରତିପାଦିତ । ସୃଷ୍ଟି ଓ ଧ୍ୱଂସ ଏଇ ସୀମା ମଧ୍ୟରେ ଜୀବନ ଅପେକ୍ଷା କରି ପଡ଼ି ରହେ କିଛି ଗୋଟାଏକୁ । ସେଇଟି ହୁଏତ ଆସେନି କିନ୍ତୁ ଜୀବନ ଆଶା କରି ରହିଥାଏ । ପ୍ରତିକ୍ଷୀତ ଜୀବନ ।''(୭) 'ଘର' ଗଳ୍ପରେ ଉଭୟ ନାରୀ ଓ ପୁରୁଷଙ୍କର ଏକ ଜ୍ୱାଳାଗ୍ରସ୍ତ ଆପଦହୀନଙ୍କ ଜଞ୍ଜାଳପୂର୍ଣ୍ଣ ଜୀବନ ପ୍ରତି ଯେଉଁ ବୀତିଷ୍ପଦ ବା ନେତିବାଦୀ ଦୃଷ୍ଟି ପ୍ରାଧାନ୍ୟ ଲାଭ କରିଛି । ସେ ସବୁକୁ ଅତିକ୍ରମ କରି ଏକ ଅନୁକୂଳ ବାତାବରଣରେ କଥାକାର ଦେଖାଇଛନ୍ତି -"ରାତିର ଶେଷ ପ୍ରହରର ଆଲୋକ ଅନ୍ଧାକାରକୁ ଗ୍ରାସ କରୁଥିଲା ।'' ଏହା ଜୀବନର ଶୂନ୍ୟତା । ରିକ୍ତତା ଓ ଅସହାୟତା ସତେ ଯେମିତି ବିଶ୍ୱର ନିର୍ଜନତା ଓ

ISSN NO.
2582-208X

ବ୍ୟାପକତାଠାରୁ ଆହୁରି ଭୟାବହ ଓ ଚିରନ୍ତନ ।"(୮) ଜୀବନ ପ୍ରତି ଅଧିକ ଅନୁରକ୍ତ ଓ ସଶ୍ରଦ୍ଧ ସଚେତକ । ତ୍ରିଶଙ୍କୁ ପିଞ୍ଜରା, ଅନ୍ଧୁଣୀ ଇତ୍ୟାଦି ଗଳ୍ପରେ ଏହାରି ସ୍ୱର ଅଧିକ ସ୍ପଷ୍ଟ । 'ଅବଶିଷ୍ଟ ଆୟୁଷ' ର 'ଶୋଷ' ଗଳ୍ପରେ ଏହି ଭାବଧାରା ଅଧିକ ତୀବ୍ର । 'ଶୋଷ' ଗଳ୍ପର ମୂଖ୍ୟ ଚରିତ୍ର କଇଁଚ । ଯିଏ ବଢ଼ିଛି ଅଗାଧ ସମୁଦ୍ର ମଧ୍ୟରେ ଖେଳିଛି ସେଇ କୁଢ଼ କୁଢ଼ ବାଲି ଭିତରେ । ଯେତେ ରତ୍ନ ଗର୍ଭା । ପଦାର୍ଥକୁ ନେଇ ସମୟ ବିତେଇଛି । ତା ଖୁସିର ପରିଧି ହେଉଛି ସେଇ ଅନନ୍ତ ବିସ୍ତାରିତ ସମୁଦ୍ର । ହଠାତ୍ ଦିନେ ପଡ଼ିଯାଏ କେଉଟର ବାଲିରେ । ସ୍ଥାନ ଆଉ ଅସହାୟତାର ବନ୍ଧନରୁ ମୁକ୍ତି ପାଇଁ ଚେଷ୍ଟା କଲାବେଳେ ସେ ପୁଣି ପଡ଼ିଯାଏ କେଉଟ ସାହିର ବସ୍ତିପିଲାଙ୍କ ହାତରେ ଏକ ଆମୋଦ ଦାୟକ ଫୁଟବଲି ରୂପେ । ବାରମ୍ବାର ଚେଷ୍ଟାକରେ ତାର ଚିରାଚରିତ ପୃଥିବୀକୁ ଫେରିଯିବା ପାଇଁ କିନ୍ତୁ ସବୁ ଚେଷ୍ଟା ଯେମିତି ନିଷ୍ଫଳ ହୋଇଯାଉଥିଲା । "କଇଁଚ ତାର ସମସ୍ତ ଆହତ ଅବସ୍ଥା ଓ ଅସାମର୍ଥ୍ୟ ସତ୍ତ୍ୱେ ଦେଖିପାରୁଥିଲା ସମୁଦ୍ର ପାଣିର ଉତ୍ତାଳ ଆହ୍ୱାନ । ଶୁଣିପାରୁଥିଲା ଲହଡ଼ିର ନିମନ୍ତ୍ରଣ। ଏତେ ନିକଟରେ ଜୀବନ ବଞ୍ଚିବାର ଅଥୟ ନିମନ୍ତ୍ରଣ" ।(୯) ଜୀବନ ପ୍ରତି ଗଭୀର ମମତାରୁ ଜୀବନ ପ୍ରତି ଅନୁରକ୍ତି ଆସେ । ବାରମ୍ବାର ବିଫଳତା ସତ୍ତ୍ୱେ ମୁକ୍ତି ପାଇଁ ଯେଉଁ ବ୍ୟାକୁଳତା ଏହି ଗଳ୍ପରୁ ସ୍ଫୁରିତ୍ୟ ହୁଏ ତାହାର ଇୟତା ନାହିଁ । ଓଁକାର ଧ୍ୱନି ସଙ୍କଳନସ୍ଥ 'ଚେର' 'ଚାରାରୋପଣ' 'ଅଙ୍କୁରୋଦ୍‌ଗମ' ପ୍ରଭୃତି ଗଳ୍ପରେ ଏହି ସ୍ୱର ଅଧିକ ଶାଣିତ ଓ ବଳିଷ୍ଠ' ।

ଓଡ଼ିଆ ସାହିତ୍ୟରେ ସ୍ଥିତିବାଦ ଦର୍ଶନକୁ କେନ୍ଦ୍ରକରି ସଫଳ ଗଳ୍ପ ରଚନା କରିବାରେ ଗାଳ୍ପିକ କହ୍ନେଇଲାଲ ଦାସଙ୍କ ନାମ ପ୍ରଥମେ ଆସେ । ବିଶେଷତଃ ମୃତ୍ୟୁ ନିଃସଙ୍ଗତା, ଏକାକୀତ୍ୱବୋଧ ଭାଗ୍ୟର ବିଡ଼ମ୍ବନା, ଅସହାୟତାର ସ୍ୱର ବେଶୀ ମାତ୍ରାରେ ତାଙ୍କ ସୃଷ୍ଟିରେ ଶୁଣିବାକୁ ମିଳେ ।" କମ୍ ଆୟୁଷ ଘେନି ଜନ୍ମିଥିଲେ ମଧ୍ୟ ବିରାଟ ମହିମାବନ୍ତ ସର୍ଜନାର ପରିଚୟ ଛାଡ଼ିଯାଇଛନ୍ତି କଥା ଶିଳ୍ପୀ କହ୍ନେଇ ।

ସେ ବୁଝନ୍ତି ଜୀବନ ହିଁ ଖାଲି ମେଞ୍ଚା ମେଞ୍ଚା ଆତ୍ମପ୍ରବଞ୍ଚନା, ଆତ୍ମ ପ୍ରତାରଣା । ଏ ଅଜବଜଗତ ମଧ୍ୟରେ ମଣିଷ ଏକ ଉଦ୍ଭଟ ଚରିତ୍ର । ଆଉ କେହି ମଣିଷ ଉଦ୍ଭଟ ହେଉ ନହେଉ କଥାକାରଙ୍କ ଜୀବନ ହିଁ ଉଦଭଟ । ଜଡ଼ ଠାରୁ ଜୀବନ ପର୍ଯ୍ୟନ୍ତ ପ୍ରତ୍ୟେକକୁ ଚରିତ୍ର ରୂପେ ନେଇ ତାର ମହତ୍ୱ ପ୍ରତିପାଦିତ କରିଛନ୍ତି । ସାଧାରଣ ଦୃଷ୍ଟିରେ ଯାହା ମୂଲ୍ୟହୀନ ତାହାହିଁ ତାଙ୍କ ଗଳ୍ପର ଶିଳ୍ପରୂପ । ବସ୍ତୁiର ନିରର୍ଥକତାକୁ ଯେପରି ଭେଟନ୍ତି

ISSN NO.
2582-208X

ଅବଚେତନ ସତ୍ତା ସହିତ ବାରମ୍ବାର ଭେଟନ୍ତି । ତେଣୁ ତାଙ୍କର ବକ୍ତବ୍ୟ-ମନେକର ମୁଁ ଇଶ୍ୱର ବିଶ୍ୱାସ କରେନା । ମୁଁ କିନ୍ତୁ କିଛି ଗୋଟେ ବିଶ୍ୱାସ କରେ । କାହାରିକୁ ଗୋଟେ ସ୍ମରଣ କରେ ।" (ପୃ- ୧୯ ତାଙ୍କ ଠିକଣା)" ଅନ୍ଧକାରର ବୃତ୍ତ ଗଳ୍ପରେ ଜୀବନ ଫୁଲହୋଇ ଫୁଟିବା ଆଗରୁ ମଉଳି ଯାଏ । ସମାଜର ପାରମ୍ପରିକ ଗତି ପ୍ରବାହ ସହ ନିଜକୁ ସାମିଲ କରିବା କଷ୍ଟସାଧ୍ୟ ହୋଇପଡ଼େ । ସବୁବେଳେ ଏକ ବିଚ୍ଛିନ୍ନତାବୋଧ ଗ୍ରାସ କରି ବସେ । ଏକାକୀ ନିଃସଙ୍ଗ ଜୀବନ ଯେମିତି ଅତିଷ୍ଠ ଲାଗେ । ପ୍ରେମିକ ପ୍ରେମିକା ପରସ୍ପରକୁ ପ୍ରେମ ନକରି ପ୍ରେମ କରି ବସନ୍ତ ଅନ୍ଧକାରର ବୃତ୍ତକୁ । ପ୍ରଥମ ସାକ୍ଷାତରେ ଜଣେ ଅନ୍ୟ ଜଣଙ୍କୁ ପ୍ରଶ୍ନ କରେ । ତମେ ଆଗରୁ କାହାକୁ ଭଲ ପାଉଥିଲ ? ହଁ । କାହାକୁ ? ଉତ୍ତର ମିଳେ ଅନ୍ଧକାରର ବୃତ୍ତକୁ ।" (ଅନ୍ଧକାରର ବୃତ୍ତ - ପୃ-୮୮) ପାଖରେ ପନ୍ନୀ ଓ ସନ୍ତାନ ତଥାପି ମନ ଭିତରେ ଅସହାୟତା ପ୍ରଚୁର । କିଏ ଯେପରି ଉଚ୍ଚାରଣ କରେ – "କହ୍ନେଇ ତୁମର ଜୀବନ ଖୁବ୍ ନିଃସଙ୍ଗ ହେବ । ଏ ପିଲାକୁ ବିଶ୍ୱାସ ନାହିଁ । ଇଏ ହୁଏତ ଘର ଛାଡ଼ି ସନ୍ନ୍ୟାସୀ ହୋଇଯାଇପାରେ । କହ୍ନେଇ, କହ୍ନେଇଟା ମୋର । ମୋତେ ଚିହ୍ନି ପାରୁନୁ । ମୁଁ ଯେ ତୋର ନିଃସଙ୍ଗତା । (ଅନ୍ଧକାରର ବୃତ୍ତ - ପୃ-୮୯) ।

କହ୍ନେଇଙ୍କ ଗଳ୍ପ ବିଷୟରେ ଡ଼. ଇନ୍ଦୁ ମିଶ୍ରଙ୍କ ବକ୍ତବ୍ୟ – କହ୍ନେଇଙ୍କ କଥା ସାହିତ୍ୟ କିନ୍ତୁ ଭାରତୀୟ ଦର୍ଶନ ଅପେକ୍ଷା ଅଧିକ ସମ୍ପର୍କ ରଖେ ଏକ ଅନ୍ତର୍ମୁଖୀ ବାସ୍ତବତା ସହ । କଥାକାରଙ୍କ ସତ୍ତା – ଦ୍ୱିବିଧ, ଗୋଟିଏ ଅନ୍ତର୍ମୁଖୀ – ଅନ୍ୟଟି ବହିର୍ମୁଖୀ । ବହିର୍ମୁଖୀ ସତ୍ତାଟି ଏକ ମଧ୍ୟବିତ୍ତ । ମନ ପରମ୍ପରାର ନିଗଡ଼ରେ ଯାହା ଅନୁବନ୍ଧିତ । ଅନ୍ତର୍ମୁଖୀ ସତ୍ତାଟି ଉତ୍ତରଣ ପ୍ରୟାସୀ । ଏ ଉତ୍ତରଣ କିନ୍ତୁ ଧ୍ୟାନସ୍ଥ ସନ୍ନ୍ୟାସୀ ସୁଲଭ ଉତ୍ତରଣ ନୁହେଁ। ଏ କ୍ଷେତ୍ରରେ ତାଙ୍କ ଦୃଷ୍ଟି ସର୍ବଦା ଶ୍ଳେଷାତ୍ମକ । ବଂଚିବାର ଦାବି ନେଇ ଆଗେଇ ଚାଲିବା ବେଳେ ତାଙ୍କ କଥା ପରମ୍ପରାରେ ଶୁଭେ ମୃତ୍ୟୁର ନିକ୍ୱଣ । ପୁଣି ମୃତ୍ୟୁର କାୟା ବିସ୍ତାର ବେଳେ ଶୁଭେ ଜୀବନର ଗୀତିଗାନ । ବଂଚିବାର ଦାବିନେଇ ସେ ଆଗେଇ ଯିବାକୁ ଚାହାଁନ୍ତି। ଶୁଭେ ଚରୈବତିର ବାଣୀ – ଯେଉଁ ବାଣୀ ଆର୍ଯ୍ୟ ଦର୍ଶନ ସମର୍ଥତା ।

ମୃତ୍ୟୁ ପୂର୍ବରୁ କେତେ ବିଚିତ୍ର ଅନୁଭବର ଚିତ୍ର ସେ ଉପସ୍ଥାପିତ କରିଛନ୍ତି ତାଙ୍କ ଗଳ୍ପରେ । ଜୀବନ ଓ ମୃତ୍ୟୁର ସଂଘର୍ଷରେ ମୃତ୍ୟୁ ହିଁ ବିଜୟୀ ହୋଇଛି । ଚେତନାକୁ ନିରନ୍ତର ଘାରିଥାଏ ମୃତ୍ୟୁବୋଧ । ହୃଦୟହୀନ ମଣିଷ ସର୍ବତ୍ର ଆତଯାତ କରନ୍ତି ତାଙ୍କ ଚତୁପାର୍ଶ୍ୱରେ। ତେଣୁ ଗାଳ୍ପିକ "ଏକ ପ୍ରୟୋଜନୀୟ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର' ରେ ନୂଆ

ISSN NO.
2582-208X

ଏକ ପୃଥିବୀ ପାଇଁ ଆଶା ପୋଷଣ କରନ୍ତି । ଈଶ୍ୱରଙ୍କ ପ୍ରତି ଆସ୍ଥା ହରାଇ ସେ କୁହନ୍ତି ଈଶ୍ୱର ଯିଏ ଯାହା କହନ୍ତୁ ପଛେ ମୁଁ ଜାଣେ ତୁମେ ମୃତ । ମୁଁ ଆଜି ତୁମକୁ ଜୀବନ୍ୟାସ ଦେବି । ତୁମକୁ ମଣିଷ କରି ଗଢ଼ିବି । ତାପରେ ଖୁବ୍ ଅସହାୟ କରି ପ୍ରାରମ୍ଭରୁ ତୁମକୁ ଖୁଣ କରିବି । ତାହେଲେ ବୁଝିବ ମଣିଷର ଦୁଃଖ କେତେ । ମଣିଷ କେତେ ନିଃସର୍ଗ ଓ ଅସହାୟ । (ପ୍ରୟୋଜନୀୟ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର କହ୍ନେଇର କଥାଘର - ପୃ-୨୭୧).

ସ୍ଥିତିବାଦୀମାନେ - ସମଗ୍ର ମାନବ ସମାଜ ପାଇଁ ଗୋଟେ ସୁନ୍ଦର ପୃଥିବୀର ପରିକଳ୍ପନା କରିଛନ୍ତି । ସେଇ ସୁନ୍ଦର ପୃଥିବୀରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଆନନ୍ଦ ଉଲ୍ଲାସରେ ଅତିବାହିତ ହେବା ଦରକାର । ଜୀବନର ଏହି ଯାଚଜ୍ଞା ନେଇ ଜୀବନ ବଞ୍ଚିଛନ୍ତି । ଜୀବନରେ ଉଦ୍‌ବେଗ ଅଛି । ମଣିଷର ଛାତି ଭିତରେ କୁହୁ କୁହୁ ନୈରାଶ୍ୟ ଆଉ ଶୂନ୍ୟତା। ଭୟ ଓ ପାପବୋଧ ବି ଆମକୁ ଆବୋରି ବସିଛି । ତଥାପି ପାପପୁଣ୍ୟ ନୀତି ଅନୀତି ଭେଦ ଉର୍ଦ୍ଧ୍ୱରେ ସୁନ୍ଦର ଜୀବନଟିଏ ବଞ୍ଚିବାପାଇଁ ସ୍ୱପ୍ନଟିଏ ବି ଆମ ଭିତରେ ଥାଏ। ସେଥିପାଇଁ ଗାଳ୍ପିକ ଜଗ୍‌ଦୀଶ ମହାନ୍ତି ତାଙ୍କ ଗଳ୍ପରେ କୁହନ୍ତି "ଜୀବନର ଏତେ ଅର୍ଥହୀନ, ତଥାପି ମଣିଷି ବଂଚିରୁହେ - ଧୂସର ହୃଦୟ ନେଇ ଚୈତ୍ରର ଆଖିଭଳି ଉଜୁଡ଼ା ବିଲ ପ୍ରତିଥର ଚାହିଁ ବସିଥାଏ ଯେମିତି ନୂତନ ଫସଲ ।"

ଜୀବନଟା ବାଉଁଶ ଗଛ ଭଳି ଫମ୍ପା ହୋଇପାରେ । କିନ୍ତୁ ହାଲୁକା ନୁହେଁ । ବିତଉଥିବା ଜୀବନକୁ ମଣିଷ ଯେତେ ଘୃଣା କରେ । ପରମୁହୂର୍ତ୍ତରେ ପୁଣି ଭଲ ପାଇ ଆଦରି ନିଏ । ସେ ଭଲ ପାଇବାର ପରିବେଶଟି ସମ୍ପୂର୍ଣ୍ଣ ନିଃସଙ୍ଗ ଓ ନିରବ । ଏତେ ଗହଳ ଚହଳ ସତ୍ତ୍ୱେ ସେ ଏକାକୀ ହୋଇପଡ଼େ ମାତ୍ର ସେହିଁ ଜଗତର ସବୁଠାରୁ ବେଶୀ ଖୁସି ମଣିଷ । ଏହି ଚିନ୍ତାଧାର ସହିତ ଜଗଦିଶ୍‌ଙ୍କ ଗଳ୍ପ ଜଗତ ପରିପୃଷ୍ଟ । 'ଦକ୍ଷିଣ ଦୁଆରୀ ଘର' 'ଆଲ୍‌ବମ୍‌ରେ କେତୋଟି ମୁହଁ' 'ପ୍ରତିଦ୍ୱନ୍ଦି' 'ଭୂମି କମ୍ପ''ଈର୍ଷା ଏକ ଋତୁ' 'ଫସିଲ୍‌ର ସୁଖ ଦୁଃଖ' 'ଏକ ବିଷାଦ ଖେଳ, କ୍ରୀତଦାସ । ଶୂନ୍ୟ ଇଲାକାର ପ୍ରଶ୍ନ ବାହାରେ ଠିଆ ହୋଇଥିବା ଲୋକମାନେ' ଆଦି ଗଳ୍ପ ଏହି ଧରଣର / ଗାଳ୍ପିକଙ୍କ ନିଜ ଭାଷାରେ -" ଦୁନିଆରେ କାଓ୍ୱାର୍ଡ଼ ହୋଇ ରହିବାରେ ହିଁ ଜୀବନକୁ ଉପଭୋଗ କରିହୁଏ । ଜୀବନକୁ ସମ୍ପୂର୍ଣ୍ଣ ଭାବରେ ନ ପାଇଲା ପର୍ଯ୍ୟନ୍ତ ଜୀବନ ସୁନ୍ଦର ହୋଇ ରହିଥାଏ । ପାଇଗଲେ ନର୍କ ହୋଇଯାଏ ।"(୧୧) (ଫସିଲର ସୁଖଦୁଃଖ) ଗାଳ୍ପିକ ନିଜେ ହିଁ ସ୍ୱୀକାର କରନ୍ତି ।

ISSN NO.
2582-208X

ଜଗଦୀଶ୍‌ଙ୍କ 'ଦକ୍ଷିଣ ଦୁଆରି ଘର'ର ନାୟକ ସାର୍ତ୍ରେ, କାମ୍ୟୁ, କାଫ୍‌କାଙ୍କ ନାୟକ ଭଳି ଜଣେ ଶୃଙ୍ଖଳାହୀନ ମଣିଷ । ସମାଜର କୌଣସି ନୀତି ନିୟମ ମାନି ଚଳିବାକୁ ସେ ପ୍ରସ୍ତୁତ ନୁହେଁ। "ଦକ୍ଷିଣ ଦୁଆରୀ ଘରର'ଜ' ଲେଖକ । ଗଳ୍ପନାୟକ ନିଜେ ଜଗଦୀଶ ବୋଲି ନିଜେ ପାଠକ ବୁଝନ୍ତି । କଥାକାର 'ଜ' ନିଜେ ନିଜର ଆତ୍ମାନୁଭୂତି ନେଇ ଏହି ଗଳ୍ପଟି ରଚନା କରିଛନ୍ତି । ଯାହାର ଗଳ୍ପାଂଶ ଅତି କ୍ଷୁଦ୍ର । ଭାବାଂଶରେ ଅନ୍ତ ନାହିଁ । ଆଧୁନିକ ମଣିଷ ହିଁ ଗୋଟେ ନଷ୍ଟ ଏଷ୍ଟାବ୍ଲିସ୍‌ମେଣ୍ଟର ମହଲ ଭିତରେ ତଳିତଳାନ୍ତ ହେଉଛି । ତଥାପି ସେ ଖୋଜି ବୁଲୁଛି ଦକ୍ଷିଣ ଦୁଆରି ଘର ।"(୯) ମନେହୁଏ ଅତି ସଚେତନ ଭାବେ ସେ ସ୍ଥିତିବାଦୀ ଦାର୍ଶନିକ ଓ ଗାଳ୍ପିକମାନଙ୍କ ଭାବନାକୁ ଅତି କଳାପୂର୍ଣ୍ଣ ଭାବେ ଓଡ଼ିଆ ସାହିତ୍ୟରେ ପରୀକ୍ଷା କରିଚାଲିଛନ୍ତି ।

ଅସ୍ତିତ୍ୱବାଦୀ ଚେତନାକୁ ବଳିଷ୍ଠ ଭାବେ ଚିତ୍ରିତ କରିବାରେ ଗାଳ୍ପିକ ଅଶୋକ ଚନ୍ଦନ ଏକ ସଫଳ ସ୍ରଷ୍ଟା । ତାଙ୍କର 'ପୁନର୍ଜନ୍ମ' 'ଅନୁସାର ବିସର୍ଗ' 'ସ୍ୱର୍ଗଦ୍ୱାର ନର୍କଦ୍ୱାର' 'ଅନ୍ଧ ପଦାତିକ' ଅଜ୍ଞାତ ବାସ' ନିସ୍ତରଙ୍ଗ ଓଭରକୋଟ 'ବୃଭଙ୍ଗ' 'ଅମରେଶ ସମ୍ପର୍କରେ ଏକ ଅସମାପ୍ତ ଗଳ୍ପ 'ଶ୍ମଶାନ ପରିକ୍ରମା' 'ପ୍ରବାସୀ' ଆଲବମ୍ ପାରିଧି ଇତ୍ୟାଦି ଗଳ୍ପ ସ୍ଥିତିବାଦୀ ଭାବଧାରା ଦ୍ୱାରା ପରିପୂର୍ଣ୍ଣ ।

ଅସ୍ତିତ୍ୱବାଦୀମାନେ ପାପପୁଣ୍ୟ ସ୍ୱର୍ଗ-ନର୍କ ଧର୍ମ-ନ୍ୟାୟରେ ବିଶ୍ୱାସୀ ନୁହଁନ୍ତି । କାରଣ ଏହି ଅବବୋଧ ସବୁ ମଣିଷକୁ ବାନ୍ଧି ଦିଅନ୍ତି ଗୋଟେ ଲକ୍ଷ୍ମଣରେଖା ମଧ୍ୟରେ । ମଣିଷ ନିଜକୁ ଗୁରୁତ୍ୱ ଦେଇ ନିଜର ଆତ୍ମ ଆବିଷ୍କାର କରିବା ହିଁ ତାର ପ୍ରଥମ କାମ୍ୟ । ଗାଳ୍ପିକଙ୍କ 'ଅନୁସାର ବିସର୍ଗ' ଗଳ୍ପର ନାୟକ ଧୀରୁ ଚରିତ୍ର ବୁଝିଛି ଜୀବନ ପାଇଁ କୌଣସି କାମ ଘୃଣ୍ୟ ନୁହେଁ । ତେଣୁ ସେ ବେଶ୍ୟାବୃତ୍ତି କରୁଥିବା ହୀରାକୁ ପାପୀ ବୋଲି ବିବେଚନା କରେ ନାହିଁ। ତା ଦୃଷ୍ଟିରେ ବେଶ୍ୟାପ୍ରତି ରହିଛି ସମ୍ମାନ ବୋଧ ଏବଂ ଦୁର୍ବଳତା ବି । ହୀରା ସହିତ ପଳାୟନ ପାଇଁ ତାର ଇଛା ହୋଇଛି । ଏହି ଇଛା ବା କାମନା ତାକୁ ନିଃସଙ୍ଗ ଆଡ଼କୁ ଟାଣି ଆଣିଛି । ଏହି ନିଃସଙ୍ଗତା ତାକୁ ଏତେ ମାତ୍ରାରେ ଗ୍ରାସ କରିଛି ଯେ ନିଜ ବାପା ମାଆଙ୍କ ପାଖରେ ରହି ମଧ୍ୟ ନିଜର ବିକୃତ ମନୋଭାବ ହେତୁ ସେମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଆବୃତ୍ତି ହୋଇଯାଇଛି । ତଥାପି ସେ ଏହି ନିଃସଙ୍ଗତା ମଧ୍ୟରେ ସେ ହୀରାକୁ ଖୋଜେ । ଏହି ଅପ୍ରାପ୍ତି ମଧ୍ୟରେ ଅନ୍ୱେଷଣ ଜାରି ରଖିବା ହିଁ ଅସ୍ଥିତ୍ୱବାଦର ଚିରନ୍ତନ ଅନ୍ୱେଷା ।

ISSN NO.
2582-208X

ଅସ୍ତିତ୍ୱବାଦୀମାନେ ସାମାଜିକ ନୀତିନିୟମ, ସଂସ୍କାର ପ୍ରାଣତା, ଅନ୍ଧବିଶ୍ୱାସ ବିଚାରବୋଧକୁ ଅସ୍ୱୀକାର କରି ଏକ ମୁକ୍ତ ତଥା ସ୍ୱାଧିନ ଜୀବନ ଜୀଇଁବାକୁ ପସନ୍ଦ କରନ୍ତି । ଗାଳ୍ପିକଙ୍କ 'ଅଜ୍ଞାନବାସ' ଗଳ୍ପର ନାୟକ "ତଥାକଥିତ ସାମାଜିକ ଓ ରକ୍ଷଣଶୀଳତାର' ନିୟମ ବା ଚଳଣୀରୁ ମୁକ୍ତ ହୋଇ ପଳାୟନ କରିବାକୁ ଚେଷ୍ଟାକରେ । ଏପରିକି ପାରିବାରିକ ସମ୍ପର୍କ ବି ତାକୁ ଅଣନିଃସ୍ୱାଶୀ କରେ । ପରିଚିତର ମୁହଁ ତାକୁ ବିରକ୍ତ କରେ । ତେଣୁ ସେ ପରିଚିତ ପୃଥିବୀ ଓ ଆତ୍ମୀୟ ସ୍ୱଜନ ଭିଡ଼ରୁ ଅଜ୍ଞାତବାସ ବରିନିଏ ଅପରିଚିତ ଇଲାକାରେ ।" ଏଇ ଅଜ୍ଞାନ କୁଳଶୀଳ ମୁହଁମାନଙ୍କର ଗହଳି ଭିତରେ ମୁଁ ଯଦି ହଜିଯାଏ । ସତରେ ମୁଁ କେମିତି ଉଚ୍ଚାରଣ କରିବି ମୋର ନାଆଁ ? କାହାକୁ ବା ମୋ ପରିଚୟ ଦେବି ।" (୧୩) ବ୍ୟକ୍ତି ସତ୍ତାର ଗଭୀର ଅନ୍ୱେଷା ଏବଂ ନିଜର ସ୍ଥିତି ପାଇଁ ସେ ସର୍ବଦା ସନ୍ଦୀହୀନ ତଥା ବ୍ୟାକୁଳ ହୋଇଉଠେ । "ବୃତ୍ତଭଙ୍ଗ' ଗଳ୍ପର ଏକଲା ମଣିଷର ସ୍ୱରୂପ ନାନୀ ଭାବରେ ଉଦ୍‌ଭାସିତ।" ଯାହା ମନରେ ଉପୁଜେ - 'ମୋର ପିତା ମାତା ଭଗ୍ନୀ କେହି ସାଥୀ ନୁହଁନ୍ତି। ମୁଁ ଅସହାୟ ଭାବେ ଏକା । ମୋର ଛାତି ଭିତରେ ଶୂନ୍ୟତାରେ ଅଙ୍କା ହୋଇଥିବା ଗୁଡ଼ିଏ ଐକ୍ୟ କେନ୍ଦ୍ରିକ ବୃତ୍ତି ମଧ୍ୟରେ ମୁଁ ଏକା ।"(୧୪) ସ୍ଥଳତଃ ଅଶୋକଙ୍କ ଗଳ୍ପ ଚରିତ୍ରଗଣ ନିଃସଙ୍ଗ ତଥା ପରାଜିତ ଜୀବନ ଭିତରେ ଜାରି ରଖିଛନ୍ତି ତାଙ୍କର ଅନ୍ୱେଷଣ ।

ଅଷ୍ଟମ ଦଶକର ଗାଳ୍ପିକମାନଙ୍କ ମଧ୍ୟରେ କଥାକାର ଡ଼.ପୂର୍ଣ୍ଣାନନ୍ଦ ଦାନୀ ଅସ୍ତିତ୍ୱବାଦୀୟ ମଧ୍ୟରେ ଚିନ୍ତାଧାରାକୁ ନେଇ ଗଳ୍ପରଚନା କରିବାରେ ଜଣେ ଧୂରିଣ ସ୍ରଷ୍ଟା । ତାଙ୍କ ଗଳ୍ପ କିଛି ସଂଳାପ ............. "ମୁଁ ଚାଲିଛି । କିନ୍ତୁ କେଉଁଠିକି, ଚାଲିଛି ତ ଚାଲିଛି । ଚାଲିବାର ଜୀବନ ହୋ" ଆଛା ନାଇ ପାଖ ପାର୍କ ଏକ ନିରୋଳା ଜାଗା । ବନର ନିର୍ଜନତା, ଏକାକୀତ୍ୱ ମାଧୁରୀ ଅବଶ୍ୟ ଏଭଳି ଉପବନରେ ବା କାହିଁକି ମିଳିବ । ତେବେ ନିଃସଙ୍ଗତା ସହ ସାଲିସ୍ କରି ଅସହାୟତାକୁ ଉପଭୋଗ କରାଯାଇପାରେ ।XXX ପାର୍କ ଦିଗକୁ ମୋ ଚଟି ଘୋଷାରି ହୋଇଯାଉଛି । ଶୀତ, ଭାରି ଶୀତ । ଶୀତ ତାʼର ତୁରୀ ବଜେଇ ଦେଉଚି ଏଇ ଖଣ୍ଡ ମଣ୍ଡଳରେ । ଏ ସାରା ସହରଟାରେ ଶୀତ ଏବଂ ଶୀତ .......... ।(୧୫)

ସମସାମୟିକ ଗାଳ୍ପିକ ତରୁଣ କାନ୍ତି ମିଶ୍ରଙ୍କ ଗଳ୍ପରେ ଅସହାୟତାବୋଧ ନିସଙ୍ଗତା ଓ ସ୍ଥିତିବାଦୀ ଚେତନାର ଭାବ ଧର୍ମ ପ୍ରତିପନ୍ନ ହୋଇଛି । ନାୟକ ଶ୍ରୀକାନ୍ତର ଦ୍ୱନ୍ଦ, ଆଶା, ଉକ୍ରଣ୍ଠ, ଉଦ୍‌ବେଗ, ତଦ୍‌ଜନୀତ ଅବବୋଧର ଏକ ମନ୍ମୟ ଆଲେଖ୍ୟ ତାଙ୍କର 'ବହୁବ୍ରୀହି' ଗଳ୍ପ । ଜୀବନରେ ପ୍ରଚୁର ସ୍ୱପ୍ନ, ଦୁରନ୍ତ ଅଭିଳାଷ, ସ୍ୱପ୍ନରେ ବଡ଼ମ୍ବନା, ସାମାଜିକ

ISSN NO.
2582-208X

ଅସଙ୍ଗତି ଓ ଭାବ ପ୍ରବଣତା ମଧ୍ୟରେ ଆଦର୍ଶର କକ୍ଷଚ୍ୟୁତି ଏବଂ ପରିଣତିରେ ଅସହାୟ 'ମୃତ୍ୟୁର ଏକ କରୁଣ ଇସ୍ତାହାର' 'ଅପହଞ୍ଚ ତାରାର ଠିକଣା' ସେହିପରି ତାଙ୍କର 'ପାରାଡ଼ାଇଜ୍ ପକ୍ଷୀ' ଓ 'ଜଣେ ନିରସ୍ତ୍ର ଆତତାୟୀ' ଗଳ୍ପରେ ଆଧୁନିକ ସ୍ଥିତିଶୀଳ ମଣିଷର ନିସଃଙ୍ଗତା ବୋଧ ଓ ତଦ୍‌ଜନିତ ହତାଶାବୋଧର ଚିତ୍ର ପ୍ରକଟିତ । ଯେଉଁଠି ଜୀବନରେ କିଛି ସ୍ୱପ୍ନ ନାହିଁ, ଜୀବନକୁ ଚରିତାର୍ଥ କରିବାର ଅବକାଶ ନାହିଁ, ଜୀବନରେ ଖାଲି ନିଷ୍ଫଳ ଶୂନ୍ୟତାର ଆବରଣ । ତା ସମ୍ମୁଖରେ ଆଗକୁ ଯିବାର ପଥ ଦୁର୍ଗମ । ଅସ୍ତ୍ରହୀନ ନିରସ୍ତ୍ର ଆତତାୟୀ ଟିଏ ସେ' । 'ଆକାଶ ସେତୁ' ଗଳ୍ପଟିରେ ମଣିଷ ଜୀବନର ଦୁଃଖ, ଦୁର୍ଗତି, ଦୁସ୍ଥିତି ମଧ୍ୟ ଦେଇ ସଂଗ୍ରାମଶୀଳ ମଣିଷର ଜୀବନ ବଂଚିବାର ଧାରାଟିକୁ ଅଧିକ ଦୃଢ଼ କରି ଗଢ଼ି ତୋଳିଛନ୍ତି ।

ଗାଳ୍ପିକ ହୃଷିକେଶ ପଣ୍ଡାଙ୍କ ଗଳ୍ପରେ ନୈରାଶ୍ୟପୂର୍ଣ୍ଣତା, ନୈରାଶ୍ୟରୁ ଆଶାବାଦିତା, ଅସହାୟତାରୁ ଆତ୍ମ ପ୍ରତ୍ୟୟ ମଧ୍ୟ ଦେଇ ପରସମାପ୍ତିରେ ସ୍ଥିତିପୂର୍ଣ୍ଣ ଜୀବନ ହିଁ ପ୍ରତିଫଳିତ ହୋଇଛି । ତାଙ୍କର 'ମିଥ୍ ଅଫ୍ ସିସିଫସ୍' ଗଳ୍ପରେ ବାରମ୍ବାର ପରାଜିତ ହେବା ସତ୍ତ୍ୱେ ମଣିଷର ଦୁର୍ବାର ଚେଷ୍ଟା ସମସ୍ତ ବିଫଳତା ମଧ୍ୟରେ କୌଣସି ପାରମ୍ପରିକ ଓ ମୂଲ୍ୟବୋଧ କିମ୍ବା ଈଶ୍ୱର ବିଶ୍ୱାସକୁ ଦୃଷ୍ଟିରେ ନରଖି ସେ ତାର ନିଜର ସାମର୍ଥ୍ୟରେ ଚେଷ୍ଟା କରେ । ଆଧୁନିକ ସ୍ଥିତିଶୀଳ ମଣିଷର ଏହା ଏକ ଅନିବାର୍ଯ୍ୟ ଓ ଅନୁସୂଚନାର ଅତି ବାସ୍ତବ ରୂପାୟନ । 'ନତିକେତାର ସବାଶେଷ ପ୍ରେମ' ଗଳ୍ପରେ ଆଧୁନିକ ମଣିଷର ପ୍ରଚୁର ଅସହାୟତା ଓ ବ୍ୟର୍ଥତା ଏକ ସାମାଜିକ ବିଚ୍ଛିନ୍ନ ଚରିତ୍ର । ସେ ବୁଝେ ନାହିଁ ଆଦର୍ଶ, ନୀତି ତଥା ପରମ୍ପରା । ଏକ ଅସୁସ୍ଥ ନୀତିହୀନ ଦିଗ୍‌ଭ୍ରଷ୍ଟ ଅଶାନ୍ତି ଗ୍ରହ ସଦୃଶ ସେ ଘୁରି ବୁଲିଛି । ସେ ଦୟା ଚାହିଁନି କି ଭଗବାନଙ୍କ ପ୍ରେମ ଖୋଜିନି । କି ସେ ପରିସ୍ଥିତିଠାରୁ ପଳାୟନ କରିନି । ସେ ନିହାତି ଏକା ଏକଲାହୋଇ ରହିବାକୁ ଚାହୁଁଛି । ସେ ନିଜେ ନିଜର ହୋଇ ରହିବାକୁ ଚାହୁଁଛି । କାହାର ବଶ୍ୟତା ସ୍ୱୀକାର କରି ନୁହେଁ । ଯୁୟୁତ୍ସୁ ସମ୍ବନ୍ଧରେ ଗାଳ୍ପିକଙ୍କ ଏକ ଉକ୍ତି ଯୁୟୁତ୍ସୁ ହାରି ନଥିଲା, କାରଣ ସେ ଲଢ଼ି ନଥିଲା । ସେ ସୁଖ ଓ ସୌନ୍ଦର୍ଯ୍ୟ ବାଣ୍ଟିବାକୁ ଗୋଟେ ତିନିମାସ ପୁରୁଣା ପ୍ରତିଜ୍ଞା କରିଥିଲା । ହେଲେ ସୁଖ, ସୌନ୍ଦର୍ଯ୍ୟ ଓ ସୌଭାଗ୍ୟ ତାକୁ ଅର୍ଦ୍ଧନିର୍ମିତ ଓ ଶ୍ୱାସରୁଦ୍ଧ କରିଦେଉଥିଲା । ଯୁୟୁତ୍ସୁ ନପୁଁଷକ ନଥିଲା, କାରଣ ଲଢ଼ିବାରେ ଇଚ୍ଛା କେବେହେଲେ ତାକୁ ଛାଡ଼ି ଯାଇନଥିଲା । ଯୁୟୁତ୍ସୁ ନାୟକ ହୋଇ ନଥିଲା କାରଣ ନାୟକୋଚିତ୍ତ ନାଟକ କେହି ତାପାଇଁ ଲେଖିନଥିଲେ । ସେ ଚାମ୍ପିଅନ୍ ହୋଇ ନଥିଲାର । ସେ ମରିନାହିଁ । କାରଣ ସେ ମରିଗଲେ ତା ଖବର କେହି ଆମ ପାଖେ

ISSN NO.
2582-208X

ପହଞ୍ଚେଇବ ନାହିଁ । ହେଲେ ଯୁଯୁସୁ ଦୟା ମାଗିନାହିଁ । ସେ ଭଗବାନ୍ ବା ପ୍ରେମ ଖୋଜିନାହିଁ ।'(୩୫) ଦାଶ ବେନହୁରଙ୍କ ଗଳ୍ପ ଗୁଡ଼ିକରେ ମଣିଷର ଉତ୍ପୀଡ଼କ ଅସହାୟତାର ଚିତ୍ର ସହିତ ମାନବିକତାର ଉଷୁମପଣ ଦେଖିବାକୁ ମିଳେ । ଏତଦ୍ ବ୍ୟତୀତ ନିଃସଙ୍ଗ ଏକାକୀ ମଣିଷର ଚିତ୍ର ଆଉ ବିଚ୍ଛିନ୍ନତାବୋଧର ଯନ୍ତ୍ରଣାରେ ପୀଡ଼ିତ ମଣିଷଟିକୁ ଅତି ପାଖରୁ ଦେଖିବାକୁ ମିଳେ । ତାଙ୍କର 'କାନ୍ଦୁରୀ' ଗଳ୍ପରେ ନିରବ, ନିଶ୍ଚଳ ସଜୀବ ମାଂସ ପିଣ୍ଡୁଳାକୁ ଘେନି ଅପତ୍ୟଭରା ମାତୃତ୍ୟର ଦାୟିତ୍ୱ, ଆଉ ସକାଳରୁ ସଞ୍ଜ ଅସହାୟତାର ଗୁମ୍ଫା ଭିତରେ ପଶି ଆଉଟୁ ପାଉଟୁ ହେଉଥିବା ମାଆର ଅଣନିଃଶ୍ୱାସୀ ଜୀବନ ଭିତରେ ବି ସୁନେଲି କିରଣ ଟିକିଏ ପାଇବାର ଆଶା ଯେମିତି ସୂଚେଇ ଦିଏ ଦୁଃଖ, ଯନ୍ତ୍ରଣା, ଅସହାୟତା ବୋଲି କିଛି ନାହିଁ, ଏହା ଗୋଟିଏ ଚିରାଚରିତ ନିୟମ ଥିଲା, ଥିବ, ରହିଥିବ । ବଦଳେ ଖାଲି ଆମର ଚିନ୍ତାଧାରା । 'ଯୁଗାନ୍ତର' ଗଳ୍ପରେ ବସ୍ତୁବାଦୀ ଦୁନିଆଁର ମୋହରେ ଆକୃଷ୍ଟ ହୋଇ ମଣିଷ ସେଦିନ କାମ୍ୟୁଙ୍କ 'The Silent man' ଗଳ୍ପରେ ଭାରସ ନିଜ ସହ ନିଜେ କଥାବାର୍ତ୍ତା ହେବା ପାଇଁ ନିରୋଳା ସ୍ଥାନଟିଏ ବାଛିନେଇଥିଲା । ସେ ହେଲା ବିଛିନ୍ନ ନିଃସଙ୍ଗ । ପ୍ରକୃତରେ ଆଜିର ମଣିଷ ନିଜର ବ୍ୟକ୍ତିତ୍ୱକୁ ହରାଇ ସ୍ୱତଃ ପ୍ରବୃତ୍ତିଗତ ଭାବେ ନିଃସଙ୍ଗତା ଓ ଏକାକୀତ୍ୱକୁ ଡ଼ାକିଆଣିଛି । ସମସ୍ତଙ୍କ ମଧ୍ୟରେ ଆଜି ଦୂରତା ବଢ଼ିଛି – ପରିବାର ପରିବାର ଭିତରେ, ବାପପୁଅ ଭିତରେ, ସ୍ୱାମୀ – ସ୍ତ୍ରୀ ମଧ୍ୟରେ । ବେନହୁରଙ୍କ 'ଯୁଗାନ୍ତର' ଗଳ୍ପରେ ପୁଅ ପାଇଁ ସବୁକିଛି ତ୍ୟାଗ କରି, ପୁଅକୁ ବଡ଼ ମଣିଷ କରିବାର ଆଶା ପୋଷଣ କରିଥିବା ବେଳେ ପୁଅ କିନ୍ତୁ ଭୁଲିଯାଇଛି ତା ଗାଁ, ତା ଜନ୍ମଭୂମି ତା ବୃଦ୍ଧା ବାପାର ଭାବ ପ୍ରବଣତାକୁ, ଆପଣାର ଲୋକମାନଙ୍କ ପ୍ରତି ନିଜର କର୍ତ୍ତବ୍ୟକୁ । ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିକୁ ଆପଣେଇ ସେ ହୋଇଛି ଏକଲା ମଣିଷ । ଆଧୁନିକ ବସ୍ତୁବାଦୀ ଜଗତରେ ପାରମ୍ପରିକ ମୂଲ୍ୟବୋଧ ସବୁକିଛି ଅଚଳ ହୋଇଯାଇଛି । ତା ପାଖରେ ସେ ଗୋଟେ ଯନ୍ତ୍ରମାନବ, ସେ ବର୍ତ୍ତମାନକୁ ନେଇ ବଞ୍ଚିବା ଶିଖିଛି କେବଳ । ସେ ନିର୍ବିକାର ଭାବରେ ଅସ୍ୱୀକାର କରି ଚାଲିଛି ଅତୀତ ଓ ଭବିଷ୍ୟତର ସମ୍ପର୍କକୁ । ସେହି ଅସ୍ତିତ୍ୱବାଦୀ ମଣିଷମାନଙ୍କ ପ୍ରତି ଗାଳ୍ପିକଙ୍କ ଉକ୍ତି – "କ୍ଷମତାରେ ମତ୍ତ, ଶାସନରେ ମତ୍ତ । ପଇସା ଆଉ କ୍ଷମତାରେ ମର୍ତ୍ତ, ନିଜ ବାସ୍ନାରେ ନିଜେ ମତ୍ତ – ମଣିଷ ଏକଲା ହେଉଛି, ଏକଲା ତାଳଗଛ । ଘର ଭିତରେ ଏକ୍ଲା, ଗାଆଁ ଦାଣ୍ଡରେ ଏକ୍ଲା, ସହରୀ ଛକରେ ଏକ୍ଲା ଲୋକ ଗହଳିରେ ଏକ୍ଲା । ସବୁଆଡ଼େ ଖାଲି ଏକ୍ଲା ମଣିଷର ଛାଇ । ଏକ୍ଲା ଛାଇର ରାଉ ରାଉ ଶବ୍ଦ । ସେ ଶବ୍ଦର ବୃତ୍ତି ଭିତରେ ଏକ୍ଲା ମୁଁ ଟିଏ କେବଳ । ମୁଁ ଏକା,

ISSN NO.
2582-208X

ମୁଁ ଏକ୍‌ଲା ମୁଁ ବିଚ୍ଛିନ୍ନ ବୋଲି ଏଭଳି ଏକ ଅସ୍ତିତ୍ୱପ୍ରତି ସମସ୍ତଙ୍କର ଏତେ ସ୍ୱୀକାର କାହିଁକି । ଗୋଟେଇ ଆଣିଥିବା ଏକ ଅସ୍ତିତ୍ୱବାଦର ଆଭିଜାତ୍ୟ ଭର୍ତ୍ତିହୋଇ ସଭ୍ୟଭାବେ ନିଜକୁ ଦେଖେଇହେବା ଏବଂ ନିଜକୁ ପ୍ରଗତିବାଦୀ ବୋଲି ଘୋଷଣା କରି ଯଶସ୍ୱୀ ହେବାପାଇଁ ତୋ ଭଳି ସବୁ ଶିକ୍ଷିତ ଯୁବକ ଏତେ ବିକଳ କାହିଁକି ? (୩୬) ପାଶ୍ଚାତ୍ୟ ସଂସ୍କୃତିର ସ୍ରୋତରେ ପହଁରୁଥିବା ମଣିଷ ଯେ ନିଜ ପାଇଁ ନିର୍ଜନ ନିଃସଙ୍ଗତାର ପଥକୁ ତିଆରି କରେ ଆଉ ଯୋଉଥିରେ ନଥାଏ ପ୍ରକୃତ ସୁଖ ସାର୍ଥକତାର ମଙ୍ଗ ବଣ୍ଟାବଣ୍ଟି ଜୀବନ, ସେ କେବଳ ପଥଦର୍ଶାଉଥିବା ବେଳେ ଗାଳ୍ପିକ କିନ୍ତୁ ଏହାକୁ ହତାଶାର ଜୀବନ ବୋଲି କହିଛନ୍ତି । ଗାଳ୍ପିକ କୁହନ୍ତି – "ଆମେ କିନ୍ତୁ ଭାରତୀୟ, ଆମେ ଆନ୍ତରିକତାର ବ୍ୟବସାୟୀ, ମୋହ ମମତାକୁ ଆମେ ସୁନା ରୁପା ଠାରୁ ଅଧିକ ମନେକରୁ, ମହାର୍ଘ ମଣୁ । ଆମେ ମଣିଷ, ନିଚ୍ଛକ୍ ମଣିଷ ।" (୩୭)

ଆଧୁନିକ ଓଡ଼ିଆ ସାହିତ୍ୟରେ ଅନ୍ୟତମ ଉତ୍ତର ଆଧୁନିକ ଉଚ୍ଚାରଣ ହେଉଛନ୍ତି । ତାଙ୍କର ଗଳ୍ପ ନିଚ୍ଛକ ବାସ୍ତବତାକୁ ନେଇ । କୌଣସିଥିରେ ନାହିଁ କାଳ୍ପନିକତା, କୃତ୍ରିମତା । ସାମାଜିକ ଘଟଣାବଳୀରୁ ସୁଖ – ଦୁଃଖର ଜୀବନ ଭିତରୁ ସାଉଁଟି ଆଣିଛନ୍ତି ମେଞ୍ଚା ମେଞ୍ଚା ସ୍ୱପ୍ନଶୀଳ ମଣିଷକୁ । ତାଙ୍କ ଗଳ୍ପର ଅଧିକାଂଶ ଚରିତ୍ର ଦୃଢ଼ମନା । ଜିତିବା ସେମାନଙ୍କର ଲକ୍ଷ୍ୟ । ସ୍ଥିତିବାନ କହେ ଜୀବନ ଏକ ଆହ୍ୱାନ । ଆହ୍ୱାନର ସମ୍ମୁଖୀନ ଜୀବନ କେବେ ସାର୍ଥକତା ତ କେବେ ନିରର୍ଥକ ରୂପ ନିଏ । ନିରର୍ଥକ ଜୀବନ ବର୍ଜ୍ୟବସ୍ତୁ ଭଳି ସମାଜର କେଉଁ ନିଭୃତ କୋଣରେ ନିକ୍ଷିପ୍ତ ହୁଏ । ଆହ୍ୱାନର ସଫଳ ମୁକାବିଲା କରୁଥିବା ମଣିଷ ଉନ୍ନତିର ଶିଖର ଛୁଏଁ । ଗାଳ୍ପିକ ଦାସଙ୍କ ଗଳ୍ପଗୁଡ଼ିକ ସବୁ ଏହି ଶ୍ରେଣୀର । ବଞ୍ଚିବାର ଅଦ୍ୟ ଇଚ୍ଛା ଓ ଜିତିବାର ଆଗ୍ରହ ସେମାନଙ୍କୁ ସକଳ ଦୁଃସ୍ଥିତି ସତ୍ତ୍ୱେ ନୂତନ ପ୍ରେରଣା ଦେଇଛି । ଧର୍ମ ନାହିଁ, ଈଶ୍ୱର ନାହିଁ, ପୂଜା ନାହିଁ, ଅଛି କେବଳ ମଣିଷର ପୂଜା । ଭୂମିରେ ପାଦଥାପି ଆକାଶକୁ ଛୁଇଁବାର ପ୍ରୟାସ ନିଜେ ନିଜେ କରିଛନ୍ତି ତାଙ୍କର ଚରିତ୍ରମାନେ । ସମସ୍ତେ ନିଜେ ନିଜ ଯାଗାରେ ଲଢ଼େଇ କରିଛନ୍ତି । ପରାଜୟ ଅପେକ୍ଷା ବିଜୟର ସ୍ୱାଦ ଅଧିକ ଦେଖିବାକୁ ମିଳିଥାଏ ତାଙ୍କ ଗଳ୍ପରେ । ପ୍ରତ୍ୟେକ ମଣିଷ ସ୍ୱାଧୀନ ଭାବରେ ବଞ୍ଚିଛନ୍ତି। ଇଂରାଜୀ ଲେଖକଙ୍କ ଉକ୍ତିଥିଲା । ଏହି ଗୁରୁତ୍ୱ ଦେବାର ପଣଟା ଯେମିତି ବେଶୀ ଦିଶିଯାଏ ତାଙ୍କ ଗଳ୍ପରେ । ତାଙ୍କର 'ରାଜିନାମ' ଗଳ୍ପରେ ନାରୀ ଚରିତ୍ର ରାଜଲକ୍ଷ୍ମୀ ଯିଏ ଭଲପାଏ ମିତ୍ର ଭାନୁକୁ । ମିତ୍ର ଭାନୁକୁ ନେଇ ଅନେକ ଆଶା । ଯିଏ ତାର ଏକାକୀ ଜୀବନ ଭିତରେ ଅମୋଘ ଅସ୍ତ୍ର ହୋଇ ସୁରକ୍ଷା ଦେବ । କିନ୍ତୁ ଯେତେବେଳେ ରାଜଲକ୍ଷ୍ମୀ ତା

ISSN NO.
2582-208X

ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ଅଶାଳୀନ ବ୍ୟବହାରର ଶୀକାର ହୋଇଛି । ମିତ୍ରଭାନୁ ଜାଣିଲେ ମଧ୍ୟ ନୀରବ ଦ୍ରଷ୍ଟା ସାଜି ଫେରି ଆସିଛି । କାରଣ ନିଜର ଚାକିରୀକୁ ତାକୁ ରକ୍ଷା କରିବାକୁ ହେବ । କିନ୍ତୁ ରାଜଲକ୍ଷ୍ମୀ ମନରେ ଆସିଛି ପ୍ରତିକ୍ରିୟା । ସେ ବୁଝିଛି ପ୍ରେମ, ବିଚାର, ବିଶ୍ୱାସ, ବିବେକକୁ ନେଇ ମଣିଷ ବଞ୍ଚିପାରିବ ନାହିଁ । ଶିବ ଶଙ୍କର ପିଲ୍ଲାଇ ତାଙ୍କ ଗଳ୍ପ 'ବନ୍ୟା'ରେ ଉଲ୍ଲେଖ କରିଥିଲେ ଯେ କୌଣସି ବିଚାରଧାରାଠାରୁ ଜୀବନ ଅନେକ ବଡ଼ ଓ ମହାନ୍ । ବିଚାରଧାରା ଜୀବନ ପାଇଁ ମାତ୍ର ଜୀବନ ବିଚାର ଧାରା ପାଇଁ ନୁହଁ ।

ବଞ୍ଚିବା ପାଇଁ ରାଜଲକ୍ଷ୍ମୀ ସବୁ ବାଧାବନ୍ଧନ ବିଶ୍ୱାସ ଅବିଶ୍ୱାସ ବିଚାର ଅବିଚାର ଏଡ଼େଇ ଦେଇଛି । ନିଜର ସୁରକ୍ଷା ପାଇଁ ଗୋଟେ କୋଟିପତିର ଦ୍ୱିତୀୟ ପତ୍ନୀ ହେବାର ପ୍ରସ୍ତାବକୁ ଗ୍ରହଣ କରିନେଇଛି । ତା ମତରେ – "ବଞ୍ଚିବା ପାଇଁ ଯଦି ଅର୍ଥ ହି ସବୁଠୁ ବୋଇ ଜରୁରୀ, ତାହେଲେ କେଉଁ ଉପାୟରେ ଓ କେତେ ସହଜରେ ବେଶି ଆର୍ଥିକ ନିରାପତ୍ତା ମିଳିପାରିବ, ମୁଁ ସେଇକଥା ଭାବିଲି । ମୁଁ ଜାଣିଣି ମୋ ହାତରେ ପ୍ରେମ, ସ୍ୱପ୍ନ, ଭଲପାଇବା ଏସବୁ କିଛି ନାହିଁ । ଯାହା ଅଛି, ଖାଲି ଜୀବନ ନେଇ ବଞ୍ଚି ରହିବା ।"(୩୯) ଏହି ଗଳ୍ପରେ ସମାଜର ସମସ୍ତ ନିୟମ ବିଚାର ଓ ଆଦର୍ଶକୁ ଜଳାଞ୍ଜଳୀ ଦେଇ ମଣିଷର ସ୍ଥିତିକୁ ବଂଚାର ରଖିବାର ବାସ୍ତବ ଅନୁଭୂତି ଚିତ୍ରାୟିତ ।

ଗାଳ୍ପିକ ତାଙ୍କ ଗଳ୍ପରେ ପାପ-ପୂଣ୍ୟ, ଶାସ୍ତ୍ର-ପୁରାଣ, ନ୍ୟାୟ-ଅନ୍ୟାୟର ପ୍ରଭେଦ ଜୀବନ ପରିଧିକୁ ଆସିବାକୁ ଦେଇନାହାଁନ୍ତି । ନିଜର ବ୍ୟକ୍ତିଗତ ସୁଖ – ପାଇଁ ବାହ୍ୟିକ ଆଶା ନାହିଁ। ନିଜ ସୁଖ ନିଜର, ନିଜ ଦୁଃଖ ନିଜର । ନିଜ ଇଛାରେ ବଞ୍ଚିବାକୁ ଜୀବନ ବିତେଇବାକୁ ସେମାନେ ପସନ୍ଦ କରନ୍ତି । ଯେପରି "ଇଏ କଳିଯୁଗ ନୁହେଁ, କରିଯୁଗ ତା ଅର୍ଥ ଯିଏ ଯାହା ଚାହିଁବ, କରିଯିବା । ପାପ – ପୂଣ୍ୟ, ନ୍ୟାୟ – ଅନ୍ୟାୟ ଆଉ ଧର୍ମ – ଅଧର୍ମ ଏସବୁ ଦୁର୍ବଳ ମଣିଷର କଳ୍ପନା । ଯାହା ଚାହୁଁଛ, କରିଯାଅ" ।(୩୯) ମଣିଷ ବି ସେଇପରି । ଝଡ଼ ଝଞ୍ଜା ଆସିବ, ବିପଦ ଆପଦ ଆସିବ କିନ୍ତୁ ତା ଭିତରେ ଆଗକୁ ପାଦ ବଢ଼େଇବାକୁ ପଡ଼ିବ । ନିତ୍‌ସେ ମଣିଷ ପ୍ରତି ଦୟା ଓ ଅନୁକମ୍ପାକୁ ଯେମିତି ନିର୍ବୋଧତା ବୋଲି କହୁଥିଲେ ଗାଳ୍ପିକ ଶ୍ରୀ ଦାସ ଅନୁରୂପ ଭାବରେ ଉଲ୍ଲେକ କରିଛନ୍ତି – "ମଣିଷ ପକ୍ଷେ ସବୁଠାରୁ ବଡ଼ ବୋଝ କଣ ତୁ, ଜାଣୁ । ଏଇ ସହାନୁଭୂତି, ଅନୁକମ୍ପା । ମଣିଷ ଘୃଣାକୁ ନେଇ ବଞ୍ଚିଯାଇପାରେ ମାତ୍ର ଅନୁକମ୍ପାକୁ ବୋହି ପାହୁଣ୍ଡେ ଯିବା କଷ୍ଟକର ।"(୪୦) ସ୍ଥିତିଶୀଳ ମଣିଷଟି ସର୍ବଦା ଚିର ବିପ୍ଳବୀ । ଜୀବନର ସମସ୍ତ ବୈଶାଦୃଶ୍ୟ, ସମସ୍ତ ଚାଲେଞ୍ଜକୁ ଗ୍ରହଣ

ISSN NO.
2582-208X

କରି ସେ ନିଜର ଦାବୀ ଉପସ୍ଥାପନା କରେ । ଅନ୍ୟ କାହାର ଦୟାର ପାତ୍ର ନ ହୋଇ ସେ ନିଜ ଇଚ୍ଛାରେ ଜୀଇବାକୁ ପସନ୍ଦ କରେ । ଜୀବନର ପ୍ରତିଷ୍ଠା ପାଇଁ ସଂଗ୍ରାମଶୀଳ ଏହି ଚରିତ୍ରମାନେ ପାଠକ ମନରେ ନୂତନ ଆଦର୍ଶ ଓ ଶୃଙ୍ଖଳାର ସମ୍ଭାବନାମୟ ଦ୍ୱାର ଖୋଲି ବସନ୍ତି । ସେମାନେ କେହି ସାମାଜିକ ଶୃଙ୍ଖଳାର ବଶମ୍ୱଦ ନୁହଁନ୍ତି, ବରଂ ନିଜେ ନିଜ ଗତିପଥର ନିୟାମକ । ଦୁଃଖ, ଦୁର୍ଯୋଗ, ଲାଞ୍ଛନା ଓ ଅପମାନଭୋଗୀ ହେଉଥିଲେ ହେଁ ନୂତନତାର ସନ୍ଧାନ ପାଇଁ ମୁକ୍ତିର ଆଲୋକ ଜାଳି ଦିଅନ୍ତି ଏହି ସବୁ ବର୍ଣ୍ଣିତ ଚରିତ୍ର ।

ଏତଦ୍‌ବ୍ୟତୀତ ଗାଳ୍ପିକା ବୀଣାପାଣି ମହାନ୍ତି, ଚନ୍ଦ୍ରଶେଖର ରଥ ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ଶାନ୍ତନୁ ଆଚାର୍ଯ୍ୟ ଏପରିକି ଯଶୋଧାରା ମିଶ୍ର, ପାରମିତା ଶତପଥୀ, ରଜନୀକାନ୍ତି ମହାନ୍ତି, ଗାୟତ୍ରୀ ସରାପ, ସତ୍ୟ ମିଶ୍ର, ଅଜିତ୍ ତ୍ରିପାଠୀ, ଗିରି ଦଣ୍ଡସେନା, ଚିରଶ୍ରୀ ଇନ୍ଦ୍ର ସିଂ, ସୁସ୍ମିତା ବାଗ୍‌ଚୀ ଇତ୍ୟାଦି ଗାଳ୍ପିକ ଓ ଗାଳ୍ପିକାଙ୍କ କୃତିରେ ସ୍ଥାନ ପାଇଥିବା ସ୍ଥିତିବାଦୀ ଚେତନାର ଭାବାଧାର ସ୍ୱଳ୍ପ ପରିସର ଭିତରେ ପରିପୃଷ୍ଠ କରିବା ସମ୍ଭବପର ହେଲାନାହିଁ । ଏହି କଥାକାରମାନେ ଆପଣା ସୃଷ୍ଟିରେ ଏହି ଚେତନାର ବିଭିନ୍ନ ଦିଗକୁ ଯେଉଁଭଳି ଭାବରେ ରୂପାୟନ କରିଛନ୍ତି ବସ୍ତୁତଃ ଆମକୁ ମାନି ନେବାକୁ ପଡ଼ିବ ଅଷ୍ଟମ ଦଶକର ଓଡ଼ିଆ ଗଳ୍ପଧାରାରେ ସ୍ଥିତିବାଦ ହିଁ ହେଉଛି ପ୍ରଖର ଓ ପ୍ରମୁଖ ଚେତନା ।

ପାଦଟୀକା

୧. Contempory Philosophy - G. Brat. Revised Etn - 1961 - P. 508.

୨. ସାହୁ ମହାପାତ୍ର ନୀଳମଣି - ରାତ୍ରିର ତପସ୍ୟା - ପାପ ଓ ମୁକ୍ତି ପ-୮୧୯ - ୨୦୦୯ - ପଶ୍ଚିମା ପବ୍ଲିକେଶନ୍‌ସ, ଭୁବନେଶ୍ୱର ।

୩. ମନୋଜ ଦାସଙ୍କ ସହ ସାକ୍ଷାତକାର - ବିଭୂତି ପଟ୍ଟନାୟକ ସମ୍ପାଦିତ ଗଳ୍ପ ୭ମ ସଂକଳନ - ପୃ- ୬୬.

୪. ପଟ୍ଟନାୟକ ରବି - ଛାୟା ପୁତ୍ରର କାଳ - ମଧ୍ୟବର୍ତ୍ତୀ ଶୂନ୍ୟତା ପୃ-୨୧ - ୧୯୯୧ - ଓଡ଼ିଶା ବୁକ୍‌ଷ୍ଟୋର - କଟକ ।

ISSN NO.
2582-208X

୫. ପଟ୍ଟନାୟକ ରବି - ଏକବିଂଶ କନ୍ୟା - ହିରଣ୍ୟ ଗର୍ଭ - ପୃ-୨୦୭ ଅଗ୍ରଦୂତ - କଟକ ।

୬. ବେହେରା ରାମଚନ୍ଦ୍ର - ଅଚିହ୍ନା ପୃଥିବୀ -ମୁଖଶାଳା - ପୃ-୩୫ ଫ୍ରେଣ୍ଡସ୍ ପବ୍ଲିଶସ୍।

୭. ପ୍ରଧାନ, ସବିତା - ରାମଚନ୍ଦ୍ର ବେହେରାଙ୍କ ନିର୍ବାଚିତ ଗଳ୍ପ ପୃ-୩୩ -୨୦୧୫ - ଅଗ୍ରଦୂତ, କଟକ ।

୮. ଡ଼. ଇନ୍ଦ୍ର ମିଶ୍ର - ଇସ୍ତାହାର ନିଃସଙ୍ଗତା ଓ ମୃତ୍ୟୁବୋଧ (କହ୍ନେଇଲାଲଙ୍କ ଗଳ୍ପଜଗତ) ପୃ-୧୯୬ -୨୦୦୨.

୯. ବେହିସାବୀ ମଣିଷର ହିସାବି କାରିଗର - ଡ଼. ଦ୍ୱାରିକା ନାଥ ନାୟକ - ଇସ୍ତାହାର - ମାର୍ଚ୍ଚ - ମେ ୨୦୦୧ - ପୃ- ୧୮.

୧୦. ଚନ୍ଦନ ଅଶୋକ - ଅଶୋକ ଅସରନ୍ତି - ଅଜ୍ଞାତ ବାସ -ପୃ- ୧୦୨

୧୧. ତତୈବ - ବୃତ୍ତଭଙ୍ଗ - ପୃ- ୧୨୩

୧୨. ପଣ୍ଡା, ହୃଷିକେଶ - ଗଳ୍ପ ସମଗ୍ର ଦ୍ୱିତୀୟ ଭାଗ କେତୋଟି ଭଙ୍ଗ ଚଉଡ଼ା ରମ୍ବସ୍ - ଫ୍ରେଣ୍ଡସ୍ ପବ୍ଲିଶର୍ସ - ୨୦୧୫ - ପୃ- ୧୬୭ ।

୧୩. ବେନହୁର ଦାଶ - ଶ୍ରେଷ୍ଠ ଗଳ୍ପ, ଅଗ୍ରଦୂତ - କଟକ - ୨୦୦୭ ପୃ-୨୮.

୧୪. ତତ୍ରୈବ - ପୃ-୬୩

୧୫. ଦାସ, ଗୌରହରୀ, ଅଣଲେଉଟା ଓ ଅନ୍ୟାନ୍ୟ ଗଳ୍ପ - ପଶ୍ଚିମା ପବ୍ଲିକେଶନ୍ - ଭୁବନେଶ୍ୱର - ୨୦୧୬ ପୃ-୧୯୧.

(((-)))

ISSN NO.
2582-208X

# ହେ ଦିବ୍ୟ ଗିରିରାଜ



ସତ୍ୟବାନ ମେହେର

ଧନ୍ୟପିତା ଧନ୍ୟ ହେ !
ଦିବ୍ୟ ଗିରିରାଜ
ପ୍ରଣମେ ତୋ ଚରଣେ
ଧରିତୋ ପଦ ପଙ୍କଜ ।
ଘେରି ତୁହି ସଦା ରହୁ
ତୋପରିବାର ସୀମା
ଏଣୁ ବିଦେଶୀ ଶତ୍ରୁ ନପାରନ୍ତୁ
ଡେଇଁ ତୋର ସୀମା ।
ଘର ମୁଖ୍ୟ ବୃଦ୍ଧଭଳ
ହୋଇ ଠିଆ ରହି
ଅଶ୍ୱିନୀ ବୈଦ୍ୟ ଭଳ
ଔଷଧ ବୃକ୍ଷନେଇ।
ତୋ ଗଙ୍ଗାଜଳ ମାଧ୍ୟମେ
ପଠାଇ ଔଷଧି
ଗଙ୍ଗାଜଳ ସ୍ନାନେ ନତି
ଛାଡ଼େ ରୋଗ ବ୍ୟାଧି ।
ଯେଉଁ ଗଙ୍ଗାଜଳ ସଦା
ପୁଣ୍ୟ ଯେ ଅମୃତ
ଦୀର୍ଘଦିନ ଥିଲେ ପାଣେ
ନ ଲାଗଇ କୀଟ ।
ପୁରାଣେ ଅଛି ବିଷ୍ଣୁ

ISSN NO.
2582-208X

ନଖ କୋଣରୁ ଉତ୍ପନ୍ନ
ପୁଣି ଗଙ୍ଗା ବହେ
ତୋ ଦେହରୁ ଚିରଦିନ ।
ଯେଣୁ ତୋ ଦେହେ
ବିରାଜ୍ୟ ବଦ୍ରି ନାରାୟଣ
ଏଣୁ ପୂଜିବାକୁ ଚାହେଁ ମନ
ତୋତେ ବିଷ୍ଣୁ ରୂପେଣ ।
ହଳାହଳ ବିଷ ଖାଇ
ପ୍ରଭୁ ନୀଳ କଣ୍ଠ
ଗଙ୍ଗାକୁ ବହିଲେ ମାଥେ
ହେବାକୁ ବିଷ ଶାନ୍ତ ।
ଯେଣୁ ପତିତପାବନୀ
ଶିବ ଜଟରୁ ଉତ୍ପନ୍ନ
ଏଣୁ ପୂଜିବାକୁ ଚାହେଁ
ମନ ରୂପେ ତ୍ରିଲୋଚନ ।
କହନ୍ତୁ ଶିବ କହନ୍ତୁ ବିଷ୍ଣୁ
ନୁହନ୍ତୁ ଯେ ଭିନ୍ନ
ନଚହ୍ନି ଏହାଙ୍କୁ ମାତ୍ର
ଆମ ମତ ଭିନ୍ନ ଭିନ୍ନ ।
ଏଣୁ ତୁ ଗିରିରାଜ
ଅଟୁ ପରମବ୍ରହ୍ମ
ପତିତପାବନୀ ଗଙ୍ଗା
ଅଟେ ତୋର ପୁଣ୍ୟ ।
ଏଣୁ ମୃତାନ୍ତେଅସ୍ଥି
ଜନେ କରନ୍ତୁ ବିସର୍ଜନ
ଗଙ୍ଗା ମାଧ୍ୟମେ ବିଷ୍ଣୁ ଲୋକେ
ମିଳିବାକୁ ସ୍ଥାନ ।

(((-)))

ରାୟପୁର

ISSN NO.
2582-208X

# ଆମ
# ଶୀତଋତୁ



କାଳ ପ୍ରସାଦ ମହାପାତ୍ର

କି ଥଣ୍ଡା !
ଗୋଡ଼ ହାତ ଥରି ଯାଏ
ସତେକି ବରଫ ଭିତରେ
ଜୀବନରଥଟା ଅଟକିଯାଇଛି ।

ପ୍ରତିକାର !
ହେଁସକତରା ଆଉନାହିଁ
ଉଷ୍ମତା ଭରି ହୋଇଯାଏ
ଉହ୍ନେଇର ଚାରିପାଖେ ବସି ।

ପ୍ରତିରୂପ!
ସାଲ କମ୍ବଳ ସ୍ୱେଟର
ରୁମ ହିଟରର କାରସାଦି
ଶୀତକୁ ଡରିଯାଇଛି କି ।

ଦୃଶ୍ୟ !
ଦେଖାଯାଉନି ଅଗ୍ନିଶିଖା
ବିଡ଼ି କିମ୍ବା ଗଞ୍ଜେଇ ଚିଲମରୁ
ଗୋଟେ ଗାଁ ଧ୍ୱଂସ ପାଇଯାଏ ।

ISSN NO.
2582-208X

ସାହାଯ୍ୟ
ସରକାରୀ ସାହାଯ୍ୟ
ରିଲିଫ ନୂଆ ଘରଟିଏ
ପାଇବାର ପରମ ଆଶାକୁ ।

ଦୁଃଖ
ଖରା ବର୍ଷା ଶୀତରେ
ଖୋଲାରେ ପଡିବା ପରେ
ଯାହା ମିଳେ ସମୁଦ୍ରକୁ ଶଙ୍ଖେ ।

ପରିବେଶ !
ଫୁଲ ଫଳରେ ହସୁଥାଏ
ସୁନ୍ଦର ନିର୍ମଳ ଆକାଶ
ଚକଚକ୍ ରାସ୍ତାଘାଟ ସବୁ ।

ଶେଷ କଥା
ଶୀତଟା ଚାଲିଯିବ
ତା' ବାଟରେ ଧିରେ ଧିରେ
ଗ୍ରୀଷ୍ମର ରୁକ୍ଷତାକୁ ଡାକିଡାକି ।

(((-)))

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଓଡ଼ିଆ ଉଦ୍ଭଟ ନାଟକରେ ନୂତନ ଦିଗନ୍ତ : ପୁନଷ୍ଟ ପୃଥିବୀ



ଗୁଣନିଧି ମହଲ୍

ଜଗତରେ ନୂତନତ୍ୱ କେତେ ବଡ ଭୂମିକା ବହନ କରେ ତାହା ଆମ ସମସ୍ତଙ୍କୁ ବେଶ୍ ଭଲଭାବରେ ଜଣା, ଏବଂ ସମସ୍ତଙ୍କ ପ୍ରିୟବସ୍ତୁ ସାଜିବାଟା ଆଶ୍ଚର୍ଯ୍ୟ ଜନକ କଥା ନୁହେଁ । ଏହି ନୂତନତା କେବଳ ସାହିତ୍ୟରେ କାହିଁକି, ଯେ କୌଣସି କ୍ଷେତ୍ରରେ ନୂତନତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଗ୍ଭଲଚଲଣି, ବେଶଭୂଷା, କଥାବାର୍ତ୍ତା ଓ କ୍ରିୟାକଳାପ ଆଦି ନୂତନତାର ସ୍ପର୍ଶ ପାଇଲେ ବି କେତେକ କ୍ଷେତ୍ରରେ ପ୍ରଶଂସାର ପାତ୍ର ହେବା ସହ ବେଳେବେଳେ ସମାଲୋଚନାର ପାତ୍ର ମଧ୍ୟ ହୋଇଥାଏ । କେହିକେହି ଅନୁସରଣ କରନ୍ତି ଆଉ କେହି କହନ୍ତି କି - ଏ ଯୁଗର ଗତି କୁଆଡ଼େ ? ନହାତି ବାଜେ ରୁଚି ଓ ଉଦ୍ଭଟ ଚିନ୍ତାଧାର୍ ଏମାନଙ୍କ ମୁଣ୍ଡରେ ପଶିଲାଣି ବୋଲି ମତ ଦିଅନ୍ତି। ଉଦ୍ଭଟ ଚିନ୍ତାଧାର୍‌କୁ ବାଦ ଦିଆଯାଇ ବାଜେ ରୁଚିକୁ ଆଲୋଚନା କଲେ, ସାଧାରଣତଃ କୌଣସି ଯୁଗରେ କାହାର ଅଧିକାର ନାହିଁ, ଯେ ସେମାନେ ସେ ଯୁଗର ଚିନ୍ତାଧାର୍‌କୁ ବାଜେ ବୋଲି ବିଗ୍ଭର କରିବେ । ଆମେ ସମସ୍ତେ ଜାଣିଛୁ ଏ ଦୁନିଆରେ ସବୁକିଛି ପରିବର୍ତ୍ତନର ପାତ୍ର ଯୁଗ ସହିତ ଚିନ୍ତାଧାର୍ ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏ ଚିନ୍ତାଧାର୍‌ଟି ପଞ୍ଜୁରୀରେ ଆବଦ୍ଧ ପକ୍ଷୀ ନୁହଁ ଯେ ଆଜୀବନ ଆବଦ୍ଧ ହୋଇ ରହିବ ସମୟ ସହ ଖାପଖୁଆଇ ଏହା ମଧ୍ୟ ପରିବର୍ତ୍ତନ ହୋଇଥାଏ । ରୁଚିର ଆବଶ୍ୟକତାକୁ ସବୁବେଳେ ଏ ଯୁଗ ପୂରଣ କରି ଆସୁଛି, ରୁଚି ଅନୁଯାୟୀ ସମାଜରେ ପରିବର୍ତ୍ତନ ଘଟୁଛି ଏବଂ ରୁଚି ଅନୁଯାୟୀ ନୂଆଁ ନୂଆଁ ଜିନିଷର ସୃଷ୍ଟି ହେଉଛି । ଏଠାରେ ପ୍ରଶ୍ନ ଏହା ଯେ ପରିବର୍ତ୍ତିତ ଯୁଗର ଚିନ୍ତାଧାର୍‌କୁ ଉଦ୍ଭଟ କହିବାର ତାତ୍ପର୍ଯ୍ୟ କେଉଁଠି ? ଏ ପ୍ରଶ୍ନକୁ ଯିବା ପୂର୍ବରୁ ଆମକୁ ଜାଣି ରଖିବା ଉଚିତ୍ ଯେ ଉଦ୍ଭଟ କହିଲେ କ'ଣ ? ଏହା ହିଁ ଆମର ମୁଖ୍ୟ ଉଦ୍ଦେଶ୍ୟ ।

ISSN NO.
2582-208X

ଚାଲିଚଳଣି, ବେଶଭୂଷା, କ୍ରିୟାକଳାପ, ଚିନ୍ତାଧାରା ଏମିତି' କି- ଏ ଯୁଗକୁ ମଧ୍ୟ ଉଦ୍ଭଟ ଯୁଗ ବୋଲି କୁହାଯାଉଛି ।

ଉଦ୍ଭଟ ଶବ୍ଦଟି ଆମ ପାଇଁ ନୂଆ ନୁହେଁ, ହଁ ହୁଏତ ଆମକୁ ନୂଆ ନୂଆ ଲାଗୁ ଥାଇପାରେ କିନ୍ତୁ ଏହି ଉଦ୍ଭଟ ଶବ୍ଦଟି ଆଗରୁ ବି ଥିଲା ଏବଂ ଏବେ ମଧ୍ୟ ରହିଛି । ତଫାତ୍ କେବଳ ଏତିକି ଯେ ପୂର୍ବରୁ ଏହି ଉଦ୍ଭଟ ଶବ୍ଦକୁ ଯେଉଁ ଅର୍ଥରେ ଗ୍ରହଣ କରାଯାଉଥିଲା ବର୍ତ୍ତମାନ ସେଇ ଅର୍ଥରେ ବ୍ୟବହାର ନହେଇ ନୂଆ ଏକ ଅର୍ଥ ଗ୍ରହଣ କରି ବସିଛି । ସାଧାରଣତଃ ଲୋକମାନଙ୍କ ଅନୁସାରେ ଏହି ଉଦ୍ଭଟ ଶବ୍ଦର ଅର୍ଥ ହାସ୍ୟାସ୍ପଦ, ମଜାକଥା, ଥଟ୍ଟାକଥା କିନ୍ତୁ ବର୍ତ୍ତମାନ ସାହିତ୍ୟ କ୍ଷେତ୍ରରେ ଏହାର ଅର୍ଥ ପରିବର୍ତ୍ତନ ହୋଇଯାଇଛି । ଉଦ୍ଭଟ ଏହି ପ୍ରାଚୀନ ଅର୍ଥ ଦିନେ ହଠାତ ବଦଳଯାଇଛି, ସବାଲୁଆର କୁତ୍ସିତ ଖୋଳପା ଭିତରୁ ପ୍ରଜାପତିର ଜନ୍ମ ଭଳି ଉଦ୍ଭଟ ଶବ୍ଦ ପ୍ରାଚୀନ ଅର୍ଥକୁ ତ୍ୟାଗ କରି ଗ୍ରହଣ କରିନେଇଛି ଏକ ନୂତନ ଅର୍ଥ । ବିଶ୍ୱ ସାହିତ୍ୟରେ ପ୍ରଥମ ଥର ପାଇଁ ଉଦ୍ଭଟ ଶବ୍ଦକୁ ଆଧୁନିକ ଅର୍ଥରେ ଗ୍ରହଣ କରାଯାଇଛି ,ଉଦ୍ଭଟ ଶବ୍ଦକୁ ଇଂରାଜୀରେ absurd କୁହାଯାଏ । ଉଦ୍ଭଟ ଶବ୍ଦର ପରବର୍ତ୍ତୀତ ଆକ୍ଷରିକ ଅର୍ଥ ହେଉଛି ଅସଙ୍ଗତ, ଅଯୌକ୍ତିକ, ଚେତନାର ହିତ ବା ହାସ୍ୟାସ୍ପଦ । ଏହାର ଆଭିଧାନିକ ଅର୍ଥ ହେଉଛି ଯୁକ୍ତି ଓ ପରମ୍ପରା ଠାରୁ ଅମେଳ, ଅସଙ୍ଗତ, ଅଯୌକ୍ତିକ ବା ଅହେତୁକ । ଉଦ୍ଭଟ ଶବ୍ଦର ସାହିତ୍ୟିକ ଅର୍ଥ ହେଉଛି ବେଖାପ ଓ ଅବ୍ୟବସ୍ଥିତ । ଉଦ୍ଭଟ ଶବ୍ଦର ଆକ୍ଷରିକ ଅର୍ଥ ଯାହା ହେଉନା କାହିଁକି, ସାହିତ୍ୟରେ ଏହା ବ୍ୟାପକ ଅର୍ଥ ବହନ କରେ। ସାଂପ୍ରତିକ ମଣିଷର ସୀମାହୀନ ହତାଶା ଓ ନୈରାଶ୍ୟବୋଧକୁ ଯେଉଁ ନାଟକରେ ଅହେତୁକ ତଥା ଅବ୍ୟବସ୍ଥିତ ରୂପରେ ଚିତ୍ରିତ କରାଯାଏ,ତାକୁ ହିଁ କୁହାଯାଇଥାଏ ଉଦ୍ଭଟ ନାଟକ । ନାଟ୍ୟ ସାହିତ୍ୟର ଫର୍ମୁଲା, ପକ୍କା ପ୍ଲଟ ଓ ଅସୀମ କଳ୍ପନା ବିଳାସକୁ ଭୁଲି ଜୀବନର ଯଥାର୍ଥତାକୁ ଅଦ୍ଭୁତ ଭାବରେ ଉପସ୍ଥାପିତ କରିବା ଓ କଳା ବିରୋଧରେ ଆନ୍ଦୋଳନ ସୃଷ୍ଟି କରିବା ହେଉଛି ଉଦ୍ଭଟ ନାଟକର ମୂଳ ଲକ୍ଷ୍ୟ ।

### ଉଦ୍ଭଟ ନାଟ୍ୟ ଶୈଳୀ –

ଉଦ୍ଭଟ ନାଟ୍ୟ ଶୈଳୀ ବିଷୟରେ ଆଲୋଚନା କଲା ବେଳେ ସାଧାରଣତଃ ମନରେ ପ୍ରଶ୍ନ ଉଠେ ଯେ ,ଉଦ୍ଭଟ ନାଟ୍ୟକାର ମାନେ କ'ଣ ଏମିତି ନୂଆ କଥା କହିଛନ୍ତି। ମଞ୍ଚ ଉପରେ

ISSN NO.
2582-208X

ଏମିତି ନୂଆ ଶୈଳୀ ପ୍ରୟୋଗ କରିନାହାଁନ୍ତି। ସବୁ ଉପକରଣ ସବୁ ବିଧି ପୂର୍ବ ନାଟକପରି ରହିଅଛି। ମୁର୍ଖ ବା ବିଦୂଷକ ଧର୍ମୀ ଚରିତ୍ର ଗୁଡ଼ାକ ଯାହା ଉଦ୍ଭଟ ନାଟକରେ ଦେଖା ଯାଉଛି ତାହା ତ ପ୍ରାଚୀନ ପରମ୍ପରାରେ ସ୍ପଷ୍ଟ ପରିଦୃଷ୍ଟ। ନିରର୍ଥକ ଅଙ୍ଗ ଗ୍ରନ୍ଥନା ଦ୍ୱାରା ଏବଂ ଭାଷାର ଅସଙ୍ଗତା ହାସ୍ୟାସ୍ପଦ ସୀମା ପର୍ଯ୍ୟନ୍ତ ଟାଣି ନେବା ଦ୍ୱାରା ମୂର୍ଖ ବା ବିଦୂଷକ ଜୀବନର ତର୍କ ହୀନତା ଓ ନିଃସରତା ଭଲଭାବେ ବ୍ୟାଖ୍ୟା କରାଯାଇ ପାରିଛି। ପ୍ରାଚୀନତାର ମୋହ ଛଡ଼ାଇ ସମକାଳୀନ ଚିନ୍ତାଧାରାକୁ ଗ୍ରହଣ କରିବା ବୋଧେ ଏହାର ବିଶେଷତ୍ୱ। ଉଦ୍ଭଟ ନାଟ୍ୟ ଶୈଳୀ ପ୍ରାଚୀନତା ଉପରେ ଆଧୁନିକତା ରଙ୍ଗ କେବଳ ବୋଲି ନଯାଇ ପ୍ରାଚୀନତାକୁ ଅନୁସରଣ ଓ ଅନୁକରଣ କରି ଆସିଛି। ଏବଂ ଅନୁକରଣ କରିବା ହେଉଛି ମଣିଷର ସହଜାତ ପ୍ରବୃତ୍ତି। ମଣିଷ ଆଦିମ ସମୟରେ ପଶୁ ପକ୍ଷୀ ମାନଙ୍କ ସ୍ୱର ଓ ଅଙ୍ଗ ଭଙ୍ଗୀକୁ ଅନୁକରଣ କରି ନିଜର ଭାବ ଅନ୍ୟ ଆଗରେ ପ୍ରକାଶ କରୁଥିଲା। ସେତେବେଳେ ମଣିଷ ମନରେ ଭାଷା ପ୍ରତି ଚଂଚଳତା ନଥିଲା କି ଭବିଷ୍ୟତ ଭାଷାର ମାଧ୍ୟମ ପାଇଁ ଚିନ୍ତା। ଭାଷାର ବିନା ସହଯୋଗରେ ଆମ ମଧ୍ୟରେ ଅନେକ କ୍ରିୟାକଳାପ ସମ୍ପାଦିତ ହୋଇ ଆସୁଛି। ନୃତ୍ୟ ପଟିୟସି ତରୁଣୀର ଭଙ୍ଗୀମା, ସାପୁଆ କେଳାର ଖେଳ,ସଂଳାପହୀନ ସୁଆଙ୍ଗ ଓ ଇଙ୍ଗିତ ଇତ୍ୟାଦି କାର୍ଯ୍ୟ ଭାଷା ମାଧ୍ୟମରେ ହୋଇନଥାଏ। ମାତ୍ର ଭାବ ଓ ଉଦ୍ଦେଶ୍ୟ ବହୁତ୍ ସୁନ୍ଦର ଭାବେ ପ୍ରତିଫଳିତ ହୋଇ ପାରୁଛି। ଏହି ଭାବକୁ ଉଦ୍ଭଟ ନାଟକରେ ମୁକ୍ତ ଭାବରେ ପ୍ରୟୋଗ କରାଯାଇଛି, କାହିଁକି ନା ଏଥିରେ ଭାଷାର ବ୍ୟବହାର ଖୁବ୍ ସ୍ୱଳ୍ପ । ଯାହା ଆମ ମନରେ ଆମ ପାଖରେ ଥିଲା ତାଙ୍କୁ ଟିକଏ ନୂଆ ରୂପ ଭିନ୍ନ ଭଙ୍ଗୀରେ ପ୍ରକାଶ କରିବା ହେଉଛି ଉଦ୍ଭଟ ନାଟକର ନାଟ୍ୟ ଶୈଳୀ। ଉଦ୍ଭଟ ନାଟକର ପ୍ରଧାନ ଶୈଳୀ ହେଉଛି ଭାଷା ବାହକ ନୁହେଁ ବରଂ ଏହା ଭାବ ବାହକ ଅଟେ। ଉଦ୍ଭଟ ନାଟ୍ୟ ମଞ୍ଚରେ ମଣିଷ ନିଜର ଆଦିମ ରୂପକୁ ଦେଖିବାକୁ ପାଉଛି ଏବଂ ସାଂପ୍ରତିକ ମଣିଷର ମାନବୀୟ ସ୍ଥିତିକୁ ଦେଖିବାକୁ ପାଉଛି। ସମସ୍ୟା ପ୍ରଧାନ ନାଟକ ଦର୍ଶକମାନଙ୍କ ମନରେ ଉତ୍କଣ୍ଠା ଜାଗ୍ରତ କରିପାରୁଥିଲା କିନ୍ତୁ ଉଦ୍ଭଟ ନାଟକରେ ତାହା ଦେଖାଯାଏ ନାହିଁ। ଏହି ମଞ୍ଚରେ ଯାହା କିଛି ହୁଏ ତାହା ଆମ ଦୈନନ୍ଦିନ ଜୀବନ ସହ ଜଡ଼ିତ ଥିବାରୁ ମନରେ ଉତ୍କଣ୍ଠା ଜାଗ୍ରତ କରିପାରେ ନାହିଁ। ଉଦ୍ଭଟ ନାଟକର ବିକାଶ ସରଳ ରୈଖିକ ନହୋଇ ବୃତ୍ତାକାର ହୋଇଥାଏ। ଉଦ୍ଭଟ ନାଟକର ନାଟ୍ୟଶୈଳୀ ସାଧାରଣତଃ ଦୁଇ ପ୍ରକାର - ପ୍ରଥମଟି ହେଲା ଜୀବନର କୌଣସି ଅନୁଭୂତି ବା ଘଟଣାର ଆରମ୍ଭ ଏବଂ ଶେଷ ବିଚାର କରିବା କଷ୍ଟକର ବ୍ୟାପାର। ଦ୍ୱିତୀୟଟି ହେଲା ଆମ ଅସ୍ତିତ୍ୱରେ ଯାହାକିଛି ସଂଗଠିତ ହେଉଛି ତାହାର କୌଣସି ଆବଶ୍ୟକତା

ISSN NO.
2582-208X

ନାହିଁ।

## ନାଟ୍ୟକାରଙ୍କ ପରିଚୟ –

ରତ୍ନାକର ଚଇନ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଅରେଇ ଗ୍ରାମରେ ୧୯୪୫ ମସିହା ଅଗଷ୍ଟ ୨୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ଗ୍ରାମ୍ୟଯାତ୍ରା, ପାଲା ଓ ଦାସ କାଠିଆ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଥିବାରୁ ପରିବାରରୁ ଅନେକ ଗାଳି ଶୁଣୁଥିଲେ। ସ୍କୁଲ ଜୀବନରେ ଏକାଧିକ ନାଟକରେ ଅଭିନୟ କରି ଅଭିନେତା ହେବାର ସ୍ୱପ୍ନରେ ବୁଡି ରହୁଥିଲେ। ପ୍ରାଥମିକ ଜୀବନରେ ସାମୟିକ ପ୍ରଜାତନ୍ତ୍ର ପତ୍ରିକାରେ ଅନେକ କବିତା ଲେଖାଦେଇ ଆରମ୍ଭ କରିଥଲେ ତାଙ୍କ ସାହିତ୍ୟର ସାଧନା। ମାତ୍ର କବିତା ଲେଖାରେ ଅସଫଲ ହେବାରୁ ସେ ଗଳ୍ପ ଲେଖିବା ଆରମ୍ଭ କରିଦେଲେ। ଗଳ୍ପ ଲେଖା ତାଙ୍କୁ ଅନେକ ମାନସିକ ଶାନ୍ତ ଦେଇଥିଲା। ଗଳ୍ପ ପରେ ପରେ ସେ ଉପନ୍ୟାସ ଲେଖିବା ଆରମ୍ଭ କରନ୍ତି। ମାତ୍ର ଗଳ୍ପ ଓ ଉପନ୍ୟାସ ଉଭୟରେ ସେ ଯେଉଁ ଅଶାନ୍ତ ଆତ୍ମାର ସନ୍ଧାନ କରି ବସନ୍ତି,ତାକୁ ରୂପାୟିତ କରିବା ପାଇଁ ଖୋଜି ବୁଲନ୍ତି ମାଧ୍ୟମ। ଏଣୁ ପ୍ରଜାତନ୍ତ୍ର ଅନୁଷ୍ଠାନରେ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସହକର୍ମୀ ବନ୍ଧୁ ମାନଂକ ଅନୁରୋଧ କ୍ରମେ ସେ ନାଟକ ପ୍ରତି ମନ ବଳାନ୍ତି। ଶ୍ରମିକ ମାନଙ୍କ ସମସ୍ୟାକୁ ନେଇ ତାଙ୍କର ପ୍ରଥମ ନାଟକ ରଚନା କରନ୍ତି ‘ଅସ୍ତରାଗର ଚନ୍ଦ୍ର’। ମାତ୍ର ନାଟକ ପ୍ରତି ତାଙ୍କର ଆଗ୍ରହ ବଢିବାରୁ କ୍ରମାନ୍ୱୟ ଭାବେ ରଚନା କଲେ – ଶେଷ ଅଶ୍ରୁ, ମଞ୍ଚ ନାୟିକା, ଅପଦେବତା, ରାଜହଂସ, ପୁନଶ୍ଚ ପୃଥିବୀ,ଏକାଙ୍କିକା ରଙ୍ଗ ତରଙ୍ଗ ଇତ୍ୟାଦି।

## ନବ ଦିଗନ୍ତ: ପୁନଶ୍ଚ ପୃଥିବୀ –

ପୁନଶ୍ଚ ପୃଥିବୀର ନାଟ୍ୟକାର ଜଣେ ଚେତନାଶୀଳ ବ୍ୟକ୍ତି। ଚା' ଦୋକାନରୁ ସହରର ବିଭିନ୍ନ ଛକ ଉପରେ ଠିଆ ହୋଇ ଏବଂ ଅଧ୍ୟାପକ ବନ୍ଧୁ କ୍ଷେତ୍ରବାସୀ ନାୟକଙ୍କ ସବୁଜ କୋଠରୀ ଭିତରେ ଅନେକ ଆଲୋଚନା ପରେ ଜନ୍ମ ନେଇଥିଲା ‘ପୁନଶ୍ଚ ପୃଥିବୀ’ ନାଟକ। ନାଟ୍ୟକାର ବହୁ ଅଳ୍ପ ସମୟ ମଧ୍ୟରେ ଏହି ନାଟକ ରଚନା କରି ଏହାର ପାଣ୍ଡୁଲିପି ପ୍ରସ୍ତୁତ କରିସାରିଥିଲେ। କିନ୍ତୁ ନାଟ୍ୟକାରଙ୍କ ଏହି ରଚନା କ'ଣ ଉଦ୍ଭଟ ନାଟକ ? ସେଇ କଥାଟା ଦର୍ଶକ ଏବଂ ପାଠକ ମାନଙ୍କ ଉପରେ ନିର୍ଭର କରେ। ଅରଣ୍ୟ ଫସଲ ନାଟକର ମୁଖବନ୍ଧରେ ନାଟ୍ୟକାର ସ୍ପଷ୍ଟ ଭାବେ ଉଦ୍ଭଟ ବୋଲି ଉଲ୍ଲେଖ କରିଥିବାରୁ ଏହି ନାଟକ

ISSN NO.
2582-208X

ହୋଇଥିଲା ଉଦ୍ଭଟ ନାଟକର ପ୍ରଥମ ସୋପାନ। ଯଦିଓ ନାଟ୍ୟକାର କହି ନଥିଲେ ଆହୁରି କେତେ ଦିନ ଲାଗିଥାନ୍ତା ଏହି ନାଟକଟି ଉଦ୍ଭଟ ନା ଉଦ୍ଭଟ ନୁହେଁ ବୋଲି। ଏହାର ପ୍ରମୁଖ କାରଣ ହେଲା ଦର୍ଶକ ମାନେ ନାଟକର ଦର୍ଶନ ଅପେକ୍ଷା ନାଟକୀୟ ପରିସ୍ଥିତିମାନଙ୍କୁ ନେଇ ବେଶୀ ସଚେତନ ଥାଏ। ଆଉ ଏକ କାରଣ ହେଲା କ ସମାଲୋଚକ ମାନଙ୍କ ଅଭାବ। 'ପୁନଶ୍ଚ ପୃଥିବୀ' ନାଟକ ରଚନା ପରେ ପରେ ଅନେକ ପରିବର୍ତ୍ତନ ହୋଇଛି, ମାତ୍ର ତାହା ଅଙ୍ଗିକ ଆତ୍ମିକ ନୁହେଁ। କେବଳ ପୁରୁଣା ଦେହରେ ନୂଆ ରଙ୍ଗ ବୋଳା ହୋଇଛି।

ପୁନଶ୍ଚ ପୃଥିବୀର କଥାବସ୍ତୁ ଅତି ସାଧାରଣ, ଗୋଟିଏ ପରିବାର ମାତା ଭାରତୀ ଏବଂ ତାଙ୍କର ପୁତ୍ରଗଣ ଯୁଧିଷ୍ଠିର, ଭୀମ, ନକୁଳ, ସହଦେବ ଓ ନାତି ଅଭି। ଯୁଧିଷ୍ଠିର ଓକଲ, ଭୀମ ଆଇ.ପି. ଏସ୍ ଅଫିସର, ନକୁଳ ଡାକ୍ତର, ସହଦେବ ବିପ୍ଳବୀ ଓ ଅଭିମନ୍ୟୁ ଛାତ୍ର ପ୍ରତିନଧି। ଏତତ୍ ବ୍ୟତୀତ କୃଷ୍ଣ ନଷ୍କପଟ ଆଧୁନକ ଟାଉଟର, ବଳରାମ ବିପ୍ଳବୀ ଯୁବ ସମାଜର ସହକର୍ମୀ। ସତିଆ ହୋଇଛି ମୂକ। ସାଂପ୍ରତିକ ସମାଜରେ ସତ୍ୟର ମୁହଁ ବନ୍ଦ,ସେ ଭଲ ଦେଖିଲେ ହସୁଛି ଆଉ ମନ୍ଦ ଦେଖିଲେ କାନ୍ଦୁଛି। କାମିନୀ ଏକ ଶିକ୍ଷିତ ବେକାର ତରୁଣୀ।ନାଟ୍ୟକାର ଏମାନଙ୍କ କାହାଣୀ ଶୁଣାଇଛନ୍ତି ଯିଏ କି ପ୍ୟାରିସରୁ ଫେରିଛି। ନାଟ୍ୟକାରଙ୍କ ମନରେ ଯେଉଁ ଅଶାନ୍ତି ତାହା ଦେଖା ଦେଇଛି ପ୍ୟାରିସରୁ ଫେରିଥିବା ମଣିଷ ପାଖରେ ଏବଂ ଏ ସମାଜ ଅଶାନ୍ତି ବିଦ୍ୱେଷ, ଈର୍ଷା ଏବଂ ସ୍ୱାର୍ଥ ସିଦ୍ଧି ବଢ଼ି ଚାଲିଛି। ନାଟକର ଆରମ୍ଭରେ ଦେଖା ଦେଇଛି ନକୁଳ ଏବଂ ଭୀମଙ୍କ ମଧ୍ୟରେ ବିତର୍କ। ଭୀମ ପୋଲିସ ଅଫିସର ଥିବାରୁ ଆରେଷ୍ଟ କରିବାକୁ ଆସିଛି ଦେବକୁ କାରଣ ସହଦେବ ବେକାର ସଂଘ ଗଢି ସରକାରଙ୍କ ବିରୁଦ୍ଧରେ କରୁଛି ସ୍ୱର ଉତ୍ତୋଳନ। ଦେବଙ୍କୁ ଆରେଷ୍ଟ କରିବା ପାଇଁ ଉପର ହକିମ ଠୁଁ ଆସିଛି ଅର୍ଡର। ଭୀମ ଚିନ୍ତିତ କାରଣ ସେ ତାଂକ ଘରର ବୁନିଆଦି କଥା ଚିନ୍ତା କଲେ ଯଦିଓ ଘର ଘେରାଉ ହେଇ ଦେବକୁ ଆରେଷ୍ଟ କରାଯାଏ ତେବେ ଏ ଘରର ମାନ ସମ୍ମାନ ସବୁ ମାଟିରେ ମିଶିଯିବ ବୋଲି ବିବ୍ରତ, ଏହି ସମୟରେ ପ୍ରବେଶ ହୁଏ ଯୁଧିଷ୍ଠିରଙ୍କ ସେ ସମସ୍ତ କଥାକୁ ବିଚାର କରି ଭୀମଙ୍କୁ କୁହନ୍ତି ଆହୁରି ବିଳମ୍ବ କରିବା ଠିକ୍ ହେବ ନାହିଁ, ତୁମେ ତୁମ କର୍ମପଥରେ ଆଗେଇ ଚାଲ। ଯୁଧିଷ୍ଠିର ଭୀମଙ୍କୁ ବିରୁଦ୍ଧରେ ବିଦ୍ରୋହ କରି ନାହାଁନ୍ତି ବରଂ ମନେ ମନେ ବିଚାର କରିଛନ୍ତି ସ୍ୱାଧୀନତା ସଂଗ୍ରାମର ସେଇ ଅବିଚଳିତ ବିପ୍ଳବୀ ଆତ୍ମାକୁ ମୁଁ ଏବେ ସ୍ଥାନ ଦେବି କେଉଁଠି ? ଏହି ଦ୍ୱନ୍ଦ ଭିତରେ ମାତା ଭାରତୀଙ୍କ ପ୍ରବେଶ ଏବଂ ସେ ବାଧା ଦେଇଛନ୍ତି, କାରଣ ସେ କଲ୍ୟାଣୀ

ISSN NO.
2582-208X

ସମସ୍ତଙ୍କୁ ଜନ୍ମ କରିଛନ୍ତି, ସମସ୍ତଙ୍କ ଉପରେ ତାଙ୍କର ସମାନ ଅଧିକାର ମାତ୍ର ଯୁଧିଷ୍ଠିର ତାହା ସହ୍ୟ କରି ପାରିନାହାନ୍ତି। ବିରୋଧ କରି କହିଛନ୍ତି 'ଅନ୍ୟାୟ ଅଧର୍ମ ହେବ' ମାଆ ବୋଲି, ଆହୁରି କୁହନ୍ତି କି ସହଦେବ ଯଦି ଭୁଲ କରିଛି, ଆଇନ ଅମାନ୍ୟ କରିଛି ତେବେ ସେ ଶାସ୍ତି ପାଇବା ଉଚିତ୍। ମାତା ଭାରତୀ କୁହନ୍ତି ଭୀମ ଯଦି ପୋଲିସ ହୋଇ ଆସେ ତେବେ ତା ପାଇଁ ଏ ଘରର କବାଟ ବନ୍ଦ କରି ଦିଆଯିବ। ଏଇଠୁ ହିଁ ଆରମ୍ଭ ହୋଇଛି ନାଟକୀୟ ସଂଘର୍ଷ, ଏହି ସଂଘର୍ଷ ପ୍ରତ୍ୟେକ ଚରିତ୍ରର ମାନସିକ ସ୍ତରରେ ପରିଲକ୍ଷିତ ହୋଇଛି। ଯୁଧିଷ୍ଠିର ଅନୁଭବ କରନ୍ତି ଏ ପୃଥିବୀଟା ଅପଦାର୍ଥ, ଉଦ୍ଭଟ, ମଣିଷର ଜ୍ଞାନ ପିପାସା ଏକାନ୍ତ ଆଦିମ। ସେ ଭାବନ୍ତି କି ଏ ପୁରୁଣା ପୃଥିବୀଟା ଆଉ ବେଶୀ ଦିନ ନୁହେଁ। ସେ ନକୁଳକୁ ଅନୁରୋଧ କରି କୁହନ୍ତି ତୁ' ଆଗାମୀ ମଣିଷର ରକ୍ତରେ ଗୋଟେ କେତେ ଇଞ୍ଜେକସନ ଦେଇ ପାରିବୁ କି,ଯେମିତି ମଣିଷ ଘୃଣା, ବିଦ୍ୱେଷ, ଈର୍ଷା ଆଉ ବିଶ୍ୱାସ କରିବା ଯେମିତି ଭୁଲିଯିବ। ମାତ୍ର ନକୁଳ କୁହେ ' We are all hypocrates ' ଆମେ ସମସ୍ତେ ଗୋଟେ ଗୋଟେ ମେସିନ ଆମ ଭିତରେ ଅଭିବବୋଧର 'ଦିଗହଜା ଗହୀର' ଏହି ସମୟରେ ନାଟକ ଆସି ପହଞ୍ଚିଛି ଦେବ, ବଳରାମ ଓ ଅଭି ପାଖରେ ସେମାନଙ୍କ ମୁହଁରେ "ଇନକଲାବ ଜିନ୍ଦାବାଦ" ଧ୍ୱନି। କିନ୍ତୁ ଯୁଧିଷ୍ଠିର କେବଳ ମନେପକାଉଛନ୍ତି ଏମାନେ କିଏ? ସେ ଚହ୍ନି ପାରୁ ନାହାଁନ୍ତି ଦେବ, ବଲି, ଅଭିକୁ। ସଂପର୍କ ମାନେ ହିଁ ତ ଉଦ୍ଭଟ। କେତେବେଳେ ଏଇ ମଣିଷ କ ପ୍ରକାରର ରଙ୍ଗ ହେଉଛି କିଏ ଜାଣେ ? ଯୁଧିଷ୍ଠିର ନିଜକୁ ନିଜେ ପ୍ରସ୍ତୁତ କରି ନେଇଛନ୍ତି ଏଇ ମାନଂକ ବେକାର ସଂଘର ରିହରସେଲ୍ ଦେଖିବାକୁ କିନ୍ତୁ ବିଦ୍ରୋହ କରିଛନ୍ତି ନକୁଳ କହୁଛନ୍ତି ଭାଇ ଏମାନଙ୍କୁ ଏମିତି ପ୍ରଶୟ ଦେବା କ'ଣ ଠିକ୍ ? ଏମାନେ କିଛି ହେବେନି ଖାଲି ମାଙ୍କଡ ପରି ଡିଆଁ ମାରୁଥିବେ। ଏହି ସଂଳାପଟା ନାଟକର ସଂଘର୍ଷକୁ କରିଛି ଚରିତାର୍ଥ। ଏହି ସନ୍ଦେହ ସମସ୍ତ ଚରିତ୍ରକୁ କରିଦେଇଛି ପଙ୍ଗୁ ନିଜ ନିଜ ଜୀବନାଦର୍ଶରେ। ଯୁଧିଷ୍ଠିର ପଚାରିଛନ୍ତି ବେକାର ଶବ୍ଦର ଅର୍ଥ କ'ଣ ? ଅଭି ମାନୁଛି ଯେ ପରୀକ୍ଷାରେ କପି କରି ସାର୍ଟିଫିକେଟ ହାସଲ କରିହେବ ବୋଲି। ଉନ୍ନତ ଶିକ୍ଷାର ମାନ ଭୁଶୁଡ଼ିବା ସହ ତୋଷାମଦିର ମୂଲ୍ୟ ବଢିଯାଉଛି। ମଣିଷର ସଂଖ୍ୟା ବଢ଼ି ବଢ଼ି ଚାଲିଛି କିନ୍ତୁ ମାନବିକତାର ମାତ୍ରା କମି କମି ଯାଉଛି। ସ୍ୱାର୍ଥପର ମଣିଷ ନିଜ ସ୍ୱାର୍ଥକୁ ସାରଥୀ କରି ଆଗେଇ ଚାଲିଛି, ତେଣୁ ବିପ୍ଳବ ଏଠି ରକ୍ତାକ୍ତ ହେବା ସୁନିଶ୍ଚିତ। ଏହି ନାଟକରେ ଏକ ଆଧୁନିକ କୁରୁକ୍ଷେତ୍ର ଯେଉଁଠି କ ପାଣ୍ଡବ ମାନେ ନିଜେ ନିଜ ମଧ୍ୟରେ କରୁଛନ୍ତି ସଂଘର୍ଷ,ଏଠି ଜୀବନର ବାହ୍ୟ ବାଧା ବନ୍ଧନ ନାହିଁ ଅଛି ତ କେବଳ ନିଜର ଅନ୍ତର ଭିତରେ। ନାଟକର

ISSN NO.
2582-208X

ଏହି ସଂଘର୍ଷ ଏକ ମାନସିକ ସ୍ତରରେ ରୂପାୟିତ ହୋଇଛି। ଦେବ କହୁଛି ଆମେ ବଦିର ମଣିଷ ହୋଇ ନାଚବୁ, ପୁଣି ହିପି ହୋଇ ବୁଲିବୁ, ଏହି ସମୟରେ ମାତା ଭାରତୀଙ୍କ ପ୍ରବେଶ ସେ ଅସ୍ୱାଭାବିକ ଭାବରେ ହସି ଉଠିଛନ୍ତି। ଏହାପରେ କୃଷ୍ଣଙ୍କର ଆବିର୍ଭାବ, ମହାଭାରତର ସେଇ କୁଚକ୍ରୀ କୃଷ୍ଣ ପରି ପାଣ୍ଡବ ଶିବିରରେ ପାଦଦେଲା ମାତ୍ରେ ହସି ଉଠିଲା। ହସୁଛି ସତିଆ, ସତିଆ ସତ୍ୟର ପ୍ରତୀକ। ସତିଆ ମଣିଷର ଦୁଃଖ ଦେଖିଲେ କାନ୍ଦୁଛି ଆଉ ସୁଖ ଦେଖିଲେ ହସୁଛି ମାତ୍ର ସେ ନିରୁପାୟ। ସତିଆର ହସରେ କୃଷ୍ଣ ଚିଡି ଯାଉଛନ୍ତି, ତାପରେ ମାତା ଭାରତୀଙ୍କ ଆଗରେ ଦେବ ପ୍ରତି ବିଦ୍ରୋହ ଆରମ୍ଭ କରିଦେଇଛନ୍ତି, କାରଣ ସେ ରାଜନେତା। ଅର୍ଜୁନ ଘରେଇ ମନ୍ତ୍ରୀ, ମାତା ଭାରତୀଙ୍କ ତୃତୀୟ ପୁତ୍ର, କୃଷ୍ଣ ତାଙ୍କର ପରାମର୍ଶଦାତା। ଦେବ ନିଜ ଭାଇ ବିରୁଦ୍ଧରେ ବିପ୍ଳବ କରିବା ଅଧର୍ମ। କିନ୍ତୁ ମାତା ଭାରତୀ ଜାଣିଛନ୍ତି ସହଦେବ କ'ଣ ପାଇଁ ବିଦ୍ରୋହ କରୁଛନ୍ତି କାହା ପାଇଁ ସଂଗ୍ରାମ କରୁଛନ୍ତି, ଯେଉଁମାନେ ଭୋକ ଉପାସରେ ପଡ଼ି ରହୁଛନ୍ତି ଖାଇବାକୁ ନ ପାଇ ଭୋକରେ ପ୍ରାଣ ତ୍ୟାଗ କରୁଛନ୍ତି। ଏ ଯୁଗ କେତେ ଆଗେଇଲାଣି ସମୟ ସହ ପାଦ ଦେଇ ଚାଲିବାକୁ ପଡିବ ବୋଲି କହିଛନ୍ତି କୃଷ୍ଣଙ୍କୁ।

କୃଷ୍ଣ,ଦେବ ଓ କାମିନୀର ଏ ସଂପର୍କ ସନ୍ଦିହାନ,ସେ ବିଷାକ୍ତ କରିବାକୁ ଚାହାଁନ୍ତିନି ଭାରତୀଙ୍କ ମନକୁ। ମାତ୍ର ଭାରତୀ ନିଶ୍ଚଳ ପ୍ରତିମା, ସେ ଠିକ୍ ବୁଝି ପାରନ୍ତି ପୁଅର ଭଲ ମନ୍ଦ, ବଂଶର ଆଭିଜାତ୍ୟର ତାଙ୍କ ମନରେ ପ୍ରଲୋଭନ ନାହିଁ। ଏଥିରେ ଲାଭ କ୍ଷତିରେ ତାଙ୍କର କିଛି ଯାଏ ଆସେ ନାହିଁ, ବଂଶର ଆଭିଜାତ୍ୟ ଯଦି ବଢ଼ିବାର ଥିବ ତାହେଲେ ବଢ଼ିବ ଆଉ ଛିଣ୍ଡିବାର ଥିଲେ ଛିଣ୍ଡିବ। କାମିନୀର ପାରିବାର ଦରିଦ୍ର, ବାପା ଶଯ୍ୟାଶାୟୀ ମୃତ୍ୟୁ ସହ ଅହରହ ସଂଗ୍ରାମ କରୁଛନ୍ତି, ଅଥଚ କାମିନୀ ପାଇଁ କୌଣସି ପଦବୀ ଖାଲି ନାହିଁ "No Vacancy" ନକୁଳ ଫେରିଛି କାମିନୀର ବାପାର ମୃତ୍ୟ ଖବର ନେଇ। ବାପାର ମୃତ୍ୟୁ ପରେ କାମିନୀ ଦେବର ଚିନ୍ତା ସଂଘର୍ଷ। କାମିନୀ ଆଶ୍ରୟ ଚାହେଁ, ଗୋଟାଏ ବିବାହ ତାର ସମସ୍ତ ସମସ୍ୟାର ସମାଧାନ କରି ପାରେନା କିନ୍ତୁ ଦେବ ବେକାର ଯୁବସଂଘର ନେତା, ବିବାହ ତା ପାଖରେ ମୂଲ୍ୟହୀନ, ସେ ବିପ୍ଳବୀ, ମଣିଷ, ମାଙ୍କଡ ସେ ଚାହେଁ ସାଂପ୍ରତିକ ଯୁଗ ଯନ୍ତ୍ରଣାକୁ ନେଇ ଅଟ୍ଟହାସ୍ୟ କରିବାକୁ। ସେ ଅନୁଭବ କରିଛି ଯେ ଏ ପୃଥିବୀରେ ଅଶାନ୍ତ ବଢ଼ି ଯାଇଛି, ମୁକ୍ତ ନାହିଁ, ପୃଥିବୀକୁ ବିବର୍ତ୍ତନ ଦରକାର, ମାନସିକ ବିପ୍ଳବ ଦରକାର। ଏହି ନାଟକର ସମସ୍ତ ଚରିତ୍ର ଅନ୍ଧାରର ପୃଥିବୀରେ ଦିଗଭ୍ରଷ୍ଟ। ଏହା ଉଦ୍ଭଟ କଳ୍ପନାର ସ୍ଫୁରଣ।

ISSN NO.
2582-208X

ନାଟକର ପରିସମାପ୍ତି ପରେ ଖୋଜି ବସିଲେ ଦେଖାଯିବ କଛି ନାହିଁ ବୋଲି କନ୍ତୁ ଏହି ନାଟକରେ ସବୁକଛି ବିଦ୍ୟମାନ। ନାଟକର କଥାବସ୍ତୁ ସାଂପ୍ରତିକ ଜୀବନର ଏକ ବ୍ୟଙ୍ଗାତ୍ମକ ବିଶ୍ଳେଷଣ। ନାଟକର କଥାବସ୍ତୁ ନାଟକର ଭାବାବେଗକୁ କରିଛି ଅଧିକ ରୋମାଞ୍ଚିତ। ମାତ୍ର 'ପୁନଶ୍ଚ ପୃଥିବୀ'ର ଭାବଧାରା ଆମର ହିନ୍ଦୁ ସଂସ୍କୃତିରୁ ହିଁ ଗ୍ରହଣ କରଯାଇଛି, ମହାଭାରତର ଚରିତ୍ର ମାନଙ୍କୁ ଆଧୁନକତାର ମୁଖା ପିନ୍ଧାଇ କରିଦିଆ ଯାଇଛି ଆଧୁନକ।

'ପୁନଶ୍ଚ ପୃଥିବୀ' ନାଟକଟି ଉଦ୍ଭଟ ନାଟକ ରୂପେ ପାଠକ ଏବଂ ଦର୍ଶକ ମାନଙ୍କୁ ଅଧିକ ଆକର୍ଷିତ କରିପାରିଛି। ଏହି ନାଟକର ମୁଖ୍ୟ ବିଶେଷତ୍ୱ ହେଉଛି ଏହି ନାଟକର ସଂଳାପ, ନାଟ୍ୟକାର ପ୍ରାୟତଃ ଜଣେ ଦାର୍ଶନକ ପରି ପ୍ରତ୍ୟେକ ଚରିତ୍ର ମୁଖରୁ ସୃଜଶୀଳ ମନର ସୁସ୍ପଷ୍ଟ ଅଭିବ୍ୟକ୍ତ ପରିପ୍ରକାଶ।

ସହାୟକ ଗ୍ରନ୍ଥସୂଚୀ -
୧. ଓଡିଆ ନାଟକର ଐତିହାସିକ ବିବର୍ତ୍ତନ - ଡକ୍ଟର ହେମନ୍ତ କୁମାର ଦାସ
୨. ଉଦ୍ଭଟ ନାଟ୍ୟ ପରମ୍ପରା - ରତ୍ନାକର ଚଇନ
୩. ଓଡ଼ିଆ ନାଟ୍ୟ ସାହିତ୍ୟ - ଡକ୍ଟର ସର୍ବେଶ୍ୱର ଦାସ
୪. ଓଡିଆ ନାଟ୍ୟ ସାହିତ୍ୟର ବିକାଶଧାରା - ଡକ୍ଟର ହେମନ୍ତ କୁମାର ଦାସ
୫. ଓଡିଆ ସାହିତ୍ୟର ଇତିହାସ - ସୁରେନ୍ଦ୍ର କୁମାର ମହାରଣା

(((-)))

ବନ୍ଧପାଲି, ଜିଲ୍ଲା- ସୁବର୍ଣ୍ଣ ପୁର
ଦୂରଭାଷା- ୭୦୦୮୪୮୯୦୬୧

ISSN NO.
2582-208X

# ସତ୍ୟଭାମାପୁର ମାଟି



ବାସନ୍ତୀ ଦାସ

ମଧୁବାବୁଙ୍କର ଷଷ୍ଠି ସତ୍ୟଭାମାପୁର ମାଟି
ଧନ୍ୟ ତାଙ୍କ ପିତା ଧନ୍ୟତାଙ୍କ ମାତା
ଧନ୍ୟ ଏ ଓଡିଶା ଭୂଇଁ
ଏପରି ପୁତ୍ରକୁ ଜନ୍ମ ଦେଇଥିଲେ
ଲଢିଲେ ସ୍ୱାଧିନପାଇଁ
ବିଦେଶ ପଦାର୍ଥ ବର୍ଜନ କରିଣ
ଦେଶ ହିତେ ଗଲେ ଚେଇଁ
ଦୁଃଖି ରଙ୍କି ସେବାକରି ସେ ଗ୍ଭଲିଲେ
ବନ୍ୟାରେ ବାଣ୍ଟିଲେ ଯାଇଁ
ଉତ୍କଳ ଟେନେରି ବସାଇଲେ ସେହି
କଟକ ସହରେ ପଗ୍ଭ
କେତେ କର୍ମଗ୍ଭରି ନଓଜିତ କରି
ହସି ଉଠିଲା ଏହି ଧରା
ସ୍ୱାଧିନ କରିଲେ ଭାରତକୁ ଆମ
ଜନଗଣମନଗାଇ
ବରପୁତ୍ରମାନେ ଆସଆସ ଫେରି
ହସି ଉଠୁ ଏହି ମହି

(((-)))

ଅଭୟା ଲେଖିକା ସାହିତ୍ୟ ସଙ୍ଗଠନ ସଭାପତି
ନସଡିପୁର, କେନ୍ଦ୍ରାପଡ଼ା

ISSN NO.
2582-208X

# ମନରେ ଛବିକୁ ପାଖେ ରଖିନାହଁ



ତାରାପ୍ରସାଦ ଜେନା

ମନରେ ଛବିକୁ ପାଖେ ରଖିନାହଁ
ଫାଡ଼ିଦିଅ ମୋର ଛବି
ଭାବନା ବହିରୁ ରୂପ ବୁଝିନାହଁ
କୁହନାହିଁ ଜମା କବି
..........ମନରେ ଛବିକୁ ପାଖେ ରଖିନାହଁ
ଫାଡ଼ିଦିଅ ମୋର ଛବି ! ୦ !

ଅନ୍ତର ସହିତ ଭଲ ପାଇନାହଁ
ଲୋକ ଦେଖାଣିଆ ଭାବ
ଛବିଟିଏ ନେଇ ପାଖେ ରଖିଦେଲେ
କେଉଁ ସୁଖ ଅନୁଭବ
ଗୁଣର ଭିତରେ ଗୁଣ ଦେଲ ନାହିଁ
ଥରୁଟିଏ ହେଲେ ଭାବି
..........ମନରେ ଛବିକୁ ପାଖେ ରଖିନାହଁ
ଫାଡ଼ିଦିଅ ମୋର ଛବି ! ୧ !

ISSN NO.
2582-208X

କଳ୍ପନାରେ ଲାଗେ ସବୁ ତ ସୁନ୍ଦର
ଜୀବନ୍ତରେ ବୁଝନାହିଁ
ମିଠା କଥା ହସେ ଛଳନାର ଭଷା
ଦିଅନାହିଁ ଆଉ ଗୃହିଁ
କବିର ହୃଦୟ ବୁଝିଲନ ଭଲ
ମରି କେତେ ବଞ୍ଚୁଥିବି
..........ମନରେ ଛବିକୁ ପାଖେ ରଖିନାହଁ
ଫାଡ଼ିଦିଅ ମୋର ଛବି ! ୨ !

(((-)))

ରାଜ ରଣପୁର,
ଜିଲ୍ଲା–ନୟାଗଡ଼
ମୋ– ୯୩୪୮୦୫୪୩୦୦

ISSN NO.
2582-208X

# ସତ୍ସଙ୍ଗ : ଭଗବାନ ପ୍ରାପ୍ତି



ଲୋଚନ କୁମାର ବାଡ଼ତ୍ୟା

ଯୁଗେ ଯୁଗେ କୁହାଯାଏ ଯେ ସତ୍ସଙ୍ଗରେ ହିଁ ମନୁଷ୍ୟ ନିଜକୁ ନିଜେ ଚିହ୍ନି ପାରେ। ହେଲେ ଆଜି କାଲିକା ଦୁନିଆରେ ସଭିଏଁ "ସମ୍ପଦ କାଳେ ସର୍ବେ ସଖା ବିପଦେ ନ ଦିଅନ୍ତି ଦେଖା" ଭଳି ସାଙ୍ଗରେ ଥିବା ଯାଏଁ ସବୁ ମଜା ମଜ୍‌ଲିସ୍‌ରେ ସାଥିରେ ଥାଇ ମଜା ମଜ୍‌ଲିସ୍ କରୁଥିବା ପର୍ଯ୍ୟନ୍ତ ଆମ ସାଙ୍ଗ, ଆମ କିସମର। ଆମ ସହିତ ତାଳ ଦେଇ ଚାଲି ପାରୁଚି କିନ୍ତୁ ଯେବେ ସାଙ୍ଗ ଯଦି ମଜା ମଜ୍‌ଲିସ୍ ଛାଡ଼ି ଭଗବାନଙ୍କ କର୍ମରେ ମନୋନିବେଶ କରିବାକୁ ଲାଗିବ ତେବେ କହିବେ ଆରେ ଇଏ ତ ପାଗଳ, ପାଗଳ! କାହିଁକି ନା ସେ ମନୁଷ୍ୟ ହୋଇ ମନୁଷ୍ୟକୁ ଭଲ ପାଏନି ବରଂ ସେ ତ ଭଗବାନଙ୍କୁ ଭଲ ପାଉଛି।

ରାଜୀବ ପିଲାଟି ଦିନରୁ ଭଗବାନ କହିଲେ ତା'ର ଜୀବନ। ସେ ଆଜି ଯେବେ ବଡ଼ ହୋଇ ଇଚ୍ଛାର ବନ୍ଧନରେ ନିଜକୁ ବାନ୍ଧିଦିଏ ସେହି ଇଚ୍ଛା ଯେପରି କ୍ଷଣସ୍ଥାୟୀ ଠିକ୍ ସେହିପରି ସେହି ବନ୍ଧନ ମଧ୍ୟ କ୍ଷଣଭଙ୍ଗୁର କିନ୍ତୁ ସେହି ଇଚ୍ଛା ଶକ୍ତି ଉପରେ ଯଦି ସେ କାବୁ ନ ରଖେ ତେବେ ତା'ଜୀବନରେ ସେହି ସମସ୍ତ ଇଚ୍ଛା ତାକୁ ତା'ର ବିଧ୍ୱଂସ ଆଡ଼କୁ ନେଇଯିବ। ଦିନେ କୌଣସି ଏକ ଭିଡ଼ିଓ ଦେଖୁ ଦେଖୁ ସେ ଦେଖିଲା ଯେ ତା'ର ସମସ୍ତ ପିଲାଦିନ କେମିତି ତା ଆଖି ସାମ୍ନାରେ ପ୍ରଫୁଲ୍ଲିତ ହୋଇ ଉଠୁଥାଏ। ତା'ର ସେହି କୁନି କୁନି ହାତରେ ସେ କେମିତି ନିଜ ମନର ଅତ୍ୟନ୍ତ ନିର୍ବୋଧ ପ୍ରେମ ଆଉ ଭକ୍ତିରେ ଭଗବାନଙ୍କୁ କିଛି ନମାଗି କେବଳ ବାପା ଶିଖାଇ ଦେଉଥିବା ମନ୍ତ୍ରକୁ ଦୋହରାଉଥାଏ,

"ହେ ପ୍ରଭୁ ମହାଦେବ! ମୋତେ ବୁଦ୍ଧି ଦିଅ, ଶକ୍ତି ଦିଅ, ବିଦ୍ୟା ଦିଅ, ବଳ ଦିଅ, ଆଉ ସଭିଙ୍କୁ ଖୁସିରେ ରଖ ଜଗତର ମଙ୍ଗଳ କର ଇତ୍ୟାଦି ଇତ୍ୟାଦି ।"

ISSN NO.
2582-208X

କିନ୍ତୁ ଇଏ କ'ଣ ? ସିଏ ଆଉ ଆଜି ବାପା ଶିଖାଇ ଦେଉଥିବା ବୋଲକୁ ଭୁଲି ଯାଇ ନିଜର ଇଚ୍ଛା ମୁତାବକ ଭଗବାନଙ୍କ ନିକଟରେ ଅଳି କରି ମାଗୁଚି! ସେ ଯେ ବଡ଼ ହୋଇ ଯାଇଛି ଆଉ ତାର ସମସ୍ତ ଇଚ୍ଛା, ଆକାଂକ୍ଷା, ବହୁତ ବଡ଼ ବଡ଼ ହୋଇଯାଇଛନ୍ତି। ହେଲେ ଏହି ବଡ଼ ବଡ଼ ଇଚ୍ଛା, ଆକାଂକ୍ଷା ଯେ ତା'କୁ ପୁଣି ଆଗତ ଭବିଷ୍ୟତରେ ବଡ଼ ଓ ନିଷ୍ଠୁର ଦୁଃଖର କାରଣ ସାଜୁଛନ୍ତି। ପୁଣି ଯାଇ ଭଗବାନ ନିକଟରେ ସେ ଅଳି କରି ବସୁଛି ଇଏ କ'ଣ ପ୍ରଭୁ ମୋ ସହିତ ଏହି ଅନ୍ୟାୟ କାହିଁକି ? ବେଳେବେଳେ ଜୀବନ ଯୁଦ୍ଧରେ ଥକିଯାଇ ତାଙ୍କ ନିକଟରେ ବସେ ଆଉ କହି ଉଠେ ଇଏ କ'ଣ କରୁଛି ମୁଁ !? ମୁଁ ଯାହା ମାଗିଛି ସେହି ସବୁ ତ ଦେଇଛ ପୁଣି ସେହି ସବୁ ପାଇଁ ମୁଁ ତୁମକୁ କାହିଁକି ଦୋଷ ଦେଉଛି ? ଏମିତି ବହୁତ ଥର ଘଟି ଆସିଛି।

କିନ୍ତୁ ବର୍ତ୍ତମାନ ତା'ର ବୟସ ୨୪। ଯୁବକ ଅବସ୍ଥାରେ ଯେପରି ସମସ୍ତଙ୍କ ମନ କାମନା ବାସନାରେ ଲିପ୍ତ ହୋଇ ରହିଥାଏ ଠିକ୍ ସେପରି ରାଜୀବର ମନ ମଧ୍ୟ କାମନା ଆଡ଼କୁ ଅଗ୍ରସର ହେଉଥାଏ। ବର୍ତ୍ତମାନ ତା'କୁ ମା'ର ମମତା ଆଉ ବାପାଙ୍କ ଆକଟଭରା ସ୍ନେହାଶିଷ ଗାଳି ସବୁ ତା' ଦେହରେ କଣ୍ଟା ପରି ଫୋଡ଼ି ଦେଉଥାଏ । ସେ ନିଜର କାମନା ଉନ୍ମାଦନାରେ ଏପରି ଭାବରେ ମତ୍ତ ହେଲା ଯେ ବିଭିନ୍ନ ପ୍ରକାର କୁସଙ୍ଗରେ ମାତି ନାନା ଖରାପ ବ୍ୟବହାର ଶିଖିବା ସହିତ ବହୁତ ପ୍ରକାରର ଆପ୍ଲିକେସନ୍ ମାଧ୍ୟମରେ ଭିନ୍ନ ଭିନ୍ନ ଲୋକଙ୍କ ସହିତ ନିଜ ଶରୀରର ଭୋକ ମେଣ୍ଟାଇବାରେ ଲାଗିଲା। ଏହିପରି ଭାବରେ ବହୁତ୍ ସମୟ ବିତାଇ ସାରିବା ପରେ ତା'ର ସମସ୍ତ କର୍ମ ତା'କୁ ପୁଣି ପଚାରୁଥାଆନ୍ତି ଆଉ କେତେଦିନ ଏହିପରି ଭାବରେ କେବଳ ନିଜ ଇଚ୍ଛାର ବଶବର୍ତ୍ତୀ ହୋଇ ଦିନ କାଟୁଥିବୁ ??? କିନ୍ତୁ ସେ ଅନ୍ତର ମନର କଥାକୁ ଆଡ଼େଇ ଦେଇ ପ୍ରାୟ ୧ବର୍ଷ ପର୍ଯ୍ୟନ୍ତ ଏହି ସମସ୍ତ କାର୍ଯ୍ୟରେ ବୁଡ଼ି ରହିଲା। ଧିରେ ଧିରେ ସେ ଏହି ସମସ୍ତ କର୍ମ କରୁଥିବା ଲୋକଙ୍କୁ କୁଆଡ଼େ ଏଡସ୍ ରୋଗ ଓଡ଼ିଶାରେ ବ୍ୟାପିଛି ବୋଲି ଖବରରେ ବାହାରୁ ଥାଏ ଆଉ ରାଜୀବର ମନରେ ଡର ସହିତ ଭୟର ଶିକାର ହେଲା ଆଉ ସେ ଯାଇ ଡାକ୍ତରଖାନାରେ ପରୀକ୍ଷା କରିବାରୁ ଜଣାପଡ଼ିଲା ତା'ର ନେଗେଟିଭ୍ ବାହାରିଛି ଏବଂ ଧୀର ପାଣି ପଥର କାଟିଲା ପରି ଅନ୍ତର ମନର କଥା ରାଜୀବର ବାହାର ମନକୁ ଧୋଇଦେଲା। ଧିରେଧିରେ ସେ ଏହି ସମସ୍ତ କାମରୁ ଦୂରରେ ରହି ଭଗବତ୍ ଗୀତା ଅଧ୍ୟୟନରେ ମନୋନିବେଶ କଲା। ସେଥିରୁ ସେ ଜାଣିବାକୁ ପାଇଲାସେ ତ ଗୋଟିଏ ଆତ୍ମା ଯିଏ କି ଚିର ଅବିନାଶୀ ପରମାତ୍ମଙ୍କ ଗୋଟିଏ ଅଂଶ ମାତ୍ର। ଆଉ ସମୟର ସହିତ ଭଗବାନଙ୍କ ଆଡ଼କୁ ନିଜ ଆକର୍ଷଣକୁ ବଢ଼ାଇ

ISSN NO.
2582-208X

ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ଆଣି ସେବା କରିବାକୁ ଲାଗିଲା ତଥାପି କେବେ ଯଦି ତା'ର ମନ କାମନା ଆଡ଼କୁ ଆସକ୍ତି ହୋଇ ଯାଉଥିଲା ସେ ସେହି ଚିର ଅବିନାଶୀଙ୍କ କଥାକୁ ମନେ ପକାଇ ଦେଇ ସନ୍ତୋଷ ଲାଭ କରିବାକୁ ଲାଗେ। ଆଉ ବେଳେ ବେଳେ ମନ୍ଦିରକୁ ଯାଇ ସତ୍‌ସଙ୍ଗରେ ବସି ମନକୁ ଭଗବାନଙ୍କ ଚରଣରେ ଲଗାଇ ରଖିବାକୁ ପ୍ରୟାସ କରେ।

ଏମିତି କିଛିଦିନ ଯାଉ ଯାଉ ଦୋଳଯାତ୍ରା ଆସିଲା। ମନ୍ଦିରର ପୂଜାରୀ କହିଲେ ରାଜୀବ, ଏହିଥର ଠାକୁର ପାଞ୍ଚଦିନ ଧରି ନଗର ଭ୍ରମଣ କରିବେ ଆଉ ବୁଲି ବୁଲି ଭୋଗ ଖାଇବେ, ତୁମେ ତାଙ୍କ ବିମାନକୁ ଧରିବ। ରାଜୀବ ହଁ ଭରିଲା। ପ୍ରଥମ ଦିନ ଯେବେ ଲୋକମାନେ ବିମାନରେ ଥିବା ଠାକୁରଙ୍କ ଗୋଡ଼ ଧୋଇବା ସହିତ ବିମାନ ଧରିଥିବା ଲୋକଙ୍କ ପାଦ ଧୋଇ ଦେଉଥାନ୍ତି, ରାଜୀବର ଆଖିରେ ଅଶ୍ରୁ ଆସି ଯାଉଥାଏ ଇଏ କ'ଣ ପ୍ରଭୁ ମୁଁ ତ ଆପଣଙ୍କୁ ଏତେ ବଡ଼ କଥା କେବେ ମାଗିନି କିନ୍ତୁ ଆପଣେ ଯେ ବଡ଼ ଦାନୀ ଜାଣିଚେ ମାଗିଲେ ଭରଣେ ଦିଅ। ଆଉ ଯିଏ ଆପଣଙ୍କ ସାଙ୍ଗରେ ଥାଏ ଆପଣଙ୍କ ଯୋଗୁଁ ତା'ର ମାନ ମଧ୍ୟ ବଢ଼ାଇ ଦିଅ ଠିକ୍ ଯେପରି କୁସୁମ ପରଶେ ପଟ ନିସ୍ତରି ଯାଏ।

(((-)))

ପୁରୁଣା ବ୍ରହ୍ମପୁର ପନ୍ଦର୍ ସାହି,ଗଞ୍ଜାମ
ପିନ୍ - ୭୬୦୦୦୯
ଯୋଗାଯୋଗ - ୮୨୬୦୦୨୩୦୧୩

ISSN NO.
2582-208X

# ଫଗୁଣର ଆଗମନ



ସିଦ୍ଧେଶ୍ୱର ତ୍ରିପାଠୀ

ବହୁଦିନପରେ ଏଇ ଜୀବନରେ
ଫଗୁଣର ଆଗମନ
ମନ୍ଦ ମନ୍ଦ ବହେ ମଳୟ ପବନ
ଆକାଶରେ ହସେ ଜହ୍ନ ।

ବିତିଲା ଅତୀତ ବିରହର ଗୀତ
ସବୁକୁ କବର ଦେଇ
ଗାଇବି ମୁଁ ଏବେ ମିଳନ ସଙ୍ଗୀତ
ସାଥି ଆଜି ତୁମପାଇଁ ।

ତୁମ ପରଶରେ ଫୁଟି ଉଠୁଥିବ
ଏ ଅଙ୍ଗେ ମିଳନ ଚିହ୍ନ
ବହୁଦିନ ପରେ ଏଇ ଜୀବନରେ
ଫଗୁଣର ଆଗମନ ।

ସାତ ସପନକୁ ସତ କରି ତୁମେ
ଆସୁଛ ଘରକୁ ମୋର
ବଉଳ ପାଟରେ ଦେହକୁ ଢାଙ୍କିଛ
ସିଂଥିରେ ନାଇ ସିନ୍ଦୁର ।

ISSN NO.
2582-208X

ଆଜି ତୁମ ପାଇଁ ହସେ ମୋ ଅଗଣା
ଆପେ ଝୁମିଯାଏ ମନ
ବହୁଦିନପରେ ଏଇ ଜୀବନରେ
ଫଗୁଣର ଆଗମନ ।

(((-)))

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଜୀବନ ଜିଇଁବାର ମନ୍ତ୍ର....



ଅଧ୍ୟାପକ ଅଶୋକ ମହାରଣା

ସମୁଦ୍ର ଆଡକୁ ମୁହଁକରି ବାଲି ଉପରେ ବସିଥିଲେ ରାଧାମାଧବ ଓ ଚାରୁଲତା । ସମୁଦ୍ରର ଉତାଳ ତରଙ୍ଗ କୂଳକୁ ଛୁଇଁ ଫେରି ଯାଉଛି ଥରକୁ ଥର । ପତି ପତ୍ନୀ ନିଷ୍ପଲକ ନୟନରେ ଚାହିଁ ରହିଛନ୍ତି ଦୂର ଦିଗବଳୟର ସୀମାହୀନ ଆକାଶକୁ, ଅବିରାମ ଗତିରେ ଆସୁଥିବା ଲହରୀକୁ ଓ ସମୁଦ୍ର ଲହରୀ ସହିତ ଖେଳୁଥିବା କେତେକ ପର୍ଯ୍ୟଟକଙ୍କୁ । ଉଲ୍ଲସିତ ଆବେଗରେ ଲହରୀ ସହିତ ଖେଳୁଖେଳୁ କେତେବେଳେ ଲହରୀ କୂଳକୁ ଠେଲି ନେଉଛିତ କେତେବେଳେ ତଳେ ପକାଇ ଦେଉଛି । ତଥାପି ଚାଲିଛିଖେଳ ଅବିଶ୍ରାନ୍ତ ଭାବରେ । ଯେଉଁମାନେ ଚତୁର ବଡ ବଡ ଢେଉ ଆସିଲେ ମଥା ପାତି ନଇଁ ପଡୁଛନ୍ତି, ଢେଉ ସେହି ଯାତ୍ରୀଙ୍କ ଉପରଦେଇ ଚାଲି ଯାଉଛି । ପୁଣି ଆସୁଛି, ପୁଣି ସେମାନେ ନଇଁ ପଡୁଛନ୍ତି । କେତେବେଳେ ଲହରୀର ଜିତାପଟ ତ କେତେବେଳେ ଯାତ୍ରୀମାନଙ୍କର, ଯେମିତି ଲାଗିଛି ହାର ଜିତ୍ ର ଖେଳ । ଯେଉଁମାନେ ଲହରୀକୁ ସମ୍ମୁଖୀନ ହୋଇ ପାରୁନାହାଁନ୍ତି ସେମାନେ ପଡି ଯାଉଛନ୍ତି, ହାରି ଯାଉଛନ୍ତି ।

ବାସ! ବଡ ଲହରୀଟେ ଆସଲା ଯେ ସମସ୍ତ ଯାତ୍ରୀଙ୍କୁ ଠେଲିଦେଲା ପୂରା କୂଳକୁ, କିଏ ପଡି ଗଲାତ, କାହାର ନାକ, ଆଖି, କାନ ପାଟିରେ ପଶିଗଲା ଲୁଣି ପାଣି । ସମସ୍ତେ ସଜାଡି ନେଲେ ନିଜକୁ ପୁଣି ଚାଲିଲା ଖେଳ । ରାଧାମାଧବ ଆଉ ଚାରୁଲତା ସେମିତି ଚପ୍‌ଚାପ୍ ହୋଇ ବସିଛନ୍ତି । କେବଳ ଶୁଭୁଛି ସମୁଦ୍ରର ଗର୍ଜନ ଆଉ ଯାତ୍ରୀଙ୍କ କୋଳାହଳ ।

ISSN NO.
2582-208X

ନୀରବତାକୁ ଚିରି ଚାରୁଲତା ପାଟିଖୋଲିଲେ... ବୁଝିଲ ରାଧାମାଧବ! ଲହରୀ ସଙ୍ଗେ ଖେଳିବା ଯେତିକି ଆନନ୍ଦ ସେତିକି ବିପଦ! ବୟସ ଅଛିତ ସମସ୍ତେ ଆନନ୍ଦ ଉଲ୍ଲାସରେ ମଜ୍ଜି ଯାଉଛନ୍ତି.... ଉଠୁଛନ୍ତି...ପଡୁଛନ୍ତି...ଉଠିପଡି ପଣି ଖେଳୁଛନ୍ତି... ସତରେ ମଣିଷ ଓ ଲହରୀ ମଧ୍ୟରେ ସମ୍ପର୍କ ଅତି ନିବିଡ ।

ଠିକ କହିଲ ଚାରୁ ରୁଦ୍ରମାଧବ ଆତ୍ମୀୟତାର ସହ ପ୍ରତ୍ୟୁତର ଦେଲେ, ସମୁଦ୍ର ଲହରୀକୁ ଯିଏ ବୁଝିଛି ସେ ଜାଣିଛି ଜୀବନର ସଫଳତା । ଯେତେ ବିପଦ ଆସୁ ମଥା ନଇଁ ସହିନେଲେ ସେ ବିପଦ ଦିନେ ଟଳିଯିବ । ମୁଣ୍ଡ ନୋଇଁଦେଲେ ଲହରି ତା ଉପର ଦେଇ ଚାଲିଯିବ । ମଣିଷ ହୁଏତ ଥକି ପଡିବ ହେଲେ ସମୁଦ୍ର ତରଙ୍ଗ ଅବରାମ ଗତିରେ ଚାଲିଥିବ ଆବର୍ତମାନ ଗତିରେ । ଯେତେ ଦୁଃଖ, କଷ୍ଟ,ଝ ଡ ଝଞ୍ଜା ଆସିଲେବି ମଥା ପାତି ସହିବାର ଶକ୍ତିକୁ ଯେ ଆୟତ କରିପାରିଛି ସେ ଜାଣିଛି ଜୀବନ ଜିଁଇବାର ମନ୍ତ୍ର । ଯା ମଧ୍ୟରେ ସହନଶୀଳତାର ଅଭାବ ସେ ହାରିବା ସାର...... ଦୁଃଖ ଲହରୀ ଭଳି ଠେଲି ଦେବ ତଳକୁ ତଳକୁ...... ।

ଚାରୁଲତା ରାଧାମାଧବଙ୍କ ମୁହଁକୁ ଅନାଇ ଫିକ୍‌କିନା ହସିଦେଲେ । ବୁଝିପାରିଲେନି ରାଧାମାଧବ... ଯେଉଁ ହସ ଟିକକ ପାଇଁ ସାରା ଜୀବନର ସାଥୀ କରି ନେଇ ଆସିଥିଲେ ଚାରୁକୁ, ସେ ହସ କୁଆଡେ ହଜି ଯାଇଥିଲା କେଉଁ ଦିନୁ । ଦିର୍ଘ ଦିନ ଧରି ରୋଗ ଶଯ୍ୟାରେ ପଡିପଡି ଜୀବନର ଆଶା ଛାଡି ଦେଇଥିଲେ ଚାରୁଲତା । ଅତି ବାଧ୍ୟକରି ତାଙ୍କୁ ପୁରୀ ନେଇ ଆସିଥିଲେ ରାଧାମାଧବ । ଘର କରିଥିଲେ ପଥର ପଡିଲେ ସହିର ସଞ୍ଜା ବୁଝିବାରେ କେଉଁଠି ବୋଧେ ଭୁଲ ରହିଗଲା ଚାରୁଲତାଙ୍କର । ସ୍ୱଳ୍ପ ଦରମାରେ ଏକାନ୍ନବର୍ତି ପରିବାରର ଆବଶ୍ୟକତା ପୂର୍ଣ୍ଣ କରୁକରୁ ଯୌବନ ଚାଲିଯାଇଥିଲା ।ସଂଚୟ ଶୂନ୍ୟ ମଣିଷ ହାରି ନଥିଲେ ବି ହାରି ଯାଇଥିଲେ । ଅଭାବବୋଧ ହିଁ ଚାରୁଲତାଙ୍କର ରୋଗ । ଚାରୁଲତା ଜିଇଁଥିଲେ...କଙ୍କାଳସାର ଶୀଷ୍ଣ ର୍ଶରୀର ନେଇ...ଯେତେ ବୁଝାଇଲେ ମଧ୍ୟ ଚାରୁଲତା ବୁଝିବାକୁ ନାରାଜ । ଏକା ଜିଦ୍ ଯେଉଁ ସନ୍ତାନ ହେବ କଣ ହେବ ତାର ଭାଗ୍ୟ! ବଡ ଘରେ ଚଳି ଆସିଥିବା ଚାରୁଲତା ଶାଗ ପଖାଳ ଖାଇବାରେ ଅଭ୍ୟସ୍ତ ହୋଇଥିଲେ ବି ମନକୁ ବୁଝାଇ ପାରିନଥିଲେ । ରାଧାମାଧବ କେତେ ଡାକ୍ତର, ବୈଦ୍ୟ, ପୂଜା ପାଠ କରିଥିଲେବି କୌଣସି ଫଳ ମିଳିନଥିଲା । ଡାକ୍ତର ଶୁଣାଇଦେଇଥିଲେ କଡା କଥା ଚାରୁଙ୍କ ଦେହରେ କୌଣସି

ISSN NO.
2582-208X

ରୋଗ ନାହିଁ, ରୋଗ ହେଉଛି ମାନସିକ । ମାନସିକ ରୋଗର ବା କଣ ଔଷଧ ଅଛି । ସବୁବେଳେ ଗୁମସୁମ୍ ଖିଆ ପିଆ ନାହିଁ, କଥାବାର୍ତା ନାହିଁ, ହସଖୁସି ନାହିଁ... ସେଇ ଚାରୁଲତାଙ୍କ ମୁହଁରେ ହସ ! ବାରିଦ ବକ୍ଷରେ ବିଦ୍ୟୁତ୍ ପ୍ରଭାର କ୍ଷଣିକ ପ୍ରଭା!

ଚାରୁଙ୍କ ମୁହଁକୁ ବଲବଲକରି ଚାହିଁ ଥିଲେ ରାଧାମାଧବ । ଚାରୁ କହିଲେ କଣ ଏମିତି ଚାହିଁଛ ଯେ... କଣ ହେଇଛି କି ମୋର! ଏ ଲହରି ମୋତେ ଶିଖାଇ ଦେଇଛି ଜୀବନ ଜିଇଁବାର ମନ୍ତ୍ର ।

ରାଧା ମାଧବଙ୍କ ଆଖିରେ ଆଖିଏ ଲୁହ! ଆନନ୍ଦର...ନା... ଦୁଃଖର । ଚାରୁଲତା ପଣତକାନିରେ ପୋଛିଦେଲେ ରାଧାମାଧବଙ୍କ ଆଖିରେ ଜକ ଜକ କରୁଥିବା ଦୁଇଟୋପା ଲୁହକୁ! ରାଧାମାଧବ ଛୋଟ ପିଲାଠାରୁ ବି ଆହୁରୀ ଛୋଟ ହୋଇଯାଉଥିଲେ.. ।

(((-)))

ସା/ପୋ:ସିମିନଇ, ଜିଲ୍ଲା:ଢେଙ୍କାନାଳ
ପିନ-୭୫୯୦୨୫
ମୋ:୯୪୩୭୨୯୦୧୮୧

ISSN NO.
2582-208X

# ମାତୃଭାଷାର ମମତା.....



ଦୁଷ୍ମନ୍ତ ବେହେରା

ଜନନୀ ଭୂମି କୁ ନେଇ
ମୁଁ ଗାଏ ନାନା ଗୀତ.....

ସ୍ୱର ଭାବ ତାଳ ରେ ଛନ୍ଦା
ମୋ ଓଡ଼ିଆ ଭାଷା ମମତା.....

ଗାଏ ମୁଁ ଗୀତ ହସେ ମୋ ମିତ
ଛନ ଛନ ମୋ ହୃଦୟ ଭାଷା.....

ଓଡ଼ିଆ କଳା ଇତିହାସ ସାକ୍ଷୀ
ପରିଚୟ ସୃଷ୍ଟି କରେ ମାତୃଭାଷା କହି....

ବଳିଷ୍ଠ ହୃଦୟେ ମାତୃଭାଷା ମମତା
ପ୍ରାଣ ମୂର୍ଚ୍ଛନା ରେ ଝୁରେ ଜୋଛନା....

ଅତୀତ କହେ ବର୍ତ୍ତମାନ କୁ ନେଇ ମୋ
ଓଡ଼ିଆ ଭାଷାରେ ଅଛି ଶରଗ ସୁଖ ଭାଇ....

ସରଳ ସୁନ୍ଦର ମାତୃଭାଷା ରେ ଭରା
ଦେଖି ତୋଷିବ ଜନ ମାନସ ପରା.....

(((-)))

ଗୁସୋଳ (ମୁଣ୍ଡିଆପଷି), ଢେଙ୍କାନାଳ
ମୋ ନଂ-୮୮୯୫୦୯୦୧୬୩

ISSN NO.
2582-208X

# ସାବିତ୍ରୀ



ଦୀନବନ୍ଧୁ ବେଜ

ସତ୍ୟବାନ ଆଜି ପାଇଛି ପୁନଃ ଜନ୍ମ
ଏବେ ଏବେ ଲାଗିଯାଇଛି  ଡ଼େଣା
ଉଡ଼ିବ ସେ ବିବିଧ ପ୍ରମୋଦ ଉଦ୍ୟାନ
ତୋଳି ଆଣିବ ମିଠା ଫୁଲ ସ୍ୱପ୍ନ
ଝୁମୁକା ଆଣିବ ଶୋଭା ପାଇବ
ଅନେକ ଦିନରୁ ଖାଲି ଥିବା ପ୍ରିୟା କାନ
ମନେ ରଖିବ ଯୁଗକୁ ତା ପ୍ରିୟତମା ।

ପୁଣି ଗୁଡ଼ି ଉଡେଇବ ବେଳା ଭୂମିରେ
ଗଛରେ ଖେଳିବେ ଡ଼ାଳ ମାଙ୍କୁଡ଼ି
ଯେବେ ଲାଗିବ ମଞ୍ଜା ସୁତା
ଗଛ ଆକାଶ ଛଡିର ଅନେକ ଉଚ୍ଚରେ
ଜାଣି ଜାଣି ହାରିବ ପଛେ ପ୍ରେମିକାକୁ
ଉଚ୍ଚରୁ ଉଲ୍ଲାଇ ଦେବନି ।

ତା ମଥାପରେ ଟିକିଲି ହୋଇ ବସିବ ସିଏ
ଦାଉ ଦାଉ ଦିଶିବ ଶ୍ରୀମନ୍ତ
ଶଙ୍ଖା ବଜ୍ର ହେବା ପାଇଁ ତା ତପସ୍ୟା

ISSN NO.
2582-208X

ଗ୍ଭରିଦିଗ ହେବ ନନାଦିତ
ସବୁ ପ୍ରେମକୁ ଅମର କରିବା ପାଇଁ
ଯନ୍ତ୍ରଣା ଗ୍ଭପିବ ସିନା ହୃଦୟରେ
କୋହ ମେଳାଇ ଜଙ୍ଗଲ ନଆଁରେ
ଲିପା ପୋଛା କରିବନ ସାମାନ୍ୟ ଭ୍ଵବରେ।

ସେ ଦାନ ମାଝି ହେବା ପାଇଁ ପ୍ରସ୍ତୁତ
ପାଦର ଦଳଦେବ ନାହିଁ ତା ପ୍ରେମ
ଝଡ଼ି ଯାଇଥିବା ଦେବଦତ୍ତ ଫୁଲ କୁ
କାନ୍ଧରେ ଲ୍ଉପଚ୍‌ା କରି ଲଙ୍ଘିଯିବ
ବିଶ୍ୱାସର ସମସ୍ତ ବୁଜୁଳାକୁ
ଜଳ ଜଳ କରି ଖାଲି ଦେଖିବ ନାହିଁ
ବଂର ଢ଼ଙ୍ଗ ଢ଼ଙ୍ଗ କରି ଘଣ୍ଟି ବଜାଇବ
ପତି ସିଏ ଯୁଗ ଯୁଗ ସାଥିସିଏ ।

ଖଇ ବିଂଚ଼ି ଜଗତକୁ କହିଦେବ
ପ୍ରେମ କେତେ ସ୍ୱାର୍ଥ କେତେ ଯେ ଗଭୀର
ଅହି ସୁଲକ୍ଷଣୀ ହେବା ପାଇଁ
କପରି ସେ ଗ୍ଭହିଁଅଛି ପ୍ରଥମ ମରଣ
ବିଦାୟ ମେଲ୍ଣି ପାଇଁ
କପରି ପଶିଅଛି ବିଭୂଙ୍କ ଶରଣ ।

ସାବିତ୍ରୀ କେଉଁ ଅଲଗା ଚରିତ୍ର କ
ଘରେ ଘରେ ଘର ସଜାଡୁ ଥିବା ନାରୀ
ଶାଶୁ ଶ୍ୱଶ୍ୱର ସେବା କରୁଥିବା ବୋହୁ
ସ୍ୱାମିକୁ ପ୍ରେମ ବାଣ୍ଟୁଥିବା ପତ୍ନୀ
ଇହ କାଳ ପର କାଳର ଦେବତା କହିଥିବା

ISSN NO.
2582-208X

ସ୍ୱାମିକୁ ଛାଡ଼ି ଅହି ସୁଲକ୍ଷଣୀ ହୋଇ
କଥା ରଖି ଆରଜନ୍ମକୁ ସାଥି ହେବାପାଇଁ
ବିହି ପାଖର ଅଡ଼ି ଧରିଥିବା
ହାଡ଼ ମାଂସ ରକ୍ତଧାରୀ ନସ୍ୱାର୍ଥୀ ମଣିଷ ।

(((-)))

ବାସୁଦେବପୁର, ଭଦ୍ରକ, ଓଡ଼ିଶା, ଭାରତ
ସଂପର୍କ -୭୬୮୩୯୨୦୨୨୧

ISSN NO.
2582-208X

# ଅସ୍ତାଚଳ



ଛବିର୍ଣୀ ପତି

ମୂଳହିନ୍ଦୀ - ମାଳତୀ ଯୋଶୀ
ଅନୁବାଦ - ଛବିର୍ଣୀ ପତି

ସକାଳୁ ସକାଳୁ ଉଠି ତଳକୁ ଆସିଲି, ତ ଦେଖିଲି - ରୋଷେଇ ଘରେ ବାପଝିଅଙ୍କର ଆସର ଜମିଛି । ମଝିରେ ଆମ୍‌ଲେଟ୍‌ରୁ ଥାକେ ରଖାହେଇଛି ଆଉ ହାତରେ ଚା' କପ୍ ଧରି ଠିଆଠିଆ ହିଁ ଜଳଖିଆ ହେଉଛି ।

"ଆଉ ନିଅ ନା, ବାପା ପ୍ଲିଜ୍ !" ଚିତ୍ରା ଜିଦି କରି କହୁଥିଲା ।

"ନାଇଁ ଝିଅ, ଏବେ ନାହିଁ, ଆଉ ନାହିଁ ।"

"କାଇଁକି, ଭଲ ତିଆରି ହୋଇନି କି ?"

"ଭଲ କ'ଣ, ବହୁତ ଭଲ ବନା ହେଇଛି । କିନ୍ତୁ ଏବେ ମୁଁ ଆଉ ଆଗପରି ସେତେ ନୁହଁ କମ୍ ହିଁ ଖାଇପାରୁଛି ଝିଅ, ଯେହେତୁ ବୁଢ଼ା ହୋଇଗଲିଣି ନା ।"

"ପୁଣି ଆପଣ ସେମିତି ଖରାପ କଥା କହିଲେ ! ଯାଆନ୍ତୁ, ମୁଁ ଆପଣଙ୍କ ସହ କଥା ହେବିନି ।" ଚିତ୍ରା ମୁହଁ ଫୁଲେଇ କହିଲା । ସେତେବେଳେ ସେ ପୂରା ଛୋଟ ପିଲା ହୋଇଯାଇଥିଲା ।

ISSN NO.
2582-208X

ତାକୁ ନିଜର ସ୍ନେହାବିଳତାର ଦୃଷ୍ଟି ପଖାଳିବାରେ ତା' ବାପାଙ୍କର କଣ୍ଠସ୍ୱର ତରଳି ଯାଉଥିଲା, "ଏତେ ସ୍ନେହ କର ନାହିଁ ବାପାଙ୍କୁ । ଚାଲିଯାଉଛୁ, ତ ପୁଣି ବହୁତ ଖାଁ ଖାଁ ଲାଗୁଛି... ।"

"ତା'ହେଲେ ମୋତେ ସେଠିକି ପଠାଉଛ ହିଁ କାହିଁକି ?" ସେ ତା' ବାପାଙ୍କ ଛାତିତଳେ ମୁହଁ ଗୁଞ୍ଜି କହିଲା । ସେ ତା'ର ଗୋଟିଏ ହାତରେ ଚା' କପ୍ ଧରି ତାକୁ ଆଉଁସି ଦେଉଥିଲେ ।

ରୋଷେଇ ଘରର ଦୁଆର ମୁହଁରେ ଠିଆ ହୋଇ ମୁଁ ଏ ସବୁ ଡ୍ରାମା ଦେଖୁଥିଲି । ଏପରି ବିନା କାରଣରେ ଭାବବିହ୍ୱଳ, ମୋତେ ବିଲ୍‌କୁଲ୍ ପସନ୍ଦ ଆସୁ ନ ଥିଲା । ଇଚ୍ଛା ତ ହେଉଥିଲା ଚିତ୍ରାକୁ ଥରେ ଗାଳି ଖୋଇବାକୁ; ହେଲେ ବିବାହିତ ଝିଅକୁ ଏମିତି ଏକଦମ୍ କିଛି କହି ବି ତ ହୁଏ ନାହିଁ । ଜିଭ ଆପେ ଆପେ ଅଟକିଯାଏ ।

କୌଣସି ପ୍ରକାର ନିଜେ ନିଜକୁ ସଂଯତ କରି ମୁଁ ରୋଷେଇ ଘରକୁ ପଶିଗଲି, "ଏଠି ସକାଳୁ ସକାଳୁ କ'ଣ ଖଡ଼ଖାଡ଼ ଆରମ୍ଭ କରିଦେଲ ତୁମେମାନେ । ଚାରିଟା ଦିନ ପାଇଁ ଆସିଛୁ, ଭଲରେ ଟିକେ ଆରାମ୍ ବି କରିପାରୁନୁ ତୁ ଚିତ୍ରା !"

ଲକ୍ଷେ ଚେଷ୍ଟା ସତ୍ତ୍ୱେ ବି କଥାରେ ଟିକେ କଠୋରତା ଆସି ହିଁ ଯାଇଥିଲା । ସେ ଦୁଇଜଣ ବହୁତ ଜୋର୍‌ରେ ଡରିଗଲେ । ଆଙ୍କର ତ ଚା' ଉଛୁଳିପଡ଼ି ଗଞ୍ଜିରେ ପଡ଼ିଗଲା ।

"ଚା' ଜଳଖିଆ ସବୁ ତିଆରି ସରିଛି । ମମ୍ମିର ତ ଆଜିକାଲି କିଛି ଆବଶ୍ୟକତା ହିଁ ନାହିଁ, ହଁ ନା ?"

ମୋର ରୁକ୍ଷ କଥାକୁ ନ ଶୁଣିଲା ପରି ଚିତ୍ରା କହିଲା, ବାପା, ଗଞ୍ଜି ଓହ୍ଲେଇ ଦିଅନ୍ତୁ, ପ୍ଲିଜ୍ ! ଡେରି ହୋଇଯିବ ତ ଦାଗ ଆଉ ଛାଡ଼ିବନି" ଏବଂ ଗଞ୍ଜି ନେଇ ସେ ଗାଧୁଆଘରକୁ ପଳାଇଗଲା ।

"ଚା' ନେବ ?"

"ମୁଁ ଚମକିପଡ଼ି ଦେଖିଲି, ଏକବାର ନିର୍ଲିପ୍ତ ଚେହେରା ନେଇ ଇଏ ଗ୍ୟାସ୍ ପାଖରେ ଠିଆ ହୋଇଥିଲେ । ଏତେ ରାଗ ଆସିଲା !"

"ସେଠି ତ ସେ ବୁଢ଼ା ଅଛି ଏମିତିରେ, ଏଠି ବି ତୁମେ ଏତେ ଜଲ୍‌ଦି ଉଠିଯାଇ ତାକୁ ହଇରାଣ କାହିଁ କରୁଛ ?"

ISSN NO.
2582-208X

"ମୋର ଶୀଘ୍ର ଉଠିବାର ଅଭ୍ୟାସ ଆଜିର ତ ନୁହେଁ ନା ?"

"କିନ୍ତୁ ଏ ମହାରାଣୀ ତ କେବେବି ଆଠଟା ପୂର୍ବରୁ ଶେଯ ଛାଡ଼ି ଖଟତଳେ ପାଦ ରଖେନି । ଜଣା ନାହିଁ ତା' ଶଶୁରଙ୍କୁ ରାତି ଚାରିଟାରୁ ଉଠି କୋଉ ମନ୍ତ୍ର ସାଧନା କରିବାକୁ ହୁଏ । ଛଅଟା ମାସରେ ଝିଅଟାକୁ ପୂରା ଗୃହିଣୀ ବନେଇ ସାରିଲାଣି ।"

"ଏଥିରେ ଖରାପ କ'ଣ ଅଛି ?" ଇଏ ସବୁବେଳ ପରି ଦୁଇପଦରେ ଉତ୍ତର ଦେଲେ। ମୁଁ ପୁଣି କିଛି କଡ଼ା କଥା କହିବାକୁ ଯାଉଥିଲି କି "ମମ୍ମି, ଚା' ର ଆବାଜ୍ ଦେଇ ଶିରିଷ୍ ଫଟାଫଟ୍ ସିଡ଼ିରୁ ଓହ୍ଲାଇ ଆସିଲା । ଇଏ ଚୁପଚାପ୍ ପଛ କବାଟ ଦେଇ ଆମ ରୋଷେଇ ବଗିଚାକୁ ଖସିଗଲେ ।

"ବାପା ପିଇଲେଣି କି ?" ସେ ତାଙ୍କ ଚା' କପ୍ ନେଉନେଉ ପଚାରିଲା ।

"କେତେବେଳଠୁଁ । ଆଜି ତାଙ୍କ ଗେହ୍ଲି ଅଛି ନା ଏଠି, ସେଇ ତିଆରି କରି ଦେଇଦେଇଛି ।" ମୁଁ ଥଙ୍ଗା କରି କହିଲି ।

"ଇଏ ମ୍ୟାଡମ୍ ଚୁଲ୍‌ବୁଲି ବହୁତ ବୁଦ୍ଧିମାନ୍ ହୋଇଗଲାଣି ଆଜିକାଲି । ମିଲିଟାରୀ ଡିସିପ୍ଲିନ୍‌ରେ ବଢ଼ୁଛି ନା । ଚାଲ୍, ଭଲ ହେଲା, ଭଲ ଖାଦ୍ୟ ବି ତିଆରି କରିଲାଣି । ଏ ଆମ୍‌ଲେଟ୍ ସେଇ କରିଛି ନା, ଭଲ ।"

"ବାସ୍, ଏଇସବୁ ତ କରିବ ସିଏ । ପାଠ-ଶାଠ ତ ସବୁ ଚୁଲିକି ଯାଉଛି । ଆଉ ଗୋଟିଏ ବର୍ଷ ରହିଲା ଏମ୍.ଏ. କୁ । କେତେ କହିଲି, ଏଠି ଜଏନ୍ କରିନେ, ମାତ୍ର ତାକୁ ତ ଘରର ଚିନ୍ତା ଲାଗିଗଲାଣି । ଇଏ ନ ଥିଲା, ସେତେବେଳେ ବି ସେଠି କେହି ଏ ସବୁ କାମ କରୁଥିଲା । ଦେଖି ରଖ ତୁ, ଏ ଝିଅ ସାରା ଜୀବନରେ ଆଉ ଏମ୍.ଏ. କରିପାରିବ ନାହିଁ।"

"ଛାଡ୍ ନା ମମ୍ମି, ଆମ ମୁଣ୍ଡ କାହିଁ ବଥଉଛି । ବାହାଘର ତ' ହୋଇଗଲାଣି । ଏବେ ତା' ସ୍ୱାମୀ ଚାହିଁଲେ ତାକୁ ପଢ଼େଇବ, ଚାହିଁଲେ ଘରେ ରଖିବ, ଆମର କ'ଣ ଅଛି ।"

"ହଁ, ତୋର କ'ଣ ଅଛି । ଯେମିତି ବାପ, ସେମିତି ପୁଅ ।"

"ଓଃ ଆରେ ସାତଟା ବାଜିଗଲାଣି । ଆଇ ମଷ୍ଟ ଗେଟ୍ ଗୋଇଙ୍ଗ୍ ।" କହିକହି ସେ ଗାଧୁଆଘର ଆଡ଼କୁ ଚାଲିଗଲା । ଆଉ ମୁଁ ସେଇଠି ଭୂତ ପରି ସେମିତି ଠିଆ ହୋଇଥିଲି ।

ISSN NO.
2582-208X

ବାଥ୍‌ରୁମ୍‌ରୁ ଆସୁଥିବା ଚିତ୍ରାର ପାଦ ମୋ ଧ୍ୟାନ ଭାଙ୍ଗିଦେଲା । ଯାଇଁ ଦେଖିଲି, ଥଣ୍ଡା ପାଣିରେ ସରସର ଚିତ୍ରା ଠିଆ ଠିଆ ଥରୁଛି – କାନ୍ଧରେ ବାପାଙ୍କର ଧୁଆ ହୋଇଥିବା ଗଞ୍ଜି ପଡ଼ିଛି ଆଉ ଶିରିଷ୍ ନୀଳବଡ଼ିର ମୁହଁ କରି ତାକୁ ଡରଉଛି ।

"ଇଏ କ'ଣ ବୋକୀ ପରି କାମ କରୁଛୁ । ଅସୁସ୍ଥ ହେବାର ଇଚ୍ଛା ହେଉଛି କି ?" ମୁଁ ଚିତ୍ରାକୁ ବାହାରକୁ ଟାଣି ଆଣୁଆଣୁ କହିଲି, କିନ୍ତୁ ଚେଷ୍ଟା କରି ମଧ୍ୟ ନିଷ୍ଠୁର ଭାବେ କହିପାରିଲି ନାହିଁ । ସେ ଦୃଶ୍ୟ ହିଁ ସେମିତି ଥିଲା ।

ଶିରିଷ୍ ତା'ର ଗୀତ ଆରମ୍ଭ କଲା –

"ଡାକ୍ତର ଦେଖିଲେ ଭଲ ଭାବରେ
ମୋ କଣ୍ଢେଇ ପଡ଼ିଛି ବେମାରୀରେ..."

ମୋ ହାତ ଛଡ଼େଇ ଚିତ୍ରା ପୁଣି ତା' ପାଖକୁ ଗଲା, ହେଲେ ସେ ଚଟ୍‌କିନା କବାଟ ବନ୍ଦ କରିଦେଲା ।

"ଇଏ କ'ଣ, କି କୁସଂସ୍କାର, ଶିରିଷ ? ଏବେ ତା' ହାତ ଯଦି ଧରି ପକେଇଥାନ୍ତି ନା ।" ଉତ୍ତରରେ ତା'ର ବେସୁରା ସ୍ୱର ଶୁଭୁଥାନ୍ତା ।

ଛୁଆ ଛୋଟ ଛୋଟ ଥିଲେ, ସେତେବେଳେ ଏହି ପ୍ରକାର ହଙ୍ଗାମାରେ ମୋର ବ୍ଲଡ୍‌ପ୍ରେସର ବଢ଼ିଯାଉଥିଲା । ହେଲେ ଏବେ ତ ଯେମିତି ଏହି ପ୍ରକାର ପାଟିତୁଣ୍ଡକୁ ବହୁତ ମନେପକାଇ ରହିବାକୁ ହେଉଛି ।

ଏବେ ତ ସେକଥା ଭୁଲ୍‌ରେ ବି ଭୁଲିପାରୁ ନ ଥିଲାବେଳେ ଏସବୁ କୋଳାହଳ ଚିତ୍ରା ସାଙ୍ଗରେ ହିଁ ଚାଲିଯିବ । ଶିରିଷ୍ ତ ଗୋଟେ ଧୂମକେତୁ । ଆସିବ ତ ଘରକୁ ସାଙ୍ଗରେ ପଲ୍ଲ ପଲ୍ଲ ଧରି ଆସିବ, ନ ହେଲେ ପୂରା ଦିନସାରା କୁଆଡ଼େ ହଜିଯିବ ।

କାଲିର କଥା, ମେଜର ସାହେବଙ୍କ ଚିଠି ସହିତ ତା'ର ଯିବାର ଅନୁଭବ ଗୋଟେ ବୋଝପରି ଆସି ମନରେ ବସିଗଲାଣି । ବୋଝ ଏଇଥିପାଇଁକି ଯେ ମୋତେ ଜଣା ଅଛି – ଚିତ୍ରାର ଯିବାକ୍ଷଣି ହିଁ ଆମେ ତିନିଜଣ ତିନୋଟି ଦୀପ ପରି ଅଲଗା ଅଲଗା ହୋଇଯିବୁ, ଘର ଏକଦମ୍ ଶୂନ୍‌ଶାନ୍ ହୋଇଯିବ ।

ସେ ପ୍ରଥମଥର ପାଇଁ ଶାଶୂଘର ଯାଇଛି, ସେତେବେଳେ ସେମିତି କିଛି ହୋଇ ନ ଥିଲା । ଏକ୍‌ରେ ତ ଘରେ ବହୁତ କୁଣିଆ ଥିଲେ । ଘର ସବୁ ସଜାଡ଼ିବାର ବହୁତ କାମ ବି

ISSN NO.
2582-208X

ଥିଲା । ପୁଣି ସମସ୍ତଙ୍କର ଯିବା-ଆସିବା ଲୋକମାନଙ୍କର ଆଲବମ୍ ଦେଖିବାରେ, ତାଙ୍କ ମୁହଁରୁ ବାହାଘର କଥା, ଯୌତୁକ କଥା, ଜୋଇଁଙ୍କ ପ୍ରଶଂସା ଶୁଣୁଶୁଣୁ ଦିନ କୁଆଡ଼େ ବିତି ଯାଉଥିଲା, ଜଣା ପଡୁ ନ ଥିଲା ।

ଏବେ ତ ଯେମିତି ସବୁ ଆଗ୍ରହ ହିଁ ଭାଙ୍ଗି ଯାଉଛି । ତଥାପି ଝିଅର ବିଦା, ବିଦାୟ ହିଁ ହୋଇଥାଏ । ଉପରକୁ ନିଜ ରୁମ୍‌କୁ ଆସି ପେନ୍ ଧରି ଲିଷ୍ଟ କରିବାରେ ଲାଗିପଡ଼ିଲି । କାଗଜ ପାଇଁ ଡ୍ର ଖୋଲିଲି ତ ଚିତ୍ରାର ଶଶୁର ମେଜର ସାହେବଙ୍କ ଚିଠି ହାତରେ ପଡ଼ିଗଲା। ତାକୁ ଦ୍‌ଦ୍ୱିତୀୟଥର ପଢ଼ିଲାବେଳକୁ ବାରବାର ମନରେ ଗୋଟେ କଥା ଚିନ୍ତା ଆସୁଥିଲା – "ବୋହୂକୁ ଏବେ ଶୀଘ୍ର ପଠେଇ ଦିଅ ତ ଭଲ ହେବ । ଅଶୋକର ମନ ଏବେ କାହିଁ କିଛି ଭଲ ରହୁନି ।"

ଏଇ ପଦେ କଥାରେ କାଲି ମୁଁ ବହୁତ ରାଗି ଯାଇଥିଲି । ଅସଲରେ ରାଗ ଚିଠି ଉପରେ ଆସି ନ ଥିଲା । ସେଇ ବିଚାରଧାରାକୁ ତ ବହୁତ ଶାଳୀନତାରେ ନିଜର ମତକୁ ସେ ପ୍ରକାଶ କରିଥିଲେ । ପ୍ରକୃତରେ ମୁଁ ଚିଡ଼ି ଉଠିଥିଲି ନିଜ ଝିଅ ଉପରକୁ । ଘରକୁ ଫେରିବା ଭାବନାରେ ହିଁ ତା' ମନ କେମିତି କୁଣ୍ଢେମୋଟ ହୋଇଯାଇଥିଲା । କିନ୍ତୁ ନିଜ ରାଗ ଓାରିଲି ଅଶୋକ ଉପରେ, "ଘରେ ଏକ ଡଜନ ଝିଅମାନେ ଅଛନ୍ତି । ସେମାନେ ତାଙ୍କର ଯତ୍ନ ନେଇପାରୁ ନାହାନ୍ତି କି ? ଯେଉଁଥିପାଇଁ ଡକରା ପଠେଇଛନ୍ତି । ଇଏ କ'ଣ ଗୋଟେ ଡାକ୍ତର ନା କ'ଣ ?"

"ଏମିତି ହିଁ ହୋଇଥାଏ କଲ୍ୟାଣୀ ! ଏତେ ସବୁ ଲୋକଙ୍କ ଭିତରେ ବି ମଣିଷ ଏକା ରହିଯାଏ ।" ତାଙ୍କ କଥା ଶୁଣି ଚମକି ଉଠି ଦେଖିଲି – ଚେହେରା କେମିତି ଗୋଟେ ହେଇଯାଇଥିଲା । ଭଲ ହେଲା, ଛୁଆମାନେ ସେତେବେଳେ କୁଆଡ଼େ ଦୂରକୁ ଚାଲିଯାଇଥିଲେ ।

କେତେ ରାତି ପର୍ଯ୍ୟନ୍ତ ମନରେ ସେଇ ଗୋଟିଏ କଥା ଆଉଟି ହେଉଥିଲା । ସ୍ମୃତିରେ ପହଁରୁଥିଲା – ବରେଲି ଦୁମଂଜିଲ୍ଲାର ଛୋଟ ଘରଟିଏ । ଉପର ଛାତକୁ ଲାଗି ରୁମ୍‌ଟା ଆମର ଥିଲା । ଖରାଦିନମାନଙ୍କରେ ସେଠି ବସିବା ବି ସଙ୍କଟ ହୋଇପଡୁଥିଲା । ଶୀତଦିନ ବି ବହୁତ କଷ୍ଟରେ କଟୁଥିଲା । କିନ୍ତୁ ତଳର ଭିଡ଼ଭାଡ଼ରୁ ହିଁ ତ ମୋତେ ସେ କଷ୍ଟ ସହ୍ୟ ହେଉଥିଲା । ଏମିତି ପରେ ବି ମୁଁ ସେଠି ଚାରିମାସଠୁ ଅଧିକ ରହିପାରି ନ ଥିଲି । ଚିତ୍ରାର

ISSN NO.
2582-208X

ଜନ୍ମ ସମୟରେ ବି ଆଠମାସ ଏଇଠି ମା' ପାଖରେ ରହିଥିଲି । ସେତେବେଳେ ବାପା ୟାଙ୍କ ପାଇଁ ବି ଏଇ ଭୋପାଲ୍‌ରେ ଅଫିସ୍ ଖୋଲି ଦେଇଥିଲେ ।

ଏକଥା ତ ବହୁତ ଡେରିରେ ଜାଣିଲି ଯେ କିଛି ଚାରା ଏମିତି ବି ଥାଏ, ଯିଏ ଏତେ ସହଜରେ ଅନ୍ୟ ଜାଗାରେ ଚେର ଧରିପାରନ୍ତି ନାହିଁ, ଆଉ ନିଜର ଅସ୍ତିତ୍ୱ ହଜେଇ ଦିଅନ୍ତି। ସେଇଥିପାଇଁ ତାଙ୍କର ଏପରି କଥା ରାତିଯାକ ମୋ ମନରେ ଘର କରିଦେଇଥିଲା । ବୋଧହୁଏ ସେଥିଯୋଗୁଁ ସକାଳୁ ମୋ ମୁଡ୍ ଏତେ ଖରାପ ଥିଲା ।

ଲିଷ୍ଟ୍ ସମ୍ପୂର୍ଣ୍ଣ କରି ମୁଁ ଉଠିଲି ଆଉ ଝରକା ବାଟରେ ଦେଖିଲି – ମୋ ଅନୁମାନ ଠିକ୍ ଥିଲା। ଚୁଡ଼ିଦାର ପଞ୍ଜାବି ପିନ୍ଧି ବଡ଼ ମନୋଯୋଗ ଦେଇ ସେ ବାଇଗଣ ଗଛର ଯତ୍ନ ନେଉଥିଲେ, ଯେମିତିକି ଦୁନିଆର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାମ ଏଇ ଗୋଟିକ ।

"ଶୁଣ, ଟିକେ ଉପରକୁ ଆସିବ କି ?" ଅଜାଣତରେ ସ୍ୱର ପୁଣି ପିତା ପରି ହୋଇଯାଇଥିଲା। ସେ ଚମକି ଉପରକୁ ଚାହିଁଲେ ଏବଂ ଗୋଟେ ଅପରାଧୀର ଭାବ ନେଇ ସେ ଚଟାପଟ୍ ଠିଆ ହୋଇଗଲେ । ମୋ ପାଖକୁ ଉପରକୁ ଆସ, ସେବେ ତାଙ୍କ ମୁହଁ ପୂରା ବଦଳିଗଲା ପରି ଲାଗୁଥିଲା ।

ମୁଁ ଚିଠା ବଢ଼େଇ କହିଲି, "ଚିତ୍ରାକୁ ସାଙ୍ଗରେ ନେଇଯାଅ । ତା'ରି ପସନ୍ଦର ଜିନିଷ ଆସିବ ତ ଆହୁରି ଭଲ ହେବ ।"

ସେ ଯିବାକୁ ଉଦ୍ୟତ ହୁଅନ୍ତେ, ପୁଣି କହିଲି, "ଶୁଣ, ସେଦିନ ବନା କହୁଥିଲା କି ଅଶୋକର ଟ୍ରାନ୍‌ସଫର୍ ଏଠିକି ବି ହୋଇପାରିବ ।"

"ହଁ, କହୁ ତ ଥିଲା ।"

"ତା'ହେଲେ ଫୋନ୍ କରିକି ଟିକେ ପଚାର ନା, କେମିତି କ'ଣ କରିବାକୁ ହେବ ।"

"ଏତେ ଜଲ୍‌ଦି କ'ଣ ଯେ ?"

"ଜଲ୍‌ଦି କାଇଁ, କ'ଣ ତୁମେ ଚାହୁଁନା କି ଚିତ୍ରା ଏଠି ରହୁ – ଆମ ଆଖି ସାମ୍ନାରେ ?" ସେ କିଛି ସମୟ ଚୁପ୍ ରହିଲେ । ପୁଣି ଧୀରେ କି କହିଲେ, "ମୁଁ କ'ଣ ଚାହେଁ, ତା' ତ ଏ ଘରେ କୌଣସି ଗୁରୁତର ବିଷୟ ନୁହେଁ, କିନ୍ତୁ ତ ତୁମ ଇଚ୍ଛା କ'ଣ ଜାଣେ ତ ଆଗ ।"

ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଚାହିଁଥିଲି ।

ISSN NO.
2582-208X

"ତୁମର ନିଜର ଇଚ୍ଛା କ'ଣ ? ତାହା ତ ଦେଖ । ଆଗ ଜଣାପଡୁ, ଏବେ ଅଚାନକ ତୁମ ସ୍ନେହମମତା କାହିଁକି ଉତୁରି ଆସୁଛି ଯେ ଏମିତି । ତାକୁ କ୍ଷଣେ ବି ଆଖିରୁ ଦୂରେଇବାକୁ ଚାହୁଁନ ତୁମେ । ହେଲେ କାଲିଯାଏ ତୁମ ମନରେ ଗୋଟିଏ ଜିଦି ପଶିଥିଲା ତା'ର ବାହାଘରକୁ ନେଇ । କେତେ କାନ୍ଦିଥିଲା ସେ, ହେଲେ ତୁମ ଜିଦି ପୂରଣ କରିକି ହିଁ ରହିଲ । ଆଉ ଏବେ ସେ ବିଚାରି ସେଠାରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ଚେଷ୍ଟା କରୁଛି ତ ତୁମେ ସବୁଦିନ ଗୋଟେ କେଶ୍ ଆଣି ଠିଆ କରିଦେଉଛ । ସେତେବେଳେ କୁଆଡ଼େ ଯାଇଥିଲା ତୁମର ପ୍ରେମ, ତୁମର ଏ ସ୍ନେହ ?"

ତାଙ୍କର ଏ ଲମ୍ବାଚଉଡ଼ା ଅପ୍ରତ୍ୟାଶିତ ଭାଷଣରେ ମୋ ଲୋମ ଟାଙ୍କୁରି ଉଠିଲା । ଅଗ୍ନିବର୍ଷା ହେଉଥିବା ତାଙ୍କର ସେ ଚାହାଣିରୁ ନିଜକୁ ବାଇବାକୁ ଯାଇ ମୁଁ ବିଷ ଓଗାଳିବା କଣ୍ଠରେ କହିଲି, ସେତେବେଳେ... ? ମୋତେ ସେତେବେଳେ କେବଳ ଗୋଟିଏ ଡର ଖାଇଯାଉଥିଲା କି... ସେ ବି ମୋରି ପରି କିଛି ବୋକାମି କାମ କରି ନ ଦେଉ ।

ତାଙ୍କର ରାଗରେ ପାଚିଯାଇଥିବା ଚେହେରା ଏକଦମ୍ ଶାନ୍ତ ପଡ଼ିଗଲା । ନିଆଁ ବର୍ଷା ହେଉଥିବା ଆଖି ମଳିନ ହୋଇଗଲା । ଅସ୍ତ ଯାଉଥିବା କ୍ଷୀଣ ସ୍ୱରରେ କହିଲେ, "କଲ୍ୟାଣୀ! ଏଇ ଗୋଟିଏ କଥାକୁ କେତେ ଥର ବା କହିବ !"

କେତେ ଥର । ସତ କଥା ତ, କେତେଥର କହିଛି ମୁଁ ଏଇ ଗୋଟିଏ କଥାକୁ । ପ୍ରତ୍ୟେକ ଥର କହିଲାବେଳେ ଜିଭରେ ଯେମିତି କଣ୍ଟା ଲାଗିଯାଏ । ତଥାପି ଆତ୍ମା ଶାନ୍ତି ପାଏନି ।

କେତେ ବିଚିତ୍ର ସତରେ ନା ଏ ମନର ସାମ୍ରାଜ୍ୟଟା । ଆଜି ମୂଲ୍ୟହୀନ ଲାଗୁଥିବା ଏହି ଲୋକଟା, ଦିନଥିଲା ସଂସାରର ସବୁଠାରୁ ଅଲୌକିକ ମହାପୁରୁଷ ଥିଲା ମୋ ପାଇଁ । କ'ଣ ସେ ଶ୍ରଦ୍ଧା ଥିଲା, କ'ଣ ସେ ଆସ୍ଥା ଆଉ ବିଶ୍ୱାସ ଥିଲା, ଯାହାକୁ ନେଇ ମୁଁ ମୋ ମନ ପ୍ରାଣ–ଶରୀର ସବୁ ସମର୍ପଣ କରିଦେଇଥିଲି । ଦୁଇ ମାସର ପିଲାକୁ ଗର୍ଭରେ ଧରି କେତେ ଦମ୍ଭରେ ମୁଁ ମୋ ମା'ଙ୍କ ଆଗରେ ଯାଇ ଛିଡ଼ା ହୋଇଯାଇଥିଲି । ଯେତେବେଳେ କି ହଁ କହିବା କି ମୋତେ ଓ ମୋ ସିନ୍ଦୂରକୁ ସ୍ୱୀକାର କରିବା ଛଡ଼ା ତାଙ୍କ ପାଖରେ ଯେମିତି ଆଉ କୌଣସି ଉପାୟ ହିଁ ନ ଥିଲା । କେତେ ଖୁସିଥିଲି ତା'ବି ଗର୍ବର ସହିତ ।

ହେଲେ ଦୁଇଟି ଛୁଆର ମାଆ ହୋଇସାରିଲା ପରେ ହିଁ ଜାଣିବାକୁ ପାଇଲି ଯେ ଯାହାକୁ ମୁଁ ବାହା ହୋଇଛି, ସେ ଅତି ଗୋଟେ ମାମୁଲି ଲୋକ । ଭବ୍ୟ, ଦିବ୍ୟ ଯାହାକିଛି ବି ଥିଲା ତା' କେବଳ ମୋ କଳ୍ପନାର ହିଁ ଥିଲା । ଯଥାର୍ଥରେ କହିବାକୁ ଗଲେ ମୋ ଭାବନାକୁ ପର

ISSN NO.
2582-208X

ଦେଇଥିବା ବାଲା ହିଁ ସେ ଥିଲା । ସେବେ ମନରେ ଗୋଟେ ତିକ୍ତ ବିଚାର ଜନ୍ମ ନେଲା, ଯାହା ଧୀରେ ଧୀରେ ପୂରା ଜୀବନକୁ ମୋର ଚରିଗଲା । ଅତ୍ୟଧିକ ଚିଡ଼ିଚିଡ଼ା, ଚିନ୍ତିତ ଆଉ ବହୁତ ଅନୁତାପ – ଏସବୁ ଯେମିତି ମୋର ପରିଭାଷା ହୋଇଯାଇଥିଲା ।

"ମମ୍ମି, ଦେଖ ଆମେ କ'ଣ ଆଣିଛୁ ସବୁ ।"

ମୋର ବିଚାରଧାରା ଭାଙ୍ଗିଲା । ଦେଖ ତ ଆଗରେ ସବୁ ଜିନିଷ ଧରି ଚିନ୍ତୁ ଠିଆ ହୋଇଛି ।

"ଲାଗୁଛି, ନିୟୁ ମାର୍କେଟ୍‌ରୁ ସବୁ ଜିନିଷ ତୁ କିଣି ଆଣିଛୁ ବୋଧେ ।"

ସେ ସବୁ ଜିନିଷ ତଳେ ବିଛେଇ କି ରଖିଦେଲା ।

"ଇଏ ଜ୍ୟୋତି ଦିଦିର ମ୍ୟାକ୍ସି ପାଇଁ କପଡ଼ା, ଇଏ ପ୍ରୀତି ଦିଦି ପାଇଁ ଭୋପାଲି ପର୍ସ। ସେ ବିଶେଷ କରି କହିଥିଲେ । ଏଇଟା କାନ୍ତି ଦିଦିଙ୍କ ଗୁଡ୍ଡିଆ ପାଇଁ କଣ୍ଢେଇ । କେତେ ସୁନ୍ଦର ଲାଗୁଛି ନା । ଏଇ ଏମ୍ପୋରିୟମ୍‌ରେ ଗୋଟେ ଲାଠି ମିଳିଗଲା । ବାବୁଜୀ ବହୁତ ଖୁସି ହେବେ ।"

"ତୁ ନିଜ ପାଇଁ କ'ଣ ସବୁ ଆଣିଚୁ ?"

"ମୋ ପାଇଁ ଦି, ଚାରିଟା ଶାଢ଼ି ତ ତୁମେ ଦେଉଛ ନା ।" ଏମିତି କହି ସବୁ ଜିନିଷକୁ ସାଉଁଟି ରୋଷେଇ ଘର ଆଡ଼େ ପଳେଇଲା । ଆଜିକାଲି ମିସ୍‌ରାନୀ ମାଉସୀ ସହିତ ତା'ର ଖୁବ୍ ଜମୁଛି । ଦିନଯାକ ନୂଆ ନୂଆ ରୋଷେଇ ଶୈଳୀ ତା'ଠାରୁ ଶିଖିକି ଲେଖି ରଖୁଛି । କେଜାଣି କୁଆଡ଼ୁ କୁଆଡ଼ୁ କେତେପ୍ରକାର ସ୍ୱେଟରର ଡିଜାଇନ୍ କରି ଆଣୁଛି । ଦିଅରବାବୁଙ୍କର ଅର୍ଡର ଅଛି କି, ଭାଉଜ ସ୍ୱେଟର ଏମିତି ବୁଣିବ ଯେମିତି କଲେଜ୍‌ରେ ସେମିତି ଆଉ କାହାର ବି ନ ଥିବ । ଛୋଟ ନଣନ୍ଦ ପାଇଁ କୋଉଠୁ ଖୋଜି ଖୋଜି ସୁନ୍ଦର ସୁନ୍ଦର ଗଜଲ୍ ଲେଖିକି ଆଣିଛି । ମଝିଆ ନଣନ୍ଦର ମୁହଁରେ ବ୍ରଣ ଭଲ କରିବାପାଇଁ କେତେ ପ୍ରକାର ଲେପର ବିଧି ଶିଖି ଆସିଛି କୋଉଠୁ । ଏସବୁଥିରୁ ସମୟ ମିଳେ ତ; ଅଶୋକର ଚିଠି ପଢ଼ିବା ଆଉ ତାକୁ ଚିଠି ଲେଖିବାରେ ସମୟ ସରିଯାଏ । ସେଥିରେ ସାଙ୍ଗ–ସାଥୀ ତ ପୁଣି ଅଛନ୍ତି । ରହିଯାଏ କେବଳ ମମ୍ମି, ସେ ବିଚାରି ଚାତକପରି ଚାହିଁ ରହିଥାଏ କି, ତା'ର ଅଲିଅଳି ଝିଅ ଆସିବ, ଦି'ଘଣ୍ଟା ମୋ ପାଖରେ ବି ବସିବ, ହେଲେ ଏସବୁ ଭାବିବା ପୂରା ବ୍ୟର୍ଥ ।

ISSN NO.
2582-208X

ଏଥରକ ବି ଯିବା ସମୟରେ ମୋତେ କୁଣ୍ଢେଇ ଖୁବ୍ ଜୋର୍‌ରେ କାନ୍ଦିଲା, କହିଲା "ତୁମେ ମନ ଦୁଃଖ କରିବନି, ମମ୍ମି ! ତାଙ୍କ ଦେହ ଭଲ ଥିବ ତ, ମୁଁ ବାପାଙ୍କ ସହିତ ହିଁ ଫେରିଆସିବି ।"

ମୁଁ ଚୁପ୍‌ଚାପ୍ ସେମାନଙ୍କର ଜିନିଷ ଟ୍ୟାକ୍ସିରେ ଲଦା ହେଉଥିବା ଦେଖୁଥାଏ । ଗୋଟିଏ ଆଟାଚି ଧରି ଆସିଥିଲା, ଆଉ ଗଲାବେଳେ ଏଥର ନବରତ୍ନ ତା' ସାଙ୍ଗରେ ନେଉଛି । ଏଥର ଇନ୍ଦୋର ପର୍ଯ୍ୟନ୍ତ ଯିବ, ସେଥିରେ ବି ତା' ବାପା ତା' ସହିତ ନିଜେ ଯାଉଥିଲେ ଯେଉଁଥିପାଇଁ ମୋର ବି ତାଙ୍କ ଉପରେ ଇର୍ଷା ହେଉଥିଲା । ସେ ଦୁଇଜଣଙ୍କ ଭିତରେ ଗୋଟେ ଅଜବ ଭାବପ୍ରବଣତା ଥିଲା । ସେ ଛୋଟ ଥିଲା, ସେବେଠୁ ପ୍ରାୟତଃ କହୁଥିଲେ, "ଇଏ ତ ମୋର ମା' ।" କେତେ ଥର ସ୍ନେହରେ ତାକୁ 'କମଳି' ବୋଲି ଡାକିଦିଅନ୍ତି । ମୋତେ କିନ୍ତୁ ଏସବୁ ମୋଟେ ଭଲ ଲାଗୁ ନ ଥିଲା । କେବେ ବିଶ୍ୱାସ ହିଁ କରିପାରେନି ଯେ ତାଙ୍କ ପୁରାଣଶାସ୍ତ୍ରକୁ ବିଶ୍ୱାସ କରୁଥିବା ମା' ଦଶମାସ ପରେ ମୋ କୋଳକୁ ମୋ ଝିଅ ହୋଇ ଆସି ଜନ୍ମ ନେବ ।

ହେଲେ ଯେମିତି ଯେମିତି ଚିତ୍ରା ବଡ଼ ହେଇ ହେଇ ଗଲା - ବାପାଙ୍କ ଉପରେ ଏତେ ମାତ୍ରାରେ ତା' ଭଲପାଇବା ଦେଖି ଲାଗିଲା, ବୋଧହୁଏ ତାଙ୍କ କଥାରେ ସତ୍ୟତା ଅଛି । ଜଣା ନାହିଁ କେମିତି, ସେ କୁନି ଝିଅଟି ବି ଜାଣି ଯାଇଥିଲା କି ମାମାର କୁଡ଼ିଆରେ ଏ ହିଁ ସବୁଠୁ ଉପେକ୍ଷିତ ପ୍ରାଣୀ ଅଟେ । ସବୁଠୁ ବେଶି ସ୍ନେହ ଯାକୁ ହିଁ ଦରକାର ଅଛି ।

ତେବେ କ'ଣ ସେଇ ଇର୍ଷାବଶତଃ ମୁଁ ଚିତ୍ରାକୁ ମାତ୍ର କୋଡ଼ିଏ ବର୍ଷ ବୟସରେ ଘରୁ ବିଦା କରିଦେଲି ? କ'ଣ ପ୍ରତିଶୋଧ ନେବା ପାଇଁ ଏଇ ଗୋଟିଏ ଅସ୍ତ୍ର ଥିଲା ? ଛି ! ! ଏମିତି ବିଚାର ତ ଯା ପୂର୍ବରୁ କେବେବି ମନକୁ ଆସି ନ ଥିଲା । ସେତେବେଳେ କେବଳ ଏଇ ଗୋଟିଏ ଚିନ୍ତା ଥିଲା କି ଏ ଅତ୍ୟଧିକ ଭାବୁକ ହେତୁ କୁଆଡ଼େ ଆଡ଼େ ସାଢ଼େ କାହାକୁ ମନ ଦେଇଦେବନି ତ । ମା' ପରି ଜୀବନ ଯାକ ତାକୁ ବି ପ୍ରେମ ପାଇଁ ଅନୁତାପ କରିବାକୁ ପଡ଼ିବନି ତ ।

ଦିନଯାକ ତ କେମିତି କେମିତି ଆଡ଼େସାଢ଼େ କାମରେ କଟେଇ ଦେଲି, ହେଲେ ସନ୍ଧ୍ୟାକୁ ଘର ଯେମିତି କାମୁଡ଼ି ଗୋଡ଼େଇଲା । ସବୁବେଳପରି ଶିରିଷ୍ ବି ଘରୁ ଗାୟବ ଥାଏ । ଭଉଣୀକୁ ବାଟେଇ ଦେବାର ଫର୍ମାଲିଟି ପରେ ସେ ଘରେ ପାଦ ବି ରଖିନି ।

ISSN NO.
2582-208X

ଏକା ବସି ବସି ମୋର ପ୍ରଭା ନାନୀଙ୍କ କଥା ମନେ ପଡ଼ିଲା । ଏମିତିରେ ବି ତାଙ୍କ ପାଖକୁ ଗଲେ ଭାରି ବୋର୍ ଲାଗେ । ଘରେ ତ କେବଳ ଦୁଇପ୍ରାଣୀ ଥିଲେ । ଦୁଇଝିଅ ଯେଝା ଯେଝା ଘରେ ରୁହନ୍ତି । ତୃତୀୟ ଝିଅ ଜବଲ୍ପୁର କଲେଜ୍‌ରେ ହୋମ୍‌ସାଇନ୍ସ କରୁଥିଲା । ଗୋଟିଏ ବୋଲି ପୁଅ, ପଢ଼ିବାକୁ ଜର୍ମାନୀ ଯାଇଥିଲା ଯେ ସେଇଠି ହିଁ ରହିଗଲା । କେବଳ, ସବୁ ମାସରେ ଗୁଡ଼ାଏ ଟଙ୍କା ଆଉ ଜର୍ମାନୀ ସ୍ତ୍ରୀ ଓ ଛୁଆଙ୍କ ସହିତ ଏକ ଫଟୋ ଉଠେଇ ପଠେଇ ଦିଏ ।"

ତାଙ୍କ ପାଖକୁ ଯିବ ତ ଖାଲି ଶୁଣେଇବେ - ସେ ଝିଅମାନଙ୍କ ଘର ଲୋକଙ୍କର ପ୍ରମୋସନ୍ ହୋଇଗଲା । ମଝିଆ ଝିଅର ସାନଜାଆର ଦୁଇ ଝିଅ ପରେ ପୁଅଟେ ହେଇଛି, ସାନଝିଅ ପରୀକ୍ଷା ପରେ କାଶ୍ମୀର ଯାଉଛି, ବୋହୂ ବନାରସି ଶାଢ଼ିରେ ଫଟୋ ଉଠେଇକି ପଠେଇଛି ।

ଲାଗେ ଯେମିତି ଏ ଦୁଇଜଣ ଖାଦ୍ୟ ଖାଇକି ନୁହେଁ, ବରଂ ପିଲାମାନଙ୍କର ଚିଠି ସାହାରାରେ ହିଁ ବସିଛନ୍ତି । ଆଜି କାଇଁ ମୋର ସେମାନଙ୍କର କଥା ବି ମନେପଡୁଛି । ମୁଁ ବି ଆଜି ଚିତ୍ରର କଥା କହିବାକୁ ଚାହୁଁଛି । ତା' ବଦଳରେ ତାଙ୍କ ଗଣ୍ଠିବାତ ଆଉ ମୋତିଆବିନ୍ଦୁ କଥା ଶୁଣିବାକୁ ବି ରାଜି ଅଛି ।

ମାଳବୀୟ ସହରରେ ତାଙ୍କ କୋଠା ସାମ୍ନାରେ ରିକ୍ସା ରହିଲା, ସେତେବେଳେ ପୂରା କୋଠା ଅନ୍ଧାର ଥିଲା । ମୋ ଆସିବା ଗନ୍ଧରେ ରାମଦୟାଲ ବାହାରକୁ ଆସିଲା । ରାମଦୟାଲ୍ ସେ ଘରର ପୂଝାରୀ-ରୋଷେୟା-ସର୍ବୋପରି ସମସ୍ତ କାର୍ଯ୍ୟର ଏକମାତ୍ର ସର୍ବେସର୍ବା ଥିଲା ।

ସେ କହିଲା କି ସାର୍ ଲୋଗ୍ ବିର୍‌ଲା ମନ୍ଦିର ଯାଇଛନ୍ତି । ତା'ର ଆଗ୍ରହସ୍ୱେ ମୁଁ ମନ୍ଦିର ଆଡ଼େ ଚାଲିଗଲି । ମନ୍ଦିରରେ ସେତେବେଳେ ଆଳତି ହେଉଥାଏ । ଚିତ୍ରା ଆଉ ତା' ବାପାଙ୍କୁ ସେ ମନ୍ଦିରର ଆଳତି ବହୁତ ଭଲ ଲାଗେ । ଚିତ୍ରା ତ କାନ୍ଦି ପକାଏ କେବେ କେବେ। ମୁଁ କେବେ ବି ସେଥିରେ ଏତେ ଭାବବିହ୍ୱଳ ନ ଥାଏ । ସେଥିପାଇଁ ବାହାରେ ବସି ରୁହେ । ଆଜି ବି ମୁଁ ବାହାରେ ହନୁମାନ ପ୍ରଭୁଙ୍କ ଚଉତରାରେ ବସିଥିଲି କି ଅଚାନକ୍ ରାମଙ୍କ - ପାଖରେ ଠିଆ ହୋଇଥିବା କେହି ଚିହ୍ନା ଚିହ୍ନା ଲାଗିଲା ।

"ଶିରିଷ୍ ତୁ !"

"ମମ୍ମି, ତୁମେ !"

ଦୁଇଜଣ ଏକାସାଙ୍ଗରେ କହିଉଠିଲେ, ଆଉ ଉଭୟେ ପୁଣି ହସିଉଠିଲେ ।

ISSN NO.
2582-208X

"ନାନୀଙ୍କ ପାଖକୁ ଆସିଥିଲି, ଜଣାଗଲା, ସେ ଏଇଠିକି ଆସିଛନ୍ତି", ମୁଁ କହିଲି, "ହେଲେ ତୁ ଆଜି ଭଗବାନଙ୍କୁ ଦର୍ଶନ ଦେବାକୁ କେମିତି ଚାଲିଆସିଛୁ ଯେ ?"

"ରେଣୁର ଜିଦି ଥିଲା, ତେଣୁ ଆସିବାକୁ ପଡ଼ିଲା ।"

"ରେଣୁ କିଏ ?"

"ହରିହରର ଭଉଣୀ ସେ । ହରିହରକୁ ତୁମେ ତ ଜାଣ ନା!"

ଭଲ କି ଜାଣିଥିଲି । ଶିରିଷ୍‌ର ସାଙ୍ଗମାନଙ୍କୁ ମୁଁ ବହୁତ ନାପସନ୍ଦ କରେ, ସେଥିରେ ହରିହର ସବୁଠୁ ଉପରେ ।

ମନ୍ଦିରରେ ସମସ୍ତଙ୍କର ଜୟଜୟକାରର ଗୋଟିଏ ଧ୍ୱନି ବାଜିଉଠିଲା । ଟିକେ ପରେ ଜଣେ ସାବନି ରଙ୍ଗର ଝିଅ ଆମ ଆଡ଼କୁ ଆସିବାର ଦେଖାଗଲା ।

"ବୋର୍ ହେଇନ ତ !" ସେ ଆସିବାମାତ୍ରେ ହିଁ ବଡ଼ ଅନୁନୟ କଣ୍ଠରେ ପଚାରିଲା ।

"ବୋର୍ ହେବା ପାଇଁ ତ ମୁଁ ତତ୍‌ପର ଥିଲି, ମାତ୍ର ସୌଭାଗ୍ୟବଶତଃ ମମ୍ମି ଦେଖା ହେଇଗଲେ" । ସେ ମୋ ଆଡ଼କୁ ଠାରିକି କହିଲା । ରେଣୁ ଏବେ ମୋତେ ଦେଖିଲା ଆଉ ଟିକେ ହସିଦେଇ ମୋତେ ପ୍ରଣାମ କଲା, କହିଲା, "ବାପାଙ୍କୁ ତ କେତେ ଥର ଦେଖିଛି, କିନ୍ତୁ ଆଜି ଆପଣଙ୍କୁ ଦେଖିବାକୁ ପାଇଲି ।"

"ତାଙ୍କୁ କୋଉଠି ଦେଖିଲ ?"

"ଏଇଠି, ସବୁ ସୋମବାରକୁ ତ ଏଇଠିକି ସେ ଆସନ୍ତି । ମୋତେ ତ ଏହା ବି ଜଣା ଅଛି । ଆଜି ତ ଚିତ୍ରା ଦିଦିଙ୍କ ସାଙ୍ଗରେ ଯାଇଛନ୍ତି ନା । ଆମ ଆଡ଼େ ତ ଆସିଲେ ବି ନାହିଁ, କେବଳ ପ୍ରତିଶ୍ରୁତି ଦେଇ ରହିଗଲେ ।"

"ବାସ୍ ଅଚାନକ୍ ପ୍ରୋଗ୍ରାମ୍ ହେଇଗଲା ।" ମୁଁ ସେ ଅପ୍ରିୟ କଥାକୁ ସେଇଠି ସମାପ୍ତ କରି କହିଲି, "ଆରେ ଭାଇ, ପ୍ରସାଦ ତ ଦିଅ । ସେତେବେଳଠୁ ତପସ୍ୟା କରୁଛି" ଶିରିଷ୍ କହିଲା ।

"କେଉଁଠାର ପ୍ରସାଦ ?" ମୁଁ ପଚାରିଲି ।

"ସେ ପୂର୍ବ ସପ୍ତାହରେ ଆଙ୍କର ଆକ୍ସିଡେଣ୍ଟ୍ ହୋଇଥିଲା ନା ।"

"ଆକ୍ସିଡେଣ୍ଟ୍ !କେତେବେଳେ ହେଲା, ରେ ? ମୋତେ ତ ଜଣା ହିଁ ପଡ଼ିନି ।"

ISSN NO.
2582-208X

"ଆରେ, କିଛି ନାହିଁ ମମ୍ମି ! ଇଏ ତ ବିନା କାରଣରେ ହିଁ ଡରିଯାଏ ଏମିତିରେ ।"

(ବିନା କାରଣରେ ଡରିଯାଏ, କ'ଣ କହିଲୁ !) ଆଘାତ ପାଇ ମୁଁ କହିଲି, ହେଲେ ମୋତେ କହିତ ଥାନ୍ତୁ ।"

"କହିଲା ଭଳି କିଛି ଥିଲେ, ତୁମକୁ କ'ଣ ଜଣା ପଡ଼ି ନ ଥାନ୍ତା । ଇଟ୍ ୱାଜ୍ ଜଷ୍ଟ୍, ଏ.... ।"

"କିଛି ହେଇ ନାହିଁ, ସେଇ ତ ଆମ ଭାଗ୍ୟ । ନ ହେଲେ ତୁମେ ତ କୌଣସି ଉପାୟ ହିଁ ଛାଡ଼ି ନ ଥିଲ । ମମ୍ମି, ଆଙ୍କୁ କହିଦିଅନ୍ତୁ, ସ୍କୁଟର ସ୍କୁଟର ପରି ଚଲାନ୍ତୁ । ଇଏ ତ ତାକୁ ଏରୋପ୍ଲେନ୍ ପରି ଉଡ଼ାନ୍ତି । ଏକ୍‌ରେ ତ ରାସ୍ତା ଏତେ ଭିଡ଼, ପୁଣି ଇଏ ଭୋପାଲର ରାସ୍ତା । କୋଉଠି ଗୋଟିଏ ଡିଆଁ ମାରିବ ତ... ସବୁ ଜାଗା ସମତଳ ତ ନୁହେଁ ନା ।"

ତା'ର ଏମିତି ଚିନ୍ତିତ ଆଉ ଅଧିକାରପୂର୍ଣ୍ଣ କଥା ମୋ ଦେହରେ ମୋଟେ ଗଲା ନାହିଁ। ମୁଁ ଟିକେ କ୍ରୋଧ କରି କହିଲି, "ମୁଁ ତ ଏବେ ଯାଉଛି" ।

"ରହୁନ, ମାଉସୀ ଆସୁଥିବେ ।"

"ନାହିଁରେ, ଏତେ ଥକିଗଲିଣି ଯେ ଆଜି । ଏବେ ଆଉ ବୋର୍ ହବାର ପରିସ୍ଥିତିରେ ନାହିଁ ମୁଁ ।" ମୁଁ ଯିବାକୁ ଉଦ୍ୟତ ହୁଅନ୍ତେ, ମୁଁ ପରିଷ୍କାର ଦେଖିପାରୁଥାଏ – ରେଣୁ ଠାରରେ ତାକୁ କିଛି କହିଲା । "ମାମା, ରୁହ । ମୁଁ ଗାଡ଼ି ଆଣି ଆସୁଛି । ତୁମେ ଏଇପଟ ଗେଟ୍ ପାଖେ ରୁହ ।" ଶିରିଷ୍ କହିଲା । "ଛାଡ୍ ତୁ, ମୁଁ ଚାଲିଯିବି ।" ମୁଁ ଜୋର୍ ଜୋର୍ ଚାଲି ସେଠୁ ପଳେଇ ଆସିଲି । ଭାଗ୍ୟକୁ ରିକ୍ସା ଆଗରେ ହିଁ ମିଳିଗଲା । ଶିରିଷ୍ ସେମିତି ଡାକ ମାରି ହେଉଥାଏ କି ମୁଁ ଭୂତପରି ସେଥିରେ ବସିରହିଲି ।

ମୁଁ ତ ସେୟା ହିଁ ଚାହୁଁଥିଲି କି ସେ ମୋତେ ଘରେ ଛାଡ଼ିଦେଉ । ଯଦି ଏ ପ୍ରସ୍ତାବ ତା' ଆଡୁ ଆସିଥାନ୍ତା, ତେବେ ମୁଁ ବହୁତ ଖୁସି ହୋଇଥା'ନ୍ତି । କିନ୍ତୁ ଆଉ କାହାରି ଇସାରାରେ ସେସବୁ ମୋତେ ଜହର ପରି ଲାଗିଲା । କିଏ ଏଇ ଶିଷ୍ଟାଚାର ଶିଖି ନ ଥିବା ଝିଅ ? ନା ଅଛି ରୂପ, ନା ଅଛି ଗୁଣ ! ଆଉ ଏ ଗଧ ମେଡ଼ିକାଲ୍‌ର ଚତୁର୍ଥ ବର୍ଷରେ ବି ପଢ଼ିହନି ସେଥିରେ ପ୍ରେମ କଲାଣି ।

ଘରକୁ ଆସି ବି ମୋ ମନରୁ ରେଣୁର କଥା ଯାଉ ନ ଥିଲା । ବାରବାର ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା କି – କେମିତି ପୋଷା ମନେଇ ନେଲାଣି ସେ ଶିରିଷ୍‌କୁ ।

ISSN NO.
2582-208X

କେତେବେଳେ ସତ୍ୟନାରାୟଣ ପୂଜାକୁ ରହିବାକୁ କହିଲେ ବି ଅଣଦେଖା କରି ଘରୁ ପଳାଉଥିଲା, ଆଉ ଆଜି ସେ ବଡ଼ ଭକ୍ତିଭାବରେ ପ୍ରସାଦ ଖାଉଥିଲା ମନ୍ଦିରରେ ।

"ଏତେ ଶୀଘ୍ର ଆଜି ଆସିଗଲୁ ରେ !"

"ହଁ !ରେଣୁ କହିଲା, ମମ୍ମି ଆଜି ଘରେ ଏକା ଥିବେ, ଖାଲି ଖାଲି ଲାଗୁଥିବ ଘରଟା।"

"ସେ କହି ନ ଥାନ୍ତା; ତ ତୁ ବୋଧେ ଆସି ହିଁ ନ ଥାନ୍ତୁ ।"

"ସେମିତି କଥା ନୁହେଁ, ମମ୍ମି ! ହେଲେ... ଦେଖ ନା, ଏମିତିଆ କଥା ସବୁ ଆମମାନଙ୍କ ମୁଣ୍ଡରେ ପଶେ ନାହିଁ । ଝିଅମାନେ ହିଁ ଏହାକୁ ବହୁତ ଭଲ ଭାବରେ ବୁଝନ୍ତି ଆଉ ଭାବି ନିଅନ୍ତି ।"

"ଲାଗୁଛି ଆଜିକାଲି ତୋ' ପାଇଁ ଭାବିବା ବୁଝି-ବୁଝେଇବା କାମ ସେହିଁ କରୁଛି ।"

ସେ ଚୁପ୍ ରହିଲା ।

"କିଏ ସେ ଝିଅ ?"

"କିଏ, ରେଣୁ ? କହିତ ଥିଲି ସେ ହରିହରର ଭଉଣୀ ବୋଲି ।" କହି ସେ ଠିଆ ହୋଇଗଲା ଯେମିତି ମୋର ଏଇ କ୍ରସ୍ ଏକ୍ସାମିନେଶନ୍‌ରେ ବିରକ୍ତ ହୋଇଗଲା, "ମୁଁ ଟିକେ ପଢ଼ିବି ଆଜି । ତୋ ଫୁଲେଇ ଝିଅ ପାଇଁ ଏ ମାସଟା ପୂରା ଖାଲିରେ ବିତିଗଲା ।" ସେ ନିଜ ରୁମ୍‌କୁ ଯାଇଁ ଥିରିକିନା କବାଟ ବନ୍ଦ କରିଦେଲା ।

ମୁଁ ଢେର୍ କିଛି ସମୟ ସେ ବନ୍ଦ କବାଟକୁ ଚାହିଁ ରହିଲି । ଶିରିଷ୍ ତା' କବାଟ ବନ୍ଦକରି ନ ଥିଲା, ବରଂ ଏମିତି ଅସଂଗତ ଅପ୍ରିୟ ପ୍ରସଙ୍ଗକୁ ବନ୍ଦ କରିଥିଲା, ଯାହା ରେଣୁକୁ ନେଇ ଚାଲିଥିଲା । ରେଣୁ, ଯିଏ ଏହି କବାଟ ପରି ମୋର ଆଉ ମୋ ପୁଅର ମଝିରେ ଆସି ଛିଡ଼ାହେଇଯାଇଛି ।

ହେଲେ ବହୁତ ସମୟ ପର୍ଯ୍ୟନ୍ତ ମୁଁ ସେ ସରଳ ନିରୀହ ଝିଅଟିକୁ ଗାଳି କରିପାରିଲିନି । ଧୀରେ ଧୀରେ ମୋ ରାଗ ଶାନ୍ତ ହୋଇଗଲା । ଆଉ ମୁଁ ଏ ସତ୍ୟକୁ ସ୍ୱୀକାର କରିନେଲି କି ଏ କବାଟ ତ ବନ୍ଦ ହେବାକୁ ହିଁ ଥିଲା । ତା'ର କାରଣ ରେଣୁ ହେଉ, କି ଆଉ କିଏ । ଅବା ମୋ ଦ୍ୱାରା ଡିକ୍ଲାର କରି ଆଣିଥିବା ବୋହୂ ହିଁ କାହିଁ ନ ହେଉ... ମୋର ଆଉ ଶିରିଷ୍ ମଧ୍ୟରେ ଏ କବାଟ ଅଟକ ହିଁ ରହିବ । ଯ୍ୟାକୁ ନିଜେ ଯାଇଁ ଖୋଲିବାର ଅଧିକାର ବହୁତ

ISSN NO.
2582-208X

ପଛରେ ଛାଡ଼ି ଆସିଲିଣି । ଏବେ ତ ଏକା ବସି ବସି ଅପେକ୍ଷା କରିବାର କଥା କି କେବେ ଶିରିଷ୍ ନିଜେ କବାଟ ଖୋଲି ମା' ଆଡ଼କୁ ଟିକେ ଚାହୁଁଛି ।

ଗୋଟେ ଦୀର୍ଘଶ୍ୱାସ ନେଇ ମୁଁ ସବୁ କବାଟକୁ ବନ୍ଦ କରି ଆଉ ଚିତ୍ରାର ବାହାଘରର ଆଲ୍‌ବମ୍ ନେଇ ନିଜ ବେଡ୍‌ରେ ପଡ଼ି ରହିଲି । ମୁଁ ବି ଆଜିଠୁ ପ୍ରଭାନାନୀଙ୍କ ଭଳି ଭାବନାର, ଚିଠି, ଫଟୋର ଦୁନିଆରେ ରହିବାକୁ ଅଭ୍ୟାସ କରିବି ।

ଜୀବନର ଏଇ ଶେଷ ପାହାଚ ତ ଏମିତିରେ ହିଁ କାଟିବାକୁ ପଡ଼ିଥାଏ । ପିଲାଏ ଯେତେବେଳେ ନିଜ ସାଙ୍ଗ-ସାଥୀମାନଙ୍କ ସହିତ ମଜ୍ଜିଯା'ନ୍ତି, ସେତେବେଳେ ଜଣେ-ଆରଜଣଙ୍କ ହାତଧରି ବାକି ଜୀବନ କାଟିବାକୁ ହୋଇଥାଏ ।

ନିଜକୁ ମୁଁ ଏତେ ଏକା, ଏତେ ଅସହାୟ କେବେ ବି ଅନୁଭବ କରି ନ ଥିଲି । ଯେବେ ବାପାଙ୍କର ବୁଢ଼ିଯାଉଥିବା ବେପାରବଣିଜର ଭାର ନିଜ କାନ୍ଧକୁ ଆଣିଥିଲି, ସେତେବେଳେ ବି ନୁହେଁ । ଶିରିଷ୍‌ର ଆଡ୍‌ମିସନ୍ ପାଇଁ ଖରାରେ ଦଉଡ଼-ଧାପଡ଼, ସେତେବେଳେ ବି ନୁହେଁ । ଚିତ୍ରା ପାଇଁ କେତେ ଖୋଜାଖୋଜି କରି ପୁଅଟେ ଆଣିବାକୁ ହେଲା, ସେବେ ବି ମୁଁ ଏତେ ନିରୁପାୟ ହୋଇ ନ ଥିଲି । ହେଲେ ଆଜି, ଯେତେବେଳେ କରିବାକୁ ଆଉ କିଛି ବାକି ନାହିଁ, ତେବେ ହଠାତ୍ ଥକି ଗଲି । ଯୌବନର ଉଦ୍ଦାମତାରେ ଦୂରକୁ ଯୋଉ ହାତକୁ ଅତି ନିଷ୍ଠୁର ଭାବରେ ଛାଡ଼ି ଦେଇଥିଲି, ତାକୁ ଦ୍ୱିତୀୟ ଥର ଧରି ରଖିବାକୁ ବି ମନରେ ଅଜସ୍ର ଗ୍ଲାନି, ସଙ୍କୋଚ ଅନୁଭବ ହେଉଛି । ଭାବୁଛି, ବୋଧହୁଏ ଏଇସବୁ ଦିନ ପାଇଁ ହିଁ ନାରୀଟି ସବୁକିଛି ସହିଯାଇଥାଏ । ସବୁକିଛି କର୍ତ୍ତବ୍ୟ ଭାବି କରିଯାଏ ।

(((-)))

ମଧୁଶାସନ, ବିରିଡ଼ି
ଜଗତସିଂହପୁର-୭୫୪୧୧୧
ଦୂରଭାଷ : ୯୩୩୭୯୬୦୦୬୦

ISSN NO.
2582-208X

# ରଖ ଭାଷାରେ ପ୍ରୀତି



ଯଜ୍ଞଦତ୍ତ ସାମନ୍ତରାୟ

କାଉଟି କଳା
କୋଇଲି କଳା
କଳା କଜଳପାତି,
ପାଠରେ ପିଲେ
କରନ ହେଳା
ପଢାରେ ଦିଅ ମତି ।
କାଉଟି କଳା
କୋଇଲି କଳା
କଳା କଜଳପାତି,
ଭଲ କାମରେ
ରଖିଲେ ଯଶ
ଫୁଲି ଉଠଇ ଛାତି ।
କାଉଟି କଳା
କୋଇଲିକଳା
କଳା କଜଳପାତି,
କାମ ନ କରି
ବସିଲେ ଖାଲି
ସମୟ ଯାଏ ବିତି ।
କାଉଟି କଳା

ISSN NO.
2582-208X

କୋଇଲି କଳା
କଳା କଜଳପାତି,
ମହାନ୍ ଅଟେ
ଆମ ସ୍ୱଇଜ
ଆମେ ଓଡିଆ ଜାତି ।
କାଉଟି କଳା
କୋଇଲି କଳା
କଳା କଜଳପାତି,
ପଢ ଓଡ଼ିଆ
ଲେଖ ଓଡ଼ିଆ
ରଖ ଭଷାରେ ପ୍ରୀତି ।

(((-)))

ସଂପାଦକ, ଅନୁସ୍ୱଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ:-୯୩୩୭୪୪୯୨୪

ISSN NO.
2582-208X

# ଆସିବୁ କାଳିଆ କୁଣିଆ ହୋଇ



ସରସ୍ୱତୀ ମେହେର

କାଳିଆ ରେ କାଳିଆ କାଳିଆ
ଆସିବୁ ମୋ ଘର କୁ ହୋଇ କୁଣିଆ ।
ପାଛୋଟି ନେବି ମୁଁ ଧୋଇଦେଇ
ତୋର ଶ୍ରୀ ପୟର
ପୋଛି ଦେବି ଶାଢ଼ୀ ପଣତରେ
ତୋ ପାଦ ଯୁଗଳ ।
ଖାଇବାକୁ ଦେବି ତତେ ଖୁଦ ଭଜା
ହୋଇ ହରଷ
ଯେଉଁ ଖୁଦ ଭଜା ଖାଇ, ଦେଇଥିଲ
ସୁଦାମା କୁ ଧନସମ୍ପଦ ।
ଲୋଡା ନାହିଁ ମୋର ଧନ ସମ୍ପଦ
ତୋର କରୁଣା ଟିକିଏ ଦେବୁ
ଯେତେବେଳେ ତୁ ମୋ ଘରୁ ଯିବୁ
ମୋର ଜୀବନ ଦୀପ କୁ ନେଇଯିବୁ ।
ଏଇ ସଂସାର ଭାରି ଦୁଃଖ ଦାୟକ
ଇଚ୍ଛା ନାହିଁ ବଞ୍ଚିବାକୁ

ISSN NO.
2582-208X

ହେ ଜଗନ୍ନାଥ, ଜଗତର ନାଥ
ଆଉ ଧୈର୍ଯ୍ୟ ନାହିଁ ସହିବାକୁ ।
ଦେ ତୁ ଶରଣ, ତୋ ପାଦେ କରୁଛି ନିବେଦନ
ହେ ଚକନୟନ, କରି ଦେ ତୋ ଠାରେ ମତେ ଲୀନ ।

(((-)))

ସିନାପାଲି, ନୂଆପଡ଼ା

ISSN NO.
2582-208X

# କୁଲି



ହୃଦାନନ୍ଦ ସୁନାନୀ

କୁଲି ନ ଥାଏ ବୁଲି
କାମ ଗଲେ ମିଲି
କରିଥାଏ ସେ ଡେଲି
ଟଙ୍କା ମିଳେ ବୋଲି -(0)
କୁଲି ଯେ ଜାଣେ ନାହିଁ
ଖରା ବର୍ଷା ଶୀତ
ନ କରିଲେ ବା କୁଲି
ଜଳେ ନାହିଁ ଚୁଲି -(1)
ଘର ଛାଡ଼ିବା ପଡେ
ଗାଁ ଛାଡ଼ିବା ପଡେ
ଓଡିଶା ଠାରୁ ଯାଏ
କାମ ଖୋଜି ଥାଏ -(2)
ବାହାର ରାଜ୍ୟ ଠାରେ
ହୁଏ ପୁଣି କଳି
କିଏ ଶୁଣେନା ତାର
ଦୁଃଖର ଅର୍ଦଳୀ -(3)
ତାହାର ଘର ଠାରେ
ଜଗିଥାଏ ଛୁଆଁ

ISSN NO.
2582-208X

ପୁଣି ସ୍ତ୍ରୀ ଆଉ ମାଆ
ଥାଏ ନାହିଁ ବାପା -(4)
ତଥାପି କୁଲି କାମ
କୁଳିର ଆରାମ
ନାହିଁ, ନାହିଁ ବିଶ୍ରାମ
ସାଜିଥାଏ ରାମ -(5)

(((-)))

କଳାହାଣ୍ଡି
ମୋ : 9178544859

ISSN NO.
2582-208X

# ଆତ୍ମାନୁଭୂତିର ସଫଳ କଳାକଳ୍ପ ଦେବବ୍ରତଙ୍କ 'ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ'



ଦମୟନ୍ତୀ ଜେନା

ସାରାଂଶ :

ସୃଜନଶୀଳତାର ଅର୍ଥ ସମଗ୍ର ପାରିପାର୍ଶ୍ୱିକ ଜଗତକୁ ନିଜସ୍ୱ ଢଙ୍ଗରେ ଦେଖିବା । ଭିନ୍ନ ଏକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା । ନିଜର ବଡ଼ିମାକୁ ପ୍ରତିପାଦିତ ନକରି ଅଙ୍ଗେଲିଭା ଅନୁଭୂତିକୁ ଅଲୌକିକ ରୂପରେ ଉପସ୍ଥାପନ କରିବା । ଆଖପାଖର ଜଗତ ଓ ମଣିଷଙ୍କୁ ତନ୍ମୟ ଭାବରେ ପରଖିବା ଏବଂ ନିଜସ୍ୱ ଭାବାବେଗରେ ସେହି ବାସ୍ତବ ଚରିତ୍ର ଓ ଘଟଣାକୁ ଉପସ୍ଥାପନା କରିବା । ଯାହା ଗାଳ୍ପିକ ଦେବବ୍ରତ ଦାସଙ୍କ 'ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ'ର ମୂଳଉତ୍ସ । ଏକବିଂଶ ଶତାବ୍ଦୀର ସମାଜ ଓ ସମୟର ଘଟଣା ଏବଂ ଚରିତ୍ରମାନେ ଗାଳ୍ପିକଙ୍କୁ ଯେଉଁ ବାଗରେ ଲେଖିବାକୁ ରାସ୍ତା ଦେଖେଇଛନ୍ତି, ଗାଳ୍ପିକ ଦାସ ସେଇ ବାଗରେ ଓ ସେଇଭଳି ଭାବରେ ଲେଖିଛନ୍ତି । କମ୍-ବେଶି, ଭଲ-ମନ୍ଦ ମାପଚୁପର ହିସାବର ଉର୍ଦ୍ଧ୍ୱରୁ ତାଙ୍କର ଏହି ଗଳ୍ପ ସଙ୍କଳନ । ଭଦ୍ରକ ଅଞ୍ଚଳର ଟିକେ ଆଗକୁ ମାୟାଧର ଚରିତ୍ର ସହ ଭେଟ କଥା ହେଉ ବା ଦରଖୋଳି ହାଟ କଥା, ବିଭୂତିର ଆଗୋଚରରେ ଚରିତ୍ର ନବନ୍ନା ସହିତ ସାକ୍ଷାତ କଥା ହେଉ ବା ନିଜ ଗ୍ରାମର ଅବଦାନରୁ ଉତ୍ତୁରି ଥିବା ଅନେକ ପ୍ରସଙ୍ଗ କଥା : ସବୁଥିରେ ସେହି ବାସ୍ତବପଣ ଓ ସତ୍ୟତାର ନିର୍ଭେଜାଲ୍ ରୂପଟି ପ୍ରତିଫଳିତ। ଅନେକ ଗଳ୍ପରେ ଅନେକ ଚରିତ୍ର ଆତ୍ମ ବିସ୍ମୃତିରେ ବିଭୋର ହୋଇଛନ୍ତି । ପ୍ରେମକୁ ନେଇ ଅତ୍ୟନ୍ତ ସ୍ୱାର୍ଥପର ହୋଇଛନ୍ତି । ନାରୀର ନାରୀତ୍ୱକୁ ଉପଭୋଗର ବସ୍ତୁ କରି ରଖିଛନ୍ତି । ଆତ୍ମ ସୁରକ୍ଷା କଥା ଚିନ୍ତାକରି ସତ୍ୟତାରୁ ଦୂରେଇ ରହିଛନ୍ତି, ସଚ୍ଚୋଟପଣିଆକୁ ଲୁଚାଇ ରଖିଛନ୍ତି । ଏକ ମିଥ୍ୟାର ପ୍ରଲେପ ଭିତରେ ନିଜର ଆତ୍ମୀୟଙ୍କୁ ଜୀବିତ ରଖିବା ପାଇଁ ପ୍ରୟାସ କରିଛନ୍ତି । ନିଜ ଠାରୁ ଭିନ୍ନ ଏକ ଇତର ଚରିତ୍ରପ୍ରତି ଈର୍ଷାଭାବ ପ୍ରକଟ କରିଛନ୍ତି, ଅନ୍ୟାୟ କରିଛନ୍ତି ଇତ୍ୟାଦି । ଏହି ସମସ୍ତ ପ୍ରସଙ୍ଗ ଭିତରେ

ISSN NO.
2582-208X

ନିଜକୁ ମଗ୍ନ କରି ଲୋକକଥିତ ଶବ୍ଦରେ ରୂପ ପ୍ରଦାନ କରି ସଚେତନଶୀଳ ଦୃଷ୍ଟିରେ ଗଳ୍ପର ସ୍ୱରୂପ ଦେଇ ଗାଳ୍ପିକ ଦାସ 'ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ'ର କଳେବର ଗଢ଼ିଛନ୍ତି ।

ମୂଳ ଶବ୍ଦ :

ଅଙ୍ଗେଲିଭା ଅନୁଭୂତି, ଆତ୍ମ ବିସ୍ମୃତି, ବାସ୍ତବପଣ, ସତ୍ୟତାର ନିର୍ଭେଜାଲ୍ ରୂପ, ଲୋକକଥିତ ଶବ୍ଦ, ସଚେତନଶୀଳ ଦୃଷ୍ଟି ।

କଥାସାହିତ୍ୟ ପ୍ରତି ଅଧିକ ରୁଚି ରଖୁଥିବା ଗାଳ୍ପିକ ଦେବବ୍ରତ ଦାସ ସମସାମୟିକ ଧାରାର ଜଣେ ଯୁବ ସର୍ଜନଶୀଳ ମଣିଷ । 'ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ' ହେଉଛି ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ । ୨୦୨୧ ମସିହାରେ ସାହିତ୍ୟ ଅକାଦେମୀ ଦ୍ୱାରା ଯୁବ ପୁରସ୍କାର ପ୍ରାପ୍ତ 'ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନର ସମସ୍ତ ଗଳ୍ପ ଏବଂ ସମସ୍ତ ଚରିତ୍ର ନିଜ ନିଜ ଜାଗାରେ ଭିନ୍ନ ଏବଂ ସ୍ୱତନ୍ତ୍ର । ପ୍ରସଙ୍ଗ ବି ସେମିତି ଖୁବ୍ ମର୍ମଭେଦୀ । ସମାଜ ଓ ସମାଜ ଜୀବନର ବହୁ ସୂକ୍ଷ୍ମାତିସୂକ୍ଷ୍ମ ଘଟଣା ମଧ୍ୟକୁ ଭେଦିବାର କୌଶଳ ଗାଳ୍ପିକଙ୍କ ଲେଖନୀକଳାରୁ ଅନୁଭବ ହୁଏ ନିଶ୍ଚୟ । 'ରକ୍ତ' ଗଳ୍ପଠୁ ଆରମ୍ଭ କରି 'ଦେବୀ' ଗଳ୍ପ ଯାଏଁ ଲମ୍ବିଛି ଏକ ଜୀବନ ବୋଧର ଚିତ୍ର । ସେଇ ଜୀବନକୁ ନିଜ ଭିତରେ ଧାରଣ କରିଥିବା ଚରିତ୍ର ସମୂହ (ନବନ୍ନା, ଶମ୍ଭୁ, ଯାଦବଜୀ, ଲାଲୀ, ପ୍ରଶାନ୍ତ, ନିରଞ୍ଜନ, ମାୟାଧର, ପାଣିକୁଆ, ପାକ ଆଦି) ଗାଳ୍ପିକଙ୍କ ଦୃଷ୍ଟିରେ, ଚିନ୍ତାଧାରାରେ ଆଉ ଲେଖନୀରେ ବାସ୍ତବ ରୂପେ ପରିସ୍ଫୁଟ ହୋଇଛନ୍ତି । ପାଠକ ସମାଜକୁ ନିଜର ଲେଖନୀ ଅନ୍ତରାଳରେ ବାନ୍ଧି ରଖିବାର କଳା ମଧ୍ୟ ଉକ୍ତ ଗଳ୍ପ ସଙ୍କଳନରେ ପରିଲକ୍ଷିତ ହୁଏ । ସେଇ ଜୀବନବାଦୀ ଗାଳ୍ପିକ ଦେବବ୍ରତ ଦାସଙ୍କ 'ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନର ବିବିଧ ପ୍ରସଙ୍ଗ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକର ଆଲୋଚ୍ୟ ବିଷୟ ।

କେତେକ ଲୋକଙ୍କ ଦୃଷ୍ଟିରେ 'ଜୀବନ'ର ଅର୍ଥ ମଣିଷ ଜୀବନକୁ ବୁଝାଏ । ସେ ତୁଳନାରେ ଅନ୍ୟାନ୍ୟ ପ୍ରାଣୀମାନଙ୍କର ନା ଜୀବନର କିଛି ଗୁରୁତ୍ୱ ଥାଏ ନା ମୂଲ୍ୟ । ସେଥିପାଇଁ ଲୋକମାନେ ନିଜ ଜୀବନକୁ ସୁଖମୟ କରିବା ପାଇଁ ଅନ୍ୟ ପ୍ରାଣୀର ଜୀବନକୁ ବଳି ପକାଇଦିଅନ୍ତି ଶହ ଶହ ନୃଶଂସଙ୍କ ଭିଡ଼ରେ । ପ୍ରତି ବଦଳରେ ଅର୍ଥ ଉପାର୍ଜନ କରନ୍ତି । ଠୋ ଠୋ ହସନ୍ତି । ତାଳି ମଧ୍ୟ ମାରନ୍ତି । କାହା ଦେହର ପିଚ୍ ପିଚ୍ ରକ୍ତ ଦେଖି ନିଜର ପାରିଲା ପଣିଆକୁ ସାବାସି ଦିଅନ୍ତି । ଏମିତି ପରିସ୍ଥିତି ହେଲା ବର୍ତ୍ତମାନର ଯୁଗରେ ବଞ୍ôଚବାକୁ ହେଲେ ଫନ୍ଦିଫିକର, ସ୍ୱାର୍ଥପର, ଅବିବେକିର କଳା ଶିଖିବା ନିତାନ୍ତ ଜରୁରୀ ହୋଇପଡ଼ିଛି । ନହେଲେ ଆଜି ହାଟବାଟରେ ଏ କୁକୁଡ଼ା ଲଢ଼େଇର ନିଶା ମଣିଷକୁ

ISSN NO.
2582-208X

ଘାରିନଥା'ନ୍ତା । ଏ ପ୍ରକାର ଏକ ପ୍ରସଙ୍ଗକୁ ନେଇ ଗାଳ୍ପିକ ଦେବବ୍ରତ ଦାସ 'ରକ୍ତ' ଗଳ୍ପର ପରିକଳ୍ପନା କରିଛନ୍ତି । ଗଳ୍ପରେ ଔପଦାରୁ କିଛିଦୂର ଡ଼ିମ୍ବିରିଚୁହା ଦେଇ ଗଲେ ଯେଉଁ ଦରଖୋଳି ହାଟବସେ, ସେ ସଂପର୍କରେ ବର୍ଣ୍ଣନା କରିଛନ୍ତି । ସପ୍ତାହରେ ଦୁଇଦିନ ବସୁଥିବା ହାଟରେ ଗଞ୍ଜା ଲଢ଼େଇ ହେଉଛି ମୁଖ୍ୟ ଆକର୍ଷଣ । ଯାହାକୁ ଦେଖିବା ପାଇଁ ଲୋକମାନଙ୍କର ଭିଡ଼ ଜମେ । ଏତେ ଭିଡ଼ ଯେ ସୋରିଷ ମଞ୍ଜି ପକାଇ ହେବନାହିଁ । ନାନା ପ୍ରକାର ଉପଦ୍ରବରେ ପରିପୂର୍ଣ୍ଣ ହାଟ କିନ୍ତୁ ଗଞ୍ଜା ଲଢ଼େଇ ପାଇଁ ବିଶେଷ ଜଣାଶୁଣା । ଲୋକମାନେ ନିଜ ନିଜର ସବୁକିଛିକୁ (ସୁନା ଚେନ୍‌ଠୁ ଆରମ୍ଭ କରି ଘରଡ଼ିହ ପର୍ଯ୍ୟନ୍ତ) ବନ୍ଧା ପକେଇ ଗଞ୍ଜା ଲଢ଼େଇରେ ବାଜି ଲଗାନ୍ତି । ଆଉ ପ୍ରତିପକ୍ଷରେ ମାଲିକର ଗଞ୍ଜାଟିର ପିଚ୍‌ପିଚ୍ ରକ୍ତ ଦେଖି ଖୁସି ହୁଅନ୍ତି । ପାଖ ରାସ୍ତା ଉପରେ ଯାଉଥିବା ଲୋକମାନଙ୍କୁ ସେ ଗଞ୍ଜାର ବାସି ରକ୍ତର ଗନ୍ଧ ପବନରେ ଭାସି ଆସେ । ଏହାକୁ ବନ୍ଦ କରିବା ପାଇଁ କେତେକ ଲୋକ ଚେଷ୍ଟା କରିଥିଲେ ମଧ୍ୟ ତାହା ଫଳପ୍ରଦ ହେଲା ନାହିଁ । ଲଢ଼େଇର ନିଶା, ଅନ୍ୟ ଜୀବନକୁ ବଳି ପକାଇବାର ମଜା ନେଉଥିବା ଅମଣିଷଙ୍କ ଜିଦ୍ ନିକଟରେ ସେମାନଙ୍କର ପ୍ରଚେଷ୍ଟା ହାର୍ ମାନିଗଲା । ଶେଷରେ ସେ ଅମାନୁଷିକ କାଣ୍ଡକାରନାମା ଅପ୍ରତିହତ ଗତିରେ ହେବାକୁ ଲାଗିଲା – "କାହା ଦେହରୁ ପିଚ୍‌ପିଚ୍ ରକ୍ତ ବୋହିଲେ ହଜାର ହଜାର ତାଳି ବାଜି ଉଠେ । ପଇସା ହାରିଗଲେ କୋଡ଼ିଏ ବର୍ଷର ପୁରୁଣା ସାଇକେଲ ବି ବନ୍ଧାପଡ଼େ । କାହାର ଝାଳବୁହା ପଇସା ଜିତିନେଇ ଭାଟିରେ ଦେଶୀମଦ ନହେଲେ ହାଣ୍ଡିଆ ପିଆଯାଏ । xxx । xxx। ଦୁଇ ହାତରେ ଦୁଇବିଡ଼ା ଟଙ୍କାଧରି ଡାକ ପକାଉଥାନ୍ତି ଦଲାରି । ଧୀରେ ଧୀରେ ଦାମ୍ ବଢ଼ୁଥାଏ ଗଞ୍ଜା ମାନଙ୍କର । xxx । ବନ୍ଧା ପଡ଼ିଥାଏ ଝିଅର ପାଉଁଜି, ସ୍ତ୍ରୀର କାନଫୁଲ, ପ୍ରେମିକାର ଶେଷ ସନ୍ତକ । ତଥାପି ଲଢ଼େଇରୁ ବର୍ତ୍ତିବା ଅସମ୍ଭବ ।" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ, ପୃ - ୧୮/୧୯) ନିଜର ସର୍ବସ୍ୱକୁ ହରାଇ ଦେବାର ଭୟ ମଣିଷକୁ ଅସତ୍‌ପଥରୁ ନିବୃତ୍ତ କରେ ସିନା କିନ୍ତୁ ନିଜର ସବୁ କିଛି ବାଜି ଲଗାଇ ଗୋଟେ ଜୀବନକୁ ବଳି ଚଢ଼େଇ ଜିତିବାର ନିଶା, ଅହଙ୍କାର ମଣିଷକୁ ନୃଶଂସ, ଅବିବେକୀ, ଦଲାଲ୍ ସଜାଏ । କିନ୍ତୁ ବେଳେବେଳେ ଅଭାବ, ଅନଟନର ଜ୍ୱାଳା ମଣିଷକୁ ଏ ପ୍ରକାର ଅପଥରେ ଯିବା ପାଇଁ ମଧ୍ୟ ବାଧ୍ୟ କରାଏ । ହେଲେ ଏ ଜୀବନ ଦଲାରୀ ମାନଙ୍କ ନିକଟରେ ଅଭାବୀ ମଣିଷର ପରାଜୟ ନିଶ୍ଚିତ ହୋଇଥାଏ; ଯାହା ଉକ୍ତ ଗଳ୍ପର ଗଞ୍ଜା ଲଢ଼େଇ ପ୍ରସଙ୍ଗରୁ ପରିଲକ୍ଷିତ ହୋଇଛି ।

ବିଜ୍ଞାନର ଅଗ୍ରଗତି ଦ୍ୱାରା ନୂତନ ଯନ୍ତ୍ରପାତିର କ୍ରମବିକାଶ ଘଟୁଛି । ପ୍ରାଚୀନ ପଦ୍ଧତିର କାର୍ଯ୍ୟଧାରା ବିଲୁପ୍ତପ୍ରାୟ ହେଉଛି । ଏହି କ୍ରମବିଲୟର କୁପରିଣାମ ଗରିବ, ଖଟିଖିଆ,

ISSN NO.
2582-208X

ଦିନମଜୁରିଆ ଗ୍ରାମ୍ୟ ମଣିଷମାନଙ୍କୁ ଭୋଗ କରିବାକୁ ପଡୁଛି । ସାଧାରଣ ଗ୍ରାମ୍ୟ ମଣିଷଟିଏ ନିତିଦିନ କ୍ଷେତ ବାଡ଼ିରେ ଖଟି ଦି ପଇସା ରୋଜଗାର କରେ । ପରିବାର ଭରଣ ପୋଷଣ କରେ । କିନ୍ତୁ ନୂଆ ନୂଆ କୃଷିଭିତ୍ତିକ ଯନ୍ତ୍ରପାତି (ଟ୍ରାକ୍ଟର, ପାୱାର ଟିଲର, ଧାନପିଟା ମେସିନ୍) ବଜାରକୁ ଆସିବା ଦ୍ୱାରା ବିଲବାଡ଼ିରେ ଖରା ବର୍ଷାରେ ଖଟୁଥିବା ଦିନ ମଜୁରିଆ ଖଟିଖିଆ ଲୋକମାନଙ୍କର ସଂଖ୍ୟା ହ୍ରାସ ହେବାରେ ଲାଗିଲା । ତା ସାଙ୍ଗକୁ ବଳଦ ହଳର ଚାହିଦା ମଧ୍ୟ ଅଲୋଡ଼ା ହୋଇଗଲା । କମ୍ ସମୟରେ ଅଧିକ କାମ ହାତେଇବାର ଲୋଭ ସମସ୍ତଙ୍କୁ ଆକର୍ଷଣ କଲା । ଯଦ୍ୱାରା ହଳିଆ ଲୋକ ଉପରେ ଚଡ଼କ ପଡ଼ିଲା । ଭରଣପୋଷଣ ପାଇଁ, ଚଳିବା ପାଇଁ କାର୍ଯ୍ୟ ପନ୍ଥା ଖୋଜିବାକୁ ଯାଇ ସେ ଭୁଲ କରିବାକୁ ବାଧ୍ୟ ହେଲା । ଏ ପ୍ରସଙ୍ଗର ଦୃଷ୍ଟାନ୍ତ ରହିଛି 'ବିବେକ' ଗଳ୍ପରେ । ଯାହାର ପରିଣାମ ଖୁବ୍ ଭୟଙ୍କର ହୋଇଛି । ଗଳ୍ପର ମୁଖ୍ୟ ଚରିତ୍ର ଶମ୍ଭୁ ନିଜର ଅଭାବୀ ଘରକୁ ଚଳାଇବା ପାଇଁ ଯୋଡ଼ିଏ ବଳଦ ରଖି ହଳ କାର୍ଯ୍ୟ କରେ । କିନ୍ତୁ ଗାଁ ସରପଞ୍ଚ ଯୋଡ଼ିଏ ଟ୍ରାକ୍ଟର ଆଣିବା ଦ୍ୱାରା ଶମ୍ଭୁର ବଳଦ ହଳ ଅଲୋଡ଼ା ହୋଇଗଲା । ପୁଣି ତା' ପଛକୁ ପାୱାର ଟିଲର ଆସିଲା ଆଉ ପରେ ପରେ ଧାନପିଟା ମେଶିନ୍ । ନିଜ ତେଲ ଲୁଣର ସଂସାରକୁ ଚଳେଇବା ଶମ୍ଭୁ ପାଇଁ କଷ୍ଟକର ହେଲା । ନିଜ ଭିଣୋଇଙ୍କ ଘରୁ ଫେରିବା ପରେ ମୁଣ୍ଡରେ ପଶିଥିବା ବୁଦ୍ଧିକୁ କାର୍ଯ୍ୟକାରୀ କରିବାକୁ ପରୀକ୍ଷା କଲା । ସଫଳ ହେବାରୁ ସେ କାର୍ଯ୍ୟରେ (ବଳଦ ଦୁଇଙ୍କୁ ମଦ ପିଆଇ ହଳ କରିବା ଦ୍ୱାରା କମ୍ ସମୟରେ ଅଧିକ ବିଲ ହଳ କରିପାରିଲା) ମନ ଦେଲା । କିଛିଦିନ ଯାଇଚି କି ନାହିଁ ଶମ୍ଭୁ ସ୍ତ୍ରୀର ଭୁଲ ପାଇଁ ଗାଁଟା ସାରା ପ୍ରଘଟ ହୋଇଗଲା ସବୁ ସତକଥା । ଗାଁ ଲୋକ ଶମ୍ଭୁର ବିରୋଧୀ ପାଲଟିଲେ । ଧର୍ମବିରୋଧୀ କାର୍ଯ୍ୟ କରିଥିବା ହେତୁ ଶମ୍ଭୁକୁ ଜେଲ୍ ହେଲା ଏବଂ ଜେଲ୍‌ରେ ଥିବା ସମୟରେ ହିନ୍ଦୁ ପରିଷଦର ଲୋକମାନେ ଗାଁ ଲୋକମାନଙ୍କ ସହ ମିଶି ତା' ଘରେ ନିଆଁ ଲଗାଇ ଦେଲେ । ବୁଢ଼ା ବାପାଟା ସାଙ୍ଗକୁ ସ୍ତ୍ରୀ, ବଳଦ ଦୁଇଟି ଏବଂ ଘର ପୋଡ଼ିକି ପାଉଁଶ ହୋଇଗଲା । ବିବେକ ଶୂନ୍ୟ ଲୋକମାନଙ୍କର ଏପରି ଶିକାର ହୋଇ ଶମ୍ଭୁ ଘରଡ଼ିହ ଛାଡ଼ି କଲିକତା ପଳେଇଲା । ଗରିବ ଲୋକଟିଏ ବୋଲି ସମସ୍ତେ ତା' ଉପରେ ଦାଉ ସାଧିଲେ । କିନ୍ତୁ ସମାଜରେ କେତେକେତେ ଧର୍ମ ବିରୋଧୀ, ସମାଜ ବିରୋଧୀ, ମାନବ ବିରୋଧୀ କାମ ହେଉଛି । ସେଥିପ୍ରତି କାହାର ଆଖିନାହିଁ - "କି ଧର୍ମ, କି ବିବେକ କଥା କହୁଛ ହୋ ବାବୁ। ଏମିତି ବିବେକ ଶୂନ୍ୟ କାମ କରିବାକୁ ହାତକୁ ନବାକୁ ପଡ଼େନି । ହାତ ଆପେ ଆପେ ଚାଲିଯାଏ । ବୁଝିଲ ବାବୁ! ଗରିବ ଝିଅ ସମିସ୍ତିଙ୍କ ମାଇପ । କେତେଆଡ଼େ କେତେ କାଣ୍ଡ କାରଖାନା ଚାଲିଛି । ସିଆଡ଼େ ଆଖ୍ଣା ନଜର ନାଇଁ । ମୁଁ କ'ଣ କରିଦେଲି ଯେ ମୋତେ ଉଠେଇନେଲା ପୁଲିସ । ଲୋକେ ଜାଳି ଦେଲେ ମୋ ଘର ।" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ

ISSN NO.
2582-208X

ଗଳ୍ପ, ପୃ – ୨୫) ସରଳ, ନିରୀହ, ମୂର୍ଖ, ଗରିବ ଲୋକଟି ପ୍ରତି ସମାଜ ତଥା ସମାଜ ଜୀବନର କ୍ରୁରତା ଖୁବ୍ ଭୟଙ୍କର : ଏହା ଉକ୍ତ ସଂଳାପରୁ ସୁସ୍ପଷ୍ଟ ।

ପର ସ୍ତ୍ରୀ ଓ ପର ପୁରୁଷ ପ୍ରତି ଆସକ୍ତିଭାବ ଦାମ୍ପତ୍ୟ ଜୀବନକୁ ନଷ୍ଟ କରିଦିଏ । ଅତୀତର ସ୍ମୃତି, ଅତୀତର ସଂସାରକୁ ନେଇ ଅନୁତପ୍ତ ହୃଦୟଦ୍ୱୟ ଲୁଚି ଲୁଚି ଲୁହ ଗଡ଼ାଏ । କିନ୍ତୁ ଅତୀତ ଭଳି ବର୍ତ୍ତମାନ ହୋଇଯାଏନାହିଁ । ହୁଏ ନାହିଁ ମଧ୍ୟ । ଏ ପ୍ରକାର ଦୃଷ୍ଟାନ୍ତ ରହିଛି 'ଗୋଟେ ଚିଠି ଓ ଜଣେ ଯାଦବ ଜୀ' ଗଳ୍ପରେ । ଯାଦବ ଜୀ ଏବଂ ପତ୍ନୀ ଆଶାଙ୍କ ପରିବାର ଭାଙ୍ଗିଯାଇଛି । ପରସ୍ପର ପରସ୍ପରଠୁ ଅଲଗା ହୋଇଯାଇଛନ୍ତି । ମିଷ୍ଟି ସହ ଯାଦବ ଜୀ ରହିଛନ୍ତି ଏବଂ ଆଶା ବାପ ଘରେ ଏକା ଦିନ କାଟିଛନ୍ତି । କିନ୍ତୁ ଉଭୟେ ଉଭୟଙ୍କୁ ପ୍ରତି ମୁହୂର୍ତ୍ତରେ ମନେ ପକାଇଛନ୍ତି । ଆଶା ଚିଠି ମାଧ୍ୟମରେ ମନକଥା ଲେଖି ଯାଦବ ଜୀଙ୍କୁ ଜଣାଇଛନ୍ତି । ପ୍ରତି ଉତ୍ତରରେ ଯାଦବ ଜୀ କିଛିବି ଚିଠି ନ ପଠାଇ ବରଂ ଛଅବର୍ଷ ପୁରୁଣା ଆଶାଙ୍କର ଚିଠିକୁ ପ୍ରତିଦିନ ରାତିରେ ଏକା ନିରୋଳାରେ ପଢ଼ନ୍ତି ଆଉ ହଜିଯା'ନ୍ତି ପୁରୁଣା ଦିନମାନଙ୍କରେ । ଭଲ ପାଇବାରେ, ଆତ୍ମୀୟତାରେ, ସନ୍ତର୍ପଣରେ ପଢ଼ୁଥିବା ଚିଠି ଯାଦବ ଜୀଙ୍କୁ କେଉଁ ଅନୁଭବ ଦିଏ, ସେ କ'ଣ କହିବାକୁ ଚାହାଁନ୍ତି; ତାହା କେବଳ ସେ ହିଁ ଜାଣନ୍ତି। ଆଶାଙ୍କ ପାଖକୁ ସେ ଜାଣିବାର ଉତ୍ତର ଫେରେ ନାହିଁ କେବେ । ସବୁ ବୁଝିପାରୁଥିବା, ସବୁ ଅନୁଭବ କରିପାରୁଥିବା ଯାଦବ ଜୀ ଲାଚାର ପରି ରୁହନ୍ତି । ଠିକ୍ ତାଙ୍କର ପାଳିତ କୁକୁର କିଙ୍ଗୁ ପରି । ଯେକି ଯାଦବ ଜୀଙ୍କ ପରି ସବୁ ଦୁଃଖ – କଷ୍ଟ, ହସ–ଲୁହ, ପ୍ରେମ–ପ୍ରତାରଣାକୁ ହୃଦ୍‌ବୋଧ କରି ମଧ୍ୟ ଚୁପ୍ ହେଇ ପଡ଼ିରହେ – "ମିଷ୍ଟି । ମଣିଷ ହେଉ କି କୁକୁର ଯାହାକୁ ପାଳୁଛ ପାଳ । ଅସଲ୍ କଥାଟା ହେଲା ତୁମେ ପରସ୍ପରକୁ କେଉଁ ହିସାବରେ ଗ୍ରହଣ କରୁଛ ଆଉ ବିନା ଉଦ୍ଦେଶ୍ୟରେ କେତେ ମାତ୍ରାରେ ଭଲ ପାଉଛ ।" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ, ପୃ – ୩୭) ଉକ୍ତ ଗଳ୍ପର ଠିକ୍ ବିପରୀତ ଧର୍ମୀ ଗଳ୍ପଟି ହେଉଛି 'ଗୋଟେ ଇହକାଳର ସତ' । ଏଥିରେ ନାରୀର ସନ୍ଦେହ ଭାବ ତାକୁ ହତ୍ୟାକାରୀ ସଜାଇଛି । ତା' ପରିବାରକୁ ନଷ୍ଟ କରି ଦେଇଛି । ନିଜ ସ୍ୱାମୀଙ୍କୁ ନେଇ ଥିବା ସନ୍ଦେହର ପରିଣାମ ସ୍ୱରୂପ ଭୁନୁ ଗୀତାକୁ କୂଅ ଭିତରକୁ ଠେଲିଦେଇଛନ୍ତି । ଗୀତାର ମୃତ୍ୟୁ ହୋଇଛି । କିନ୍ତୁ ପରେ ଗୀତା ଓ ସ୍ୱାମୀ ଜୟନ୍ତର ଉତ୍ତମ ସଂପର୍କ ଥିବା ଜାଣିବା ପରେ ଭୁନୁ ନିଜଦ୍ୱାରା ହେଇଥିବା ଭୁଲ ପାଇଁ ପାଗଳି ହୋଇଯାଇଛନ୍ତି । ନିଜ ହାତରେ ନିଜର ସଂସାରକୁ ନଷ୍ଟ କରି ଦେବାର ଅନୁତାପରେ ସାରା ଜୀବନ ଦଗ୍ଧିଭୂତ ହୋଇଛନ୍ତି । ଜଣେ ନାରୀର ଅନ୍ୟ ଜଣେ ନାରୀ ପ୍ରତି ଈର୍ଷାଭାବ ଭୟଙ୍କର ରୂପ ଗ୍ରହଣ କରିଛି ଉକ୍ତ ଗଳ୍ପରେ ।

ISSN NO.
2582-208X

ପ୍ରେମ ଚିରନ୍ତନ, ଶାଶ୍ୱତ, ଅମର, ସୁନ୍ଦର, ସ୍ମରଣୀୟ.... । ପ୍ରଥମ ପ୍ରେମ, ପ୍ରଥମ ପ୍ରେମିକା ଏବଂ ପ୍ରଥମ ସ୍ମୃତି ସଦାବେଳେ ମନରେ ଅତୀତର ଅଭୁଲାଗାର ହେଇରହିଯାଏ । କିଛିଟା ଭୁଲ ବୁଝାମଣା, ଅଭିମାନ ଦୁଇ ମଣିଷଙ୍କ ଭିତରେ ଦୂରତା ସୃଷ୍ଟି କରିଥାଏ ସିନା ; ବିତିଲା ଦିନର କଥା, ଘଟଣା କିନ୍ତୁ ହୃଦୟରେ ଜୀବିତ ରହେ ସାରା ଜୀବନ । ଉଭୟେ ଉଭୟଙ୍କୁ ଖୁବ୍ ଝୁରିହୁଅନ୍ତି । ଗଲାଦିନର କଥାକୁ ମନେ ପକାଇ ହଜିଯା'ନ୍ତି ବିଗତ ସମୟର ଅନ୍ତରାଳରେ । ଏହାର ଏକ ଦୃଷ୍ଟାନ୍ତ ହେଉଛି 'ନାଲିଗୁଡ଼ି' ଗଳ୍ପ । ଗଳ୍ପ ନାୟକ ପ୍ରଶାନ୍ତ ନିଜ ପିଲାବେଳର ସାଥି ଲାଲି ସହ ବିତେଇଥିବା ମୁହୂର୍ତ୍ତ, ତା' ପ୍ରତି ଥିବା ଭାବାନ୍ତର, ଉଭୟଙ୍କ ଭିତରେ ସୃଷ୍ଟ ଭୁଲ ବୁଝାମଣା ଜନିତ ଦୂରତ୍ୱକୁ ମନତଳେ ଚାପିରଖି ନିଜେ ଅଧ୍ୟାପନା କରୁଥିବା କଲେଜ ନିକଟସ୍ଥ ପୋଖରୀ ତୁଠରେ ଅଧିକାଂଶ ସମୟରେ ବସି ନୀରବରେ ପାଣିକୁ ଚାହିଁଥା'ନ୍ତି । ଏହାକୁ ଲକ୍ଷ୍ୟକରି କଲେଜର ମାଡ଼ାମ୍ ରଞ୍ଜିତା ତାଙ୍କ ନିକଟକୁ ଯାଇଛନ୍ତି । ନୀରବତାର ବାତାବରଣ ଭାଙ୍ଗି ରଞ୍ଜିତା ପ୍ରଶାନ୍ତଙ୍କୁ ସେ ସଂପର୍କରେ କିଛି ପ୍ରଶ୍ନ ପଚାରିଛନ୍ତି । ଯାହାର ଉତ୍ତର ଦେବାକୁ ଯାଇ ପ୍ରଶାନ୍ତ ନିଜ ପିଲାବେଳର ସାଥି ତଥା ପ୍ରେମିକା ଲାଲି କଥା, ସେମାନଙ୍କ ଭିତରେ ନାଲିଗୁଡ଼ିକୁ ନେଇ ଘଟିଥିବା ଘଟଣା, ତାକୁ ନେଇ ଦୁହିଁଙ୍କ ଭିତରେ ଅଧାବାଟରେ ଅଟକି ଯାଇଥିବା ସଂପର୍କ : ଏସବୁ କଥାକୁ ପ୍ରକାଶ କରିଛନ୍ତି । କିଭଳି ସାମାନ୍ୟ ଅନ୍ୟମନସ୍କତା ଓ ତଦ୍‌ଜନିତ ପ୍ରଶାନ୍ତ ଦ୍ୱାରା ଲାଲିର ନାଲିଗୁଡ଼ି କଟି ଯାଇ ସେଇ ପୋଖରୀରେ ପଡ଼ିଯିବା ଦ୍ୱାରା ସବୁଦିନ ପାଇଁ ଲାଲି ଓ ପ୍ରଶାନ୍ତ ଭିତରେ ଥିବା ସଂପର୍କ ସେଇ ପୋଖରୀ ପାଣିରେ ମିଳେଇ ଯାଇଛି, ତାହାକୁ ବଖାଣିଛନ୍ତି । ଶେଷରେ ରଞ୍ଜିତାର ପ୍ରଶ୍ନ ଲାଲି ତୁମର ପ୍ରେମିକା ବୋଲି ପ୍ରଶାନ୍ତଙ୍କୁ ପଚାରିଛନ୍ତି । ପ୍ରତି ଉତ୍ତରରେ ପ୍ରଶାନ୍ତ ସଂପୂର୍ଣ୍ଣ ନିଶ୍ଚିତ ହୋଇ ପ୍ରେମ କି ଆଉ କ'ଣ ଉତ୍ତର ଦେଇ ପାରିନାହାନ୍ତି । କିନ୍ତୁ ହଁ ଉଭୟ (ପ୍ରଶାନ୍ତ – ଲାଲି)ଙ୍କ ଭିତରେ ଏକ ସଂପର୍କ ନିଶ୍ଚିତ ଥିଲା ବୋଲି ଦୃଢ଼ଭାବେ କହିଛନ୍ତି । ଜଣେ ଯୁବତୀ (ମେଘା), ଜଣେ ମଧ୍ୟ ବୟସ୍କା ନାରୀ (ସୁମି) ଏବଂ ଆଉ ଜଣେ ବୃଦ୍ଧା (ପାକ) : ଏଇ ତିନି ଚରିତ୍ର ମଧ୍ୟଦେଇ ପ୍ରେମ ଓ ବିବାହକୁ ନେଇ ଗାଳ୍ପିକ ତିନୋଟି ପିଢ଼ିର ସାମାଜିକ ଚଳଣୀ ସହ ଲୋକମାନସିକତା, ଚିନ୍ତାଧାରା, ଦୃଷ୍ଟିଭଙ୍ଗୀ, ଗୋପନୀୟ ବେଦନା ଆଦିକୁ ଆଲୋଚନା କରିଛନ୍ତି 'ପାକ' ଗଳ୍ପରେ । ପ୍ରାଥମିକ ସ୍ତରରେ ବାଲ୍ୟବିବାହ, ପରେ ଉପଯୁକ୍ତ ବିବାହ ବୟସରେ ବିବାହ ଏବଂ ଅଧୁନା ବିବାହ ନିମନ୍ତେ ଝିଅମାନଙ୍କୁ ସେମାନଙ୍କର ମତାମତ ପଚାରିବାର ସମୟ ପ୍ରଚଳିତ ହେଉଅଛି । କିନ୍ତୁ ଅତୀତରେ ଗୋଟିଏ କଥା ନିଶ୍ଚିତ ଥିଲା ଯେ ନାରୀ ପୁରୁଷ ନିକଟରେ ପରିସ୍ଥିତିର ଦାସ ହୋଇ ପଡ଼ି ରହୁଥିଲା । ଇଚ୍ଛା ଥାଉ ନଥାଉ ସ୍ୱାମୀ ଦେବତା ମଣି ତାଙ୍କ ସେବାରେ ନିଜକୁ ସମର୍ପି ଦେବା ଏବଂ ଶ୍ୱଶୁର ଘର ଲୋକମାନଙ୍କର ସେବାଯତ୍ନ

ISSN NO.
2582-208X

ଆଉ ଶେଷରେ ମାତୃତ୍ୱର କର୍ତ୍ତବ୍ୟ ଲିଭଉ ଲିଭଉ ନିଜ ଜୀବନକୁ ଅଜାଡ଼ି ଦେବାରେ ସମାପ୍ତି ହୋଇଯାଉଥିଲା । ଯାହା ଅଧୁନା ହୁଏତ ବହୁମାତ୍ରାରେ ପରିବର୍ତ୍ତନ ହେଲାଣି । ଏହି ପରିବର୍ତ୍ତିତ ସମୟ ଓ ଚିନ୍ତାଧାରାକୁ ନେଇ ଅତୀତର ନାରୀଟିଏ ଆଶ୍ଚର୍ଯ୍ୟ ହୁଏ, ବିଳାପ କରେ । ତା' ଜୀବନରେ ଘଟିଯାଇଥିବା ଘଟଣାକୁ ବର୍ତ୍ତମାନର ସମୟ ସହ ତୁଳନା କରି ଅନୁସୂଚନା କରେ । ଠିକ୍ ଯେମିତି 'ପାକ' ଗଳ୍ପରେ ପାକ ଚରିତ୍ର । ନିଜ ନାତୁଣୀ ମେଘା ବର୍ତ୍ତମାନ ସମୟରେ ପାଉଥିବା ସୁବିଧା, ସୁଯୋଗ ତାଙ୍କ (ପାକ) ପାଇଁ ସ୍ୱପ୍ନ – "ତେବେ କ'ଣ ଲାଗୁଛି ? ଏ ସାରା ପୃଥିବୀରେ ସାଥିରେ ରହୁଥିବା ସବୁ ସ୍ୱାମୀ-ସ୍ତ୍ରୀମାନେ ପରସ୍ପରକୁ ପସନ୍ଦ କରନ୍ତି ? କେଜାଣି କରୁଥିବେ । ମୁଁ ତ ଏ ସତୁରି ବର୍ଷ ଭିତରେ ଦେଖିନାହିଁ । ଆମେ ମଣିଷମାନେ ଭଲପାଉଥିବା ମଣିଷଟିକୁ ଗୋଟେ ବସ୍ତୁ ପରି ନିଜ ପାଖେ ବାନ୍ଧି ରଖିବାକୁ ଚାହୁଁ । ଅଥଚ ଭୁଲିଯାଉ ଯେ ଯେତେବେଳେ ଆମେ ବାନ୍ଧିବାକୁ ଚେଷ୍ଟାକରୁ ସେତେବେଳେ ନିଜେ ହିଁ ବାନ୍ଧି ହେଇଯାଉ । କିନ୍ତୁ ବାନ୍ଧି ହେଇ, କେହି କ'ଣ କେବେ ଖୁସିରେ ରହିପାରେ ?" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ, ପୃ – ୭୦) ଶେଷରେ ସତିଶ୍‌କୁ କେନ୍ଦ୍ରକରି ସୁମି ପାକଙ୍କୁ ଜୋର୍‌ରେ ଠେଲି ଦେଇଛନ୍ତି । ପାକଙ୍କ ଖପୁରି ଫାଟି ରକ୍ତଧାର ବୋହିଯାଇଛି । ମେଘା ଆସିବା ପରେ ଏସବୁ ଦେଖି ସିତଶ୍‌କୁ ଫୋନ୍ ଯୋଗେ ଜଣାଇଛି ଏବଂ ସତିଶ୍ ଆସିଛି । ଆଉ ପାକକୁ ତା' କୋଳରେ ଧରି ପାଣି ଛିଞ୍ଚିଛି । ଆଖିରୁ ଲୁହ ଝରାଇଛି । ପାକ ଏସବୁକୁ ଦେଖି ସ୍ମିତହାସ ଦେଇଛନ୍ତି । ସତିଶ୍‌ର ତା' (ପାକ) ପ୍ରତି ଭଲପାଇବା, ଯତ୍ନ, ବ୍ୟସ୍ତ ହେବାର ଦେଖି ଜୀବନର ସବୁଯାକ ତୃପ୍ତି, ସବୁଯାକ ସ୍ୱପ୍ନ, ସବୁଯାକ ସତ, ସବୁ ଯାକ ନିର୍ବାଣ ପାଇଯିବାର ଆନନ୍ଦରେ ବିଭୋର ହୋଇ ସବୁଦିନ ପାଇଁ ଆଖିବୁଜି ଦେବା ପାଇଁ ଚାହିଁଛନ୍ତି ।

ଆପଣାର ପ୍ରିୟଜନଙ୍କୁ ହରେଇବାର ଦୁଃଖ ଖୁବ୍ ବିଦାରକ । ସେଥିପାଇଁ ଏ ସଂସାରରେ ମଣିଷ ଅନେକ କଥା ସହିଯାଏ, କହିଯାଏ, କରିଯାଏ । କେଇ ବର୍ଷର ଜୀବନ ପରିଧି ଭିତରେ ନିଜରମାନଙ୍କୁ ବାନ୍ଧି ରଖିବାର ମୋହ ବେଳେବେଳେ ମଣିଷକୁ ମିଛ କହିବାକୁ ବାଧ୍ୟ କରେ । ସତକୁ ସାମ୍ନା କରିବାର ସାହସରୁ ଦୂରେଇ ରଖେ । ଠିକ୍ ଯେମିତି 'ସଂସାର' ଗଳ୍ପରେ ମା' ମିତା ଏବଂ ଝିଅ ଗୀତା । ମା'ଙ୍କ ପରାମର୍ଶରେ ଝିଅ ଗୀତା ମା'ଙ୍କ ମୃତ୍ୟୁପରେ ମଧ୍ୟ ମା'ଙ୍କୁ ଜୀବିତ କରି ରଖିପାରିଛି ନିଜ ବାପା ନିରଞ୍ଜନଙ୍କ ନିକଟରେ ଚିଠି ମାଧ୍ୟମରେ । ମା'ଙ୍କ ନାମରେ ନିଜ ବାପାଙ୍କୁ ନିୟମିତ ଚିଠି ପ୍ରଦାନ କରିଛି ଝିଅ ଗୀତା । ଯାହାର ସତ୍ୟତାକୁ ପ୍ରଧାନବାବୁଙ୍କ ନିକଟରେ ଝିଅ ଗୀତା ପ୍ରକାଶ କରିଛି– "କ'ଣ ଆଉ କରିପାରିଥାନ୍ତି କୁହନ୍ତୁ ମୌସା । ସେବେବି ବାପାଙ୍କୁ ଖବର ପଠେଇବାର

ISSN NO.
2582-208X

ସାହସ ନଥିଲା ଆଉ ଏବେବି ସତ କହିବାର ସାହସ ନାହିଁ । କାହିଁକିନା କେବେଥରେ ବୋଉ ଆଉ ମୁଁ ହରେଇ ଆସିଥିବା ଆମର ଅତି ନିଜର କେହି ଜଣକୁ ଆଉଥରେ ଆଖି ସାମ୍ନାରେ ହାରିବାର ଦେଖି ପାରିନଥାନ୍ତି ।" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ, ପୃ - ୮୮) ଏହି ଗଳ୍ପରେ ଆଉ ଏକ ପ୍ରସଙ୍ଗ ରହିଛି । ଯେଉଁଥିରୁ ମଣିଷ ଏବଂ ପଶୁ ମଧ୍ୟରେ ଥିବା ତାରତମ୍ୟକୁ ବର୍ତ୍ତମାନର ଆଧୁନିକ ମଣିଷର କାର୍ଯ୍ୟଧାରା ମାଧ୍ୟମରେ ଗାଳ୍ପିକ ଦର୍ଶାଇଛନ୍ତି। ମଣିଷ ନିକଟରେ ମଣିଷ ଛୁଆର ସେବାଯତ୍ନ, ଭଲମନ୍ଦ, ପ୍ରତିପାଳନ ଖୁବ୍ ଉର୍ଦ୍ଧ୍ୱରେ । ସେ ତୁଳନାରେ ଅଣମାନବୀୟ ପ୍ରାଣୀର ଛୁଆ ହେଙ୍କାନର ପାତ୍ର । କିନ୍ତୁ ଜୀବନ ତ ସମସ୍ତଙ୍କର ସମାନ । ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଦୁଃଖ, କଷ୍ଟ, ବେଦନା ସମସ୍ତଙ୍କ ଠିଁ ତ ସମାନ । ତେଣୁ ଯେତେବେଳେ ଉକ୍ତ ଗଳ୍ପରେ ଗୋଟେ ଗାଇପାଖରୁ ତା' ବାଛୁରୀ ଛୁଆକୁ ଅଲଗା କରିଦିଆଯାଇଛି; ସେତେବେଳେ ମାତୃହୃଦୟର କୋହ, ବିଳାପ ଅଶ୍ରୁ ମାଧ୍ୟମରେ ବହି ଯାଇଛି ଗାଇଟି ଚକ୍ଷୁରେ - "ଆଠଦିନ ହେଲା ଛାବୁଲିଟା ମୋର ଲୁହ ଗଡ଼ଉଛି । ଗୁହାଳ ଘରର ଗାଢ଼ ଅନ୍ଧକାରରେ ହେଉ କି ଦ୍ୱିପହରେ ପଡ଼ିଆ ମଝିରେ ମୁହଁ ପାଖରେ ଛନ୍‌ଛନ୍ ଘାସ ପଡ଼ିଥାଉ, ଛାବୁଲି ଚୁପ୍‌ଚାପ୍ ଠିଆ ହୋଇଥାଏ । ଲୁହ ଗଡ଼ାଉଥାଏ ।" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ, ପୃ - ୮୫) ଗାଇର ଏ ପ୍ରକାର ଦୁଃସ୍ଥିତି ଦେଖି ମିତା ଚରିତ୍ର ଜଣକ ଅନୁତପ୍ତ ମନରେ ଭାଙ୍ଗି ପଡ଼ିଛନ୍ତି । କିନ୍ତୁ ସେ ବା କ'ଣ କରିପାରିଥା'ନ୍ତେ । ମନା କରିବା ସତ୍ତ୍ୱେ ମଧ୍ୟ ତାଙ୍କର ଅବାଧ୍ୟ ମଉସା ଶ୍ୱଶୁର ପୁଅ ଏବଂ ବୋହୂ ଏପରି କାଣ୍ଡ କରିଥିଲେ । ଗୋଟେ ମା' ପାଖରୁ ତା' ଛୁଆକୁ ଅଲଗା କରିବାର ଦୁଃସାହସ କରିଥିଲେ । ସାଂପ୍ରତିକ ସମୟରେ ସଚ୍ଚୋଟପଣିଆର ଅର୍ଥ ନିଜକୁ ବାଜି ଲଗାଇବା ସହ ସମାନ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ, ଅନ୍ୟପାଇଁ ଲଢ଼ିବାକୁ ଯାଇ ନିଜେ ସେଇ ଲଢ଼େଇର ଶିକାର ହେବାଟା ଥୟ । ଯାହାକୁ କେନ୍ଦ୍ରକରି ଆମେ ମଣିଷମାନେ ସତ୍ୟ, ନ୍ୟାୟ, ଧର୍ମ, ବାସ୍ତବତାକୁ ଭୟ କରୁ । ଦୂରେଇ ଯାଉ । କିନ୍ତୁ କଉଠି ନା କଉଠି ଆମେ ମଣିଷମାନେ ନିଜ ହୃଦୟ ପାଖରେ ହାରିଯାଉ ନିଶ୍ଚୟ । ଏ ହାରିବାର ମୂଳ କାରଣ ପାରିପାର୍ଶ୍ୱିକ ସମାଜ ଜୀବନର କ୍ରୁରତା, ଅବିଶ୍ୱାସ ଏବଂ ନିଜକୁ ବଞ୍ଚାଇବାର ପ୍ରୟାସ, ସୁରକ୍ଷା ଦେବାର ପ୍ରଚେଷ୍ଟା। ଏ ପ୍ରକାର ଭାବଧାରା ସଂପନ୍ନ ଗଳ୍ପଟି ହେଉଛି 'ଶବ' - "ସେଇଠୁ ଫେରିଲାବେଳେ ଯଦିଓ ସମସ୍ତଙ୍କ ମୁହଁ ତଳକୁ ଥିଲା । ସମସ୍ତେ ନିଜକୁ କଉଠି ନା କଉଠି ଟିକେ ଦୋଷୀ ମନେ କରୁଥିଲେ । କିନ୍ତୁ ଦୋଷୀ ହବାର ଦୁଃଖ ନଥିଲା ମନରେ । କାହିଁକିନା ସବୁଠି ବିବେକ ଓ ହୃଦୟ ସହ ସଚ୍ଚୋଟପଣିଆ ନିଭେଇବାର ବିଳାସ ସମସ୍ତଙ୍କୁ ଜୀବନ ଦିଏନାହିଁ ।" (ସ୍ୱର୍ଣ୍ଣ ଓ ଅନ୍ୟାନ୍ୟ ଗଳ୍ପ, ପୃ - ୯୮) ଅର୍ଥାତ୍ ଉକ୍ତ ଗଳ୍ପରେ ଏକ ଅନାମଧେୟ, ଅପରିଚିତ ଶବକୁ ନେଇ ପୋଲିସର ଅନୁସନ୍ଧାନ ଓ କିଛି ସ୍ଥାନୀୟ ଲୋକଙ୍କୁ

ISSN NO.
2582-208X

ପଚରା ଉଚୁରା ଏବଂ ଅବିଶ୍ୱାସ ଭାବ ସ୍ଥାନୀୟ ଲୋକମାନଙ୍କ ମନରେ ନିଜର ସୁରକ୍ଷା ପ୍ରତି ଭୟ ସୃଷ୍ଟି କରିଛି । ଫଳରେ ସମସ୍ତେ ନିଜେ ନିଜକୁ ବଞ୍ଚାଇବା ପାଇଁ ଚେଷ୍ଟା କରି ସେ କେସ୍‌ରୁ ଦୂରେଇ ଯାଇଛନ୍ତି । ମନରେ ଅନେକ କଥା ଆସିଲେ ମଧ୍ୟ ପ୍ରାଥମିକ ପର୍ଯ୍ୟାୟରେ କିଛିଟା ପ୍ରକାଶ କରି ଶେଷରେ ନିଜର ସୁରକ୍ଷାକୁ ଆଖି ଆଗରେ ରଖି ସେସବୁକୁ ପରବର୍ତ୍ତୀ ସମୟରେ ମନରେ ଲୁଚେଇ ଦେଇଛନ୍ତି ।

କଥାରେ ଅଛି ଆମେ ଅନ୍ୟର ଭଲ ଚିନ୍ତା କଲେ, ଭଲ ପାଇଁ କିଛି କରିଲେ; ଭଗବାନ ଆମର ମଙ୍ଗଳ କରନ୍ତି, ସାହା ହୁଅନ୍ତି । ଏ କଥାଟି କେବଳ ଯେ ମନୁଷ୍ୟ ପାଇଁ ପ୍ରଯୋଜ୍ୟ ତା' ନୁହେଁ ସମଗ୍ର ଜୀବଜଗତ ପାଇଁ ଏହା ସତ୍ୟ । ସେ ପଶୁଟିଏ ହେଉ ବା ପକ୍ଷୀଟିଏ, ମଣିଷଟିଏ ହେଉ ବା ଉଦ୍ଭିଦଟିଏ; ସମସ୍ତଙ୍କ ପ୍ରତି ସମଭାବାପନ୍ନ କର୍ମର ପରିଣାମ ସ୍ୱରୂପ ସୁଫଳ ପ୍ରାପ୍ତ ହୁଏ । ଅନ୍ୟପଟେ ଦେଖିଲେ ଯାହା ପ୍ରତି ଆମେ ସାହାଯ୍ୟ, ସହାନୁଭୂତିର ହାତ ବଢ଼ାଇଥାଉ; ସେ ପ୍ରାଣୀଟି ମଧ୍ୟ ବା ଉଦ୍ଭିଦଟି ମଧ୍ୟ ପ୍ରତିଦାନରେ ଆମକୁ ସହଯୋଗର ହାତ ବଢ଼ାଏ, ସହାୟତାର ସାହାସ ପ୍ରଦାନ କରେ । କେହି କେହି ତ ସାହାଯ୍ୟ, ସହଯୋଗ, ସହାନୁଭୂତିର ଋଣ ସୁଝିବାକୁ ଯାଇ ଚିର ଦିନ ପାଇଁ ନିଜକୁ ଉତ୍ସର୍ଗ କରିଦିଅନ୍ତି । ସାହାଯ୍ୟ କରିଥିବା ଲୋକଟି ଏ ଦୁନିଆରୁ ଚାଲିଯିବା ପରେ ମଧ୍ୟ ସେମାନେ (କେହି କେହି) ଲୋକଟି ପ୍ରତି ନିଜର କର୍ତ୍ତବ୍ୟକୁ କରିଚାଲନ୍ତି । ଏହାର ଏକ ଦୃଷ୍ଟାନ୍ତ 'ସ୍ୱର୍ଣ' ଗଳ୍ପର ମାୟାଧର ଓ ପାଣିକୁଆ ପ୍ରସଙ୍ଗ । ନଇବଢ଼ି ସମୟରେ ମାୟାଧର ସାହାଯ୍ୟର ହାତ ବଢ଼େଇଥିବା ପାଣିକୁଆଟି ମାନବୀୟ ସମ୍ବେଦନଶୀଳତାର ଯଥାର୍ଥ ପ୍ରମାଣ ଦେଇଛି । ତା (ପାଣିକୁଆ) ଜୀବନ ରକ୍ଷା କରିଥିବା ମଣିଷ (ମାୟାଧର) ଟିକୁ କେବେବି ଏକା କରିଦେଇନାହିଁ । ନିଜ ପ୍ରକୃତି ଓ କର୍ମର ଫଳସ୍ୱରୂପ ପାଣି କୁଆଟି ମାୟାଧରକୁ ସାହାଯ୍ୟ କରିବାକୁ ଯାଇ ନିୟମିତ ମାଛ ଧରି ଆଣି ଦେଇଛି ଏବଂ ମାୟାଧରର ଆହାର ନିମିତ୍ତ ପୂର୍ଣ୍ଣ ସହାୟତା ଯୋଗାଇଛି । କିନ୍ତୁ ମାୟାଧରର ମୃତ୍ୟୁରେ ପାଣିକୁଆଟି ଆତ୍ମବିଭୋର ହୋଇଯାଇଛି । ମାୟାଧରକୁ ନ ପାଇ ପ୍ରତିଦିନ ରାତିରେ ସମସ୍ତ ଆଖ ପାଖର ପୋଖରୀରୁ ମାଛ ମାରି ଆଣି ତୁଠରେ ପକାଇଛି । କାଳେ ମାୟାଧର ଏସବୁ ଆସି ଗୋଟାଇ ନେବ । କାଳେ ତା' ମାୟାଧର ପୁଣି ଫେରିଆସିବ । ସ୍ୱାମୀ ମାୟାଧର ଓ ପାଣିକୁଆର ଏ ନିବିଡ଼ ସଂପର୍କକୁ ଦେଖି ପାଣିକୁଆ ପ୍ରତି ସର୍ବଦା ଈର୍ଷା କରୁଥିବା ମାୟାଧରର ସ୍ତ୍ରୀ ପାର ସ୍ୱାମୀର ମୃତ୍ୟୁ ପରେ ପାଣିକୁଆର ଏ ଅବସ୍ଥା ଦେଖି ଠପ୍ ଠପ୍ ଦୁଇ ଆଖିରୁ ଲୁହ ଝରାଇ ଅନ୍ୟ ଗାଁର ଲୋକଙ୍କ ଦ୍ୱାରା ଜାଲରେ ବନ୍ଦୀ ହୋଇଥିବା ସେଇ ପାଣିକୁଆ ନିକଟକୁ ଯାଇଛି ଏବଂ ତାକୁ ଜାଲରୁ ବାହାର କରି କୋଳେଇ ନେଇଛି । ପାରକୁ

ISSN NO.
2582-208X

ଅନୁଭବ ହୋଇଛି – "ପାରକୁ ଲାଗିଲା ଏତେଥର ଗହନ ଅନ୍ଧାରରେ ମାୟାଧରକୁ କୁଣ୍ଢେଇ ଧରିଛି ହେଲେ ଆଜି ପ୍ରଥମଥର ପାଇଁ ତାକୁ ଛୁଇଁ ପାରିଛି । ମାୟାଧର କେବେ ପାର ପାଖେ ନ ଥିଲା । ସେ ଥିଲା କେବଳ ଏଇ ପାଣିକୁଆ ପାଖେ । ସେ ମାୟାଧର କେବେ ମାୟାଧର ନଥିଲା । ଏଇ ହେଉଛି ପ୍ରକୃତ ମାୟାଧର । ଏଇ ତା' ପ୍ରଥମ ସ୍ୱର୍ଶ ।" (ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ, ପୃ – ୧୧୦) ମଣିଷ ଓ ମାନବେତର ଜୀବ ମଧ୍ୟରେ ନିବିଡ଼ତା, ଆନ୍ତରିକତା, ପ୍ରେମଭାବ ଏବଂ ଏହି ସଂପର୍କକୁ ଭୁଲ ବୁଝୁଥିବା ମଣିଷ ଶେଷରେ ପ୍ରକୃତ ପ୍ରେମ ଓ ପ୍ରେମର ସ୍ୱର୍ଶକୁ ଅନୁଭବ କରିପାରିବାର ଦୃଷ୍ଟାନ୍ତ ମାୟାଧର, ପାଣିକୁଆ ଏବଂ ପାର ଚରିତ୍ରରୁ ପ୍ରମାଣିତ ।

ଜୀବନବ୍ୟାପୀ ବନ୍ଦୀ କୋଠରୀ, ଅଗଣା ନାରୀର ପରିଚୟ । ଝିଅବେଳେ ବାପ ଘରେ, ବୋହୂ ହେଲେ ଶ୍ୱଶୁର ଘରେ ଆଉ ମା ହେଲେ ପୁଅ ଘରେ : ସର୍ବଦା କେହି ଜଣେ ପୁରୁଷ କାନ୍ଧରେ ଭରା ହେଇ ରହିବା, ଚଳିବା, ବଞ୍ଚିବା ହିଁ ନାରୀ ଜୀବନରେ ଲେଖା । ପୁରୁଷଟିଏ ନିଜ ଇଚ୍ଛା ମୁତାବକ ସବୁଆଡ଼େ ପକ୍ଷୀଟିଏ ପରି ଉଡ଼ିପାରେ । କାମ କରିପାରେ । ବଞ୍ଚି ପାରେ । ସେ ତୁଳନାରେ ନାରୀ ପୁରୁଷର ଖୁସିରେ ଖୁସି ହୋଇ, ଦୁଃଖରେ ଦୁଃଖୀ ହୋଇ ସାରା ଜୀବନ ତା'ରି ନିକଟରେ, ତା'ରି ପରିଚୟରେ କାଟିଦିଏ । ଏତେ ପରେ ବି ଏ ପୁରୁଷ ସମାଜ ନାରୀକୁ ଦ୍ରବ୍ୟ ସଦୃଶ ବ୍ୟବହାର କରେ । ନାରୀଟିଏ ସବୁବେଳେ ପୁରୁଷର ଉପଭୋଗର ପାତ୍ର ସାଜେ । ଉପଭୋଗର ନିଶାରେ ବିଭୋର ଭୋଗସର୍ବସ୍ୱ ପୁରୁଷ ବୟସ, ସଂପର୍କର ତାରତମ୍ୟ ଏବଂ ମୂଲ୍ୟକୁ ମଧ୍ୟ ଭୁଲିଯାଏ । କେତେବେଳେ ନିଜ ପାଇଁ ତ କେତେବେଳେ ଆଉ କାହାର ଖୁସି ପାଇଁ ବଳିପକାଇଦିଏ ନିଜ ଉପରେ ଭରସିଥିବା ନାରୀଟିକୁ । ଏହାର ଏକ ଦୃଷ୍ଟାନ୍ତ ଗାଳ୍ପିକଙ୍କର 'ଦେବୀ' ଗଳ୍ପର ସାର ପ୍ରସଙ୍ଗ – "ବସିବା ଜାଗାରୁ ତତ୍‌କ୍ଷଣାତ୍ ଉଠି ଆସିଲା ଅବିନାଶ । ଫେରିଲାବେଳେ ବାଟରେ ଭାବୁଥିଲା ଏ ଚାଳରୁ ସେ ଚାଳକୁ ପକ୍ଷୀଟିଏ ପରି ସବୁବେଳେ ଉଡ଼ିବୁଲୁଥାଏ ପୁରୁଷ । ନାରୀ କିନ୍ତୁ ବନ୍ଦୀ ଥାଏ ଚିରକାଳ । ଖାଲି ଯା ଜେଲ୍‌ଖାନା ବଦଳିଯାଏ । ଗୋଟିଏ ଜେଲ୍‌ଖାନାରୁ ଆଉ ଗୋଟେ ଜେଲଖାନାକୁ ସବୁବେଳେ ନାରୀ ହିଁ ପଶୁଥାଏ । ଯେମିତି ବାପଘରୁ ଶ୍ୱଶୁର ଘର । ଶ୍ୱଶୁର ଘରୁ ପୁଅ- ବୋହୂଙ୍କ ଘର । ସବୁପରେ ବି ଏଇ ସବୁତ ନାରୀ ପାଇଁ ଗୋଟେ ଗୋଟେ ଜେଲ୍‌ଖାନାରୁ କମ୍ ନୁହେଁ ।" (ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ, ପୃ – ୧୧୮) ଗଳ୍ପର ମୁଖ୍ୟ ଚରିତ୍ର ଝିଲି ପ୍ରକୃତ ଦେବୀ ପରି ସବୁକିଛିକୁ ମୁଣ୍ଡପାତି ସହ୍ୟ କରିନେଇଛି । କାରଣ ସେ ଜଣେ ନାରୀ ।

ISSN NO.
2582-208X

ଗାଳ୍ପିକଙ୍କର ଗଳ୍ପ ସମଗ୍ରକୁ ସାର୍ବିକ ଦିଗରୁ ଆକଳନ କଲେ ମନେ ହୁଏ ଯେ ଯୁବ ଗାଳ୍ପିକ ଦେବବ୍ରତ ଦାସଙ୍କ ସୃଜନକର୍ମ 'ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନଟି ଜୀବନବାଦୀ ଦର୍ଶନ, ପ୍ରେମଭାବ, ସାମାଜିକ କୁସଂସ୍କାର ବିରୋଧୀ ମନୋଭାବ, ଅବଚେତନ ଇଲାକାର ଉନ୍ମୋଚନ, ଅତୀତର ସ୍ମୃତି ଲିପ୍ତ ଅନୁଭୂତି, ସମସାମୟିକ ଧାରାର ପ୍ରଚଳନ, ଅସହାୟ ଭାବେ ମିଥ୍ୟାର ଆଶ୍ରୟ ଅବଲମ୍ବନ, ଆତ୍ମ ସୁରକ୍ଷାପ୍ରତି ସତର୍କ ଭାବ ମାନସ, ଅନୁତପ୍ତ ହୃଦୟର ବେଦନା, ନାରୀର ଦେବୀ ସ୍ୱରୂପ ବଳିଦାନ ଆଦି ସମସ୍ତ ପ୍ରସଙ୍ଗରେ ମହିମା ମଣ୍ଡିତ ହୋଇଛି । ପାଠକ ମହଲରେ ନିଜର ଭିନ୍ନ ଏକ ପରିଚୟ ସୃଷ୍ଟି କରିପାରିଛି । ଯାହା ସମସାମୟିକ ଏବଂ ଉତ୍ତର ପିଢ଼ିଙ୍କ ନିମନ୍ତେ ପ୍ରେରଣା ଓ ଦିଗ୍‌ଦର୍ଶନର ଉତ୍ସ ହୋଇ ରହିବ ।

ସହାୟିକା :

(୧) ଦାସ, ଦେବବ୍ରତ - ସ୍ୱର୍ଶ ଓ ଅନ୍ୟାନ୍ୟ ଗଳ୍ପ, ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ: ୨୦୨୨ ।

ଗବେଷିକା
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ - ୭୭୫୧୦୪୩୫୨୭

ISSN NO.
2582-208X

# କାହିଁକି ଏମିତି ହଉଛ ?



ଡକ୍ଟର ସତ୍ୟବ୍ରତ ଦାସ

ବର୍ଷଯାକର ଛୁଟି କେଲେଣ୍ଡର ଭଳି
ବାରମାସରେ ତେର ପର୍ବର ପାଳି
ଆଜିର ଯୁଗରେ ପତ୍ନୀ ରୂପକ ଜୀବନସାଥୀର ୩୬୫ ଦିନ ଯାକ ଲାଗେ ବ୍ରତ ଭଳି
ଷାଠିଏ ଦିନର ବିଶ୍ରାମ ଆଉ ମୁଣ୍ଡବିନ୍ଧା ସାଙ୍ଗକୁ ଥକ୍କାପଣ
ଦେହ ଭଲ ନ ଲାଗିବା ଶିଘ୍ର ଉଠିବାକୁ ହେବ କହି କରନ୍ତି ସ୍ୱାମୀଙ୍କୁ ହଇରାଣ
ଆଜି ବ୍ରତ କାଲି ଯିବି ବାପଘର ପର୍ବପର୍ବାଣୀ ସାଙ୍ଗକୁ ଭେଣେଇଙ୍କ ଘରେ
ସୁଦଶାବ୍ରତ ଆଉ ସାବିତ୍ରୀ ନାମରେ ଦଶହରା ଦୁର୍ଗାପୂଜାରେ
ପୁଣି କେତେ ଯେ ବାହାଘର ପିଇସି ପୁଅ ଭାଇ ତ ମାମୁଁ ପୁଅ ଭାଇ,
ସମୟ ବିତିଯାଏ ବାହାଘର ଯୋଗଦାନରେ
ଏମିତି ଦିନ ସବୁ ହଜିଯାଏ ପାଳି ପରେ ପାଳିରେ
ପୁଣି ବଥା ହୁଏ ଜନ୍ମ ଦିନମାନଙ୍କରେ ବଜାଇ ହାତ ତାଳିରେ
କେତେସବୁ ବାହାନା ମାନ ଅଭିମାନ
ଲାଗେ ଭୀଷଣ କଳି ଝଗଡା ପ୍ରେମ ପାଇଁ ପ୍ରତିଦିନ
ଦିନରେ ଆରମ୍ଭ ହୋଇ ଝଗଡ଼ା ମଧ୍ୟ ରାତିରେ ନ ସରେ
ପାଇବାକୁ ପ୍ରେମ ଟିକେ ବିଚାରା ସ୍ୱାମୀ ଝୁରି ମରେ
ଘରେ ଘରେ ପ୍ରତି ଘରେ ଏମିତି କାହାଣୀ
ହାତମୁଠାରେ ରଖେ ପତ୍ନୀ ଡରେଇ ଅନେଇ ରାଗୁଆ ଚାହାଣୀ
ପୁଣି ତା ସାଙ୍ଗକୁ କେତେ ଯେ କଟୁକ୍ତି ବାଣୀ
ଭବିଷ୍ୟତର ଚିନ୍ତାରେ ସବୁ ଜାଣିଶୁଣି

ISSN NO.
2582-208X

ଚୁପ୍ ରହିବାକୁ ବାଧ୍ୟ ହୁଏ ବିଚାରା ସ୍ୱାମୀ ପୁଣି
ସେହି ସମୟରେ ମନେପଡେ ସବୁ ତା'ର ଅତୀତରେ ପିଲାଦିନର ହସଖେଳର କାହାଣୀ
ଦୁଃଖ ଲାଗେ ସତ କିନ୍ତୁ ଆଖିରେ ଲୁହ ଆସେନି କାହିଁକି କେଜାଣି
ବେଶୀ ମନେ ପଡ଼ନ୍ତି ସେହି ସମୟରେ ବାପା ମାଆ ନ ପାରନ୍ତି ଜାଣି
କାହିଁକି ଏମିତି ହଉଛ ଭଳି କରନ୍ତି ଅନେକ ପ୍ରଶ୍ନ
ଘାଣ୍ଟି ଚକୁଟି ହୁଏ ଖାଲି ଅବୁଝା ମନ
ସନ୍ଧ୍ୟା ସକାଳେ ପୁଣି ଅଧ ରାତିରେ
ଏମିତି ମୂଲ୍ୟହୀନ କଥା ଆଉ ଅଯଥା ପ୍ରଶ୍ନରେ
ସବୁ ଅବୁଝା ସ୍ତ୍ରୀମାନଙ୍କର ଏମିତି ଅଳି ଅଝଟ
ମାରନ୍ତି କରି କଲବଲ ଆଉ ଛଟପଟ
କହି ହୁଏ ନାହିଁକି ସହିହୁଏ ନାହିଁ ମାରି ହୁଏନାହିଁ କି ମରିହୁଏ ନାହିଁ
ଜଳ ବିହୁନେ ମୀନର ଯେଭଳି ଅବସ୍ଥା
ବିତିଯାଏ ଦିନ ନିତି ପ୍ରତିଦିନ ହୋଇ ହନ୍ତସନ୍ତ ହୀନସ୍ତା
କାହିଁକି ଏମିତି ହଉଛ ପ୍ରଶ୍ନବାଚୀ ଚିହ୍ନରେ
କେବଳ ଏମିତି ଘଟଣା ଘଟେ ଶାନ୍ତ ସରଳ ଲୋକଙ୍କ ଜୀବନରେ
ନ କରନ୍ତି ସେମାନେ ବାଦ ପ୍ରତିବାଦ କି ଉତ୍ତର
ଅପେକ୍ଷା କରିଚାଲନ୍ତି କେବଳ ଶେଷ ସମୟର
ସ୍ୱାମୀକୁ ପତନରୁ ଉଦ୍ଧାର କରୁଥିବାରୁ ନାମ ଅଟେ ପତ୍ନୀ
ସଦା ସର୍ବଦା ପିଲାଛୁଆ ପରିବାର ପ୍ରତି ହୁଅନ୍ତି ଯତ୍ନୀ
ଗୃହର ମଣି ହେତୁ ସେ ଗୃହିଣୀ
ସ୍ୱାମୀ ଗର୍ବ କରେ ତା'ର ସିଏ ଅଟଇ ରାଣୀ
ଦୁଇ କୁଳର ହିତ ସାଧନ କରୁଥିବା ହେତୁ ଦୁହିତା
ପତି ପ୍ରେମେ ମଜ୍ଜି ଯାଅ ନ କରି କାହାରି ଜୀବନ ପିତା
ଭାର୍ଯ୍ୟା ନାମ ପୁଣି ସମ୍ଭାଳୁଥିବାରୁ ଗୃହର ଭାର
ଧର୍ମ ସହ ଯୋଗାଯୋଗ ରକ୍ଷା ହେତୁ ସହଧର୍ମିଣୀ ନାମ ତାହାର
ସ୍ୱରୂପା ରୂପେ ସଂସାରକୁ କରେ ସୁନ୍ଦର
ରାଗିଲେ ମହିଷାମର୍ଦ୍ଦିନୀ ରୂପୀ ଦିଶେ ଭୟଙ୍କର

ISSN NO.
2582-208X

ସ୍ତ୍ରୀ ଶତ୍ରୁ ହେଲେ କୁଳଯାଏ ନାଶ
ସ୍ୱାମୀ ଶତ୍ରୁ ହେଲେ ଭାଙ୍ଗିଯାଏ ବାସ
ଯେଉଁ ନାରୀ ପୁରୁଷକୁ ବୁଝେ ସେଇ ଘର ଚାଲେ ଭଲରେ
ଦିନ ସବୁ କଟିଯାଏ ସୁଖଶାନ୍ତି ଆନନ୍ଦରେ
ପୁରୁଷ କାନ୍ଦେନି କିନ୍ତୁ ଭିତରେ ଯାଏ ଭାଙ୍ଗି
କୁମ୍ଭୀରକାନ୍ଦଣା କାନ୍ଦି ନିତି ପତ୍ନୀ ହେଉଥାଏ ରାଗି
ପୁରୁଷର ଲୁହ ନୀରବ ଅଗ୍ନି ସଦୃଶ
ନାରୀ ପରି ଭୟଙ୍କର ଜ୍ୱାଳାମୁଖୀ ସାଜେ ନାହିଁ ସୀମିତେ ଶେଷ
ନିଜ ପାଇଁ ନୁହେଁ କାନ୍ଦେ ପରିବାର ପାଇଁ
କାନ୍ଦିବାଟା ଗୋଟେ ଅଭ୍ୟାସ ନୁହଁଇ
କାନ୍ଦେ ଯେବେ ବ୍ରହ୍ମକୁ ବାଧଇ
ଏଠି ମୂର୍ଖ ବସନ୍ତି ମଞ୍ଚ ଉପରେ
ଶିକ୍ଷିତ ମାରନ୍ତି ତାଳି
ଲାଞ୍ଚୁଆ ମିଛୁଆ ସମ୍ମାନିତ ହୁଅନ୍ତି
ସଚ୍ଚୋଟ ଖାଆନ୍ତି ପେଟପୂରା ଗାଳି
ପଡନ୍ତି ବଳି ନୀରିହ ମେଣ୍ଢା କୁକୁଡା ଛେଳି ଭଳି
ଜୀବନର ଯାତ୍ରା ବଡ ଅଜବ କିଛି ନ ନେଇ ଖାଲି ହାତରେ ଆସିଥାନ୍ତି
ଆଉ ସବୁକିଛି ପାଇବାକୁ ଝଗଡ଼ା କରିଥାନ୍ତି
କିନ୍ତୁ ଶେଷରେ କିଛି ନ ନେଇ ଖାଲି ହାତରେ ଚାଲିଯାଆନ୍ତି
ନିଜ ପାପର ଦଣ୍ଡରୁ ଗଙ୍ଗାପୁତ୍ର ଭୀଷ୍ମ ବି ମୁକ୍ତି ପାଇ ପାରିନାହାନ୍ତି
ଏଠି ମଣିଷ ଗଙ୍ଗାରେ ବୁଡ ପକେଇ
ସବୁ ପାପରୁ ମୁକ୍ତ ହେବାକୁ ଆଶା କରନ୍ତି
ଚନ୍ଦ୍ରମୁଖୀ- ସୂର୍ଯ୍ୟମୁଖୀ ଶେଷ ଅବତାର ମନମୁଖୀ
ଦଶ ଅବତାର ପରି ନାରୀର ଅବତାର ତିନିମୁଖୀ
ବିବାହର ପ୍ରଥମ ବର୍ଷ ଚନ୍ଦ୍ର ପରି ଶୀତଳ ଧୀର ନିମ୍ନ କଥାବାର୍ତ୍ତା ବ୍ୟବହାର
ଦ୍ୱିତୀୟ ବରଷ ବେଳକୁ ଲାଗେ ଚନ୍ଦ୍ରଗ୍ରହଣ ସୂର୍ଯ୍ୟ ପରି ଦିଶେ ଉଜ୍ଜ୍ୱଳ ତେଜ ପ୍ରଖର
ସକାଳ ସନ୍ଧ୍ୟା କେବଳ ନିମିଷକ ମାତ୍ର ନରମ

ISSN NO.
2582-208X

ଅବଶିଷ୍ଟ ଆଠ ଦଶଘଣ୍ଟା ଦିନରେ ସୂର୍ଯ୍ୟଙ୍କ ପରି ତେଜ ଭାରି ଗରମ
ବୈଶାଖ ମାସ ପରି ଟାଣୁଆ କଥା
ଶୁଣି ଆରମ୍ଭ ହୁଏ ସଭିଙ୍କ ମୁଣ୍ଡବ୍ୟଥା
ତୃତୀୟ ବରଷ ବେଳକୁ ମନମୁଖୀ ଶାସନ
ବିନା ମେଘେ ବଜ୍ରପାତ ସମାନ
ଯାହା ଇଚ୍ଛା କହିବେ ଯାହା ଇଚ୍ଛା କରିବେ
ଆଉ ନ ଥାଏ କାହାକୁ ଡରଭୟ
ସବୁଥିରେ ଦରକାର ସେମାନଙ୍କର ବିଜୟ
ଚାହାନ୍ତି ନାହିଁ କେବେ ବାକ୍ ଯୁଦ୍ଧେ ହେବାକୁ ପରାଜୟ
ସ୍ୱାମୀ ହୋଇଯାଏ ଅକର୍ମଣ୍ୟ, ଅଯୋଗ୍ୟ, ବେକାର, ଫାଲତୁ ପୁଣି କୁଢିଆ
ଶୁଣି ଏଭଳି ଶବ୍ଦ ଶାଶୁ ଶ୍ୱଶୁର ସାଙ୍ଗକୁ ସାଇପଡିଶା ସଭିଏଁ କହନ୍ତି ବୋହୁଟି ଭାରୀ ବଢ଼ିଆ
ବେଲୁନ୍ ପରି ଉତ୍ଫୁଲ୍ଲିତ ହେଉଥିବା ସ୍ତ୍ରୀ କେତେବେଳେ ହଠାତ୍ କାନ୍ଦିବ କନ୍ଦେଇବ କିଭଳି
ବ୍ୟବହାର ଦେଖେଇବ କେହି କହିପାରିବେ ନାହିଁ କି କାହାରିକୁ ଜଣା ନଥାଏ
ଗହମ ପେଶିଲା ପରି ଚକିରେ ସବୁବେଳେ ସ୍ୱାମୀକୁ କାମରେ ଲଗାଏ
କାହାକୁ କିଛି ନ କହି ଚୁପ୍ ରହିବ
ସମୟ ନିଶ୍ଚୟ ସବୁ କହିଦବ
ଏତିକି ମନକୁ ବୁଝାଇ
ଚୁପ୍ ରହିବା ସବୁଠୁ ଭଲ ଔଷଧ
ବିବାହିତ ପୁରୁଷ ମାନଙ୍କ ପାଇଁ
ସ୍ୱାମୀମାନଙ୍କୁ ମେଣ୍ଢା ଭଳି ଭାବୁଥିବା ହେ ପ୍ରତିବ୍ରତା ନାରୀ
ଜାଣିଥାଅ ଏତିକି ସହଜ ନୁହେଁ ଜୀବନ ହେବ ତୁମର କଷ୍ଟ ଭାରୀ
ଏ ଦୁନିଆରେ କେହି ନୁହନ୍ତି କାହାରି
ଛାଡି ଚାଲିଯିବେ ସବୁ ସାଥେ ଥିବେ ଏକା ସ୍ୱାମୀ ତୁମରି
ଆଗେଇ ଚାଲ ସ୍ୱାମୀ ରୂପକ ଦେବତାଙ୍କ ହାତ ଧରି ନକରି ପାଟି ହୁରି
ଜାଣିପାରୁନାହଁ ତୁମେ କରୁଅଛ ବେଖାତିର୍
ପରଲାଗି ନିତି ଝୁରୁଛ ସ୍ୱାମୀଙ୍କୁ ମାରି
ଫାଲତୁ ଲୋକ ଆଉ ବେକାରିଆ କହି

ISSN NO.
2582-208X

ଗର୍ବ ଅନୁଭବ କରୁଥିବା ହେ ମାତାମହୀ
ଏସବୁ ଶବ୍ଦ ପ୍ରୟୋଗରେ ଖୁସି ହୁଅନ୍ତି ନାହିଁ କେହି
କିନ୍ତୁ ସ୍ତ୍ରୀର ସୁଖ ଶାନ୍ତି ପାଇଁ ଚୁପ୍ ହୋଇ ରହିଯାଏ ଗୋଟେ ସ୍ୱାମୀ ସବୁ ସହି
ଅନ୍ତରର ଲୁହ ବୋହିଯାଏ ରାତି ପାହି
ନିଚା ଦେଖାଉଥିବା ଆଉ ଅପମାନ କରୁଥିବା ସିଂହ ଭଳି ଗର୍ଜନ ତର୍ଜନ କରୁଥିବା ନାରୀମାନଙ୍କୁ ମୋର
ଏହି ଲେଖା ମାଧ୍ୟମରେ ନିବେଦନ
ପତି ରୂପକ ଦେବତୁଲ୍ୟ ସାଥୀମାନଙ୍କୁ
ପାଖରେ ପାଇ କରି ଅପମାନ
ନମଣି ଭଗବାନ
କାଠ ପଥର ମୂର୍ତ୍ତି ପେପର
ଅଯଥା ଯିବା ମନ୍ଦିର ବୃଥା ଜୀବନ
ଯାହା ତାହା କିଛି କଦାପି ପାଟିରୁ ବାହାର ନକର
ଛୋଟ ଲୋକ ବଡ ଲୋକ କହି ନ କର ଅନାଦର
ନିଶ୍ଚେ ପରିଣତ ହେବ ସଂସାର ତୁମର
ସୁନ୍ଦର ମଧୁର ଆଚାରେ ଲକ୍ଷ୍ମୀ ପରି ଭଣ୍ଡାର ସଦୃଶ ପୂର୍ଣ୍ଣ ହେବ ଘର
ଚିର ସ୍ମରଣୀୟ ହୋଇ ରହିବ
ସଂପର୍କ ତୁମ ଯୁଗଯୁଗର
ହେ ଜଗତର ନାଥ ଜଗନ୍ନାଥ ସାରା ବିଶ୍ୱବାସୀଙ୍କୁ ଉଦ୍ଧାର କର
ଏତିକି ବୀନତି ଦାସ ତୁମ ସତ୍ୟର

(((-)))

ବର୍ତ୍ତନା, ସୋମନାଥପୁର, ବାଲେଶ୍ୱର
୭୭୫୧୯୨୭୭୦୫

ISSN NO.
2582-208X

# ଜୀବନାଞ୍ଜଳି



ସାନୁରଞ୍ଜନ ସାହୁ

ଈଶ୍ୱରଙ୍କ ସର୍ଜନାର ଏକ ଅମୂଲ୍ୟ ରତ୍ନ ନାରୀ । ଯେ କି ଈଶ୍ୱରଙ୍କ ସହ ସମାନ କାରଣ ଈଶ୍ୱର ଯଦି ସ୍ରଷ୍ଟା ନାରୀଟିଏ ମଧ୍ୟ ସ୍ରଷ୍ଟା। ସେଥିପାଇଁ ସେ ପୂଜନୀୟା, ତେବେ ଯିଏ ସ୍ୱୟଂ ଭଗବାନଙ୍କ ସହ ସମାନ । ସେ କ'ଣ ତା'ର ଉପଯୁକ୍ତ ସ୍ଥାନ ପାଏ ? ହୁଏ ତ ଏ ପ୍ରଶ୍ନର ଉତ୍ତର ଦ୍ୱନ୍ଦାତ୍ମକ ହୋଇପାରେ । ତେବେ ସେ ହିଁ କେବଳ ଭଗବାନ ହୋଇପାରେ ଯେ ସର୍ବଦା ଦେଇଜାଣେ ବା ତ୍ୟାଗୀ । ସର୍ବଦା ଦେଉଥିବାରୁ ବୋଧ ହୁଏ ଭାରତୀୟ ସଂସ୍କୃତିରେ ନାରୀଟିଏ ଦେବୀ ପଦବାଚ୍ୟ ।

ସୁଜାତା ଶାନ୍ତ ସରଳ ଝିଅଟିଏ । ପ୍ରଫୁଲ୍ଲ ବାବୁଙ୍କ ଅତି ଗେହ୍ଲା ଝିଅ । ଖୁସିରେ ପ୍ରଫୁଲ୍ଲ ବାବୁ ଡାକିଥାନ୍ତି ଲକ୍ଷ୍ମୀ, କୁହନ୍ତି ସେ ଜନ୍ମ ହେବା ବର୍ଷ କୁଆଡ଼େ ତାଙ୍କର ପଦୋନ୍ନତି ହୋଇଥିଲା ଆଉ ଅଧିକା ଦରମା ଆସିବା ଫଳରେ ଘରର ଅଭାବ ଦୂର ହୋଇଗଲା । ପ୍ରଫୁଲ୍ଲ ବାବୁଙ୍କ ଦୁଇଟି ଝିଅ ଦୁଇ ପୁଅ,ବଡ଼ ଝିଅ ସୁଜାତା ସାନ ଝିଅ ବନିତା । ପ୍ରଫୁଲ୍ଲ ବାବୁ ପୁଅ ମାନଙ୍କ ଅପେକ୍ଷା ଝିଅ ଦୁହିଁଙ୍କୁ ବହୁତ ଭଲ ପାଆନ୍ତି । ବାବୁଙ୍କ ଇଚ୍ଛା ଥିଲା ବଡ଼ ଝିଅକୁ ଗୋଟିଏ ବଡ଼ଘର ଦେଖି ବାହା ଦେବେ । ଯାହା ହେଉ ଭଗବାନ ବାବୁଙ୍କ ମନକଥା ଶୁଣିଲେ, ସୁଜାତାର ବାହାଘର ଭୁବନେଶ୍ୱରର ଏକ ବଡ଼ଘରେ ଠିକ୍ ହୋଇଗଲା । ବହୁତ ବଡ଼ ଧନୀଘର,ପ୍ରଫୁଲ୍ଲ ବାବୁଙ୍କ ଠାରୁ ସେ ଢେର ବଡ଼ଲୋକ। ପିଲାଟି ଏକ ସଫ୍ଟୱେର ଇଞ୍ଜିନିଅର । ଘରେ ଶାଶୁ ଶଶୁର ଗୋଟିଏ ନଣନ୍ଦ ସେ ଆମେରିକାରେ ରୁହେ । ଭୁବନେଶ୍ୱରରେ ବହୁତ ଜାଗାରେ ଘର ଭଡ଼ା ଲାଗିଛି । ପ୍ରଫୁଲ୍ଲ ବାବୁ ଏମିତି ପ୍ରସ୍ତାବ ଶୁଣି ତା'ଙ୍କ ଖୁସି କହିଲେ ନସରେ । ନିଜର ସମସ୍ତ ସମ୍ବଳକୁ ଏକାଠି କରିଲେ । ଗାଁ ତଳେ ଥିବା ଗହିର ଜମିଟିକୁ ମଧ୍ୟ ବିକିଦେଲେ, କାହିଁକି ନା ତାଙ୍କ ଝିଅଟି ଯେମିତି ଖୁସିରେ

ISSN NO.
2582-208X

ରହିବ । ଯୌତୁକ ହିସାବକୁ ଦୁଇ ଲକ୍ଷ ନଗଦ ଟଙ୍କା ଆଉ ବାଟଖର୍ଚ୍ଚ ଏବଂ ଜ୍ଵାଇଁର ପୋଷାକର ପାଇଁ ପଚାଶ ହଜାର ଟଙ୍କା ଦେଲେ । ବଡ଼ଘର ବନ୍ଧୁ ପାଇଛନ୍ତି, ତା'ଙ୍କ ମନ ରଖିବାକୁ ଝିଅଟି ଖୁସିରେ ରହିବା ପାଇଁ ବାବୁ ସବୁ କରିଲେ ।

ଏଣେ ସୁଜାତା ବି ବହୁତ ଖୁସି କାରଣ ସେ ଘରର ବଡ଼ ଝିଅ, ତା'କୁ ସମସ୍ତେ ବହୁତ ଭଲ ପାଉଥା'ନ୍ତି । ସେ ତା'ର ଇଚ୍ଛାର ସହ ରହୁଥାଏ ଘରେ । ମନର ସବୁ ଇଚ୍ଛା ପୂରଣ କରୁଥାଏ । ଭାଇ ଏବଂ ବାପାଙ୍କ ସହ ଯାନିଯାତ୍ରା ବୁଲେ, ଗାଁରେ ହସ ଖୁସିରେ ରୁହେ, ଗାଁ ସାହି ପଡ଼ିଶା ବହୁତ ସ୍ନେହ କରନ୍ତି ସୁଜାତାକୁ । ତା'ର ବାପା ପ୍ରଫୁଲ୍ଲ ବାବୁ ସବୁବେଳେ କୁହନ୍ତି ଝିଅ ପୁଅ ସମାନ, ଏ କଥା ତା'ର ଭାରି ପସନ୍ଦ । ଆଉ ଏହି କଥା ତା'ପାଇଁ, ତା' ବାପାଙ୍କ ଆଗରେ ଠିକ୍ । ସେ ଭାବେ ବାହାଘର ପରେ ସେ ତା' ଶାଶୁଘରେ ବି ଏମିତି ଖୁସିରେ ରହିବ । ଭୁବନେଶ୍ୱରରେ ବୁଲିବ ଆଉ କାହା ଝିଅ ହୋଇ ରହିବ, ସେଥିପାଇଁ ସେ ଖୁସି ହେଉଥାଏ ।

ସୁଜାତାର ଶୁଭବିବାହ ହେଲା ସୁବଳ ସହ । ନୂଆବୋହୂ ହୋଇ ସୁଜାତା ବହୁତ ଖୁସି । ତା'ର ମନ ଟିକେ ଛାତ ଉପରକୁ ଯାଇ ଟିକେ ଭୁବନେଶ୍ୱରକୁ ଦେଖନ୍ତା । ହେଲେ ନୂଆବୋହୂ, ଘରୁ କୁଣିଆ ଯାଇନଥା'ନ୍ତି । ଆଉ ମଝିରେ ମଝିରେ କିଏ କିଏ କହୁଥାନ୍ତି ନୂଆବୋହୂ.....ଓଢ଼ଣା ଖସିଗଲା ଭଲରେ ଓଢ଼ଣା ଟାଣିଦିଅ । ଏଣେ ସେ ଭାବୁଥାଏ ଏଠି ଓଢ଼ଣା ତ କାହା ମୁଣ୍ଡରେ ନାହିଁ ଓଢ଼ଣା କ'ଣ ଶାଢ଼ୀ ତ କେହି ପିନ୍ଧି ନାହାଁନ୍ତି ହେଲେ କ'ଣ ଯେ ବଡ଼ଘର କ'ଣ ଏମିତି ହୁଏ ! ହେଲେ ନୂଆବୋହୂ ହେତୁ ଚୁପ୍ ଚାପ୍ ଦେଖୁଥାଏ । ବାହାଘର ଅଷ୍ଟମଙ୍ଗଳା ପରେ ସବୁ ବନ୍ଧୁ ନିଜ ନିଜ ଘରକୁ ଗଲେ । ଘରେ କେବଳ ଶାଶୁଶଶୁର । ସ୍ୱାମୀ ସକାଳୁ ଚାକିରି ଯାଇ ରାତି ଦଶ ପରେ ଫେରନ୍ତି । ଶାଶୁଶଶୁର ନିଜ ଗାଡ଼ିରେ କୁଆଡେ ଯାଅନ୍ତି ଯେ ସେ ବି ଫେରନ୍ତି ପୁଅ ସହ । ପ୍ରାୟ ଦିନ ସେମାନେ ବାହାରେ ଖାଅନ୍ତି, ହେଲେ ଯେହେତୁ ସୁଜାତା ସେ ଘରେ ନୂଆ, ରୋଷେଇ ସାମଗ୍ରୀ ଠିକ୍ ରେ ପାଏନାହିଁ । ତେଣୁ ନ ଖାଇ ଉପାସରେ ରୁହେ, କିନ୍ତୁ ରାତିରେ ଫେରିଲା ପରେ କେହି ତା' ଖାଇବା କଥା ପଚାରନ୍ତିନି, ବିଚାରି ଉପାସରେ ପ୍ରାୟ ଦିନ ରହେ । ଯେବେ ଶାଶୁ ଘରେ ରୁହନ୍ତି ଚାଉଳ ଗୋଟିଏ ଚା' ପିଆ କପରେ ମାପି ଦିଅନ୍ତି ଯାହା ରୋଷଇ ହୁଏ ଶାଶୁଶଶୁର ଆଗ ଖାଇ ଦିଅନ୍ତି ଯାହା ବଳେ ସେତିକିରେ ସୁଜାତାର ପେଟ ପୂରେ ନାହିଁ । ସୁଜାତାର ସବୁ ସ୍ୱପ୍ନ ଭାଙ୍ଗିଗଲା । ସେ କ'ଣ ଭାବିଥିଲା ଆଉ କ'ଣ ହେଲା ? କୁଆଁରୀ ଜୀବନର ସ୍ୱପ୍ନ ନଷ୍ଟ ହେଇଗଲା । ବିଚାରି ଏତେ ବଡ଼ ଘରେ ଏକା ରୁହେ, ବହୁତ କାନ୍ଦେ ।

ISSN NO.
2582-208X

ବେଳେବେଳେ ଭାବେ ସବୁ କଥା ଘରକୁ ଜଣେଇବ କିନ୍ତୁ ତା' ବାହାଘର ପାଇଁ ବାପା କରିଥିବା ଧାର କରଜ ସବୁ ତା' ଆଖି ସାମ୍ନାରେ ଦିଶିଯାଏ ଆଉ ସବୁ କଷ୍ଟ ସହି ରହିଯାଏ । ହେଲେ ସୁଜାତା ତା'ର ସାନ ଭାଇ କୁ କିଛି କିଛି କଥା ଜଣାଏ । ଭଉଣୀର ଏମିତି ଅସୁବିଧା ଜାଣି ସୋମୁ ସୁଜାତା ଘରକୁ ବୁଲି ଆସେ ଅନେକ ବାହାନା କରି । ସୋମୁକୁ ମିଳୁଥିବା ଖାଇବାକୁ ସେ ସୁଜାତାର ଥାଳିରେ ଦେଇଦିଏ, ଯେବେ ସୋମୁ ଆସେ ସେଦିନ ଗୋଟିଏ କପ ଚାଉଳ ଅଧିକା ପଡ଼େ ଯାହାଫଳରେ ସୁଜାତାର ପେଟ ପୂରିଯାଏ । ହେଲେ ସେ ଅବା ନିଜ ନୂଆବାହା ଭଉଣୀ ଘରକୁ କେତେ ଆସିବ, ସାହି ପଡ଼ିଶା କ'ଣ କହିବେ ।

ଇତି ମଧ୍ୟରେ ସୁଜାତାର ବାହାଘରକୁ ତିନିମାସ ବିତିଲାଣି । ହଠାତ୍ ସୁଜାତାର ଦେହ ବହୁତ ଅସୁସ୍ଥ ହୋଇଗଲା । ତା'ର ଭାଇ ଆସି ତାକୁ ଡାକ୍ତରଖାନା ନେଇଗଲା । ଡାକ୍ତର ସୁଜାତା ମା' ହେବାକୁ ଯାଉଛି ଓ ତା'ର ଖାଦ୍ୟ ଅଭାବ ରହୁଛି ବୋଲି କହିଲେ। ଠିକ୍ ରେ ଖାଦ୍ୟ ନ ଖାଇଲେ ମା' ଓ ଛୁଆ ଉଭୟଙ୍କ ପାଇଁ ବିପଦ । ଭଲ ଭଲ ଖାଦ୍ୟ ପେଟଭରି ଖାଇବାକୁ ପରାମର୍ଶ ଦେଲେ ଯାହା କି ସୁଜାତା ପାଇଁ ସ୍ୱପ୍ନ ।

ତା'ର ଭାଇ ଏ ସବୁ ଜାଣି ଗାଁ କୁ ନେଇଯିବାକୁ କହିବାରୁ ବାହାଘର ଏତେ କମ୍ ଦିନରୁ ବାପଘରେ ରହିଲେ ଗାଁ ଲୋକ କାଳେ ତା'ର ପରିବାରକୁ କିଛି କହିବେ ସେଥିପାଇଁ ସେ ମନା କରିଦେଇ ପୁଣି ଶାଶୁ ଘରକୁ ଗଲା । ଶାଶୁ ଶଶୁର ସ୍ୱାମୀ ବୋହୂର ପିଲା ହେବା ଜାଣି କିଛି ବି କହିଲେନି ଯାହା ଯେମିତି ପୂର୍ବରୁ ଚାଲିଥିଲା ସେମିତି ତାଙ୍କ ଇଚ୍ଛା ଅନୁସାରେ କରିଲେ । ଏଣେ ଖାଇବା ଠିକ୍ ଭାବରେ ନ ପାଇ ସୁଜାତା ରୋଗିଣା ହେଇଗଲା । ସବୁବେଳେ ଶାଶୁ ତା'କୁ ଅଲକ୍ଷଣି, ସବୁବେଳେ ଦେହ ଦେହ ହଉଛୁ । ଏ କଥା ସୁଜାତା ଶୁଣେ ଭାବେ ମୋ ବାପା ମୋତେ ସ୍ନେହରେ ଲକ୍ଷ୍ମୀ ବୋଲି ଡାକୁଥିଲେ । ମୁଁ ଜନ୍ମ ହେବା ପରଠାରୁ ଆମ ଘରର ଉନ୍ନତି ହୋଇଛି । ମୁଁ ଗୋଟିଏ ଜାଗାରେ ଲକ୍ଷ୍ମୀ ଆଉ ଗୋଟିଏ ଜାଗାରେ ଅଲକ୍ଷଣି କେମିତି ? ଏ କଥା ତା'କୁ ବହୁତ କଷ୍ଟ ଦିଏ ।

ଏମିତିରେ ଛଅ ମାସ ହୋଇଯାଇଥାଏ । ହଠାତ ରାତିରେ ସୁଜାତା ଏକା ଘରେ ଥାଏ, ତା'ର ଦେହ ବହୁତ ଖରାପ ହୋଇଗଲା । ସେ ତା'ର ସ୍ୱାମୀ, ଶାଶୁଙ୍କୁ ଯେତେ ଫୋନ୍ କରିଲେ ମଧ୍ୟ କେହି ତା'ର କଲ୍ ଉଠାଇଲେ ନାହିଁ । ତା'ପରେ ସେ ତା'ର ସାନ ଭାଇକୁ ଡାକିଲା ଓ ସେ ଆସି ସୁଜାତାକୁ ଏକ ଘରୋଇ ଡାକ୍ତରଖାନରେ ଭର୍ତ୍ତିକଲା। ସେତେବେଳକୁ ତା'ର ଦେହର ଅବସ୍ଥା ବହୁତ ବିଗିଡ଼ିଯାଇଥାଏ । ସେ ଦେଖେ ତା'ର ଆଖି ଆଗରେ ଥା'ନ୍ତି

ISSN NO.
2582-208X

କେବଳ ତା'ର ନିଜର ଲୋକ । ହଁ, ତା'ର ନିଜର ଲୋକ, ତା'ର ମାଆ, ବାପା, ଭାଇ, ଭାଉଜ ସମସ୍ତେ ।

ଶେଷରେ ତା'ର ଆଖିରୁ ଦୁଇଧାର ଲୁହ ଝରିଗଲା ଆଉ କିଛି ନିରବ ପ୍ରଶ୍ନ କରିଚାଲିଲା…ନିଜକୁ ମାରି କ'ଣ ନାରୀ କେବଳ ଦେବୀ….? ନିଜ ଇଚ୍ଛାକୁ ପାଦରେ ଆଡ଼େଇ ଦେଇ ସେ କ'ଣ ଦୁହିତା କୁହେ !

ଲୋକଲଜ୍ୟା, ଅନ୍ୟର କଥା ଶୁଣି ଶୁଣି ଶେଷରେ ବିଚାରି ଚାଲିଗଲା, ଆଖି ବୁଜିଦେଲା ଆଉ ତା'ର ପେଟର ପିଲାଟି ମଧ୍ୟ… ।

କିଛି ଦିନ ପରେ ତା'ର ସ୍ୱାମୀଙ୍କ ବିବାହ ହୋଇଗଲା ଅନ୍ୟତ୍ର….

(((-)))

ନୂଆଗଡ, ଢେଙ୍କାନାଳ.
ପିନ୍-759016
ଯୋଗାଯୋଗ-9124027606

ISSN NO.
2582-208X

# ଏ ବସନ୍ତରେ



ଚତରଞ୍ଜନ ବେହେରା

ଏ ବସନ୍ତରେ....
ଆମ୍ବ ତୋଟା... ଗହନ ବନରେ
ମୋ ପ୍ରିୟା ଲୁଚ ରହିଛି,
ଅଳସି ଦେହର ବାସ୍ନା ଭଳ
ବଉଳ ତା ବାସ୍ନା ବୁଣୁଛି....!!

ପଳାସ ବନରେ
ନାଲି ଓଢଣା ତଳେ
ସୁନେଲି କରଣର ବର୍ଷା ଭିଜି
ମୋତେ ନାଲି ଓଢଣା ତଳୁ
ଗୁହିଁ ମୁରୁକ ମୁରୁକ ହସୁଛି...!!

ତା ମିଠା ହସରେ
ପଦେ କହିଦେଲେ....
କୋଇଲି ଲ୍‌ଜେଇ ଯାଉଛି...
ଗଛ ମୂଳରେ କୋଇଲି
ନୀରବ ହୋଇ
ମୋ ପ୍ରିୟା କଥା ସୁଣୁଛି....!!

ISSN NO.
2582-208X

ଏ ବସନ୍ତରେ....ଏ ଫଗୁଣରେ
ତାରି ସେ ଅଭିମାନ ବିନା
ସତରେ ମୋତେ...
ମୋତେ ଅଧୁରା ଅଧୁରା ଲାଗୁଛି...!!

(((-)))

ବୌଦ୍ଧ
ମୋ - 9438710387

ISSN NO.
2582-208X

# ଅସମନ୍ୱୟର ଅନ୍ତର୍ଯାତ୍ରା



ବିରଞ୍ଚି ନାରାୟଣ ମିଶ୍ର

ସମୁଦ୍ର କୂଳରେ ଦଣ୍ଡାୟମାନ ଅନିରୁଦ୍ଧ ସେ ଦିନ ଆକାଶକୁ ଚାହିଁ ରହିଥିଲା। ବାହାରେ ସନ୍ଧ୍ୟାର ରଙ୍ଗ, ଭିତରେ ଗଭୀର ଅନ୍ଧକାର। ସେ ଜୀବନରେ ଅନେକ ସଫଳତା ଦେଖିଥିଲା, ଅନେକ ସମ୍ପର୍କ ଗଢ଼ିଥିଲା, ଅନେକ ସ୍ୱପ୍ନ ସାକାର କରିଥିଲା, ତଥାପି ଏକ ଅଜଣା ଅପୂର୍ଣ୍ଣତା ତାକୁ ଚାପି ରଖିଥିଲା। ତାର ମନରେ ଏକ ପ୍ରଶ୍ନ ପୁନରାବୃତ୍ତି ହେଉଥିଲା,"ମୋ ଜୀବନରେ ଏତେ ସଫଳତା ଥିଲେ ମଧ୍ୟ ଏହି ଶୂନ୍ୟତା କାହିଁକି ?

ସେ ଦିନେ ଗୁରୁଦେବଙ୍କ ନିକଟକୁ ଗଲା। ବୃଦ୍ଧ ମୁନି ତାର ମୁହଁ ଦେଖିବା ମାତ୍ରେ କହିଦେଲେ, "ତୁମେ ଅସ୍ତିତ୍ୱର ସଂଘର୍ଷରେ ନୁହଁ, ସମନ୍ୱୟର ଖୋଜରେ ଅଛ।" ଅନିରୁଦ୍ଧ ଆଶ୍ଚର୍ଯ୍ୟ ହେଲା।

ମୁନି କହିଲେ, "ମଣିଷର ଭିତରେ ତିନୋଟି ଶକ୍ତି ରହିଛି—ଇଚ୍ଛା, ଚେତନା ଓ କାର୍ଯ୍ୟ। ଯେତେବେଳେ ଇଚ୍ଛା ଗୋଟିଏ ଦିଗକୁ ଟାଣେ, ଚେତନା ଅନ୍ୟ ଦିଗକୁ ଆକର୍ଷିତ ହୁଏ, ଏବଂ କାର୍ଯ୍ୟ ତୃତୀୟ ପଥ ଧରେ—ସେଇଠି ଜନ୍ମ ନେଇଥାଏ ଦୁଃଖ। ଏହା ଅସମନ୍ୱୟ।"

ସେ ଅଧିକ କହିଲେ,"ତୁମର ଆତ୍ମା ଏକତାକୁ ଚାହେ। ତୁମର ମନ ବିଭାଜନକୁ ଆସ୍ୱାଦ କରେ। ଏହି ଦ୍ୱନ୍ଦ୍ୱ ହେଉଛି ଅସ୍ତିତ୍ୱର ମୂଳ ସଂକଟ।"

ଅନିରୁଦ୍ଧ ନିଜ ଭିତରକୁ ଦେଖିବା ଆରମ୍ଭ କଲା। ସେ ଦେଖିଲା— ସେ ସମ୍ମାନ ଚାହୁଁଥିଲା, କିନ୍ତୁ ସତ୍ୟକୁ ଭୟ କରୁଥିଲା। ସେ ପ୍ରେମ ଚାହୁଁଥିଲା, କିନ୍ତୁ ଅହଂକାରକୁ ଛାଡ଼ିପାରୁନଥିଲା।

ISSN NO.
2582-208X

ସେ ଶାନ୍ତି ଚାହୁଁଥିଲା, କିନ୍ତୁ ଚଞ୍ଚଳତାକୁ ପ୍ରେମ କରୁଥିଲା। ସେ ବୁଝିଲା—ସମସ୍ୟା ବାହାରେ ନୁହେଁ। ସମସ୍ୟା ହେଉଛି ତାର ଭିତର ଅସମ୍ମତି।

ଦିନକ୍ରମେ ସେ ଧ୍ୟାନ କରିବାକୁ ଲାଗିଲା। ମନର ଉତ୍ପାତକୁ ଦେଖିବାକୁ ଲାଗିଲା। ପ୍ରତ୍ୟେକ ଇଚ୍ଛାକୁ ପଚାରିଲା। "ତୁମେ ସବୁ ମୋର ଆତ୍ମା ସହ ସମ୍ମତ?" ଧୀରେ ଧୀରେ ତା ଭିତରେ ଏକ ନିରବ ପରିବର୍ତ୍ତନ ଆସିଲା। ସେ ଅନୁଭବ କଲା,ଏକତା କୌଣସି ବାହ୍ୟ ସମ୍ମିଳନ ନୁହେଁ; ଏହା ଅନ୍ତରର ସମ୍ମତି। ଯେତେବେଳେ ମନ ଆତ୍ମା ସହ ସମ୍ମତି କରେ, ତେବେ ଜୀବନ ରାଗ ହୋଇଯାଏ। ସେ ଅନୁଭବ କଲା, ଦୁଃଖ ହେଉଛି ଏକ ସଙ୍କେତ, ଯେଉଁଠି କୌଣସି ଅସମନ୍ୱୟ ଅଛି। ଅଶାନ୍ତି ହେଉଛି ଆତ୍ମାର ଡାକ, "ମୋତେ ଖୋଜ।"

ସମୟ ବିତିଗଲା। ଅନିରୁଦ୍ଧର ଜୀବନ ବାହାରୁ ବହୁତ ବଦଳିଲା ନାହିଁ, କିନ୍ତୁ ଭିତରୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଲା। ଏବେ ସେ ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ନିଜକୁ ପଚାରେ, "ଏହା କି ମୋର ସତ୍ୟ ସହ ସମନ୍ୱିତ ?" ଏବଂ ସେ ଧୀରେ ଧୀରେ ବୁଝିଲା ଅସ୍ତିତ୍ୱର ସମସ୍ତ ସମସ୍ୟା ଅସଲରେ ଏକ ଅନ୍ତର୍ନିହିତ ସମ୍ମତିର ଖୋଜ। ଯେଉଁଠି ଅନ୍ତର ଓ ବାହ୍ୟ ଏକ ହୁଏ, ସେଠି ମୁକ୍ତି। ଯେଉଁଠି ଅନ୍ତର ଓ ବାହ୍ୟ ବିଭକ୍ତ, ସେଠି ଦ୍ୱନ୍ଦ୍ୱ। ଏହି ତତ୍ତ୍ୱର ମୂଳ ଚିନ୍ତାଧାରାକୁ ଗଭୀରତାରେ ବ୍ୟାଖ୍ୟା କରିଥିଲେ Sri Aurobindo। ଯେଉଁ ଜୀବନ ହେଉଛି ଏକ ଦିବ୍ୟ ସମନ୍ୱୟର ପ୍ରକ୍ରିୟା, ଏବଂ ମଣିଷର ଯାତ୍ରା ହେଉଛି ବିଭାଜନରୁ ଏକତାକୁ।

ଅନିରୁଦ୍ଧ ଶେଷରେ ବୁଝିଲା, ଶାନ୍ତି ଖୋଜିବାକୁ ନୁହେଁ; ସମନ୍ୱୟ ସୃଷ୍ଟି କରିବାକୁ।
ଏକତା ଅନ୍ୱେଷଣ କରିବାକୁ ନୁହେଁ; ଭିତରେ ଜାଗ୍ରତ କରିବାକୁ।
ଏବଂ ସେହି ଦିନ ତାର ଅସ୍ତିତ୍ୱ ଏକ ନିରବ ସଙ୍ଗୀତରେ ପରିଣତ ହେଲା।

(((-)))

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା
9439011063

ISSN NO.
2582-208X

# ହୋଲି



ତ୍ରିପତି ପ୍ରଧାନ

ହୋଲି ଆସି ଅଛି ରଙ୍ଗ ବାଛି ବାଛି
ରଙ୍ଗାଇ ଦେ ଜଗା ମୋ ଦେହ ସାରା
ତୋ ରଙ୍ଗରେ ଥରେ ରଙ୍ଗାଇ ଦେଏରେ
ବାକି ସବୁ ରଙ୍ଗ ହେବ ନାଖରା(୧)
ସପତ ରଙ୍ଗରେ ହୋଲି ଖେଳିବାରେ
ଷୋଳ କଳା ତୋର ଅଙ୍ଗେ ରଖିଛୁ
ସେ କଳାରୁ ଥରେ ବୋଲିଦେ ମୋତେରେ
ସଂସାର ରଙ୍ଗଟା ହେବ ପାଶୋରା(୨)
ନବ ରସେ ରସୀ ତୋ ରସ ଭୁଲିଛି
ମାୟା ଜଞ୍ଜାଳରେ ବାନ୍ଧି ହୋଇଣ
ପଚିଶି ପ୍ରକୃତି ଅଙ୍ଗେ ବହିଅଛି
ତୋ ରାସେ ରସେଇ କରେ ଗଉରା (୩)
ଗର୍ବ ଅହଙ୍କାର ଲୋଭ ମାୟା ଜାଲ
ବନ୍ଧା ପଡ଼ିଅଛି ଇନ୍ଦ୍ରିୟ ଠାରେ
ରୋଗ ଶୋକ ଭୟ କ୍ରୋଧ ସମୁଚୟ
ତୋ ରଙ୍ଗେ ଭୁଲିବେ ନିଜ ଖତରା (୪)

(((–)))

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ଅବତାର ନଅ ପ୍ରଭୁ
# ଚଠି ପାଇ



ଆଶିଷ କୁମାର ସାହୁ

ସନ୍ଧ୍ୟା ବେଳେ ବସି
ନଦୀକୂଳ ଠାରେ ଦେଖୁଥାଏ
ଏ ସୁନ୍ଦର ସୃଷ୍ଟିକୁ,
ହାତରେ କଲମ ଧରି
ଚଠିଟିଏ ଲେଖିଦେଲି,
ସେ ପରମବ୍ରହ୍ମ ପରମେଶ୍ୱରଙ୍କୁ
ହେ ବିଶ୍ୱ ନଅନ୍ତା, ମୋ ଭଗ୍ୟ ବିଧାତା।
ଦେଇଛ ଏ ସୁନ୍ଦର ଜୀବନ ତୁମେ,
ହେ ଇଶ୍ୱର ଜଗତ ଠାକୁର
ସବୁ ଦୁର୍ବଳର ପ୍ରଭୁ ବନ୍ଧୁ ତୁମେ,
ତୁମେ ଭରସା ତୁମେ ହି ସାହା।
ନ ହେଲେ ପ୍ରଭୁ କଏ ନୁହେଁ ଏଠି କାହାର,
ଏ ସାର୍ ସଂସାର ପ୍ରଭୁ ତୁମେ ଗଢ଼ିଲ
ତୁମେ ଦେଲ ଭରି କେତେ ସୁନ୍ଦରତା,
ପ୍ରକୃତି ବନେଇ ମାଟି ପାଣି ଦେଇ
କେତେ ବନ କେତେ ଜୀବଦାନ ଦେଇ,
ସୁନ୍ଦରତାର ନାହିଁ ପଟାନ୍ତର
ଏ ମହୀମଣ୍ଡଳ ତୁମେ ଗଢିଲ,

ISSN NO.
2582-208X

ସୁଖ ସୁବିଧା ସବୁ ଭରିଦେଇ
ମଣିଷକୁ ପ୍ରଭୁ ନ ପାରିଲ ଚହ୍ନି,
ସୁନ୍ଦର ହୃଦୟ ଦେଇଛ ପ୍ରଭୁ
ଏଥିରେ ତୁମ କଛି ଦୋଷ ନାହିଁ,
କନ୍ତୁ କାହିଁ ପ୍ରଭୁ ମଣିଷ କ୍ରୋଧ ଅହଙ୍କାର ଭରେ
ଦୟା, କ୍ଷମା, କରୁଣାର ପାଇଁ ଟିକେ ଯାଗା ନାହିଁ,
ହେ ଇଶ୍ୱର ସତରେ କ ଭୁଲିଗଲ
ଏ ଧରିତ୍ରୀ ଆଜି ଚତ୍କାର କରେ,
କେତେ ବୋମା କେତେ ବାରୁଦ ପକେଇ
ସାର୍ ସୃଷ୍ଟିକୁ ମଣିଷ ବିନାଶ କରେ,
ଟିକେ ହେଲେ ପ୍ରଭୁ ଭୟ ନାହିଁ ତାର
ଏ ସାର୍ ସୃଷ୍ଟି ଯେ ଆଉ କାହାର,
ନଜ ଅଧିକାର ସାବ୍ୟସ୍ତ କରିବ
ପ୍ରକୃତିକୁ ପ୍ରଭୁ ଛାର୍ ଖାର୍ କରେ,
ନେବନକ ପ୍ରଭୁ ଅବତାର ତୁମେ
ସୃଷ୍ଟି ରକ୍ଷା ପାଇଁ
ମନୁଷ୍ୟ ରୂପୀ ରାକ୍ଷାସ ବିନାଶ ପାଇଁ,
ଆସିବନକ ପ୍ରଭୁ ଭକ୍ତ ଡାକରେ
କେତେ ଦରୀଦ୍ର ଜୀବନ ଆଜି କାନ୍ଦୁ ମରେ,
କେତେ ମୁଖରେ ଆହାର ନାହିଁ ପ୍ରଭୁ
କଏ ମରି ପଡି ଇଆଡେ ସେଆଡେ,
ଘୁରିଆଡେ ଖାଲି ଧୂଆଁଧୂଆଁ ହୋଇ
ଇର୍ଷା, ଦ୍ୱେଷ, ଗର୍ବ, ଅହଙ୍କାର
ଆଜି କଳହ ସୃଷ୍ଟି କରୁଛି,
ଶେଷରେ ପ୍ରଭୁ ଜାତି ଧର୍ମ କହି

ISSN NO.
2582-208X

ଯା ଶକ୍ତ ଯେତେ ସେତେ ଅତ୍ୟାଗ୍ଭର କରି,
ପ୍ରାଣୀର ସୁରକ୍ଷା ନାହିଁ ଟିକେ ଚନ୍ତା।
ଯୁଦ୍ଧ ଗ୍ଭଲେ ପ୍ରଭୁ ବର୍ଷ ବର୍ଷ ଧରି,
ଏ ସୁନ୍ଦର ସୃଷ୍ଟି ଭାଙ୍ଗିଛି ସବୁ ପ୍ରଭୁ
ରକ୍ଷା କର ଆଉ ଥରେ ଅବତାର ନେଇ....

(((-)))

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ–୮୧୪୪୧୧୫୨୬୩

ISSN NO.
2582-208X

# ଆତ୍ମନିର୍ଭର



ଅବିନାଶ ସାହୁ

ନୟାଗଡ଼ ପୌରପରିଷଦଠାରୁ ଖଣ୍ଡପଡ଼ା ପଟକୁ ଅନତିଦୂରରେ ପାଣିପୋଇଲା ଖେଳପଡ଼ିଆ। ପଡ଼ିଆ ଚାରିକଡ଼େ ଦଳୀୟ ଚିହ୍ନ ଥାଇ ପତାକା ପୂର୍ଣ୍ଣ। ନିର୍ବାଚନୀ ସଭାକୁ ବଡ଼ ବଡ଼ ବସ୍ ଯୋଗେ ଲୋକେ ବୁହାହୋଇ ଆସିଥା'ନ୍ତି। ଦିନଯାକ ଖାଇବାକୁ ପିଇବାକୁ ଦେଇ ହାତକୁ ଆହୁରି ୧୦୦ ଟଙ୍କା ଦିଆଯିବ। ମଞ୍ଚ ପ୍ରସ୍ତୁତ। ସମ୍ମୁଖରେ ବିଶାଳ ଜନସମାବେଶ। ସମାବେଶକୁ ଉଦ୍‌ବୋଧନ କରି ମଞ୍ଚ ଉପରୁ ଆଜିର ମୁଖ୍ୟବକ୍ତା ତଥା ସାଂସଦ ପ୍ରାର୍ଥୀ ପ୍ରତିଶୃତି ଦିଅନ୍ତି ଶିଳ୍ପାୟନ ଏବଂ ଆତ୍ମନିର୍ଭର ଓଡ଼ିଶା। ମଞ୍ଚତଳୁ କିଛି ଶ୍ରୋତା ପଚାରିଲେ ଆଜ୍ଞା ଆମର ଏଇ ଗାଁ ପାଖ ଚିନିକଳଟା ୧୫ବର୍ଷ ହେବ ବନ୍ଦ ହେଲାଣି ସେଇଟା କିପରି ଚାଲିବ ସେ ବିଷୟରେ ଟିକେ କୁହନ୍ତୁ। ସହଜେ ଲୋକଙ୍କ ପ୍ରଶ୍ନ, ଏଣେ ନିର୍ବାଚନ ଘଡ଼ି ଯେମିତି ବି ହେଉ ଉତ୍ତର ଦେବାକୁ ପଡ଼ିବ। ଉତ୍ତର ଦେବାକୁ ଯାଇ ପ୍ରାର୍ଥୀ, "ଆମେ ତ ଏବେ ସରକାରରେ ନାହୁଁ ପୂର୍ବର ଅପାରଗ ସରକାର ତାକୁ ବନ୍ଦ କରିଦେଇଛନ୍ତି କିନ୍ତୁ ହଁ ଆପଣମାନେ ମନେରଖନ୍ତୁ ମୁଁ ନିର୍ବାଚନ ଜିତିକି ଆସିଲେ ଏହି ଚିନିକଳ ଚାଲିବା ହେବ ମୋର ଆପଣମାନଙ୍କ ପ୍ରତି ପ୍ରଥମ କର୍ତ୍ତବ୍ୟ।" ସମାବେଶଟି କରତାଳିରେ ଉଚ୍ଛୁଳିପଡ଼ିଲା। ଦୁଇଦିନପରେ ସମଗ୍ର ରାଜ୍ୟରେ ମତଦାନ ଆରମ୍ଭ ହେଲା। ମତଦାନ ସରିବାର ଠିକ୍ ଦୁଇଦିନ ପରେ ମତଦାନପେଡ଼ି ଖୋଲିଲା। ପ୍ରାୟ ସକାଳୁ ଗଣତି ଆରମ୍ଭ ହୋଇଥିଲେ ହେଁ ବେଳ ଯେତିକି ଗଡ଼ୁଥିଲା ସମସ୍ତ ପ୍ରାର୍ଥୀଙ୍କ ହୃତ୍‌ସ୍ପନ୍ଦନ ସେତିକି ଜୋର୍‌ରେ ବଢ଼ୁଥିଲା। କିଏ ବର୍ତ୍ତମାନ ପର୍ଯ୍ୟାୟ ସୁଦ୍ଧା ସଂଖ୍ୟା ଖେଳରେ ଆଗକୁ ଗଲାଣି ତ ପୁଣି ପ୍ରତିଦ୍ୱନ୍ଦୀ ଆର ପର୍ଯ୍ୟାୟରେ ଆଗକୁ ଗଲେଣି। କାହାମୁଣ୍ଡରେ ହାତୀ ସୁନାକଳସ ଢାଳିବ ଅପରାହ୍ନ ସୁଦ୍ଧା ସ୍ପଷ୍ଟ ହୋଇପାରୁନଥାଏ। ସୂର୍ଯ୍ୟ ଅସ୍ତାଚଳଗାମୀ ହେଲା ବେଳକୁ

ISSN NO.
2582-208X

ଶେଷ ପର୍ଯ୍ୟାୟ ଗଣତି ବାକିଥାଏ। ଏତିକିବେଳକୁ ଏକ ସ୍ଥିରଚିତ୍ର ସାମ୍ନାକୁ ଆସିଲା। ଉଭୟ ଲୋକସଭା ଏବଂ ବିଧାନସଭା ଆସନଗୁଡ଼ିକରେ ବିରୋଧୀଦଳ ଭଲ ସଂଖ୍ୟକ ମତ ପାଇ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ଯାଉଛି ଏବଂ ସରକାରୀ ଦଳ ଜନତାଙ୍କ ଆସ୍ଥା ହରାଇଥିବାରୁ ତାକୁ କେବଳ ଛାୟା ସରକାରରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଶେଷ ପର୍ଯ୍ୟାୟ ଗଣତି ସରିବା ପରେ ରାଜ୍ୟ ନିର୍ବାଚନ କମିଶନ ବିଧିବଦ୍ଧ ଫଳାଫଳ ଘୋଷଣା କଲେ।

ପୁରୁଣା ମନ୍ତ୍ରୀମଣ୍ଡଳ ଭଗ୍ନହେବାପରେ ତତ୍କାଳୀନ ରାଜ୍ୟପାଳ ନୂତନଦଳକୁ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କଲେ ଓ ନୂତନ ସରକାର ଗଠନ ହେଲା। ଲୋକଙ୍କ ମନରେ ଅନେକ ଆଶା। ଆତ୍ମନିର୍ଭର ନାରା ଦେଇ ସରକାର ଗଠନ କରିଥିବା ଦଳଟି କିଛି ନୂଆ କରିବ। ଲୋକେ ଦାଦନରୁ ମୁକ୍ତି ପାଇବେ। ଦିନ ପରେ ଦିନ ଛ' ମାସ ଯାଇ ବର୍ଷେ ବିତିଲା। ସେଦିନ ମଞ୍ଚରେ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କହିଥିବା ପ୍ରାର୍ଥୀ ତ ନିର୍ବାଚନ ଜିଣି ସାଂସଦ ହେଲେ ; କିନ୍ତୁ ଆଜିଯାଏଁ ତାଙ୍କର ଆମ ଅଞ୍ଚଳରେ ପାଦ ପଡ଼ିଲା ନାହିଁ। ଚିନିକଳଟି ପୁନଃ କାର୍ଯ୍ୟକ୍ଷମ ହେଲେ ଆମ ଅଞ୍ଚଳର ଲୋକେ ନିଜେ ଆଖୁଚାଷ କରି ପୁଣି ରୋଜଗାରକ୍ଷମ ହୋଇପାରିବେ ବୋଲି ସେ ଅଞ୍ଚଳର କିଛି ଲୋକ ସାଂସଦଙ୍କ ନିକଟକୁ ପତ୍ରଟିଏ ପଠାଇଲେ। ଦିଲ୍ଲୀର ହଜାରେ ଭିଡ଼ ଭିତରେ ବ୍ୟସ୍ତ ରହୁଥିବା ସାଂସଦ ପତ୍ରଟିକୁ ପଢ଼ି ବନ୍ଦହୋଇ ରହିଥିବା ଚିନିକଳ ଅଞ୍ଚଳ ଯେଉଁ ବିଧାନସଭା କ୍ଷେତ୍ରରେ ଆସେ ସେଠାରେ ତାଙ୍କରି ଦଳର ବିଧାୟକ ପ୍ରାର୍ଥୀ ପରାଜୟ ହୋଇଛନ୍ତି ବୋଲି ଚିଠିଟାକୁ ଏଡ଼ାଇଦେବା ପୂର୍ବରୁ ସେ ଦେଇଥିବା ପ୍ରତିଶୃତି ମନେପଡ଼ିଗଲା। ପୂର୍ବ ପ୍ରତିଶୃତି ମୁତାବକ ଏବଂ ବର୍ତ୍ତମାନର ପତ୍ର ଯୋଗୁଁ ଇଚ୍ଛା ନଥାଇ ମଧ୍ୟ ସାଂସଦ ନିଜେ ଚିନିକଳ ପରିଦର୍ଶନ କରିବାକୁ ଆସିବେ ବୋଲି ଆଉ ଗୋଟିଏ ପତ୍ର ଜରିଆରେ ଜଣାଇଲେ ।

ଦୁଇମାସ ପରେ ସାଂସଦ ଆସିଲେ ଚିନିକଳ ପରିଦର୍ଶନ କରିବାକୁ। ସାଂସଦଙ୍କୁ ଗାଁ ଲୋକେ ଅଫୁରନ୍ତ ଉତ୍ସାହ ସହ ଫୁଲମାଳ ଉତ୍ତରୀୟ ଦେଇ ଚିନିକଳ ଅଞ୍ଚଳକୁ ପାଛୋଟି ନେଲେ। ସଭିଙ୍କ ଉପସ୍ଥିତିରେ ଚିନିକଳର ତାଲା ଜିଲ୍ଲାପାଳଙ୍କ ଦ୍ୱାରା ଖୋଲାଗଲା। ଭିତରେ ଅନେକ ଯନ୍ତ୍ରାଂଶ ନଷ୍ଟ ହୋଇଯାଇଥିବାରୁ ଯେତିକି ବିଷାଦ ଲାଗିଲା ନାହିଁ ତା'ଠାରୁ ଅନେକ ଯନ୍ତ୍ରାଂଶ ସବୁ ଚୋରି ହୋଇଯାଇଥିବାରୁ ଲୋକଙ୍କ ଆଶା ମଉଳିଗଲା। ସାଂସଦ ଏହି ପରିସ୍ଥିତିକୁ ଦେଖି ଏଠାରୁ ଯେପରି ଆଉ ଚୋରି ନହୁଏ ସେଥିପାଇଁ ଜଣେ ଜଗୁଆଳ ରଖିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଆଉ ଲୋକଙ୍କୁ ଚିନିକଳ ଚାଲିବାର ପୂର୍ଣ୍ଣ ପ୍ରତିଶୃତି ଦେଇ ପୁଣି ଦିଲ୍ଲୀ

ISSN NO.
2582-208X

ଚାଲିଗଲେ। ସପ୍ତାହେ ମଧ୍ୟରେ ଚିନିକଳକୁ ଜଗିବାପାଇଁ ଜଣେ ଗୃହରକ୍ଷୀ ନିଯୁକ୍ତ ହେଲେ।

ଏତେବଡ଼ ଅଞ୍ଚଳକୁ ଜଣେ ଗୃହରକ୍ଷୀ। ଚୋରଙ୍କୁ ବା ଜଗିହେବ କିପରି ? ଚୋର ତ ଏହି ଯନ୍ତ୍ରାଂଶ ନେବାକୁ ଏକା ଆସୁନଥିବ, ଆସିଲେ ବି ଟେକିପାରିବନି। ନିହାତି ୧୦ରୁ ୧୫ ଆସୁଥିବେ। ଜୀବନ ଆଉ ଚାକିରି ବଞ୍ଚାଇବାକୁ ହେଲେ ଚୋରଙ୍କ ସହ ସଲାସୁତର ହେବାକୁ ପଡ଼ିବ। ହେଉ ଚୋରମାନେ ଆଗେ ଆସନ୍ତୁ ତା' ପରେ ସେକଥା ଅଛି। ରାତି ଦୁଇଟା ବାଜିଥାଏ। ହଠାତ୍ କିଛିଜଣ କୁଦାମାରି ଚିନିକଳ ଭିତରକୁ ପଶିବାରୁ ଗୃହରକ୍ଷୀ ଜଣଙ୍କ ପାଟିକଲେ। ଚୋରମାନେ ଗୃହରକ୍ଷୀର ପାଟିଶୁଣି ପାଖକୁ ଆସି କହିଲେ ହଇଓ ପୁଲିସ୍ ବାବୁ ଆପଣ ଆପଣଙ୍କ କାମ କରନ୍ତୁ ଆମକୁ ଆମ କାମ କରିବାକୁ ଦିଅନ୍ତୁ। ନା ନା ହେଇପାରିବନି, ମୋତେ ଜଗିବାକୁ ଦାୟିତ୍ୱ ଦିଆଯାଇଛି ମୁଁ ଜଗିବି ଯଦି କିଛି ଜିନିଷ ଚୋରିହୁଏ ତେବେ ମୋ ଚାକିରି ଯିବ। ନା ସେପରି କିଛି ହେବନି ଜଣେ ଚୋର କହିଲା। ମାନେ ତୁମେ କ'ଣ କହିବାକୁ ଚାହଁ ! ଆଜ୍ଞା କଅଣ ଆପଣ ଜାଣିପାରୁନାହାନ୍ତି ? ଏଇ ଯୋଉ ଚିନିକଳ ଆଉ ଚାଲିବା ଭଳି ଦିଶୁନି। ଆପଣଙ୍କୁ ଏଠାରେ ଜଗାଇବା ପୂର୍ବରୁ ଚିନିକଳ ଭିତରେ ଥିବା ଯନ୍ତ୍ରାଂଶର ଚିଠା ମଧ୍ୟ ହୋଇନାହିଁ ତେଣୁ ଆପଣଙ୍କ ଚାକିରି ଯିବନାହିଁ। ନା କଦାପି ତାହା ହେବ ନାହିଁ ମୁଁ ଜଗିବାକୁ ଆସିଛି ଜଗିବି କର୍ତ୍ତବ୍ୟରେ ହେଳା ମୋ ଜାତକରେ ନାହିଁ। ହେଉ ପୁଲିସ ବାବୁ ଆପଣ ଏ ହାତଗୁଞ୍ଜା ରଖନ୍ତୁ। ନା ଏତିକିରେ ଚଳିବନି। ଆଉ କେତେ ନେବେ କହୁନାହାଁନ୍ତି ? ଡବଲ୍। ହେଇ ନିଅନ୍ତୁ ଆପଣଙ୍କର। ହେଉ ଏଥର ଯାଅ ତୁମେ ତୁମ କାମ କର ମୁଁ ମୋ କର୍ତ୍ତବ୍ୟ ପାଳନ କରୁଛି।

ରାତି ପରେ ରାତି ଚୋରମାନେ ଆସି କାରଖାନାରୁ ପ୍ରାୟ ସମସ୍ତ ଯନ୍ତ୍ରାଂଶ ଲୁଟିନେଲେଣି। ଧୀରେ ଧୀରେ କାରଖାନାଟି ଖାଲି ହୋଇଗଲାଣି। ବାହାରେ ତ ପୁଲିସ୍ ପହରା ଦେଉଛି ଲୋକେ ଭାବନ୍ତି ପୁଲିସ୍ ଜଗିଛି। ଆଉଦିନେ ଚୋରମାନେ ଆସି ପହରା ଦେଉଥିବା ଗୃହରକ୍ଷୀ ଜଣଙ୍କୁ ହାତଗୁଞ୍ଜା ନଦେଇ ଚୋରିକରିବା ପାଇଁ କାରଖାନା ଭିତରେ ପଶିଗଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସେ ସଙ୍ଗେ ସଙ୍ଗେ ଉପରିସ୍ଥ ଅଧିକାରୀଙ୍କୁ ଗୋପନରେ ସୂଚନା ଦେବାରୁ ଅଧିକ ପୋଲିସ ଆସି କାରଖାନାଟିକୁ ଚାରିପଟୁ ଘେରିଗଲେ। ଫଳରେ ଚୋରମାନେ ଖସି ଯାଇନପାରି ପୋଲିସ୍ ହାତରେ ଧରାପଡ଼ିଲେ।

ISSN NO.
2582-208X

ସାଂସଦ ଦିଲ୍ଲୀରୁ ଶୀତ ଅଧିବେଶନ ସାରି କଟକ ବାସଭବନରେ ଥା'ନ୍ତି। ସକାଳ ଖବର କାଗଜରେ ଚିନିକଳରୁ ଚୋରି କରୁଥିବା ବେଳେ ଚୋରମାନେ ଧରାପଡ଼ିଥିବା ଦେଖି ଖୁସିହୋଇ ଗୃହରକ୍ଷୀ ଜଣଙ୍କୁ ପଦୋନ୍ନତି ଦେବାକୁ ଏକ ଚିଠି ଆରକ୍ଷୀ ଅଧିକ୍ଷକଙ୍କୁ ଲେଖିଲେ ଏବଂ ସପ୍ତାହେ ମଧ୍ୟରେ ସେ ପୁଣି କାରଖାନା ପରିଦର୍ଶନ କରିବାକୁ ଆସିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଲେ। ସାଂସଦ ଯେହେତୁ ପୁଣି ପରିଦର୍ଶନରେ ଆସିବେ ତେଣୁ ଜିଲ୍ଲାପାଳ ସୁରକ୍ଷା ଦୃଷ୍ଟିରୁ ସମସ୍ତ ବନ୍ଦୋବସ୍ତ କରାଇଲେ। ଆଗକୁ ପୌର ଏବଂ ପଞ୍ଚାୟତ ନିର୍ବାଚନ ଆସୁଥାଏ। ସାଂସଦ ଯଦି ଏ ସମୟରେ ପରିଦର୍ଶନ ନକରିବେ ତେବେ ତାଙ୍କ ଦଳ ଲୋକଙ୍କ ଆସ୍ଥାଭାଜନ ହେବ କିପରି ? ନିର୍ବାଚନ ଆଉ ଦଳକୁ ଆଖିଆଗରେ ରଖି ସାଂସଦ ଉପର ମନରେ ଆସି ଚିନିକଳ ପାଖରେ ପହଞ୍ଚିଲେ। ସ୍ଥାନୀୟ ଲୋକେ ପୂର୍ବଭଳି ସାଂସଦଙ୍କୁ ସମ୍ବର୍ଦ୍ଧନା ଦେଇ ପାଛୋଟିନେଲେ। ସାଂସଦ ଓ ଅନ୍ୟାନ୍ୟ ସରକାରୀ ବେତନଭୋଗୀ ଚିନିକଳ ମଧ୍ୟରେ ପ୍ରବେଶ କରିବାବେଳେ ସାଂସଦଙ୍କ ଫୋନଟି ହଠାତ୍ ବାଜି ଉଠିଲା। ତୁରନ୍ତ ଦଳର ଜରୁରୀ ବୈଠକ ଦିଲ୍ଲୀରେ ଅନୁଷ୍ଠିତ ହେବ ତେଣୁ ସମସ୍ତ ସାଂସଦ ଉପସ୍ଥିତ ରହିବାପାଇଁ ନିର୍ଦ୍ଦେଶ ଆସିଛି ବୋଲି ଅଙ୍ଗରକ୍ଷୀ ଜଣଙ୍କ ସାଂସଦଙ୍କୁ ଜଣାଇଲା। ସାଂସଦ ଆଉ ଚିନିକଳ ପରିଦର୍ଶନ ନକରି କହିଲେ ଦିଲ୍ଲୀରେ ଜରୁରୀ ବୈଠକ ଅଛି ମୋତେ ଯୋଗଦେବାକୁ ପଡ଼ିବ। ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ଦିଲ୍ଲୀରୁ ଫେରିଲେ ପୁଣି ନିଶ୍ଚୟ ଆସିବି ଆଉ ଏ ଚିନିକଳ କାର୍ଯ୍ୟକ୍ଷମ ହେବାର ସମ୍ପୂର୍ଣ୍ଣ ଦାୟିତ୍ୱ ମୋର। ସାଂସଦ ଫେରିଯିବାରୁ ସାଙ୍ଗରେ ଆସିଥିବା ଅନ୍ୟମାନେ ମଧ୍ୟ ଫେରିଆସିଲେ।

ପଞ୍ଚାୟତ ଓ ପୌର ନିର୍ବାଚନ ଅତିକ୍ରାନ୍ତ। ସାଂସଦଙ୍କ କାର୍ଯ୍ୟକାଳ ଆଉ ମାତ୍ର ଏକ ବର୍ଷ। ସାଂସଦ ଆସିବେ କହି ଆସିଲେ ନାହିଁ। ଚାରିବର୍ଷରେ ଦୁଇଥର ଆସିଥିଲେ ଶେଷବେଳକୁ ଆଉ ଗୋଟିଏ ଚିଠି ଗ୍ରାମବାସୀ ସାଂସଦଙ୍କ ନିକଟକୁ ପଠାଇଲେ। ସାଂସଦ ନିଶ୍ଚୟ ଆସିବେ ବୋଲି ପ୍ରତିଶୃତି ଦେଲେ। କିଛିଦିନ ଯିବାପରେ ସାଂସଦ ପୁଣି ଆସିଲେ। ଚିନିକଳ ବୁଲି ଦେଖିବା ପରେ ଏଠାରେ ଥିବା ସମସ୍ତ ଯନ୍ତ୍ରାଂଶ ପ୍ରାୟ ଚୋରି ହୋଇଯାଇଛି। ଏହା ଆଉ କାର୍ଯ୍ୟକ୍ଷମ ମଧ୍ୟ ହୋଇପାରିବନାହିଁ। ଆଉ ଗୋଟିଏ ସ୍ଥାନରେ ନୂତନ ଚିନିକଳ ସ୍ଥାପନ ପାଇଁ ସରକାରୀ ଜମି ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ କହିବାବେଳେ ଲୋକେ ପଚାରିଲେ କାହିଁ ଏ ଜାଗାରେ ହିଁ କରନ୍ତୁ। ଓହୋ, ଆପଣମାନେ ତ ବୁଝୁନାହାଁନ୍ତି ଏ ସ୍ଥାନ ମଧ୍ୟ କୋଷାଗାରରେ ବନ୍ଧା ପଡ଼ିଛି ତେଣୁ ଏଠି ନୂଆ ଚିନିକଳ ପ୍ରତିଷ୍ଠା ହୋଇପାରିବନାହିଁ।

ISSN NO.
2582-208X

ଦୁଇମାସ ପରେ ଜିଲ୍ଲାପାଳ ଗାଁର ଅପରପାର୍ଶ୍ୱରେ ଚିନିକଳପାଇଁ ଜମି ଚିହ୍ନଟ କରି ସାଂସଦଙ୍କୁ ଜଣାଇଲେ। ପାଞ୍ଚକୋଟି ଟଙ୍କା ସାଂସଦଙ୍କ ହାତପାଣ୍ଠିରୁ ଦିଆଯାଇ ନୂତନ ଚିନିକଳ ତିଆରି ପାଇଁ ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଭୂମିପୂଜାର ପରଦିନ ନିର୍ବାଚନ କମିଶନ ପରବର୍ତ୍ତୀ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ କରିଦେବାରୁ ଚିନିକଳ କାମ ଆଉ ଆଗେଇ ପାରିଲାନାହିଁ। ସାଂସଦ ପୁଣି ସେହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେଲେ। ଭୋଟ୍ ପଡ଼ିଲା। ଏଥର ଆଉ ସାଂସଦ କିମ୍ବା ତାଙ୍କ ଦଳ ଉଭୟ ଜିତିପାରିଲେ ନାହିଁ। ଫଳରେ ନୂଆ ଚିନିକଳ କାମକୁ ବର୍ତ୍ତମାନର ସରକାର ଅସିଦ୍ଧ ଘୋଷଣା କରିଦେବାରୁ ତାହା ଆଉ ସମ୍ଭବ ହୋଇପାରିଲା ନାହିଁ। ଏହାକୁ ବିରୋଧ କରି ଉଚ୍ଚନ୍ୟାୟାଳୟରେ ମାମଲା ଚାଲିଲା। ମାନ୍ୟବର ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାଇ ପୂର୍ବରୁ ଚିନିକଳ ଥିବା ସ୍ଥାନରେ ନୂତନ ଚିନିକଳ ସ୍ଥାପନ ହେବ; କିନ୍ତୁ ତା' ପୂର୍ବରୁ କୋଷାଗାର ଋଣ ପରିଶୋଧ କରିବାକୁ ପଡ଼ିବ ଏବଂ ଏହିଟଙ୍କା ରାଜ୍ୟସରକାର ବହନ କରିବେ। ରାଜ୍ୟ ସରକାର ପରବର୍ତ୍ତୀ ଆର୍ଥିକ ବର୍ଷରେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବ୍ୟୟ ଅଟକଳ କରିଥିଲେ ହେଁ ଅଧାରୁ ଅଧିକ ଟଙ୍କା ଋଣ ପରିଶୋଧ ପାଇଁ କୋଷାଗାରକୁ ଚାଲିଗଲା। ଆଉ ଯାହା ବଳକା ଟଙ୍କାକୁ ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକାରେ ସ୍ୱଳ୍ପ ମୂଲ୍ୟର ଯନ୍ତ୍ରାଂଶ କିଣି ପୁରୁଣା ଚିନିକଳରେ ରଙ୍ଗବୋଳି ନୂତନ ଚିନିକଳ ବୋଲି ଦର୍ଶାଇଲେ। ନୂଆ ଚିନିକଳ ତିଆରି ହେଉଥିବା ଦେଖି ଆଖପାଖ ଅଞ୍ଚଳର ଲୋକେ ଧାନ ଛାଡ଼ି ଆଖୁଚାଷ କଲେ। ଲୋକଙ୍କଆଖୁ କଳକୁ ଗଲା। ଚିନିକଳ ଲୋକାର୍ପିତ ହେଲା। ମୋଟରୁ ୧୫ ଦିନ ଚିନିକଳ ସଠିକ ଭାବରେ ଚାଲିଥିବାବେଳେ କିଛି ଯନ୍ତ୍ରାଂଶ ଭାଙ୍ଗିଗଲା। ସରକାର ଏହାର ରକ୍ଷଣାବେକ୍ଷଣ ମରାମତି ପାଇଁ କୌଣସି ଖର୍ଚ୍ଚ ଅଟକଳ କରିନଥିବାରୁ ଚିନିକଳଟି ଆଉ ମରାମତି ହୋଇ ପାରିଲା ନାହିଁ। ଚିନିକଳଟିର ମୁଖ୍ୟ ଫାଟକରେ ପୂର୍ବବତ୍ ତାଲା ଝୁଲିଲା। ଅପରପକ୍ଷେ ଭଲ ଦି ପଇସା ପାଇବେ ବୋଲି ଆଶା ରଖି ଆଖୁଚାଷ କରିଥିବା ଚାଷୀମାନଙ୍କ ଆଶା କୁସୁମ....।

(((-)))

ବାହାଡ଼ାଝୋଲା, ନୟାଗଡ଼
ପିନ୍- ୭୫୨୦୮୨
ଯୋଗାଯୋଗ- ୯୩୪୮୪୦୫୮୪୦

ISSN NO.
2582-208X

# ଚିଲିକାରେ ସକାଳ

ହରିଶ୍ଚନ୍ଦ୍ର ବେହେରା

ଲେଖକ - ବୁଦ୍ଧଦେବ ବସୁ
ଭାଷାନ୍ତର : ହରିଶ୍ଚନ୍ଦ୍ର ବେହେରା

କେତେ ଭଲ ଲାଗିଲା ଆଜି ଏଇ ସକାଳ
କେମିତି କହିବି !
କି ନିର୍ମଳ ନୀଳ ଏଇ ଆକାଶ, କି ଅସହ୍ୟ ସୁନ୍ଦର,
କେଉଁ ସ୍ୱରଶିଳ୍ପୀ କଣ୍ଠରେ ଅବାଧ ଉନ୍ମୁକ୍ତ ତାନ
ଦିଗନ୍ତରୁ ଦିଗନ୍ତ,
କେତେ ସୁନ୍ଦର ଲାଗୁଛି ଏଇ ଆକାଶକୁ ଅନେଇଲେ,
ଚାରିଦିଗେ ସବୁଜ ପାହାଡ଼ ଅଙ୍କାବଙ୍କା, କୁହୁଡ଼ିର ମାୟା
ମଝିରେ ଝିଲ୍କି ଉଠୁଛି ଚିଲିକା ।

ତୁମେ ପାଖକୁ ଆସିଲ, ଟିକେ ବସିଲ, ତା'ପରେ
ଗଲ ସେ ଦିଗକୁ
ଇଷ୍ଟେସନେ ଗାଡ଼ି ଆସି ଠିଆ ହୋଇଛି, ତାହା ଦେଖିବାକୁ ।
ଗାଡ଼ି ଚାଲିଗଲା ।
କେତେ ଭଲ ପାଏଁ ତମକୁ
କେମିତି ଅବା କହିବି !!

ଆକାଶରେ ସୂର୍ଯ୍ୟର ବନ୍ୟା, ଚାହିଁ ହୁଏନା
ଗୋରୁ ମାନେ ଏକ ଲୟରେ ଘାସ ଛିଣ୍ଡାଉଛନ୍ତି, କେତେ ଶାନ୍ତ !

ISSN NO.
2582-208X

--ତୁମେ କ'ଣ କେବେ ଭାବିଥିଲ
ଏଇ ହ୍ରଦ କୂଳକୁ ଆସି ଆମେ ପାଇବୁ
ଯା'ଏତେ ଦିନ ଧରି ପାଇନୁ ??

ରୂପାଲି ଜଳ ଶୋଇ ଶୋଇ ସ୍ୱପ୍ନ ଦେଖୁଛି,
ସାରା ଆକାଶର ନୀଳ ଝରି ପଡୁଛି ତା 'ଛାତି ଉପରେ
ସୂର୍ଯ୍ୟର ଚୁମ୍ବନେ ।

--ଏଇଠି ଜଳ ଭିତରୁ ଉଠିବ ଅପରୂପ ଇନ୍ଦ୍ରଧନୁ
ତୁମର ଆଉ ମୋର ରକ୍ତର ସମୁଦ୍ରକୁ ଛୁଇଁ
କେବେ କ'ଣ ଭାବିଥିଲ ??

କାଲି ଚିଲିକାରେ ନୌକାବିହାର ବେଳେ ଆମେ ଦେଖିଥିଲୁ
ଦୁଇଟି ପ୍ରଜାପତି କେତେ ଦୂରରୁ ଉଡ଼ି ଆସିଛନ୍ତି
ଜଳ ଉପର ଦେଇ,--କି ଦୁଃସାହାସ !!
ତୁମେ ହସୁଥିଲ, ଆଉ ମୋତେ ଖୁବ୍ ଭଲ ଲାଗିଥିଲା
ତୁମର ସେଇ ଉଜ୍ଜ୍ୱଳ ଅପରୂପ ମୁହଁ ।
ଦେଖ, ଦେଖ, କେତେ ନୀଳ ଏଇ ଆକାଶ ।

--ଆଉ ତୁମ ଆଖିରେ ଝଲ୍ ସି ଉଠୁଛି
କେତେ ଆକାଶ, କେତେ ମୃତ୍ୟୁ, କେତେ ନୂତନ ଜନ୍ମ
କିପରି କହିବି !!

(((-)))

କଲ୍ୟାଣ ନଗର,ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

ISSN NO.
2582-208X

# ଜୀବନର ଚଲ୍‌ପଥ



ବିଷ୍ଣୁଚରଣ ପଟ୍ଟନାୟକ

ଚାଲ, ଆଗକୁ ଚାଲ
ଆଗକୁ, ଆହୁରି ଆଗକୁ,
ଢେର୍ ଆଗକୁ...
ଏ ପଥ ସରିନାହିଁ,
ଅସରା ଏ ଜୀବନର ଚଲାପଥ ।
ତଥାପି ଚାଲିବାକୁ ହେବ
ଏ ପଥର ଆଦି ଅନ୍ତ ନାହିଁ
ଏ ପଥ କଣ୍ଟକିତ
ଏ ତ ଅତି ଦୁର୍ଗମ
ଦୁର୍ବାର ବେଗରେ ମାଡିଚାଲ ।
ଶୁନ, ମନ ଦେଇ ଶୁଣ,
କେହି ଜଣେ କହି ଚାଲିଛି,
ବିଫଳତା ପଛରେ
ସଫଳତା ଅବଶ୍ୟ ରହିଛି ।
ଦେଇ ଦେଖ,
ଥକାପଣର ଶେଷାନ୍ତରକୁ,
ସୁଡଙ୍ଗର ସେପାରିରେ ଝଲସି ଉଠୁଛି
ଏକ ତେଜ ବ୍ୟାପ୍ତ ଆଲୋକ ।
ବିଫଳତାର ଶେଷ ପାହାଚେ

ISSN NO.
2582-208X

ବୋଧହୁଏ ଏଇ ସେ
ସଫଳତାର ଶେଷ ସ୍ପର୍ଶ
ସେଇଠୁ ହିଁ ଶୁଭୁଛି, ବିଜୟର ତୁର୍ଯ୍ୟନାଦ ।
ବୋଧହୁଏ ସେଇଠି ହିଁ ସରିଯିବ
ଆମରି ଏ ଚଲାପଥ ।
ଯେଉଁଠି ନୀରବ ନିଶ୍ଚଳ ହୋଇଯିବ,
ଏ ଶରୀର ଓ ମନପ୍ରାଣ
ମାଟିଠୁଁ ଆକାଶଯାଏଁ ଛାଇ ହୋଇଯିବ
ନିଆଁ, ପାଣି, ପବନରେ
ପରିବ୍ୟାପ୍ତ ହୋଇ ।
ଯେମିତି.....
ଜୀବନ ଏକ ନଈ
ସେ ବି ଅବିରତ ବହି ଚାଲିଥାଏ
ଜୀବନର ଗୀତ ଗାଇ
ଦିନ, ରାତି ଏକ କରିଦେଇ ।
କେତେବେଳେ କେଉଁ କୂଳ ଖାଇ,
ସେକଥା କାହାରିକୁ ବି ଜଣାନାହିଁ
ଏକମାତ୍ର ଲକ୍ଷ ତାର
କେବଳ.....
ଅନନ୍ତ ସାଗରରେ ମିଶିବା ପାଇଁ ।

(((-)))

ସହ ସମ୍ପାଦକ "ଅନୁରାଗର ଗୁଞ୍ଜନ"
ବନଦେବୀ ପାଟଣା, କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ: ୯୫୫୬୭୨୧୮୯୨୪

ISSN NO.
2582-208X

# ଅଣୁ କବିତା ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କ ଚରନ୍ତନ



ଡ. ସ୍ନେହାଞ୍ଜଳି ମହାପାତ୍ର

ସାହିତ୍ୟ ଜଗତରେ ପାଦ ଥାପିଥିବା ଅସାଧାରଣ ପ୍ରତିଭାସଂପନ୍ନ ନାରୀସ୍ରଷ୍ଟାମାନଙ୍କ ଦକ୍ଷତାକୁ ଅଧିକ ମଜ୍‌ଭୁତ କରୁଥିବା କବିଟିଏ ବ୍ରହ୍ମୋତ୍ରୀ ମହାନ୍ତି । ଯୁଗରୁଚିର ଆବଶ୍ୟକତାରେ ଗଢ଼ିଉଠୁଥିବା କାବ୍ୟ ପରମ୍ପରାର ପ୍ରଗତି ଯୁଗରେ କବି ମହାନ୍ତିଙ୍କର ଅର୍ବିଭାବ ଅର୍ଥାତ୍ ୧୯୩୪ ମସିହା ଅଗଷ୍ଟ ମାସ ଜନ୍ମାଷ୍ଟମୀ ତିଥିରେ, ପୁରୀଠାରେ । ପ୍ରଗତି ଯୁଗର କବିଗଣ ତାଙ୍କର ଆଦର୍ଶ ଓ ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଭାନୋଜୀ ରାଓ, ବୁଦ୍ୟୁତ୍‌ପ୍ରଭା ଦେବୀ, ମନୋରମା ମହାପାତ୍ର, ପ୍ରତିଭା ଶତପଥୀଙ୍କ ସମକାଳୀନ କବି ବ୍ରହ୍ମୋତ୍ରୀ ମହାନ୍ତି । ଏମାନଙ୍କ ସମୟରେ କବିତାରେ ଛନ୍ଦବଦ୍ଧତାର ନିୟମାବଳୀକୁ ପରିହାର କରାଯାଇ ମୁକ୍ତଛନ୍ଦର କବିତା ଲେଖା ଲେଖି ଚାଲିଲା । ବ୍ରହ୍ମୋତ୍ରୀ ମହାନ୍ତିଙ୍କ ଲେଖାରେ ସମକାଳୀନ ସାହିତ୍ୟର ଧାରା ସ୍ପଷ୍ଟ ବାରି ହୋଇପଡ଼େ । କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କର କବିତା ସଂକଳନ ଗୁଡ଼ିକ ମଧ୍ୟରେ ଦୃଷ୍ଟିର ଦ୍ୟୁତି(୧୯୮୧), ଅବତରଣ (୧୯୭୨), ସ୍ତବକ(୧୯୮୮), ପ୍ରଦକ୍ଷିଣ(୨୦୦୧), ଉତ୍ତରଣ(୨୦୦୨), ନିରୀକ୍ଷଣ(୨୦୦୩), ଚିରନ୍ତନ(୨୦୦୪), ଶ୍ୟାମଳଶୋଭନ, ଦେହାବତରଣ ପ୍ରଭୃତି ତାଙ୍କର ଉଲ୍ଲଖନୀୟ କୃତି । ୧୯୮୩ ମସିହାରେ 'ଦୃଷ୍ଟିର ଦ୍ୟୁତି' କବିତାଗ୍ରନ୍ଥ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ଏ ସମସ୍ତ ମଧ୍ୟରେ ମୋର ଆଲୋଚନାର ପ୍ରସଙ୍ଗ ଅଣୁ କବିତା ଭାବରେ କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ 'ଚିରନ୍ତନ' କବିତା ଗ୍ରନ୍ଥରେ ଥିବା, କବିତା ଗୁଡ଼ିକର ଭାବବସ୍ତୁ ଏବଂ ଆଙ୍ଗୀକ ଦୃଷ୍ଟିରୁ କବିତାକୁ ଆକଳନ କରିବା ।

ISSN NO.
2582-208X

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମଣିଷର ଆଉ ଧୈର୍ଯ୍ୟ ରହୁନାହିଁ ଦୀର୍ଘ କାବ୍ୟକବିତାକୁ ଆଦରିବା ପାଇଁ । ଧିରେ ଧିରେ ସମୟର ଅଭାବ ଏ ମନୁଷ୍ୟ ସମାଜକୁ କାବ୍ୟ ସାହିତ୍ୟ ଠାରୁ ଦୂରେଇ ଦେବାକୁ ଚାହିଁଲା । ଯେତେବ୍ୟସ୍ତ ଥିଲେ ମଧ୍ୟ ନିଜକୁ ଖୋଜି ପାଇବା ଓ ଭାବନାରେ ହଜାଇବାର ଯେଉଁ ମୋହ ତାହା କ'ଣ କାବ୍ୟ ସାହିତ୍ୟଠାରୁ ମଣିଷକୁ ଅଲଗା କରାଇ ପାରିବ ? କାବ୍ୟ ଯୁଗରୁଚିର ଆବଶ୍ୟକତାକୁ ପୂରଣକରିବା ପାଇଁ ନିଜକୁ ନୂତନ ରୂପରେ ପାଠକ ସମ୍ମୁଖରେ ଦଣ୍ଡାୟମାନ ହେଲା । ସେହି ନୂତନ ରୂପରେ ଆମେ ପାଇଲୁ ଅଣୁ କବିତା । ଅଣୁ କବିତାରେ ସାଧାରଣତଃ କମ୍ ପଂକ୍ତି ଥାଏ, ଏହାକୁ କବିତାର ସଂକ୍ଷିପ୍ତ ରୂପ ମଧ୍ୟ କୁହାଯାଏ । ଆଧୁନିକ ଯୁଗରେ ଅଣୁ କବିତାବିଶେଷ ଆଦୃତି ଲାଭକରିଅଛି । ଅତି କମ୍‌ରେ ଜୀବନର ସାରବାର୍ତ୍ତା ବା ଉତ୍ସାହବାଣୀ ତଥା ତତ୍ତ୍ୱକୁ ଉପସ୍ଥାପନ କରାଯାଇଥାଏ । ଅତିସରଳ ଶବ୍ଦମାଧ୍ୟମରେ ଅନେକ ଗଭୀର ଚିନ୍ତାଚେତନାକୁ ପ୍ରକାଶ କରିବାର କୌଶଳ ସମସ୍ତଙ୍କ ପାଖରେ ନଥାଏ । କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ ଚିରନ୍ତନ କବିତା ସଂକଳନଟି, ଏକ୍ଷେତ୍ରରେ ଏକ ସଫଳ ଅଣୁକବିତାର ମାନକୁବହନ କରେ ।

'ଚିରନ୍ତନ' ଅଣୁ କବିତା ସଂକଳନଟିରେ ମୋଟ ୩୦୦ ଗୋଟି ଛୋଟଛୋଟ କବିତା ଉଲ୍ଲେଖ କରାଯାଇ ଅଛି । ପ୍ରତ୍ୟେକ କବିତା ଏକ ଏକ ଭିନ୍ନବଳୟରେ ଆବଧ ଅଟନ୍ତି । କବିତାଗୁଡ଼ିକ ଦୁଇଚାରି ଧାଡ଼ି ମଧ୍ୟରେ ସୀମିତ । କବିତାମାନଙ୍କର କୌଣସି ଶୀର୍ଷକ ଦିଆଯାଇ ନାହିଁ । ବରଂ ସଂଖ୍ୟାରେ ସେଗୁଡ଼ିକୁ ସୂଚୀତ କରାଯାଇ ଅଛି । ଯଥା– (୧),(୨),(୩),...(୩୦୦) ପର୍ଯ୍ୟନ୍ତ । ଏହି କବିତାଗ୍ରନ୍ଥର ଆରମ୍ଭ (୧) ଏବଂ ଶେଷ କବିତା (୩୦୦) ଅଟେ । କବିତା ପୁସ୍ତକର ଆରମ୍ଭରେ କବି ବ୍ରହ୍ମୋତ୍ରୀ ମହାନ୍ତି କୁହନ୍ତି– ଜୀବନ ବୋଧ ନଥିଲେ କବିତା ହୁଏନା । ମାତ୍ର ସେଇ ସୀମାବଦ୍ଧ ଜୀବନାନୁଭୂତିର କବିତା କଣ ଯଥେଷ୍ଟ? ଚିନ୍ତାର ଉତ୍ତରଣରେ ମହାଜୀବନ ଦିବ୍ୟାନନ୍ଦ କବିତାର ରୂପ ଯଦି ପରିଗ୍ରହ ନ କରେ, ତେବେ ଲେଖନୀର ସାର୍ଥକତା କାହିଁ ? ଚିରନ୍ତନ କବିତା ପୁସ୍ତକର ପ୍ରଥମ କବିତା (୧) ଏହା ୩ ଧାଡ଼ିବିଶିଷ୍ଟ, ଏଠାରେ କବି ମହାନ୍ତି ମୃତ୍ୟୁର କଥା କହୁଛନ୍ତି । ଜୀବନରେ ସିନା ଥରେ ଆତ୍ମା ଦେହ ତ୍ୟାଗକରେ । ହେଲେ ମରଣ ଆମର ବହୁ ଥର ହୋଇଥାଏ ଏ ଜୀବନର ପରିଧି ମଧ୍ୟରେ । କବିତା(୨)ରେ ଦୁଇଟି ଧାଡ଼ି ଦେଖାଯାଏ ।

ନିଜକୁ ବୁଝିନି
ଅନ୍ୟକୁ ସେ କଣ ବୁଝିବ ?

ISSN NO.
2582-208X

ନିଜକଥାକୁ ନେଇ ଆତ୍ମ ସମୀକ୍ଷାର ବାର୍ତ୍ତା ଦର୍ଶାଇଛନ୍ତି । କବିତା(୩) ତିନିଗୋଟି ଧାଡ଼ିକୁ ନେଇ ଗଠିତ । କେହି କାହାକୁ ଉଦ୍ଧାର କରି ପାରିବେନି, କାରଣସ ମସ୍ତେ ନିଜେ ନିଜର ଉଦ୍ଧାରକର୍ତ୍ତା ଅଟନ୍ତି ।

କବିତା(୫) ଏହା ତିନି ଧାଡ଼ିଯୁକ୍ତ, ବିଷୟ ଚିନ୍ତା ଓ ପ୍ରିୟତମଙ୍କ କଥା କୁହାଯାଇଛି । କବିତା (୬), ଚାରି ଧାଡ଼ି ଯୁକ୍ତ, ପ୍ରେମାଶ୍ରୁ କଥା କହିଛନ୍ତି ଜୀବନରେ ଯଦି ଭଲ ମନୋଭାବ ଅଛି ସମସ୍ତଙ୍କ ପାଇଁ ସେଠାରେ ପୃଥକ ତପସ୍ୟାର କୌଣସି ପ୍ରୟୋଜନ ନଥାଏ ବୋଲି ସେ କହୁଛନ୍ତି । ଏହି କବିତା ସଂକଳନରେ କବିତାର ଆକାର ଯେତେ ଛୋଟ ହେଉନା କାହିଁକି, ସବୁ ଧାଡ଼ିର ଆବେଦନ ଖୁବ୍ ଚମତ୍କାର ।

ସାତ୍ଵିକ ଅନୁଷ୍ଠାନ ସଂପର୍କରେ କବିତା (୮)ରେ କହୁଛନ୍ତି,

ସାତ୍ଵିକ ଅନୁଷ୍ଠାନ
କରିବାକୁ ଯାଇ
ମନ ତଳେ ଯଦି ତାମସିକଭାବ
ଉଦ୍ରେକହୁଏ, ତେବେ ଅଚିରେ ସେ ଅନୁଷ୍ଠାନ ବନ୍ଦ କର ।

ସମାଜକୁ ଉପଦେଶ ଦେବା ବାଲୋକବାଣୀ ସଦୃଶ ତାଙ୍କର ଉକ୍ତି । କବିତା (୧୪)ରେ ଦେଖିବାକୁ ମିଳେ । କବିତାଟି ତିନି ଧାଡ଼ି ବିଶିଷ୍ଟ –

ଅନ୍ୟର ସୁଖରେ ଦୁଃଖୀହୋଇ
ନିଜକୁ ଅଧିକରୁ ଅଧିକ
ଦୁଃଖି କରୁଛ କାହିଁକି ?

ସମାଜରେ ଯେଉଁ ଦାମ୍ପତ୍ୟ ସୁଖକୁ ନେଇ ଅନେକ ପ୍ରକାରର ଅବୈଧ କାର୍ଯ୍ୟ ଦେଖା ଯାଉଛି, ସେ ସମ୍ପର୍କରେ କବି ମହାନ୍ତି ତାଙ୍କ କବିତା(୩୫) ମୋଟ ଚାରି ଧାଡ଼ି ବିଶିଷ୍ଟ । ଏଠାରେ କବି କହୁଛନ୍ତି;

ଦାମ୍ପତ୍ୟ ଜୀବନରେ
ସୁଖୀ ହୋଇ ପାରି ନାହାନ୍ତି ଯେଉଁମାନେ
ସେମାନେ ଇତସ୍ତତଃ ନ ହୋଇ,

ISSN NO.
2582-208X

ଇଶ୍ୱରାଭିମୁଖୀ ହେବା ବାଞ୍ଛନୀୟ ।

ଏହି କବିତା ସଂକଳନର ଶେଷ କବିତା (୩୦୦) ମୋଟ ୨ଟି ଧାଡ଼ିବିଶିଷ୍ଟ । ଏଥିରେ ସେ କହୁଛନ୍ତି;

ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ
ଅତୀତ ହୋଇ ଯାଉଛେ ।

ସମଗ୍ର କବିତା ସଂକଳନଟିକୁ ଆଲୋଚନା କରିବା ସମୟ ତଥା କଳେବରକୁ ଦୃଷ୍ଟିରେ ରଖି ବିରତ ନିଆଯାଇପାରେ । ମାତ୍ର କବିତା ସଂକଳନରେ ଥିବା ୩୦୦ ଗୋଟି ଅଣୁ କବିତାକୁ ନିରୀକ୍ଷଣ କଲେ ଜଣା ଯାଏ ୩୦୦ ଗୋଟି କବିତା ମଧ୍ୟରେ ଏମିତି ଗୋଟାଏ କବିତା ନାହିଁ ଯାହାର ଆବେଦନକୁ ଛାଡ଼ି ଯାଇହେବ । ଅତି ଚତୁରତାର ସହିତ ଅତି କ୍ଷୁଦ୍ର କଳେବର ମଧ୍ୟରେ ପାଠକକୁ କବି ବାନ୍ଧି ରଖିଛନ୍ତି । ଜଣେ କବିତା(୧) ରୁ କବିତା( ୩୦୦)କୁ କେତେବେଳେ ପହଞ୍ଚି ଯାଇଥିବ ସେ ଜାଣିପାରି ନଥିବ । ସମାଜର ନୀତିନିୟମ ମଧ୍ୟରେ ଜଣେ ବ୍ୟକ୍ତି କିପରି ଇଶ୍ୱରବିଶ୍ୱାସୀ ହେବା ଦରକାର । ସାତ୍ୱିକ ଭାବଧାରାରେ ପରିଚାଳିତ ହୋଇ ପ୍ରତ୍ୟେକ କାର୍ଯ୍ୟକୁ ସୁଚାରରୂପେ ଗଠନ କରିବା । ଏ ସମସ୍ତ ସହିତ ଏକ ସୁନ୍ଦର ମୃତ୍ୟୁର କାମନା କରିବା ଭଳି ଅତି ଉଚ୍ଚ କୁଟୀ ରଭାବନାକୁ ଅଣୁ କବିତାରେ ପ୍ରକାଶ କରିବା । କବି ବ୍ରହ୍ମୋତ୍ରୀ ମହାନ୍ତିକୁ କାଳଜୟୀ କରିବାର ସାମର୍ଥ୍ୟ ପ୍ରଦାନ କରିଅଛି ।

((( - )))

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଲୋକନାଥ ମହାବିଦ୍ୟାଳୟ,
ପାଟକୁରା, କେନ୍ଦ୍ରାପଡ଼ା,
ମୋ-୮୦୧୮୯୬୪୨୯୮

ISSN NO.
2582-208X

# ପରିବେଶ ଆଉ ସୁହାଉନି




ଦୀନବନ୍ଧୁ ପୋଇ

ପରିବେଶ ଆଉ ସୁହାଉନି ଜମା
ସମୟଟା ଲାଗେ ଜଟିଳ
ଉପରେ ଉପରେ ଯିଏ ହସୁଥାଏ
ଭିତରଟା ତାର କୁଟିଳ ।
ପଳାଶ ଟା ସିନା ଦୂରରୁ ସୁନ୍ଦର
ଜମାରୁ ନଥାଏ ବାସନା
ଦୂରରୁ ଦେଖି କି କେତେ ଉପକାରୀ
ବୋଲି ତାକୁ କେବେ କୁହନା ।
ହସ ହସ ମୁହଁ ଜମା ସିଏ ନୁହଁ
ଉପକାରୀ ସିଏ କାହାର
କ୍ଷଣିକ ପାଇଁ ସେ ହସାଇ ବଶାଇ
ମୋହିନିଏ ମନ ଆମର ।
ନିଜର ସୁବିଧା ହେବା ପାଇଁ ସଦା
ପଥ ଖୋଜୁଥାନ୍ତି ଉତ୍ତମ
ବନ୍ଧୁ ହୋଇଯାଇ ଭଲ ଭଲ କହି
ଚ଼ଳାଏ ତା ଗୁପ୍ତ କରମ ।
ନାମର ପୂର୍ବରୁ ଉପାଧି ବସାଇ
ଯିଏ କରେ ନିଜେ ପ୍ରଚାର
ଜମାରୁ ବିଶ୍ୱାସ ରଖିବନି ତା'ଠି
ଅଛି ଅହଂ ଗୁଣ ତାହାର ।

ISSN NO.
2582-208X

ନିଜ ସେବା ପର ଉପକାର କଥା
ଅନ୍ୟମୁଖେ ହେଲେ ପ୍ରଚାର
ଜାଣିବ ଜଗତେ ସେଇ ଯେ ମହତ
ଜଣାଅଛି ତାକୁ ସଂସ୍କାର ।
ଡିଗ୍ରୀ ଧାରି ହୋଇ କରନି ତିଆରି
ନର ନର ମଧ୍ୟେ ପ୍ରାଚୀର
ମରିଗଲେ କ'ଣ ନେଇଯିବା କୁହ
ମିଛ ଇଏ ତୁମ ପ୍ରଚାର ।
କେହି ନୁହେଁ ଏଠି କାହାର ।

(((-)))

ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ,
ମୋ - ୯୯୩୮୮୦୨୪୧୨

ISSN NO.
2582-208X

# ଆଶାର ଆକାଶକୁ ଫୁଲରେ ସଜାଡ଼ି ଦିଏ



ପ୍ରତିଭା ଦାସ

ବେଳେ ବେଳେ ଅନେକ
ଚେଷ୍ଟା କଲାପରେ ବି
ମୁଁ ନିଜ ପାଖରେ ନିଜେ ହାରି ଯାଏ
ଜିତିବାର ପ୍ରତିଯୋଗିତାରେ
ଆଉ ସେ ଖୁସିରେ
ମିଠେଇ ବଣ୍ଟାଯାଏ
ବେସ୍ ଚାରିଆଡ଼େ ଖୁସିର ମାହୋଲ୍
ସେଥିରେ ମୁଁ ବି ସାମିଲ ହୁଏ ।

କିଏ କେତେ କଥା କହୁଥିବେ
ଭାଙ୍ଗିଦେଇ ପୁଣି ଯୋଡ଼ି ଦେଲାପରି
କଥାସବୁ ଅମୂଳକ ବୋଲି ଜାଣି
ମଧ୍ୟ ସମର୍ଥନର କରତାଳିରେ
ମୁଁ ବି ତାଳି ମାରି ଉତ୍ସାହିତ ହୁଏ ।

ଏଠି ସ୍ୱାର୍ଥ ସିଦ୍ଧି ପାଇଁ
ପ୍ରତିଦିନ ଅଭ୍ୟାସ ଚାଲିଥାଏ
ପାଉଁଶକୁ ମାଟି କହି

ISSN NO.
2582-208X

ଫସଲର ଅମଳ କରାଯାଏ
ଦୁର୍ବଳକୁ ସବଳ କହି
ଆଖଡ଼ାରେ ପ୍ରତିଦ୍ୱନ୍ଦୀ ରୁପରେ
ଛିଡ଼ା କରାଯାଏ
ପ୍ରତିଫଳରେ ଯନ୍ତ୍ରଣା, ହା ହତାଶ !

ଏତେସବୁ ଦେଖିଲା ପରେ
ବୁଝିଲା ପରେ
ମନଟା ମରି ମରି ଜିଇଁ ଥାଏ
ତଥାପି ଦୁଃଖର ସାଗରରେ
ଆଶାର ଆକାଶକୁ ଫୁଲରେ
ସଜାଡ଼ି ଦିଏ ।।

(((-)))

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ସାମୟିକ ଭାବନାର ଉତ୍କୃଷ୍ଟ କବିତା: ଅବକାଶ ଚିନ୍ତା

ଡକ୍ଟର ସୁମନ୍ତ କୁମାର ଭୋଇ

"ଗୋପବନ୍ଧୁ ଆମ୍ଭମାନଙ୍କୁ ଅପୂର୍ବ ଆଦର୍ଶ ଦେଖାଇଯାଇଛନ୍ତି । ସେ ଜଣେ ତ୍ୟାଗୀ ଦେଶସେବକ ଥିଲେ । ଆପଣମାନେ ତାଙ୍କ ଆଦର୍ଶ ଯେତେ ଦେଖିଛନ୍ତି ଓ ଜାଣିଛନ୍ତି ମୁଁ ହୁଏତ ସେତେ ଜାଣିନାହିଁ । ତେବେ ତାଙ୍କର ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀରତ୍ୱର ପ୍ରଭାବ ମୋ ଜୀବନ ଉପରେ ମଧ୍ୟ ପଡ଼ିଥିଲା । ଆଜି ଏ ପୂଣ୍ୟଭୂମିରେ ମୁଁ ତାଙ୍କର ଅଭାବ ବେଶି ଅନୁଭବ କରୁଛି । ଯେଉଁ ମହତ ମାର୍ଗରେ ସେ ଚାଲି ଯାଇଛନ୍ତି, ପ୍ରତ୍ୟେକ ପ୍ରାଣୀକୁ ସେହି ମହତ ମାର୍ଗରେ ଯିବାକୁ ହିଁ ପଡ଼ିବ ।" ୦୯ ମଇ ୧୯୩୪ ମସିହା ସିଂହଦ୍ୱାରଠାରେ ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିସ୍ତମ୍ଭ ଉନ୍ମୋଚନ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଏତାଦୃଶ ସ୍ୱୀକାରୋକ୍ତି ପ୍ରତି ଓଡ଼ିଆଙ୍କ ନିମନ୍ତେ ଏକ ଗୌରବର ବିଷୟ । ତୁଳସୀ ଦୁଇପତ୍ରରୁ ବାସେ ନ୍ୟାୟରେ ଗୋପବନ୍ଧୁଙ୍କର ସାମଗ୍ରିକ ଜୀବନକୁ ନିରୀକ୍ଷଣ କଲେ ଦେଖାଯାଏ ଯେ ଧର୍ମନିଷ୍ଠା, ସତ୍ୟନିଷ୍ଠା, ପରୋପକାର, ମାତୃଭୂମି ଓ ମାତୃଭାଷାର ରକ୍ଷା କରିବାର ମୂଳଭିତ୍ତି ହିଁ ତାଙ୍କର ଶୈଶବରୁ ପଡ଼ିଥିଲା । ଏକାଧାରାରେ ଜଣେ କବି, ପ୍ରାବନ୍ଧିକ, ସମାଜ ସଂସ୍କାରକ, ଦେଶ ସେବକ, ଶିକ୍ଷକ, ସଂପାଦକ, ସଂଗଠକ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ଅତୁଳନୀୟ ଅବଦାନ ଜାତିର ପିତାଙ୍କୁ ପ୍ରଭାବିତ କରିବା କିଛି ଅସ୍ୱାଭାବିକ କଥା ନୁହେଁ । ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିବା ପୂର୍ବରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନ ଭାଷା, ଜାତି ଓ ଜାତୀୟତା ନିମନ୍ତେ ହିଁ ସମର୍ପିତ ଥିଲା । କୈଶୋର କାଳରେ ରଚିତ 'ଅବକାଶ ଚିନ୍ତା' କବିତା ସଂକଳନଟିରେ ଏ ସମସ୍ତ ଚିନ୍ତା ଓ ଚେତନାର ପ୍ରତିଫଳନକୁ ସହଜେ ଅନୁଭବ କରିହୁଏ । ତେବେ ଉପର୍ଯ୍ୟୁକ୍ତ ସଂକଳନରେ ସ୍ଥାନିତ କବିତାଗୁଡ଼ିକରେ ପ୍ରତିଫଳିତ ବିବିଧ ଭାବ ବିଭବର ଆଲୋଚନା ହିଁ ଏହି ପ୍ରବନ୍ଧର ମୁଖ୍ୟ ଆଭିମୁଖ୍ୟ । ଉକ୍ତ କବିତା ସଂକଳନ ବ୍ୟତୀତ 'କାରାକବିତା',

ISSN NO.
2582-208X

'ବନ୍ଦୀର ଆତ୍ମକଥା', 'ଧର୍ମପଦ' ଓ 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ' ଆଦି କବିତା ପୁସ୍ତକ ମଧ୍ୟ ଗୋପବନ୍ଧୁଙ୍କ କବି ପ୍ରତିଭାର ସର୍ବଶ୍ରେଷ୍ଠ ନିଦର୍ଶନ ।

ଗୋପବନ୍ଧୁ ଦାସଙ୍କ କୈଶୋର ଓ ଯୌବନ କାଳରେ ରଚିତ କବିତାର ସଂକଳିତ ରୂପ ହେଉଛି 'ଅବକାଶ ଚିନ୍ତା' । ଏହି କବିତା ସଂକଳନ ସର୍ବପ୍ରଥମେ କର୍ତ୍ତବ୍ୟବୋଧିନୀ ସମିତିର ପ୍ରଥମ ବାର୍ଷିକ ମହୋତ୍ସବ ଉପଲକ୍ଷେ ପ୍ରକାଶିତ ଅର୍ଥାତ୍ ୧୮୯୯ ମସିହାରେ କଟକସ୍ଥିତ ଓଡ଼ିଶା ପାଟ୍ରିୟଟ ପ୍ରେସ୍‌ରେ ଏହା ମୁଦ୍ରିତ ଏବଂ ଏଥିରେ ତତ୍କାଳରେ ସର୍ବମୋଟ ୯ଗୋଟି କବିତା ହିଁ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ତା. ୧୩/୭/୧୯୪୨ ମସିହାରେ ଗୋପବନ୍ଧୁଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧ ଦିବସ ଉପଲକ୍ଷେ ଗୋପବନ୍ଧୁ ସାହିତ୍ୟ ମନ୍ଦିରଦ୍ୱାରା ପ୍ରକାଶିତ 'ଅବକାଶ ଚିନ୍ତା' ସଂକଳନରେ ନୂତନଭାବେ ୩୦ଗୋଟି କବିତା ସଂଯୋଜିତ ହୋଇଛି । ପ୍ରଥମ ସଂକଳନ(୧୮୯୯)ର ପ୍ରଥମ କବିତା 'କବିତାଦେବୀ' ଥିବା ବେଳେ ୧୯୪୨ ମସିହାରେ ପ୍ରକାଶିତ ନୂତନ ସଂସ୍କରଣରେ 'ପ୍ରାର୍ଥନା' ହିଁ ହୋଇଛି ଏ ସଂକଳନର ପ୍ରଥମ କବିତା । ଏତଦ୍‌ସହ, ନୂତନ ସଂସ୍କରଣରେ 'କବିତାଦେବୀ' ଶୀର୍ଷକ କବିତାଟି କେବଳ 'କବିତା' ନାମରେ ହିଁ ନାମିତ ହୋଇଛି । ଏ ସଂପର୍କରେ ଦିବଂଗତ ବରେଣ୍ୟ ଗବେଷକ ତଥା ସମାଲୋଚକ ଦେବେନ୍ଦ୍ର କୁମାର ଦାଶ 'ଗୋପବନ୍ଧୁଙ୍କ କବି ଜୀବନର ଆଦିପର୍ବ : ଅବକାଶ ଚିନ୍ତା' ଶୀର୍ଷକ ଆଲୋଚନାରେ କୁହନ୍ତି, ଯଥା–"୧୯୪୨ ମସିହାରେ ପ୍ରକାଶିତ 'ଅବକାଶ ଚିନ୍ତା'ରେ ନୂତନଭାବେ ୩୦ଟି କବିତା ସଂଯୋଜିତ । ଏହି ସଂଯୋଜନା କଲାବେଳେ ପ୍ରଥମ ସଂସ୍କରଣରେ ପ୍ରକାଶିତ କବିତାଗୁଡ଼ିକ ସହ କ୍ରମ ରକ୍ଷାକରି ନୂତନ କବିତାଗୁଡ଼ିକ ସଂଯୁକ୍ତ କରାଯାଇ ନାହିଁ । ପୁରାତନ ଓ ନୂତନ ସମସ୍ତ କବିତାକୁ ଆପଣା ରୁଚି/ଆଭିମୁଖ୍ୟ/ତଥ୍ୟ ଅନୁସାରେ ନୂତନ ଭାବେ ପ୍ରକାଶକ ସଜ୍ଜିତ କରିଛନ୍ତି । ତା' ସହିତ କେତେକ କବିତାର ଶିରୋନାମାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। 'କବିତାଦେବୀ'ର ଶୀର୍ଷକ ହୋଇଛି 'କବିତା' ।" (ଗୋପବନ୍ଧୁଙ୍କ ଶ୍ରାଦ୍ଧସଂଖ୍ୟା, ୨୦୧୯, ପୃ-୨୭) । ଯାହାବିହେଉ, ବର୍ତ୍ତମାନ ଉପଲବ୍ଧ ତଥା ୧୯୪୨ ମସିହାରେ ପ୍ରକାଶିତ ହୋଇଥିବା 'ଅବକାଶ ଚିନ୍ତା' କବିତା ସଂକଳନଟି ୩୯ଗୋଟି କବିତାର ଏକ ମନୋଜ୍ଞ ସଂକଳନ । ଜୀବନର ବିଭିନ୍ନ ସମୟରେ ଅର୍ଥାତ୍ ଅବସର କାଳରେ ଯେଉଁସବୁ ଉତ୍ତରିତ ପ୍ରଭାବୀ ସୂକ୍ଷ୍ମ ଭାବ ବିଭବ କବି ମାନସକୁ ବ୍ୟଥିତ ଓ

ISSN NO.
2582-208X

ଆନ୍ଦୋଳିତ କରିଛି ତା'ର ସାରସ୍ୱତ ସ୍ଥୂଳ ରୂପ ହିଁ ହୋଇଛି ଏହି ସଂକଳନର ଗୋଟିଏ ଗୋଟିଏ ଅଦ୍ୱିତୀୟ କବିତା ।

କବି ଗୋପବନ୍ଧୁଙ୍କ କୈଶୋର କାଳର ଆଶା, ଉଦ୍ଦୀପନ ସାଙ୍ଗକୁ ଆଦ୍ୟ ଯୌବନର ଆବେଗ ଓ ଉନ୍ମାଦନା ହିଁ ଉକ୍ତ ସଂକଳନର ପ୍ରତିଟି କବିତାକୁ କରିଛି ପୁଷ୍କଳ । ସଂକଳନର ପ୍ରଥମ କବିତା ହେଉଛି 'ପ୍ରାର୍ଥନା' । ଏଥିରେ କୈଶୋର ଗୋପବନ୍ଧୁଙ୍କ ନିରୁତା ଜାତିପ୍ରୀତିର ସ୍ନିଗ୍ଧ ଭାବରାଜି ପ୍ରକଟିତ । କୋଟିବୀର ପ୍ରସବିନୀ, କୋଟି କୀର୍ତ୍ତି କିରୀଟିନୀ, ତଟିନୀତଟମାଳିନୀ, ପ୍ରଚ୍ଛନ୍ନରତ୍ନଧାରିଣୀ, ସୁଜଳା, ସୁଫଳା, ଶସ୍ୟ ଶ୍ୟାମଳା ଏ ଉତ୍କଳ ମାଟିର ଦୂରବସ୍ଥା ସଂଦର୍ଶନ କରି କବି ହୃଦୟ ହୋଇଛି ବ୍ୟଥିତ । ମାଟି ମା'ର ଉଦ୍ଧାର ନିମନ୍ତେ କବିପ୍ରାଣ ବ୍ୟାକୁଳିତ । ଯାହାର ନିଛକ ଚିତ୍ର କବିତାର ପ୍ରଥମ ପାଦରେ ପ୍ରତ୍ୟକ୍ଷ କରିହୁଏ । କବିତାର ପ୍ରାରମ୍ଭରେ କବି ଉତ୍କଳମାତାର ଜୀବନେ ନବୀନ ତେଜ ଓ ସାହାସ ଭରିଦେବା ନିମନ୍ତେ ପ୍ରଭୁ ଦୟାମୟ ଜଗତପତିଙ୍କ ପଦାରବିନ୍ଦରେ ଆକୁଳ ବିନତି ଜଣାଇଛନ୍ତି, ଯଥା-

"ପ୍ରଭୁ ଦୟାମୟ ଜଗତପତି
ଅନାଥର ନାଥ ଅଗତିଗତି,
ତବ ଶ୍ରୀଚରଣେ ଏହି ବିନତି
କରୁଛୁ ଉତ୍କଳ-ଶିଶୁ ସନ୍ତତି
ମିଳି ଆଜି ଏକମନେ ହେ
ଦିଅ ନବ ତେଜ ନବୀନ ସାହାସ
ଉତ୍କଳ ମାତା ଜୀବନେ ହେ ।୧ । (ଅବକାଶ ଚିନ୍ତା, ପୃ-୧୧)

ଏତଦ୍‌ସହ ମହାଭାରତୀୟ ଚେତନାରେ ଉତ୍କଳୀୟ ନରନାରୀ ନିମଗ୍ନ ହେବା ନିମନ୍ତେ ମଧ୍ୟ କବି ଉକ୍ତ କବିତାରେ ଆହ୍ୱାନ କରିଛନ୍ତି । ଭାରତର ଅଭ୍ୟୁର୍ଥାନରେ ଉତ୍କଳର ସାମଗ୍ରିକ ଉନ୍ନତି ସଂସାଧିତ ହେବାର ଦୁର୍ବାର ବାସନା ଆଜୀବନ ଗୋପବନ୍ଧୁଙ୍କ ବିଚାର ଓ ବ୍ୟବହାର ତଥା ଉଚ୍ଚାରଣ ଓ ଆଚରଣରେ ମଧ୍ୟ ପ୍ରତ୍ୟକ୍ଷ କରିହୁଏ । ଆଧୁନିକ ଓଡ଼ିଶାରେ ସ୍ଥାନୀୟତା ବଦଳେ ବିଶ୍ୱପ୍ରେମ ବିମୁଗ୍ଧତା, ସ୍ୱାର୍ଥ ବଦଳେ ନିସ୍ୱାର୍ଥପରତା ଆଦି ସଂପ୍ରସାରିତ

ISSN NO.
2582-208X

ଚେତନାର ସେ ଥିଲେ ଅଗ୍ରସାରଥି । ଏହି ମର୍ମରେ କବିଙ୍କ ସ୍ୱରଚିତ କାଳଜୟୀ ପଂକ୍ତି ସ୍ୱତଃ ହୃଦୟରେ ଅନୁରଣିତ ହୁଏ, ଯଥା-

"ନିଜ ସ୍ୱାର୍ଥ ଲଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।
ଦେଖାଅ ଏ ସତ୍ୟ ଆପଣା ପରାଣେ,
ଦିଅ ଏହି ମନ୍ତ୍ର ସର୍ବ ବର୍ଣ୍ଣ କାନେ ।
ଆମ୍ଭେ ସର୍ବେ ଏକ ଈଶ୍ୱର ସନ୍ତାନ
ସାଧ ବିଶ୍ୱହିତ ତେଜି ଅଭିମାନ ।" (ଅବକାଶ ଚିନ୍ତା, ପୃ-୬୪)

ଗୋପବନ୍ଧୁ ଦାସଙ୍କ ସାମଗ୍ରିକ ରଚନାର ବୈଶିଷ୍ଟ୍ୟ ହେଉଛି ସ୍ୱଦେଶ-ମୁକ୍ତି, ବିଶ୍ୱପ୍ରୀତି ଓ ଈଶ୍ୱର-ଭକ୍ତି । ଆବାଲ୍ୟରୁ ଐଶୀ ଚେତନାରେ ସେ ଥିଲେ ଅନୁରାଗୀ । ପିତାମାତାଙ୍କ ପ୍ରତିଷ୍ଠିତ ଭାଗବତ ଘରେ ଯେଉଁ ସପ୍ତାଙ୍ଗ ବସେ ସେଥିରେ ଭକ୍ତପ୍ରାଣ ଗୋପବନ୍ଧୁ ବରାବର ଉପବାସୀ ରହି ହବିଷ୍ୟାନ୍ନ ଖାଇ ଭାଗବତ ପାରାୟଣ କରୁଥିଲେ । ଜଗନ୍ନାଥ ଦାସଙ୍କ କୃତ 'ଭାଗବତ' ହିଁ ଗୋପବନ୍ଧୁଙ୍କୁ ଅଜୀବନ ଆଧ୍ୟାତ୍ମିକ ଭାବାପନ୍ନ ହେବାକୁ ଯେ ପ୍ରେରିତ କରିଛି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏଣୁ 'ପ୍ରାର୍ଥନା' ହେଉ ଅବା 'ବାଣୀ' କବିତାରେ ଉତ୍କଳର ଉନ୍ନତି ପାଇଁ ଐଶ୍ୱରିକ ସତ୍ତା ଉପରେ ସେ ଆସ୍ଥା ସ୍ଥାପନ କରିଛନ୍ତି । ଅଭାଗିନୀ ଉତ୍କଳର ଦୁର୍ଦ୍ଦଶାରେ ସେ ମ୍ରିୟମାଣ । ଏଣୁ ବୀଣାପାଣିଙ୍କୁ ନିଜର ମିନତି ଜଣାଇଛନ୍ତି, ଯଥା-

"ଭାରତେ ଉତ୍କଳ ପୁଣି ଅତି ଅଭାଗିନୀ
ଧନେ, ଜନେ, ମାନେ, ଜ୍ଞାନେ, ବିକ୍ରମ, ସାହସେ
ଆଦେଶେ ମା' ଫୁଟି ତବ ଆବାସ-ନଳିନୀ
ଗୌରବ-ତପନେ ବରୁ ଉତ୍କଳ ନଭସେ ।" (ଅବକାଶ ଚିନ୍ତା, ପୃ-୧୫)

ପୂଜ୍ୟପୂଜାର ପରମ୍ପରା ଉତ୍କଳୀୟ ସଂସ୍କୃତିର ଏକ ଅନ୍ୟତମ ପ୍ରଣିଧାନଯୋଗ୍ୟ ବୈଶିଷ୍ଟ୍ୟ । ପୂର୍ବଜଙ୍କ କୃତି, କୀର୍ତ୍ତି ଓ ସ୍ମୃତିକୁ ଆଧାର କରି ସେମାନଙ୍କ ଜୀବନର ମହନୀୟ ଅବଦାନ

ISSN NO.
2582-208X

ସବୁକୁ ଅବଲୋକନପୂର୍ବକ ମହାପୁରୁଷମାନଙ୍କ ପ୍ରଦର୍ଶିତ ପଥରେ, ପ୍ରଚାରିତ ମତରେ ଓ ଜଗତର ହିତରେ ଅନ୍ୟ ଅନେକଙ୍କୁ ପ୍ରେରିତ କରିବାର ଅଭିପ୍ରାୟରୁ ସ୍ମୃତିମୂଳକ ବହୁ କବିତାମାନ ଓଡ଼ିଆ ସାହିତ୍ୟରେ ରଚିତ ହୋଇଛି । କବି ଗୋପବନ୍ଧୁ ଅତୀତର ମହନୀୟ ସ୍ମୃତିସବୁକୁ ଉତ୍କଳୀୟ ନରନାରୀଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ତିଳେମାତ୍ରହେଳା କରି ନାହାଁନ୍ତି । ମହାପୁରୁଷମାନଙ୍କ ମହିମାର୍ଣ୍ଣବ ଜୀବନୀ ମାଧ୍ୟମରେ ସୁପ୍ତ ଜାତିପ୍ରାଣରେ ନବ ଉନ୍ମାଦନା ଓ ଆଶା ସଂଚାର ଉଦ୍ଦେଶ୍ୟରେ ଯେଉଁ ୯ଗୋଟି କବିତା ରଚନା କରିଛନ୍ତି; ସେଗୁଡ଼ିକ ଯଥାକ୍ରମେ- (୧) ଶମ୍ଭୁକର ବାଜପେୟୀ (୨) ଭକ୍ତ କବିବର ଶ୍ରୀ ଜଗନ୍ନାଥ ଦାସ (୩) ବଳରାମ ଦାସ (୪) ସାରଳା ଦାସ (୫) ଅନଙ୍ଗଭୀବଦେବ (୬) ପୁରୁଷୋତ୍ତମଦେବ (୭) ଉପେନ୍ଦ୍ରଭଞ୍ଜ (୮) ସାମନ୍ତ ଚନ୍ଦ୍ରଶେଖର (୯) ସ୍ୱର୍ଗୀୟ ପଣ୍ଡିତ ହରିହର ଦାସ ଶର୍ମା ଆଦି କବିଙ୍କ ଲେଖନୀରେ ହୋଇଉଠିଛି ଅନନ୍ୟ ଓ ଅସାଧାରଣ । ଏତଦ୍‌ସହ ନିଥର, ନିଃସ୍ତରଙ୍ଗ ଓ ନିଶ୍ଚେତନ ଜାତିକୁ ଜାଗ୍ରତ କରିବାକୁ ଯାଇ 'ଅନଙ୍ଗଭୀମଦେବ' କବିତାରେ ଉଲ୍ଲେଖ କରିଛନ୍ତି, ଯଥା-

ଉଠ ହେ ଉତ୍କଳୀ! ଜଡ଼ତା-ଶିକୁଳି
ଫିଙ୍ଗିଣ ଦୂରେ ବହନ
ଅମର ଭୁବନୁଁ ଶ୍ରୀ ଅନଙ୍ଗଦେବ
କରୁଛନ୍ତି ଆମନ୍ତ୍ରଣ ।
କର୍ଣ୍ଣ ଡେରି ଶୁଣ ସେ ଦିବ୍ୟ ଆହ୍ୱାନ
ସ୍ମର ପୂର୍ବ ଯଶ ବାରେ,
ପୂର୍ବ ବଂଶ ନାମେ ଶ୍ରୀ ଅନଙ୍ଗଭୀମେ
ପୂଜ ଶୌର୍ଯ୍ୟ ଉପହାରେ ।(ଅବକାଶ ଚିନ୍ତା, ପୃ-୨୬)

ଯୁଗେ ଯୁଗେ ପ୍ରକୃତି ମାନବକୁ ଭାବୁକ କରିଛି । ପ୍ରକୃତିର ଅନିର୍ବଚନୀୟ ବିରାଟ ରୂପ ସଂଦର୍ଶନ କରି କେତେବେଳେ ମାନବ ପ୍ରାଣ ପୁଲକିତ ହୋଇଛି ତ କେତେବେଳେ ପୁଲକିତ ପ୍ରାଣରୁ ପୁଣି ସୃଷ୍ଟି ହୋଇଛି ଅମର କାବ୍ୟ କବିତା ନିଚୟ । କବି ମାତ୍ରକେ ସ୍ୱଭାବତଃ ପ୍ରକୃତି ପ୍ରେମୀ । ସୁତରାଂ ପରିଦୃଶ୍ୟମାନ ମାୟା ସ୍ୱରୂପିଣୀ ପ୍ରକୃତି ହିଁ ଆଦିରୁ ଅଦ୍ୟାବଧି ନିତ୍ୟ ନୂତନ ତଥା ନାନା ରୂପରେ ପ୍ରତିଭାତ ହୋଇ ରସିକ, ଭାବୁକ ଆଦିଙ୍କୁ ସୃଜନମନସ୍କ

ISSN NO.
2582-208X

କରିଆସିଛି । କବି ଗୋପବନ୍ଧୁ ମଧ୍ୟ ଅନୁରୂପ ଭାବେ ଉତ୍କଳର ନୈସର୍ଗିକ ପ୍ରକୃତିର ସଂନ୍ଦର୍ଶନରେ ଆତ୍ମବିଭୋର । ପ୍ରକୃତିର ଏହି ଅଲୌକିକ ରୂପ ତଥା ପ୍ରକୃତି ମାଧ୍ୟମରେ ଜୀବନ ଦର୍ଶନର ପ୍ରସଙ୍ଗକୁ ଅତି ନିଖୁଣ ଭାବରେ ସେ ତାଙ୍କର 'କାଠଯୋଡ଼ି ତୀରେ ସାୟଂକାଳ' କବିତାରେ ଦର୍ଶାଇଛନ୍ତି, ଯହିଁରୁ ପ୍ରକୃତି ସହିତ ମାନବର ଅବିଚ୍ଛେଦ୍ୟ ସଂପର୍କର ଏକରୂପତାକୁ ମଧ୍ୟ ପ୍ରତ୍ୟକ୍ଷ କରିହୁଏ । ଏତଦ୍‌ସହ ବହୁ କବିତା ପ୍ରକୃତିକୁ ଅବଲମ୍ବନ କରି ରଚିତ ହୋଇଥିଲେ ହେଁ ମୁଖ୍ୟତଃ ସେ ସବୁରେ ଜାତିପ୍ରେମ ବହ୍ନିକୁ ପ୍ରଜ୍ୱଳିତ କରିବାର ଆହ୍ୱାନ ଯେ ଅନ୍ତଃସଲୀଳା ଫଲ୍ଗୁସମ ନିହିତ ଏଥିରେ ସନ୍ଦେହ ନାହିଁ, ଯଥା–

"ଉତ୍କଳର ପୁଣ୍ୟଶ୍ଳୋକ ଅମର ଗୌରବ
ଶୌର୍ଯ୍ୟ–ବୀର୍ଯ୍ୟ କଳା–କାବ୍ୟ ଧନ–ଜ୍ଞାନ–ମାନ
ଥିଲା ଯାଙ୍କ ସୁଶାସନ ପବିତ୍ର ବିଧାନ ।
କହି ତାଙ୍କ କଥା ତାଙ୍କ ରାଜ୍ୟ ସମାଚାର,
ନିର୍ଜୀବ ଉତ୍କଳେ ପ୍ରାଣ କର ହେ ସଂଚାର ।"(ଅବକାଶ ଚିନ୍ତା, ପୃ–୪୭)

ଗୋପବନ୍ଧୁଙ୍କ ସାମଗ୍ରିକ କାବ୍ୟ କୃତିରେ ବହୁଳ ଭାବରେ ସ୍ୱଦେଶ–ମୁକ୍ତି, ବିଶ୍ୱପ୍ରୀତି ଓ ଈଶ୍ୱର–ଭକ୍ତିର ଭାବ ପ୍ରକାଶିତ ହୋଇଥିଲେ ହେଁ ପ୍ରକୃତିପ୍ରୀତି ଯେ ବାଦ୍ ପଡ଼ିଛି ତାହା ନୁହେଁ । ଉପର୍ଯ୍ୟୁକ୍ତ ତିନିଗୋଟି ବିଷୟର ବର୍ଣ୍ଣନାରେ କବିପ୍ରାଣ ଯେପରି ବିଗଳିତ ପ୍ରକୃତିର ଗୁଣଗାନ କାଳରେ ତଦନୁରୂପ କବିମାନସ ମଧ୍ୟ ଉତ୍ସାହିତ । ମାନବର ସେବାକୁ ମାଧବର ସେବା ରୂପେ ଗ୍ରହଣ କରି ଜୀବନ ଅତିବାହିତ କରିଥିଲେ ମଧ୍ୟ ପ୍ରକୃତିର ସେବାରେ କବି ନିଜକୁ ନିୟୋଜିତ କରିବାର ବାସନାକୁ 'କାଠଯୋଡ଼ିରେ ଚନ୍ଦ୍ରାଲୋକ ନିଶୀଥ' କବିତାରେ ପ୍ରକାଶ କରିଛନ୍ତି, ଯଥା–

ଜନମିଥାନ୍ତି ସେ ଯୁଗେ ହେଲେ ମୁଁ ପାମର
ସୁଖେ ସେବା କରିଥାନ୍ତି ପ୍ରକୃତି–ପୟର । ।
ବାହ୍ୟ ଆବରଣ ଫେଡ଼ି ପ୍ରକୃତି ଅନ୍ତରେ
ଦିବ୍ୟ ଜ୍ଞାନ–ନେତ୍ରେ ହେଲେ ଦେଖିଥାନ୍ତି ଥରେ ।

ISSN NO.
2582-208X

ଅପ୍ରାକୃତ ପ୍ରେମ ରୂପ ସତ୍ୟ ସନାତନ,
ଅନନ୍ତ ବାସନା ହୋଇଥାଆନ୍ତା ପୂରଣ । ।(ଅବକାଶ ଚିନ୍ତା, ପୃ-୪୨)

ପୁନଶ୍ଚ କାଳର କ୍ରୁରତା ଓ ସର୍ବଗାମୀତ୍ୱ ନିକଟରେ ମନୁଷ୍ୟ ଅତ୍ୟନ୍ତ ଅକିଂଚିତକର । ସଚରାଚର ଦୃଶ୍ୟମାନ ଜଗତ ମଧ୍ୟ କାଳର ଅଧୀନ । କାଳର କରାଳ କବଳରେ ସମସ୍ତ ବିଷୟର ଉତ୍‌ଥାନ ଓ ପତନ ମଧ୍ୟ ସଂଘଟିତ । ଏକଦା ବାରବାଟୀ ଦୁର୍ଗରୁ କେଶରୀ ବଂଶର ନରପତିମାନଙ୍କର ଅପରାଜୟ ବାହିନୀ ଝଟିକା ବେଗରେ ଦୁର୍ଗରୁ ଦୁର୍ଗାନ୍ତର ଗତିକରି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଉତ୍କଳର ସାମ୍ରାଜ୍ୟକୁ ବିସ୍ତାର କରିଥିଲେ । ନିଜର ଉଦାର ଗୁଣରେ ସମଗ୍ର ରାଜ୍ୟକୁ ବସୁଧୈବ କୁଟୁମ୍ବକମ୍ ନୀତିରେ ଉତ୍କଳର ନରପତିଗଣ ଏକ ପରିବାର ବୋଲି ମନେ କରୁଥିଲେ ଅଥଚ ଆଜି ସେହି ବାରବାଟୀର ଭଗ୍ନରୂପ ସଂନ୍ଦର୍ଶନ କରି କବିପ୍ରାଣ ବ୍ୟଥିତ ହୋଇଛି । ଉତ୍କଳର ହିତାର୍ଥେ କାଳର ନିକଟରେ ‘ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ’ କବିତାରେ ପ୍ରକାଶିତ କବିଙ୍କର କାକୂକ୍ତି ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଉଠିଛି, ଯଥା-

ମହାବଳୀ ଧନ୍ୟ ଧନ୍ୟ ତୁମ୍ଭେ କାଳ!
କେ ଲଘିଂବ ତୁମ୍ଭ ତୀକ୍ଷଣ କରବାଳ ?
ଥିଲା ଯେବେ କିଛି ଉତ୍କଳର ଦୋଷ,
ଦୋଷ ଅନୁମତେ କରିଅଛି ରୋଷ ।
ହୋଇଅଛି ଶାସ୍ତି କଷଣ ଅପାର,
ନକର ଅଧିକ ଆଉ ଛାରଖାର ।
ଏଣିକି କରୁଣା ଅଟଇ ବିହିତ
ସାଧ ନବଯୁଗେ ଉତ୍କଳର ହିତ ।
(ଅବକାଶ ଚିନ୍ତା, ପୃ-୫୩)

ଦୃଶ୍ୟମାନ ଜଗତର ଅତି ସାଧାରଣ ବିଭବକୁ ଉତ୍କଳୀୟ ନରନାରୀଙ୍କ ନିକଟରେ ନୈସର୍ଗିକ ତଥା ଦିବ୍ୟ, ଭବ୍ୟ ଓ ଉପଭୋଗ୍ୟ କରି ଉପସ୍ଥାପନ କରିବାରେ ଗୋପବନ୍ଧୁଙ୍କର ଯେଉଁ ଧୀ ଓ ଧିଷଣା ଥିଲା ତାହା ତାଙ୍କର ‘ରେଳ ଉପରେ ଚିଲିକା ଦର୍ଶନ’, ‘ଚନ୍ଦ୍ର’, ‘ଗ୍ରୀଷ୍ମେ

ISSN NO.
2582-208X

ଖୁଂଟାଗଛ', 'ଗୋଟିଏ କାଙ୍କଣ ଗଛ ', 'କୋକିଳ', ଓ 'ଅନାଥ କଳିକା' ଆଦି କବିତାରୁ ସ୍ପଷ୍ଟ ଅନୁମିତ ହୁଏ । ବହିଃଜଗତ ସହିତ ଅନ୍ତଃଜଗତର ସମନ୍ୱ ୟ ଓ ମୂଲ୍ୟାୟନ ଦ୍ୱାରା ମାନବ ଜୀବନରେ ଯାହା ବିହିତ ତାକୁ ଜୀବନରେ ଆଚରିବା ନିମନ୍ତେ ଉପର୍ଯ୍ୟୁକ୍ତ କବିତାଗୁଡ଼ିକନିଶ୍ଚିତ ରୂପେ ଅଭିପ୍ରେତ ।

ପ୍ରକୃତପକ୍ଷେ, ଗୋପବନ୍ଧୁଙ୍କର ଆଦ୍ୟ କୈଶୋରକାଳୀନ ଆଲୋଚ୍ୟ କବିତା ସଂକଳନଟିରେ ସର୍ବାଗ୍ରେ ମାତୃଭୂମି ପ୍ରତି ମମତ୍ୱ, ମାନବ ଜୀବନକୁ ଉତ୍କର୍ଷ ପଥେ ଅଗ୍ରସର କରିବା ନିମନ୍ତେ ପ୍ରତ୍ୟକ୍ଷ ପ୍ରେରଣା, ବିଶ୍ୱପ୍ରୀତି, ଈଶ୍ୱରଭକ୍ତି ତଥା ବହିଃଚେତନା ସହିତ ଅନ୍ତଃଚେତନାର ଉତ୍ତରଣ ନିମନ୍ତେ ଆହ୍ୱାନ କବିତାଗୁଡ଼ିକୁ ସାର୍ବକାଳିକ ସାର୍ଥକତା ଯେ ପ୍ରଦାନ କରିଛି ଏଥିରେ ଦ୍ୱିମତ ନାହିଁ ।

ସହାୟକ ଗ୍ରନ୍ଥସୂଚୀ:

୧. ଦାସ, ଗୋପବନ୍ଧୁ । ଅବକାଶ ଚିନ୍ତା । ଗୋପବନ୍ଧୁ ସାହିତ୍ୟ ମନ୍ଦିର, ଗୋପବନ୍ଧୁ ଭବନ, ବକ୍ସିବଜାର, ସମାଜ ଅଫିସ, କଟକ, ଚତୁର୍ଥ ସଂସ୍କରଣ-୨୦୨୨
୨. ଶତପଥୀ, ଡକ୍ଟର ନିତ୍ୟାନନ୍ଦ । ସତ୍ୟବାଦୀ ଯୁଗ: ସ୍ରଷ୍ଟା ଓ ସୃଷ୍ଟି । ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ତୃତୀୟ ମୁଦ୍ରଣ-୨୦୧୬
୩.ସଂପାଦକ, ତ୍ରିପାଠୀ, ବାମାପଦ । ଗୋପବନ୍ଧୁଙ୍କ ଶ୍ରାଦ୍ଧସଂଖ୍ୟା । ସମାଜ କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧

(((-)))

ଅଧ୍ୟାପକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଆଦିକବି ସାରଳାଦାସ ମହାବିଦ୍ୟାଳୟ
ତିର୍ତ୍ତୋଲ, ଜଗତସିଂହପୁର

ISSN NO.
2582-208X

# ମହାଡ ସତ୍ୟାଗ୍ରହ



ଖଗେଶ୍ୱର ବାଗ

ଯହିଁ ପଶୁପକ୍ଷୀ ନର ସଚରାଚର
ଏକ ସ୍ଥାନୁ ପାନ କରନ୍ତି ନୀର
ପ୍ରକୃତିର ଏହି ଦୁର୍ଲ୍ଲଭ ଦୃଶ୍ୟ
ହୃଦ ପୁଲକିତ କଲେ ଦର୍ଶନ
ତହିଁ ଅସବର୍ଣ୍ଣ ଛୁଇଁବା ମନା
ଏ ନୀତି ତିଆରି କଲା କେ ଜନ।।
ହିନ୍ଦୁ ଅଣହିନ୍ଦୁ ମଣିଷେ ଗଣା
ବ୍ରାହ୍ମଣ କ୍ଷତ୍ରୀୟ ଉଚ୍ଚ ସ୍ଥାନ ସିନା
ଶୁଦ୍ର ନାମେ ଯେଉଁ ଦଳିତ ଜନେ
ସମାଜେ ତା' ପାଇଁ ଅଛି କି ସ୍ଥାନ
ଥିଲେ କି ଅଛବ ବୋଲି ଜନରବ
ସର୍ବଦା ମଣନ୍ତେ ତା'କୁ ନିଊନ।।
ଉଭା ହେଲେ ଜଣେ ଉଦ୍ଧାର ପାଇଁ
ଭୀମରାଓ ନାମେ ପରାକ୍ରମୀ ସେହି
ଜ୍ଞାନର ପ୍ରଦୀପ ଜଳାଇ ଭୂ-ଭାଗେ
ଅସ୍ପୃଶ୍ୟତା ଦୂର ଉଦ୍ଦେଶ୍ୟ ଏକ
ତ୍ରାଣକର୍ତ୍ତା ସିନା ସେ ନିଷ୍ପେସିତର
ତା'ଙ୍କ ସମ କେ ଅଛି ଆଉରେକ।।
ଚଉଦ୍ୱାର ପୁଷ୍କରିଣୀର କୂଳେ
ଦଳିତଙ୍କ ସହ ସେ ପହଞ୍ଚିଥିଲେ

ISSN NO.
2582-208X

ଏ ନୀର ପାନନେ ଅମରତ୍ୱ ନୁହେଁ
କହିଲେ ମଣିଷ ଗଣା ହୋଇବା
ସାରବଜନୀନ ଜଳ ଉତ୍ସରୁ
ଅଧିକାର ଆମ ପାଣି ପିଇବା।।
ନାମିତ ମହାଡ ସତ୍ୟାଗ୍ରହ ଅନ୍ତେ
ଗୋବର ଗୋମୂତ୍ର ଗଙ୍ଗାଜଳ ସାଥେ
ଅପବିତ୍ର ବୋଲି କରିଲେ ଶୁଦ୍ଧି
ବ୍ରାହ୍ମଣବାଦର ଅଜବ ନୀତି
ଆଇନଗତ ଅଧିକାର ଦେଲେ
ମୋକଦ୍ଦମା ନ୍ୟାୟାଳୟରେ ଜିତି।।
କୋଟି ଦଳିତଙ୍କ ଉଦ୍ଧାର କର୍ତ୍ତା
ଜଡ ତନେ ପ୍ରାଣ ଭରେ ଯା' ବାର୍ତ୍ତା
ସମରସତାର ଯଜ୍ଞାନଳରେ
ଅସ୍ପୃଶ୍ୟତା ପାଏ ପୂର୍ଣ୍ଣ ଆହୁତି
କୋଟି ପ୍ରଣିପାତ ଘେନ ଆମ୍ଭର
ଆହେ ଯୁଗଜନ୍ମା ମହା ବିଭୂତି।।

(((-)))

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# କାହିଁକି ଏତେ ତୁ ରାଗୁଛୁ ?????



ପବିତ୍ର ନାରାୟଣ ବେହେରା

କୋଡିଏ ବସନ୍ତ ବିତିଯାଇଛି
ପୁରୁଣା ଦିନର ସ୍ମୃତି ଗୁଡିକ
ଆଜି ବି ମୋ ଶିରା ପ୍ରଶିରାରେ ସେମିତି ପ୍ରବାହିତ ।

ମୁଁ ବଦଳିନି
ମୋ ଶବ୍ଦରେ ଆଜି ବି ତୋ ପାଇଁ ସେହି ପୁରୁଣା ଅନୁରାଗ
ମୋ ଆଖିରେ ଅପେକ୍ଷାର ଆରକ୍ତ ଆଭା

ହେଲେ.. ତୁ କାହିଁକି ଏତେ ଅଜଣା ?
ଟିକିଏ କଥାରେ ଦେଖାଉଛୁ ଅଗ୍ନିର ପ୍ରଜ୍ଜ୍ୱଳନ ??
ତୋ ◌େ◌ୈ◌ୋରର ସେହି କୋମଳତା
ଆଜି କାହିଁକି ଅଭିମାନର ପାହାଡ଼ ତଳେ ଚାପି ହୋଇ ଯାଇଛି ???

ମନେ ଅଛି ନା..
ସେଦିନର ସେହି ନୀରବ ସଞ୍ଜର ମଧୁବୋଳା କଥା
ହେଲେ ଆଜି କାହିଁକି ତୋ ଶବ୍ଦସବୁ ମୋତେ ତୀର ପରି ବିନ୍ଧି ଚାଲିଛନ୍ତି ????
ତୋ ରାଗ ପଛରେ କେଉଁ ଅକୁହା ଯନ୍ତ୍ରଣା ଲୁଚିଛି କି ?????
ନା ମୋ ଭଲ ପାଇବା ତୋତେ ଆଜି ବୋଝ ଲାଗୁଛି ??????

ISSN NO.
2582-208X

ଟିକେ ଅଟକି ଯା..
ସେହି ଅତୀତ ସ୍ମୃତିକୁ ଥରେ ପଛକୁ ଚାହିଁ ଦେଖ
ମୋ ହୃଦୟ ଆଜି ବି ତୋ ପାଇଁ ଏକ ଖୋଲା ବହି ହୋଇ ରହିଛି
କିନ୍ତୁ ତୁ ବୋଧହୁଏ ପଢ଼ିବାର ଧୈର୍ଯ୍ୟ ହରାଇ ବସିଛୁ।

କାହିଁକି ଏତେ ରାଗ ????????
ରାଗିଲେ କ'ଣ ଦୂରତା କମିଯାଏ
ନା ସମ୍ପର୍କର ଆୟୁଷ ବଢ଼ିଯାଏ
ଫେରି ଆସେ ସେହି ସହଜ ମଣିଷଟେ ହୋଇ
ମୁଁ ଆଜି ବି ସେଇଠି ଠିଆ ହୋଇଛି
ତୋରି ପ୍ରତୀକ୍ଷାରେ...
କେବଳ ତୋରି ପ୍ରତୀକ୍ଷାରେ ।

(((-)))

ଓଡ଼ିଆ ଅଧ୍ୟାପକ
ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଶେରଗଡ଼,ଗଞ୍ଜାମ

ISSN NO.
2582-208X

# ମୁନ୍ଦେ ଫୁଲ



ଦଶରଥ ମାଝୀ

ମୁନ୍ଦେ ଫୁଲ ଫୁଟେ ବସନ୍ତ କାଳରେ
ସବୁଜ ରଙ୍ଗକୁ ଧରି
ମୁନ୍ଦେ ଫୁଲଠାରୁ ଫଳଟି ହୋଇଲେ
ଲ୍‌ଗଇ ଚାଁହାର ପରି (1)
ମୁନ୍ଦେ ଫୁଲ ଯେବେ ଫୁଟି ଗଲେ ଗଛେ
ଦିଶେ ନାହିଁ ଜମା ଡାଳ
ଫୁଲ ଫଳ ଦେଖି ଖାଇବାକୁ ଆସେ
ବନର ମାଙ୍କଡ ଦଳ (2)
ମୁନ୍ଦେ ଗଛେ ବସି ଶୁଆ ପକ୍ଷୀମାନେ
ଗାଇଥାନ୍ତ ମଧୁ ଗୀତ
ମୁନ୍ଦେ କୁସୁମର ଶୋଭକୁ ବଢାଏ
ଲ୍‌ଗିଥାଏ ଦ୍ୱିଗୁଣିତ (3)
ଶାଗୁଆ ଶୋଭ ଦିଶେ ମନଲୋଭ
ସଭିଙ୍କ ମନକୁ ମୋହି
ଅଲୋଡ଼ା ହେଲେବି ଧରଣୀ କୋଳରେ
ବସନ୍ତକୁ ଥାଏ ଗ୍ୱହିଁ (4)
ଆଦର ନ ଥାଏ କେବେବି ତାହାର
ନଜର ପକାନ୍ତୁ ନାହିଁ
ମୁନ୍ଦେ ପାଦପର ମୁନ୍ଦେ ସୁମନଟି
କ ସୁନ୍ଦର ଦିଶୁଥାଇ (5)

(((-)))

କୁରୁମାତୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :8249212472

ISSN NO.
2582-208X

# ଓଡ଼ିଆ କ୍ଷୁଦ୍ରଗଳ୍ପର ଉତ୍ପତ୍ତି ଓ ବିକାଶକ୍ରମ: ଗଳ୍ପ ପଛର ଗଳ୍ପ

ଡ. ହୃଷିକେଶ ମହାରଣା

ସାହିତ୍ୟ ଯୁଗଯୁଗଧରି ରଙ୍ଗ-ରୂପ-ରସ-ସ୍ୱର ବଦଳାଇ ନୂଆ ରୂପରେ ଉଭା ହୋଇଛି। ସଭିଙ୍କୁ ଚମକୃତ କରିଛି। ସାହିତ୍ୟର ନୂଆ ଧାରା ସୃଷ୍ଟି ହୋଇଛି। ଓଡ଼ିଆ ସାହିତ୍ୟର ଦୀର୍ଘ ପଦ୍ୟାତ୍ମକ ପରମ୍ପରାରେ କେଉଁଠି କେଉଁଠି ଗଦ୍ୟର କୁଆଁରାବ ଶୁଭିଛି ସତ; କିନ୍ତୁ ଅପପୁଷ୍ଟି ରୋଗରେ ଅପମୃତ୍ୟୁ ଲଭିଥିବା ଶିଶୁପରି ପୁଣି ନୀରବତାକୁ ଆବୋରି ବସିଛି। ଭାରତୀୟ ରାଜନୀତିକ ଭାଗ୍ୟ ଆକାଶରେ ଯେଉଁ ଶାସକମାନେ ତାରା ହୋଇ ଉଇଁଛନ୍ତି ସେମାନେ ନିଜକୁ ଜହ୍ନପରି ଉଜ୍ଜ୍ୱଳ କରିବାର ପ୍ରୟାସ କରୁକରୁ ବିଲୟ ଲଭିଛନ୍ତି। ମୁକୁନ୍ଦ ଦେବଙ୍କ ପରେ ମୋଗଲମାନେ ଦୀର୍ଘ ବର୍ଷଧରି ଓଡ଼ିଶାର ଶାସନଭାର ହାତକୁ ନେଲେ, ତା' ପରେ ଆସିଲେ ମରହଟ୍ଟା ଗୋଷ୍ଠୀ। ସେମାନଙ୍କୁ ବିତାଡ଼ିତ କରି ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ। ଯେତେବେଳେ ଯେଉଁ ଶାସକ ଶାସନଭାର ହାତକୁ ନେଇଛନ୍ତି ସେତେବେଳେ ସେମାନଙ୍କ ଧର୍ମ, ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ସାଧାରଣ ଲୋକଙ୍କୁ ପ୍ରଭାବିତ କରିଛି। ଇଂରେଜୀ ଭାଷା ଶିକ୍ଷା କରିବା ଫଳରେ ନୂତନ ଶିକ୍ଷିତ ଗୋଷ୍ଠୀର ଅଭ୍ୟୁଦୟ ଘଟିଲା। ଭାଷା ମାଧ୍ୟମରେ ଏଇ ନବୀନ ଶିକ୍ଷିତଗୋଷ୍ଠୀ ପାଶ୍ଚାତ୍ୟ ସାହିତ୍ୟ ଓ ସଂସ୍କୃତିକୁ ଜାଣିବାକୁ ସକ୍ଷମ ହେଲେ। ଏହି ପ୍ରଭାବରେ ଓଡ଼ିଆ ଭାଷା ସାହିତ୍ୟରେ ମଧ୍ୟ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ଏହି କାଳଖଣ୍ଡରେ ପତ୍ରପତ୍ରିକାର ଭୂମିକା ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ। ଛପା ଅକ୍ଷରରେ ସାହିତ୍ୟର ନୂତନ ବିଭବଗୁଡ଼ିକ ଏକ ବୃହତ ପାଠକ ସମୁଦାୟଙ୍କୁ ବାନ୍ଧି ରଖିବାରେ ସକ୍ଷମ ହେଲା। କାବ୍ୟକବିତା ରଚନା ପରମ୍ପରାକୁ ଭାଙ୍ଗି ଓଡ଼ିଆ ସାହିତ୍ୟରେ ଗଦ୍ୟ ରଚନାର ନୂତନ ଝରଣାର ସୁଅ ଛୁଟିଲା। ପ୍ରବନ୍ଧ, ଉପନ୍ୟାସ, ନାଟକ, ସମାଲୋଚନା ଆଦି ବିଭିନ୍ନ ରଚନାଗୁଡ଼ିକ ଶାଖାପ୍ରଶାଖାଯୁକ୍ତ ପଲ୍ଲବିତ ବୃକ୍ଷ ସଦୃଶ ଦୃଶ୍ୟମାନ ହେଲା। ସେଇ ବୃକ୍ଷର ଏକ ଶାଖା ହୋଇ ଆତ୍ମପ୍ରକାଶ କରିଥିଲା ଗଳ୍ପ। ଗଦ୍ୟ ରଚନାର ଅନେକ ଧାରା ମଧ୍ୟରୁ ଗଳ୍ପ ବିଭାଗଟି ଅଧିକ ରସାଣିତ ଓ ପ୍ରଭାବଶାଳୀ ସାମର୍ଥ୍ୟ ଘେନି ପାଠକ ମହଲରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କଲା।

ISSN NO.
2582-208X

ପ୍ରାଚୀନ ଲୋକକାହାଣୀ ଗୁଡ଼ିକର ରଚନାଶୈଳୀକୁ ଅବଲୋକନ କଲେ, ସେଥିରେ କଥା ଭାଗଟି ଥିଲା ଖୁବ୍ ବଳିଷ୍ଠ କିନ୍ତୁ ପରିବେଷଣ ଶୈଳୀରେ କୌଣସି ନୂତନତ୍ୱ ଦିଶୁନଥିଲା, ଚରିତ୍ର ମଧ୍ୟ ବଦଳୁ ନଥିଲେ। ଆଭିମୁଖ୍ୟ ସ୍ଥିର ଓ ନିର୍ଦ୍ଧିଷ୍ଟ ଥିଲା। କେବଳ କାବ୍ୟିକ ନ୍ୟାୟ ପ୍ରତିଷ୍ଠା ହିଁ ଏକମାତ୍ର ଉଦ୍ଦେଶ୍ୟ ଭାବେ ଗଳ୍ପରେ ସ୍ଥାନ ପାଉଥିଲା। ଗଳ୍ପରେ କୌଣସି ଚରିତ୍ର ସାମାଜିକ ବାସ୍ତବତାକୁ ରୂପାୟନ ନ କରି ରାଜାପୁଅ, ମନ୍ତ୍ରୀପୁଅ, କଟୁଆଳ ପୁଅ, ରାକ୍ଷସ ରାକ୍ଷାସୁଣୀ, ପଶୁ-ପକ୍ଷୀ, ବୃକ୍ଷ-ଲତାକୁ ନେଇ ଗଢ଼ା ହେଉଥିଲା ପ୍ରାଚୀନ ଗଳ୍ପ। ସେଥିରେ ନା ଥିଲା କୌଣସି ଆବେଗଧର୍ମିତା, ନା ଥିଲା ମଣିଷର ଦୈନନ୍ଦିନ ଜୀବନର ପ୍ରତିଛବି। ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କ ଓଡ଼ିଶା ଆଗମନ ସହ ସମଗ୍ର ଭାରତ ତଥା ଓଡ଼ିଶାରେ ନବଜାଗରଣ ସୃଷ୍ଟି ହେଲା। ନୂତନ ଚେତନାର ଉଦ୍‌ଗୀରଣ ପାଇଁ ମୁଦ୍ରଣ ଯନ୍ତ୍ର, ଆଧୁନିକ ଶିକ୍ଷା, ଭାଷା ଆନ୍ଦୋଳନ ଓ ପତ୍ରପତ୍ରିକା ପ୍ରକାଶନ ଚାରୋଟି ପ୍ରମୁଖ ସ୍ତମ୍ଭ ରୂପେ ଦଣ୍ଡାୟମାନ ହେଲେ। ଏହି ସ୍ତମ୍ଭ ଉପରେ ପ୍ରତିଷ୍ଠା ହେଲା ଆଧୁନିକ ଓଡ଼ିଆ ସାହିତ୍ୟର କମନୀୟ ପ୍ରକୋଷ୍ଠ। ଶ୍ରୀରାମପୁର ଠାରେ ପ୍ରତିଷ୍ଠା ହୋଇଥିବା ମୁଦ୍ରଣ ଯନ୍ତ୍ରରୁ ବାଇବେଲର ଅନୁବାଦିତ ରୂପ ପ୍ରକାଶ ପାଇବା ପରେ ସେଥିରେ ଥିବା କ୍ଷୁଦ୍ରକ୍ଷୁଦ୍ର କାହାଣୀମାନ କ୍ରମେ ଓଡ଼ିଆ ପାଠକଙ୍କ ନିକଟରେ ଗଳ୍ପର ଏକ ପ୍ରତିରୂପ ରୂପେ ପ୍ରତିଭାତ ହେଲା। ଏଗୁଡ଼ିକ କ୍ଷୁଦ୍ରଗଳ୍ପ ନହେଲେ ହେଁ କ୍ଷୁଦ୍ରଗଳ୍ପ ରଚନା ପାଇଁ ମାର୍ଗଦର୍ଶକ ସାଜିଥିଲା।

ଆମସ୍ ସଟନ୍‌ଙ୍କର ଓଡ଼ିଆ ଅଭିଧାନ ଗ୍ରନ୍ଥରେ ବ୍ୟାକରଣ, ଇଂରାଜୀ-ଓଡ଼ିଆ ପ୍ରତିଶବ୍ଦ, ପ୍ରାଶାସନିକ ପ୍ରତିଶବ୍ଦ ମଧ୍ୟରେ ତିନୋଟି ନୀତିକଥା ଓ ବେତାଳ ପଞ୍ଚବିଂଶତିର ଗଳ୍ପଟିଏ ସଂଯୁକ୍ତ କରାଯାଇଥିଲା। 'ଠେକୁଆ ଓ ବାଘୁଣୀ', 'ସ୍ତ୍ରୀ ଓ ହଂସ', 'ମଶକ ଓ ଷଣ୍ଢ' ନାମକ ତିନିଗୋଟି ଯାକ ଗଳ୍ପ ତତ୍କାଳୀନ ସମୟରେ ପ୍ରଚଳିତ ଓଡ଼ିଆ ଭାଷାରେ ରଚିତ ହୋଇଥିଲେ ହେଁ ଲୋକକାହାଣୀ ଠାରୁ କୌଣସି ଗୁଣରେ ଭିନ୍ନ ମନେ ହୋଇ ନଥିଲା। ଡବ୍ଲୁ ସି ଲେସୀ ୧୮୫୫ ମସିହାରେ ହିତୋପଦେଶ, ନୀତିବୋଧ ଓ ୧୮୫୯ ମସିହାରେ ନୀତିକଥା ନାମକ ତିନୋଟି ପୁସ୍ତକ ପ୍ରକାଶ କରିଥିଲେ ମଧ୍ୟ ଏଥିରେ ପ୍ରାଚୀନ ଲୋକକାହାଣୀ ପରି ପଶୁପକ୍ଷୀ ମାନଙ୍କୁ ଚରିତ୍ର ଭାବେ ବ୍ୟବହାର କରାଯିବା ସହ ଗଳ୍ପର ପ୍ରାରମ୍ଭରେ ଗୋଟିଏ କବିତା ଓ ଶେଷରେ ଗୋଟିଏ ନୀତିବାଣୀ ସଂଯୁକ୍ତ କରାଯାଇଥିବାରୁ ପ୍ରାଚୀନ କାହାଣୀର ଅନୁରୂପ ମନେ ହୋଇଥିଲା। ସେ ସମୟରେ ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକର ଅଭାବ ଅନୁଭୂତ ହେଉଥିବାରୁ ଏହି ପୁସ୍ତକଗୁଡ଼ିକ ପାଠ୍ୟ ପୁସ୍ତକର ଚାହିଦା ପୂରଣ କରିପାରୁଥିଲା। ପିଲାମାନେ ବୁଝିପାରିବା ଭଳି କଥାବସ୍ତୁ, ଚରିତ୍ର ଓ ଭାଷା ବିନ୍ୟାସରେ ଗଳ୍ପକୁ

ISSN NO.
2582-208X

ଉଦ୍ଦେଶ୍ୟମୂଳକ ଭାବେ ସେହି ଅନୁରୂପ ଗଢ଼ାଯାଇଥିଲା। ୧୮୫୨ ମସିହାରେ ହ୍ୟାନା କ୍ୟାଥେରିନ ନ୍ୟୁଲେନ୍ସଙ୍କ ଦ୍ୱାରା ରଚିତ 'ଫୁଲମଣି ଓ କରୁଣାର ବିବରଣ' ରଚନାଟି ମନୋରଞ୍ଜନଧର୍ମୀ ଓ ନୀତିଶିକ୍ଷା ପ୍ରଦାୟୀ ହେଲେ ହେଁ ଏହା ଗଳ୍ପ କିମ୍ବା ଉପନ୍ୟାସ କୌଣସି ଏକ ଗଦ୍ୟ ରଚନାର ସ୍ୱତନ୍ତ୍ର ପରିବେଷ୍ଟନୀରେ ଆବଦ୍ଧ ହୋଇପାରିନଥିଲା। ତଥାପି ଏହି ରଚନା ସବୁ ଓଡ଼ିଆ କ୍ଷୁଦ୍ରଗଳ୍ପ ରଚନାର ପଥ ଉନ୍ମୁକ୍ତ କରି ଜଣେ ସୁଦକ୍ଷ ରଚନାକାରଙ୍କ ଆଗମନକୁ ବାଟଚାହିଁ ବସି ରହିଥିଲା। 'ତାରକା' ପତ୍ରିକାରେ ପ୍ରକାଶିତ ଅନେକ ଶିଶୁଗଳ୍ପ ମଧ୍ୟରୁ 'ପିତା ମାତାଙ୍କ ଆଜ୍ଞା ଲଭିବାର ଫଳ', 'ଏକ ଅଦ୍ଭୁତ କଞ୍ଚି', 'ଜଣେ ଦୟାଳୁ କ୍ରୀତଦାସର କଥା' ଓ 'ଛୁଅଁନାହିଁ ଛୁଅଁନାହିଁ' ଆଦି ଗଳ୍ପଗୁଡ଼ିକ କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ଦୟା, କ୍ଷମା ଆଦି ମାନବିକ ଗୁଣ ଉଦ୍ରେକ କରାଇବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଗଳ୍ପକଳା ଦୃଷ୍ଟିରୁ ଏସବୁ ଉଚ୍ଚକୋଟୀର ନଥିଲା। 'ଦୀପକ' ପତ୍ରିକାରେ ପ୍ରକାଶିତ ଗଳ୍ପ 'ବାରମୁଖୀ'ରେ ଜଣେ ବେଶ୍ୟାକୁ ଚରିତ୍ର ଭାବେ ସ୍ଥାନ ଦିଆଯାଇଥିଲା। ଚରିତ୍ରାୟନ ଦୃଷ୍ଟିରୁ ଏହି ଗଳ୍ପଟି ସ୍ମରଣୀୟ। ମାତ୍ର ବର୍ଣ୍ଣନାଧର୍ମିତା ଦୃଷ୍ଟିରୁ ଏହା ସଫଳ ଗଳ୍ପ ଭାବେ ସ୍ୱୀକୃତ ପାଇବାରୁ ବଞ୍ଚିତ ହୋଇଛି।

ଏହି ସମୟରେ ମଧୁସୂଦନ ରାଓ ତିନୋଟି ଆଖ୍ୟାନମୂଳକ ରଚନା ପ୍ରକାଶିତ କରିଥିଲେ। 'ଚନ୍ଦ୍ର ଓ ତାରା', 'ହେମମାଳା' ଓ 'ପ୍ରଣୟର ଅଦ୍ଭୁତ ପରିଣାମ' -ଏହି ତିନୋଟି ଯାକ ରଚନା ମଧ୍ୟରୁ 'ହେମମାଳା' କ୍ଷୁଦ୍ରଗଳ୍ପ ପରି ମନେହୁଏ। ଏଥିରେ ବର୍ଣ୍ଣନା, ବ୍ୟଞ୍ଜନା, ଉତ୍କଣ୍ଠା ଓ ପରିଣତିକୁ ବିଚାରକଲେ ଏହା ଏକ ସାର୍ଥକ ପ୍ରେମଗଳ୍ପ ବୋଲି ପ୍ରତୀୟମାନ ହୁଏ। ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନରେ ଅଂଶଗ୍ରହଣ କରିଥିବା ବିକ୍ରମ ନାମକ ଜଣେ ସୈନିକ ଆହତ ହୋଇ ପଡ଼ିରହିଥିବା ବେଳେ ଜଣେ ସନ୍ନ୍ୟାସୀଙ୍କ ସେବା - ଶୁଶ୍ରୂଷାରେ ଆରୋଗ୍ୟ ଲାଭ କରି ପୁନଶ୍ଚ ଯୁଦ୍ଧରେ ଯୋଗଦେଇ ରାଜାଙ୍କୁ ବିଜୟୀ କରାଇଛି। କିନ୍ତୁ ପ୍ରଥମ ଯୁଦ୍ଧ ପରେ ସେ ଘରକୁ ନଫେରିବାରୁ ତାର ମୃତ୍ୟୁ ସମ୍ବାଦ ପ୍ରଚାରିତ ହୋଇଛି। ବିକ୍ରମ ଘରକୁ ଫେରିବା ପରେ ତା'ର ବାଟଚାହିଁ ବସି ରହିଥିବା ପ୍ରେମିକା ହେମମାଳାର ମୃତ୍ୟୁ ହୋଇଛି। ଏହାପରେ ବିକ୍ରମ ଅବିବାହିତ ରହି ସନ୍ନ୍ୟାସୀଙ୍କ ଆଶ୍ରମରେ ରହିବାକୁ ନିଷ୍ପତ୍ତି ନେଇଛି। ଏହା ଆଧୁନିକ କ୍ଷୁଦ୍ରଗଳ୍ପ ପଦବାଚ୍ୟ ନହେଲେ ମଧ୍ୟ ତା'ର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇପାରିଛି।

ISSN NO.
2582-208X

ରାଧାନାଥଙ୍କ ରଚିତ 'ଇତାଲୀୟ ଯୁବା' ଏକ ଅନୁସୃତ ରଚନା ହେଲେ ମଧ୍ୟ ଏଥିରେ ଗଳ୍ପର କେତୋଟି ଲକ୍ଷଣ ଦେଖିବାକୁ ମିଳେ। ସ୍ୱଳ୍ପ ସଂଖ୍ୟକ ଚରିତ୍ର ଓ ସରଳରୈଖିକ କାହାଣୀର ଅବତାରଣା ଯୋଗୁଁ ଏହା ଗଳ୍ପଧର୍ମୀ ରଚନା ପରି ମନେହୁଏ। ପ୍ରଦୀପ ପତ୍ରିକାରେ ଧାରାବାହିକ ଭାବେ 'ଶ୍ରୀ' ଛଦ୍ମନାମରେ ରଚିତ 'ମଠର ସମ୍ବାଦ' ଏକ ଦୀର୍ଘ କାହାଣୀ ହେଲେ ମଧ୍ୟ ଏଥିରେ ବ୍ୟବହୃତ କଥାବସ୍ତୁ ଓ ବାସ୍ତବଧର୍ମୀ ଭାଷା ବିଭବକୁ ଲକ୍ଷ୍ୟକରି କୁହାଯାଇଛି- "'ମଠର ସମ୍ବାଦ' ଭିତରେ କେତୋଟି ଚିତ୍ରର ବର୍ଣ୍ଣନା ଦିଆଯାଇଛି। ସେଗୁଡ଼ିକରେ କ୍ଷୁଦ୍ରଗଳ୍ପର ଗଠନ ପରିପାଟୀ, ଶିଳ୍ପ ଆଭିମୁଖ୍ୟ ବା ସମଗ୍ର ସୌନ୍ଦର୍ଯ୍ୟ ପୂର୍ଣ୍ଣତଃ ପରିଦୃଷ୍ଟ ହୁଅନ୍ତି ନାହିଁ, ତଥାପି ଏଥିରେ ଥିବା ଭାଷା, ଆଧୁନିକ ରୁଚି ଅନୁକୂଳ ବିଷୟ ନିର୍ବାଚନ, ପ୍ରକାଶ ବୈଚିତ୍ର୍ୟ ଓ ବର୍ଣ୍ଣନା କୌଶଳ ସର୍ବାଂଶରେ ଆଧୁନିକ ଗଳ୍ପାଭିମୁଖୀ"(୧) (ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦),ପ୍ରକାଶକ- ଶ୍ରୀପ୍ରଫୁଲ୍ଲ କୁମାର ଧଳ, ଶ୍ରୀହୃଦାନନ୍ଦ ଭୋଳ, ପ୍ରଥମସଂସ୍କରଣ, ୧୯୬୪, ପୃଷ୍ଠା -୫୨୫)ଏହିପରି ଅନେକ ପ୍ରାଥମିକ ପ୍ରୟାସ ସାର୍ଥକ ଓଡ଼ିଆ ଗଳ୍ପକୁ ଜନ୍ମଦେଲା। ଏହି କ୍ରାନ୍ତିର ସୂତ୍ରଧର ହୋଇ ଓଡ଼ିଆ ଗଳ୍ପସାହିତ୍ୟକୁ ପ୍ରବେଶ କଲେ ବ୍ୟାସକବି ଫକୀରମୋହନ ସେନାପତି।

ଫକୀରମୋହନଙ୍କ ରେବତୀ ଗଳ୍ପକୁ ପ୍ରଥମ ସାର୍ଥକ ଓଡ଼ିଆ ଗଳ୍ପଭାବେ ବିଚାର କରି ଓଡ଼ିଆ ଗଳ୍ପର ପ୍ରଥମ ମାଇଲ ସ୍ତମ୍ଭ ରୂପେ ଚିହ୍ନିତ କଲେ ତତ୍ ପରବର୍ତ୍ତୀ ୨୨ ବର୍ଷଧରି ଓଡ଼ିଆ ଗଳ୍ପ ସାହିତ୍ୟରେ ବିଭିନ୍ନ ନୂତନତ୍ୱର ଆଗମନ ଘଟିଛି। ଫକୀରମୋହନଙ୍କ ଉଦ୍ୟମରେ ଗଳ୍ପସାହିତ୍ୟର ଯେଉଁ ନୂତନ ପଥଟି ଆବିଷ୍କୃତ ହୋଇଥିଲା, ପରବର୍ତ୍ତୀ ଗାଳ୍ପିକମାନେ ତାକୁ ହିଁ ଶଗଡ଼ଗୁଳା ମନେକରି ବାଟଚାଲିବାକୁ ଶ୍ରେୟ ମଣିଲେ। ଏ କ୍ଷେତ୍ରରେ ପତ୍ରପତ୍ରିକାର ଭୂମିକା ଥିଲା ସ୍ମରଣୀୟ। ଉତ୍କଳ ସାହିତ୍ୟ, ଉତ୍କଳ ପ୍ରଦୀପ, ବୋଧଦାୟିନୀ ଆଦି ପତ୍ରିକାର ସମ୍ପାଦକମାନେ କେବଳ ଗଳ୍ପ ନୁହେଁ ବରଂ କଥା ସାହିତ୍ୟ ସମସ୍ତ ଆଙ୍ଗିକ ପ୍ରକାଶନ ପ୍ରତି ଗୁରୁତ୍ୱ ପ୍ରଦାନ କଲେ। ବିଶ୍ୱ ସାହିତ୍ୟ ପ୍ରଭାବରେ ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରାଦେଶିକ ଭାଷାରେ ଗଳ୍ପ ରଚନା ପ୍ରତି ଆଗ୍ରହ ପରିଦୃଷ୍ଟ ହେଲା। ପଡ଼ୋଶୀ ବଙ୍ଗ ସାହିତ୍ୟରେ ଗଳ୍ପ ରଚନାରୁ ଓଡ଼ିଆ ଲେଖକମାନେ ପ୍ରଭାବିତ ହେବା କିଛି ବିଚିତ୍ର କଥା ନୁହେଁ। ଚନ୍ଦ୍ରଶେଖର ନନ୍ଦଙ୍କ ଉଦ୍ୟମରେ ପ୍ରଥମ ଗଳ୍ପ ସଂକଳନ 'ଚିତ୍ର'(୧୯୦୭) ପ୍ରକାଶ ପାଇବାପରେ ଅନ୍ୟ ଗାଳ୍ପିକମାନେ ନିଜର ଗଳ୍ପ ସଂକଳନ ପ୍ରକାଶ କରିଥିଲେ ହେଁ

ISSN NO.
2582-208X

ସଂକଳନଗୁଡ଼ିକ ଦୁଷ୍ପ୍ରାପ୍ୟ ହୋଇଥିବାରୁ ପ୍ରଥମ ପର୍ଯ୍ୟାୟ (୧୮୯୮-୧୯୨୦)ର ଗଳ୍ପ ସଂକଳନ ବଦଳରେ ପତ୍ରିକା ଲବ୍ଧ ଗଳ୍ପଗୁଡ଼ିକର ତାଲିକା ଉଲ୍ଲେଖ କରାଯାଇଛି।

ଫକୀରମୋହନଙ୍କ ଠାରୁ ଗଳ୍ପସାହିତ୍ୟର ଯେଉଁ ଧାରା ଆରମ୍ଭ ହୋଇଥିଲା, ପରବର୍ତ୍ତୀ ଗାଳ୍ପିକଙ୍କ ସେଇ ଧାରାକୁ ପ୍ରବାହିତ କରାଇଥିଲେ ସତ କିନ୍ତୁ ନୂତନ ଧାରା ସୃଷ୍ଟି କରିବାକୁ ସମର୍ଥ ହୋଇପାରିନଥିଲେ। ଯେଉଁ ବର୍ଷ ସାର୍ଥକ ଓଡ଼ିଆ ଗଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେଲା ଠିକ୍ ସେହିବର୍ଷ ଜନ୍ମନିଅନ୍ତି ଗୋଦାବରୀଶ ମହାପାତ୍ର। ଓଡ଼ିଆ ଗଳ୍ପର ଉନ୍ମେଷ ପର୍ଯ୍ୟାୟ ଭାବେ ଏହି ସମୟଖଣ୍ଡରେ ଓଡ଼ିଆ ଗଳ୍ପ ଶୈଶବର କୁଆଁରାବ ଶୁଣାଇ ତା'ର ଆଣ୍ଠେଇବା, ପେଟେଇବା, ଠୁକୁଠୁକୁ ଚାଲିବା ଭିତରେ ଲମ୍ବା ରେସ୍‌ରେ ଦୌଡ଼ିବା ପାଇଁ ପ୍ରସ୍ତୁତ ହେଉଥିଲା। ଦରୋଟି କଥାରେ ମନ ମୋହିନେଇ ଭାଷଣ ପ୍ରତିଯୋଗିତା ପାଇଁ ସ୍ୱର ଦୃଢ଼ କରୁଥିଲା। ବୟସ ବଢ଼ିବା ସହ ବରଗଛ ଶକ୍ତ ହେବାପରି ଓଡ଼ିଆ ଗଳ୍ପବୃକ୍ଷ ଶାଖାପ୍ରଶାଖାଯୁକ୍ତ ହୋଇ ବଳିଷ୍ଠ ରୂପ ଧାରଣ କଲା। ୧୯୦୩ ମସିହାରେ ମଧୁସୂଦନ ଦାସଙ୍କ ଉଦ୍ୟମରେ ସମଗ୍ର ଉତ୍କଳ ପ୍ରଦେଶର ଏକତ୍ରୀକରଣ ପାଇଁ ଉତ୍କଳ ସମ୍ମିଳନୀ ଗଠନ କରାଯାଇଥିଲା, ସେହି କ୍ରମରେ ଉତ୍କଳ ସାହିତ୍ୟ ସମାଜ ଗଠନ ମାଧ୍ୟମରେ ସାହିତ୍ୟକୁ ସଂଯୋଗର ସେତୁ ରୂପେ ବ୍ୟବହାର କରାଗଲା। ଗଞ୍ଜାମ ସମ୍ମିଳନୀ ପରେ ଉତ୍କଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଏହିପରି ସଭାମାନ ଅନୁଷ୍ଠିତ ହୋଇ ଓଡ଼ିଆମାନଙ୍କୁ ଏକତ୍ରିତ କରିବାର ପ୍ରଚେଷ୍ଟା କରାଗଲା। ଇଂରେଜମାନଙ୍କ ଚକ୍ରାନ୍ତରେ ବଙ୍ଗଭଙ୍ଗ ଆଇନ ପ୍ରଚଳିତ ହେବା ଯୋଗୁଁ ଭାରତୀୟମାନଙ୍କ ମନରେ ଇଂରେଜ ବିରୋଧୀ ଚେତନା ଜାଗ୍ରତ ହେଲା। ଧୀରେଧୀରେ ସ୍ୱତଃପ୍ରବୃତ୍ତ ଭାବରେ ଲୋକମାନଙ୍କ ମନରେ ଜାଗରଣ ସୃଷ୍ଟି ହେଲା। ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ ଇଂରେଜମାନଙ୍କ ପ୍ରତି ବିକ୍ଷୋଭ ପ୍ରଦର୍ଶନ କରାଗଲା।

ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ୧୯୧୪ ମସିହା ବେଳକୁ। ଭାରତ ପ୍ରତ୍ୟକ୍ଷ ଭାବରେ ଏହି ଯୁଦ୍ଧରେ ସଂପୃକ୍ତ ନଥିଲେ ହେଁ ବ୍ରିଟେନ୍‌କୁ ସମର୍ଥନ କରିବାକୁ ଯାଇ ଭାରତର ଅନେକ ସୈନିକ ଆହତ ହେବା ସହ ମୃତ୍ୟୁର ଶିକାର ହୋଇଥିଲେ। ଯୁଦ୍ଧ ଖର୍ଚ୍ଚ ବହନ କରିବା ପାଇଁ ଭାରତ ଯେଉଁ ଆର୍ଥିକ ବୋଝର ଶିକାର ହେଲା ତା'ର ପ୍ରଭାବରେ ସାଧାରଣ ଲୋକଙ୍କୁ ଅଧିକ ଟିକସ ଦେବାକୁ ପଡ଼ିଲା। ଯୁଦ୍ଧଜନିତ ଭୟାବହତା ସାଧାରଣ ଲୋକଙ୍କୁ ଭୟଭୀତ କରିପକାଇଲା। ଭାରତୀୟ ରାଜନୀତିରେ ଅଦ୍ଭୁତପୂର୍ବ ପରିବର୍ତ୍ତନ ଲକ୍ଷ୍ୟ କରାଗଲା

ISSN NO.
2582-208X

ଅସହଯୋଗ ଆନ୍ଦୋଳନ ସମୟରେ। ୧୯୧୫ ମସିହାରେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ଭାରତୀୟ ରାଜନୀତିର ମଙ୍ଗ ଧରିଲେ। ତାଙ୍କ ଆହ୍ୱାନରେ ଲକ୍ଷଲକ୍ଷ ଜନତା ଆନ୍ଦୋଳନରେ ଯୋଗଦେଲେ। ଆନ୍ଦୋଳନକାରୀଙ୍କ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ହରତାଳ ଓ ସ୍ୱାବଲମ୍ବୀ ହେବାର ଉଦ୍‌ଯୋଗ ଇଂରେଜୀ ଶାସକମାନଙ୍କୁ ବିଶେଷ ପ୍ରଭାବିତ କରିପାରିଥିଲା। କଂଗ୍ରେସ ନେତା ମହାତ୍ମା ଗାନ୍ଧିଙ୍କ ଏହି ଅହିଂସା ନୀତି ସର୍ବଜନ ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ଭାରତୀୟମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବା ଦିଗରେ ସଫଳ ଉଦ୍ୟମ ଭାବେ ପରିଗଣିତ ହେଲା। ଶିକ୍ଷା ବ୍ୟବସ୍ଥାର ଉନ୍ନତି ଯୋଗୁଁ ନୂତନ ଶିକ୍ଷିତ ଗୋଷ୍ଠୀ ବିଭିନ୍ନ ପାଶ୍ଚାତ୍ୟ ଗ୍ରନ୍ଥ ଅଧ୍ୟୟନ କରି ନିଜ ଭାଷା ଓ ସାହିତ୍ୟରେ ତା'ର ପ୍ରୟୋଗ କରିବାକୁ ମନବଳାଇଲେ। ଜାତିଗତ ଅସମାନତାକୁ ନେଇ ମହାତ୍ମା ଗାନ୍ଧି ସ୍ୱର ଉଠାଇବା ଫଳରେ ଓଡ଼ିଶାରେ ବିଭିନ୍ନ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀମାନେ ଜାତିପ୍ରଥା ବିଲୋପ ପାଇଁ ଆନ୍ଦୋଳନ ଚଳାଇଲେ। ଏହି ସମ୍ବେଦନଶୀଳତା ଗାଳ୍ପିକମାନଙ୍କୁ ସିଧାସଳଖ ପ୍ରଭାବିତ କଲା ଏବଂ ଏସବୁ ଚିତ୍ର ଗଳ୍ପରେ ସ୍ଥାନପାଇଲା।

ସ୍ୱାଧୀନତା କେବଳ ଏକ ରାଜନୀତିକ ସୀମାରେଖା ନୁହେଁ, ଗୋଟେ ପୁରାତନ ଯୁଗର ଅବସାନ ପରେ ନୂତନ ଯୁଗର ଅଭ୍ୟୁଦୟର କାଳଖଣ୍ଡ। ରାଜନୀତିକ, ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ବିବର୍ତ୍ତନର ସମୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଯୁଦ୍ଧ, ଦେଶ ବିଭାଜନ, ସ୍ୱାଧୀନତାର ସ୍ୱପ୍ନଭଙ୍ଗ, କୁଟୀର ଶିଳ୍ପର ବିଲୋପ ଓ ନୂତନ ରାଜନୀତିକ ବ୍ୟବସ୍ଥାର ଚଉହଦୀ ଭିତରେ ସ୍ୱାଧୀନତା ପରର ମଣିଷ ସନ୍ତୁଳିତ ହୋଇପଡ଼ିଛି। ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ୱାଧୀନତା ସଂଗ୍ରାମକୁ ନେଇ ହାତଗଣତି କେତୋଟି ଗଳ୍ପକୁ ବାଦ୍ ଦେଲେ ବିଶେଷ ଗଳ୍ପ ଦୃଷ୍ଟିଗୋଚର ହୁଏନାହିଁ କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟର ଗଳ୍ପ ସାହିତ୍ୟ ଅନେକ ଘଟଣା, ବିଚାର ଓ ଦର୍ଶନକୁ ନେଇ ବଳିଷ୍ଠ ହୋଇଛି। ଯେଉଁଠି ସମାଜ ଥିଲା ଗଳ୍ପର ପ୍ରମୁଖ ଉପାଦାନ, ସେଇ ଉପାଦାନ ହେଲା ବ୍ୟକ୍ତି। ବ୍ୟକ୍ତି ଚରିତ୍ର ହିଁ ଗଳ୍ପର ମୁଖ୍ୟ ବିଷୟବସ୍ତୁ ପାଲଟିଗଲା। ଗଳ୍ପର କଥାବସ୍ତୁ କାହାଣୀ ଅପେକ୍ଷା ବ୍ୟକ୍ତିଜୀବନର ସମସ୍ୟା ଓ ମଣିଷର ମାନସିକ ସ୍ଥିତିର ଚିତ୍ର ଲକ୍ଷ୍ୟ କରାଗଲା। ବିଷୟବସ୍ତୁରେ ନୂତନତ୍ୱ ଓ ଉପସ୍ଥାପନା ଶୈଳୀରେ ବୈଚିତ୍ର୍ୟ ପରିଲକ୍ଷିତ ହେଲା। ଗାଆଁର ପରିବେଶ ପରିବର୍ତ୍ତେ ନଗରସଭ୍ୟତା ଓ ସହରୀ ଜୀବନର ବାତାବରଣର ଚିତ୍ର ସ୍ଥାନପାଇଲା।

ISSN NO.
2582-208X

ବାଲ୍ୟ ବିବାହ ପ୍ରଥା ଓ ସତୀଦାହ ଆଦି କୁସଂସ୍କାରର ବିଲୋପ ପାଇଁ ଉଭୟ ସରକାରୀ ଓ ସାମାଜିକ ସଂଗଠନ ପକ୍ଷରୁ ଉଦ୍ୟମ ଆରମ୍ଭ ହେଲା। ଜାତିପ୍ରଥାର ବିଲୋପ ନିମନ୍ତେ ମହାତ୍ମା ଗାନ୍ଧି ୧୯୩୩ ମସିହାରୁ ଉଦ୍ୟମ ଆରମ୍ଭ କରିଥିଲେ। ରାଜା ରାମମୋହନ ରାୟଙ୍କ ଉଦ୍ୟମକ୍ରମେ ଲର୍ଡ ଉଇଲିୟମ ବେଣ୍ଟିକ୍ ସତୀଦାହ ପ୍ରଥାକୁ ଉଚ୍ଛେଦ କରିଥିଲେ। ବାଲ୍ୟବିବାହ ବନ୍ଦ କରିବା ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ସାମାଜିକ ପ୍ରସଙ୍ଗଗୁଡ଼ିକ ଓଡ଼ିଆ ଗଳ୍ପସାହିତ୍ୟକୁ ସିଧାସଳଖ ଭାବେ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଏ।

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ମଣିଷର ମାନସିକତାକୁ ପ୍ରଭାବିତ କଲା ଫ୍ରଏଡ୍‌ଙ୍କ ମନସ୍ତତ୍ତ୍ୱ, ଇଲିଅଟ୍‌ଙ୍କ କବିତା, ପିକାଶୋଙ୍କ ଚିତ୍ର, କାର୍ଲମାର୍କ୍ସଙ୍କ ଶ୍ରେଣୀସଂଘର୍ଷ ଓ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ପ୍ରଭୃତି। କାର୍ଲମାର୍କସ୍‌ଙ୍କ ପ୍ରବର୍ତ୍ତିତ ମାର୍କ୍ସବାଦର ପ୍ରଭାବରେ ସମଗ୍ର ବିଶ୍ୱରେ ଏକ କ୍ରାନ୍ତି ଲକ୍ଷ୍ୟ କରାଗଲା। ଓଡ଼ିଶାରେ ତା'ର ପ୍ରଭାବ ସୁଦୂରପ୍ରସାରୀ। ବିଶେଷତଃ ଏହି ସମୟର ଗାଳ୍ପିକମାନେ ସିଧାସଳଖ ଭାବେ ବାମପନ୍ଥୀ ଦଳ ସହ ସଂଶ୍ଲିଷ୍ଟ ରହି ଗଳ୍ପରେ ସେହି ଚେତନାକୁ ସ୍ଫୁରଣ କରୁଥିବା ଦେଖାଯାଇଛି। ଫ୍ରଏଡ୍‌ଙ୍କ ମନସ୍ତତ୍ତ୍ୱ ବିଶ୍ଳେଷଣ ଅଧ୍ୟୟନ ମାଧ୍ୟମରେ ଓଡ଼ିଆ ଗାଳ୍ପିକମାନେ ଗଳ୍ପ ସାହିତ୍ୟରେ ଯୌନ ଚେତନାର ବିମୁକ୍ତ ପରିପ୍ରକାଶ ଆରମ୍ଭ କଲେ ଏହି ଦଶନ୍ଧିରେ। ମଣିଷ ମନର ଏହି ସଂଗୁପ୍ତ ଭାବନାକୁ ଗାଳ୍ପିକମାନେ ସିଧାସଳଖ ବାଢ଼ିଦେଇ ମଣିଷର ପ୍ରକୃତ ସ୍ୱରୂପ ଉନ୍ମୋଚନ କରିବାରେ ସକ୍ଷମ ହୋଇଛନ୍ତି। ନାରୀ-ପୁରୁଷ ମଧ୍ୟରେ ଥିବା ଆକର୍ଷଣ, ଅନୁରାଗ, ଯୌନ ପ୍ରବୃତ୍ତି ଓ ଆବେଗ ସ୍ପଷ୍ଟ ରୂପେ ବର୍ଣ୍ଣିତ ହୋଇଛି ଏହି ସମୟର ଗଳ୍ପଗୁଡ଼ିକରେ। ଗଳ୍ପ ଆଉ କାହାଣୀ ବର୍ଣ୍ଣନାର ସ୍ଥାନ ନହୋଇ ମନୋବିଶ୍ଳେଷଣର ମାଧ୍ୟମରେ ରୂପାନ୍ତରିତ ହୋଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ(୧୯୩୮-୧୯୪୫)ର ଭୟାବହ ପରିଣତି ମଣିଷର ମାନସିକତାରେ ଯେଉଁ ସୁଦୂରପ୍ରସାରୀ ପ୍ରଭାବ ସୃଷ୍ଟି କଲା ତାହାର ଫଳସ୍ୱରୂପ ମଣିଷକୁ ଆବୋରି ବସିଲା ମୃତ୍ୟୁ ଚେତନା। ଚତୁର୍ଦ୍ଦିଗରେ ଭୟ ଓ ଆଶଙ୍କାରେ କାତର ହୋଇ ମଣିଷ ଏକ ଦୁର୍ବିସହ ଜୀବନ ବଞ୍ଚିବାକୁ ଲାଗିଲା। ସମଗ୍ର ବିଶ୍ୱ ଯେତେବେଳେ ଭୟରେ କାତର ହୋଇ ପ୍ରାଣରକ୍ଷା ପାଇଁ ଶଙ୍କିତ ଦୃଷ୍ଟିରେ ଚାହିଁ ରହିଥିଲା, ଭାରତ ସେଥିରୁ ବାଦ୍ ପଡ଼ିବ କିପରି! ଭାରତର ଗୋଟିଏ ରାଜ୍ୟ ଭାବରେ ଓଡ଼ିଶାର ସ୍ଥିତି ଟଳମଳ ହେବାକୁ ଲାଗିଲା। ଶିକ୍ଷାର ବିକାଶ ହେତୁ ନବ୍ୟ

ISSN NO.
2582-208X

ପାଠକଗୋଷ୍ଠୀ ପାଇଁ ଭାଷା ଆଉ ପ୍ରତିବନ୍ଧକ ହୋଇ ରହିନଥିଲା। ସମଗ୍ର ବିଶ୍ୱ ସାହିତ୍ୟକୁ ଅଧ୍ୟୟନ କରୁଥିବା ଏହି ପାଠକମାନଙ୍କ ମନରେ ଯୁଦ୍ଧର ପରିସ୍ଥିତି ଘେନି ଯେଉଁ ଛାପ ସୃଷ୍ଟି ହେଲା, ତାହା ସେମାନଙ୍କ କଲମ ମାଧ୍ୟମରେ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କଲା। "ସେହିପରି ଆଙ୍ଗିକ କ୍ଷେତ୍ରରେ ସଳଖ କଥାଟିଏ କହି ଗପ ବାଢ଼ିବାର ଧାରାରେ ଗୋଦାବରୀଶ ମହାପାତ୍ରଙ୍କ ସଂଳାପଧର୍ମିତା, ରାଜକିଶୋର ପଟ୍ଟନାୟକଙ୍କ ନିସ୍ପୃହ-ଗଦ୍ୟ ବର୍ଣ୍ଣନା, ରାୟଙ୍କର ଭାଷା ଫୁଲଝରି, କାଳିନ୍ଦୀଙ୍କ କାବ୍ୟିକତା, ସଚ୍ଚିଦାନନ୍ଦଙ୍କ ସମ୍ବେଗ, ଗୋପୀନାଥଙ୍କ ମନମନ୍ଥନର ଟିକିନିଖି ବର୍ଣ୍ଣନା ଯେଉଁ ପରିବର୍ତ୍ତନର ସଂକେତ ସୃଷ୍ଟି କରିଥିଲା ସେହି କଥାକାରଙ୍କ ଦ୍ୱାରା ସ୍ୱାଧୀନତା ପର ଓଡ଼ିଆ ଗଳ୍ପରେ ଆଙ୍ଗିକ କୌଶଳର ନାନା ଦିଗ ଓ ପ୍ରସ୍ଥ ପ୍ରୟୋଗ ହେଲା।"(୨) (ସଂପାଦନା, ଦାସ, ଗୌରହରି, ଓଡ଼ିଆ ଗଳ୍ପ କାଲି, ଆଜି ଓ କାଲି, ସାହିତ୍ୟ ଅକାଦେମି, ନୂଆଦିଲ୍ଲୀ, ପ୍ରଥମ ସଂସ୍କରଣ- ୨୦୧୪, ପୃଷ୍ଠା -୫୫) ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ; ଅସହଯୋଗ, ଆଇନ ଅମାନ୍ୟ ଓ ଭାରତଛାଡ଼ ଆନ୍ଦୋଳନ; ନବଭାରତ, ଶଙ୍ଖ, ସହକାର ଆଦି ପତ୍ରିକାଗୁଡ଼ିକର ପ୍ରକାଶନ ଓଡ଼ିଆ ଗଳ୍ପସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କଲା। ଧର୍ମକୁ ନେଇ ସନ୍ଦେହ ପ୍ରକାଶ ପାଇଲା, ପାପପୂଣ୍ୟର ବିଚାରବୋଧ କ୍ରମେ ଶିଥିଳ ହୋଇପଡ଼ିଲା। ଦାର୍ଶନିକମାନଙ୍କର ବିଭିନ୍ନ ମତବାଦ ଗାଳ୍ପିକମାନଙ୍କୁ ଚିନ୍ତାଶୀଳ ହେବାକୁ ବାଧ୍ୟ କରିଛି। ପରିବର୍ତ୍ତିତ ସମାଜ ବ୍ୟବସ୍ଥା ମଣିଷକୁ ସ୍ଥୂଳ ଭାବରେ ପ୍ରଭାବିତ କଲା। ଏହି ସମୟଖଣ୍ଡରେ ଆତ୍ମପ୍ରକାଶ କରିଥିବା ଗାଳ୍ପିକଗଣ ପରବର୍ତ୍ତୀ ଦୁଇ-ତିନିଦଶନ୍ଧି ଯାଏଁ ଅପ୍ରତିହତ ଭାବେ ଗଳ୍ପ ରଚନା କରିଛନ୍ତି।

ଗଦ୍ୟ ସାହିତ୍ୟର ପରିବର୍ତ୍ତିତ ରୂପ ଭାବରେ ହେଉ ଅଥବା ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବରେ ହେଉ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଦୁଇଟି ବଳିଷ୍ଠ ରୂପ ଘେନି ଗଳ୍ପ ଓ ଉପନ୍ୟାସ ଉଭୟ ଆତ୍ମପ୍ରକାଶ କରିଥିଲେ। ଯମଜ ସନ୍ତାନଙ୍କ ସମାନ ରୂପଭଳି ଆଦ୍ୟକାଳରେ ଉଭୟଙ୍କ ମଧ୍ୟରେ ପ୍ରଭେଦ ନିରୂପଣ କରିବା କଷ୍ଟକର ଥିଲା ମାତ୍ର ସମୟର ସୂର୍ଯ୍ୟାଲୋକରେ କୁହୁଡ଼ି ଅପସାରଣ ପରି ଦ୍ୱନ୍ଦ୍ୱ ଦୂର ହୋଇ ଉଭୟ ନିଜନିଜର ସ୍ୱତନ୍ତ୍ର ରୂପ ଓ ଆତ୍ମାନେଇ ନିଜର ପରିଚୟ ସୃଷ୍ଟି କରିବାରେ ସମର୍ଥ ହେଲେ। ସଂପ୍ରତି ଗଳ୍ପତା'ରନିଜସ୍ୱ ପରିଚୟରେ ଦୀପ୍ତିମାନ। ଗଳ୍ପ ବିଭାଗରେ ଲେଖକମାନଙ୍କ ରୁଚିବୋଧ, ପ୍ରସଙ୍ଗ ଓ ରୂପକୁ ନେଇବି ଭିନ୍ନ ପରୀକ୍ଷା ନିରୀକ୍ଷା ପାଠକୀୟ ଆଦୃତି ପାଇଁ ବିଶେଷ ଭୂମିକା ଗ୍ରହଣ କରିଛି।

ISSN NO.
2582-208X

ଉପରୋକ୍ତ ଆଲୋଚନାରେ ଗଳ୍ପର ମୁହୂର୍ମୁହୁ ପରିବର୍ତ୍ତନର ବିଭିନ୍ନ କାରଣ ସଂପର୍କରେ ଚର୍ଚ୍ଚା କରାଯାଇଛି । ଓଡ଼ିଆ ଗଳ୍ପ ଏହିପରି ସୀମାହୀନ ପଥରେ ଅଗ୍ରସର ହୋଇ ବିଶ୍ୱ ସାହିତ୍ୟରେ ନିଜ ରପରିଚୟକୁ ଅକ୍ଷୁର୍ଣ୍ଣ ରଖିବ, ଏଥିରେ ସନ୍ଦେହ ନାହିଁ ।

(((-)))

ଅଧ୍ୟାପକ, ଓଡ଼ିଆ ବିଭାଗ
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ସାଲେପୁର
ଫୋନ୍ - ୮୮୪୭୮୮୧୩୯୭

ISSN NO.
2582-208X

# ଗତକାଲି



ନାରାୟଣ ରାଉତ

ଗତକାଲି କାହାର କଣ୍ଠସ୍ୱର ଶୁଣି..
ମୋର ଏକାଗ୍ରତା ଭାଙ୍ଗିଗଲା
ଜୀବନର ଘଡିସନ୍ଧି ମୁହୂର୍ତ୍ତରେ
ସମୟ କେତେ ?
ତୁମର ପଚାରିବାର ତାଡନାରେ
ମୁଁ ପୁରା ବିଚଳିତ ନ ହେଲେବି
କିଛିମାତ୍ରା ରେ କ୍ଷୁବ୍ଧ
କିନ୍ତୁ; ତୁମର କଣ୍ଠସ୍ୱର
ଶାନ୍ତ, କ୍ଲାନ୍ତ ଓ ସ୍ୱାଭାବିକ!
ସମୟ ପଚାରିବା ତୁମର
ଦାୟିତ୍ୱ ହୋଇ ନ ପାରେ
ମାତ୍ର; କହିବା ମୋର କର୍ତ୍ତବ୍ୟ ଥିଲା
ହେଲେ ମୁଁ କଲି କଣ ?
ଛଳନା, ଅଭିନୟ ଓ ପ୍ରତାରଣା
ହେଇପାରେ ତୁମ ପାଇଁ
ହାତରେ ଘଡ଼ି ଥାଏ ସତ
ସମୟ ଦେଖିବା ମତେ ଜଣା ନଥାଏ
ମୋ ପାଇଁ କେବଳ ସେଇ ଦିନ
ପରୀକ୍ଷା ଚିନ୍ତା ମୋ ମୁଣ୍ଡ ଉପରେ

ISSN NO.
2582-208X

ଚକାମାଡ଼ି ବସିଥାଏ
କଳା ବାଦଲ ଭରା ଆକାଶ ପରି
ପୁଣି ଦେଖି ତୁମର ସରଳତା
ମୁଗ୍ଧଭରା ଚକ୍ଷୁ ଯୁଗଳକୁ...
ତୁମ ହାତକୁ ବଢ଼ାଇ ଦେଇଥିଲି
ମୋ ହାତପିନ୍ଧା ସୁବର୍ଣ୍ଣ ରଙ୍ଗ
ପଲେପିତ ଘଡିଟିକୁ..

(((-)))

ନଛିପୁର, ଖଇରା, ବାଲେଶ୍ୱର
ମୋ -୮୫୯୪୮୫୩୫୯୩

ISSN NO.
2582-208X

# ସଜାଗେ ହଟେ ସମସ୍ୟା



ନରେନ୍ଦ୍ର ପ୍ରସାଦ ବେହେରା

ଶୀତ ପରେ ଗ୍ରୀଷ୍ମ ଏ ଧରା ଧାମକୁ
ଆସିଅଛି ଅବତରି
ଜଳାଭାବ ଏବେ ପାଉଅଛି ବୃଦ୍ଧି
ହେଉଛନ୍ତ ଲୋକେ ଘାରି ।୧।

ଜଳାଶୟ ଆଉ ଦିଶୁନ ଗାଆଁରେ
ହୋଇଲାଣି ସବୁ ପୋତା
ଗାଆଁ ଭାଗବତ ଘରେ ଝୁଲେ ଗୁବି
ପଢୁନାହିଁ କେହି ଗୀତା ।୨।

ପୋତି ତ ଗଲାଣି ଗାଆଁ ଦାଣ୍ଡ କୂଅ
ଓଟାଳୁ ନାହାନ୍ତ କେହି
ଦଉଡ଼ି ବାଲଟି ପଡୁନାହିଁ ଖୋଜା
କୂଅ କଣ୍ଠା ଯାଏ ରହି ।୩।

ସଞ୍ଜ ଓ ସକାଳେ କୂଅ ଗୁରିପାଖେ
ଦିଶୁନ କହାର ମେଳ

ISSN NO.
2582-208X

ପାଣି ପାଇଁ ଦିନେ ପରସ୍ପର ମଧ୍ୟେ
 ହେଉଥିଲା ବହୁ କଳି ।୪।

ପୁରୁଣା କାଳର ପୁରୁଣା କାହାଣୀ
 ଚଳୁନାହିଁ ବର୍ତ୍ତମାନ
ଘରେଘରେ ନଳ କୂଅ ଖୋଳକରି
 ଠାକୁରଙ୍କୁ କରେ ସ୍ନାନ ।୫।

ସେଇ ନଳକୂପ ଜଳସ୍ତର ପୁଣି
 ସୁଖିବ ଗ୍ରୀଷ୍ମ ଦିନରେ
ହୁଅ ସାବଧାନ ହେ ମାନବ ଭାଇ
 କହୁଛି ଶୁଣିବ ଥରେ ।୬।

ମରାମତି ପାଇଁ ଆସୁନାହିଁ ଅର୍ଥ
 କହୁଛନ୍ତୁ ଅଫିସର
ଜଳବିନା ଜୀବ ବଞ୍ଚିଛି ଜଗତେ
 ଦେଖିଛ କି କେହି ନର ।୭।

ସତର୍କ କରାଇ ଦେଉଛି ସଭିଙ୍କୁ
 ଶୁଣବାରେ କର୍ଣ୍ଣଡେରି
ସଜାଗ ରହିଲେ ପାନୀୟ ସମସ୍ୟା
 ଆପେ ଯିବ ଅପସରି ।୮।

(((-)))

ସମ୍ପାଦକ – ମୋ ଅନୁଷ୍ଠାନ, ଆଳଦା,
ଖଇରା, ବାଲେଶ୍ୱର,
ମୋ–୯୮୫୩୧୪୨୫୧୦

ISSN NO.
2582-208X

# ଜୀବନେ ବିତିଛି ଅନେକ ସମୟ



ନରଞ୍ଜନ ସାହୁ

ଅନେକ ସମୟ ଜୀବନେ ବିତିଛି
ଅଛି ଅବଶିଷ୍ଟ କ୍ଷଣ
ଏହି ଜୀବନକୁ ଜୀଇଁବାକୁ ହେବ
କରିକ ଜୀବନ ରଣ ।

ବିତି ଯାଇଥିବା ସମୟଗୁଡିକ
ଆଉ ତ ଫେରିବ ନାହିଁ
ସେହି ସମୟକୁ ଭୁଲବା କାହିଁକି
ବିଗତ ଦିନକୁ ଗୃହିଁ
ଆଗାମୀ ସମୟ ଉପଯୋଗ କର
ସାମାନ୍ୟ ତାକୁ ନ ମଣ ।

ଏହାରି ଭିତରେ ଯେଉଁ ସମୟରୁ
ଯାହା ମିଳଅଛି ଶିକ୍ଷା
ସେହି ସମୁଚତ ଶିକ୍ଷାକୁ ସଭିଏଁ
ଜୀବନେ କରିବା ଦୀକ୍ଷା
ସେହି ଅନୁସାରେ ନଜକୁ ସଜାଡ
ଅନୁଭବି ଜନଗଣ ।

ISSN NO.
2582-208X

ଯାହାକଛି ଆମେ ଭୁଲ କରିଅଛେ
ତାହା ଅନୁତାପ କରି
ସେହି ଭୁଲ ଆଉ କେବେ କରିବାନ
ସେ ଉପାୟ ଆମେ ଧରି
ଉଚତ ମାର୍ଗରେ ଗୃଲିବା ପାଇଁକ
ଗ୍ଜି ହେବା ଜଣଜଣ ।

ସମୟର ଅପଚୟ ନ କରିକ
କରିବା ଉଚତ କର୍ମ
କଏ ଜାଣେ କେବେ ମୃତ୍ୟୁ ଆସିଯିବ
ପାଳବାକୁ ତା'ର ଧର୍ମ
ପଲ୍ଲବିତ ହେଉ ଆମ ଜୀବନର
ଭ୍ଗ୍ୟ ପର୍ଣ୍ଣମୋଚୀ ବଣ ।

(((-)))

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ଶେଷ ଅଙ୍କରେ ସାରିପୁତ୍ତ

ଏପରି ଭର୍ତ୍ସନା ଶୁଣିବା ସତ୍ତ୍ୱେ, କ୍ରୋଧରହିତ ସାରିପୁତ୍ତ ମାତା ଦେଇଥିବା ସମସ୍ତ ପରଶା ଖାଦ୍ୟକୁ ଆନନ୍ଦ ମନରେ ଖାଇ ଶେଷ କରିଥିଲେ ଏବଂ ନଳକ ଗ୍ରାମ ଛାଡି ନିଜ ବିହାରକୁ ଫେରି ଆସିଥିଲେ । ସାରିପୁତ୍ତ ଜାଣିଥିଲେ ଯେ ଶ୍ରମଣମାନଙ୍କୁ ନିଜ ଗ୍ରାମକୁ, ନିଜ ଆତ୍ମୀୟ ପରିଜନମାନଙ୍କ ପାଖକୁ ଭିକ୍ଷା ମାଗି ଯିବା ମନା । କାରଣେ ଏହାଦ୍ୱାରା ଶ୍ରମଣର ମନରେ ଅଯଥ ଭାବାବେଗ ସୃଷ୍ଟି ହୋଇଥାଏ । ତଥାପି ମାତାଙ୍କ ସହିତ ଘଟିଯାଇଥିବା ସମସ୍ତ ଘଟଣାକୁ ସାରିପୁତ୍ତ ତଥାଗତଙ୍କୁ ଜଣାଇଲେ । ଭାବିଥିଲେ ତଥାଗତ ଏପରି ଭୁଲ୍ କରିଥିବା ଯୋଗୁଁ ଭର୍ତ୍ସନା କରିବେ । କିନ୍ତୁ ପରମ କାରୁଣିକ ତଥାଗତ କହିଲେ –

ସାରିପୁତ୍ତ ! କ୍ରୋଧରୁ ଯିଏ ମୁକ୍ତ, ସେ ନିଜର ଦାୟିତ୍ୱ ଓ କର୍ମ ପୂର୍ଣ୍ଣ ବିଶ୍ୱାସର ସହିତ କରିଥାନ୍ତି । ଉପଦେଶକୁ ନିଷ୍ଠାର ସହ ପାଳନ କରି ମୁକ୍ତ ରହିଥାନ୍ତି । ସବୁ ପ୍ରକାର ନିନ୍ଦା ଅପବାଦରୁ ସେମାନେ ଉର୍ଦ୍ଧ୍ୱରେ । ସେ ଦୃଷ୍ଟିରୁ ତୁମେ ହେଉଛ ଯଥାର୍ଥ ବ୍ରାହ୍ମଣ । ଅତଏବ ଗ୍ଲାନିରହିତ ହୁଅ ।

ଇଏ ଥିଲା କାହିଁ କେତେ ବର୍ଷ ତଳର କଥା । ଯେବେ ରାହୁଳ ଜୀବିତ ଥିଲେ । ବର୍ତ୍ତମାନ ଯେ ଦ୍ୱିତୀୟ ଥର ପାଇଁ, ଏପରିକି ଶେଷଥର ପାଇଁ ସାରିପୁତ୍ତ ଯାଉଛନ୍ତି ମାତାଙ୍କୁ ଭେଟିବା ପାଇଁ । ମାତା ଭର୍ତ୍ସନା କରିପାରନ୍ତି, କିନ୍ତୁ ସବୁକିଛିକୁ ସହିନେବାକୁ ସାରିପୁତ୍ତ ପ୍ରସ୍ତୁତ ।

ସାମାନ୍ୟ ଶବ୍ଦରେ ସାରିପୁତ୍ତଙ୍କ ଧ୍ୟାନ ଭାଙ୍ଗିଗଲା । ଦେଖିଲେ କିଛି ଲୋକ ଗ୍ରାମକୁ ସେଇ ରାସ୍ତାଦେଇ ଫେରୁଛନ୍ତି । ତା ଭିତରେ ଥିଲେ ସାନ ଭାଇ ରେବତୀଙ୍କ ପୁତ୍ର ଉପରେବତା ।

ISSN NO.
2582-208X

ଜ୍ୟେଷ୍ଠ ଭ୍ରାତାଙ୍କ ପଦାଙ୍କ ଅନୁସରଣରେ ଅନ୍ୟ ଭାଇ ଓ ଭଉଣୀମାନେ ପ୍ରବ୍ରଜ୍ୟାରେ ଦୀକ୍ଷିତ ହୋଇଥିଲେ । ସାନ ଭାଇ ରେବତୀ ବିବାହ କରିଥିଲେ; କିନ୍ତୁ ପରେପରେ ପରିବାର ଛାଡି ସଙ୍ଘରେ ଯୋଗ ଦେଇଥିଲେ । ବର୍ତ୍ତମାନ ସେଇ ଭାଇଟିର ପୁତ୍ର ନିଜ ପିତାମହୀଙ୍କ ସହ ଘରେ ରହୁଛନ୍ତି । ଭିଡା ଭିତରେ ତାଙ୍କୁ ଚିହ୍ନି ନେବାରେ କୌଣସି ଅସୁବିଧା ହେଲାନାହିଁ ।

ସାରିପୁତ୍ତ ପଚାରିଲେ - ଉପରେବତା ! ତୁମ ପତାମହୀ ଘରେ ଅଛନ୍ତି ତ? ଉପରେବତା ଦୀର୍ଘ ବର୍ଷ ଧରି ପିତାମହୀଙ୍କଠୁ ଶୁଣି ଆଉଛନ୍ତି - ଜ୍ୟେଷ୍ଠ ପୁତ୍ର ପ୍ରତି ତାଙ୍କ ମନରେ ଥିବା ଆସକ୍ତି ଓ ବିରକ୍ତି । ଘରେ ଯେ ଏକ ବିସ୍ଫୋରଣ ଘଟିବ - ଏଥିରେ ଦ୍ୱିମତ ନଥିଲା । ସାମୟିକ ସମୟ ପାଇଁ ସେ ହେଲେ ଅନ୍ୟମନସ୍କ । ତାଙ୍କୁ ପ୍ରକୃତିସ୍ଥ କରାଇ ସାରିପୁତ୍ତ ପୁନନ୍ଶ କହିଲେ- ଯାଅ ପୁତ୍ର, ମୋର ଆଗମନରେ ବାର୍ତ୍ତା ତୁମ ପିତାମହୀଙ୍କୁ ଜଣାଇଦିଅ । ମୁଁ ଜନ୍ମ ହେଇଥିବା ଘରେ ଗୋଟିଏ ଦିନ ରହିବାକୁ ଆସିଛି । ତେଣୁ ସେଇ ଘରଟିକୁ ସଫାସୁତରା କରିଦେବ । ପୁଣି ମୋ ସାଥିରେ ଆସିଥିବା ପାଞ୍ଚଶତ ଭିକ୍ଷୁଙ୍କ ପାଇଁ ଭୋଜନର ବ୍ୟବସ୍ଥା କରିଦେବ ।

ଉପରେବତା ତତକ୍ଷଣାତ୍ ଏ ବିଷୟ ଯାଇ ପିତାମହୀଙ୍କୁ କହିଲେ । ବୃଦ୍ଧା ସାରି ଅବେଳରେ ପୁତ୍ରର ଏପ୍ରକାର ଆଗମନ କଥା ଶୁଣି ପ୍ରଥମେ ତଟସ୍ତ ହୋଇଗଲେ । ଖୁସି ବି ହେଲେ, ସନ୍ଦେହରେ ବି ପଡିଗଲେ । ଅଶୀ ବର୍ଷ ଅତିକ୍ରମ କରିଥିବା ଜ୍ୟେଷ୍ଠ ପୁତ୍ର, ଏବେ ବି ତାଙ୍କ ଆଗରେ ଶିଶୁ, ଅଜ୍ଞାନ । ଜୀବନରେ ପ୍ରଥମ ଥର ପାଇଁ ମାତୃତ୍ୱର ସମ୍ମାନ ଦେଇ ଆତ୍ମହରା କରାଇଥିବା ଏହି ଜ୍ୟେଷ୍ଠ ପୁତ୍ରଟିର କି ଅସୁବିଧା ହେଲା ଯେ ସେ ଆସି ଗୃହସ୍ଥଙ୍କ ପରି ଘରେ ରହିବାକୁ ଚାହୁଁଛି ?

ଭିକ୍ଷୁମାନଙ୍କୁ ସାଥିରେ ଧରି ସାରିପୁତ୍ତ ନିଜ ଘର ଅଗଣାରେ ପହଞ୍ଚିଗଲେ । ପୁଣି ଏକଲା ନିଜ ଷଠୀଘରେ ପ୍ରବେଶ କଲେ । କହିବା ମୁତାବଅ ସବୁକିଛି ସଫା ହୋଇସାରିଥାଏ । ଘରର ଚତୁଷ୍କୋଣ, କାନ୍ଥବାଡ ତଥା ନଡା ଛପରର ଛାତଟିକୁ ଦେଖି ଭାବନାରେ ଡୁବିଗଲେ । ପିତା କେବେଠୁ ସଂସାର ଛାଡି ସାରିଲେଣି । ଦେଖୁଦେଖୁ ମାତା ବି ଶହେ ବର୍ଷ ପାର ଗଲେଣି । ସେ ନିଜେ ଆଜି ଅଶୀତିପର ବୃଦ୍ଧ । ଆହୁରି ପୁଣି କଣ ବାକି ଅଛି ଯେ ଜୀବନ ଶିଖେଇ ଚାଲିଛି? ଏହି ଘରଟି ଛାଡିଲା ବେଳକୁ ସେ ଯେ ଥିଲେ ଜଣେ ଉଦ୍ଦାମ ଯୁବକ ।

ISSN NO.
2582-208X

ଭୋଜନ ପରେ ସାରିପୁତ୍ତଙ୍କୁ ଛାଡି ଅନ୍ୟମାନେ ଆଖପାଖରେ ତୋଟାବାଡି, ଘନ ଆମ୍ରକୁଞ୍ଜ ଭିତରକୁ ଚାଲିଗଲେ । ସାରିପୁତ୍ତ ପଡି ରହିଲେ ନିଜ ଷଠୀଘରେ ।

ସାରିପୁତ୍ତଙ୍କୁ ଅଚାନକ ଧରିଲା ଆମାଶୟ । ପେଟରେ ଯନ୍ତ୍ରଣା ଏତେ ବଢି ଚାଲିଲା ଯେ ସେ ଅସମ୍ଭାଳ ହୋଇ ପେଟକୁକ୍ ଜାବୁଡି ଧରି ଭୂଇଁ ଉପରେ ପଡିଗଲେ । ମୃତ୍ୟୁ ସମୟ ବୋଧେ ପାଖେଇ ଆସୁଥିଲା । ତେଣୁ ମୃତ୍ୟୁ ଦେବତା ଚରମାନଙ୍କୁ ପଠେଇଥିଲେ । ପୁଅର ଏ ଯନ୍ତ୍ରଣା ଦେଖି ମାତା ଆସି ପୁତ୍ର ପାଖରେ ଠିଆ ହେଲେ । ସାରିପୁତ୍ତ ଅର୍ଦ୍ଧଶାୟିତ ଅବସ୍ଥାରେ କିଛି କହୁଥାନ୍ତି । ଲାଗୁଥାଏ କିଛି ବିଳିବିଳଉଛନ୍ତି । ସତେକି କିଛି ଅଦୃଶ୍ୟ ଅତ୍ତାମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । ମାତା ଜାଣନ୍ତି, ଜୀବନ ସରିଆସିବା ବେଳେ ପିତୃପୁରୁଷ, ସ୍ୱର୍ଗର ଦେବତା, ପିତାମାତା, ଗୁରୁଜନ, ଯମଦୂତ ଆଦି ଆସି ମଣିଷ ଆଗରେ ପ୍ରକଟ ହୁଅନ୍ତି । ଦେହ ଛାଡୁଥିବା ମଣିଷ ସେମାନଙ୍କ ସାଥିରେ କଥା ହୋଇଥାଏ ।

ମାତାଙ୍କ ଆଶଙ୍କା ବହୁ ମାତ୍ରାରେ ବଢିଚାଲିଥାଏ । ଶେଷ ସମୟ ଆସିଗଲା କି? ନହେଲେ ଏତେ ଏତେ ଅଦୃଶ୍ୟ ସତ୍ତାମାନେ କାହିଁକି ପୁତ୍ରକୁ ଘେରି ରହିଛନ୍ତି, ତା ସାଙ୍ଗରେ ଏତେ ସମୟ ହରି କଥା ହେଉଛନ୍ତି । ସେ ନିଜର କୋହ ଓ କୌତୂହଳକୁ ସମ୍ବରଣ କରିନପାରି ସେଇ ଅଦୃଶ୍ୟରେ ପ୍ରକଟ ହେଉଥିବା ସତ୍ତାମାନଙ୍କ ବିଷୟରେ ପଚାରିଲେ ।

ସାରିପୁତ୍ତ ଗୋଟି ଗୋଟି କରି ସମସ୍ତଙ୍କ ବିଷୟରେ କହିଗଲେ । କଷ୍ଟେମଷ୍ଟେ କହୁଥାନ୍ତି, କିନ୍ତୁ ସ୍ପଷ୍ଟରୂପେ କହୁଥାନ୍ତି ।

"ଶାକ୍ୟସିଂହ ଗୌତମବୁଦ୍ଧଙ୍କ ଜନ୍ମ ବେଳକୁ ସ୍ୱର୍ଗର ଯେଉଁ ଦେବତାମାନେ ପୁଷ୍ପବୃଷ୍ଟି ଅରିଥିଲେ, ଯେଉଁମାନେ ଖଡଗ ଧରି ଗୌତମଙ୍କୁ ଜଗି ରହିଥିଲେ, ଏପରିକି ଦଶଦିଗପାଳ, ଇନ୍ଦ୍ର, ବରୁଣ, ବ୍ରହ୍ମା ଆଦି ସମସ୍ତେ ଆସିଛନ୍ତି । ଯେହେତୁ ବୁଦ୍ଧ ଏ ସମସ୍ତଙ୍କଠାରୁ ମହାଭାଗ, ଉଚ୍ଚତର, ତେଣୁ ତାଙ୍କର ଜଣେ ସେବକଙ୍କର ଶେଷ ସମୟରେ ଦେଖା କରିବାକୁ ସେମାନଙ୍କ ଆଗମନ ।

ବୃଦ୍ଧା ମାତାଙ୍କର ସାରା ଜୀବନର ସଞ୍ଚିତ ବିଶ୍ୱାସର ଦୁର୍ଗ ସତେକି ଭାଙ୍ଗି ଭାଙ୍ଗି ଯାଉଥିଲା । ବ୍ରାହ୍ମଣ୍ୟ ଧର୍ମରେ ପୂଜିତ ଦେବାଦେବୀମାନେ ଯେ ତଥାଗତଙ୍କଠାରୁ ନିମ୍ନତର ଏକଥା ଜାଣିଲା ପରେ, ଜୀବନରେ ପ୍ରଥମ ଥର ପାଇଁ ବୁଦ୍ଧଙ୍କ ଉପରେ ଆସ୍ଥା ବୃଦ୍ଧି ପାଇଲା, ସମ୍ମାନ ବଢିଗଲା । ମାତା ହାତଯୋଡି ଉଚ୍ଚ ସ୍ୱରରେ ବୁଦ୍ଧଙ୍କୁ ନମସ୍କାର ଜଣାଇଲେ । ତାଙ୍କର

ISSN NO.
2582-208X

ଜୟ ହେଉ ବୋଲି କହିଲେ ।

ମାତାଙ୍କ ଦେହ ଓ ମନରେ ଲହରିତ ଅତ୍ୟାନନ୍ଦକୁ ଲକ୍ଷ୍ୟକରି ସାରିପୁତ୍ତ ଭାବିନେଲେ ଯେ ତାଙ୍କୁ ଦମ୍ମ ବିଷୟରେ ଅବଗତ କରାଇବେ । ପ୍ରବ୍ରଜ୍ୟାରେ ଦୀକ୍ଷିତ କରାଇବାପାଇଁ ଏହାଠାରୁ ଆଉ ବଡ ସୁଯୋଗ ଆସିନପାରେ । ସେହି ଶେଷ ସୁଯୋଗକୁ ଉପଯୋଗ କରି ସାରିପୁତ୍ତ କ୍ଷୁଦ୍ର ଅଥଚ ଦୀକ୍ଷାନ୍ତ ଭାଷଣଟିଏ ଦେଲେ ।

ସାରିପୁତ୍ତ ନିଜ ଜୀବନରେ ସାଉଁଟି ଆଣିଥିବା ସର୍ବଶ୍ରେଷ୍ଠ ଅନୁଭୂତି, ଭାଷା ଓ ବକ୍ତବ୍ୟର ମାଧ୍ୟ୍ୟଉ ଉପଯୋଗ ଅରି, ନିଜର ସମସ୍ତ ଶତିକୁ ସଂକେନ୍ଦ୍ରିତ କରି, ମାତାଙ୍କ ବୁଝିବା ଭାଷାରେ କିଛି କହିବାକୁ ଆରମ୍ଭ କଲେ । ଚତୁଃ ଆର୍ଯ୍ୟ ସତ୍ୟ, ଅଷ୍ଟ ଆର୍ଯ୍ୟ ମାର୍ଗ, ପଞ୍ଚସ୍କନ୍ଧ, ପତିକ୍କା ସମୁପାଦ ଭଳି କିଛି ସୁକ୍ତି ଓ ଶିକ୍ଷାର କିଛି କିଛି ସାରାଂଶ ଉଚାରଣ କଲେ । ମାତାଙ୍କର ମନର ଗଣ୍ଠିସବୁ ଫିଟିଫିଟି ଯାଉଥିଲା । ଶହେ ବର୍ଷ ଧରି କୋଲପ ପଡି ରହିଥିବା ରୁଦ୍ଧ ଦ୍ୱାର ଅବୁ ଖୋଲିଯିବା ପରେ ବାହାରର ଶୀତଳ ଓ ସୁଗନ୍ଧ ସମୀରଣ ତାଙ୍କ ଅନ୍ତରରେ ବହିବାକୁ ଲାଗିଲା ।

କୌଣସି ସିଦ୍ଧ ପୁରୁଷଙ୍କଠାରୁ ସମ୍ୟକ୍ ଶ୍ରବଣ ଦ୍ୱାରା ଜଣେ ସାଧାରଣ ଶ୍ରୋତା ମଧ୍ୟ ବୌଦ୍ଧ ଧର୍ମଧାରଣାକ୍ରମେ "ଶ୍ରୋତାପନ୍ନର ସିଦ୍ଧି" ଲାଭ କରିଥାଏ । ସାରିପୁତ୍ତଙ୍କ ମାତା ସେଇ ସ୍ତରକୁ ଚାଲିଯାଇଥିଲେ ।

ଏତଦ୍ ପଶ୍ଚାତ୍ ସାରିପୁତ୍ତ ନିଜର ଶେଷ ବିଦାୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ମାତାଙ୍କୁ କୋଠରି ଛାଡି ଚାଲିଯିବାକୁ କହିଲେ । ଏପଟେ ଅନୁଜବୃନ୍ଦଙ୍କୁ ଡାକି ଅନ୍ୟ ଭିକ୍ଷୁଙ୍କୁ ଅଗଣାରେ ସମବେତ ହେବାପାଇଁ ନିର୍ଦ୍ଦେଶ ଦେଲେ । ନିଜେ କୋଠରି ଭିତରେ ପଦ୍ମାସନରେ ଧ୍ୟାନମଗ୍ନ ହେଲେ । ଧ୍ୟାନ ସମୟରେ ବିଭିନ୍ନ ସୋପାନ ଅତିକ୍ରମ କରି ଶୀର୍ଷରେ ପହଞ୍ଚିଗଲେ । ପରିନିର୍ବାଣ ପାଇଁ ଏହା ଯେ ଶେଷ ସର୍ତ୍ତ । ସେଇ ପଦ୍ମାସନରେ ବସିଥିବା ଅବସ୍ଥାରେ ହିଁ ତାଙ୍କୁ ଟେକିଆଣି ସମବେତ ଭିକ୍ଷୁଙ୍କ ଆଗରେ ବସେଇ ଦିଆଗଲା । ସାରିପୁତ୍ତ ସେମାନଙ୍କୁ ଚାହିଁ କହିଲେ –

ପ୍ରିୟ ଭିକ୍ଷୁଗଣ ! ତୁମମାନଙ୍କ ସହିତ ମୁଁ ଗଲା ଚଉରାଳିଶ ବର୍ଷ ଧରି ଭିକ୍ଷା କରି ବୁଲିଛି । ଏକାସାଙ୍ଗରେ ଭୋଜନ କରିଛି, ଭ୍ରମଣ କରିଛି, ଅଧ୍ୟୟନ କରିଛି । ତୁମେ ସକଳ ହେଉଛ ମୋ ଭ୍ରାତା କର୍ମରେ, ବଚନରେ ଯଦି କେବେ ଆହାକୁ ଆଘାତ ଦେଇଥିବି, ତେବେ ମତେ

ISSN NO.
2582-208X

କ୍ଷମା କରିଦେବ ।

ସହୋଦର ପ୍ରତିମ ଭିକ୍ଷୁସାଥୀଗଣ ଏକ ସ୍ୱରରେ କହିଲେ – "ହେ ମହାଭାଗ ! ଶାକ୍ୟସିଂହ ଗୌତମଙ୍କ ଯିଏ ସବୁଠୁ ବଡ ସେବକ, ତାଙ୍କରି ଛାଇରେ ଆମେ ଏଯାବତ୍ ବଡ ନିଶ୍ଚିନ୍ତରେ ବୁଲୁଥିଲୁ । ଏଣିକି ଆମେ ଆଶ୍ରୟଶୂନ୍ୟ ହେଇଗଲୁ । କର୍ମରେ, ବଚନରେ ଏପରିକି ଚିନ୍ତନରେ ଯଦି କେବେ ଭୁଲ୍ କରିଥାଉ ତେବେ ଆମକୁ ଅନୁଜ ଭାବି କ୍ଷମା କରିଦିଅନ୍ତୁ ।"

ଏହି କଥୋପକଥନ ପରେ ସାରିପୁତ୍ତଙ୍କ ମୁଖ ଉଜ୍ଜ୍ୱଳ ହୋଇଗଲା । ଏହା ଥିଲା ତାଙ୍କର କ୍ଷୟହୀନ ଶରୀର ସହିତ ଅନ୍ୟ ମରଣଶୀଳ ଶ୍ରୀର ଭିତରେ ଶେଷ କଥାବାର୍ତ୍ତା । ନିଜ କୋଠରି ଭିତରେ, ନିଜର ଗୈରିକ ଚୀବରଟିକୁ ଦେହସାରା, ଏପରିକି ମୁଖକୁ ଆବୃତ୍ତ କରି, ଡାହାଣ କଡ ମାଡି ସେ ଶୟନ କଲେ । ଠିକ୍ ଯେମିତି ତାଙ୍କର ପ୍ରଭୁ ତଥାଗତ ଅଭ୍ୟାଅଗତ ଭାବେ ଶୟନ ଅରିଥାନ୍ତି । ଶୟନ ତ ନୁହେଁ, ବରଂ ଏକ ସଚେତନ ଧ୍ୟାନ ଅବସ୍ଥା । ଧ୍ୟାନର ଗଭୀର ପ୍ରଦେଶକୁ ଚାଲିଯିବା ପରେ, ମହାକାଶରେ ନିର୍ବାଣର ଉପାଦାନ ଭିତରେ ସେ ବିଲୀନ ହୋଇଗଲେ । ଯୋଉଠାରେ ଆସକ୍ତି ବା ତୃଷ୍ଣାର ଲେଶମାତ୍ର ଚିହ୍ନବର୍ଣ୍ଣ ନଥାଏ ।

ସମୟ ଅତିକ୍ରାନ୍ତ ହେବା ଦେଖି ବିବ୍ରତ ମାତା ଆସିଗଲେ ପୁତ୍ରର କକ୍ଷକୁ । ସାରିପୁତ୍ତ ଯେ ଘୋଡିଘାଡି ହୋଇ ବୀର ଶିଶୁ ପରି ଶୋଇ ରହିଛନ୍ତି । ସେ ତାଙ୍କର ଦୁଇପାଦକୁ ଚିପିବାରେ ଲାଗିଲେ । ସୁକୁମାର ପୁତ୍ର ତାଙ୍କର, ସାରା ଜୀବନ ଏକା ଏକା ଚାଲିଚାଲି ଥକିପଡିଛି !

କିନ୍ତୁ ଏ କଣ ? ଶୀତଳ ପାଦ ଦୁଇଟି ଜଣାଇ ଦେଉଥିଲା ଯେ ତାଙ୍କ ପ୍ରିୟ ପୁତ୍ର ଏ ଭିତରେ ଦେହତ୍ୟାଗ କରିସାରିଛି ।

କ୍ରମଶଃ.....

(((-)))

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଜଗା ଦର୍ଶନ



ଅମରନାଥ ବାରିକ୍

ଯାଇଥିଲି କାଲି ଶ୍ରୀମନ୍ଦିର ବୁଲି
ଦେଖିଲି ଜଗାର ହସ ଖିଲିଖିଲି
ପିନ୍ଧିଛି ଖଣ୍ଡୁଆ ନାଲିନାଲି
କରୁଣାର ବାରି ଢାଳିଦେବ ବୋଲି
ଭକତଙ୍କ ପାଇଁ ଦୁଇ ଭୁଜ ମେଲି
ଶୁଣୁଅଛି ଦୁଃଖ କାନ ଖୋଲି ।

ଚାରି ଦୁଆରକୁ ଦେଇଥିଲା ଖୋଲି
ଭବ୍ୟ ଦରଶନ କରିନେଲି ବୁଲି
ଖାଇଲି ଅବଢ଼ା ଭାତ ଡାଲି
ଅନ୍ତର ବେଦନା ଖୋଲି କହିଦେଲି
ମନ ପ୍ରାଣ ସବୁ ଜଗାକୁ ବିକିଲି
ଯାଇଥିଲି ବେଗେ ଚାଲିଚାଲି ।

ଦରଶନ ପାଇ ମୁକତି ଲଭିଲି
ଜୀବନର ମାନେ ସବୁ ବୁଝିଗଲି
ଜଞ୍ଜାଳରେ ମୋହ ମାୟା ଖାଲି
ପତିତ ପାବନ ବାନାକୁ ଚାହିଁଲି
ଜଗତର ଲାଗି ଦୀପଟେ ଜାଳିଲି
ଜଗତ ଉଦ୍ଧାର ହେଉ ବୋଲି ।

ISSN NO.
2582-208X

ବାଲି ସେହି ବାଲି ସରଧାର ବାଲି
କାଳିନ୍ଦୀ ତଟର ଅଟେ ସେହି ବାଲି
ବୃନ୍ଦାବନ ବ୍ରଜ ପ୍ରୀତି ବାଲି
କସ୍ତୁରୀ ତିଳକ ଚନ୍ଦନ ବୋଳିଲି
କାଳିଆ ବଳିଆ ସୁଭଦ୍ରାଇ ଗେହ୍ଲି
ଭଉଣୀର ନାମ ଲେଖିଦେଲି ।

(((-)))

ଗ୍ରା/ପୋ-କଯ୍ଯାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ପାନ୍ଥଶାଳା



ପ୍ରିୟବ୍ରତ କର

ପାନ୍ଥଶାଳା କେବେ ପଚାରି ବୁଝେନା
କିଏ ବଧୂ କିଏ ବନ୍ଧୁ,
ଯେମିତି ସମସ୍ତ ନଦୀର ଶୂଅକୁ
ଆପଣାର କରେ ସିନ୍ଧୁ।
ପାନ୍ଥଶାଳାର ସେ ପୁରୁଣା କାନ୍ଥରେ
ନାମ ଲେଖା ପ୍ରେମିକାର,
ଯେଉଁ ପ୍ରେମ ଥିଲା ଶାଶ୍ୱତ ବାସ୍ତବ
ପୂର୍ଣ୍ଣ ଥିଲା ଅଧିକାର ।
ପାନ୍ଥଶାଳାର ସେ ପ୍ରତିଟି କୋଠରୀ
ଗୋଲାପ ସେଜକୁ ପାରେ,
କେମିତି ଜାଣିବ ସେହି ସ୍ମୃତି ଆଜି
ନିତି ଜାଳି ଜାଳି ମାରେ।
ପାନ୍ଥଶାଳା ସହ ବାର୍ତ୍ତାଳାପ କରି
କଟିଛି ଅନେକ ରାତି,
ବୁଝିଗଲା ଆଜି ଆସିଅଛି ଧାଇଁ
ପାଇବାକୁ ଟିକେ ଶାନ୍ତି।

(((-)))

ବାରିପଦା, ମୟୁରଭଞ୍ଜ, ଓଡିଶା
ଯୋଗାଯୋଗ -୮୩୩୮୮୨୮୭୮୦

ISSN NO.
2582-208X

# ଏକବିଂଶ ଶତାବ୍ଦୀର ଅନୂଦିତ ଶିଶୁ-କଶୋର ଉପନ୍ୟାସ





ଡକ୍ଟର ପ୍ରଦୀପ୍ତ କୁମାର ଚୌଧୁରୀ     ପ୍ରିୟଙ୍କା ମହାନ୍ତ

ସାରାଂଶ (Abstract)

ଏକବିଂଶ ଶତାବ୍ଦୀରେ ଅନୁବାଦିତ ଶିଶୁ ଏବଂ କିଶୋର ଉପନ୍ୟାସର ବିଶ୍ୱବ୍ୟାପୀ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ଏହା ଭାଷା, ସାହିତ୍ୟ ଓ ସଂସ୍କୃତିର ସୀମାକୁ ଅତିକ୍ରମ କରି, ସମ୍ପ୍ରତି ଏକ ଗ୍ଲୋବାଲ୍ ସାହିତ୍ୟ ଧାରାର ରୂପ ନେଇଛି। ଅନୁବାଦ ସାହିତ୍ୟ ଭାଷାଗତ ସମ୍ପ୍ରଦାୟଗୁଡ଼ିକୁ ସଂଯୋଗ କରୁଥିବା ଏବଂ ଆନ୍ତଃସାଂସ୍କୃତିକ ତଥା ସାହିତ୍ୟିକ ଆଦାନ ପ୍ରଦାନକୁ ସଞ୍ଚରଣଶୀଳ କରୁଥିବା ଏକ ସେତୁ ପାଲଟିଛି। ଏହି ପତ୍ରରେ ବିଶ୍ୱୀକରଣ, ଡିଜିଟାଲ ପ୍ରକାଶନର ଢାଞ୍ଚା ମାଧ୍ୟମରେ ଅନୁବାଦିତ ଶିଶୁ-କିଶୋର ଉପନ୍ୟାସଗୁଡ଼ିକର ଧାରା, ବିଷୟବସ୍ତୁ ପରିବର୍ତ୍ତନ, ଅନୁବାଦ ରଣନୀତି, ସାମାଜିକ-ସାଂସ୍କୃତିକ ପ୍ରଭାବ, ପ୍ରବୃତ୍ତି, ଭାଷା-ଶୈଳୀ ଆଦି ପ୍ରକ୍ରିୟା, କିପରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି; ତାହାକୁ ସମାଲୋଚନାମୂଳକ ଭାବରେ ପରୀକ୍ଷା କରିଯିବା ସହିତ ଏହାର ଅବଦାନକୁ ଆଲୋଚନା କରାଯାଇଛି ।

ମୁଖ୍ୟ ଶବ୍ଦ: ଅନୁବାଦ, ଶିଶୁ-କିଶୋର ସାହିତ୍ୟ, ସଂସ୍କୃତି, ଜଗତିକାରଣ, ବିଶ୍ୱାୟନ, ସାଂସ୍କୃତିକ ଅନୁକୂଳନ, ଓଡ଼ିଆ ସାହିତ୍ୟ, କାଳ୍ପନିକ କାହାଣୀ, ଉପନ୍ୟାସ,।

ଚଳନ୍ତି ଶତାବ୍ଦୀରେ ବିଶ୍ୱସ୍ତରୀୟ ଲୋକପ୍ରିୟ କୃତିମାନଙ୍କର ଅନୁବାଦ ମାଧ୍ୟମରେ ଓଡ଼ିଆ ଶିଶୁ-କିଶୋର ସାହିତ୍ୟର ବିସ୍ତାର ଘଟିଛି । ସମ୍ପ୍ରତି ଜଗତିକରଣ, ଉଚ୍ଚ ବୈଷୟିକ-ପ୍ରଯୁକ୍ତି ବିଦ୍ୟା, ଯାନ୍ତ୍ରିକ କୌଶଳ, ପ୍ରକାଶନ ଶିଳ୍ପର ବିକାଶ, କୃତିମ ବୁଦ୍ଧିମତା ଓ ଭାଷାନୁବାଦର

ISSN NO.
2582-208X

ବୃଦ୍ଧି ହିଁ ବିଶେଷତଃ ଅନୁବାଦର ପ୍ରଚାର-ପ୍ରସାର ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଛି । ତେବେ ଏକବିଂଶ ଶତାବ୍ଦୀରେ ରଚିତ ଶିଶୁ-କିଶୋର ସାହିତ୍ୟ ମାଧ୍ୟମରେ ବିଶ୍ୱସାହିତ୍ୟର ଅନେକ ପ୍ରସିଦ୍ଧ ଉପନ୍ୟାସ, ଓଡ଼ିଆ ଭାଷା ସହିତ ବିଭିନ୍ନ ପ୍ରାଦେଶିକ ଭାଷାମାନଙ୍କରେ ଅନୁବାଦିତ ହୋଇ ଖୁବ ଆଦୃତିଲାଭ କରିଥିବା ଦୃଷ୍ଟିଗୋଚର ହୁଏ । ଏହି ଅନୁବାଦ ସାହିତ୍ୟ, ଶିଶୁମାନଙ୍କ ମନୋବିକାଶ, ନୈତିକ ଶିକ୍ଷା, ସୃଜନଶୀଳତା ଓ କଳ୍ପନା ଶକ୍ତିକୁ ସମୃଦ୍ଧ ତଥା ପାଠନ ଅଭ୍ୟାସକୁ ବିକାଶ କରିବାରେ ବେଶ ସହାୟକସିଦ୍ଧ ହୋଇପାରିଛି । ଏହାର ବିଷୟବସ୍ତୁକୁ ଦୃଷ୍ଟିପାତ କଲେ, ମୂଳତଃ ପରିବେଶ ପ୍ରତି ସଚେତନତା, ଜିବେ ଦୟା, ମିତ୍ରତା, ସାହସ, କ୍ଷମା, ସହନଶୀଳତା, କରୁଣା ଓ ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱଗଠନ, ସୁବ୍ୟବହାର, ସକାରାତ୍ମକ ଚିନ୍ତନ ଆଦି ଗୁଣାବଳୀ ଉପରେ ପଯ୍ୟବେଶିତ ହୋଇଛି । ତେବେ ଅନୁବାଦକୁ ସଂସ୍କୃତିମାନଙ୍କ ମଧ୍ୟରେ ସେତୁ ଭାବରେ ପରିଗଣନା କରାଯାଏ । ଏକବିଂଶ ଶତାବ୍ଦୀରେ ବିଶ୍ୱୀକରଣ ବା ଜଗତିକରଣ ଓ ପ୍ରଯୁକ୍ତିବିଦ୍ୟା ଉନ୍ନତି ଫଳରେ ବିଭିନ୍ନ ଭାଷାର ଶିଶୁ-କିଶୋର ଉପନ୍ୟାସମାନ ଭାରତୀୟ ଭାଷାମାନଙ୍କରେ ଅନୁଦିତ ହୋଇ, ବ୍ୟାପକ ପ୍ରଚାରପ୍ରସାର ଲାଭ କରିଛି । ଏହି ଅନୁବାଦ କେବଳ ମନୋରଞ୍ଜନ, ଜ୍ଞାନର ପ୍ରସାରଣ ନୁହେଁ, ମୂଲ୍ୟବୋଧ ଓ ବିଶ୍ୱଦୃଷ୍ଟି ଗଠନରେ ମଧ୍ୟ ସାହାଯ୍ୟ କରୁଛି । ଏତଦବ୍ୟତୀତ ବିଶ୍ୱର ଅନେକ ଭାଷା ସହିତ ସର୍ବଭାରତୀୟ ଭାଷା ତଥା ଓଡ଼ିଆ ମଧ୍ୟ ବ୍ୟାପକରୂପେ ସମ୍ପ୍ରତି ବିକାଶଲାଭ କରିପାରିଛି ।

### ବିଶ୍ୱସ୍ତରୀୟ ପ୍ରଭାବଶାଳୀ ଅନୂଦିତ ଉପନ୍ୟାସ

J. K. Rowlingଙ୍କ 'Harry Potter' ଅଶିରୁ ଅଧିକ ଭାଷାରେ ଅନୁଦିତ ହୋଇ ବେଶ ପାଠକୀୟ ଅଦୃତି ପାଇପାରିଛି। Suzanne Collinsଙ୍କ 'The Hunger Games', ଏକ କାଳ୍ପନିକ ଧାରା ଯାହା ଏକ କଳ୍ପିତ ସମାଜକୁ ଚିତ୍ରଣ କରିଛି । ଏହିକ୍ରମରେ ବିଶ୍ୱସ୍ତରୀୟ କୃତିମାନ ଅନୁବାଦ ମାଧ୍ୟମରେ ବିଭିନ୍ନ ଭାରତୀୟ ଭାଷା-ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତାମିଲ୍ ଆଦିରେ ସଂକୃତିକ ସଂଯୋଗର ସେତୁ ପାଲଟିଛି । ଯାହା ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ (NBT) ଓ ସାହିତ୍ୟ ଏକାଡେମି ଦ୍ୱାରା ପ୍ରକାଶନର ମାଧ୍ୟମ ପାଲଟିଛି । ଅନୁବାଦର ଧାରାରେ ଶାବ୍ଦିକ ଅନୁବାଦରୁ, ଭାବାନୁବାଦ, ମର୍ମାନୁବାଦ ଆଦି ସୃଜନଶୀଳତାର କାର୍ଯ୍ୟବିସ୍ତାର କରିଛି ।

ଓଡ଼ିଆ ସାହିତ୍ୟରେ ଶିଶୁକିଶୋର ଉପନ୍ୟାସମାଳାକୁ ଏହିକ୍ରମରେ ଦେଖିଲେ:

ISSN NO.
2582-208X

'ରକ୍ତ ଲେଖାର ରହସ୍ୟ' -୨୦୦୨

ଏହି ଉପନ୍ୟାସଟି ହେଉଛି ସାର ଆର୍ଥର କନାନ ଡ଼ଏଲ୍‌ଙ୍କ ସୁପ୍ରସିଦ୍ଧ ଉପନ୍ୟାସ 'ଏ ଷ୍ଟଡ଼ି ଇନ୍ ସ୍କାରଲେଟ'ର ସରଳ ଓଡ଼ିଆ ରୂପାନ୍ତର । ଏହି ଉପନ୍ୟାସଟି ୨ଟି ଭାଗରେ ବିଭକ୍ତ, ପୁନଃ ପ୍ରତ୍ୟେକ ବିଭାଗ ୭ଟି ଲେଖାଏଁ ଭାଗରେ ବିଭାଜିତ । ଯଥା – ପ୍ରଥମ ଭାଗ (ରକ୍ତ ଲେଖାର ରହସ୍ୟ ୧· ସ୍ରୋତର ପ୍ରଦେଶ, ୨· ଉଟାଇ ଫୁଲ , ୩୩· ପ୍ରଫେଟ୍ ଓ ଜନ୍ ଫେରିଅର ଆଲୋଚନା, ୪· ଜୀବନ ରକ୍ଷା ପାଇଁ ଲଢେଇ, ୫· ପ୍ରତିଶୋଧର ତୃଷ୍ଣା, ୬· ଜନ୍ ୱାଟସନ୍ ଏମ୍· ଡ୍ରିଙ୍କ ସ୍ମୃତିଚାରଣ, ୭· ଉପସଂହାର । ଦ୍ୱିତୀୟ ଭାଗଟିର ନାମ "ସନ୍ଥମାନଙ୍କର ଦେଶ" -୧· ମି ଶେରଲକ ହୋମ୍‌ସ, ୨· ଅବରୋହ ବିଦ୍ୟା, ୩· ଲାରିଷ୍ଟନ୍ ବିଚାର ରହସ୍ୟ, ୪· ଜନ୍ ରାନ୍ସର ବକ୍ତବ୍ୟ, ୫· ଆମର ବିଜ୍ଞାପନ ଓ ମୁଦିର ଦାବିଦାର, ୬· ଟୋବିଅସ୍ ପ୍ରେଗସନଙ୍କ ଦଉଡ଼, ୭· ଅନ୍ଧାର ଭିତରେ ଆଲୁଅ । ଉପନ୍ୟାସ ଦୁଇଟି ଭାଗର କଥାବସ୍ତୁ ଓ ଚରିତ୍ର ବିରୂଣ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ କେତେକ ଚରିତ୍ର ଦୁଇଟି ଭାଗରେ ସାମ୍ୟ ଭାବରେ ରହିଥିବାର ଦେଖାଯାଏ । ଯଥା – ଲେଖକ ବା ବକ୍ତା ୱାଟସନ, ଶେରଲକ୍ ହୋମସ୍ ଲେସ୍ ଟ୍ରେଡ଼ , ଗ୍ରେସ ସନ୍ ଇତ୍ୟାଦି ।

ତେବେ ଉପନ୍ୟାସର ପ୍ରଥମ ଭାଗର ଚରିତ୍ରମାନେ ହେଉଛନ୍ତି ଡକ୍ଟର ୱାଟସନ୍ ଶେରଲକ ହୋମସ୍, ଷ୍ଟାସଫୋର୍ଡ଼, ଶେରଲକ ହୋମସ୍, ପ୍ରମୁଖ, ଏଥିରେ ମୁଖ୍ୟ ଚରିତ୍ର ଜଣେ ବିଚିତ୍ର ମଣିଷ । ବିନା ବିଜ୍ଞାନର ଶିକ୍ଷା ବା ଡ଼ିଗ୍ରୀରେ ସେ ଜଣେ ବୈଜ୍ଞାନିକ । କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ଡିଟେକ୍ଟିଭ୍ ନଥିଲେ ମଧ୍ୟ ପୋଲିସ୍ ଏବଂ ଡ଼ିଟେକ୍ଟିଭ୍ ମାନେ ତାଙ୍କର ଅସୀମ ବୁଦ୍ଧିମତା, ଚତୁରତା ଆଦି ପାଇଁ ତାଙ୍କଠାରୁ ସାହାଯ୍ୟ ସହଯୋଗ ନେଇଛନ୍ତି । ସଂପୂର୍ଣ୍ଣ କାହାଣୀଟି ଦୁଇଟି ହତ୍ୟାକାଣ୍ଡର ଖୁନୀକୁ ଖୋଜିବା ଏବଂ ସେ ସଂକ୍ରାନ୍ତୀୟ ଅନେକ କୌତୁହଳପଦ ଘଟଣା ଏବଂ ରୋମାଞ୍ଚକର ତଥ୍ୟ ଓ ସତ୍ୟର ଉଦ୍ ଘାଟନକୁ ନେଇ ଗତିଶୀଳ । ଡକ୍ଟର ୱାଟସନ୍ ହିଁ ସବୁକିଛି କହିଛନ୍ତି । ତାଙ୍କ ଭିତରେ ଲେଖକ ଯେପରି ଅବତରି ଆସିଛନ୍ତି ସେପରି ଅନୁଭବ ହୁଏ ।

ଜଣେ କର୍ତବ୍ୟ ପରାୟଣ, ଏକନିଷ୍ଠ ବ୍ୟକ୍ତି ଅନ୍ୟ ସମସ୍ତ କାର୍ଯ୍ୟ ପ୍ରତି ଅଣଦେଖା କରନ୍ତି, ଏପରିକି ସେ ସମ୍ପର୍କରେ ଜାଣିଲେ ଶୁଣିଲେ ମଧ୍ୟ ତାହା ସେ ଶୀଘ୍ର ଭୁଲିଯାଆନ୍ତି । ଏଇ

ISSN NO.
2582-208X

ଯେମିତି ଶେରଲକ୍ ହୋମସ୍ ବିଜ୍ଞାନ ସମ୍ବନ୍ଧରେ ଗବେଷଣା କରୁଛନ୍ତି କିନ୍ତୁ ବିଜ୍ଞାନ ସମ୍ବନ୍ଧରେ କିଛି ପଢ଼ିନାହାନ୍ତି । ସେ ହିମୋଗ୍ଲୋବିନ୍‌କୁ ନେଇ ଗବେଷଣା କରି ଆବିଷ୍କାର କରିଛନ୍ତି ଯାହାଦ୍ୱାରା ରକ୍ତର ଦାଗ, ରକ୍ତର ମିଶ୍ରଣ, ଶୁଖୁଲା, ତାଜା କିମ୍ବା ପୁରୁଣା ରକ୍ତ ସେ ସମ୍ବନ୍ଧରେ ଜଣାଯାଇପାରିବ । ଡାକ୍ତରୀ କାନୁନ୍‌ରେ ଏଇଟା ତ ଅନେକ ତର୍କ ପରେ ଏକ ମହାନ୍ ଆବିଷ୍କାର । ଯେଉଁ ପ୍ରକ୍ରିୟା ଦ୍ୱାରା ହଜାର ହଜାର ଖୁନି, ଅପରାଧ ଅନେକ ମାସ ପରେ ମଧ୍ୟ ଧରାଯାଇପାରିବ । ଏତେବଡ଼ ଦର୍କକୁ ଆବିଷ୍କାର କରିଥିବା ଶେରଲକ୍ ହୋମସ୍ ଜାଣନ୍ତିନି ଏବଂ ଜାଣିଲେ ମଧ୍ୟ ଶୀଘ୍ର ଭୁଲିଯିବାକୁ ଚେଷ୍ଟା କରନ୍ତି ଯେ "ସୂର୍ଯ୍ୟ ଗରିପାଖେ ପୃଥିବୀ ବୁଲେ' ଭଳି ସାଧାରଣ କଥା କିମ୍ବା ଏକ ସାଂପ୍ରତିକ ସାହିତ୍ୟ, ଦର୍ଶନ ଏବଂ ରାଜନୀତି କଥା । ବାସ୍ତବରେ ଜଣେ ନିମଗ୍ନ ଏକାମ୍ର ବ୍ୟକ୍ତି ପାଇଁ ଏହା ସାଧାରଣ କଥା । କିନ୍ତୁ ଏହାକୁ ସାଧାରଣରେ ଗ୍ରହଣ କରାଯାଇ ପାରେନା ।

ଉପନ୍ୟାସର ଦ୍ୱିତୀୟ ଭାଗ 'ସନ୍ଥମାନଙ୍କର ଦେଶ'ରେ ଥିବା ଚରିତ୍ରମାନେ ହେଉଛନ୍ତି – କୁନିଝିଅ ଲୁସି, ଷ୍ଟାଙ୍ଗରସନ, ମରମନ୍ ଜନତା, ଜନ ଫେରିଅର, ଜେଫରସନ, ପ୍ରଫେଟ, ହୋପର, ଗ୍ରେଗସନ୍, ଲେସ୍ ଟ୍ରେଡ୍ ଏବଂ ସେରଲକ୍ ହୋମସ୍ । ଜଣଙ୍କର ଇଚ୍ଛାଶକ୍ତି ଥିଲେ ସେ କ'ଣ ବା ନ କରିପାରିବେ । ଯାହା ସେହି ବିଭାଗର ଜଣେ ଅଭିଜ୍ଞ ଅଧିକାରୀ ନକରି ପାରିଛନ୍ତି ତାହା ହୋମସ୍ କରି ଦେଖାଇଛନ୍ତି । ଯାହାଙ୍କର କୌଣସି ଅନୁଷ୍ଠାନିକ ଶିକ୍ଷା ନାହିଁ ।

ଏହା ଏକ ରହସ୍ୟ, ରୋମାଞ୍ଚକର ଡିଟେକ୍ଟିଭ୍ ତଥା ଅପରାଧ କାହାଣୀକୁ ନେଇ ଗଢିଶାଳ ଉପନ୍ୟାସ । ଅପରାଧ, ଦୋଷୀ, ଖୁନୀ ଯେତେ ଚଲାକ ହେଉନା କାହିଁକି କେଉଠି ନା କେଉଁଠି ସେ ତା'ର ପରିଚୟକୁ ସୂକ୍ଷ୍ମ, ଇଙ୍ଗିତାମୂକ ଭାବରେ ଛାଡ଼ିଥାଏ । ଯାହାକି ଜଣେ ଅଭିଜ୍ଞ ଡିଟେକ୍ଟିର ନଜରରୁ ବାଦ ପଡ଼େନି, ତାହା ଏଠାରେ ଦେଖିବାକୁ ମିଳିଥାଏ । ଅପରାଧିର ଭବିଷ୍ୟତ ସର୍ବଦା ଅନ୍ଧକାରମୟ, ଦୋଷୀ ଉପଯୁକ୍ତ ସମୟ ଆସିଲେ ନିଶ୍ଚିନ୍ତ ଦଣ୍ଡପାଏ । ନିର୍ଦ୍ଦୋଷୀକୁ ନ୍ୟାୟ ମିଳେ । ଏସବୁ ଶିକ୍ଷା ଶିଶୁ-କିଶୋରମାନେ ଏହି ଉପନ୍ୟାସରୁ ପାଇପାରିବେ । ଉପନ୍ୟାସଟି ପଠନ ଦୃଷ୍ଟିରୁ ଯେତିକି ସୁଖଭୋଗ୍ୟ, ଶିକ୍ଷା, କୌଶଳ ଆଦି ଅନେକ ଦୃଷ୍ଟିରୁ ମଧ୍ୟ ପିଲାମାନଙ୍କ ନିମନ୍ତେ ଉପାଦେୟ । ଅନ୍ୟ ଦେଶର ପରିବେଶ, ଭାଷା, ସଂସ୍କୃତି ଚଳନି ଆଦି ସମ୍ପର୍କରେ ମଧ୍ୟ ଏହା ଜ୍ଞାନ ପ୍ରଦାନ କରିଥାଏ ।

ISSN NO.
2582-208X

ବାସ୍ତବରେ ଏହି ଅନୁବାଦ ଉପନ୍ୟାସଟି ସାର୍ଥକ ଭାବାନୁବାଦ ହୋଇଥିବାରୁ ବେଶ୍ ସଫଳ ହୋଇପାରିଛି ।

ପଙ୍କଜାକ୍ଷ ପଣ୍ଡାଙ୍କ 'ବ୍ଲାକ୍ ବିଉଟି' (୨୦୦୧) :

ପ୍ରଖ୍ୟାତ ଇଂରେଜ ଔପନ୍ୟାସିକ ଆନ୍ନା ସିଓ୍ୱେଲଙ୍କ ପ୍ରସିଦ୍ଧ ଉପନ୍ୟାସ 'black Beauty'ର ଏହା ସରଳ ଓଡ଼ିଆ ରୂପାନ୍ତର । ଉପନ୍ୟାସଟି ୪୦ ଗୋଟି ଭାଗରେ ଭାଗରେ ବିଭାଜିତ ।

ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି 'ବ୍ଲାକ୍‌ବିଉଟି (ଘୋଡ଼ା), ମେନଲୀ, ଜେସି ଦେଇ, ଜିନ୍, ଜମିଦାର, ଶ୍ରୀମତୀ, ଫ୍ରିକ୍ (କୁକୁର), ଜଷ୍ଟିସ୍, ଅଲିଭର, ମି· ରାଇଡାର, ସାମସନ, କ୍ୟାପଟେନ, ସାର୍ କ୍ଲିଫୋର୍ଡ଼ ଉଇଲିୟମ, ଡାକ୍ତର ହ୍ୱାଇଟ୍, ମି· ବଣ୍ଡ, ଟମ୍, ମି· କ୍ଲେ, ସାଆନ୍ତ, ମି· ବାରୀ, ଫିଚାର, ଗଭର୍ଣର, ଜିନ୍ ମେନାଲୀ, ମିସେସ୍ ବ୍ରିଗସ୍, ପୋଲୀ, ଡ଼ଲୀ, ମି·ବି· ଜ୍ୟାକ, ଜେରା, ହଟସ୍ୱର, ଚାକର, ହୀରା, କାଳିଆ, ସ୍କିନାର, ମି· ଥରୋଗୁଡ, ଉଇଲି, ମିସ୍ ବ୍ଲୋମଫିଲ୍, ମିସ୍ ଏଲେନ୍, ଜିଓଗ୍ରୀନ, ମିସେସ୍ ଗାର୍ଡ଼ନ ।

ମନୁଷ୍ୟର ପଶୁମାନଙ୍କ ଉପରେ ଅତ୍ୟାଚାର ଉପରେ ଉପନ୍ୟାସଟି ଆଧାରିତ । ଉପନ୍ୟାସରେ ଯଦିଓ ଜଣେ ପଶୁ (ଅଶ୍ୱ) ନିଜ ଜୀବନର ବୟାନ ଦେଇଛି, କିନ୍ତୁ ଏହାକୁ ଶ୍ରେଷ୍ଠ ପଶୁକାହାଣୀ ନ କହି ମନୁଷ୍ୟକୁ ପଶୁତ୍ୱରୁ ମୁକ୍ତି ଦେବାର କାହାଣୀ କହିବା ଉଚିତ୍ ହେବ । 'ବ୍ଲାକ୍ ବିଉଟି' ର ପୃଷ୍ଠାରେ ପୃଷ୍ଠାରେ ଫୁଟିଉଠିଛି ' ଜୀବେ ଦୟାର ଆହ୍ୱାନ' ନିଶାଦ୍ରବ୍ୟ ବର୍ଜନ ପାଇଁ ଇଙ୍ଗିତ : ପଶୁ ମଧ୍ୟ ମନୁଷ୍ୟକୁ ବୁଝିପାରେ, ପ୍ରତିଦାନ ଦେଇପାରେ ତାହାରି ଆଲେଖ୍ୟ ।

ପ୍ରଥମ ପୁରୁଷରେ ଲେଖାଯାଇଥିବା 'ବ୍ଲାକ୍ ବିଉଟି'ର ବୃତ୍ତାନ୍ତରେ ଅଶ୍ୱତତ୍ତ୍ୱ ସହିତ ବ୍ରିଟିଶ ସମାଜର ଚଳଣି, ନିର୍ବାଚନ ଏବଂ ମଣିଷ ମନଗହନର ଦରଦ, ସ୍ନେହ, ପ୍ରେମ ଇତ୍ୟାଦି ।

ପ୍ରତ୍ୟେକ ଜୀବ ସ୍ନେହ କାଙ୍ଗାଳ । ସ୍ନେହର ମରମସ୍ପର୍ଶ ପାଇଲେ ସେ ଅନୁଭବ କରେ ଅମରାବତୀ । ସ୍ୱାଧୀନତାର ସ୍ୱାଦ ପାଇଲେ କୃତଜ୍ଞତାରେ ପୂରିଭ କର୍ମତତ୍ପରତା । ଏହିପରି

ISSN NO.
2582-208X

ଅନେକ ସତ୍ୟ- ମଧୁର ମିଶ୍ରଣ ହିଁ ହେଉଛି ‘ବ୍ଲାକ୍ ବିଉଟି’ ଉପନ୍ୟାସର ଉତ୍କର୍ଷ। ଉପନ୍ୟାସରେ ଥିବା ସଂଗୀତ ଯଥା –

୧. 'ଆସ ମୋ ବାପା, ଆସ ମୋ ବୋଉ
ଆସ ଭଉଣୀ ଭାଇ
ସଭିଏଁ ମିଳି କାମ କରିବା
ଖୁସିରେ ଗୀତ ଗାଇ ।''

୨. ‘'ହଜାଇଲେ ପଳଟାଏ ସକାଳ ପ୍ରହରେ
ପାଇବନି ଯେତେ ଖୋଜି ସାରା ଦିନଟାରେ
ଭାବି ଭାବି ଥକିଯିବ ନ ପାରିବ ଧରି
ଚିରଦିନ ହଜିଗଲା ନ ଆସିବ ଫେରି ।''

୩. ‘କରିଯାଅ କାମ ମନପ୍ରାଣ ଦେଇ
ଭାବନାକୁ ମନେ ଦିଅ ନାହିଁ ଠାଇଁ
ହଠାତ୍ ଦେଖିବ ଦିନେ ସଂଜ ଅବା ପ୍ରାତେ
ପ୍ରତିକ୍ଷାକୁ ଅବସାନୀ ଫଳ ତୁମ ହାତେ ।’’

ଚରିତ୍ରବହୁଳ ଏହି ଉପନ୍ୟାସରେ ଶେଷକୁ ସୁଖାନ୍ତକ ପରିଣତି ଘଟିଛି । କୃଷକଙ୍କ ପାଖରେ ବ୍ଲାକ୍ ବିଉଟି ପହଞ୍ଚିଛି, ଯିଏ କି ତା’ର ଯତ୍ନ ନେଉଛନ୍ତି ଏବଂ ସ୍ନେହ ଆଦର କରୁଛନ୍ତି । ତେଣୁ ସେ ସକରାତ୍ମକ କଳ୍ପନା କରିବା ସହିତ ଖୁସିରେ ରହୁଛି ।

ରବୀନ୍ଦ୍ର ନାଥ ମାଝିଙ୍କ 'ମହାଆବର୍ତ୍ତ ସୁନାମି' (୨୦୦୬) :

ନୋବେଲ୍ ବିଜୟିନୀ ପଲ ଏସ୍. ବକଙ୍କ ପ୍ରସିଦ୍ଧ କିଶୋର ଔପନ୍ୟାସିକା ' ବିଗ୍ ୱେଭର’ର ଭାଷାନ୍ତରିତ ରୂପ ହେଉଛି 'ମହାଆବର୍ତ୍ତ ସୁନାମି' । ଜାପାନୀ ଭାଷାରେ ‘ସୁ’ ଅର୍ଥ – ପୋତାଶ୍ରୟ, ‘ନାମି’ ଅର୍ଥ ବଡ଼ ଢେଉ। ଉପନ୍ୟାସରେ ଥିବା ଚରିତ୍ରମାନେ ହେଉଛନ୍ତି –

ISSN NO.
2582-208X

କିନୋ, କିଆ, କିନୋର ବାପା, ଜିଆର ବାପା, କିନୋର ମାଆ, କୁନି ସେତସୁର ଏକ ପରିଚାରକ ।

କିନୋ ଓ ଜିଆ ଏହି ଉପନ୍ୟାସର ଦୁଇଟି କିଶୋର ଚରିତ୍ର । ଜଣେ କୃଷକର ଓ ଅନ୍ୟ ଜଣକ ମାଛୁଆଳର ପୁଅ । ବେଳାଭୂଇଁରେ ଆନନ୍ଦରେ ଦିନ କାଟୁଥିବା ଜିଆ, ତା'ଆଖି ଆଗରେ ଦେଖିଲା ସୁନାମିର ଭିଷଣ ରୂପ । ପ୍ରଳୟରେ ତା'ର ଗାଆଁ, ସାଥି, ସହୋଦର, ବାପା, ମାଆ ସମୁଦ୍ରଲେ ନିଶ୍ଚିହ୍ନ ହୋଇଗଲେ । କୋହରେ ଆତୁର ଜିଆ ମୂଚ୍ଛିତ ଓ କିନୋ ଭୟଭୀତ ହୋଇପଡ଼ିଥିଲେ ।

ମୃତ୍ୟୁ ଉପସ୍ଥିତିରେ ବଞ୍ଚିବା ହିଁ ମଣିଷକୁ ସାହସୀ ଓ ଦୃଢ଼ମନା କରେ । ତେଣୁ ବୁଝିବାକୁ ହେବ, ଜୀବନ ଓ ମୃତ୍ୟୁ ଉଭୟ ଆବଶ୍ୟକ । ଏକଥା ବୁଝାଇଥିଲେ କିନୋର ବାପା । "ସେଇଥିପାଇଁ ଆମ ଲୋକେ ମୃତ୍ୟୁକୁ ଭୟ କରନ୍ତି ନାହିଁ । ଆମେ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଦେଖୁଛୁ ମାତ୍ର ଭୟଭୀତ ନୋହୁଁ । ଟିକେ ପରେ, କି ଟିକେ ଆଗରୁ ମରିଯିବାଟା ବଡ଼କଥା ନୁହେଁ । ସାହସୀ ହୋଇ ବଞ୍ଚିବା ଓ ଜୀବନକୁ ସୁଖ ପାଇବା । ସୁନ୍ଦର ପାହାଡ଼, ସବୁଜ ବୃକ୍ଷରାଜି ଓ ମନୋରମ ସମୁଦ୍ରକୁ ଦେଖିବା । କାମ କରି ଆନନ୍ଦିତ ହେବା, କାରଣ ଜୀବନ ପାଇଁ ଆନନ୍ଦ ହିଁ ଲୋଡ଼ା । x x x "ଆମେ ବିପଦ ଭିତରେ ବଞ୍ଚୁଛୁ । ଜୀବନ ଆମର ପ୍ରିୟ। ଆମେ ମୃତ୍ୟୁକୁ ଭୟ କରୁନାହୁଁ । କାରଣ ଆମେ ବୁଝିଛୁ, ଜୀବନ ତ ମୃତ୍ୟୁ ପରସ୍ପର ପାଇଁ ଆବଶ୍ୟକ ।" ସୁନାମି ଉପରେ ପର୍ଯ୍ୟବେଶିତ ଏହି ଉପନ୍ୟାସ ପାଠକଲେ ଅନୁଭବ ହୁଏ ଯେ, ଜୀବନ ହିଁ ମୃତ୍ୟୁଠାରୁ ବଳବାନ ।

### ଡକ୍ଟର କାରିକେଶ୍ୱର ପାତ୍ରଙ୍କ 'ହାଇଡ଼ି' (୨୦୧୬) :

ଉକ୍ତ ଉପନ୍ୟାସର ମୂଳ ଲେଖକ ହେଉଛନ୍ତି ଜୋହାନା ସ୍ପାଇରୀ । ହାଇଡି ହେଉଛି ଗୋଟିଏ ପାର୍ବତ୍ୟ ଇଲାକାର ମଣିଷ ଜୀବନ ଓ ପ୍ରକୃତି ପାଳିତ ପଶୁ, ପକ୍ଷୀ, ସୁରମ୍ୟ ଶୋଭା ଅନ୍ୟପଟରେ ଜର୍ମାନର ଫ୍ରାଙ୍କିଫୁଟ ଭଳି ସହରୀ ମଣିଷ ଜୀନର ଅପରୂପ କାହାଣୀ । ବିଶେଷ କରି ପ୍ରକୃତି କୋଳରେ ଅନାଥ, ସରଳ, ଅକପଟ ଏକ ଶିଶୁ ଜୀବନର ପରିଚର୍ଯ୍ୟା ଏହି ଉପନ୍ୟାସର ଉପଜୀବ୍ୟ । ଉପନ୍ୟାସଟି ୧୭ଟି ଭାଗରେ ବିଭାଜିତ ହୋଇଥିବାବେଳେ

ISSN NO.
2582-208X

ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି – ଅଜା, ଜେଜେମା, ହାଇଡି, ଅତିଥି, ଡାକ୍ତର ନାକା, କ୍ଲାରା, ପିଟର ମା, ଆମ୍ କାକା, ପିଟର ଏବଂ ସ୍ଲୋପ୍ଲେକ୍ ।

ନଟବର ସାହୁଙ୍କ 'ଅଦୃଶ୍ୟ ମାନବ' (୨୦୦୫) :

ପ୍ରଖ୍ୟାତ ଇଂରାଜୀ ଔପନ୍ୟାସିକ ଏଚ୍. ଜି. ୱେଲସ୍ଙ୍କ ସୁପ୍ରସିଦ୍ଧ ଉପନ୍ୟାସ 'ଇନ୍‌ଭିଜିବଲ୍ ମ୍ୟାନ୍'ର ଏହା ହେଉଛି ସରଳ ଓଡ଼ିଆ ରୂପାନ୍ତର । ଉପନ୍ୟାସଟି ୧୨ଟି ଭାଗରେ ବିଭକ୍ତ । ଚରିତ୍ରମାନଙ୍କ ମଧ୍ୟରେ ଅଛନ୍ତି ଷ୍ଟେସନ ହିଲାସ, ମାଷ୍ଟର, ଲୋକଟି (ଗ୍ରିଫିନ୍), ମିସେସ ହଲ୍, ପରିଚାରିକା, ଟମ୍, ଫାରେନ୍‌ସାଇଟ୍, ନିଃ ହଲ୍, ନିଃ କାସ୍, ପାଦ୍ରି ବାନ୍‌ଟି, ଡାକ୍ତର କାସ୍, ଟମାସ୍ ମାରଭେଲ୍, ନିଃ ଓୟୋଜାର୍ସ, କନେଷ୍ଟବଳ, କୋଚମ୍ୟାନ, ଦାଢିବାଲା, ମଦ ବିକ୍ରେତା, ଦାସୀ, ଥାନାବାବୁ ଏବଂ ଡାକ୍ତରବାବୁ ।

ଉପନ୍ୟାସଟିରେ ସରଳ ଶବ୍ଦ, ଭାଷା ପ୍ରୟୋଗ ମାଧ୍ୟମରେ ନଟବର ସାହୁ ବ୍ରାମ୍ବଲହାଷ୍ଟ ରେଳଷ୍ଟେସନ, ଆଇଫି ସହରରେ ଜଣେ ଅଦ୍‌ଭୁତ ଆଗନ୍ତୁକଙ୍କର ହୋଟେଲରେ କିଛି କାଳ ରହିବା ଏବଂ ତାଙ୍କୁ ନେଇ ଘଟିଥିବା ବିଭିନ୍ନ ଆଚମ୍ବିତ ଘଟଣାମାନ ଆଲୋଚିତ ହୋଇଛି । କେତେବେଳେ ମଣିଷଟିର ହାତ ଶୂନ୍ୟ କେବଳ ଲୋକଟାର ଜାମାର ହାତଟା ଉପରକୁ ସିଧା ଉଠି କାମ କରେ ତ କେତେବେଳେ ମୁଣ୍ଡ ବିହୀନ ଶବର କାମ କରୁଥାଏ । କେତେବେଳେ ପୁଣି ସେ ଲୋକଟି ଅଦୃଶ ଅଦୃଶ୍ୟ ମାନବ ହୋଇ ବିଭିନ୍ନ କାର୍ଯ୍ୟ କରୁଥାଏ । ଏହି ଘଟଣାକୁ ନେଇ ଭୂତ, ପ୍ରେତ, ଅନ୍ଧବିଶ୍ୱା ବିଶ୍ୱାସ ତ କେତେବେଳେ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଅବତାରଣା କରାଯାଇଛି । ପିଲାମାନଙ୍କ ମସ୍ତିଷ୍କକୁ କସରତ କରାଇବାରେ ସହାୟକ ସେମାନଙ୍କ ମନୋରଂଜନ ନିମନ୍ତେ ଉପନ୍ୟାସଟି ବେଶ ଉପାଦେୟ ହୋଇପାରିଛି ରିଛି । ଏତାଦୃଶ୍ୟ ଏକାଧିକ ଉପନ୍ୟାସ ଓଡ଼ିଆ ଶିଶୁ କିଶୋର ସାହିତ୍ୟକୁ ସମୃଦ୍ଧ କରିପାରିଛି ।

ଅନୁବାଦର ପ୍ରବୃତ୍ତିରେ ମୁଖ୍ୟତଃ ଗ୍ଲୋବାଲ୍ ବିଷୟବସ୍ତୁର ସ୍ଥାନୀୟକରଣ, ସରଳ ଭାଷା, ସଂଲାପ ଶୈଳୀ, ଡିଜିଟାଲ୍ ପ୍ରକାଶନ, ଇ-ବୁକ୍ ପ୍ରଚାର, ଲିଙ୍ଗ ସମତା, ମାନବାଧିକାର ଚେତନା, ଲିଙ୍ଗ ସମତା, ମାନବାଧିକାର ଚେତନା, ପରିବେଶ ସଚେତନତା ଓ ଶିକ୍ଷାତ୍ମକ ମୂଲ୍ୟବୋଧର ଗୁଣାତ୍ମକ ଅବିବୃଦ୍ଧି ଆଦି ସଂଶ୍ଳିଷ ହୋଇପାରିଛି ।

ISSN NO.
2582-208X

ଏକବିଂଶ ଶତାବ୍ଦୀର ଅନୂଦିତ ଶିଶୁ-କିଶୋର ଉପନ୍ୟାସମାନ ସମ୍ପ୍ରତି କେବଳ ମନୋରଞ୍ଜନ ପ୍ରଦାନ କରୁନାହିଁ; ତାହା ଚିନ୍ତନଶୀଳ ଓ ସଚେତନ ପିଢ଼ି ଗଠନରେ ମୂଲ୍ୟବାନ ଅବଦାନ ରଖୁଛି ।

ବିଷୟବସ୍ତୁର ପରିବର୍ତ୍ତନନିମ୍ନମତେ ପାରିବର୍ତ୍ତିତ ହୋଇଛି ଯଥା -

| | |
|---|---|
| ପୁରୁଣା ଧାରା | ନୂତନ ଧାରା |
| ପ୍ରାଚୀନ ଧାରା | ଏକବିଂଶ ଶତାବ୍ଦୀୟ ଧାରା |
| ପରୀକାହାଣୀ | ଫ୍ୟାଣ୍ଟାସି ସିରିଜ୍ |
| ନୈତିକ କଥାସାହିତ୍ୟ | ସାମାଜିକ-ରାଜନୈତିକ ଚେତନା ସମ୍ବଳିତ |
| ଏକମାତ୍ର ନାୟକ | ଶକ୍ତିଶାଳୀ ନାୟିକା |
| ସ୍ଥାନୀୟ ପରିପ୍ରେକ୍ଷ୍ୟ | ଜଗତିକରଣ ପରିପ୍ରେକ୍ଷ୍ୟ |
| ସାମାଜିକ ଗୁରୁତ୍ୱ | ସାଂସ୍କୃତିକ ପ୍ରଭାବ |
| ଚିରାଚରିତ ପ୍ରବାହ | ଗବେଷଣାତ୍ମକ ପରୀକ୍ଷାନିରୀକ୍ଷା |
| ଧାରାବାହିକତା | ମନୋବୈଜ୍ଞାନ ଧର୍ମୀ |

ଏକବିଂଶ ଶତାବ୍ଦୀରେ ଅନୁବାଦିତ ଶିଶୁ ଏବଂ କିଶୋର ଉପନ୍ୟାସର ଧାରାରେ ଯେଉଁ ବିବର୍ତ୍ତନ ସଶ୍ଳିଷ୍ଟ ହୋଇପପାରିଛି, ସେଥିନିମମନ୍ତେ ପିଲାମାନଙ୍କ କଳ୍ପନାଶକ୍ତିର ବୃଦ୍ଧି, ସେମାନଙ୍କର ସ୍ୱାଧୀନ ଚିନ୍ତନ, ଆତ୍ମପରିଚୟ ଗଠନ, ବ୍ୟକ୍ତିତ୍ୱ ବିକାଶ ସହିତ ଶିଶୁ-କିଶୋର ପତ୍ରିକାର ବୃଦ୍ଧି, ପାଠକ ଅଭିବୃଦ୍ଧି, ଶିକ୍ଷା କ୍ଷତ୍ରରେ ସମ୍ମିଳିତ ହେବାର ଗୌରବଲାଭ କରିପାରିଛି ।

## ଉପସଂହାର

ଶିଶୁ-କିଶୋର ସାହିତ୍ୟର ଅନୁବାଦ ନବଜାଗରଣ ପରବର୍ତ୍ତୀ କାଳରୁ ଆରମ୍ଭ ହୋଇଥିଲେ ମଧ୍ୟ, ଏକବିଂଶ ଶତାବ୍ଦୀରେ ଏହାର ଗତି ଅସାଧାରଣ ଭାବେ ବଢ଼ିଛି। ଇଣ୍ଟରନେଟ୍, ବିଶ୍ୱସାହିତ୍ୟର ପ୍ରକାଶନ, ମଲ୍ଟିମିଡିଆ ଓ ସାମାଜିକ ଗଣମାଧ୍ୟମର ବିକାଶ ଫଳରେ ଅନୁବାଦ ସାହିତ୍ୟ ବ୍ୟାପକ ପ୍ରଚାର ପ୍ରସାର ପାଇପାରିଛି । ଏହି ଶତାବ୍ଦୀରେ ଅନୁବାଦ

ISSN NO.
2582-208X

କେବଳ ଭାଷାନ୍ତର ନୁହେଁ; ଏହା ଏକ ସଂସ୍କୃତିକ ପୁନର୍ନିର୍ମାଣ ପ୍ରକ୍ରିୟା ପାଲଟିଛି । ଅନୂଦିତ ଶିଶୁ-କିଶୋର ଉପନ୍ୟାସ ସାହିତ୍ୟ ଶିଶୁ-କିଶୋରମାନଙ୍କ ମନରେ ସୃଜନଶୀଳତା, ମୂଲ୍ୟବୋଧ ଓ ବିଶ୍ୱମାନବତାର ଚେତନା ସୃଷ୍ଟି କରୁଛି। ଓଡ଼ିଆ ଭାଷାରେ ଏହାର ଆଗାମୀ ଦିନରେ ଆହୁରି ବ୍ୟାପକ ଅବଦାନ ଆଶା କରାଯାଉଛି। ଅନୁବାଦିତ ଶିଶୁ ସାହିତ୍ୟର ଭବିଷ୍ୟତ ବିଶ୍ୱ ବିବିଧତାକୁ ଯେ, ଗ୍ରହଣ କରିବା ସହିତ ସାଂସ୍କୃତିକ ଅଖଣ୍ଡତା ବଜାୟ ରଖିବାରେ ନିହିତ ତଥା ନିଃସନ୍ଦେହ ।

୧. ଖୁଣ୍ଟିଆ, ଲକ୍ଷ୍ମୀକାନ୍ତ; ରଥ, ଗୋବିନ୍ଦ ଚନ୍ଦ୍ର : ଓଡ଼ିଆ ଶିଶୁସାହିତ୍ୟର ଇତିହାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ୍, ବିନୋଦବିହାରୀ, କଟକ, ୨୦୨୨

୨. ମହାନ୍ତି, ଜ. (2012). ଓଡ଼ିଆ ଶିଶୁ ସାହିତ୍ୟର ପରିଚୟ. କଟକ: ବନ୍ଧୁ ପ୍ରକାଶନ।

୩.ସାହୁ, ବସନ୍ତ କିଶୋର : ଓଡ଼ିଆ ଶିଶୁସାହିତ୍ୟର ଗତି ଓ ସ୍ଥିତି, ଓଡ଼ିଆ ଶିଶୁସାହିତ୍ୟ, ଉତ୍କଳ ସାହିତ୍ୟ ସମାଜ, ବିଦ୍ୟାପୁରୀ, କଟକ, ୨୦୧୪

୩.ଦେବସରେ, ହରେକୃଷ୍ଣ : ହିନ୍ଦୀ ବାଲ୍ ସାହିତ୍ୟ : ଏକ ଅଧ୍ୟୟନ

୪. ମହାନ୍ତି, ମନୀନ୍ଦ୍ର : ଓଡ଼ିଆ ଶିଶୁସାହିତ୍ୟ ଉନ୍ମେଷ ଓ ବିକାଶ, ମାଣିକ ବିଶ୍ୱନାଥ ଜାତବ୍ୟ ସ୍ମୃତିନ୍ୟାସ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୯୨, ପୃ.୧୮୫

୫. ମହାନ୍ତି, ମହେଶ୍ୱର : ଓଡ଼ିଆ ଶିଶୁସାହିତ୍ୟର ସାମାଜିକ ପୃଷ୍ଠଭୂମି, କାହାଣୀ ପ୍ରକାଶନ, କଟକ, ପ୍ରଥମ ସଂସ୍କରଣ, ୧୯୯୮

English

Hunt, P. (2010). Children's Literature: Critical Concepts in Literary and Cultural Studies. Routledge.

ISSN NO.
2582-208X

Mohanty, J. (2015). Odia Shishu Sahitya: Eka Samiksha. Cuttack: Friends Publishers.

Nodelman, P. (2008). The Hidden Adult. Johns Hopkins University press.

Piaget, J. (1962). The Language and Thought of the Child. Harcourt Brace.

Vygotsky, L. S. (1978). Mind in Society. Harvard University Press.

(((-)))

ଡକ୍ଟର ପ୍ରଦୀପ୍ତ କୁମାର ଚୌଧୁରୀ
ପ୍ରାଧ୍ୟାପକ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ ଉଦୟନାଥ ସ୍ୱୟଂଶାସିତ
ମହାବିଦ୍ୟାଳୟ ଅଡ଼ଶପୁର,
କଟକ - ୭୫୪୦୧୧

ପ୍ରିୟଙ୍କା ମହାନ୍ତ
ଗବେଷିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବିବାଣୀବିହାର, ଭୁବନେଶ୍ୱର

ISSN NO.
2582-208X

# ଅନୁଭବର ଅନ୍ତରାଳେ ତୁମେ



ରବି ବଗର୍ତ୍ତୀ

ତୁମକଥା ମନେପଡେ...
ସେଇ କଲେଜ ରାସ୍ତା ଦେଇ ଗଲାବେଳେ
କେବେ କେମ୍ପସର ର ଅମ୍ବ ଗଛ ମୂଳେ ବସିଲେ,
ବେଞ୍ଚଉପରେ ଲେଖା ଥିବା ଆମ ନାଁ କୁ ଦେଖିଲେ
ପୁଣି ସେଇ ତୁମ ପୁରୁଣା ସାଙ୍ଗମାନଙ୍କୁ ଭେଟିଲେ ।

ତୁମ କଥା ମନେ ପଡେ...
ସେଇ ନଦୀ କୂଳରେ ଏକା ଏକା ଚାଲିଲେ
ଜହ୍ନ ରାତିରେ ତାରାମାନଙ୍କୁ ବସି ଗଣିଲେ
କେବେ ସନ୍ଧ୍ୟାରେ ଛାତରେ ବସି ବହି ପଢିଲେ
ପୁଣି ତୁମର ସେଇ ଚିଠିଟିକୁ ଖୋଲି ଦେଖିଲେ ।

ତୁମକଥା ମନେପଡେ.....
ଏକା ଏକା ଅଦିନିଆ ବର୍ଷାରେ ମୁଁ ଭିଜିଲେ
ଝରକାପଟେ ସେଇ ଗୋଲାପ ଗୁଚ୍ଛକୁ ଦେଖିଲେ
ତୁମେ ଦେଇଥିବା ସେଇ ପୋଷାକକୁ ପିନ୍ଧିଲେ
ପୁଣି କେହିମତେ ତୁମେ ତୁମେ ବଲି ଡାକିଲେ।

ISSN NO.
2582-208X

ତୁମ କଥା ମନେପଡେ...
ତୁମ ନାଁ ଧରି କେହିଜଣେ ଅନ୍ୟ ଜଣକୁ ଡାକିଲେ
ହାତଧରି ଚାଲୁଥିବା ପ୍ରେମୀ ଯୁଗଳଙ୍କୁ ଦେଖିଲେ
ପୁଣି ସେଇ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣକୁ ପରଖିଲେ
ତୁମକଥା ମନେ ପଡେ .......।

(((-)))

ବରଗଡ଼, ବିଜେପୁର, ସାଧୁପାଲି
ମୋ: 8260904451

ISSN NO.
2582-208X

# ମୁଁ ପ୍ରକୃତି କହୁଛି



ଦୀପକ କୁମାର ଓଝା

ମୁଁ ପ୍ରକୃତି କହୁଛି,
ଆସ ମୋର ମନୋରମ ଦୃଶ୍ୟକୁ ମନଭରି ଉପଭୋଗ କର..
ମୁଁ ବନ୍ଧୁ, ଶତ୍ରୁ ନୁହେଁ,
କରନା ମୋର ସଂହାର (୨ ଥର)
କୋଳରେ ମୋ ମିଠା ମିଠା ଫଳ,
ଆଉ ପୁଷ୍ପର ମହକ
ତୁମ ପାଇଁ ଧାରଣ କରିଛି
ହୋଇ ଈଶ୍ୱରଙ୍କ ଆଗାଜ । (୨ ଥର)
ପାହାଡ, ଝରଣା ସବୁ
ତୁମ ଖୁସି ପାଇଁରେ
ଦୁନିଆରେ ମୋର ସୃଷ୍ଟି
କେବେ ବୁଝିବୁ ଭାଇରେ (୨ ଥର)
କି ଦୋଷ କରିଛି ମୁଁ
ତୁମେ ଏତେ କଷ୍ଟ ଦଉଛ
ବନ୍ଧୁ ମୁହିଁ ଶତ୍ରୁ ନୁହେଁ
ତଥାପି ବିନାଶ କରୁଛ (୨ ଥର)
ବର୍ଷା ହେଲେ ରକ୍ଷା କରେ

ISSN NO.
2582-208X

ଛୋଟିଆ ଏକ ଛତା
ସେହି ଛତା ଛିଦ୍ର ହେଲେ
ଅଟକାଇ ପାରିବ କି ବରଷା ।(୨ଥର)
ମୁଁ ତୁମର ସେହି ଛତା,
ଯିଏ ଖରା ବର୍ଷାର ରକ୍ଷକ
କାହିଁକି ବିନାଶ କରୁଛ ମୋତେ
ନେତ୍ରରୁ ଝରେ ମୋ ଲୋତକ (୨ ଥର)
ମୁଁ ଯଦି ସୁସ୍ଥ ରହେ,
ତୁମେ ବି ନୀରୋଗ ରହିବ
ଏକଥା ବୁଝିଛନ୍ତି ପଶୁ,
ହେଲେ ତୁମେ ମଣିଷ କେବେ ବୁଝିବ (୨ ଥର)
ବିଜ୍ଞାନର ଅଗ୍ରଗତି ଥିଲା,
ତୁମେ ସେବା ପାଇଁ
ହେଲେ ଅହଙ୍କାର ଶକ୍ତି ବଳେ,
ତୁମେ ସାଜିଲ କଁସାଇଁ(୨ ଥର)
ଘନ ଘନ ବୃକ୍ଷ କାଟି,
ମୋତେ ଦୁର୍ବଳ ଯେ କଲ
ମୋ ଗର୍ଭରୁ ସବୁ ଶକ୍ତି
ଉପାଡି ନଷ୍ଟ କଲ (୨ ଥର)
କାରଖାନା ବୃଦ୍ଧି କରି
ମୋ ବାକି ଶରୀର
ଅଳିଆ, ଆବର୍ଜନା,
ବିଶାକ୍ତ ଧୂଆଁରେ ଭରିଲ (୨ ଥର)
ମୁଁ ପ୍ରକୃତି ତୁମ ବନ୍ଧୁ
ଆଜି କରେ ଆହ୍ୱାନ
ଚିଦ୍ର ହୃଦୟେ ମୋ ଭରିଦିଅ,
ତୁମେ ଅମ୍ଳଜାନ (୨ ଥର)

ISSN NO.
2582-208X

ବୃକ୍ଷ ରୋପଣ କରି ମୋତେ
ତୁମେ ରକ୍ଷା କର
ମୁଁ ବଞ୍ଚିଲେ ତୁ ବଞ୍ଚିବୁ,
ମୁଁ ବନ୍ଧୁ ଯେ ତୋହର(୨ ଥର )

(((-)))

ବାପିଲେ୍ ବାବନପୁର, କେନ୍ଦ୍ରାପଡା

ISSN NO.
2582-208X

# ମାତୃଭାଷା ଦିବସ......



ଜନ୍ମଜୟ ନାୟକ

ଜନନୀ ଜଠୁ ଜନମି ଧରା ଛୁଇଁ,
କର୍ଣ୍ଣଯୁଗଳ ମାତୃଭାଷା ଶୁଣଇ ।
ମା' ଓଷ୍ଠ ରୁ ମାତୃଭାଷା ଝରଇ,
ତା' ନାନାବାୟା ଗୀତ ମନ ମୋହଇ ।୧।

ଓଡ଼ିଶାର ଭାଷା ନିଆରା ଅଟଇ,
ମାତୃଭୂମି ପାଇଁ ଗରବ ଭରଇ ।
ପଖାଳ କଂସା ୧୨ ମାସେ ତେର ଓଷା,
ସବୁଠୁଁ ମହାନ ଅଟେ ମାତୃଭାଷା ।୨।

ଓଡ଼ିଆ ପ୍ରତି ଯଦି ସମ୍ମାନ ନାହିଁ,
କି ଲାଭ ମୋ ଓଡିଶାକୁ ରାଜ୍ୟ କହି ?
ନୁହେଁ ଜ୍ଞାନୀ ଯେ ଓଡ଼ିଆ ଶିଖିନାହିଁ,
ମିଠାଭାଷା ମୋ ମାତୃଭାଷା ଅଟଇ ।୩।

ଯା ହୃଦେ ମାତୃଭାଷା ମମତା ନାହିଁ,
ସେହି ମୂର୍ଖ ସହ ତୁଳନା ହୁଅଇ ।

ISSN NO.
2582-208X

କେତେ କବି ଗାଳ୍ପିକ ରଚି ନିରନ୍ତର
ଭରିଲେ ଓଡ଼ିଆ ବାଣୀ ଭଣ୍ଡାର ।୪।

ଆଜି ପବିତ୍ର ମାତୃଭାଷା ଦିବସେ ,
ଶପଥ ନେବାରେ ସଭିଏଁ ହରଷେ ।
ଗରବେ ଆମେ ଓଡ଼ିଆ କହିବାରେ,
ମଧୁବାବୁଙ୍କ ସ୍ୱପ୍ନ ପୂରା ହେବରେ ।୫।

(((-)))

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ,
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ତେଲିଗଡ଼ ଦୁର୍ଗ-ଓଡ଼ିଶାର ଐତିହ୍ୟର ଏକ ହଜିଯାଇଥିବା ଅଧ୍ୟାୟ

ମାନସ କୁମାର ରାଉତ

ସାରାଂଶ

ଐତିହାସିକ ଭାବରେ ଓଡ୍ର, ଉତ୍କଳ, କଳିଙ୍ଗ, କୋଶଳ ଏବଂ ତୋଶାଳି ଭାବରେ ଜଣାଶୁଣା ଓଡ଼ିଶାକୁ ବହୁ ଦିନ ଧରି "ମନ୍ଦିରର ଭୂମି" ଏବଂ ଦୁର୍ଗ ନିର୍ମାଣ ପାଇଁ ପ୍ରସିଦ୍ଧ ଅର୍ଜନ କରିଛି। ଏଗୁଡ଼ିକ ମଧ୍ୟରେ, ଯାଜପୁର ଜିଲ୍ଲାର ତେଲିଗଡ଼ ଦୁର୍ଗ ଏକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଅନ୍ୱେଷଣିତ ସ୍ଥାନ ପ୍ରତିନିଧିତ୍ୱ କରେ ଯାହା ଏହି ଅଂଚଳର ସାମରିକ, ସାଂସ୍କୃତିକ ଏବଂ ଧାର୍ମିକ ଇତିହାସକୁ ପ୍ରତିଫଳିତ କରେ । ଏହି ପ୍ରବନ୍ଧଟି ସାହିତ୍ୟିକ ପରମ୍ପରା, ପ୍ରତ୍ନତାତ୍ତ୍ୱିକ ଅବଶେଷ ଏବଂ ଐତିହାସିକ ରେକର୍ଡ ମାଧ୍ୟମରେ ତେଲିଗଡ଼କୁ ପରୀକ୍ଷା କରେ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଏବଂ ମାଦଳାପାଞ୍ଜି ଭଳି ଆଂଚଳିକ ଇତିହାସ ଉପରେ ଆଧାର କରି, ଏହି ଅଧ୍ୟୟନ ତେଲିଗଡ଼କୁ ଭାରତୀୟ ଦୁର୍ଗ ନିର୍ମାଣର ବ୍ୟାପକ ପରମ୍ପରା ମଧ୍ୟରେ ସ୍ଥାନିତ କରେ । ଏହି ଦୁର୍ଗକୁ ଗିରିଦୁର୍ଗା (ପାହାଡ଼ି ଦୁର୍ଗ ) ଭାବରେ ବର୍ଗୀକୃତ କରାଯାଇଛି, ଯାହା ଶାସ୍ତ୍ରୀୟ ଗ୍ରନ୍ଥରେ ଉଲ୍ଲିଖିତ ପ୍ରକାରଭେଦକୁ ପ୍ରତିଫଳିତ କରେ । ଏହି ପତ୍ରିକାରେ ଯାଜପୁରର ରାଜନୈତିକ ଉତ୍ତରାଧିକାର, ସ୍ଥାନର ସ୍ଥାପତ୍ୟ ବୈଶିଷ୍ଟ୍ୟ, ଗଙ୍ଗ ରାଜବଂଶ ସହିତ ଏହାର ସମ୍ପର୍କ ଏବଂ ଲୋକକଥା ମାଧ୍ୟମରେ ଏହାର ପ୍ରତୀକାତ୍ମକ ଗୁରୁତ୍ୱ ଅନୁସନ୍ଧାନ କରାଯାଇଛି । ବିଶ୍ଳେଷଣ ଦର୍ଶାଏ ଯେ ତେଲିଗଡ଼ କେବଳ ଏକ ସାମରିକ ଗଡ଼ ଭାବରେ ନୁହେଁ ବରଂ ଏକ ସାଂସ୍କୃତିକ ଏବଂ ଧାର୍ମିକ ସ୍ଥାନ ଭାବରେ ମଧ୍ୟ କାର୍ଯ୍ୟ କରିଥିଲା, ଯାହା ମଧ୍ୟଯୁଗୀୟ ଓଡ଼ିଶାର ସାମାଜିକ-ରାଜନୈତିକ ଦୃଶ୍ୟପଟ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ । ତେଣୁ, ଏହି ସ୍ଥାନର ସଂରକ୍ଷଣ ଓଡ଼ିଶାର ଅତୀତକୁ ବୁଝିବା ଏବଂ ଏହାର ଐତିହ୍ୟ ପର୍ଯ୍ୟଟନ ସମ୍ଭାବନାକୁ ସମୃଦ୍ଧ କରିବା ପାଇଁ ଅତ୍ୟାବଶ୍ୟକ ।

ISSN NO.
2582-208X


ମୁଖ୍ୟ ଶବ୍ଦ: ତେଲିଗଡ଼ ଦୁର୍ଗ, ଓଡ଼ିଶା ଇତିହାସ, ଯାଜପୁର, ଗଙ୍ଗ ରାଜବଂଶ, ସାମରିକ ସ୍ଥାପତ୍ୟ, ପ୍ରତ୍ନତତ୍ୱ

## ପରିଚୟ

ଦକ୍ଷିଣ ଏସିଆରେ ଦୁର୍ଗଗୁଡ଼ିକ ଦୀର୍ଘ ସମୟ ଧରି ରାଜନୈତିକ ଶକ୍ତି, ସାମରିକ ରଣନୀତି ଏବଂ ସାଂସ୍କୃତିକ ପରିଚୟର ପ୍ରତୀକ ଭାବରେ କାର୍ଯ୍ୟ କରିଆସୁଛି । ହରପ୍ପା ସଭ୍ୟତାର ପ୍ରାଚୀର ଘେରା ବସତିଠାରୁ ପୂର୍ବ ଏବଂ ଦକ୍ଷିଣର ମଧ୍ୟଯୁଗୀୟ ଦୁର୍ଗ ପର୍ଯ୍ୟନ୍ତ, ଦୁର୍ଗଗୁଡ଼ିକ ଇତିହାସର ଅନେକ ଦିଗକୁ ଧାରଣ କରିଥାଏ । ଓଡ଼ିଶାରେ, ରାଜବଂଶୀୟ ପରିବର୍ତ୍ତନ, ଧାର୍ମିକ ପରିବର୍ତ୍ତନ ଏବଂ ସାମୁଦ୍ରିକ ବାଣିଜ୍ୟ ସହିତ ଗଭୀର ଭାବରେ ଜଡିତ ଏକ ଅଂଚଳ, ଦୁର୍ଗଗୁଡ଼ିକ ଅଂଚଳଗୁଡ଼ିକୁ ସୁରକ୍ଷିତ ରଖିବା, ସମ୍ବଳଗୁଡ଼ିକୁ ସୁରକ୍ଷା ଦେବା ଏବଂ କର୍ତ୍ତୃତ୍ୱ ପ୍ରଦାନ କରିବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥିଲା । ଏଗୁଡ଼ିକ ମଧ୍ୟରେ, ଯାଜପୁର ଜିଲ୍ଲାର ଅଳ୍ପ ଜଣାଶୁଣା ତେଲିଗଡ଼ ଦୁର୍ଗ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ପାଇଁ ଏକ ଅନନ୍ୟା ଉଦାହରଣ ପ୍ରଦାନ କରେ ।

ଏହି ସ୍ଥାନଟି, ଯଦିଓ ପ୍ରାୟତଃ ଓଡ଼ିଶାର ପ୍ରସିଦ୍ଧ ମନ୍ଦିର ଏବଂ ବୌଦ୍ଧ ସ୍ମାରକୀ ଦ୍ୱାରା ଆଚ୍ଛାଦିତ, ସାମରିକ ସ୍ଥାପତ୍ୟ, ମୌଖିକ ପରମ୍ପରା ଏବଂ ଆଂଚଳିକ ସ୍ମୃତିର ଚିହ୍ନ ସଂରକ୍ଷଣ କରେ ଯାହା ପୂର୍ବ ଭାରତର ସାମାଜିକ-ରାଜନୈତିକ ଦୃଶ୍ୟପଟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରେ। ପ୍ରାରମ୍ଭିକ ମଧ୍ୟଯୁଗୀୟ ସମୟରୁ ଯାଜପୁର ନିଜେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଏବଂ ରାଜନୈତିକ କେନ୍ଦ୍ର ହୋଇଆସିଛି, ସୋମବଂଶୀ ରାଜବଂଶ ସମୟରେ ଏକ ରାଜଧାନୀ ଭାବରେ କାର୍ଯ୍ୟ କରିଥିଲା ଏବଂ ପରେ ଶାକ୍ତ ଏବଂ ବୌଦ୍ଧ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ମଣ୍ଡଳ ଭାବରେ କାର୍ଯ୍ୟ କରିଥିଲା (ବାନାର୍ଜୀ, ୧୯୨୯; ପାଣିଗ୍ରାହି, ୧୯୮୧) । ଏହି ବ୍ୟାପକ ଐତିହାସିକ ପରିବେଶ ମଧ୍ୟରେ, ତେଲିଗଡ଼ ଦୁର୍ଗ ଏକ ଢାଂଚା ଭାବରେ ଉଭା ହୋଇଛି ଯାହାର ଉତ୍ପତ୍ତି, କାର୍ଯ୍ୟ ଏବଂ ସାଂସ୍କୃତିକ ଗୁରୁତ୍ୱ ଅଧିକ ଦେବା ଉଚିତ। ଏହି ଅଧ୍ୟୟନ ତେଲିଗଡ଼ ଦୁର୍ଗକୁ ଏହାର ଐତିହାସିକ ପ୍ରାସଙ୍ଗିକତା ପୁନଃନିର୍ମାଣ ପାଇଁ ପାଠ୍ୟ ସନ୍ଦର୍ଭ, ପ୍ରତ୍ନତାତ୍ତ୍ୱିକ ପର୍ଯ୍ୟବେକ୍ଷଣ ଏବଂ ଲୋକକଥା ବର୍ଣ୍ଣନାକୁ ମିଶ୍ରଣ କରି ଏକ ବହୁବିଧ ଲେନ୍ସ ମାଧ୍ୟମରେ ପରୀକ୍ଷା କରିବାକୁ ଚେଷ୍ଟା କରେ । ଏହାର ଲକ୍ଷ୍ୟ ହେଉଛି ଓଡ଼ିଶାର ସୁଦୃଢ଼ ଭୂଦୃଶ୍ୟର ଅବିରତ ମଧ୍ୟରେ ଦୁର୍ଗକୁ ଅବସ୍ଥିତ କରିବା, ସ୍ଥାନୀୟ ପ୍ରତିରକ୍ଷା ଏବଂ ପ୍ରଶାସନରେ ଏହାର ଭୂମିକା ମୂଲ୍ୟାଙ୍କନ କରିବା ଏବଂ ଲୋକପ୍ରିୟ ସଂସ୍କୃତିରେ କିମ୍ବଦନ୍ତୀ ଏବଂ ସ୍ମୃତି କିପରି ଏହାର ଉପସ୍ଥିତିକୁ ସଂରକ୍ଷଣ କରିଛି ତାହା

ISSN NO.
2582-208X

ଉପରେ ଆଲୋକପାତ କରିବା । ଏହା କରିବା ଦ୍ୱାରା, ଏହି ଗବେଷଣା କେବଳ ଏକ ଅବହେଳିତ ଐତିହ୍ୟସ୍ଥଳର ଡକ୍ୟୁମେସେନ୍ ପାଇଁ ଯୋଗଦାନ କରେ ନାହିଁ ବରଂ ଆଂଚଳିକ ଇତିହାସ କିପରି ଓଡ଼ିଶାରେ ରାଜ୍ୟ ଗଠନ ଏବଂ ସାଂସ୍କୃତିକ ପରିଚୟର ବ୍ୟାପକ ଢାଂଚା ସହିତ ଛେଦିତ ହୁଏ ତାହା ମଧ୍ୟ ଅନୁସନ୍ଧାନ କରେ ।

ପ୍ରାଚୀନ କାଳରେ ଓଡ୍ର, ଉତ୍କଳ, କଳିଙ୍ଗ, କୋଶଳ ଏବଂ ତୋଶାଳି ଭାବରେ ଜଣାଶୁଣା ଓଡ଼ିଶା ଐତିହାସିକ ଭାବରେ ଏକ ସାଂସ୍କୃତିକ କେନ୍ଦ୍ର ଏବଂ ଦୁର୍ଗ ଭୂଦୃଶ୍ୟର ଏକ କ୍ଷେତ୍ର (ପାଣିଗ୍ରାହୀ, ୧୯୬୧; ସାହୁ, ୧୯୬୪) । ରାଜ୍ୟ ସାରା ଥିବା ଅନେକ ଦୁର୍ଗ ଏହାର ରଣନୈତିକ ଏବଂ ସାମରିକ ଗୁରୁତ୍ୱକୁ ଗୁରୁତ୍ୱାରୋପ କରେ, ଯାହା "ମନ୍ଦିରର ଭୂମି" ଭାବରେ ଏହାର ପ୍ରସିଦ୍ଧ ଖ୍ୟାତିକୁ ପରିପୂରକ କରେ। ରାଜଧାନୀଗୁଡ଼ିକୁ ସୁରକ୍ଷାଦେବା, ରାଜକୀୟ କର୍ତ୍ତୃତ୍ୱ ଜାହିର କରିବା ଏବଂ ବିଦେଶୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଦୁର୍ଗ ନିର୍ମାଣ କରାଯାଇଥିଲା । ଏପରି ଗଠନର ଅଧ୍ୟୟନ ବେଦ, ମହାକାବ୍ୟ, ଧର୍ମଶାସ୍ତ୍ର ଏବଂ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ପରି ସାହିତ୍ୟିକ ଗ୍ରନ୍ଥ ଏବଂ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଉପରେ ନିର୍ଭର କରେ, ଯାହା ଦୁର୍ଗ ନିର୍ମାଣ, ଅସ୍ତ୍ରଶସ୍ତ୍ର ଏବଂ ସାମରିକ ସଂଗଠନର କଳା ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରେ (ଶାମଶାସ୍ତ୍ରୀ, ୧୯୨୩) ।

ଏହି ପତ୍ରିକାଟି ଓଡ଼ିଶାର ଯାଜପୁର ଜିଲ୍ଲାର ତେଲିଗଡ଼ ଦୁର୍ଗ ଉପରେଧ୍ୟାନ କେନ୍ଦ୍ରିତ କରେ, ଏହାର ଐତିହାସିକ ପୃଷ୍ଠଭୂମି, ପ୍ରତ୍ନତାତ୍ତ୍ୱିକ ବୈଶିଷ୍ଟ୍ୟ, ଲୋକକଥା ଏବଂ ଆଂଚଳିକ ଇତିହାସରେ ଗୁରୁତ୍ୱ ବିଶ୍ଳେଷଣ କରେ । ଭାରତରେ ଦୁର୍ଗ ନିର୍ମାଣ ପରମ୍ପରାର ବ୍ୟାପକ ପଥ ମଧ୍ୟରେ ତେଲିଗଡ଼କୁ ସ୍ଥାନିତ କରି, ଏହି ପ୍ରବନ୍ଧଟି ଓଡ଼ିଶାର ରାଜନୈତିକ ଏବଂ ସାଂସ୍କୃତିକ ପରିଚୟ ଗଠନରେ ଏହାର ଭୂମିକା ଉପରେ ଆଲୋକପାତ କରେ ।

## ସାହିତ୍ୟ ସମୀକ୍ଷା ଏବଂ ସୈଦ୍ଧାନ୍ତିକ ଢାଂଚା

ପ୍ରାଚୀନତା, ଇତିହାସ ଏବଂ ସାମରିକ ଅଧ୍ୟୟନ କ୍ଷେତ୍ରରେ ଭାରତରେ ଦୁର୍ଗଗୁଡ଼ିକର ଅଧ୍ୟୟନକୁ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ବାନାର୍ଜୀ (୧୯୨୯) ଏବଂ ଦୀକ୍ଷିତ (୧୯୬୮) ପରି ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ପୂର୍ବ ଭାରତରେ ସାମ୍ରାଜ୍ୟିକ ଅବଶେଷକୁ ଦଲିଲ କରିଛନ୍ତି, ସେମାନଙ୍କର ପ୍ରତିରକ୍ଷା ବୈଶିଷ୍ଟ୍ୟ ଏବଂ ସାଂସ୍କୃତିକ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି । ଓଡ଼ିଶାରେ, ଗବେଷଣା ମୁଖ୍ୟତଃ ସ୍ମାରକୀ ସ୍ଥାପତ୍ୟ ବିଶେଷକରି ମନ୍ଦିର ଏବଂ ବୌଦ୍ଧ ମଠ ଉପରେ କେନ୍ଦ୍ରିତ ହୋଇଛି ଯେତେବେଳେ ଦୁର୍ଗ ସ୍ଥାନଗୁଡ଼ିକ ତୁଳନାତ୍ମକ ଭାବରେ ଅଧ୍ୟୟନ

ISSN NO.
2582-208X

କରାଯାଇ ନାହିଁ (ପାଣିଗ୍ରାହୀ, ୧୯୮୧; ମିଶ୍ର, ୨୦୦୦) । ତଥାପି, ପ୍ରତ୍ନତାତ୍ତ୍ୱିକ ସର୍ଭେ ଏବଂ ଐତିହାସିକ ଇତିହାସରେ ବିକ୍ଷିପ୍ତ ଉଲ୍ଲେଖ ଆଂଚଳିକ ରାଜନୀତି ଗଠନରେ ଦୁର୍ଗର ରଣନୈତିକ ଭୂମିକାକୁ ସୂଚିତ କରେ ।



ସାମର୍ଥ୍ୟ ଇତିହାସର ବିଦ୍ୱାନମାନେ ଭାରତୀୟ ଦୁର୍ଗର ଦ୍ୱୃତ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି – ପ୍ରତିରକ୍ଷା ଗଡ଼ ଏବଂ ପ୍ରଶାସନିକ କେନ୍ଦ୍ର ଭାବରେ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର (ଟ୍ରାନ୍ସ କାଙ୍ଗଲେ, ୧୯୬୦) ରାଜ୍ୟଶିଳ୍ପ, ରାଜସ୍ୱ ସଂଗ୍ରହ ଏବଂ ସହରୀକରଣରେ ସେମାନଙ୍କର ଭୂମିକାକୁ ଉଜ୍ଜ୍ୱଳ କରି ଦୁର୍ଗର ପଦ୍ଧତିଗତ ଯୋଜନା ପାଇଁ ପ୍ରାରମ୍ଭିକ ପାଠ୍ୟ ପ୍ରମାଣ ପ୍ରଦାନ କରେ । ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନ (ଚାଉଲି, ୨୦୦୦; ବାସା, ୨୦୦୦) ଏହି ଦୃଷ୍ଟିକୋଣକୁ ଦୃଢ଼ କରିଛି ଯେ ଦୁର୍ଗଗୁଡ଼ିକ କେବଳ ସାମରିକ ପ୍ରତିଷ୍ଠାନ ନୁହେଁ ବରଂ ସାମାଜିକ-ଅର୍ଥନୈତିକ ନେଟୱାର୍କକୁ ମଧ୍ୟ ସୁଗମ କରିଥିଲା । ବିଶେଷକରି ଓଡ଼ିଶା ପାଇଁ, ଭୁବନେଶ୍ୱର ନିକଟବର୍ତ୍ତୀ ଶିଶୁପାଳଗଡ଼ ଭଳି ସ୍ଥାନରେ ଖନନ ପ୍ରଦର୍ଶନ କରିଛି ଯେ ପ୍ରାଚୀନ ଐତିହାସିକ ସହରାଂଚଳ କେନ୍ଦ୍ରଗୁଡ଼ିକ ପ୍ରାୟତଃ ସୁଦୃଢ଼ ଘେରି ପାଖରେ ସଂଗଠିତ ହେଉଥିଲା (ଲାଲ, ୧୯୪୯; ମହାନ୍ତି ଏବଂ ସ୍ମିଥ, ୨୦୦୮) । ଏହି ତଥ୍ୟଗୁଡ଼ିକ ଏହି ଅଂଚଳର ରାଜନୈତିକ କଳ୍ପନାରେ ପ୍ରାଚୀରଗତ ବସତିର ଗୁରୁତ୍ୱକୁ ଗୁରୁତ୍ୱ ଦିଏ । ତଥାପି, କଟକର ଶିଶୁପାଳଗଡ଼ କିମ୍ବା ବାରବାଟୀ ଦୁର୍ଗ ପରି ନୁହେଁ, ତେଲିଗଡ଼ ଭଳି ସ୍ଥାନଗୁଡ଼ିକ ସୀମିତ ବିଦ୍ୱାନଙ୍କଧ୍ୟାନ ଆକର୍ଷଣ କରିଛି,

ISSN NO.
2582-208X

ଅଧିକାଂଶ ସୂଚନା ସ୍ଥାନୀୟ ପରମ୍ପରା ଏବଂ ମୌଖିକ ବିବରଣୀ ମାଧ୍ୟମରେ ବଂଚି ରହିଛି ।

ଲୋକକଥା ଏବଂ ମୌଖିକ ପରମ୍ପରା ମଧ୍ୟ ଦୁର୍ଗ ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଗଠନ କରେ । ଯେପରି ଥାପର (୨୦୦୪) ଏବଂ ଇଟନ୍ (୨୦୦୫) ଯୁକ୍ତି କରନ୍ତି, ଦୁର୍ଗଗୁଡ଼ିକ ଚାରିପାଖରେ ଥିବା କିମ୍ବଦନ୍ତୀଗୁଡ଼ିକ ପ୍ରାୟତଃ ସଂଘର୍ଷ, ସାଂସ୍କୃତିକ ଆଲୋଚନା ଏବଂ ସ୍ଥାନୀୟ ପରିଚୟର ସ୍ମୃତିକୁ ଏନକୋଡ୍ କରିଥାଏ । ତେଲିଗଡ଼ କ୍ଷେତ୍ରରେ, ତେଲି ଏବଂ ଦଇତାପତି ଭଳି ସମ୍ପ୍ରଦାୟ ସହିତ ଏହାର ସମ୍ପର୍କର କାହାଣୀ ସୂଚାଇ ଦିଏ ଯେ ସାଂସ୍କୃତିକ ଦୃଶ୍ୟପଟ୍ଟରେ ଦୁର୍ଗର ଉପସ୍ଥିତିକୁ ବଜାୟ ରଖିବାରେ ଲୋକପ୍ରିୟ ସ୍ମୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଏପରିକି ବ୍ୟାପକ ସାମଗ୍ରୀର ଅବଶେଷର ଅନୁପସ୍ଥିତିରେ ମଧ୍ୟ । ତେଣୁ ବିଦ୍ୟମାନ ଛାତ୍ରବୃତ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରଦାନ କରେ: ପ୍ରଥମତଃ, ଓଡ଼ିଶାରେ ସେହି ଦୁର୍ଗଗୁଡ଼ିକ ଆଂଚଳିକ ରାଜ୍ୟ ଗଠନ ଏବଂ ପରିଚୟ ପାଇଁ ଅବିଚ୍ଛେଦ୍ୟ ଥିଲା; ଏବଂ ଦ୍ୱିତୀୟତଃ, ତେଲିଗଡ଼ ବର୍ତ୍ତମାନର ଗବେଷଣାରେ ଏକ ଅଭାବକୁ ପ୍ରତିନିଧିତ୍ୱ କରେ, ଯାହା ପାଇଁ ଏକ କେନ୍ଦ୍ରିତ ଅଧ୍ୟୟନ ଆବଶ୍ୟକ ଯାହା ପ୍ରତ୍ନତତ୍ୱକୁ ଲୋକକଥା ସହିତ ସମନ୍ୱିତ କରେ । ଏହି ବ୍ୟାପକ ଆଲୋଚନା ମଧ୍ୟରେ ତେଲିଗଡ଼କୁ ସ୍ଥାନିତ କରି, ବର୍ତ୍ତମାନର ଗବେଷଣା ଓଡ଼ିଶାର ଅବହେଳିତ ଦୁର୍ଗ ଐତିହ୍ୟର ଡକ୍ୟୁମେସେନ୍ ପାଇଁ ଯୋଗଦାନ ଦେବାର ଲକ୍ଷ୍ୟ ରଖିଛି ।

ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଭାରତର ସାମରିକ ସ୍ଥାପତ୍ୟ ନିର୍ଦ୍ଦେଶିକା ଗ୍ରନ୍ଥ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଥିଲା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର, ଯାହାକୁ ପ୍ରାୟତଃ ଭାରତୀୟ ରାଜନୀତିର ଏକ ମୂଳ ପାଠ୍ୟ ଭାବରେ ବିବେଚନା କରାଯାଏ, ରାଜ୍ୟଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ଦୁର୍ଗ ଉପରେ ଦୃଢ଼ ଗୁରୁତ୍ୱ ଆରୋପ କରେ, ଯାହା କୋଷାଗାର, ସେନା ଏବଂ ପ୍ରଶାସନକୁ ସୁରକ୍ଷା ଦେବା ପାଇଁ ଅତ୍ୟାବଶ୍ୟକ (ଶମଶାସ୍ତ୍ରୀ, ୧୯୨୩) । କୌଟିଲ୍ୟଙ୍କ ମତରେ, ଦୁର୍ଗଗୁଡ଼ିକ କେବଳ ପ୍ରତିରକ୍ଷାମୂଳକ ଗଠନ ନୁହେଁ ବରଂ ଷଡ଼ଯନ୍ତ୍ର, କୂଟନୀତି ଏବଂ ଶାସନର କେନ୍ଦ୍ର ଥିଲା ।

କୌଟିଲ୍ୟ ଦୁର୍ଗଗୁଡ଼ିକୁ ଛଅଟି ବର୍ଗରେ ବର୍ଗୀକୃତ କରିଥିଲେ: ଗିରିଦୁର୍ଗ (ପାହାଡ଼ି ଦୁର୍ଗ), ଜଳଦୁର୍ଗ (ଜଳ ଦୁର୍ଗ), ଧନବନ-ଦୁର୍ଗ (ମରୁଭୂମି ଦୁର୍ଗ), ବନ ଦୁର୍ଗ (ଜଙ୍ଗଲ ଦୁର୍ଗ), ମୃଦ-ଦୁର୍ଗ (ମାଟିର ଦୁର୍ଗ), ଏବଂ ନର-ଦୁର୍ଗ (ପୁରୁଷଙ୍କ ଦ୍ୱାରା ସୁରକ୍ଷିତ ଦୁର୍ଗ) । ଉପ

ISSN NO.
2582-208X

ପ୍ରକାରରେ ଦ୍ୱୀପ ଦୁର୍ଗ (ଅନ୍ତର୍ଦ୍ଵୀପ-ଦୁର୍ଗ) ଏବଂ ସମତଳ ଦୁର୍ଗ (ସ୍ଥଳ-ଦୁର୍ଗ) (ମହାପାତ୍ର, ୧୯୮୬) ଅନ୍ତର୍ଭୁକ୍ତ ଥିଲା । ଏହି ବର୍ଗୀକରଣଗୁଡ଼ିକ ଆଂଚଳିକ ଭିନ୍ନତା ସହିତ ସମଗ୍ର ଭାରତରେ ପ୍ରଭାବଶାଳୀ ରହିଥିଲା ।

ଯାଜପୁର ଏବଂ ତେଲିଗଡ଼ ଦୁର୍ଗର ଐତିହାସିକ ପ୍ରସଙ୍ଗ ଯାଜପୁର, ଐତିହାସିକ ଭାବରେ ବିରାଜକ୍ଷେତ୍ର ଏବଂ ଗଡ଼କ୍ଷେତ୍ର ଭାବରେ ଜଣାଶୁଣା, ଦୀର୍ଘକାଳ ଧରି ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ରାଜନୈତିକ କେନ୍ଦ୍ର ହୋଇଆସିଛି (ମହାନ୍ତି, ୨୦୦୫) । ଏହା ବୈତରଣୀ ନଦୀ କୂଳରେ ପିତୃଶ୍ରାଦ୍ଧ ରୀତି ସହିତ ଜଡିତ ଏକ ପବିତ୍ର ସ୍ଥଳ ଥିଲା ଏବଂ ଏହା ଭୌମକର (ସପ୍ତମ-ଅଷ୍ଟମ ଶତାବ୍ଦୀ), ସୋମବଂଶୀ (ନବମ-୧୧ଶ ଶତାବ୍ଦୀ), ଗଙ୍ଗ (୧୧ଶ-୧୪ଶ ଶତାବ୍ଦୀ), ଗଜପତି (୧୪ଶ-୧୬ଶ ଶତାବ୍ଦୀ), ଭୋଇ, ମୋଗଲ, ମରାଠା ଏବଂ ଶେଷରେ ବ୍ରିଟିଶ (ପାଣ୍ଡ, ୨୦୦୮) ସମେତ କ୍ରମାଗତ ରାଜବଂଶର ସାକ୍ଷୀ ରହିଛି ।



ଯାଜପୁର ମଧ୍ୟରେ, ତେଲିଗଡ଼କୁ ଅଂଚଳକୁ ରକ୍ଷା କରିବା ପାଇଁ ଗିରିଦୁର୍ଗ (ପାହାଡ଼ି ଦୁର୍ଗ) ଭାବରେ ପ୍ରତିଷ୍ଠିତ କରାଯାଇଥିଲା । ଦର୍ପଣଗଡ଼ ସହିତ, ଏହା ଅଂଚଳର ରାଜନୈତିକ କେନ୍ଦ୍ରଗୁଡ଼ିକୁ ସୁରକ୍ଷା ଦେଉଥିବା ଦୁର୍ଗର ଏକ ନେଟୱାର୍କ ଗଠନ କରିଥିଲା । ଏହାର ସ୍ଥାପତ୍ୟ ଶୈଳୀ ଗଙ୍ଗ ରାଜବଂଶ ସହିତ ସମ୍ପର୍କ ସୂଚାଇଥାଏ ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିର ସହିତ ସମାନତା ବହନ କରେ (ବାସା ଏବଂ ମହାନ୍ତି, ୨୦୦୦) ॥ ଐତିହାସିକ ଭାବରେ ବିରାଜ କିମ୍ବା ବିରାଜ କ୍ଷେତ୍ର ଭାବରେ ଜଣାଶୁଣା ଯାଜପୁର, ଓଡ଼ିଶାର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ।

ISSN NO.
2582-208X

ପ୍ରାରମ୍ଭିକ ମଧ୍ୟଯୁଗୀୟ ସମୟ (ସପ୍ତମ-ଦ୍ୱାଦଶ ଶତାବ୍ଦୀ ଖ୍ରୀଷ୍ଟାବ୍ଦ)ରୁ, ଏହା ଏକ ପ୍ରମୁଖ ସହରାଂଚଳ କେନ୍ଦ୍ର ଏବଂ କ୍ରମାଗତ ରାଜବଂଶ ଅଧୀନରେ ରାଜନୈତିକ ରାଜଧାନୀ ଭାବରେ କାର୍ଯ୍ୟ କରିଥିଲା ଯାହା ଏହି ଅଂଚଳର ସାମାଜିକ-ରାଜନୈତିକ ଗଠନକୁ ଆକାର ଦେଇଥିଲା । ଭୌମାକର ରାଜବଂଶ (ପ୍ରାୟ ୮ମ-୧୦ମ ଶତାବ୍ଦୀ ଖ୍ରୀଷ୍ଟାବ୍ଦ) ସମୟରେ, ଯାଜପୁର ଓଡ଼ିଶାର ପ୍ରଶାସନିକ ଏବଂ ଧାର୍ମିକ ରାଜଧାନୀ ଭାବରେ ପ୍ରସିଦ୍ଧି ଲାଭ କରିଥିଲା। ତୋଷାଳି ଏବଂ ଯାଜପୁରରୁ ଶାସନ କରୁଥିବା ଭୌମକରମାନେ ବୌଦ୍ଧ ଧର୍ମର ପୃଷ୍ଠପୋଷକତା ଏବଂ କୂଟନୀତିଜ୍ଞତା ବଜାୟ ରଖିବା ପାଇଁ ଉଲ୍ଲେଖନୀୟ ଥିଲେ ।

## ପ୍ରତ୍ନତାତ୍ତ୍ୱିକ ପ୍ରମାଣ

ତେଲିଗଡ଼ର ପ୍ରତ୍ନତାତ୍ତ୍ୱିକ ଅବଶେଷରେ ପ୍ରାଚୀର, ପ୍ରବେଶ ଦ୍ୱାର, ଗଡ଼ ଏବଂ ବାସସ୍ଥାନର ଚିହ୍ନ ଅନ୍ତର୍ଭୁକ୍ତ । ଦୁର୍ଗଟି ଏକ ଖାତ ଦ୍ୱାରା ଘେରି ରହିଥିବା ଏବଂ ନିକଟବର୍ତ୍ତୀ ବରୁଣ ପାହାଡ଼ ସହିତ ରଣନୈତିକ ଭାବରେ ସଂଯୁକ୍ତ ଥିବା ପରି ମନେହୁଏ । ବର୍ତ୍ତମାନ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଏହି ସ୍ଥାନରୁ ଉଦ୍ଧାର ହୋଇଥିବା ମୂର୍ତ୍ତି ଏବଂ ପ୍ୟାନେଲଗୁଡ଼ିକ କୋଣାର୍କର ସୂର୍ଯ୍ୟ ମନ୍ଦିର ପରି ସାମରିକ ଶୋଭାଯାତ୍ରା, ହାତୀ, ଅଶ୍ୱାରୋହୀ ଏବଂ ଓଟ ବାହିନୀର ଦୃଶ୍ୟକୁ ଚିତ୍ରଣ କରନ୍ତି (ବାସା ଏବଂ ମହାନ୍ତି, ୨୦୦୦) । ଏହି ସନ୍ଧାନ ଗୁଡ଼ିକ ଗଙ୍ଗ ରାଜବଂଶ ଏବଂ ସେମାନଙ୍କର ଅଭିଯାନ ସହିତ ଦୁର୍ଗର ସମ୍ପର୍କକୁ ଗୁରୁତ୍ୱ ଦିଏ, ବିଶେଷକରି ନରସିଂହ ଦେବ ପ୍ରଥମଙ୍କ ଅଧୀନରେ ହୋଇଥିବା ଯୁଦ୍ଧଗୁଡିକକୁ ସ୍ଥାନିତ କରାଯାଇଥାଏପାରେ ବୋଲି ଐତିହାସିକ ମାନେ ମତ ଦିଅନ୍ତି ।



ISSN NO.
2582-208X

ଯଦିଓ ତେଲିଗଡ଼ରେ ପଦ୍ଧତିଗତ ଖନନ ଏପର୍ଯ୍ୟନ୍ତ କରାଯାଇ ନାହିଁ, ଏହି ସ୍ଥାନଟି ଅନେକ ବୈଶିଷ୍ଟ୍ୟ ସଂରକ୍ଷଣ କରେ ଯାହା ଯାଜପୁରର ଐତିହାସିକ ଏବଂ ସାଂସ୍କୃତିକ ଦୃଶ୍ୟରେ ଏହାର ଗୁରୁତ୍ୱ ସୂଚିତ କରେ । ସବୁଠାରୁ ଆକର୍ଷଣୀୟ ଅବଶେଷ ହେଉଛି ମାଟି ବନ୍ଧ ଏବଂ ଦୁର୍ଗ କାନ୍ଥର ଚିହ୍ନ, ଯାହା ସୂଚିତ କରେ ଯେ ଏହି ସ୍ଥାନଟି ଥରେ ଏକ ପ୍ରତିରକ୍ଷା ବସତି ଭାବରେ କାର୍ଯ୍ୟ କରିଥିଲା । ଦୁର୍ଗର ଉଚ୍ଚ ସ୍ଥିତି ରାଜଧାନୀ ଯାଜପୁର ସହରକୁ ଯିବା ପାଇଁ ଏକ ପ୍ରହରୀ-ପୋଷ୍ଟ ଭାବରେ ଏହାର ଭୂମିକାକୁ ଆହୁରି ସମର୍ଥନ କରେ । ସ୍ଥାନୀୟ ପରମ୍ପରା ଏବଂ ଭୌତିକ ପ୍ରମାଣ ଦୁଇଟି ବଡ଼ ଜଳଭଣ୍ଡାର, ରାଣୀ ପୋଖରୀ ଏବଂ ସୁନାର ପୋଖରୀ (କିମ୍ବା ସୁନାରା ଝର)ର ଅସ୍ତିତ୍ୱକୁ ସୂଚିତ କରେ, ଯାହା ଆଜି ମଧ୍ୟ ଦୃଶ୍ୟମାନ । ଏହିପରି ଜଳାଶୟଗୁଡ଼ିକ ଓଡ଼ିଶାର ମଧ୍ୟଯୁଗୀୟ ଦୁର୍ଗ ସ୍ଥାନଗୁଡ଼ିକର ସାଧାରଣ, ଯେଉଁଠାରେ ଜଳଭଣ୍ଡାରଗୁଡ଼ିକ ଉପଯୋଗୀ ଏବଂ ପ୍ରତୀକାତ୍ମକ କାର୍ଯ୍ୟ ଉଭୟ ଭାବରେ କାର୍ଯ୍ୟ କରୁଥିଲେ । ସେମାନେ ଘେରାବନ୍ଦୀ ସମୟରେ ଏକ ସ୍ଥାୟୀ ଜଳ ଯୋଗାଣ ଯୋଗାଇଥିଲେ ଏବଂ ଆନୁଷ୍ଠାନିକ ଗୁରୁତ୍ୱ ମଧ୍ୟବହନ କରୁଥିଲେ, ପ୍ରାୟତଃ ମୌଖିକ ସ୍ମୃତିରେ ରାଣୀ କିମ୍ବା ରାଜ ପରିବାର ସହିତ ଜଡିତ ।

ସ୍ଥାନର ଚାରିପାଖରେ ଥିବା ପୃଷ୍ଠଭୂମି ସନ୍ଧାନରେ ଲାଟେରାଇଟ୍ ବ୍ଲକଗୁଡ଼ିକର ଖଣ୍ଡ, ଭଙ୍ଗା ଟେରାକୋଟା ଖଣ୍ଡ ଏବଂ ବିକ୍ଷିପ୍ତ ମାଟିପାତ୍ର ଅନ୍ତର୍ଭୁକ୍ତ । ଏହି ଅବଶେଷଗୁଡ଼ିକ ଓଡ଼ିଶାର ଅନ୍ୟାନ୍ୟ ପ୍ରାରମ୍ଭିକ ମଧ୍ୟଯୁଗୀୟ ଦୁର୍ଗ ବସତି, ଯେପରିକି କଟକର ବାରବାଟୀ ଦୁର୍ଗ ଏବଂ ଢେଙ୍କାନାଳ ଏବଂ ମୟୂରଭଞ୍ଜର ଛୋଟ ଦୁର୍ଗରେ ମିଳିଥିବା ଭୌତିକ ସଂସ୍କୃତି ସହିତ ସମନ୍ୱିତ । ଯଦିଓ ଏହି ସନ୍ଧାନଗୁଡ଼ିକ ବିସ୍ତୃତ ଭାବରେ ଅଣଲିଖିତ ରହିଛି, ସେମାନେ ଦୁର୍ଗ ଭିତରେ କିମ୍ବା ଏହାର ଚାରିପାଖରେ ବାସସ୍ଥାନ, ବାଣିଜ୍ୟ ଏବଂ ଘରୋଇ କାର୍ଯ୍ୟକଳାପକୁ ସୂଚିତ କରନ୍ତି ।

ଏହା ବ୍ୟତୀତ, ବୈତରଣୀ ନଦୀ ଅବବାହିକା ନିକଟରେ ତେଲିଗଡ଼ର ରଣନୈତିକ ସ୍ଥାନ ପ୍ରାଚୀନ ନଦୀ ବାଣିଜ୍ୟ ମାର୍ଗ ସହିତ ଏହାର ସଂଯୋଗକୁ ସୂଚିତ କରେ । ଓଡ଼ିଶାର ଅନେକ ଦୁର୍ଗ ନଦୀ ନିକଟରେ ଅବସ୍ଥିତ ଥିଲା, ଯାହା କେବଳ ସମ୍ପଦର ପ୍ରବେଶ ସୁନିଶ୍ଚିତ କରିନଥିଲା ବରଂ ଶାସକମାନଙ୍କୁ ବାଣିଜ୍ୟିକ ପ୍ରବାହକୁ ନିୟନ୍ତ୍ରଣ କରିବାରେ ସକ୍ଷମ କରିଥିଲା । ଏହା ତେଲିଗଡ଼କୁ ଏକ ପ୍ରତିରକ୍ଷା ସ୍ଥାନ ନୁହେଁ ବରଂ ଏକ ଆଂଚଳିକ ପ୍ରଶାସନିକ ଏବଂ ଅର୍ଥନୈତିକ ନେଟୱାର୍କର ଅଂଶ ଭାବରେ କାର୍ଯ୍ୟ କରିବାର ଯୁକ୍ତିକୁ ଦୃଢ଼ କରେ ।

ISSN NO.
2582-208X

ବଡ଼ ପରିମାଣର ଖନନ ଅନୁପସ୍ଥିତିର ଅର୍ଥ ହେଉଛି ଅନେକ ପ୍ରଶ୍ନର ଉତ୍ତର ନ ଦିଆଯାଇପାରେ । ସୋମବଂଶୀ ଏବଂ ଗଙ୍ଗା କାଳରେ ଏହି ସ୍ଥାନ ନିରନ୍ତର ଭାବରେ ଅଧିକୃତ ଥିଲା କି? ଏହା ଏକ ରାଜକୀୟ ବାସସ୍ଥାନ ଭାବରେ କାର୍ଯ୍ୟ କରିଥିଲା କି, ନା ମୁଖ୍ୟତଃ ଏକ ଗ୍ୟାରିସନ ଭାବରେ? ଯାଜପୁରର ବ୍ୟାପକ ପବିତ୍ର ଭୂଗୋଳରେ ଏହା କ'ଣ ଭୂମିକା ଗ୍ରହଣ କରିଥିଲା? ଏହି ପ୍ରଶ୍ନଗୁଡ଼ିକ ଭବିଷ୍ୟତର ପ୍ରତ୍ନତାତ୍ତ୍ୱିକ ତଦନ୍ତର ଆବଶ୍ୟକତାକୁ ଉଜ୍ଜ୍ୱଳ କରେ, ଯାହା ତେଲିଗଡ଼ର କାଳକ୍ରମ ଏବଂ ସାଂସ୍କୃତିକ ସ୍ତରକୁ ସ୍ପଷ୍ଟ କରିପାରିବ ।

ସେପର୍ଯ୍ୟନ୍ତ, ଦୃଶ୍ୟମାନ ଅବଶେଷ, ମୌଖିକ ପରମ୍ପରା ଏବଂ ଅନ୍ୟାନ୍ୟ ଓଡ଼ିଶା ଦୁର୍ଗ ସହିତ ତୁଳନାତ୍ମକ ଅଧ୍ୟୟନ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରେ, ଯାହା ତେଲିଗଡ଼କୁ ଏକ ପ୍ରତ୍ନତାତ୍ତ୍ୱିକ ଭାବରେ ପ୍ରତିଶ୍ରୁତିବଦ୍ଧ ସ୍ଥାନ ଭାବରେ ରେଖାଙ୍କିତ କରେ ଯାହା ମୂର୍ତ୍ତ ଏବଂ ଅମୂର୍ତ୍ତ ଉଭୟକୁ ଐତିହ୍ୟ ଗୁରୁତ୍ୱ ପ୍ରଦାନ କରିଥାଏ ।

## ତେଲିଗଡ଼ର କିମ୍ବଦନ୍ତୀ

ବହୁ ବର୍ଷ ପୂର୍ବେ, ଏହି ଅଂଚଳରେ ଜଣେ ଶକ୍ତିଶାଳୀ ରାଜା ବାସ କରୁଥିଲେ । ସେ ରାଜଧାନୀକୁ ସୁରକ୍ଷା ଦେବା ପାଇଁ ତାଙ୍କ ଶତ୍ରୁମାନଙ୍କ ସହିତ ସର୍ବଦା ଯୁଦ୍ଧରେ ଲିପ୍ତ ରହୁଥିଲେ । ତାଙ୍କର ଆକ୍ରମଣାତ୍ମକ ନୀତି ଯୋଗୁଁ, ସେ ତାଙ୍କର ଅଧିକାଂଶ ସମୟ ଯୁଦ୍ଧଭୂମିରେ ବିତାଉଥିଲେ ଏବଂ କେବେ ଶାନ୍ତି କିମ୍ବା ବିଶ୍ରାମ ପାଇନଥିଲେ । ଶେଷରେ, ରାଜା ତାଙ୍କ ରାଜ୍ୟ ତ୍ୟାଗ କରି ଜଣେ ପବିତ୍ର ପୁରୁଷର ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିଲେ ।

ଗୋଟିଏ ଦିନ, ରାଜା ଏକ ଘୋଷଣା କଲେ: "କାଲି ସକାଳେ ମୁଁ ଯାହାକୁ ପ୍ରଥମେ ଦେଖିବି, ମୁଁ ମୋର ସାମ୍ରାଜ୍ୟ ଏବଂ ସମସ୍ତ ଦାୟିତ୍ୱ ସେହି ବ୍ୟକ୍ତିଙ୍କୁ ସମର୍ପଣ କରିବି ।" ଏହି ଘୋଷଣା ସାରା ରାଜ୍ୟରେ ବ୍ୟାପିଗଲା ।

ପରଦିନ ସକାଳେ, ଯେତେବେଳେ ରାଜା ଉଠି ତାଙ୍କ ପ୍ରାସାଦରୁ ରାସ୍ତା ଆଡ଼କୁ ଚାହିଁଲେ, ସେ ପ୍ରଥମେ ଜଣେ ତେଲି ବ୍ୟକ୍ତି (ତୈଳ-ଚାଷୀ)ଙ୍କୁ ଦେଖିଲେ ଯିଏ ତେଲ ବୋହି ବଜାରକୁ ଯାଉଥିବା ସମୟରେ । ତାଙ୍କ ପ୍ରତିଶ୍ରୁତି ରକ୍ଷା କରି, ରାଜା ତାଙ୍କର ସାମ୍ରାଜ୍ୟ ଏବଂ କର୍ତ୍ତୃତ୍ୱ ଏହି ବ୍ୟକ୍ତିଙ୍କୁ ହସ୍ତାନ୍ତର କଲେ । ସେହି ଦିନଠାରୁ, ତେଲି ଦୁର୍ଗ ଏବଂ

ISSN NO.
2582-208X

ଆଖପାଖ ଅଞ୍ଚଳର ଶାସକ ହେଲେ । ତେଲି ଶାସକଙ୍କ ନାମ ଅନୁସାରେ ଏହି ସ୍ଥାନଟି ତେଲିଗଡ଼ କିମ୍ବା ତେଲିଗଡ଼ା ଦୁର୍ଗ ଭାବରେ ଜଣାଶୁଣା ହେଲା ।

କାହାଣୀ ଅନୁଯାୟୀ, ତେଲି ରାଜା, ତାଙ୍କ ରାଣୀ ଏବଂ ପରିଚାରିକାମାନଙ୍କ ସହିତ, ଏକ ମହାନ ଯୁଦ୍ଧରେ ଦୁର୍ଗକୁ ରକ୍ଷା କରିବା ସମୟରେ ମୃତ୍ୟୁବରଣ କରିଥିଲେ । ଆଜି ମଧ୍ୟ, ଏହି ସ୍ଥାନ ନିକଟରେ ଦୁଇଟି ବଡ଼ ପୋଖରୀ ରହିଛି, ଯାହାକୁ ସ୍ଥାନୀୟ ଲୋକମାନେ ଏହି କିମ୍ବଦନ୍ତୀ ସହିତ ସଂଯୋଗ କରନ୍ତି । ଗୋଟିଏକୁ ରାଣୀ ପୋଖରୀ କୁହାଯାଏ, ଯାହାକୁ ରାଣୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା ବୋଲି କୁହାଯାଏ, ଏବଂ ଅନ୍ୟଟି ସୁନାର ଝର ଭାବରେ ଜଣାଶୁଣା । ସ୍ଥାନୀୟ ବୟସ୍କ ଲୋକମାନେ ବିଶ୍ୱାସ କରନ୍ତି ଯେ ଏହି ପୋଖରୀଗୁଡ଼ିକ ରାଜପରିବାରର ବାସସ୍ଥାନକୁ ଚିହ୍ନିତ କରେ, ସମ୍ଭବତଃ ଯାଜପୁରରେ ଗଙ୍ଗ ରାଜବଂଶର ଉପସ୍ଥିତି ସହିତ ଜଡିତ ।

ତେଣୁ, ତେଲିଗଡ଼ର କିମ୍ବଦନ୍ତୀ ଇତିହାସକୁ ଲୋକକଥା ସହିତ ମିଶ୍ରଣ କରେ, ମନେ ରଖେ ଯେ କିପରି ଜଣେ ନମ୍ର ତେଲ ଚାପକାରୀ ରାଜା ହୋଇ ଭୂମିରେ ତାଙ୍କର ଛାପ ଛାଡିଗଲେ । ସ୍ଥାନୀୟ ମୌଖିକ ପରମ୍ପରା ଏହି ଦୁର୍ଗର ନାମ ଜଣେ ତେଲି (ତେଲ ଚାପକାରୀ) ଙ୍କୁ ଶ୍ରେୟ ଦିଏ, ଯିଏକି ଜଣେ ଶାସକ ସକାଳେ ପ୍ରଥମେ ଦେଖିଥିବା ବ୍ୟକ୍ତିଙ୍କୁ ତାଙ୍କର କର୍ତ୍ତୃତ୍ୱ ସମର୍ପଣ କରିବାକୁ ପ୍ରତିଜ୍ଞା କରିବା ପରେ ତାଙ୍କୁ ରାଜତ୍ୱ ପ୍ରଦାନ କରାଯାଇଥିଲା । ଲୋକକଥା ଏହି ସ୍ଥାନକୁ ଦୁଇଟି ପୋଖରୀ, ରାଣୀ ପୋଖରୀ ଏବଂ ସୁନାର ପୋଖରୀ ସହିତ ମଧ୍ୟ ଜଡିତ କରେ, ଯାହା ଗଙ୍ଗ ରାଜବଂଶର ରାଜପରିବାର ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ । ଯଦିଓ ଏପରି ବିବରଣୀଗୁଡ଼ିକୁ ଐତିହାସିକ ଭାବରେ ଯାଞ୍ଚ କରାଯାଇପାରିବ ନାହିଁ, ସେମାନେ ସାଂସ୍କୃତିକ ସ୍ମୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗଠନ କରନ୍ତି ।

## ରାଜନୈତିକ ଏବଂ ସାମରିକ ଗୁରୁତ୍ୱ

ମାଦଳାପାଞ୍ଜି ଏବଂ ତାମ୍ରଫଳକ ପ୍ରଦାନରୁ ଜଣାପଡ଼େ ଯେ ଅନନ୍ତବର୍ମନ ଚୋଡ଼ଗଙ୍ଗ (୧୦୭୭-୧୧୫୦ ଖ୍ରୀଷ୍ଟାବ୍ଦ) ଏବଂ ତାଙ୍କ ଉତ୍ତରାଧିକାରୀମାନେ ତେଲିଗଡ଼ ଭଳି ଦୁର୍ଗ ପ୍ରତିଷ୍ଠା ଏବଂ ବିସ୍ତାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପରେ, ମୁସଲିମ ବାହିନୀ ସହିତ ସଂଘର୍ଷ ସମୟରେ, ମିନହାଜଙ୍କ ତବାକତ-ଇ-ନାସିରୀରେ ବର୍ଣ୍ଣିତ ଅନୁଯାୟୀ, ଦୁର୍ଗଟି ବାରମ୍ବାର ଆକ୍ରମଣର ଶିକାର ହୋଇଥିଲା । ୧୨୪୭ ଏବଂ ୧୨୫୬

ISSN NO.
2582-208X

ଖ୍ରୀଷ୍ଟାବ୍ଦ ମଧ୍ୟରେ, ନରସିଂହ ଦେବ ପ୍ରଥମ ଦିଲ୍ଲୀ ସେନା ବିରୁଦ୍ଧରେ ଅନେକ ଯୁଦ୍ଧ କରିଥିଲେ, ଯେଉଁଥିରେ ଯାଜପୁର ଏବଂ ଏହାର ଦୁର୍ଗଗୁଡ଼ିକ ଆକ୍ରମଣର ଶିକାର ହୋଇଥିଲେ (ମହାପାତ୍ର, ୧୯୮୬) । ଏହିପରି ଭାବରେ ଏହି ସ୍ଥାନଟି ବାହ୍ୟ ଆକ୍ରମଣ ପ୍ରତି ଓଡ଼ିଶାର ପ୍ରତିରୋଧକୁ ପ୍ରତିଫଳିତ କରେ ।

ତେଲିଗଡ଼ ଦୁର୍ଗ ଯାଜପୁର ଏବଂ ଆଖପାଖ ଅଂଚଳର ରାଜନୈତିକ ଏବଂ ସାମରିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ଯେହେତୁ ଯାଜପୁର ସୋମବଂଶୀ ରାଜବଂଶ ଅଧୀନରେ ଏକ ରାଜଧାନୀ ଭାବରେ କାର୍ଯ୍ୟ କରିଥିଲା ଏବଂ ପୂର୍ବ ଗଙ୍ଗା ନଦୀ ଅଧୀନରେ ସମୃଦ୍ଧ ହୋଇ ଚାଲିଥିଲା, ତେଣୁ ପ୍ରଶାସନିକ ନିୟନ୍ତ୍ରଣ ସୁରକ୍ଷିତ କରିବା ଏବଂ ରାଜ୍ୟର ପବିତ୍ର-ରାଜନୈତିକ କେନ୍ଦ୍ରକୁ ରକ୍ଷା କରିବା ପାଇଁ ତେଲିଗଡ଼ ଭଳି ଦୁର୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଦୁର୍ଗ ସମ୍ଭବତଃ ସହରକୁ ଆସୁଥିବା ପଥଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ଚୌକି ଭାବରେ କାର୍ଯ୍ୟ କରିଥିଲା, ପ୍ରତିଦ୍ୱନ୍ଦ୍ୱୀ ଶାସକ ଏବଂ ଆକ୍ରମଣକାରୀ ବାହିନୀ ବିରୁଦ୍ଧରେ ପ୍ରଥମ ଧାଡି ପ୍ରତିରକ୍ଷା ଭାବରେ କାର୍ଯ୍ୟ କରିଥିଲା ।

ସାମରିକ ଦୃଷ୍ଟିରୁ, ଉଚ୍ଚ ଭୂମିରେ ଏବଂ ରାଣୀ ପୋଖରୀ ଏବଂ ସୁନାରା ପୋଖରୀ ଭଳି ପ୍ରାକୃତିକ ଜଳାଶୟ ନିକଟରେ ତେଲିଗଡ଼ର ଅବସ୍ଥିତି ଏହାକୁ ରଣନୈତିକ ଏବଂ ବଂଚିବା ପାଇଁ ସୁବିଧା ଦେଇଥିଲା । ଘେରାବନ୍ଦୀ ସମୟରେ ଦୁର୍ଗ ମଧ୍ୟରେ କିମ୍ବା ନିକଟରେ ଜଳସମ୍ପଦ ଅତ୍ୟାବଶ୍ୟକ ଥିଲା, ଏବଂ ଦୁର୍ଗ ସହିତ ପୋଖରୀଗୁଡ଼ିକୁ ସଂଯୋଗ କରୁଥିବା ସ୍ଥାନୀୟ ପରମ୍ପରା ପ୍ରତିରକ୍ଷା ଏବଂ ପ୍ରତିପାଳନ ପାଇଁ ସୁଚିନ୍ତିତ ଯୋଜନାକୁ ସୂଚାଇଥାଏ । ରାଜନୈତିକ ଦୃଷ୍ଟିରୁ, ତେଲିଗଡ଼ ଶାସକ ରାଜବଂଶର କର୍ତ୍ତୃତ୍ୱର ପ୍ରତୀକ ଥିଲା । ମଧ୍ୟଯୁଗୀୟ ଓଡ଼ିଶାରେ, ଦୁର୍ଗଗୁଡ଼ିକ କେବଳ ସାମରିକ ପ୍ରତିଷ୍ଠାନ ନୁହେଁ ବରଂ କର, ଆଇନ ପ୍ରବର୍ତ୍ତନ ଏବଂ କୃଷିଭିତ୍ତିକ ଆଭ୍ୟନ୍ତରୀଣ ଅଂଚଳ ଉପରେ ନିୟନ୍ତ୍ରଣର କେନ୍ଦ୍ର ଥିଲା। ତେଲିଗଡ଼କୁ ଜଣେ ତେଲି ଶାସକଙ୍କ ନିକଟକୁ କ୍ଷମତା ହସ୍ତାନ୍ତର ସହିତ ଜଡିତ ମୌଖିକ ପରମ୍ପରା ବୈଧତାର ଆସନ ଭାବରେ ଦୁର୍ଗର ପ୍ରତୀକାତ୍ମକ ଭୂମିକାକୁ ପ୍ରତିଫଳିତ କରେ, କାହାଣୀର ଐତିହାସିକ ଆଧାର ଅଛି କି ନାହିଁ ତାହା ଯଦି ସଠିକ ଭାବେ ଜଣାପଡିନାହିଁ କିନ୍ତୁ ଏପରି କାହାଣୀ ଗୁଡିକ ଅନେକ ସମୟରେ ଐତିହାସିକ ମାନଙ୍କୁ ଅସୁବିଧାରେ ପକାଇଥାଏ । ଏବଂ ତାହା ମଧ୍ୟ ଅନେକ ସମୟରେ ଏକ ଐତିହାସିକ ଉପଦାନ ସଦୃଶ ସାହାର୍ଯ୍ୟ କରିଥାଏ । ଏପରି କିମ୍ବଦନ୍ତୀ ସୂଚିତ କରେ ଯେ ଦୁର୍ଗକୁ ପ୍ରଶାସନିକ କ୍ଷମତା ସମ୍ଭାଳୁଥିବା ବ୍ୟକ୍ତି କୌଣସି କାରଣହେତୁ ତାହା ଅନ୍ୟହାତକୁ

ISSN NO.
2582-208X

ସମର୍ପଣ କରିଥାଇପାରନ୍ତି । କିମ୍ବା ଯେପରି କପିଳେନ୍ଦ୍ର ଶାସନକୁ ଯର୍ଥାଥଥ କରିବାକୁ ମାତ ଭାନୁଦେବ ଯେପରି ଜଗନ୍ନାଥଙ୍କ ସ୍ୱପ୍ନାଦେଶ କାହାଣୀ ଉଲ୍ଲେଖୀତ ହୋଇଥାଏ ସେପରି ହୁଏତ ହୋଇଥାଏପାରେ ।

## ଆଲୋଚନା

ତେଲିଗଡ଼ ଦୁର୍ଗର ଅଧ୍ୟୟନ ଓଡ଼ିଶାର ଅତୀତର ପୁନଃନିର୍ମାଣରେ ପ୍ରତ୍ନତତ୍ୱ, ଇତିହାସ ଏବଂ ଲୋକକଥାର ପାରସ୍ପରିକ କ୍ରିୟା ପ୍ରକାଶ କରେ । ସ୍ଥାପତ୍ୟ ଦୃଷ୍ଟିରୁ, ଏହା ଗଙ୍ଗ ଶାସକମାନଙ୍କ କାର୍ଯ୍ୟ ଦକ୍ଷତା, କ୍ଷମତାକୁ ପ୍ରଦର୍ଶନ କରେ, ଯେତେବେଳେ ଐତିହାସିକ ଭାବରେ ଏହା ଯାଜପୁରର ରଣନୈତିକ ଗୁରୁତ୍ୱକୁ ଦର୍ଶାଏ । ସ୍ଥାନୀୟ କିମ୍ବଦନ୍ତୀକୁ ଅନ୍ତର୍ଭୁକ୍ତ କରିବା ଦର୍ଶାଏ ଯେ ସ୍ମୃତି ଏବଂ ପରମ୍ପରା କିପରି ସ୍ଥାନର ଧାରଣାକୁ ଆକାର ଦେଇ ଚାଲିଛି । ଗୁରୁତ୍ୱପୂର୍ଣ୍ଣ ଭାବରେ, ତେଲିଗଡ଼ ଏହାର ପରିସରରେ ମନ୍ଦିର ଏବଂ ଧର୍ମ ପ୍ରତିମା ସହିତ ଧାର୍ମିକ ଏବଂ ସାମରିକ କ୍ଷେତ୍ରର ସମନ୍ୱୟକୁ ମଧ୍ୟ ପ୍ରତଫଳିତ କରେ । ତେଲିଗଡ଼ ଦୁର୍ଗର ଅଧ୍ୟୟନ ଦର୍ଶାଏ ଯେ କିପରି ପ୍ରତ୍ନତାତ୍ୱିକ ଅବଶେଷ, ମୌଖିକ ପରମ୍ପରା ଏବଂ ଐତିହାସିକ ରେକର୍ଡଗୁଡ଼ିକ ଓଡ଼ିଶାର ଅତୀତର ଏକ ସ୍ତରୀକୃତ ବୁଝାମଣା ଗଠନ ପାଇଁ ଛେଦିତ ହୁଏ । କଟକର ବାରବାଟୀ ଦୁର୍ଗ ପରି ବଡ଼ ଗଠନ ତୁଳନାରେ ଦୁର୍ଗଟି ନିଜେ ସାଧାରଣ, ଏହାର ଗୁରୁତ୍ୱ ଏହାର ପ୍ରକାଶ କରିବାର କ୍ଷମତାରେ ନିହିତ ଅଛି କିପରି ଆଂଚଳିକ ଶକ୍ତିମାନେ ସେମାନଙ୍କର ପ୍ରତିରକ୍ଷା ସଂଗଠିତ କରିଥିଲେ ଏବଂ ସେମାନଙ୍କ ଅଂଚଳଗୁଡ଼ିକୁ ପରିଚାଳନା କରିଥିଲେ ।

ତେଲିଗଡ଼ ପରମ୍ପରାରୁ ଉଭା ହେଉଥିବା ପ୍ରମୁଖ ବିନ୍ଦୁଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ସାମୂହିକ ସ୍ମୃତି ଗଠନରେ ମୌଖିକ ବର୍ଣ୍ଣନାର ଭୂମିକା । ତେଲି ବ୍ୟକ୍ତିଙ୍କ ରାଜା ହେବାର କାହାଣୀ, ଯଦିଓ ଐତିହାସିକ ଭାବରେ ଯାଞ୍ଚ କରାଯାଇନାହିଁ, ସୂଚାଇ ଦିଏ ଯେ ସ୍ଥାନୀୟ ସମ୍ପ୍ରଦାୟ ଦୁର୍ଗକୁ ଅଧିକାର ପରିବର୍ତ୍ତନର ପ୍ରତୀକ ଭାବରେ ସ୍ୱୀକୃତି ଦେଇଥିଲେ । ଏହିପରି କିମ୍ବଦନ୍ତୀଗୁଡ଼ିକ ଇତିହାସକୁ ଗଣତାନ୍ତ୍ରିକ କରିଥାଏ, ତେଲ-ଚାପକାର ଭଳି ଉପାନ୍ତ ଗୋଷ୍ଠୀମାନଙ୍କୁ ଲୋକକଥାରେ ଶାସକ ଭାବରେ ମନେ ରଖିବାର ସୁଯୋଗ ଦେଇଥାଏ, ଯେତେବେଳେ ଆନୁଷ୍ଠାନିକ ଇତିହାସ ନୀରବ ରହିଥାଏ । ଏହା ଦୁର୍ଗର ସାମାଜିକ ଦିଗକୁ, ସେମାନଙ୍କର ସାମରିକ ଏବଂ ରାଜନୈତିକ ବ୍ୟବହାର ବାହାରେ ଉଜ୍ଜ୍ୱଳ କରିଥାଏ ।

ISSN NO.
2582-208X

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯାଜପୁରରେ ଦୁର୍ଗର ଅବସ୍ଥିତି, ଏକ ସହର ଯାହା ପ୍ରାରମ୍ଭିକ ମଧ୍ୟଯୁଗୀୟ ସମୟରେ ଏକ ପବିତ୍ର ଏବଂ ରାଜନୈତିକ କେନ୍ଦ୍ର ଭାବରେ କାର୍ଯ୍ୟ କରିଥିଲା । ଶାକ୍ତ, ଶୈବ ଏବଂ ବୌଦ୍ଧ ପରମ୍ପରା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ ସହିତ ତେଲିଗଡ଼ର ନିକଟତା ସୂଚାଇ ଦିଏ ଯେ ଦୁର୍ଗଗୁଡ଼ିକ କେବଳ ଯୁଦ୍ଧର ଉପକରଣ ନୁହେଁ ବରଂ ପବିତ୍ର ଭୂଦୃଶ୍ୟର ରକ୍ଷକ ମଧ୍ୟ ଥିଲା । ବିଶେଷ କରି ଏହା ଶାକ୍ତଧର୍ମକୁ ଅଧିକ ସଦୃଢ଼ କରିବାରେ ଲାଗିଥିଲା । ତେଲିଗଡ ଠାରୁ ଅନତୀ ଦୂରରେ ରହିଥିବା ଗଡଚଣ୍ଡି ମନ୍ଦିର ଏହାର ପ୍ରମାଣିକ ଚିତ୍ର ଭାବରେ ନିଆଯାଇପାରେ । ମା ଚଣ୍ଡିଙ୍କ ମୂର୍ତ୍ତି ଥିବା ଏହି ମନ୍ଦିର ଯୁଦ୍ଧ ପୂର୍ବରୁ ପୂଜା ପାଠ କରିବା ଏବଂ ଯୁଦ୍ଧରେ ବିଜୟୀ ଲାଭ କରିବା ସୁନିଶ୍ଚିତ କରିବା ପାଇଁ ଧର୍ମଧାରା ପ୍ରଚଳିତ ପରମ୍ପରା ଏବଂ ସଂସ୍କୃତିର ମୂକସାକ୍ଷୀ । ଏହାକୁ ଏବେ ରାଜ୍ୟ ପତ୍ନତତ୍ତ୍ୱ ବିଭାଗ ପୁନଃଉଦ୍ଧାର କରିଛି । ଏହି ଭୂମିକା ଓଡ଼ିଶାର ମଧ୍ୟଯୁଗୀୟ ରାଜ୍ୟ ବ୍ୟବସ୍ଥାରେ ରାଜନୀତି, ଧର୍ମ ଏବଂ ସଂସ୍କୃତିର ସମନ୍ୱୟକୁ ଗୁରୁତ୍ୱ ଦିଏ । ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ, ବଂଚି ରହିଥିବା ପୋଖରୀ ଏବଂ ଦୁର୍ଗ ବନ୍ଧଗୁଡ଼ିକ ଅଧିକ ତଦନ୍ତକୁ ଆମନ୍ତ୍ରଣ କରେ । ଯଦି କ୍ରମାଗତ ଭାବରେ ଖନନ ଏବଂ ଡକ୍ୟୁମେଣ୍ଟେସନ୍ କରାଯାଏ, ତେବେ ତେଲିଗଡ଼ ବସତି ଢାଂଚା, ଜଳ ପରିଚାଳନା ଏବଂ ସାମରିକ ସ୍ଥାପତ୍ୟର ପ୍ରମାଣ ଅଧିକ ମାତ୍ରାରେ ପ୍ରଦାନ କରିପାରିବ ଯାହା ଓଡ଼ିଶାର ଦୁର୍ଗ ଐତିହ୍ୟର ବିଦ୍ୟମାନ ଅଧ୍ୟୟନକୁ ପରିପୂରକ କରେ । ବର୍ତ୍ତମାନ, ବ୍ୟାପକ ପ୍ରତ୍ନତାତ୍ତ୍ୱିକ ଡକ୍ୟୁମେଣ୍ଟେସନ୍ ର ଅନୁପସ୍ଥିତି ଅନେକ ପ୍ରଶ୍ନର ଉତ୍ତର ନ ଦେଇଥାଏ, କିନ୍ତୁ କିମ୍ବଦନ୍ତୀ ଏବଂ ଭୂଦୃଶ୍ୟ ଏକାଠି ସଂରକ୍ଷଣ ଯୋଗ୍ୟ ଏକ ଐତିହ୍ୟ ସ୍ଥଳ ଭାବରେ ଏହାର ସମ୍ଭାବନାକୁ ଅଙ୍କିତ କରେ । ଶେଷରେ, ତେଲିଗଡ଼ ଏକ ବହୁବିଧ ଦୃଷ୍ଟିକୋଣର ଆବଶ୍ୟକତାକୁ ଦର୍ଶାଏ । କେବଳ ପ୍ରତ୍ନତତ୍ତ୍ୱ କିମ୍ବା ଲୋକକଥା ଏହାର ଗୁରୁତ୍ୱକୁ ବ୍ୟାଖ୍ୟା କରିପାରିବ ନାହିଁ; ବରଂ, ପାଠ୍ୟ ସନ୍ଦର୍ଭ, ମୌଖିକ କାହାଣୀ ଏବଂ ଭୌତିକ ଅବଶେଷର ମିଶ୍ରଣ ଓଡ଼ିଶାର ଇତିହାସରେ ଏହାର ଭୂମିକାର ଅଧିକ ସୂକ୍ଷ୍ମ ପୁନଃନିର୍ମାଣ ପାଇଁ ଅନୁମତି ଦିଏ । ଏପରି ଏକ ଦୃଷ୍ଟିକୋଣ ବ୍ୟାପକ ଐତିହ୍ୟ ଅଧ୍ୟୟନ ସହିତ ସମନ୍ୱିତ, ଯେଉଁଠାରେ ସାଂସ୍କୃତିକ ପରିଚୟକୁ ବୁଝିବା ପାଇଁ ଅତୀତର ମୂର୍ତ୍ତ ଏବଂ ଅଦୃଶ୍ୟ ଦିଗଗୁଡ଼ିକୁ ଏକାଠି ଅଧ୍ୟୟନ କରାଯାଏ । ତେଲିଗଡ଼ ଦୁର୍ଗ, ଯଦିଓ ଧ୍ୱଂସାବଶେଷରେ ଅଛି, ଓଡ଼ିଶାର ସାମରିକ ଏବଂ ସାଂସ୍କୃତିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ପ୍ରତିନିଧିତ୍ୱ କରେ । ଏହା ଗଙ୍ଗ ରାଜବଂଶର ସ୍ଥାପତ୍ୟ ଦୃଷ୍ଟିକୋଣ, ବାହ୍ୟ ଆକ୍ରମଣ ବିରୁଦ୍ଧରେ ଏହି ଅଂଚଳର ସ୍ଥିରତା ଏବଂ ଧର୍ମ,

ISSN NO.
2582-208X

ଲୋକକଥା ଏବଂ ରାଜନୀତିର ସାଂସ୍କୃତିକ ମିଶ୍ରଣକୁ ଉଜ୍ଜ୍ୱଳ କରିପାରେ । ସ୍ଥାନର ସଂରକ୍ଷଣ କେବଳ ଓଡ଼ିଶାର ମଧ୍ୟଯୁଗୀୟ ଅତୀତର ବୁଝାମଣାକୁ ସମୃଦ୍ଧ କରିପାରିବ ନାହିଁ ବରଂ ଏହାକୁ ଏକ ମୂଲ୍ୟବାନ ଐତିହ୍ୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳରେ ପରିଣତ କରିପାରିବ । ଭବିଷ୍ୟତର ସଂରକ୍ଷଣ ଏବଂ ପଦ୍ଧତିଗତ ଖନନ ରାଜ୍ୟର ରାଜନୈତିକ ଏବଂ ଯାନ୍ତ୍ରିକ ସଫଳତା ବିଷୟରେ ଅଧିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିପାରେ ।

ତେଲିଗଡ଼ର କିମ୍ବଦନ୍ତୀ, ଯେଉଁଠାରେ ଜଣେ ନମ୍ର ତେଲ-ଚାପକାରୀ ଅପ୍ରତ୍ୟାଶିତ ଭାବରେ ସିଂହାସନ ଆରୋହଣ କରି ଭୂମିକୁ ଶାସନ କରିଥିଲେ, ଇତିହାସ ଏବଂ ଲୋକକଥାର ମିଶ୍ରଣକୁ ପ୍ରତଫଳିତ କରେ ଯାହା ଯାଜପୁରର ସାଂସ୍କୃତିକ ପରିଚୟକୁ ଆକାର ଦିଏ । ଐତିହାସିକ ରେକର୍ଡଗୁଡ଼ିକ ଯାଜପୁରକୁ ଭୌମକର, ସୋମବଂଶୀ ଏବଂ ପୂର୍ବ ଗଙ୍ଗ ଭଳି ଶକ୍ତିଶାଳୀ ରାଜବଂଶ ସହିତ ଜଡିତ କରୁଥିବା ବେଳେ, ସ୍ଥାନୀୟ ମୌଖିକ ପରମ୍ପରା ଏକ ସମାନ୍ତରାଳ କାହାଣୀକୁ ସଂରକ୍ଷଣ କରେ ଯେଉଁଠାରେ ସାଧାରଣ ଲୋକମାନେ ଭାଗ୍ୟ ଏବଂ ଦିବ୍ୟ ଇଚ୍ଛା ବା ଭାଗ ବଳରେ ଶକ୍ତିଶାଳୀ ହୋଇପାରନ୍ତି ।

ଏପରି କାହାଣୀଗୁଡ଼ିକ କେବଳ ମନୋରଞ୍ଜନ ଭାବରେ ନୁହେଁ ବରଂ ସାମାଜିକ କଳ୍ପନାର ପ୍ରତୀକ ଭାବରେ ମଧ୍ୟକାର୍ଯ୍ୟ କରେ, ଯାହା ଦର୍ଶାଏ ଯେ ସମ୍ପ୍ରଦାୟଗୁଡ଼ିକ କିପରି ନମ୍ରତା, ଭାଗ୍ୟ ଏବଂ ନ୍ୟାୟକୁ ମୂଲ୍ୟ ଦେଇଥିଲେ । କିମ୍ବଦନ୍ତୀରେ ରାଣୀ ପୋଖରୀ ଏବଂ ସୁନାର ପୋଖରୀର ଉଲ୍ଲେଖ କାହାଣୀକୁ ପ୍ରକୃତ ପ୍ରତ୍ନତାତ୍ତ୍ୱିକ ଭୂଦୃଶ୍ୟ ସହିତ ସଂଯୋଗ କରେ, ପିଢ଼ି ପରେ ପିଢ଼ି ସ୍ମୃତିକୁ ଜୀବନ୍ତ ରଖେ । ଯଦିଓ ତେଲିଗଡ଼ କାହାଣୀକୁ ଐତିହାସିକ ଭାବରେ ପୂର୍ଣ୍ଣ ଭାବରେ ଯାଂଚ କରାଯାଇପାରିବ ନାହିଁ, ମୌଖିକ ପରମ୍ପରାରେ ଏହାର ଧୈର୍ଯ୍ୟ ଅତୀତର ପୁନଃନିର୍ମାଣରେ ସ୍ଥାନୀୟ ସ୍ମୃତିର ଗୁରୁତ୍ୱକୁ ଉଲ୍ଲେଖ କରେ । ତେଲିଗଡ଼ର କିମ୍ବଦନ୍ତୀ କେବଳ ଏକ କାହାଣୀ ନୁହେଁ ଏହା ଓଡ଼ିଶାର ଅମୂଲ୍ୟ ଐତିହ୍ୟର ଏକ ଅଂଶ, ଯାହା ଯାଜପୁରର ଦୁର୍ଗ, ରାଜବଂଶ ଏବଂ ବସତିର ଐତିହାସିକ ଅଧ୍ୟୟନରେ ଗଭୀରତାକୁ ଯୋଗ କରେ । ପ୍ରତ୍ନତତ୍ତ୍ୱ ସହିତ ଲୋକକଥାକୁ ମିଶ୍ରଣ କରି, ଗବେଷକ ଏବଂ ସମ୍ପ୍ରଦାୟ ଏହି ପ୍ରାଚୀନ ଅଂଚଳର ସାଂସ୍କୃତିକ ସମୃଦ୍ଧି ଏବଂ ସ୍ତରୀଭୂତ ଇତିହାସକୁ ଭଲ ଭାବରେ ପ୍ରକାଶିତ ହୋଇପାରିବ ।

ISSN NO.
2582-208X

## ସୂଚନା

ବାସା, କେ. କେ., ଏବଂ ମହାନ୍ତି, ପି. (୨୦୦୦). ଓଡ଼ିଶାର ପ୍ରତ୍ନତତ୍ୱ, ନୂଆଦିଲ୍ଲୀ. ପ୍ରକାଶକ ।

ମହାପାତ୍ର, ଆର. ପି. (୧୯୮୬). ଓଡ଼ିଶାର ସାମରିକ ଇତିହାସ, ନୂଆଦିଲ୍ଲୀ ପ୍ରକାଶକ ।

ମହାନ୍ତି, ଜି. (୨୦୦୫). ଯାଜପୁରର ସାଂସ୍କୃତିକ ଐତିହ୍ୟ, ଯାଜପୁର ପ୍ରକାଶକ ।

ପଣ୍ଡା, ଏ,. (୨୦୦୮), ଓଡ଼ିଶାର ଇତିହାସ, କଟକ, କିତାବ ମହଲ ।

ପାଣିଗ୍ରାହି, କେ. ସି. (୧୯୬୧), ଓଡ଼ିଶାର ଭୌମକର ଏବଂ ସୋମବଂଶୀମାନଙ୍କର କାଳକ୍ରମ, ଭୋପାଳ ପ୍ରକାଶକ ।

ରାଉତ, ଏମ୍. କେ. (୨୦୧୩). ଯାଜପୁରର ଦର୍ପଣ ଖାସ୍ ଅଂଚଳର ପ୍ରତ୍ନତତ୍ୱିକ ଅବଶେଷ (ଅପ୍ରକାଶିତ ଏମଫିଲଥେସିସ୍), ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ।

ରାଉତ, ଏମ୍. କେ. (୨୦୧୪) । ଇତିହାସରେ ଅଂଚଳର କଥା ଓ କାହାଣୀ, ଯାଜପୁର ଆମ ଅଧିକାର ।

ସାହୁ, ଏନ କେ (୧. ୬୪.୬୪.) ଓଡ଼ିଶାର ଇତିହାସ (ଭଲ୍ୟୁମ୍ ଆଇ), କଟକ ପ୍ରକାଶ ।

ଶାମାସାସ୍ତ୍ରୀ, ଆର,. (ଟ୍ରାନ୍ସ ଏବଂ ଇଡି ।), (୧୯୨୩), କଟିଲିୟାଙ୍କ ଅର୍ଥଶାସ୍ତ୍ର, ସରକାରୀ ଓରିଏଂଟାଲ୍ ଲାଇବ୍ରେରୀ ।

ବାନାର୍ଜୀ, ଆର, ଡି,. (୧୯୨୯) ଆଂଟିକ୍ରୁଉଟି ଅଫ ବୌଦ୍ଧ କ୍ଷେଟ, ଜର୍ଣ୍ଣାଲ ଅଫ ବିହାର ଆଣ୍ଡ ଓଡ଼ିଶା, ଅନୁସନ୍ଧାନ ସୋସାଇଟିର ଜର୍ନାଲ୍, ୧୫, ୬୪-୮୬.
ବାସା, କେ କେ (୨୦୦୦) ଓଡ଼ିଶାର ପ୍ରତ୍ନତତ୍ତ୍ୱ ଦିଲ୍ଲୀ: ପ୍ରକାଶକ ।

ବେହେରା, କେ ଏସ୍ (୧୯୯୩), ଓଡ଼ିଶାର ସାମୁଦ୍ରିକ ସାଂସ୍କୃତିକ ସମ୍ପର୍କ. ଦିଲ୍ଲୀ: କାଭେରୀ ପୁସ୍ତକ ।

ଡ୍ୟାସ୍, ଜି ସି (୨୦୧୬), କଲଚର ଆଣ୍ଡ ହେରିଟେଜ ଅଫ ଓଡିଶା, ଭୁବନେଶ୍ୱର, ଓଡିଶା ରାଜ୍ୟ ସଂଗ୍ରହାଳୟ ।

ISSN NO.
2582-208X

ମିଶ୍ର, କେ. ସି. (୨୦୦୦). ଜଗନ୍ନାଥଙ୍କ ଉପାସନା, କଲିକତା ଫିରାମ କେ.ଏଲ.ଏମ. ।

ପାଣିଗ୍ରାହି, କେ. ସି. (୧୯୮୧). ଓଡ଼ିଶାର ଇତିହାସ: ହିନ୍ଦୁ କାଳ, କଟକ ଛାତ୍ରଙ୍କ ଭଣ୍ଡାର ।

ପାତ୍ର, ବି. ଏନ. (୨୦୦୧). ପ୍ରାରମ୍ଭିକ ମଧ୍ୟଯୁଗୀୟ ଓଡ଼ିଶାରେ ଦୁର୍ଗ: ରାଜନୈତିକ ଭୂଗୋଳର ଏକ ଅଧ୍ୟୟନ, ଭାରତୀୟ ଇତିହାସ କଂଗ୍ରେସର କାର୍ଯ୍ୟପନ୍ଥା, ୬୨, ୧୧୧୮–୧୧୨୮ ।

ପ୍ରଧାନ, ଏସ. (୨୦୦୯). ଓଡ଼ିଶାରେ ପଥର କଳା, ଭୁବନେଶ୍ୱର: ଆର୍ଯ୍ୟ ପୁସ୍ତକ ।

ରଥ, ପି. (୨୦୧୮). ମଧ୍ୟଯୁଗୀୟ ଓଡ଼ିଶାରେ ଜଳ ସ୍ଥାପତ୍ୟ ଏବଂ ପବିତ୍ର ଭୂଦୃଶ୍ୟ ।

ଭାରତୀୟ ଐତିହାସିକ ସମୀକ୍ଷା, ୪୫(୧), ୨୩–୪୮ ।

ତ୍ରିପାଠି, ଡି. (୨୦୧୩) । ଓଡ଼ିଶାର ମନ୍ଦିର, ଦୁର୍ଗ ଏବଂ ବସତି: ଏକ ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନ, ଭୁବନେଶ୍ୱର, ଜଗନ୍ନାଥ ପ୍ରକାଶନ ।

ୱିଲିୟମ୍ସ, ଜେ. (୨୦୦୮), ଓଡ଼ିଶାରେ ବୌଦ୍ଧ ଧର୍ମ ଏବଂ ରାଜନୀତି: ପବିତ୍ର ଭୂଗୋଳ ଏବଂ ରାଜନୈତିକ କର୍ତ୍ତୃତ, ଦକ୍ଷିଣ ଏସୀୟ ଅଧ୍ୟୟନ, ୨୪(୨), ୧୫୬–୧୭୫ ।

(((-)))

ଗବେଷକ
ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ
ଧର୍ମଶାଳା ଯାଜପୁର, ଓଡ଼ିଶା
ଇମେଲ୍: manas99rout@gmail.com

ISSN NO.
2582-208X

# ଅକୁହା



ସୁରେଶ କୁମାର ସାହୁ

କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମେ ମୋ ଜୀବନର ସଞ୍ଜ ଆଉ ସକାଳ,
ପାଣି, ପବନ ଆଉ ସୁଗନ୍ଧିତ ଫୁଲ।
ମୋ ସୁର, ସଙ୍ଗୀତ, ସୁଖ, ଦୁଃଖ ଆଉ ଆନନ୍ଦ,
ଜୀବନ, ମରଣ... ତୁମେ ମୋ ହୃଦ୍‌ସ୍ପନ୍ଦ।
ତୁମେ ହିଁ ମୋ ଓଠର ହସର କାରଣ,
ତୁମର ଦୁଃଖ ମୋ ପାଇଁ ମରଣ !
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମ କଥା ମୋ ପାଇଁ ମଧୁର ଏକ ଗୀତ,
ତୁମ ଛାଇ ମୋ ଚଲାପଥର ସଙ୍ଗାତ।
ତୁମେ ମୋ ଆକାଶର ତାରା ଆଉ ଜହ୍ନ,
ତୁମେ ମୋ ହୃଦୟର ସବୁଠୁ ଗଭୀର ଚିହ୍ନ।
ତୁମେ ଚାଲି ଯାଉଥିବା ପାଦର ସେ ଧୂଳି,
ସତେ ଯେମିତି ମୋ ପାଇଁ ସରଗର ବାଲି !
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମେ ମୋର ସ୍ୱପ୍ନ, ତୁମେ ମୋ ସଂସାର,
ତୁମେ ହିଁ ଠିକଣା ମୋ ବାଟ ଜୀବନର।
ତୁମେ ମୋର ରାଧା, ତୁମେ ମୋର ସୀତା,

ISSN NO.
2582-208X

ମୋ ପ୍ରେମ କାହାଣୀର ଭାଗ୍ୟ ବିଧାତା।।
ତୁମେ ମୋ ଜୀବନର ମିଠା ମହକ,
ତୁମେ ମୋ ନିଶ୍ୱାସର ଏକା ବାହକ !
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମ ବିନା ଏ ଦୁନିଆ ଅନ୍ଧକାର ଲାଗେ,
ତୁମରି ଭାବନା ନିତି ମୋ ମନରେ ଜାଗେ।
ମୋ ଶୀତର କାକର ତୁମେ, ତୁମେ ମୋ ଫଗୁଣ,
ମୋ ଜୀବନ ବୀଣାର ତୁମେ ସପ୍ତଗୁଣ।
ତୁମେ ମୋ ନିଦ୍ରା ଆଉ ମିଠା ସ୍ୱପନ,
ତୁମ ପାଇଁ ସମର୍ପିତ ଏ ସାରା ଜୀବନ।
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମେ ମୋ ଶ୍ରାବଣର ପ୍ରଥମ ବରଷା,
ତୁମେ ମୋ ଜୀବନର ଶେଷ ଅଭିଳାଷା।।
ତୁମ ବିନା ଏ ରାତି କଟେନାହିଁ ଆଉ,
ମୋ ସ୍ମୃତିର ଆକାଶେ ତୁମେ ମେଘ ହେଉ।
ତୁମ ନାଁ ଲେଖା ମୋର ପ୍ରତିଟି ଶ୍ୱାସରେ,
ତୁମେ ବନ୍ଧା ଅଛ ମୋ ହୃଦୟ ପାଶରେ।
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମେ ମୋ ପ୍ରଭାତର ଶୀତଳ ମଳୟ,
ତୁମକୁ ଦେଖିଲେ ଶାନ୍ତ ହୁଏ ହୃଦୟ।
ତୁମ ଆଖି କହେ ମୋତେ ଲକ୍ଷେ କାହାଣୀ,
ମୋ ଶୁଖିଲା ମନରେ ତୁମେ ଅମୃତ ପାଣି।
ତୁମେ ମୋ ପ୍ରେମ ସାଗରର ତରଙ୍ଗ,
ତୁମେ ମୋର ସବୁଠୁ ସୁନ୍ଦର ପ୍ରସଙ୍ଗ।
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମେ ମୋ ଆଶାର ଶେଷ ଠିକଣା,
ତୁମ ଛଡ଼ା ମୁଁ କିଛି ଲୋଡ଼େନା।

ISSN NO.
2582-208X

ତୁମ ସାଥେ ବନ୍ଧା ଏ ଜୀବନ ଡୋରି,
ତୁମ ବିନା ମୁଁ ବଞ୍ଚିବି କିପରି!
ତୁମେ ମୋର ମନ୍ଦିର, ତୁମେ ଦେବତା,
ତୁମେ ହିଁ ମୋ ନୀରବ ଓଠର କଥା।
କେମିତି କହିବି ତୁମେ ମୋ ଜୀବନର କିଏ ?
ତୁମେ ମୋ ବସନ୍ତର କୋଇଲି ରାବ,
ତୁମେ ହିଁ ମୋ ମନର ଅକୁହା ଭାବ।
ଜନମ ଜନମ ତୁମେ ଥାଅ ମୋର ହୋଇ,
ତୁମ ବିନା ଏ ଜୀବନ କିଛି ବି ନୁହଁଇ !
ଯେତେ ଜନ୍ମ ମିଳୁ ମୋତେ ଏଇ ଧରାରେ,
ତୁମେ ହିଁ ଥାଅ ମୋର ପ୍ରତି ଜୀବନରେ।
କେମିତି କହିବି ତୁମେ ମୋ ଜୀବନର କିଏ ?

(((-)))

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞାବିହାର, ବଲାଙ୍ଗୀର
ମୋ – ୭୯୭୮୬୫୨୬୦୦

ISSN NO.
2582-208X

# ହେ ମୃତ୍ୟୁ! ତୁମେ ଚର ବନ୍ଦନୀୟ

ସଂଘମିତ୍ରା ବେହେରା

ଚିର ବନ୍ଦିନୀ ମରଣ ତୁମେ
ହାରି ତ ନାହଁ କରାଳ ମୁଖେ
ନିର୍ଭିକ ତୁମେ କାହାର ସୁତ
କୋଳେଇ ନିଅ ଶରୀର କେତେ।

ପରାଜୟ ଯେ ହୋଇନ ତୁମେ
ଅସ୍ତ୍ର ନାହିଁ ତୁମ୍ଭର କରେ
ଅଞ୍ଚଳ ତୁମ କେତେ ଯେ ଲମ୍ବ
ପାରୁନି ମୁଁ ଯେ ତୁମ୍ଭଙ୍କୁ କଳି।

ତୁମେ କେଉଁଠେଇ ଲୁଚି ରହିଥାଅ
ପ୍ରବେଶିବା କ୍ଷଣେ ଦିଅ ଯେ ପୀଡ଼ା
ଦେଖିଛି ତୁମ୍ଭକୁ ମୋ ବାପାଙ୍କ ଠେଇଁ
ଦୁଆରେ ଚାହିଁଲ ଲୁଚି କେତେ ଘଡ଼ି।

ପ୍ରବେଶିବା କାଳେ ବାପା ମୁଦିଲେ ଆଖି
ଚଳିଲେ କେଉଁ ପୁର ଅଜଣା ମୋତେ
ଲୋତକ ଝରାନ୍ତି ଜୀବନ୍ତ ଯେତେ
ଅଶରୀରୀ ବାପା ଦେଖିଲେ କି ମୋତେ!

ISSN NO.
2582-208X

ତୁମେ ପୁରୁଷ ଅବା ନାରୀ ଜାଣେନା କେହି
ଜାଣିଛି ଏତିକି; କାଳେ ତୁମେ ପ୍ରାଣ-ବାଇ
ଦେଖିନି ଜଗତ ତୁମର ଶାରୀରିକ ରୂପ
ଅଶରୀରୀ ତୁମେ ଚିର ବନ୍ଦନୀୟ।

(((-)))

ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ଓଡ଼ିଆ ଲୋକଗୀତ ପରମ୍ପରାରେ ନାରୀଗୀତ:ନାରୀ ଜୀବନର ମୁକୁର



ସୁନୀଲ କୁମାର ବେହେରା

ସାହିତ୍ୟ ସୃଷ୍ଟିରେ ପ୍ରଥମେ ଗୀତ । ଗୀତ ପ୍ରକୃତିରୁ ସୃଷ୍ଟି । ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ଯାଯାବର ଭାବରେ ଜୀବନଯାପାନ କରୁଥିଲା, ଝରଣାର କୁହୁକୁହୁ ନାଦ, ବର୍ଷାର ରିମଝିମ ସ୍ୱର, କୋଇଲିର କକୋଳି ଆଦି ତାକୁ ମାଉଆଲା କରୁଥିଲା । ମନୁଷ୍ୟ ଅନୁକରଣ ପ୍ରିୟ, ସେ ପ୍ରକୃତି ଠାରୁ ଅନୁକରଣ କରି ସଙ୍ଗୀତ ଶିକ୍ଷା କରିଛି । ସମୟର ସ୍ରୋତରେ ଏଗୁଡିକରେ ବାସ୍ତବ ଜୀବନର ଚିତ୍ର ଦେଇ ଅଛି ।

ଲୋକଗୀତ ବାସ୍ତବରେ ଲୋକଜୀବନର ଅବିକଳ ପରିପ୍ରକାଶ । ଯେତେବଳେ ସମୟ ନିର୍ଦ୍ଦିଷ୍ଟଧାରା ରେ ଗତି କରୁଥିଲା, ସେତେବେଳେ ମଣିଷ ଥିଲା ସହଜ, ସରଳ ଏବଂଭାଷା ଥିଲା ସାବଲୀଳ । ସେହି ସମୟରୁ ଲୋକ ଗୀତର ଧାରା ପ୍ରବାହିତ । ଏହା ସ୍ୱତଃସ୍ଫୁତ ପାହାଡୀ ଝରଣା ପରି ଚଳ ଚଞ୍ଚଳ ଏହାର ଗତି । "ଲୋକଜୀବନାଭୂତିର ବିପୁଳ ସ୍ୱାକ୍ଷର ଏଥିରେ ଅଙ୍କିତ, ଲୋକର ବ୍ୟକ୍ତି ଜୀବନ, ପାରିବାରିକ ଚଳଣି, ଗୋଷ୍ଠୀବଦ୍ଧ ଚେତନା, ଲୋକବ ସମାଜର ସାର୍ବିକ ପରିପ୍ରକାଶ ଏହି ଲୋକଗୀତ। ଏହାର ଆଡ ଦୀର୍ଘ ଅପରିମେୟ, ବହୁ ଶାଖା ବନସ୍ପତି ଭଳି ସର୍ବତ୍ର ଏହାର ସ୍ଥିତି। ଶିଷ୍ଟ ସାହିତ୍ୟର ମାପଚୁପା ନିୟମ ନିଗଡ଼ ଓ ଯାବତୀୟ କୃତ୍ରିମତାରୁ ଏହା ଅନେକ ଦୂରରେ । ଏଥିରେ ବଚନ ବିଦଗ୍ଧତାର ଆଟୋପ ନାହିଁ, ଅଳଙ୍କରଣରେ ଏହା ଭାର କରନ୍ତା ନୁହଁ, ରାଶିରାଶି ଶିଷ୍ଟ ଶବ୍ଦଶୃଙ୍ଖଳାର ଅନୁବନ୍ଧକୁ ଏହା ସ୍ୱୀକାର କରେ ନାହିଁ । ବୈଦଗ୍ଧ୍ୟର ଗାମ୍ଭିର୍ଯ୍ୟ ବୈବର୍ଜିତ ହୋଇ ଏହା ସରଳରୁ ସରଳତମ । ଆଲୋଚକ ଚକ୍ରଧର ମହାପାତ୍ରଙ୍କ ମତରେ – ଯେଉଁ କବିତାମାନ ଏବେ ମୁଖେ ମୁଖେ ରହିଆସିଛି, କେବେହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରିପାରିନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତକୋଣରେ

ISSN NO.
2582-208X

ସୃଷ୍ଟି ଲାଭ କରି ତାର ମହକରେ ଯେ ଜନ ମାନସର କୋଣେ ଅନୁକୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇ ପାରିଛି, ସେହି ମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ”।

ସୃଷ୍ଟିର ଅନ୍ୟନାମ ନାରୀ। ପ୍ରକୃତିକୁ ଛାଡ଼ିଦେଲେ ଯେପରି ମଣିଷର ସ୍ଥିତିନାହିଁ, ସେହିପରି ନାରୀ ଚରିତ୍ରକୁ ବାଦଦେଇ ଲୋକଗୀତର ବ୍ୟକ୍ତିତ୍ୱ ଶ୍ରୀହୀନ। ନଦୀ - ନାରୀ - ନିୟତି କେବେ ହେଲେ କାହାର ଦୁଃଖ ସହନ୍ତି ନାହିଁ। ନାରୀ ଯିଏ ରଚନା କରି ଚାଲେ ନିରନ୍ତର ସୌନ୍ଦର୍ଯ୍ୟର ଅଭିସାର କେତେବେଳେ ସେ ଆଶାର ଗଙ୍ଗା ତ କେତେବେଳେ ଜୀବନ ମରୁରେ ଆତ୍ମାର ସଞ୍ଚାର କରୁଥିବା ପୀୟୂଷ। ଲୋକଗୀତ ଯଦି କାନଭାସ ହୁଏ,ତାହେଲେ ଭାବନାକୁ ରଙ୍ଗ ଦେଉଥିବା ତୂଳୀ ହେଉଛି ନାରୀ ଜୀବନର ଚିତ୍ର। ସମଗ୍ର ଜୀବନକାଳ ଭିତର ନାରୀଟି ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଥାଏ। ନାରୀ ପ୍ରାଥମିକ ପର୍ଯ୍ୟାୟରେକନ୍ୟା ବା କୁମାରୀ ଜୀବନ, ଦ୍ୱିତୀୟରେ ପତ୍ନୀ ବା ବଧୂ ଜୀବନ, ତୃତୀୟରେ ଜନନୀ ଓ ଶାଶୂର ଜୀବନସେ ନିର୍ବାହ କରିଥାଏ,କେତେ ବିଖଣ୍ଡିତ ତାର ସତ୍ୱା। କେତେ ବେଦନାମୟ ତାର ପ୍ରତିଟି ପଦଚାଳନା, ଓଡ଼ିଆ ଲୋକଗୀତ ପରଂପରାରେ ନାରୀ ଜୀବନର ମୁକୁର ବିଚାରିଲା ବେଳେ ଆମ୍ଭମାନଙ୍କୁ ପରିଦୃଷ୍ଟ ହୋଇଥାଏ ନାରୀ ସମଗ୍ର ଜୀବନର କଥା,ଯେପରିକି ବାଲ୍ୟଜୀବନଠାରୁ ଆରମ୍ଭକରି କୁମାରୀଜୀବନ, ପ୍ରାକ-ବୈବାହିକଜୀବନ, ପତ୍ନୀ ବା ବଧୂଜୀବନ, ଜନନୀ ଓ ଶାଶୂଭାବରେ ଜୀବନ, ସାଉତୁଣୀର ଜୀବନ, ବୈଧବ୍ୟ ଜୀବନ ଯେଉଁ ଗୁଡ଼ିକୁ ସଂଶିତ ପ୍ରବନ୍ଧରେ ଉପସ୍ଥାପନ କରାଯାଇ ଅଛି-

### ବାଲ୍ୟ ଜୀବନ:

ସମାଜରେ ନାରୀ ଦୁଇ କୂଳକୁ ହିତା ଦୁହିତା କହନ୍ତି। ସେ ଉଭୟ ପିତୃକୂଳ ଓ ଶ୍ୱଶୁର କୂଳର ହିତ ସାଧନ କରିଥାଏ। ନାରୀଟିଏ ଜନ୍ମ ହେଲାପରେ ତାର ବାଲ୍ୟ ଜୀବନ ଆରମ୍ଭ ହୋଇଥାଏ। ବାଲ୍ୟ ଅବସ୍ଥାରେ ନିଜ ଭାଇ ଭଉଣୀ, ସାଙ୍ଗ ସାଥି, ବାପା ମା ଜେଜେ ବାପା ଜେଜେମା, ଦାଦା ଖୁଡ଼ି ପ୍ରଭୃତି ମାନଙ୍କ ସହ ଦିନ କଟେଇଥାଏ। ଏହି ମାନଙ୍କ ସହ ହିଁ ସେ ତାର ହସ ଖୁସି, ସୁଖ ଦୁଃଖ ବାଣ୍ଟି ଥାଏ। ସେ ଏହି ସମୟରେ ବିଭିନ୍ନ ଖେଳ କସରତ, ଓଷାବ୍ରତ ପାଳନ କରିଥାଏ । ତା ମୁହଁରୁ ଝରୁ ଥାଏ ହୃଦୟର ଆର୍ତ୍ତନାଦ ଯଥା -

ISSN NO.
2582-208X

"ଦୋଳିଚାଲେ କଟମଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ଦିଶୁଥାଏ ଝଟ ଝଟ"।
"ନାଲି ଧାନ କିଏ କୁଟି ଦେଉଛି ଲୋ
ଦାଣ୍ଡରେ ପଡ଼ିଛି ତଷୁ
ସମସ୍ତେ ସମସ୍ତେ କଇଲାଣ କର
ମୋ ଭାଇ ବେଦୀରେ ବସୁ।"(ଦୋଳି ଗୀତ)

ଏହି ଦୁଇଟି ଗୀତରେ ପଲ୍ଲୀ ନାରୀର ଚିନ୍ତା ଚେତନା ସ୍ନେହଶିଳତା, ପରିବାରଜନ ସହ ସମ୍ପର୍କର ଚିତ୍ର ପ୍ରତି ଫଳିତ।

### କୁମାରୀ ଜୀବନ:

ଝିଅଟିଏ ଅଷ୍ଟମ ତଥା ନବମ ବର୍ଷ ବୟସରେ ଯେତେବେଳେ ପାଦ ଥପେ ଯୌବନ ପ୍ରାପ୍ତି ହୁଏ। ଏହା ପରେ ତାର କୌମାରୀ ଜୀବନ ଆରମ୍ଭ ହୁଏ। ଏହି ସମୟରେ ତା ମନରେ ସୃଷ୍ଟି ହୋଇଥାଏ ଅସୁମାରୀ ଆଶା, ଆକାଂକ୍ଷା । ଏହାକୁ ନେଇ ବଞ୍ଚିବାକୁ ଚେଷ୍ଟା କରେ ମାତ୍ର ତାର ଆଶା ଆକାଂକ୍ଷା ସବୁ ବେଳେ ବେଳେ ପାଣି ଫୋଟକା ପରି ମିଳେଇ ଯାଏ, ଯେତେବେଳେ ସେ ବିବାହ ବୟସରେ ଉପନୀତ ହୁଏ। ତାର ଜୀଇଁବା ନିଶାର ସ୍ୱପ୍ନଟେ ମହା ନଇ ପାଲଟେ। ତାର ଅନ୍ତରନିହିତ ସ୍ୱପ୍ନ ସାର୍ଥକ ନହୁଏ। ସ୍ୱତସ୍ଫୁର୍ତ୍ତ ଭାବରେ ତା ହୃଦୟରୁ ଝରିଥାଏ –

"ପାଚିଲା ପାନ ମନ କରିଥିଲି ଛନ ଛନ
ଆଶା କରିଥିଲି ତୋତେ
କାଉକୁ ଯେମିତି କୋଇଲି ଭଣ୍ଡାଏ
ସେପରି ଭଣ୍ଡିଲ ମୋତେ"।

ମା ଛେଉଣ୍ଡ ଝିଅକୁ ଅନେକ କଥା ଶୁଣିବାକୁ ମିଳିଥାଏ, ମା ମଲା ପରେ ସେ ନିଜକୁ ଅସହାୟ ମନେ କରିଥାଏ। ଏହି ଅସହାୟତାକୁ ସହ୍ୟ କରିନପାରି ସ୍ନେହ କାଙ୍ଗାଲୁଣି ଝିଅ ଆଖିରୁ ଝରୁଥାଏ ଅମାନିଆ ଅଶ୍ରୁ –

ISSN NO.
2582-208X

କେତେ ସ୍ନେହ ଦେଇ ବଢ଼େଇଥିଲୁ ଲୋ ମୋବୋଉ
ମରୁଛି ତୋ ଝିଅକୁ ନା ଦେଖିଲୁ, ଲୋ ମୋ ବୋଉ
ସମସ୍ତେ କହନ୍ତି ମା ତ ନାହିଁ ଲୋ ମୋବୋଉ
ମା ଛେଉଣ୍ଡ କହିଲେ ମୋତେ ବଡ଼ ବାଧଇ ଲୋ ମୋବୋଉ” । (୦୨)

ଆମ ଓଡ଼ିଆ ସମାଜରେ ବଢ଼ିଲା ଝିଅକୁ ବାପ ଘରେ ବେଶୀଦିନ ରଖି ପାରନ୍ତି ନାହିଁ ବିବାହର ଯୋଗ୍ୟ ହେଲେ "ଦେଲି ନାରୀ ହେଲି ପାରି ନ୍ୟାୟରେ " କନ୍ୟାର ବାପ ମୁକ୍ତ ହେବାକୁ ଚେଷ୍ଟା କରିଥାଏ। ଝିଅଟିଏ ଯେତେବେଳେ ଏହି ବିଷୟରେ ଅବଗତ ହୁଏ,ସେ ତା ମାକୁ ଧରି କନ୍ଦେ –

" ଫୁଲ ମଉଳଇ ଖରା ତେଜକୁ ଲୋ ବୋଉ
ଝିଅ ମଉଳଇ କଥା ପଦକୁ ଲୋ ବୋଉ।"

ଏହି ସମୟରେ ଝିଅର ମା' ଦୁଃଖରେ ସମ୍ବେଦନଶୀଳ ହୋଇ କାନ୍ଦି ଉଠେ –

“ ବାପ ଘରେ ଝିଅ ନରହେ କେହି
ରାଜଜେମା ହେଲେ ପରକୁ ଦେଇ
ଓଳିପାଣି ଗଡେ ପିଣ୍ଡା ତଳକୁ
ଝିଅ ଜନମ ତ ପର ଘରକୁ।"

## ପ୍ରାକ - ବୈବାହିକ ଜୀବନର ଚିତ୍ର :

ଆମ ଓଡ଼ିଆ ସମାଜରେ ବିବାହ ଏକ ସମାଜର ଗୁରୁତ୍ୱପୂର୍ଣ୍ଣ ବିଧି । ଏହାକୁଆଧାର କରି ସମାଜରେ ଯୌନ ସଂଯମତା ରକ୍ଷା ପାଇଥାଏ । ଝିଅ ଟିଏ ବିବାହ କଲା ପରେ ଶାଶୂ ଘରକୁ ଯାଏ, ସେଠାରେ ବହୁ ନୀତିନିୟମ ମାନି ଚଳି ଥାଏ। ଯଦି ସେ ଏସବୁକୁ ଉଲଂଘନ କରେ ତା ବାପ ଘର ଲୋକଙ୍କୁ ସମାଜ ନିନ୍ଦା କରି ଥାଏ। ଏଥିପାଇଁ କନ୍ୟାଟିଏ ବିବାହ କରି ତା ସ୍ୱାମୀ ଘରକୁ ଯିବା ପୂର୍ବରୁ ସମାଜର ବହୁ ନୀତିନିୟମ ସବୁ ତା ପିତା-ମାତା, ଭାଇ-ଭଉଣୀ, ଭାଇ- ଭାଉଜ, ଆଦି ଉପଦେଶ ଦେଇ ଥାନ୍ତି। ଝିଅ ବିବାହ ପରେ ଶାଶୂଘରେ କିପରି ଚଳିବାକୁ ହେବ କାହା ସହ କିପରି ବ୍ୟବହାର କରିବାକୁ ହେବ ସେ ସଂମ୍ପର୍କରେ ସେ ଝିଅକୁ ତା’ ଭାଉଜ କହିଥାନ୍ତି –

ISSN NO.
2582-208X

" ଟହ ଟହ ନ ହସିବୁ ଗୁରସ୍ତ ଆଗେ
ସେ ଯେ ଦିଅରଭାବ ,
ଗେଲ ହାତ ମାରିବ
ସେ କଥାକୁ ଜେମା କେଭେ ରୋଷ ନୋହିବ।
ଯେ ଶାଶୂ ଶ୍ୱଶୁର
ତାଙ୍କୁ କରିବୁ ମୋର
ତାଙ୍କୁ ମୋର କଲେ ଜେମା କରିବ ଘର"।

ଝିଅଟିଏ ନିବନ୍ଧ ହୋଇଯିବାପରେ ସେ ଶ୍ୱଶୁର ଘରର କଥା ଭାଳି ବସେ। ଅନ୍ୟର ଅନୁଭୁତିରେ ନିଜକୁ ମାପିବାକୁ ଚେଷ୍ଟା କରେ। ଶ୍ୱଶୁର ଘରର ଅନାଗତ ଶଙ୍କା- ଆଶଙ୍କା ଭିତରେ ନିଜକୁ ଏକ ଅଜଣା ପରିସ୍ଥିତିରେ ସାମ୍ନା କରେ । ସବୁଦିନ ପାଇଁ ନିଜ ବାପ ଘରକୁ ପରକରି କନ୍ୟା ବଧୂ ବେଶରେ ଶାଶୂ ଘରକୁ ଚାଲି ଯାଏ। ଓଡ଼ିଆ ଲୋକଗୀତରେ ଏହି ବିଦାୟ କାଳୀନ ଦୃଶ୍ୟ କାରୁଣ୍ୟତରେ ପରିପୂର୍ଣ୍ଣ। ନିଜ କିଶୋରୀ ଜୀବନର ମୋହକୁ ତୁଟାଇ ଛାତିକୁ ପଥର କରି ସେ ଯାଏଶାଶୂ ଘରକୁ ଏତିକି ବେଳେ ତା ଅନ୍ତରରୁ ଝରିଆସେ ବେଦନାର ନିର୍ଝରଣୀ। ଝିଅ ତା' ମାଆ କୁ ଧରି କାନ୍ଦି କହେ –

"ଦୂବ ବଢୁଥିଲା କାକର ଖାଇ ଲୋ ବୋଉ
ମୁଁ ତ ବଢୁଥିଲି ଅଲ୍ୟଳ ହୋଇ ଲୋ ବୋଉ
ଦୂବ କାକର ସହିଲା ନାହିଁ ଲୋ ବୋଉ
ମୋ ଅଲ୍ୟଳ ପଣ ତ ସହିଲା ନାହିଁ"।

ଝିଅଟିଏ ତା ଭାଇ ସାଥିରେ ପିଲା ବେଳେ କେତେ ଖେଳ ଖେଳି ଥାଏ, ଧୂଳି ଘର କରିଥାଏ ଭଉଣୀ। ରାକ୍ଷୀ ପୁନେଇ ରେ ଭଉଣୀ ରାକ୍ଷୀ ବାନ୍ଧି ଥାଏ, ବାପା ଆଗରେ ସାହାସ ବାନ୍ଧି କହି ପାରୁନଥିବା କଥା ସବୁ ତା ଭାଇ ଆଗରେ ବଖାଣି ଥାଏ। ସେସବୁ କଥାକୁ ମାନେ ପକାଇ ତା ଭାଇକୁ ଧରି କାନ୍ଦେ –
"ଆଦେଶକୁ ଦେଶ କରି ଆସିଲ ହେ ଭାଇ
ଅବାଟକୁ ବାଟ କରି ଆସିଲ ହେ ଭାଇ

ISSN NO.
2582-208X

ଅରଣ୍ୟେ ଅଗ୍ନିକୁଣ୍ଡେ ଖୋଳିଲ ହେ ଭାଇ
ତା'ଭିତରେ ମୋତେ ଆହୁତି ଦେଲା ହେ ଭାଇ"।

ପୁଣି ଟାହିଟାପରା ମଜା ଆଦି କଥାକୁ ମନେପକାଇ ନୂଆ ଭାଉଜଙ୍କୁ ଧରି ସେ କାନ୍ଦେ।

"ଚକୁଳି ପିଠା ତ ଅଣ ଲେଉଟା
ହେ ନୂଆବୋଉ
ଆଉ କି ଦେଖିବି ଜନମ କୋଠା
ହେ ନୂଆବୋଉ"।

ପିଲାଦିନେ ଭଉଣୀ, ଝିଅାରୀ, ପୁତୁରା ସମସ୍ତଙ୍କ ସହିତ ବୋହୂଚୋରି ଖେଳ, ଫୁଲ ତୋଳିବା,କଙ୍କି ଧରିବା ଆଦି କଥାକୁ ମନେ ପକେଇ କାନ୍ଦିଉଠେ। ସ୍ୱତଃସ୍ଫୂର୍ତ୍ତ ଭାବେ ତା ଓଠରୁ ଝରିଯାଏ -

"ଭଜ ତିନିଦିନ ଶିବ ଜାଗର ଲୋ ଧନଶାଳୀ
ହସି ଖେଳିଯାଏ ଦିନ ଆମରି ଲୋ ଧନମାଳୀ
ଭୋଦୁଅ ମାସରେ ଖୁଦୁରୁକୁଣୀ ଲୋ ଧନମାଳୀ
ମନେ ପକାଇବ ଅପାକୁ ପୁଣିଲୋ ଧନମାଳୀ"।

### ପତ୍ନୀ ବା ବଧୂଜୀବନ:-

ନାରୀ ବିବାହ କଲାପରେ ତା ବାପଘର ତ୍ୟାଗ କରିଥାଏ। ନାରୀ ତା ବାପ ଘରେ ନିଜ ପିତା- ମାତା, ଭାଇ- ଭଉଣୀ, ଭାଉଜ, ପୁତୁରା, ଦାଦା ଖୁଡ଼ି ଇତ୍ୟାଦିଙ୍କୁ ପର କରିଥାଏ। ମାତ୍ର ସେ ତା ସ୍ୱାମୀ ଘରକୁ ଆଗମନ ପରେ ସେଠାରେ ରହୁଥିବା ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅର ଆଦିଙ୍କୁ ଆପଣେଇବାକୁ ପଡ଼ିଥାଏ। ଏବଂ ଗୃହର ଗୃହକର୍ତ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କରିବାକୁ ପଡ଼ିଥାଏ। ସାଂସାରିକ ଜୀବନର ଭଲ-ମନ୍ଦ, ସୁଖ- ଦୁଃଖ, ଆଦିକୁ ଧୈର୍ଯ୍ୟର ସହ ସହିଥାଏ। ଏହାକୁ ନେଇ ଲୋକ କବି -

ISSN NO.
2582-208X

"ଚକ ବୁଲୁଥିଲେ ଅଖ ବୁଲୁଥାଇ
ବୁଲି ପଡୁଥାଏ ପହି
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଥିଲେ ସହି"।

ପୁରୁଷ ପ୍ରଧାନ ସମାଜରେ ନାରୀ ନଗଣ୍ୟ। ସେ କେବେ ତା ପ୍ରତି ହେଉଥିବା ଅତ୍ୟାଚାରର ପ୍ରତିବାଦ କରେ ନାହିଁ। ସେ ସବୁ ସହି ଯାଏ । ନିଜେ ନିରନ୍ତର କାନ୍ଦେ ସିନା , ପ୍ରତିବାଦ କରେ ନି । ସ୍ଵାମୀ ଅତ୍ୟାଚାରିତା ନାରୀଟି ନିଜ ମନର ବେଦନାକୁ ପ୍ରକାଶ କରିଛି ଅତି ସନ୍ତର୍ପଣରେ।

" ରାତିରେ ରାନ୍ଧିଲି ପୋଇ ଚିଙ୍ଗୁଡ଼ିଲୋ
ଦିନରେ ରନ୍ଧିଲି ବଡ଼ି
ଶ୍ରୀରାମ ପାଖକୁ ଶୋଇବାକୁ ଗଲି
ଗୋଡ଼ ଘେନି ଦେଲେ ପେଲି"।

ବେଳେ ବେଳେ ସ୍ଵଳ୍ପ ବୟସ ବିବାହିତା ନାରୀ ସ୍ଵାମୀ ପରିତ୍ୟକ୍ତା ହୋଇ କେଉଁ କୂଳର ହୋଇ ନଥାଏ। ତା ମନ ତଳର ବେଦନା ଓ ଅନ୍ତରର କୋହକୁ ଧରି କାନ୍ଦି କାନ୍ଦି କହେ –

"ବାରବର୍ଷ ସମୟରେ
ବାପା ବିଭା କଲ ମୋତେ
ଷୋଳ ବରଷରେ ଯୁବା
ପତି ସେବିକା ହେ ।
ପତିଯେ ଛାଡ଼ିଣ ଗଲେ
ବାପା ଭାଇ ତେଜ୍ୟା କଲେ
ଦୁଇ କୂଳରେ ନ ହେଲି
ମଝିରେ ବୁଡ଼ି ମଲି" ।

ISSN NO.
2582-208X

ନାରୀ ଜୀବନର କାରୁଣ୍ୟ ବିଶେତଃ ସେତେବେଳେ ମାଡ଼ି ପଡ଼େ ଯେତେବେଳେ ସ୍ୱାମୀର ମୃତ୍ୟୁରେ ବୈଧବ୍ୟ ଯନ୍ତ୍ରଣାରେ ସେ ଛଟପଟ ହୁଏ। ସମାଜରେ ବିଧବା ନାରୀଙ୍କୁ ସମ୍ମାନ ମିଳି ନଥାଏ । ସମାଜ ସବୁ ବେଳେ କଳଙ୍କିନି ବୋଲି ଗାଳି ଦେଇ ଥାଏ। ନାରୀଟି ବହୁ କଷ୍ଟରେ ଜୀବନ ଅତିବାହିତ କରିଥାଏ–

"ସ୍ୱାମୀ ମଲା ଦିନୁ ହୋଇଲି ନିରେଖ
କେବେ ପିନ୍ଧି ନାଇ ପାଟ ଛତି କି ଝିନ ବାସ"।

ନାରୀ ସମ୍ବେଦନଶୀଳ। ଅନ୍ୟର ଦୁଃଖରେ ସମ ଦୁଃଖିନୀ। ରାହା ପାଉନଥିବା ଅନ୍ୟ ଏକ ନାରୀକୁ ସେ ଆଶ୍ରୟ ଦିଏ। ବଞ୍ଚିବାର ଭରସା ଦିଏ, ମାତ୍ରସେ ବିଶ୍ୱାସ ଘାତିନୀ ହେଲେ ତାହା ଅତୀବ ଯନ୍ତ୍ରଣା ଦାୟକ। ନାରୀଟି ଯାହାକୁ ନିଜର ସାନ ଭଉଣୀର ସ୍ନେହ ଦେଇ ଆଶ୍ରା ଦେଇଥିଲା ଶେଷରେ ସେ ତାକୁ ପ୍ରତାରଣା କରି ତା ଠାରୁ ସ୍ୱାମୀକୁ ଛଡ଼ାଇ ନେଇ ନିଜର କରି ଦିଏ। ସଉତୁଣୀର କଳଙ୍କକୁ ମନେ ପକେଇକି କହେ –

"ଛି ଛି ଲୋ ପଚା ପଇଡ଼
ଭାସି ଯାଉଥିଲୁ ମଝି ନଈର
ଧରି ଆଣିଲି ତୋତେ
ଟାକୁଆ ଗାଲରେ ମାଉଁସ ଲାଗିଲା
ଜବାବ ଦେଉଛୁ ମୋତେ"।

ଅନୁରୂପ ଭାବରେ ତା' ସ୍ୱାମୀକୁ ମଧ୍ୟ ରାଗିଯାଇ କହିଥାଏ –
"ଚଇତାରେ ଦୁଇ ମାଇପର ଘଇତା
ପଖାଳ ଖାଇବୁ କି ତବତ ଖାଇବୁ
ବେଳ ଥାଉ ଥାଉ କହି ଥା"।

### ଜନନୀ ଓ ଶାଶୂ ଜୀବନ:

ନାରୀଟି ମା ହେବାରେ ପୁର୍ଣ୍ଣତା ଲାଭ କରେ। ତାର ନାରୀ ଜୀବନ ସାର୍ଥକ ହୁଏ। ଛୁଆର ଆଗତ ଭବିଷ୍ୟତ କଥା, ଭଲ-ମନ୍ଦ, ଯେତେ କଷ୍ଟ ସହିବାକୁ ହେଲେ ମଧ୍ୟ ଛାତିକୁ ପଥର

ISSN NO.
2582-208X

କରି ସହି ଥାଏ। ଏହା ପ୍ରତିଫଳିତ ହୋଇଛି ଆମ ସଂସ୍କୃତିର ମୁକ୍ତାଦେଇ ଚରିତ୍ର ମଧ୍ୟମରେ -

"ଭଜୁକିରେ ରାମ ନାମରେ କୁମର
ବୋଲୁ କିନା ରାମ ନାମ
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ
ବନ୍ଧିନେବ କାଳ ଯମ,
ସେ କାଳଯମ ବଡ଼ ଦାରୁଣରେ
ନ ଜାଣଇ ସୁଖ ଦୁଃଖ
×। ×। ××। ×। ××
ମୁହିଁ ତୋର ମାତା ନିରତେ
କାନ୍ଦିବି ମରିବାର ଯୁଗାନ୍ତର"।

ବେଳେ ବେଳେ ଆମ ସଂସ୍କୃତିରେ ଅବହେଳିତ ଝିଅ ଶାଶୂ ଘରେ ସୁଖରେ ରହିବାର ଦେଖିବାକୁ ମିଳେ। ଶାଶୂ ତାକୁ ଝିଅ ଭଳି ସେହ୍ନ କରେ। ସେତେବେଳେ ସେ ଝିଅର ଅନ୍ତରରୁ ତା ଶାଶୂ ପ୍ରତି ଝରି ଆସେ ସମ୍ବେଦନଶୀଳତା –

"ମା ଚଣ୍ଡାଳୁଣୀ ଏତେ ଚଣ୍ଡାଳୁଣୀ
କୋଠା ତୁଚ୍ଛ କରିଦେଲା
ଭାଇ ଚଣ୍ଡାଳ ସେ ଏତେ ଚଣ୍ଡାଳ
ଅଧା ବାଟେ ଛାଡ଼ି ଦେଲା" ।

ପରିଶେଷରେ ଏତିକି କୁହାଯାଇପାରେ କି ଯେ ଓଡ଼ିଆ ଲୋକ ସାହିତ୍ୟ କ୍ଷେତ୍ରରେ ଲୋକଗୀତ ନାରୀ ଜୀବନର ଅଲିଖିତ ଦସ୍ତାବିଜ୍ । ନାରୀ ମନ ଦରଦ ଭରା। ଟିକିଏ କୋହରେ ଝରିପଡେ ତା ଆଖିରୁ ଅଶ୍ରୁ ଧାରା। ନାରୀ ଜୀବନର ଅତି ନିଖୁଣ ଚିତ୍ର ଫୁଟି ଉଠିଛି ଏହି ଲୋକଗୀତ ମାଧ୍ୟମରେ। ଆଉ ଯୁଗ ଯୁଗ ଧରି ତାର ଅକ୍ଷୁର୍ଣ୍ଣ ବାଜଇ ରଖିଛି ପ୍ରବହମାନ ଧାରା।

ISSN NO.
2582-208X

ସହାୟକ ଗ୍ରନ୍ଥ ସୂଚୀ:
୧. ଦାଶ କୁଞ୍ଜ ବିହାରୀ,କୁଞ୍ଜ ବିହାରୀ ଗ୍ରନ୍ଥାବଳୀ। ୨ ୟ ସଂସ୍କରଣ:୨୦୦୮, ଓଡ଼ିଶା ବୁକ୍ ଷ୍ଟୋର, କଟକ
୨. ମହାପାତ୍ର, ଚକ୍ରଧର, ଉତ୍କଳ ଗାଉଁଲି ଗୀତ। ୧ମ ସଂସ୍କରଣ: ୧୯୫୮, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ
୩. ମହାପାତ୍ର, ଡ. ଶ୍ୟାମ ସୁନ୍ଦର, ଲୋକସାହିତ୍ୟ ତତ୍ତ୍ୱ। ୩ୟ ସଂସ୍କରଣ: ୨୦୧୯, ଓଡ଼ିଶା ବୁକ୍ ଷ୍ଟୋର, କଟକ
୪. ମିଶ୍ର, ଡ.ଅଜୟ କୁମାର, ଓଡ଼ିଆ ଲୋକସାହିତ୍ୟ ଓ ଲୋକ ସଂସ୍କୃତି। ୨ୟ ସଂସ୍କରଣ: ୨୦୧୭, ବିଜୟିନୀ ପବ୍ଲିକେଶନ, କଟକ
୫. ଗାଆଁଣ, ଡ. ଅନାଦି ଚରଣ, ଲୋକ ସାହିତ୍ୟର ରୂପ ରେଖା। ପ୍ରଥମ ସଂସ୍କରଣ: ୨୦୦୪, ମିତା ବୁକ୍ସ, କଟକ
୬. ପ୍ରଧାନ, ଡ.କୃଷ୍ଣ ଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋଜ ସଂସ୍କୃତି। ନବମ ମୁଦ୍ରଣ: ୨୦୨୨, ବିଦ୍ୟାପୁରୀ, କଟକ

ଗବେଷକ
ମହାର୍‌ଜା ଶ୍ରୀର୍‌ମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର,
ବାରିପଦା-୭୫୭୦୦୩, ମୋ- 6372249705

ISSN NO.
2582-208X

# ସେହି ଅଭିମାନ ମଣିଷ ପାଇଁ କିଛି ପଦ

ଶାଗରିକା

ଷୋହଳ ବରଷର ପୁରୁଣା ସେ କଥା
ଆଜି ବି ତାଜା ଅଛି ।
ଅଭିମାନ ଭରା ତୁମ ସେହି ସ୍ୱର
ମନରେ ଗୁଞ୍ଜରି ଯାଉଛି ।
ଦୋଷ ଦେଇଅଛ ପୁରୁଣା ଦିନର
ସବୁ ଭୁଲ ମୋର ବୋଲି ।
ହେଲେ ସେହି ଦୋଷ ଭିତରେ ମୁଁ ତୁମ
ଅକୁହା ପ୍ରେମକୁ ପାଇଲି ।
ଯଦି ଭୁଲି ଯାଇଥାନ୍ତ ମୋ ନାଁକୁ ସେଦିନ
ଆଜି କିଆଁ କଥା ହୁଅ
ଅଭିମାନ ତୁମ ଢାକୁଣି ସାଜିଛି
ଭିତରେ ଲୁଚିଛି ମୋହ ।
ହୁଏତ ଆମେ ଦୁହେଁ ଦୁରରେ ଅଛନ୍ତି ସତ
ସମୟ ନେଇଚି ମୋଡ ।
ହେଲେ ଷୋହଳ ବର୍ଷର ସେ ବନ୍ଧନ
ଆଜି ବି ଅଛି ଖୁବ୍ ଦୃଢ ॥

(((-)))

ଯାଜପୁର

ISSN NO.
2582-208X

# ଯୁଦ୍ଧ-ପ୍ରେମ



ଡ. ଶୁଭେନ୍ଦୁ ମେହେର

କେତେ ଆଉ ଲଢ଼ିବ
ଦେଶ ଦେଶ ଭିତରେ ହିଂସାର ଲଢେଇ
ଯୁଦ୍ଧଂ ଦେହୀର ଡାକରାରେ !

ଗୁଳି ଗୋଳାବାରୁଦ
ଗଚ୍ଛିତ ରହୁ ସେଇମିତି,
ଅସ୍ତ୍ର ଶସ୍ତ୍ରର ଧାର, ମୂଳାୟମ ହେଉ ଅନାୟାସେ ।

ଋତୁ ପରି ବଦଳି
କ୍ଷତାକ୍ତ କରୁଥିବା ଧ୍ୱଂସସ୍ତୁପ ବିଧ୍ୱଂସ ହେଉ ।
ଯୁଦ୍ଧର ରଙ୍ଗକୁ ଧୋଇଦିଅ,
ମନର ବେଗବାନ ଘୋଡ଼ାକୁ ଅକ୍ତିଆର କର
ଲୋଡ଼ନାହିଁ ସ୍ୱର୍ଣ୍ଣିମ ବିଜୟ
କି କଳ୍ପିତ ଆତଙ୍କ !

ପ୍ରେମର ରଙ୍ଗ ମାଖ,
ହୃଦୟର ରଙ୍ଗ ମାଖ
ଆଦରର ଆଉ ବିଶ୍ୱାସର ରଙ୍ଗ ମାଖ
ପ୍ରେମର ନଈଟିଏ ହୋଇ ନରମିଯାଅ ।

ISSN NO.
2582-208X

ସହସ୍ର ଶିବଙ୍କୁ ଶବ ସଜେଇ
କେତେଦିନ ଆଉ,
ରକ୍ତର ରଙ୍ଗକୁ ଲାଲ ଭାବିବ ।
ସ୍ନେହ ଆଉ ପ୍ରେମର ରଙ୍ଗ ବି ତ ଲାଲ ହିଁ ଥାଏ ।

ଆସୁନ ଟିକେ ନିଃସର୍ତ୍ତ ପ୍ରେମ କରିବା
ଯେଉଁଠି ନଥିବ
ପଡୋଶୀର ଇର୍ଷା !
ନାରୀ ଆଉ ପୁରୁଷର,
ଧନୀ ଆଉ ଗରୀବର,
ଉଚ୍ଚ ଆଉ ନୀଚର ଦ୍ୱିଭାଷା !
ପାଇବାର ଆଶା, ନ ପାଇବାର ନିରାଶା
କେବଳ ଆଉ କେବଳ ଥିବ
ତ୍ୟାଗର ଦିବ୍ୟାଶା ।

ଏଇଠି ତ, ଦେହ ଦେହ ଭିତରେ ଲଢ଼େଇ
ଇର୍ଷା, ବିଦ୍ୱେଷ, ପରଶ୍ରୀ କାତରତା
ଅସହିଷ୍ଣୁତା ଆଉ କ୍ରୁରତା ।

ହାରିବା ଜିତିବାର ମୋହରୁ
ଉତୁରି ଆସି
ତୁମର ସେ'
ବୋମା ଦୁଇଟିରୁ ବାରୁଦ କାଢ଼ି
ପ୍ରେମ ଆଉ ଅମୃତ ପୁରାଅ
ହୃଦୟର ଦୁଇପଟେ ସଜେଇ ଦିଅ
ସର୍ବାନ୍ତକରଣରେ
ଛାତିରେ ଛାତିକୁ ମିଶାଇ ଦେଖ ।

ISSN NO.
2582-208X

ଦେହରେ ଦେହକୁ ଘଷ,
ଓଠରେ ଓଠ, ହାତରେ ହାତ !
କେତେ କୋମଳତା, ଶୀତଳତା,
ସରଳତା ଆଉ ଅତ୍ମୀୟତା ଅଛି
ଅନୁଭବ କର ।

ମାପିନିଅ ପ୍ରେମରେ,
ପ୍ରୀତିରେ, ସମ୍ମୋହନରେ, ମିଳନରେ,
ଆଶାରେ, ଆଶ୍ୱାସନାରେ ।

ଯୁଦ୍ଧରେ ଜିତିଲେ ଆନନ୍ଦ
ଆଉ ପ୍ରେମରେ ହାରିଲେ ମହାନନ୍ଦ ।।

(((-)))

ଯାଲେ୍ଏ, ସୁବର୍ଣ୍ଣପୁର

ISSN NO.
2582-208X



# 'ସ୍ତୁତି ଚନ୍ତାମଣି'ର ସପ୍ତବିଂଶ ବୋଲିରେ ପ୍ରତୀକାତ୍ମକ ଅଭିବ୍ୟକ୍ତ



ରଶ୍ମିରଂଜନ ନାୟକ

ସନ୍ଥକବି ଭୀମ ଭୋଇ କେବଳ ଜଣେ ଧର୍ମପ୍ରଚାରକ ବା ଭକ୍ତକବି ନୁହଁନ୍ତି, ବରଂ ସେ ହେଉଛନ୍ତି ମାନବବାଦର ଜଣେ ଅଦ୍ୱିତୀୟ କ୍ରାନ୍ତଦର୍ଶୀ ବିପ୍ଳବୀ । ତାଙ୍କ ରଚିତ କାଳଜୟୀ ଗ୍ରନ୍ଥ 'ସ୍ତୁତି ଚିନ୍ତାମଣି'ର ସପ୍ତବିଂଶ ବୋଲି ହେଉଛି ଏହି ସାମାଜିକ ଓ ଆଧ୍ୟାତ୍ମିକ ବିପ୍ଳବର ସର୍ବଶ୍ରେଷ୍ଠ ଇସ୍ତାହାର । ଏକାନ୍ତ ବ୍ୟକ୍ତିଗତ ଦୁଃଖରୁ ଊର୍ଦ୍ଧ୍ୱକୁ ଉଠି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଯନ୍ତ୍ରଣାକୁ ନିଜ ହୃଦୟରେ ଅନୁଭବ କରିବାର ଯେଉଁ ଅଭିନବ ଏବଂ ହୃଦୟସ୍ପର୍ଶୀ ପ୍ରୟାସ ଏହି ବୋଲିରେ ଦେଖିବାକୁ ମିଳେ, ତାହା ବିଶ୍ୱ ସାହିତ୍ୟରେ ବିରଳ । ସାହିତ୍ୟିକ ସୃଜନଶୀଳତା ଦୃଷ୍ଟିରୁ, ଭୀମ ଭୋଇ ଏହି ସପ୍ତବିଂଶ ବୋଲିରେ ଯେଉଁ ପ୍ରତୀକାତ୍ମକ ଅଭିବ୍ୟକ୍ତିର ପ୍ରୟୋଗ କରିଛନ୍ତି, ତାହା ଅତ୍ୟନ୍ତ ନବୋନ୍ମେଷୀ ତଥା ବାସ୍ତବବାଦୀ । ସାଧାରଣ ଦିଶୁଥିବା ଶବ୍ଦଗୁଡ଼ିକ ମାଧ୍ୟମରେ ସେ ବେଦାନ୍ତର ଗଭୀର 'ଶୂନ୍ୟବାଦ' ଏବଂ 'ଅଦ୍ୱୈତ ଦର୍ଶନ'କୁ ସାଧାରଣ ଜନତାଙ୍କ ନିକଟରେ ସହଜରେ ପହଞ୍ଚାଇ ପାରିଛନ୍ତି । ନିର୍ଜୀବ କାଠ ଓ ପାଷାଣରେ 'ଶବ୍ଦବ୍ରହ୍ମ'ର ସ୍ଥିତିଠାରୁ ଆରମ୍ଭ କରି ତାରଣ ଭାଣ୍ଡରେ ଫୁଟୁଥିବା ଅନ୍ନ ମଧ୍ୟରେ ମାନସିକ ଆଲୋଡ଼ନର ଚିତ୍ର ପ୍ରଦାନ କରିବା କବିଙ୍କର ଗଭୀର ବୌଦ୍ଧିକ ଦୃଷ୍ଟିକୋଣର ପ୍ରମାଣ ଦିଏ ।

ପ୍ରସ୍ତୁତ ସନ୍ଦର୍ଭରେ 'ସ୍ତୁତି ଚିନ୍ତାମଣି'ର ଏହି କାଳଜୟୀ ସପ୍ତବିଂଶ ବୋଲିରେ ଭାଷା ମାଧ୍ୟମରେ କିପରି ପ୍ରତୀକାତ୍ମକ ଅଭିବ୍ୟକ୍ତି ପରିପ୍ରକାଶ ପାଇଛି ତାହାର ପଦାନୁକ୍ରମିକ ଏବଂ ତାତ୍ତ୍ୱିକ ବିଶ୍ଳେଷଣ କରାଯାଇଛି, ଯାହା ଭୀମ ଭୋଇଙ୍କ କାବ୍ୟମାନସରେ ଲୁଚି ରହିଥିବା ଆଧ୍ୟାତ୍ମିକ ସାମ୍ୟବାଦ, ମୌଳିକ ସୃଜନଶୀଳତା ଏବଂ ଚୂଡ଼ାନ୍ତ ମାନବବାଦର ସ୍ୱରୂପକୁ ଉନ୍ମୋଚନ କରିବ । ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ପ୍ରଥମ ଦୁଇଟି ପଦ

ISSN NO.
2582-208X

କେବଳ ଭକ୍ତିର ପରାକାଷ୍ଠା ନୁହେଁ, ବରଂ ଏହା ତାଙ୍କର ଦାର୍ଶନିକ ଚେତନା ଓ ସାମାଜିକ ଅନୁଭୂତିର ଏକ ଗଭୀର ସମନ୍ୱୟ ।

"ବଖାଣି ମହିମାଧୁନିକୁ ସ୍ଥାପିବା ଶ୍ରୀମୁଖରେ ଆଜ୍ଞା ଦେଲେ
ଦାସପଣେ କିଣି ଅର୍ଦ୍ଧ ବାଟେ ଆଣି କିମ୍ବା ଏତେସରି କଲେ ॥୧॥
ନାହିଁ ମୋ ଭରସା ଉଠୁଛି ସାହସା କି ବୁଦ୍ଧି କରିବି କହ
ଜଗତ ସମ୍ଭାଳି ଭଗତଙ୍କୁ ପାଳି ତୁମ୍ଭ ଭାରା ତୁମ୍ଭେ ବହ " ॥୨॥

ସାଧାରଣ ଅର୍ଥରେ 'ଧୁନି' ହେଉଛି ମହିମା ଧର୍ମରେ ପ୍ରଜ୍ୱଳିତ ପବିତ୍ର ଅଗ୍ନି /ଅଖଣ୍ଡ ବତୀ। ମାତ୍ର ପ୍ରତୀକାତ୍ମକ ଭାବେ ଏହା ହେଉଛି ଅଜ୍ଞାନତାକୁ ଦୂର କରୁଥିବା ପରମ ଜ୍ଞାନର ଆଲୋକ । ଏହା ଏକ ଗଭୀର ସାମାଜିକ ବାର୍ତ୍ତା ବହନ କରେ, ଯେଉଁଠି ଅଗ୍ନି କୌଣସି ପାରମ୍ପରିକ ଯଜ୍ଞ ପାଇଁ ନୁହେଁ, ବରଂ ଆତ୍ମଶୁଦ୍ଧି ଏବଂ ସମାଜ ସଂସ୍କାର ପାଇଁ ଉଦ୍ଦିଷ୍ଟ । କବି ଏଠାରେ ନିଜକୁ ଜଣେ 'କିଣା ଦାସ' ଭାବେ ଉପସ୍ଥାପନ କରିଛନ୍ତି । ଏହା ପରମାତ୍ମାଙ୍କ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ ର ପ୍ରତୀକାତ୍ମକ ଅଭିବ୍ୟକ୍ତି । ଜଣେ କିଣା ଦାସର ଯେପରି ନିଜସ୍ୱ କୌଣସି ଅସ୍ତିତ୍ୱ ନଥାଏ, କବିଙ୍କର ମଧ୍ୟ ପ୍ରଭୁଙ୍କ ବିନା ଅନ୍ୟ ଗତି ନାହିଁ। ଏହି ପଦର ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରତୀକ ହେଉଛି 'ଅର୍ଦ୍ଧ ବାଟ' । ଯେଉଁଠି ଜଣେ ସାଧକ ସାଂସାରିକ ମୋହରୁ ମୁକ୍ତ ହୋଇସାରିଛି କିନ୍ତୁ ପରମାତ୍ମାଙ୍କ ପରମ ଶାନ୍ତି ପାଇନାହିଁ। ଏହି 'ଦୋଛକି' ବା ମଝି ଆକାଶରେ ଝୁଲି ରହିବା ଅବସ୍ଥାଟିକୁ କବି ଏକ ପ୍ରତୀକାତ୍ମକ ରୂପ ଦେଇଛନ୍ତି ।

ଦ୍ୱିତୀୟ ପଦରେ ବ୍ୟବହୃତ 'ଭାରା' (ବୋଝ) ଏଠାରେ ଏକ ବଳିଷ୍ଠ ରୂପକ । ଯାହାକି ପାପ, ଦୁଃଖ, ଯନ୍ତ୍ରଣା ଏବଂ ସୃଷ୍ଟି ପରିଚାଳନାର ବୋଝକୁ ବୁଝାଉଛି । 'ନାହିଁ ମୋ ଭରସା' ସାଂସାରିକ ଶକ୍ତି ବା ନିଜର ସୀମିତ ସାମର୍ଥ୍ୟ ଉପରେ ଥିବା ଅବିଶ୍ୱାସକୁ ସୂଚାଉଥିବା ବେଳେ, 'ଉଠୁଛି ସାହସା' ଆତ୍ମାର ଏକ ଅନ୍ତର୍ନିହିତ ବିଦ୍ରୋହ ବା ଜାଗରଣକୁ ପ୍ରତୀକାୟିତ କରୁଛି। ସମାଜର କୁସଂସ୍କାର ଏବଂ ପାପର ବୋଝ ଦେଖି କବି ନିରାଶ ହୋଇଛନ୍ତି ସତ, କିନ୍ତୁ ସତ୍ୟର ପ୍ରତିଷ୍ଠା ପାଇଁ ତାଙ୍କ ଭିତରେ ଏକ ଅଦ୍ଭୁତ ସାହସ ଜନ୍ମ ନେଇଛି। ଏଠାରେ 'ବୁଦ୍ଧି' ଶବ୍ଦଟି ସାଧାରଣ ଅର୍ଥରେ ନୁହେଁ, ବରଂ 'ପରମ ପ୍ରଜ୍ଞା' ବା ମାର୍ଗଦର୍ଶନର ପ୍ରତୀକ । ନିଜର ସମସ୍ତ ପାଣ୍ଡିତ୍ୟ ଓ ବୌଦ୍ଧିକତାକୁ ପରମସତ୍ତାଙ୍କ ପାଦତଳେ ସମର୍ପଣ କରିଦେବାର ଏହା ଏକ ନିଆରା ସାହିତ୍ୟିକ ପ୍ରକାଶ। ସମାଜର

ISSN NO.
2582-208X

ମଙ୍ଗଳ ପାଇଁ କେଉଁ ପଥ ଆପଣେଇବା ଉଚିତ୍, ସେଥିପାଇଁ ସେ ଗୁରୁଙ୍କଠାରୁ ଦିବ୍ୟଜ୍ଞାନ ଭିକ୍ଷା କରୁଛନ୍ତି।

ଏହି ବୋଲିର ତୃତୀୟ ପଦଟି ହେଉଛି ଗ୍ରାମୀଣ ଜୀବନର ସାଧାରଣ ଚିତ୍ରକଳ୍ପକୁ ବ୍ୟବହାର କରି ଉଚ୍ଚକୋଟୀର ଆଧ୍ୟାତ୍ମିକ ଏବଂ ସାମାଜିକ ଦର୍ଶନ ଉପସ୍ଥାପନ କରିବାର ଏକ ଅନନ୍ୟ ଉଦାହରଣ ।

"ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପାଦାର୍ବିନ୍ଦେ
ବାନ୍ଧିଥା ଯୋଗାରି ଆଗପଛ କରି ବହିଥାଅ ନିଜ କାନ୍ଧେ ॥୩॥"

ଭଗବାନଙ୍କ ପାଦାର୍ବିନ୍ଦ' ସର୍ବଦା ପବିତ୍ରତା, ଚରମ ଆଶ୍ରୟ ଏବଂ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଏବଂ ନିର୍ଲିପ୍ତତାର ପ୍ରତୀକ । ଭକ୍ତମାନେ ସେହି 'ପାଦାର୍ବିନ୍ଦ'ରେ ଲାଗିବା ଅର୍ଥ ହେଉଛି, ସମସ୍ତ ଅହଂକାର ତ୍ୟାଗ କରି ଗୁରୁଙ୍କ ଶରଣାପନ୍ନ ହେବା । ।'ଆଗପଛ କରି ବହିଆଥ ନିଜ କାନ୍ଧେ'ରେ ପ୍ରଭୁ ଏବଂ ଭୃତ୍ୟ ମଧ୍ୟରେ ଥିବା ଦୂରତା ଲିଭିଯାଇଛି। ଭଗବାନଙ୍କୁ ଏଠାରେ ଜଣେ 'ବାହୁଙ୍ଗିଆ' ଭାବେ ଚିତ୍ରଣ କରାଯାଇଛି, ଯିଏ ନିଜ ଭକ୍ତମାନଙ୍କର ଦୁଃଖର ବୋଝକୁ ନିଜ କାନ୍ଧରେ ଉଠାଇ ନେଉଛନ୍ତି ।

ଏହାର ପରବର୍ତ୍ତୀ ଦୁଇଟି ପଦ ହେଉଛି:
"ସମ୍ପତି ବିପତ୍ତି ମୁକତି ଦୁର୍ଗତି ଭିଆଣ କରିଛ ଯୋଡି
ପାପ ଦୁଃଖ ଭାର କେ ତୁମ୍ଭ ବହିବ ପାଦତଳେ ଥାଉ ପଡି ॥୪॥
ବିଜେ କରିଅଛ କିମ୍ବା ନ ବୁଝୁଛ ପଳାଇ ପଶିବି କାହିଁ
ଅର୍ଜି ପାପ ଭାରା କରିବି ପସରା ପାଦତଳେ ଦେବି ଥୋଇ ॥୫॥"

'ସମ୍ପତ୍ତି-ବିପତ୍ତି ଓ ମୁକତି-ଦୁର୍ଗତି' ସୃଷ୍ଟିର ଦ୍ୱୈତବାଦ ର ପ୍ରତୀକ । ସୃଷ୍ଟି କଦାପି ଏକତରଫା ନୁହେଁ। ଆଲୋକ ଥିଲେ ଅନ୍ଧକାର ଅଛି। ଏଠାରେ ସମ୍ପଦ (ସମ୍ପତ୍ତି) ସହ ବିପଦ (ବିପତ୍ତି) ଏବଂ ମୋକ୍ଷ (ମୁକତି) ସହ ନର୍କ (ଦୁର୍ଗତି) କୁ ଏକାଠି ବ୍ୟବହାର କରି କବି ସୃଷ୍ଟିର ପାରସ୍ପରିକ ବିରୋଧାଭାସ ସୃଷ୍ଟି କରିଛନ୍ତି। 'ଭିଆଣ' ହେଉଛି ଓଡ଼ିଶାର ଏକ ନିଚ୍ଛକ ଗ୍ରାମ୍ୟ ଏବଂ ସାମାଜିକ ଶବ୍ଦ, ଯାହାର ଅର୍ଥ ହେଉଛି ବ୍ୟବସ୍ଥା କରିବା, ଗଢ଼ିବା କିମ୍ବା ଖଞ୍ଜିବା । ଏଠାରେ ଭଗବାନଙ୍କୁ ଏକ ମହାଜାଗତିକ ବିନ୍ଧାଣୀ ର ପ୍ରତୀକ ଭାବେ ଗ୍ରହଣ କରାଯାଇଛି । ଏଠାରେ 'ପାଦତଳେ ଥାଉ ପଡ଼ି' କେବଳ ଭକ୍ତିଗତ ସମର୍ପଣ ନୁହେଁ, ବରଂ

ISSN NO.
2582-208X

ନିଜ ସୃଷ୍ଟି ପ୍ରତି ସ୍ରଷ୍ଟାଙ୍କୁ ତାଙ୍କର ନୈତିକ ଉତ୍ତରଦାୟିତ୍ୱ ର ସ୍ମରଣ କରାଇଦେବାର ଏକ ଶକ୍ତିଶାଳୀ ରୂପକ।

ସେହିପରି ପଞ୍ଚମ ପଦରେ 'ବିଜେ କରିଅଛ'ମାଧ୍ୟମରେ ଈଶ୍ୱରଙ୍କ ସର୍ବବ୍ୟାପୀ ଏବଂ ସର୍ବଜ୍ଞ ରୂପର ପ୍ରତୀକାତ୍ମକ ଆଭାସ ଦେଉଥିଲାବେଳେ 'କିମ୍ପା ନ ବୁଝୁଛ' ହେଉଛି ଭକ୍ତର ଏକ ଗଭୀର ଅଭିମାନ ଓ ମାନସିକ ଯନ୍ତ୍ରଣାର ଅଭିବ୍ୟକ୍ତି । 'ପଳାଇ ପଶିବି କାହିଁ' କର୍ମର ଅନିବାର୍ଯ୍ୟତା ଏବଂ ମଣିଷର ଅସହାୟତାର ଚରମ ସୀମାକୁ ସୂଚାଉଛି। ଏ ବିଶ୍ୱବ୍ରହ୍ମାଣ୍ଡରେ ଈଶ୍ୱରଙ୍କ ଦୃଷ୍ଟିରୁ ଲୁଚିବା ପାଇଁ ବା ନିଜର କର୍ମଫଳରୁ ଖସିଯିବା ପାଇଁ କୌଣସି ସ୍ଥାନ ନାହିଁ। 'ଅର୍ଜି ପାପ ଭାରା' ମଣିଷର ଅହଂକାର ଶୂନ୍ୟତା ଏବଂ ନିଜର ଦୋଷ ଦୁର୍ବଳତାକୁ ସ୍ୱୀକାର କରିବାର ସାହସକୁ ପ୍ରତୀକାୟିତ କରେ । ଏହି ପଦରେ 'ପସରା' ଶବ୍ଦଟି ଏକ ଅତ୍ୟନ୍ତ ନିଖୁଣ ସାମାଜିକ ପ୍ରତୀକ। ଏଠାରେ କବି ନିଜ ଜୀବନ ସାରାର ଅର୍ଜିତ 'ପାପ' କୁ ଏକ 'ପସରା' ଭାବେ ପ୍ରତୀକିତ କରିଛନ୍ତି। କବିଙ୍କର ପାପ ଏତେ ଅଧିକ ଯେ ତାହା ଏକ ସାମାନ୍ୟ ବୋଝ ନୁହେଁ, ବରଂ ଗୋଟିଏ ପୂର୍ଣ୍ଣ 'ପସରା'। ଏହି ପସରାକୁ ସେ ପ୍ରଭୁଙ୍କ ପାଦତଳେ ଥୋଇଦେବାକୁ ଚାହୁଁଛନ୍ତି, ଯାହା ନିଜର ସମସ୍ତ ଦୋଷ ଦୁର୍ବଳତାକୁ ଈଶ୍ୱରଙ୍କ ନିକଟରେ ସ୍ୱୀକାର କରିବାର ଏକ ସାହସିକ ପ୍ରୟାସ ।

ଏହାର ପରବର୍ତ୍ତୀ ଦୁଇଟି ପଦ ହେଉଛି:

"ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡ଼ିଗଲେଣି ସକଳ
ଦୋଷ ଅପରାଧ କ୍ଷମା କରି ଗୁରୁ ଜାଗ୍ରତରେ ପ୍ରତିପାଳ ॥୬॥
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ॥୭॥"

ଷଷ୍ଠ ପଦରେ ବର୍ଣ୍ଣିତ ଶରଣ ବାଞ୍ଛିତ ଭକ୍ତମାନେ କାନ୍ଦି କାନ୍ଦି 'ଗଡ଼ିଯିବା' କେବଳ ଭୂମିରେ ଶୋଇଯିବା ନୁହେଁ ବରଂ ଏହା ଦୁଃଖୀ ଓ ନିଷ୍ପେଷିତ ଭକ୍ତ ସମାଜର ମିଳିତ ଆର୍ତ୍ତନାଦର ପ୍ରତୀକ। ଏଠାରେ ଗୁରୁଙ୍କୁ ଜଣେ 'ଜାଗ୍ରତ ଜଗୁଆଳ' ବା 'ପିତା' ଭାବେ ଉପମିତ କରାଯାଇଛି। ସନ୍ତାନ ଦୋଷ କଲେ ମଧ୍ୟ ପିତା ଯେପରି ତାକୁ ପାଳନ କରେ, କବି ଗୁରୁଙ୍କୁ ସେହିପରି 'ପ୍ରତିପାଳ' କରିବାକୁ ଅନୁରୋଧ କରିଛନ୍ତି ।

ISSN NO.
2582-208X

ଏହି ବୋଲିର ସପ୍ତମ ପଦଟି ହେଉଛି ସମଗ୍ର ବିଶ୍ୱ ସାହିତ୍ୟରେ ମାନବବାଦର ଶ୍ରେଷ୍ଠ ନିଦର୍ଶନ । 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ' ବିଶ୍ୱଜନୀନ ସମ୍ବେଦନଶୀଳତା ଓ ସାମାଜିକ ଯନ୍ତ୍ରଣାର ପ୍ରତୀକାତ୍ମକ ଅଭିବ୍ୟକ୍ତି । ଏହି ପଦରେ 'ନର୍କ' ଶବ୍ଦଟି କୌଣସି ପୌରାଣିକ ସ୍ଥାନ ବା ଅଗ୍ନିକୁଣ୍ଡ ନୁହେଁ; ଏହା ହେଉଛି ଚରମ ଜୀବନ  ଯନ୍ତ୍ରଣା, ଦାରିଦ୍ର୍ୟ ଏବଂ ସାଂସାରିକ କଷ୍ଟର ପ୍ରତୀକ । ପ୍ରତ୍ୟେକ ସାଧକ, ଯୋଗୀ ବା ଭକ୍ତ ନିଜର 'ମୋକ୍ଷ' ବା 'ସ୍ୱର୍ଗ' ପ୍ରାପ୍ତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି। କିନ୍ତୁ ଭୀମ ଭୋଇ ସେହି ପାରମ୍ପରିକ ଚିନ୍ତାଧାରାକୁ ଭାଙ୍ଗି, ନିଜର ମୋକ୍ଷକୁ ତ୍ୟାଗ କରି ଅନ୍ୟ ପାଇଁ ନର୍କର ଯନ୍ତ୍ରଣା ଭୋଗିବାକୁ ପ୍ରସ୍ତୁତ ହୋଇଛନ୍ତି । ଏହା ନିଃସ୍ୱାର୍ଥପର ପ୍ରେମର ଏକ ହୃଦୟସ୍ପର୍ଶୀ ନିଦର୍ଶନ । ଯାହାକି ସମଗ୍ର ବିଶ୍ୱସାହିତ୍ୟରେ ଅନନ୍ୟ ଓ ଅସାଧାରଣ ।

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ଅଷ୍ଟମ ଓ ନବମ ପଦରେ କବି ସଂକୀର୍ଣ୍ଣ ଭକ୍ତିବାଦରୁ ଊର୍ଦ୍ଧ୍ୱକୁ ଉଠି ଏକ ବିଶ୍ୱଜନୀନ ଚେତନା ର ଚିତ୍ର ପ୍ରଦାନ କରିଛନ୍ତି। ଏଥିରେ ବ୍ୟବହୃତ ଉପମା ଓ ପ୍ରତୀକ ଗୁଡ଼ିକ ଅତ୍ୟନ୍ତ ଉଚ୍ଚକୋଟୀର ।

“ଜଣାଉଛି ମୁଁ ଯେ ଭକ୍ତି ଭାବ ରଞ୍ଜେ ଆହେ ମଣିମା ଅନନ୍ତ
ତିନି ବ୍ରହ୍ମାଣ୍ଡରେ ଯେତେ ଜୀବଛନ୍ତି ସମସ୍ତେ ତୁମ୍ଭ ଭଗତ ॥୮॥
ନବଲକ୍ଷ ତାରା ସୁରାଟ ବିରାଟ ଧ୍ରୁବଲୋକ ଆଦି ଯେତେ
ସମସ୍ତେ ତୁମ୍ଭ ପାଦତଳେ ଆଶ୍ରିତ ଠୁଳଶୂନ୍ୟ ପରିଯନ୍ତେ ॥୯॥"

'ତିନି ବ୍ରହ୍ମାଣ୍ଡ' (ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ) ଏଠାରେ ସମଗ୍ର ସୃଷ୍ଟିର ଏକ ବ୍ୟାପକ ପ୍ରତୀକ। କବି କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ ବା ସଂପ୍ରଦାୟର ସୀମା ଭିତରେ ଭକ୍ତିକୁ ଆବଦ୍ଧ ରଖିନାହାନ୍ତି । 'ମଣିମା' ଶବ୍ଦଟି ସାଧାରଣତଃ ରାଜା ପାଇଁ ସମ୍ବୋଧନ କରାଯାଏ, ଯାହା କ୍ଷମତା ଏବଂ ସାର୍ବଭୌମତ୍ୱକୁ ସୂଚାଏ । କିନ୍ତୁ ଏହାର ପଛରେ ଥିବା 'ଅନନ୍ତ' ଶବ୍ଦଟି ଈଶ୍ୱରଙ୍କ   ସର୍ବତ୍ର ବ୍ୟାପ୍ତିକୁ ସୁଚାଏ । ସାଂସାରିକ ରାଜାଙ୍କର ସୀମା ଥାଏ, କିନ୍ତୁ ଏହି ଶୂନ୍ୟବ୍ରହ୍ମ ବା ସୃଷ୍ଟିକର୍ତ୍ତା ହେଉଛନ୍ତି ସୀମାହୀନ ଓ ଅସୀମ  । ଏହା କୌଣସି ନିର୍ଦ୍ଦିଷ୍ଟ ମନ୍ଦିର ବା ସ୍ଥାନରେ ଆବଦ୍ଧ ଦେବତାଙ୍କର ନୁହେଁ, ବରଂ ଏକ ସର୍ବବ୍ୟାପୀ ଶକ୍ତିର ପ୍ରତୀକ। ସମାଜ ଯେତେବେଳେ ଜାତି, ଧର୍ମ ଏବଂ ବର୍ଣ୍ଣ ଭିତ୍ତିରେ ବିଭକ୍ତ, ସେତେବେଳେ କବି ଘୋଷଣା କରୁଛନ୍ତି ଯେ 'ସମସ୍ତେ ତୁମ୍ଭ ଭଗତ' ଅର୍ଥାତ ସୃଷ୍ଟିକର୍ତ୍ତାଙ୍କ ଆଖିରେ କେହି ଛୋଟ

ISSN NO.
2582-208X

ବା ବଡ଼ ନୁହଁନ୍ତି। ସମସ୍ତେ ତାଙ୍କର ସନ୍ତାନ ଏବଂ ସମସ୍ତେ ତାଙ୍କର ଭକ୍ତ। ଏହା ହେଉଛି ଆଧ୍ୟାତ୍ମିକ ସାମ୍ୟବାଦ ର ସର୍ବୋଚ୍ଚ ପ୍ରତୀକ ।

ନବମ ପଦରେ ଥିବା 'ନବଲକ୍ଷ ତାରା ସୁରାଟ ବିରାଟ ଧ୍ରୁବଲୋକ' ଆଦି ଶବ୍ଦଗୁଡ଼ିକ ମହାକାଶର ଅନନ୍ତ ବିସ୍ତାରକୁ ସୂଚାଉଛନ୍ତି। 'ନବଲକ୍ଷ ତାରା' ଅସଂଖ୍ୟ ନକ୍ଷତ୍ରମଣ୍ଡଳୀର ପ୍ରତୀକ ହୋଇଥିବା ବେଳେ 'ସୁରାଟ ବିରାଟ' ଏହି ସୃଷ୍ଟିର ସର୍ବବୃହତ୍ ଆକାରକୁ ସୂଚାଉଛି। 'ଧ୍ରୁବଲୋକ' ହେଉଛି ସ୍ଥିରତା ଏବଂ ଅକ୍ଷୟତାର ପ୍ରତୀକ। କବି କେବଳ ପୃଥିବୀର ଦୁଃଖ କଥା ନକହି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସ୍ଥିତି ବିଷୟରେ ଚିନ୍ତନ କରିଛନ୍ତି, ଯାହା ତାଙ୍କ ଦାର୍ଶନିକ ଗଭୀରତାକୁ ପ୍ରମାଣିତ କରେ। ଦାର୍ଶନିକ ଦୃଷ୍ଟିରୁ ଏଠାରେ 'ପାଦତଳେ ଆଶ୍ରିତ' ବୋଲି କହିବାର ତାତ୍ପର୍ଯ୍ୟ ହେଉଛି ସୃଷ୍ଟି ଯେତେ ବିଶାଳ ହେଲେ ମଧ୍ୟ ସେହି ପରମସତ୍ତାଙ୍କ ନିୟନ୍ତ୍ରଣରୁ କେହି ମୁକ୍ତ ନୁହଁନ୍ତି । 'ଠୁଳଶୂନ୍ୟ' ହେଉଛି ମହିମା ଦର୍ଶନର ଏକ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରତୀକ। ଏହା ସେହି ସ୍ଥିତିକୁ ବୁଝାଏ ଯେଉଁଠି ପରମାତ୍ମା ନିର୍ଗୁଣ ହୋଇ ମଧ୍ୟ ସାରା ସୃଷ୍ଟିରେ 'ଠୁଳ' ବା ସାକାର ରୂପରେ ବିରାଜମାନ । ଏହା ସୀମା ଓ ଅସୀମ ମଧ୍ୟରେ ଥିବା ସେତୁର ପ୍ରତୀକ । 'ଠୁଳଶୂନ୍ୟ'ର ଅର୍ଥ ହେଉଛି—ସେହି ନିରାକାର ଶୂନ୍ୟବ୍ରହ୍ମଙ୍କଠାରୁ ହିଁ ଏହି ସମଗ୍ର ଦୃଶ୍ୟମାନ ଜଗତ ସୃଷ୍ଟି ହୋଇଛି ଏବଂ ଶେଷରେ ସବୁକିଛି ସେହି ଶୂନ୍ୟରେ ହିଁ ଲୀନ ହୋଇଯିବ। ଏହା ସୃଷ୍ଟି ଏବଂ ପ୍ରଳୟର ଚକ୍ରାକାର ରହସ୍ୟର ଏକ ଅନନ୍ୟ ଦାର୍ଶନିକ ପ୍ରତୀକ ।

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ଦଶମ ଓ ଏକାଦଶ ପଦରେ ମହିମା ଦର୍ଶନର ସବୁଠାରୁ ଗଭୀର ତତ୍ତ୍ୱ 'ସର୍ବବ୍ୟାପକତା' ଓ 'ଅନାମ ବ୍ରହ୍ମ'ଙ୍କ ସ୍ୱରୂପ ବର୍ଣ୍ଣିତ ହୋଇଛି।

"ଠୁଳଶୂନ୍ୟଠାରୁ ତହିଁ ଉପରକୁ ଦେଖଲହିଁ ନାହିଁ କିଛି
ଅବିକାର ବ୍ରହ୍ମ ଅନାମ ଅରୂପ ସିନ୍ଧୁ ପ୍ରାୟେ ପୂରିଅଛି ॥୧୦॥
କିବା ଦୁଷ୍ଟ ସନ୍ଥ ସେବକ ସାମନ୍ତ କୀଟ ପତଙ୍ଗରେ ପୁରି
ତୁମ୍ଭେ ପୂରିଅଛ କାହିଁ ଊଣା ନାହିଁ ସର୍ବଘଟେ ସମସରି ॥୧୧॥"

'ଅବିକାର ବ୍ରହ୍ମ' ଅର୍ଥାତ୍ ଯାହାର କୌଣସି ପରିବର୍ତ୍ତନ, କ୍ଷୟ ବା ବିକାର ନାହିଁ । ସଂସାରର ସବୁକିଛି ପରିବର୍ତ୍ତନଶୀଳ, ମାତ୍ର ସେହି ପରମସତ୍ତା ସର୍ବଦା ସ୍ଥିର। ଏହା ସାଂସାରିକ ଅସ୍ଥିରତା ମଧ୍ୟରେ ଏକ ଆଧ୍ୟାତ୍ମିକ ସ୍ଥିରତାର ପ୍ରତୀକ।'ଅନାମ' ଓ 'ଅରୂପ' ଶବ୍ଦ ଦ୍ୱାରା

ISSN NO.
2582-208X

କବି ସୂଚାଉଛନ୍ତି ଯେ, ପରମାତ୍ମା କୌଣସି ପ୍ରତିମା ବା ମୂର୍ତ୍ତିର ସୀମା ଭିତରେ ଆବଦ୍ଧ ନୁହନ୍ତି। ସେ ହେଉଛନ୍ତି ସେହି ପରମ ଶୂନ୍ୟ, ଯିଏ ସବୁଠି ଥାଇ ମଧ୍ୟ ଦୃଶ୍ୟମାନ ନୁହନ୍ତି। 'ସିନ୍ଧୁ ପ୍ରାୟେ ପୁରିଅଛି' ହେଉଛି ଅରୂପ ବ୍ରହ୍ମ ଙ୍କ ସର୍ବବ୍ୟାପକତାର ସର୍ବଶ୍ରେଷ୍ଠ ପ୍ରତୀକ ।

ଏକାଦଶ ପଦରେ ଥିବା 'ସର୍ବଘଟେ ସମସରି' ଆତ୍ମିକ ସାମ୍ୟବାଦର ଶ୍ରେଷ୍ଠ ଦାର୍ଶନିକ ପ୍ରତୀକ । ବେଦାନ୍ତ ଦର୍ଶନରେ 'ଘଟ' ହେଉଛି ମଣିଷ ଶରୀର ବା ପିଣ୍ଡର ସବୁଠାରୁ ପ୍ରସିଦ୍ଧ ପ୍ରତୀକ । ସେହିପରି 'ଦୁଷ୍ଟ ସନ୍ଥ ସେବକ ସାମନ୍ତ କୀଟ ପତଙ୍ଗ' ଆଦି ଶବ୍ଦ ଜୈବିକ ସମାନତାର ପ୍ରତୀକାତ୍ମକ ଅର୍ଥକୁ ବହନ କରୁଛନ୍ତି । ଭୀମ ଭୋଇ ଯେପରି ସାମାଜିକ ଶ୍ରେଣୀ ବିଭାଗ (ଦୁଷ୍ଟ, ସନ୍ଥ, ସେବକ, ସାମନ୍ତ)ଙ୍କୁ ଗୋଟିଏ ଆଧ୍ୟାତ୍ମିକ ସୂତ୍ରରେ 'ସର୍ବଘଟେ ସମସରି' କହି ବାନ୍ଧି ଦେଇଛନ୍ତି । ଏହା କେବଳ ଭକ୍ତି ନୁହେଁ, ବରଂ ଏକ ବଡ଼ ସାମାଜିକ ବିପ୍ଳବର ପ୍ରତୀକ। ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ୧୨ଶ ଓ ୧୩ଶ ପଦରେ ଜଡ଼ ଓ ଚେତନ ମଧ୍ୟରେ ଥିବା ସମ୍ପର୍କ ଏବଂ କବିଙ୍କର ନିରହଂକାର ଭାବ ଅତି ନିଖୁଣ ଭାବେ ବର୍ଣ୍ଣିତ।

"ମେଦିନୀ ପାଷାଣ କାଠ ତରୁ ତୃଣ ନିର୍ଜୀବରେ ଯେହୁ ଗଚ୍ଛି
ମୁଁ ଯେ ଜାଣୁଅଛି ମନର ଭିତରେ ଶବ୍ଦବ୍ରହ୍ମ ହେଲେ ଅଛି ॥୧୨॥
ମୁଁ ଯେ ମୂର୍ଖ କବି ଭେଦ ମାର୍ଗେ ଜଗି ତୁମ୍ଭ କରୁଣା ମାତର
ସମାନରେ ଦେଖି ସତ୍ୟ ଧର୍ମ ସାକ୍ଷୀ କରି ନ ପାରେ ଅନ୍ତର ॥୧୩॥"

ଏଠାରେ 'ମେଦିନୀ ପାଷାଣ କାଠ ତରୁ ତୃଣ' ଜଡ଼/ ପ୍ରାକୃତିକ ଜଗତର ପ୍ରତୀକ । ସାଧାରଣ ଦୃଷ୍ଟିରେ ଏଗୁଡ଼ିକ ଚେତନାହୀନ ବା ନିର୍ଜୀବ । କିନ୍ତୁ କବିଙ୍କର ନବୋନ୍ମେଷୀ ଚିନ୍ତାଧାରା ଏହାକୁ ଏକ ନୂତନ ରୂପ ଦେଇଛି। ବେଦାନ୍ତ ଦର୍ଶନରେ କୁହାଯାଇଛି ଯେ ବ୍ରହ୍ମ ସବୁଠାରେ ଅଛନ୍ତି। କିନ୍ତୁ ଭୀମ ଭୋଇ ତାହାକୁ ଏକ ବାସ୍ତବ ରୂପ ଦେଇ ଦର୍ଶାଉଛନ୍ତି ଯେ, ବାହାରକୁ ନିର୍ଜୀବ ଦିଶୁଥିବା ଏହି ପଥର ବା କାଠ ଖଣ୍ଡ ଭିତରେ ମଧ୍ୟ ସେହି ସ୍ରଷ୍ଟା ନିଜକୁ ଗୁପ୍ତ ରଖିଛନ୍ତି। ଏହା ପ୍ରମାଣ କରେ ଯେ ପ୍ରକୃତିକୁ ଅବହେଳା କରିବା ବା ନଷ୍ଟ କରିବା ଅର୍ଥ ସ୍ୱୟଂ ଈଶ୍ୱରଙ୍କୁ ଆଘାତ ଦେବା। ସାଧାରଣତଃ ପାଷାଣ, କାଠ ବା ତୃଣକୁ ଆମେ ନିର୍ଜୀବ ବୋଲି ଭାବୁ। କିନ୍ତୁ ଭୀମ ଭୋଇଙ୍କ ଦୃଷ୍ଟିରେ ଏହି ଜଡ଼ ବସ୍ତୁମାନଙ୍କ ଭିତରେ ମଧ୍ୟ ସେହି ପରମାତ୍ମା 'ଶବ୍ଦବ୍ରହ୍ମ' ରୂପରେ 'ଗଚ୍ଛି' ବା ଗୁପ୍ତ ହୋଇ ରହିଛନ୍ତି। ଏଠାରେ 'ଶବ୍ଦବ୍ରହ୍ମ' ହେଉଛି ଅବିନାଶୀ ଶକ୍ତି ବା ଜୀବନ-ସୂତ୍ରର ପ୍ରତୀକ। କବି ପ୍ରତୀକାତ୍ମକ ଭାବେ

ISSN NO.
2582-208X

ବୁଝାଇଛନ୍ତି ଯେ ସୃଷ୍ଟିର କୌଣସି ବି ବସ୍ତୁ ଶୂନ୍ୟ ନୁହେଁ; ସବୁଠି ସେହି ଏକା ଚୈତନ୍ୟ ବିଦ୍ୟମାନ।ତ୍ରୟୋଦଶ ପଦରେ ଥିବା 'ମୁଁ ଯେ ମୂର୍ଖ କବି' କବିଙ୍କ ବୌଦ୍ଧିକ ଅହଂକାର ଶୂନ୍ୟତାକୁ ଦର୍ଶାଉଥିବାବେଳେ 'ଭେଦ ମାର୍ଗ' ହେଉଛି ଜାତି, ଧର୍ମ, ଧନୀ-ଦରିଦ୍ର ମଧ୍ୟରେ ଥିବା ସାମାଜିକ ବିଭାଜନର ପ୍ରତୀକ। କବି ନିଜକୁ ଏହି ଭେଦଭାବପୂର୍ଣ୍ଣ ସମାଜର ଜଣେ ପ୍ରହରୀ/ଜଗୁଆଳି ଭାବରେ ଦେଖୁଛନ୍ତି । ଗୁରୁଙ୍କ କରୁଣା ବଳରେ ସେ ଏହି ସଂକୀର୍ଣ୍ଣ ବିଭାଜନର ଊର୍ଦ୍ଧ୍ୱକୁ ଉଠିପାରିଛନ୍ତି ।'କରି ନ ପାରେ ଅନ୍ତର' ଅଦ୍ୱୈତ ବୋଧର ପ୍ରତୀକ । ଯେତେବେଳେ ଜଣେ ବ୍ୟକ୍ତି ବୁଝିଯାଏ ଯେ ଗୋଟିଏ ପଥର ଭିତରେ ଥିବା 'ଶବ୍ଦବ୍ରହ୍ମ' ଏବଂ ନିଜ ଭିତରେ ଥିବା ଆତ୍ମା ଏକା, ସେତେବେଳେ ସେ କାହାକୁ ବି ଘୃଣା କିମ୍ବା ନ୍ୟୂନ ଦୃଷ୍ଟିରେ ଦେଖିପାରିବ ନାହିଁ। ଏହା ଅଦ୍ୱୈତ ଦର୍ଶନର ଏକ ସରଳ ଏବଂ ସାମାଜିକ ରୂପାୟନ।

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ୧୪ଶ ପଦ ମଧ୍ୟରେ କବିଙ୍କର ବ୍ୟକ୍ତିଗତ ନିରହଂକାର ଭାବ ଏବଂ ତାଙ୍କର ବିଶ୍ୱବ୍ୟାପୀ 'ଏକାତ୍ମବାଦ'ର ଦର୍ଶନ ଅତି ନିଖୁଣ ଭାବେ ଫୁଟିଉଠିଛି।

"ତ୍ରିପୁର ଜଗତେ ଜୀବଛନ୍ତି ଯେତେ ଅଛି ନାମ କଳା ଚିହ୍ନ
ସମସ୍ତେ ଶଙ୍ଖୁଳି ଏକଆତ୍ମା ବୋଲି ନକର ହୋ ଆନ ଭିନ୍ନ ॥୧୪॥"

ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ – ଏହି ତିନି ଲୋକକୁ ତ୍ରିପୁର କୁହାଯାଏ। ଏହା ସମଗ୍ର ସୃଷ୍ଟିର ଏକ ସାମୂହିକ ପ୍ରତୀକ। କବିଙ୍କର ଚିନ୍ତନ କୌଣସି ଗୋଟିଏ ଭୌଗୋଳିକ ସୀମାରେଖା ବା ସମ୍ପ୍ରଦାୟ ମଧ୍ୟରେ ଆବଦ୍ଧ ନୁହେଁ। 'ନାମ କଳା ଚିହ୍ନ' ସାମାଜିକ ବିଭାଜନ ଓ ବାହ୍ୟିକ ଆବରଣର ପ୍ରତୀକ । ସମାଜ ମଣିଷକୁ ତା'ର 'ନାମ' (ଜାତି/ସାଙ୍ଗିଆ), 'କଳା' (ରୂପ/ବର୍ଣ୍ଣ) ଏବଂ 'ଚିହ୍ନ' (ବେଶଭୂଷା/ଧାର୍ମିକ ଚିହ୍ନ) ଦ୍ୱାରା ପରିଚୟ ଦିଏ । ଏହି ବାହ୍ୟିକ ଆବରଣଗୁଡ଼ିକ ହିଁ ସମାଜରେ ଉଚ୍ଚ-ନୀଚ ଓ ଭେଦଭାବର ମୂଳ କାରଣ। କବି ଏହି ସବୁକୁ ମିଥ୍ୟା ଓ ଅସ୍ଥାୟୀ ବୋଲି ପ୍ରମାଣିତ କରିଛନ୍ତି।'ଏକଆତ୍ମା ବୋଲି ନକର ହୋ ଆନ ଭିନ୍ନ' ଆଧ୍ୟାତ୍ମିକ ସାମ୍ୟବାଦର ଶ୍ରେଷ୍ଠ ପ୍ରତୀକ ।

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ୧୫ଶ ଓ ୧୬ଶ ପଦରେ ଆତ୍ମାର ସ୍ୱରୂପ ଏବଂ ମାନବୀୟ ସମ୍ବେଦନାର ଏକ ଅତ୍ୟନ୍ତ ନିଖୁଣ ଚିତ୍ର ଦେଖିବାକୁ ମିଳେ। ଏଥିରେ ବ୍ୟବହୃତ ପ୍ରତୀକାତ୍ମକ ଅଭିବ୍ୟକ୍ତି କବିଙ୍କର ଗଭୀର ପର୍ଯ୍ୟବେକ୍ଷଣ ଶକ୍ତିର ପରିଚୟ ଦିଏ।

ISSN NO.
2582-208X

"କାଠର ଭିତରେ ସୁଢଳ ଧାତୁରେ ଜଳ ପୁରିଥାଇ ଯେତେ
ପ୍ରାଣୀଙ୍କ ଅଙ୍ଗରେ ଜୀବ ପର୍ମ ରୂପ ଫୁଟି ଦିଶୁଥାଇ ସତେ ॥୧୫॥
ଦୋଷକୃତ ହାନିଲାଭ ଧରାମରା ଗାଳିଦ୍ୱନ୍ଦ ହ୍ୱନ୍ତି ଯହିଁ
ରୁମ ଚର୍ମ ଭେଦି କାଟେ ଜୀବନକୁ କାତର ମୁଁ ହେଉଥାଇ ॥୧୬॥"

'କାଠର ଭିତରେ ସୁଢଳ ଧାତୁରେ ଜଳ' ର ତାତ୍ପର୍ଯ୍ୟ ଏହା ଯେ ବାହାରକୁ ଶୁଖିଲା ଦିଶୁଥିବା କାଠ ଏବଂ କଠିନ ଦିଶୁଥିବା ଧାତୁ ଭିତରେ ମଧ୍ୟ ଅଦୃଶ୍ୟ ରୂପରେ ଜଳୀୟ ଅଂଶ ବା ରସ ବିଦ୍ୟମାନ ଥାଏ । ଏହି ସାଧାରଣ ପ୍ରାକୃତିକ ସତ୍ୟକୁ ଏକ ଗଭୀର ଦାର୍ଶନିକ ପ୍ରତୀକ ରୂପେ ବ୍ୟବହାର କରାଯାଇଛି। ଯାହା ବାହାରକୁ ଦିଶେ ନାହିଁ, ତାହାର ଅର୍ଥ ନୁହେଁ ଯେ ତାହାର ଅସ୍ତିତ୍ୱ ନାହିଁ। ଏହା ଲୁକ୍କାୟିତ ସତ୍ୟର ଏକ ଅଭିନବ ପ୍ରତୀକ । 'ଜୀବ ପର୍ମ ରୂପ ଫୁଟି ଦିଶୁଥାଇ' ରେ 'ଜୀବ' ହେଉଛି ଜୀବାତ୍ମା (ମଣିଷର ନିଜସ୍ୱ ଚେତନା) ଏବଂ 'ପର୍ମ' (ପରମ) ହେଉଛି ପରମାତ୍ମା (ଈଶ୍ୱରୀୟ ଚେତନା)। ଯେପରି କଠିନ କାଠ ଭିତରେ ଜଳ ଲୁଚି ରହିଥାଏ, ଠିକ୍ ସେହିପରି ମଣିଷର ଏହି ରକ୍ତ-ମାଂସର ହାଡୁଆ ଶରୀର/ଅଙ୍ଗ ଭିତରେ ଜୀବାତ୍ମା ଏବଂ ପରମାତ୍ମା ଏକାଠି ଅବସ୍ଥାନ କରୁଛନ୍ତି । ଜ୍ଞାନଚକ୍ଷୁ ଖୋଲିଗଲେ ତାହା 'ଫୁଟି ଦିଶେ' ବା ସ୍ପଷ୍ଟ ଅନୁଭୂତ ହୁଏ।

ଷୋଡଶ ପଦରେ ଥିବା 'ଦୋଷକୃତ ହାନିଲାଭ ଧରାମରା ଗାଳିଦ୍ୱନ୍ଦ' ସାମାଜିକ ବିଶୃଙ୍ଖଳାର ବାସ୍ତବବାଦୀ ଚିତ୍ରକୁ ପ୍ରତୀକିତ କରୁଛି । ଏହା ଊନବିଂଶ ଶତାବ୍ଦୀର ଓଡ଼ିଶାର ଏକ ନିଛକ ସାମାଜିକ ଦଲିଲ । ସମାଜରେ ଚାଲିଥିବା ପାପ, ଠକାମି, ମାର୍‌ପିଟ୍, ଏବଂ କଳିଝଗଡ଼ାକୁ କବି ଏକ ବିଷାକ୍ତ ପରିବେଶର ପ୍ରତୀକ ଭାବେ ଉପସ୍ଥାପନ କରିଛନ୍ତି। ଯେଉଁଠି ମଣିଷ ନିଜର ସ୍ୱାର୍ଥ ପାଇଁ ଅନ୍ୟର କ୍ଷତି କରିବାକୁ ପଛାଉ ନାହିଁ, ସେହି ଅବକ୍ଷୟମୁଖୀ ସମାଜର ଏହା ଏକ ନିର୍ମମ ଚିତ୍ର । 'ରୁମ ଚର୍ମ ଭେଦି କାଟେ ଜୀବନକୁ' ମାଧ୍ୟମରେ ପରଦୁଃଖକାତରତା ପରିପ୍ରକାଶ ପାଉଛି । ଅନ୍ୟର କଷ୍ଟ ଦେଖିଲେ ନିଜ ଦେହରେ କଣ୍ଟା ଫୋଡ଼ି ହେଲା ଭଳି ଅନୁଭବ କରିବା ହେଉଛି ଜଣେ ପ୍ରକୃତ ସନ୍ଥ ବା ମାନବବାଦୀର ସର୍ବୋଚ୍ଚ ଲକ୍ଷଣ ।'ହାନିଲାଭ ଧରାମରା' ମାଧ୍ୟମରେ କବି ସାଂସାରିକ ଅଶାନ୍ତି ଓ ମାନବିକ ନିଷ୍ଠୁରତାକୁ ଦର୍ଶାଇଛନ୍ତି ।

ISSN NO.
2582-208X

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ୧୭ଶ ଓ ୧୮ଶ ପଦ ହେଉଛି ସମଗ୍ର ଗ୍ରନ୍ଥର ସବୁଠାରୁ ଶକ୍ତିଶାଳୀ ଏବଂ ଆବେଗପୂର୍ଣ୍ଣ ଅଂଶ। ଆଶ୍ଚର୍ଯ୍ୟ ଶୈଳୀର ପ୍ରତୀକବାଦ ଏଠାରେ ସୂକ୍ଷ୍ମ ଭାବେ ପ୍ରତିଫଳିତ । ୧୭ଶ ପଦର ବିଶ୍ଳେଷଣ

"ଅଗ୍ନି ଚୂଲାପରେ ତାରଣ ଭାଣ୍ଡରେ ଯେସନେ ଫୁଟଇ ଅନ୍ନ
ତେସନ ପରାଏ ହୃଦେ ଡେଉଁଥାଇ ପଞ୍ଚଭୂତ ଆଜ୍ଞାମାନ ॥୧୭॥
ଏକଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ
ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ ॥୧୮॥"

'ଅଗ୍ନି ଚୂଲାପରେ ତାରଣ ଭାଣ୍ଡରେ ଫୁଟଇ ଅନ୍ନ' ମାଧ୍ୟମରେ କବି ବେଦାନ୍ତର ଏକ ଗଭୀର ତତ୍ତ୍ୱକୁ ବୁଝାଇବା ପାଇଁ ରୋଷେଇ ଶାଳର ଦୃଶ୍ୟକୁ ବ୍ୟବହାର କରିଛନ୍ତି । ଚୁଲିର ନିଆଁରେ ମାଟି ହାଣ୍ଡି (ତାରଣ ଭାଣ୍ଡ) ଭିତରେ ଥିବା ପାଣି ଓ ଚାଉଳ ଗରମ ହୋଇଗଲେ, ଭାତ ଟକ୍‌ମକ୍ ହୋଇ ଫୁଟେ । 'ହୃଦେ ଡେଉଁଥାଇ ପଞ୍ଚଭୂତ ଆଜ୍ଞାମାନ' ହେଉଛି ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱର ପ୍ରତୀକାତ୍ମକ ଅଭିବ୍ୟକ୍ତି । ଏଠାରେ 'ପଞ୍ଚଭୂତ' କେବଳ କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ ନୁହେଁ, ବରଂ ଏହା ମଣିଷର ପଞ୍ଚଇନ୍ଦ୍ରିୟ ଏବଂ ତାହା ଦ୍ୱାରା ସୃଷ୍ଟି ହେଉଥିବା କାମ, କ୍ରୋଧ, ଲୋଭ, ମୋହର ପ୍ରତୀକ। ମନର ଅସ୍ଥିରତା ଓ ଯନ୍ତ୍ରଣା କୁ ପ୍ରକାଶ କରିବା ପାଇଁ ଏହାଠାରୁ ବଳିଷ୍ଠ ରୂପକ ଓଡ଼ିଆ ସାହିତ୍ୟରେ ବିରଳ।

ଅଷ୍ଟାଦଶ ପଦର 'ଏକଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ' ଜୈବିକ ସମାନତା ଅଥଚ ଭଙ୍ଗୁରତାର ପରିପ୍ରକାଶ ମାତ୍ର । ମଣିଷର ପରିଚୟ କେବଳ ଖଣ୍ଡେ ହାଡ଼, ଟୋପାଏ ରକ୍ତ ଓ ଟିକେ ମାଂସ ଛଡ଼ା ଆଉ କିଛି ନୁହେଁ। ଏହା ମାନବୀୟ ଶରୀରର ଭଙ୍ଗୁରତା ଏବଂ ସମଗ୍ର ଜୀବଜଗତର ଶାରୀରିକ ସମାନତାର ଏକ ନିର୍ମମ ପ୍ରତୀକ। 'ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ' ଦାର୍ଶନିକ କରୁଣାକୁ ସୂଚାଉଛି । ଯେହେତୁ ସମସ୍ତଙ୍କର ଶରୀର ଏକା ଉପାଦାନରେ ତିଆରି ଏବଂ ସମସ୍ତେ ସେହି ସମାନ କଷ୍ଟ ଭୋଗୁଛନ୍ତି, ତେଣୁ ଅନ୍ୟର କଷ୍ଟ ଦେଖିଲେ କବିଙ୍କ ହୃଦୟ ବିକଳ ହୋଇଯାଉଛି।

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ସପ୍ତବିଂଶ ବୋଲିର ଶେଷ ଦୁଇଟି ପଦ କବିଙ୍କ ବିଶ୍ୱାତ୍ମବୋଧ ଏବଂ ସତ୍ୟପ୍ରତି ନିଷ୍ଠାର ଚରମ ନିଦର୍ଶନ ।

"ଏକା ଖଡଗରେ ଦଶ ପାଞ୍ଚ ମୁଣ୍ଡ ଛିଡ଼ଇ ଭାରତ ଯୁଦ୍ଧେ

ISSN NO.
2582-208X

ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ ॥୧୯॥
ଆତ୍ମାଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ
କହେ ଭୀମ ଭୋଇ ବ୍ରହ୍ମଶାପ ଦେଇ ଜାଳିଦିଅ ମୋ ପିଣ୍ଡକୁ ॥୨୦॥"

'ଭାରତ ଯୁଦ୍ଧ' ଏଠାରେ କେବଳ ଏକ ପୌରାଣିକ ଘଟଣା ନୁହେଁ, ବରଂ ଏହା ହେଉଛି 'ବିଶ୍ୱବ୍ୟାପୀ ହିଂସା ଓ ସଂଘର୍ଷ'ର ପ୍ରତୀକ । ଗୋଟିଏ ଖଣ୍ଡାରେ ଅନେକ ମୁଣ୍ଡ ଛିଡ଼ିବାର ଚିତ୍ରକଳ୍ପ ସମାଜର ନିର୍ମମତା ଏବଂ ମାନବିକତାର ଅବକ୍ଷୟକୁ ଦର୍ଶାଉଛି । ସ୍ୱାର୍ଥ ପାଇଁ ମଣିଷ କିପରି ନିଜ ଭାଇର ରକ୍ତ ବୋହାଏ, ଏହା ତାହାର ଏକ ବଳିଷ୍ଠ ରୂପକ । 'ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ' ସର୍ବୋଚ୍ଚ ପରଦୁଃଖକାତରତା ପ୍ରତୀକ। ଏହି ଧାଡ଼ିଟି ହେଉଛି ଭାରତୀୟ ସାହିତ୍ୟରେ ବିଶ୍ୱ-ଭ୍ରାତୃତ୍ୱବୋଧ ର ସବୁଠାରୁ ଶକ୍ତିଶାଳୀ ଉଦାହରଣ। ଯେତେବେଳେ କବି କହୁଛନ୍ତି ଯେ ଅନ୍ୟ କାହାକୁ ଆଘାତ ଲାଗିଲେ ତାଙ୍କ ନିଜ ଦେହରେ କଷ୍ଟ ଅନୁଭୂତ ହେଉଛି, ସେତେବେଳେ ସେ 'ମୁଁ' ଏବଂ 'ଅନ୍ୟ' ମଧ୍ୟରେ ଥିବା ପ୍ରାଚୀରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛନ୍ତି ।

ଉକ୍ତ ବୋଲିର ବିଂଶ ପଦରେ ଥିବା 'ଆତ୍ମାଭଗତି' କହିଲେ କୌଣସି ପାରମ୍ପରିକ ପୂଜାପାଠ ନୁହେଁ । 'ଆତ୍ମାଭଗତି' ହେଉଛି ନିଜର ଆତ୍ମାକୁ ପରିଷ୍କାର ରଖିବା, ବିବେକର ସ୍ୱର ଶୁଣିବା ଏବଂ ବିଶ୍ୱକଲ୍ୟାଣ ପାଇଁ ନିଜକୁ ସମର୍ପିତ କରିବା। ଏହା ନିରବଚ୍ଛିନ୍ନ ନିଷ୍ଠା ଓ ସାଧନାର ପ୍ରତୀକ। ବଜ୍ର ହେଉଛି 'ଦୈବୀ ଦଣ୍ଡ' ବା ଚରମ ସତ୍ୟର କଠୋରତାର ପ୍ରତୀକ। କବି ନିଜର ଆଧ୍ୟାତ୍ମିକ ସତ୍ୟତା ପ୍ରମାଣ କରିବା ପାଇଁ ଏହି ଶକ୍ତିଶାଳୀ ପ୍ରତୀକର ବ୍ୟବହାର କରିଛନ୍ତି। ସାଧାରଣ ମଣିଷ ବଜ୍ରପାତରୁ ବର୍ତ୍ତିବା ପାଇଁ ପ୍ରାର୍ଥନା କରେ, କିନ୍ତୁ କବି ସତ୍ୟପଥରୁ ବିଚ୍ୟୁତ ହେଲେ ସ୍ୱେଚ୍ଛାକୃତ ଭାବେ ବଜ୍ରପାତକୁ ଆମନ୍ତ୍ରଣ କରୁଛନ୍ତି। ଏହା ଏକ ବିରଳ ଓ ନିର୍ଭୀକ ବୌଦ୍ଧିକ ସାହସର ପରିଚୟ ଦିଏ। 'ବ୍ରହ୍ମଶାପ ଦେଇ ଜାଳିଦିଅ ମୋ ପିଣ୍ଡକୁ' ଶାରୀରିକ ମୋହର ବିଲୋପ ଏବଂ ଚୂଡ଼ାନ୍ତ ବଳିଦାନର ପ୍ରତୀକ । 'ପିଣ୍ଡ' ବା ଶରୀର ହେଉଛି ମାୟା ଏବଂ ସାଂସାରିକ ମୋହର କେନ୍ଦ୍ରବିନ୍ଦୁ। ସାମାଜିକ ମଙ୍ଗଳ ପାଇଁ କବି ନିଜର ଏହି ପିଣ୍ଡକୁ ପରମବ୍ରହ୍ମଙ୍କ ଶାପ ରୂପକ ଅଗ୍ନିରେ ଜଳାଇ ଦେବାକୁ ଆହ୍ୱାନ ଦେଇଛନ୍ତି । ନିଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରି ଦେବାର ଏହି ଆବେଗପୂର୍ଣ୍ଣ ବାର୍ତ୍ତା ଓଡ଼ିଆ ସାହିତ୍ୟକୁ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ।

ISSN NO.
2582-208X

ସନ୍ଥକବି ଭୀମ ଭୋଇଙ୍କ ରଚିତ 'ସ୍ତୁତି ଚିନ୍ତାମଣି'ର ସପ୍ତବିଂଶ ବୋଲି ଓଡ଼ିଆ ସାହିତ୍ୟ ତଥା ଭାରତୀୟ ଦର୍ଶନ ଜଗତରେ ଏକ ଅନନ୍ୟ ମାଇଲଖୁଣ୍ଟ। ଏଥିରେ ଥିବା କୋଡ଼ିଏଟିଯାକ ପଦର ବ୍ୟାପକ ପ୍ରତୀକାତ୍ମକ ବିଶ୍ଳେଷଣରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ ଯେ, କବିଙ୍କ ଲେଖନୀ କେବଳ ଆଧ୍ୟାତ୍ମିକ ବନ୍ଦନାରେ ସୀମିତ ନଥିଲା; ବରଂ ଏହା ଥିଲା ତତ୍କାଳୀନ ଅବକ୍ଷୟମୁଖୀ ସମାଜର ଏକ ନିଚ୍ଛକ ଦଲିଲ ଏବଂ ମାନବିକତାର ସର୍ବୋଚ୍ଚ ଜୟଗାନ। ନିଜର ବୌଦ୍ଧିକ ନିରହଂକାର ପ୍ରଦର୍ଶନ କରି କବି ବେଦାନ୍ତର ଜଟିଳ ଶୂନ୍ୟବାଦ ଏବଂ ଅଦ୍ୱୈତ ତତ୍ତ୍ୱକୁ ଅତି ସାଧାରଣ ତଥା ବାସ୍ତବବାଦୀ ଗ୍ରାମୀଣ ପ୍ରତୀକ ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ସର୍ବୋପରି, ଏହି ଅଧ୍ୟାୟଟି କବିଙ୍କର ଅସୀମ ପରଦୁଃଖକାତରତା ଓ ଚୂଡ଼ାନ୍ତ ଆତ୍ମୋତ୍ସର୍ଗର ସାକ୍ଷ୍ୟ ବହନ କରେ। ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଦୁଃଖକୁ ନିଜର ବୋଲି ଭାବିବା ଏବଂ "ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ" କହି ସାର୍ବଜନୀନ ସହାନୁଭୂତି ପ୍ରକାଶ କରିବା ଭାରତୀୟ ସାହିତ୍ୟରେ ଏକ ବିରଳ ଘଟଣା। କେବଳ ସେତିକି ନୁହେଁ, ନିଜର ବ୍ୟକ୍ତିଗତ ମୋକ୍ଷକୁ ତୁଚ୍ଛ ମନେକରି "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" ଭଳି ଯୁଗାନ୍ତକାରୀ ଘୋଷଣା ତାଙ୍କୁ ଜଣେ ସାଧାରଣ କବିରୁ ଉତ୍ତୀର୍ଣ୍ଣ କରି ବିଶ୍ୱମାନବତାର ଏକ ମହାନ୍ ଉଦଗାତା ରୂପେ ପ୍ରତିଷ୍ଠିତ କରିଛି। ସପ୍ତବିଂଶ ବୋଲିରେ ବ୍ୟବହୃତ ଏହି ପ୍ରତୀକାତ୍ମକ ଅଭିବ୍ୟକ୍ତିଗୁଡ଼ିକ କେବଳ ଭାଷାଗତ ଅଳଙ୍କାର ନୁହେଁ, ବରଂ ଏକ ସୁସ୍ଥ, ସମତାଭିତ୍ତିକ ତଥା ସମ୍ବେଦନଶୀଳ ସମାଜ ଗଠନ ପାଇଁ ଏକ ଦୃଢ଼ ବୌଦ୍ଧିକ ଆହ୍ୱାନ ଅଟେ।

ସହାୟକ ଗ୍ରନ୍ଥସୂଚୀ

୧. ଭୋଇ, ଭୀମ. ସ୍ତୁତି ଚିନ୍ତାମଣି.ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ,ପ୍ରଥମ ସଂସ୍କରଣ, ୨୦୨୨।
୨. ସାହୁ, କରୁଣାକର କବିକୁଳ ଚାନ୍ଦ ସନ୍ଥ ଭୀମ ଭୋଇ, ପ୍ରଥମ ସଂସ୍କରଣ, ୨୦୧୩ ।
୩. ନେପାକ, ଭାଗୀରଥି, ଭୀମ ଭୋଇ, ମହିମା ପ୍ରକାଶନ, ଭୁବନେଶ୍ୱର,ତୃତୀୟ ସଂସ୍କରଣ, ୨୦୦୯ ।

((( - )))

ସହକାରୀ ପ୍ରଫେସର
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ଢେଙ୍କାନାଳ

ISSN NO.
2582-208X

# ଯନ୍ତ୍ରଣା



ଶିବରାମ ସାହୁ

ଯନ୍ତ୍ରଣା
କାହାକୁ କୁହାଯାଏ
ଏ କଥା
ତାକୁ ପଚାର
ଯାହା ପାଖରେ
ନମ୍ବର ତ ଅଛି
କିନ୍ତୁ
ସେ କେବେ
ମନ ଖୋଲି
ତା ସହ କଥା
ହୋଇପାରୁନି ॥

(((-)))

ISSN NO.
2582-208X

# ସଦଗୁରୁ ମୋର ସିରିଡ଼ି ସାଇ



ଆଲୋକ କୁମାର ସାହୁ

ସଦଗୁରୁ ମୋର ସିରିଡ଼ିସାଇ ହେ
ଭାବର ଠାକୁର ତୁମେ
ତୁମ ପାଇଁ ଲୋଡ଼ା ନାହିଁ ଫୁଲ ଫଳ
ଭକତିରେ ଡାକୁ ଆମେ।।
ଅହରହ ତୁମେ କର ଉଚ୍ଚାରଣ
ଶ୍ରଦ୍ଧା ଓ ସବୁରୀ ବୋଲି
ଏହି କଥା ମୁହିଁ ଧରିଛି ହୃଦୟେ
ବାକି ସବୁ ଭୁଲିଗଲି।।
କିଏ କହେ ତୁମେ ଇଶ୍ୱର, ସନ୍ଥ
କିଏ କହେ ତୁମେ ଗୁରୁ
ମୁଁ କହେ ତୁମେ ସବୁରୀ ଉପରେ
ତୁମେ ମୋର ସଦଗୁରୁ।।
ମୋ ହୃଦୟ ଅନ୍ଧକାର କୁ ହରୁଛ
ଆଲୋକ ହିଁ ଭରିଅଛ
କହିବା ପୂର୍ବରୁ ମନର ଭାବନା
ତୁମେ ହିଁ ବୁଝିପାରୁଛ।।
ଅହରହ ତୁମେ କହୁଥିଲ ପ୍ରଭୁ
ସବ୍ କା ମାଲିକ ଏକ୍

ISSN NO.
2582-208X

ହିନ୍ଦୁ ମୁସଲମାନ ସବୁ ଭାଇ ଭାଇ
ଈଶ୍ୱର ସବ୍ କା ମାଲିକ୍।।
ସଦଗୁରୁ ମୋର ହେ ସିରିଡ଼ିସାଇ
ତୁମେ ମୋ ଭାଗ୍ୟ ବିଧାତା
ମୋ ଜୀବନେ ଆବିର୍ଭାବ ଦିନଠାରୁ
ନାହିଁ ମୋ ଜୀବନେ ବ୍ୟଥା।।
କୁଭାଗ୍ୟକୁ ତୁମେ କ୍ଷଣକରେ ବାବା
କରିଥାଅ ହିଁ ସୁଭାଗ୍ୟ
ତୁମଠି ଯେବେଠୁ ନିଜକୁ ହେପ୍ରଭୁ
କରିଛି ମୁଁ ସମର୍ପଣ
ସେବେଠୁମୋ କଥା ତୁମେ ବୁଝୁଅଛ
କରିଅଛ ଅପଣାର।।
ତୁମେ କହିଥିବା ବାଣୀ ପ୍ରଭୁ କେବେ
ଅନ୍ୟଥା ହୁଏ ନାହିଁ
ତୁମର ବଚନ ବୁଝିବା ନିମନ୍ତେ
ଭକ୍ତି ହିଁ ଲୋଡ଼ା ହୁଅଇ।।
ଏତିକି ଜାଣିଛି ହେ ସଦଗୁରୁ ସାଇ
ତୁମେ ଭାବର ଠାକୁର
ଯିଏବାରେ ଡାକେ ଶ୍ରଦ୍ଧା ସବୁରୀରେ
ହୋଇଯାଅ ତା ନିଜର।।
ହେସଦଗୁରୁ ମୋତେସବୁତ ଦେଇଛ
କିବା ଆଉ ଲୋଡ଼ା ମୋର
ଏତିକି ମାଗୁଣି ସର୍ବଦା ମୋ ପାଖେ
ରହିଥାନ୍ତୁ ନିରନ୍ତର।।

(((-)))

ରଗଡ଼ିପଡ଼ା,ବଡ଼ମ୍ବା, କଟକ

ISSN NO.
2582-208X

# ଅଭିନୟ



ଅଭୟ କୁଣ୍ଡ

ବିଶ୍ୱ ଏକ ରଙ୍ଗମଞ୍ଚ
ଆମେ ସବୁ କଳାକାର
ଅଭିନୟ ସାରି ସମସ୍ତେ ଫେରିବା
କେହି ନୁହଁନ୍ତି ଅମର ।

ଅନେକ ବର୍ଷ ତଳର କଥା । ସଦ୍ୟ ସ୍ୱାଧୀନତା ପ୍ରାପ୍ତ ଦେଶ ଆମର । ରାସ୍ତା ଘାଟ, ଗାଡ଼ି ମଟର, ବିଜୁଳି ବ୍ୟବସ୍ଥା କିଛି ବି ନ ଥିଲା । ଶଗଡ଼ ସ୍ଥଳ ଭାଗରେ ହୁଲି ଡଙ୍ଗା ଜଳ ଭାଗରେ ଭରସା । ମହାନଦୀ କୂଳରେ ଛୋଟ ଗାଁ ଟିଏ । ନାଁ ନୂଆଗଡ । ଜନସଂଖ୍ୟା ସେତେବେଳେ ପ୍ରାୟ ୫୦୦ । ଚାଷ, ଗୋପାଳନ ଅନ୍ୟାନ୍ୟ କୌଳିକ ବୃତ୍ତି କରି କଷ୍ଟେ ମଷ୍ଟେ ଚଳନ୍ତି । ଶିକ୍ଷା ଦୀକ୍ଷାର ଘୋର ଅଭାବ । ପ୍ରାୟତଃ ନିରକ୍ଷର । ଗାଁର ଦୁଇ ତିନି ଜଣ ସାମାନ୍ୟ ଲେଖି ପଢ଼ି ଜାଣନ୍ତି । ମନୋରଞ୍ଜନ କହିଲେ ପାଲା, ନାମ କୀର୍ତ୍ତନକୁ ବୁଝାଯାଏ ।ଥରେ ନିକଟବର୍ତ୍ତୀ ବ୍ରାହ୍ମଣ ଶାସନକୁ ଏକ ଯାତ୍ରା ଦଳ ଆସି ରାମଲୀଳା ପରିବେଷଣ କଲେ । ତାଳ ଛାମୁଡ଼ିଆରେ ଲଣ୍ଠନ ଜଳାଇ ଲୀଳା ନାଟକ ମଞ୍ଚସ୍ଥ ହେଲା । ଏକାଦି କ୍ରମେ ଚାରି ପାଞ୍ଚ ରାତି ମଞ୍ଚସ୍ଥ ହେଲା ।

ନୂଆଗଡର ଆବାଳବୃଦ୍ଧବନିତା ରାମଲୀଳା ଦେଖିଲେ । ଅଭିନୟ ତାଙ୍କୁ ଖୁବ୍ ପ୍ରଭାବିତ କଲା । ଯାତ୍ରା ଦଳର ମାଲିକ ତାଙ୍କ ଯାତ୍ରା ଗୁରୁଙ୍କୁ ନିଜ ଗାଁ କୁ ନେଇ ଖୁବ୍ ଆଦର ଯତ୍ନ କଲେ ଓ ତାଙ୍କ ଠାରୁ ଅଭିନୟ ଶିଖିବାକୁ ଇଚ୍ଛା କଲେ ।ଗାଁ ଲୋକଙ୍କ ସେବା ଭକ୍ତିରେ ଗୁରୁ ସନ୍ତୁଷ୍ଟ ହେଲେ ଓ ଆଗାମୀ ଋତୁରେ ଜଣେ ଲୀଳା ଗୁରୁଙ୍କୁ ନୂଆଗଡ ପଠାଇବା ବ୍ୟବସ୍ଥା କରିବାକୁ କହି ବିଦାୟ ନେଲେ ।

ISSN NO.
2582-208X

ବର୍ଷା ଋତୁ ଆରମ୍ଭରେ ଜଣେ ଯାତ୍ରା ଗୁରୁ ନୂଆଗଡରେ ପହଞ୍ଚିଲେ । ମୁହଁରେ ଦାଢ଼ି, କପାଳରେ ତିଳକ, ଗୈରିକ ବସ୍ତ୍ର, ପାଦରେ କଠଉ, ଗୋଟିଏ ମୁଣିରେ ହାତ ଲେଖା ଖାତା କେତେ ଖଣ୍ଡ ଆଣିଥା'ନ୍ତି । ଗାଁର ଭାଗବତ ଟୁଙ୍ଗୀରେ ଗୁରୁଙ୍କ ରହିବା ବ୍ୟବସ୍ଥା ହେଲା । ଦିନକୁ ତିନି ବେଳା ତିନୋଟି ପରିବାରରେ ଗୁରୁଙ୍କ ଖାଇବା ବ୍ୟବସ୍ଥା ହେଲା । ରାତିରେ ଉତ୍ସାହୀ ଯୁବକମାନେ ରୁଣ୍ଡ ହେଲେ । ଗୁରୁ ସେମାନଙ୍କ ଅଭିନୟ ପରୀକ୍ଷା କଲେ । ଗାଇ ଚରାଉଥିବା ଭୀମାକୁ ରାବଣ, ନବ ବାରିକକୁ ରାମ, ପରିଆକୁ ସୀତା, ଅନାମକୁ ମନ୍ଦୋଦରୀ, ରତନାକୁ ହନୁମାନ, ଅପର୍ତ୍ତୀକୁ କୁମ୍ଭକର୍ଣ୍ଣ, ଅନ୍ୟ ଚାଷୀ ମୂଲିଆ ଯୁବକ ମାନଙ୍କୁ ଅନ୍ୟ ସବୁ ଚରିତ୍ର ପାଇଁ ବଛାଗଲା । ବଡ଼ ସମସ୍ୟା ହେଲା ଏମାନେ କେହି ବହି ପଢ଼ି ଜାଣି ନାହାନ୍ତି । ଜଣେ ଅବଧାନେଙ୍କୁ ଡକାଗଲା । ସିଲଟ ଖଡ଼ି ଧରି ମାସାଧିକ କାଳ ବର୍ଣ୍ଣବୋଧ ପଢ଼ିଲେ । ତଥାପି ଅଧା କଳାକାର ଅକ୍ଷର ଶିଖି ପାରିଲେ ନାହିଁ । ନାଟକ ଅଭ୍ୟାସ ମଧ୍ୟ ଚାଲିଲା । ଗୁରୁଙ୍କ କାଳିଶୀ ବେଶ, ପାଞ୍ଚହାତିଆ ବେତ ପାହାର ଶବ୍ଦ ଅପଶବ୍ଦ ମିଶା ଗାଳି ଶୁଣି କଳାକାରମାନେ ଯୋଗ୍ୟ ହୋଇଗଲେ । ରାମନବମୀ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଦିନ । ମହା ଆଡମ୍ବରରେ ପାଳନ ହେବ । ପ୍ରତି ଘର ଦୁଆରେ କଳସ ସ୍ଥାପନ ହେବ । ଆମିଷ ଗାଁ ରେ ପଶିବ ନାହିଁ । ପାଞ୍ଚ ଦିନ ରାମଲୀଳା ହେବ । ପ୍ରଥମ ଦିନ ରାମଜନ୍ମ, ଦ୍ୱିତୀୟ ଦିନ ସୀତା ବିବାହ, ତୃତୀୟ ଦିନ ରାମ ବନବାସ, ଚତୁର୍ଥ ଦିନ ସୀତା ଚୋରି, ପଞ୍ଚମ ଦିନ କୁମ୍ଭକର୍ଣ୍ଣ ବଧ ମଞ୍ଚସ୍ଥ ହେବା ସ୍ଥିର ହେଲା ।

ଗାଁର ଅପର୍ତ୍ତୀ ସବୁଠାରୁ ମୋଟା ଓ ଡେଙ୍ଗା ଲୋକ । ଗୋଲ୍ ମୁହଁ ଥନ୍ତଲ ପେଟକୁ ମୁଣ୍ଡ ଚୁଟି ଗୁଡ଼ା ଝିଙ୍କ କାଠି ପରି । ଦୁଇ ଚାରିଟା ଦାନ୍ତ ଜମାରୁ ଲୁଚି ପାରେନି । ଓଠ ବନ୍ଦ କଲେ ଆଉ ରଙ୍ଗ ତ୍ରିପଣ୍ଡ କଲା । ବଡ଼ ପାଟିଆ ଅପର୍ତ୍ତି, ଗର୍ଜନ କଲେ ମାଇଲିଏ ବାଟ ଶୁଭେ । ତା ସ୍ତ୍ରୀକୁ ଟୁନା ବୋଉ ଡାକନ୍ତି । ଗାଁ ମହିଳାମାନେ ଥଟ୍ଟାରେ କେତେ ଟିକା ଟିପ୍ପଣୀ କରନ୍ତି । କହନ୍ତି କେତେ ଚାଉଳର ଭାତ କୁମ୍ଭକର୍ଣ୍ଣ ଖାଏ ଲୋ ? ଟୁନା ବୋଉ ବି ସ୍ୱାମୀର ଖାଇବା ବେଳେ ବଳେଇ ବଳେଇ ଖୁଆଇଥାଏ । ଶୁଭମନସୀ ଓଷା ବ୍ରତ କରେ । ବର୍ତ୍ତମାନ ଶୁଭ ଦିନ ଆସିଗଲା । ଗାଁ ମଝିରେ ଡାଳ ଛାମୁଡିଆ ହେଲା । ସଫା ସୁତରା ଦାଣ୍ଡରେ ଝୋଟି ଚିତା ପକାଇ କଳସ ବସିଲା । ରାମନାମ କୀର୍ତ୍ତନ ଚାଲିଲା । ଆଉ ରାତିରେ ରାମଲୀଳା । ପ୍ରଥମ ଦିନ ରାମଜନ୍ମ, ଦ୍ୱିତୀୟ ଦିନ ସୀତା ବିବାହ, ତୃତୀୟ ଦିନ ରାମ ବନବାସ, ଚତୁର୍ଥ ଦିନ ସୀତା ଚୋରି, ପଞ୍ଚମ ଦିନ କୁମ୍ଭକର୍ଣ୍ଣ ବଧ । ଆଜି ଶେଷ ରାତି । କୁମ୍ଭକର୍ଣ୍ଣ ବଧ । ଆଖପାଖ ଦଶଖଣ୍ଡ ଗାଁର ଯାତ୍ରା ପ୍ରେମୀ ଜନ ସମାଗମ । ବିଧିମତେ ଯାତ୍ରା ଆରମ୍ଭ

ISSN NO.
2582-208X

ହେଲା। ଅପର୍ତ୍ତୀର ଭୟଙ୍କର ରୂପ ସାଙ୍ଗକୁ କନଫଟା ସଂଳାପ ଦର୍ଶକ ମାନଙ୍କୁ ବିମୋହିତ କରୁଥିଲା । ଶେଷ ଦୃଶ୍ୟ ଯେତିକି କରୁଣ ସେତିକି ଭାବ ଭକ୍ତିମୟ । ଭଗବାନ ରାମଙ୍କ ଅମୋଘ ଅସ୍ତ୍ର କୁମ୍ଭକର୍ଣ୍ଣର ବକ୍ଷ ଭେଦ କଲା । ରକ୍ତାକ୍ତ କୁମ୍ଭକର୍ଣ୍ଣ ପ୍ରଭୁଙ୍କୁ ଶେଷ ପ୍ରଣାମ ଜଣାଇ ଅସୁର ଜନ୍ମରୁ ମୁକ୍ତ ହେଲା । ଦର୍ଶକମାନେ ଜୟ ଶ୍ରୀରାମ, ଜୟ ହନୁମାନ, ମାତା ସୀତା, ସାନୁଜ ଲକ୍ଷ୍ମଣଙ୍କର ଜୟ ଗାନ କରୁଥିଲେ । କୁମ୍ଭକର୍ଣ୍ଣ ମଞ୍ଚ ଉପରେ ଶୋଇ ରହିଥାଏ । ହଠାତ୍ ଆଉ ଏକ ମର୍ମଭେଦୀ କରୁଣ ଚିତ୍କାର ଶୁଣାଗଲା । ଲୋକେ ପାଣି ପାଣି ଚିତ୍କାର କଲେ । ଚେତା ଶୂନ୍ୟ ମହିଳା ଜଣକୁ ଘେରି ଯାଇ ପାଣି ଛିଞ୍ଚି ବିଞ୍ଚି ଦେଲେ । ମାତ୍ର ସବୁ ଚେଷ୍ଟା ବିଫଳ । ମଞ୍ଚରେ କୁମ୍ଭକର୍ଣ୍ଣ ସ୍ୱର୍ଗପ୍ରାପ୍ତି ହେଲା କିନ୍ତୁ ଅପର୍ତ୍ତୀର କିଛି ବି କ୍ଷତି ହୋଇନଥିଲା । ରାମ ବାଣ ଆଘାତରେ ମାତ୍ର ସେହି କରୁଣ ହୃଦୟ ବିଦାରକ ଦୃଶ୍ୟ ଦେଖି ଟୁନା ବୋଉ କିପରି ସହିଥା'ନ୍ତା ? ଚେତା ତାର ଆଉ ଫେରିଲା ନାହିଁ । ଅଭିନୟ ସାରି ସେ ଚାଲିଗଲା ଅଫେରା ମୂଲକକୁ । ହଜାର ଆଖି ଲୁହରେ ସେ ଦିନ ଯାତ୍ରା ପଡିଆ ଓଦା ହୋଇଯାଇଥିଲା ।

(((-)))

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର/ମୋ ୯୫୫୬୯୮୯୭୨୩

ISSN NO.
2582-208X

# ସ୍ମୃତି ପୂର୍ବଜନ୍ମର



ଅନୁରାଧା ମହାପାତ୍ର

ଏଇ ନୀଳ ଆକାଶ
ଏଇ ସବୁଜ କ୍ଷେତ
ଏଇ ଝରଣା ପାଣି
କେତ ଆପଣାର ଲାଗେ କହିଲ ?
ଏଇ ପକ୍ଷୀ ମାନଙ୍କର ସୁମଧୁର ଶବ୍ଦ
ଏଇ ଲାଲ ରଙ୍ଗର ସୂର୍ଯ୍ୟ
ଏଇ ଦୂର ପାହାଡ଼
ପାହାଡ଼ ପାଦ ଦେଶରେ ଥିବା ଦେବୀମନ୍ଦିର
ତୁମକୁ ଆପଣାର ଲାଗୁଥିବ ନିଶ୍ଚୟ।
ଏଇ ନାଲି ନାଲି ଗୋଲାପ
ଏଇ ପେନ୍ଥା ପେନ୍ଥା କୃଷ୍ଣଚୂଡ଼ା
ଏଇ ପୋଖରୀରେ ଫୁଟୁଥିବା ନୀଳକଇଁ
ତୁମ ମନକୁ ଆକର୍ଷଣ କରୁଥିବ ନିଶ୍ଚୟ।
ଏଇ ପ୍ରାକୃତିକ ପରିବେଶ
ସେଠି ଆମର ଏଇ କୁଟୀର
ତୁମର କିଛି ମନେ ପଡୁଥିବ ନିଶ୍ଚୟ।
ହଁ ଇଏ ମୋର
ପୂର୍ବଜନ୍ମର ଜନ୍ମସ୍ଥାନ
ଆଉ ଆମେ ସାଥୀ ଶହେ ଜନ୍ମର।

(((-)))

ଯାଜପୁର

ISSN NO.
2582-208X

# ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକରେ ନାରୀ ସ୍ୱର

ଜିତେନ୍ଦ୍ର କୁମାର ମହାନ୍ତ

ଓଡ଼ିଆ ସାହିତ୍ୟରେ ନାରୀମାନଙ୍କର ସ୍ଥିତି ପ୍ରାଚୀନ କାଳରୁ ଅଦ୍ୟାବଧି ଏକ ମହାନ ପରମ୍ପରା ସୃଷ୍ଟି କରିଛି । କବି, ଗାଳ୍ପିକ, ଔପନ୍ୟାସିକ, ଦାର୍ଶନିକ, ନାଟ୍ୟକାର ପ୍ରମୁଖଙ୍କ ଦୃଷ୍ଟି ଓ ଦର୍ଶନ ରେ ନାରୀ ମନର ସୂକ୍ଷ୍ମ ଭାବ ଗୁଡ଼ିକର ଯଥାର୍ଥ ରୂପ ପ୍ରତିଷ୍ଠା ପାଇଛି। ଓଡ଼ିଆ ସାହିତ୍ୟରେ କେବଳ ନୁହେଁ ପୃଥିବୀର ସବୁ ଭାଷା ଓ ସାହିତ୍ୟରେ ଏବଂ ପ୍ରତ୍ୟେକ ଯୁଗରେ ନାରୀକୁ ନେଇ କଳ୍ପନାର କାବ୍ୟସୌଧ ନିର୍ମାଣ ହୋଇଛି। କାବ୍ୟକବିତା, ଗଳ୍ପ,ଉପନ୍ୟାସରେ ରୂପ ପାଇଥିବା ନାରୀ ସ୍ୱର ପାଠକର ଚିତ୍ତକୁ ଉଦ୍ଭାସିତ କରିବାବେଳେ ନାଟକରେ ନାରୀଟିଏ ଯେତେବେଳେ ନିଜ ମନର ବ୍ୟଥା କୁ, ସମାଜ ପ୍ରତିଥିବା ବିଦ୍ରୋହର ସ୍ୱରକୁ ମଞ୍ଚରେ ଅଭିନୟ ମାଧ୍ୟମରେ ସମବେତ ଦର୍ଶକଙ୍କ ସମ୍ମୁଖରେ ରଖେ ସେତେବେଳେ ଦର୍ଶକ ଚରିତ୍ର ସହିତ ନିଜକୁ ସମ୍ମିଳିତ କରିନିଏ, ଭବବିହ୍ୱଳ ହୋଇଉଠେ। ନାରୀ ଆଖିରୁ ଲୁହ ଝରିଲେ ଦର୍ଶକ ଆଖିରୁ ଲୁହ ଝରିପଡେ, ତା ଓଠରେ ହସ ଫୁଟିଲେ ଦର୍ଶକ ଆନନ୍ଦିତ ହୋଇଯାଏ । ତେଣୁ ନାଟକ ମାଧ୍ୟମରେ ନାରୀ ସ୍ୱର ଅଧିକ ଘନୀଭୂତ ହୁଏ ଦର୍ଶକ ମନ ପ୍ରାଣରେ।

ଏହି ସ୍ୱର କୁ ନାଟକରେ ଯଥାର୍ଥ ରୂପ ଦେବାରେ ସମର୍ଥ ହୋଇଥିବା ଜଣେ ବାସ୍ତବବାଦୀ ତଥା ଉତ୍ସର୍ଗୀକୃତ ନାଟ୍ୟ ସ୍ରଷ୍ଟା ହେଉଛନ୍ତି ଶ୍ରୀ ହେମେନ୍ଦ୍ର ମହାପାତ୍ର । ଯାତ୍ରା ଦଳରେ ଅଭିନୟ କରିବାର ନିଶା ରୁ ନାଟକ ରଚନା ତାଙ୍କୁ ୧୯୮୦ ପରର ଓଡ଼ିଆ ନାଟ୍ୟ ସାହିତ୍ୟରେ ଜଣେ ସଫଳ ନାଟ୍ୟକାର ର ପରିଚୟ ପ୍ରଦାନ କରିଛି । ମାତ୍ର ୧୯ ବର୍ଷ ବୟସରୁ ନାଟକ ରଚନା ନିମନ୍ତେ ଲେଖନୀ ଧରି ଦୀର୍ଘ ୫୫ବର୍ଷ ହେବ ସମାଜର ବିଭିନ୍ନ ପରିସ୍ଥିତିର ଉପଯୁକ୍ତ ମୂଲ୍ୟାୟନ ପୂର୍ବକ ମଞ୍ଚରେ ତାହାକୁ ଦର୍ଶକଙ୍କ ସମ୍ମୁଖରେ ତୋଲିଧରିବାରେ ନାଟ୍ୟକାର ଥକି ପଡ଼ିନାହାନ୍ତି। ନାଟ୍ୟକାର ଶ୍ରୀ ମହାପାତ୍ର ପାରମ୍ପରିକ

ISSN NO.
2582-208X

ନାଟକ ରଚନାରୁ ନାଟକ ଲେଖିବା ଆରମ୍ଭ କରିଥିଲେ ହେଁ ପରବର୍ତ୍ତୀ ସମୟରେ ପରୀକ୍ଷା ନିରୀକ୍ଷା ର ପ୍ରୟୋଗ କରିଛନ୍ତି ନିଜ ନାଟକରେ। ଦର୍ଶକ ଓ ମଞ୍ଚକୁ ପ୍ରାଥମିକତା ଦେଇ ସାଂପ୍ରତିକ ସମୟର ବିଭିନ୍ନ ସମସ୍ୟାକୁ ନାଟକରେ ସ୍ଥାନ ଦେଇଛନ୍ତି । ନାଟକ ରଚନା କରି ୱାହା ୱାହା ପାଇବା କିମ୍ବା ସଫଳତା ପ୍ରାପ୍ତ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ ବରଂ ନିଜର ସାମାଜିକ ଦାୟିତ୍ୱବୋଧକୁ ସବୁଠି ପ୍ରାଥମିକତା ଦେଇ ଶାନ୍ତି ଓ ସୌହାର୍ଦ୍ଦ୍ୟ ର ବାର୍ତ୍ତା ପ୍ରଦାନ କରିବା ତାଙ୍କ ନାଟକର ମୂଳ ଉଦ୍ଦେଶ୍ୟ ହୋଇଛି । କେବେବି ସ୍ୱପ୍ନରେ ବିଭୋର ହୋଇ ଅବାସ୍ତବ ଘଟଣାକୁ ନାଟକରେ ସ୍ଥାନ ନଦେଇ ସଚେତନ ଚିତ୍ତରେ ସମାଜର ବାସ୍ତବ ସତ୍ୟକୁ ଓ ସମସ୍ୟାକୁ ଉପସ୍ଥାପନ କରିଛନ୍ତି। ବେକାରିସମସ୍ୟା, ଯୌତୁକ ଜ୍ୱାଳା, ଜାତିଆଣ ଭାବ, କନ୍ୟା ଭ୍ରୁଣ ହତ୍ୟା, ରାଜନୈତିକ ଛକାପଞ୍ଝା, ନାରୀ ସ୍ୱାଧିନତା ଆଦି ଅନେକ ଘଟଣାକୁ ମିଥ, ପ୍ରତୀକ, ରୂପକଳ୍ପ, ଲୋକ ଉପାଦାନ ଆଦିକୁ ପାଥେୟ କରି ରାଶି ରାଶି ସଫଳ ନାଟକ ରଚନା କରିଛନ୍ତି । ନାଟ୍ୟକାର ଙ୍କ ରଚିତ 'ଯୋଡ଼ି ମହୁରୀ', 'ଯୁଗଚରିତ ବୃତ୍ତାନ୍ତ ', 'ଅଧିକାର ', 'ପୁନଶ୍ଚ ପାଞ୍ଚାଳୀ ', 'www ଡ଼ଟ୍ ବିବେକ ଡ଼ଟ୍ କମ୍', 'ଏ ରାତି ପହିବ କେବେ ', 'ସ୍ମୃତିଏକ ଦୁଷ୍ଟମିର' ଇତ୍ୟାଦି ନାଟକରେ ନାରୀ ମନର ସଂଗୁପ୍ତ ଭାବନା, ହୃଦୟର ବେଦନା, ଅସହାୟତା, କପଟତା, ମିଥ୍ୟା ଆଦିକୁ ଯଥାକ୍ରମେ ସ୍ଥାନ ଦେଇଛନ୍ତି ।

ଯୋଡ଼ି ମହୁରୀ ନାଟକଟି ୧୯୮୩ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ହେବା ପୂର୍ବରୁ ଓଡ଼ିଶାର ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ପ୍ରାଣକୁ ଛୁଇଁ ସାରିଥିଲା । ତତ୍କାଳୀନ ସମାଜରେ ଦେଖା ଦେଇଥିବା ବେକାରୀ ସମସ୍ୟା, ଯୌତୁକ ସମସ୍ୟା , ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର, ଥିଲାବଲା ନଥିଲାବାଲା ସଂଘର୍ଷ ଇତ୍ୟାଦି ଏହି ନାଟକର ମୁଖ୍ୟ ଅଂଶ ପାଲଟିଛି । ସମାଜ ରୂପକ ସମ୍ରାଟ ହାତରେ ବେକାର ରୂପକ ଖଡଗ ଓ ଯୌତୁକ ରୂପକ ବଜ୍ର ଧାରଣ କରି ଯୁବକ ଯୁବତୀଙ୍କ ପକ୍ଷ ଛେଦନ କରିଛି। ଯୁବତୀର ସିମନ୍ତକୁ କଳଙ୍କର କଳାରେ ଭରିଦେଇଛି। ଯୋଡ଼ି ମହୁରୀ କୁ ବେକାରୀ ଖଡଗ ଓ ଯୌତୁକ ବଜ୍ରରେ ଧ୍ୱଂସ କରିଦେଇଛି । ସମାଜର ଏହି ଅନ୍ଧ ସମ୍ବିଧାନର ଶିକାର ହୋଇଛି ରଙ୍ଗପାଟଣା ଗାଁ ର ଜମାଦାର ସୋମନାଥ ମହାନ୍ତିଙ୍କ ପରିବାର। ଚାକିରି ଯିବା ପରେ ସୋମନାଥଙ୍କ ଆରମ୍ଭ ହୋଇଛି ପ୍ରକୃତ ଦୁର୍ଦ୍ଦଶା। ସ୍ତ୍ରୀ ସାବିତ୍ରୀ, କନ୍ୟା ଲତା ଏବଂ ପୁତ୍ର ଶିଶିର କୁ ନେଇ ତାଙ୍କର ଯେଉଁ ଛୋଟ ପରିବାର ତାହା ଆଜି ଅଭାବ, ବେକାରୀ, ଯୌତୁକ ତାଡନାରେ ଲୀନ ହେବାକୁ ବସିଛି। ଉଚ୍ଚ ଶିକ୍ଷିତ ଶିଶିର କୁ ଚାକିରି ଖଣ୍ଡେ ମିଳିନାହିଁ ଅନ୍ୟପଟେ

ISSN NO.
2582-208X

ସୋମନାଥଙ୍କ ସମୁଦୀ ଯୋଗେଶ ର ଯୌତୁକ ଜ୍ୱାଳାରେ ବଡ଼ ଝିଅ ଗୀତାର ମୃତ ହେଇଛି। ଶିଶିର ରିକ୍ସା ଟାଣି ଘର ଚଳାଇବା କଥା ଲତା ସହିନପାରି ଚାକିରି କରିବାକୁ ପ୍ରସ୍ତୁତ ହେଇଛି । କିନ୍ତୁ ଶିଶିର ଭଉଣୀର ଚାକିରି କରିବା ନିଷ୍ପତିରେ ସହମତି ପ୍ରକାଶକରି ନାହିଁ । ଉଦର ଅଗ୍ନି ତିଳ ତିଳ କରି ସଭିଙ୍କୁ ଜାଳୁଥିଲେ ବି ଝିଅ ଚାକିରି କଲେ ଲୋକ ପରିହାସ କରିବାର ଭୟ ଆଉ ବଂଶର ଇଜ୍ଜତ ଚାଲିଯିବା ର ହିନମନ୍ୟତା କୁ ଦୂର କରିପାରିନି ଶିଶିର। ଘରର ଦୟନୀୟ ଅବସ୍ଥା ଭିତରେ ଭଉଣୀର ବାହାଘର ଗୋଟିଏ ଦିନ ଭିତରେ କରିବାର ବ୍ୟସ୍ତତା ଭିତରେ ଶିଶିର ଦୁର୍ଘଟଣା ଗ୍ରସ୍ତ ହୁଏ । ନାଟ୍ୟକାର ନାଟକର କ୍ଲାଇମାକ୍ସ (dimax) ରେ ଭଉଣୀ ଟି ଭାଇର ଜୀବନ ରକ୍ଷା କରିବା ପାଇଁ କିପରି ନିଜର ସର୍ବସ୍ୱ ଦାନ କରିପାରେ ଲତା ମାଧ୍ୟମରେ ଦର୍ଶାଇଛନ୍ତି । ଭାଇର ଆରୋଗ୍ୟ ନିମନ୍ତେ ଇନ୍ଦ୍ରଜିତ ର ଘୃଣ୍ୟ ସର୍ତ୍ତରେ ରାଜି ହୋଇ ନିଜର ଇଜ୍ଜତ ବଦଳରେ ୫୦୦ଟଙ୍କା ଯୋଗାଡ଼ କରିଛି । ନାରୀର ଏହି ମହାନତା କୁ ଦର୍ଶାଇବାକୁ ଯାଇ ନାଟ୍ୟକାର ଶେଷରେ ଗୋଟେ ଗୀତ ସଂଯୋଗ କରିଛନ୍ତି ।

"ଛାତିତଳେ ଚାପିଦେଇ କୋହକୁ
ଆଖିତଳେ ରଖିଦେଇ ଲୁହକୁ
ଓଠତଳେ ଲୁଚେଇ ତା ଯନ୍ତ୍ରଣା
ମନତଳେ ମାରିଦେଇ କଳ୍ପନା
ପର ଓଠେ ଭରିଦିଏ ହସ ଲହରୀ"

ନାରୀ ଓ ପୁରୁଷ ଉଭୟ ସମାଜ ର ଦୁଇଟି ପାର୍ଶ୍ୱ ହେଲେ ମଧ୍ୟ ନାରୀର ଚେତନା ଶକ୍ତି ଏବଂ ଚିନ୍ତାଶୀଳତା ପୁରୁଷ ଠାରୁ ଢେର୍ ଗୁଣରେ ଅଧିକ । ପୁରୁଷର କର୍ମ ସଂସ୍ଥାନ ନିମନ୍ତେ ତାକୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିନଥାଏ କିନ୍ତୁ ନାରୀଟିଏ ପାରିବାରିକ ଶୃଙ୍ଖଳା, ସାମାଜିକ ପ୍ରତିଷ୍ଠା ଓ ଅନ୍ୟାନ୍ୟ ଦିଗ ପ୍ରତି ଦୃଷ୍ଟି ଦେଇ ସବୁବେଳେ ଚାଲିଥାଏ । ତେଣୁ ତାର ମନସ୍ଥିତି ଓ ଚେତନା ପୁରୁଷଠାରୁ ଅଧିକ ତୀବ୍ର । ସମାଜର ନାଲି ଆଖିକୁ ଦେଖି ଡରିଯିବା ବଦଳରେ କେତେବେଳେ ନାରାୟଣୀ ହୋଇ ସମୟର ଦିଗ ନିର୍ଦ୍ଧାରଣ କରେତ କେତେବେଳେ କାଳୀ ହୋଇ ବିନାଶ କରେ । ନାଟ୍ୟକାର 'ଯୁଗଚରିତ ବୃତ୍ତାନ୍ତ' ନାଟକରେ ନାରୀର ବୈଚିତ୍ର୍ୟମୟ ସ୍ୱରୂପ କୁ ଉପସ୍ଥାପିତ କରିବାକୁ ପ୍ରୟାସ କରିଛନ୍ତି । କୃଷକର ପତ୍ନୀ, ଦ୍ରୌପଦୀ, ଧର୍ଷିତା ନାରୀ, ଦ୍ରୌପଦୀଙ୍କ ପରିବର୍ତ୍ତିତ ରୂପ ଦ୍ରୌପଦୀ ଗାନ୍ଧୀ

ISSN NO.
2582-208X

ଚରିତ୍ରମାନଙ୍କର କଥା ନାଟକରେ କୁହାଯାଇଛି । ପ୍ରଥମେ ସ୍ୱର୍ଗାରୋହଣକାରୀ ଦ୍ରୌପଦୀ ପଞ୍ଚପତିଙ୍କ ଅନୁଗାମୀନି ହୋଇ ସ୍ୱର୍ଗ ପଥରେପତି ପ୍ରୀତିରୁ ବଞ୍ଚିତାଓ ଅବହେଳିତା । ଦ୍ୱିତୀୟରେ ଗୋଟିଏ ନାରୀର ରୂପରେ ମୋହିତ ହୋଇ କିଛି ରକ୍ଷକ ବେଶରେ ଭକ୍ଷକ ସାଜିଥିବା ଭ୍ରଷ୍ଟାଚାରୀ ତାକୁ ଧର୍ଷଣ କରିଛନ୍ତି । ନାରୀ ନିଜର ସୁରକ୍ଷା କରିନପାରି ମୃତ୍ୟୁବରଣ କରିଛି । ତୃତୀୟରେ ନାଟ୍ୟକାର ନାରୀର ଏକ ବିଚିତ୍ର ରୂପକୁ ଉନ୍ମୋଚନ କରିଛନ୍ତି ।ନାରୀ କିପରି ତାର ରୂପ ଓ ନାରିତ୍ୱ ବଳରେ ଯେତେ ବଡ଼ ଐଶ୍ୱର୍ଯ୍ୟ ର ଅଧିକାରୀ ପୁରୁଷକୁ ନିଃସ୍ୱ କରିପାରେ ତାର ଦୃଶ୍ୟ ଦେଖାଇଛନ୍ତି । ସାଂପ୍ରତିକ ସମୟରେ ନାରୀ ରୂପ ଲାବଣ୍ୟ କୁ ଭୋଗ କରିବାର ଲାଳସାରେ ମାନବ ସମାଜ କିପରି ପଥଭ୍ରଷ୍ଟ ହୋଇଛି ତତ୍ ସହିତ ସାମାଜିକ ଦୃଷ୍ଟିଭଙ୍ଗୀ ଓ ସାଂସ୍କୃତିକ ପଟ୍ଟଭୂମି କିପରି ଭୂଲୁଣ୍ଠିତ ହୋଇଛି ତାର ଚିତ୍ର ପ୍ରଦାନ କରିଛନ୍ତି ଏହି ନାଟକରେ।

ମଣିଷ ପୃଥିବୀରେ ବଞ୍ଚି ରହିବାକୁ ହେଲେ ତାର ଅଧିକାର କୁ ସାବ୍ୟସ୍ତ କରିବାକୁ ପଡ଼ିବ । ଏହି ଅଧିକାର କେବଳ କର୍ମରେ ହିଁ ପ୍ରାପ୍ତ ହୁଏ ।କିନ୍ତୁ ବେଳେ ବେଳେ ଶକ୍ତି ଥାଇବି କର୍ମଗତ ଅଧିକାର ରୁ ବଞ୍ଚିତ ହେବାକୁ ପଡ଼ିଥାଏ । ଜାତି, ଧର୍ମ, ଗୋତ୍ର, ବର୍ଣ୍ଣ ର ସଂକୀର୍ଣ୍ଣତା ରେ ସେ ଅଥର୍ବ ପାଲଟି ଯାଏ । ତା ମନରେ ସ୍ୱତଃ ପ୍ରଶ୍ନ ଉଠେ ଅଧିକାର ଜନ୍ମରେ ନା କର୍ମରେ ? ଏହି ଭଳି ଏକ ଯୁଗ୍ମ ଚେତନାକୁ କେନ୍ଦ୍ର କରି ରଚିତ ଅନ୍ୟଏକ ନାଟକ 'ଅଧିକାର' । ନାରୀର ଅସହାୟତା ର ସୁଯୋଗ ନେବାକୁ ଭଦ୍ର ମୁଖା ପିନ୍ଧା ସମାଜର ବଡ଼ପଣ୍ଡା ମାନେ ଅନାଇ ବସିଛନ୍ତି । ପାର୍ବତୀ ନିଜ ସ୍ୱାମୀ ନୀଳକଣ୍ଠ କୁ ହରାଇବା ପରେ ତାର ଦୁର୍ଦ୍ଦଶାର ସୁଯୋଗ ଉଠାଇଛନ୍ତି ବରଜୁ ସାଆନ୍ତ, ପଦନ ପତି ଓ ଗୋବରା ଜେନା । ସାହାଯ୍ୟ ଆଳରେ ଏମାନେ ପାର୍ବତୀଙ୍କୁ ଭାଙ୍ଗ ନିଶା ଖୁଆଇ ନିଜ କାମ କ୍ଷୁଧା ମେଣ୍ଟାଇଛନ୍ତି। ଏହାର ପରିଣାମ ସ୍ୱରୂପ ପାର୍ବତୀ ଗର୍ଭରୁ ଡମ୍ବରୁ ଜନ୍ମ ନିଏ । ପାର୍ବତୀ ସମୟର ତାଡନାରେ ପଗିଲି ହୁଏ । ଡମ୍ବରୁ ସମାଜରେ ବଞ୍ଚିବା ନିମନ୍ତେ ଜାତି, ଗୋତ୍ର, ବଂଶ ପରମ୍ପରାର ଅଧିକାର ଖୋଜିବୁଲେ । ସମାଜର ବଡ଼ପଣ୍ଡା ମାନେ ଟଙ୍କାରେ ଏଠି ଭୋକିଲା ପେଟ, ଫୁଙ୍ଗୁଳା ପିଠି ଆଉ ନୁଖୁରା କେଶର ନାରୀକୁ କିଣି ନେଇ କେତେ ଯେ ପାର୍ବତୀଙ୍କୁ ପାଗେଳୀ ସଜାଉଛନ୍ତି ତାର ଠିକଣା କିଏ ରଖିଛି କେତେ ଯେ ଡମ୍ବରୁ ଗଛତାଳେ ଜନ୍ମ ହୋଇ ଅଧିକାର ଖୋଜିବୁଲୁଛନ୍ତି ତାର ହିସାବ ନାହିଁ । ପୁରୁଷର କାମନାର ଜ୍ୱାଳା ପ୍ରତି ନାରୀର ସ୍ୱର ସୁନାମିର ତାଣ୍ଡବ ରୂପ ଧାରଣ କଲେ ହୁଏତ ଡମ୍ବରୁ ଭଳି ସନ୍ତାନ ଅଧିକାର ର ଭିକ୍ଷାଥାଳ ଧରି ବୁଲିବେ ନାହିଁ ।

ISSN NO.
2582-208X

ନାରୀ ସମାଜ ତଥା ପରିବାରର କେନ୍ଦ୍ରବିନ୍ଦୁ ଏବଂ ମେରୁଦଣ୍ଡ । ଭାରତୀୟ ସମାଜରେ 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ତିଷ୍ଠତି ଦେବତା' ଆଦର୍ଶରେ ନାରୀକୁ ପୂଜା କରାଯିବାର ଅନେକ ଦୃଷ୍ଟାନ୍ତ ବିଦ୍ୟମାନ । ତଥାପି ସଂପ୍ରତି ନାରୀକୁ ସମାଜରେ ଭିନ୍ନ ଦୃଷ୍ଟିର ଶିକାର ହେବାକୁ ପଡୁଛି । ଯାବତୀୟ ନିର୍ଯାତନାର ଶିକାର ହେଉଛି । ଏପରିକି ଜନ୍ମ ପୂର୍ବରୁ ତାକୁ ମୃତ୍ୟୁର ସାମ୍ନା କରିବାକୁ ପଡୁଛି। ନୀତି, ନୈତିକତା, ସାମାଜିକ ଶୃଙ୍ଖଳା, ଏବଂ ନିଜ ବ୍ୟତୀତ ଅନ୍ୟର ଚିନ୍ତା ଆଜି ମୂଲ୍ୟହୀନ ହୋଇଛି । କନ୍ୟା ଭ୍ରୁଣ ହତ୍ୟା ଏହାର ଏକ ଅଙ୍ଗ। ଯାହାର ପରିଣାମ ଦିନେ ପାଞ୍ଚାଳ ଦେଶର ରାଜକନ୍ୟା ପାଞ୍ଚାଳୀ କୁ ପାଞ୍ଚ ପୁରୁଷ ଗ୍ରହଣ କରିବା ପରି ସାଂପ୍ରତିକ ସମାଜରେ ନାରୀ-ଅଭାବ ଜନିତ ସମସ୍ୟାରେ ପଡ଼ି ଜଣେ ନାରୀକୁ ପାଞ୍ଚ ପୁରୁଷ ବିବାହ କରିବାର ଉତ୍କଟ ଭବିଷ୍ୟ ଆସି ପହଞ୍ଚିବ । ପୁନଶ୍ଚ ପାଞ୍ଚାଳୀ ନାଟକ ଏହି ସମସ୍ୟା କୁ ନେଇ ରଚିତ ।

'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା', ଏହା ଆମ ସମାଜର ପରମ୍ପରା ଉକ୍ତିଟିଏ। ନାରୀ ଅବଳା, ଦୁର୍ବଳା କିନ୍ତୁ ଶକ୍ତିର ଉତ୍ସ, ନାରୀ ଶକ୍ତିରେ ପୁରୁଷ ଶକ୍ତିମାନ। ନାରୀ ଠାରୁ ଶକ୍ତି ଆହରଣ କରୁଥିବା ପୁରୁଷ ସମାଜର ବଡ଼ପଣ୍ଡା ସାଜି ଅବା ଶାସନର ରାଜଦଣ୍ଡ ଧରି ନାରୀ ସଶକ୍ତିକରଣର ନାରାଦିଏ, ଏହା ନାରୀ ପ୍ରତି ପ୍ରବଞ୍ଚନା ନୁହେଁ କି? ଶାସନରେ ନାରୀକୁ ଅଂଶୀଦାର କରିବା ନାଁ ରେ ତା ପାଇଁ ସ୍ଥାନ ସଂରକ୍ଷଣ କରିଦିଏ। ନାରୀଟିଏ ଶାସନର ମଙ୍ଗ ଧରିବାର ସ୍ୱୀକୃତି ପାଇବା ପରେ ତା ଆଗରେ ପାରମ୍ପରିକ ଅନ୍ଧାର ଶାସନ ର ରାତିଟିଏ ହୋଇ ଠିଆ ହୁଏ । ନାରୀଟିଏ କିପରି ଡରି ନଯାଇ ଅନ୍ଧାର ର ଛାତି ଚିରି ଅକାଳ ସୂର୍ଯ୍ୟର ଆବାହନ ଗାଏ ତାର ଅନ୍ତଃସ୍ୱର ହେଉଛି ନାଟକ 'ଏ ରାତି ପହିବ କେବେ'।ଏଇ ଯେମିତି ରତନୀ ନରହରିପୁର ପଞ୍ଚାୟତର ଜଣେ ଶିକ୍ଷକର କନ୍ୟା, ହରିଜନ ଜାତିରେ ଜନ୍ମ । ଘଟଣା କ୍ରମେ ପ୍ରେମରେ ପଡ଼େ ରତନା ସହିତ। ରତନା ସହିତ ରତନୀର ପ୍ରେମ ଆଉ ବିବାହ । ଇଏତ ବିଧି ନିର୍ଦ୍ଦିଷ୍ଟ । ତେଣୁ ବିବାହ ହୋଇଗଲା କିନ୍ତୁ ଭାଗ୍ୟବଶତଃ ନରହରିପୁର ସରପଞ୍ଚ ଆସନଟା ହରିଜନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଯାଏ । ଦୀର୍ଘ ପନ୍ଦରବର୍ଷ ଧରି ସରପଞ୍ଚ ରହି ଆସିଥିବା ନବଘନ ମହାନ୍ତିର ଆସନ ଦୋହଲି ଯାଏ । ଆରମ୍ଭ ହୁଏ ରାଜନୈତିକ କାରସାଦୀ । ନବଘନର ପ୍ରରୋଚନା ଓ ସରକାରୀ ସଂରକ୍ଷଣର ସୁଯୋଗ ନେଇ ରତନୀ ସରପଞ୍ଚ ହୁଏ ନବଘନ ଭାବନ୍ତି ରତନୀ ଏକ ରବର ଷ୍ଟାମ୍ପ । ସେହି ଷ୍ଟାମ୍ପ ଉପରେ ନିଜେ ବସି ସରପଞ୍ଚର କ୍ଷମତା ଉପଭୋଗ କରିବାର ସ୍ୱପ୍ନ ଦେଖେ । ରତନା ବି ରତନୀକୁ ସେମିତି ଏକ ରବର ଷ୍ଟାମ୍ପ ଭାବରେ ଭାବି

ISSN NO.
2582-208X

ନିଏ । ସାରା ପଞ୍ଚାୟତ ରେ ଆଲୋଡନ ସୃଷ୍ଟି ହୁଏ । ସମସ୍ତେ ଭାବନ୍ତି ରତନୀ ନାମକୁ ମାତ୍ର ସରପଞ୍ଚ । କିନ୍ତୁ ରତନୀ, କ୍ଷମତା କାହାରି ହାତକୁ ଟେକି ଦିଏନି । ସବୁ କ୍ଷମତା ନିଜ ହାତରେ ରଖି ପଞ୍ଚାୟତରେ ରାମରାଜ୍ୟ ପ୍ରତିଷ୍ଠା ସ୍ୱପ୍ନ ଦେଖେ । ବାସ୍ ଆରମ୍ଭ ହୁଏ ସଂଘର୍ଷ । ରାତ୍ରୀର ଘନ ଘୋର ଅଂଧାର ଭିତରେ ସଂଘର୍ଷ ଚାଲେ । ସମସ୍ତେ ନିଜ ନିଜ ସ୍ୱପ୍ନକୁ ନେଇ ବିଭୋର। ରାତି ପାହିବାକୁ ଆପେକ୍ଷା କରନ୍ତି । ସମସ୍ତଙ୍କ ମନରେ ଏ ରାତି ପାହିବକେବେ ପ୍ରତିଧ୍ୱନି ହୁଏ । ନାଟ୍ୟକାର ଶ୍ରୀ ହେମେନ୍ଦ୍ର ମହାପାତ୍ର ସମାଜରେ ତଥା କଥିତ ବଡ଼ପଣ୍ଡା ମାନେ ନାରୀକୁ ନିଜର ସଖି କଣ୍ଢେଇ କରି ରଖିବାକୁ ଚାହାନ୍ତି ଓ ଏହାର ବ୍ୟତିକ୍ରମ ହେଲେ କିପରି ସେମାନେ ହିଂସ୍ର ହୋଇ ଉଠନ୍ତି ତାର ସୁନ୍ଦର ରୂପାୟନ କରିଛନ୍ତି ନାଟକରେ । ତେବେ ରତନୀ ଭଳି ନାରୀ ମାନେ ଯଦି ସମାଜର ମଙ୍ଗ ଧରିବେ ତେବେ ସମାଜରୁ ଅନ୍ଧକାର ନିଶ୍ଚେ ଦୂର ହେବ ଏବଂ ଏ ରାତି ପାହିବ। ।

ନାଟ୍ୟକାର ଶ୍ରୀଯୁକ୍ତ ହେମେନ୍ଦ୍ର ମହାପାତ୍ର ସାଂପ୍ରତିକ କଳାର ଅନେକ ସମସ୍ୟାକୁ ଆକଳନ କରି ନାଟକରେ ସ୍ଥାନ ଦେଇଥିଲେ ମଧ୍ୟ ନାରୀଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ର ସ୍ୱରକୁ ଉପସ୍ଥାପନ କରିବାରେ ସେ ଅଧିକ ଯତ୍ନବାନ ହୋଇଛନ୍ତି । ଏବଂ ଏହାର ଦୂରୀକରଣ ନିମନ୍ତେ ସମାଧାନର ସୂଚନା ଦର୍ଶକଙ୍କୁ ପ୍ରଦାନ କରିଛନ୍ତି । ବାସ୍ତବିକ୍ ଜଣେ ଲେଖକ ନାରୀ ମନସ୍କ ନହେଲେ ନାରୀ ବେଦନାକୁ ବୁଜିବା ଆଉ ତାହାକୁ ଲେଖନୀ ମୁନରେ ରୂପ ଦେବା ତାଙ୍କ ପାଇଁ ସହଜ ହୋଇନଥାଏ। ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଜଣେ ନାରୀ ମନସ୍କ ପ୍ରାଣ ନେଇ ଦୁନିଆକୁ ଅବଲୋକନ କରି ନାରୀର ମର୍ମ କୁ ଭେଦିପରିଛନ୍ତି । ଯାହା ଦ୍ୱାରା ତାଙ୍କ ରଚିତ ନାଟକ ଗୁଡିକରେ ନାରୀ ର ସ୍ୱର ଶାଣିତ ଓ ହୃଦୟ ସ୍ପର୍ଶୀ ହୋଇପାରିଛି । ଜ୍ଞାନ ଓ କୌଶଳରେ ପଙ୍ଗୁ ଗିରି ଲଂଘିବା ପରି ନାଟ୍ୟକାର ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ଗିରି ଲଂଘନ କରିପାରିଛନ୍ତି ।

(((–)))

ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ଗଞ୍ଜାମ–୭୬୦୦୦୭
Gmail:jitendrakumarmohanty04@gmail.com

ISSN NO.
2582-208X

# ଫେରିଛି ଫଗୁଣ



ମଧୁସ୍ମିତା ପ୍ରିୟଦର୍ଶନୀ

ସବୁଠି ରଙ୍ଗର ମେଳଣ
ସବୁଠି ଫୁଲର ତୋରଣ
ସବୁଠି ଫେରିଛି ଫଗୁଣ
ସବୁଠି ଜହ୍ନର କିରଣ।

ସବୁଠି ଆଶାର କିରଣ
ସବୁଠି ପ୍ରେମର ଝରଣ
ସବୁଠି ମହୁଲି ପବନ
ସବୁଠି ସିହରେ ଜୀବନ।

ସବୁଠି ପଲ୍ଲବ ଚିକ୍କଣ
ସବୁଠି କଳିକା ସୁମନ
ସବୁଠି ଶୀତଳ ଚନ୍ଦନ
ସବୁଠି ସୁନେଲି କିରଣ।

ସବୁଠି କୋକିଳ ଭାଷଣ
ସବୁଠି ମୋହନ ଶୋଭନ
ସବୁଠି ହରସ ଛଗୁଣ
ସବୁଠି ଫେରିଛି ଫଗୁଣ।

(((-)))

ବାଲେଶ୍ୱର-756048/Mob : 8117016512

ISSN NO.
2582-208X

# ଲଉଡ଼ି ଖେଳ



ବସନ୍ତ କୁମାର ପ୍ରଧାନ

ଦୋଳ ଯାତରାରେ ଗୋପାଳ ପୁଅଙ୍କ
ଲଉଡ଼ି ଖେଳ ନିଆରା
ଲୋକ ନୃତ୍ୟ ର ଅଟେ ନିଦର୍ଶନ
ସଂସ୍କୃତି ପରମ୍ପରା ।

ଅଣ୍ଟାରେ ଘାଗୁଡ଼ି ଶିରେ କେକୀ ଚୂଳ
ଦେହରେ ଛିଟ ବସନ
ହସ୍ତରେ ଲଉଡ଼ି ଧରି ଖେଳିଥାନ୍ତି
ରାଧାକୃଷ୍ଣ ସମର୍ପଣ ।

ଗୋପାଳ ଓଗାଳ ଗୀତ ଗାଇଗାଇ
ଦେଖାନ୍ତି ନୃତ୍ୟ କୌଶଳ
ଖୋଲା ନଭ ତଳେ ମେଳଣ ପଡ଼ିଆ
ଲାଗଇ ଲୋକ ଗହଳ ।

ରାଧାକୃଷ୍ଣ ବେଶେ ସଜ୍ଜାଇ ନିଜକୁ
ତହିଁରୁ ବେନି ଗୋପାଳ
ଢଳି ଢଳି ନାଚି ରହିଣ ମେଳ ରେ
ଦିଅନ୍ତି ସୁଖ ଅତୁଳ ।

ISSN NO.
2582-208X

ଦୁଇ ଗୋଟି କେନ୍ଦୁ ବାଡ଼ି ସାହାଯ୍ୟରେ
ହୁଅଇ ଲଉଡ଼ି ଖେଳ
ଶିଙ୍ଗା ବେଣୁ ବାଦ୍ୟ ମଝିରେ ମଝିରେ
କରିଥାଏ କ୍ରିୟାଶୀଳ ।

ସବୁ ଗାଁ ଦାଣ୍ଡହୁଏ ଗୋପଦାଣ୍ଡ
ନର ନାରୀ ଗୋପବାସୀ
ଆନନ୍ଦ ଉଲ୍ଲାସେ ପାଳନ କରନ୍ତି
ସବୁ ଜନ ମିଳିମିଶି ।

ଓଡ଼ିଶାର ପୂର୍ବ ଆଉ ମଧ୍ୟବର୍ତ୍ତୀ
ଜିଲ୍ଲାରେ ହୁଏ ଏ ପର୍ବ
ଆମ ସଂସ୍କୃତି ପରମ୍ପରା ର
ବଢ଼ାଇ ଅଛି ଗୌରବ ।

(((-)))

ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -7735611484

ISSN NO.
2582-208X

# ଦଣ୍ଡ ନାଚର ରସାୟନ: ହରଭଙ୍ଗା ଗ୍ରାମର ବୀଣାକାର ଓ କାରୁଆଣୀ ପ୍ରସଙ୍ଗ



ଦୁର୍ଗାପ୍ରସାଦ ପାଣିଗ୍ରାହୀ

ଲୋକମାନଙ୍କର ଲୋକମାନଙ୍କ ଦ୍ୱାରା ଏବଂ ଲୋକ ମାନଙ୍କ ପାଇଁ ଲୋକସାହିତ୍ୟର ଜନ୍ମ। ଲୋକ ସମାଜର ପ୍ରିୟ ପ୍ରସଙ୍ଗ ଏଥିରେ ସ୍ଥାନିତ । ସାଧାରଣତଃ ପୌରାଣିକ, ଐତିହାସିକ, ସାମାଜିକ ଓ କୌତୁକ ସଂପନ୍ନ କଥାବସ୍ତୁକୁ ନେଇ ଏହାର କଳେବର ଗଠିତ। ଲୋକସାହିତ୍ୟ ଗ୍ରାମୀଣ ଜନତାର ଅନ୍ତର୍ନିହିତ ରୋମାଣ୍ଟିକ ଭାବାବେଗ ଓ ବ୍ୟକ୍ତି ସତ୍ତାର ସାମୂହିକ ପରିପ୍ରକାଶ । ଏହି ପରିପ୍ରକାଶ ଭିତରେ ଏକ ପ୍ରାକୃତିକ ପରିବେଶ ସଂଜାତ ନାନ୍ଦନିକତା ଓ ବୌଦ୍ଧିକତା ଉପଲଭ୍ୟ । ଲୋକ ଜୀବନ ଉପରେ ଗଭୀର ପ୍ରଭାବ ପଡ଼େ ଲୋକସାହିତ୍ୟର । ମାନବ ମାନବେତର ଓ ମାନବୋତ୍ତର ଜୀବନ ଚିତ୍ର ଏଥିରେ ପ୍ରତିଫଳିତ ।

ଲୋକଗୀତ, ଲୋକକାହାଣୀ ଏବଂ ଲୋକନାଟକ ଭେଦରେ ଲୋକସାହିତ୍ୟର ରହିଛି ତ୍ରିବିଧ ବିଭାଗ । ପ୍ରତ୍ୟେକ ବିଭାଗର ସ୍ୱକୀୟ ଶୈଳୀ ଏବଂ ସ୍ୱତନ୍ତ୍ର ପଦ୍ଧତି ରହିଛି । ପ୍ରତ୍ୟେକ ବିଭାଗର ଜନ୍ମ ଲୋକ ମନୋରଞ୍ଜନାର୍ଥେ। କାର୍ଯ୍ୟରତ ସମୟରେ ହେଉ ଅବା କାର୍ଯ୍ୟାନ୍ତେ ହେଉ ଶାରୀରିକ କ୍ଲାନ୍ତି ଉପଶମ, ମନୋରଞ୍ଜନ ଓ ସମୟାତିବାହିତ ପାଇଁ ଏହି ବିଭାଗ ଗୁଡ଼ିକୁ ମାଧ୍ୟମ ରୂପେ ଗ୍ରହଣ କରିଥାନ୍ତି ବ୍ୟକ୍ତି ଓ ସମାଜ ।

ଲୋକନାଟକ ହେଉଛି ଲୋକସାହିତ୍ୟର ବିଶିଷ୍ଟ ବିଭାଗ।ଏହାର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଧର୍ମୋପଲବ୍ଧି, ରସାନୁଭୂତି ଏବଂ ମୁକ୍ତିପଣ । ଏସବୁକୁ କେନ୍ଦ୍ରକରି ଲୋକନାଟକର ପ୍ରଚାର ଓ ପ୍ରସାର । ସଂସ୍କୃତି ପ୍ରିୟ ଆମ ରାଜ୍ୟରେ -ପାଲା, ଦାସକାଠିଆ, ଦଣ୍ଡନାଚ, ଘୋଡ଼ାନାଚ, ଛଉନାଚ, ସଖିନାଚ, କଣ୍ଢେଇ ନାଚ, ଘୁଡୁକି ନାଚ,ବାଘନାଚ, ପଶୁମୁଖା ନାଚ ପ୍ରଭୃତି ପ୍ରଚଳିତ ।

ISSN NO.
2582-208X

ଉପର୍ଯ୍ୟୁକ୍ତ ସମସ୍ତ ଲୋକନାଟ ମଧ୍ୟରେ ଦଣ୍ଡନାଚର ଲୋକପ୍ରିୟତା ସର୍ବାଧିକ ମନେହୁଏ । କାରଣ ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଲୋକନାଟ୍ୟ ଓ ଧାର୍ମିକ ନୃତ୍ୟରୂପ । ଯାହା ଶିବ ଭକ୍ତି ସହିତ ଅତ୍ୟନ୍ତ ସମ୍ପର୍କ ରଖେ । ଏହା ବିଶେଷତଃ ଦକ୍ଷିଣ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାର ବୌଦ୍ଧ ଓ ସୋନପୁର ଜିଲ୍ଲାରେ ପ୍ରତିଷ୍ଠିତ। ଦଣ୍ଡନାଟ ମାଧ୍ୟମରେ ଭକ୍ତଗଣ ଭଗବାନ ଶିବଙ୍କ ପ୍ରତି ତାଙ୍କର ଭକ୍ତି, ତ୍ୟାଗ ଓ ସମର୍ପଣକୁ ପ୍ରକାଶ କରନ୍ତି । ଦଣ୍ଡନାଟ ଅର୍ଥ ହେଲା ତପସ୍ୟା ସହିତ ନୃତ୍ୟ ଓ ବାଦ୍ୟର ବିଶିଷ୍ଟ ସଂଯୋଗ । ଦଣ୍ଡନାଟ ଚୈତ୍ର ମାସରେ ଆୟୋଜିତ ହୋଇଥାଏ । ଦଣ୍ଡ ନାଟ କେବଳ ଏକ ନାଟକ ନୁହେଁ, ଏହା ଜନସାଧାରଣଙ୍କ ଧାର୍ମିକ ଆସ୍ଥା, ଶିବଭକ୍ତି ଓ ତପସ୍ୟାର ପ୍ରତୀକ । ଏହି ନାଟ ଗ୍ରାମ ଓ ସମାଜକୁ ଏକତାର ସୂତ୍ରରେ ବାନ୍ଧିରଖେ । ଏହାରି ମାଧ୍ୟମରେ ସଂସ୍କୃତି, ନୀତି ଓ ଧାର୍ମିକ ସାମାଜିକ ଜୀବନର ଏକ ଅଂଶ ପ୍ରକାଶ ପାଏ । ଏହା ଲୋକମାନଙ୍କ ମନୋରଞ୍ଜନ ସହ ଭକ୍ତିର ଏକ ଦୃଢ଼ ରୂପ ।

ଦଣ୍ଡନାଟ ଓଡ଼ିଶା ଲୋକ ସଂସ୍କୃତିର ଅବିଭାଜ୍ୟ ଅଂଶ । ଏହା ଭକ୍ତି ତ୍ୟାଗ ଓ ଧାର୍ମିକ ଶୃଙ୍ଖଳାର ଜୀବନ୍ତ ପ୍ରତୀକ । ଏହି ନାଟକ ମାଧ୍ୟମରେ ମାନବ ଜୀବନର ନୀତି, ସହିଷ୍ଣୁତା ଓ ଶାନ୍ତିର ବାର୍ତ୍ତା ପ୍ରଚାର ପାଏ । ଦଣ୍ଡନାଚର ରସାୟନ କୁହାଗଲେ ଏହାର ଅର୍ଥ ହେଉଛି - ଦଣ୍ଡନାଚର ଅନ୍ତର୍ନିହିତ ଶୈଳୀ ଭାବ, ଶକ୍ତି ଓ ସାମାଜିକ ଆଧ୍ୟାତ୍ମିକ ମୂଲ୍ୟର ଗଭୀର ସମ୍ମିଶ୍ରଣକୁ ବୁଝାଏ। ଦଣ୍ଡନାଚ କେବଳ ଏକ ନୃତ୍ୟ ନୁହେଁ ଏହା ଶରୀର, ମନ ଓ ଆତ୍ମାର ଏକ ଅଲୌକିକ ମିଳନ । ଏହାରି ଗର୍ଭରେ ଆଧ୍ୟାତ୍ମିକ ରସାୟନ, ସାମାଜିକ ରସାୟନ, ଶାରୀରିକ ରସାୟନ, ସାଂସ୍କୃତିକ ରସାୟନ,ରସ ଓ ଭାବର ରସାୟନ ନିହିତ। ଏହି ସବୁ ରସାୟନ ସହିତ ମାନବ ଜୀବନ ଏକାକାର ହୋଇଯାଏ । ଦଣ୍ଡ ନାଚ ହେଉଛି ଦେହରେ ତପସ୍ୟା, ମନରେ ଭକ୍ତି ଓ ଆତ୍ମାରେ ଶିବର ସାକ୍ଷାତକାର। ଏହି ଅନ୍ତର୍ନିହିତ ରସାୟନ ହିଁ ଏହାର ଅସଲ ସୌନ୍ଦର୍ଯ୍ୟ ।

ଏଥିରେ ଅନେକ ପାତ୍ରପାତ୍ରୀ ବା ଚରିତ୍ର ରହିଥାନ୍ତି । ଯଥା - ଶିବ-ପାର୍ବତୀ, ଚଢ଼େୟା-ଚଢ଼େୟାଣୀ, କେଳା-କେଳୁଣୀ, ପତ୍ରସଉରା - ସଉରାଣୀ, ବୀଣାକାର- କାରୁଆଣୀ। ଏସବୁ ଚରିତ୍ର ମାଧ୍ୟମରେ ଶୃଙ୍ଗାର, ହାସ୍ୟ, କରୁଣ ଓ ବୀର ପ୍ରଭୃତିରସର ପ୍ରୟୋଗ ଦେଖିବାକୁ ମିଳେ ।

ISSN NO.
2582-208X

ଚଢ଼େୟା-ଚଢ଼େୟାଣୀ ନୃତ୍ୟାଭିନୟ ପ୍ରସଙ୍ଗରେ ବୀର, କରୁଣ ରସାଦିର ପ୍ରୟୋଗ ଦୃଷ୍ଟି ଗୋଚର ହୁଏ । ଚଢ଼େୟା ପୂର୍ବ ଜନ୍ମରେ ଥିଲା ଦେବରାଜ ଇନ୍ଦ୍ରଙ୍କ ପୁତ୍ର ଗନ୍ଧର୍ବସେନ । ଅଭିଶାପ ଯୋଗୁଁ ମର୍ତ୍ତ୍ୟରେ ନୀଚ କୁଳରେ ତାହାର ଜନ୍ମ । ସେ ପରିବାର ପୋଷଣାର୍ଥେ ପଶୁପକ୍ଷୀ ଶିକାର କରି ବିକ୍ରୟ କରେ। ଚଢ଼େୟା ନୀଚ କୁଳରେ ଜାତ ହେଲେ ହେଁ ତାର ଶରୀର ଗଠନ ଏବଂ କର୍ମ ବୀର ସଦୃଶ । ଶିକାରଯେ କାପୁରୁଷ ଦ୍ୱାରା ଅସମ୍ଭବ ସେ ବୀର ହେତୁ ପଶୁ ପକ୍ଷୀ ପ୍ରଭୃତି ଶିକାର ଉଦ୍ଦେଶ୍ୟରେ ହସ୍ତରେ ଅଠାକାଣ୍ଡିଆ ,ପକ୍ଷୀମରା ଫାଶ ଆଦି ଧାରଣ କରି ବନକୁ ଗମନେ କରେ । ବୃହତ୍ କାମନା ଦଣ୍ଡ ପୁରାଣରେ ବର୍ଣ୍ଣିତ ଅଛି ଯେ –

ଚଢ଼େୟା – "ପକ୍ଷୀ ମାରିବା ପାଇଁକି ହୋଇ ତରତର
ନଳ ହସ୍ତେ ଧରି ଆସେ ଚଢ଼େୟା ବୀର
ନାମ ମୋ ଗନ୍ଧର୍ବ ସେନ
ଇନ୍ଦ୍ର ଦେବଙ୍କ ନନ୍ଦନ
ଶାପେ ନୀଚକୁଳେ ହେଲା ଜନମ ମୋର
ଅଠାକାଣ୍ଡିଆ ହସ୍ତରେ ପକ୍ଷୀମରା ଫାଶକରେ
ପକ୍ଷୀ ମାରିବାକୁ ବନେ ହେଲି ବାହାର
ନାନା ଜାତି ପକ୍ଷୀମାରି
ବଜାରରେ ବିକ୍ରିକରି
ବଞ୍ଚୁଛି ବଞ୍ଚାଇକରି ମୋ ପରିବାର"

ଏହି ପ୍ରସଙ୍ଗରେ ବୀରରସର ଏକ ନିଖୁଣ ଚିତ୍ର ଦେଖିବାକୁ ମିଳେ।

ଚଢ଼େୟାଣୀର ବାରଣ ସତ୍ୱେ ଚଢ଼େୟା ଶିବଙ୍କ ଅତିପ୍ରିୟ ପକ୍ଷୀ ମାରିବାକୁ ବୃକ୍ଷରେ ଚଢ଼ିବାରୁ ବୃକ୍ଷରୁ ପତିତ ହୋଇ ମୃତ୍ୟୁ ବରଣ କରିଛି । ଏହି ମୃତ୍ୟୁରେ ଚଢ଼େୟାଣୀର ଶୋକ ପ୍ରକାଶ ହୋଇଛି ଯାହା ଚଢ଼େୟା ଚଢ଼େୟାଣୀ ସୁଆଙ୍ଗ ରେ କରୁଣ ରସ ସୃଷ୍ଟି କରେ । ଯଥା –

ଚଢ଼େୟାଣୀ – "ଚଢ଼େୟାଣୀ କାନ୍ଦେ ଅତି ବିକଳ ହୋଇଣ
କେଣେ ଛାଡ଼ିଗଲ ଆହେ ପ୍ରାଣଧନ
ଏହା କରିଯେ
ତୁମ୍ଭ ବିନେ ବଞ୍ଚିବି କିପରି ଯେ । " (୧)

ISSN NO.
2582-208X

"ଯେତେ ମନାକଲି ମୋର ମନା ନ ମାନିଲ
ଶିବଙ୍କର ପ୍ରିୟ ପକ୍ଷୀ ବିନାଶ କରିଲ
କାନ୍ତ ମୋର ହେ
ଛାଡ଼ିକରି ଗଲ ସାତ ପର ହେ ।" (୨)

ଓଡ଼ିଶାର ଲୋକ ଜୀବନ, ଏହାର ଆନନ୍ଦ, ଭକ୍ତି ଓ ଆସ୍ଥା ଭାବନାର ଜୀବନ୍ତ ପ୍ରତୀକ ହେଉଛି ଦଣ୍ଡନାଚ । ଏହି ନାଚ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ। ଏହା ଓଡ଼ିଆ ଲୋକ ସଂସ୍କୃତିର ଗଭୀର ଅନୁଭୂତି ଓ ନୈତିକତାର ଚିତ୍ରଣ ଅଟେ । ଦଣ୍ଡନାଚର ରସାୟନ ମଧ୍ୟରେ ଦୁଇଜଣ ଅବିଚ୍ଛିନ୍ନ ସଂଗୀ ବୀଣାକାର ଓ କାରୁଆଣୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି।

ବୀଣାକାର ଯିଏ ସଙ୍ଗୀତ ଓ କଥା ମାଧ୍ୟମରେ ଦଣ୍ଡନାଚକୁ ପ୍ରାଣ ଦେଇଥାନ୍ତି । ସୁଲଳିତ କଣ୍ଠରେ ସଙ୍ଗୀତ ଗାନ ଓ ଅଭିନବ ଭଙ୍ଗୀରେ ନୃତ୍ୟ ପରିବେଷଣ କରି ଦର୍ଶକ ମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି । ତାଙ୍କ ସଙ୍ଗୀତରେ ରହେ ଭକ୍ତିର ରସ, ଲୋକ ଜୀବନର ସୁଖ ଦୁଃଖ ଓ ଆଧ୍ୟାତ୍ମିକ ଭାବନା। ବୀଣାକାର ହେଉଛନ୍ତି ଦଣ୍ଡନାଚର କଥାକାର । ଯେଉଁଠି ଲୋକକଥା,ପୁରାଣ ଓ ନୀତିବୋଧ ଏକତ୍ର ହୋଇ ନେଇଆସେ ନୂତନ ଅର୍ଥ ।

ଅନ୍ୟପଟେ କାରୁଆଣୀ ହେଉଛନ୍ତି ନାଟ୍ୟର ହୃଦୟ । ତାଙ୍କର ହାସ୍ୟ ବଦନ ଓ ସଙ୍ଗୀତାଭିନୟ ନୃତ୍ୟ ପରିବେଷଣ ଦଣ୍ଡନାଚକୁ କରେ ଜୀବନ୍ତ। ସେ କେତେବେଳେ ଦର୍ଶକ ମାନଙ୍କୁ ହସାନ୍ତି ତ ପୁଣି ଆଉ କେତେବେଳେ ଗମ୍ଭୀର କରି ଦିଅନ୍ତି ।

ବୀଣାକାର ଓ କାରୁଆଣୀ ପରସ୍ପର ପ୍ରଶ୍ନୋତ୍ତର ଶୈଳୀରେ ପରିବେଷଣ କରନ୍ତି ପୁରାଣର ତତ୍ତ୍ୱକଥା ଲୋକ ସମାଜରେ ଗୁରୁଙ୍କ ଭୂମିକା ଏବଂ ଅନ୍ୟାନ୍ୟ ସାମାଜିକ ପ୍ରସଙ୍ଗ। କାରୁଆଣୀଙ୍କ ସଂଶୟ ଦୂରୀକରଣ ନିମନ୍ତେ ତାଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତି ବୀଣାକାର । ପ୍ରାରମ୍ଭରେ - ବୀଣାକାରଙ୍କ ହସ୍ତରେ ଥିବା ବୀଣା, ବୀଣାର ଜନ୍ମ ବୃତ୍ତାନ୍ତ, ସେ କେଉଁଠାରୁ ଓ କିପରି ଏହା ପ୍ରାପ୍ତ କଲେ ? ଏବଂ ମସ୍ତକରେ ଧାରଣକରିଥିବା ପଗଡ଼ି କିଏ ପ୍ରଦାନ କରିଛନ୍ତି ? କାରୁଆଣୀଙ୍କ ଏ ପ୍ରଶ୍ନ ଗୁଡ଼ିକର ଉତ୍ତର ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି ଜ୍ଞାନୀ ବୀଣାକାର । ଯଥା -

ISSN NO.
2582-208X

କାରୁଆଣୀ- " ଯେ ବୀଣାଧରି କରୁଛ ଗାୟନ
ବୀଣାଦଣ୍ଡ କାହୁଁ ହେଲା ଜନମ
ବୁଝାଇ କୁହ ପରାଣ ଧନ
ଶୁଣିଲେ ସନ୍ଦେହ ମନରୁ ଯିବ
ଶୁଣିବେ ଗୁଣିକ ଜନ
ବିଳମ୍ବ ନକରି କହିବ ବିଚାରି
ପଦେ କରେ ନିବେଦନ " (୧)

ବୀଣାକାର - "ମହାଗାୟତ୍ରୀ ଯାଗ ବେଦବର
କରିଥିଲେ ସ୍ୱୟଂ ସତ୍ୟ ଯୁଗର
ଯେ ଯାଗୁ ବାଉଁଶ ଗଛ ଜନ୍ମିଲା
ବୀଣାଦଣ୍ଡ ତହିଁ ନିର୍ମାଣ ହେଲା
ତେତେ କହୁଛି ବୁଝାଇ
ଅଠତିରିଶି ଆଙ୍ଗୁଳି ଲମ୍ବ ଅଟେ ଏହା
ବତିଶ ଘାଗୁଡ଼ି ତହିଁ ।" (୨)

ଏହାପରେ ବୀଣାକାର ଉତ୍ତରରେ କହିଛନ୍ତି 'ବୀଣା' ଈଶ୍ୱର ବା ମହାଦେବ ପ୍ରଦାନ କରିଛନ୍ତି, 'ବେତ' ମାତା ପାର୍ବତୀ ଏବଂ 'ପଗଡ଼ି'ଦେଇଛନ୍ତି ବେଦବର ବ୍ରହ୍ମା।

ବୀଣାକାର - "ବୀଣାଗୋଟି ମୋତେ ଦେଲେ ଈଶ୍ୱର
ପଗଡ଼ି ଦେଲେ ନିଜେ ବେଦବର
ପାର୍ବତୀ ବେତଛନ୍ତି ମୋତେ ଦେଇ
ନୃତ୍ୟ କରୁଛି ତାଙ୍କ ନାମ ଗାଇ
ଶୁଣରେ ନବ ନାଗରୀ
ଆଉ କି ସନ୍ଦେହ ମନରେ ଅଛଇ
ପଚାର ଭୟ ନକରି"। (୩)

ଏସବୁ ପରେ ତାଙ୍କ ମଧ୍ୟରେ ବ୍ରହ୍ମଜ୍ଞାନ ପ୍ରଶ୍ନୋତ୍ତର ପ୍ରସଙ୍ଗରେ ଆଲୋଚନା ହେଇଛି । ସେ ଗୁରୁ ରୂପରେ ସବୁକିଛି କାରୁଆଣୀଙ୍କୁ ବୁଝାଇବି ବୋଲି କହିଛନ୍ତି। ଗୁରୁ କହିବାରୁ ସେ ଗୁରୁ କେତେ ପ୍ରକାରର ? 'ଗୁରୁ' ଏହି ଦୁଇ ଅକ୍ଷରର ଅର୍ଥ କଣ? ବୀଣାକାର ଉତ୍ତର ରଖିଛନ୍ତି

ISSN NO.
2582-208X

ଗୁରୁ ହେଉଛନ୍ତି ପାଞ୍ଚ ପ୍ରକାରର ଯଥା - ପିତାଗୁରୁ, ମାତାଗୁରୁ ଶିକ୍ଷାଗୁରୁ, କର୍ଣ୍ଣଗୁରୁ ଏବଂ ଦୀକ୍ଷାଗୁରୁ। ଏହି ଗୁରୁ ବା ଗୁରୁ ଶବ୍ଦର ଅର୍ଥ ହେଉଛି ବ୍ରହ୍ମ।

ବୀଣାକାର - "ପିତା,ମାତା ଶିକ୍ଷା ଗୁରୁ ଏ ତିନି
କର୍ଣ୍ଣ, ଦୀକ୍ଷା ପଞ୍ଚ ଗୁରୁ ବଖାଣି
ଗୁଣାତୀତ ଗୁରୁ ପ୍ରକାଶ
ମନ ଦେଇ ଶୁଣ ନାରୀଶ
କହିଲି ତତେ ବୁଝାଇ
ପାଞ୍ଚପ୍ରକାର ଗୁରୁ ସଂସାରର
ଗୁରୁ ଯେହି ବ୍ରହ୍ମ ସେହି" ।। (୪)

ଉଭୟଙ୍କ ମଧ୍ୟରେ ଅଦୃଶ୍ୟ ସମନ୍ୱୟ ରହିଛି ବୀଣାକାର ରଚନା କରନ୍ତି ରସ ଓ କାରୁଆଣୀ ତାହାକୁ ଜୀବନ ଦେଇ ମଞ୍ଚରେ ଆଣନ୍ତି ସେମାନଙ୍କ ମଧ୍ୟରେ ଥିବା ସଂଗୀତ ଅଭିନୟ ପ୍ରଶ୍ନୋତ୍ତର ଶୈଳୀର ମେଳହିଁ ଦଣ୍ଡନାଚର ରସାୟନକୁ ସଫଳ କରେ।

ଦଣ୍ଡନାଚମାତ୍ର ଏକ ନାଟ୍ୟ ନୁହେଁ ଏହା ଓଡ଼ିଆ ଲୋକ ଜୀବନରେ ଗାନ, ଭକ୍ତି ଓ ସମାଜ ସଚେତନତାର ଅଭିବ୍ୟକ୍ତି । ଏହି ସମଗ୍ର ଯାତ୍ରାର ମୂଳସ୍ତମ୍ଭ ହେଉଛି ବୀଣାକାର ଓ କାରୁଆଣୀ । ଉଭୟେ ଦଣ୍ଡନାଚକୁ ଜୀବନ, ହାସ୍ୟ ଓ ଆଧ୍ୟାତ୍ମିକ ରସରେ ପରିପୂର୍ଣ୍ଣ କରନ୍ତି ।

(((-)))

ଯୋଗାଯୋଗ ନମ୍ବର 7605987676

ISSN NO.
2582-208X

# ପ୍ରକୃତିର ଡାକ



ଗାୟତ୍ରୀ ସାହୁ

ସୃଷ୍ଟି କର୍ତ୍ତାଙ୍କର ସର୍ଜନା ଭିତରେ
ପ୍ରକୃତି ଯେ ମନୋହର,
ମାନବର ସେବା ସର୍ବଦା କରଇ
କରି ସତେ ଆପଣାର ।।

ଅରଣ୍ୟ, ତଟିନୀ ପକ୍ଷୀର କାକଳି
ଶୋଭା କେଡେ ମନୋହର,
ପଞ୍ଚଭୂତେ ତା'ର ଗଢ଼ା ଏ ଶରୀର
ଜାଣି, କରୁ ହତାଦର।।

ଘନ ବନରାଜି ଶୋଭେ ତା ଦେହରେ
ଦେଉଥାଏ ଅମ୍ଳଜାନ,
ଭୁଲିଯାଇ ତା'ର ତ୍ୟାଗ ସବୁ ଯେତେ
କରୁଅଛୁ ପ୍ରଦୂଷଣ।।

ନିଜ ସ୍ୱାର୍ଥ ପାଇଁ ପ୍ରକୃତି ନାଶିଲୁ
ପ୍ରକୃତି ପାଉଛି କଷ୍ଟ,
ନିଜ କର୍ମଫଳ ଭବିଷ୍ୟେ ପାଇବୁ
ଜୀବନ ହୋଇବ ନଷ୍ଟ। ।

ISSN NO.
2582-208X

ଦୁର୍ଭିକ୍ଷ ମରୁଡି ଆସିବ ଯେ ମାଡ଼ି
ଶୁଭୁଥିବ ରକ୍ଷାକର,
ପ୍ରକୃତି ମାତାକୁ ପାଇବନି କେବେ
ପୂଜିଲେ ଶିଳା ଠାକୁର।।

ବୃକ୍ଷରାଜି ବିନା ବର୍ଷାର ଅଭାବ
ମିଳିବନି ଅମ୍ଳଜାନ,
ଭୋକରେ ଆଉଟୁ ପାଉଟୁ ସରବେ
ହୋଇବେ ସକଳ ଜନ ।।

ପ୍ରକୃତି ମାତା ମୋ ଡାକ ଦେଉଅଛି
ନଷ୍ଟ କର ନାହିଁ ମୋତେ,
ବିନାଶର ଫଳ ନିଶ୍ଚେ ତୁ ପାଇବୁ
ଏବେ ନୁହେଁ, ଭବିଷ୍ୟତେ ।।

ଗଛ କାଟ ନାହିଁ ଜଳ ଫିଙ୍ଗ ନାହିଁ
ଅତ୍ୟାଚାର ବନ୍ଦକର,
ପ୍ରକୃତି ମାତାର ଡାକ ତୁ ଶୁଣିଲେ
ଧରିତ୍ରୀ ହେବ ଉଦ୍ଧାର।

(((-)))

+୩ ପ୍ରଥମ ବର୍ଷ,ପଦାର୍ଥ ବିଜ୍ଞାନ ବିଭାଗ
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ

ISSN NO.
2582-208X

# ବଣ୍ଡା ଜନଜାତି ଓ ସଲପଗଛର ସମ୍ପର୍କ: ଏକ ଆଲେଖ୍ୟ



ଯୁଗୀରାମ ପୁଟେଲ

ପ୍ରବନ୍ଧର ଆରମ୍ଭ ଏକ କବିତା ପଂକ୍ତିରୁ-

ପାହାଡ଼ର ସନ୍ତାନ ସିଏ, ପ୍ରକୃତିର ଅନନ୍ୟଦାନ
ଆଦିବାସୀ ଜୀବନେ ସଲପ ସାଜେ ପରିଚୟମାନ
ସେ କେବଳ ଏକ ବୃକ୍ଷ ନୁହେଁ; ପୁରୁଷ ପୁରୁଷର ସାଥୀ
ଯାହାର ଛାଇରେ ସୁରକ୍ଷିତ ରୁହେ ଆଦିମ ଜନଜାତି ସଂସ୍କୃତି ।

ସେମାନେ ପ୍ରକୃତିର ସନ୍ତାନ। ପାହାଡ଼ ତାଙ୍କର ଘର, ଝରଣା ତାଙ୍କର ଗୀତ। ମାଟି ସହିତ ମିଶିଛି ତାଙ୍କର ଶ୍ୱାସ-ପ୍ରଶ୍ୱାସ । ସହରର ଚାକଚକ୍ୟ ନାହିଁ, କି ଆରମ୍ବର୍ପୂର୍ଣ୍ଣ ଘର ନାହିଁ; ମାତ୍ର ହୃଦୟରେ ସନ୍ତୋଷ ଅଛି। ମାଟିରଘରେ ଆତ୍ମୀୟତା ସହିତ ରହିବାର ଆନନ୍ଦ ଅଛି। ସାଧାରଣ ଆହାର ଓ ମୃଦୁ ଆଶ୍ରୟ, ତଥାପି ସନ୍ତୋଷରେ ଭରିଯାଏ ତାଙ୍କର ଜୀବନ। ଶ୍ରମ ହେଉଚି ତାଙ୍କର ଦୈନନ୍ଦିନ ପୂଜା। ପରମ୍ପରା ହେଉଚି ତାଙ୍କର ଧର୍ମ। ଢୋଲର ତାଳେତାଳେ, ପର୍ବର ରଙ୍ଗେରଙ୍ଗେ ସେମାନେ ଜୀବନକୁ ଉପଭୋଗ କରିଥାନ୍ତି। ସଭ୍ୟତାର ଦୌଡ଼ରେ ସେମାନେ ପଛରେ ଥିଲେହେଁ; ସରଳତା ଓ ସଂସ୍କୃତି ସେମାନଙ୍କର ପରିଚୟ ସାଜିଛି । ପରମ୍ପରା ସୂତ୍ରେ ବନ୍ଧାହୋଇଛି ସେମାନଙ୍କର ଜୀବନ। ଧନ-ସମ୍ପଦର ମୋହନାହିଁ, କି ଭୋଗ-ବିଲାସର ଆକାଙ୍କ୍ଷା ନାହିଁ। ଶ୍ରମ, ସମୂହଚେତନା ଓ ପରମ୍ପରା ପ୍ରତି ଅତୁଟ ନିଷ୍ଠା ହିଁ ତାଙ୍କର ପ୍ରକୃତ ସମ୍ପଦ। ସମୟର ସ୍ରୋତ ବହୁଦୂରକୁ ଗତି କରିଥିଲେହେଁ, ସେମାନେ ଆଜି ପର୍ଯ୍ୟନ୍ତ ନିଜର ମୂଳଉତ୍ସକୁ ତ୍ୟାଗ କରିପାରିନାହାନ୍ତି। ସରଳତା,

ISSN NO.
2582-208X

ସହଯୋଗିତା ଓ ପ୍ରକୃତି ଉପରେ ନିର୍ଭର କରି ବଣ୍ଡାମାନେ ଆଜି ମଧ୍ୟ ନିଜର ପ୍ରାଚୀନ ପରମ୍ପରା ଓ ଐତିହ୍ୟକୁ ବଜାଇ ରଖି ପାରିଛନ୍ତି ।

ଏହି ବଣ୍ଡା ଜନଜାତି ଓଡିଶାର ତେର ଆଦିମ ଅଧିବାସୀ ମଧ୍ୟରୁ ଅନ୍ୟତମ। ଏମାନେ ମାଲକାନଗିରି ଜିଲ୍ଲାର ଖଇର୍‌ପୁଟ୍ ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ତହସିଲର ପାଞ୍ଚଟି ପଞ୍ଚାୟତରେ ବସବାସ କରିଥାନ୍ତି। ସରଳ ଜୀବନ, ପ୍ରକୃତିପ୍ରେମ ଓ ସ୍ୱତନ୍ତ୍ର ସଂସ୍କୃତି ପାଇଁ ବଣ୍ଡା ଜନଜାତି ସମଗ୍ର ଓଡିଶାରେ ପରିଚିତ। ବଣ୍ଡା ଅଞ୍ଚଳକୁ 'ବାରାଜଙ୍ଗର'ର ଦେଶବୋଲି କୁହାଯାଇଥାଏ । ବାରଜଙ୍ଗର ଅର୍ଥ ହେଲା-ବଣ୍ଡାଘାଟିରେ ରହୁଥିବା ମୁଖ୍ୟ ବାରଟି ଗ୍ରାମର ସମଷ୍ଟି । ଏହି ବାରଟି ଗାଁ କ୍ରମେ ବୃଦ୍ଧି ପାଇଁ ୩୪ଟି ଗ୍ରାମରେ ପରିଣତ ହେଲାଣି । ଏହି ଗ୍ରାମଗୁଡ଼ିକ ମଧ୍ୟରେରହିଛି ମୁଦୁଲିପଡ଼ା, କିର୍ସାନିପଡ଼ା, ପିଣ୍ଡାଜାଙ୍ଗର, ବଡ଼ବେଲ୍, ଡୁମୁରିପଡ଼ା, ଆଣ୍ଡ୍ରାହାଲ୍, ବରଗୁଡ଼ା, ବଡ଼ପଡ଼ା, ବାଉଁଶପଡ଼ା, ଚାଲାନ୍‌ପଡ଼ା ଆଦି ପ୍ରମୁଖ । ପ୍ରୋକ୍ତ ବଣ୍ଡାମାନଙ୍କ ସହିତ ସଲପଗଛର ରହିଛି କ୍ଷୀରନୀରର ସମ୍ପର୍କ । ଏହି ଗଛର ରସ ପୋଷଣଯୁକ୍ତ ଓ ନିଶାଦାୟକ; ତେଣୁ ଏହାକୁ ପାନକରି ବଣ୍ଡାମାନେ ମାତାଲ୍ ହୋଇଥାଆନ୍ତି। ଉକ୍ତ ପାନୀୟ ବା ମଦ ସେମାନଙ୍କର ଜୀବନ ପ୍ରଣାଳୀ ସହିତ ଓତପ୍ରୋତ ଭାବରେ ଜଡ଼ିତ। ବାହାଘର ସମୟରେ ହେଉ, ପର୍ବପର୍ବାଣୀ ସମୟରେ ହେଉ, ଜରିବନା ସମୟରେ ହେଉ ବା ଭୂତପ୍ରେତକୁ ସନ୍ତୁଷ୍ଟ କରିବା ପାଇଁ ହେଉ, ସବୁଠି ସଲପର ଆବଶ୍ୟକତା ରହିଛି। ଏହି ସଲପ ସେମାନଙ୍କ ସାମାଜିକ ଜୀବନଠାରୁ ଆରମ୍ଭ କରି ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଗୁରୁତ୍ୱଲାଭ କରିଛି। ଛୁଆ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ନବାଗତ ଅତିଥି ଚର୍ଚ୍ଚାଠାରୁ ବିଦାୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଏହାର ଭୂମିକାକୁ ଲକ୍ଷ୍ୟ କରାଯାଇପାରିବ। ପ୍ରୋକ୍ତ ଗଛ ସହିତ ବଣ୍ଡା ଆଦିବାସୀମାନଙ୍କର ସମ୍ପର୍କକୁ ନିରୂପଣ କରି ପ୍ରଖ୍ୟାତ ଲେଖିକା ପ୍ରତିଭା ରାୟ ତାଙ୍କର 'ଆଦିଭୂମି'(୧୯୯୩ )ଉପନ୍ୟାସରେ କହିଛନ୍ତି: "ସଲପ ନିଶାବଣ୍ଡାଙ୍କ ଜୀବନ। ସଲପ ରସବଣ୍ଡାଙ୍କ ମରଣ। ସଲପ ରସ ପିଇ ବଣ୍ଡା ତାକତ୍ ପାଏ, ସଲପ ରସ ପିଇ ବଣ୍ଡା ମାତାଲ ହୁଏ। କଥା କଥାକେ ରାଗେ, ମଣିଷ ମାରେ, ସଲପଗଛର ମାଲିକାନାକୁ ନେଇ। ସଲପ ରସ ଭାଗବଣ୍ଟା ପାଇଁ ବଣ୍ଡା ଦେଶରେ ବିନ୍ଧାବିନ୍ଧି, ମରାମରି, ପୋଲିସ ଥାନା, ଜେଲ୍ ହାଜତ। ତଥାପି ବଣ୍ଡା ସହ ସଲପଗଛର ସମ୍ପର୍କ, ଫୁଲ-ନାଡ଼ର ସମ୍ପର୍କ, ଜନ୍ମ ଜନ୍ମାନ୍ତରର ସମ୍ପର୍କ। ସେ ସମ୍ପର୍କ ଆଜିର ନୁହେଁ; ଧରତନୀ ମା ବଣ୍ଡାଜାତିକୁ ଜନ୍ମଦେବା କାଳରୁ ରହିଛି।"

ISSN NO.
2582-208X

ଏହି ସଲପଗଛ ସହିତ ବଣ୍ଡାଯୁବକ ଜନ୍ମରୁ ହିଁ ଜଡ଼ିତ ହୋଇ ରହିଥାଏ। ଯେତେବେଳେ ଗୋଟିଏ ବଣ୍ଡାଶିଶୁ ଜନ୍ମ ହୁଏ; ସେତେବେଳେ ତା'ର ନାମରେ ଗୋଟିଏ ସଲପଗଛ ରୁଆ ହୋଇଥାଏ। ଏହା ବଣ୍ଡା ଆଦିବାସୀମାନଙ୍କରଏକ ପ୍ରଥା। ତେଣୁ ବଣ୍ଡା ପାହାଡ଼ରେ ସଲପଗଛ ମା'ଠାରୁ ମଧ୍ୟ ଅଧିକ ଦରକାରୀ ହୋଇପଡ଼େ । କାରଣ ବଣ୍ଡାପିଲା ମା'କ୍ଷୀର ଛଅମାସ ଖାଇଥାଏ, ମାତ୍ର ସଲପ ରସ ପିଇଥାଏ ଆଜୀବନ । ବଣ୍ଡାଶିଶୁ ଜନ୍ମ ହେବାର କିଛି ମାସପରେ ସଲପ ପିଇବା ଆରମ୍ଭ କରିବ ଯେ ମୃତ୍ୟୁ ପର୍ଯ୍ୟନ୍ତ । ତେଣୁ କୁହାଯାଏ- ବଣ୍ଡା ପାହାଡ଼ରେ ଭାରିଯା ଜନମମରଣ ସାଥୀ ନୁହେଁ; ସଲପଗଛ ଜୀବନମରଣ ସାଥୀ । ବଣ୍ଡାପାହାଡ଼ରେ ବଣ୍ଡାଯୁବକ ଆଠ/ନଅ ବର୍ଷରେ ଧାଙ୍ଗଡ଼ା ହୋଇଯାଏ; ମାତ୍ର ମଣିଷ ହେବା ପାଇଁ ସଲପଗଛ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଯେଉଁଦିନ ସେ ସଲପଗଛ ଉପରୁ ସଲପ ହାଣ୍ଡି ନିର୍ବିଘ୍ନରେ ଓହ୍ଲାଇ ପାରେ, ସେହିଦିନ ସେ ବଣ୍ଡା ପାହାଡ଼ରେ ମଣିଷ ଭାବରେ ଗଣା ହୋଇଥାଏ; ଏବଂ ଏହା ତା' ଜୀବନର ପ୍ରଥମ ପରୀକ୍ଷା ମଧ୍ୟ । ପୁନଶ୍ଚ, ଗୋଟିଏ ବଣ୍ଡାଯୁବକ ପାଖରେ ଦୁଇଟି ଜିନିଷ ହିଁ ମୂଲ୍ୟବାନ ହୋଇଥାଏ। ଗୋଟିଏ ସେଲାନି ବା ନାରୀ, ଅନ୍ୟଟି ସଲପଗଛ। ସେ ସଂସାରର ସମସ୍ତ ଦ୍ରବ୍ୟକୁ ବନ୍ଧକ ରଖିଦେଇପାରେ;ମାତ୍ର ସେଲାନି ଓ ସଲପଗଛକୁ ସେତେ ଆବଶ୍ୟକ ନହେଲେ ବନ୍ଧକ ପକାଏ ନାହିଁ। କାରଣ ସେ ଜାଣିଛି ଏ ଦୁଇଟିକୁ ବନ୍ଧକ ପକାଇବମାନେ ଆଉ ଫେରିଆସିବ ନାହିଁ। ଏହି ସଲପ ହିଁ ତାର ଜୀବନ, ଏହି ସଲପ ହିଁ ତା'ର ମରଣ । ଏହି ସଲପର ମାଲିକାନା ପାଇଁ ସେ କାହାର ଜୀବନ ନେଇପାରେ ଏବଂ ଆବଶ୍ୟକ ସମୟରେ ନିଜର ଜୀବନ ଦେଇପାରେ ।

ତେଣୁ ଏହି ସଲପଗଛ ସେମାନଙ୍କର ଅତି ପ୍ରିୟ। ସେମାନେ ଏହାକୁ ପୂଜା ମଧ୍ୟ କରିଥାନ୍ତି। ଏହା କେବଳ ଶୀତଦିନରେ ହିଁ ମିଳିଥାଏ । କୁହାଯାଏ, ବଣ୍ଡା ସମ୍ପ୍ରଦାୟରେ ଯାହାର ଯେତେ ସଲପ୍ ଗଛ, ସେ ସେତେ ଧନୀ। ତେଣୁ ଅଧିକାଂଶ ବଣ୍ଡା ନିଜ ଗୃହ ସମ୍ମୁଖରେ ସଲପ୍ ଗଛ ଲଗାଇଥାନ୍ତି। ଏହି ସଲପ୍ ଗଛ ଲଗାଇବା ବେଳେ ଏବଂ ପ୍ରଥମ ରସସଂଗ୍ରହ ବେଳେ ବିବିଧ ପୂଜାପାଠ କରୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥାଏ । ସଲପ ଗଛରୁ ସଲପ ରସ ସଂଗ୍ରହ କରି ତାହାକୁ ମାଟିହାଣ୍ଡିରେ ଗରମ କରି ସଲପ୍ ପ୍ରସ୍ତୁତ କରାଯାଇଥାଏ। ତାହାକୁ ଅଧିକ ନିଶାଯୁକ୍ତ କରିବା ପାଇଁ ସେଥିରେ ବିଭିନ୍ନ ଧରଣର ମଞ୍ଜି ଓ ପିତାଫଳ ମିଶ୍ରଣ କରାଯାଏ। ଏହି ସଲପ୍ ରସ ପାନକରି ବଣ୍ଡାମାନେ ବେଶ୍ ମସଗୁଲ୍‌ରେ ବୁଲିଥାନ୍ତି । ପୁନଶ୍ଚ ଏହି ସଲପ୍ ରସ କେବଳ ବଣ୍ଡା ପୁରୁଷମାନେ ପାନ

ISSN NO.
2582-208X

କରିଥାନ୍ତି ତାହା ନୁହେଁ; ବଣ୍ଡା ରମଣୀ ଓ ପିଲାମାନେ ମଧ୍ୟ ପାନ କରିଥିବା ଲକ୍ଷ୍ୟ କରାଯାଇଥାଏ।

ଏହି ସଲପ ଗଛ ତାଙ୍କର ଜୀବନଧାରଣ ସହିତ ଜଡ଼ିତ ତାହାନୁହେଁ; ବରଂ ଏହା ତାଙ୍କର ଆର୍ଥିକ ସମ୍ପଦ ମଧ୍ୟ । ଏହାର ରସକୁ ବିକ୍ରିକରି ସେ ଅର୍ଥ ଉପାର୍ଜନ କରିଥାଏ । ଏହା ସେମାନଙ୍କର ବଜାରର ଏକ ମୁଖ୍ୟ ବସ୍ତୁ । ଉକ୍ତ ଗଛଗୁଡ଼ିକ ବ୍ୟକ୍ତିଗତ ଭାବରେ ରୋପଣ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ତାହାର ମାଲିକାନା ପିତୃପୁରୁଷୀୟ ଭାବରେ ଉତ୍ତରାଧୀକାରୀକୁ ହସ୍ତାନ୍ତରୀତ କରାଯାଇଥାଏ ।

ସେହିପରି ଉକ୍ତ ସଲପ ରସ ବଣ୍ଡା ଆଦିବାସୀମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ମଧ୍ୟ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ । ସେମାନେ ପ୍ରୋକ୍ତ ରସକୁ ବିବାହ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନରେ ବ୍ୟବହାର କରିଥାଆନ୍ତି । ବଣ୍ଡା ଯୁବକ ଧାଙ୍ଗଡ଼ୀ ବସା ଯିବା ବେଳକୁ ସଲପ ନେଇ ସାଙ୍ଗରେ ଯାଇଥାଏ । ବିବାହ ସମୟରେ ସଲପ ମଦ ପିଆଇ ବିବାହ ସ୍ଥିର କରାଯାଇଥାଏ । ବରଯାତ୍ରୀକୁ ସଲପରସ ଉପହାର ଭାବରେ ଦିଆଯାଇଥାଏ। ଏହିପରି ତାଙ୍କର ପ୍ରତ୍ୟେକ ପର୍ବପର୍ବାଣୀରେ ସଲପ ରସର ଭୂମିକାକୁ ଲକ୍ଷ୍ୟ କରାଯାଇ ପାରିବ । 'ପାଟଖଣ୍ଡା ପର୍ବ' ସମୟରେ ପାଟଖଣ୍ଡା ମହାପ୍ରୁଙ୍କୁ ପାରା, ଛେଳି, କୁକୁଡ଼ା ବଳି ଦେବା ସହିତ ସଲପ ଦେଇ ସନ୍ତୁଷ୍ଟ କରାଯାଇଥାଏ । 'ଚଇତ ପରବ' ସମୟରେ ପ୍ରଥମ ତିନି ଦିନ ବଣ୍ଡା ଯୁବକ-ଯୁବତୀ ସଲପ ପିଇ ନୃତ୍ୟଗୀତରେ ମାତିଥାଆନ୍ତି । ତେଣୁ କୁହାଯାଏ ବଣ୍ଡାଟିଏ ଖୁସିରେ ସଲପ ପିଏ, ଦୁଃଖରେ ସଲପ ପିଏ । ଆରାମ ସମୟରେ ସଲପ ପିଏ ଓ କଠିନ ପରିଶ୍ରମ ପରେ ମଧ୍ୟ ସଲପ ପିଇ ମାତାଲ ହୋଇଥାଏ ।

ଅନୁରୂପ ଭାବେ ସଲପ ଗଛକୁ ନେଇ ଦୁଇଟି କିମ୍ବଦନ୍ତୀ ପ୍ରଚଳିତ ରହିଛି । ଗୋଟିଏ ହେଉଛି ସଲପ ଗଛର ରସ ସୃଷ୍ଟିକୁ ନେଇ, ଅନ୍ୟଟି ସଲପ ଗଛ ସହ ରାମାୟଣ ପ୍ରସଙ୍ଗ।

ପ୍ରଥମ ପ୍ରସଙ୍ଗ: ଏହା ସେହି ସମୟର କଥା ଯେତେବେଳେ ବଣ୍ଡା ଆଦିବାସୀ ଯାଯାବର ଜୀବନ ଅତିବାହିତ କରୁଥିଲା । ସେହି ସମୟରେ ସଲପ ଗଛରେ ରସ ସୃଷ୍ଟି ହେଉନଥିଲା। ଏକଦା ଆଦିମ ବଣ୍ଡା ଯୁବକ ଓ ଯୁବତୀ ବଣ, ଅରଣ୍ୟରେ ବୁଲୁଥିଲେ । ସେହି ସମୟରେ ବଣ୍ଡା ଯୁବତୀ ଗର୍ଭବତୀ ଥିଲା । ସେ ସଲପ ଗଛ ମୂଳରେ ନିଜର ଦୁଇଟି ସନ୍ତାନ ଜନ୍ମ କରିଛି । ଏହି ସମୟରେ ଏକ ହରିଣ ଆସିବାରୁ ବଣ୍ଡା ଯୁବକ ହରିଣର

ISSN NO.
2582-208X

ଶିକାର ପାଇଁ ବାହାରି ପଡିଛି । ବହୁତ ସମୟ ହେବାପରେ ବଣ୍ଡା ଯୁବକ ନଆସିବାରୁ, ବଣ୍ଡା ଯୁବତୀ ନିଜର ଦୁଇ ଶିଶୁକୁ ସଲପ ଗଛ ମୂଳରେ ଶୁଆଇ ଦେଇ, ସେ ବଣ୍ଡା ଯୁବକର ସନ୍ଧାନରେ ବାହାରି ପଡ଼ିଛି । ସେ କିଛି ଦୂର ଗଲାପରେ ଦେଖିଛି, ବଣ୍ଡା ଯୁବକ ଏକୁଟିଆ ହରିଣ ଶିକାର କରି ଖାଉଅଛି । ବଣ୍ଡା ଯୁବତୀ ମଧ୍ୟ ସେ ହରିଣ ମାଂସ ଖାଇବାକୁ ଆରମ୍ଭ କଲା । ଦୁହେଁ ଭୁଲିଗଲେ ନିଜର ଜନ୍ମକଲା ସନ୍ତାନକୁ । ଅନ୍ୟପଟେ ନବଜାତ ସନ୍ତାନ ଭୋକରେ କାନ୍ଦିବାରୁ ସଲପ ଗଛର ହୃଦୟ ତରଳିବାକୁ ଲାଗିଛି । ତାହାର ମଧ୍ୟ ଗୋଟିଏ ହୃଦୟ ଅଛି, ଆତ୍ମା ଅଛି । ତେଣୁ ସେ ତା'ର ଚେର ସମୁଦ୍ର ପର୍ଯ୍ୟନ୍ତ ଲମ୍ବାଇ ଦେଇ, ସମୁଦ୍ରରୁ ପାଣି ଶୋଷି- ତାହାର ଶାଖା-ପ୍ରଶାଖାରୁ ସଲପ ରସ ନିଗାଡ଼ି ଦେଇଛି ଦୁଇଟି ପିଲାଙ୍କ ମୁଖରେ ।

ସେହିପରି ରାମାୟଣ ପ୍ରସଙ୍ଗରେ- ଏକଦା ପ୍ରଭୁ ରାମଚନ୍ଦ୍ର ଅରଣ୍ୟରେ ବୁଲୁଥିବା ସମୟରେ ତାଙ୍କୁ ଅଧିକା ଶୋଷ ଲାଗିଛି । ସେହି ସମୟରେ ସେ ଦେଖିଛନ୍ତି ପାଖର ଏକ ସଲପ ଗଛରୁ ରସ ବୋହିଯାଉଛି । ସେ ତାହାକୁ ପାନକରି ନିଜର ତୃଷ୍ଣା ନିବାରଣ କଲେ । ମାତ୍ର କିଛି ସମୟ ପରେ ସଲପ ନିଶାରେ ମାତା ସୀତାଙ୍କୁ ଭୁଲିଗଲେ । ପ୍ରଭୁ ରାମଚନ୍ଦ୍ର ଦୀର୍ଘ ସମୟ ଧରି ନଆସିବାରୁ ସେ ତାଙ୍କୁ ଖୋଜି ଖୋଜି ସେହି ସଲପ ଗଛ ମୂଳରେ ପହଞ୍ଚିଲେ; ଏବଂ ପ୍ରକୃତ ସତ୍ୟାସତ୍ୟ ଜାଣିପାରିବା ପରେ ସଲପ ଗଛକୁ ଅଭିଶାପ ଦେଲେ ଯେ 'ଆଜିଠାରୁ ସଲପ ରସ ଗଛ ଉପରୁ ଝରିବ । ଯିଏ ତାହାକୁ ପାନ କରିବାକୁ ଚାହିଁବ, ସେ ସଲପ ଗଛ ଚଢ଼ି ପାନକରିବ' ।

ଉପର୍ଯ୍ୟୁକ୍ତ ଦୁଇଟି ପ୍ରସଙ୍ଗରେ ସତ୍ୟତା ଅଛି ତାହା ତ ସୁଧୀପାଠକମାନେ ବିଚାର କରିବେ; ମାତ୍ର ସଲପ ଗଛ ସହିତ ବଣ୍ଡାର କେତେ ସମ୍ପର୍କ ତାହା ସ୍ପଷ୍ଟରୂପେ ଲକ୍ଷ୍ୟ କରିହୁଏ ।

ଅତଏବ ସଲପ ରସବଣ୍ଡାମାନଙ୍କ ଜୀବନର ଏକ ଅପରିହାର୍ଯ୍ୟ ଉପାଦାନ; ଯାହା ପ୍ରକୃତି, ପରମ୍ପରା ଓ ସମୁଦାୟକୁ ଏକତ୍ର ସୂତ୍ରରେ ଯୋଡ଼ିରଖିଛି । ଏହାର ଭୂମିକା କେବଳ ପାନୀୟରେ ସୀମିତ ନୁହେଁ; ସାଂସ୍କୃତିକ ପରିଚୟର ଏକ ପ୍ରତୀକ ରୂପେ ଗୃହୀତ । ଆଧୁନିକ ବିକାଶରେ ଏହି ପରମ୍ପରାକୁ ସଂରକ୍ଷଣ କରି ରଖିବା ନିତାନ୍ତ ଆବଶ୍ୟକ; ଯାହାଦ୍ୱାରା ଗୋଟିଏ ସମ୍ପ୍ରଦାୟର ସାଂସ୍କୃତିକ ବିବିଧତା ଜୀବନ୍ତ ରହିବ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

୧. ନେପାକ, ଭାଗୀରଥୀ, ବଣ୍ଡା ଓଡ଼ିଶାର ଆଦିବାସୀ, କଳିଙ୍ଗ ଷ୍ଟୁଡେଣ୍ଟ୍ ଷ୍ଟୋର୍, କଟକ, ୨୦୦୧

୨. ଦାସ, କିଶୋର ଚନ୍ଦ୍ର, ବଣ୍ଡା ଓ ପରଜା ଜନଜାତିର ଜୀବନଧାରା, ଏ.କେ. ମିଶ୍ର, କଟକ, ୨୦୧୩

୩. ପାତ୍ର, ଦେବାଶିଷ, ରେମୋ ବଣ୍ଡା ଜୀବନ ଓ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୧୭

୪. ମାନଦୋରା, ଲକ୍ଷଣ, ବଣ୍ଡା ଇତିହାସ, ଜଗତ ଜନନୀ ଅଫସେଟ୍ ପ୍ରିଣ୍ଟର୍ସ, ଜୟପୁର, ୨୦୦୧

୫. ରାୟ, ପ୍ରତିଭା, ଆଦିଭୂମି, ଆଦ୍ୟା ପ୍ରକାଶନୀ, ଭୁବନେଶ୍ୱର, ୧୯୯୩

(((-)))

ଗବେଷକ
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

ISSN NO.
2582-208X

# ମୁଁ ରଜଶ୍ୱଳା କନ୍ୟା

ସ୍ଥିତିପ୍ରଜ୍ଞା ସାମନ୍ତରାୟ

ଫୁଟିବା ଆଗରୁ ମୁଁ ମଉଳି ଯାଇଥିବା ରଜନୀଗନ୍ଧା ।
ବୁଝେନି ନ୍ୟାୟ ଅନ୍ୟାୟ ବାଛ ବିଚାର କାରଣ ସମାଜ ହାତେ ମୁଁ ବନ୍ଦୀ ॥
କାହା ପାଇଁ ଛୁଆ ତ କାହା ପାଇଁ ଅଛୁଆଁ ।
ଅଲଗା ମୋ ଖାଇବା ତ ଅଲଗା ମୋ ସପ ତକିଆ ॥
ପରମ୍ପରା ନାଁରେ ମାଆ ମୋର ଆଜି ମୂକ ସାକ୍ଷୀ
ବୁଝାଇ ଦିଏ ସେ ସବୁକିଛି ଚୁପ୍ କରି ସହିବା ଲାଗି ॥
ଦିନେ ଅଧେର କୁଣିଆ ନୁହେଁ ସେ ଆସେ ପ୍ରତିମାସ ।
ସେଇ ୫-୬ ଦିନ ଆଣେ ସେ ମୋପାଇଁ ଲଜ୍ୟା ଓ ଅଛୁଆଁର ବୋଝ ॥
ଆଜି ଯେଉଁ ରକ୍ତ ଲଜ୍ୟାର କାରଣ କାଲି ସେ ଜନ୍ମିବ ନୂଆ ଜୀବନ
ମା ଡାକ ଶୁଣି ସାର୍ଥକ କରିବ ସେ ତା ନାରୀ ଜୀବନ ॥
ଦୁନିଆର ସବୁ ନାରୀ ଅଛୁଆଁ ନୁହେଁ ବରଂ ସେବା ପାଇବାର ଯୋଗ୍ୟା ।
କାରଣ ମୁଁ ନାରୀ, ମୁଁ ରଜଶ୍ୱଳା କନ୍ୟା ॥
ମୁଁ ଲଜ୍ଜିତ ନୁହେଁ ମୁଁ ଗର୍ବିତ, ହଁ ।
ମୁଁ ଅଛୁଆଁ, ହେଲେ ମୁଁ ରଜଶ୍ୱଳା କନ୍ୟା ॥

(((-)))

ISSN NO.
2582-208X



# ଅମରକଥାରୁ ପଦେ...

ସୀତାକାନ୍ତ ସରସ୍ୱତୀ

## ଧର୍ମମୟ ରଥ

ଶ୍ରୀରାମଏବଂରାବଣ ମଧ୍ୟରେ ଯୁଦ୍ଧ ଚାଲି ଥାଏ । ରାବଣ ରଥ ଉପରେ ବସିଥାଏ କିନ୍ତୁ ଶ୍ରୀରାମଙ୍କ ରଥ ନଥାଏ, ଏହା ଦେଖି ପ୍ରେମାଧିକ୍ୟ ହେତୁ ବିଭୀଷଣ ବ୍ୟସ୍ତହୋଇ ଚରଣ ବନ୍ଦନା କରି ଭକ୍ତିର ସହିତ କହିଲେ- ହେ ନାଥ! ଆପଣଙ୍କର ରଥ ନାହିଁ, ଶରୀର ରକ୍ଷାକକବଚ ନାହିଁ, କି ପାଦ ରକ୍ଷକ ପାଦୁକା ନାହିଁ । ସେହି ବଳବାନ ରାବଣକୁ ଆପଣ କିପରି ଜୟ କରିବେ । କୃପାନିଧାନ ଶ୍ରୀରା ମକହିଲେ- ହେ ସଖା! ଶୁଣ, ଯାହାବଳରେ ଜୟ କରାଯାଏ ସେହି ରଥ ହେଉଛିଭିନ୍ନ ପ୍ରକାରର ।

ସୁନହୁସଖା କହକୃପା ନିଧାନା–ଜେହି ଜୟ ହୋଇସୋସ୍ୟନ୍ଦନ ଆନ।।
ସୌରଜ ଧୀରଜ ତେହି ରଥ ଚାକା–ସତ୍ୟସୀଲ ଦୃଢ ଧ୍ୱଜା ପତାକ।।
ବଲ ବିବେକ ଦମ ପରହିତ ଘୋରେ–ଛମାକୃପା ସମତା ରଜ୍ଜୁ ଜୋରେ।।
ଶୌର୍ଯ୍ୟ ଓ ଧୈର୍ଯ୍ୟ ସେହି ରଥର ଚକ
ସତ୍ୟ ଓ ସଦାଚାର – ତାହାର ଦୃଢ ଧ୍ୱଜା ବା ପତାକା
ବଳ, ବିବେକ, ଇନ୍ଦ୍ରିୟ ଦମନ ଓ ପରୋପକାର – ଏହିଚାରିଟି ହେଉଛି ତାର ଅଶ୍ୱ
କ୍ଷମା, ଦୟା ଓ ସମତା – ରଥରେ ଯୋଚା ଯାଇଥିବା ଅଶ୍ୱଙ୍କର ଦଉଡି ।
ଇଶ ଭଜନୁ ସାରଥି ସୁଜାନା – ବିରତି ଚର୍ମସଂତୋଷକୃପାନ।।
ଦାନ ପରସୁବୁଧିସକ୍ତି ପ୍ରଚଂଡା – ବରବିଗ୍ୟାନ କଠିନ କୋଦଂଡ।।
ଇଶ୍ୱରଙ୍କ ଭଜନ - ରଥର ସାରଥୀ, ବୈରାଗ୍ୟ – ହେଉଛିଢାଲ
ସନ୍ତୋଷ – ହେଉଛି ଖଡଗ , ଦାନ - ହେଉଛି ଫାର୍ଶା,
ବୁଦ୍ଧି - ପ୍ରାଣଶକ୍ତି, ଶ୍ରେଷ୍ଠବିଜ୍ଞାନ - କଠୋର ଧନୁ
ଅମଲ ଅଚଲ ମନ ତ୍ରୋନ ସମାନା – ସମଜମ ନିୟମସିଲାମୁଖ ନାନ।।

ISSN NO.
2582-208X

କବଚ ଅଭେଦ ବିପ୍ରଗୁରୁ ପୂଜା – ଏହିସମ ବିଜୟ ଉପାୟ ନ ଦୂଜା ।।
ନିର୍ମଳ(ନିଷ୍ପାପ) ଓ ଅଚଳ(ସ୍ଥିର) ମନ – ହେଉଛି ତୂଣୀର
ଶମ(ମନର ବଶିକରଣ), ଯମ(ଅହିଂସା) ଓ ନିୟମ(ଶୌଚାଦି)- ବିବିଧ ବାଣ
ଗୁରୁ ଓ ବ୍ରାହ୍ମଣଙ୍କ ପୂଜା -ହେଉଛି ଅଭେଦ୍ୟ କବଚ
ବିଜୟ ନିମନ୍ତେ ଏହିସବୁ ସାଧନ ପରି ଅନ୍ୟ କୌଣସି ସାଧନ ନାହିଁ । ହେ ସଖା!
ଯାହାଙ୍କର ଏହିପରି ଧର୍ମମୟ ରଥ ଅଛି –
ସଖା ଧର୍ମମୟ ଅସ ରଥ ଜାକେଁ – ଜୀତନ କହଁ ନ କତହୁଁରିପୁତାକେଁ।।
ତାଙ୍କର କେହି ଶତ୍ରୁହିଁ ନ ଥାନ୍ତି, ତାଙ୍କୁକେହୁ ଜୟ କରି ପାରିବେ ନାହିଁ । ହେ ଧୀରବୁଦ୍ଧି ସଖା! ଶୁଣ -
ମହା ଅଜୟ ସଂସାରରିପୁଜୀତିସକଇସୋବୀରା
ଜାକେଁ ଅସ୍ୱରଥ ହୋଇ ଦୃଢସୁନହୁସଖାମତି ଧୀର।।
(ଶ୍ରୀରାମଚରିତ ମାନସ -ଲଙ୍କାକାଣ୍ଡ -୮୦ଖ)
ଯାହାଙ୍କ ପାଖରେଏପରି ସୁଦୃଢରଥ ଥାଏ, ସେହି ବୀର ଜନ୍ମମୃତ୍ୟୁ ରୂପୀ ସଂସାର ପରି ଅତ୍ୟନ୍ତ ଦୁର୍ଜୟଶତ୍ରୁକୁ ମଧ୍ୟ ଜୟ କରି ପାରିବେ ଅର୍ଥାତ୍ ଜନ୍ମ ମରଣଚକ୍ରରୁ ମୁକ୍ତହୋଇ ମୋକ୍ଷ ପାଇ ପାରିବେ ।
ପ୍ରଭୁଙ୍କ ଏହି ପରିବଚନ ଶୁଣିବି ଭୀଷଣ ଆନନ୍ଦିତ ହୋଇ ତାଙ୍କ ପାଦପଦ୍ମ ଧରି ପକାଇ କହିଲେ- ହେ ସୁଖରାଶି ଶ୍ରୀରାମ! ଆପଣ ଏହାକହିବା ଛଳରେ ମୋତେ ଅମୂଲ୍ୟ ଉପଦେଶ ଦେଇଦେଲେ ।
ଏହି ପ୍ରସଙ୍ଗ ଆମକୁ ଏହି ଶିକ୍ଷା ଦିଏ ଯେ- ଶ୍ରୀରାମ ଯୁଦ୍ଧରେ ଯେପରି ଏହିସବୁ ଗୁଣ ଦ୍ୱାରା ସମ୍ପନ୍ନ ଧର୍ମମୟରଥରେ ଚଢି ବିଜୟଶ୍ରୀ ପାଇଥିଲେ ଠିକ୍ ସେହିପରି ଆମ ଜୀବନ ଯୁଦ୍ଧରେ ମଧ୍ୟ ଅକ୍ଳେଶରେ ବିଜୟ ପାଇବାକୁ ହେଲେ ଆମ ଜୀବନରେ ଏହିସବୁ ଗୁଣକୁ ଆଣିବା ଉଚିତ୍ ।

(((-)))

ISSN NO.
2582-208X

# ନିଶା କୁ ନାହିଁ ଭରସା



ସନ୍ତୋଷ କୁମାର ବିଷୋୟୀ

କହୁଛି ଶୁଣହେ        ବିଜ୍ଞ ଜ୍ଞାନି ଜନେ
ନିଶା ଦ୍ରବ୍ୟ କଥା ମାନ
ସଂସାର ସାଗରେ        ଯେତେ ନିଶା ମାନ
ଅଟଇ ହିନ ଅଜ୍ଞାନ
କରିଲେ ତାହାକୁ ପାନ
ଘର ଦ୍ୱାର ସବୁ        ଉଜୁଡି ଯାଏଟି
ଏହିତ ସତ୍ୟ ବଚନ ।।୧
ପୁରାଣେ ରହିଛି        ଲେଖାଟି ସୁଜନେ
ସମୁଦ୍ର ମନ୍ଥନ ବେଳେ
ହଳା ହଳ ବିଷ        ଉତ୍ପତ୍ତି ହୋଇଲା
ଡାକିଲେ ସର୍ବ ବିକଳେ
ହାହାକାର କଲାବେଳେ
ନୀଳକଣ୍ଠ ତାକୁ        ପାନ କରିନେଲେ
ଉଦ୍ଧାରିଲେ ବୁଡା ବେଳେ ।।୨
ସୁରା ନାମ ବେଳେ        ଥିଲାଟି ପ୍ରକଟ
ଦେବତା ଦାନବ କାଳେ
ବୃକ୍ଷୁ ସୁରା ରସ        ଝରି ପଡୁଥିଲା
ଦାନବ ଖାଇଲା ବେଳେ
ମାନବ ନିଶା ସକଳେ

ISSN NO.
2582-208X

ଭାଇ ଭାଇ ବନ୍ଧୁ ଚିହ୍ନି ନ ପାରିଲେ
ନିଶ୍ଚିହ୍ନ ହେବେ ସକଳେ।।୩
ନିଶା ଦ୍ରବ୍ୟ ଯେତେ କଳିର ପ୍ରଭାବେ
ଘେନିଲେ ମାନବ ଦିନେ
ବିଡି ସିଗାରେଟ ଗଞ୍ଜା ଗୁଡାଖୁଯେ
ସ୍ୱାସ୍ଥ୍ୟ ହିନ ହେଲେ ଜନେ
ହୃଦ ରୋଗେ ଜରାଜିର୍ଣ୍ଣେ
ଅଫିମ ଚରସ ବିଦେଶୁ ଆସିଲା
ବୁଝି ପାରୁ ନାନ୍ତି ଜନେ।।୪
ପାନ ଗୁଆ ଚୂନ ଖଇର ମସଲା
ପାନ ପତରର ରଙ୍ଗ
ସ୍ୱାସ୍ଥ୍ୟ ପ୍ରତିସେତେ ଖରାପ ନଥିଲା
ପାଟିରେ ପଡିଲେ ରଙ୍ଗ
ବଦଳି ଯାଉଛି ଢଙ୍ଗ
କେତେ ପତି ମିଶି ଖାଆନ୍ତି ସରବେ
ଆସିଲାଣି ରଙ୍ଗ ବେରଙ୍ଗ।।୫
ଗୁଆ ମସଲାଟି ଶିବାଜୀ ସଫଲ
ମିନାଜି ମସଲା ଚଖା
ହରିଡା ଖଣ୍ଡିର ବୋଇରାଣୀ ପାନ
ମିଠା ପାନ ଥୁଆରଖା
ସବୁ ଯେତେକ ଘୁଟୁଖା
ଖାଇଲେ କିଡିନି ଫେଲୋର ହେଉଛି
ଜାଣି ଅଜଣା ଅଦେଖା।।୬
ନିଶାଶକ୍ତ ହୋଇ ବେଶ୍ୟାରେ ନିମଗ୍ନ
ନିଶା କି ଜାଣଇ ସଚ୍ଚା
ଚୋରି ଅସତ୍ୟର ଆଶ୍ରୟ ନିଅନ୍ତି
ମନ ବୁଦ୍ଧି ସବୁ କଚ୍ଚା

ISSN NO.
2582-208X

ମାନବେ ହୋଇଲେ ବଛା
ଅଧମ ଲୁଟେରା ନରାଧମ ସେହି
ସଂସାରେ ନୁହନ୍ତି ସଚ୍ଚା।।୬
ମାଛ ମାଂସ ଅଣ୍ଡା ଆସୁରି ଭୋଜନ
ଉତେଜିତ ହୁଏ ମନ
ବିବେକ ବିହୀନ କାମ କରି ଥାନ୍ତି
ସମାଜରେ ହୀନିମାନ
ନୁହଇ ଟି ସନମାନ
ମାନବ ଜୀବନ ସମାଜ ହିତରେ
ବୁଝେନାହିଁ ବେଇମାନ।।୮
ନିଶା ଦ୍ରବ୍ୟ ମାନ କରିଲେ ସେବନ
ପରିବାର ଛାରଖାର
ପିଢ଼ି ପରେ ପିଢ଼ି ରହି ଚାଲି ଥାଏ
ଜୀବନ ହୁଏ ଅସାର
ସୁରକ୍ଷା କର ତାହାର
ଶରୀର ମଧ୍ୟରେ ଆତ୍ମା ରହି ଅଛି
ତା ମଧ୍ୟରେ ନିରାକାର।।୨
ପାଟି କଣା ହୁଏ ପେଟ ଘାଆ ହୁଏ
ଗଳାରେ ଅମାପ ରୋଗ
କ୍ୟାନସର ପରି ବଡ଼ବଡ଼ ରୋଗ
କରିଥାନ୍ତି ନିଜେ ଭୋଗ
ଜୀବନ ପ୍ରତି ବିରାଗ
କୁଟୁମ୍ବ ଖୁସିରେ ରହିବାକୁ ହେଲେ
ନିଶା କର ନାହିଁ ଭୋଗ।।୧୦
ନିଜକୁ ଲାଗୁଛି ସ୍ୱର୍ଗର ଭୁବନ
ନିଶା ଶକ୍ତ ଥିବା ବେଳେ
ବାସନା ସୁଗନ୍ଧ ନିଜେ ଭାବୁ ଥାଇ

ISSN NO.
2582-208X

ଅନ୍ୟକୁ ଦୁଗନ୍ଧ ହେଲେ
ମଦ ନିଶା ଥିଲା ବେଳେ
ଛି ଛି ଛି କହନ୍ତି ଆବାଳ ବୃଦ୍ଧ ଯେ
ଲୋକ ହଂସା ସଦାବେଳେ। ।୧୧
ନିଶା ଥିବା ବେଳେ ଅନ୍ୟାୟ କରାଇ
କୁଳ ବଧୁ ନିର୍ଯ୍ୟାତନା
ସମାଜ ମଧ୍ୟରେ ଅନ୍ଧକାର ଘୋଟେ
ଘଟାଏ ଘଟଣା ନାନା
କରି ଅନେକ ବାହାନା
ନିଶା ବନ୍ଦ ହେଲେ ସୁଧୁରିବେ ଜନ
ହେବେ ନାହିଁ ହୀନମନା। ।୧୨
ଆଲୋକ ପାଇଁକି ଅନେକ ପଥ ଯେ
ଅନ୍ଧାରରେ ମିଳେ ନାହିଁ
ଆଲୋକ ପଥରେ ପଥିକ ହୋଇଲେ
ବିବେକ ଚିନ୍ତାକରଇ
ଭୁଲ କେବେ ହେବ ନାହିଁ
ସନ୍ତୋଷ କହଇ ମନର ଗତିକୁ
ବିବେକରେ ରଖ ନେଇ। ।୧୩

(((-)))

ଟିକାବାଲି କନ୍ଧମାଳ
ମୋ: ୭୮୫୪୯୯୫୫୮୯

ISSN NO.
2582-208X

# ସମ୍ବଲପୁରୀ କ୍ଷୁଦ୍ରଗଳ୍ପରେ ଲୋକସଂସ୍କୃତି

ଡ. ସତନ କୁମାର ବେଗ

ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶା ଭୌଗୋଳିକ ଦୃଷ୍ଟିକୋଣରୁ ଉଭୟ ଆଂଚଳିକ ଅନୁସାରେ ଭାଷାଗତ, ସାଂସ୍କୃତିକ, ଲୋକପରଂପରାକୁ ଆଧାର କରି ଭିନ୍ନତା ପରିଦୃଷ୍ଟ ହୋଇଥାଏ । ସାଧାରଣତଃ ଆଦିବାସୀ ଅଧ୍ୟୁଷିତ ଅଂଚଳ ଭାବେ ପରିଚିତ ଏହି ପଶ୍ଚିମ ଓଡ଼ିଶା । ମୁଖ୍ୟ ଜୀବିକା କୃଷି ଉପରେ ନିର୍ଭର କରି ଜୀବନ ନିର୍ବାହ କରନ୍ତି, ତେଣୁ ଏହି ଅଂଚଳର ସଂସ୍କୃତି କୃଷିଭିତ୍ତିକ ଲୋକଧାରାରେ ପରିଚିତ । ଜାତି, ବର୍ଗ ଓ ଅଂଚଳ ଭିତ୍ତିରେ ବହୁଲୋକଧାରାର ପ୍ରଚଳନ ରହିଥିଲେ ହେଁ ଏ ଅଂଚଳର କୃଷିଭିତ୍ତିକ ଲୋକସଂସ୍କୃତି ରହିଅଛି । ଲୋକଙ୍କର ପ୍ରତ୍ୟେକଟି କାର୍ଯ୍ୟକଳାପରେ ତାର ସାହିତ୍ୟର ସାମାଜିକ ଅନୁଷ୍ଠାନରେ ଅନୁଷ୍ଠିତ ପର୍ବପର୍ବାଣିରେ ଲୋକସଂସ୍କୃତିର ସ୍ୱରୂପ ଓତଃପ୍ରୋତ ଭାବରେ ବୀଜ ସଦୃଶ ପରିଲକ୍ଷିତ ହୋଇଥାଏ । ଏଠିକାର ଲୋକଙ୍କ ଜୀବନଧାରଣ ପ୍ରଣାଳୀ ଅତ୍ୟନ୍ତ ସରଳ । ପରସ୍ପରକୁ ଶ୍ରଦ୍ଧାର ସହିତ ଆପଣେଇନେବା, ଭାବର ଆଦାନ ପ୍ରଦାନ, ଭାତୃଭାବ, ସତ୍‌ଚିନ୍ତାଧାରା, ସାମୂହିକ ଉନ୍ନତି ଏମାନଙ୍କ ବୈଶିଷ୍ଟ୍ୟ । ସାମାଜିକ ଜୀବନର ନୂଆଖାଇ, ପୌଷପୂର୍ଣ୍ଣିମା, ଫଂଚୁକ ପାଳନ, ଭାଇଜୀଉନ୍ତିଆ ଓଷା ଇତ୍ୟାଦି ପଶ୍ଚିମ ଓଡ଼ିଶାର ମୁଖ୍ୟପର୍ବ ।

ଲୋକ ସଂସ୍କୃତି ବୋଲି ଯେଉଁ ସଂକଳ୍ପ ଅଛି, ତାହା ମାନବ ଜୀବନର ସେହି ଅଂଶକୁ ଉଦ୍ଧାର କରେ ଯାହା ସାଧାରଣ ଲୋକଙ୍କ ଦୈନିକ ଜୀବନ, ଆଚାର-ବିଚାର, ଅସ୍ଥା, ଧର୍ମ, ନୀତି, ଖାଦ୍ୟ, ପୋଷାକ, ଗୀତ, ନୃତ୍ୟ ଓ ଲୋକଭାଷା ସହିତ ଜଡ଼ିତ । ପଶ୍ଚିମ ଓଡ଼ିଶାର ଲୋକଜୀବନ ସରଳ ହେଲେ ମଧ୍ୟ ସାହସ, ପରିଶ୍ରମ ଓ ଆତ୍ମସମ୍ମାନରେ ଭରି ରହିଥାଏ ।

ଅଂଚଳ ଭେଦରେ ଜୀବନ ବଂଚିବା ପାଇଁ ଜୀବିକା ଭିନ୍ନ ଭିନ୍ନ ରହିଥାଏ । ଠିକ୍ ସେମିତି ଜୀବିକା ଅନୁସାରେ ସଂସ୍କୃତି ଓ ପରଂପରା ମଧ୍ୟ ଅଂଚଳ ଭେଦରେ ଭିନ୍ନ ଭିନ୍ନ ରହିଥାଏ । ବ୍ରତ ଉପବାସ, ପର୍ବପର୍ବାଣି, ରୀତିନୀତି, ଚାଲିଚଳଣି ସବୁକିଛି ଅଂଚଳ ଭେଦରେ ପାର୍ଥକ୍ୟ ରହିଥାଏ । ଜୀବିକା, ବୃତ୍ତି ଅନୁସାରେ ମଧ୍ୟ ବ୍ରତ ଉପବାସ ସହ ଦେବୀ ଦେବତା ମଧ୍ୟ

ISSN NO.
2582-208X

ଭିନ୍ନ ଭିନ୍ନ ରୂପରେ, ଭିନ୍ନ ଭିନ୍ନ ନାମରେ ପୂଜା କରିବା ସହ ପର୍ବପବାଣି ତାଙ୍କର ସ୍ୱତନ୍ତ୍ର ରହିଥାଏ । ଆଗକାଳର ମଣିଷମାନେ ତଥା ଜନଜାତି ସଂପ୍ରଦାୟ ଯେଉଁଠୁ କିଛି ଉପକାର ପାଉଥିଲେ ତାକୁ ଭଗବାନ ରୂପେ ପୂଜା କରୁଥିଲେ । ସେଇ ପ୍ରଥା ବର୍ତ୍ତମାନ ମଧ୍ୟ ଗାଁ ମାନଙ୍କରେ ସଂସ୍କୃତି ପରଂପରା ଭାବେ ଚାଲିଆସୁଛି । ସେଇ ଅନୁସାରେ ତାଙ୍କର ସଂସ୍କୃତି ମଧ୍ୟ ସ୍ୱତନ୍ତ୍ର ରହିଥାଏ ।

କୃଷିକୁ ନେଇ କେତେ ପର୍ବପବାଣି ହୁଏ, ଚାଷ ଆରମ୍ଭରୁ ଘରକୁ ଶସ୍ୟ ଆଣିବା ପର୍ଯ୍ୟନ୍ତ କୃଷକ ଅନେକ ପର୍ବପର୍ବାଣି ପାଳନ କରିଥାଏ । ହଲ କରିବା ପୂର୍ବରୁ ମାଟିପୂଜା, ବିହନ ବୁଣିବା, ଭୁଆ ବିହୁଡ଼ା, ଗଛରେ ଶସ୍ୟ ଉପୁଜିବା, ଖେତରୁ ଶସ୍ୟ ଘରକୁ ଆଣିବା ପର୍ଯ୍ୟନ୍ତ ଅନେକ ପୂଜାବିଧି ଓ ବିଭିନ୍ନ ପର୍ବପର୍ବାଣି ରହିଥାଏ । ଅକ୍ଷୟ ତୃତୀୟା, ରଜପର୍ବ, ନୂଆଖଇ, ଛାଡ଼ଖାଇ, ମାଣବସା ଗୁରୁବାର, ପୋଷପୂର୍ଣ୍ଣିମା ତା ସହ ଦୁର୍ଗାପୂଜା, ଡ଼ାଲଖାଇ ଦେବୀଙ୍କ ପୂଜା, କରମା ପୂଜା, ଭାଇଜିଉନ୍ତିଆ, ପୁଅ ଜିଉନ୍ତିଆ ଆଦି ବିଭିନ୍ନ ପର୍ବ କୃଷକ ପାଳନ କରିଥାଏ । ସମ୍ବଲପୁରୀ କ୍ଷୁଦ୍ରଗଳ୍ପମାନଙ୍କରେ କୃଷିଭିତ୍ତିକ ପର୍ବ ତଥା ଲୋକସଂସ୍କୃତି କଥା ଗାଳ୍ପିକମାନେ ଜୀବନ୍ତ ଭାବରେ ଉପସ୍ଥାପନା କରିଛନ୍ତି । ହେମଚନ୍ଦ୍ର ଆଚାର୍ଯ୍ୟ, ଶ୍ରୀନିବାସ ଉଦ୍‌ଗାତା, ଧନପତି ମହାପାତ୍ର, କୁମୁଦ ଚନ୍ଦ୍ର ଦାଶ, ସୁବାସ ମେହେର, ଭିକାରି ଚରଣ ପ୍ରଧାନ, ସୌରାଜ ପ୍ରଧାନ, ଗୋବର୍ଦ୍ଧନ ସାହୁ, କୃଷ୍ଣଚନ୍ଦ୍ର ବାରିକ, ବଳଦେବ ଦୀକ୍ଷିତ, ନରେନ୍ଦ୍ର ମହାନ୍ତି ପ୍ରଭୃତି ଗାଳ୍ପିକମାନେ ଏହି ସଂସ୍କୃତିର ଚିତ୍ରକୁ ଦେଖେଇଛନ୍ତି ।

କୃଷକ ହଉ କି ସାଧାରଣ କୃଷି ଶ୍ରମିକଟେ ପାଇଁ ନୂଆଖାଇ ହେଉଛି ସମଗ୍ର ପଶ୍ଚିମ ଓଡ଼ିଶାର ମହାନ ପର୍ବଟିଏ ।ଏହି ନୂଆଖାଇ ପର୍ବ ପ୍ରତିଘରେ ପାଳନ ହୋଇଥାଏ । ହେମଚନ୍ଦ୍ର ଆଚାର୍ଯ୍ୟଙ୍କ 'ନୂଆଖାଇ' ଗଳ୍ପରେ ଏହି ନୂଆଖାଇ ପର୍ବ ପାଳନ କଥା କୁହାଯାଇଛି । ଏଠାରେ ସାଧାରଣ ଅଭାବୀ ଲୋକଟେ କେମିତି ପାଳନ କରୁଛି ନୂଆଖାଇ ? ପାଖରେ କିଛି ନାଇଁ, ପଇସାପତ୍ରଟିଏ ମଧ୍ୟ ନାଇଁ ଯେ ସେ ପରିବାର ପାଇଁ ନହେଉ ପଛେ, ଯିଏ ପୂଜାର୍ଚ୍ଚନା କରିବ ତା ପାଇଁ ହେଲେ ନୂଆ ବସ୍ତ୍ର ଖଣ୍ଡେ କିଣିପାରିବ । ଯାହା ଅତି ଆବଶ୍ୟକ ମାତ୍ର ସେତିକି ମଧ୍ୟ ଅଭାବ ରହୁଛି । ପୁଣି ଗାଳ୍ପିକ କହୁଛନ୍ତି ନୂଆଖାଇ ପାଇଁ ଯେଉଁ କିଛି ପିଠାପଣା ତ ଟିକେ ଦରକାର, ସେତିକି ମଧ୍ୟ କେମିତି ପୂରଣ କରିବ ତା ପାଇଁ ଚିନ୍ତାର ବିଷୟ ପାଲଟିଛି । ମରୁଡ଼ି ସମୟରେ କିଏ ବା କାମ ଦେବ ଯେ ତା ପର୍ବ ପାଳନ କରିବା ପାଇଁ ପଇସା କିଛି ମିଳିଯିବ । ଅଭାବ ଭିତରେ ସାଧାରଣ କୃଷିଶ୍ରମିକଟିଏ ତାର

ISSN NO.
2582-208X

ପର୍ବକୁ ତଥାପି ତ ପାଳନ କରିବ । ଗୋଟେ ସପ୍ତାହ ପୂର୍ବରୁ ନୂଆଖାଇ ପର୍ବ ପାଇଁ, ନୂଆ ଅନ୍ନ ଟିକେ ଭକ୍ଷଣ ପାଇଁ ଯୋଗାଡ଼ରେ ଲାଗିପଡନ୍ତି । ନୂଆଖାଇ ହେଉଛି ପଶ୍ଚିମ ଓଡ଼ିଶାର ବଡ଼ ପର୍ବ, ନୂଆଖାଇ ପର୍ବ କେବଳ ନୂଆ ଅନ୍ନ ଗ୍ରହଣରେ ନଥାଏ । ତା ସହିତ ଅନେକ ନାଚ ଗୀତ, ଜୁହାର ଭେଟଘାଟ ଏମିତି ଅନେକ କଥା ଯୋଡ଼ି ରହିଛି । ଯାହା ଶ୍ରୀନିବାସ ଉଦ୍‌ଗାତାଙ୍କ ଗଳ୍ପ 'ଛନେ ଛନେ କେ' ରେ ଏହି ନୂଆଖାଇ ପର୍ବ କଥା ଦେଖାଇଛନ୍ତି । ଗାଳ୍ପିକ ଏଠାରେ କହୁଛନ୍ତି, -"କାଲି ସକାଳ ହେଲେ ନୂଆଖାଇ । ଯିଏ ଯାହା ବାହାରେ ଥିଲେ ଗାଁ ମାଟିକୁ ଆଜିସବୁ ଫେରିଛନ୍ତି । ନୂଆ ଧାନ ଆସିବ, ମହାଲକ୍ଷ୍ମୀ ବସାହବ, କୁରେଇ ପତ୍ର ଆସିବ, ଦନା ତିଆରି ହବ ଏମିତି ଅନେକ ପ୍ରକାର ପ୍ରସ୍ତୁତି ଚାଲିଛି । କେତେଦିନ ପରେ ପୁଣି ସମସ୍ତେ ଗୋଟେ ସ୍ଥାନରେ ଏକାଠି ହୋଇ ପାଇଛନ୍ତି ।ନୂଆଖାଇ ଦିନ ଆସୁଛି, ସକାଳୁ ପୁଣି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ଘରର ମୂରବୀ ପୁଣି ପୂଜା କରିବ, ଗାଧୋଇ ନୂଆବସ୍ତ୍ର ପରିଧାନ କରି ସମସ୍ତଙ୍କୁ କୁଣ୍ଡାଚୂରା ଦେବେ । ଗାଁମୁଣ୍ଡରେ ସମସ୍ତେ ଏକାଠି ହେଇଛନ୍ତି । ନୂଆ ଅନ୍ନ ଭକ୍ଷଣ ପରେ ଜୁହାର ଭେଟ ଚାଲିଛି । ସାନ ମାନେ ବଡ଼ମାନଙ୍କୁ ଏମିତି ସମସ୍ତେ ସମସ୍ତଙ୍କୁ ଜୁହାର ଭେଟ ହେଉଛନ୍ତି । କେତେ ନାଚଗୀତ, ଗୁଡୁଖେଳ ଚାଲିଛି । ଗାଳ୍ପିକଙ୍କ ଭାଷାରେ, "ସେଦିନ ସଂଜବେଳାଲେ ଖୁଲିଅଁ ନୂଆନ୍ ପିଲାକର ଗୁଡୁ । ଟୁକେଲମାନଙ୍କର ଲୁଭନା ଆଁଖିର ଭରତି ହେଇଯାଉଥାଏ ସେମାନଙ୍କର ଚଉଡ଼ା ଛାତି ... ଫକ୍ ଫକ୍ ହେଇ ଡେଗୁଥିଲା ଶକତ ବାହା । କୁନେ ଜୁନେ ବାଜା ବାଜୁଥୁଲା ଯେ ରସରକେଲି, ଡାଲଖେଇ, ମାଏଲାଜଡ଼ ନାଚୁଥିଲେ ଦରବୁଢ଼ା ଗୁରବାରୀସବକର ବନ୍ଧୁ। ଘୁଡୁଖେଲା, ଗୀତ ବାଜନା ଜୋସ ଭିତରେ କାହିଁ କେନ୍‌ଆଡ଼େ ହଜି ଯାଉଥିଲେ ।" ଖାଲି ନୂଆଖାଇ ଖାଇବାର ପର୍ବ ନୁହଁ କି ନୂଆ ଅନ୍ନ ଭକ୍ଷଣ ପର୍ବ ନୁହଁ। ଏ ସମସ୍ତଙ୍କୁ ଏକାଠି କରେ, କେତେ ହସଖୁସି ଦେଇଥାଏ. ନାଚଗୀତ ହୋଇଥାଏ, ବଡ଼ମାନଙ୍କୁ ସମ୍ମାନ ଦେବାର ବିଶେଷ ଦିନ ହୋଇଥାଏ ଏବଂ ବଡ଼ମାନେ କେତେ କେତେ ନୂଆ ନୂଆ କଥା ଶିଖେଇଥାନ୍ତି । ଶେଷରେ କହୁଛନ୍ତି ଗାଳ୍ପିକ, "ଜୀଇଁ ଜାଗିଥିଲେ ଆଏଲା ବଛରେ.... ଛନେ ଛନେ କେ କେତେ କଥା ।" କୁମୁଦ ଚନ୍ଦ୍ର ଦାଶଙ୍କ ଗଳ୍ପ 'ନୂଆଖାଇ'ରେ ଏହି ଶିକ୍ଷିତ ଲୋକଙ୍କ ନିଜ ସଂସ୍କୃତି ପ୍ରତି ଥିବା ଅନାଦର କୁହାଯାଇଛି ।

ଆଦିବାସୀଟିଏ କେତେ କେତେ ଦେବୀଦେବତାଙ୍କ ପୂଜା କରିଥାଏ, ଦଶହରା ଆସିଲେ କେଉଁଠି ବନଦେବୀ ତ କେଉଁଠି ଦୁର୍ଗାଦେବୀ ରୂପରେ ତ ଆଉ କେଉଁଠି ତାଲଖାଇ ଦେବୀ ରୂପରେ ପୂଜା କରିଥାନ୍ତି । ଏହି ଦଶହରା ସମୟରେ ଝିଅମାନେ ଦୁର୍ଗାଦେବୀଙ୍କ ପାଖରେ

ISSN NO.
2582-208X

ନିଜ ଭାଇମାନଙ୍କର ଶୁଭମନାସୀ ପାଇଁ ବ୍ରତ ଉପବାସ ମଧ୍ୟ କରିଥାନ୍ତି । ଯାହାକି ପଶ୍ଚିମ ଓଡ଼ିଶାର ଭାଇଜିଉନ୍ତିଆ ପର୍ବ ଭାବରେ ପରିଚିତ । ଏହି ଭାଇଜିଉନ୍ତିଆ ପର୍ବକୁ ନେଇ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ 'ଭାଏର୍ଜିତିଆ' ଗଳ୍ପ ରହିଛି । ଏହି ଗଳ୍ପରେ ଦେଖେଇଛନ୍ତି କେମିତି ଝିଅ ବୋହୂମାନେ ଭାଇଜିଉଜିଆ ପାଳନ କରୁଛନ୍ତି । ଝିଅ ବୋହୂମାନେ ନିଜ ବାପଘରକୁ ଫେରୁଛନ୍ତି । କେତେ କେତେ ନୂଆବସ୍ତ୍ର, ଜିଉରିଆ ସହ କେତେ ଦରବ ଯୋଗାଡ଼ କରନ୍ତି । ଉପବାସ କରନ୍ତି, ଏକାସାଙ୍ଗରେ ଗାଧୋଇ ଯାଆନ୍ତି ନଇତୁଠକୁ । ନୂଆ ନୂଆ ଶାଢ଼ୀ ପିନ୍ଧି ପୁଣି ପୂଜାପାଇଁ ଗୋଟେ ସ୍ଥାନରେ ଠୁଳ ହୁଅନ୍ତି ଯେଉଁଠି ଦେବୀଙ୍କ ପୂଜା ହୋଇଥାଏ । ଭାଇଭଉଣୀର ସଂପର୍କ ଜନ୍ମଜନ୍ମାନ୍ତରର । ଭାଇର ସ୍ନେହକୁ କେବେ ଭଉଣୀ ଭୂଲି ପାରେ ନାହିଁ I ଭଉଣୀ ସବୁବେଳେ ଭାଇ ଶୁଭାକାଂକ୍ଷୀ ସାଜି ଉପବାସ କରିଥାଏ ମାଁ' ଦୁର୍ଗାଙ୍କ ପାଖରେ । ଏହି ଦୁର୍ଗାଦେବୀଙ୍କ ଆଶୀବାଦ ରୂପେ ଜିଉଁତିଆଟିଏ ଭାଇ ହାତରେ ପିନ୍ଧାଇ ଦିଏ ଭଉଣୀ ଏବଂ ଭାଇ ସବୁବେଳେ ଖୁସିରେ ରହୁ ବୋଲି ମାଁ ଦୁର୍ଗାଙ୍କ ପାଖରେ ଭଉଣୀ ଆଶୀବାଦ ଭିକ୍ଷା କରନ୍ତି ଏହିପରି ଭାଇଭଉଣୀ ସଂପର୍କର ମହତ୍ତ୍ୱକୁ ନେଇ ଗାଳ୍ପିକ ଧନପତି ମହାପାତ୍ର ଗଳ୍ପ 'ଗୁନ୍ଦାଲ ପାନି କୟାଫଳ'ରେ ଭାଇଜିଉନ୍ତିଆର କଥା ଦେଖାଇଛନ୍ତି । ଏହି ଗଳ୍ପରେ ଗାଳ୍ପିକ ଦେଖେଇଛନ୍ତି ଚେତନା ନିଜ ଭାଇ ପାଇଁ ଭାଇ ଜିଉନ୍ତିଆ ବ୍ରତ କରୁଛି । ତାଙ୍କର ଆଉ ଏକ ଗଳ୍ପ 'ସୁରୁବାଲିର ହଜଲା ସପନ'ରେ ସୁରୁବାଲି ମାଧ୍ୟମରେ କରମା ନାଚ ସଂସ୍କୃତିର କଥା କୁହାଯାଇଛି । କରମା ନାଚ କୃଷି ସଂସ୍କୃତି ତଥା ପଶ୍ଚିମ ଓଡ଼ିଶାର ଆଉ ଏକ ପର୍ବ ଯାହା ଆଶ୍ୱିନ ମାସ ଏକାଦଶୀ ତିଥିରେ ପାଳନ କରାଯାଇଥାଏ । କେତେ କୁମାରୀ ଝିଅ ଉପବାସ କରନ୍ତି ଏବଂ କରମସାନୀ ଦେବତାଙ୍କ ପୂଜା କରି ନାଚ କରନ୍ତି । ଗାଳ୍ପିକ କୁମୁଦ ଚନ୍ଦ୍ର ଦାଶଙ୍କ ଗଳ୍ପ 'ଭାଏଜିଉତିଆ'ରେ ପଶ୍ଚିମ ଓଡ଼ିଶାର ସଂସ୍କୃତି କଥା କହିବା ସହ ବର୍ତ୍ତମାନ ସମୟରେ କେମିତି ସଂପର୍କର ମୂଲ୍ୟ କମି କମି ଯାଉଛି ତାର ବାସ୍ତବ ସତ୍ୟକୁ ଦେଖାଇଛନ୍ତି । କୁମୁଦ ଚନ୍ଦ୍ର ଦାଶଙ୍କ ଆଉ ଏକ ଗଛ 'ହାଏରେ କୁଆଁରୀ ଜନ୍‌ହଁ'ରେ ମଧ୍ୟ ଭାଇଜିଉନ୍ତିଆ ସସ୍କୃତିର କଥା ରହିଛି । ଗାଳ୍ପିକ ସୁବାସ ମେହେରଙ୍କ ଗଳ୍ପ 'ଭାଏ ଜିଇଁତା'ରେ ମଧ୍ୟ ଭାଇଜିଉନ୍ତିଆ ସଂସ୍କୃତିର କଥା କହିବା ସହ ଭାଇଭଉଣୀର ସଂପର୍କର ମୂଲ୍ୟ ବିଷୟରେ କହୁଛନ୍ତି ।

ପଶ୍ଚିମ ଓଡ଼ିଶାର କୃଷି ସଂସ୍କୃତି ମଧ୍ୟରେ ଆଉ ଏକ ପର୍ବ ହେଲା ପୌଷପୂର୍ଣ୍ଣିମା ଅର୍ଥାତ୍ ତାଙ୍କ ଭାଷାରେ ପୁଷପୁନି ବା ଛେରଛେରା । ସେହି ପୌଷପୂର୍ଣ୍ଣିମା ପର୍ବକୁ ନେଇ ଗାଳ୍ପିକ ସୁବାସ ମେହେରଙ୍କ ଗଳ୍ପ 'ଛେର୍ ଛେରା' ରହିଛି । ଯେତେବେଳେ କୃଷକ ସବୁ ଶସ୍ୟ

ISSN NO.
2582-208X

ଉତ୍ପାଦନ ପରେ ସଂପୂର୍ଣ୍ଣ କୃଷି କର୍ମ ଶେଷ ହୋଇଯାଏ । ଗୋଟେ ବର୍ଷର ସବୁ ଶସ୍ୟ ଦେଖି ଖୁସିରେ ଖାଇବା ପିଇବାର ପର୍ବ ଭାବେ ପୁଷପୁନି ପାଳନ କରିଥାଏ । କେତେ ପିଠାପଣା, ମଦମାଂସ, ନାଚଗୀତ ସହ ଏହିଦିନ କୃଷକର ଖୁସି କହିଲେ ନସରେ । ସେହି ପୌଷପୂର୍ଣ୍ଣିମାର ଚିତ୍ରକୁ ଏହି ଗଳ୍ପରେ ଗାଳ୍ପିକ ସ୍ମୃତି ମାଧ୍ୟମରେ ଦେଖେଇଛନ୍ତି ।

"ସକାଳୁ ସକାଳୁ ଛୋଟ ଛୁଆଙ୍କ ରଡ଼ି ଉଠେ – ଛେର୍ ଛେର୍ ଛେର୍ ଛେରା ଇ ଘରର ବୁଢ଼ି କାହିଁଗଲା, ବାଏର ତରାତରା ଛେରିଗଲା ଦେମୁ ଦେମୁ ବଏଲେନା ଲୁଗା ଟୁପା ଧରିଲେ ନା।"

- ତା ପରେ ବୁଢ଼ୀ ଉଠି ଆସି ପିଲାମାନଙ୍କୁ ପିଠାମଢ଼ା, ଧାନକିଛି ତାଙ୍କୁ ଦେଇଦିଏ । ଛୁଆମାନେ କେତେ ଖୁସିରେ ଚାଲିଯାଆନ୍ତି । ସତରେ କୃଷି ସଂସ୍କୃତିର ଏହି ପୌଷପୂର୍ଣ୍ଣିମା ପରି ପର୍ବ ସମସ୍ତଙ୍କ ମନରେ ଖୁସି ଦେବା ସହ କିଛି ଶସ୍ୟ ବାନର ମହତ୍ୱ ରହିଥାଏ ।

ଏହି କୃଷି ସଂସ୍କୃତି କହିବା ବେଳେ ଆଉ ଗୋଟେ କଥା ମନେ ପଡ଼େ 'ଢ଼ିଙ୍କି' । ଯାହା ଦିନେ ପ୍ରତ୍ୟେକ କୃଷକ ପରିବାରରେ ରହିଥିଲା ଓ ଢ଼ିଙ୍କି ମାଧ୍ୟମରେ ଧାନ, ଚାଉଳ, ଚୂନା ଆଉ କେତେ ଦ୍ରବ୍ୟ କୁଟିବା କାମରେ ବ୍ୟବହାର ହେଉଥିଲା । ଗାଳ୍ପିକ ସୁବାସ ମେହେରଙ୍କ ଗଳ୍ପ 'ଢ଼ିଙ୍କି' ରେ ଦେଖେଇଛନ୍ତି ଯେ କେମିତି ସଂସ୍କୃତି ଲୁଚି ଲୁଚି ଯାଉଛି । ତାଙ୍କର ଆଉ ଏକ ଗଳ୍ପ 'ନୂଆଁଖାଇ ନେଇ ଜଉନ'ରେ ଏହି ନୂଆଖାଇ ସଂସ୍କୃତିର କଥା କୁହାଯାଇଛି । ଗାଳ୍ପିକ କୃଷ୍ଣଚନ୍ଦ୍ର ବାରିକଙ୍କ ଗଳ୍ପ 'ବାଘ'ରେ ମଧ୍ୟ ଏହି ନୂଆଖାଇ ସଂସ୍କୃତିର କଥା କୁହାଯାଇଛି ।

ପଶ୍ଚିମ ଓଡ଼ିଶାର ସଂସ୍କୃତି କଥା କହିଲେ କୃଷି ସଂସ୍କୃତି ଭାବେ ବୁଝାଯାଏ । କାରଣ କୃଷି ସହ ସଂସ୍କୃତି ଓତଃପ୍ରୋତ ଭାବେ ଜଡ଼ିତ । ଅକ୍ଷୟ ତୃତୀୟା, ନୂଆଖାଇ, ଭାଇଜିଉରିଆ, ପୋଷପୂର୍ଣିମା ପରି ଆହୁରି ମଧ୍ୟ ପର୍ବ ଅଛି ।

ଲୋକକଥା-ସମ୍ବଲପୁରୀ କ୍ଷୁଦ୍ରଗଳ୍ପମାନଙ୍କରେ ଲୋକକଥାର ବ୍ୟବହାର ହୋଇଥିବାର ଦେଖାଯାଏ । ଗାଳ୍ପିକ ଶ୍ରଦ୍ଧାକର ସୂପକାରଙ୍କ ଗଳ୍ପ ' ଟୁନି ଆଉର ଭୁଲୁ'ରେ ବାଘ ଓ ବିରାଡ଼ି ଲୋକକଥାଟି ଗଳ୍ପ ମଧ୍ୟରେ ବାପା କିଶୋରକୁ ଶୁଣାଉଥିବାର ରହିଛି । ଗାଳ୍ପିକ ନରସିଂହ ପ୍ରସାଦ ଗୁରୁଙ୍କ ଗଳ୍ପ 'ଚିନ୍ ରକତିଆ ମୁନୁଷ'ରେ ଲୋକକଥାର ପ୍ରୟୋଗ ରହିଛି। ଆରମ୍ଭହେଉଛି – " ଆସରେ ପିଲର କହେମି କଥା । ଗୁଟେ ଛୁଆ ଧାଇଁ ଆସିକରି ପଚାରାବା – କାଏଁ କଥା ? ବୁଢ଼ୀ ବଲ୍‌ବା – ବେଙ୍ଗ କଥା । ଜାଏଁ ବେଗ – ଟୁଡା ବେଗ୍

ISSN NO.
2582-208X

...."(୬୮) ଜେଜେମା କାହାଣୀ ଆରମ୍ଭ କରିଛି । 'ରଜା ଆରୁ ବାବାଜି ଗଳ୍ପ ଲୋକକଥାକୁ ନେଇ ରଚନା କରିଛନ୍ତି । ଏଥିରେ ଆତ୍ୟାଚାରୀ ରାଜା ଓ ବାବାଜୀ ଚତୁରତା କଥା କୁହାଯାଇଛି । 'ନାରଦ୍ ମୁନି ଭକୁଆ ହେଲେ' ଗଳ୍ପରେ ନାରଦ ଭକୁଆ ହେବା ଲୋକକଥାଟି ରହିଛି । ଗାଳ୍ପିକ ନରସିଂହ ପ୍ରସାଦ ଗୁରୁଙ୍କର 'ଆମର୍ କଥାନି' ଗଳ୍ପ ସଂକଳନର ଗଳ୍ପ ଗୁଡ଼ିକ ହେଲା 'ଶିବ ଦେଲେ ବର୍', 'ଚାରକାନୁ ଛକାନ୍', 'ଗାତର୍ ବଏଗୁନ୍', 'ମାକର୍ ଆରୁ କଂଭୀର', 'କାର ବୁଧ କେତେ', 'ଚାର୍ ସଂଗାତ', 'ଲୁଭି ମାହାଜନ୍', 'ଭାଲୁ ଧରାବା', "ମୁନୁଷ୍ କେ ବିଶୁଆସ୍ ନାଇଁ', 'ବୁଧର ବୁଧ", "ଅକାଲ୍ ଦେଶର୍ ରଜା', "କିଏ କାହାର ଚାଁଟିଆ ଶୁଇଛେ ଗାଁ ବାହାର', 'ବୁଢ଼ି ଆରୁ ବାଗ୍" ପ୍ରଭୃତି ଗଳ୍ପ । ଗାଳ୍ପିକ ମୁରଲିଧର ବେହେରାଙ୍କ ଗଳ୍ପ 'ଚୁକ୍ ଲା ଧାନ୍ ଧୁକ୍‌ଲା' ଲୋକକଥାକୁ ନେଇ ରଚିତ । 'ମାକଡ଼ମାନକର ଲେଞ୍ଜକଟା' ଗଳ୍ପଟି ଲୋକକଥାକୁ ନେଇ ରଚିତ । 'ମୟୂର ଚିତ୍ରି ହଉନ୍ ହଉନ୍' ଗଛଟି ଲୋକକଥାକୁ ନେଇ ରଚିତ । ସୁବାସ ମେହେରଙ୍କ 'ଶ୍ରବଣ କୁମାର', 'ସାବାସ୍ ଜୁନି'; ଗୋବର୍ଦ୍ଧନ ସାହୁଙ୍କ 'ବିବେଚନର ପାହାଡ଼ର କଥା', ବିକାଶ ଚନ୍ଦ୍ର ସାହୁଙ୍କ 'ସବୁ ଠାନୁ ବଢ଼ିଆ କବିତା', 'ବୁଧଧିଆଲ୍ ଜୁଏଁ", 'ନାମୀ ଜମିଦାର୍', 'ଲାଏକ୍ କିଏ', 'ମାହାଜନ୍', 'ରଜା ଜନ୍ ଦେଖଲେ', 'ଭରା ତଲେଁ ପେଟା', 'ରଜା ଆରୁ ଖୁପିଆ' ପ୍ରଭୃତି ଗଳ୍ପରେ ଲୋକକଥାକୁ ନେଇ ଗଳ୍ପ ରଚିତ ।

ଲୋକଗୀତ- ସମ୍ବଲପୁରୀ କ୍ଷୁଦ୍ରଗଳ୍ପରେ ଲୋକଗୀତର ମଧ୍ୟ ବ୍ୟବହାର ଦେଖିବାକୁ ମିଳିଥାଏ । ଗାଳ୍ପିକ ନରସିଂହ ପ୍ରସାଦଙ୍କ ଗଳ୍ପ "ମାକର୍ ଆରୁ କୁଂଭୀର'ରେ ଲୋକଗୀତର ବ୍ୟବହାର କରିଛନ୍ତି – "ଆଏବାର୍ ପା ଚିନା ପଡ଼ିଛେ ଭରବସ୍ତ, ଫିର୍‌ବାର୍ ଚିନ୍ ହାତ ଗୁଠେ ନାଇଁ ।" ଆଉ ଏକ ଗଛ 'ବୁଢ଼ି ଆରୁ ବାଘ'ରେ ଲୋକଗୀତର ବ୍ୟବହାର ରହିଛି । ଜେଜେ ମା କାହାଣୀ ଶେଷ କରେ ସେତେବେଳେ ଜେଜେମା ଗୀତ ଛଳରେ କହେ-

"ମୋର କଥାନି ସର୍‌ଲା ଫୁଲ୍‌ଗଛଟା ମଲା, କାହିଁକିରେ ଫୁଲ୍‌ଗଛ ମଲ୍, ମୋତେ ଜାଲି ଗାଇ ଖାଇ ଦେଲା.... ।"(୬୮)

ଗାଳ୍ପିକ ପରମେସ୍ୱର ବାଗ୍‌ଙ୍କ ଗଳ୍ପ 'କର୍ତ୍ତାର ମୁଡେଁ ଠୋ'ରେ ଲୋକଗୀତର ବ୍ୟବହାର ହୋଇଛି । କାନ୍ଦଣା ଗୀତର ବ୍ୟବହାର ହୋଇଛି । କିଏ ଜଣେ ମରିଯାଇଥିବା ଉଦ୍ଦେଶ୍ୟରେ ସ୍ତ୍ରୀ ଲୋକଟେ କାନ୍ଦୁଛି –

ISSN NO.
2582-208X

"ତୁମର୍ କୁଲା ଏଡ଼େ ଛାତି କାଏଁ ହାତୀ ହୋ, କଲା ଝିଝିମ୍ ବାନ୍ଧିରା ଝଲ୍‌ପୁଥିଲା ପିଠି କାଏଁ ହାତୀ ହୋ, ତୁମର୍ ଆଏଁଖ୍ ମଲ୍‌କା ମୁରିଆ ମେଛା, ଗଲା କେନ୍ କୃତିକାଏଁ ହାତୀହେ ।"(୭୯)

ଗାଳିକ କୁମୁଦ ଚନ୍ଦ୍ର ଦାଶଙ୍କ ଗଳ୍ପ 'କନ୍‌ହେଇର ହୁଣ୍ଡର'ର ଆରମ୍ଭର ଲୋକଗୀତ ଗୋଟିଏ ପଦର ବ୍ୟବହାର ହୋଇଛି । "ଆସ୍ଫୁଟି ଭାସ୍କୁଟି କୁକ୍‌ରା ଗୁହୁଁ ଲୁଟପୁଟି, ବାହାର ବଲି କାହାର ଆଜ୍ଞା – ଈଶ୍ୱର ପାର୍ବତୀକର କୁଟିକୁଟି ଆଜ୍ଞା" (୮୦) ଏହି ପଦଟିର ବ୍ୟବହାର ହୋଇଛି ।

ପଶ୍ଚିମ ଓଡ଼ିଶା ଅଧିବାସୀ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । କୃଷି ସହିତ ତାଙ୍କର ଅନେକ ସଂସ୍କୃତି ମଧ୍ୟ ଯୋଡ଼ି ରହିଛି । ନୂଆଖାଇ, ପୌଷପୂର୍ଣ୍ଣିମା, ଦଶହରା, ଅକ୍ଷୟ ତୃତୀୟା, ରଜ ସଂକ୍ରାନ୍ତି, ମାଣବସା ଗୁରୁବାର ଏମିତି ଅନେକ ସଂସ୍କୃତି ।

(((-)))

Assistant Professor,
ଓଡିଆ ବିଭାଗ
OSOU, ସମ୍ବଲପୁର

ISSN NO.
2582-208X

# ଦୋଳ ଯାତ



ଶର୍ମିଷ୍ଠା ଦାସ

ଦେଖୁ ଦେଖୁ ମାଘ ହୋଇଲା ଶେଷ
ଫାଲଗୁନ ଆସି ହେଲା ଉପନୀତ
ଫଗୁଣ ମାସରେ ଦୋଳ ପରବ
ଗୋପାଳ ପୁଅର ମନ ଆନନ୍ଦ
ଫଗୁ ଦଶମୀ ରୁ ଆରମ୍ଭ ହୋଇ
ପଞ୍ଚୁଦୋଳେ ଏହା ହୁଅଇ ଶେଷ
ଗଉଡ଼ ଜାତିର ପରବ ଭାବେ
ଦୋଳ ପୂର୍ଣ୍ଣିମା ଟି ଜାଣେ ଜଗତ
କାନ୍ଧ ରେ ଆସିବ ଦୋଳ ବିମାନ
ଝୁଲି ଝୁଲି ଆସିବେ ରାଧା ମୋହନ
ବିମାନ ଭିତରେ ମୋହନ ମୁରାରି
ବସିଥିବେ ସଙ୍ଗେ ରାଧା ଙ୍କୁ ଧରି
ଘର ଘର ବୁଲି ଖାଇବେ ଭୋଗ
ଆରିସା ପିଠା କୁ ଏଣ୍ଡୁରି ପାଗ
ହାତରେ ବାଡ଼ି କାନ୍ଧେ ବାଉଙ୍ଗି ନେଇ
ଯାଉଚି ଗୋପାଳ ପୁଅ ଡାଳି ବୁଡେଇ
ନୂଆ ଶିକା ସଙ୍ଗେ ନୂଆ କଳସ
ଆମ୍ବ ଡାଳ କୁ ଢାଉ ଚିତ୍ର ବିଚିତ୍ର
ଗଉଡ ପୁଅର ଲଉଡ଼ି ଖେଳ
ଦେଖିବାକୁ ଗାଆଁ ଦାଣ୍ଡ ଗହଳ

ISSN NO.
2582-208X

ଖୁଆ ଦଉଡ଼ି କୁ ହାତରେ ଧରି
ଗୋପାଳ ଓଗାଳ ତୁଣ୍ଡେ ଉଚ୍ଚାରି
କଳସିରେ ଜଳ ଭରିବା ପାଇଁ
ନାଚି ନାଚି ଗାଆଁ ଦାଣ୍ଡରେ ଯାଇ
ସଙ୍ଖ ହୁଳହୁଳି ଶବଦରେ ପଡେ ଚହଳ
ମଝିରେ ମଝିରେ ଶିଙ୍ଗା ମହୁରୀ ନାଦ
ଗୋପାଳ ପୁଅର ବେଶ ଲାଗେ ବଡ ସରସ
ଫଗୁ ଖେଳିବାକୁ ମନ ବଡ ହରସ
ରଙ୍ଗ ଅଭିର ଭଳି ଭଳି ପିଚକାରୀ ରେ
ଗାଆଁ ଦାଣ୍ଡ ସବୁ ନାଲି ଗୋଲାପି ସାଜେ
ଦୋଳ ଯାତ୍ରା ର କଥା ଏହିଟି ଜାଣ
ଆମ ଗୋପାଳ ପରବ ଭାରି ସୁନ୍ଦର

(((-)))

ଓରତ, କେନ୍ଦ୍ରାପଡା

ISSN NO.
2582-208X

# ମହାବିଷୁବ ସଂକ୍ରାନ୍ତ ଓ ନୂତନ ବର୍ଷ



ମଞ୍ଜୀତ କୁମାର ସେଠୀ

ଉପକ୍ରମ : -

ପଣାସଂକ୍ରାନ୍ତି ଯାହାକୁ ଆମେ ମହାବିଷୁବ ସଂକ୍ରାନ୍ତି ମଧ୍ୟ କହୁ, ଓଡ଼ିଆ ଜନଜୀବନର ଏକ ପବିତ୍ର ଓ ପାରମ୍ପରିକ ପର୍ବ। ଏହି ଦିନରୁ ଆରମ୍ଭ ହୁଏ ଓଡ଼ିଆ ନୂତନ ବର୍ଷ। ସାଧାରଣତଃ ଏହା ଏପ୍ରିଲ 14 କିମ୍ବା 15 ତାରିଖରେ ପାଳନ କରାଯାଏ। ପଣା ସଂକ୍ରାନ୍ତିର ମିଠା ବାସ୍ନାରେ, ଭରିଯାଉ ଖୁସି ଆଜି ମନରେ । ଏହି ପବିତ୍ର ଅବସରରେ ଲୋକମାନେ ଘରକୁ ସଜାନ୍ତି, ପୂଜାର୍ଚ୍ଚନା କରନ୍ତି ଏବଂ ଭଗବାନଙ୍କୁ ପଣା ଭୋଗ ଦିଆଯାଏ। ବିଶେଷକରି ହନୁମାନଙ୍କୁ ପଣା ଅର୍ପଣ କରିବାର ପ୍ରଚଳନ ଅଛି, କାରଣ ଏହି ଦିନକୁ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଏ। ନୂତନ ବର୍ଷର ନୂଆ ସକାଳ, ହସୁଥାଉ ସଦା ଓଡ଼ିଶା କୋଳ । ପରିବାର ସଦସ୍ୟମାନେ ନୂତନ ବସ୍ତ୍ର ପିନ୍ଧି ପରସ୍ପରକୁ ଶୁଭେଚ୍ଛା ଜଣାନ୍ତି। ଗ୍ରାମ ଓ ସହରରେ ମେଳା, ଭଜନ କୀର୍ତ୍ତନ ଓ ଧାର୍ମିକ କାର୍ଯ୍ୟକ୍ରମ ହୋଇଥାଏ।ତୁଳସୀ ଚଉରା ମୂଳେ ଝୁଲୁଛି ଝରା, ଶୀତଳ ପଣାରେ ଆଜି ତୃପ୍ତ ଏ ଧରା । ବୃଷଭ ରାଶିର ସୂର୍ଯ୍ୟଙ୍କ ଗତି, ଜଗନ୍ନାଥ କରନ୍ତୁ ସଭିଙ୍କ ଗୁହାରି ଶୁଣି ।ପଣ ହେଉଛି ବେଲ ଫଳ, ଚିନି, ଛେନା, କଳା ଓ ଜଳ ମିଶାଇ ତିଆରି ଏକ ସୁସ୍ୱାଦୁ ପାନୀୟ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳତା ଦେଇଥାଏ। ଏହି ଦିନ ତୁଳସୀ ଚୌରାରେ ମଧ୍ୟ ପଣା ରଖି ତଳକୁ ଛୋଟ ଛିଦ୍ର କରାଯାଇଥାଏ, ଯାହାରୁ ଧୀରେ ଧୀରେ ପଣା ଝରି ପଡ଼େ — ଏହାକୁ "ବସୁଧାରା" ବୋଲି କୁହାଯାଏ। ଏହିଦିନ ସୂର୍ଯ୍ୟ ମେଷରାଶିକୁ ପ୍ରବେଶ କରିଥାନ୍ତି, ଯାହା ଜ୍ୟୋତିଷ ଶାସ୍ତ୍ରରେ ଏକ ନୂତନ ଆରମ୍ଭର ପ୍ରତୀକ।ଏହି ଦିନରୁ ଆରମ୍ଭ ହୁଏ ଓଡ଼ିଆ ପଞ୍ଜିକାର ନୂତନ ବର୍ଷ। ଲୋକମାନେ ନୂତନ ପଞ୍ଜିକା କିଣି ଘରକୁ ଆଣନ୍ତି ଏବଂ ପୂଜା କରି ଶୁଭ କାର୍ଯ୍ୟ ଆରମ୍ଭ କରନ୍ତି। ଗ୍ରାମ ଅଞ୍ଚଳରେ ବିଶେଷ ଭାବରେ ମେଳା ଓ ଧାର୍ମିକ କାର୍ଯ୍ୟକ୍ରମ ହୋଇଥାଏ।ଏହି ପବିତ୍ର ଦିନଟିରେ ହନୁମାନ ଜୟନ୍ତୀ ମଧ୍ୟ ପାଳନ କରାଯାଏ। ଭକ୍ତମାନେ ଉପବାସ ରଖି

ISSN NO.
2582-208X

ପୂଜାର୍ଚ୍ଚନା କରନ୍ତି ଓ ପଣା ଭୋଗ ଅର୍ପଣ କରନ୍ତି। ପଣା ହେଉଛି ବେଲ ଫଳ, ଦହି, ଚିନି, କଳା ଓ ଜଳ ମିଶାଇ ତିଆରି ହୋଇଥିବା ଏକ ପାନୀୟ। ଗ୍ରୀଷ୍ମ ଋତୁର ତୀବ୍ର ଉଷ୍ଣତାରେ ଏହା ଶରୀରକୁ ଶିତଳ କରିଥାଏ।ପଣାସଂକ୍ରାନ୍ତି କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଆମ ସଂସ୍କୃତି ଓ ପାରମ୍ପରିକତାର ପ୍ରତିବିମ୍ବ। ଏହି ଦିନ ଆମକୁ ନୂତନ ଆଶା, ନୂତନ ସ୍ୱପ୍ନ ଓ ନୂତନ ସଙ୍କଳ୍ପ ନେବାର ପ୍ରେରଣା ଦେଇଥାଏ। ଗତ ବର୍ଷର ଭୁଲକୁ ସୁଧାରି ଆଗାମୀ ଦିନକୁ ଉଜ୍ଜ୍ୱଳ କରିବାର ସନ୍ଦେଶ ଦେଉଛି ଏହି ପବିତ୍ର ଦିନ।ନୂତନ ବର୍ଷ ମାନେ ନୂତନ ଆଶା, ନୂତନ ସ୍ୱପ୍ନ ଓ ନୂତନ ସଙ୍କଳ୍ପ। ଗତ ବର୍ଷର ଭୁଲକୁ ସୁଧାରି ଆମେ ଆଗାମୀ ଦିନକୁ ଆହୁରି ଉଜ୍ଜ୍ୱଳ କରିବା ଉଚିତ। ଏହି ପର୍ବ ଆମକୁ ଏକତା, ପ୍ରେମ ଓ ଭାଇଚାରାର ଶିକ୍ଷା ଦେଇଥାଏ। ଏହି ପର୍ବ ଆମ ସଂସ୍କୃତି ଓ ପାରମ୍ପରିକତାର ଜୀବନ୍ତ ଚିତ୍ର। ଏହା ଓଡ଼ିଆ ଜାତିର ଗର୍ବ ଓ ପରିଚୟର ପ୍ରତୀକ। ଆମେ ସମସ୍ତେ ମିଶି ଏହି ପର୍ବକୁ ସାର୍ଥକ ଭାବରେ ପାଳନ କରିବା ଓ ଆମ ସଂସ୍କୃତିକୁ ଆଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଞ୍ଚାଇବା ଉଚିତ।

### ଏହି ପର୍ବର କିଛି ଖାସ କଥା :-

ଓଡ଼ିଆ ନବବର୍ଷ: ଏହି ଦିନଠାରୁ ନୂଆ ପଞ୍ଜିକା ପ୍ରଚଳନ ହୁଏ ।

ପଣା ସଂକ୍ରାନ୍ତି: ଘରେ ଘରେ ବେଲ, ଛେନା ଓ କଦଳୀର ସୁଆଦିଆ "ପଣା" ପ୍ରସ୍ତୁତ କରାଯାଏ ।

ହନୁମାନ ଜୟନ୍ତୀ: ଏହି ଦିନ ବୀର ହନୁମାନଙ୍କ ଜନ୍ମୋତ୍ସବ ମଧ୍ୟ ପାଳନ କରାଯାଏ ।

ଝରା ବନ୍ଧା: ତୁଳସୀ ଚଉରା ଉପରେଏକ ଛୋଟ ମାଠିଆ (ଝରା) ବନ୍ଧାଯାଇ ଗଛରେ ପାଣି ଦିଆଯାଏ, ଯାହା ଗ୍ରୀଷ୍ମ ଋତୁରୁ ରକ୍ଷା ପାଇବା ପାଇଁ ପ୍ରତୀକ ଅଟେ ।

### ପରମ୍ପରା ଓ ରୀତିନୀତି :-

ବସୁନ୍ଧରା ଠେକି: ଏହି ଦିନ ତୁଳସୀ ଚଉରା ମୂଳେ ଏକ ଛୋଟ ମାଟି ପାତ୍ର (ଠେକି) ବନ୍ଧାଯାଏ। ସେଥିରେ ଏକ ଛୋଟ କଣା କରି ସେଥିରେ ପାଣି ରଖାଯାଏ, ଯାହା ଧୀରେ ଧୀରେ ତୁଳସୀ ଗଛ ମୂଳରେ ପଡ଼ିଥାଏ। ଏହା ପ୍ରଚଣ୍ଡ ଖରାରୁ ଉଦ୍ଭିଦ ଜଗତକୁ ରକ୍ଷା କରିବାର ପ୍ରତୀକ।

ISSN NO.
2582-208X

ଭୋଗ ଓ ପଣା: ଘରେ ଘରେ ଦହି, ବେଲ, ଛତୁଆ, କଦଳୀ ଓ ନଡ଼ିଆ ମିଶ୍ରିତ ସୁସ୍ୱାଦୁ 'ପଣା' ଏବଂ 'ଛତୁଆ' ଭୋଗ କରାଯାଏ।

ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂତନ ବର୍ଷ ବିଷୟରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଓ କୌତୂହଳପୂର୍ଣ୍ଣ ତଥ୍ୟ : -

୧. ନୂତନ ପଞ୍ଜିକାର ପ୍ରଚଳନ

ଏହି ଦିନଠାରୁ ଓଡ଼ିଆ ନୂଆ ପଞ୍ଜିକା ବା କ୍ୟାଲେଣ୍ଡର ଗଣନା ଆରମ୍ଭ ହୁଏ। ଜ୍ୟୋତିଷମାନେ ମନ୍ଦିର ଓ ସର୍ବସାଧାରଣ ସ୍ଥାନରେ ନୂଆ ପଞ୍ଜିକା ପାଠ କରି ଆଗାମୀ ବର୍ଷର ଶୁଭାଶୁଭ, ବର୍ଷା, ଏବଂ ଶସ୍ୟ ଅମଳ ବିଷୟରେ ଭବିଷ୍ୟବାଣୀ କରନ୍ତି।

୨. ଦଣ୍ଡ ନାଚର ଉଦଯାପନ

ଓଡ଼ିଶାର ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶାରେ ଏହି ସମୟରେ ଦଣ୍ଡ ନାଚ ବା 'ଦଣ୍ଡ ଯାତ୍ରା' ଅନୁଷ୍ଠିତ ହୁଏ। ପ୍ରାୟ ୧୩ ରୁ ୨୧ ଦିନ ଧରି ଚାଲୁଥିବା ଏହି କଠିନ ବ୍ରତ ପଣା ସଂକ୍ରାନ୍ତି ଦିନ 'ମେରୁ ଯାତ୍ରା' ସହ ସମାପ୍ତ ହୋଇଥାଏ।

୩. ସାମାଜିକ ଓ ସ୍ୱାସ୍ଥ୍ୟଗତ ଦିଗ

ଜଳଦାନ: ଗ୍ରୀଷ୍ମ ଋତୁରେ ପଥିକମାନଙ୍କ ତୃଷା ମେଣ୍ଟାଇବା ପାଇଁ ଏହି ଦିନଠାରୁ ଗାଁ ଗାଁରେ 'ଜଳଛତ୍ର' ଖୋଲାଯାଏ।

ବେଲ ପଣା: ଏହି ଦିନ ମୁଖ୍ୟତଃ ବେଲ ପଣା ପିଆଯାଏ। ଆୟୁର୍ବେଦ ଅନୁଯାୟୀ, ବେଲ ଗ୍ରୀଷ୍ମ କାଳରେ ପେଟକୁ ଥଣ୍ଡା ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

୪. ବିଭିନ୍ନ ସ୍ଥାନରେ ପାଳନ

ପୁରୀ ଶ୍ରୀମନ୍ଦିର: ଶ୍ରୀମନ୍ଦିରରେ ଏହି ଦିନ ସ୍ୱତନ୍ତ୍ର ନୀତିକାନ୍ତି ହୁଏ। ମହାପ୍ରଭୁଙ୍କ ପାଖରେ ପଣା ଭୋଗ ଲାଗି କରାଯାଏ।

ଛଉ ନାଚ: ମୟୂରଭଞ୍ଜ ଅଞ୍ଚଳରେ ଏହି ସମୟରେ ପ୍ରସିଦ୍ଧ 'ଉଡ଼ା ପର୍ବ' ଓ ଛଉ ନାଚର ଆସର ଜମିଥାଏ।

ISSN NO.
2582-208X

୫. ଶିକ୍ଷା ଓ ସଂସ୍କୃତି

ଏହି ଦିନଟିକୁ ଓଡ଼ିଶା ସରକାର "ଓଡ଼ିଆ ସାହିତ୍ୟ ଦିବସ" ଭାବେ ମଧ୍ୟ ପାଳନ କରନ୍ତି। ବିଭିନ୍ନ ସ୍ଥାନରେ କବି ସମ୍ମିଳନୀ ଓ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ହୋଇଥାଏ।

ଏହି ଦିନ ଆମକୁ ଶିଖାଏ —

ପ୍ରକୃତିକୁ ସମ୍ମାନ କରିବା,
ଜଳର ମୂଲ୍ୟ ବୁଝିବା
ନୂତନ ବର୍ଷରେ ଭଲ କାମ କରିବାର ସଙ୍କଳ୍ପ ନେବା

ସାରକଥାରେ, ପଣାସଂକ୍ରାନ୍ତି ଓ ଓଡ଼ିଆ ନୂତନ ବର୍ଷ ଆମ ଜୀବନରେ ଆନନ୍ଦ, ଏକତା ଓ ଆଧ୍ୟାତ୍ମିକତାର ଅନୁଭବ ଆଣିଥାଏ। ଏହା ଓଡ଼ିଆ ଜାତିର ଗର୍ବ ଓ ପରିଚୟର ପ୍ରତୀକ।

(((-)))

ବେତନଟୀ
ମୟୂରଭଞ୍ଜ

ISSN NO.
2582-208X

# ନାଟକ



ସିଦ୍ଧାନ୍ତ ଦାଶ

ରଙ୍ଗମଞ୍ଚରେ ଅଭିନୟ
କରିଆସୁଛି
କେବେ ନାୟକ
ଖଳନାୟକ
ବହୁତ କିଛି....।

ଅଭିନୟ ମୋର
ହସାଇ ଦିଏ ....
ବେଳେବେଳେ ଶୋକ ଭରିଦିଏ
ଦର୍ଶକ ପ୍ରାଣରେ ....।

ଏ ଅଭିନୟ ଭିତରେ
କେତେ ଦ୍ଵନ୍ଦ କେତେ ଉଠାବସା
ଲୁହ ହସ ଅଭିମାନ
ଏ ସବୁ ନେଇ ନାଟକ ଗତିଶୀଳ ଯେ ...।

ବଂଧୁ ଜୀବନ ତ ଗୋଟିଏ ମହାନାଟକ
ଆମେ ବା ଗୋଟିଏ ଗୋଟିଏ ନାଟ୍ୟକାର

ISSN NO.
2582-208X

ଯାହାର ସମାପ୍ତି ନାହିଁ
ଆଖି ନ ମୁଜିବା ଯାଏ ..।

କର କର କର
ଭଲ ସେ କର ଅଭିନୟ
ହେ ନାଟ୍ୟକାର...
ଦ୍ରଷ୍ଟା ସବୁ ଦେଖୁଛି
ଆଗାମୀ ଅଭିନୟ ଲେଖାହେବ
ଏ ତୋର ବର୍ତ୍ତମାନ କର୍ମରେ ....।

(((-)))

ISSN NO.
2582-208X

# ଫକୀର ମୋହନଙ୍କ ଆତ୍ମଜୀବନୀରେ କେନ୍ଦୁଝର ରାଜା ଓ ରାଜ୍ୟର ଚିତ୍ର

ପବିତ୍ର ଜେନା

କବିତା, ଗଳ୍ପ, ନାଟକ, ଉପନ୍ୟାସ, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ଅନୁବାଦ, ପ୍ରବନ୍ଧ, ରମ୍ୟରଚନା ଇତ୍ୟାଦିକୁ ନେଇ ଓଡ଼ିଆ ସାହିତ୍ୟ ବିଚିତ୍ରବର୍ଣ୍ଣା। ଏହି ବିଚିତ୍ରବର୍ଣ୍ଣା ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ହେଉଛି ଏକ ଜୀବନର ବାସ୍ତବ ଦସ୍ତାବିଜ। ଯେଉଁଥିରେ ଲେଖକ ନିଜ ଜୀବନର ଜନ୍ମ, ବାଲ୍ୟ, କୈଶୋର ଠାରୁ ଆରମ୍ଭ କରି ମୃତ୍ୟୁର ପୂର୍ବାହ୍ନ ଯାଏଁ ବର୍ଣ୍ଣନା କରିଥାଏ। ଅର୍ଥାତ୍ ଯେତେବେଳେ ଲେଖକ ନିଜ ଜୀବନର କଥାକୁ ନିଜେ ଲିପିବଦ୍ଧ କରେ, ସେତେବେଳେ ତାକୁ ଆତ୍ମଜୀବନୀ କୁହାଯାଏ । କିନ୍ତୁ ଏଠାରେ ଗୋଟେ କଥା ମନେରଖିବା ଉଚିତ ଯେ, ଯେଉଁ ଯାଏ ଲେଖକ ନିଜ ଜୀବନର ନିଛକ ସତ୍ୟ ନିଜ ଲେଖାରେ ଉପସ୍ଥାପନ କରିନାହିଁ, ସେଯାଏଁ ସେ ଆତ୍ମଜୀବନୀକୁ ପ୍ରକୃତ ଆତ୍ମଜୀବନୀ କହିପାରିବା ନାହିଁ। ତେଣୁ ଆତ୍ମଜୀବନୀରେ ସମ୍ପୂର୍ଣ୍ଣ ରୂପେ ଐତିହାସିକ ସତ୍ୟତା, ସାମାଜିକ ଦାୟବଦ୍ଧତା, ସାଂସ୍କୃତିକ ଆବେଦନତା, ସାହିତ୍ୟିକ ଗୁଣତା ଆଦିର ସଂଯୋଗ ହୋଇଥିବା ଦରକାର। ଏହା ଐତିହାସିକ ପ୍ରମାଣିକତା ଉପରେ ନିର୍ଭର କରୁଥିବାରୁ ଏହାକୁ ମଧ୍ୟ ଏକ ପ୍ରକାର ସାହିତ୍ୟିକ-ଇତିହାସ ବୋଲି କୁହାଯାଏ।

ଫକୀର ମୋହନଙ୍କ ଆତ୍ମଜୀବନୀ  ମୋହିନୀ ମୋହନ ସେନାପତିଙ୍କ ଦ୍ୱାରା ୧୯୧୭ ମସିହାରେ ପ୍ରଥମେ ୨୨ଟି ପରିଚ୍ଛେଦକୁ ନେଇ 'ଆତ୍ମ-ଜୀବନଚରିତ' ନାମରେ Shree Radhanath co-operating press, cuttack ଦ୍ୱାରା ପ୍ରକାଶ ପାଇଥିଲା । ସେହି ମୋହିନୀ ମୋହନ ସେନାପତିଙ୍କ ଦ୍ୱାରା ୧୯୧୮ ମସିହାରେ ପୁନଃ ମୁଦ୍ରଣ କରାଯାଇଥିଲା। ପିତା ଫକୀର ମୋହନଙ୍କ ସହିତ ମନୋମାଳିନ୍ୟ ଯୋଗୁଁ ତଥା ପିତା ପୁତ୍ର ସମ୍ପର୍କରେ ତିକ୍ତତା ଭାବ ସୃଷ୍ଟି ହୋଇଥିବା ଯୋଗୁଁ ନିଜ ସମ୍ପାଦନାରେ ପ୍ରକାଶିତ ଆତ୍ମ-ଜୀବନ ଚରିତରେ ଅନେକ ଭୁଲ ତଥ୍ୟ ଉପସ୍ଥାପନା କରିଥିବା ଦେଖିବାକୁ ମିଳେ । ମୋହିନୀ ମୋହନ ସେନାପତିଙ୍କ ପରେ ପରେ ଶ୍ରୀନିବାସ ମିଶ୍ର, ଦେବେନ୍ଦ୍ର କୁମାର ଦାସ ଆଦିଙ୍କ ଦ୍ୱାରା

ISSN NO.
2582-208X

ସମ୍ପାଦନରେ 'ଆତ୍ମ-ଜୀବନୀଚରିତ' ଟି ପ୍ରକାଶ ପାଇଅଛି। ଏବଂ ମୋହିନୀ ମୋହନଙ୍କ ସମ୍ପାଦନରେ ପ୍ରକାଶ ପାଇଥିବା ଆତ୍ମ-ଜୀବନ ଚରିତ ମଧ୍ୟରେ ଅନେକ ବିଷୟରେ ତାରତମ୍ୟ ରହିଅଛି। 'ଆତ୍ମ-ଜୀବନଚରିତ' ଟି ଦୁଇଟି ପତ୍ରିକାରେ ପ୍ରକାଶ ପାଇଥିଲା ସତ୍ୟବାଦୀ ଓ ଉତ୍କଳ ସାହିତ୍ୟ। ଗୋପବନ୍ଧୁଙ୍କ ସମ୍ପାଦନାରେ ସତ୍ୟବାଦୀରେ ଦୁଇଟି ପରିଚ୍ଛେଦ। ଯଥା- 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ' ଓ 'ବାଲେଶ୍ୱରରେ ବାଳିକା ବିଦ୍ୟାଳୟ ସ୍ଥାପନ' ପ୍ରକାଶ ପାଇଲା ପରେ ଅବଶିଷ୍ଟ ଅଧ୍ୟାୟ ବିଶ୍ୱନାଥ କରଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା' ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା।

୧୯୧୭ ମସିହାରେ ମୋହିନୀ ମୋହନଙ୍କ ସମ୍ପାଦନାରେ ପ୍ରକାଶିତ ଫକୀର ମୋହନଙ୍କ ଆତ୍ମଜୀବନୀରେ ୨୨ଗୋଟି ପରିଚ୍ଛେଦ ମଧ୍ୟରୁ କେନ୍ଦୁଝର ସମ୍ପର୍କିତ ଦୁଇଟି ପରିଚ୍ଛେଦ ସ୍ଥାନ ପାଇଛି । ସେହି ଦୁଇଟି ପରିଚ୍ଛେଦ ହେଲା (୧) କେନ୍ଦୁଝରରେ ମେନେଜରୀ (୨) କେନ୍ଦୁଝର ପ୍ରଜାବିଦ୍ରୋହ । କିନ୍ତୁ ୨୦୧୦ ମସିହାରେ ଦେବେନ୍ଦ୍ର କୁମାର ଦାସଙ୍କ ସମ୍ପାଦନାରେ ପ୍ରକାଶିତ 'ଫକୀର ମୋହନଙ୍କ ଆତ୍ମଜୀବନୀ ଚରିତ'ରେ ୩୬ଟି ଅଧ୍ୟାୟ ସ୍ଥାନ ପାଇଥିଲା ବେଳେ, କେନ୍ଦୁଝରକୁ ନେଇ ୩ଟି ଅଧ୍ୟାୟ ରହିଛି। ସେଗୁଡିକ ହେଲା (୧) କେଉଁଝର ମ୍ୟାନେଜରୀ (୨) କେଉଁଝରର ପ୍ରଜାବିଦ୍ରୋହ ଓ (୩) କେଉଁଝରରୁ ବିଦାୟ।

ଏହି ଆତ୍ମଜୀବନୀ ପ୍ରକାଶିତ ହେବା ପୂର୍ବରୁ ଯେତେବେଳେ ବିଭିନ୍ନ ପତ୍ରପତ୍ରିକାରେ ବିଭିନ୍ନ ପରିଚ୍ଛେଦ ପ୍ରକାଶିତ ହେଉଥିଲା କିମ୍ବା ଫକୀର ମୋହନଙ୍କ ଦ୍ୱାରା ନୂଆକରି ଏକ ଆତ୍ମଜୀବନୀ ପ୍ରକାଶିତ ହେବାକୁ ଯାଉଛି ବୋଲି ଖବର ପ୍ରଚାରିତ ହେଉଥିଲା। ସେତେବେଳେ ଏହି ଘଟଣା ଗୁଡିକ ଓଡ଼ିଆ ପାଠକବର୍ଗ ତଥା ଅନିସନ୍ଧିତ୍ସୁ ବ୍ୟକ୍ତି ମହଲରେ ଏକ ଚହଳ ସୃଷ୍ଟି କରୁଥିଲା। ଏତଦ୍ ବ୍ୟତୀତ ବିଭିନ୍ନ ପତ୍ରପତ୍ରିକାରୁ ଫକୀର ମୋହନଙ୍କୁ ସାଧୁବାଦ ଜଣାଇ ଦିଆଯାଉଥିଲା। ସେଗୁଡିକରୁ କିଛିଟା ନିମ୍ନରେ ଆଲୋଚନା କରାଗଲା। ଫକୀର ମୋହନ ଆତ୍ମଜୀବନୀ ଲେଖୁଥିବା ଖବର ପାଇ 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଦୀନବନ୍ଧୁ ଗଡ଼ନାୟକ 'ଜୀବନୀ' ଶୀର୍ଷକରେ ଏକ ପ୍ରବନ୍ଧ ଲେଖିଥିଲେ, "ସେନାପତି ମହୋଦୟଙ୍କର ଆତ୍ମଜୀବନୀ ପ୍ରକାଶିତ ହେଲେ ଓଡିଶାର ବହୁ ଦିନର ଐତିହାସିକ, ସାହିତ୍ୟିକ ଓ ଅନନ୍ୟା ଅନେକ ବହୁ ତଥ୍ୟପୂର୍ଣ୍ଣ ଖଣ୍ଡିଏ ଉପାଦେୟ ପୁସ୍ତକ ଆମ୍ଭେମାନେ ପାଠ କରି ଅତ୍ୟନ୍ତ ଖୁସି ହେବୁ" ସମ୍ବଲପୁର ହିତୈଷିଣୀ : ୨୬/୪୯

ISSN NO.
2582-208X

:୨୫/୦୯/୧୯୧୫ (ଫକୀର ମୋହନ ସେନାପତିଙ୍କ ଆତ୍ମଚରିତ : ସଂ. ଦେବେନ୍ଦ୍ର କୁମାର ଦାସ : ପୃଷ୍ଠା-xxx), ସମ୍ବଲପୁର ହିତୈଷିଣୀ, 'ବୃଦ୍ଧ କବି ଫକୀର ମୋହନଙ୍କର ଆତ୍ମଜୀବନୀରୁ ଏକ ଅଧ୍ୟାୟ' ଶୀର୍ଷକରେ ସମ୍ପାଦକୀୟ ସୂଚନା ସହ ପୁନଃ ମୁଦ୍ରିତ କରିଥିଲା । ସୂଚନାରେ ସମ୍ପାଦକ ଗଡ଼ନାୟକ ଲେଖିଥିଲେ, "ଏହି ଆତ୍ମଜୀବନୀ ଖଣ୍ଡିକ ଉତ୍କଳର ଖଣ୍ଡିଏ ଇତିହାସ ରୂପେ ପରିଗଣିତ ହେବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଜୀବନୀ କିପରି ସଂଗ୍ରହ କରାଯାଏ ଏଥିରୁ ଉତ୍କଳବାସୀ ପ୍ରଥମେ ଶିକ୍ଷା କରିବେ ।" ୨୮/୪୪ : ୦୧/୦୯/୧୯୧୭ (ଫକୀର ମୋହନ ସେନାପତିଙ୍କ ଆତ୍ମଚରିତ : ସଂ. ଦେବେନ୍ଦ୍ର କୁମାର ଦାସ : ପୃଷ୍ଠା- xxxiii) ।

ଉକ୍ତ ଉଦ୍ଧୃତିଦ୍ୱୟ ପାଠକ, ପାଠିକା, ଜ୍ଞାନ ପିପାସୁ ଅନୁସନ୍ଧିତ୍ସୁ ବ୍ୟକ୍ତିମାନଙ୍କର ପଠନେଚ୍ଛାର ବହୁଳ ମାତ୍ରାକୁ ସୂଚାଇବା ସହ ଫକୀର ମୋହନଙ୍କ ଅନ୍ୟାନ୍ୟ ରଚନାବଳୀ ଓ ଆତ୍ମଜୀବନୀର ଐତିହାସିକ ସତ୍ୟତାକୁ ମଧ୍ୟ ସୂଚାଇଥାଏ। ତେଣୁ ଫକୀର ମୋହନଙ୍କ ସାହିତ୍ୟରେ ଇତିହାସର ପଦଧ୍ୱନି ସୂଚାଯାଇଥାଏ ବୋଲି କହିଲେ ଅତ୍ୟୁକ୍ତି ହେବ ବରମ୍ ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ, ଫକୀର ମୋହନ ହିଁ ଗୋଟେ ମସ୍ତବଡ଼ ଇତିହାସ ଓ ଗୋଟେ ଜାତିର ସାହିତ୍ୟର ନିର୍ମାଣକର୍ତ୍ତା ଓ ପ୍ରବାଦ ପୁରୁଷ।

### କେନ୍ଦୁଝର

ଯେଉଁଠି ପବିତ୍ର କାରିଣୀ ତ୍ରିପଥଗା ଗଙ୍ଗା ଖରସ୍ରୋତା ବୈତରଣୀ ରୂପରେ ପ୍ରବାହିତ ହୋଇ କ୍ଷେତ୍ରାରାଧ୍ୟ ଦେବତା ମହାପ୍ରଭୁ ବଳଦେବ ଜୀଉଙ୍କର ପାଦଧୌତ କରୁଅଛି, ଯେଉଁ ମାଟିର ପ୍ରତ୍ୟେକଟି ରେଣୁରେ ଇତିହାସର ପଦଧ୍ୱନି ଅନୁରଣିତ ହେଉଅଛି, ଯେଉଁ ମାଟିରେ ମେଘଷ୍ଟୁମ୍ବି, ମେଘାସନ, ଖଣ୍ଡାକୃତି ଖଣ୍ଡାଧାର, ଓ ଗୋନାସିକା, ଗନ୍ଧମାର୍ଦ୍ଦନ ଠିଆ ହୋଇ ଓଡ଼ିଆର ଗୌରବ ବଖାଣୁଛନ୍ତି, ଏହି ସେହି ଆଦିମ ଭୂମିଜ ଭୂୟାଁଙ୍କର ଐତିହାସିକ ସଂସ୍କୃତି ସମ୍ପୂର୍ଣ୍ଣ, ବୀର, ସ୍ୱାଭିମାନର ମାଟି କେଉଁଝର । ପୂର୍ବରୁ କେନ୍ଦୁଝର ଓ ମୟୁରଭଞ୍ଜ ଗୋଟିଏ ରାଜ୍ୟ ଥିଲା। ଏହି ରାଜ୍ୟରେ ପ୍ରବାହିତ ହେଉଥିଲା ନଦୀ ବୈତରଣୀ ଏବଂ ଖିଚିଙ୍ଗ୍ କୋଟ୍ ଥିଲା ଏହି ରାଜ୍ୟର ରାଜଧାନୀ। ବୈତରଣୀ ନଦୀର ଏପାଖରେ ଅର୍ଥାତ୍ ବର୍ତ୍ତମାନର ମୟୂରଭଞ୍ଜର ଖିଚିଙ୍ଗମଣ୍ଡଳ ଥିବାରୁ ନଦୀ ସେପାଖରେ ଥିବା (ବର୍ତ୍ତମାନର କେଉଁଝର ଗଡ଼) ପ୍ରଜାଗଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ, ଫଳରେ ଖିଚିଙ୍ଗକୁ ରାଜଧାନୀ କରିଥିବା କୋଟ୍ ଭଞ୍ଜଙ୍କ ପରେ ତାଙ୍କ ଦ୍ୱିତୀୟ ପୁତ୍ର ଜ୍ୟୋତି ଭଞ୍ଜ (ପ୍ରଥମ ପୁତ୍ର

ISSN NO.
2582-208X

ଆଦିଭଞ୍ଜ )ଙ୍କୁ ଭୂୟାଁମାନେ ଚୋରାଇ ନେଇ ବୈତରଣୀ ନଦୀର ଆରପଟ ଅର୍ଥାତ୍ ଏକ ନୂତନ ରାଜ୍ୟ ଗଠନ କରିଥିଲେ ଯାହା କେଉଁଝର ଗଡ଼ନାମରେ ନାମିତ। ବର୍ତ୍ତମାନ ଏହାର "ପୂର୍ବରେ କଣାପାଣି ନଦୀ, ବାହାତ୍ରି ଶିଳା, ଦରଖୋଳା ମୁଷଳ ନଦୀ ଓ ନିଡ଼ଳ ପାହାଡ଼, ପଶ୍ଚିମରେ ପାଲଲହଡ଼ା ଓ ବଣାଇ, ଉତ୍ତରରେ ସିଂହଭୂମ, ସାରଣ୍ଡା, ମୟୂରଭଞ୍ଜ, ଦକ୍ଷିଣରେ ଢେଙ୍କାନାଳ ଓ ସୁକିନ୍ଦା ରହିଅଛି ।" (କେଉଁଝରର ଇତିହାସ-ପ୍ରଥମ ଭାଗ : ମଦନ ମୋହନ ମିଶ୍ର : ପୃଷ୍ଠା-୮୪)

## କେନ୍ଦୁଝର ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ

୧୧୨୮ ମସିହାରୁ ଆରମ୍ଭକରି ୧୯୪୭ ମସିହା ପର୍ଯ୍ୟନ୍ତ ଅର୍ଥାତ୍ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ, କେନ୍ଦୁଝର ରାଜ୍ୟକୁ ସର୍ବମୋଟ ୩୮ ଜଣ ରାଜା ଶାସନ କରିଥିଲେ। ରାଜା 'ଜ୍ୟୋତି ଭଞ୍ଜ' ଥିଲେ କେନ୍ଦୁଝର ଗଡ଼ର  ପ୍ରଥମ ରାଜା ଏବଂ ବଳଭଦ୍ର ନାରାୟଣ ଭଞ୍ଜ ଥିଲେ (୧୯୪୭ ମସିହା) ୩୮ତମ ରାଜା ବା ଶେଷ ରାଜା। ଫକୀର ମୋହନ ଯେଉଁ ସମୟରେ କେଉଁଝର ଗଡ଼କୁ ମ୍ୟାନେଜରୀ କରିବାକୁ ଆସିଥିଲେ ସେହି ସମୟରେ ଏହି ରାଜ୍ୟର ରାଜା ଥିଲେ ମହାରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ । ସେ ଥିଲେ କେଉଁଝରର ଛତିଶ (୩୬) ତମ ରାଜା । ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ୧୮୬୧ ରୁ ୧୯୦୫ ମସିହା ପର୍ଯ୍ୟନ୍ତ ସିଂହାସନରେ ଅଧିଷ୍ଠିତ ହୋଇଥିଲେ । ଏହି ରାଜା ଅତ୍ୟନ୍ତ ପ୍ରଜାବତ୍ସଳ ଓ ଉତ୍ତମ ସ୍ୱଭାବର ଅଧିକାରୀ ଥିଲେ । ଏହାଙ୍କ ଗୁଣଗାନ କରି ଫକୀର ମୋହନ 'କେଉଁଝରରେ ମ୍ୟାନେଜରୀ' ପରିଚ୍ଛେଦରେ ଉଲ୍ଲେଖ କରିଛନ୍ତି, "ସମସ୍ତ କେଉଁଝର ଜିଲ୍ଲା ପ୍ରାୟ ତିନି ହଜାର ବର୍ଗ ମାଇଲ ସମସ୍ତଟାକୁ ଯେମନ୍ତ ନଖ ଦର୍ପଣ ସ୍ୱରୂପ କରି ରଖିଥିଲେ । ଜିଲ୍ଲା ମଧ୍ୟରେ କେଉଁ ଲୋକର ସ୍ୱଭାବ କିପରି, ତାହା ତାଙ୍କୁ ଜଣା ଥିଲା। ବାକପଟୁ, କର୍ମବୀର, ରୁଗ୍ଣ, କ୍ଷୀଣ ଶରୀର ମାତ୍ର ପ୍ରାତଃ କାଳରୁ ଅର୍ଦ୍ଧରାତ୍ର ଯାଏ କାର୍ଯ୍ୟରେ ଲାଗି ରହିଥାନ୍ତି । ରାଜ୍ୟର ଶାସନ ସମ୍ପର୍କୀୟ ପ୍ରତ୍ୟେକ କାର୍ଯ୍ୟ ସ୍ୱଚକ୍ଷୁରେ ଦେଖୁଥିଲେ । ରାଜ୍ୟର ସାଧାରଣ କାର୍ଯ୍ୟର ଉନ୍ନତି ସକାଶେ ତାଙ୍କର ବିଶେଷ ଉତ୍ସାହ ଏବଂ ଇଚ୍ଛା ଥିଲା "

ସମାଜ, ସଂସ୍କୃତି, ପରିବେଶ, ପ୍ରଜା ଆଦିଙ୍କର ସୁରକ୍ଷା କରିବା ରାଜାର କର୍ତ୍ତବ୍ୟ । ଆମ ସଂସ୍କୃତି ଦେବତାର ସଂସ୍କୃତି, ମୁଖ୍ୟତଃ ଦେବତାଙ୍କୁ ଆଧାର କରି ଆମ ସମାଜରେ ପୂଜା ପାର୍ବଣ, ରୀତିନୀତି ପାଳନ କରାଯାଇଥାଏ । ଏହି ଦେବ ମନ୍ଦିର ସହିତ ଧନୁର୍ଜ୍ଜୟଙ୍କର ଏକ କାହାଣୀ ଜଡିତ। ଯଯାତି କେଶରୀ ଙ୍କ ଦ୍ୱାରା ତିଆରି କରାଯାଇଥିବା କୁଶେଳଶ୍ୱର

ISSN NO.
2582-208X

ମହାଦେବ ମନ୍ଦିର କୁଶଭଦ୍ରା ନଦୀର ପ୍ରବଳ ସ୍ରୋତରେ ନଦୀ ଗର୍ଭସାତ୍ ହେବାକୁ ବସିଥିଲା ବେଳେ ରାଜା ଧନୁର୍ଜ୍ଜୟ ସେହି ନଦୀରେ ଏକ ବନ୍ଧ ନିର୍ମାଣ କରିଥିଲେ । ଯାହା କେବଳ ଦେବ ମନ୍ଦିର ନୁହେଁ ଏକ ସଂସ୍କୃତି ସୁରକ୍ଷାର ପ୍ରତୀକ ବହନ କରିଥାଏ । ଏହି ରାଜାଙ୍କ ସମୟରେ ରାଜ୍ୟର ଶ୍ରୀବୃଦ୍ଧି ସାଧନରେ କେତେକ ଉନ୍ନତମାନର କାର୍ଯ୍ୟ କରାଯାଇଥିଲା। ସେଗୁଡିକୁ ନିମ୍ନରେ କ୍ରମାନୁକ୍ରମେ ଉଲ୍ଲେଖ କରାଗଲା।

(୧) ଏହି ରାଜା କେନ୍ଦୁଝରଗଡ଼ରେ ଗୁଣ୍ଡିଚା ମନ୍ଦିର ନିର୍ମାଣ କରିଥିଲେ।

(୨) କେନ୍ଦୁଝରଗଡ଼ ନିକଟବର୍ତ୍ତୀ ବୁଢ଼ା ପଥର ନାମକ ସ୍ଥାନରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଖକୁ ଯିବା ପାଇଁ ରାସ୍ତା ନଥିଲା। ରାଜା ସେଠାକୁ ରାସ୍ତା ନିର୍ମାଣ କରି ସମାଧାନ କରିଥିଲେ।

(୩) ଭୂୟାଁପୀଢ ନିକଟ ପାଟଣାଠାରେ ବିରାଜିତ ପାଟେଶ୍ୱର ମହାଦେବଙ୍କ ବିଶାଳ ମନ୍ଦିର ଏହାଙ୍କର ଅନ୍ୟତମ କୀର୍ତ୍ତି।

(୪) କୃଷିର ଉନ୍ନତି ପାଇଁ କୁଶଭଦ୍ରା ନଦୀରେ ବନ୍ଧ ନିର୍ମାଣ।

(୫) ସିଂହଭୂମି ଜୟନ୍ତୀଠାରୁ କଟକ ଜିଲ୍ଲା ବ୍ୟାସସରୋବର ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ।

(୬) ମହାପ୍ରଭୁ ବଳଦେବଜୀଉଙ୍କର ଚାପ ଖେଳିବା / ଚନ୍ଦନ ଯାତ୍ରା କରିବା ନିମନ୍ତେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ସ୍ୱରୂପ ମାଟିଆବନ୍ଧ ଠାରେ ପ୍ରକାଣ୍ଡ ପୁଷ୍କରିଣୀ ଖନନ।

(୭)ଶିକ୍ଷାର ଉନ୍ନତି ନିମନ୍ତେ ରାଜା ଗଡ଼ ଏବଂ ଗ୍ରାମାଞ୍ଚଳରେ ସ୍କୁଲର ସ୍ଥାପନା କରିଥିଲେ।

(୮)ପ୍ରଜାମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ରାଜା ନିଜ ଗଡ଼ରେ ଚିକିତ୍ସାଳୟ ପ୍ରତିଷ୍ଠା କରିଥିଲେ।

## ରାଜ୍ୟର ଚିତ୍ର : 'ବେଠି ପ୍ରଥା'

କୌଣସି ମୂଲ୍ୟ ନପାଇ ବା ବିନା ପାରିଶ୍ରମିକରେ ଶ୍ରମ ଦାନ କରିବାକୁ 'ବେଠି' ବୋଲି କୁହଯାଏ । ପ୍ରାଚୀନ କାଳରୁ ଏହି ପ୍ରଥା କ୍ରମାନୁକ୍ରମିକ ଭାବରେ ଗତି କରି ଆସିଅଛି ।

ISSN NO.
2582-208X

ଶ୍ରମିକ ଶ୍ରମ ଦାନ କରେ ଅର୍ଥଚ ତାର ମୂଲ୍ୟ ତାକୁ ମିଳେ ନାହିଁ । ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ କେନ୍ଦୁଝରର ଚିତ୍ର ପ୍ରଦାନ କଲା ବେଳେ ଏହି 'ବେଠି' ପ୍ରଥାର ଦୃଶ ବର୍ଣ୍ଣନା କରିଥିବା ଦେଖିବାକୁ ମିଳିଥାଏ । ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ରାଜ୍ୟର ଉନ୍ନତି କଳ୍ପେ 'ମାଛକାନ୍ଦଣା' ଜଳପ୍ରପାତରୁ ପ୍ରବାହିତ ହେଇ ନଷ୍ଟ ହେଉଥିବା ଜଳ ସମୂହକୁ ସଂରକ୍ଷଣ କରି ରାଜ୍ୟ କୃଷିର ଉନ୍ନତିରେ ବ୍ୟବହାର କରିବା ପାଇଁ ସେଇ ପ୍ରପାତର ନିମ୍ନ ଭାଗରେ ଏକ ନଦୀବନ୍ଧ ବାନ୍ଧି ଜଳ ସଂରକ୍ଷଣର ବ୍ୟବସ୍ଥା କରିଥିଲେ । ଏଥି ନିମନ୍ତେ ରାଜ୍ୟର ଭୂଇଁଆମାନେ ବିନା ପାରିଶ୍ରମିକରେ 'ବେଠି' ଖଟିଥିଲେ । ଯାହା ତତ୍କାଳୀନ ସମାଜରେ 'ବେଠି' ପ୍ରଥା ଥିବା ସୂଚାଇ ଦେଇଥାଏ । ରାଜାଙ୍କର କଠିନ ଆଦେଶରେ ହେଉ ଅବା ନିଜ ରାଜ୍ୟର ଉନ୍ନତିରେ ହେଉ ଅବା ପାରମ୍ପରିକ ପ୍ରଥାନୁସାରେ ହଉ 'ବେଠି' ପ୍ରଥା କିନ୍ତୁ ପ୍ରଚଳିତ ଥିଲା ।

### କର / ଖଜଣା

ଦ୍ରବ୍ୟର ଆମଦାନୀ ଓ ରପ୍ତାନିରେ ରାଜସ୍ୱ ଶୁଳ୍କ/ଟିକସକୁ କର କୁହଯାଏ । ଏହି କର ବିଭିନ୍ନ ପ୍ରକାରର ପ୍ରକାରର ହୋଇଥାଏ ଚୁଲି କର, ଜମିକର, ଆଦି ପ୍ରକାରର । ପ୍ରାଚୀନ କାଳରେ ରାଜାମାନେ ପ୍ରଜାମାନଙ୍କଠୁ ଏ ସବୁ କର ଆଦାୟ କରୁଥିଲେ । କରର ଅସହ୍ୟ ଭାରରେ ପ୍ରପୀଡିତ ପ୍ରଜା ଗୋଷ୍ଠୀ ମଝିରେ ମଝିରେ ମଧ୍ୟ ରାଜଶକ୍ତି ବିରୁଦ୍ଧରେ ମୁଣ୍ଡ ଟେକି ଉଠୁଥିଲେ ଫଳରେ ଅନେକ ପ୍ରକାର ସମସ୍ୟା ଉପୁଜୁଥିଲା ଏବଂ ଅନ୍ତଃ କଳହ ମଧ୍ୟ ଲାଗି ରହୁଥିଲା । ବେଳେବେଳେ ରାଜସ୍ୱ 'କର' ଦେଇ ନପାରିଲେ ପ୍ରଜାମାନଙ୍କଠୁ ଚାଷ ଜମି ଆଦି ଛଡାଇ ନିଆ ଯାଉଥିଲା । ଯଦିବା ଏ ସବୁ କର ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କ ସମୟରେ ନଥିଲା କିନ୍ତୁ ତତ୍କାଳୀନ ସମୟରେ 'କର' ଆଦାୟ ପ୍ରଥା ନିଶ୍ଚିନ୍ତ ରୂପରେ ଥିଲା । ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କ ସମୟରେ ବିଧବାମାନଙ୍କଠୁ କେବଳ ଗୋଟିଏ 'କର' ଆଦାୟ କରାଯାଉଥିଲା, ଯାହା 'ଚିଲ୍ଲିକର' ନାମରେ ପରିଚିତ ବୋଲି ଉଲ୍ଲେଖ କରିଛନ୍ତି ।

### 'ବଳିପ୍ରଥା'

ଭାରତୀୟ ତନ୍ତ୍ର ପରମ୍ପରାରେ ତାନ୍ତ୍ରିକମାନେ ସେମାନଙ୍କର ଆରାଧ୍ୟ ଠାକୁରାଣୀକୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ବଳି ପ୍ରଦାନ କରୁଥିଲେ । ରାଜା ନିଜ ରାଜ୍ୟର ସୁରକ୍ଷା ପାଇଁ

ISSN NO.
2582-208X

ନିଜ ନିଜ ଗଡ଼ଚଣ୍ଡିମାନଙ୍କପାଖରେ ବଳି ପ୍ରଦାନ କରିଥିବା ଦେଖିବାକୁ ମିଳିଥିବା ବେଳେ ଆଦିବାସୀ ଭୁଇଁଆମାନେ ମଧ୍ୟ ସେମାନଙ୍କର ଦେବୀଙ୍କୁ ବଳି ଦେବା ଦେଇ ନିଜର ପରମ୍ପରାକୁ ବଜାୟ ରଖିଥାନ୍ତି । ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କ ସମୟରେ ରାଜ ସିଂହାସନକୁ ନେଇ ଯେଉଁ ବିବାଦ ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ଓ ସାବତ ମା ବିଷ୍ଣୁପ୍ରିୟାଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ସେହି ବିବାଦ କ୍ରମେ ରାଜ ମହଲାରୁ ଯାଇ ଭୁଇଁଆମାନଙ୍କ ଗୋଚର ହୋଇଥିଲା ଏଥିରେ ଭୁଇଁଆ ମାନେ ରାଣୀ ବିଷ୍ଣୁପ୍ରିୟାଙ୍କ ସପକ୍ଷରେ ରହି ଯୁଧ୍ୟ ଆରମ୍ଭ କରିଦେଲେ । ଫଳରେ ରାଜା ଓ ପ୍ରଜାମାନଙ୍କ ମଧ୍ୟରେ କ୍ରମେ କ୍ରମେ ବିବାଦ ଭୟଙ୍କର ରୂପ ଧାରଣ କରିଥିଲା । ଶେଷରେ ନୃଶଂସ ଭୁଇଁଆମାନେ ରାଜାଙ୍କ ମନ୍ତ୍ରୀ ଚନ୍ଦ୍ରଶେଖର ଧଳ ମହାପାତ୍ରଙ୍କ ସହିତ ଅନ୍ୟ କେତେଜଣ ସିପାହୀକୁ ଧରି ନେଇ ନିଜ ଭୁଇଁଆ ପୀଢ଼ର ଦେବୀ ପାଖରେ ବଳି ପ୍ରଦାନ କରି ଦେଇଥିଲେ ଯାହା ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରୁଛନ୍ତି । ଏଥିରୁ ଅନୁମିତ ହୁଏ ଯେ ତତ୍କାଳୀନ ସମୟରେ ଖାଲି ପଶୁ ପକ୍ଷୀ ନୁହେଁ ବଳି ନୁହେଁ ମଣିଷ ବଳି ମଧ୍ୟ ପ୍ରଚଳିତ ଥିଲା ।

### କୃଷି :

କୃଷି ଓ ଜଙ୍ଗଲ ଜାତ ଦ୍ରବ୍ୟ କେଉଁଝର ବାସୀଙ୍କର ଜୀବିକା ନିର୍ବାହର ମାଧ୍ୟମ ଅଟେ । ଏଠାରେ ମୁଖ୍ୟତଃ କୃଷି ଭିତରେ ଧାନ ଫସଲକୁ ଲୋକମାନେ ବହୁତ୍ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ଏହି ଫସଲ ନିମନ୍ତେ ରାଜା କୁଶଭଦ୍ରା ନଦୀ ଠାରୁ ଆରମ୍ଭ କରି ମାଛକାନ୍ଦଣା ଜଳ ପ୍ରପାତ ଯାଏଁ ନଦୀ ବନ୍ଧ କରି ଜଳ ସଂରକ୍ଷଣ କରୁଥିଲେ ଏହା ରାଜ୍ୟର କୃଷି କାର୍ଯ୍ୟରେ ଉପଯୋଗ ହୋଇ ପାରୁଥିଲା । ଯାହା ଯୋଗୁ ଆଦିବାସୀ ଅଧ୍ୟୁଷିତ ରାଜ୍ୟ ବାସୀ ଭଲ ରେ ଦୁଇମୁଠା ଖାଦ୍ୟ ଖାଇ ପାରୁଥିଲେ । ଏହା ଭୂମିଜମାନଙ୍କର ବାସସ୍ଥାନ ହୋଇଥିବାରୁ ଏଠାରେ ବିଭିନ୍ନ ପ୍ରକାରର ଭୂମିଜ ଅର୍ଥାତ୍ ଆଦିବାସୀମାନେ ବସବାସ କରନ୍ତି । ଯେପରିକି କୋହ୍ଲ, ଗଣ୍ଡ, ହୋ, ଭୂଇଁଆ, ସାନ୍ତାଳି, ଶବର ଇତ୍ୟାଦି । ଏମାନେ ପୌଷ ମାସରେ ଧାନ ଅମଳ କରିଥାନ୍ତି, ଦୁଇ ଚାରିମାସ ଭଲରେ ଖାଦ୍ୟ ଖାଇ ଖାଦ୍ୟ ସରିଯିବା ପରେ ପୁଣି ଚୈତ୍ର ମାସରେ ବିଲକୁ ଯିବା ପାଇଁ ପ୍ରସ୍ତୁତ ହୋଇଥାନ୍ତି ।

### ପ୍ରଜା ଆନ୍ଦୋଳନ :

୧୮୯୧ ମସିହାରେ ପ୍ରଜା ଆନ୍ଦୋଳନ/ପ୍ରଜାବିଦ୍ରୋହ ଉପସ୍ଥିତ ହୋଇଥିଲା । ରାଜା ଧନୁର୍ଜ୍ଜୟ ଯନାରାୟଣ ଭଞ୍ଜ ଥିଲେ ରାଜ୍ୟର ସମସ୍ତ ଶାସନ କର୍ତ୍ତା । ଫକୀର ମୋହନ ଥିଲେ ରାଜା

ISSN NO.
2582-208X

ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କର ମନ୍ତ୍ରୀ। ବିନା ମୂଲ୍ୟରେ 'ମାଛକାନ୍ଦଣା' ଜଳପ୍ରପାତ ବନ୍ଧବାନ୍ଧି ଭୂୟାଁମାନଙ୍କୁ ବେଠି ଖଟାଇବା ଯୋଗୁଁ ଭୂୟାଁମାନେ କ୍ରୋଧରେ ଏକତ୍ରିତ ହୋଇ ଧରଣୀଧରଙ୍କ ନେତୃତ୍ୱରେ ଏକ ବୃହତ୍ତ ଆନ୍ଦୋଳନ କରିଥିଲେ । ଯାହା ଏକ ପ୍ରଜାମେଳିର ଭୟଙ୍କର ରୂପ ଧାରଣ କରିଥିଲା ବୋଲି ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଏହି କାରଣ ବାଦ୍ ପ୍ରଜାମେଳି ହେବାର ଅନ୍ୟ ତିନୋଟି କାରଣ ମଧ୍ୟ ଅଛି। ଗଦାଧର ଭଞ୍ଜଙ୍କ ପ୍ରଥମ ରାଣୀ 'ବିଷ୍ଣୁପ୍ରିୟା' ଦେବୀ ନିଃସନ୍ତାନ ଥିବାରୁ ଦ୍ୱିତୀୟ ରାଣୀଙ୍କ ପୁତ୍ର ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ରାଜସିଂହାସନରେ ବସିବା କଥା କିନ୍ତୁ ଧନୁର୍ଜ୍ଜୟ ଭଞ୍ଜ ରାଜସିଂହାସନରେ ବସନ୍ତୁ ବୋଲି ବିଷ୍ଣୁପ୍ରିୟା ଦେବୀ ଚାହୁଁନଥିଲେ।

ତେଣୁ ସେ ମୟୁରଭଞ୍ଜ ରାଜ୍ୟର ଏକ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ ଏଥିପାଇଁ କୋଟ କଚେରୀରେ ଅନେକ ମସୀଯୁଦ୍ଧ ଚାଲିଲା ପରେ ବିଷ୍ଣୁପ୍ରିୟା ଦେବୀ ହାରିଯାଇ ଯୁଦ୍ଧ ପାଇଁ ଭୂୟାଁମାନଙ୍କର ଆଶ୍ରୟ ନେଇଥିଲେ । ଦ୍ୱିତୀୟ କାରଣ ଭୂୟାଁମାନଙ୍କର ପାଠପଢା ପାଇଁ ଭୂୟାଁ ପୀଢରେ ଏକ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ଏହାର ସମସ୍ତ ଖର୍ଚ୍ଚ ରାଜା ବହନ କରିବାକୁ ଥିବା ବେଳେ କେବଳ ସ୍କୁଲ ଘରକୁ ନେଇ ଯାହା ଖର୍ଚ୍ଚ ହେବ ତାହା ଭୂୟାଁ ପ୍ରଜାମାନେ ବହନ କରିବାର ପରମ୍ପରା ଥିଲା ଏବଂ ଏହାର ନେତୃତ୍ୱ ଥିଲା ଭୂୟାଁ ପ୍ରଜାନେତା ଧାରିଣୀଧର ଭାଇ ଗୋପାଳ ନାଏକ ଉପରେ । ଗୋପାଳ ନାଏକ ସେହି ଘର ପ୍ରତି ଧ୍ୟାନ ନଦେବାରୁ ରାଜାଙ୍କ କନେଷ୍ଟବଳ ଭଙ୍ଗା ଗୃହ ତଥା ଅଛପର ଘରକୁ ଛପର କରିବାପାଇଁ ଆଦେଶ ଦେଇଥିଲେ । କିନ୍ତୁ ଗୋପାଳ ନାଏକ ଏହା ନଶୁଣି ସେହି କନେଷ୍ଟବଳକୁ ଅପମାନିତ କରିଥିଲା । ଫଳରେ ରାଜା ତା ଉପରେ ଟ୩୦ଙ୍କା ଜୋରିମାନା ବିଧାନ କରିଥିଲେ । ତୃତୀୟ କାରଣଟି ହେଲା କେଉଁଝର ଆଉ ସିଂହଭୂମ ସୀମା ବିବାଦ ଚାଲିଥିବା ବେଳେ ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ଆସିଷ୍ଟାଣ୍ଟ ମ୍ୟାନେଜର ବିଚିତ୍ରା ନନ୍ଦ ଦାସଙ୍କ ସହିତ ଧରଣୀଧର ନାଏକ ସର୍ଭେୟାରଙ୍କୁ ସୀମା ବିବାଦ ସ୍ଥାନକୁ ପଠାଇଥିଲେ । ସେଠାରେ ଧରଣୀଧର କାମରେ ମନ ନଦେଇ ପ୍ରଜାମାନଙ୍କୁ ଉତ୍ତେଜିତ କରିବାକୁ ଲାଗିଲା । ମି.ହ୍ୱିଲ ସାହେବ ବିରକ୍ତ ହୋଇ ଧରଣୀଧରଙ୍କ ବିପକ୍ଷରେ ପତ୍ର ଲେଖିଥିଲେ।

ଏହି ସବୁ ଗୋଟିଏ ଗୋଟିଏ କାରଣ ବାରୁଦ ଗଦାରେ ପରିଣତ ହୋଇ ବିସ୍ଫୋରଣରେ ପ୍ରଜାମେଳିର ରୂପ ନେଇଥିଲା । ଏହି ପ୍ରଜାମେଳିର ମୁଖ୍ୟନେତା ଥିଲେ ଧରଣୀଧର ଭୂୟାଁ। ଏହି ମେଳି ଏତେ ଉତ୍କଟ ରୂପ ଧାରଣ କରିଥିଲା ଯେ ରାଜା ରାଜ୍ୟ ତ୍ୟାଗ କରି କଟକରେ

ISSN NO.
2582-208X

ଇଂରେଜ ସାହେବ ଟୟନବୀଙ୍କର ଆଶ୍ରୟ ନେଇଥିଲେ । ରାଜ୍ୟର ମ୍ୟାନେଜର ଫକୀର ମୋହନ ଭୂୟାଁମାନଙ୍କ କବଳରେ ପଡି ବନ୍ଦୀ ହୋଇଥିଲେ । ରାଜଶକ୍ତି ବିରୋଧରେ ଯେତେବେଳେ ପ୍ରଜାଶକ୍ତି ମୁଣ୍ଡ ଟେକେ ସେତେବେଳେ ରାଜା ଓ ରାଜ୍ୟର ସିଂହାସନ ଥରି ଉଠେ । ସେଥିପାଇଁ କୁହାଯାଏ, 'ପ୍ରଜାମେଳିଠାରୁ ମେଳି ନାହିଁ କି ଘରପୋଡି ଠାରୁ ବିପଦ ନାହିଁ' । ପରବର୍ତ୍ତୀ ସମୟରେ ପୋଲିସ ଓ ସିପାହୀମାନଙ୍କ ସାହାଯ୍ୟରେ ପ୍ରଜାମେଳିକୁ ଦମନ କରି ରାଜ୍ୟରେ ଶାନ୍ତି ଶୃଙ୍ଖଳା ଅଣାଯାଇଥିଲା।।

## ଉପସଂହାର

ସୁତରାଂ ଫକୀର ମୋହନ ଆତ୍ମଜୀବନୀ କେବଳ ସଂରଚନା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟରେ ପ୍ରଥମ ନୁହେଁ, ବରଂ ଗୁଣାତ୍ମକ, ପରିମାଣାତ୍ମକ ଐତିହାସିକତ୍ୱ ଇତ୍ୟାଦି ଦୃଷ୍ଟିରୁ ପ୍ରଥମ ଓ ଅନନ୍ୟ । ଏହି ଆତ୍ମଜୀବନୀ କେବଳ ଓଡ଼ିଆ ପାଣିପାଗରେ ସୀମିତ ହୋଇ ରହିନାହିଁ, ଏହା ବର୍ତ୍ତମାନ ଭାରତୀୟ, ପାଶ୍ଚାତ୍ୟ ତଥା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆଦୃତି ଲାଭ କରିବା ସହିତ ଏହାର ଅନୁବାଦ ଓ ଏହା ଉପରେ ମଧ୍ୟ ପ୍ରବନ୍ଧ ପ୍ରକାଶ ପାଇଛି ଯଥା :

(୧)ଯତୀନ୍ଦ୍ର କୁନାର ନାୟକ ଓ ପ୍ରଦୀପ୍ତ କୁମାର ଦାସ "story of my life"(୨)Bolton "My times and I" (1985) (୩)Join Bolton "Autobiography in odia" (1917-1976) (୪)Barbara lotesh "Autobiography of odia leaders : contributions to cause" 2004 (୫) Barbara lotesh- "Rebels Rajas and the British Raj : The world According to Fakirmohan" (2007) । ଫକୀର ମୋହନଙ୍କ 'ଆତ୍ମଜୀବନୀ' କେବଳ ଐତିହାସିକ ଗ୍ରନ୍ଥ ନୁହେଁ, ଫକୀର ମୋହନ ନିଜେ ହିଁ ସ୍ୱୟଂ ଜଣେ 'ଇତିହାସ'।

## ସହାୟକ ଗ୍ରନ୍ଥସୂଚୀ :

(୧) ଦାଶ, ଦେବେନ୍ଦ୍ର କୁମାର:(ସଂ) ଫକୀର ମୋହନ ସେନାପତିଙ୍କ ଆତ୍ମଚରିତ, ପ୍ରକାଶକ- ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ, ପ୍ରଥମ ସଂସ୍କରଣ-୨୦୧୦

(୨) ପାଇକରାୟ, ପ୍ରଫେସର ଧ୍ରୁବଚରଣ ଜୟସିଂହ :କେନ୍ଦୁଝର ଆଦିବାସୀ ଆନ୍ଦୋଳନର ଇତିହାସ :ପ୍ରକାଶକ -ଚିତ୍ରୋତ୍ପଳା ପବ୍ଲିକେଶନ,କଟକ, ପ୍ରଥମ ସଂସ୍କରଣ ୨୦୦୯

ISSN NO.
2582-208X

(୩) ବାରିକ, ନିରଞ୍ଜନ :କେନ୍ଦୁଝର ଇତିହାସ :ପ୍ରକାଶକ :ନିରଞ୍ଜନ ବାରିକ,ପଞ୍ଚମ ସଂସ୍କରଣ ୨୦୧୫

(୪)ମିଶ୍ର, ପଣ୍ଡିତ ମଦନମୋହନ :କେନ୍ଦୁଝର ଇତିହାସ (ପ୍ରଥମ ଭାଗ): ପ୍ରକାଶକ : ପଶ୍ଚିମା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ-୨୦୨୨

(୫) ସେନାପତି, ମୋହିନୀ ମୋହନ :ଫକୀରମୋହନ ସେନାପତିଙ୍କ ଆତ୍ମ-ଜୀବନ ଚରିତ : ପ୍ରକାଶକ-Shree Radhanath co-operative press, cuttack, ପ୍ରଥମ ସଂସ୍କରଣ-୧୯୨୭

(((-)))

ଗବେଷକ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ,
ତକତପୁର, ବାରିପଦା

ISSN NO.
2582-208X

# ଦରଦୀ ହୃଦୟ ମୋର



ଅଜୟ କୁମାର ରାଉତ

ଲୁହରେ ଲେଖିଛି ହୃଦୟର ଭାଷା,
ରଖିନବ କରି ସ୍ମୃତି ।
ତୁମବିନା ମୋର ସବୁ ଜହ୍ନରାତି,
ଭାବନାରେ ଯାଏ ବିତି ।

ଭଲ ପାଇବାର ସମସ୍ତ ପାହାଚ,
ତୁମପାଇଁ ଗଲି ଡେଇଁ ।
ପ୍ରେମର ଅର୍ଥ ବୁଝି ମୁଁ ପାରିଲି,
ତୁମକୁ ଯେ ଭଲ ପାଇ ।

ସଞ୍ଜନଇଁ ଗଲେ ତୁମ କଥା ଭାବି,
ଅଳସ ଲାଗୁଛଝି ଭାରି ।
ଶୋଇଯାଏ ଯେବେ ପ୍ରିୟ ମୁଁ ସପନେ,
ଦେଖୁଅଛି ଅସୁମାରୀ ।

ମେଘ ଆକାଶରେ ତୁମ ଚବି କେବେ,
ଆଙ୍କିଥିଲି ମନେ ନାହିଁ ।

ISSN NO.
2582-208X

ଫେରିଛି ମୌସୁମୀ ଆକାଶରେ ଦିଶେ,
ତୁମରି ମୁହଁର ଛାଇ ।

ଆଷାଢ଼ ଆକାଶେ ଭାସି ବୁଲୁଥିବା,
ବୁଝିଲି ତୁମରି କଥା ।
ସିଏ କହୁଥିଲା ତୁମେ କାଳେ ଏବେ,
ବସି ଭାବୁଛ ମୋ କଥା ।

(((–)))

ଆଇନଜୀବୀ, କଟକ,
ସମ୍ପାଦକ କଟକ ଲ ଟାଇମ୍ସ
୮୨୪୯୪୪୩୦୩୩

ISSN NO.
2582-208X

# ଧାରଶ୍ରାବଣର ଦ୍ୱିଧା



ସମୀର ତ୍ରିପାଠୀ

ସେଦିନ ବାହାରେ ଦମକା ଦମକା ପବନ ସହ ପ୍ରବଳ ବର୍ଷା ହେଉଥିଲା। ଠିକ୍ ଯେମିତି ସେମାନଙ୍କ ଭିତରର ଅଶାନ୍ତ ମନ। ଏକ ପରିତ୍ୟକ୍ତ ରେଳଷ୍ଟେସନର ଟିଣ ଛାତ ତଳେ ଆଶ୍ରୟ ନେଇଥିଲେ ଦୁଇଟି ଅଜଣା ଜୀବନ — ଆର୍ଯ୍ୟନ ଏବଂ ମୀରା।

ଆର୍ଯ୍ୟନ ପାଇଁ 'ପ୍ରେମ' ଏକ ବିଷାକ୍ତ ଶବ୍ଦ। ପ୍ରଣୟ ପୀୟୁଷ ରେ ଯେପରି ବିରହ ବିଷ; ତା' ମାଆ ଜଣେ ତରୁଣୀ ଥିବାବେଳେ ପ୍ରେମରେ ପ୍ରତାରିତ ହୋଇଥିଲେ। ସମାଜର ଲାଞ୍ଛନା ଆଉ ବିରହର ଝୈଓଳା ସହି ନପାରି, ସେ ନିଜ ନିଷ୍ପାପ ସନ୍ତାନକୁ ଏକ ଗଛ ମୂଳେ କପଡ଼ାରେ ଗୁଡ଼ାଇ ଶୁଆଇ ଦେଇ ନଦୀକୁ ଡେଇଁ ପଡ଼ିଥିଲେ। ଅନାଥାଶ୍ରମର ଜଗୁଆଳି ସକାଳୁ କଅଁଳା ଶିଶୁର କାନ୍ଦ ଶୁଣି ତାକୁ ଉଦ୍ଧାର କରିଥିଲା। ଆର୍ଯ୍ୟନର ମତରେ ପ୍ରେମ ହିଁ ତା ମାଆକୁ ତା ଠାରୁ ଛଡ଼ାଇ ନେଇଛି। ପ୍ରେମ ଏକ ଛଳନା, କେବଳ 'ବିବାହ' ହିଁ ସାମାଜିକ ସ୍ୱୀକୃତି ଓ ସୁରକ୍ଷା ଦିଏ। ଅନ୍ୟ ପକ୍ଷରେ ମୀରା ନିଜ ଆଖିରେ ପ୍ରେମର ବିଭୀଷିକା ଦେଖିଛି। ତା' ପିତାମାତା ପ୍ରେମ ବିବାହ କରିଥିଲେ, କିନ୍ତୁ ବିବାହ ପରେ ସେହି ପ୍ରେମ ହିଂସା ଓ ଝଗଡ଼ାରେ ପରିଣତ ହେଲା। ଛାଡ଼ପତ୍ର ପରେ ମାଆ ଦ୍ୱିତୀୟ ବିବାହ କଲେ। ସେଠାରେ ନୂଆ ସନ୍ତାନ ଆସିବା ପରେ ମୀରା ଅଲୋଡ଼ା ହୋଇଗଲା।।

ମୀରାର ମତରେ ବିବାହ ଏକ ବନ୍ଧନ, ଯାହା ସ୍ୱାଧୀନତା ଛଡ଼ାଇ ନିଏ ଏବଂ ମଣିଷକୁ ସ୍ୱାର୍ଥପର କରିଦିଏ। ତା' ଅପେକ୍ଷା ପ୍ରେମ ଭଲ, ଯେଉଁଥିରେ ଅନ୍ତତଃ କେହି କାହାକୁ ବାନ୍ଧି ରଖନ୍ତି ନାହିଁ। ସେହି ଅନ୍ଧକାର ରାତିର ଦ୍ୱନ୍ଦ ଭିତରେ ଷ୍ଟେସନର ସେହି କୋଣରେ ବସି ଦୁହେଁ ନିଜ ନିଜର ପରିଚୟ ବାଣ୍ଟିଲେ। ଯେତେବେଳେ ଆର୍ଯ୍ୟନ କହିଲା, "ବିବାହ ବିନା

ISSN NO.
2582-208X

ପ୍ରେମର କୌଣସି ଅସ୍ତିତ୍ୱ ନାହିଁ, " ମୀରା ଚିତ୍କାର କରି ଉଠିଲା। କହିଲା ବିବାହ ତ ଏକ ସାର୍ଟିଫିକେଟ୍, ଯାହା ଦିନେ ମୋ ବାପା-ମାଆଙ୍କୁ ଶତ୍ରୁ କରିଦେଇଥିଲା। ପ୍ରେମ ଥିବା ଯାଏଁ ସବୁ ସୁନ୍ଦର, କିନ୍ତୁ ବିବାହର ବେଡ଼ି ପଡ଼ିଲେ ସବୁ ଶେଷ । ଆର୍ଯ୍ୟନ କହିଲା, "କିନ୍ତୁ ସେହି ଅମାନିଆ ପ୍ରେମ ହିଁ ମୋ ମାଆକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲା ! ଯଦି ତାଙ୍କ ହାତରେ ସିନ୍ଦୂର ଆଉ ସାମାଜିକ ସୁରକ୍ଷା ଥାଆନ୍ତା, ତେବେ ଆଜି ମୁଁ ଅନାଥ ହୋଇନଥାନ୍ତି ।"

ବାହାରେ ବର୍ଷା ଥମି ଆସୁଥିଲା, କିନ୍ତୁ ସେମାନଙ୍କ ମନର ଝଡ଼ ବଢ଼ିବାରେ ଲାଗିଥିଲା। ଉଭୟେ ଉଭୟଙ୍କୁ ଚାହିଁଲେ। ଦୁହିଁଙ୍କ ଆଖିରେ ଶୂନ୍ୟତା ଥିଲା। ଆର୍ଯ୍ୟନ ମୀରାର ହାତ ଧରିବାକୁ ଚାହୁଁଥିଲା, କିନ୍ତୁ ତାକୁ ଭୟ ଥିଲା କାଳେ ଏହା ସେହି 'ଅଭିଶପ୍ତ ପ୍ରେମ' ହୋଇଯିବ ନାହିଁ ତ ? ମୀରା ଆର୍ଯ୍ୟନ ସହ ସାରା ଜୀବନ ଚାଲିବାକୁ ଚାହୁଁଥିଲା, କିନ୍ତୁ ତାକୁ ଡର ଥିଲା କାଳେ ଏହା 'ବିବାହ' ର ରୂପ ନେଇ ତା' ସ୍ୱାଧୀନତା ଛଡ଼ାଇ ନେବ ନାହିଁ ତ ? ଶେଷରେ...

ଷ୍ଟେସନକୁ ଏକ ଟ୍ରେନ୍ ଆସିଲା। ଆର୍ଯ୍ୟନ ଠିଆ ହେଲା। ସେ ମୀରା ଆଡ଼କୁ ହାତ ବଢ଼ାଇଲା। ମୀରା ହାତ ତ ବଢ଼ାଇଲା, କିନ୍ତୁ ପଚାରିଲା "ତୁମେ ମୋତେ କେଉଁ ଅଧିକାରରେ ନେବାକୁ ଚାହୁଁଛ ? ପ୍ରେମିକ ଭାବରେ ନା ସ୍ୱାମୀ ଭାବରେ ?" ଆର୍ଯ୍ୟନ ଚୁପ୍ ରହିଗଲା। ତା' ପାଖରେ କୌଣସି ଉତ୍ତର ନଥିଲା। ଯଦି ସେ 'ପ୍ରେମ' କହେ, ତେବେ ସେ ନିଜ ସିଦ୍ଧାନ୍ତ ହାରିଯିବ। ଯଦି 'ବିବାହ' କହେ, ତେବେ ମୀରା ହାତ ଛଡ଼ାଇ ପଳାଇବ। ସେ କିଂକର୍ତବ୍ୟବିମୂଢ଼ ....

ଟ୍ରେନର ହୁଇସିଲ୍ ବାଜିଲା। ଦୁହେଁ ପରସ୍ପରକୁ ଚାହିଁ ରହିଥିଲେ, ଏକାଠି ହେବାର ଆବଶ୍ୟକତା ଆଉ ଆଦର୍ଶର ଲଢ଼େଇ ଭିତରେ। ସେମାନେ ସେହି ଟ୍ରେନରେ ଚଢ଼ିଲେ ନା ନିଜ ନିଜ ରାସ୍ତାରେ ଚାଲିଗଲେ, ତାହା ସେହି ଝଡ଼ ରାତିର ଅନ୍ଧାର ଭିତରେ ଅସ୍ପଷ୍ଟ ହୋଇ ରହିଗଲା। ଟ୍ରେନ୍‌ଟି ଚାଲିଗଲା। ଆର୍ଯ୍ୟନ ଓ ମୀରା କେହି ବି ସେଥିରେ ଚଢ଼ିଲେ ନାହିଁ। ଷ୍ଟେସନର ନିଛାଟିଆ ପ୍ଲାଟଫର୍ମରେ ଦୁହେଁ ପରସ୍ପରଠାରୁ ଦୂରରେ ବସି ରହିଲେ। ବର୍ଷା ଛାଡ଼ି ଯାଇଥିଲା, କିନ୍ତୁ ପବନରେ ଏକ ପ୍ରକାର ଶୀତଳତା ଥିଲା ଯାହା କ୍ଷତକୁ ଆହୁରି କଷ୍ଟ ଦେଉଥିଲା। କଟା ଘା ରେ ଚୂନ ଦେବ ଭଳି ।

ISSN NO.
2582-208X

ପ୍ରଭାତର ପ୍ରଥମ କିରଣରେ ଆର୍ଯ୍ୟନ ଦେଖିଲା ମୀରା ଥରୁଛି। ସେ ନିଜ ଜାକେଟ୍ କାଢି ତାକୁ ପିନ୍ଧାଇବାକୁ ଗଲା, କିନ୍ତୁ ଅଧା ବାଟରେ ଅଟକି ଗଲା। ସେ ଭାବିଲା, "ଯଦି ମୁଁ ତା'ର ଯତ୍ନ ନିଏ, ତେବେ କ'ଣ ଏହା ପ୍ରେମ ନୁହେଁ ? ଯେଉଁ ପ୍ରେମକୁ ମୁଁ ଘୃଣା କରେ, ସେଇଟା କ'ଣ ମୋ ଭିତରେ ଜନ୍ମ ନେଉଛି ?" ସେପଟେ ମୀରା ଆର୍ଯ୍ୟନର ସେହି ଅସମାପ୍ତ ଇଶାରାକୁ ଦେଖୁଥିଲା।

ମୀରା ଭାବିଲା, "ସେ ମୋତେ ସୁରକ୍ଷା ଦେବାକୁ ଚାହୁଁଛି, କିନ୍ତୁ କାଳେ ଏହି ସୁରକ୍ଷା ପଛରେ 'ଅଧିକାର' ର ବନ୍ଧନ ଥିବ? କାଳେ ସେ ମୋତେ ପତ୍ନୀ କରି ନିଜ ଅକ୍ତିଆରରେ ରଖିବାକୁ ଚାହୁଁଥିବ ?" ସହରର ଭିଡ଼ରେ ଦୁଇଟି ନିଃସଙ୍ଗ ପ୍ରାଣ ସହର ଆଡ଼କୁ ଚାଲିବାକୁ ଲାଗିଲେ। ବାଟରେ ମନ୍ଦିରଟିଏ ପଡ଼ିଲା। ସେଠାରେ ଏକ ବିବାହ ହେଉଥିଲା। ମନ୍ତ୍ର ପାଠ ଆଉ ଶଙ୍ଖ ନାଦ ଶୁଣି ଆର୍ଯ୍ୟନର ଆଖିରେ ଏକ ଚମକ ଆସିଲା। ସେ କହିଲା, "ଦେଖ ମୀରା, ଏହି ବନ୍ଧନରେ କେତେ ପବିତ୍ରତା ଅଛି। ଏଠାରେ ଜଣେ ଅନ୍ୟ ଜଣକୁ ସାରା ଜୀବନ ପାଇଁ ଦାୟିତ୍ୱ ନେବାର ଶପଥ ନେଉଛି।"

ମୀରା ହସିଲା, କିନ୍ତୁ ସେ ହସରେ ଖୁସି ନଥିଲା। ସେ କହିଲା, "ଦାୟିତ୍ୱ ନା ବୋଝ ? ମୋ ମାଆ ବି ସେଇ ଦିନ ଏମିତି ହସୁଥିଲା। କିନ୍ତୁ କିଛି ବର୍ଷ ପରେ ସେହି ବନ୍ଧନ ହିଁ ତା' ଗଳାର ଫାଶୀ ପାଲଟିଗଲା। ମୁଁ ସେହି 'ଶପଥ' କୁ ବିଶ୍ୱାସ କରେନାହିଁ, ମୁଁ ସେହି 'ମୁହୂର୍ତ୍ତ' କୁ ବିଶ୍ୱାସ କରେ ଯେଉଁଥିରେ ସ୍ୱାର୍ଥ ନଥାଏ।" ସେମାନେ ଏକ ବଡ଼ ରାସ୍ତା କଡ଼ରେ ପହଞ୍ଚିଲେ। ଏବେ ଦୁହିଁଙ୍କ ରାସ୍ତା ଅଲଗା ହେବାର ସମୟ। ଆର୍ଯ୍ୟନ ଏକ ସ୍ଥିର ଭବିଷ୍ୟତ ଚାହୁଁଥିଲା, ଯେଉଁଠି ପରିଚୟ ଥାଉ, ଘର ଥାଉ। ମୀରା କେବଳ ମୁକ୍ତି ଚାହୁଁଥିଲା।

ଆର୍ଯ୍ୟନ କହିଲା, "ମୀରା, ମୋ ସହ ଚାଲ। ମୁଁ ତୁମକୁ ସମ୍ମାନ ଦେବି, ନାମ ଦେବି।" ମୀରା ପଚାରିଲା, "ନାମ କାହାର ? ମୋର ନିଜର କ'ଣ କିଛି ଅସ୍ତିତ୍ୱ ରହିବ ନାହିଁ ?" ଆର୍ଯ୍ୟନ କିଛି କହିବା ଆଗରୁ ମୀରା ପୁଣି କହିଲା "ଆର୍ଯ୍ୟନ, ମୁଁ ତୁମକୁ ଭଲ ପାଇପାରେ, କିନ୍ତୁ ତୁମକୁ ଗ୍ରହଣ କରିପାରିବି ନାହିଁ। କାରଣ ତୁମେ ମୋତେ ଗ୍ରହଣ କରିବା ପାଇଁ ଏକ 'ସାମାଜିକ ଶିକୁଳି' ଖୋଜୁଛ ଯାହା କି ବିବାହ ଅଟେ"। ଆର୍ଯ୍ୟନ ସେଠାରେ ଠିଆ ହୋଇ ଦେଖୁଥିଲା, ମୀରା ଭିଡ଼ ଭିତରେ ହଜି ଯାଉଛି। ତା' ମନରେ ଏବେ ଏକ ଭୟଙ୍କର ପ୍ରଶ୍ନ ଯଦି ସେ ମୀରା ପଛରେ ଦୌଡ଼ି ଯାଏ, ତେବେ ତାକୁ ନିଜର ଆଦର୍ଶ ଛାଡ଼ିବାକୁ

ISSN NO.
2582-208X

ପଡ଼ିବ। ତା' ମାଆର ବଳିଦାନ ତାକୁ ବାରଣ କରୁଛି। ଯଦି ନଯାଏ, ତେବେ ସେ ପୁଣି ସେହି ଏକାକୀତ୍ୱ ଭିତରକୁ ଫେରିଯିବ, ଯେଉଁଠୁ ସେ ମୁକ୍ତି ଚାହୁଁଥିଲା। ମୀରା ମଧ୍ୟ ପଛକୁ ଚାହୁଁଥିଲା। ସେ ଭାବୁଥିଲା "ଯଦି ଆର୍ଯ୍ୟନ ମୋତେ କେବଳ ମୋ ପାଇଁ ଭଲ ପାଆନ୍ତା, କୌଣସି ସର୍ତ୍ତ ବା ସଂଜ୍ଞା ନରଖି, ତେବେ ମୁଁ ହୁଏତ ରହିଯାଇଥାନ୍ତି।"ରାସ୍ତାର ଦୁଇ କଡ଼ରେ ଦୁହେଁ ଅଟକି ଗଲେ। ଦୁହିଁଙ୍କ ଭିତରେ କେବଳ କିଛି ପାଦର ଦୂରତା ଥିଲା, କିନ୍ତୁ ସେହି ଦୂରତାକୁ ଅତିକ୍ରମ କରିବା ପାଇଁ କାହା ପାଖରେ ସାହସ ନଥିଲା।

ମୀରା ଭିଡ଼ ଭିତରେ କିଛି ବାଟ ଆଗେଇ ଯାଇଥିଲା। ହଠାତ୍ ପଛରୁ ଆର୍ଯ୍ୟନର ପାଟି ଶୁଣାଗଲା "ମୀରା, ଅଟକି ଯାଅ ! "ମୀରା ପଛକୁ ଚାହିଁଲା। ଆର୍ଯ୍ୟନ ଦୌଡ଼ି ଦୌଡ଼ି ଆସି ତା' ସାମ୍ନାରେ ଠିଆ ହେଲା। ତା'ର ଶ୍ୱାସ କ୍ରିୟା ଦ୍ରୁତ ଥିଲା, କିନ୍ତୁ ଆଖିରେ ଏକ ଅଜବ ସ୍ୱଷ୍ଟତା ଥିଲା ଏକ ନୂଆ ପରିଭାଷା । ଆର୍ଯ୍ୟନ ମୀରାର ହାତ ଧରି କହିଲା, "ମୁଁ ଏତେ ସମୟ ଧରି ଭାବୁଥିଲି କି ମୁଁ ତୁମକୁ କେଉଁ ପରିଚୟ ଦେବି। କିନ୍ତୁ ମୁଁ ଭୁଲ୍ ଥିଲି। ମୋ ମାଆଙ୍କୁ ପ୍ରେମ ମାରିନଥିଲା, ବରଂ 'ସାମାଜିକ ପ୍ରତାରଣା' ମାରିଥିଲା। ଆଉ ତୁମ ପରିବାରକୁ ବିବାହ ଭାଙ୍ଗିନଥିଲା, ବରଂ 'ପରସ୍ପର ପ୍ରତି ସମ୍ମାନର ଅଭାବ' ଭାଙ୍ଗିଥିଲା।"
ମୀରା ଚୁପ୍ ରହି ଶୁଣୁଥିଲା। ଆର୍ଯ୍ୟନ କହିଚାଲିଲା-"ଆମେ କାହିଁକି ପ୍ରେମ କିମ୍ବା ବିବାହ ମଧ୍ୟରୁ ଗୋଟିକୁ ବାଛିବା ? ଆମେ ଏମିତି ଏକ ସମ୍ପର୍କ ଗଢ଼ିବା, ଯେଉଁଠି ପ୍ରେମ ଶାଶ୍ୱତ ହେବ କିନ୍ତୁ ଶିକୁଳିରେ ଆବଦ୍ଧ ନୁହେଁ, ଏବଂ ସମ୍ପର୍କର ସ୍ୱୀକୃତି ଥିବ କିନ୍ତୁ କାହା ଉପରେ ଅଧିକାର ନଥିବ।"

ମୀରା ଆର୍ଯ୍ୟନର ଆଖିକୁ ଚାହିଁଲା। ସେ ପ୍ରଥମ ଥର ପାଇଁ ଜଣେ ପୁରୁଷର ଆଖିରେ ନିଜକୁ ହଜାଇବାର ଭୟ ନୁହେଁ, ବରଂ ନିଜକୁ ଖୋଜି ପାଇବାର ଭରସା ଦେଖିଲା। ସେ ଧୀରେ କହିଲା, "ମୁଁ କୌଣସି ମନ୍ଦିର ବା ଅଗ୍ନିକୁ ସାକ୍ଷୀ ରଖିବା ପୂର୍ବରୁ, ତୁମ ସତ୍ୟବାଦିତାକୁ ସାକ୍ଷୀ ରଖିବାକୁ ଚାହେଁ। ଯଦି କେବେ ଆମ ଭିତରେ ପ୍ରେମ କମିଯାଏ, ତେବେ କ'ଣ ତୁମେ ମୋତେ ବିବାହର ବନ୍ଧନ ଦେଖାଇ ଜବରଦସ୍ତି ଧରି ରଖିବ ?" ଆର୍ଯ୍ୟନ ହସିଲା ଏବଂ କହିଲା, "ଯଦି ପ୍ରେମ ନଥାଏ, ତେବେ ସେ ବନ୍ଧନ କେବଳ ଏକ ଶବ। ମୁଁ ତୁମକୁ ବାନ୍ଧିବାକୁ ନୁହେଁ, ତୁମ ସହ ଚାଲିବାକୁ ଚାହେଁ। ଆଜିଠୁ ଆମର କୌଣସି ପୁରୁଣା ପରିଚୟ ନାହିଁ। ଆମେ ଦୁହେଁ ଦୁହିଁଙ୍କର ପରିଚୟ ହେବା।"

ISSN NO.
2582-208X

ଆର୍ଯ୍ୟନ ନିଜ ପକେଟରୁ ଏକ ଛୋଟ ରୁମାଲ୍ କାଢି ମୀରାର ହାତରେ ବାନ୍ଧିଦେଲା। ଏହା କୌଣସି ଦାମୀ ମୁଦି ନଥିଲା କି ସିନ୍ଦୂର ନଥିଲା, ଏହା ଥିଲା 'ସାଥୀ' ହେବାର ଏକ ସରଳ ପ୍ରତିଶ୍ରୁତି। ସେମାନେ ଦୁହେଁ ହାତ ଧରାଧରି ହୋଇ ସେହି ଭିଡ଼ ଭିତରକୁ ଚାଲିଲେ। ଏବେ ସେମାନେ ଅନାଥ ନଥିଲେ। ସେମାନେ ନିଜ ପାଇଁ ଏକ ନୂଆ ଦୁନିଆ ଗଢ଼ିବାକୁ ବାହାରିଥିଲେ, ଯେଉଁଠି ପ୍ରେମରେ ବିଶ୍ୱାସ ଥିଲା ଏବଂ ବିଶ୍ୱାସରେ ସମ୍ମାନ। ଝଡ଼ ପରେ ସୂର୍ଯ୍ୟ କିରଣ ସେମାନଙ୍କ ରାସ୍ତାକୁ ଆଲୋକିତ କରୁଥିଲା। ଉଭୟେ ବୁଝିସାରିଥିଲେ ଯେ, ସମ୍ପର୍କର ନାମ ଯାହା ହେଉ ନା କାହିଁକି, ତାକୁ ବଞ୍ଚାଇ ରଖିବା ପାଇଁ ଦୁଇଟି ହୃଦୟର ସାହସ ହିଁ ଯଥେଷ୍ଟ।

(((-)))

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ,
ପ୍ରଜ୍ଞା ବିହାର, ବଲାଙ୍ଗୀର

ISSN NO.
2582-208X

# ହିନ୍ଦୁ ଧର୍ମର ପରାକାଷ୍ଠା



ମମତା ନାୟକ

ଭାରତରେ ମୂଳନିବାସୀ ମାନଙ୍କର ପ୍ରତିଷ୍ଠିତ ହୋଇଥିବା ଆଧ୍ୟାତ୍ମିକ ଧର୍ମର ସ୍ଥାପନ କେତେ ଶହ ବା ହଜାର ବର୍ଷରୁ ହୋଇଥିଲା ? ଏହି ଧର୍ମର ପ୍ରବର୍ତ୍ତକ କିଏ ? ଏହି ଧର୍ମର ଅସଲ ନାମ କ'ଣ ? ଏହି ଧର୍ମର ଦେବୀ ଦେବତାଙ୍କ ସଂଖ୍ୟା କେତେ ? ଏହି ପ୍ରଶ୍ନଗୁଡିକର ସଠିକ ହିସାବ ଓ ଉତ୍ତର କାହାରି ପାଖରେ ନାହିଁ । ସେଇଥିପାଇଁ ଭାରତର ବିଭିନ୍ନ ରାଜ୍ୟରେ ଏହି ଧର୍ମର ପ୍ରଥା, ପରମ୍ପରା ଓ ପୂଜା ପଦ୍ଧତି ଭିନ୍ନ ଭିନ୍ନ ପ୍ରକାରେ ହୋଇଥାଏ । ଏହି ଧର୍ମକୁ ବିଭିନ୍ନ ସମୟରେ ବୈଦିକ ଧର୍ମ, ଆର୍ଯ୍ୟାବର୍ତ୍ତ ଧର୍ମ, ସନାତନ ଧର୍ମ ଓ ବ୍ରାହ୍ମଣ ଧର୍ମ ବୋଲି କୁହା ଯାଉଥିଲେ ମଧ୍ୟ ଆଜିର ଦିନରେ କେବଳ ହିନ୍ଦୁ ଧର୍ମ ବୋଲି କୁହାଯାଉଛି ।

ହିନ୍ଦୁ ଶବ୍ଦ ଉପରେ ପ୍ରଶ୍ନ ଉଠିଛି ଯେ ଏହା ଭାରତୀୟ ଭାଷା, ଏପରିକି ସଂସ୍କୃତ ଭାଷାର ଶବ୍ଦ ନୁହେଁ । ସେଥିପାଇଁ ସଂସ୍କୃତ ଭାଷାରେ ରଚନା କରାଯାଇଥିବା ଶହ ଶହ ଧର୍ମ ଶାସ୍ତ୍ର ଓ ପୁରାଣରେ ହିନ୍ଦୁ ଶବ୍ଦର ଉଲ୍ଲେଖ ନାହିଁ । ମୋଗଲ ମାନଙ୍କ ପାର୍ସି ଭାଷାର ହିନ୍ଦୁ ଏକ ଗାଳି ଶବ୍ଦ ବୋଲି ଐତିହାସିକମାନେ ପ୍ରମାଣ ପାଇଛନ୍ତି । ଆର୍ଯ୍ୟାବର୍ତ୍ତ ଧର୍ମର ପ୍ରବର୍ତ୍ତକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ 'ସତ୍ୟାର୍ଥ ପ୍ରକାଶ' ଏବଂ 'ଉପଦେଶ ମଞ୍ଜରୀ' ପୁସ୍ତକରେ ସ୍ପଷ୍ଟ ଭାବେ ହିନ୍ଦୁ ଏକ ଗାଳି ବୋଲି ସମର୍ଥନ କରିଛନ୍ତି । ମାନନୀୟ ସୁପ୍ରିମ କୋର୍ଟ ରାୟ ଦେଇଛନ୍ତି ଯେ ହିନ୍ଦୁ ଏକ ଧର୍ମ ନୁହେଁ ଏହା ଏକ ଜୀବନ ପଦ୍ଧତି ।

ଏହି କଥିତ ହିନ୍ଦୁ ଧର୍ମରେ କିଛି ଚତୁର ବ୍ୟକ୍ତି ନିଜକୁ ଧର୍ମଗୁରୁ ବୋଲି ଦାବି କରି କାଳ୍ପନିକ ଦେବୀ ଦେବତାଙ୍କ ମନଗଢା କାହାଣୀ ପ୍ରଚାର କଲେ । ଧର୍ମ ଗ୍ରନ୍ଥ, ଶାସ୍ତ୍ର ଓ ପୁରାଣ ବହି

ISSN NO.
2582-208X

ଲେଖି ଅନ୍ଧବିଶ୍ୱାସର ପ୍ରଚାର କଲେ । ସବୁଠାରୁ ଚିନ୍ତାର ବିଷୟ ହେଲା ସେମାନେ ମଣିଷ ମଣିଷଙ୍କ ଭିତରେ ଉଚ୍ଚ ନୀଚ ଜାତିଗତ ଭେଦଭାବ ସୃଷ୍ଟି କରିଦେଲେ । ଏପରିକି ସମାନ ଜାତିରେ ମଧ୍ୟ ନାରୀ ପୁରୁଷଙ୍କ ଭିତରେ ଲିଙ୍ଗଗତ ଭେଦଭାବ ରହିଥିଲା । ଯାହା ଫଳରେ ମଣିଷ ସମାଜରେ ଅସମାନତା, ଅନ୍ୟାୟ, ବ୍ୟଭିଚାର, ଶୋଷଣ, ଘୃଣା, ବିଦ୍ୱେଷ, ହିଂସା ଆଦି ଲାଗି ରହିଥିଲା ।

ସମୟାନୁକ୍ରମେ ଭାରତ ଭୂମିରେ ଜନ୍ମ ଗ୍ରହଣ କରିଥିବା କିଛି ସଚେତନ ନାଗରିକ ହିନ୍ଦୁ ଧର୍ମରେ ଥିବା ବିସଙ୍ଗତି ଦୂର କରିବାପାଇଁ ବହୁତ ପ୍ରୟାସ କରିଥିଲେ । ପରିତାପର ବିଷୟ ଯେ ଆଜି ପର୍ଯ୍ୟନ୍ତ କେହି ମଧ୍ୟ ଶତ ପ୍ରତିଶତ ସଫଳ ହୋଇ ନାହାନ୍ତି । ହିନ୍ଦୁ ଧର୍ମରେ ସୁଧାର ଆଣିବାରେ ବିଫଳ ହୋଇ ନିଜ ନିଜର ବିଚାରଧାରା ଅନୁସାରେ ଗୋଟିଏ ଲେଖାଏଁ ଅଲଗା ଧର୍ମ ବା ପନ୍ଥ ସ୍ଥାପନ କରି ଯାଇଛନ୍ତି । ସେହି ସବୁ ଧର୍ମ ଓ ପନ୍ଥ ହିନ୍ଦୁ ଧର୍ମର ହିଁ ଗୋଟିଏ ଗୋଟିଏ ଶାଖା କହିଲେ ଭୁଲ ହେବନାହିଁ । ହିନ୍ଦୁ ଧର୍ମର ପରାକାଷ୍ଠା ଏତେ ସୁଦୃଢ଼ ଯେ କେହି ବି ସେଥିରେ ପରିବର୍ତ୍ତନ ଆଣି ପାରୁନାହାନ୍ତି । ଦୁଃଖର ବିଷୟ ଯେ ସମାଜ ଓ ଧର୍ମ ସୁଧାରକ ସାଜିଥିବା ମହାନ ବ୍ୟକ୍ତିଗଣ ବ୍ରାହ୍ମଣ ଜାତିକୁ ବହୁଜନ ସମାଜର ଜାତିଗୁଡିକ ସହିତ ମିଶାଇ ଗୋଟିଏ ମାନବ ଜାତି ଗଠନକରି ପାରିଲେ ନାହିଁ । ବ୍ରାହ୍ମଣ ଜାତି ଆଜି ବି ଅଲଗା ଉଚ୍ଚ ବର୍ଗରେ ରହିଛି । କିନ୍ତୁ ବାକି ସବୁ ବହୁଜନ ଜାତିର ଲୋକମାନେ ନିଜ ନିଜ ଭିତରେ ହଜାର ସଂଖ୍ୟାରେ ଛୋଟ ବଡ଼ ଜାତିରେ ବାଣ୍ଟି ହୋଇ ରହିଛନ୍ତି । ପରିତାପର ବିଷୟ ହେଉଛି ସମସ୍ତେ ମୁହଁରେ ବ୍ରାହ୍ମଣଙ୍କୁ ବିରୋଧ କରୁଥିଲେ ମଧ୍ୟ ବ୍ରାହ୍ମଣ ଧର୍ମକୁ ହିଁ ବିଶ୍ୱାସ କରୁଛନ୍ତି ଏବଂ ସେହି ଅନୁସାରେ ପୂଜା ଅର୍ଚ୍ଚନା କରି ନିଜର ଜୀବନ ଶୈଳୀ ଅତିବାହିତ କରୁଛନ୍ତି ।

କ୍ରମାଗତ ଭାବେ ଆମେ ଯଦି ଭାରତର ଇତିହାସ ଦେଖିବା ପ୍ରଥମେ ନିରୀଶ୍ୱରବାଦୀ ଗୌତମ ବୁଦ୍ଧଙ୍କ ବୌଦ୍ଧଧମ୍ମ ସ୍ଥାପନ ହୋଇଥିଲା । ତାଙ୍କର ଅନୁଗାମୀ ଶିଷ୍ୟମାନେବୌଦ୍ଧ ଧମ୍ମ ପାଳନ କରୁଥିଲେ । ମହାବୀର ଜୈନ ମଧ୍ୟ ବୁଦ୍ଧଙ୍କ ଭଳି ନିରୀଶ୍ୱରବାଦୀ ଥିଲେ। ତାଙ୍କର ଅନୁଗାମୀ ଶିଷ୍ୟମାନେ ଜୈନ ଧର୍ମ ପାଳନ କରୁଥିଲେ ।ସେତେବେଳେ ହିନ୍ଦୁ ଧର୍ମ ସୃଷ୍ଟି ହୋଇନଥିଲା କିମ୍ବା ବ୍ରହ୍ମଣବାଦ ମଧ୍ୟ ନଥିଲା । ଜାତିଗତ ଭେଦଭାବ ନଥିଲା ।

ଶିଖ ଧର୍ମର ପ୍ରଥମ ଗୁରୁ ନାନକ ୧୪୬୯ ମସିହାରେ ଲାହୋର ନିକଟସ୍ଥ ତଳଭଣ୍ଡି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଦେଶ ବିଭାଜନ ହେବା ପରେ ସେ ପଞ୍ଜାବରେ ଆସି ରହିଥିଲେ ।

ISSN NO.
2582-208X

ପିଲାଟି ଦିନରୁ ସେ ଜଣେ ବୁଦ୍ଧିମାନ ଛାତ୍ର ଥିଲେ । ବଡ ହେବାପରେ ସେ ହିନ୍ଦୁ ଧର୍ମରେ ବିଭିନ୍ନ ଅବୈଜ୍ଞାନିକ ପ୍ରଥା ଓ ପରମ୍ପରା ସହିତ ଘୃଣ୍ୟ ଜାତିପ୍ରଥା ଦେଖି ବହୁତ ଦୁଃଖ ପ୍ରକଟ କରୁଥିଲେ । ଲୋକମାନଙ୍କୁ ଯେତେ ବୁଝାଇଲେ ମଧ୍ୟ ହିନ୍ଦୁ ଧର୍ମରେ ବିଶେଷ କିଛି ପରିବର୍ତ୍ତନ ହେଇ ପାରିଲା ନାହିଁ । ସେ ତେଣୁ ନିଜର ଅନୁଗାମୀଙ୍କୁ ନେଇ ଗୋଟିଏ ନୂତନ ଶିଖ ଧର୍ମ ସ୍ଥାପନ କରିଥିଲେ ।

ସନ୍ଥ କବୀର ଦାସ କାଶୀରେ ପ୍ରାୟ ୧୫୦୦ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ । ସେ ପାଠ ପଢି ନଥିଲେ । ପିଲା ଦିନରୁ  ହିନ୍ଦୁ ଧର୍ମକୁ ବିଶ୍ୱାସ କରୁଥିଲେ । ତାଙ୍କର ଗୁରୁଥିଲେ ସନ୍ଥ ସ୍ୱାମୀ ରାମାନନ୍ଦ । ସେ ଲୋଇ ନାମକ ଜଣେ ସ୍ତ୍ରୀଙ୍କୁ ବିବାହ କରିଥିଲେ ଏବଂ କମଲ ଓ କମଳୀ ନାମକ ଦୁଇଟି ସନ୍ତାନର ପିତା ଥିଲେ । ସେ ଯଦିଓ ହିନ୍ଦୁ ଧର୍ମର ଜଣେ ପ୍ରବକ୍ତା ଥିଲେ ତଥାପି ସେହି ଧର୍ମରେ ଥିବା ଅନ୍ଧବିଶ୍ୱାସ, କୁରୀତି, ଅବୈଜ୍ଞାନିକ ପ୍ରଥା ଓ ପରମ୍ପରାକୁ ଘୋର ବିରୋଧ କରୁଥିଲେ । ତାଙ୍କ ଦ୍ୱାରା କୁହାଯାଇଥିବା 'ଦୋହା' ଗୁଡିକ ଏହି କଥାକୁ ପ୍ରମାଣିତ କରୁଛି । ହିନ୍ଦୁ ଧର୍ମକୁ ସୁଧାରିବା ପାଇଁ ସେ ବହୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ । ଶେଷରେ ତାଙ୍କର ଅନୁଗାମୀମାନଙ୍କୁ ନେଇ ଗୋଟିଏ  ନୂତନ ଧର୍ମ 'କବୀର ପନ୍ଥୀ' ସ୍ଥାପନ କଲେ ।

ସନ୍ଥ ରବିଦାସ ୧୩୭୬ ମସିହାରେ, ବାରଣାସୀରେ ଥିବା ଗୋବର୍ଦ୍ଧନ ପୁର ଗ୍ରାମରେ ଗୋଟିଏ ମୋଚି ଜାତିର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଉଚ୍ଚ କୋଟିର ସନ୍ଥ କବି ଥିଲେ । ତାଙ୍କୁ 'ସନ୍ଥ ଶିରୋମଣୀ ସତ୍ ଗୁରୁ" ଉପାଧି ଦିଆ ଯାଇଥିଲା । ସେ ହିନ୍ଦୁ ଧର୍ମର ଜାତିପ୍ରଥାକୁ ଘୋର ବିରୋଧ କରୁଥିଲେ । ରବିଦାସ, ସନ୍ଥ ରାମାନନ୍ଦାଚାର୍ଯ୍ୟଙ୍କ ଶିଷ୍ୟ ଥିଲେ । ସନ୍ଥ ରାମାନନ୍ଦାଚାର୍ଯ୍ୟ ବୈଷ୍ଣବ ବିଚାରଧାରାର ଜଣେ ମହାନ ସନ୍ଥ ଥିଲେ । ବୈଷ୍ଣବ ବିଚାରଧାରା ଅନୁସାରେ ନିଜର ଓଜସ୍ୱିନୀ ପ୍ରବଚନ ଓ ଦୋହା ଯୋଗୁଁ ରବିଦାସ ବହୁତ ଲୋକ ପ୍ରିୟ ଗୁରୁ ହୋଇ ଯାଇଥିଲେ । ତାଙ୍କର ହଜାର ହଜାର ସମର୍ଥକ ଓ ଅନୁଗାମୀ ଥିଲେ । ହିନ୍ଦୁ ଧର୍ମରୁ ଜାତିପ୍ରଥା ସମାପ୍ତ କରିବା ଅସମ୍ଭବ ଜାଣି ସେ ନିଜର ଅନୁଗାମୀମାନଙ୍କୁ ନେଇ ଗୋଟିଏ ଅଲଗା ସଂସ୍ଥା 'ରବିଦାସିଆ ପନ୍ଥ' ସ୍ଥାପନ କଲେ ।

ମହାରାଷ୍ଟ୍ରରେ ୧୮୨୭ ମସିହାରେ ଜନ୍ମ ହୋଇଥିବା ଜ୍ୟୋତିରାଓ ଫୁଲେ ଭାରତୀୟ ହିନ୍ଦୁ ସମାଜରେ ବ୍ୟାପିଥିବା ଅନେକ ସାମାଜିକ ଦୁଷ୍କର୍ମ, ଅସ୍ଥିରତା, ଧାର୍ମିକ ରୂଢିବାଦୀ ପ୍ରଥା ଓ ପରମ୍ପରା ବିରୁଦ୍ଧରେ କ୍ରାନ୍ତିକାରୀ ଅଭିଯାନ ସୃଷ୍ଟି କରି ପାରିଥିଲେ । ଫୁଲେ ଅସ୍ପୃଶ୍ୟ ଜନତା

ISSN NO.
2582-208X

ଓ ମହିଳାମାନଙ୍କର ଶିକ୍ଷା ପ୍ରାପ୍ତ କରିବା ବ୍ୟବସ୍ଥା କରିଥିଲେ । ସେ ବ୍ରାହ୍ମଣବାଦ ଓ ମନୁବାଦକୁ ଘୋର ବିରୋଧ କରୁଥିଲେ । ସେ ନିରୀଶ୍ୱରବାଦୀ ଥିଲେ । ସେଥିପାଇଁ ସେ ବହୁଜନ ସମାଜପାଇଁ ୧୮୭୩ ମସିହାରେ "ସତ୍ୟ ଶୋଧକ ସମାଜ" ନାମରେ ଗୋଟିଏ ସଙ୍ଗଠନ ସ୍ଥାପନ କରିଥିଲେ ।

ଭୀମରାଓ ଆମ୍ବେଦକର ଭାରତୀୟଙ୍କ ପାଇଁ ଜଣେ ପ୍ରାତଃ ସ୍ମରଣୀୟ ମହା ପୁରୁଷ ଥିଲେ । ସେ ବହୁ ଉଚ୍ଚଶିକ୍ଷିତ, ଜ୍ଞାନୀ, କୁଶଳ ଅଧିବକ୍ତା, ରାଜନୀତିଜ୍ଞ ଓ ମାନବବାଦୀ ମଣିଷ ଥିଲେ । ଭାରତୀୟ ସମ୍ବିଧାନ ରଚନାରେ ତାଙ୍କର ଭୂମିକା ଅତି ମହତ୍ୱପୂର୍ଣ୍ଣ ଥିଲା । ତାଙ୍କର ଜୀବନ କାଳ ମଧ୍ୟରେ ହିନ୍ଦୁ ସମାଜରେ ବ୍ୟାପ୍ତ କୁସଂସ୍କାର, ଜାତିଗତ ଭେଦଭାବ, ଉଚ୍ଚ ଜାତିର ଲୋକମାନଙ୍କ ଦ୍ୱାରା ନୀଚ ଜାତିର ଲୋକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସେ ତୀବ୍ର ଆନ୍ଦୋଳନ କରିଥିଲେ । କିନ୍ତୁ ଉପର ବର୍ଗର ଲୋକମାନଙ୍କ ଦ୍ୱାରା ତାଙ୍କର ଆନ୍ଦୋଳନକୁ ଦବେଇ ଦିଆଗଲା । ଶେଷରେ ସେ ନିରାଶ ହୋଇ ହିନ୍ଦୁ ଧର୍ମକୁ ପରିତ୍ୟାଗ କରି ବୌଦ୍ଧ ଧମ୍ମ ଗ୍ରହଣ କରିଥିଲେ । ତାଙ୍କର ହଜାର ହଜାର ଅନୁଗାମୀ ମଧ୍ୟ ବୌଦ୍ଧ ଧମ୍ମ ଗ୍ରହଣ କରିଥିଲେ । ଆଜି ବି ବହୁଜନ ସମାଜର ଲୋକମାନେ ହିନ୍ଦୁ ଧର୍ମରେ ପ୍ରତାଡିତ ହୋଇ ଧର୍ମ ପରିବର୍ତ୍ତନ କରୁଛନ୍ତି ।

(((-)))

ବାଙ୍ଗାଲୋର ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ସମ୍ପର୍କ ହୃଦୟର



ଅନୁସୟା ଲେଙ୍କା

ଆଜି କାହିଁକି କେଜାଣି ମନଟା ଭାରି ଛଟପଟ ହଉଚି । କେଉଁ କାମରେ ବି ମନ ଲାଗୁନି... । ସତରେ କିଛି ସ୍ମୃତି ଅପାସୋରା ଆଉ କିଛି ଅଲୋଡା, କିଛି ଅବୁଝା । ସ୍ମୃତିକୁ ଛାଡି କଣ କିଏ ବଞ୍ଚିପାରେ । ବୋଧେ ନା... । କିନ୍ତୁ ମୁଁ ଚେଷ୍ଟା ତ କରିଥିଲି । ଏସବୁ କଥା ହଠାତ୍ ଏ ବୟଅରେ ମନେ ପକାଇବା ବୋଧେ ଉଚିତ୍ ହେଉନି । କିନ୍ତୁ ଏ କଥା ବି ତ ସତ । ପ୍ରଥମ ପ୍ରେମକୁ କଣ କିଏ ଭୂଲିପାରେ, ଭୁଲିବା ତ ମୋ ପକ୍ଷେ ସମ୍ଭବ ହେଉନି ।

ହଠାତ୍ ଏ ସବୁ କଥା ଦୀପା ମନରେ ଆଜି କାହିଁକି କେଜାଣି ବୁଢିଆଣୀ ବସା ପରି ଛନ୍ଦି ହେଉଛି ।

ଦୀପା ଓରଫ୍ ଦୀପାଞ୍ଜଳୀ ପଟ୍ଟନାୟକ କଟକର ବିଶିଷ୍ଟ ଶିଳ୍ପପତି ପଟ୍ଟନାୟକ ବାବୁଙ୍କର ଏକମାତ୍ର ଝିଅ । ବାପା ଝିଅକୁ ବହୁତ ହେଲାରେ ବଡ କରିଛନ୍ତି । ୨୦୦୫ ମସିହାର କଥା – ଦୀପାର ମଧ୍ୟ ଗ୍ରାଜୁଏସନ୍ ସରିଥାଏ । ସୋଆ ରୁ ଗ୍ରାଜୁଏସନ୍ ସରିବା ପରେ ଦୀପା ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଢିବା ନିମନ୍ତେ ଚୟନ ହୋଇଥାଏଲ୍ ।

ସେତେବେଳକୁ ଜୁଲାଇ ଅଗଷ୍ଟ ମାସ ହୋଇଥାଏ । ବିଶ୍ୱବିଦ୍ୟାଳୟରେ ଆଡମିସନ୍ କରିବା ନିମନ୍ତେ ଦୀପା ନିଜର ସବୁ ଡକ୍ୟୁମେଣ୍ଟସ୍ ଧରି ଯାଇଥାଏ । ଆଡମିସନ୍ ସେକସନରେ ପ୍ରବଳ ଭିଡ ବାହାରେ ପୁଣି ତୁହାକୁ ତୁହା ବର୍ଷା ତା ସହିତ ବିଜୁଳି ଘଡଘଡି । ଦୀପାର ନାମ ଡକାଗଲା । ଦୀପାକୁ କେହିଜଣେ ସାର ନିର୍ଦ୍ଦେଶ ଦେଇ କହିଲେ – ଏ ଫର୍ମଟି ନିଅ ନିଜର ଫଟୋ ଲଗାଇ ଦସ୍ତଖତ କରି ଦାଖଲ କର । ଠିକ୍ ସମୟକୁ କି ଦୁର୍ଯୋଗ କେଜାଣି

ISSN NO.
2582-208X

ଫେବିକଲ୍ ଆଣିବାକୁ ଭୁଲି ଯାଇଥାଏ ଦୀପା । କଣ କରିବୁ କାହାକୁ ସାହାଯ୍ୟ ମାଗିବ..., ବାହାରେ ତ ପ୍ରବଳ ବର୍ଷା ଯିବା ବୋଧେ ସମ୍ଭବ ନୁହେଁ ।

ତା ପାଖ ଆଖରେ ବହୁତ ଚାତ୍ରଛାତ୍ରୀଙ୍କ ଜନଗହଳି... । ସେହି ଗହଳି ଭ୍ତ ତାର ନଜର ପଡିଲା କେହିଜଣେ ନମ୍ର ଭଦ୍ର ଯୁବକ ଉପରେ । ବୋଧେ ସେ ଆଡମିସନ୍ ପାଇଁ ମଧ୍ୟ ଆସିଥିବେ । ଦୀପା ତାଙ୍କ ପାଖକୁ ଯାଇ ଧିରେ କହିଲା – Excuse me. Do you help me? ଯୁବକ– ହଁ, ସିୟୋର, କି help ଦରକାର କୁହନ୍ତୁ... ଦୀପା-ଫେବିକଲ୍ ଛାଡିଦେଇ ଆସିଛି । ପ୍ଲିଜ ଦେବେ ଟିକେ ।

ଯୁବକ – ଦିଅନ୍ତୁ ମୁଁ ଲଗେଇ ଦେଉଛି । ଦୀପା ଭାବୁଥାଏ, ଅସମୟରେ ଏମିତି ବ୍ୟକ୍ତି ସାହାଯ୍ୟ କରିବା ବିରଳ ସତରେ ।

ଦୀପା – ଥ୍ୟାଙ୍କ୍ ୟୁ... । ଆପଣଙ୍କ ନାମ ?

ଯୁବକ – ବିସ୍ମୟ । ଦୀପା – ଓକେ, ଓକେ, ମୁଁ ଦୀପା ।

ଯୁବକ – ଜାଣିଛି ତୁମ ନାଁ, ଆଉ ଆମ ଦୁଇଜଣଙ୍କ ବିଭାଗ ମଧ୍ୟ ଗୋଟାଏ ।

ଦୀପା – ହେଲେ କେମିତି ଜାଣିଲେ ?

ଯୁବକ – ଟିକେ ସ୍ମିତ ହସି କହିଲେ, ତୁମ ଇଣ୍ଟିମେସନ ଫର୍ମରୁ । ଦୀପା- ଓକେ, ମୁଁ ଆସୁଛି । ବାୟ ।

ଦୀପା ଆଡମିସନ୍ ସାରି ଘରକୁ ଫେରିଲା । ତାରଆଉ କେଉଁ କାମରେ ମନ ଲାଗୁନଥାଏ । ନା ଶୋଷ, ନା ଭୋକ ସବୁ ଭୁଲି ଯାଇଥାଏ ଜେମିତି । ରାତିରେ ଯେବେ ଶୋଇବା ପାଇଁ ଗଲା, ତା ମନରେ କେବଳ ଗୋଟିଏ ଭାବନା – ବିସ୍ମୟ ! ନାମ ଯେମିତି ମଣିଷତ୍ୱ ବି ସେମିତି ବିସ୍ମୟ ଯାହା ଆଜିକାଲି ପାଇବା ବୋଧେ ବିରଳ । ଏମିତି ଭାବୁ ଭାବୁ ଗୋଟେ ସପ୍ତାହ ବିତିସାରିଥାଏ । ହଠାତ୍ ଶନିବାର ଦିନ ମ୍ୟାସେଜ ଆସିଥାଏ ସୋମବାର ଦିନରୁ କ୍ଲାସ ଆରମ୍ଭ ହେବ । ଆଉ କଣ ଦୀପାର କେଉଁଥିରେ ମନ ଲାଗୁଥାଏ । ସତରେ ଯେମିତି ବିସ୍ମୟ ତା ଇଣ୍ଟିମେସନ ଧରି ଫେଭିକଲ ମାରିନି ବରଂ ତା ହୃଦୟକୁ ଦୀପା ହୃଦୟ ସହିତ ଯୋଡି ଦେଇଛି । ସକାଳ ହେଲା ଦୀପା କ୍ଲାସ୍ ପାଇଁ ପୁରା ପ୍ରସ୍ତୁତ ହୋଇ ବାହାରି ପଡିଥାଏ ।

ISSN NO.
2582-208X

କଲେଜର ପ୍ରଥମ ଦିନ ସବୁ ଅଚିହ୍ନା ମୁହଁ ଭିତରେ ହୃଦୟ ଖୋଜୁଥାଏ କେବଳ ସେଇ ଚିହ୍ନା ହୃଦୟକୁ । ଦୀପା ଅନ୍ୟମନସ୍କ ହୋଇ ଯାଉ ଯାଉ କନିକା ଲାଇବ୍ରେରୀ ସାମ୍ନାରେ ଠିଆ ହୋଇଥାଏ । ଆଉ ସତେ ଯେମିତି ତା ହୃଦୟର ସ୍ପନ୍ଦନ ଯୋର୍ ଯୋର୍ ହେବାପରି ଲାଗୁଛି, ସେ ପଛକୁ ଚାହିଁ ଦେଖେତ  ବିସ୍ମୟ । ସେଇ ବିସ୍ମୟକର ଆଖି ହଳେ ଯାହା ଗୋଟିଏ ଦେଖାରେ ତା ମନ ତନକୁ ଦୋହଲାଇ ଦେଇଛି ।

ଦୀପା– ହେଲୋ, ବିସ୍ମୟ  । ବିସ୍ମୟ – ହାଇ କେମିତି ଅଛ

ଦୀପା– ମୁଁ ଭଲ  । ଆଉ ତୁମେ ? ବିସ୍ମୟ – ବୋଧେ ଭାବନାରେ

ଦୀପା – ନାଁ, ମୋ ସାମନାରେ, ବିସ୍ମୟ-ଓକେ ବାଏ, ଆସୁଚି ମୁଁ, ବସ୍ ଟାଇମ୍ ହେଇଗଲା ।

ଦୀପା ସେଇଠି ଛିଡା ହେଇ ଭାବୁଛି ମୁଁ କଣେ ଏବେ ପ୍ରେମରେ ପଡିଯାଇଛି ? ହଁ, ହେଇଥିବ । କେବେ କେମିତି ପଡିଗଲି ଜାଣି ପାରିଲିନି । ହଁ ଏଇ କଅଁଳ ଅୟସର ଆଦ୍ୟ ସୋପାନରେ ସମସ୍ତେ ପଡନ୍ତି, ବୋଧେ ମୁଁ ବ ॥ ଭାବି ଭାବି ହସୁଥାଏ ।

ଆଉ ପଛକୁ ଚାହେଁ ତ ବିସ୍ମୟଙ୍କର ସେଇ ପଛକୁ ଚାହିଁ ହସିଦେବା । ବୋଧେ ସେ ବିସ୍ମୟ ଆଖିହଳେ ପଛକୁ ଚାହୁଁ ନଥିଲା ତ ପ୍ରେମ ମଞ୍ଜୁର ହେଇଗଲା ।କେହି ଜଣେ କହିଥିଲେ–

"ପ୍ରେମ ଆମେ କେତେବେଳେ
କେଉଁ ବାଟ ଦେଇ
ଜାଣି ହୁଏ ନାହିଁ ସିନା
ଯାଏ ଆପେ ହେଇ"

ନାଲି କୋଠା ପାଖେ ନୀଳଭ ଆକାଶ ତଳେ ଦୁଇ ହୃଦୟର ମିଳନ । ତା ପରେ ପୁଣି ପ୍ରେମ ମଞ୍ଜୁର । ସତେ ଯେମିତି ଦୁଇ ହୃଦୟ ପ୍ରେମର ଫେବିକଲରେ ଏବେ ଯୋଡିହୋଇ ଯାଇଛନ୍ତି । ପ୍ରେମ ରୂପକ ଦିବ୍ୟ ଅନୁଭବକୁ ଅନୁଭବ କରୁଛନ୍ତି । ପ୍ରେମ ତ ସେଇ ପବିତ୍ର ପାପ ଯାହା ମଣିଷ ଜାଣିଶୁଣି କରିନଥାଏ । ଏ ଅମାନିଆ ହୃଦୟର ଝରକା ଦେଇ କିଏ କେବେ ଡେଇଁ ଆସି ଅତି ନିଜର ପାଲଟି ଯାଏ ଜାଣି ହୁଏନି ।

ISSN NO.
2582-208X

ବିସ୍ମୟ ଗୁଣରେ ଯେମିତି ବୁଦ୍ଧିରେ ମଧ୍ୟ ସେମିତି ବିସ୍ମୟକର । ସୁଦୂର ରାୟଗଡାରୁ ଅନେକ ସ୍ୱପ୍ନ ନେଇ ବିଶ୍ୱବିଦ୍ୟାଳୟରେ ପାଦ ଦେଇଥାଏ । ଦୀପା ମଧ୍ୟ ସର୍ବଗୁଣ ସମ୍ପର୍ଣ୍ଣା ଓ ମେଧାବୀ ମଧ୍ୟ । ସମୟକ୍ରମେ ଦୁହେଁ ପରୀକ୍ଷାରେ ଭଲ ନମ୍ବର ରଖି ଟପ୍ପର ହେବା ହେଉ କିମ୍ବା ପ୍ରେମୀ ଯୁଗଳ ଭାବେ ଲାଇବ୍ରେରୀ ଠୁ ନେଇ କ୍ୟାଣ୍ଟିନ୍ ଯାଏଁ ସବୁଠି ଚର୍ଚ୍ଚିତ । ଦୁହେଁ ମିଶି ନରାଜର ସନ୍ଧ୍ୟା ଦୃଶ୍ୟ ହେଉ, ଅବା କାଠଯୋଡିର ମନୋରମ ଦୃଶ୍ୟରେ କେତେ କେତେ ଗଳ୍ପ ହେଉ କି ଆଳାପ ନ କରିଛନ୍ତି । ରାଣୀହାଟ ଛକର କ୍ଲକ୍ ଟାୱାର ତାଙ୍କ ପ୍ରେମ ପ୍ରତୀକ୍ଷାର ଏକ ଜୀବନ ସାକ୍ଷୀ ହୋଇ ଆଜିବି ଚାହିଁ ରହିଛି । ଏମିତି ଏମିତିରେ ଦୁଇ ବର୍ଷ ବିତି ସାରିଥାଏ... । ପଢା ସରିଯାଇଥାଏ ।

ସୁଦୂର ଅଖ୍ୟାତ ଗାଁର ବିସ୍ମୟ ଜଣେ ମେଧାବୀ ଛାତ୍ର । ସେତେବେଳକୁ ଏ ସିଭିଲ୍ ସର୍ଭିସର ପ୍ରସ୍ତୁତି କରୁଥାଏ । ଯାହା ଟିକେ ଲମ୍ବା ସମୟ ଆବଶ୍ୟକ କରେ । ହଠାତ୍ ଗୋଟେ ଦିନ ଦୀପାର କଲ୍ ପୁଣି କାନ୍ଦ କାନ୍ଦ ସ୍ୱର । କଣ ହେଇଥିବ ମୋ ଦୀପାର? ସେ ତ ମତେ ୨ ବର୍ଷ ସ୍ୱମୟ ଦେଇଥିଲା । ତା ପରେ ମୁଁ ତା ହାତ ମାଗିବା ପାଇଁ ତା ଘରକୁ ଯାଇଥାନ୍ତି ।

ଦୀପା – ହାଲୋ ବିସ୍ମୟ

ବିସ୍ମୟ – କଣ ହେଉଛି ମୋ ଦୀପାର... ମୋ ଉପରେ ରାଗିଛ କି? ଆରେ ସରି, ସରି, ମୁଁ କିଛି ଭୁଲ୍ କରିଦେଇଛି କିକୁହ.... ଆରେ କିଛି ତ କୁହ ।

ଦୀପା – କିଛି ଗୋଟେ କର ।

ବିସ୍ମୟ – କଣ କରିବି ତ କୁହ? ମୋ ହୃଦୟ ନବ ନା ଜୀବନ ସବୁ ଦେବା ପାଇଁ ପ୍ରସ୍ତୁତ ।

ଦୀପା – ସେ ସବୁକିଛି ନୁହେଁ

ବିସ୍ମୟ – ଆଉ, ଦୀପା – ମତେ ନେଇଯାଆ ବିସ୍ମୟ, ତୁମ ବିନା ବଞ୍ଚିପାରିବିନି

ବିସ୍ମୟ – ଆରେ ପାଗେଳୀଟା କି...ଟିକେ ବୁଝେଇକି କହୁନ ମୁଁ ପା ତମ ବିସ୍ମୟ ସବୁ ଠିକ୍ କରିଦେବି ।

ISSN NO.
2582-208X

ଦୀଆ – ଆସନ୍ତା ମାସରେ ମୋ ବାହାଘର, ହେଲେ ମୁଁ ପାରିବିନି ବିସ୍ମୟ। ତୁମେ ନେଇଯାଅ ନହେଲେ ତୁମ ଦୀପାକୁ ହରେଇ ଦେବ। ତୁମେ ଯାହା କହିବ ମୁଁ ସେଇଆ କରିବି। ବାସ୍ ନେଇ ଯାଅ।

ବିସ୍ମୟ – ମୁଣ୍ଡ କାମ କରୁନି ଦୀପା । କିଛି ସମୟ ଦିଅ ଆଉ କାନ୍ଦନି ପ୍ଲିଜ୍।

ଦୀପା – ବାବାଙ୍କ ଶେଷ ନିଷ୍ପତି ମୋ ବାହାଘର ଆସନ୍ତା ସପ୍ତାହରେ। ଅଟେକେଇ ଦିଅନା ପ୍ଲିଜ୍।

ବିସ୍ମୟ – ତୁମେ ମୋ ଦୀପା ଯିଏ କେବେ ହାରେନି, ମତେ ବି ଭୁଲିପାରିବ। ଏ ସୁଖିଲା ପତ୍ରକୁ ବରସା କରନି। ଦୀପା – ମାନେ

ବିସ୍ମୟ – ଭୁଲିଯାଅ ମତେ, ବାହା ହେଇ ଯାଅ। ତୁମ ଖୁସିରେ ମୁଁ ବି ଖୁସି। ଆଉ ବାବା ମାଆଙ୍କ ଆଶା ଭରଷା ସମ୍ମାନ ତୁମେ କରିପାରିବ। ଯାଅ ଦୀପା, ଯାଅ, ବାଏ। ମୁଁ ଅଛି, ସବୁବେଳେ ତୁମ ପାଇଁ ସତରେ ଯେମିତି ଏଇ ଗୋଟିଏ କଲ୍ ଖୁସିରେ କଳା ମେଘ ଢାଙ୍କି ଦେଇଥିଲା। ବିସ୍ମୟ ଭାବୁଥାଏ-ସବୁ ଚିହ୍ନା ମୁହଁ ନୁହନ୍ତି ନିଜର, ସବୁ ପ୍ରେମ ନୁହେଁ ଜୀବନ ଯାକର।

ଏମିତିରେ ବିତି ସାରିଥାଏ ୧୦ ବର୍ଷ। ଏଇ ଦଶବର୍ଷ ଭିତରେ ବିସ୍ମୟ ଦୀପାକୁ ଭୁଲିବା ପାଇଁ ବହୁତ ଚେଷ୍ଟା କରିଛି କିନ୍ତୁ ପାରିନି, ହେଲେ ଦୀପା ବି ତ ପାରିନି। ସମୟ ଛାପରେ ଜୀବନର ମୋଡ ଇନା ବଦଳି ଗଲା କିନ୍ତୁ ହୃଦୟରେ ଥିବା ମଣିଷ ତ ବଦଳେନି ନା। ଆଜିବି ବିସ୍ମୟ ଏକା, ଆଉ ସଫଳ ପ୍ରତିଷ୍ଠିତ ମଧ୍ୟ। ବିସ୍ମୟ ଆଜି ରାଜ୍ୟ ପ୍ରଶାସନିକ ସେବାରେ ନିଯୁକ୍ତ। ତାର ଶେଷ ଇଚ୍ଛା ଲୋକଙ୍କ ସେବାରେ ଜୀବନକୁ ନିୟୋଜିତ କରିଦେବା। ଏ ଜୀବନକୁ କି ବା ଭରଷା । ଯିବା ଲୋକ ତ ଦିନେ ନା ଦିନେ ଯିବେ। ତାକୁ କି ରୋକି ପାରିବା । ଏ ଜୀବନ ରୂପି ଟଳମଳ ନାଆ କୁ ବିସ୍ମୟର ଭରଷା ନଥାଏ।

ଡିସ୍ୱମ୍ବର ମାସର କଥା, ହଠାତ୍ ଗୋଟିଏ ଦିନ ରାତି ୧୨ ଟା ହେବ। ବିସ୍ମୟ ନିଜ ଲାପଟପ୍ ରେ ଅଫିସ୍ ର କିଛି କାମ କରୁଥାଏ। ଠିକ୍ ସେହି ସମୟରେ ହଠାତ୍ ଫୋନ୍ ଟା ବାଜି ଉଠିଲା ସତେ ଯେମିତି ହୃଦୟର ସ୍ପନ୍ଦନ ବଢିଗଲା। ଫୋନ କୁ ଦେଖେ ତ ସେଇ ନମ୍ବର ସେଇ ହସ ହସ ମୁହଁର ଫଟୋ। ଯାହାକୁ ଦେଖି ଦେଖି ସେ ଏବେ ଯାଏଁ ବଞ୍ଚି ରହିଛି।

ISSN NO.
2582-208X

କିଛି ସମୟ ପାଇଁ ସେ ଏବେ ଯାଏଁ ସବୁ କିଛି ପୁଣିଥରେ ଯିଇଁ ଉଠିଗଲା । ହଠାତ୍ ଝରକା ଦେଇ ବହିଆସିଲା ଦଲକାଏ ପବନ ଆଉ ବିସ୍ମୟ ପ୍ରକୃତିସ୍ଥ ହୋଇ ଉଠିଲା । ତାପରେ ଫୋନ୍ ଟି ସାଇଲେଣ୍ଟ କରି ରଖି ନିଜ କାମରେ ମନ ଲଗାଇଲା । ହେଲେ ଏ ଅମାନିଆ ମନକୁ ବାନ୍ଧିବା କଷ୍ଟକର ବ୍ୟାପାର । ବିସ୍ମୟ କଲ୍ ରିସିଭ୍ କରିବା ପାଇଁ ବୋଧେ ଅସହାୟ । କାହିଁକି ନା ତା ଜୀବନ ଏବେ ଶୁଖିଲା ପତ୍ର ପରି । କେବେ ମଧ୍ୟ ଝଡି ପଡିବ, ସେତେବେଳକୁ ବିସ୍ମୟକୁ ବ୍ଲଡ କ୍ୟାନସରର ତୃତିୟ ଷ୍ଟେଜ ଆଉ ସେ ଚାହୁଁ ନଥିଲା ତା ଦୀପାର ଏ ହସହସ ମୁହଁ ଲୁହରେ କେବେ ଲୁହ ଆସୁ । ବୋଧେ ବିସ୍ମୟର ଏପରି ଅବସ୍ଥା ବିଷୟରେ ଶୁଣିଥିଲେ ଦୀପା ଭାଙ୍ଗି ପଡିଥାନ୍ତା । ଆଜି ବିସ୍ମୟର ଜୀବନ ଦୀପ କାହିଁକି କେଜାଣି ଜୋର୍ ରେ ଜଳୁଥାଏ । ବୋଧେ ଲିଭିବା ପୂର୍ବରୁ ସବୁକିଛି ଏମିତି ଜୋରରେ ଜଳେ । ଆଜି ସେ ନିଃସହାୟ.... । ତା ଆଖିରୁ ଲୁହ ଧାରେ ବହିଗଲା ।

(((-)))

ଇମେଲ : mohantybijay65@gmail.com

ISSN NO.
2582-208X

# ଗରିବ ଦେଶର ଧନୀ ଭଗବାନ



ବାଲ୍ମୀକ ନାୟକ

ଅଧା ଅଧୁରା ଐତିହାସିକ ଜ୍ଞାନ ରଖୁଥିବା ଅନେକ ଭାରତୀୟଙ୍କ ମତରେ ଏକଦା ଆମ ଦେଶ କୁଆଡେ ଧନ ଧାନ୍ୟରେ ପୂର୍ଣ୍ଣ ଥିଲା । ଆମ ଦେଶରେ ଏତେ ପରିମାଣରେ ହୀରା, ନୀଳା, ମୋତି, ମାଣିକ୍ୟ, ସୁନା ଓ ରୂପା ଭରି ରହିଥିଲା ଯେ ଅନ୍ୟ ଦେଶର ଲୋକମାନେ ବାରମ୍ବାର ଆକ୍ରମଣ କରି ତାଙ୍କ ଦେଶକୁ ଅଜସ୍ର ଧନ ଲୁଟି ନେଇ ଯାଉଥିଲେ । ଧନ ଲୁଟି ନେଉଥିବା କଥାଟି ସତ, ହେଲେ ପ୍ରଶ୍ନ ଉଠୁଛି - ଏହି ସବୁ ଧନ କେଉଁଠି ଅସୁରକ୍ଷିତ ଭାବେ ରହୁଥିବାରୁ ବାହାର ଲୋକ ସହଜରେ ଲୁଟି ନେଇପାରୁଥିଲେ ?

ବ୍ୟକ୍ତିଗତ ଭାବେ ନିଜଘର ଭିତରେ ସାଇତି ରଖୁଥିବା ଧନ କିମ୍ବା ରାଜକୋଷ ଭିତରୁ ଧନ ଲୁଟି ନେଇଥିବା ଉଦାହରଣ ଇତିହାସରେ ମିଳେନାହିଁ । କାରଣ ସେହି ଧନକୁ ସୁରକ୍ଷିତ ରଖିବାପାଇଁ ଲୋକମାନେ ଏବଂ ରାଜ୍ୟର ସୈନିକମାନେ ପ୍ରତିରୋଧ କରୁଥିଲେ । ଇତିହାସରୁ ମିଳୁଥିବା ତଥ୍ୟ ଅନୁସାରେ ସର୍ବାଧିକ ଧନ ଲୁଟ ହୋଇଛି ଭାରତର ବଡବଡ ବିଖ୍ୟାତ ହିନ୍ଦୁ ମନ୍ଦିରମାନଙ୍କର ରତ୍ନଭଣ୍ଡାର ଅଥବା ଗନ୍ତାଘରୁ ।

ଭାରତୀୟ ପଣ୍ଡା, ପୂଜାରୀଙ୍କ ସହିତ ଭକ୍ତ ମାନଙ୍କର ଅଜବ ଯୁକ୍ତି ଶୁଣନ୍ତୁ –"ମନ୍ଦିରର ଧନକୁ ଅର୍ଥାତ ଭଗବାନଙ୍କର ଧନକୁ ସୁରକ୍ଷା ଦେବାର ଦାୟିତ୍ୱ ମଧ୍ୟ ତଥାକଥିତ ଭଗବାନଙ୍କର ହେବା ଉଚିତ । ସର୍ବସାଧାରଣ ଦାନ କରିଥିବା ଧନ ଉପରେ ସର୍ବସାଧାରଣଙ୍କ ଅଧିକାର ମଧ୍ୟ ନାହିଁ । ତେଣୁ ସେହି ଧନକୁ ରକ୍ଷା ପରିବାପାଇଁ, କିଏ କାହିଁକି ଧନ ଲୁଟେରା ଶତ୍ରୁ ସହିତ ଲଢେଇ କରି ପ୍ରାଣବଳି ଦେବ ? ସେହି ଧନକୁ ଯିଏ ନେଇଯାଉଛି ନେଉ, ଆମର କ'ଣ ବା କ୍ଷତି ହେବ ? ଧନ ଲୁଣ୍ଠନ କାରୀଙ୍କୁ, ପରେ ଭଗବାନ କ'ଣ ଦଣ୍ଡ ଦେବେ ନାହିଁ ? ସେମାନେ ଭଗବାନଙ୍କ ଧନ ଚୋରେଇ ଖାଇଥିବାରୁ,

ISSN NO.
2582-208X

ଅନେକ ଅସାଧ୍ୟ ରୋଗରେ ପଡିବେ, ମଲା ପରେ ତ ନିଶ୍ଚୟ ନର୍କଦଣ୍ଡ ଭୋଗ କରିବେ । ତା'ବ୍ୟତୀତ ଧନ ହେଉଛି, ମାୟାର ପ୍ରତୀକ । ଆମେ କାହିଁକି ମାୟାରେ ଜଡିତ ହେବୁ ? ମନ୍ଦିରର ଧନ ଯାଉ, ଆମେ ତ ଭୋକିଲା ପେଟରେ ମଧ୍ୟ ଭଜନ କୀର୍ତ୍ତନ କରି ଶାନ୍ତିରେ ରହି ପାରୁଛୁ ।"

ଏହିଭଳି ତର୍କ ଦେଇ, ନିଜର ଅପାରଗତାକୁ ଘୋଡାଇ ରଖିବା ପାଇଁ, ଆମର ଧର୍ମଗୁରୁମାନେ ଆତ୍ମପ୍ରବଞ୍ଚନା କରୁଥିଲେ । ସେମାନଙ୍କୁ ଏକ ସ୍ୱରରେ ଅନ୍ଧଭକ୍ତମାନେ, ସମର୍ଥନ କରୁଥିଲେ । ଏହିଭଳି ଦାୟିତ୍ୱହୀନ ପ୍ରବୃତ୍ତି ଓ ଭ୍ରାନ୍ତଅବଧାରଣା ଯୋଗୁଁ, ବିଗତ ଦିନମାନଙ୍କରେ, ବିଦେଶୀ ଲୁଟେରାମାନେ, ମନ୍ଦିରରୁ ଧନ ଲୁଟି ନେଉଥିଲେ । ଯାହା ବଞ୍ଚିଛି, ସେହି ଧନ ଉପରେ, ଆଜିର ଅନେକ ତଥାକଥିତ ସାଧୁ, ସନ୍ୟାସୀ, ବାବାମାନେ କବଜା କରି ବସିଛନ୍ତି । ସୁଯୋଗ ମିଳିଲେ, କିଛି ଚୋର, ଡାକୁ ମଧ୍ୟ ଧନ ଭଣ୍ଡାରକୁ, ଖାଲି କରି ନେଇଯାଉଛନ୍ତି । କୌଣସି ଭଗବାନ କିଛି କରି ପାରୁନାହାନ୍ତି । ଶେଷରେ ଠକି ହେଉଛନ୍ତି, ସାଧାରଣ ସରଳ ବିଶ୍ୱାସୀ ଜନତା । ଭକ୍ତମାନଙ୍କ ଦାନ କରାଯାଇଥିବା ଧନ, ଭକ୍ତମାନଙ୍କ ସେବାରେ ନ ଲାଗି, ଧନ ଯାଉଛି କାମଚୋର, ପଳାୟନବାଦୀ ତଥାକଥିତ ଭଣ୍ଡ ସନ୍ଥମାନଙ୍କ ପାଖକୁ ।

ଆଜି ଆମଦେଶର ପ୍ରତ୍ୟେକ ଜିନିଷର ଦର ଦାମ ଏତେ ପରିମାଣରେ ବଢି ଯାଇଛି ଯେ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି । ଭାରତୀୟ ଟଙ୍କାର ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଛି । ଦୁନିଆରେ ଭାରତ ଏକ ଗରିବ ଦେଶର ତାଲିକାରେ ସ୍ଥାନ ପାଉଛି । ଜଗତୀକରଣ, ବୈଷବିକରଣ ସତ୍ୱେ ବେକାର ଓ ବେରୋଜଗାରଙ୍କ ସଂଖ୍ୟ ବୃଦ୍ଧି ପାଉଛି । କୃଷକମାନଙ୍କର ଆତ୍ମହତ୍ୟା ବଢି ଚାଲିଛି । ଅର୍ଥ ଲୋଭ ଦେଖାଇ ଯୁବତୀମାନଙ୍କୁ ବିଭିନ୍ନ ଦେଶ ବିଦେଶକୁ ଚାଲାଣ କରାଯାଉଛି । ଅନ୍ୟ ପକ୍ଷରେ ଦେଶର ମଠ ଓ ମନ୍ଦିରମାନଙ୍କର ଧନଭଣ୍ଡାର ଭରିଭରି ଚାଲିଛି । ସେହି ଧନକୁ ସୁରକ୍ଷା ଦେବାପାଇଁ ତଥାକଥିତ ଦେବୀ ଦେବତାଙ୍କ ଶକ୍ତି ନ ଥିବାରୁ ମାନବଶକ୍ତିକୁ ହିଁ ବ୍ୟବହାର କରାଯାଉଛି । ସୁରକ୍ଷାରେ ସାମାନ୍ୟ ଅବହେଳା ହେଲେ ଚୋର, ଡାକୁମାନେ ମନ୍ଦିର ଭିତରୁ ଦେବତାମାନଙ୍କ ଉପସ୍ଥିତିରେ, ସବୁ ଧନ ଲୁଟି ନେଇଛନ୍ତି ।

ଏଥର ଆସନ୍ତୁ ଦେଖିବା ଦେଶର କେତେକ ପ୍ରସିଦ୍ଧ ମନ୍ଦିରମାନଙ୍କର ଆୟ ସମ୍ପର୍କୀୟ ଖବର । ଆଧ୍ୟାତ୍ମିକ ବିଶ୍ୱାସ ଓ ଧନ ତାଲିକାରେ ସବୁଠାରୁ ଉପରେ ଅଛି - "ତିରୁମଲାର

ISSN NO.
2582-208X

ତିରୁପତି ବାଲାଜୀ ମନ୍ଦିର ।" ନବମ ଶତାବ୍ଦୀ ପୂର୍ବରୁ ତିଆରି ଏହି ମନ୍ଦିରକୁ, ପ୍ରତିଦିନ ପ୍ରାୟ ପଚାଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦର୍ଶନ କରିବାକୁ ଆସିଥାନ୍ତି । ବର୍ଷର କିଛି ବିଶେଷ ପର୍ବଦିନମାନଙ୍କରେ ପନ୍ଦର କୋଡିଏ ଲକ୍ଷ ପର୍ଯ୍ୟନ୍ତ ଭକ୍ତ ଆସିଥାନ୍ତି । ସେମାନେ କେବଳ ଦର୍ଶନ କରନ୍ତି ନାହିଁ, ତା'ସହିତ ମନ ଖୋଲି ଦାନ, ଦକ୍ଷିଣା ମଧ୍ୟ ଦେଇଥାନ୍ତି । କେବଳ ନବରାତ୍ରୀ ସମୟରେ ହିଁ ଦଶ, ବାର କୋଟି ଟଙ୍କା ଓ କିଛି କୁଇଣ୍ଟାଲ ସୁନା ମନ୍ଦିର ହୁଣ୍ଡିରୁ ପ୍ରାପ୍ତ ହୋଇଥାଏ । ବର୍ତ୍ତମାନ ବାଲାଜୀ ମନ୍ଦିରରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଗଚ୍ଛିତ ଅଛି । ଏହା ଭାରତର ମୋଟ ବଜେଟର ପ୍ରାୟ ଅଧା ଭାଗ ସହିତ ସମାନ । ୨୦୨୫ ମସିହାର ଆକଳନ ହେଉଛି ୫,୨୫୮ କୋଟି ଟଙ୍କା । ମୋଟ ୫,୨୫୮ କୋଟି ଟଙ୍କାର ଆୟ ଭିତରୁ, ୧,୭୨୯ କୋଟି ଟଙ୍କା କେବଳ ଦାନପେଟିରୁ (ହୁଣ୍ଡି) ମିଳିଥିଲା । ହୁଣ୍ଡିରେ ଜମାହେଉଥିବା ଟଙ୍କା ଅଖାରେ ଭର୍ତ୍ତି କରି, ହିସାବ କରିବାକୁ ନିଆଯାଏ । ବାଲାଜୀ ମନ୍ଦିରରେ ପ୍ରତିବର୍ଷ ୩୫୦ କିଲୋରୁ, ଅଧିକ ସୁନା ଏବଂ ୫୦୦ କିଲୋରୁ ଅଧିକ ରୂପା ଦାନ କରା ଯାଇଥାଏ । ଶୁଣାଯାଏ ଇଂରେଜମାନେ, ବାଲାଜୀ ମନ୍ଦିରର ଭବ୍ୟ ନିର୍ମାଣ ଶୈଳୀ ଓ ଭକ୍ତମାନଙ୍କର ଦ୍ୱାରା ଦାନକରାଯାଉଥିବା ଧନର ପରିମାଣ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀ ବାଲାଜୀ ମନ୍ଦିରରୁ ସବୁଠାରୁ ବେଶୀ ରୂପା କିଣି ନେଉଥିଲେ । ଗତ ୨୦୨୩ ଓ ୨୦୨୪ ମସିହାରେ ବାଲାଜୀ ମନ୍ଦିରର ସବୁଠାରୁ ବେଶୀ ୧୧୬୧ କୋଟି ଟଙ୍କା ଫିକ୍ସ ଡିପୋଜିଟ ଥିଲା । ଏହି ମନ୍ଦିରର ପ୍ରଶାସନ "ତିରୁମାଲା ତିରୁପତି ଦେବସ୍ଥାନମ ଟ୍ରଷ୍ଟ" ବିଭିନ୍ନ ବ୍ୟାଙ୍କରେ ଗତ ୨୦୨୪ ଠାରୁ ୨୦୨୫ ଭିତରେ ୧୪୦୦୦ କୋଟି ଟଙ୍କାର ଫିକ୍ସଡ଼ ଡିପୋଜିଟ କରାଇଛନ୍ତି ।

ଭାରତର ପ୍ରମୁଖ ଧନୀ ମନ୍ଦିରମାନଙ୍କରେ ଯେତିକି ପରିମାଣରେ ସୁନା ଗଚ୍ଛିତ ଅଛି, ହୁଏତ ଆମର ରିଜର୍ଭ ବ୍ୟାଙ୍କରେ ସେତିକି ନାହିଁ । ଦେଶର ଆହୁରି ଅନେକ ବିଖ୍ୟାତ ମନ୍ଦିର ହେଉଛି - କେରଳର ଗୁରୁବାୟୁର ମନ୍ଦିର, ଶିରିଡି ସାଇବାବା, ମୁମ୍ବାଇରେ ସିଦ୍ଧି ବିନାୟକ, ଜମ୍ମୁ ପ୍ରଦେଶର ମାତା ବୈଷ୍ଣଦେବୀ, ଗାନ୍ଧୀ ନଗରର ଅକ୍ଷରଧାମ, ବିଶାଖାପାଟନମର ସୀମାଞ୍ଚଳ, ପୁରୀର ଜଗନ୍ନାଥ, କୋଲକାତାର କାଳୀମାତା, ଅମୃତସରର ସ୍ୱର୍ଣ୍ଣ ମନ୍ଦିରମାନଙ୍କର ବାର୍ଷିକ ଆୟ ସହଜରେ କେହି କହି ପାରିବେ ନାହିଁ ।

କେରଳର ସବରିମାଳା ପାହାଡ଼ରେ ଅବସ୍ଥିତ, ଗୁରୁବାୟୁର ଦେବସ୍ଥାନାମରେ ଗତ ୨୦୨୫ ମସିହାରେ ଆୟାପ୍ପା ସ୍ୱାମୀଙ୍କ ଭକ୍ତମାନଙ୍କ ଦ୍ୱାରା ଦାନ କରାଯାଇଥିବା, ଧନର ପରିମାଣ

ISSN NO.
2582-208X

ଆନୁମାନିକ ୪୦୦ କୋଟି ଟଙ୍କା ଥିଲା । ଗତ ୨୦୨୪ ମସିହାରେ ହାରାହାରି ୬ କୋଟି ଟଙ୍କା ଆୟ ହୋଇଥିଲା । ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଯେ ବର୍ଷ ସାରା ଏହି ମନ୍ଦିର ବନ୍ଦ ରହେ । କେବଳ ଜାନୁୟାରୀ ମାସରେ ହିଁ କିଛି ଦିନ ଆୟାପ୍ପାସ୍ୱାମୀଙ୍କ ଦର୍ଶନ ପାଇଁ, ମନ୍ଦିର ଖୋଲା ରହେ । ଆହୁରି ଏକ ମଜା କଥା ହେଉଛି - ଏହି ମନ୍ଦିରକୁ ଛଅ ବର୍ଷରୁ ଷାଠିଏ ବର୍ଷର ସ୍ତ୍ରୀମାନଙ୍କୁ ପ୍ରବେଶ କରିବା ନିଷେଧ । କାରଣ ଏହି ବୟସ ଭିତରେ ସ୍ତ୍ରୀମାନେ ରଜସ୍ୱଳା ହୋଇଥାନ୍ତି । ସେହି ସ୍ତ୍ରୀମାନେ ଆୟାପ୍ପାସ୍ୱାମୀଙ୍କୁ ଛୁଇଁଦେଲେ ଠାକୁର ଅପବିତ୍ର ହୋଇଯିବେ ବୋଲି ସମସ୍ତେ ବିଶ୍ୱାସ କରୁଛନ୍ତି । ଏହି ମନ୍ଦିରରେ ବିଶେଷ ଧରଣର ପୂଜା କରିବାପାଇଁ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦେଇ ଭକ୍ତମାନେ ଆଡ଼ଭାନ୍ସ ବୁକିଙ୍ଗ କରାଇଥାନ୍ତି । ଖବର କାଗଜରେ ପ୍ରକାଶିତ ଗୋଟିଏ ଖବର ଅନୁସାରେ ଆସନ୍ତା ୨୦୪୯ ମସିହା ପର୍ଯ୍ୟନ୍ତ ଏହି ପୂଜା ପାଇଁ ବୁକିଙ୍ଗ ସରିଲାଣି । ଗୁରୁବାୟୁର ମନ୍ଦିର ପ୍ରଶାସନ ବ୍ୟାଙ୍କରେ ୨୦୨୪ ଏବଂ୨୦୨୫ ମସିହାରେ ୨୦୫୩ କୋଟି ଟଙ୍କା ଫିକ୍ସ ଡିପୋଜିଟ କରାଇଛନ୍ତି ।

ମହାରାଷ୍ଟ୍ରର ଶିରିଡି ସାଇବାବା ମନ୍ଦିରର ଖ୍ୟାତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ମନ୍ଦିରର ଦୈନିକ ଆୟ ପ୍ରାୟ ୬୦ ଲକ୍ଷରୁ ଅଧିକ ଏବଂ ବାର୍ଷିକ ୩୬୦ କୋଟିରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି । "ଶିରିଡି ସାଇବାବା ସନାତନ ଟ୍ରଷ୍ଟ"ର ସଞ୍ଚାଳକମାନେ ହିଁ ଜାଣନ୍ତି, ଅସଲ ପରିମାଣ କେତେ ? ମହାରାଷ୍ଟ୍ରର ଅନ୍ୟ ଏକ ଧନୀ ସିଦ୍ଧି ବିନାୟକ ମନ୍ଦିରରେ ଗତ ୨୦୨୪ ଓ ୨୦୨୫ ମସିହାରେ ବାର୍ଷିକ ଆୟ ଥିଲା ୧୩୩ କୋଟି ଟଙ୍କା । ଏହି ଆୟ ମନ୍ଦିରର ଦାନ, ଦାନପେଟି, ପୂଜା କର୍ମକାଣ୍ଡ, ପ୍ରସାଦ ବିକ୍ରୟ, ଅନଲାଇନ୍ ଦାନ ଓ ଦାନ କରିଥିବା ସୁନା-ରୂପା ନୀଲାମ କରି ମିଳିଥିଲା। ୨୫୦ ବର୍ଷରୁ ଅଧିକ ପୁରୁଣା ଏହି ସିଦ୍ଧିବିନାୟକ ମନ୍ଦିର ମୁମ୍ବାଇର ପ୍ରଭାଦେବୀ ଅଞ୍ଚଳରେ ଅବସ୍ଥିତ ।

ଜାମ୍ମୁର ମାତା ବୈଷ୍ଣୋଦେବୀଙ୍କ ମନ୍ଦିର ବି ବର୍ଷକୁ ୫୦୦ କୋଟିରୁ ଅଧିକ ଟଙ୍କାର ଧନ ପ୍ରାପ୍ତ କରିଥାଏ । ମଜା କଥା ହେଉଛି - ଦକ୍ଷିଣ ଭାରତର ମନ୍ଦିରମାନଙ୍କ ଭଳି ଏହି ମନ୍ଦିର ବେଶୀ ପୁରୁଣା ନ ହେଲେ ବି ଖ୍ୟାତି ପ୍ରାପ୍ତ କରିବାରେ ଦକ୍ଷିଣର ମନ୍ଦିରମାନଙ୍କ ଠାରୁ କମ ନୁହେଁ ।

ମାତା ବୈଷ୍ଣୋଦେବୀଙ୍କୁ ଦର୍ଶନ କରିବାପାଇଁ ପ୍ରତିବର୍ଷ ଲକ୍ଷଲକ୍ଷ ତଥାକଥିତ ଭକ୍ତଙ୍କ ସମାଗମ ହୋଇଥାଏ । କଳା ସ୍ଥାପତ୍ୟ ଓ ସମୃଦ୍ଧିରେ ଚମକୁଥିବା ହିନ୍ଦୁମାନଙ୍କର, ଅକ୍ଷରଧାମ ମନ୍ଦିର,

ISSN NO.
2582-208X

ଆଜି ବହୁତ ପ୍ରସିଦ୍ଧି ଲାଭକରିଛି । ଗାନ୍ଧୀ ନଗର ଓ ଦିଲ୍ଲୀର ଅକ୍ଷରଧାମ ମନ୍ଦିରର, ବାର୍ଷିକଆୟ ୧୦ କୋଟିଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ମନ୍ଦିରର ଆୟ ସମ୍ପର୍କରେ ସ୍ୱାମୀନାରାୟଣ ଅକ୍ଷରଧାମ ଟ୍ରଷ୍ଟ ବାର୍ଷିକ ଆୟ ସମ୍ପର୍କରେ ସଠିକ୍ ସୂଚନା ସାର୍ବଜନୀନ ଭାବେ ପ୍ରକାଶ କରେ ନାହିଁ।

ଭାରତର ଆହୁରି ଅନେକ ମନ୍ଦିର ଯଥା: ପୁରୀର ଜଗନ୍ନାଥମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଗୁଆହାଟିର କାମାକ୍ଷାମନ୍ଦିର, ଝାରଖଣ୍ଡର ବୈଦ୍ୟନାଥ ମନ୍ଦିର, ତାମିଲନାଡୁର ମୁରୁଗାନମନ୍ଦିର, ବୃନ୍ଦାବନ ସ୍ଥିତ ବାଙ୍କେବିହାରୀ ମନ୍ଦିର, ଉଜ୍ଜୈନର ମହାକାଳେଶ୍ୱର ମନ୍ଦିର, ବନାରସର ବିଶ୍ୱନାଥ ମନ୍ଦିର, ଗୁଜରାଟର ସୋମନାଥ ମନ୍ଦିରରେ, ଭକ୍ତମାନେ ଖୋଲାମନରେ ଦାନ କରିଥାନ୍ତି । ହିନ୍ଦୁମନ୍ଦିର ଭଳି ବୌଦ୍ଧମଠ ଓ ଶିଖମାନଙ୍କର ଗୁରୁଦ୍ୱାରମାନଙ୍କରେ ମଧ୍ୟ ଯଥେଷ୍ଟ ଧନ ଏକତ୍ର ହେଉଛି ।

ଦୁନିଆର ସବୁଠାରୁ ଧନୀ ମନ୍ଦିର ଆମେରିକା, ରୁଷିଆ, ଜର୍ମାନ, ଚୀନ କିମ୍ବା ଜାପାନରେ ମଧ୍ୟ ନାହିଁ, ଅଛି କେବଳ ଭାରତରେ । ଭାରତରେ ପ୍ରକୃତରେ କେତୋଟି ମନ୍ଦିର ଅଛି, ଗଣନା କରି କହିବା ସମ୍ଭବ ନ ହେଲେ ବି ବିଭିନ୍ନ ଶ୍ରୋତରୁ ପ୍ରାପ୍ତ ସୂଚନା ଅନୁସାରେ ପ୍ରାୟ ସତୁରି ଲକ୍ଷ ଛୋଟ ଓ ବଡ ମନ୍ଦିର ଅଛି । ସେଥିରୁ ପ୍ରାୟ ଏକ ଶହ ମନ୍ଦିରର ବାର୍ଷିକ ଆୟ ଭାରତର ସାଧାରଣ ବଜେଟରେ ବ୍ୟୟ ଯୋଜନା ସହିତ ସମାନ ହେବ । ଅନ୍ତତଃ ଦଶଗୋଟି ସର୍ବାଧିକ ଧନୀ ମନ୍ଦିରର ସମ୍ପତ୍ତି, ଭାରତର ଧନୀବ୍ୟକ୍ତିଙ୍କ ସୂଚୀରେ ଥିବା ଏକ ଶହ ପୁଞ୍ଜିପତିଙ୍କ ସମ୍ପତ୍ତିରୁ ବି ଅଧିକ ହେବ ।

ଏଇଠି ବିଚାରଣିୟ ବିଷୟ ହେଉଛି - ଯଦି ଭକ୍ତଗଣ ଭକ୍ତି ଓ ଆଧ୍ୟାତ୍ମିକ ବିଶ୍ୱାସ ଯୋଗୁଁ ନିଜର କଷ୍ଟ ଉପାର୍ଜିତ ଧନ କିମ୍ବା ଅସତ ଉପାୟରେ ଅର୍ଜିତ ଧନକୁ ଦାନ କରୁଛନ୍ତି, ସେଥିରେ କାହାରି ଆପତ୍ତି କରିବାର ନାହିଁ । କିନ୍ତୁ ଜମା ହେଉଥିବା ଅଜସ୍ର ଧନକୁ ସ୍ଥାୟୀ ଭାବେ ଗଚ୍ଛିତ କରି ରଖିବା କିମ୍ବା କେତେକ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିଙ୍କ ଦ୍ୱାରା ଦୁରୂପଯୋଗ କରିବା ହେଉଛି ଅନ୍ୟାୟ । ସେହି ଧନକୁ ଯଦି ସୁଚାରୁ ରୂପେ ଜନସେବାରେ ବିନିଯୋଗ କରାଯାଇ ପାରନ୍ତା, ତେବେ ନିଶ୍ଚିତ ଭାବେ ଭାରତ ଗରିବ ଦେଶ ବୋଲି ବଦନାମ ହୁଅନ୍ତା ନାହିଁ।

ISSN NO.
2582-208X

ଆମର ଅନେକ ବୁଦ୍ଧିଜୀବୀ, ସଚେତନ ନାଗରିକ, ଆଜି ବିଦେଶରେ ଜମାଥିବା କଳା ଟଙ୍କା ଦେଶକୁ ଫେରାଇ ଆଣିବାପାଇଁ ଆନ୍ଦୋଳନ ମାଧ୍ୟମରେ ଦାବି କରୁଛନ୍ତି, ଅଥଚ ନିଜ ଦେଶର ମନ୍ଦିରମାନଙ୍କରେ ଜମାଥିବା ଧନକୁ ଜନ ସେବାରେ ବ୍ୟବହାର କରିବା ପାଇଁ କେହି ଦାବି କରୁନାହାନ୍ତି କାହିଁକି ?

(((-)))

ବାଙ୍ଗାଲୋର ମୋ: ୯୪୮୨୦୧୬୨୬୦

ISSN NO.
2582-208X

# ଝିଅ ଏକ ବୋଝ ନୁହେଁ



ଅଭିଲିପ୍ସା ପାତ୍ର

"ବାପା ମାଆ ଛେଉଣ୍ଡ ଝିଅ ରମା, ଦେଖିବାକୁ ଯେମିତି ସୁନ୍ଦର ତା'ଠାରୁ ସୁନ୍ଦର ତା'ର କଥାବାର୍ତ୍ତା ଆଉ ବ୍ୟବହାର । ବାପା ମାଆ ଗଲା ପରେ ଭାଇ ଭାଉଜଙ୍କ ପାଖରେ ରହେ ରମା । ଘରର ସମସ୍ତ କାମକୁ ଭାଇ ଭାଉଜଙ୍କ ଖରାପ ବ୍ୟବହାର ସେ କଥା ନ କହିଲେ ତୋ ଭଲ। କିନ୍ତୁ ରମା କେବେ ବି ଅଭିଯୋଗ କରେ ନାହିଁ କି ମୁହଁ ଖୋଲି କିଛି କହେ ନାହିଁ। ନିଜର ଭାଗ୍ୟକୁ ନିଜେ ଆଦରି ନେଇଛି । ଏକାନ୍ତ ରେ ବାପା ମାଆ ଙ୍କ କଥା ମନେ ପକାଇ କାନ୍ଦେ। ସେହି ପୁରୁଣା କଥା ଗୁଡ଼ିକ ଭାବେ । କେତେ ସ୍ନେହ କେତେ ଭଲ ପାଇବା ପାଇ ବଢ଼ିଥିଲା, ହେଲେ ସେମାନେ ଗଲା ପର ଠାରୁ ଯେମିତି କଳା ଅନ୍ଧକାର ମାଡ଼ି ଆସିଛି ତା ଜୀବନରେ ।

ଏମିତି ଅନେକ ଦିନ ବିତି ଗଲା ପରେ ରମାର ବିବାହ ପାଇଁ ବୟସ ହୋଇ ଯାଇଥାଏ । ରମା ପାଇଁ ମଧ୍ୟ ଭଲ ଭଲ ପ୍ରସ୍ତାବ ଆସୁ ଥାଏ, କିନ୍ତୁ ଭାଇ ଭାଉଜ ଙ୍କୁ ଯୌତୁକ ଦେବାକୁ ପଡ଼ିବ ବୋଲି ବାହାଘର ପାଇଁ ମନା କରି ଦେଉଥିଲେ । ଦିନେ ପଣ୍ଡିତେ ରମାର ବିବାହ ପାଇଁ ଗୋଟାଏ ପ୍ରସ୍ତାବ ଆଣିଲେ, ପୁଅଟି ଭାରି ଗରିବ ଘରର ପିଲା । ଦିନ ମଜୁରି କରି ମାଆ ଓ ପୁଅ ଚଳନ୍ତି । କହିବାକୁ ଗଲେ ଘର ଛଡ଼ା ଆଉ କିଛି ନାହି ।

ଏହା ଶୁଣି ରମାର ଭାଇ ଭାଉଜ ସଙ୍ଗେ ସଙ୍ଗେ ବିବାହ ପ୍ରସ୍ତାବ ରେ ରାଜି ହୋଇ ଗଲେ। କାରଣ ବିନା ଯୌତୁକ ରେ ବାହାଘର କରିବେ, କାହିଁକି ହାତ ଛଡ଼ା କରିବେ । ସତେ ଯେମିତି ରମା ସେମାନଙ୍କ ଉପରେ ଏକ ବୋଝ ଥିଲା । କିଛି ଦିନ ପରେ ରମା ର ବାହାଘର ହୋଇ ଗଲା । ଖଣ୍ଡିଏ ଶାଢ଼ି ଛଡ଼ା ଆଉ କିଛି ବି ଦେଲେ ନାହିଁ ଭାଇ ଭାଉଜ। ରମା ଶାଶୁ ଘରେ ପାଦ ଦେବା ମାତ୍ରେ ତା'ର ମନ ରେ ଭୟ ଥାଏ । କାରଣ ଶାଶୁ

ISSN NO.
2582-208X

ଘର ଲୋକେ କଣ କହିବେ ସେ କିଛି ଆଣିକି ଆସିନାହିଁ । ମାତ୍ର ଶାଶୁ ଘରେ ପହଞ୍ଚିବା ପରେ ଶାଶୁ ଆଉ ବନ୍ଧୁ ବାନ୍ଧବ ମାନେ ନୂଆ ବୋହୂ ରମା କୁ ଅତି ଶ୍ରଦ୍ଧା ରେ ବନ୍ଦାପନା କରି ଘର କୁ ପାଛୋଟି ନେଲେ ।

ଏମିତି ରମା ତା'ର ଶାଶୁ ଘରେ ବହୁତ୍ ଖୁସି ରେ ଥାଏ । ରମା ଅଳିଏ ଖାଇଲେ ଆଉ ଓଳି ଉପାସରେ ରହେ, କିନ୍ତୁ ବହୁତ୍ ଶାନ୍ତି ରେ ଥାଏ । ଏମିତି ଦେଖୁ ଦେଖୁ ସାବିତ୍ରୀ ବ୍ରତ ପାଖେଇ ଆସିଲା । ରମା ଅପେକ୍ଷା କରିଛି ତା'ର ବାପ ଘରୁ କେତେ ବେଳେ ଭାର ଆସିବ। ପ୍ରଥମ ସାବିତ୍ରୀ ବ୍ରତରେ ଭାଇ ଭାଉଜ ନିହାତି ଆସିବେ । କିନ୍ତୁ ଜଣେ ଅଜଣା ଲୋକ ହାତ ରେ ଖଣ୍ଡେ ଶାଢ଼ୀ, ବାସ୍ ଏତିକି। ରମା ର ଆଖିରେ ଲୁହ ...।

ଏମିତି କିଛି ଦିନ ଗଲା ପରେ ରମା ର ସ୍ୱାମୀଙ୍କ ଦେହ ବହୁତ୍ ଖରାପ ହେଲା । ପାଖରେ ପଇସା ଟିଏ ବି ନଥାଏ । ରମା କଣ କରିବ ଭାବି ଭାବି ଦୌଡିଲା ବାପ ଘରକୁ । ଭାଇ ଭାଉଜ ଙ୍କୁ ସବୁ କଥା କହିଲା ପରେ ବି ସେମାନେ ସଫା ସଫା ମନା କରି ଦେଲେ ଟଙ୍କା ଦେବାକୁ । ଆଉ ବସିବା କହିବା ତୋ ଦୂରର କଥା ଟୋପାଏ ପାଣି ବି ଯାଚିଲେ ନାହିଁ । ରମା ସେଇଠୁ କାନ୍ଦି କାନ୍ଦି ଘରେ ଆସି ପହଞ୍ଚିଲା । ଶେଷ ରେ ଶାଶୁ ଆଉ ବୋହୂ କଥା ହୋଇ ଘର ଟିକୁ ବନ୍ଧା ପକାଇଲେ ଏବଂ ରମା ର ସ୍ୱାମୀ କୁ ଡାକ୍ତର ଦେଖାଇ ଭଲ କଲେ।

ଏଥର ରମା ମଧ୍ୟ କାମକୁ ଗଲା । ସ୍ୱାମୀଙ୍କ ସହ କାମ କରି କିଛି କିଛି ପଇସା ରଖି ଆଗେ ବନ୍ଧା ପଡ଼ି ଥିବା ଘରକୁ ମୁକୁଳାଇଲେ । ଆଉ ତା ପରେ ଯେମିତି ମାଆ ଲକ୍ଷ୍ମୀ ରମାର ଘରେ ବସତି କଲେ । ପରେ ପରେ ତା'ର ଘରେ ଆସ୍ତେ ଆସ୍ତେ ଧନ ସଂପତ୍ତି ରେ ପୁରିବାକୁ ଲାଗିଲା । ଏକର ଏକର ଜମି, ଘର, ବାଡି, ଚାକର, ଗାଡ଼ି ଆଦି କେଉଁ ଥିରେ ଆଉ ଅଭାବ ରହିଲା ନାହିଁ ।

ଏମିତି କିଛି ଦିନ ଗଲା ପରେ ରମା ବାପ ଘରର ଚାକର ରଘୁ ଦିନେ ଖରାବେଳେ ଆସି ପହଞ୍ଚି କହିଲା ରମା ନାନୀ ଭାଇ ଭାଉଜଙ୍କ ଆବସ୍ଥା ଭାରି ଖରାପ । ଘର ବାଡି ସବୁ ନିଲାମ ହୋଇଛି । ଆଉ କରଜ ରେ ପୁରା ବୁଡି ହୋଇଛନ୍ତି । କାରଣ ତାଙ୍କ ବ୍ୟବସାୟ ପୁରା ବୁଡି ଗଲା ।

ରମା ଭାରି ଦୟାଳୁ ଏବଂ ଭାରି ଭଲ ପିଲା ଥିଲା । ଭାଇ ଭାଉଜ ଙ୍କ ଏତେ ବଡ଼ ବିପଦ ଦେଖି ସେ ସ୍ୱାମୀଙ୍କୁ ନେଇ ତା ବାପ ଘରକୁ ଗଲା । ଭାଇ ଭାଉଜ ଘରେ ନଥିଲେ । ଗାଁ

ISSN NO.
2582-208X

ପାଖ ଲୋକେ କହିଲେ ସେମାନେ ଗାଁ ମନ୍ଦିର ପାଖରେ ଅଛନ୍ତି । ରମା ସେଠି ପହଞ୍ଚି ଭାଉଜ ଭାଇଙ୍କୁ ଧରି କାନ୍ଦିଲା ଏବଂ କହିଲା ଭାଇ ଏତେ ବଡ଼ ବିପଦ ରେ ପଡ଼ିଲ ମୋତେ ଥରେ ଜଣାଇଲା ନାହିଁ ।

ଭାଉଜ କାନ୍ଦି କାନ୍ଦି କହିଲେ, ରମା ତୁମ ପ୍ରତି କରିଥିବା ଅନ୍ୟାୟର ଫଳ ଭୋଗୁଛୁ ଆମେ। କେଉଁ ମୁହଁ ରେ କହି ଥାନ୍ତି । ଏହା ପରେ ରମା ସଙ୍ଗେ ସଙ୍ଗେ ଘର ଡିହ ଆଉ ଜମି ବାଡ଼ି ଫେରସ୍ତ କରି ଆଣିବା ସହ ଭାଇଙ୍କ ବେପାର ରେ କିଛି ଟଙ୍କା ଦେଇ ପୁଣି ଠିଆ କଲା । ସେହିଦିନ ରମା ର ଭାଉଜଙ୍କ ମୁହଁ ଲାଜ ରେ ଆଉ ଅନୁତାପ ରେ ତଳକୁ ହୋଇଯାଇଥାଏ। ସେହି ଦିନ ଗାଁ ସାରା ଲୋକେ ରମା କୁ ବାହା ବାହା କହୁ ଥାଆନ୍ତି ।

ରମା ସେହିଦିନ ପ୍ରମାଣ କରି ଦେଲା ଯେ "ଝିଅ ବୋଝ ନୁହଁ କି ଅଲୋଡ଼ା ନୁହଁ " । ଝିଅ ବୋଝ ନୁହେଁ ବରଂ ଖରାପ ସମୟ ଆସିଲେ ଏଇ ଝିଅ ମାନେ ଆଗେ ଦୌଡ଼ି ଆସି ବିପଦରେ ଛିଡା ହୁଅନ୍ତି ବାପ ଘରେ ।

ରମା ପରି ଅନେକ ଝିଅ ଦୁନିଆ ରେ ଅଲୋଡ଼ା ଆଉ ବୋଝ କିନ୍ତୁ ଶେଷରେ ଏତିକି କହିବି ଝିଅ ବା ନାରୀ ଖୁସି ରେ ରହିଲେ ଜଗତ ଖୁସିରେ ରହେ ।

"ଭଉଣୀ ବା ଝିଅ ବାପା ଭାଇଙ୍କ ଉପରେ ବୋଝ ନୁହେଁ, ବରଂ ତାଙ୍କ ବଳ ହୋଇଥାନ୍ତି"।

(((-)))

ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ତୃତୀୟ ବର୍ଷର ଛାତ୍ରୀ
ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ, ଭେଗରାଇ,ବାଲେଶ୍ୱର

ISSN NO.
2582-208X

# ତୁମରି ଉତ୍ତର ଅପେକ୍ଷାରେ ?



ଅନନ୍ତ କୁମାର

ସେଦିନ ଶ୍ରାବଣ ଆକାଶର ସଂନ୍ଧ୍ୟା କଥା ମନେଅଛି ନା ତୁମର ନା ଭୂଲି ଯାଇଛ। ସମୁଦ୍ର କୂଳରେ ଦୁହେଁ ବସି ବହୁତ ଆଳାପ କରୁଥିଲେ ହଟାତ ଆକାଶରେ ମେଘ ଘୋଟି ଆସିଲା ଘଡ଼ଘଡ଼ି ବିଜୁଳି ଶବ୍ଦରେ ପ୍ରକମ୍ପିତ ହେଲା ଆଉ କିଛି ସମୟ ମଧ୍ୟରେ ଝିପ୍ ଝିପ୍ ବର୍ଷା ହେଲା। ତୁମେ ଆଉ ମୁଁ ଦୁହେଁ ବର୍ଷାରେ ଭିଜୁଥିଲେ ଯେତେଥର  ଘଡଘଡି ମାରୁଥାଏ ତୁମେ ମୋ ଛାତିତଳେ ସେତିକି ନିକଟତର ହେଇ ରହୁଥିଲ କାରଣ ତୁମକୁ ଘଡ଼ଘଡ଼ି ବିଜୁଳିକୁ ବହୁତ ଡରଲାଗେ କିନ୍ତୁ ତୁମେ ବର୍ଷାରେ ଭିଜିବାକୁ ବହୁତ ଭଲପାଅ। ସେଦିନ ସମୁଦ୍ର ଘୋଘୋ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଆଉ ଶ୍ରାବଣର ବାରିଧାରା ଛୁଟୁଥିଲା ଆମେ ସେହି ସମୟରେ ଖୁବ ଭିଜୁଥିଲେ ଆକାଶ ଆଉ ସମୁଦ୍ରକୁ ଚାହିଁ। ଆକାଶ ଆଉ ସମୁଦ୍ରକୁ ଚାହିଁ ତୁମେ ମୋ ହାତରେ ହାତ ରଖି ତୁମ ଚୋରା ଚାହାଣୀରେ କହୁଥିଲେ ଏଇ ତୁମେ ମୋତେ କେବେ ଭୂଲି ଯିବନି ତ କେବେ ମୋ ହାତ ଛାଡି ଚାଲି ଯିବନି ତ । ମୁଁ ଉତ୍ତରରେ କହିଥିଲି ବରଷା ଛାଡିଗଲା ପରେ ଆକାଶ ହୁଏ ତ ବାଦଲ ଠାରୁ ଅଲଗା ହେଇ ଯାଇ ପାରେ। ପବନ ଥମିଗଲା ପରେ ଜୁଆର କୂଳ ଛୁଇଁ ନ ପାରେ ,ହେଲେ ମୁଁ କଣ ତୁମକୁ ଛାଡି ବଞ୍ଚିପାରିବି। ମୋର ଏହି ପଦିଏ କଥାରେ ତୁମ ଆଖିରେ ଆଖିଏ ଲୁହ ଭରିଯାଇଥିଲା ଆଉ ତୁମ ଛାତି ତଳେ ଥିବା କୋମଳ ହୃଦୟଟା ନୀରବ ହେଇ ଯାଇଥିଲା। ତୁମେ ମୋ ଆଖିକୁ ଚାହିଁ ମୋ ହାତରେ ହାତ ରଖି ଲହଡିମାଳାକୁ ଚାହିଁ ଶ୍ରାବଣର ଅବିରତ ବର୍ଷାରେ ଭିଜିଚାଲିଥଲ ମୋ ସାଥେ, ଆଉ ହଜିଯାଇଥିଲ ମୋ ମନ ରାଇଜରେ । ଠିକ୍ ଏହି ସମୟରେ ଘଡ଼ଘଡ଼ି ବିଜୁଳି ନୀରବ ହେଇଗଲେ ଆଉ କୂଳକୁ ଛୁଇଁ ଲହଡି ଫେରିଗଲା, ଆକାଶ ନିର୍ମଳ ଫର୍ଚ୍ଚା ପଡିଗଲା ବାଦଲ ଆକାଶଠାରୁ ଅଲଗା ହେଇଗଲା, ଜୁଆର ଆସି କୂଳରେ ଥିବା ବାଲିଘର ଭାଙ୍ଗିଦେଇ ଚାଲିଗଲା। ଚାହୁଁ ଚାହୁଁ ପରିବେଶ ଶାନ୍ତପଡିଗଲା

ISSN NO.
2582-208X

ତୁମେ ହଠାତ ଆଶ୍ଚର୍ଯ୍ୟ ହେଇ କହିଲ ଏଇ ଦେଖନା କେତେ ସୁନ୍ଦର ବାଦଲ ଆଉ ଆକାଶର ସମ୍ପର୍କ ଯୋଡି ଯାଇଥିଲା ଆଉ କିଛି କ୍ଷଣରେ ହଠାତ ଅଲଗା ହେଇଗଲା, ଆଉ ଦେଖ ବାଲିଘର ସାଗର ଢେଉରେ ଭାଙ୍ଗି କୂଳଛଇଁ ଚାଲିଗଲା ଆଉ କୂଳକୁ ଫେରୁ ନାହିଁ। ଏମିତି ଆମ ଜୀବନରେ ହଠାତ ଝଡ ବତାସି ଆସି ଆମ ସମ୍ପର୍କକୁ ଅଲଗା କରି ଦେବନି ତ। ମୁଁ କହିଲି ତୁମଠୁ ମୋତେ କିଏ ଅଲଗା କରିପାରିଛି ନା କରିପାରିବ, ତୁମେ ମୋ ହୃଦୟର ଏମିତି ସ୍ଥାନରେ ଅଛ ଯାହା ଗୋଟିଏ ସେକେଣ୍ଡ ବନ୍ଦ ହେଇଗଲେ ମୁଁ ନିର୍ଜୀବ ବସ୍ତୁ ପାଲିଟଯିବି। ଆମ ପ୍ରେମ ଆମ ସମ୍ପର୍କ ଚିରକାଳ ପାଇଁ ସାତ ଜନ୍ମର ସାଥୀ ତୁମେ। ହୁଏ ତ ତୁମେ ମୋ ଠାରୁ ଅଲଗା ହେଇଯାଇପାର କିନ୍ତୁ ମୁଁ ନୁହଁ।ମୋର ଏହି ପଦିଏ ମୁହଁରୁ ଶୁଣି ମୋ ପାଟିରେ ହାତ ଚାପି କହିଥିଲ ଆଉ କିଛି ବି କୁହନି। ମୁଁ ନୀରବ ହେଇଗଲି ତୁମେ ମୋ ଆଖିକୁ ଚାହିଁ ମୋ ହାତରେ ଦୁଇ ହାତ ରଖି ସାଗରକୁ ଚାହିଁ ଶ୍ରାବଣ ଆକାଶକୁ ସାକ୍ଷୀ ରଖି ମୋତେ କଥା ଦେଇଥିଲ ସେଦିନ ସଂନ୍ଧ୍ୟାରେ ଯଦି ମୋ ସିନ୍ଥି ରଙ୍ଗୀନ ହେବ କେବଳ ତୁମରି ହାତରୁ ଟୋପାଏ ସିନ୍ଦୁର ପିନ୍ଧି ନ ହେଲେ ସାରା ଜୀବନ ସିନ୍ଥି ଖାଲି ରହିଯିବ ତୁମରି ଅପେକ୍ଷାରେ। ତୁମର ଏଇ କେଇପଦ କଥାରେ ମୋ ମନ ଭିତରେ ଅଖଣ୍ଡ ବିଶ୍ୱାସ ଜାଗ୍ରତ ହେଇଥିଲା ଭାବିଥିଲି ତୁମେ ମୋ ବିନା ନିଶ୍ୱାସ ବି ନେଇ ପାରିବନି। କିନ୍ତୁ ସମୟର ମୋଡରେ କେଉଁ ଅଦିନିଆ ଝଡ ତୁମକୁ ମୋ ପାଖରୁ ଉଡେନେଇ ଆଉ କାହା ଘରେ ନୂଆ ପରିଚୟ ଦେଲା ଯାହାର କଳ୍ପନା କରିବା ମୋ ପକ୍ଷେ ସମ୍ଭବ ହେଉନି । କିନ୍ତୁ ଆଜିବି ଶ୍ରାବଣର ସଂନ୍ଧ୍ୟା ଆକାଶକୁ ଚାହିଁ ଉତ୍ତର ମାଗୁଛି ଆଉ ତୁମ ପ୍ରତିଶ୍ରୁତିକୁ ମନେ ପକାଇ ତୁମକୁ ଜବାବ ମାଗୁଛି କଣ ପାଇଁ ଏମିତି କଲ ? କଣ ଭୁଲ ଥିଲା ମୋର ? କିନ୍ତୁ ଆକାଶ ନୀରବ ଆଉ ତୁମେ ବି ନୀରବ।।।।!!! ?

କିନ୍ତୁ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ତୁମରି ଉତ୍ତର ଅପେକ୍ଷାରେ ?

(((-)))

ତିହିଡି, ଭଦ୍ରକ
ମୋବାଇଲ -୮୩୩୯୯୩୯୯୨୯

ISSN NO.
2582-208X

# ଫୁଲ

ଶକୁନ୍ତଳା ମିର୍ଦ୍ଧା

ଫୁଲକୁ ଦେଖି କାହାର ବା ମନ ପୁଲକିତ ନହୁଏ। ଫୁଲକୁ ଦେଖିବା ମାତ୍ରେ ସଭିଙ୍କ ମନରେ ଏକ ଶିହରଣ ଖେଳିଯାଏ। ମନରେ ଆନନ୍ଦର ଲହରୀ ଖେଳିଯାଏ। ଫୁଲକୁ ଦେଖିବା ମାତ୍ରେ କିଏ ଭଗବାନଙ୍କ ପାଖରେ ଦେବାପାଇଁ ଚିନ୍ତା କରିଥାଏ ତ ଆଉ କେହି ନିଜର ପ୍ରେମିକ/ପ୍ରେମିକାକୁ ଦେବାକୁ ମନସ୍ଥ କରିଥାଏ। ପୁଣି ସେହି ଫୁଲକୁ ଦେଖି ଶିଶୁଟିଏ ତାକୁ ତୋଳି ଖେଳିବାକୁ ଇଚ୍ଛାପ୍ରକାଶ କରିଥାଏ। କିନ୍ତୁ ଫୁଲ ସେ ଫୁଲ ନୁହେଁ, ଏହା ରକ୍ତ ମାଂସ ଗଢ଼ା ମଣିଷ ରୂପୀ ଫୁଲଟେ।

ଷୋଳ ବର୍ଷର ଝିଅଟିଏ, ଯାହାର ନାମ ଫୁଲ, କ'ଣ ବା ତା'ର ଭୁଲ ଥିଲା ? ହଁ ତା'ର ଭୁଲ ଥିଲା, ଝିଅ ହୋଇ ଜନ୍ମ ହେବା ହିଁ ତା'ର ସବୁଠୁ ବଡ଼ ଭୁଲ। ବୋଧହୁଏ ଏ ଦୁନିଆରେ ଝିଅ ହୋଇ ଜନ୍ମହେବା ପାପ ଅଟେ । ଏଦୁନିଆ ତାକୁ ବଞ୍ଚିବାକୁ ଦେଇନାହିଁ, ଦେଇଛି ତ କେବଳ ନିନ୍ଦା, ଅପବାଦ ଆଉ ଘୃଣା । କେହିବି ତା'ର କଷ୍ଟକୁ ବୁଝିବାକୁ ବା ଜାଣିବାକୁ ଚେଷ୍ଟା କରି ନାହାନ୍ତି । ତା' ମନର ଦୁଃଖକୁ କେହି କେବେ ଜାଣିପାରିଲେ ନାହିଁ, ଆଉ ଯେତେବେଳେ ଜାଣିଲେ ସେତେବେଳକୁ ସବୁ ସରିଯାଇଥିଲା । ସେ ଆଉ ଏ ଦୁନିଆରେ ନଥିଲା । ସେ ସବୁଦିନ ପାଇଁ ଏ ଦୁନିଆ ଛାଡ଼ି ଆରପାରିକୁ ଚାଲିଯାଇଥିଲା। ଫୁଲଟିଏ ଅଙ୍କୁରିତ ହେବା ପୂର୍ବରୁ ହିଁ କିଏ ତାକୁ ତୋଳି ଧରିଲା, କେବଳ ଯେ ତୋଳି ନେଲା ତାହା ନୁହଁ ତାକୁ ଦଳିଚକଟି ବିଲୀନ କରିଦେଲା।

ଆଜିବି ମୋର ତା' କଥା ମନେପଡ଼ିଗଲେ ଦେହରେ ଯେମିତି ଏକ ଅଜଣା ଶିହରଣ/କମ୍ପନ ସୃଷ୍ଟି ହୁଏ । ଆଉ ମୋତେଭାରି ଡର ଲାଗେ। ବାପା, ମା'ର ଗୋଟିଏ ମାତ୍ର ସନ୍ତାନ । ଶ୍ରଦ୍ଧାରେ ତା'ର ନାମ ଦେଇଥିଲେ 'ଫୁଲ'। ନାମ ଯେମିତି ଦେଖିବା ପାଇଁ ମଧ୍ୟ ଠିକ ସେମିତି ସୁନ୍ଦର ସୁଶୀତଳ ଓ ଆକର୍ଷଣୀୟ । ବହୁତ ଗେଲ ବସରରେ ସେ ବଢ଼ିଥିଲା। ବାପା ତା'ର ଗରିବ ।

ISSN NO.
2582-208X

ଗୋଟି ଖଟି ଗଲେ ଯାହା ମିଳେ ସେଥିରେ ଘର ଚାଲେ । ବେଶ ହସ ଖୁସିରେ ପରିବାର ଚଳୁଥିଲା ଦୁଃଖ କଷ୍ଟ ଆସିଲେ ଦୁଇଜଣ ଦମ୍ପତି ସହିଯାନ୍ତି, ଝିଅ ଫୁଲକୁ ତା'ର ପଲକ ମଧ୍ୟ ପଡ଼ିବାକୁ ଦେଇନଥାନ୍ତି । ବାପାଙ୍କର ଇଚ୍ଛା ଝିଅ ଫୁଲକୁ ସେ ବହୁତ ପାଠ ପଢ଼ାଇବେ ଓ ବଡ଼ ମଣିଷ କରିବେ। ଯେତେ ପଇସା ଖର୍ଚ୍ଚ ହେଉ ପଛକେ ସେ ଦିନରାତି ଖଟି ଟଙ୍କାରୋଜଗାର କରିବେ ପଛକେ କିନ୍ତୁ ଝିଅକୁ ପଢ଼ାଇବେ । ଏପଟେ ଫୁଲର ମଧ୍ୟ ପଢ଼ାପଢ଼ିରେ ଭାରିମନ । ଆଗ୍ରହ ମଧ୍ୟରହିଛି।

ଝିଅକୁ ପଢାଇବାର ସ୍ୱପ୍ନ ପୂରଣ କରିବାପାଇଁ ବାପା, ମା' ଦିଜଣ ଯାକ ଏବେଠୁ ଟଙ୍କା ସଞ୍ଚୟ କରିବା ଆରମ୍ଭ କରିଦେଲେଣି। ଦିନରାତି ଏକ କରି ସ୍ୱାମୀ ସ୍ତ୍ରୀ ଝିଅର ପାଠପଢା ପାଇଁ ଟଙ୍କା ସଞ୍ଚୟ କରୁଛନ୍ତି। କାରଣ ସେମାନେ ଜାଣିଛନ୍ତି ଯେ ବେଶି ପାଠ ପଢ଼ିବାକୁ ହେଲେ ବହୁତ ଟଙ୍କାର ଆବଶ୍ୟକତା ରହିଛି। ଏବେଠୁ ଯଦି ସେମାନେ ଟଙ୍କା ରୋଜଗାର ନ କରିବେ ତାହାଲେ ହୁଏତ ତାଙ୍କ ଝିଅର ପଢାରେ ବାଧା ସୃଷ୍ଟି ହେବ । ଝିଅର ପାଠପଢା ଅଧାରେ ରହିଯିବ। ଏହିସବୁ କଥା ଭାବି ସେମାନେ ଏତେ ବ୍ୟସ୍ତ ରହିଗଲେ ଯେ ନିଜ ଝିଅର ଭଲମନ୍ଦ କଥା ବୁଝିବା ପାଇଁ ମଧ୍ୟ ସେମାନଙ୍କ ପାଖରେ ସମୟ ନଥିଲା।

ସ୍କୁଲ ପାଠପଢ଼ା ଶେଷ କରି ଫୁଲ ନୂଆ କରି କଲେଜରେ ଭର୍ତ୍ତି ହୋଇଥାଏ। ପ୍ରଥମେ ପ୍ରଥମେ କଲେଜ ତାକୁ ବହୁତ ଭଲ ଲାଗିଲା। କଲେଜର ପାଠପଢା ଏକ ନୂତନ ଆଗ୍ରହ ସୃଷ୍ଟି କଲା। ଯେବେଠୁ କଲେଜରେ ନୂଆ ଶିକ୍ଷକ ରଜନୀକାନ୍ତ ସାର ଯୋଗ ଦେଇଛନ୍ତି ତା'ପରଠାରୁ ଫୁଲର ଜୀବନରେ ଏକ ଅଜଣା ଝଡ଼ ଆସି ବସା ବାନ୍ଧିଲା। ସତେ ଯେମିତି ତା' ଜୀବନର ମୋଡ଼ ପରିବର୍ତ୍ତନ ହୋଇଗଲା। କଲେଜ ପଢାର ପ୍ରଥମ ଦିନରୁ ହିଁ ସାରଙ୍କର ନଜର ତା' ପ୍ରତି କିଛି ଭଲ ନଥିଲା। କ୍ଲାସରେ ପ୍ରଶ୍ନ ପଚାରିବା ଆଉ ସମସ୍ତ ପ୍ରଶ୍ନର ଉତ୍ତର ଫୁଲକୁ ପଚାରିବା ଥିଲା ଏକ ବାହାନା ମାତ୍ର। ଅସଲ ଉଦ୍ଦେଶ୍ୟ ଥିଲା ଅଲଗା। ଫୁଲ ପ୍ରଶ୍ନର ଉତ୍ତର ଦେଲେ ସାବାସି ଦେବା ବାହାନାରେ ପିଠି ଥାପୁଡ଼େଇ ଦେଉଥିଲେ। ମାତ୍ର ଅସଲ ଉଦ୍ଦେଶ୍ୟ ଥିଲା ସାବାସି ମାଧ୍ୟମରେ କୋମଳ ଦେହକୁ ସ୍ପର୍ଶ କରିବା।

ଶିକ୍ଷକର ଏପରି ବ୍ୟବହାର ଫୁଲକୁ ଭିତରେ ଭିତରେ ବିତନ୍ତ୍ରୋସ୍ତ କରିପକାଉଥିଲା। ସେ ଏସବୁ କଥା କାହାକୁ କହିପାରୁନଥିଲା କି ସହିପାରୁ ନଥିଲା। କାହାକୁ ବା କହିବ ଏକଥା? 'ବାପା,ମା'ଙ୍କୁ ନା ସାଙ୍ଗସାଥୀଙ୍କୁ। ବାପା, ମା'ଙ୍କର ତା'ପାଇଁ ଏତେ ପରିଶ୍ରମ କରିବାର

ISSN NO.
2582-208X

ଦେଖି ଫୁଲ ବାପା, ମା'ଙ୍କୁ କିଛି କଥା ମନଖୋଲି କହିପାରୁନଥିଲା କି ବାପା, ମା' ମଧ୍ୟ କେବେହେଲେ ଝିଅର ମନକଥା ଜାଣିପାରି ନାହାନ୍ତି।

ରହିଲେ ସାଙ୍ଗସାଥି, ସାଙ୍ଗସାଥୀଙ୍କୁ କହିଲେ ସେମାନେ ଯଦି ସାରଙ୍କ ପାଖରେ ଯାଇ ୟାନାରେ ଚୁଗୁଲାମି କରିବେ। ସାର ଯଦି ସେହି ରାଗରେ ଆହୁରି ଅଧିକ ହଇରାଣ ହରକତ କରିବେ। ସେତେବେଳେ ସେ କ'ଣ କରିବ। ତା' ବାପା ମା'ଙ୍କ ସ୍ୱପ୍ନ କ'ଣ ହେବ। ଏହା ଭାବି ସେଚୁପ ରହୁଥିଲା। ଫୁଲ ଧୀରେ ଧୀରେ ନୀରବ ହେବାକୁ ଲାଗିଲା। ନା କାହା ସାଙ୍ଗରେ ମିଶୁଥିଲା ନା କାହା ସାଙ୍ଗରେ ସେ କଥାବାର୍ତ୍ତା ଦେଉଥିଲା। ଝିଅର ଏ ନିରବତା ପଛରେ ବାପା,ମା' କେବେହେଲେ କାରଣ ଖୋଜି ନାହାନ୍ତି କି ଏସବୁ ବିଷୟରେ ଝିଅକୁ କେବେ ପଚାରି ମଧ୍ୟ ନାହାନ୍ତି। ଯେଉଁ ଝିଅ ପାଇଁ ସେମାନେ ରାତି ଦିନକୁ ଏକ କରି ଖଟୁଛନ୍ତି ଆଜି ସେହି ଝିଅର କଥା ବୁଝିବାକୁ ସେମାନଙ୍କ ପାଖରେ ସମୟ ନାହିଁ, ସେମାନଙ୍କର କେବଳ ଗୋଟିଏ ଚିନ୍ତା ଟଙ୍କା। ଟଙ୍କା ଥିଲେ ଝିଅ ପାଠପଢ଼ିବ, ବଡ଼ ମଣିଷ ହେବ, କିନ୍ତୁ ଝିଅର ସୁବିଧା ଅସୁବିଧା ପଚାରି ବୁଝିବା ପାଇଁ ସେମାନଙ୍କ ପାଖରେ ସମୟ ନାହିଁ।

ଫୁଲର ଜଣେ ଭଲ ସାଙ୍ଗଥିଲା' ତା'ର ନାମ ଲିଜା। ସେମାନେ ଦୁଇଜଣ ସ୍କୁଲ ବେଳର ସାଙ୍ଗ। କଲେଜକୁ ମଧ୍ୟ ସେମାନେ ସାଙ୍ଗ ହୋଇଯାଉଥିଲେ। ଏସବୁ କଥା ଲିଜା ବ୍ୟତୀତ ଆଉ କେହି ଜାଣିନଥିଲେ। ଧୀରେ ଧୀରେ ସାରଙ୍କ ବ୍ୟବହାର ତା' ପ୍ରତି ଆହୁରି ଅଧିକ ଅସହିଷ୍ଣୁ ହୋଇପଡ଼ିଥିଲା। ଗୋଟିଏ ଦିନ ସାର ଏକ୍ସଟ୍ରା କ୍ଲାସ ହେବ ବୋଲି କହି କ୍ଲାସ ରୁମ୍‌କୁ ଡାକିଥିଲେ। ମାତ୍ର ସେଠାରେ ଯାଇ ପହଞ୍ଚିଲା ବେଳକୁ ସେଠାରେ ପିଲାମାନେ କେହି ନଥିଲେ ସେଦିନ ଲିଜା ମଧ୍ୟ କଲେଜ ଯାଇନଥିଲା। ପିଲାମାନଙ୍କୁ ନଦେଖି ଫୁଲ ଫେରି ଆସୁଥିବା ସମୟରେ ସାର ଆସି ପହଞ୍ଚିଲେ; ଆଉ କହିଲେ କ୍ଲାସ ହେବ ତମେ କ'ଣ ଚାଲିଯାଉଛ। ସେ କହିଲା ସାର ପିଲାମାନେ କେହି ନାହାନ୍ତି ସେଥିପାଇଁ ମୁଁ ଫେରି ଯାଉଥିଲି। ସାର କହିଲେ ପିଲାମାନେ ସବୁ ଆସିବେ ତୁମେ ଆଗ ଯାଇ ରୁମରେ ବସ।

ଫୁଲ ରୁମକୁ ଯିବା ମାତ୍ରେ ସାର କବାଟ କିଳୀ ଦେଇଥିଲେ। ଆଉ ଫୁଲର ଚିତ୍କାର, ଆର୍ତ୍ତନାଦ ସେହି ରୁମର ଚାରିକାନ୍ଥ ମଧ୍ୟରେ ସବୁଦିନ ପାଇଁ ରହିଗଲା। ସେ ଫୁଲ ଚିରଦିନ ପାଇଁ ବାସି ହୋଇଗଲା। ଏଦୁନିଆରେ ବାସିଫୁଲର କୌଣସି ସ୍ଥାନ ନାହିଁ। ମନ୍ଦିରରେ ହେଉ ବା ଘରେ ଠାକୁରଙ୍କ ପାଖରେ ହେଉ ଅଥବା ମଣିଷ ପାଖରେ ବାସିଫୁଲକୁ ବା କିଏ

ISSN NO.
2582-208X

ପଚାରେ, ତାହା ମୂଲ୍ୟହୀନ ହୋଇପଡ଼େ। ସେ ଜାଣିଥିଲା ଯେ ଏ ସମାଜରେ ତା'ପାଇଁ କୌଣସି ସ୍ଥାନ ନାହିଁ ବୋଲି। ବଞ୍ଚିବାର ସବୁ ରାସ୍ତା ତା'ପାଇଁ ବନ୍ଦ ଇ-ସାରିଛି। ଏ ସବୁଥିରୁ ଉଦ୍ଧାର ପାଇବାର ଏକମାତ୍ର ମାଧ୍ୟମ ହେଉଛି ମୃତ୍ୟୁ। ସେ ବାଧ୍ୟ ହୋଇ ଆତ୍ମହତ୍ୟାକରିଛି।

ଏଣେ ଘରେ ବାପା ମା' ବ୍ୟସ୍ତ ହେଲେଣି ପିଲାଟି କଲେଜ ଯାଇଛି ଯେ ଆସି ସନ୍ଧ୍ୟା ହେଲାଣି ଏଯାଏଁ ଫେରିନାହିଁ କାହିଁକି। କୋଉଁଠି କ'ଣ ଅସୁବିଧା ହେଲାକି ? ସେମାନେ ଲିଜା ଘରକୁ ପଚାରିବାକୁ ଗଲେ ଲିଜା ଆସିଲାଣିକି ନାହିଁ। ଲିଜାକୁ ଘରେ ଦେଖି ସେ ଫୁଲ କଥା ପଚାରିଲେ। ଆରେ ତୁ ତ ଘରେ ଅଛୁ ଆମ ଫୁଲ କାହିଁ ଏଯାଏଁ ଆସିନାହିଁ। ସେ କହିଲା ମୁଁ ଆଜି କଲେଜ ଯାଇନାହିଁ। ଏହା ଶୁଣି ବାପା ମା' ଆଉ ଡେରି ନକରି ଫୁଲକୁ ଖୋଜିବାକୁ କଲେଜକୁ ବାହାରି ଗଲେ। କଲେଜକୁ ଯାଇ ଦେଖନ୍ତି ତ କଲେଜ ଗେଟରେ ତାଲା ପଡ଼ିଛି। ପାଖରେ ସିକ୍ୟୁରିଟି ଗାଡ଼ ଛିଡ଼ା ହୋଇଛି। ସିକ୍ୟୁରିଟି ପାଖକୁ ଯାଇ ବାପା ପଚାରିଲେ ବାବୁ ମୋ ଝିଅକୁ ଦେଖିଛନ୍ତି କି ? ସିକ୍ୟୁରିଟି କହିଲା ଏତେ ପିଲା ଆସୁଛନ୍ତି ତମ ଝିଅ କିଏ ମୁଁ କେମିତି ଜାଣିବି। ବାପା କହିଲେ ମୋ ଝିଅ ନାମ ଫୁଲ। ଏଇଠି ପଢେ। ସେ ଆଜି ସକାଳୁ କଲେଜ ଆସିଲାଣି ଏଯାଏଁ ଘରକୁ ଫେରିନାହିଁ। ସିକ୍ୟୁରିଟି ଗାଡ଼ କହିଲା, ଏଠାରୁ ସବୁପିଲା ଯାଇ ସାରିଲେଣି କେହି ପିଲା ନାହାନ୍ତି। ଏହା ଶୁଣି ବାପା ମା'ଙ୍କ ମୁଣ୍ଡରେ ଚଡ଼କ ପଡିଗଲା ସତେ। ସେମାନେ ସିକ୍ୟୁରିଟି ଗାଡ଼କୁ ଗେଟ ଖୋଲିବାକୁ ଗୁହାରି ଜଣାଇ ଅନୁରୋଧ କଲେ ସିକ୍ୟୁରିଟି ମଧ୍ୟ ତାଙ୍କର ଅବସ୍ଥା ଦେଖି ଗେଟ ଖୋଲିଲେ। କଲେଜ କ୍ୟାମ୍ପସ ମଧ୍ୟରେ ବାପା ମା' ଦୁଇଜଣଯାକ ପାଗଳ ପ୍ରାୟ ହୋଇ ଝିଅକୁ ଖୋଜିବାକୁ ଲାଗିଲେ। କିନ୍ତୁ କୌଣସି ଫଳ ମିଳିଲା ନାହିଁ ସେଠାରୁ ସେମାନେ ନିରାଶ ହୋଇ ଫେରିଲେ।

ବାହାରେ ମଧ୍ୟ ବାପା ମା' ଦୁଇଜଣ ଝିଅକୁ ଚାରିଆଡ଼େ ବନ୍ଧୁ, ବାନ୍ଧବ, ସାଇ ପଡ଼ିଶା ଘରେ ଖୋଜିଲେ କିନ୍ତୁ ଝିଅ ଫୁଲକୁ କେଉଁଠି ନପାଇ ନିରାଶ ହୋଇ ଘରକୁ ଫେରିଲେ। ରାତିକ ମଧ୍ୟରେ ଫୁଲର ନିଖୋଜ କଥାଟା ଚାରିଆଡ଼କୁ ବ୍ୟାପୀ ଗଲା। ସକାଳୁ ଉଠି ସାହି ପଡ଼ିଶା ଲୋକମାନେ ବାପା ମା'ଙ୍କୁ ଆଶ୍ୱାସନା ଦେବା ବଦଳରେ ପରସ୍ପର ମଧ୍ୟରେ ଫୁସୁରା ଫୁସୁରୀ ଚାଲିଥାଏ। ଆଜି କାଲିକା ଝିଅକୁ କ'ଣ ବିଶ୍ୱାସ କରିବଲୋ କଲେଜ ଗଲାକ୍ଷଣି ଟୋକାଙ୍କ ପ୍ରେମରେ ପଡ଼ି ବାପା ମା'ଙ୍କ ମୁହଁରେ ଚୂନକାଳି ବୋଳିଦେଇ ଟୋକାଙ୍କୁ ନେଇ

ISSN NO.
2582-208X

ଫେରାର ହୋଇଯାଉଛନ୍ତି। କିଏ ଜାଣିଛି ସେ କାହା ସାଙ୍ଗରେ ଯାଇଛି ଜାତିରେ ଯାଇଛି କି ଅଜାତିରେ ଯାଇଛି। ଏହି ସବୁ କଥା ଶୁଣି ବାପା ମା'ଙ୍କର ଛାତି ଫାଟିଯାଉଥିଲା।

ଘଟଣା ଘଟିବାର ଦୁଇଦିନ ପରେ କଲେଜ ପାଖ କେନାଲରେ ଫୁଲର ଲାସ ମିଳିଥିଲା। ପୋଲିସ ଲାସକୁ ନେଇ ପୋଷ୍ଟମଟମ ପାଇଁ ପଠାଇ ଦେଲା। ପୋଷ୍ଟମୋଟମରୁ ଜଣା ପଡ଼ିଲା ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଝିଅଟି ବଳାତ୍କାରର ଶିକାର ହୋଇଛି ବୋଲି। ଏକଥା ଶୁଣି ବାପା ମା' ହତବାକ ହୋଇଉଠିଲେ। ପୁଲିସ ଘଟଣା ତଦାରଖ କରିବାକୁ ଲାଗିଲା। ଫୁଲର ସାଙ୍ଗ ଲିଜାକୁ ପୋଲିସ ପଚରାଉଚରା କରିବାରୁ ସେ ସବୁ କଥା କହିଲା ସାର କେମିତି ତାକୁ କଲେଜରେ ହଇରାଣ କରୁଥିଲେ ବୋଲି। ସେଠାରୁ ସାରଙ୍କ ଉପରେ ତଦନ୍ତ ଆରମ୍ଭ ହେଲା, ସାର ଧରାପଡ଼ିଲେ ଆଉ ଦୋଷୀ ବୋଲି ସାବ୍ୟସ୍ତ ମଧ୍ୟ ହେଲେ। ସାର ଧରାପଡ଼ିଲେ କ'ଣ ସବୁ ସମସ୍ୟାର ସମାଧାନ ହୋଇଗଲା? ତା' ବାପା ମା' କ'ଣ ତାଙ୍କ ଝିଅକୁ ଫେରିପାଇବେ ଫୁଲ କ'ଣ ପୁଣିଥରେ ପ୍ରସ୍ଫୁଟିତ ହେବ।

(((-)))

ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ISSN NO.
2582-208X

# ଭାଗବତ କଥା- ୩୦



ନରେନ୍ଦ୍ର ପ୍ରସାଦ ବେହେରା

## ରାଜା ରହୁଗଣ ଜଡ଼ଭରତଙ୍କୁ କାହିଁକି କ୍ଷମା ମାଗିଲେ

ପରୀକ୍ଷିତ ମହାରାଜାଙ୍କୁ ଶ୍ରୀ ଶୁକଦେବ କହୁଛନ୍ତି-ମନୁଙ୍କର ଦୁଇ ପୁତ୍ର ଉତ୍ତାନପାଦ ଓ ପ୍ରିୟବ୍ରତ । ଧ୍ରୁବ ଉପାଖ୍ୟାନରେ ଉତ୍ତାନପାଦଙ୍କ କଥା କୁହାଯାଇସାରିଛି । ବର୍ତ୍ତମାନ ପ୍ରିୟବ୍ରତଙ୍କ ବଂଶର କଥା କହୁଛି । ପ୍ରିୟବ୍ରତଙ୍କର ବଂଶଧର ଥିଲେ ଋଷଭଦେବ । ତାଙ୍କର ଶହେ ପୁତ୍ର ଥିଲେ । ସେମାନଙ୍କ ମଧ୍ୟରେ ଜ୍ୟେଷ୍ଠପୁତ୍ର ଥିଲେ ଭରତ । ସେ ବଡହୋଇ ଯୌବନପ୍ରାପ୍ତ ହୁଅନ୍ତେ ପିତା ଋଷଭଦେବ ତାଙ୍କୁ ରାଜ୍ୟଭାର ଦେଇ ତପସ୍ୟା ନିମନ୍ତେ ବଦ୍ରୀଧାମ ଯାତ୍ରା କଲେ ।

ମହାରାଜା ଭରତ ବହୁ ଯଜ୍ଞାନୁଷ୍ଠାନ କରି ସୂଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ । କିନ୍ତୁ ତାଙ୍କ ମନରେ ବୈରାଗ୍ୟ ଜାତ ହେବାରୁ ସେ ବେଶିଦିନ ରାଜ୍ୟ ସୁଖ ଭୋଗ ନ କରି ତାଙ୍କ ପୁତ୍ରମାନଙ୍କ ହାତରେ ରାଜ୍ୟଭାର ଅର୍ପଣ କଲେ ଏବଂ ତପସ୍ୟା ନିମନ୍ତେ ପୁଲକାଶ୍ରମରେ ବାସ କରିବାକୁ ଲାଗିଲେ । ଆଶ୍ରମଟି ଥିଲା ଅତ୍ୟନ୍ତ ମନୋରମ । କୁଳୁକୁଳୁ ନାଦରେ ପ୍ରବାହିତ ଗଣ୍ଡୁକି ନଦୀ କୂଳରେ ଏକାନ୍ତରେ ବସି ଭରତ ଭଗବାନଙ୍କର ଧ୍ୟାନରେ ମଗ୍ନ ରହିଥାନ୍ତି । ହରିଣ-ହରିଣୀମାନେ ଆନନ୍ଦରେ ବିଚରଣ କରି ନଦୀରେ ଜଳପାନ କରନ୍ତି । ଦିନେ ଗୋଟିଏ ସିଂହ ତର୍ଜନ ଗର୍ଜନକରି ସେଠାରେ ଉପସ୍ଥିତ ହେଲା ଏବଂ ଏକ ଗର୍ଭବତୀ ହରିଣୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ହରିଣୀଟି ପ୍ରାଣବିକଳରେ ନଦୀ ମଧ୍ୟକୁ ଲମ୍ଫ ଦେଲା । ଏହି ସମୟରେ ହରିଣୀଟିର ଗର୍ଭରୁ ଜନ୍ମ ହୋଇଥିବା ଏକ ଶାବକ

ISSN NO.
2582-208X

ଜଳରେ ଭାସିଯିବାକୁ ଲାଗିଲା । ଏହିସବୁ ଘଟଣା ଘଟୁଥିବା ବେଳେ ରାଜା ଭରତଙ୍କର ଧ୍ୟାନ ଭଗ୍ନ ହୁଅନ୍ତେ, ସେ ଦେଖିଲେ ନଦୀ ଜଳରେ ଏକ ସଦ୍ୟଜାତ ହରିଣ ଶିଶୁ ଭାସି ଯାଉଛି । ସେ ତୁରନ୍ତ ଧାଇଁ ଯାଇ ହରିଣ ଶାବକଟିକୁ ଜଳରୁ ଉଦ୍ଧାର କଲେ ଏବଂ ଆଶ୍ରମକୁ ଆଣି ଅତି ଆଦରରେ ଲାଳନ-ପାଳନ କରିବାକୁ ଲାଗିଲେ । କ୍ରମେ କ୍ରମେ ଶିଶୁ ହରିଣଟି ପ୍ରତି ତାଙ୍କର ମମତା ଓ ମାୟା ବୃଦ୍ଧି ପାଇଲା । ରାଜାଙ୍କର ଧ୍ୟାନ, ଜପ ଓ ଭଗବତ୍ ଆରାଧନା କ୍ରମଶଃ ହ୍ରାସ ପାଇବାକୁ ଲାଗିଲା । ସେଇ ମୃଗ ଶିଶୁଟିର ଚିନ୍ତା ହିଁ ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ । କାଳକ୍ରମେ ରାଜାଙ୍କର ଅନ୍ତିମ ସମୟ ଆସି ଉପସ୍ଥିତ ହେଲା ଏବଂ ତାଙ୍କ ଦ୍ୱାରା ପାଳିତ ମୃଗ ଶିଶୁଟିର କଥା ଚିନ୍ତା କରୁ କରୁ ରାଜା ଇହଲୋକ ତ୍ୟାଗ କଲେ । ମୃତ୍ୟୁକାଳରେ ଯେ ଯାହା ଚିନ୍ତା କରିଥାଏ ସେ ପରଜନ୍ମରେ ତାହା ହିଁ ହୁଏ । ଫଳତଃ, ରାଜା ଭରତ ପରବର୍ତ୍ତି ଜନ୍ମରେ ହରିଣ ଯୋନିରେ ଜନ୍ମ ହେଲେ । କିନ୍ତୁ ତାଙ୍କର ତପସ୍ୟା ଜନିତ ସଂସ୍କାର ରହିଥିବାରୁ ପୂର୍ବ ଜନ୍ମର କଥା ସେ ମନେ ରଖିଥାନ୍ତି । ପୂର୍ବଜନ୍ମର ଆସକ୍ତିର କଥା ସ୍ମରଣ କରି ରାଜାଙ୍କର ଘୋର ଅନୁତାପ ହେଲା ଏବଂ ସେହି ଅନୁତାପର ଅଗ୍ନିରେ ତାଙ୍କର ପୂର୍ବଜନ୍ମର ସମସ୍ତ ପାପ ନଷ୍ଟ ହୋଇଗଲା । କିଛିଦିନ ପରେ ତାଙ୍କର ହରିଣ ଦେହ ନାଶ ହୋଇଗଲା ଏବଂ ସେ ଜଣେ ବେଦଜ୍ଞ ବ୍ରାହ୍ମଣଙ୍କ ଘରେ ଜନ୍ମ ହେଲେ । ତାଙ୍କର ନାମ ମଧ୍ୟ ରଖା ଯାଇଥିଲା ଭରତ ।

ଏ ଜନ୍ମରେ ଭରତଙ୍କର ପୂର୍ବ ଜନ୍ମର ସଂସ୍କାର ଜନିତ ତିକ୍ତ ଅନୁଭୂତି ଅଧିକ ଫଳପ୍ରଦ ହେଲା । ତାଙ୍କର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବୈରାଗ୍ୟଭାବ ଏବଂ ବିଷୟ ପ୍ରତି ଆସକ୍ତି ନ ରହିବା ଯୋଗୁଁ ସେ କାହାରି ସହିତ ମିଳାମିଶା ନ କରି ଜଡ, ମୂକ ଓ ବଧିରଙ୍କ ପରି ଆଚରଣ କଲେ । ପିତା ଥିଲେ ନାନା ବିଦ୍ୟାରେ ବିଭୂଷିତ ଜଣେ ବିଦ୍ୱାନ ପଣ୍ଡିତ । ସେ ତାଙ୍କର ଏହି ପୁତ୍ରକୁ ଶିକ୍ଷା ଦେବାକୁ ଚେଷ୍ଟା କରି ବ୍ୟର୍ଥ ହେଲେ । ଜଡ଼ବୁଦ୍ଧି ରହିଥିବାର ଭାବି ସେ ତାକୁ ଜଡ଼ଭରତ ନାମରେ ଡାକୁଥିଲେ । କାଳକ୍ରମେ ପିତାମାତା ଦୁହିଁଙ୍କର ମୃତ୍ୟୁ ହୁଏ । ଭାଇମାନେ ଅନେକ ଚେଷ୍ଟା କରି ମଧ୍ୟ ଭରତଙ୍କୁ କିଛି ଲେଖାପଢ଼ା ଶିଖାଇ ପାରିଲେ ନାହିଁ । ତେଣୁ ତାଙ୍କୁ କ୍ଷେତ କାମରେ ଲଗାଇଦେଲେ । ଜଡ଼ଭରତ କ୍ଷେତ କାମରେ ଲାଗିଥିବା ବେଳେ ଦିନେ ସେହି ବାଟଦେଇ ପାଲିଙ୍କିରେ ବସି ଯାଉଥିବା ସେହି ରାଜ୍ୟର ରାଜା ରହୁଗଣ ଦେଖିଲେ ଜଣେ ଲୋକ ଚାଷ କାର୍ଯ୍ୟରେ ବ୍ୟସ୍ତ ରହିଛି । ତେଣୁ ଭୃତ୍ୟମାନଙ୍କ ଦ୍ୱାରା ଜଡ଼ଭରତକୁ ଉଠାଇନେଇ ପାଲିଙ୍କିରେ ଶୂନ୍ୟ ପଡିଥିବା ବାହକ ସ୍ଥାନରେ କାର୍ଯ୍ୟରେ ଲଗାଇଦେଲେ । ପାଲିଙ୍କି କାନ୍ଧରେ ବହନ କରି ଜଡ଼ଭରତ ଚାଲିଥାନ୍ତି।

ISSN NO.
2582-208X

କେତେବେଳେ କ୍ଷିପ୍ର ଗତିରେ ତ କେତେବେଳେ ମନ୍ଥର ଗତିରେ । ମୁହଁରେ କଥା ନାହିଁ, ସମ୍ପୂର୍ଣ୍ଣ ମୂକ ଓ ଭାବବିଭୋର ଅବସ୍ଥା । ରାଜା ଏସବୁ ଲକ୍ଷ୍ୟ କରୁଥାନ୍ତି । ସେ ବିରକ୍ତ ହୋଇ ନୂତନ ବାହକକୁ ତିରସ୍କାର କରିବାକୁ ଲାଗିଲେ । ରାଜା କହିଲେ ହେ ବାହକ, ତୁମେ ବୋଧହୁଏ କ୍ଲାନ୍ତ, ତେଣୁ ପାଦ ପକାଇ ପାରୁନା । ହଁ, ତୁମେତ ଦେଖିବାକୁ ବେଶ ହୃଷ୍ଟପୃଷ୍ଟ । ତୁମେ କ'ଣ ଜରାଗ୍ରସ୍ତ ? ତୁମେ କ'ଣ ଜୀବନ୍ମୃତ । ବର୍ତ୍ତମାନ ଦେଖୁଛି ତୁମକୁ ଦଣ୍ଡ ନ ଦେଲେ ଚଳିବ ନାହିଁ । ରାଜାଙ୍କ ପାଲିଙ୍କି ବହୁଛ ବୋଲି କଅଣ ତୁମକୁ ଜଣା ନାହିଁ?

ଜଡ଼ଭରତ ବାହାରକୁ ଜଡ଼ବତ୍ ପ୍ରତୀୟମାନ ହେଉଥିଲେ ସୁଦ୍ଧା ତାଙ୍କର ଅନ୍ତର ମଧ୍ୟରେ ଭରି ରହିଥିଲା ଜ୍ଞାନର ଅସରନ୍ତି ଭଣ୍ଡାର । ଏଥର ତାଙ୍କ ମୁହଁରୁ କଥା ବାହାରିଲା । ସେ ଉତ୍ତର ଦେଲେ - ହେ ରାଜନ୍, ମୁଁ କ୍ଲାନ୍ତ ନୁହେଁ, ମୁଁ ଦେହ ନୁହେଁ, ମୁଁ ହେଉଛି ଆତ୍ମା । ମୁଁ ତ କୌଣସି ପଥ ଚାଲି ନାହିଁ, ତେଣୁ କ୍ଲାନ୍ତ ହେବି କାହିଁକି ? ଆପଣ ଉପହାସ କରନ୍ତୁ ବା ତିରସ୍କାର କରନ୍ତୁ, ଆପଣ ଯେଉଁ ପାଲିଙ୍କି ଭିତରେ ବସି ମୋତେ ତିରସ୍କାର କରୁଛନ୍ତି ତାର କଅଣ କୌଣସି ଗନ୍ତବ୍ୟ ସ୍ଥଳ ଅଛି ? ମୋର ଶରୀର ସ୍ଥୂଳ ବୋଲି ଆପଣ ବ୍ୟଙ୍ଗ କରୁଛନ୍ତି। ପଞ୍ଚଭୂତରେ ଗଢା ଏଇ ଦେହଟାକୁ ଜ୍ଞାନୀମାନେ ସ୍ଥୂଳ ଆଖ୍ୟା ଦେଇଥାନ୍ତି । ଦେହର ଅଭିମାନ ଯାହାଠାରେ ଅଛି, ତାହାର ସ୍ଥୂଳତା ରହିଛି, ଭୋକ-ଶୋଷ ରହିଛି ଓ କ୍ଲାନ୍ତି ରହିଛି । କିନ୍ତୁ ମୁଁ ତ ଦେହ ନୁହେଁ । ତେଣୁ ମୋଠାରେ ଏସବୁ କିଛି ନାହିଁ । ଆଉ ଆପଣ ଯଦି ମୋତେ ଦେହ-ଅଭିମାନୀ ବୋଲିମନେ କରୁଥାନ୍ତି, ତାହେଲେ ମୁଁ ଦେହରେ ବଞ୍ଚି ଥାଉ ଥାଉ ମଧ୍ୟ ମୃତ, ମୁଁ ଜୀବନ୍ମୃତ । ଦେହ-ଅଭିମାନୀ ମନୁଷ୍ୟର ଦିନେ ନା ଦିନେ ମୃତ୍ୟୁ ହେବ କିନ୍ତୁ ମୋର ତ ଦେହାଭିମାନ ନାହିଁ । ତେଣୁ ମୋର ମୃତ୍ୟୁ ନାହିଁ । ମୁଁ ହେଉଛି ଆତ୍ମା । ହେ ରାଜନ୍, ମୁଁ ଜୀବନ୍ମୃତ ନୁହେଁ । ମୁଁ ହେଉଛି ଜୀବନମୁକ୍ତ । ମୁଁ ଏ ସଂସାର ବନ୍ଧନରୁ ମୁକ୍ତ । ଆଉ ଆପଣ କହୁଛନ୍ତି ମୋତେ ଦଣ୍ଡ ଦେବେ ବୋଲି । ତାହା ମଧ୍ୟ କିପରି ହେବ ? ମାଲିକ ଓ ଚାକର ସମ୍ପର୍କ ଯଦି ଚିରକାଳ ସ୍ଥାୟୀ ହୋଇ ରହିଥାଏ, ତା'ହେଲେ ସିନା ଜଣେ ଆଉ ଜଣକୁ ଧମକଚମକ ଦେଇ କାମରେ ଲଗାଇବ । କିନ୍ତୁ ଆଜି ଯଦି ଆପଣଙ୍କର ରାଜତ୍ୱ ଅବସାନ ହୁଏ, ଆଉ ମୁଁ ଯଦି ଆପଣଙ୍କ ସ୍ଥାନରେ ରାଜା ହୋଇ ବସେ,ତାହେଲେ ଆପଣ ଓ ମୋ ଭିତରେ ରହିଥିବା ବର୍ତ୍ତମାନର ସମ୍ପର୍କ ବିପରୀତ ହୋଇଯିବ । ମୁଁ ଜଡ଼ ବ୍ୟକ୍ତି ପରି ଆଚରଣ କରୁଛି ସତ,କିନ୍ତୁ ଈଶ୍ୱରଙ୍କ କୃପାରୁ ମୁଁ ବ୍ରହ୍ମଭାବ ପ୍ରାପ୍ତ ହୋଇଛି, ତେଣୁ ମୁଁ ଜଡ଼ବତ୍ ଆଚରଣ କରୁଛି । ଆପଣ ଯଦି ଭାବୁଥାନ୍ତି

ISSN NO.
2582-208X

ଯେ ମୁଁ ବ୍ରହ୍ମଭାବ ପାଇ ନାହିଁ, ମୁଁ ମୁକ୍ତ ନୁହେଁ, ମୁଁ ହେଉଛି ଜଡ଼ ସ୍ୱଭାବର ମଣିଷ, ତାହେଲେ ମୋତେ ଉପଦେଶ ଓ ଶିକ୍ଷା ଦେବା ମଧ୍ୟ ବୃଥା ପ୍ରୟାସ ହେବ, କାରଣ ପ୍ରକୃତ ଜଡ଼ ସ୍ୱଭାବର ବ୍ୟକ୍ତିଙ୍କୁ ଶିକ୍ଷା ଦେଇ ଶିକ୍ଷିତ କରାଯାଇପାରେ ନାହିଁ ।

ହେ ରାଜନ, ଶୁଣନ୍ତୁ, ମୁଁ ମୋର ପୂର୍ବ ଜନ୍ମରେ ଭରତ ନାମରେ ଜଣେ ରାଜା ଥିଲି । ସଂସାରର ସମସ୍ତ ଆସକ୍ତିରୁ ମୁକ୍ତ ହୋଇ ଭଗବାନଙ୍କର ଆରାଧନା କରୁଥିଲି । ଦୈବଯୋଗକୁ ଗୋଟିଏ ହରିଣ ଶାବକ ପ୍ରତି ମୋର ମନ ଏପରି ଆସକ୍ତ ହୋଇଗଲା ଯେ ମୋତେ ପରଜନ୍ମରେ ହରିଣ ହୋଇ ଜନ୍ମ ହେବାକୁ ପଡିଲା । କିନ୍ତୁ ତପସ୍ୟା ଲବ୍ଧ ସଂସ୍କାର ଯୋଗୁଁ ହରିଣ ଦେହରେ ଥାଇ ସୁଦ୍ଧା ମୋର ପୂର୍ବସ୍ମୃତି ଲୋପ ପାଇନଥିଲା । ମୁଁ ଏଜନ୍ମରେ ସଂସାରୀ ଲୋକମାନଙ୍କ ସଂସ୍ପର୍ଶରେ ଆସି ମାୟା-ମୋହ ଆସକ୍ତିରେ ବଦ୍ଧ ହେବାର ଆଶଙ୍କା ଥିବାରୁ ନିଜକୁ ଗୋପନ ରଖି ଜଡ଼ପରି ଆଚରଣ କରୁଥିଲି । ମୁଁ କିନ୍ତୁ ଜଡ଼ ନୁହେଁ ।

ରାଜା ରହୁଗଣ ଜଡ଼ଭରତଙ୍କ କଥା ଶୁଣି ଅବାକ୍ ହୋଇଗଲେ । ସେ ପାଲିଙ୍କିରୁ ଓହ୍ଲାଇପଡି ତାଙ୍କ ପାଦ ତଳେ ପଡି ପ୍ରଣାମ କଲେ । ରାଜା କହିଲେ, ହେ ମହାତ୍ମା, ମୋତେ କ୍ଷମା କରନ୍ତୁ । ଆପଣ ଯେ କିଏ, ତାହା ମୁଁ ଜାଣି ପାରି ନ ଥିଲି । ଆପଣ ଯେଉଁ ସବୁ ତତ୍ତ୍ୱ କଥା କହିଲେ, ତାହା ମୁଁ ମୋର ଅଜ୍ଞତା ଯୋଗୁଁ ବୁଝିପାରି ନାହିଁ । ଆପଣଙ୍କ ଦର୍ଶନ ପାଇ, ଆପଣଙ୍କଠାରୁ ଜ୍ଞାନ ଲାଭ କରିବା ପାଇଁ ଇଚ୍ଛା ହେଉଛି । ମୁଁ ଆପଣଙ୍କର ଶିଷ୍ୟତ୍ୱ ଗ୍ରହଣ କଲି । ଆପଣ ମୋତେ ଜ୍ଞାନ ଚକ୍ଷୁ ପ୍ରଦାନ କରନ୍ତୁ । 'ମୁଁ ରାଜା' ଏହି ଅଭିମାନ ଯୋଗୁଁ ମୋର ବୁଦ୍ଧି ଲୋପ ପାଇଯାଇଛି । ଆପଣଙ୍କ ପରି ମହାତ୍ମାଙ୍କୁ ଅପମାନ ଦେଇ ମୁଁ ଘୋର ପାପ ଅର୍ଜନ କରିଛି । ସେହି ପାପରୁ ମୋତେ ମୁକ୍ତ କରନ୍ତୁ । ରାଜା ରହୁଗଣଙ୍କୁ ଆଶ୍ୱସ୍ତ କରି ମହାଜ୍ଞାନୀ ଜଡ଼ଭରତ ଅନେକ ଉପଦେଶ ଦେଇ ଥିଲେ । ସେ କହିଲେ ହେ ରାଜନ, ଏ ସଂସାରର ପଥ ହେଉଛି ଅତି ବିପଦସଙ୍କୁଳ, ଅତି ଦୁର୍ଗମ । ସାବଧାନ ହୋଇ ଚାଲିବାକୁ ହୁଏ । ଧନର ସନ୍ଧାନରେ ବୁଲୁ ବୁଲୁ ପଥିକ ଯେପରି ବନ ମଧ୍ୟରେ ପଥ ହୁଡି ଅକଥନୀୟ ଯନ୍ତ୍ରଣା ଭୋଗ କରେ, ସେହିପରି ଜୀବ ସୁଖ ପାଇବା ଆଶାରେ ଧାଇଁ ସଂସାରରୂପୀ ଅରଣ୍ୟ ମଧ୍ୟରେ ଦିଗହରା ହୋଇ କେବଳ ଯନ୍ତ୍ରଣା ଓ ଦୁଃଖ ହିଁ ଭୋଗ କରେ । ଯାହାକିଛି ବା ଧନ ନିଜ ପାଖରେ ଥାଏ, ସଂସାର ଅରଣ୍ୟ ମଧ୍ୟରେ ରହିଥିବା ଛଅ ଜଣ ଡକାୟତ (କାମକ୍ରୋଧ ପ୍ରଭୃତି ରିପୁ) ସେ ସବୁ ହରଣ କରି ନେଇ ମନୁଷ୍ୟକୁ ଗର୍ତ୍ତ ଭିତରକୁ ଠେଲି ଦିଅନ୍ତି । ମନୁଷ୍ୟ ଘୋର ଯନ୍ତ୍ରଣା ଭୋଗ କରେ । ଏହାକୁ ହିଁ

ISSN NO.
2582-208X

କୁହାଯାଏ ଭବଯନ୍ତ୍ରଣା । ଏଥିରୁ ଉଦ୍ଧାର ପାଇବାର ଉପାୟ ମଧ୍ୟ ମହାତ୍ମା ଭରତ ରାଜା ରହୁଗଣଙ୍କୁ ଉପଦେଶ ଛଳରେ ବୁଝାଇ ଦେଇଥିଲେ । ସେ କହିଲେ, ହେ ରାଜନ, ସଂସାରୀ ଲୋକମାନଙ୍କ ମଧ୍ୟରେ ଯେଉଁମାନେ ବୈରାଗ୍ୟ ଓ ସଂଯମ ଆଚରଣ କରନ୍ତି, ଭଗବାନଙ୍କଠାରେ ଚିତ୍ତ ଅର୍ପଣ କରିଥାନ୍ତି ଏବଂ ନିଜକୁ ତାଙ୍କଠାରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦେଇଥାନ୍ତି, ସେମାନେ ହିଁ ଏ ପ୍ରପଞ୍ଚମୟ ଜଗତରୁ ବର୍ତ୍ତିଯାଆନ୍ତି । ଶ୍ରୀହରିଙ୍କର ସେବା ପରାୟଣ ହୋଇ ଜ୍ଞାନର ତରବାରି ହାତରେ ଧରି ସେମାନେ ଅନାୟାସରେ ଏ ସଂସାର - ଅରଣ୍ୟକୁ ପାର ହୋଇଥାନ୍ତି । ରିପୁମାନେ ତାଙ୍କର କୌଣସି କ୍ଷତି କରିପାରନ୍ତି ନାହିଁ । ସେହିଦିନଠାରୁ ଜଡ଼ଭରତଙ୍କର ଉପଦେଶ ଗୁଡିକ ଶ୍ରୀମଦଭାଗବତର କଳେବର ମଧ୍ୟରେ ମୁକ୍ତା ପରି ଚିର-ଉଜ୍ଜ୍ୱଳ ହୋଇ ରହିଛି ।

(((-)))

ସଂଗ୍ରାହକ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ—୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଲହ



ସୁନୀଲ କୁମାର ଅଗସ୍ତି

ଇଟା କାଏଁ
ଗାଗରର୍ କେତ୍ କେଚା
ଆର୍ ବିଟାଲ୍ ମଏଲା କ'ଲ ଯେ
ଗ୍ଲେସେରିନ୍ ସାବୁନ୍ ଆର୍ ସେମ୍ପୋ ନେ
ବୁଟ୍ ବୁଟେଇ ନେଲେ ଗାଗର୍ କେ
ଆଁଏଖର୍ ଲହ ଧାର୍ ସେରପେଟି ଦେବା,
ଇଟା କାଏଁ
ରେମଣ୍ଡ୍ କି ଦିଗଜାମ୍ ର
ଦାମୀ କପଡା କଲ ଭାଏଲ୍ ?
ଇଟା କାଏଁ କେନ୍ ଅଡିନେରି
ବ୍ରାଣ୍ଡ୍ ଗାଗରର୍ ଛିଡା କଲ ଯେ
ତରସର୍ ଫିରେଇ ନେଇ
ଉନିହାଁ ଟା ନେଇ ଆନି ପାରିହେବା,
ଜୀବନ୍ 'ଲହ'ର୍ ବୁଏଡ୍ ଆଏ
ଇଟା ତ' ପରଭୁକଁର୍ ଦେନ୍ ଆଏ
ତମକେ ଆମକେ ଆର୍ ସମକେ
ହର୍ ଘଡି ଇ' ପରୀକ୍ଷା ଦେବାର୍ କେ ହେବା,

ISSN NO.
2582-208X

'ଲହ'ର୍ ଗୁନ୍ ଆର୍ ଚଲନ୍ କେ ନେଇ କରି
ଧାଡି ଦୁଇ କୁଏର୍ ତ'ଲେଖ,
ଯଦରବି ଇନେ କେନ୍ ପାସ୍
ତାର୍ ଜୀବନ୍ ହରମିସା ସଲଖ୍ ଆଏ,,

(((-)))

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# ଘିନାବିଚନା ତାରିଫ୍



ଗଜାନନ ମିଶ୍ର

ବଂବେଇଲଡୁକେ ଜିତିଗଲା ବୋ
ଇ ଶଲା ଟ୍ରମ୍ପତାରିଫ୍,
ତାରିଫ ମାଡରେ
ବୋଲତି ବନ୍ଦ ସଭକର୍।
ମିଛ୍ ମିଛ୍ କଁଚା ମିଛ୍ ମାମଲାଥି
ଫଶିଜେଇଛନ୍ ସଭେ ଏକାପାରେକେ,
ଇ ପୁରଥିରଲୁକେ।
ନିର୍ଦୋଷ ହଉଛେ ଦୁଷି, ଆରୁ
ଦୁଷି କରୁଛେ ମସ୍ତି।
ଭୁଲ କଥାଥି କୁକୁର ଭୁକୁଛେ
ପଛକେ ପଛ।
ନେଇଁ ଶୁନି ପାରୁଛ ବଏଲେ
ଅଏନ ହେଟା।
ବଝା କରି ଦେଲା ନ ସଭକେ,
ସଲେ ଚିକିରପୁହେ ଆରୁ
କେଁ ଜିମୁ ବଲବେ।
ଜନମ ମାଏଟ୍ ଛାଡିକରି
ଜଉଛନ୍ ଆରୁ

ISSN NO.
2582-208X

ଗଲେ ଗୁଡେ ବେଡି,
ହାତେ କଡି ଲଗେଇ ଅଉଛନ୍,
ଉଚକି ଉଲେଇ ମରବାରଟା!
ଘିନାବିଚନା ବଁଦ କରିଦେଲେ
ନେଇଁ ହୁଏ ଭାଏଲ୍!
ଅପନାରଟା ଅପନେ ଖୁଦ୍
ବନାଲେ ନେଇଁ ହେତା କେଁ!

(((-)))

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଗୁଲ ଆମେ ସୁନାପିଲା ହେବା



ପଞ୍ଚାନନ ମେହେର

ବୟସରେ ସିନା ସାନ ସିଏ
ପ୍ରକୃତିକୁ ଭରି ଭଲପାଏ
ମାଆର କୋଳରୁ ଗଛଲତା ସହ
ବନ୍ଧୁ ଭାବଟିଏ ରଖିଥାଏ ।

ବିଲ ବଣ ନଈ ପରବତ
ଗାଁ ଚଉପାଖ ଧାନକ୍ଷେତ
ସଭିଏଁ ତାହାର ଥିଲେ ମଇତର
ମନ ଥିଲା ତାର ପ୍ରଫୁଲ୍ଲିତ ।

ବଡ ହେଲା ଯେବେ ସେଇ ପିଲା
ଗାଆଁ ଛାଡି ସହରକୁ ଗଲା
ମାଆ ମାଟିଠାରୁ ରହି ବହୁ ଦୂରେ
ଅତୀତକୁ ଖାଲି ଝୁରି ହେଲା ।

ISSN NO.
2582-208X

ବିତିଥିଲା ଯହିଁ ପିଲାଦିନ
ଗାଆଁ ମାଟି ପାଣି ସେ ପବନ
ବଢାଇବ ବୋଲି ତା' ଯଶ ଗୌରବ
ଢାଳ ଦେଲା ସିଏ ମନପ୍ରାଣ ।

ପ୍ରକୃତି ଆମର ମାଆଟିଏ
ଅଯାଚିତ ଭାବେ ସବୁ ଦିଏ
ତା' ସେବାରେ ପୂରା ଜୀବନ ସମର୍ପି
ସୁନାପିଲା ପରା ହେଲା ସିଏ ।

ଚାଲ ଆମେ ସୁନାପିଲା ହେବା
ଚାରା ଏକ ଏକ ଲଗାଇବା
ଜନ ସଚେତନ କରାଇ ସଭିଏଁ
ବୃକ୍ଷ ଛେଦନକୁ ବରଜିବା ।

(((-)))

ଧାନବସା, ରାମପୁର, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ - ୮୨୪୯୧୧୮୨୫୧

ISSN NO.
2582-208X

# ଦୋଳ ଯାତ

ଗୀତାଞ୍ଜଳି ସ୍ୱାଇଁ

ମୁନା ବାହାରିଲା ଦୋଳ ଯାତ ଦେଖି
କୁନାକୁ ଡାକିଲା ସାଥେ,
ହସି ହସି ଅଜା ମୁନାକୁ କହିଲେ
ନବୁ ନାହିଁ କିରେ ମୋତେ·
ସାଙ୍ଗ ହୋଇ ଗଲେ ଅଜା,
ଦୋଳ ମେଳଣ ରେ ଯାଇ ପହଞ୍ଚିଲେ
ବାଜୁଛି ତେଲିଙ୍ଗି ବାଜା l
କେତେ ଯେ ବିମାନ ବସିଛି ସେଠାରେ
ମଧ୍ୟେ ରାଧା କୃଷ୍ଣ ଉଭା,
ନାଲି ନୀଳ କନା ବିମାନରେ ବନ୍ଧା
ବଢ଼ାଉଛି ଦିବ୍ୟ ଶୋଭା l
ଦୋକାନ ମାଳକୁ ମାଳ,
ରଙ୍ଗ ବେରଙ୍ଗ ର ଫଗୁ ଅବିର ରେ
ଖେଳୁଛନ୍ତି ହୋଲି ଖେଳ l
ଚଣା, ଖଜା ସାଥେ କଦଳୀ ଉଖୁଡା
କେତେ ପରକାର ଭୋଗ,
ରାଇ ଦାମୋଦର ବୁଲି ଘର ଘର
ଖାଉଥାନ୍ତି କେତେ ଭୋଗ
ଶେଷରେ ଦୋଳ ବେଦିରେ,
ସବୁ ଗାଁ ଠାକୁର ମେଳଣ କରନ୍ତି
ଦୋଳ ବେଦି ପଡିଆରେ l

ISSN NO.
2582-208X

ବରା ଘୁଗୁନି ସହିତ ରସଗୋଲା
ସଭିଁଏ ମିଶି ଖାଇଲେ,
ଚକିରି ଦୋଳିରେ ବସି ମଉଜରେ
ହୋଲିରେ ରଙ୍ଗେଇ ହେଲେ ।
ଫଗୁଣର ଦୋଳଯାତେ
ରାଧା ଦାମୋଦର ଢାଳନ୍ତୁ ଆଶିଷ ,
ସୁଖେ ରୁହନ୍ତୁ ସମସ୍ତେ ।

(((-)))

କାନନବିହାର ଫେଜ -୨
ପଟିଆ, ଭୁବନେଶ୍ୱର-୨୪

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମାର୍ଚ୍ଚ ମାସର ବିଜେତାଙ୍କ ନାମ



ISSN NO.
2582-208X

ହରିତ ଲତାର କୋଳେ ଝୁଲୁଛି ଶଶା ଫଳ,
ସ୍ୱାଦ ମଧୁର ତାର ଶରୀରକୁ ରଖେ ଶୀତଳ,
ମଜା ଆସେ ଯେବେ ତା ସାଥେ ରହେ
ଲୁଣ ଲଙ୍କା ଆଉ ବାସି ପଖାଳ।

## ବିଜେତା : ଦେବଯାନୀ ସ୍ୱାଇଁ, ଗୋରେଗାଓଁ, ମୁମ୍ବାଇ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

# ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ - ମାର୍ଚ୍ଚ

ପ୍ରଚ୍ଛଦ ପୃଷ୍ଠାରେ ପପି ଫୁଲର ସୁନ୍ଦର ପ୍ରତିଛବି ନେଇ ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"। ଲାଲ୍ ପାଖୁଡା ସହିତ ଏହାର କଳା ରଙ୍ଗର ମଧ୍ୟ ଭାଗକୁ ଦେଖିଲେ ଜୀବନର ଗଭୀର ସତ୍ୟତା ଦେଖାଯାଏ। ଏହାର ଲାଲ୍ ପାଖୁଡା ମାନ ଆମ ଜୀବନର ହସ, ଖୁସି, ଆନନ୍ଦ, ଉତ୍ସାହ ଦର୍ଶାଉଥିବା ବେଳେ କଳା ରଙ୍ଗର ମଧ୍ୟଭାଗଟି ଧୀରେ ସେ ଯେମିତି କହିଦେଉଛି, ଜୀବନ କେତେ ରଙ୍ଗୀନ୍ ହେଲେ ମଧ୍ୟ କେଉଁଠି ନା କେଉଁଠି ଦୁଃଖ ଆଉ ଅନ୍ଧକାରର କିଛିଟା ଦାଗ ରହିଥାଏ। ଯେପରି ଲାଲ୍ ଓ କଳା ଦୁଇଟି ରଙ୍ଗର ସମନ୍ୱୟରେ ଫୁଲଟି ଅଧିକ ମାଧୁର୍ଯ୍ୟ ପାଏ, ଠିକ୍ ସେପରି ମଣିଷ ଜୀବନ ମଧ୍ୟ ସୁଖ ଓ ଦୁଃଖର ସମନ୍ୱୟରେ ପୂର୍ଣ୍ଣ ହୁଏ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଫଗୁଣ ମାସ ତଥା ବସନ୍ତ ଋତୁରେ ଧରାପୃଷ୍ଠର ସୌନ୍ଦର୍ଯ୍ୟ ଏବଂ ଏହି ସମୟରେ ପୁରାଣ ବର୍ଣ୍ଣିତ ରାଧାକୃଷ୍ଣଙ୍କ ରଙ୍ଗ - ରାସର ଉତ୍ସବ ହୋଲିର ବର୍ଣ୍ଣନା କରିବା ସହିତ ସମସ୍ତ ପାଠକ ବୃନ୍ଦଙ୍କୁ ପବିତ୍ର ହୋଲି ପର୍ବର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

ଭିତର ପୃଷ୍ଠାରେ ସବୁଥର ପରି ଗଳ୍ପ, କବିତାର ଅସଂଖ୍ୟ ଆଲେଖ୍ୟ।

ISSN NO.
2582-208X

ପ୍ରଥମ ଆଲେଖ୍ୟରେ "ଆମ ସାହିତ୍ୟର ଦୁର୍ଦ୍ଦଶା" ପଢି କଷ୍ଟ ଲାଗିଲା। ଆଜିର ସମୟରେ ସାହିତ୍ୟ ସ୍ରଷ୍ଟାମାନଙ୍କର ସତ୍ୟାସତ୍ୟ ଉପସ୍ଥାପନା କରି ଲେଖକ କହିଛନ୍ତି- ସାହିତ୍ୟ ସର୍ଜନା କରି ଉପାର୍ଜନକ୍ଷମ ହେବା ଏବେ ସମ୍ଭବ ହେଇପାରୁ ନ ଥିବାରୁ କୁଶଳୀ ଲେଖକ ଲେଖିକା ମାନେ ଏ ପଥରୁ ଦୁରେଇ ଯାଉଛନ୍ତି ଆଉ ନିଜର ପ୍ରତିଷ୍ଠା ପାଇଁ ପଇସା ଦେଇ ଧନୀଲୋକ ମାନେ ସାହିତ୍ୟ ସ୍ରଷ୍ଟା ବନିଗଲେଣି। ତେଣୁ ଏଥି ପ୍ରତି ସାହିତ୍ୟ ଏକାଡେମୀର ସଦସ୍ୟମାନେ ନୀରବ ନ ରହି ପ୍ରକୃତ ପଦକ୍ଷେପ ନେବା ଉଚିତ୍।

ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଚୋରୀ କରି ସମୁଦ୍ର କୂଳର ଏକ ନିଛାଟିଆ ଯାଗାରେ ଲୁଚା ଯାଇଥିବା ବସ୍ତା ବସ୍ତା ରେଡ୍ କୋରାଲର ସିଜ୍। ଗାଲ୍ପିକାଙ୍କ "ପେରୁର ରାଜଧାନୀ ଲିମାରେ ଦ୍ୱିତୀୟ ଦିନ"ର ଅନୁଭୂତି ଅତ୍ୟନ୍ତ ରୋମାଞ୍ଚକର। "ଲଳିତ ନିବନ୍ଧ- ନାହିଁ ନାହିଁର ଗାଁ"। ଏକ ସାରମେୟର ଆତ୍ମକାହାଣୀ- "ମୁଁ ଫରି କହୁଛି"। ଆଜିର ଚ୍ୟାଲେଞ୍ଜଭରା ଦୁନିଆରେ ଏକ ଭିନ୍ନକ୍ଷମ ପିଲାକୁ ସୁସ୍ଥ ଓ ସଫଳତାର ସହ ବଢ଼ାଇବାରେ ଏକ ମା'ର କାହାଣୀ- "ଝରକା ବାହାରେ ନୀଳ ଆକାଶ"।

"ଜ୍ୟୋତିର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖର"ଙ୍କ ସଂକ୍ଷିପ୍ତ ଆତ୍ମଜୀବନୀ ସହିତ ରହିଛି "ଜାନକୀବଲ୍ଲଭ: ଏକ ବିରଳ ବ୍ୟକ୍ତିତ୍ୱ"। "ଓଡିଆ କାବ୍ୟ କବିତାକୁ ନୟାଗଡ ଜିଲ୍ଲାର ଅବଦାନ"ଏବଂ "ଅବକ୍ଷୟଗ୍ରସ୍ତ ମାନବୀୟ ମୂଲ୍ୟବୋଧର ପୁନରୁତ୍ଥାନ: ଗଙ୍ଗାଧର ସାହିତ୍ୟର ଅବଦାନ" ଭଳି ସୃଜନାତ୍ମକ ଇତିହାସ ସହିତ "ଗଞ୍ଜାମର କନ୍ଧ ଆଦିବାସୀ- ଏକ ସଂକ୍ଷିପ୍ତ ଆକଳନ", "ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଉପନ୍ୟାସରେ ପଲ୍ଲୀ ପ୍ରାଣତାର ସାମାଜିକ ପ୍ରତିଛବି" ଭଳି ଲୋକ ସାହିତ୍ୟ ସମ୍ବନ୍ଧିତ ଅନେକ ବିଷୟ।

ଚତୁର୍ଥ ଶ୍ରେଣୀ ସାହିତ୍ୟ ବହିର ସେଇ କବିତା "ଦେଲୁ ମୋତେ ମହାଶିକ୍ଷା" ପୁଣିଥରେ ଆସନ୍ତୁ ପଢିବା। "ଓଡିଆ ସାହିତ୍ୟର ବିକାଶରେ ଇ- ପତ୍ରିକାର ଅବଦାନ" ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। "ନିଶା: ଏକ ମାୟାବିନୀ ମରୀଚିକା", ତେଣୁ ଆମେ ସମସ୍ତେ ଏକ ଶପଥ ନେବା, ନିଜକୁ ନିଶା କବଳରୁ ମୁକ୍ତ ରଖିବା ସହିତ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ପରିବାର ଓ ସମାଜକୁ ସଚେତନ କରିବା। "ସୁବର୍ଣ୍ଣପୁର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ", ପୁଣି "କେବେ କେରଳ ତ କେବେ ଅରୁଣାଚଳ"ରେ ସାରିପୁତ୍ତଙ୍କ କାହାଣୀ। ଶେଷରେ "ଭାଗବତ କଥା- ୨୯"।

ISSN NO.
2582-208X

କବିତାର ପ୍ରାରମ୍ଭରେ "ଦାରୁବ୍ରହ୍ମଙ୍କର ଦେବସ୍ନାନ ପୂର୍ଣ୍ଣିମା"। "ମନ ମୋର ଝୁରେ ତଟେରେ କାଳିଆ", "ତମେ ଥରେ ଉଭା ହେଇ ଯାଅନ୍ତନି ?"। "କରିଦିଅ ପ୍ରଭୁ ମୋତେ..." ଦୟଣା ତୁଳସୀ, "ଶ୍ରୀ ଭୁଜେ ଦୟଣା ଶୋହେ"। "ଅନୁନୟ" ତୋତେ ହେ କଳାସାଆନ୍ତ "ଶରଣରେ ରଖ ମୋତେ"। ଏ ମର୍ତ୍ତ୍ୟ ମଣ୍ଡଳେ "ସବୁ ତୁମରି ଦାନ", ହେଲେ ଦରକାର ଠାରୁ ଅଧିକ ମାତ୍ରାରେ "ଦିଅ ନାହିଁ ପ୍ରଭୁ" ଗୁହାରି କରୁଛି ତୋତେ। ଶୁଣିଦେ "ମାଆ" ହେ ମହାମାୟୀ, ବଦଳି ଯାଉ ଏ ଜୀବନର ଗତି। "ହେ ଭୋଲାଶଙ୍କର" ଏ ଭବ ବନ୍ଧନୁ ଉଦ୍ଧାର କର।

"ରଙ୍ଗର ପରବ ହୋଲି" – ମନେ ଭରିଦିଏ ଖୁସିର ଡୋଲି। "ମଧୁକାଳ" ସେତ "ଚିତ୍ରିତ ଋତୁରାଜ"– ବିବିଧ କୁସୁମେ ହୋଇ ବିଭୂଷିତ "ମଧୁର ବସନ୍ତେ ମହୀ"। "ବସନ୍ତ ଆସୁଛି"– ପ୍ରକୃତି ହସୁଛି, ଲାଜେଇ ଲାଜେଇ ପ୍ରିୟା ମୋ କହୁଛି "ଫଗୁଣ ଆସିଛି", ଭାରି ମିଠା ମିଠା ଲାଗୁଛି।"ନଦୀର ନାମ ଅଳସକନ୍ୟା.. ପ୍ରୀୟାର ନାମ..", ପଚାରିବା ପାଇଁ "ଫଗୁବୋଳା ଫଗୁଣ"କୁ ଲେଖିଥିଲି ଚିଠି। "ପ୍ରୀତିର ଫଗୁଣ" ବହେ ମନ୍ଦ ମନ୍ଦ, ଯିଏ ଦୁଃଖରେ ଟୋପାଏ ଲୁହ ଆଉ ଖୁସିରେ ଚେନାଏ ହସ, ସେଇ ହିଁ "ପ୍ରେମ ସାନିଧ୍ୟ"।

"ମଞ୍ଜକଥାର ସନେଟ୍" କହଇ ଏଇ ତ "ଆଶ୍ଚର୍ଯ୍ୟ"। ସଭିଁଏ ଜାଣନ୍ତି ମାୟା "ମରୀଚିକା" ସମ ଏ ଜୀବନ, ତଥାପି ନୀତି ଲଢୁଥାନ୍ତି "ଜୀବନ ଯୁଦ୍ଧ"ରେ କରିବାକୁ "ଜୀବନ ଯାତ୍ରା"ର ପଥ ସୁଗମ। ଲୁଚିଗଲେ ସୂର୍ଯ୍ୟ "କାହିଁକି ଢାଳିବା ଲୁହ", ଦୁଃଖ ପରେ ସୁଖ, ରାତି ପରେ ଦିନ, ଏଇତ ପ୍ରକୃତି ଖେଳ।

"ସ୍ୱର୍ଗ ଭୂଇଁ ମୋ ବିଚ୍ଛିନ୍ନ ଭୂଇଁ !" ପୁଣି "ମୋର କଳାହାଣ୍ଡି"– ଯହିଁ ଇନ୍ଦ୍ରାବତୀ ପାଇଁ ଚଷା ଭାଇ ହସେ, ଦରଶନ ଦିଏ ମା' ମାଣିକେଶ୍ୱରୀ। "ବିଦାୟ ବେଦନା" ନୁହଁଇ, ଯେବେ ସବୁକିଛି ଛାଡି ଯାଉଅଛ ଚାଲି ସଦଭାବପଣକୁ ସାଥିରେ ନେଇ। ସୁଖ ଦୁଃଖ, ମାନ ଅପମାନ, ଯେତେସବୁ ଜୀବନର ବର୍ଣ୍ଣମାଳା, ଆଜି "ବୟସର ଅପରାହ୍ନ"ରେ ଅପେକ୍ଷା କେବଳ "ହ, କ୍ଷ" ଅକ୍ଷରମାଳା।

"ଜୋଛନା କି ଛାଡି ପାରେ ଜହ୍ନକୁ"! ଏ "ଅବୁଝା ହୃଦୟ"ରେ ଏବେ ବି ସେ "ଅପୂଜା ଦିଅଁ"। "ଆଖିରୁ ସପନ ଅନେକ ଦୂର", ରାତି ପାହିଗଲେ ଆଗକୁ ବଢଇ ସାଇତି ରଖିକି ଅତୀତର ଯେତେ ସୁନା ସପନ।

ISSN NO.
2582-208X

"ଆନନ୍ଦ"- ବିଷାଦ ଦୁଇ ବନ୍ଧୁ ସେତ, "ଆଶା", "ପ୍ରତୀକ୍ଷା" ର ନାହିଁ ଯେ ଅନ୍ତ। "ସ୍ମୃତି"- ସେତ ଏକ ଚଲା ହରୀଣି। "ନାରୀଟିଏ" ସେତ ମମତା ମନ୍ଦିରେ ଦେବୀଟିଏ, ନିଜ ଦୁଃଖକୁ ଛାତିରେ ଲୁଚାଇ ହସଖୁସି ବାଣ୍ଟୁଥାଏ।

"ସାହିତ୍ୟ ଜୀବନ ସତ୍ତା", "ଅଦୃଶ୍ୟ ବନ୍ଧନ" ରେ ସମସ୍ତେ ବନ୍ଧା। ଉଡ଼େଇବା ଚାଲ "କଟକ ଦଙ୍ଗା", ଶେଷ ନିଶ୍ୱାସ ଯାଏଁ ବଦଳିବନି ଆମ ଭାବନା ତଥାପି ଆମେ ଖୋଜି ଚାଲିଥିବା "ଜଡତାରୁ ନିବିଡ ଆତ୍ମିୟତା...!!!"

ସବୁଥର ପରି ଆଞ୍ଚଳିକ ବିଭାଗ, ଭାଷାର ମିଠାପଣ ଏବଂ ଶିଶୁବିଭାଗ, କିଛି ଶିକ୍ଷଣୀୟ ବିଷୟବସ୍ତୁ ସହିତ ଉପନୀତ।

ଶେଷରେ ପର୍ବପର୍ବାଣୀ ତାଲିକା। ହିନ୍ଦୁ ପଞ୍ଜିକା ଅନୁଯାୟୀ ଏହି ସମୟରେ ଫାଲଗୁନ ମାସର ଶେଷ ହୋଇ ନୂଆ ଆଶା ଓ ନୂଆ ଆରମ୍ଭର ସୂଚନା ନେଇ ଚୈତ୍ର ମାସର ଆଗମନ ହୁଏ। ଚୈତ୍ର ମାସ ନେଇଆସେ ଭକ୍ତି ଓ ଉତ୍ସବର ମହୋତ୍ସବ—ବାସନ୍ତୀକ ଦୁର୍ଗାପୂଜା ଓ ପବିତ୍ର ଚୈତ୍ର ନବରାତ୍ର।

ତଥାପି, ଫାଲଗୁନ ମାସର ସର୍ବପ୍ରଧାନ ଆକର୍ଷଣ ହେଉଛି ଫଗୁ ପୂର୍ଣ୍ଣିମା—ଦୋଳ ପର୍ବ ବା ହୋଲି। ହୋଲି କେବଳ ମାତ୍ର ରଙ୍ଗର ପର୍ବ ନୁହେଁ, ଏହା ହୃଦୟରେ ଖୁସି, ପ୍ରେମ ଓ ପ୍ରକୃତିର ରଙ୍ଗରେ ସମସ୍ତଙ୍କ ଜୀବନକୁ ରଙ୍ଗାଇ ଦେଇଥାଏ।

ଆସନ୍ତୁ ତାହାଲେ ମନରେ ଆନନ୍ଦ, ଉତ୍ସାହ ନେଇ ହୋଲି ପର୍ବ ପାଳନ କରିବା ଏବଂ ଇନ୍ଦ୍ରଧନୁ ସମ ଶାନ୍ତି, ମୈତ୍ରୀ, ସମ୍ପ୍ରୀତି, ସହଯୋଗ, ସହନଶୀଳତା, ଭାତୃତ୍ୱ ଓ ଏକତାର ମଧୁର ସନ୍ଦେଶ ପ୍ରସାରିତ କରିବା।

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୪/୨୦୨୬ | ଉତ୍କଳ ଦିବସ, ହିଙ୍ଗୁଳା ଯାତ୍ରା |
| ୦୨/୦୪/୨୦୨୬ | ଚୈତ୍ର ପୂର୍ଣ୍ଣିମା, ବୈଶାଖ ବ୍ରତାରମ୍ଭ |
| ୦୩/୦୪/୨୦୨୬ | ଗୁଡ୍ ଫ୍ରାଇଡେ |
| ୧୪/୦୪/୨୦୨୬ | ମହାବିଷୁଭ ପଣା ସଙ୍କ୍ରାନ୍ତି, ଝାମୁଯାତ୍ରା |
| ୧୭/୦୪/୨୦୨୬ | ରୁକ୍ମିଣୀ ଅମାବାସ୍ୟା |
| ୧୮/୦୪/୨୦୨୬ | ଚନ୍ଦ୍ର ଦର୍ଶନ |
| ୧୯/୦୪/୨୦୨୬ | ପର୍ଶୁରାମ ଜୟନ୍ତୀ |
| ୨୦/୦୪/୨୦୨୬ | ଅକ୍ଷୟ ତୃତୀୟା |
| ୨୧/୦୪/୨୦୨୬ | ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ |
| ୨୨/୦୪/୨୦୨୬ | ଶ୍ରୀରାମାନୁଜଚାର୍ଯ୍ୟଙ୍କ ଜୟନ୍ତୀ |
| ୨୪/୦୪/୨୦୨୬ | ନିଳାଦ୍ରୀ ମହୋଦୟାଷ୍ଟମୀ |
| ୨୫/୦୪/୨୦୨୬ | ସୀତା ନବମୀ |
| ୨୭/୦୪/୨୦୨୬ | ମୋହିନୀ ଏକାଦଶୀ ଉପବାସ |
| ୨୮/୦୪/୨୦୨୬ | ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ |
| ୩୦/୦୪/୨୦୨୬ | ନୃସିଂହ ଜନ୍ମ ଚତୁର୍ଦ୍ଦଶୀ ଉପବାସ |

ISSN NO.
2582-208X

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**